# ଦୃଷ୍ଟି ଓ ଦିଗନ୍ତ

ମଲ୍ଲ

odia.org

# ଦୃଷ୍ଟି ଓ ଦିଗନ୍ତ


ଲେଖକ :

ଅଧ୍ୟାପକ **ବୈଷ୍ଣବଚରଣ ସାମଲ**



ସତ୍ତ୍ୱାଧିକାରିଣୀ :

**ଶ୍ରୀମତୀ ଯଶୋଦାକୁମାରୀ ସାମଲ**

ପ୍ରକାଶକ :

**କୃଷ୍ଣଚନ୍ଦ୍ର ବେହେରା**

**ବୁକ୍ସ ଆଣ୍ଡ ବୁକ୍ସ**

ବିନୋଦ ବିହାରୀ

କଟକ-୨

ପ୍ରଥମ ପ୍ରକାଶ :

୧୯୮୧ ଜାନୁୟାରୀ

ମୁଦ୍ରକ :

ପ୍ରିଣ୍ଟୱେଲ

କଲେଜଛକ, କଟକ-୩

ସାଧାରଣ—ଟ ୩୦-୦୦

ଶୋଭନ—ଟ ୩୫-୦୦


# Drusti O Diganta


WRITTEN BY

**Prof. Baishnaba Ch.Samal**



PUBLISHED BY

**K. C. Behera**

**BOOKS AND BOOKS**

*Binod Behari*

*Cuttack-2*

PRINTED AT

**Print Well,**

**College Square, Cuttack-3**

**Price-30-00**

**Deluxe-Rs.35-03**

ଶ୍ରୀମାନ୍ ବିପିନ ବିହାରୀ ନାୟକଙ୍କୁ

## ଲେଖକଙ୍କର ଅନ୍ୟାନ୍ୟ ପ୍ରକାଶିତ ପୁସ୍ତକାବଳୀ

(କ) ସମନ୍ୱୟର ଲିପି ( କବିତା ସଂକଳନ )

(ଖ) କଳା ସଂସ୍କୃତି ଓ ସାହିତ୍ୟ

(ଗ) ଓଡ଼ିଆ ଗଳ୍ପ : ଗତି ଓ ପ୍ରକୃତି

(ଘ) ହୃଦ୍‌ଗଳ୍ପ : ସ୍ରଷ୍ଟାମାନସ

(ଙ) ଅଳଙ୍କାର ଓ ଅଳଙ୍କାର

(ଚ) ଅଳଙ୍କାର ଓ ସାହିତ୍ୟ ସମାଲୋଚନା

(ଛ) ବିଶ୍ୱବିଦ୍ୟାଳୟ ପ୍ରବନ୍ଧମାଳା

# ମୁଖବନ୍ଧ

ସମାଲୋଚନା ସହଜ କାର୍ଯ୍ୟ ନୁହେଁ । ବଡ଼ କଷ୍ଟକର ଏଥିରେ ହାତଦେବା । ତଥା ମୁଁ କାହିଁକି ଏହି କାର୍ଯ୍ୟରେ ହାତ ଦିଏ । ଏଥିରେ ମୁଁ ଆନନ୍ଦ ପାଏ । ମୋର ଏହି ଆନନ୍ଦ ସହିତ ଯଦି ପାଠକେ ଆଶୀର୍ବାଦ ଦେଇଥିବ ବା ଦେଉଥାନ୍ତି ତାହା ମୋପାଇଁ ନିଶ୍ଚୟ ଆହୁରି ଉତ୍ସାହପ୍ରଦ ହେବ । ମୁଁ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଷୟ ସମ୍ପର୍କରେ କିଛି ଆଲୋଚନା ଲେଖିଛି । ସେସବୁ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଅଛି । ସେଗୁଡ଼ିକୁ ସଂକଳନ କରି ପୁସ୍ତକ ଆକାରରେ ପ୍ରକାଶ କରିବାକୁ ମୋର ଇଚ୍ଛାଥିଲେହେଁ ଅବହେଳା ବଶତଃ କରିପାରି ନାହିଁ । ଏଥିପାଇଁ ସମାନ୍ତର ମୋର ଅନେକ ବନ୍ଧୁ ତାଗିଦ କରିଛନ୍ତି ବାରମ୍ବାର । ତଥାପି ମୋର କାହିଁକି ବଡ଼ ଅବହେଳା । ମୋର ବହୁ ଲେଖାମଧ୍ୟରୁ ଏହି ସଂକଳନରେ ମାତ୍ର ୮ଟି ଲେଖାକୁ ସଂକଳିତ କରିଛି । ଏଗୁଡ଼ିକ ପୂର୍ବରୁ ପ୍ରକାଶିତ ହୋଇଥିଲେ । ମୁଁ କେତେ ସେସବୁ ପୂର୍ବ ଲେଖାଗୁଡ଼ିକୁ କିଛି ପରିବର୍ତ୍ତିତ ଓ ପରିମାର୍ଜିତ କରିଦେଇଛି ।

ମୁଁ ମୋର ଏହି ଲେଖାଗୁଡ଼ିକରେ ଓଡ଼ିଆ ସାହିତ୍ୟର ମୁଖ୍ୟ ପ୍ରବୃତ୍ତିଗୁଡ଼ିକୁ ଆଲୋଚନା ପରିସରକୁ ଆଣି ସାଥିରେ ଓଡ଼ିଆ ସାହିତ୍ୟକୁ ବିଚାର କରିଛି । ଏହି ସଂକଳନରେ ସଂକଳିତ ଲେଖାଗୁଡ଼ିକ ମୁଖ୍ୟତଃ ଓଡ଼ିଆ ଗଦ୍ୟ ସମ୍ପର୍କିତ ଆଲୋଚନା । ଏହାକୁ ଓଡ଼ିଆ କାବ୍ୟ-ସାହିତ୍ୟ ସମ୍ପର୍କରେ କାହିଁକି ଉଚ୍ଚଶିକ୍ଷିତ ଶିକ୍ଷାର୍ଥୀ ଓ ପାଠକମାନଙ୍କର ଏଥିପ୍ରତି ଶ୍ରଦ୍ଧା ସୃଷ୍ଟି ହେଲେ ମୁଁ ଆନନ୍ଦିତ ହେବ ।

ପ୍ରକାଶକ ବନ୍ଧୁ ଶ୍ରୀ କୃଷ୍ଣଚନ୍ଦ୍ର [illegible]ଙ୍କର ଆନ୍ତରିକତା ପାଇଁ ଧନ୍ୟବାଦ ।

ଲେଖକ

# ସୂଚୀ


| | |
|---|---|
| ଓଡ଼ିଆ ଗଦ୍ୟସାହିତ୍ୟର କ୍ରମବିକାଶ | ୧ |
| ଫକୀରମୋହନ ଏକ ବସ୍ତୁସ୍ତୁକର ପ୍ରତିଭା | ୧୪୨ |
| ବିଶ୍ୱନାଥଙ୍କ ସାରସ୍ୱତ ଦୃଷ୍ଟିକୋଣ ଓ 'ଉତ୍କଳସାହିତ୍ୟ' | ୧୬୦ |
| 'ଉତ୍କଳଦୀପିକା' ଓ ଗୌରୀଶଙ୍କର | ୧୮୧ |
| କାନ୍ତକବିଙ୍କ ନାଟ୍ୟସାହିତ୍ୟ : ଏକ ଦୃଷ୍ଟିପାତ | ୨୩୪ |
| ଓଡ଼ିଆ ସାହିତ୍ୟର ବିକାଶରେ ସମାଲୋଚନାର ଭୂମିକା | ୨୫୭ |
| ଅନ୍ଧଦିଗନ୍ତ : ଏକ ଦୃଷ୍ଟିପାତ | ୨୬୭ |
| ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ : ଏକ ଶୂନ୍ୟସଂଗୃହୀ ଦୃଷ୍ଟିପାତ | ୩୦୭ |

# ଓଡ଼ିଆ ଗଦ୍ୟସାହିତ୍ୟର କ୍ରମବିକାଶ

●

ବିଶ୍ୱର ସକଳ ଭାଷାର ସାହିତ୍ୟରେ ପଦ୍ୟହିଁ ପ୍ରଥମ ସୃଷ୍ଟି । ଛନ୍ଦୋବଦ୍ଧ କାବ୍ୟ-କବିତା ମାଧ୍ୟମରେ ବ୍ୟକ୍ତି ଆପଣାର ହୃଦୟର ଭାବକୁ ପ୍ରକାଶ କରେ । ପଦ୍ୟସାହିତ୍ୟର ଆରମ୍ଭ ଓ ବିକାଶ ପରେ ପରେ ଗଦ୍ୟର ଉତ୍ପତ୍ତି ହୋଇଅଛି । ସମ୍ଭବତଃ ପଦ୍ୟ ସାହିତ୍ୟର ଗୂଢ଼ତତ୍ତ୍ୱକୁ ସରଳ ଭାବରେ ବୁଝାଇଦେବା ପ୍ରବୃତ୍ତିରୁ ଗଦ୍ୟର ଜନ୍ମ । ବିଶ୍ୱର ଅନ୍ୟାନ୍ୟ ଭାଷା ପରି ଓଡ଼ିଆ ଭାଷାରେ ମଧ୍ୟ ପ୍ରଥମେ ପଦ୍ୟ ସୃଷ୍ଟି ହୋଇଥିଲା । ଲୋକ ସାହିତ୍ୟକୁ ଛାଡ଼ିଦେଲେ ମଧ୍ୟ ଲିଖିତ ସାହିତ୍ୟ ରୂପେ ଅଷ୍ଟମ-ନବମ-ଦଶମ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବା 'ବୌଦ୍ଧଗାନ ଓ ଦୋହା' ଏହାର ପ୍ରମାଣ ଦେଇଥାଏ । ତେବେ ଏହା ଶୁଦ୍ଧ ଓଡ଼ିଆ ଭାଷାର ରଚନା ନୁହେଁ ମାତ୍ର ଅପଭ୍ରଂଶ ରଚନା । ତେଣୁ ୧୦୫୧ ଖ୍ରୀଷ୍ଟାବ୍ଦରେ କଳିଙ୍ଗ ରାଜ ଅନନ୍ତବର୍ମା ବଜ୍ରହସ୍ତଦେବଙ୍କ ଖୋଦିତ ଶିଳାଲେଖହିଁ ପ୍ରକୃତରେ ଆଧୁନିକ ଓଡ଼ିଆ ଭାଷା ଓ ଗଦ୍ୟର ପ୍ରଥମ ଐତିହାସିକ ନମୂନା । ଏହିଠାରୁହିଁ ଓଡ଼ିଆ ଭାଷାର କ୍ରମ ବିକାଶ ସଙ୍ଗେ ସଙ୍ଗେ ଓଡ଼ିଆ ଗଦ୍ୟର ମଧ୍ୟ କ୍ରମ ବିକାଶ ହୋଇ ଆସିଅଛି । ଯେଉଁ ସମୟରେ ଓଡ଼ିଆ ପଦ୍ୟ ସାହିତ୍ୟ ଗତାନୁଗତିକତାର ଗଡ୍ଡାଳିକା ପ୍ରବାହରେ ଗତି କରୁଥିଲା ସେହି ସମୟରେ ଓଡ଼ିଆ ଗଦ୍ୟ ସ୍ୱଳ୍ପ ସୃଷ୍ଟି ମଧ୍ୟରେ ନିଜର ମୌଳିକତା ସୃଷ୍ଟି କରିପାରିଥିଲା । ପଞ୍ଚଦଶ ଶତାବ୍ଦୀଠାରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀ ମଧ୍ୟଭାଗ ପର୍ଯ୍ୟନ୍ତ ଦୀର୍ଘ

ପାଞ୍ଚଶହ ବର୍ଷ ବ୍ୟାପୀ ଓଡ଼ିଆ ସାହିତ୍ୟରେ ଅସଂଖ୍ୟ କାବ୍ୟ—ମହାକାବ୍ୟ—ପୁରାଣ—କବିତା ଆଦି ରଚିତ ହୋଇଥିଲେହେଁ ଏହା ତୁଳନାରେ ପରିମାଣ ଦୃଷ୍ଟିରୁ ଓଡ଼ିଆ ଗଦ୍ୟ ରଚନା ଏକାନ୍ତ ନଗଣ୍ୟ । ତଥାପି ଆପଣାର ସ୍ୱଳ୍ପ ସୃଷ୍ଟି ମଧ୍ୟରେ ଏହାର ସିଦ୍ଧି ଏକାନ୍ତ ହେୟ ନୁହେଁ । ସମୟ ଓ ସାମାଜିକ ପରିବର୍ତ୍ତନ ସହିତ ଓଡ଼ିଆ ଗଦ୍ୟ ବିବର୍ତ୍ତିତ ହୋଇ ଆଧୁନିକ ରୂପ ଗ୍ରହଣ କରିଅଛି ।

## ପ୍ରାଚୀନ ଓଡ଼ିଆ ଗଦ୍ୟର ଆରମ୍ଭ ଓ ବିକାଶ :

ବଜ୍ରହସ୍ତଦେବଙ୍କ ଶିଳାଲେଖ ଉପରେହିଁ ଓଡ଼ିଆ ଗଦ୍ୟର ଭବିଷ୍ୟତ ଉତ୍କୀର୍ଣ୍ଣ ହୋଇଥିଲା । ଏହାପରେ ଅଦ୍ୟାବଧି ମିଳିଥିବା ବିଭିନ୍ନ ଶିଳାଲେଖ ଓ ତାମ୍ରଲେଖ ମଧ୍ୟ ଦେଇ ଓଡ଼ିଆ ଗଦ୍ୟର ଧାରା ସ୍ପଷ୍ଟ ହୋଇ ଉଠିଲା । ଏକାଦଶ ଶତାବ୍ଦୀଠାରୁ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ଓଡ଼ିଆ ଭାଷା ଓ ସାହିତ୍ୟର ନିର୍ମାଣ କାଳ । ଅଥଚ ଏହି ସମୟ ମଧ୍ୟରେ ଅନେକ ବ୍ୟବହାରିକ ଗଦ୍ୟ ରଚିତ ହୋଇଥିବା ଦେଖିବାକୁ ମିଳେ । ପୁରୀର ଜଗନ୍ନାଥ ମନ୍ଦିରରେ ୧୫ଶହ ଶତାବ୍ଦୀରେ ଖୋଦିତ କପିଳେନ୍ଦ୍ର ଦେବଙ୍କ ଶିଳାଲେଖ ତତ୍କାଳୀନ ଓଡ଼ିଆ ଗଦ୍ୟଶୈଳୀ ସମ୍ପର୍କରେ ସୂଚନା ଦେଇଥାଏ । ଏହି ଗଦ୍ୟ ବ୍ୟବହାରିକ ଗଦ୍ୟ ଏବଂ ଏତାଦୃଶ ଗଦ୍ୟଶୈଳୀ ତତ୍କାଳୀନ ପ୍ରଶାସନିକ କାର୍ଯ୍ୟର ବିବରଣୀ ଓ ରାଜାଙ୍କ ଆଦେଶନାମାର ପ୍ରଚାରପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ଥିଲା । ଶିଳାଲେଖ, ତାମ୍ରଲେଖ, ସନନ୍ଦ, ପଟ୍ଟା, ସରକାରୀ ଆଦେଶନାମା, ବୟନାମା, କବଲା, ପ୍ରାର୍ଥନା, ଦରଖାସ୍ତ ଆଦି ଖାଣ୍ଟି ବ୍ୟବହାରିକ ଗଦ୍ୟଶୈଳୀ ଅନ୍ତର୍ଗତ । ପାଞ୍ଜି, ଚକଡ଼ା, ରାଜବଂଶାବଳୀ ପ୍ରଭୃତି ପ୍ରାଚୀନ ଗଦ୍ୟର ନମୁନା ହେଲେହେଁ ଏଗୁଡ଼ିକୁ ପୂର୍ଣ୍ଣତଃ ସାହିତ୍ୟିକ ଗଦ୍ୟ କୁହାଯାଇ ନପାରେ । "ଏହା ସବୁ ବୃତ୍ତିଜୀବୀ ଅନୁଗତ କରଣ ବା ଅର୍ଦ୍ଧଶିକ୍ଷିତ ସାରସ୍ୱତ ବୁଦ୍ଧିଚୈତନ୍ୟ ଲେଖନକାରଙ୍କ ଦ୍ୱାରା ଲିଖିତ ।"[୧] ଏକାଦଶ

---

୧—ଡ଼ଃ କୃଷ୍ଣଚରଣ ବେହେରା—ଓଡ଼ିଆ ଉପନ୍ୟାସ ପୃ ୫୪

ଶତାବ୍ଦୀ ମଧ୍ୟଭାଗରୁ ଏହି ଗଦ୍ୟଶୈଳୀ ଆରମ୍ଭ ହୋଇ ପନ୍ଦରଶହ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଯଥେଷ୍ଟ ଉନ୍ନତ କରିଥିଲା । ଷୋଡ଼ଶ ଶତାବ୍ଦୀ ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶା ଥିଲା ସ୍ୱାଧୀନ ରାଷ୍ଟ୍ର । ତେଣୁ ଓଡ଼ିଆ ଗଦ୍ୟ ଏ ପର୍ଯ୍ୟନ୍ତ ଅନ୍ୟାନ୍ୟ ଭାଷାର ପ୍ରଭାବରୁ ମୁକ୍ତଥିଲା । ଏହାପରେ ଓଡ଼ିଶା କ୍ରମଶଃ ମୁସଲମାନ, ମରହଟ୍ଟା ଓ ଇଂରେଜମାନଙ୍କ ଦ୍ୱାରା ଶାସିତ ହେଲା । ପ୍ରଶାସନିକ ସୁବିଧାପାଇଁ ଓଡ଼ିଆ ଭାଷା ଉପରେ ଆରବୀ, ପାର୍ଶୀ, ଇଂରାଜୀ ଆଦି ଭାଷାର ପ୍ରଭାବ ପଡ଼ିଲା । ଦୀର୍ଘ ସାତଶହ ବର୍ଷଧରି ଓଡ଼ିଆ ବ୍ୟବହାରିକ ଗଦ୍ୟର କେତୋଟି ନମୁନା ପ୍ରଦାନ କରାଯାଉଛି ।

## (କ) ଏକାଦଶ ଶତାବ୍ଦୀର ଅନନ୍ତବର୍ମା ବଜ୍ରହସ୍ତଦେବଙ୍କ ଶିଳାଲେଖ :

ଦ୍ୱିତୀୟ ବଜ୍ରହସ୍ତଦେବଙ୍କ ଉରଜାମ ଅଭିଲେଖ ଖ୍ରୀ:ଅ ୧୦୫୧ ପ୍ରାଚୀନତମ ଓଡ଼ିଆ ଅଭିଲେଖ ଓ ଏହା ନାଗରୀ ଲିପିରେ ଖୋଦିତ । ଏତଦ୍‌ବ୍ୟତୀତ ଏହି ସମୟ ମଧ୍ୟରେ କେତେକ ସନନ୍ଦ ଓ ଅନ୍ୟାନ୍ୟ ଅଭିଲେଖ ମିଳିଥାଏ । ସେଥିରୁ ଓଡ଼ିଆ ଭାଷାର କ୍ରମ ବିକାଶର ସୂଚନା ମିଳେ ମାତ୍ର ଓଡ଼ିଆ ଗଦ୍ୟଶୈଳୀର ଯଥାର୍ଥ ପରିଚୟ ମିଳେନାହିଁ । ଖ୍ରୀ. ଅ. ୧୦୭୭ରେ ପଞ୍ଚମ ବଜ୍ରହସ୍ତଦେବଙ୍କ ରାଜତ୍ୱକାଳରେ ଖୋଦିତ ହୋଇଥିବା ଶିଳାଲେଖ—"ଓଁ ଶ୍ରୀ ମଦନନ୍ତବର୍ମା ବଜ୍ରହସ୍ତଦେବ ବିଜୟ ରାଜ୍ୟ ସମ୍ୱତ୍ସର ୭୯ ବିଶାଳ ବନ ସେନାପତି ମାଧୁରୀ ଯସ୍ୟ ଭାର୍ଯ୍ୟା କାୟସ୍ଥ କୁଳୋଦ୍ଭବ ସମସ୍ତ ଧର୍ମ ପରି(ପା)ଳନ (ସ୍ମା) ବନଜାନନ(ସ୍ମା) ଗୁଣ୍ଡମନାୟକ କଳ ଗୋରସ୍ୟା (ଙ) ଅଖଣ୍ଡବର୍ତ୍ତି (ତ୍ତିଁ) ସୁ ମଧୁକେଶ୍ୱର ଦେବସନ୍ଦିଲ ।" ୨ ଏହା ବ୍ୟବହାରିକ ଗଦ୍ୟର ଆଦ୍ୟସୂଚନା ହୋଇଥାଏ । ଏଥିରେ ସଂସ୍କୃତ ଓ ଓଡ଼ିଆ ଭାଷାର ମିଶ୍ରଣ ହୋଇଅଛି ।

---

୨—Inscription of Orissa Vol-I No 9 P. 13

## (ଖ) ତ୍ରୟୋଦଶ ଶତାବ୍ଦୀର ଗଙ୍ଗରାଜ ନରସିଂହଦେବଙ୍କ ଦ୍ୱିଭାଷିକ ଶିଳାଲେଖ :

ଓଁ ସ୍ୱସ୍ତି ଶ୍ରୀ ବୀରନରନାରସୀଙ୍ଘ ଦେବସ ପ୍ରବ୍ରଧମାନେ ବିଜେ ରଜେ ସମ୍ୱତ ୨୨ ଶ୍ରାଙ୍କ କାର୍ତ୍ତିକ ଏଁଷ୍ଟ ୭ ରବିବାରେ ଶ୍ରୀ ମାର୍ତ୍ତିବାସ ଖେଟ୍ରଂ ସିଦ୍ଧେଶ୍ୱର ମଠର ବଡ଼ ନରସୀଂଗ ଦେବଙ୍କର ଆସ (ଆପୂଷ) କାମାର୍ଥେ ପୁରୁଷଙ୍କେ (ପୂର୍ବକ) ବାଘମରବାରବାଟୀ ଭୂମି ଏକାଦଶ ରୁଦ୍ର ଖ୍ୟାଦେବା ଭୂମି ସମଂଧେ ତପରଜ ମହାସୁମି ଦୁର୍ଗାଭଟ ଆର୍ଣ୍ଣୁସୁଂକର ବଂଧାକଲ । ଏମାଢ଼ ଶତଦେଢ଼ ୧୫୦ ଉଦେସ୍ପର ନାଏକଙ୍କର ତହ୍ନ ଦେତଲ ।" ୩

## (ଗ) ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ଶିଳାଲେଖ :

୧୪୬୭ ଖ୍ରୀ. ଅ. ରେ ପୁରୀ ଜଗନ୍ନାଥ ମନ୍ଦିରରେ ଖୋଦିତ ହୋଇଥିବା ଶିଳାଲେଖ—"ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲ ବରଗେଶ୍ୱର ପ୍ରତାପ କପିଳେଶ୍ୱର ଦେବ ମହାରାଜାଙ୍କ ବିଜେ ସମସ୍ତ ୩୮ ଅଙ୍କ ସ୍ରାଙ୍କ କକଡ଼ା ୧୩ ଦିନ ଗୁରୁବାରେ ଶ୍ରୀ ପୁରୁଷୋତ୍ତମ କଟକେ ଦକ୍ଷିଣଦ୍ୱାରେ ମାଜଣା ମଣ୍ଡପେ ବିଜେ ସମୟେ ଅବଧାନ ଆଜ୍ଞା ହୋଇଲା ମୁଦଲେ ଶ୍ରୀ ଜଗନ୍ନାଥ ମୋହର ବାହ୍ୟ ଅଭ୍ୟନ୍ତର ଜାଣୁ ମୋହର ଯେତେ ରତ୍ନ ପଦାର୍ଥ ଅଛି ସେ ତୋହର ଏହାଉଁ ଅଉ ଆନ ଯେ ଯେତେ ଅଛି ମୁଇଂ ବ୍ରାହ୍ମଣ ହାତରେ ଯେତେ ଦେଇପାରେ ତାହା ଦେବ ଏ ଭୂମିଖଣ୍ଡ ଓ ନାହାକୁ ଅନୁଗ୍ରହ କରଥା ମୋହର ସେ କେବେ ନୁହେଁ ।" ୪

---

୩—ଡକ୍ଟର ବଂଶୀଧର ମହାନ୍ତି-ଓଡ଼ିଆ ସାହିତ୍ୟର ଇତିହାସ ୧ମଭାଗ-ପୃ ୧୨

୪—ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ-ଓଡ଼ିଆ ସାହିତ୍ୟର ଇତିହାସ ୧ମଭାଗ-ପୃ୩୫୨

## (ଘ) ଷୋଡଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ରଦେବଙ୍କ ଶିଳାଲେଖ :

ବୀରଶ୍ରୀ ଗଜପତି × × ପ୍ରତାପ ଶ୍ରୀ ପ୍ରତାପରୁଦ୍ରଦେବ × × ସମସ୍ତ ୪ ଅଙ୍କ × × ଆଗ୍ୟାଂ ପ୍ରମାଣେ ବଡ଼ ଠାକୁରଙ୍କ ଭୋଗ-ବେଳେ ଗୀତ ଗୋବିନ୍ଦ ପାଠ ହୋଇବ । ସଞ୍ଜଧୂପଠାରୁ ବଡ଼ ସିଂହାର ପର୍ଯ୍ୟନ୍ତ × × ଆନ ଗୀତ ନ ଗାଇବେ × × ଆନ ନାଟ ପରମେଶ୍ୱରଙ୍କ ସ୍ତୁମୁଟେର ନ ହୋଇବ × × ବୈରାଗୀ ଓଜନ ପଞ୍ଚାଶଜଣ ଅଛନ୍ତି । ଏମାନେ ଗୀତ ଗୋବିନ୍ଦ ଗୀତକ୍ଷୁଂ ଗାଇବେ । ଏହାଙ୍କଠାରୁ ଅଶିଖିତମାନେ ଶୁଣି ଗୀତଗୋବିନ୍ଦ ଗାଇବେ । ଆନଗୀତ ସେ ଶିଖିବେ ।” ୫

## (ଙ) ସପ୍ତଦଶ ଶତାବ୍ଦୀର ମୟୂରଭଞ୍ଜ ମହାରାଜାଙ୍କ ସନନ୍ଦ :

“ଶ୍ରୀ ଜଗନ୍ନାଥ ଶରଣ ଶ୍ରୀଖିଜଗେଂଶ୍ୱର ଚରଣେ ଶରଣ । ଶ୍ରୀ ବସ୍ତୁ ଚରଣେ ମତି ଶ୍ରୀ ସର୍ବେଶ୍ୱର ଭଜଂ ଦେବ ମହାରାଜାଙ୍କର ୯ଅଙ୍କ ସନ ୧୧୦୦ ସାଲ ଅମଲ ଗାଲ ହେଜ ତା ୯ ଖ ସୀଙ୍ଘ ଦ ୯ ନ ହରପୁର ଗ୍ରାମରେ ରହଣୀ ଗଉଡ଼ଆ ବ୍ରାହ୍ମଣ କେସବ ଆଚ୍ଛର୍ଯ୍ୟଙ୍କୁ ଦେଲୁ ଦାନ ଶ୍ଳେପ । ୬

## (ଚ) ଅଷ୍ଟାଦଶ ଶତାବ୍ଦୀର ପୁରୀଜିଲାର ଏକ ଶ୍ଳେପ :

ସମସ୍ତ ୧୫ ଅଙ୍କ ସ୍ନ ୧୧୫୨ ସାଲ ମିଥୁନ ଦି ୨୫ ନେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରେ ଦକ୍ଷିଣ ପାର୍ଶ୍ୱେ ମହନ୍ତ ହରେକୃଷ୍ଣ ଦାସ ଗୋସାଇଙ୍କ ଗୋଚରେ ଓଳଧାର ବଟଶ × × × ଗ୍ରାମରେ ରହଣି କାନଗୋଇ ବ ଲୁକ ସୁବୁଧି ମହାପାତର ଦେଲ ଅମୃତ ମଣୋହି ଶ୍ଳେପ

---

୫—ଡ଼ାଃ ଆର୍ତ୍ତବଲ୍ଲଭ ମହାନ୍ତି-ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ-ପୃ୫୦

୬—ଡ଼ାଃ ଆର୍ତ୍ତବଲ୍ଲଭ ମହାନ୍ତି-ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ-ପୃ୫୨

ଏ ନିମନ୍ତେ ଖ୍ରେପ ଲେଖିଦେଲୁ ଆମ୍ଭ ତାଲୁକ ହୁରୁଟିପାଡ଼ା ରକବାରୁ ଆଜ ବ୍‌ଂଜର ଜମା ଖାରଜ ଜମି ମା୧୬ଣ ଆପଣଙ୍କ ମଠତଳେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମୁଣୋହ୍ୱ ତଳେ ଦେଲୁ ଆଜ ଦନ ଆଦଚରୁ ଚରୁଦଦ ଆବାଦ କର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଖେଗତଳେ ଯାବତ୍ର ଚନ୍ଦ୍ରାର୍କେ ଅମଳ କରିବ ଏ ଖ୍ରେଘ ବାଲୁକ ସୁବୁଦ୍ଧି ମହାପାତରର ସମ୍ମତ । ୭

## (ଛ) ଊନବିଂଶ ଶତାବ୍ଦୀ ( ୧୮୦୪ ) ରେ ଲିଖିତ ସରକାରୀ ଆଦେଶନାମା :

"ସାହେବ ମେହେରବାନ୍ ଦୋସ୍ତାନସଳେ କଟଲ ଦଶପଲ୍ଲି ସନ ମୁହଲହତାଲ୍ଲି ଭୁମ୍ଭ ହତାପାଇଁ ଆମ୍ଭେମାନେ ଏକ ପ୍ରକାରରେ ବନ୍ଦୋବସ୍ତ କରବାକୁ ଗୃହୁଁ ଅଛୁଁ ଇଥକୁ ଭୁମ୍ଭ ଜମିଦାରୀ ସରହଦରେ ଯେ ଘାଟ ଓଗେର ସାଏର ହାସିଲ ବେଓରା କାଗଜ ଓ ଘାଟମାନଙ୍କ ହମେଶା ଲଭ ସୁଲହ ସଦର ଜମା ଖରଚ ବର୍ତ୍ତିମାନ ଜରୁର ଅଛି" । ୮

## (ଜ) ଊନବିଂଶ ଶତାବ୍ଦୀ (୧୮୧୧) ରେ ଲିଖିତ ବଏନାମା :

ସମସ୍ତ ଅ୧୬ଙ୍କ ସ୍ନ ୧୨୧୮ ସାଲେ ଜୁମାଦ ରବଲ ୭ ତାରିକେ ପ୍ରସୁରାମ ମହାନ୍ତିଂକୁଂ ଅନନ୍ତଧ ମହାନ୍ତିଂକଂର ଦେଲା ଜମିବିକା ବଏନାମା । ଏ ନିମନ୍ତେ ଜମିବିକା—ବଏନାମା ଲେଖିଦେଲୁ ଆମ୍ଭ ଖାନାବାଡ଼ୀ ନାଗଣପୁର ଗ୍ରାମ ଜୀବ ଭୁମ୍ଭଙ୍କୁଂ ବିକାଲୁ ।" ୯

## (ଝ) ଊନବିଂଶ ଶତାବ୍ଦୀ (୧୮୨୩) ରେ ଲିଖିତ କବଲା :

ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲେ ବର୍ଗେଶ୍ୱର ବୀରାଧିବରବର ପ୍ରତାପ ଶ୍ରୀ ରାମଚନ୍ଦ୍ର ଦେବ ମହାରାଜାଙ୍କ

---

୭—ଡ଼ାଃ ଗୋପାଳଚନ୍ଦ୍ର ମିଶ୍ର-ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ଧାରା ଉତ୍କଳ ବିଶ୍ୱବିଦ୍ୟାଳୟ ଡ଼ି.ଲିଟ ସନ୍ଦର୍ଭ ।

୮—ଡାଃ କୃଷ୍ଣଚରଣ ବେହେରା-ଓଡ଼ିଆ ଉପନ୍ୟାସ-ପୃ୬୨

୯—ଡ଼କ୍ଟର ଆର୍ତ୍ତବଲ୍ଲଭ ମହାନ୍ତି-ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ-ପୃ ୭୩

ବିଜେ ସୁଭସଜେ୍ୟ ବର୍ଦ୍ଧମାନେ ସମସ୍ତ ଅ୯ଙ୍କ ସ୍ନ ୧୨୩୧ ସାଲେ କନ୍ୟା ଡ ୧୯ ନେ ଛତିସି ବିସେ ଉତାଙ୍କପୁର ବୃନ୍ଦାବନଗରେଥିବ ଶ୍ରୀ ମଧୁଦାସ ଉ ଗଙ୍ଗାଧର ପଣ୍ଡା ଦୁଇ ଜଣଙ୍କୁ ଏହି ବିସେ ଘାଟପୁର ସାସନରେ ଥାଇ ଶ୍ରୀ ଗଦାଧର ମିସ୍ର ଉ ବିଦ୍ୟାଧର ମିସ୍ର ଉ ଦିବାକର ମିସ୍ର ତିନିଜଣଙ୍କର ଦେଲୁ ନାଖିଗଜ ବୃତ୍ତି ବିକା କବାଲା ଆଗେ ଏ ନିମନ୍ତେ କବାଲା ଲେଖିଦେଲୁ ଆମ୍ଭମାନଙ୍କ ଖଣ୍ଡସିତ ଜଳ ଜମି ହରକାର ଭଦରଖ ମଉଜେ ବେଲପାଳ ପରଗଣେ ଧମ ନଗରରେ ସାତ ମାଣ । ୨୩ × × × ମାଣ ତେଇସି ଗୁଣ୍ଠ ଦୁଇ ବିସ୍ୱା ତିହିସି ଦସ୍ତି ପଦିକାରେ ଉସିଦ୍ଧ ବମୋଜିବ ଭୁମ୍ଭକୁ ଦିକଲୁ । ୧୦

ଓଡ଼ିଆ ଭାଷାରେ ବ୍ୟବହାରିକ ଗଦ୍ୟର ଉଦ୍ଭବ ଏକାଦଶ ଶତାବ୍ଦୀରେ ହୋଇଥିଲେହେଁ ଏହାର କ୍ରମ ବିକାଶ ବିଭିନ୍ନ ଧାରା ଦେଇ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ହୋଇ ଆସିଥିଲା । ସଂପ୍ରତି ମଧ୍ୟ ଏତାଦୃଶ ବ୍ୟବହାରିକ ଗଦ୍ୟ ରଚନା ଦେଖିବାକୁ ମିଳିଥାଏ । ଏହି ବ୍ୟବହାରିକ ଗଦ୍ୟ ଶୈଳୀରେ ବିଭିନ୍ନ ବୈଦେଶିକ ଶାସକମାନଙ୍କର ଭାଷାର ପ୍ରଭାବ ସୁସ୍ପଷ୍ଟ । ପ୍ରଶାସନିକ ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଏହି ବ୍ୟବହାରିକ ଗଦ୍ୟ ଲେଖୁଥିଲେ । ରାଜାନୁଗ୍ରହ ଲାଭ ଆଶାରେ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକେ ଆରବୀ ଫାରସୀ ଆଦି ଭାଷା ଶିକ୍ଷା କରୁଥିଲେ । ଏହି କାରଣରୁ ବ୍ୟବହାରିକ ଗଦ୍ୟରେ ଏ ସମସ୍ତ ଭାଷାର ପ୍ରୟୋଗ ଦେଖାଯାଇଥାଏ । ଯେଉଁମାନେ ସାହିତ୍ୟକ ଗଦ୍ୟ ଲେଖୁ ଥିଲେ ସେମାନେ ସାଧାରଣତଃ ପ୍ରଶାସନିକ କ୍ଷେତ୍ରରୁ ଦୂରରେ ରହୁଥିଲେ । ଫଳରେ ସାହିତ୍ୟିକ ଗଦ୍ୟରେ ଯାବନିକ ବା ବୈଦେଶିକ ଶବ୍ଦର ପ୍ରୟୋଗ ଏତେ ଅଧିକ ଦେଖାଯାଏ ନାହିଁ । ମାଦଳାପାଞ୍ଜି, ଚଇନିଙ୍କ ଚକଡ଼ା ଓ ଘୁମୁସର ରାଜବଂଶାବଳୀ ଆଦିରଚନାଗୁଡ଼ିକ ବ୍ୟବହାରିକଗଦ୍ୟ ଶୈଳୀଅନ୍ତର୍ଗତହେଲେ ମଧ୍ୟଏଗୁଡ଼ି-କରେଯେଉଁକିମ୍ବଦନ୍ତୀ ମୂଳକ କାହାଣୀ ସଂଯୋଜିତହୋଇଅଛି ଓ ସ୍ଥଳ

---

୧୦—ଡ଼କ୍ଟର କୃଷ୍ଣଚରଣ ବେହେରା-ଓଡ଼ିଆ ଉପନ୍ୟାସ-ପୃ ୬୩

ବିଶେଷରେ ବର୍ଣ୍ଣନାର ଚମତ୍କାରିତା ଅଛି ସେଥିରୁ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟକୁ ଅସ୍ୱୀକାର କରିହୁଏ ନାହିଁ । ଏଥିରେ ଲିଖନକାରଙ୍କର କଳ୍ପନା ବିଭବ ଓ କାହାଣୀ-ରଚନା-ସକ୍ଷମ-ମାନସର ପରିଚୟ ନିହିତ । ଶିଳା -ଲେଖ, ଅଭିଲେଖ, ସନନ୍ଦ, ଗ୍ରେପ, ବସ୍ତୁନାମା, କବାଲା ଆଦିର ଭାଷା ଓ ଶୈଳୀ ଅପେକ୍ଷା ପାଞ୍ଜି, ଚକଡ଼ା ଓ ରାଜବଂଶାବଳୀର ଭାଷା ସରଳ, ସାବଲୀଳ ଏବଂ ମାର୍ଜିତ । ଓଡ଼ିଆ ଗଦ୍ୟ ସାହିତ୍ୟର ଧାରା ବିବର୍ତ୍ତନରେ ଶିଳାଲେଖ, ସନନ୍ଦ, ଗ୍ରେପ, ବସ୍ତୁନାମା, କବଲ ପ୍ରଭୃତିର ଅବଦାନ ଏକାନ୍ତ ଗୌଣ ମାତ୍ର ପାଞ୍ଜି, ଚକଡ଼ା, ରାଜବଂଶାବଳୀର ଅବଦାନ ଅନସ୍ୱୀକାର୍ଯ୍ୟ । କେତୋଟି ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

## (କ) ମାଦଳା ପାଞ୍ଜିର ଗଦ୍ୟ :

ମାଦଳାପାଞ୍ଜିର ସୃଷ୍ଟିକାଳନେଇ ନାନା ମତ ଦେଖାଯାଇଥାଏ । କେହି ଏହାକୁ ଏକାଦଶ ଶତାବ୍ଦୀର ରଚନା କହୁଥିବା ବେଳେ ଅନ୍ୟ କେହି ଏହାକୁ ତ୍ରୟୋଦଶ, କେହି ଷୋଡ଼ଶ ବା ଅନ୍ୟ କେହି ଅଷ୍ଟାଦଶ ବା ଊନବିଂଶ ଶତାବ୍ଦୀର ରଚନା ବୋଲି ମତ ଦେଇଅଛନ୍ତି । ଓଡ଼ିଆ ସାହିତ୍ୟର ଆଲୋଚକଗଣ ମାଦଳାପାଞ୍ଜି ସମ୍ପର୍କରେ ଏକ ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇ ପାରି ନାହାନ୍ତି । ଯଦି ମାଦଳା-ପାଞ୍ଜିକୁ ଊନବିଂଶ ଶତାବ୍ଦୀରେ ବ୍ରିଟିଶ ଆଗମନ ପରେ ୧୮୧୭/୧୮ ମସିହାରେ ପ୍ରଥମେ ରଚିତ ହୋଇଥିଲା ବୋଲି ମନେକରାଯାଏ ତେବେ ପୂର୍ବ ଆଠଶହ ବର୍ଷ ଧରି ଯେଉଁ ସକଳ ବିବରଣୀ ମାଦଳାପାଞ୍ଜିରେ ପ୍ରଦତ୍ତ ହୋଇଅଛି ସେସବୁ କଣ ଗାଲୁଗଳ୍ପ ? କେଉଁ ରାଜା ସେସବୁ ଘଟଣାକୁ ମନେରଖି ରାଜବଂଶର ବିବରଣୀକୁ ବଂଶାନୁକ୍ରମେ ଘୋଷି ଊନବିଂଶ ଶତକରେ ପଞ୍ଜିକାରଙ୍କୁ କହିଲେ ମାଦଳାପାଞ୍ଜି ଲେଖିବାକୁ ? ବା କେଉଁ ପଞ୍ଜିକାର ସବୁକଥା ମନେପକାଇ ଏକସମୟରେ ଊନବିଂଶ ଶତାବ୍ଦୀରେ ଅତୀତର ସକଳ ଘଟଣାକୁ ଲେଖି ପକାଇଲେ ? ଅବଶ୍ୟ ମାଦଳା-ପାଞ୍ଜିର ବିଷୟ ବସ୍ତୁରେ ଐତିହାସିକ ଭ୍ରାନ୍ତି ଅନେକ ଅଛି, ଅନେକ କିମ୍ବଦନ୍ତୀମୂଳକ କାହାଣୀ ଅଛି, ତାହା ବୋଲି ଏହା ଯେ ପୂର୍ବରୁ ରଚିତ

ନହୋଇ ଏବେ ରଚିତ ହେଲା; ଏକଥା କହିବା ଠିକ୍ ନୁହେଁ । ସେହିପରି ଅନ୍ୟାନ୍ୟ ମତ ସମ୍ପର୍କରେ ଆଲୋଚନା କରାଯାଇପାରେ ମାତ୍ର ଏକ୍ଷେତ୍ରରେ ଏହାର ପ୍ରୟୋଜନୀୟତା ନାହିଁ । ମାଦଳାପାଞ୍ଜି ନିଶ୍ଚିତ ରୂପେ ପ୍ରାଚୀନତମ ରଚନା ମାତ୍ର କାଳକ୍ରମେ ନକଲକାରଙ୍କ ଦ୍ୱାରା ଏହାର ଭାଷା ଓ ଶୈଳୀ ମାର୍ଜିତ ହୋଇ ଯାଇଅଛି । ମୂଳମାଦଳାପାଞ୍ଜି ସଂଗ୍ରହ ନକଲା ଯାଏ ଏ ସମ୍ପର୍କରେ ମତ ପ୍ରଦାନ କରିବା ଅର୍ଥ କେବଳ ଗୋଟିଏ ଗୋଟିଏ ଅନୁମାନ ଉପରେ ନିର୍ଭର କରିବା । ପ୍ରାଚୀନ ଓଡ଼ିଆ ଗଦ୍ୟଶୈଳୀ କ୍ଷେତ୍ରରେ ମାଦଳାପାଞ୍ଜିର ଗଦ୍ୟଶୈଳୀ ଏକ ଉଲ୍ଲେଖଯୋଗ୍ୟ ଭୂମିକା ନେଇଅଛି । ଏହାର ଗଦ୍ୟ ବିବରଣୀ ମୂଳକ ହେଲେହେଁ ଏଥିରେ ସନ୍ନିବେଶିତ କିମ୍ବଦନ୍ତୀମୂଳକ କାହାଣୀଗୁଡ଼ିକ ସାହିତ୍ୟିକ ରସବୋଧର ପରିଚୟ ଦେଇଥାଏ । ଅବଶ୍ୟ ଅନେକ ସମୟରେ ସେହି କାହାଣୀଗୁଡ଼ିକ ଅସମ୍ଭବ ମନେ ହୋଇଥାଏ । ମାଦଳାପାଞ୍ଜିର ଗଦ୍ୟରୁ ଗୋଟିଏ ଦୃଷ୍ଟାନ୍ତ—

"ହେ ଭବିଷ ମହାରାଜାମାନେ ଦେବତା ବ୍ରାହ୍ମଣଙ୍କୁ ବଳି ଭଣ୍ଡାରକୁ, ରାଜମାତ୍ରଣକୁ ମଧ କରି ମୁଁ ଯେମନ୍ତ ପ୍ରକାରେ ଭିଆଣ କରି ଦେଉଅଛି ଏଥିକି ତୁମ୍ଭେମାନେ ନ ପୁଣି ବୋଲ୍ ସେ ଦେଇଗଲେ ଅନ୍ୟର କି ହୋଇଲା,ଆମ୍ଭେ କିମ୍ପାଦବୁ ଏମନ୍ତ ନ ବୋଲିବ । ଏ ତ ଓଡ଼ିଆ ରାଜ୍ୟ ଯେ କେସରୀ ରାଜାମାନଙ୍କୁ ଆଦିକରି ଗଙ୍ଗବଂଶେ ଆମ୍ଭ ଛପାଟ ସରିକି ରାଜ୍ୟଥାଏ ହୋଉଥିଲା ପୂର୍ବଦିଗେ ଅର୍କକ୍ଷେତ୍ର ସୋମୋଦ୍ର ତୀରଠାରୁ ପଶ୍ଚିମେ ଖିମନଗର ଦଣ୍ଡପାଟ ସରିକି ଦକ୍ଷିଣେଥାଏ ହୋଉଥିଲା ଦକ୍ଷିଣେ ମହୋଦଧି ଉତ୍ତର ଖରଠାରୁ କାଆଂସଂ ସରିକି ଦକ୍ଷିଣେ ଥାଏ ହୋଉଥିଲା" । ୧୧

## (ଖ) ଚକଡ଼ା ପୋଥିର ଗଦ୍ୟ ଶୈଳୀ :

ଚଇନଙ୍କ ଚକଡ଼ା ପୋଥି ଗଜପତି ପୁରୁଷୋତ୍ତମଦେବ ଓ ପ୍ରତାପରୁଦ୍ରଦେବଙ୍କ ସମୟରେ ଯଥାକ୍ରମେ ଗୁରୁଦାସ ଚଇନ, ପଣ୍ଡିତ

---

୧୧—ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି-ମାଦଳାପାଞ୍ଜି-ପୃ ୬୮।୬୯

ଚଇନ, ଚନ୍ଦ୍ରକୁଳ ଚଇନ ଓ ମଙ୍ଗଳ ଗ୍ରହଣ ଚଇନଙ୍କ ଦ୍ୱାରା ରଚିତ ହୋଇଥିଲା । ଏହି ଗ୍ରନ୍ଥରେ ପୁରୁଷୋତ୍ତମଦେବ ଓ ପ୍ରତାପରୁଦ୍ରଦେବଙ୍କ ସମୟର କେତେକ ଐତିହାସିକ ଘଟଣା ବର୍ଣ୍ଣିତ । ମାଦଳାପାଞ୍ଜି ପରି ମଧ୍ୟ ଏହାକୁ ଗ୍ରହଣ କରାଯାଇଥାଏ । କେତୋଟି ଦୃଷ୍ଟାନ୍ତ—"ମହାପ୍ରଭୁ ଜାଣ୍ଡସ୍ୱର ଶ୍ରୀପୁରୁଷୋତ୍ତମଦେବଙ୍କ ମନରେ ସ୍ମରଣ ହେଲା ଆଉ କନ୍ୟା କଳ୍ପିତ କଥା । ଶ୍ରୀଲକ୍ଷ୍ମୀ ନୃସିଂହ ଥଙ୍କୁ କାଞ୍ଚି ନଗ୍ରରୁ ଆଣି ଶାସନରେ ବିଜେ କରାଇବା ଏମନ୍ତ ବୋଲି ବିଚାରିଲେ । ପାତ୍ରମନ୍ତ୍ରୀ ଗୁରୁଦାସ ଚଇନଙ୍କୁ ଆଜ୍ଞା ଦେଲେ କାଞ୍ଚୀନଗ୍ରକୁ ଶ୍ରୀମୁଖ ଚଳାଅ । ପଦ୍ମିନୀ ସ୍ତ୍ରୀ ନେବୁ । ଏମନ୍ତ ବୋଲି ଶ୍ରୀମୁଖ ଚଳାଇଲେ । ଶ୍ରୀମୁଖଶୁଣି କାଞ୍ଚିରାଜା ଅବଜ୍ଞା କଲା । ଦୂତେ ଆସି ଅବଜ୍ଞା କଲେ ବୋଲି କହିଲେ । ଶ୍ରୀ ମହାପ୍ରଭୁଙ୍କ ମନରେ ବହୁତ କ୍ରୋଧ ହେଲା । ଏଠାରୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନଅରଠାକୁ ବିଜେ କଲେ । ଦିଅଁଙ୍କ ଶ୍ରୀମୁଖକୁ ଯାଇ ଦରଶନ କରି ବହୁତ ପ୍ରାର୍ଥନା କରିବା ସମୟରେ ତଳଓଳୁ ଶ୍ରୀ ମହାପ୍ରଭୁଙ୍କ ଶ୍ରୀ ଡାହାଣ ଭୁଜଧରି ଉଭା ହୋଇ ଅଛି ।" ୧୨

## ଆଉ ଏକ ଦୃଷ୍ଟାନ୍ତ :

"କଟକ ବାରବାଟି ନଗରେ ରାଜାଥିବା ସମୟରେ ଏକଦିନ ରାତିରେ ଛଦ୍ମବେଶରେ ଅନ୍ଧାରି ଗତେ କରୁଥିବାବେଳେ ଉଗ୍ରତାପରା ନିବାସୀ ଏକ ବ୍ରାହ୍ମଣ କୁମାରୀ କାନ୍ଦି କାନ୍ଦି ଯାଉଥିବାର ଦେଖି ତାଙ୍କୁ ତହିଁର କାରଣ ପଚାରିବାରୁ ସେ କହିଲା ଯେ ମୋ ଦୁଃଖ କେହି ନଶୁଣିବାରୁ କାନ୍ଦୁଅଛି । ତହୁଁ ରାଜା ପଚାରିଲେ ତୋ କର୍ମ ଦୁଃଖ, କି ରାଜଗଡ଼ ଦୁଃଖ ଅଛି । ସେଠାରୁ ସେ ଉତ୍ତର ଦେଲା ରାଜ୍ୟରେ ରାଜା ପ୍ରତାପରୁଦ୍ର ଦେବ, ମୋହର ରାଜା ମାଣ୍ଡି ରାମ ପାତ୍ର । ତହୁଁ ରାଜା ପ୍ରଶ୍ନ କରିବାରେ ସେ ତାହା ଘରେ ବାମପାତ୍ର ତା ସ୍ତ୍ରୀ ସହିତ ଯେଉଁପରି କୁବ୍ୟବହାର କରୁଥିଲା ଓ ତାକୁ ରାତିରେ ଦୁର୍ଗ ଆନୟନ କରିବାକୁ କେତେ ବାଟଛଡ଼ା

---

୧୨—ଚଇନଙ୍କ ବଖାଣ-ପୃ୨୭ ସମ୍ପାଦକ -ସୁଧାକର ପଟ୍ଟନାୟକ

ଗୌଡ଼ ଗୋଠକୁ ପଠାଇ ଦେଉଥିଲା ତହିଁର ସମୁଦାୟ ବୃତ୍ତାନ୍ତ କହିଲା ।" ୧୩

## (ଗ) ଅଷ୍ଟାଦଶ ଶତାବ୍ଦୀର ଘୁମୁସର ରାଜବଂଶାବଳୀ :

ଏ ସମୟରେ ସୁଆଣୀ ମହାଦେଈ ହାଡ଼ୁ ଦେଈଙ୍କଠାରେ ରାଜାଙ୍କର ବଡ଼ ସ୍ନେହ ଥାଏ । ସେ ମହାଦେଈପୁଅ ନୀଳକଣ୍ଠ ଭଞ୍ଜକୁ ଗାଦୀ ଦେବେ ବୋଲି କହୁ ଥାଆନ୍ତି । (ବଡ଼) ଗଙ୍ଗାଧର ପାଟକୁମାରଙ୍କଠାରେ ଗୋବିନ୍ଦଭଞ୍ଜ ଆଠ ରାଜାଙ୍କର ଛଅପୁଅ ପ୍ରୀତି କରିଥାନ୍ତି । ହାଡ଼ୁଦେଈ ତାହା ଶୁଣି ରାଜାଙ୍କଠାରେ ବିମନ କରି ଖେଦ କହିଲେ । ଗୋବିନ୍ଦ ଆଠ ରାଜାଙ୍କୁ ନ ପୁଅ ମନମତରେ ରାଜ୍ୟରୁ ଅନ୍ତର କରାଇଦେଲେ । × × × × ଏଅନ୍ତରର ବହୁତକାଳ ନୀଳକଣ୍ଠରୁ ହାଡ଼ୁଦେଈ ବଞ୍ଚାଇଲେ । ଏ ତ ବହୁତ କାଳ ରାଜତ୍ୱ କଲେ । ପୁଅ ମୋର ରାଜା ହୋଇ ନ ପାରିଲା । ଏମନ୍ତେ ଦୁର୍ବିଷ୍ମର କରି ଚମ୍ପାନାମ୍ନୀ ହାତେ ସରୁ ଚାଉଳ ଖାଇବାରେ ସେଥିରେ ବିଷ ଦିଆଇଲେ ।" ୧୪

ପଞ୍ଜି, ଚକଡ଼ା ଓ ବଂଶାବଳୀ ଅଦର ଭାଷା ଏବଂ ଶୈଳୀ ଅପେକ୍ଷାକୃତ ମାର୍ଜିତ । ଏ ସବୁଥିରେ କାହାଣୀ ସଂଯୋଜନା ହୋଇଥିବା ଲକ୍ଷ୍ୟ କରାଯାଏ । ତେବେ ଏଗୁଡ଼ିକ ମୁଖ୍ୟତଃ ରାଜାମାନଙ୍କର ପ୍ରଶସ୍ତିଗାନ ପାଇଁ ଲିଖିତ ହୋଇଥିଲା । ରାଜବଂଶର ବିବରଣୀ ସହିତ କିଛି କିମ୍ବଦନ୍ତୀ ମୂଳକ କାହାଣୀ, କିଛି ସତ୍ୟ ଓ କିଛି କଳ୍ପନା ମିଶାଇ ଏଗୁଡ଼ିକ ରଚିତ ହେଉଥିଲା । ଏହିକାରଣରୁ ଏ ସବୁଥିରୁ ସାହିତ୍ୟିକ ଗଦ୍ୟଶୈଳୀର ଯଥାର୍ଥ ପରିଚୟ ମିଳେ ନାହିଁ; ଯଦିଓ ସାହିତ୍ୟିକ ଗଦ୍ୟର ପୂର୍ବଭାଗରେ ଏ ଗୁଡ଼ିକର ଭୂମିକା ଏକାନ୍ତ ଉଲ୍ଲେଖଯୋଗ୍ୟ । 'ମାଦଳା ପଞ୍ଜି' ବିବରଣୀ ମୂଳକଗ୍ରନ୍ଥ ହୋଇଥିଲେ ମଧ୍ୟ ଯେତେବେଳେ ପଞ୍ଜିକାରମାନେ କୌଣସି କୌଣସି କିମ୍ବଦନ୍ତୀକୁ ଏଥିରେ ବର୍ଣ୍ଣନା କରିଅଛନ୍ତି ତାହା ସାହିତ୍ୟିକ ସ୍ୱରୂପ ଧାରଣ କରିଛି । ସେହି କିମ୍ବଦନ୍ତୀଗୁଡ଼ିକ

---

୧୩—ରଇକଙ୍କ ଚକଡ଼ା ପୋଥି-ପୃ°, ସମ୍ପାଦକ ସୁଧାକର ପଟ୍ଟନାୟକ

୧୪—ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ପୃ ୪୯, ସଂ-ଡକ୍ଟର ଅର୍ତ୍ତବଲ୍ଲଭ ମହାନ୍ତି

ଐତିହାସିକ ନୁହେଁ ମାତ୍ର ସେଥିରୁ ଓଡ଼ିଶାର ରାଜନୈତିକ ପରଂପରା, ସାଂସ୍କୃତିକ ଚେତନା— ସାମାଜିକ ଭାବପ୍ରବାହ ଓ ଧର୍ମୀୟ ଆବେଦନର ଐତିହାସିକ ବିବର୍ତ୍ତନର ସୂଚନା ମିଳିଥାଏ । ସେଥିପାଇଁ ଗଦ୍ୟରେ ରଚିତ ମାଦଳାପାଞ୍ଜିକୁ ଓଡ଼ିଆ ଜାତୀୟଜୀବନର ଅମଳିନ କୀର୍ତ୍ତିସ୍ତମ୍ଭ କହିଲେ ସତ୍ୟର ଅପଳାପ ହେବ ନାହିଁ । ଏଥିରୁ ଓଡ଼ିଶାର ଗଜପତି ପରଂପରାର ପରିଚୟ ମିଳିବା ସଙ୍ଗେ ସଙ୍ଗେ ଓଡ଼ିଶାରେ ରାଷ୍ଟ୍ରଦେବତା ଶ୍ରୀ ଜଗନ୍ନାଥଙ୍କର ମାହାତ୍ମ୍ୟ, ଶ୍ରୀ ଜଗନ୍ନାଥଙ୍କ ସହିତ ଓଡ଼ିଆ ଜାତିର ଆତ୍ମୀୟତା, ଅପରାଜେୟ ଓଡ଼ିଆଜାତିର ଦୁର୍ବାର ଅଭିଯାନ, ମୋଗଲ ଓ ପଠାଣମାନଙ୍କ ଆକ୍ରମଣରୁ ରକ୍ଷାପାଇବା ପାଇଁ ଶ୍ରୀ ଜଗନ୍ନାଥଙ୍କର ରତ୍ନସିଂହାସନ ତ୍ୟାଗ ଓ ବିଭିନ୍ନ ଅଞ୍ଚଳରେ ଆତ୍ମଗୋପନ, ରତ୍ନସିଂହାସନକୁ ପୁଣି ତାଙ୍କର ଦୁର୍ବାର ଅଭିଯାନ, ଶ୍ରୀମନ୍ଦିରରେ ବିଭିନ୍ନ ଧର୍ମ ମତବାଦର ସମନ୍ୱୟ, ଶ୍ରୀ ଜଗନ୍ନାଥ ଧର୍ମର ଉଦାରତା, ବ୍ରାହ୍ମଣ୍ୟଧର୍ମର ନବୋତ୍ଥାନଓ ବୌଦ୍ଧଧର୍ମର ବିଲୟ, ବୈଷ୍ଣବ ଧର୍ମମଧ୍ୟରେ ବୌଦ୍ଧ ଧର୍ମର ଆତ୍ମଲୀନତା, ତନ୍ତ୍ର ଓ ମନ୍ତ୍ରର ପ୍ରଭାବ, ପ୍ରଜାମାନଙ୍କ ପ୍ରତି ଗଜପତି ରାଜାମାନଙ୍କର ଶ୍ରଦ୍ଧାଓ ଆନୁଗତ୍ୟ, ଓଡ଼ିଶାର ଜାତୀୟ ଜୀବନରେ ଶ୍ରୀ ଜଗନ୍ନାଥଙ୍କର ଅପ୍ରତିହତ ପ୍ରଭାବ, ଓଡ଼ିଶାର ଜାତୀୟ ଜୀବନର ସଙ୍କଟ—ବିପର୍ଯ୍ୟୟ ଓ ଅଧୋପତନ ଏବଂ ଏହାର କାରଣ, କେନ୍ଦ୍ର ଶାସନର ଦୁର୍ବଳତାରେ ସାମନ୍ତରାଜାମାନଙ୍କର ଐକ୍ୟ ଅଭାବ ଆଦି ନାନା କଥା ସଂପର୍କରେ ସୁସ୍ପଷ୍ଟ ସୂଚନା ମିଳିଥାଏ। ସେଦିନର ସେହି ବୃତ୍ତିଭୋଗୀ ପଞ୍ଜିକାରମାନେ ( ଦେଉଳ କରଣ— ତଡ଼ଉ କରଣ –କୋଠ କରଣ ) ବଂଶପରଂପରାନୁକ୍ରମେ ଯେପରି ଏଇ ଭାବାତ୍ମକ ଓ ତଥ୍ୟାତ୍ମକ ଐତିହାସିକ ଦଲିଲ କରିଯାଇ ଅଛନ୍ତି ତାହା ବାସ୍ତବିକ (ନାନା ବିଭ୍ରାନ୍ତି ସତ୍ତ୍ୱେ) ଓଡ଼ିଆ ଜାତୀୟ ଜୀବନର ସ୍ମରଣଗ୍ରନ୍ଥ ହୋଇ ରହିଅଛି ।

ଏଥିରେ ଯେପରି (କ) ସୁବର୍ଣ୍ଣକେଶରୀ ଓ ବସୁଦେବ ବ୍ରାହ୍ମଣର ବିଭେଦ ଏବଂ ଚୂଡ଼ଙ୍ଗଦେବ ଓ ନଟେଇ ଧୋବଣୀ ପ୍ରସଙ୍ଗ(ଖ)ଚଡ଼ଗଙ୍ଗ ଓ

ହିଁଅଙ୍କ ପ୍ରଶସ୍ତି ଏବଂ କୌଶଲ୍ୟାଗଙ୍ଗ ବୃତ୍ତାନ୍ତ (ଗ) ମଦନମହାଦେବଙ୍କ ସମୟରେ ବୌଦ୍ଧ ଓ ବ୍ରାହ୍ମଣଙ୍କ ମଧ୍ୟରେ ପରୀକ୍ଷା (ଘ)ଅନଙ୍ଗଭୀମ ଦେବଙ୍କର ଐତିହାସିକ ଘୋଷଣା (ଙ) ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ ଶିବେଇସାନ୍ତରା ଦେଉଳତୋଳା କାହାଣୀ(ଚ)କବି କାନ୍ତଦେବଙ୍କ ସମୟରେ ମାଳି କୁମ୍ଭାରୁଣୀ ପ୍ରସଙ୍ଗ (ଛ) ନଶଙ୍କ ଭାନୁଦେବଙ୍କ ସମୟରେ ପଶୁପାଳକ ପ୍ରତି ଶ୍ରୀ ଜଗନ୍ନାଥଙ୍କ କରୁଣା (ଜ) ବୀରଭାନୁ ଦେବଙ୍କ ସମୟରେ ଅନ୍ଧଦଇତା ଦାସ କାହାଣୀ (ଝ) ନତ୍ରଭାନୁଦେବଙ୍କ ସମୟରେ କପିଳ ରାଜତ ପ୍ରସଙ୍ଗ (ଞ) ପୁରୁଷୋତ୍ତମ ଦେବଙ୍କ ସମୟରେ କାଞ୍ଚିବିଜୟ କାହାଣୀ (ଟ) ପ୍ରତାପରୁଦ୍ର ଦେବଙ୍କ ସମୟରେ ବୌଦ୍ଧ ଓ ବ୍ରାହ୍ମଣଙ୍କ ପରୀକ୍ଷା (ଠ) ମୁକୁନ୍ଦଦେବଙ୍କ ସମୟରେ କଳାପାହାଡ଼ ପ୍ରସଙ୍ଗ ଆଦି କିମ୍ବଦନ୍ତୀ ମୂଳକ କାହାଣୀକୁ ବର୍ଣ୍ଣନା କରାଯାଇଛି ତାହା ବାସ୍ତବିକ ପଞ୍ଜିକାରମାନଙ୍କର କଳ୍ପନା ବିଳାସ, ସାହିତ୍ୟିକ ରସବୋଧ ଓ କାହାଣୀ—ସର୍ଜନ— କ୍ଷମ—ମାନସର ପରିଚୟ ପ୍ରଦାନ କରିଥାଏ । ସେହିପରି ଚଇନଙ୍କ ଚକଡ଼ାପୋଥି ଓ ଚଇନଙ୍କ ବସାଣରୁ ମଧ୍ୟ ସାହିତ୍ୟିକ ଗଦ୍ୟଶୈଳୀର ସୂଚନା ମିଳେ । ଏ ଗ୍ରନ୍ଥର ଗଦ୍ୟଶୈଳୀ ଓ ଭାଷା ପ୍ରୟୋଗ ଅପେକ୍ଷାକୃତ ଅର୍ବାଚୀନ ମନେହୁଏ । ଯେହେତୁ ଏଥିରେ ପ୍ରତାପରୁଦ୍ରଙ୍କଠାରୁ ଆରମ୍ଭକରି ଦ୍ୱିତୀୟ ଭୋଇ ବଂଶୀୟ ୧ମ ଦିବ୍ୟସିଂହଦେବଙ୍କ ରାଜତ୍ୱ ପର୍ଯ୍ୟନ୍ତ—ପ୍ରାୟ· ପଞ୍ଚଦଶ ଶତାବ୍ଦୀର ତୃତୀୟ ପାଦରୁ ସପ୍ତଦଶ ଶତାବ୍ଦୀର ଶେଷପାଦ ପର୍ଯ୍ୟନ୍ତ କିଛି କିଛି ବିବରଣୀକୁ ପ୍ରଦାନ କରାଯାଇଅଛି ସେହି ହେତୁ ଏହାକୁ ତତ୍କାଳୀନ ସମୟର ରଚନା ବୋଲି କୁହାଯାଇଥାଏ । ଚଇନଙ୍କ ଚକଡ଼ାକୁ ଶ୍ରୀ ସୁଧାକର ପଟ୍ଟନାୟକ ୧୮ଶ ଶତାବ୍ଦୀର ଶେଷ ସମୟର ବା ୧୯ଶ ଶତାବ୍ଦୀର ପ୍ରଥମ ଭାଗର ବୋଲି ମତ ଦେଇଅଛନ୍ତି । (୧୫)ଚକଡ଼ା ବସାଣକୁ ସେ ଊନବିଂଶ ଶତାବ୍ଦୀର ଶେଷ ପାଦର ରଚନା ବୋଲି ମତ

---

୧୫—ଶ୍ରୀ ସୁଧାକର ପଟ୍ଟନାୟକ-ସଂ-ଚଇନ ଚକଡ଼ା-ମୁଖବନ୍ଧ-ପୃ୪

ଦେଇ ଅଛନ୍ତି—"× × ଚକଡ଼ା ବସାଣର ଲେଖା ଅଶୀ ପଞ୍ଚାଅଶୀ ବର୍ଷରୁ ଅଧିକ ପୁରୁଣା ହେବାର କଥା ନୁହେଁ ।" ୧୬

ତେବେ ଏହିସବୁ ବିବରଣୀ ମୂଳକ ବ୍ୟବହାରିକ ଗଦ୍ୟଗୁଡ଼ିକ ଯେ ସାହିତ୍ୟିକ ଗଦ୍ୟର ପ୍ରେରଣା ଭାବରେ କାର୍ଯ୍ୟ କରିଥିଲା ଏକଥାକୁ ଅସ୍ୱୀକାର କରିହେବ ନାହିଁ ।

## ପ୍ରାଚୀନ ଓଡ଼ିଆ ସାହିତ୍ୟିକ ଗଦ୍ୟଶୈଳୀ :

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଗଦ୍ୟର ଥିଲା ଅସହେଁ ବିରଳ । ତଥାପି ଏହି ସମୟରେ କେତେଜଣ ମୂର୍ଦ୍ଧନ୍ୟ ଶିଳ୍ପୀ ଗଦ୍ୟରେ ମଧ୍ୟ ସୃଜନଧର୍ମୀ ଲେଖା ରଚନା କରିଥିଲେ । ସାଧାରଣତଃ କୌଣସି ଶ୍ଲୋକ ଅଥବା କଠିନ ପଦ୍ୟର ଅର୍ଥ ସରଳ ଭାଷାରେ ସ୍ପଷ୍ଟ କରିବାପାଇଁ ଗଦ୍ୟର ଆବିର୍ଭାବ ହୋଇଥିଲା । ଚତୁର୍ଦ୍ଦଶ ଶତାବ୍ଦୀର 'ଶିଶୁବେଦ' ସମଗ୍ର ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ରଚନା ରୂପେ ସ୍ୱୀକୃତ । ୧୭ ଶିଶୁବେଦର ରଚୟିତା ଗୋରଖନାଥ । ନାଥଧର୍ମ ସମ୍ବନ୍ଧୀୟ ତତ୍ତ୍ୱ ଓ ଦର୍ଶନ, ଯୋଗ, ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱ ଆଦି ଭାବଧାରାରେ ଏହିଗ୍ରନ୍ଥ ପରିପୂର୍ଣ୍ଣ ହୋଇଥିଲେହେଁ ଏହାର ଭାଷା ଲୌକିକ ଓଡ଼ିଆ । 'ଶିଶୁବେଦ'ରୁ କେତୋଟି ଦୃଷ୍ଟାନ୍ତ ଏହି ମତର ପ୍ରମାଣ ଦେବ—"ଦୁଇ ଜଙ୍ଘରେ ତୂଳା ଦେଇ ଭଲ କରି ବୁଝିବ । ବାଟ ମାହାନ୍ତି ଭଟି ନଲେ କରିବ । ଯେବଣ ଧୂନି ଉଠାଇ ଆକାଶରେ ମଉଥୋଂ ସେହିଙ୍କୁ ଶିଶୁବେଦ ବୋଲନ୍ତି । ସେତିକ ନ ହୋଇଂ ଦୂର ନାଗି ଅଛି । ଯେ ଯେ ଚକ୍ଷୁକୁ ପିଲୁଳନ୍ତି ହୋଇ ଜାଣେଂ । ଦୂର ଚମ୍ଭୁ ଧ୍ୱନିରୁ ବାହାରି ଅଛି । ଧ୍ୱନି ଘରେ ମନ ପଶିଲେ ସମାଧି ହୁଅଇନ୍ତି । କାଳ ଯେ ବୋଇଲ୍ ଯେ ଚକ୍ଷୁ ପିଙ୍ଗଳାରେ ଅଛି । ସମର କଟାଇନ୍ତି ସେ ସେହିକୁ କାଳ ବୋଲି । କମଳ ଯେ ସୁଷୁମ୍ନାଏ ଫୁଟି ଅଛି ନରଂଜନ ଯେ ତହିଂ ଭିତରେ ପିଲୁଳନ୍ତି ।

୧୬—ଶ୍ରୀ ସୁଧାକର ପଟ୍ଟନାୟକ ସଂ ତଇନି ଚକଡ଼ା ମୁଖବନ୍ଧ-ପୃ ୭

୧୭—ଡାଃ ବଂଶୀଧର ମହାନ୍ତି—ଓଡ଼ିଆ ସାହିତ୍ୟର ଇତିହାସ ୧ମ ଭା-ପୃଂ ୩୪

ଗୋରେଖଙ୍କର ପରମ ଶୂନ୍ୟଟି ସେ । ନବଉର ନ ଭୂଟରେ ସର୍ବଦା ଶୂନ୍ୟଟିଏ ! ନିରଞ୍ଜନ ଯେଉଁଙ୍କ ଭିତରେ ପିଣ୍ଡୁଳିଟି । ସ୍ଥିର କରି ହୃଦସ୍ଥ କଲେ ନିରଂଜନ ସେ ତାହାକୁ ଭେଟି । କାଳ କମଳ ନିରଂଜନ ଏକଇ ଠାବେ ବସ୍ତୁ ।" (୧୮) ଏହି ପ୍ରକାର ଗଦ୍ୟଶୈଳୀ ଶିଶୁବେଦରୁ ଅନେକ ପ୍ରଦାନ କରାଯାଇପାରେ । ଏହି ଗଦ୍ୟଶୈଳୀ ଲୌକିକ ଓଡ଼ିଆ । ଏହାଦ୍ୱାରା ଜଟିଳ ବ୍ରହ୍ମତତ୍ତ୍ୱକୁ ସରଳ ଭାବରେ ପ୍ରକାଶ କରାଯାଇଅଛି । ଏହି କାରଣରୁ ଶିଶୁବେଦର ଗଦ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରି ଓଡ଼ିଆ ସାହିତ୍ୟକ ଗଦ୍ୟକ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଅଛି । ଏହାବ୍ୟତୀତ 'ଗୋରେଖ ବୋଲି' ମଧ୍ୟ ଆଲୋଚ୍ୟ ସମୟରେ ଅନ୍ୟଏକ ଗଦ୍ୟରଚନା ।

ପଞ୍ଚଦଶ ଶତାବ୍ଦୀରେ ସାରଳାଦାସଙ୍କ ମହାଭାରତ ଓ ଚଣ୍ଡୀପୁରାଣରେ ଗଦ୍ୟର ବ୍ୟବହାର ହୋଇଥିବା ଦେଖିବାକୁ ମିଳେ । ତେବେ ଏହି ଗଦ୍ୟଶୈଳୀ କେବଳ ତତ୍କାଳୀନ ରାଜାଦେଶ ସମ୍ପର୍କିତ ପତ୍ରଧର୍ମୀ ରଚନା ବା କଟାଉଲେଖାପଦ୍ଧତିର ପରିଚୟ ଦେଇଥାଏ । ଏହି ଗଦ୍ୟ ଜଟିଳ ଭାବକୁ ସମ୍ପ୍ରସାରଣ ବା ବ୍ୟାଖ୍ୟା କରେ ନାହିଁ । ଏଥିରେ ସାହିତ୍ୟିକ ଓ ବ୍ୟବହାରିକ ଗଦ୍ୟର ଅପୂର୍ବ ସମନ୍ୱୟ ହୋଇଥିବା ଦେଖିବାକୁ ମିଳେ । ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦାନ କରାଯାଉଛି ।

## (କ ମହିଷାସୁରର ଆଜ୍ଞାପତ୍ରିକା :

"ଉତ୍ତର ଦକ୍ଷିଣ ପୂର୍ବ ପଶ୍ଚିମ ଚଉଦ ଭୁବନେ ବ୍ରହ୍ମକ୍ଷତ୍ର ବୈଶ୍ୟ ଶୂଦ୍ର ଦୈତ୍ୟ ଦାନବସୈନ୍ୟ ଦାସ ଲୋକଙ୍କୁ ଜରସଲ । ବ୍ରହ୍ମ ଲୋକଙ୍କୁ ସ୍ଥାପନ ଗୁର । ସତ୍ୟ ସୁରମାନ ମର୍ଦନ । ଅମର ଲୋକଙ୍କୁ ଧାଡ଼ି ତଳକ । ନାଗ ଲୋକଙ୍କୁ ଗରୁଡା ଶରକ । ଭୂତ ଭବିଷ ବ୍ରତମାନ ।

୧୮- ଡା: ବଂଶୀଧର ମହାନ୍ତି-ଓଡ଼ିଆ ସାହିତ୍ୟର ଇତିହାସ-ପୃ ୧୩୬

ତ୍ରିଗୁଣ ଧୃତ ହୃଦଗତ ଦେବଗୁରୁ । ମନ୍ତ୍ର ଗୁରୁ । ଶିଷ୍ୟଗୁରୁ । ଦକ୍ଷଗୁରୁ ଧାନୁସାବେଳୀ କୁନ୍ତ ଖଡ଼ଗ ଗୁରୁ । ଯାବତ୍‌ଚନ୍ଦ୍ର ଦିବାକର ଗୁରୁ । ଶ୍ରୀ ପିତାମହଙ୍କର ବରପ୍ରସାଦେ । ନାଶକର ଜପକର ଗାରଭର । ଜମ୍ବୁଦ୍ୱୀପ କରଂଚନ ଦ୍ୱୀପ । କୁଶଦ୍ୱୀପ ଚନ୍ଦ୍ରଦ୍ୱୀପ । ଭବାନୀ ମଣ୍ଡଳ । ନବଦ୍ୱୀପ ସପତ ସାଗର । ଦୁର୍ଗାଚୂଡ଼ଣ । ଉକତ ବୀର୍ଯ୍ୟ । ଗାରଦଣ୍ଡ । ଗୁମର ବେମାଳ । ଧୂର୍ମଲୋଚନ । କାଳ୍ଯମାଳା ଚଣ୍ଡ ମୁଣ୍ଡ । ସମ୍ଭୁ ନିସମ୍ଭୁ । ଗାସାଧି ଗାଇବର ମରଣ ଉଧାରଣ । ବାଡ଼ି ଚୁଡ଼ି ବଂଗ ତେଲିଂଗ । କାଶିକ କଉଶିକ । × × × × ଦେବାଧିଦେବ ସଟକେଶ୍ୱର । ସୁରବର ସୋହଡ଼ି ସୁନ୍ଦର । ଶ୍ରୀ ମଟକଂଶ୍ୱସୁର ସଜାଙ୍କର । ଶ୍ରୀ ମୁଖ ଶଟାଉ ତୋଟେ ଆଇଂ ସୁଟରସ୍ୱର ।” ୧୯

## (ଖ) ସାରଳା ମହାଭାରତରେ ଭୀମଙ୍କ ଆଜ୍ଞାପତ୍ର :

“ଉତ୍ତର ଦକ୍ଷିଣ ପୂର୍ବ ପଶ୍ଚିମ । ଚତୁର୍ଦ୍ଦିଗ ରଜାଂକ ଉପରେ ଭୁଜଙ୍ଗ । ମସ୍ତକ ଚୂଡ଼ାମଣି ସର୍ବନୃପ ଦେବ । ଶ୍ରୀ ଶ୍ରୀ ଶ୍ରୀ ଭୀମ ଅର୍ଗଳ ପାଣ୍ଡବ । ପଞ୍ଚମହଗପତି ଭୀମ । ଶ୍ରୀ ବୀର ବୃକୋଦର ଜେଜାଂକର ଅଭୟ ପାଦପଦ୍ମେ ଶରଣସ୍ତୁ ନମଃ । ମଦ୍ରଦେଶ ମଣ୍ଡଦେଶ ରାଜ୍ୟେଦସ୍ତୁ ମଣ୍ଡି ପାର ଦଣ୍ଡ । ବିରାଟଙ୍କୁ ଦେ ଅଟଇ ଶ୍ରୀମୁଖ ପ୍ରସାଦଖଣ୍ଡ । ଆଦେଶ ବିରାଟ ତୋଦ୍ୱାର ଆଟସନ୍ୟ ସେପେତେକଥିବ । ଦେଖା ଦରଶନ ଧନ ଘେନି ରାଜସ୍ୱି ସର୍ଗାଂସଦ୍ୱାରେ ଇନ୍ଦ୍ରପ୍ରସ୍ଥ ରଠି ଆସିବ । ଶ୍ରୀ ଗଦାଧର ଚୂଡ଼ାମଣି । ଭୀମସେନ ଠାକୁରଂକ ସନ୍ତକମଣି ।” ୨୦

## (ଗ) ବଳରାମଙ୍କ ଆଜ୍ଞା ପତ୍ରିକା :

“ଶ୍ରୀ ଜୟ ଜୟ ଅନନ୍ତ ସର୍ବ ଶସ୍ତ୍ରଭୁତ । ସର୍ବଭର ଅଧିକାରୀ ଅଶେଷ ବ୍ରହ୍ମାଣ୍ଡ ଅଧିପତି । ସୁରସନକାଦି ବନ୍ଦିତ । ତ୍ରୈଲୋକ୍ୟର

---

୧୯—ଡ଼ଃ ବଂଶୀଧର ମହାନ୍ତି—ଓଡ଼ିଆ ସାହିତ୍ୟର ଇତିହାସ ୨ୟ ଖଣ୍ଡ-ପୃ ୪୧୧

୨୦—ସାରଳାଦାସ—ମହାଭାରତ—ସଭାପର୍ବ—ସଂ-ଡ଼କ୍ଟର ଆର୍ତ୍ତବଲ୍ଲଭ ମହାନ୍ତି —ପୃ ୨୨୦-୨୨୧

ନାଥ । ମନୀଷା ସାରଥି ଅଭିଷେକ । ସତ୍ୟଧ୍ୱଂସ କର ତମନାଶ । ଦୁଷ୍ଟଜନ ନାଶନ । ଦେବକୁଳ ରକ୍ଷଣ । କଦମ୍ବା ମୋଡ଼ଣ । ପ୍ରଳମ୍ବା ଚୂଡ଼ଣ । ରଜାମାନ ମର୍ଦ୍ଦନ । ଚୂଣୂର ଦର୍ପଣ ମୋଡ଼ଣ । ସୁତ ପୁରାଣିକ ମର୍ଦ୍ଦନ । ଶ୍ରୀ ହରି ଯୋଗେଶ୍ୱର । ରୁକ୍ମିଣୀ ଗର୍ଭ ସମ୍ଭୂତ । କୋଟି କନ୍ଦର୍ପ ଲାବଣ୍ୟ ରୂପ । ଦେବକଙ୍କ ପାଳଣ । ସୃଷ୍ଟି ହଟଳକ ମଣି ମଣ୍ଡନ ।”(୬୪)

ପଞ୍ଚଦଶ ଶତ ଙ୍କର ସାହିତ୍ୟିକ ଗଦ୍ୟଭବରେ 'କାକଚରିତ୍ର' ଓ 'ପୁରୁଷୋତ୍ତମ ଦେବାଳୟ କାର୍ଯ୍ୟବିଧି' ଗ୍ରନ୍ଥ ଦୁଇଟିକୁ ମଧ୍ୟ ଗ୍ରହଣ କରାଯାଇଥାଏ । ଏହି ଗ୍ରନ୍ଥ ଦୁଇଟିର ଗଦ୍ୟ ଏକାନ୍ତ ସରଳ । ନିମ୍ନରେ ପୁରୁଷୋତ୍ତମ ଦେଉଳ ମାହାତ୍ମ୍ୟରୁ ଗୋଟିଏ ଗଦ୍ୟର ଦୃଷ୍ଟାନ୍ତ ପ୍ରଦାନ କରାଯାଉଅଛି ।

"ପଞ୍ଚାଂଶ କୋଶର ଉତ୍ତରେ ଶଙ୍ଖ ନାଭିମଣ୍ଡଳରେ ଶ୍ରୀ ନୀଳକନ୍ଦରେ ପର୍ବତରେ ନୀଳମଣି ରତ୍ନରେ ଘଟିତ ଚତୁର୍ଭୁଜରେ ଶଙ୍ଖଚକ୍ର ଗଦାପଦ୍ମ ଧରି ନାନା ରତ୍ନମାନରେ ଖଚିତ ମୁକୁଟ ହାର କେୟୂର ନାନା ଅଳଙ୍କାର ଭୂଷଣ ଲକ୍ଷ୍ମୀଙ୍କ ବାମ ପାର୍ଶ୍ୱରେ ସ୍ଥିତ ସେ ଲକ୍ଷ୍ମୀଙ୍କ ହିତେ କରିଥିବେ ବର୍ତ୍ତୁଳ ଶ୍ରୀ ଶ୍ରୀ ନୀଳମାଧବ ମୂର୍ତ୍ତି ଅବତାର । ସେ ଅବତାରରେ ସ୍ୱର୍ଗରୁ ଦେବତାମାନେ ଆସି ଅମୃତମୟ ଦେବ ଯୋଗ୍ୟ ପଦାର୍ଥ ମାନନ୍ତ ଆଣି ନୃତ୍ୟଗୀତ ନାନା ଚତୁର୍ବିଧ ବାଦ୍ୟମାନନ୍ତ ବଜାଇ ଉପଚାରମାନଙ୍କରେ କରି ପୂଜା କରି ଦେବତାମାନେ ସ୍ୱର୍ଗକୁ ଯାନ୍ତି । ଏ ଉତ୍ତାରେ ସେହି କ୍ଷେତ୍ରେ ନିକଟରେ ସବର ଘରରୁ ବୈଷ୍ଣବ ବିଶ୍ୱାବସୁ ସବର ଆସି ପ୍ରାତଃକାଳରେ ନିତ୍ୟ ସେବକ ପଣରେ ସେବା କରିଯାଉଥାନ୍ତି । ସେ ପ୍ରକାରେ ପ୍ରଥମ ପର୍ବଭୋଗ କଲ । × × ସେହାକୁ ଭୋଗ ବୋଲି ଚୂର ପିଠା ଗୋଟିକା ପଣାସର ତାରକ ପଚେଷ୍ଟ ଘସା ବାସ ପାଣି ଏମାନ ମଣୋହି ହୋଇଲେ ଏହାକୁ ସାଂଗିର ବୋଲି । ଏତକ ଧୂପରେ ଭୋଗ ଗ୍ରମୁରେ ପର୍ବତ ଆକାର ହୋଇ

୧—ସାରଳା ଦାସ—ମହାଭାରତ—ମଧ୍ୟପର୍ବ—ପୃ ୪୫୬-୫୭ (ପାଣ୍ଡୁଲିପି)

ବଡ଼ା ହୋଇବ । ଏଥିର ବେବସ୍ଥା ଛାମୁରେ ଧୋବଲୁଗା ପାହାଡ଼ ଗୁରିଠା ହୋଇପଡ଼ିବ । ଏ ପରେ ସୁବର୍ଣ୍ଣ ଥାଳମାନ ଖଟ ଉପରେ ପଙ୍କତ ପର ହୋଇଁ ଦିଅ ପଡ଼ିବ ।" (୨୨) ଏହି ଗଦ୍ୟ ଶୈଳୀ ଏକାନ୍ତ ସ୍ୱାଭାବିକ ଓ ସରଳ । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱଧର୍ମୀ ଓ ଜଟିଳ ଦାର୍ଶନିକତତ୍ତ୍ୱର ସରଳ ବ୍ୟାଖ୍ୟାଧର୍ମୀ ଗଦ୍ୟ ଧାରା ଶିଶୁବେଦଠାରୁ କ୍ରମେ ଗଢ଼ିଆସି ଷୋଡ଼ଶ ଶତାବ୍ଦୀ ବେଳକୁ ପଞ୍ଚସଖା ସାହିତ୍ୟରେ ପୂର୍ଣ୍ଣତା ଲାଭ କରିଅଛି । ଜଗନ୍ନାଥ ଦାସଙ୍କର 'ତୁଳାଭିଣା' 'ମାଳାଦ୍ୱି ଚୌତିକା' ଓ 'ବ୍ରହ୍ମଗୀତା' ଏବଂ ବଳରାମ ଦାସଙ୍କର 'ବ୍ରହ୍ମାଣ୍ଡ ଭୂଗୋଳ', 'ବ୍ରହ୍ମଗୀତା' ଓ 'ଜ୍ଞାନ ଚୂଡ଼ାମଣି', ଅଚ୍ୟୁତାନନ୍ଦ ଦାସଙ୍କର "ଯୋଗମାର୍ଗ" ଆଦି ରଚନା ଏହାର ପ୍ରମାଣ ଦେଇଥାଏ । 'ତୁଳଭିଣା' 'ବ୍ରହ୍ମଗୀତା' ଆଦି ଗ୍ରନ୍ଥଗୁଡ଼ିକ ପୂର୍ଣ୍ଣତଃ ଗଦ୍ୟ ନୁହେଁ । ଏଗୁଡ଼ିକ ପଦ୍ୟରଚନା ଏବଂ ମଧ୍ୟେ ମଧ୍ୟେ ଆପ୍ତବାକ୍ୟ ବା ପଦ୍ୟାଂଶଗୁଡ଼ିକୁ ସରଳ ଭାବରେ ବ୍ୟାଖ୍ୟା କରାଯାଇଅଛି । ଏହି ଗଦ୍ୟଶୈଳୀ ଛନ୍ଦୋବଦ୍ଧ । ବାକ୍ୟର ଶେଷରେ ଯତିପାତହୋଇ ଥିବା ଦେଖାଯାଏ । କାବ୍ୟିକ ଭାବାବେଗ ମଧ୍ୟ ଏଧରଣର ଗଦ୍ୟରେ ଲକ୍ଷଣୀୟ । ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦାନ କରାଯାଉଅଛି ।

### (କ) 'ତୁଳାଭିଣାର" ଗଦ୍ୟ :

"ଶୁଣ ପୁତାରେ ବ୍ରହ୍ମଜ୍ଞାନ । ସାଧି ପାରିଲେ ଅଜାମର ହେବୁ । କାଳ ଦଣ୍ଡକୁ । ପାତକ ଖଣ୍ଡିବୁ । ଶୁଣ ପୁତାରେ ପ୍ରଥମେ ମହାଶୂନ୍ୟ । ସେଠାରେ ଦୃଷ୍ଟି ଦେବୁ । ଓଁକାର ଶବଦକୁ ଘଟରେ ରଖିବୁ । ରାକାର ଶବଦକୁ ଦୃଷ୍ଟି ଦେବୁ । ନାସାଦ୍ୱାରେ ଦ୍ୱାଦଶ ଆଙ୍ଗୁଳ ପବନ । ସେ ପବନ ଅଟଇଟି ରକାର ଶବଦ । ତାହାକୁ ଚିତ୍ତ ବୁଦ୍ଧି ମନ ଏକ କରି ଦେଖିବୁ । ଅର୍ଦ୍ଧ ମାତ୍ରା ଶୂନ୍ୟକୁ ଚିତ୍ତ ଦେବୁ । × × × । ଚନ୍ଦ୍ର ଘରେ ପୁତାରେ କିଛି ନଛୁଇଁବୁ । ଭକ୍ଷିଲେ ପୁତାରେ ଅବଶ୍ୟ ମରିବୁ ।

---

୨୨—ପୁରୁଷୋତ୍ତମ ଦେବାଳୟ କାର୍ଯ୍ୟବିଧି—Orissa State Museum Mss—ORP—18

ରୋଗୀ ହେବୁ । ହାଇ ହେବ । ଛିଙ୍କ ହେବ । ନିଦ୍ରା ହେବ । ନଇଥିବ ସଉନ ସୁନ୍ଦରୀ ହରିବ ।''(୧୩) ।

"ସତ ଗୁଣଟି ଯୁଧିଷ୍ଠି । ତମ ଗୁଣଟି ଭୀମ । ରଜଗୁଣଟି ଅର୍ଜ୍ଜୁନ । ସୁବୁଦ୍ଧି ସହଦେବ । ଉଦାସୀ ଗୁଣଟି ନକୁଳ, ଦେଥିଟି ଶରୀର । ଭରମଟି କୃଷ୍ଣ, ଶବଦଟି ଚକ୍ର, ମନଟି ଦୁର୍ଯ୍ୟୋଧନ, କୁବୁଦ୍ଧିଟି ଶକୁନି । ପ୍ରକୃତିଗଣ ଅନେକେଶାଚ ଭାଇ । ଦ୍ରୋଣ ଗୁରୁଟି ଅଧର୍ମ ଦଶା । ଏଥି ଉପରେ ଯେଉଁ ବନ୍ଧ ସେହି ଦ୍ୱାରକା । ଅହଂକାରଟି କୁଳ ସୂର୍ଯ୍ୟ, ସତଟି କର୍ଣ୍ଣ, କ୍ରୋଧଟି ଦୁଃଶାସନ, ଚଉଷଠି ଜନ୍ମ ଜୟଦ୍ରଥ, ଭୂରିଶ୍ରବାଟି ଓଁକାର ସୁ ଅକ୍ଷରଟି ସଞ୍ଜୟ, ଅଧର୍ମ ଦାଟି ଧୃତରାଷ୍ଟ୍ର ।'' (୧୪)

× × × × ×

"ସ୍ୱପ୍ନ ଶୂନ୍ୟ । ଜ୍ୟୋତିଶୂନ୍ୟ ଧର୍ମଶୂନ୍ୟ । ଓଁକାରଶୂନ୍ୟ । ନିର୍ମାଳଶୂନ୍ୟ । ସ୍ୱପନାମଶୂନ୍ୟ । ଏମନ୍ତଶୂନ୍ୟ । ଚଉବନ ଅକ୍ଷରଶୂନ୍ୟ । ସର୍ବଯନ୍ତ୍ର ଶୂନ୍ୟ । ସର୍ବମନ୍ତ୍ର ଶୂନ୍ୟ । ଗ୍ୟାନଶୂନ୍ୟ । ଧ୍ୟାନଶୂନ୍ୟ । ତତ୍ତ୍ୱ ଶୂନ୍ୟ । ଧର୍ମ ଶୂନ୍ୟ । ନାଦ ଶୂନ୍ୟ । ଜନ ଶୂନ୍ୟ । ଏ ନର ରାଜ୍ୟଶୂନ୍ୟ । ଜୀବଜନ୍ତୁ ଛପନକୋଟି ଶୂନ୍ୟ । ସେ ସର୍ବେ ଶୂନ୍ୟରେ ଅଛନ୍ତି" ।

—ଶୂନ୍ୟଭଣା—

## (ଖ) ଜଗନ୍ନାଥ ଦାସଙ୍କ 'ବ୍ରହ୍ମଗୀତା'ର ଗଦ୍ୟ :

"ଶ୍ରୀକୃଷ୍ଣ ବୋଲୁଛନ୍ତି ହେ ଅର୍ଜ୍ଜୁନ ଯେଉଂ ଶବଦ ରସ ଶବଦ ଅନ୍ତରେ ଥିଲି । ଧ୍ୟାନ ଅନ୍ତରେ ଲକ୍ଷେ କଲେ ଜ୍ୟୋତି ଦେଖିବୁ । ... ଲକ୍ଷେ କଲେ ମନ ସଙ୍ଗତେ ମେଳ ହୋଇବୁଂ । ଜ୍ୟୋତିର ଅନ୍ତରେ ... ମଣ୍ୟ ହୋଇଲେ କାହ୍ନିଂ ନଜାଣି ସେଠାରେ ମନ ସଙ୍ଗେ ମେଳ ହୋଇବ ... ମୁଁ । ସେତେବେଳେ ସେ ବସ୍ତୁଙ୍କୁ ଭେଟ ହୋଇବୁ ।''(୧୫)

---

୧୩—ଡାଃ ଆର୍ତ୍ତବଲ୍ଲଭ ମହାନ୍ତି-ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ-ଶୂନ୍ୟଭଣା-ପୃଃ୪୭
୧୪-ଡକ୍ଟର ବଂଶୀଧର ମହାନ୍ତି—ଝଙ୍କାର ୭ଷ୍ଠ ବର୍ଷ-ପ୍ରଥମ ସଂଖ୍ୟା
୧୫-ଡ଼ାଃ ବଂଶୀଧର ମହାନ୍ତି-ଓଡ଼ିଆ ସାହିତ୍ୟର ଇତିହାସ- ୩ୟ ଖଣ୍ଡ -ପୃ ୨୭୩

## (ଗ) ବଳରାମଦାସଙ୍କ ବ୍ରହ୍ମଗୀତାର ଗଦ୍ୟ :

"ଗଣ୍ଡ ଚତୁର୍ଥ ବୋଲନ୍ତେ ଗୁଣବେଦ ଗୁଣଚଣ୍ଡ । ଗୁଣ ବେଦଙ୍କ ସ୍ଥାନ କହିଂ । ମୁଣ୍ଡରେ ସାମବେଦ ବସଇଂ । ନାସାରେ ଋକବେଦ ବସେଂ । କଣ୍ଠରେ ଯଜୁବେଦ ବସଇଂ । ନୟନରେ ଅଥର୍ବବେଦ ବସଇଂ ଯେ ଗୁଣବେଦଙ୍କର ଶିରରେ ନିରାକାରଙ୍କର ସ୍ଥାନ । ସେଠାରେ ଶିଶୁ ବେଦ ବସଇଂ । ଜିହ୍ୱାରେ ଓଁକାଂର ବେଦ ବସଇଂ । ଯେମନ୍ତେ ଛଅ ବେଦ ଭେଦ ।"

## (ଘ) ବଳରାମଙ୍କ 'ଗ୍ୟାନଚୂଡ଼ାମଣିର' ଗଦ୍ୟ :

"ବ୍ରହ୍ମସେ କୃଷ୍ଣ ସେ । ରାଧିକା ପରମ ଦୂତିକା ଜୀବ । ବଇଂଶି ଅନାହତ ଧ୍ୱନିକ କହିଂ । କଦମ୍ବ ଫେଣ୍ଟାକୁ କହିଂ । କାଳନ୍ଦୀ କାଳକୁ କହିଂ । ସତ୍ତ ଏକ । ଶାନ୍ତ ଦୁଇ । ସମ ତିନ । ଅହିଂସା ଚାରି । ଗ୍ୟାନ ପାଞ୍ଚ । ଦୟା ଛ । କ୍ଷମା ସାତ । ଅମାୟା ଆଠ । ଅକ୍ରୋଧ ନଅ । ନିର୍ଲୋଭ ଦଶ । ଧୀର ଏଗାର । ଧୈର୍ଯ୍ୟ ବାଆର । ଦ୍ୱାଦଶ ବୃନ୍ଦାବନସ୍ୱେ । ଈଶ୍ୱର ଘଟିକା ଷୋଳ କଳା ଷୋଳ ସହସ୍ର ଗୋପୀ । ପାଞ୍ଚମନ ପଚିଶ ପ୍ରକୃତି ।"

ଉପରୋକ୍ତ ଗଦ୍ୟଗୁଡ଼ିକ କୌଣସି ସୃଜନ ଧର୍ମୀ ଗଦ୍ୟ ରଚନାର ପରିଚୟ ଦିଏ ନାହିଁ । ପିଣ୍ଡବ୍ରହ୍ମାଣ୍ଡ ଓ ବ୍ରହ୍ମଜ୍ଞାନ ସମ୍ବନ୍ଧୀୟ ପଦ୍ୟାତ୍ମକ ଜଟିଳ ତତ୍ତ୍ୱକୁ ଗଦ୍ୟରେ ସରଳ ବ୍ୟାଖ୍ୟା କରାଯାଇଅଛି ମାତ୍ର । ଏହି ଗଦ୍ୟଶୈଳୀରେ କ୍ରିୟାପଦର ବ୍ୟବହାର ଅନେକ ସ୍ଥଳରେ ହୋଇ ନଥିବା ଲକ୍ଷ୍ୟ କରାଯାଏ । ଏଥିରେ ଏକ କାବ୍ୟିକ ଛନ୍ଦ ମଧ୍ୟ ପରିଲକ୍ଷିତ ହୁଏ । ବାକ୍ୟଗୁଡ଼ିକ ଛୋଟ ଛୋଟ । ସେଥିରେ କାବ୍ୟର ଯୋଗ ନିତ ବିଦ୍ୟମାନ । ନାଥଧର୍ମ ସମ୍ବନ୍ଧୀୟ 'ପଞ୍ଚତନ୍ତ୍ର'ରେ ମଧ୍ୟ ଏତାଦୃଶ ଗଦ୍ୟଶୈଳୀ ପରିଦୃଷ୍ଟ । ଏହା ଓଡ଼ିଆ ଓ ହିନ୍ଦୀ ଭାଷାରେ ମିଶ୍ରିତ ରଚନା । 'ଗୋରେଖ ବୋଲ'ରେ ମଧ୍ୟ ଅନୁରୂପ ଗଦ୍ୟ ଶୈଳୀ ଦେଖାଯାଏ । ଏତଦ୍ ବ୍ୟତୀତ ଜ୍ୟୋତିଷ ଶାସ୍ତ୍ର, ବୈଦ୍ୟ ଶାସ୍ତ୍ର ଶିଳ୍ପ ଶାସ୍ତ୍ର ଓ ସଂସ୍କୃତ ଗ୍ରନ୍ଥ ଗୁଡ଼ିକର କାରେ ପ୍ରାଚୀନ ଓଡ଼ିଆ ଗଦ୍ୟର ପରିଚୟ ନିହିତ । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ

ଅନେକ ତନ୍ତ୍ରାଶ୍ରୟୀ ଗଦ୍ୟରଚନା ଦେଖିବାକୁ ମିଳିଥାଏ । ଏପରିକି ଅଷ୍ଟାଦଶ ଶତାବ୍ଦୀର ଶେଷ ପାଦରେ ମଧ୍ୟ ଏତାଦୃଶ ତାନ୍ତ୍ରିକାଶ୍ରୟୀ ଗଦ୍ୟ ହାଡ଼ି ଦାସଙ୍କର "କାଳଜ୍ଞାନ" ଗ୍ରନ୍ଥରେ ଦେଖିବାକୁ ମିଳେ । "ସେତେବେ ଘଟଣାମାନଙ୍କୁ କହିବା । ହେ ମନ ସାବଧାନ ହୁଅ । ନାସିକା ଓ ହାଣ ପୁଟାରେ । ସୂର୍ଯ୍ୟ ବହୁଇଂ ଭୋଗାଙ୍ଗରେ । ବହିଲା ବେଳେ ସ୍ନାନକରିବ । ଦ୍ରବ୍ୟ ସ୍ନିଗ୍ଧ ଭୋଜନ କରିବ । ପରଦେଶକୁ ଅନୁକୂଳ କରିବ । ବାମ ପୁଟରେ ଚନ୍ଦ୍ର ବହିବ । ସେ ଯୋଗ ଅଙ୍ଗ । ସେ ବହିଲା ବେଳେ ବାମ ଅଙ୍ଗମ ଓ ନିଦ୍ରାଯିବ । ସେ ଅର୍ଦ୍ଧବେଳେ ସ୍ତ୍ରୀ ପ୍ରସଙ୍ଗ କରିବ । ସୂର୍ଯ୍ୟର ପରେ ଶୃଙ୍ଗାର କରିବ । ସେଥିରେ ପୁତ୍ରଜାତ ହୋଇଂ । × × × × ସେତେବେ ଜାଣିବ ଯେ ଆଗରୁଂ । ଘରେ ନ ଆସେ ପ୍ରାଣକାନ୍ତ । ସେ ସାହା ଘରେ ଚଳାଇଂବ । ସେ ରୂପେକାଳ ନାଶିବ । ଶରୀର ଦୁର୍ବଳ ନୋହିବ । (୨୬) ଏହିଗଦ୍ୟ ଗୁଡ଼ିକ ସ୍ୱତନ୍ତ୍ର ଭାବରେ ରଚିତ ନୁହନ୍ତି ମାତ୍ର କୌଣସି କୌଣସି ପଦ୍ୟାତ୍ମକ ଗ୍ରନ୍ଥର ଅନ୍ତର୍ଭୁକ୍ତ ବ୍ୟାଖ୍ୟାତ୍ମକ ରଚନା । ଜଟିଳ ତତ୍ତ୍ୱର ବ୍ୟାଖ୍ୟା ବିଶ୍ଳେଷଣ ପାଇଁ ତଥା ଆଦେଶ ପ୍ରଚାର ପାଇଁ ଏତାଦୃଶ ରଚନା କରାଯାଉଥିବା ଜଣାପଡ଼େ । ତେବେ ଓଡ଼ିଆ ଗଦ୍ୟ ସାହିତ୍ୟରବିପୁଳସମ୍ଭାର ନିକଟରେ ଏଗୁଡ଼ିକ ଏକାନ୍ତ ନିଷ୍ପ୍ରଭ ମନେହୁଏ ।

## ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଧର୍ମାନୁଯାୟୀ ସୃଜନଧର୍ମୀ ଗଦ୍ୟ ରଚନା :

ପ୍ରାଚୀନ ଓଡ଼ିଆ ସାହିତ୍ୟ ମୁଖ୍ୟତଃ ପଦ୍ୟବହୁଳ । ତଥାପି ସମୟେ ସମୟେ ସୃଜନଧର୍ମୀ ଗଦ୍ୟାତ୍ମକ ରଚନା ଏହି ସମୟରେ ଦେଖିବାକୁ ମିଳିଥାଏ । ତତ୍କାଳୀନ ଧର୍ମଧାରା ଓ ଆଧ୍ୟାତ୍ମିକ ଭାବ ଭାବନାକୁ ନେଇ ଯେପରି ପଦ୍ୟ ସାହିତ୍ୟ ସୃଷ୍ଟି କରାଯାଉଥିଲା ସେହିପରି ମଧ୍ୟ ଗଦ୍ୟଗ୍ରନ୍ଥ ରଚନା କରାଯାଉଥିଲା । ସେ ଯୁଗର ପ୍ରାପ୍ୟ ସମସ୍ତ ଗଦ୍ୟ ଗ୍ରନ୍ଥ ଗୁଡ଼ିକ କୌଣସି ନା କୌଣସି ଧର୍ମ ଭାବକୁ ନେଇ ପ୍ରତିଷ୍ଠା ଅର୍ଜନ କରିଥିଲା । ଓଷା ଓ ବ୍ରତକଥା ଗୁଡ଼ିକ ଏହାର ପ୍ରମାଣ ଦେଇଥାଏ ।

---

୨୬—ଡ଼ଃ ରତ୍ନାକର ସାହୁ—ଓଡ଼ିଶାର ଧର୍ମ ଓ ସାହିତ୍ୟକୁ ହାଡ଼ି ଦାସଙ୍କ ଦାନ ପୃ—୧୦୯

ଏହାର ଗଦ୍ୟଶୈଳୀ ଅପେକ୍ଷାକୃତ ମାର୍ଜିତ ଓ ସାବଲୀଳ । ଏଥିରେ ସାହିତ୍ୟିକ କଳ୍ପନା ବିଳାସର ପରିଚୟ ମିଳେ । କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମଧାରାକୁ ସମାଜରେ ପ୍ରତିଷ୍ଠା କରିବା ଲାଗି ଗ୍ରନ୍ଥକାର ଏଥିରେ ଉଦ୍ୟମ କରିଥାନ୍ତି । **ସୋମନାଥ ବ୍ରତକଥା, ରୁଦ୍ରସୁଧାନିଧି, କାର୍ତ୍ତିକ ଗୁରୁବାରକଥା, ଚୈତେରୀଲୀଳା**' ଆଦି ଗ୍ରନ୍ଥଗୁଡ଼ିକୁ ଏହି ଦୃଷ୍ଟିରୁ ବିଚାର କରାଯାଇପାରେ ।

ସାରଳାଦାସଙ୍କ ପୂର୍ବରୁ ଓଡ଼ିଶାରେ ଶୈବ ଧର୍ମର ପ୍ରଭାବ ଓ ପ୍ରସାର ଥିଲା । ବିଶେଷତଃ ଗଙ୍ଗବଂଶ ବଂଶରେ ଏହି ଧର୍ମ ପ୍ରସିଦ୍ଧି ଲାଭ କରିଥିଲା । ସାରଳାଦାସଙ୍କ ସମୟରେ ବା ପରେ ଯେ ଏହି ଧର୍ମର ପ୍ରଭାବ ନଥିଲା; ଏପରି ନୁହେଁ । ଶୈବ ଧର୍ମ ଓ ଶିବ ମାହାତ୍ମ୍ୟକୁ ନେଇ ଓଡ଼ିଆ ଭାଷାରେ କେତୋଟି ଗଦ୍ୟ ଗ୍ରନ୍ଥ ରଚନା କରାଯାଇଅଛି । '**ସୋମନାଥ-ବ୍ରତ କଥା**' ସେଥି ମଧ୍ୟରୁ ଅନ୍ୟତମ ଗ୍ରନ୍ଥ । ଏହି ଗ୍ରନ୍ଥର ଲେଖକର ନାମ ନାହିଁ । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଓ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି 'ସୋମନାଥ ବ୍ରତ କଥା'ର ଯେଉଁ ଦୁଇଟି ସଂକଳନ କରିଅଛନ୍ତି ସେଥିରେ ଲେଖକଙ୍କର ନାମ ନଥିଲା ବେଳେ ବ୍ରହ୍ମପୁରରୁ ପ୍ରକାଶିତ ଏକ "ସୋମନାଥବ୍ରତ କଥା"ର ଶେଷରେ ଲେଖକଙ୍କର ନାମ "ଅଧମ ଶ୍ୟାମ" ବୋଲି ଉଲ୍ଲିଖ ଅଛି । (୨୬)

ସୋମନାଥ ବ୍ରତ କଥା'ର ଗଦ୍ୟ ଶୈଳୀକୁ ପରୀକ୍ଷା କରି ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି କହନ୍ତି—"The writer has not mentioned his name in this Vrata·There are many Vratas ( Vowed observances ) in oriya prose of which this is in my opinion the oldest. It belongs either to the 15th or 16th century." (୨୭) ସୋମନାଥ ବ୍ରତ କଥାର

୨୬—ସୋମନାଥ ବ୍ରତ କଥା—ପ୍ରକାଶକ-ବାଣୀଭଣ୍ଡାର-ବ୍ରହ୍ମପୁର
"ଅଧମ ଶ୍ୟାମକୁ କୃପାକର ସୋମନାଥ ଇତି ସୋମନାଥ କଥା ସମାପ୍ତ" ।

୨୭—ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ Introduction-P-8

ଅଧ୍ୟାତ୍ମିକ ଆବେଦନ ଦୃଷ୍ଟିରୁ ଏହାକୁ ପଞ୍ଚଦଶ ଶତାବ୍ଦୀର ରଚନା ବୋଲି ମନେ କରାଗଲେ ମଧ୍ୟ ଏହାର ଗଦ୍ୟଶୈଳୀ ଦୃଷ୍ଟିରୁ ଏହାକୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ରଚନା ବୋଲି କହିବା ଯୁକ୍ତି ଯୁକ୍ତ ମନେହୁଏ । ଡକ୍ଟର ଜାନକୀ ବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ ତଥା ଅଧିନ ଶ୍ୟାମଙ୍କ ଦ୍ୱାରା ରଚିତ ସୋମନାଥ ବ୍ରତକଥାର ଭାଷା ଓ ଶୈଳୀ ଅପେକ୍ଷାକୃତ ଆଧୁନିକ ମାତ୍ର ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶରେ ସଂକଳିତ ସୋମନାଥବ୍ରତ କଥାର ଗଦ୍ୟଶୈଳୀ ଅପେକ୍ଷାକୃତ ପ୍ରାଚୀନପରି ଜଣାଯାଏ । ଏଥିରୁ ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଯାଉଛି,—

"ପରମେଶ୍ୱର କହନ୍ତି, ଦେବୀ ଶୁଣନ୍ତି । ଶୁଣ ଦେବୀ ପାର୍ବତୀ, ମାଳବବୋଲି ଦେଶ, ତହିଁ ପାଟଳ ବୋଲି ନଗ୍ର, ତହିଁ ବୀର ବସନ୍ତମାଦିତ ବୋଲି ରଜା, ସେ ରଜା ମାହାପ୍ରତାପୀ, ସେ କଟକର ଅନେକ ମହିମା । ଘରେ ଘରେ ସୁବର୍ଣ୍ଣ କଳସ ବସାନ୍ତି । ଧବଳ ମନ୍ଦିରପୁର, ଅତି ସୁନ୍ଦର । ସୁବର୍ଣ୍ଣ କଳସ ଉପରେ ନେତ ପତାକା ଉଡନ୍ତି । ଚଉରାଶି ହାଟ ବସାନ୍ତି । ମେଡ଼, ମଣ୍ଡପ, ଅଟାଳି, ଦେଉଳ, ଜଗତି, କୂପ, ପୁଷ୍କରଣୀ, ଅଭକଲ୍ପ ଲୋକେ ବସନ୍ତି । ହସ୍ତୀଙ୍କର ଘଣ୍ଟାରବ, ଘୋଡାଙ୍କର ଖିର ଖିରା ରବ, ପଦାତିଙ୍କର ମୁଖ ରବ । ଚତୁରଙ୍ଗବଳ । ନବକୋଟି ଭଣ୍ଡାର । ଅନେକ-ରାଜାମାନେ ସେ ରଜାଙ୍କୁ ଖଟନ୍ତି ।" (୨୯)

ଏହି ଗଦ୍ୟଶୈଳୀ ପରିମାର୍ଜିତ । ଏଥିରୁ ବିଶେଷ ପ୍ରାଚୀନତାର ପ୍ରମାଣ ମିଳେ ନାହିଁ । ତଥାପି ଏହି ରଚନାରେ ରଖିବାକ, ଦେଖିମାକ, କହିବାକ, ବୋଇଲେକ, ହୋଇଲେକ ଆଦି ପ୍ରାଚୀନ ଶବ୍ଦ ପ୍ରୟୋଗ ହୋଇଥିବା ଦେଖିବାକୁ ମିଳେ । କ୍ରିୟା ଓ ବିଭକ୍ତି ପ୍ରୟୋଗରେ ମଧ୍ୟ ପ୍ରାଚୀନତା ଲକ୍ଷଣୀୟ । ଶିବମାହାତ୍ମ୍ୟ ପ୍ରଚାର ଏହାର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତିଙ୍କ ସଂପାଦିତ ସୋମନାଥ ବ୍ରତକଥାର ଗଦ୍ୟଶୈଳୀ ଆହୁରି ଅର୍ବାଚୀନ ପରି ମନେହୁଏ ।

---

୨୯—ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ-ସୋମନାଥ ବ୍ରତ କଥା-ସଂପାଦନା
ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି-ପୃ୪୯,୫୦

" ମାଳବବୋଲି ଏକ ଦେଶ ଥିଲା । ସେହି ଦେଶରେ ପାଟଲୀ ନଗରର ରଜାଙ୍କ ନାମ ବୀର ବିକ୍ରମ ଅଟେ । ସେ ରଜା ବଡ଼ ପ୍ରତାପୀ । ତାଙ୍କ ଘରେ ଘରେ ସୁବର୍ଣ୍ଣ କଳସ ସ୍ଥାପିତ ଏବଂ ଧବଳମୟ ହେତୁ ବଡ଼ ସୁନ୍ଦରମୟ ଓ ନବରମାନ ନେତପତାକା ଦ୍ୱାରା ଅତ୍ୟନ୍ତ ସୁଶୋଭିତ ଦେଖାଯାଅନ୍ତି " (୩୦)

ପୁଣି ଅଧମ ଶାମନାରେ ଭଣିତ ହୋଇଥିବା ଓ ବ୍ରହ୍ମପୁରର ବାଣୀଭଣ୍ଡାରରୁ ପ୍ରକାଶିତ ହୋଇଥିବା "ସୋମନାଥ ବ୍ରତ କଥା"ର ଶୈଳୀ ଆହୁରି ଅର୍ବାଚୀନ ।

"ପୂର୍ବ କାଳରେ ମାଳବ ଦେଶର ବୀର ବିକ୍ରମ ପାଟଳି ବୋଲି ଜଣେ ରଜାଥାନ୍ତି । ସେହି ରଜ୍ୟକୁ ଆମ୍ଭର ଷଠିଏ ଜଣ କପୋଖ ଗଲେ । ସେହି ରଜ୍ୟର ଲୋକମାନେ ସୋମନାଥ ବ୍ରତ କରୁଅଛନ୍ତି । କପୋଖମାନେ ସେ ନଗର ଦେଖି ବଡ଼ ସନ୍ତୋଷ ହେଲେ । କପୋଖମାନେ ରଜ ସିଂହଦ୍ୱାରରେ ପ୍ରବେଶ ହେଲେ । ଦ୍ୱାରପାଳକୁ କହିଲେ ଆମ୍ଭେ ଯାଇ ରଜାଙ୍କୁ ଭେଟିବୁ ।" (୩୧

ଏହି ଶୈଳୀ ଆଧୁନିକ ଜଣାଯାଏ । କେହି ବଂଶ୍ଚ ମୂଳ ସୋମନାଥ ବ୍ରତ କଥାକୁ ବଦଳାଇ ଲେଖିଦେଇଥିବା ଅସମ୍ଭବ ନୁହେଁ । ପୁନଶ୍ଚ ଏଥିରେ ମଧ୍ୟ କଥାଭାଗରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ । ଶିବଉପାସନା ଓ ଶୈବ ଧର୍ମ ପ୍ରସାର ଏହି ଗ୍ରନ୍ଥର ଏକମାତ୍ର ଲକ୍ଷ୍ୟ ।

ସୋମନାଥ ବ୍ରତ କଥା' ପରେ 'ରୁଦ୍ରସୁଧାନିଧି' ମଧ୍ୟ ଶୈବଧର୍ମ ପ୍ରସାର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । କେହି କେହି ଏହିଗ୍ରନ୍ଥକୁ ସାରଳାଦାସଙ୍କ ପୂର୍ବବର୍ତ୍ତୀ ରଚନା ବୋଲି କହିଥାନ୍ତି । ଅନ୍ୟ କେହି

---

୩୦—ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି—ସୋମନାଥବ୍ରତ କଥା-ପୃ

୩୧—ସୋମନାଥବ୍ରତ କଥା—ପୃ୭ ବାଣୀଭଣ୍ଡାର—ବ୍ରହ୍ମପୁର

ଏହାକୁ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀର ରଚନା ବୋଲି ମତ ଦେଇ ଥାନ୍ତି । ଡ଼ଃ ଆର୍ତ୍ତବଲ୍ଲଭ ମହାନ୍ତି ରୁଦ୍ରସୁଧାନିଧିର ଭାଷା ଓ ଶୈଳୀକୁ ବିଚାର କରି ଏହାକୁ ସପ୍ତଦଶ ଶତାବ୍ଦୀ ବା ସପ୍ତଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ରଚନା ବୋଲି କହିଅଛନ୍ତି । (୩୨) ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ରୁଦ୍ରସୁଧାନିଧିର ଲେଖକଙ୍କୁ ସାରଳା ଦାସଙ୍କ ପୂର୍ବବର୍ତ୍ତୀ ବୋଲି ଗ୍ରହଣ କରି ରୁଦ୍ରସୁଧାନିଧିର ରଚନା କାଳ ପଞ୍ଚଦଶ ଶତାବ୍ଦୀର ଆଦ୍ୟଭାଗ ବା ତତପୂର୍ବବର୍ତ୍ତୀ ବୋଲି ମତ ଦେଇଛନ୍ତି । (୩୩) ଡକ୍ଟର ମାୟାଧର ମାନସିଂହ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କୁ ସାରଳା ଦାସଙ୍କ ପୂର୍ବବର୍ତ୍ତୀ ବୋଲି(୩୪)କହିଥିଲା ବେଳେ ସୁରେନ୍ଦ୍ର ମହାନ୍ତି ତାଙ୍କୁ ସାରଳା ଦାସଙ୍କ ପରବର୍ତ୍ତୀ କାଳୀନଲେଖକବୋଲି ମତଦେଇଅଛନ୍ତି । (୩୫) ଡକ୍ଟର ବଂଶୀଧର ମହାନ୍ତି ନାରାୟଣାନନ୍ଦଙ୍କୁ ପଞ୍ଚଦଶ ଶତାବ୍ଦୀର ବ୍ୟକ୍ତି ଭାବରେ ଗ୍ରହଣକରିଥିବା ବେଳେ (୩୬) ଡକ୍ଟର କୃଷ୍ଣଚରଣ ବେହେରା ତାଙ୍କୁ ସାରଳାଙ୍କ ସମସାମୟିକ ବା ସାରଳାଙ୍କ କିଂଚିତ ପୂର୍ବବର୍ତ୍ତୀ ସମୟର ଲେଖକ ରୂପେ ମତ ଦେଇଅଛନ୍ତି । (୩୭) ସତ୍ୟ ନାରାୟଣ ରାଜଗୁରୁ ତାଙ୍କୁ ଦ୍ୱାଦଶ ଶତାବ୍ଦୀର ଶେଷଭାଗ ବା ତ୍ରୟୋଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅବସ୍ଥାପିତ କରିଅଛନ୍ତି । (୩୮) ମୋଟ ଉପରେ ରୁଦ୍ରସୁଧାନିଧି ଗ୍ରନ୍ଥକୁ ବିଭିନ୍ନ ଆଲୋଚକଗଣ ଦ୍ୱାଦଶ—ତ୍ରୟୋଦଶ ଶତାବ୍ଦୀଠାରୁ ଆରମ୍ଭ କରି ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ସୀମା

---

୩୨—ଡ଼ାଃ ଅର୍ତ୍ତବଲ୍ଲଭ ମହାନ୍ତି—ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ- ମୁଖବନ୍ଧ ପୃ ୯

୩୩—ଓଡ଼ିଆ ସାହିତ୍ୟର ଇତିହାସ—୧ମଭାଗ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ପୃ ୨୭୫

୩୪—ଡକ୍ଟର ମାୟାଧର ମାନସିଂହ — History of Oriya literature.P,35

୩୫—ସୁରେନ୍ଦ୍ର ମହାନ୍ତି—ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ ୯୮

୩୬—ଡକ୍ଟର ବଂଶୀଧର ମହାନ୍ତି—ଓଡ଼ିଆ ସାହିତ୍ୟର ଇତିହାସ ୧ମଭାଗ ପୃ ୨୬୮

୩୭—ଡକ୍ଟର କୃଷ୍ଣଚରଣ ବେହେରା—ଓଡ଼ିଆ ଉପନ୍ୟାସ—ପୃ ୭୮

୩୮— ସତ୍ୟ ନାରାୟଣ ରାଜଗୁରୁ— କୋଣାର୍କ ୭ମବର୍ଷ ସଂଖ୍ୟା ପୃ ୫୭

ମଧ୍ୟରେ ରଚିତ ବୋଲି ମତ ଦେଇଅଛନ୍ତି । ଏପର୍ଯ୍ୟନ୍ତ ଏହି ଗ୍ରନ୍ଥ ସମ୍ପର୍କରେ ଏକ ନିଶ୍ଚିତ ସିଦ୍ଧାନ୍ତ ମିଳିନାହିଁ । ଏହି ଗ୍ରନ୍ଥରେ ବର୍ଣ୍ଣିତ ଶୈବ ଧର୍ମକୁ ଦୃଷ୍ଟିରଖି ନେଇ ଆଲୋଚକମାନେ ଏହାକୁ ସାରଳାଦାସଙ୍କ ପୂର୍ବବର୍ତ୍ତୀ ବା ସାରଳା ଦାସଙ୍କ ପରବର୍ତ୍ତୀ ପଞ୍ଚଦଶ ଶତାବ୍ଦୀର ରଚନା ବୋଲି କହି ଅଛନ୍ତି ମାତ୍ର ଏହି ଗ୍ରନ୍ଥରେ ବୈଷ୍ଣବ ଧର୍ମ ଓ ଜଗନ୍ନାଥ ଚେତନାକୁ ଯେପରି ବର୍ଣ୍ଣନା କରାଯାଇଅଛି ଏବଂ ଏଥିରେ ନାମ ମାହାତ୍ମ୍ୟର ପ୍ରଖ୍ୟାପନ ଯେପରି କରାଯାଇଅଛି ଓ ଏହାର ଭାଷା ଏବଂ ଶୈଳୀ ଯେପରି ମାର୍ଜିତ ସେଥିରୁ ଏହାକୁ ପଞ୍ଚଦଶ ଶତାବ୍ଦୀର ରଚନା କହିବା ସମୀଚୀନ ହେଉନାହିଁ । ପୁନଶ୍ଚ ଏହି ଗ୍ରନ୍ଥରେ ଯେପରି ଭାବରେ ନାୟକ ନାୟିକା-ଙ୍କର ପୂର୍ବଜନ୍ମ—ଜନ୍ମ-ଯୌବନ ଇତ୍ୟାଦିର ବର୍ଣ୍ଣନା କରାଯାଇଅଛି ଓ ନାୟିକାର ରୂପ ବର୍ଣ୍ଣନା କରାଯାଇଅଛି ଏବଂ ସର୍ବୋପରି ଏଥିରେ ଯେପରି ଅନୁପ୍ରାସ, ଉପମା, ଉତ୍ପ୍ରେକ୍ଷା, ରୂପକ ଆଦି ଅଳଂକାର ଗୁଡ଼ିକର ବ୍ୟବହାର ହୋଇଅଛି ସେଥିରୁ ଏହାକୁ ସପ୍ତଦଶ ଶତାବ୍ଦୀର କିଞ୍ଚିତ ପୂର୍ବବର୍ତ୍ତୀ ରଚନା ବୋଲି ଅନୁମାନ କରାଯାଇପାରେ । ଡକ୍ଟର କୃଷ୍ଣଚରଣ ସାହୁ ଏହାକୁ ଖ୍ରୀ. ଅ. ୧୪୭୩ ରୁ ଖ୍ରୀ. ଅ. ୧୫୫୦ ମଧ୍ୟରେ ରଚିତ ହୋଇଥିଲା ବୋଲି ପ୍ରଥମେ ଅନୁମାନ କରିଅଛନ୍ତି । (୩୯) ମାତ୍ର ଶ୍ରୀ କେଦାର ନାଥ ମହାପାତ୍ର ବିଭିନ୍ନ ପରୀକ୍ଷା କରି ଏହି ଗ୍ରନ୍ଥକୁ ଖ୍ରୀ.ଅ. ୧୫୦୯ରୁ ଖ୍ରୀ. ଅ ୧୫୨୬ ମଧ୍ୟରେ ରଚିତ ହୋଇଥିଲା ବୋଲି ମତ ଦେଇଛନ୍ତି । (୪୦) ଏହା ପରେ ଡକ୍ଟର ସାହୁ ପୁନର୍ବାର ତାଙ୍କର ପୂର୍ବମତକୁ ସଂଶୋଧନ କରି ଏହି ଗ୍ରନ୍ଥକୁ ୧୫୧୭ ପରେ ଓ ୧୫୨୬ ପୂର୍ବରୁ ରଚିତ ହୋଇଥିଲା ବୋଲି କହିଅଛନ୍ତି । (୪୧)

ରୁଦ୍ରସୁଧାନିଧି ଗଦ୍ୟ ଶୈଳୀରେ କଥା ଗ୍ରନ୍ଥ ରଚନା କରିବାର ପ୍ରଥମ ସଚେତନ ପ୍ରୟାସ । (୪୨) ଏହା ମଧ୍ୟ ଯୁଗୀୟ ଓଡ଼ିଆ ଶ୍ରେଷ୍ଠ କାବ୍ୟର

---

୩୯— ଡକଟର କୃଷ୍ଣ ଚରଣ ସାହୁ— ପ୍ରାଚୀନ ସାହିତ୍ୟ— ପୃ ୫୬
୪୦— ଶ୍ରୀ କେଦାର ନାଥ ମହାପାତ୍ର—ନବରବି ୩ୟ ବର୍ଷ ୧୦ମ ସଂଖ୍ୟା ୧୯୭୩
୪୧— ଡକଟର କୃଷ୍ଣଚରଣ ସାହୁ—ରୁଦ୍ରସୁଧାନିଧି ସଂପାଦନା ଓ ଆଲୋଚନା ପୃ ୩୯
୪୨— ଡକଟର କୃଷ୍ଣଚରଣ ବେହେରା—ଓଡ଼ିଆ ଉପନ୍ୟାସ—ପୃ ୭୪

ଯଥାର୍ଥ ମୁଖବନ୍ଧ । ନାଗଭୂଷଣନନ୍ଦଙ୍କର ପାଣ୍ଡିତ୍ୟ, ବହୁ ଶାସ୍ତ୍ର ଦର୍ଶିତା ଯୋଗଜ୍ଞାନ ଓ ସର୍ବଧର୍ମ ସମନ୍ୱୟର ପରିଚୟ ଏଥିରୁ ଦେଖିବାକୁ ମିଳେ । ବାଣ ଭଟ୍ଟଙ୍କର ସଂସ୍କୃତ ଗ୍ରନ୍ଥ 'କାଦମ୍ବରୀ' ଓ ଦଣ୍ଡୀଙ୍କର 'ଦଶ କୁମାର ଚରିତ'ର ଗଦ୍ୟଶୈଳୀର ଆଦର୍ଶ ରୁଦ୍ର ସୁଧାନିଧିରେ ଅନୁସୃତ । ଏଥିରେ ଚରିତ୍ର ଚିତ୍ରଣର ମନୋଜ୍ଞତା ସହିତ ପ୍ରକୃତି ଚିତ୍ରଣର କମନୀୟତା, ଧର୍ମ, ଦର୍ଶନ, ଯୋଗ, ତନ୍ତ୍ର, ଯୋଗର ଜଟିଳ ପ୍ରଣାଳୀ, ଅଷ୍ଟାଙ୍ଗ ଯୋଗର ବିସ୍ତୃତ ବିବରଣ, ବନ୍ଧନ, ଆସନ, ମୁଦ୍ରା, ବଂଧ, ଶରୀର ସ୍ଥିତ ଚକ୍ର, ନାଡ଼ୀ, ବ୍ରହ୍ମଦର୍ଶନ ସମ୍ବନ୍ଧୀୟ ତତ୍ତ୍ୱ, ଜୀବାତ୍ମା ପରମାତ୍ମାର ସଂବନ୍ଧ ଆଦି ବର୍ଣ୍ଣିତ ହୋଇ ଗ୍ରନ୍ଥର ଗାମ୍ଭୀର୍ଯ୍ୟକୁ ବୃଦ୍ଧି କରିବା ସଂଗେ ସଂଗେ ଲେଖକଙ୍କର ପାଣ୍ଡିତ୍ୟକୁ ସ୍ପଷ୍ଟ କରି ଦେଇଥାଏ ।

'ରୁଦ୍ରସୁଧାନିଧି' ଏକ ସୃଜନଧର୍ମୀ ଗଦ୍ୟଗ୍ରନ୍ଥ । ମଧ୍ୟ ଯୁଗୀୟ ଓଡ଼ିଆ ଗଦ୍ୟ ସାହିତ୍ୟର ନବ ବିକାଶରେ ଏହା ଏକ ଉଲ୍ଲେଖଯୋଗ୍ୟ କୃତି । ଏଥିରେ ସଂସ୍କୃତର ଉତ୍କଳିକା (ଦୀର୍ଘ ସମାସଯୁକ୍ତ), ମୁକ୍ତକ (ସମାସ ରହିତ), ଚୂର୍ଣ୍ଣକ (ଅଳ୍ପ ସମାସ ଯୁକ୍ତ) ଓ ବୃତ୍ତଗନ୍ଧି (ପଦ୍ୟସଦୃଶ) ଗଦ୍ୟ ଶୈଳୀର ବ୍ୟବହାର କରାଯାଇଅଛି । ଏହି ଗ୍ରନ୍ଥର ଗଦ୍ୟ ଶୈଳୀର ବୈଶିଷ୍ଟ୍ୟ ହେଉଛି ପଂକ୍ତି ମଝିରେ ଅର୍ଦ୍ଧଯତି ରଖି ଏବଂ ଶେଷରେ ଯତି-ପାତ କରାଇ ପଦ୍ୟସଦୃଶ କରାଇବା । ତେଣୁ ଏହାକୁ ଡକ୍ଟର କରୁଣାକର କର "ଅଭୂତପୂର୍ବ ଅତୁଳନୀୟ ଗଦ୍ୟ କାବ୍ୟ"(୪୩) କହିଥିଲାବେଳେ ପ୍ରଫେସର ପ୍ରହ୍ଲାଦ ପ୍ରଧାନ ଏହାକୁ ଦାଣ୍ଡୀ ବୃତ୍ତର ପଦ୍ୟ ରଚନା ବୋଲି ମତ ଦେଇଅଛନ୍ତି । (୪୪)ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶରେ କହନ୍ତି—"The work is neither poetry nor prose but a happy blend of both."(୪୫)ପ୍ରକୃତରେ ରୁଦ୍ର

---

୪୩—ଡକ୍ଟର କରୁଣାକର—'ରୁଦ୍ରସୁଧାନିଧି'—ମୁଖବନ୍ଧ ପୃଷ୍ଠା ୭

୪୪— ଶ୍ରୀପ୍ରହ୍ଲାଦ ପ୍ରଧାନ— 'ରୁଦ୍ରସୁଧାନିଧି'—ଝଙ୍କାର—ମିଥୁନ ୧୩୬୦
ପୃ ୨୩୫-୪୪

୪୫—ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି— ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ—ପୃ ୮

ସୁଧାନିଧି ଶ୍ରବଣ ସୁଖଦାୟୀ ଆବୃତ୍ତିଧର୍ମୀଗଦ୍ୟ । ଏଥିରେ ପଦ୍ୟର ପ୍ରଭାବ ଅଛି ସତମାତ୍ର ଏହା ପଦ୍ୟ ନୁହେଁ ବା ଗଦ୍ୟ ଓ ପଦ୍ୟର ମିଶ୍ରିତ ରଚନା ନୁହେଁ ବରଂ ସମସ୍ତ ପ୍ରକାର ରଚନାର ଏହାସମାହାର ହୋଇଥିବାରୁ ଏହାକୁ 'ବେଣୀ' ରଚନା କହିବା ଅଧିକ ସମୀଚୀନ । ସଂସ୍କୃତ ଗଦ୍ୟର ଲକ୍ଷଣକୁ ଅନୁସରଣ କରିଥିଲେହେଁ ଏହା ଉକ୍ତ ଗ୍ରନ୍ଥର ଆଦର୍ଶ ନୁହେଁ । ଏଥିରେ ନାରାୟଣାନନ୍ଦ ବହୁ ନୂତନ ମୌଳିକ ଶୈଳୀର ପ୍ରୟୋଗ କରି ଅଛନ୍ତି । ବାକ୍ୟ ଆରମ୍ଭରେ, ମଝିରେ ଓ ଶେଷରେ ଯତିପାତ ଥିଲେହେଁ ଏହାର ଛନ୍ଦ ଗଦ୍ୟର; ପଦ୍ୟର ନୁହେଁ । କଥା ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା ଓ ଚରିତ୍ରବର୍ଣ୍ଣନା ମଧ୍ୟ ଦେଇ ଲେଖକ କୌତୂହଳ ସୃଷ୍ଟି କରିଅଛନ୍ତି ଏବଂ ବର୍ଣ୍ଣନାରେ ସୌନ୍ଦର୍ଯ୍ୟ ଓ ଚାତୁର୍ଯ୍ୟ ସୃଷ୍ଟି କରିବାପାଇଁ ଉପମାବାଚକ ଶବ୍ଦର ବହୁଳ ବ୍ୟବହାର କରିଅଛନ୍ତି । 'ରୁଦ୍ରସୁଧାନିଧି' ଗ୍ରନ୍ଥରୁ ନିମ୍ନରେ କେତୋଟି ଉଦାହରଣ ଦିଆଯାଉଅଛି ।

(କ) ଆହା ବାବୁ କନ୍ୟା ସେ ।
ଯେ ଜଗତ ମୋହିଲା ।
ପୃଥିବୀ ଶୋଭିଲା ।
ପ୍ରାଣୀ ମାନଙ୍କର ଧୈର୍ଯ୍ୟ ଉଡ଼ିଲା ।
ଅନଙ୍ଗ ଅମୃତନିଧିକି ଆସି କପିଳାସ କନ୍ଦର ଯାକେ ବେଢିଲା ।
ତାହାର ଧନ୍ୟ ଧନ୍ୟ ।
କି ଭୂମିଗତ ସ୍ଥିତ ।
କି ମନ୍ମଥରାଜାର କୋଦଣ୍ଡ
କି ବିଜୁଳିର କାନ୍ତି ?
କି ବ୍ରହ୍ମାଦି ଦେବଙ୍କୁ ମୋହିନୀ ଫାଶୀ ?
କି ବିଧି ନିର୍ମାଣ କଲା ଲାବଣ୍ୟ ରାଶି ?
କି ଅନଙ୍ଗ ଅମୀୟ ପୂର୍ଣ୍ଣ କଳସୀ ?

କି ଯୋଗୀଜନ ମନମୀନ ବଡ଼ିଶୀ ?

କି କାମିନୀ କୁଳ କମଳ ବିଳାସୀ ?

କି ମନସିଜ ମନସ ବନଶଶୀ ?

(୯) ପଞ୍ଚଶର ଯୁଦ୍ଧେ କାମଦେବ ସଙ୍ଗତେ ବସନ୍ତ ଆଇଲା ।
ମିତ୍ରକୁ ସପକ୍ଷ ହୋଇବାକୁ କରି ଆକାଶେ ନିର୍ମଳ ହୋଇ ଚନ୍ଦ୍ରମା ଉଇଁଲା ।

ତ ମଧୁଯାମିନୀ ହୋଇଲା ।

ମଳୟ ମନ୍ଦ ମନ୍ଦ ହୋଇ ବହିଲା ।

ଯୁବାଜନମାନଙ୍କର ମନକୁ ପୁନଃ ପୁନଃ କରି ଦହିଲା ।

ତ ସେ ମନସିଜ ଦର୍ଶନେ, ରମ୍ୟ ଅବସରେ, ସମସ୍ତ ଜନ୍ତୁମାନଙ୍କୁ ବାଧା ଲାଗିଲା ।

ସେ ସଙ୍ଗେ ବିହରନ୍ତା ବିଦ୍ୟାଧରୀମାନଙ୍କର ଲୋଭନୀୟମାନ ତାହାଙ୍କ ଇଚ୍ଛାଏ ବଳିଲା ।

ଶୁଷ୍କପାଦପ ମାନେ କଅଁଳିଲେ ।

ପଲ୍ଲବ ହୋଇଲେ ।

ମହାଗଜମାନଙ୍କର ହସ୍ତ ଚାଳନ ଅଯୋଗ୍ୟ ହସ୍ତିନୀମାନେ ସହିଲେ ।

ଦିବ୍ୟାଙ୍ଗନାମାନଙ୍କର ସ୍ତନ ବସନରେ ମଳୟ ପବନମାନେ ଶରଣ ପଶିଲେ ।

ନାଣ୍ଡସୁତାନନ୍ଦ 'ରୁଦ୍ରସୁଧାନିଧି' ଗ୍ରନ୍ଥରେ ସର୍ବତ୍ର ପ୍ରାୟ ଆବୃତ୍ତି ଧର୍ମୀ ଶ୍ରବଣ ସୁଖଦାୟୀ ପଦ୍ୟଧର୍ମୀ ଗଦ୍ୟଶୈଳୀକୁ ବ୍ୟବହାର କରିଅଛନ୍ତି ଓ ବର୍ଣ୍ଣନାର ସୌକର୍ଯ୍ୟପାଇଁ ଉପମାଦି ଅଳଙ୍କାର ଉପରେ ପ୍ରାଧାନ୍ୟ ଦେଇଅଛନ୍ତି । ତତ୍ସମ,ତଦ୍‌ଭବ ଓ ଦେଶ ପ୍ରଚଳିତ ଭାଷାକୁ ସେ ମନୋଜ୍ଞ ଭାବରେ ବ୍ୟବହାର କରିଅଛନ୍ତି ଏବଂ କ୍ରିୟାପଦର ବିଭିନ୍ନ

ଅଳଙ୍କାର ମଧ୍ୟ ପ୍ରୟୋଗ କରିଅଛନ୍ତି । ସଂସ୍କୃତ କଥା କାବ୍ୟର ବକ୍ର ଓ ଅବକ୍ର ଛନ୍ଦର ପ୍ରୟୋଗ ସଙ୍ଗେ ସଙ୍ଗେ ଅନେକସ୍ଥ ଶୃଙ୍ଖଳା ଅଳଙ୍କାରଭଙ୍ଗୀ ବାକ୍ୟଗଠନ କରି କାବ୍ୟର ସୌନ୍ଦର୍ଯ୍ୟସୃଷ୍ଟି କରିଅଛନ୍ତି । ତାଙ୍କର ରଚନାଶୈଳୀ ଏକ ନିର୍ଦ୍ଦିଷ୍ଟ ଶୈଳୀର ପରିଚାୟକ ନୁହେଁ । କଥା କହିବାର ବିଭିନ୍ନ ଶୈଳୀ ଏଥିରେ ଅନୁସୃତ । ଏ ଗ୍ରନ୍ଥର ଚମ୍ପୂରୁ ଉଦ୍ଧୃତ ଓଡ଼ିଆ ଗଦ୍ୟ ଅଳ୍ପ ସାହିତ୍ୟ ମୂଲ୍ୟ ରହିତ ମାତ୍ର ଗଦ୍ୟ ଭାଷାର କ୍ରମ ଅଭ୍ୟୁଦୟ ପର୍ଯ୍ୟାଲୋଚନାପାଇଁ ସେଗୁଡିକ ଉପଯୋଗୀ । ଡକ୍ଟର ନଟବର ସାମନ୍ତରାୟ ଏ ସମ୍ପର୍କରେ କହନ୍ତି—"ସାହିତ୍ୟ-ମୂଲ୍ୟବୋଧ—ରହିତ ଏହି ସ୍ୱଳ୍ପ ପରିମିତ ଗଦ୍ୟଭାଷା ମଧ୍ୟରେ 'ରୁଦ୍ରସୁଧାନିଧି'ହିଁ ଯଥାର୍ଥତଃ ଆଦ୍ୟଗଦ୍ୟ—ସାହିତ୍ୟ । ପୁରାଣ ଓ ଧର୍ମ—ସାହିତ୍ୟର ପଦ୍ୟ—ପ୍ରାଚୁର୍ଯ୍ୟ ମଧ୍ୟରେ ବିକଶିତ ଏହି ପ୍ରଥମଗଦ୍ୟ ସାହିତ୍ୟ ମଧ୍ୟ ଏକ ନିଭାବେ ସଙ୍ଗୀତାତ୍ମକ ଓ ପଦ୍ୟଧର୍ମୀ । ଏ ରଚନାର ପ୍ରଥମାର୍ଦ୍ଧ ବାହ୍ୟତଃ ଗଦ୍ୟ ରୂପ ଧାରଣ କରିଥିଲେହେଁ ତାର ଅନ୍ତଃ ପ୍ରକୃତିଟି ସ୍ୱଭାବତଃ ଝଙ୍କାରମୟ ଛନ୍ଦଗୁଣସର୍ବସ୍ୱ । ଏହାର ଦ୍ୱିତୀୟ ଭାଗର ଗଦ୍ୟ ମଧ୍ୟ ପ୍ରାୟଶଃ ଅବିକଶିତ ଓ ପ୍ରାଚୀନ ପଦ୍ୟ ଗୀତ ଦ୍ୟୋତକ—ଗଦ୍ୟ ଭାଷାର ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଗତିଧାରା ସେପରି କ ଏଠି ପଦେ ପଦେ ପ୍ରତିହତ ଓ ଅବରୁଦ୍ଧ ।" (୪୬) ତଥାପି 'ରୁଦ୍ରସୁଧାନିଧି' ସୃଜନଶୀଳ ଆଦ୍ୟଗ୍ରନ୍ଥ ଭାବରେ ଓଡ଼ିଆ ସାହିତ୍ୟରେ ଏକ ଅମଳିନ କୀର୍ତ୍ତିସ୍ତମ୍ଭ ।

ମାତ୍ର ମହାକବି ସାରଳାଦାସ ତାଙ୍କର ମହାଭାରତ ଓ ଚଣ୍ଡୀପୁରାଣରେ ପ୍ରସଙ୍ଗତଃ ଛାନ୍ଦଧର୍ମୀ ଗଦ୍ୟ ରଚନା କରିଥିଲେହେଁ **'ନିତ୍ୟାନନ୍ଦ ଗୁରୁବାର କଥା'** (୪୭) ନାମକ ଏକ ଗଦ୍ୟ ଗ୍ରନ୍ଥରେ ଶାକ୍ତ ଧର୍ମର ମହତ୍ତ୍ୱ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ସୃଜନଧର୍ମୀ ଗଦ୍ୟ ରଚନା ଶୈଳୀର ପରିଚୟ ଦେଇ ଅଛନ୍ତି । ଉଦାହରଣ—

"ଶ୍ରୀ ନିତ୍ୟାନନ୍ଦ ମହାଲକ୍ଷ୍ମୀ ନମୋନମଃ । ସାଂସୁ ନା ଶ୍ରୀୟାବନ୍ତ ନା ପ୍ରିୟା

---

୪୬—ଡକ୍ଟର ନଟବର ସାମନ୍ତରାୟ—ବଡ଼କେନା ସାହିତ୍ୟ ସମୀକ୍ଷା—ପୃଃ୬୦ ।

୪୭—ଓଡ଼ିଶା ମ୍ୟୁଜିୟମ ପୋଥି ବିଭାଗ—ଓଡ଼ିଆ ଗଦ୍ୟ—୧୮ ।

ସାହୁ ନା ଶ୍ରୀଧର ପୁନ ନା ଶ୍ରୀକର । ଗୁଣ ଶ୍ରୀବନ୍ତ ସେୂକା ଘରେ ଥାନ୍ତି । ଗୁରୁବାର ଦିନ କେହୁ ବୋଇଲା ସାସୁସେ ମୁଂ ପଦ୍ମତୋଳି ଗିଣ୍ଠ । ସାସୁ ବୋଇଲା କେତେ ନା ଯେତେ ଦିନ ଅ ଇ ଥାଇ ସେୂହା କଲୁଂ । ଆଦ୍ୟ ଗୁରୁବାର ଅଜ । ମୋ ଲକ୍ଷ୍ମୀ ପଙ୍କେ ଅଷ୍ଟ ବେଶାଳେ ଅଷ୍ଟ ଅପସନ୍ତ ଥାନ୍ତି । ସସୁରଙ୍କ ଭୁଲେ ଅଷ୍ଟ ମହାଜନ ଭୁଞ୍ଜନ୍ତି । ମୁଂ ଜାଇ ନ ପରେ । ଜଦ ଯିବୁ ଖେରେ ଜବୁ ଘରେ ଆସିବୁ । ବଡ଼ ଲୋକ ଦେଖିଲୁ ମାନ୍ୟଧର୍ମ କରିବୁ ।" ଏହି ଗଦ୍ୟ ଗ୍ରନ୍ଥର ଭାଷା ସରଳ ଓ ସାବଲୀଳ । ଏଥିରେ କଥିତ ଭାଷାର ସ୍ୱାଭାବିକ ବ୍ୟବହାର ହୋଇଅଛି ।

ଧର୍ମଶାସ୍ତ୍ରୀୟ ସ୍ୱଜନ ଧର୍ମୀ ଗଦ୍ୟଗ୍ରନ୍ଥ ଭାବରେ ସପ୍ତଦଶ ଶତାବ୍ଦୀରେ ଶରଣଦାସ କୃତ **"ଗୁପ୍ତଚର୍ଯ୍ୟା ଲୀଳା"** ଏକ ମନୋଜ୍ଞ ସୃଷ୍ଟି । ଡ଼କ୍ଟର ଆଶୁତୋଷ ପଟ୍ଟନାୟକ କହନ୍ତି—"ଗୁପ୍ତଚେଷ୍ଟା ଲୀଳା ଗ୍ରନ୍ଥର ଭାଷା ଗଦ୍ୟ ଏବଂ ପଦ୍ୟ ମିଶ୍ରିତ । ଗଦ୍ୟ ଗୁଡ଼ିକ ଛନ୍ଦ ଧର୍ମୀ ଗଦ୍ୟ । ଏଥିରେ ଉପମା ଓ ରୂପକର ବହୁଳ ବ୍ୟବହାର କରାଯାଇଅଛି । ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କର ରୁଦ୍ରସୁଧାନିଧିର ଶୈଳୀକୁ ଏଥିରେ ସ୍ପଷ୍ଟ ଅନୁଭବ କରିହୁଏ । ଉକ୍ତ ଗ୍ରନ୍ଥର ବହୁ ସ୍ଥଳରେ ହାସ୍ୟରସର ଅବତାରଣା କରାଯାଇଛି ଓ ଏଥି ନିମିତ୍ତ ପ୍ରଚଳିତ ତଗଡ଼ମାଳୀର ଆଶ୍ରୟ ନିଆଯାଇଛି । ଏହାର ଭାଷା ଯେପରି ସରଳ ସେହିପରି ଭାବଗର୍ଭକ ।"(୧୮) ଏହି ଗଦ୍ୟଗ୍ରନ୍ଥରେ ରାଧା—କୃଷ୍ଣ ଓ ଚନ୍ଦ୍ରସେଣାଙ୍କର ଜନ୍ମ ବୃତ୍ତାନ୍ତ, ରାଧା ଓ ଚନ୍ଦ୍ରସେଣାର ବିବାହ ଅବକାଶରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର ବିବାହ ଏବଂ ସମୁଦ୍ରସେନଙ୍କଠାରେ ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ଶ୍ରୀକୃଷ୍ଣଙ୍କର ଅନ୍ତର୍ଦ୍ଧାନ, ଚନ୍ଦ୍ରସେଣାର ରାଧାଙ୍କ ପୁରକୁ ଗୋପନରେ ଆଗମନ ଓ ପଳାୟନ, ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ପ୍ରଣୟ ଓ ମିଳନ, କାମାନନ୍ଦ ଯୋଗୀଙ୍କଠାରୁ ଶ୍ରୀକୃଷ୍ଣଙ୍କର ମନ୍ତ୍ର ଗ୍ରହଣ ଇତ୍ୟାଦି ପ୍ରସଙ୍ଗକୁ ଅତୀବ ରମଣୀୟ ଭାବରେ ବର୍ଣ୍ଣନା କରାଯାଇଛି । ଏହାର

---

୧୮ —ଡ଼କ୍ଟର ଆଶୁତୋଷ ପଟ୍ଟନାୟକ—ଗୁପ୍ତଚେଷ୍ଟା ଲୀଳା—ମୁଖବନ୍ଧ ପୃ—ଅ

ଗଳ୍ପ-ଗ୍ରନ୍ଥନ-କଳା ଓ ବର୍ଣ୍ଣନା-ବିନ୍ୟାସ ଉପଭୋଗ୍ୟ । 'ଗୁଣ୍ଡିଚା ଲୀଳା'ର ଗଦ୍ୟ-ଶୈଳୀ 'ରୁଦ୍ର ସୁଧା ନିଧି' ଗଦ୍ୟ ଗ୍ରନ୍ଥର ଚମତ୍କାର ପ୍ରତିଧ୍ୱନି । ନିମ୍ନରେ ପ୍ରଦତ୍ତ ଉଦାହରଣରୁ ଏହା ସ୍ପଷ୍ଟ ହେବ ।

(କ) "ତ, ଏମନ୍ତେ ଫାଲଗୁନ୍ୟ ମାସ ଶୁକଳ ଏକାଦଶୀ ଦିନରେ ଭିତରେ ଫଗୁ ଅନ୍ତରେ ପ୍ରଭୁ ଗୁଣ୍ଡିଚା ଭ୍ରମଣକୁ ଅନୁକୂଳ କଲେ । ବିମାନ ମଣ୍ଡିଲେ, ଶ୍ରୀ ମଦନ ଗୋପାଳଙ୍କ ଶୋଭି କ କହିବା, ସମ କାନ୍ତି ପାଇବା, ଅଭିନବ କାମଦେବର ଶୋଭା, ତ୍ରିଭଙ୍ଗୀ ଛନ୍ଦେଇଛି, ମକର ଆକୃତି ପ୍ରଭା, ଶ୍ରୀ ଦେବାଧି ଦେବରାଜ, ମୋହନ ମୂରତି ସାଜ, ଶ୍ରୀ ଚରଣ ସରୋଜ, ମଞ୍ଜିର ମଞ୍ଜୁଳ ନୂପୁର ପ୍ରଳମ୍ବ, ଭୁଜଦ୍ୱୟ ନବରତ୍ନ ବଳୟ ମୁଦ୍ରିକାସ୍ତେ, କଟିତଟ ଘଣ୍ଟିତ, ତପନ କର ନିନ୍ଦିତ ପୀତପଟ, ନବରତ୍ନ କାଞ୍ଚନ କାଞ୍ଚିଦାମ ରଞ୍ଜିତ, ଅନୁପମ ବକ୍ଷସ୍ଥଳ ଶ୍ରୀବତ୍ସ ଲାଞ୍ଛନା ।"

(ଖ) "ସେ ଘାଟ ମାଗନ୍ତି, ବାଟ ଜଗନ୍ତି, ଭୂତ ହୋଇ କାହାକୁ ଲାଗନ୍ତି । ଦହି ଖାଇ ଚୁରୁଲୀ ଭାଙ୍ଗନ୍ତି । ଦୁଆର ଫେଡ଼ି ଘରେ ପଶନ୍ତି । ନିଜ ପଞ୍ଚରୂପ ଗୋପୀଙ୍କି ଦିଶନ୍ତି । ସର ଲବଣୀ ଚୋରି କରି ଭୁଞ୍ଜନ୍ତି । ଶିକା ଉପରେ ନଉତିକ ଡାଙ୍ଗ ଭଞ୍ଜନ୍ତି । ନାନା ମତେ ଦିଅଁ ଦେବତା ପୂଜନ୍ତି । କାହା ପଶନ୍ତି ଠାରି ଓଟାରନ୍ତି, ରସ କଥା ପଚାରନ୍ତି, କୁଞ୍ଜେ କେଳି କରନ୍ତି, ନଟବର ବେଶେ ନାଚନ୍ତି ।"

ଅତଏବ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଜୀବନରେ ଯେଉଁ ବୈଷ୍ଣବ ଧର୍ମ ପ୍ରବାହ ଦେଖାଦେଇଛି ତାକୁ ଅବଲମ୍ବନକରି କେତେକ ସୃଜନଧର୍ମୀ ଗଦ୍ୟଗ୍ରନ୍ଥ ରଚିତ ହୋଇଥିବା ଜଣାଯାଏ । ସେସବୁ ସେସବୁ ଗଦ୍ୟ ଗ୍ରନ୍ଥ ଗୁଡ଼ିକ ଧର୍ମ ପାଇଁ ଉଦ୍ଦିଷ୍ଟ ଥିବାରୁ ସେଥିରେ ଆବୃତ୍ତି ଧର୍ମୀ ଶ୍ରବଣ ସୁଖଦାୟୀ ଗଦ୍ୟଶୈଳୀକୁ

ପ୍ରାଧାନ୍ୟ ପ୍ରଦାନ କରାଯାଇଛି । ସେଥିରେ ସରଳ ସାବଲୀଳ ଛନ୍ଦ ମୁଖର ପଦ୍ୟଧର୍ମୀ ଗଦ୍ୟ ନିହିତ । ସେହି ସମସ୍ତ ରଚନା ଗୁଡ଼ିକ ବାହ୍ୟତଃ ଗଦ୍ୟଗ୍ରନ୍ଥ ହେଲେହେଁ ସେଗୁଡ଼ିକର ଅନ୍ତଃସ୍ଥଳରେ ପଦ୍ୟର ଫଲଗୁ ପ୍ରବାହିତ । ତଥାପି ଏଗୁଡ଼ିକ ପଦ୍ୟ ନୁହନ୍ତି,ଗଦ୍ୟ । ଓଡ଼ିଆ ଗଦ୍ୟସାହିତ୍ୟର ବିକାଶ କ୍ଷେତ୍ରରେ ଏଗୁଡ଼ିକର ଅବଦାନ ଗୁରୁତ୍ୱପୂର୍ଣ୍ଣ । ଏହି ଧର୍ମାଶ୍ରୟୀ ସୃଜନଶୀଳ ଗଦ୍ୟଗ୍ରନ୍ଥଗୁଡ଼ିକ ସମକାଳୀନ ସାମାଜିକ ଓ ସାଂସ୍କୃତିକ ଜୀବନର ଯେ ପ୍ରତିରୂପ, ଏଥିରେ ସନ୍ଦେହ ନାହିଁ ।

## ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସୃଜନଧର୍ମୀ କାଳ୍ପନିକ ସାହିତ୍ୟିକ ଗଦ୍ୟର ଉନ୍ମେଷ :

ପ୍ରାଚୀନ ଓଡ଼ିଆ ଗଦ୍ୟ—ସାହିତ୍ୟ ପଦ୍ୟର ଅସଜଡ଼ି ବଳୟରେ ହୀନପ୍ରଭ ଥିବାବେଳେ ବ୍ରଜନାଥ ବଡ଼ଜେନାଙ୍କର "**ଚତୁର ବିନୋଦ**" ସୃଜନ ଧର୍ମୀ କାଳ୍ପନିକ ସାହିତ୍ୟିକ ଗଦ୍ୟର ଆଦ୍ୟ ଉନ୍ମେଷ ଭାବରେ ବାସ୍ତବିକ ଏକ ବିସ୍ମୟ ! 'ରୁଦ୍ରସୁଧାନିଧି' ପରେ ଏହାହିଁ ଦ୍ୱିତୀୟ ସଂଚେତନ କଥାଗ୍ରନ୍ଥ । ଅତୀତର ସକଳ ଅପ୍ରାକୃତିକ ଗଦ୍ୟ ରଚନାର ବନ୍ଧନକୁ ଛିନ୍ନ କରି ଏହା ସ୍ୱାଭାବିକ ଭାଷାବିନ୍ୟାସ ଓ ଶୈଳୀରେ ଆପଣାର ପ୍ରାଣ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇପାରିଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ପାଦରେ ଏହି ଗ୍ରନ୍ଥ ରଚିତ ହୋଇଥିବ । ସୁଧାକର ପଟ୍ଟନାୟକ ଏହାକୁ ୧୭୫୫ରୁ ୧୭୬୫ ଖ୍ରୀ.ଅ. ମଧ୍ୟରେ ରଚିତ ହୋଇଥିଲା ବୋଲି ମତ ଦେଇଥାନ୍ତି । (୪୯) ଅଷ୍ଟାଦଶ ଶତାବ୍ଦୀର ଲୁମ୍ବୀମଧ୍ୟରୁ ଉଦଭବ 'ଚତୁର ବିନୋଦ' କଥାଗ୍ରନ୍ଥହିଁ ବାସ୍ତବରେ ଆଧୁନିକ ଓଡ଼ିଆ ଗଦ୍ୟଶୈଳୀ ଓ କଥା-ଗ୍ରନ୍ଥ-କଳାର ଯଥାର୍ଥ ପ୍ରେରଣା । "ସ୍ଥୂଳତଃ, ଏହା ଓଡ଼ିଆ ସାହିତ୍ୟର ଇତିହାସରେ ବିଶିଷ୍ଟ ଗଦ୍ୟ ସାହିତ୍ୟ ଗ୍ରନ୍ଥ ହେଲେହେଁ ଭାଷାର ଗୌରବାବହ ଅନ୍ତଃସୌନ୍ଦର୍ଯ୍ୟ ପ୍ରତିଷ୍ଠା କରିବା ଦିଗରେ ପ୍ରଥମ ସାର୍ଥକ ସୃଷ୍ଟି । (୫୦)

ଏକ ମୂଳଗଳ୍ପକୁ ଅବଲମ୍ବନ କରି ସର୍ବମୋଟ ସତରଟି ଉପଗଳ୍ପ ଓ ଶାଖାଗଳ୍ପର ଅପୂର୍ବ ସମାହାରରେ 'ଚତୁର ବିନୋଦ' କଥା ଗ୍ରନ୍ଥ

---

୪୯—ଶ୍ରୀ ସୁଧାକର ପଟ୍ଟନାୟକ— ଚତୁର ବିନୋଦ— ମୁଖବନ୍ଧ ପୃ ୬୭

୫୦—ଡକ୍ଟର ନଟବର ସାମନ୍ତରାୟ—ବଡ଼ଜେନା ସାହିତ୍ୟ ସମୀକ୍ଷା—ପୃ ୭୦

ପରିକଳ୍ପିତ । କଥା-କଳାର ରୂପ-ଗତ ଗଠନ-କୌଶଳ ପାଇଁ ବ୍ରଜନାଥ ସଂସ୍କୃତ 'ପଞ୍ଚତନ୍ତ୍ର' ଓ 'ହିତୋପଦେଶ' ପ୍ରଭୃତି କଥା ସାହିତ୍ୟ ନିକଟରେ ଋଣୀ ହେଲେହେଁ 'ଚତୁର ବିନୋଦ' ତାଙ୍କର ଅପୂର୍ବ ନିର୍ମାଣକ୍ଷମ ସୃଜନଶୀଳ କଳା-ପ୍ରତିଭାର ଏକ ମୌଳିକ ଅବଦାନ । ଏହି ଗ୍ରନ୍ଥର ପ୍ରାରମ୍ଭରେ 'ତୌଷିବ୍ରତ' ପ୍ରସଙ୍ଗର ଅବତାରଣା କରାଯାଇ ଧର୍ମୀୟ ଭାବ ଭାବନାର ସଙ୍କେତ ପ୍ରଦାନ କରାଯାଇଥିଲେହେଁ ତରୁଣୀ-ତନୁ-ଉପଭୋଗହିଁ ଏହାର ମୁଖ୍ୟ ଆବେଦନ । ଏଗ୍ରନ୍ଥର ମୁଖ୍ୟ ପ୍ରାଣ ସ୍ପନ୍ଦନ ଧର୍ମ ନୁହେଁ; ବରଂ ଧର୍ମପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ, ପ୍ରେମ ନୁହେଁ; ମାତ୍ର ତରୁଣୀ-ତନୁ-ଙ୍ଖର ବର୍ଣ୍ଣନ ବିଳାସ । ମୂଳ ଗଳ୍ପାଶ୍ରୟୀ ସତରଟି ଉପଗଳ୍ପ—ଶାଖାଗଳ୍ପର ଗୁମ୍ଫନ ମଧ୍ୟରେ ଐକ୍ୟବୋଧ ପ୍ରତିଷ୍ଠିତ ଏବଂ ଏହି ଐକ୍ୟବୋଧହିଁ ଏହାକୁ ରସ-ସୌନ୍ଦର୍ଯ୍ୟରେ ଭାସ୍ୱର କରିଅଛି । ଦେହ-ଧର୍ମର ଉଲ୍ଲଙ୍ଘ ବର୍ଣ୍ଣନା ମଧ୍ୟରେ ଚତୁର ବିନୋଦର କଥାବସ୍ତୁ ଆରମ୍ଭ, ବିକାଶ ଓ ଶେଷ ହୋଇଅଛି । ପରକୀୟା ପ୍ରେମପ୍ରତି ଏକ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ସହିତ ନୀତିବୋଧର ପ୍ରତିଷ୍ଠାପାଇଁ ଏଥିରେ ଅଛି ପ୍ରଚ୍ଛନ୍ନ ଆହ୍ୱାନ ।

'ବୁଦ୍ଧସ୍ଥାନିଧି' ଆଦ୍ୟ ସୃଜନଶୀଳ ଗଦ୍ୟଗ୍ରନ୍ଥ ହେଲେହେଁ ଏହାର ଭାଷାପ୍ରୟୋଗ ରୀତି ଓ ଗଦ୍ୟରୂପ ଶ୍ରବଣଧର୍ମୀ । ଏହାକୁ ଚକ୍ଷୁରେ ଦେଖି ପଢ଼ିବା ଅପେକ୍ଷା କର୍ଣ୍ଣରେ ଶୁଣି ଉପଭୋଗ କରାଯାଇଥାଏ । ତେଣୁ ଏହା ପଦ୍ୟାତ୍ମକ । 'ଚତୁରବିନୋଦ'ର ଗଦ୍ୟରୂପ କିନ୍ତୁ ବ୍ୟତିକ୍ରମ । ଏହାର ଶ୍ରାବ୍ୟଗୁଣ ଥିଲେହେଁ ଦୃଶ୍ୟଗୁଣ ଗୌଣ ନୁହେଁ, ବରଂ ଏହାକୁ ପଢ଼ି ଆନନ୍ଦ ଉପଭୋଗ କରାଯାଇଥାଏ । "ଏହାର ଭାଷାର ଗ୍ରନ୍ଥଣି ଆଧୁନିକ ଓଡ଼ିଆ ଗଦ୍ୟର ଅଧିକ ନିକଟବର୍ତ୍ତୀ-ସ୍ଥଳ ବିଶେଷରେ ଏହା ସମ୍ପୂର୍ଣ୍ଣ ଆଧୁନିକ ମଧ୍ୟ ।" (୫୧) ଏ ପ୍ରସଙ୍ଗରେ ଗୋଟିଏ ଉଦାହରଣ ପ୍ରଦାନ କରାଯାଉଛି । "ଏମାନେ ସବୁ ଦେଖନ୍ତେ କୁମାର ଅନଙ୍ଗ ରଙ୍ଗରେ ଅତ୍ୟନ୍ତ ତରଙ୍ଗ ହୋଇଲା । ଗହଣରେ

---

୫୧— ଡକ୍ଟର ନଟବର ସାମନ୍ତରାୟ—ବଡଜେନା ସାହିତ୍ୟ ସମୀକ୍ଷା—ପୃ: ୨୦୩

ଅସିଥିବା ଲୋକଙ୍କୁ କଥା କପଟରେ ବଞ୍ଚାଇ କନ୍ଦ୍ର ଏକାନ୍ତେ ଆସି ଚଂଚଳାକ୍ଷୀ ଆଗରେ ନିର୍ଜନ ସ୍ଥାନରେ ଭେଟିଲା । ବୋଇଲା, ଆରେ ସୁନ୍ଦରି, ମୁଁ ତୋ ଶୋଭା ଦେଖି ମୋହିତ ହେଲି । କନ୍ଦର୍ପ ଅତ୍ୟାର ଘୋଟିବାରୁ ହିତ ହିଣୁନାହିଁ । ଏ ହେତୁ ମୋତେ ଅଙ୍ଗୀକାର କରି ସୁରତି ଦିଅ । ଏ ପ୍ରାଣ ତୋର କରିରଖ । ଏ ରୂପେ ନକଲେ ମୋ ସକାଶୁଁ ପ୍ରାଣ ଯିବ । ତୁ ପୁରୁଷ ହତ୍ୟା ଦୋଷ ପାଇବୁ, ସଂସାରେ ଅପକୀର୍ତ୍ତି ହେବ କି ରାଜାପୁତ୍ର ଚଞ୍ଚଳାକ୍ଷୀ ନାଗିମଲା । ଏ ତୋ ଯଉବନ ସମ୍ପତ୍ତି ସର୍ବଦା କାଳେ ନ ରହିବଟି । ମୋତେ ସୁରତି ଧନ ଦେଇ କିଣି ରଖ ।" ଏହି ଭାଷା କଥିତ ଗଦ୍ୟ । ଅବଶ୍ୟ ଏଥିରେ ସ୍ଥଳ ବିଶେଷରେ ଅନୁପ୍ରାସ ଅଳଙ୍କାର, ରୂପକ ଅଳଙ୍କାର ଆଦି ବ୍ୟବହୃତ ହୋଇ ଏହାକୁ ସାହିତ୍ୟିକ ରସ-ସୌନ୍ଦର୍ଯ୍ୟ ପ୍ରଦାନ କରିଅଛି । 'ଚତୁରବିନୋଦ' ଗଦ୍ୟଶୈଳୀର ବୈଶିଷ୍ଟ୍ୟ ନିମ୍ନୋକ୍ତ ଉଦାହରଣମାନଙ୍କରୁ ଆହୁରି ସ୍ପଷ୍ଟ ହେବ ।

(କ) "ମଞ୍ଜରୀକି ରୁହିଁ ବସି ବିଚାରିଲା, କି ଶୋଭାଏ ? ହେମଲତା ମାଡ଼ିଛି, କି ବିଜୁଳି ଛୁଟିଛି, କି ରତ୍ନଶିଖା ବେଢ଼ିଛି, କି ଚନ୍ଦ୍ରକଳା ବଢ଼ିଛି କି ଶରତ କେ ଲୋଡ଼ିଛି । ଏଥିରେ ତ କଛି ଅନୁମାନ ପାରୁନାହିଁ । ଏ ନିଶ୍ଚୟେ ଯୁବାଜନ ମାରିବା ବିଷୁର କନ୍ଦର୍ପ ଅମୋଘ ବାଣ ନିଗାଡ଼ିଛି ।"

(ଖ) "ଏମନ୍ତେ ନିଶିପ୍ରବେଶରେ ଅନ୍ଧକାରଘୋଟନ୍ତେ ବୃକ୍ଷ ଉପାଶ୍ରୀମାନେ ଅଭିସାର କରିବାକୁ ବାହାରିଲେ । ଚୈରମାନେ ଖଜନ୍ତ ଘେନି ଚଳିଲେ, ଖଦ୍ୟୋତମାନେ ଉଡ଼ିଲେ, ନିଶାଚରମାନେ ବିହରିଲେ । ମନେହେଲା ଏ ସନ୍ଧ୍ୟାକାଳ ନୁହଇ, ନିଶାନାୟିକା ଅବା କଳା ମେଘୀ ଶାଢ଼ୀ ପିନ୍ଧି, ମାଳ ଅଳଙ୍କାର ମଣ୍ଡି ହୋଇ ଅଭିସାର କରିବାକୁ ବାହାରିଲା ।"

(ଗ) "କେଉଁ କେଉଁ ଦ୍ରବ୍ୟ ସଜାଡ଼ିଲା କି ? ନା, ଅରୁଆ ଛଡ଼ା ରାଇ, କଞ୍ଜିଆ ସରସା କାଞ୍ଜି, ଘିଅ ପହଣ୍ଡା ପିଠା, ପତରଚଟା ଡାଲି, ପଲକହର ପଖାଳ, ଭନୁଭରକା ତୋରାଣି, ବାମ୍ବମସଲ ପାଣି,

ଚନ୍ତ୍ର ଚଞ୍ଚଳା ଚନ୍ଦ୍ରା, ମନ ମଧୁର ଶାକ, ମରମରସା ଶକଗ,
ନାସିକା ଧ୍ୱନି ମନ୍ଥର ।”

ଏହିସମସ୍ତ ଉଦାହରଣରୁ ଚତୁର ବିନୋଦ ଗଦ୍ୟ ଶୈଳୀର ଯଥାର୍ଥ ପରିଚୟ ମିଳିଥାଏ । ଏଥିରେ ସାବଲୀଳ ଭାଷା ଅଛି, କଥ୍ୟ ଧର୍ମିତା ଅଛି, ମଝିରେ ମଝିରେ ଅଛି କବିତାର ଅନ୍ତଃଛନ୍ଦ । ଏଥିରେ ଅଳଙ୍କାର ଅଛି ମାତ୍ର ଅଳଙ୍କାର ପ୍ରତି ଅତ୍ୟଧିକ ମୋହ ନାହିଁ । ଓଡ଼ିଆ ଗଦ୍ୟଭାଷାର ପ୍ରାଣବନ୍ତ ରୂପଟି ଏଥିରେ ପ୍ରକଟିତ । ଅନନ୍ୟ ପ୍ରତିଭା ପ୍ରସୂତ ଏକ ଅନବଦ୍ୟ ସୃଷ୍ଟି-ସମ୍ପଦଟି ‘ଚତୁର ବିନୋଦ’ । ଏହା ପରଂପରା ପ୍ରସୂତ ନୁହେଁ ମାତ୍ର ଏକ ଅଭିନବ ସୃଷ୍ଟି । “ରୁଦ୍ରସୁଧାନିଧି”ର ପଦ୍ୟାତ୍ମକ ଛନ୍ଦ ବନ୍ଧନ ମଧ୍ୟରୁ ‘ଚତୁରବିନୋଦ’ର ଗଦ୍ୟର ବନ୍ଧନ ମୁକ୍ତ ବାସ୍ତବିକ ଏକ ବୈପ୍ଳବିକ ପଦକ୍ଷେପ । ଡକ୍ଟର ସାମନ୍ତରାୟ ତେଣୁ କହନ୍ତି—“ପଦ୍ୟାତ୍ମକ ଛନ୍ଦ ସ୍ପନ୍ଦନର ସେହି ଘନଘଟା ମଧ୍ୟରେ ଓଡ଼ିଆ ଗଦ୍ୟ ଭାଷା ଯେତେବେଳେ ପଥହରା ପଥିକପରି ଦିଗ୍‌ଭ୍ରାନ୍ତ ହୋଇପଡ଼ିଥିଲା, ସେତେବେଳେ ବ୍ରଜନାଥ ଏକ ଅମୃତ କଳଶରେ ସେହି ପରଂପରା ହୀନ ଗଦ୍ୟକୁ ମୃତ୍ୟୁ ସଞ୍ଜୀବନୀ ମନ୍ତ୍ରରେ ଜୀବନ୍ୟାସ ଦେଇଥିଲେ ।”(୫୨)‘ଚତୁର ବିନୋଦ’ର ଭାଷା ଶୁଷ୍କ ନୁହେଁ ମାତ୍ର ରସାଳ ଓ ପ୍ରାଣପ୍ରାଚୁର୍ଯ୍ୟ ମୟ । ଏହାର ପ୍ରକାଶ ଭଙ୍ଗୀ ଜଟିଳ ନୁହେଁ ମାତ୍ର ଆବେଗଧର୍ମୀ । ମଧ୍ୟ ଯୁଗୀୟ ଓଡ଼ିଆ ସୃଜନଧର୍ମୀ ଗଦ୍ୟ ସାହିତ୍ୟରେ ଏହା ଏକ ଉଜ୍ଜ୍ୱଳ ଆଲୋକ ସ୍ତମ୍ଭ । ଏହାର ଆଲୋକରେ ଆଲୋକିତ ହୋଇଛି ଊନବିଂଶ ଶତାବ୍ଦୀର ଶେଷ ପାଦର ଆଧୁନିକ ଓଡ଼ିଆ ଗଦ୍ୟ ଏବଂ ଏହି ଗଦ୍ୟ ଧାରାଟି ଆଧୁନିକ ଓଡ଼ିଆ ସାହିତ୍ୟରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଅଛି ।

## ଅନ୍ୟାନ୍ୟ ଗୌଣ ସୃଜନଧର୍ମୀ ପ୍ରାଚୀନ ଗଦ୍ୟଗ୍ରନ୍ଥ:

ଖ୍ରୀ ଅ ୧୫୫୦ରୁ ଖ୍ରୀ ଅ ୧୮୫୦ ମସିହା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଥିଲା ପଦ୍ୟ ବହୁଳ ଗୀତ-ନିୟନ୍ତ୍ରିତ- କାବ୍ୟ ସମ୍ଭାର । ଏହି ସମସ୍ତ ମଧ୍ୟରେ ଯେଉଁ କେତୋଟି ସୃଜନଧର୍ମୀ ଗଦ୍ୟଗ୍ରନ୍ଥ ରଚିତ ହୋଇଥିଲା ସେମାନଙ୍କ ମଧ୍ୟରେ ‘ରୁଦ୍ରସୁଧାନିଧି’ ଓ ‘ଚତୁର ବିନୋଦ’ ମୁଖ୍ୟ ଭୂମିକା ନେଇଛନ୍ତି । ତଥାପି ଆଲୋଚ୍ୟ ସମୟ ସୀମା ମଧ୍ୟରେ ଆହୁରି କେତୋଟି

୫୨—ଡକ୍ଟର ନଟବର ସାମନ୍ତରାୟ—ବଡ଼ଜେନା—ସାହିତ୍ୟ ସମୀକ୍ଷା-ପୃ ୧୩୪

ଅପ୍ରଧାନ ଗଦ୍ୟଗ୍ରନ୍ଥ ରଚିତ ହୋଇଥିଲା । ସେ ଗୁଡ଼ିକ ଧର୍ମ ଭିତ୍ତିକ ନୁହନ୍ତି ମାତ୍ର କେବଳ ସାହିତ୍ୟ ଭିତ୍ତିକ । ଶିବ ଦାସଙ୍କ 'ବତ୍ରିଶ ସିଂହାସନ' (୧୭ଶ ଶତାବ୍ଦୀର ଶେଷଭାଗ କିମ୍ବା ୧୮ଶ ଶତାବ୍ଦୀର ଆଦ୍ୟ ପାଦ) ଏକ ଗୌଣଗଦ୍ୟ ଗ୍ରନ୍ଥ ହେଲେହେଁ ଏହାର ପ୍ରକାଶଭଙ୍ଗୀ, ଭାଷା ବିନ୍ୟାସ, ଗଳ୍ପ -ଗ୍ରନ୍ଥନ - କଳା ଓ ସର୍ବୋପରି ନୀତିବୋଧ ବାସ୍ତବିକ ପାଠକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରି ଥାଏ । ଏଥିରେ ମାଦଳା ପାଞ୍ଜିର ଭାଷା ଶୈଳୀ କେତେକାଂଶରେ ଅନୁସୃତ ହୋଇଥିବା ଲକ୍ଷ୍ୟ କରାଯାଏ । 'ଚତୁରବିନୋଦ'ଗ୍ରନ୍ଥର କଥନଭଙ୍ଗୀ ମଧ୍ୟଏଥିରେ ଉପଲଭ୍ୟ ଉଦାହରଣ— ''ସେମନ୍ତ ସମୟେ ରାଜ ପାଇଲା ଉତ୍ତାରୁ ଭୋଜରାଜା ନିତ୍ୟ କର୍ମସାରି ହସ୍ତରେ--ଫୁଲମଣ୍ଡା ଗୋଟିଏ ଧେନି ସିଂହାସନକୁ ବିଜେ କରନ୍ତେ ପ୍ରଥମ ପିତୁଳୀ ହସିଉଠିଲା । ସେ ପିତୁଳୀ ହସିବା ଦେଖି ତାକୁ ରାଜା ପଚାରିଲେ ତୁ କାହିଂପାଇଂ ହସିଲୁ କହ । ସେ ପିତୁଳୀ ବୋଇଲା, ହେଭୋ ରାଜନ ସେ ସିଂହ ସନେ ବିକ୍ରମ ରାଜା ଯେ ଭୋଜ'ନ । ଏମନ୍ତ ଶୁଣି ରାଜା ବୋଇଲେ । ତାହାଙ୍କର କି ଗୁଣ । '' (୬୩) "ଚତୁର ବିନୋଦ' ପରି ଏକ ମୂଳଗଳ୍ପରୁ ଏଥିରେ ମଧ୍ୟ ଅନେକ ଗୁଡ଼ିଏ ଶାଖାଗଳ୍ପ ପଲ୍ଲବିତ ହୋଇଅଛି । ସେହି ଶିବଦାସଙ୍କକୃତ'ଶ୍ରୀବେତାଳ ପଞ୍ଚବିଂଶତି'ମଧ୍ୟଅନୁରୂପ ଏକ ସୃଜନଧର୍ମୀ ଗଦ୍ୟଗ୍ରନ୍ଥ ମାତ୍ର ଏହି ଦୁଇଟି ଗ୍ରନ୍ଥ ମୌଳିକ ସୃଷ୍ଟି ନୁହେଁ । ସଂସ୍କୃତରେ ରଚିତ''ସିଂହାସନ ଦ୍ୱାତ୍ରିଂଶିକା'' ଓ ''ବେତାଳ ପଞ୍ଚବିଂଶତି'' ଅନୁସରଣରେ ଉପରୋକ୍ତ ଓଡ଼ିଆ ଗ୍ରନ୍ଥ ଦୁଇଟି ରଚିତ ହୋଇଅଛି । ଏହିଗ୍ରନ୍ଥ ଦୁଇଟି ଅନୁସୃତ ରଚନା ହେଲେହେଁ ଏହାର ଭାଷା ଓ ପ୍ରକାଶଭଙ୍ଗୀ ଆଧୁନିକ ଗଦ୍ୟ ଶୈଳୀର ନିକଟବର୍ତ୍ତୀ ।

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଭଦ୍ରକ ଅଞ୍ଚଳରେ କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ଦ୍ୱାରା ରଚିତ ''**ମୋଗଲ ତାମସା**'' ବିଶେଷ ପ୍ରଚଳିତଥିଲା ଏବଂ ଏହି ଗ୍ରନ୍ଥରେ ବ୍ୟବହୃତ ବିଭିନ୍ନ ସଂଳାପରୁ ତତ୍କାଳୀନ ଓଡ଼ିଆ ଗଦ୍ୟ ଶୈଳୀର ପରିଚୟ ମଧ୍ୟ ମିଳିଥାଏ । ତଣ୍ଡଉ଼ୁଣୀ ଚରିତ୍ର ମୁଖରେ

୬୩— ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ—ସଂ : ଡକ୍ଟର ଗୌରୀବଲ୍ଲଭ ମହାନ୍ତି -ପୃ ୪୮

କବି ଦେଇଥିବା ସଂଳାପରୁ କିଛିଂର ଏଠାରେ ଉଦ୍ଧୃତ ହେଲା–"ଚାଲ ଯାଇ ସାଇ ଆଉ ସାଇ ସାଇ, ଏକା ମୀନାବାଈ ଘରଠାକୁ ଗଲେ ସବୁ ନଏ, ଶୀଘ୍ର ଖବାକରି ଦିଏ । ବୋଲେ ବନ୍ଧୁ ଲୋ, ମୋ ଘର କଦ୍ଦିକ ନଦ୍ଧ ଆସିବୁ । ଆଜ ମୁଁ ଜା କହିବ ମୀନାବାଈ ଗୁଣ । ମୋ ଆଉଲ ପାଉଳ ଅଲାଇ ବଲାଇ ଯୁଗେ ଯୁଗେ ତା ମୁଣ୍ଡରେ ଥାଉ !ମୀନାବାଈ ପରି ଏତେଡ଼ ଗରୀବ ଦେଶେ ନାହିଁ ।" (୫୪) ଏହିଗ୍ରନ୍ଥରେ ବ୍ୟବହୃତ ଗଦ୍ୟଶୈଳୀ ଏକାନ୍ତ ସରଳ ଓ ମାର୍ଜିତ । କଥନଭଙ୍ଗୀ ଓ ସଂଳାପ ଧର୍ମିତା ଏହି ଗଦ୍ୟଶୈଳୀରେ ପରିଦୃଷ୍ଟ । ଓଡ଼ିଆ ଗଦ୍ୟଶୈଳୀରେ ଅନେକ ସମୟରେ ଯାବନିକ ଭାଷାର ପ୍ରଭାବ ପଡ଼ିଥିବା ମଧ୍ୟ ଦେଖାଯାଇ ଥାଏ । ଓଡ଼ିଆ ମୁସଲମାନ ପୋଥି ବିଭାଗରେ 'ଖୋଦା ପ୍ରଶ୍ନ ବାଗିର ସାହେବଙ୍କ ପ୍ରଶ୍ନ" ଓଡ଼ିଆ ଗଦ୍ୟ ଉପରେ ଯାବନିକ ଭାଷାର ପ୍ରଭାବକୁ ସୂଚାଇ ଦେଇଥାଏ ।

ଊନବିଂଶ ଶତାବ୍ଦୀର ଆଦ୍ୟ ପାଦରେ କବି ସୂର୍ଯ୍ୟ ବଳଦେବ ରଥଙ୍କଦ୍ୱାରା ରଚିତ '**ହାସ୍ୟକଲ୍ଲୋଳ**' ଅନ୍ୟତମ ମୃଜନଧର୍ମୀଗଦ୍ୟଗ୍ରନ୍ଥ । ଆୟତନରେ ଏହା କ୍ଷୁଦ୍ର । ଓଡ଼ିଆ ସାହିତ୍ୟର ଇତିହାସରେ ହାସ୍ୟ କଲ୍ଲୋଳର ସ୍ଥାନ ନାହିଁ ବୋଲି ପଣ୍ଡିତ କୁଳମଣି ଦାଶ "କବିସୂର୍ଯ୍ୟ ଗ୍ରନ୍ଥାବଳୀ "ର ପ୍ରଥମ ସଂସ୍କରଣ ଭୂମିକାରେ ମତ ଦେଇଅଛନ୍ତି । ସେ ମଧ୍ୟ ଏହାକୁ କବିତା ରୂପେ ଗ୍ରହଣକରି କହିଛନ୍ତି " ସ୍ୱୀୟ ପ୍ରତ୍ୟୁତ୍ପନ୍ନ ମତି ବଳରେ ବିରଳ ହାସ୍ୟରସ ପୂର୍ଣ୍ଣ ଗୋଟିଏ କବିତା ଲେଖିବାକୁ ଆରମ୍ଭ କଲେ । "(୫୫) ହଣ୍ଟର ସାହେବ ମଧ୍ୟ ତାଙ୍କର 'ଓଡ଼ିଶା' ଗ୍ରନ୍ଥରେ ବଳଦେବଙ୍କର "ହାସ୍ୟାର୍ଣ୍ଣବ" (Hasyar‹aba comic verses) ଗ୍ରନ୍ଥ ସଂପର୍କରେ ଉଲ୍ଲେଖ କରିଅଛନ୍ତି । ସେ ହାସ୍ୟକଲ୍ଲୋଳ ପରିବର୍ତ୍ତେ 'ହାସ୍ୟାର୍ଣ୍ଣବ' ନାମକରଣ କରିଅଛନ୍ତି । ସ୍ୱର୍ଗତ ଅପର୍ଣ୍ଣା

---

୫୪—ମୋଗଲ ତାମସା— କବିବଂଶୀବଲ୍ଲଭ ଗୋସ୍ୱାମୀ, ସଂପାଦନା—ଡକ୍ଟର କୃଷ୍ଣ ଚରଣ ବେହେରା ପୃ ୩୯

୫୫—ପଣ୍ଡିତ କୁଳମଣି ଦାଶ—କବିସୂର୍ଯ୍ୟ ଗ୍ରନ୍ଥାବଳୀ—ପ୍ରଥମ ସଂସ୍କରଣ ଭୂମିକା ପୃ ୭୩

ଶତ୍ରାଙ୍କର 'କବି ଜୀବନୀ' ଗ୍ରନ୍ଥରେ ମଧ୍ୟ ବଳଦେବ ରଥଙ୍କର 'ହାସ୍ୟାର୍ଣ୍ଣବ' ଗ୍ରନ୍ଥ ଉଲ୍ଲେଖିତ । ତେଣୁ ପରବର୍ତ୍ତୀ କାଳରେ ପଣ୍ଡିତ କୁଳମଣି ଦାଶ ଏହାକୁ 'ଗୋଟିଏ କବିତା' ବୋଲି ମତ ଦେଇଅଛନ୍ତି ମାତ୍ର ଏହା କବିତାନୁହେଁ । ଯଦିଓ ଏହାର ରଚନା ଶୈଳୀରେ ବାକ୍ୟର ଶେଷରେ ଅନ୍ତ୍ୟମିତ୍ର ଦେଖିବାକୁ ମିଳେ ଏବଂ ଏହାର ଶ୍ରାବ୍ୟ ଗୁଣ ଅଧିକ ତଥାପି ଏହା କବିତା ନୁହେଁ ମାତ୍ର ଏକ ଲଳିତ ଗଦ୍ୟ । ଏଥିରେ ଯାବନିକ ଓ ରାଜୁଡ଼ା ଶବ୍ଦାବଳୀ ପ୍ରଚୁର ଭାବରେ ବ୍ୟବହୃତ । ହାସ୍ୟରସର ମୃଦୁ ପ୍ରବାହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏଥିରେ ଅନୁସୃତ । ଦୁଇଟି ଉଦାହରଣ ଏଠାରେ ପ୍ରଦତ୍ତ ହେଲା—"ଏ ହେଲା ହୋ, ସେ ହେଲା ହୋ, ଏକ ଯେ ମହାରାଜ୍ୟ ଥିଲା । ସେ ରାଜ୍ୟର ନାମ ଇହସ୍ୟ ଦୋଷ ଦେଶ ପଞ୍ଚାଶ ଉଣା ପଞ୍ଚାଶ କୋଶ । ଅଟେ ଗୁଣବନ୍ତ ସମସ୍ତ ଦୋଷ । ଗୁଣଙ୍କ ଦେଖିଲେ ହୁଅନ୍ତି ରୋଷ । ଗୋସାଇଁମାନଙ୍କ ବେଷାଦ୍ୟା ଘୋଷ । ତଣ୍ଟା ଶୁଖାଇଲେ ନବତୈଁ ଶୋଷ । ସାଧୁଙ୍କୁ ନିନ୍ଦିଲେ ମନରେ ତୋଷ । ଯୁବତୀ ଦେଖିଲେ ବୋଲନ୍ତି ହାତ୍ତି । ଜାଣି ନପାରନ୍ତି କେ କେଉଁ ଜାତି । ବ୍ରାହ୍ମଣମାନଙ୍କ ହାତରେ କାତି । ଭକ୍ତିରେ ଗୁରୁ ବୈଷ୍ଣବ ଘାତି । କଉଡ଼ି ମାଳଆ ସବୁଙ୍କ ଗୁନ୍ତି । ହାଣ୍ଡି ନକରନ୍ତି ମଲେହେଁ ଛାତି ।" (୫୬) X X X X ।

"ନଥିବାର କି କି ନାହିଁ, ତାହା କହିବା । ଯୋଗୀର ଥାଳ ନାହିଁ । ଶୋଇବାକୁ ସାଳ ନାହିଁ । ବସିବାକୁ ପାଳ ନାହିଁ । ଘରରେ ଚୁଲି ନାହିଁ । ମୁଣ୍ଡରେ ବାଳ ନାହିଁ । ଧାଡ଼ୁରେ ଝାଳ ନାହିଁ । ପୁଣ୍ୟକୁ କାଳ ନାହିଁ । ଦେହରେ ବଳ ନାହିଁ । ଇଇତର ହଳ ନାହିଁ । ନିନ୍ଦିଲେ ଛଳ ନାହିଁ । ଚାଲିବାକୁ ଥଳ ନାହିଁ । ସମ୍ବନ୍ଧକୁ କୁଳ ନାହିଁ । ଘରର ଚାଳ ନାହିଁ । ନଡ଼ିଆର ଚୂଳ ନାହିଁ ।" (୫୭) ଏଥିରେ ଅନେକ ସ୍ଥଳରେ ଅନ୍ତ୍ୟମିତ୍ର ଧର୍ମୀ ଗଦ୍ୟଶୈଳୀ ବ୍ୟବହୃତ

---

୫୬—'ହାସ୍ୟ କଲ୍ଲୋଳ'—କବିସୂର୍ଯ୍ୟ ବଳଦେବ ରଥ

ସଂପାଦନା—ସଚ୍ଚିଦାନନ୍ଦ ମିଶ୍ର–ପୃ ୨୦–୨୨

୫୭—ତତ୍ରୈବ—ପୃ ୨୪

ହୋଇଥିଲେହେଁ କେତେକ ସ୍ଥଳରେ ଯତିପାତ ନାହିଁ । ଆଧୁନିକ ଶୈଳୀ ଧର୍ମୀ ବାକ୍ୟଗଠନ ମଧ୍ୟେ ମଧ୍ୟେ କରାଯାଇଅଛି ।

ଅତଏବ ପ୍ରାଚୀନ ଓଡ଼ିଆ ସାହିତ୍ୟ ଗଦ୍ୟ ବହୁଳ ହେଲେହେଁ ଯେଉଁ କେତୋଟି ବ୍ୟବହାରିକ ଓ ସାହିତ୍ୟିକ ଗଦ୍ୟକୃତି ଦେଖିବାକୁ ମିଳେ ସେ ଗୁଡ଼ିକ ଆଧୁନିକ ଗଦ୍ୟ ସାହିତ୍ୟର ବିପୁଳ ପ୍ରସାର ପାଇଁ ଯେ ପ୍ରେରଣାର ଉତ୍ସ; ଏକଥାକୁ ଅସ୍ୱୀକାର କରିହେବ ନାହିଁ । ବ୍ୟବହାରିକ ଗଦ୍ୟଗୁଡ଼ିକ ଓଡ଼ିଆ ଭାଷାର କ୍ରମ ବିକାଶ ସମ୍ବନ୍ଧରେ ଭାଷାତାତ୍ତ୍ୱିକଙ୍କ ଅଧ୍ୟୟନପାଇଁ ସହାୟ କରିଥାଏ । ସାହିତ୍ୟିକ ଗଦ୍ୟ ଗୁଡ଼ିକ ପରିମାଣାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ସୀମିତ ହେଲେହେଁ ଆଧୁନିକ ଓଡ଼ିଆ ଗଦ୍ୟର ଉନ୍ମେଷ ଓ ସଂପ୍ରସାରଣପାଇଁ ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି । ସେଇ ଗ୍ରନ୍ଥଗୁଡ଼ିକ ସୃଜନ ଧର୍ମୀ ଗଦ୍ୟ ଗ୍ରନ୍ଥ । ସେଥିରେ ଅଛି କଳ୍ପନାର କମନୀୟ ବିଚିତ୍ର-ବିଳାସ, ଗଳ୍ପ ଗ୍ରନ୍ଥନର ରମଣୀୟ କୌଶଳ, ସାମାଜିକ ଅବସ୍ଥାର ପରୋକ୍ଷ ଆଲେଖ୍ୟ, ନୀତି ଓ ଧର୍ମର ମନ୍ତ୍ରୟ ପ୍ରତିଷ୍ଠା-ଲିପ୍ସା, ଲୋକଚଳନ୍ତି ସହିତ ଶାସ୍ତ୍ରୀୟ ଗଳ୍ପର ମନୋଜ୍ଞ ରୂପ ସୃଜନ, ତତ୍ସମ-ତଦ୍ଭବ-ଦେଶଜ ଓ ବୈଦେଶିକ ଶବ୍ଦ ସମ୍ଭାରର କଳାତ୍ମକ ବ୍ୟବହାର, କଥନ ଭଙ୍ଗୀ ସହିତ ଗେୟ ଧର୍ମର ପ୍ରାଧାନ୍ୟ । ଏଇ ଗେୟ ଧର୍ମିତା ବା ଶ୍ରବଣ ସୁଖଦାୟୀ ଗୀତ ଯୋଗ୍ୟତା ଆଲୋଚ୍ୟ ସମୟର ସୃଜନଧର୍ମୀ ଗଦ୍ୟରଚନାଗୁଡ଼ିକର ଯେ ମୁଖ୍ୟ ଶୈଳୀ-ବିଭବ; ଏହା ସେ କାଳର ଯେ କୌଣସି ସାହିତ୍ୟିକ ଗଦ୍ୟ-ରଚନାକୁ ଦୃଷ୍ଟିପାତ କଲେ ଜଣାଯାଇଥାଏ । ଏଇ ଗେୟ ଧର୍ମିତା ଓ ଯତିପାତ ଜନିତ ଛନ୍ଦ-ସୌନ୍ଦର୍ଯ୍ୟ ଯୋଗୁ କେହି କେହି ଏ ଧରଣ ରଚନାକୁ କବିତା ବା ପଦ୍ୟ ବୋଲି ମତ ଦେଇଅଛନ୍ତି ମାତ୍ର ସେସବୁ ଗଦ୍ୟ ରଚନାଗୁଡ଼ିକ ପଦ୍ୟ ନୁହେଁ । ଓଡ଼ିଆ ଗଦ୍ୟ ସାହିତ୍ୟର କାରୁକାର୍ଯ୍ୟମୟ ବିଶାଳ ସୌଧର ଗୋଟିଏ ଗୋଟିଏ ସୁଦୃଢ଼ ସୋପାନ ମାତ୍ର ।

# ପ୍ରାଚୀନ ଓଡ଼ିଆ ଗଦ୍ୟ
(ଖ୍ରୀ ଅ. ୧୦୫୧—ଖ୍ରୀ ଅ. ୧୮୦୦)

- ବ୍ୟବହାରିକ ଗଦ୍ୟ
  - ପୂର୍ଣ୍ଣ ବ୍ୟବହାରିକ ଗଦ୍ୟ
    - ଶିଳାଲେଖ, ଅଭିଲେଖ, ତାମ୍ରଲେଖ
    - କବଲା, ବଏନାମା
    - ଚେପ, ସନନ୍ଦ
  - ଅର୍ଦ୍ଧ ବ୍ୟବହାରିକ ଗଦ୍ୟ
    - ପାଞ୍ଜି [ ମାଦଳାପାଞ୍ଜି ]
    - ବଂଶାବଳୀ [ ଘୁମୁସର ରାଜବଂଶାବଳୀ ]
    - ଚକଡ଼ା [ ଚଇନଙ୍କ ଚକଡ଼ା ଓ ବଖାଣ ]
- ସାହିତ୍ୟିକ ଗଦ୍ୟ
  - ପୂର୍ଣ୍ଣ ସାହିତ୍ୟିକ ଗଦ୍ୟ
    - ସୃଜନଧର୍ମୀ ଗଦ୍ୟ [ ସୋମନାଥ ବ୍ରତକଥା, ରୁଦ୍ର ସୁଧାନିଧି, ଚତୁର ବିନୋଦ, ଗୀତେଶ୍ୱରୀଲୀଳା, ବତିଶସିଂହାସନ, ବେତାଳ ପଞ୍ଚବିଂଶତି, ମୋଗଲ ତାମସା, ହାସ୍ୟକଲ୍ଲୋଳ, ନିତ୍ୟାନନ୍ଦ ଗୁରୁବାର କଥା ଇତ୍ୟାଦି ]
    - ସମୀକ୍ଷାଧର୍ମୀ ଗଦ୍ୟ [ ଲାବଣ୍ୟବତୀର ଟୀକା ]
    - ତତ୍ତ୍ୱଧର୍ମୀ ଗଦ୍ୟ [ ତୁଳାଭିଣା, ବ୍ରହ୍ମଗୀତା, ନୀଳାଦ୍ରି ଚନ୍ଦ୍ରିକା, କାଳଜ୍ଞାନ ଇତ୍ୟାଦି ]
    - ଚିଠାଉଧର୍ମୀ ଗଦ୍ୟ [ ମଦନପୁରଙ୍କ ଆଜ୍ଞାପତ୍ର, ଶ୍ରୀରାମଙ୍କ ଆଜ୍ଞାପତ୍ର, ବଳରାମଙ୍କ ଆଜ୍ଞାପତ୍ର ]
  - ଅର୍ଦ୍ଧ ସାହିତ୍ୟିକ ଗଦ୍ୟ
    - ପାଞ୍ଜି
    - ବଂଶାବଳୀ
    - ଚକଡ଼ା

## ଆଧୁନିକ ଓଡ଼ିଆ ଗଦ୍ୟର ଉନ୍ମେଷ :

ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଆଦ୍ୟ ଉନ୍ମେଷ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆରମ୍ଭ ହୋଇ ଦ୍ୱିତୀୟାର୍ଦ୍ଧର ଅନ୍ତିମ ପର୍ଯ୍ୟାୟ ବେଳକୁ ପୂର୍ଣ୍ଣତା ଲାଭ କରିଥିଲା । ପ୍ରଥମାର୍ଦ୍ଧରେ ଖ୍ରୀଷ୍ଟିୟ ମିସନାରୀମାନେ ମୂଳ ଇଂରାଜୀ ଭାଷାକୁ ଆଦର୍ଶ ଭାବରେ ଗ୍ରହଣ କରି ବଙ୍ଗଳା ଭାଷା ମଧ୍ୟ ଦେଇ ଓଡ଼ିଆ ଭାଷାରେ ଗଦ୍ୟ ରଚନା କରୁଥିଲେ । ସେମାନେ ସପ୍ତଦଶ ତଥା ଅଷ୍ଟାଦଶ ଶତାବ୍ଦୀରେ ପ୍ରଚଳିତ ଓଡ଼ିଆ ଗଦ୍ୟ ଧାରାପ୍ରତି ଆଦୌ ସଚେତନ ହେଲେନାହିଁ । ତେଣୁ ଊନବିଂଶ ଶତାବ୍ଦୀର ଆଦ୍ୟ ପାଦରେ ରଚିତ ମିସନାରୀ ଗଦ୍ୟ ଶୈଳୀରେ ଦୁର୍ବଳତା ପରିଲକ୍ଷିତ ହୋଇଥାଏ । ଏହି ଗଦ୍ୟ ଓଡ଼ିଆ ଗଦ୍ୟର ବିକାଶପାଇଁ ଅଭିପ୍ରେତ ନଥିଲା ମାତ୍ର ଖ୍ରୀଷ୍ଟଧର୍ମର ପ୍ରଚାର ଓ ହିନ୍ଦୁଧର୍ମର ଅସାରତା ପ୍ରତିପାଦନ ପାଇଁ ମୁଖ୍ୟତଃ ଥିଲା ଉଦ୍ଦିଷ୍ଟ । ତେଣୁ ଗଦ୍ୟର ସାହିତ୍ୟିକ ମର୍ଯ୍ୟାଦା ପାଇଁ ମିସନାରୀ ଧର୍ମପ୍ରଚାରକଗଣ ଆଦୌ ସଚେଷ୍ଟ ନଥିଲେ । ବାଇବେଲର ଅନୁବାଦ କରି ଜନସାଧାରଣଙ୍କ ମଧ୍ୟରେ ଖ୍ରୀଷ୍ଟ ଧର୍ମ ପ୍ରଚାର କରିବା ଥିଲା ଏ ସମୟର ଗଦ୍ୟର ମୂଳ ଲକ୍ଷ୍ୟ । ପ୍ରଥମେ ଶ୍ରୀରାମପୁର ମିସନାରୀମାନଙ୍କ ଦ୍ୱାରା ଓ ପରେ ମିସନାରୀ ଓ ସରକାରଙ୍କ ସହାୟତା ଦ୍ୱାରା ବାଇବେଲ ଅନୂଦିତ ହୋଇ ଓଡ଼ିଶାରେ ପ୍ରସାରିତ ହେଲା । ଏତଦ୍ ବ୍ୟତୀତ ଓଡ଼ିଶାରେ ପ୍ରଚଳିତ ଜଗନ୍ନାଥ ଧର୍ମର ଅସାରତା ଓ ପୌତ୍ତଳିକତାର ଅନୁପାଦେୟତା ସମ୍ପର୍କିତ ଅନେକ ଗଦ୍ୟ ଲେଖା ମଧ୍ୟ ପ୍ରକାଶିତ ହୋଇଥିଲା । ପୁରୁଷୋତ୍ତମ ଓ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ବାଇବେଲକୁ ପ୍ରଥମେ ଅନୁବାଦ କରିଥିଲେ । ୧୮୦୯ ମସିହା ବେଳକୁ 'ନୂତନ ନିୟମ' ଅନୂଦିତ ହୋଇ ସାରିଥିଲା । ମିସନାରୀମାନେ ଓଡ଼ିଶାକୁ କୁସଂସ୍କାର ଓ ପୌତ୍ତଳିକତାର ଉପବନ ଭାବରେ ବିଚାର କରି ଏହାର ପୁନରୁଦ୍ଧାର ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିଥିଲେ । ତେଣୁ ନିରବଚ୍ଛିନ୍ନ ଭାବରେ ସେମାନେ ଓଡ଼ିଆରେ ଲେଖାମାନ ପ୍ରକାଶ କରୁଥିଲେ । ପ୍ରଥମେ ପ୍ରଥମେ ସେମାନଙ୍କର ଗଦ୍ୟ ବିକୃତ ହେଲେହେଁ

ପରେ ମାର୍ଜିତରୂପ ନେଇଥିଲା । 'ଧର୍ମ ପୁସ୍ତକ'ରୁ ଗୋଟିଏ ପ୍ରସଙ୍ଗ ଏଠାରେ ଉଦ୍ଧୃତ ହେଲା ।

"ପ୍ରଥମେ ଈଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଜନ କଲେ । ପୃଥିବୀ ଶୂନ୍ୟ ଓ ଅସ୍ଥିରାକାର ଥିଲା, ପୁଣି ଗାମ୍ଭୀର୍ଯ୍ୟର ଉପରେ ଅନ୍ଧକାର ଓ ଈଶ୍ୱରର ଆତ୍ମା ଜଳର ଉପରେ ଦୋଳାୟମାନ ହୋଇଥିଲେ । ଅନନ୍ତରେ ଈଶ୍ୱର କହିଲେ ଯେ ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା । ତେତେବେଳେ ସେ ଦୀପ୍ତି ଯେ ଉତ୍ତମ ତାହା ଈଶ୍ୱର ଦେଖିଲେ ତହିଁ ଉତ୍ତାରେ ଈଶ୍ୱର ଦୀପ୍ତି ଓ ଅନ୍ଧକାରର ବିଭିନ୍ନ କଲେ । ଈଶ୍ୱର ଦୀପ୍ତିର ନାମ ଦିବସ ରଖିଲେ ଓ ଅନ୍ଧକାରର ନାମ ରାତି । ସନ୍ଧ୍ୟା ଓ ପ୍ରାତଃକାଳ ହୋଇଲେ ପ୍ରଥମ ଦିବସ ହେଲା ।" (୫୮)

ଏହି ଗଦ୍ୟ ଶୈଳୀ ବଙ୍ଗଳାରୁ ଅନୁସୃତ ହୋଇଥିଲେହେଁ ଏଥିରୁ ଓଡ଼ିଆ ଗଦ୍ୟର ମାର୍ଜିତ ସରଳ ରୂପ ଦେଖିବାକୁ ମିଳିଥାଏ । ଆମସ୍ ସଟନଙ୍କ ବ୍ୟାକରଣରେ ପ୍ରଦତ୍ତ କାହାଣୀରୁ ତାଙ୍କର ଗଦ୍ୟ ରଚନା ଶୈଳୀ ସମ୍ପର୍କରେ ଧାରଣା କରିହୁଏ । 'ଠେକୁଆ ଓ ବାଘୁଣୀ' କଥାରୁ ଗୋଟିଏ ପ୍ରସଙ୍ଗ ଏଠାରେ ଉଦ୍ଧାର କରାଯାଉଛି—"ଏକ ଠେକୁଆ କୌଣସି ବାଘୁଣୀର କତରେ ଯାଇ କହିଲା ଯେ ଆଗୋ ବାଘୁଣୀ ଶୁଣ । ପ୍ରତି ବରଷରେ ଆମ୍ଭର ଅନେକ ସନ୍ତାନ ସନ୍ତତି ହୁଅନ୍ତି । ପୁଣି ତୁମ୍ଭର ଜନ୍ମରୁ ମରଣପର୍ଯ୍ୟନ୍ତେ ଗୋଟିଏ ସନ୍ତାନରୁ ଅଧିକ ନ ଜନ୍ମଲା । ତାହା ଶୁଣି ବାଘୁଣୀ ଉତ୍ତର କଲା, ଆରେ ଆମ୍ଭର ଏକ ସନ୍ତାନ ହୁଅଇ ପ୍ରମାଣ ପୁଣି ସେହି ତୁମ୍ଭର ଅନେକ ସନ୍ତାନର ଶ୍ରେଷ୍ଠ । ଏହାର ତାତ୍ପର୍ଯ୍ୟ ଅପାର ଅଧମସନ୍ତାନରୁ ଜଣେ ଉତ୍ତମପୁତ୍ର ଭଲ ।"୫୯ 'ବେତାଳ ପଞ୍ଚବିଂଶତି' ଗଳ୍ପାଂଶର ବାକ୍ୟଗଠନ ଶୈଳୀକୁ ଆମସ୍ ସଟନ ଗ୍ରହଣ କରିଥିଲାପରି ମନେ ହୁଏ । ୧୮୫୦ ମସିହା ପର୍ଯ୍ୟନ୍ତ ବହୁ ଖ୍ରୀଷ୍ଟିୟ ମିସନାରୀ ତଥା ଦେଶୀୟ ପଣ୍ଡିତମାନେ ବାଇବେଲ ଏବଂ

୫୮—ଧର୍ମପୁସ୍ତକ—ପ୍ରକାଶକାଳ ୧୮୧୪—ପୃ ୨

୫୯—ସଟନଙ୍କ ଅଭିଧାନ—୧ମ ଖଣ୍ଡ, ବ୍ୟାକରଣ ଭାଗ ପୃ-୬୩୪

ଧର୍ମପୁସ୍ତକ ଆଦି ରଚନା କରିଥିଲେ । ସେମାନଙ୍କର ଗଦ୍ୟ ଶୈଳୀ ଆଧୁନିକ ଓଡ଼ିଆ ଗଦ୍ୟର ନିର୍ମାଣ ପାଇଁ ଯେ ପ୍ରେରଣା ପ୍ରଦାନ କରିଥିଲା; ଏଥିରେ ସନ୍ଦେହ ନାହିଁ ।

୧୮୪୯ ଖ୍ରୀ ଅଦ୍ଦର ରେଭେରେଣ୍ଡ ଗ୍ରର୍ଲସ ଲେସୀଙ୍କ ସମ୍ପାଦକତ୍ୱରେ "ଜ୍ଞାନାରୁଣ", ୧୮୬୧ ସାଲରେ ଖ୍ରୀଷ୍ଟାନ ଭର୍ଣ୍ଣାକୁଲାର ଲିଟରେଚର ସୋସାଇଟିଦ୍ୱାରା "ଅରୁଣୋଦୟ", ୧୮୬୬ ସାଲରେ ଗର୍ଲସ ଲେସୀଙ୍କ ସମ୍ପାଦକତ୍ୱରେ 'ପ୍ରବୋଧ ଚନ୍ଦ୍ରିକା, ୧୮୮୩ ସାଲରେ 'ତାରକା' ଏବଂ ୧୮୮୮ ସାଲରେ 'ତାରକା ଓ ଶୁଭବାର୍ତ୍ତା' ନାମକ ପତ୍ରିକା ପ୍ରକାଶିତ ହୋଇ ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ଉଦ୍ୟମ ହୋଇଥିଲା ଓ ସେଥିରୁ ଓଡ଼ିଆ ଗଦ୍ୟର ମଧ୍ୟ କ୍ରମ ବିକାଶର ସ୍ୱରୂପ ଦେଖିବାକୁ ମିଳିଲା । 'ପ୍ରବୋଧ ଚନ୍ଦ୍ରିକା'ର ପ୍ରଥମ ସଂଖ୍ୟାର ସମ୍ପାଦକୀୟରୁ ତତ୍କାଳୀନ ଗଦ୍ୟ ଶୈଳୀର ପରିଚୟ ମିଳିଥାଏ ।

"ଓଡ଼ିଶା ନାମରେ ବିଖ୍ୟାତ ଏହି ଦେଶ ଉତ୍ତରରେ ସୁବର୍ଣ୍ଣରେଖା ନଦୀଠାରୁ ସମୁଦ୍ର କୂଳେ କୂଳେ ଦକ୍ଷିଣରେ ଚିଲିକା ଓ ଗଞ୍ଜାମ ଦେଶ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଅଛି । ତାହାର ପୂର୍ବ ସୀମା ବଙ୍ଗ ସାଗର ଏବଂ ପଶ୍ଚିମ ସୀମା ଗଡଜାତ । ପୂର୍ବକାଳରେ ଉତ୍କଳ ଦେଶର ସୀମା ଅଧିକ ପ୍ରଶସ୍ତ ଥିଲା ଓ ରାଜମହେନ୍ଦ୍ର ଓ ବିଜୟନଗର ଏ ଦୁହେଁ ଏ ଦେଶ ରାଜାମାନଙ୍କର ପ୍ରଧାନ ପ୍ରଧାନ ନଗର ମଧ୍ୟରେ ଗଣିତ ଥିଲେ । ଆଉ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତେ ରାଜ୍ୟର ଦକ୍ଷିଣସୀମା ବିସ୍ତୃତ ଥିଲା । ମାତ୍ର ପୁରାତନ ସୀମା ଛାଡି ଇଦାନୀଂ ଯେଉଁ ସୀମା ମଧ୍ୟରେ ନିର୍ଦ୍ଦିଷ୍ଟ ଅଛି ତଦୁପଲକ୍ଷ୍ୟରେ ଏ ଦେଶ ଅତି ବୃହତ ବର୍ଣ୍ଣନଯୋଗ୍ୟ ଅଟେ । କେବଳ ମୁଗଲବନ୍ଦି ଭିତରେ ଲୋକ ସଂଖ୍ୟା ପନ୍ଦର ଲକ୍ଷ୍ୟରୁ ଅଧିକ ।"(୬୦)

---

୬୦—ପ୍ରବୋଧ ଚନ୍ଦ୍ରିକା—୧୮୫୬ ୧ମ ସଂଖ୍ୟା ପୃ-୧

ଏ ପ୍ରକାର ଗଦ୍ୟଶୈଳୀ, ଆଧୁନିକ ଗଦ୍ୟର ଏକାନ୍ତ ନିକଟବର୍ତ୍ତୀ । ମତେନ୍ତୁଏ 'ପ୍ରବୋଧ ଚନ୍ଦ୍ରିକା' ହିଁ ସର୍ବପ୍ରଥମେ ଆଧୁନିକ ଓଡ଼ିଆ ଗଦ୍ୟର ମାର୍ଜିତ ଭିତ୍ତି ସ୍ଥାପନ କରିବାକୁ ସମର୍ଥ ହୋଇଥିଲା । ଏହି ଗଦ୍ୟ ଧାରା ପରବର୍ତ୍ତୀ ଅନୂଦିତ ଉପନ୍ୟାସ "ଫୁଲମଣି ଓ କରୁଣା ବିବରଣ" ଉପନ୍ୟାସରେ ଦେଖିବାକୁ ମିଳିଥାଏ । ଏହି ଉପନ୍ୟାସଟି ପ୍ରଥମେ ୧୮୫୨ ଖ୍ରୀ. ଅ.ରେ ଶ୍ରୀମତୀ ହାନା କ୍ୟାଥେରିନ୍ ମ୍ୟୁଲେନସ୍ ନାମକ ଜନୈକା ଇଂରାଜୀ ମହିଳାଙ୍କଦ୍ୱାରା ରଚିତ ହୋଇଥିଲା । ଏହି ଗ୍ରନ୍ଥର ଉଦ୍ଦେଶ୍ୟ ଥିଲା ଭାରତୀୟ ଗ୍ରାମ୍ୟ ଲୋକମାନଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରିବା । ଭାରତର ଷୋଳ ବାଇଟି ଭାଷାରେ ଏ ଗ୍ରନ୍ଥ ଅନୂଦିତ ହୋଇଥିଲା ଏବଂ ୧୮୫୭-୫୮ ବେଳକୁ ଓଡ଼ିଆରେ ରେଭେରେଣ୍ଡ ଜେ. ଷ୍ଟବନସ୍ ଏହାକୁ ଅନୁବାଦ କରିଥିଲେ । ଏହାର ପରବର୍ତ୍ତୀ ସଂସ୍କରଣ ୧୮୭୧ରେ ଦେଖିବାକୁ ମିଳେ । ଏହା ଏକଅନୂଦିତ ଉପନ୍ୟାସହେଲେହେଁ ଏହାର ଶୈଳୀ, ଭାଷା ବିନ୍ୟାସ, ବିଷୟ ଉପସ୍ଥାପନା ଆଧୁନିକପର ମତେନ୍ତୁଏ । ଫୁଲମଣି ଓ କରୁଣା ନାମକ ଦୁଇଜଣ ସ୍ତ୍ରୀ ଲୋକଙ୍କୁ ମୁଖ୍ୟ ନାରୀ ଚରିତ୍ର ଭାବରେ ଗ୍ରହଣ କରାଯାଇ ଫୁଲମଣିକୁ ଧର୍ମପ୍ରାଣା, ସଚ୍ଚରିତ୍ରା, କର୍ତ୍ତବ୍ୟ ପରାୟଣା, ଖ୍ରୀଷ୍ଟଧର୍ମ ପ୍ରତି ଅନୁରକ୍ତା ଭାବରେ ବର୍ଣ୍ଣନା କରାଯାଇ କରୁଣାକୁ ଅଳସ୍ୟପରାୟଣା, ଅଧାର୍ମିକା, ସ୍ୱାମୀ ଓ ପୁତ୍ର ପ୍ରତି ଅନାସକ୍ତା ଇତ୍ୟାଦି ଭାବରେ ରୂପାୟନ କରାଯାଇଅଛି । ଫୁଲମଣିର ସୁଖମୟ ଜୀବନ ସହିତ କରୁଣାର ଦୁଃଖମୟ ଜୀବନ ବର୍ଣ୍ଣିତ । ଲେଖିକା ଓ ଫୁଲମଣିର ପ୍ରଭାବରେ କରୁଣାର ପରିବର୍ତ୍ତନ ଏବଂ ଖ୍ରୀଷ୍ଟଧର୍ମ ପ୍ରତି ଆନୁଗତ୍ୟକୁ ମଧ୍ୟ ପ୍ରସଙ୍ଗତଃ ବର୍ଣ୍ଣନା କରାଯାଇଅଛି । ଏହି ଉପନ୍ୟାସରେ ପ୍ରତ୍ୟେକଟି ଚରିତ୍ର ଜୀବନ୍ତ ଓ ଗ୍ରାମ୍ୟ ପରିବେଶରେ ଗଠିତ । ଉକ୍ତ ଉପନ୍ୟାସର ଗଦ୍ୟଶୈଳୀ ସମ୍ପର୍କରେ ନିମ୍ନରେ "କେତୋଟି ଉଦାହରଣ ପ୍ରଦତ୍ତ :"

(କ) "ହାୟ ହାୟ ! ବଙ୍ଗଳା ଦେଶରେ ଯଦ୍ୟପି ଏହି ଘରବାର ଘର ସକଳ ଖ୍ରୀଷ୍ଟିୟାନ ଲୋକ ଧାର୍ମିକ ହୁଅନ୍ତେ, ତେବେ ଦେବ

ପୂଜକମାନଙ୍କ ମଧ୍ୟରେ ଆମ୍ଭମାନଙ୍କର ଧର୍ମ ଅବଶ୍ୟ ସୁଗ୍ରାହ୍ୟ ହୁଅନ୍ତା । ମାତ୍ର ଦୁଃଖର ବିଷୟ ଏହିଯେ ଅନେକ ଭଣ୍ଡ ଖ୍ରୀଷ୍ଟିୟାନମାନେ ହିନ୍ଦୁ ଓ ମୁସଲମାନଙ୍କ ପରି ମନ୍ଦ ଆଚାର ବ୍ୟବହାର କରି ଖ୍ରୀଷ୍ଟନାମରେ କଳଙ୍କ ଦିଅନ୍ତି । ''

(ଖ) ''ପାପ ମନର ରୋଗ, ଖ୍ରୀଷ୍ଟ ତାହାର ବୈଦ୍ୟଅଟନ୍ତି । ତୁମ୍ଭେ ତାହାଙ୍କୁ ବିଶ୍ୱାସ କଲେ ପାପରୁ ମୁକ୍ତହେବ ।''

(ଗ) ''ହେ ପାଠକମାନେ ! ତୁମ୍ଭମାନଙ୍କ ମଧ୍ୟରେ କାହାର ସ୍ୱାମୀ ଯେବେ ଅଗ୍ରିଷ୍ଟଥାଏ, ତେବେ ସେ କରୁଣାର ଅନୁକାରିଣୀ ହେଉ ।''

ମିଶନାରୀମାନେ ଆଧୁନିକ ଓଡ଼ିଆ ଗଦ୍ୟର ନବୋନ୍ମେଷ ପାଇଁ ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛନ୍ତି । ମୁଦ୍ରାଯନ୍ତ୍ର ପ୍ରତିଷ୍ଠା, ଶିକ୍ଷା ପ୍ରସାର, ପାଠ୍ୟପୁସ୍ତକ ପ୍ରଣୟନ, ଧର୍ମ ପୁସ୍ତକ ଗୁଡ଼ିକର ଅନୁବାଦ, ପତ୍ର ପତ୍ରିକା ପ୍ରକାଶନ, ବ୍ୟାକରଣ ଅଭିଧାନ ରଚନା ଇତ୍ୟାଦି ମଧ୍ୟ ଦେଇ ସେମାନେ ଯେଉଁ ଗଦ୍ୟଧାରାଟି ପ୍ରଚଳନ କରିଥିଲେ ତାହା କ୍ରମ ମାର୍ଜିତ ରୂପ ନେଇ ୧୮୫୦ ମସିହା ପରବର୍ତ୍ତୀ ଓଡ଼ିଆ ଗଦ୍ୟ ଧାରାରେ ଏକ ଐତିହାସିକ ପ୍ରଗତିର ସଙ୍କେତ ପ୍ରଦାନ କଲା । ସେହି ଗଦ୍ୟଧାରା ପରବର୍ତ୍ତୀ ପ୍ରତିଭାସଂପନ୍ନ ଲେଖକମାନଙ୍କୁ ନୂତନ ଗଦ୍ୟ-ଶୈଳୀରେ ସାହିତ୍ୟ ଲେଖିବାକୁ ପ୍ରେରଣା ପ୍ରଦାନ କଲା । ବାସ୍ତବିକ ଆଧୁନିକ ଓଡ଼ିଆ ଗଦ୍ୟର ଯଥାର୍ଥ ପ୍ରାଣ ପ୍ରତିଷ୍ଠାତା ରୂପେ ମିଶନାରୀ ମାନଙ୍କୁ ଗ୍ରହଣ କଲେ ସତ୍ୟର ଅପଳାପ ହେବନାହିଁ । ସେହିମାନେହିଁ ଆଧୁନିକ ଓଡ଼ିଆ ଗଦ୍ୟର ବିଜୟ ବୈଜୟନ୍ତୀ ଉଡ଼ାଇବା ପାଇଁ ପ୍ରଥମ ଉଦ୍ୟମ କରିଛନ୍ତି ।

## ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଓ ପତ୍ରପତ୍ରିକାର ପ୍ରକାଶନ ଫଳରେ ଓଡ଼ିଆ ଗଦ୍ୟର କ୍ରମ ବିକାଶ :

ଯଦିଓ ଖ୍ରୀଷ୍ଟିୟ ମିଶନାରୀମାନେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠାକରି ପାଠ୍ୟ ପୁସ୍ତକ ପ୍ରଣୟନ, ଧର୍ମ ପୁସ୍ତକ ଅନୁବାଦ ଓ ପତ୍ରପତ୍ରିକା ପ୍ରକାଶନ

କରିଥିଲେ, ଇଥିପି ସେମାନଙ୍କର ମୌଳିକ ଲକ୍ଷ୍ୟ ଥିଲା ଧର୍ମ ପ୍ରଚାର, ସାହିତ୍ୟ ସୃଷ୍ଟି ନୁହେଁ । ତେଣୁ ସେମାନଙ୍କ ହାତରେ ଓଡ଼ିଆ ଗଦ୍ୟର ନବଜନ୍ମ ହୋଇଥିଲେହେଁ ପରବର୍ତ୍ତୀ କାଳରେ ତାର ହେଲା ବିକାଶ । କଟକ ପ୍ରିଣ୍ଟିଂ କଂପାନି ସ୍ଥାପନ ଓ 'ଉତ୍କଳଦୀପିକା' (୧୮୬୬) ପ୍ରକାଶନ ବ୍ୟତୀତ ଓଡ଼ିଆ ସମ୍ବାଦ--ଗଦ୍ୟ ଓ ସାହିତ୍ୟିକ ଗଦ୍ୟଧାରାରେ ଏକ ନୂତନ ପ୍ରାଣପ୍ରବାହ ସୃଷ୍ଟି କଲା । କର୍ମଯୋଗୀ ଗୌରୀଶଙ୍କର ରାୟଙ୍କର ସମ୍ପାଦନାରେ 'ଉତ୍କଳଦୀପିକା' ପାଞ୍ଚ ଅର୍ଦ୍ଧଶତାବ୍ଦୀକାଳ ଓଡ଼ିଶାର ରାଜନୈତିକ—ସାଂସ୍କୃତିକ—ସାହିତ୍ୟିକ—ଆର୍ଥନୈତିକ ଓ ଭାଷାଗତ ବିଭିନ୍ନ ସମସ୍ୟାର ସମାଧାନପାଇଁ ଅନବରତ ସଂଗ୍ରାମ କରି ଆସିଥିଲା । ଉତ୍କଳଦୀପିକାର ଗଦ୍ୟଶୈଳୀ ସମ୍ପର୍କରେ ନିମ୍ନରେ ଦୁଇଟି ପ୍ରସଙ୍ଗ ଉଦ୍ଧୃତ ।

"ଏଦେଶରେ ଯେ ଏତାଦୃଶ ଦୁଃସମୟ ପଡ଼ିବ ଏହା କେହି ସ୍ୱପ୍ନରେ ସୁଦ୍ଧା ଦେଖି ନଥିଲେ । କାର୍ତ୍ତିକମାସ ପର୍ଯ୍ୟନ୍ତ ନିୟମିତ ପରିମାଣରେ ବର୍ଷା ନହେବାରୁ ଆସନ୍ନ ଫସଲ ପକ୍ଷରେ ଲୋକଙ୍କମନରେ କିଞ୍ଚିତ ଭୟ ହେଉଥିଲା ସତ୍ୟ ମାତ୍ର ଏତାଦୃଶ ଘଟଣା ହେବାର କେହି ସମ୍ଭବ କରି ନଥିଲେ । ଦକ୍ଷିଣ ଦେଶରେ ପ୍ରଥମେ ଦୁର୍ଭିକ୍ଷର ଆଦର୍ଶ ପ୍ରକାଶ ହେଲା ଓ ସେ ଦିଗରୁ ଲୋକମାନେ ଅଧିକ ପରିମାଣରେ ଚାଉଳ କ୍ରୟ କରିବାକୁ ଆରମ୍ଭ କଲାରୁ ଦିନକୁଦିନ ଭାଉ ନ୍ୟୂନ ହୋଇ ଅକସ୍ମାତ୍ ଏକାବେଳକେ ଚାଉଳ ଅପ୍ରାପ୍ତ ହେଲା ସାଧାରଣ ଲୋକ ସ୍ୱଭାବତଃ ମୁଦିମାନଙ୍କୁ ଦୋଷକଲେ ଓ କହିଲେ ଯେ ଏମାନେ କେବଳ ଅଧିକଲାଭ ଆଶାରେ ଦେଶରେ ଶସ୍ୟ ନଥିବାରୁ ପ୍ରଚାର କରି ଅଛନ୍ତି ଓ ସମସ୍ତ ଶସ୍ୟ ଆପଣମାନଙ୍କ ମଧ୍ୟରେ ମେଳ କରି କଣୁଅଛନ୍ତି ।"

ଉତ୍କଳଦୀପିକା—୧ମଭାଗ ତୃତୀୟ ସଂଖ୍ୟା ତା ୧୧-୮-୧୮୬୬

"ଆମ୍ଭମାନଙ୍କର ମାତୃଭାଷା ଓଡ଼ିଆ, ଏହା ଦୁଧଖିଆ ପିଲାମାନେ ସୁଦ୍ଧା ଜାଣନ୍ତି । ଯହିଁରେ ଏହି ଭାଷାର ଉନ୍ନତି ହେବ ସେଥିରେ ଚେଷ୍ଟାକରିବା ଆମ୍ଭମାନଙ୍କର ଉଚିତ । ପୃଥିବୀ ମଧ୍ୟରେ ଯେଉଁ ୨ ଜାତି ସଭ୍ୟତା

ତ

ସୋପାନରେ ଆରୋହଣ କରି ଅଛନ୍ତି ସେମାନେ ଆପଣା ଆପଣା ମାତୃଭାଷାକୁ ବୃଦ୍ଧି କରିବା ନିମନ୍ତେ ସାଧ୍ୟାନୁସାରେ ଯତ୍ନ କରୁଅଛନ୍ତି ମାତ୍ର ଦୁଃଖର ବିଷୟ ଏହିଯେ ଆମ୍ଭେମାନେ ତାହା ନ କରି ସେଥିରେ ବିପରୀତ କରୁଅଛୁଁ । ଆମ୍ଭମାନଙ୍କ ମାତୃଭାଷା କିଛି ନୂତନଭାଷା ନୋହେ, ଏହା ବହୁଦିନର ଭାଷା । ଯେଉଁମାନେ ଏହା ଅବିଶ୍ୱାସ କରନ୍ତି ସେମାନେ ପୁରୁଣା ପୋଥିମାନ ଫିଟାଇ ଦେଖନ୍ତୁ, ତାହାହେଲେ ଆମ୍ଭମାନଙ୍କର ଉକ୍ତିର ପ୍ରମାଣ ପାଇବେ । ଆମ୍ଭମାନଙ୍କର ମାତୃଭାଷା ଦୁଇଶଅ ବର୍ଷ ପୂର୍ବେ ଯେପରି ଅବସ୍ଥାରେ ଥିଲା, ଆଜି ବଙ୍ଗଳା ଭାଷା ଏତେ ଉନ୍ନତି ଲାଭ କରି ସୁଦ୍ଧା ପ୍ରାୟ ସେହିରୂପ ଅବସ୍ଥାପନ୍ନ ହୋଇଅଛି । ଦୀନକୃଷ୍ଣ, ଉପେନ୍ଦ୍ର ଭଂଜ ଓ ଅଭିମନ୍ୟୁ ପ୍ରଭୃତିଙ୍କ କାବ୍ୟ ଯେଉଁ ମାନେ ମନ ଦେଇ ପଢ଼ିଅଛନ୍ତି ସେହିମାନେ ଏଥିର ପ୍ରମାଣ ପାଇଅଛନ୍ତି ।"

'ଉତ୍କଳଦୀପିକା—୧୧ଶ ଭାଗ ୨୨·ସଂଖ୍ୟା ୩୦/୫/୧୮୬୮

ଆଧୁନିକ ଓଡ଼ିଆ ଗଦ୍ୟର ଯଥାର୍ଥ ଜନ୍ମବିକାଶ 'ଉତ୍କଳଦୀପିକା' ପ୍ରକାଶନ ପରେ ପରେ ସମ୍ଭବ ହୋଇଥିଲା । ଏକ ପ୍ରଚଣ୍ଡ ଜାତୀୟତାର ସ୍ୱାଭିମାନନେଇ ଦୀପିକା ଓଡ଼ିଆ ଭାଷା ଓ ସାହିତ୍ୟର ମୌଳିକତା ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଏହାର ଜନ୍ମ ବିକାଶ ପାଇଁ ପ୍ରକୃତ ପ୍ରେରଣା ପ୍ରଦାନ କରିଥିଲା । ଦୀପିକା ଥିଲା ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ସମୂହ ଚେତନା ଓ ସ୍ୱାର୍ଥର ଜାଗ୍ରତପ୍ରହରୀ । 'ଦୀପିକା'ପରେ ପରେ 'ବାଲେଶ୍ୱର ସମ୍ବାଦ' ବାହିକା (୧୮୬୮), ଉତ୍କଳହିତୈଷିଣୀ (୧୮୬୯), ଉତ୍କଳପୁତ୍ର (୧୮୭୩) ଆଶା (୧୮୮୮), ଓଡ଼ିଆ (୧୮୮୭), ଓଡ଼ିଆ ଓ ନବସମ୍ବାଦ (୧୮୮୮), ପ୍ରଜାବନ୍ଧୁ (୧୮୮୨), ସାମ୍ୟବାଦୀ (୧୮୮୬), ସମ୍ବଲପୁର ହିତୈଷିଣୀ (୧୮୮୯)' ସେବକ (୧୮୮୩), ଆଦି ସମ୍ବାଦ ଧର୍ମୀ ପତ୍ରିକା ଗୁଡିକ ପ୍ରକାଶିତ ହେଲା ଏବଂ ବିଂଶ ଶତାବ୍ଦୀରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କଦ୍ୱାରା 'ସମାଜ' (୧୯୧୯) ପ୍ରକାଶିତ ହୋଇ କେବଳ ସମ୍ବାଦ ପରିବେଷଣ ନୁହେଁ, ଓଡ଼ିଆ ଭାଷା ଓ ଗଦ୍ୟର ଯଥାର୍ଥ ନିର୍ମାଣ ପାଇଁ ପ୍ରେରଣା ପ୍ରଦାନ କଲା । କେବଳ ସମ୍ବାଦ ଧର୍ମୀ ପତ୍ରିକ ନୁହେଁ,

ବହୁ ସାହିତ୍ୟ ପତ୍ରିକା ମଧ୍ୟ ପ୍ରକାଶିତ ହୋଇ ଓଡ଼ିଆ ଗଦ୍ୟ ସାହିତ୍ୟର ଭୂମିସ୍ଥାପନକାରୀରେ ସାହାଯ୍ୟ କଲା ।

ଉତ୍କଳଦର୍ପଣ (୧୮୭୩) ଓଡ଼ିଶାର ପ୍ରଥମ ସାହିତ୍ୟ ପତ୍ରିକା । ଅବଶ୍ୟ ଇତିପୂର୍ବରୁ 'ପ୍ରବୋଧ ଚନ୍ଦ୍ରିକା' ତଥା ବାଲେଶ୍ୱରରୁ ଫକୀର-ମୋହନଙ୍କ ସମ୍ପାଦନାରେ "ବୋଧ ଦାୟିନୀ' (୧୮୬୮) ପ୍ରକାଶିତ ହେଉଥିଲା ମାତ୍ର ଏହି ପତ୍ରିକାଗୁଡ଼ିକର ସ୍ଥାୟିତ୍ୱ ଓ ପ୍ରଭାବ ସେପରି କିଛି ଉଲ୍ଲେଖଯୋଗ୍ୟ ନୁହେଁ । ଉତ୍କଳମଧୁପ (୧୮୭୮), ପ୍ରଦୀପ (୧୮୮୫), ଉତ୍କଳପ୍ରଭା (୧୮୯୧), ଇନ୍ଦ୍ରଧନୁ (୧୮୯୩), ବିଜୁଳି (୧୮୯୩-୯୫), ଉତ୍କଳସାହିତ୍ୟ (୧୮୯୭), ମୁକୁର(୧୯୦୬), ସତ୍ୟବାଦୀ (୧୯୧୫),ସହକାର (୧୯୧୯), ଡଗର (୧୯୩୪),ନବଭାରତ ୧୯୩୬), ଶଙ୍ଖ (୧୯୩୫), କାରୁଣୀ (୧୯୨୫), ଆରତି (୧୯୩୭) ଆଧୁନିକ (୧୯୩୬), ନବୀନ (୧୯୩୦), ନବଯୁଗ (୧୯୨୮), ଝଙ୍କାର (୧୯୪୯), ଦିଗନ୍ତ (୧୯୫୦) ଆସନ୍ତା କାଲି (୧୯୫୦) ଆଦି ବହୁ ସାହିତ୍ୟ ପତ୍ରିକା ପ୍ରକାଶ ପାଇ ଓଡ଼ିଆ ଗଦ୍ୟ ସାହିତ୍ୟର ବହୁମୁଖୀଦିଗର ବିକାଶରେ ସାହାଯ୍ୟକରିଅଛି । ଊନବିଂଶଶତାବ୍ଦୀର ଶେଷ ତିନିଦଶକରେ ଉତ୍କଳଦର୍ପଣ ଉତ୍କଳପ୍ରଭା ଓ ଉତ୍କଳସାହିତ୍ୟ ଗୁରୁତ୍ୱ ପୂର୍ଣ୍ଣ ଭୂମିକାः ନେଇଥିଲା ବେଳେ ବିଂଶଶତାବ୍ଦୀର ପ୍ରଥମ ପାଞ୍ଚଦଶକ ମଧ୍ୟରେ ଉତ୍କଳସାହିତ୍ୟ—ମୁକୁର—ସତ୍ୟବାଦୀ — ସହକାର— ନବଭାରତ—ଡଗର —ଆଧୁନିକ ଓ ଶଙ୍ଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଅଛନ୍ତି । ୧୯୫୦ ମସିହାପରେ 'ଝଙ୍କାର' ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶରେ ଉଲ୍ଲେଖ ଯୋଗ୍ୟ ଭୂମିକା ଗ୍ରହଣ କରିଅଛି ।

ଜ୍ଞାନାରୁଣ, ଅରୁଣୋଦୟ, ପ୍ରବୋଧ ଚନ୍ଦ୍ରିକା, ତାରକା ତାରକାଓ ଶୁଭବାର୍ତ୍ତା, ପ୍ରଭାତତାରା ପ୍ରମୁଖ ପତ୍ରିକାଗୁଡ଼ିକ ଖ୍ରୀଷ୍ଟଧର୍ମ ପ୍ରଚାରର ମୁଖପତ୍ର ଥିଲାବେଳେ ଉତ୍କଳଶୁଭକାରୀ, ଧର୍ମବୋଧିନୀ, ବ୍ରାହ୍ମ, ସେବକ, ନବବିଧାନ, ନବସମ୍ବାଦ ଆଦି ପତ୍ରିକାଗୁଡ଼ିକ ବ୍ରାହ୍ମ ଧର୍ମର ଆଦର୍ଶ ପ୍ରସାରପାଇଁ କାର୍ଯ୍ୟ କରୁଥିଲା । ହରିଭକ୍ତି ପ୍ରଦାୟିନୀ,

ଭଗବତଭକ୍ତି ପ୍ରଦାୟିନୀ ଓ ଭକ୍ତିତତ୍ତ୍ୱ ପ୍ରଭୃତି ପତ୍ରିକା ସନାତନ ହିନ୍ଦୁ ଧର୍ମର ମହତ୍ତ୍ୱକୁ ପ୍ରକାଶ କରୁଥିଲା ବେଳେ ବିଶ୍ୱନାଥ କରଙ୍କର 'ଉତ୍କଳ ସାହିତ୍ୟ' କେତେକ ପରିମାଣରେ ବ୍ରାହ୍ମଧର୍ମ ଏବଂ ବ୍ରଜସୁନ୍ଦର ଦାସଙ୍କ ସମ୍ପାଦିତ 'ମୁକୁର' ଓ ଗୋପବନ୍ଧୁ ଦାସଙ୍କ ସମ୍ପାଦିତ 'ସତ୍ୟବାଦୀ' ହିନ୍ଦୁଧର୍ମର ପୁନରୁତ୍‌ଥାନପାଇଁ ସୁଚିନ୍ତିତ ମତ ପ୍ରଦାନ କରୁଥିଲେ ବିଶୁଦ୍ଧ ସାହିତ୍ୟ ପତ୍ରିକା ଭାବରେ 'ଉତ୍କଳମଧୁପ' ଓଡ଼ିଆ ସୃଜନଶୀଳ ତଥା ସମାଲୋଚନାତ୍ମକ ଗଦ୍ୟଧାରାର ଅଭିନବ ଦୃଷ୍ଟାନ୍ତ ପ୍ରଦାନ କରିଅଛି । ସେହିପରି 'ନବ ସମ୍ବାଦ'ର ସଂସ୍କୃତାପ୍ଲୁତ ଭାଷା ଓ ଶୈଳୀ ମଧ୍ୟ ସେ ସମୟରେ ଏକାନ୍ତ ଉଲ୍ଲେଖଯୋଗ୍ୟ । "ସୁଷୁପ୍ତ ଉତ୍କଳର ଗଭୀର ନିଦ୍ରା ଭଙ୍ଗକରି ନିବିଡ଼ ଅନ୍ଧକାରକୁ ଭେଦ କରି ଲକ୍ଷ ଲକ୍ଷ ନରନାରୀର ନୟନକୁ ଚମକିତ କରି ନବୀନ ଭାବରେ ନବ ସମ୍ବାଦ ନବତେଜରେ ପୃଥିବୀରେ ପ୍ରସୂରିତ ହେଲା ।" (୭୧) 'ଉତ୍କଳ ପ୍ରଭା'ର ଗଦ୍ୟଶୈଳୀ ଆଧୁନିକ ଗଦ୍ୟଧାରାର ଆଦର୍ଶ ଧାରଣ କରିଥିଲା । ଊନବିଂଶ ଶତାବ୍ଦୀର ଶେଷରେ 'ଉତ୍କଳ ସାହିତ୍ୟ' ପ୍ରକାଶିତ ହୋଇ ଆଧୁନିକ ଓଡ଼ିଆ ଗଦ୍ୟଧାରାର; ଅନ୍ୟ ଅର୍ଥରେ ଆଧୁନିକ ଓଡ଼ିଆ ସାହିତ୍ୟର ଯେ ଭୂତପୂର୍ବବିକାଶ ସାଧିତ କଲା; ଏହି ଐତିହାସିକ ସତ୍ୟକୁ ଅସ୍ୱୀକାର କରିହୁଏ ନାହିଁ । ସୃଜନଶୀଳ ଗଦ୍ୟ (ଉପନ୍ୟାସ,ଗଳ୍ପ) ସମାଲୋଚନାତ୍ମକ ଗଦ୍ୟ, ସମ୍ପାଦକୀୟ ଗଦ୍ୟ, ଭ୍ରମଣ ବୃତ୍ତାନ୍ତଧର୍ମୀ ଗଦ୍ୟ, ରମ୍ୟରଚନାଧର୍ମୀ ଗଦ୍ୟ ଆଦି ବସ୍ତୁନିଷ୍ଠ ଓ ବ୍ୟକ୍ତିନିଷ୍ଠ ରଚନାର ଧାରା 'ଉତ୍କଳ ସାହିତ୍ୟ' ଯଥାର୍ଥରେ ଓଡ଼ିଶାରେ ପ୍ରତିଷ୍ଠା କଲା । ପ୍ରଥମ ସଂଖ୍ୟାରେ ଉତ୍କଳ ସାହିତ୍ୟ ଘୋଷଣା କରିଥିଲା "ଉତ୍କଳର ପ୍ରାଚୀନ ସାହିତ୍ୟ ଭଣ୍ଡାରରେ ଗୌରବର ବିଷୟ ଯଥେଷ୍ଟ ନଥିଲେହେଁ, ତାହାର ଏକାନ୍ତ ଅଭାବ ନାହିଁ । ଅନ୍ୟଆଡ଼େ ନବଯୁଗର ସାହିତ୍ୟ ଗଠନର ଚେଷ୍ଟାମଧ୍ୟ କିଞ୍ଚିତ ପରିମାଣରେ ପରିଲକ୍ଷିତ ହେଉଅଛି । ଉତ୍କଳ ସାହିତ୍ୟ ଏହି ଉଭୟର ପ୍ରତିନିଧି ସ୍ୱରୂପ କାର୍ଯ୍ୟ କରିବା

---

୭୧ — ନବସମ୍ବାଦ — ଭା୧/୧ମ ସଂଖ୍ୟା, ପୃ ୧

ଅଂଶରେ ଉପସ୍ଥିତ ହୋଇ ଅଛି । ଏକ ଆଡ଼େ ପ୍ରାଚୀନମଧ୍ୟରୁ ଗ୍ରହଣୀୟ ବସ୍ତୁ ଆହରଣ କରିବା ଅନ୍ୟଆଡେ ଉନ୍ନତ ଯୁଗରଭାବ ଓ ଚିନ୍ତା ପାଠକ ସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବା ଏକାନ୍ତ କର୍ତ୍ତବ୍ୟ । ଆମ୍ଭେମାନେ ବଙ୍ଗଲେଖକମାନଙ୍କ ସାହାଯ୍ୟରେ ଏହିପବିତ୍ର କର୍ତ୍ତବ୍ୟ ସାଧନ କରିବାକୁ ଆଶା ରଖିଅଛୁଁ ।''(୬୨)ଅତଏବ ଆଧୁନିକ ସାହିତ୍ୟଗଠନର ଯେଉଁ ଐତିହାସିକ ଦାୟିତ୍ୱ ଉତ୍କଳ ସାହିତ୍ୟ ନେଇଥିଲା ତାର ତ୍ରିଂଶ ବର୍ଷର ନିରବଚ୍ଛିନ୍ନ ପ୍ରକାଶକାଳ ମଧ୍ୟରେ ଦେଖିବାକୁ ମିଳେ । ଏହାପରେ 'ମୁକୁର' ସେଇ ଐତିହାସିକ ଦାୟିତ୍ୱର ଅଂଶୀଦାର ରୂପେ କାର୍ଯ୍ୟ କରି ଗୌରବମୟ ଭୂମିକା ଗ୍ରହଣ କଲା ।ଆଲୋଚ୍ୟ ସମୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀର ମୋହନ ସେନାପତି, ବିଶ୍ୱନାଥ କର, ରାମଶଙ୍କର ରାୟ, ନନ୍ଦକିଶୋର ବଳ, ଗୋପାଳଚନ୍ଦ୍ର ପ୍ରହରାଜ, କୃଷ୍ଣପ୍ରସାଦ ଚୌଧୁରୀ, ଚନ୍ଦ୍ରଶେଖର ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ପଣ୍ଡିତ ଗୋପୀନାଥନନ୍ଦ ଶର୍ମା ଦୟାନିଧି ମିଶ୍ର, ତାରିଣୀଚରଣ ରଥ ଜଗବନ୍ଧୁ ସିଂହ, ଜଳଧର ଦେବ, ଶଶିଭୂଷଣ ରାୟ, ମୋହିନୀମୋହନ ସେନାପତି, ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖ ଲେଖକଗଣ ଓଡ଼ିଆଗଦ୍ୟସାହିତ୍ୟକୁ ଗୁଣାତ୍ମକ ଦୃଷ୍ଟିରୁ ତଥା ପରିମାଣାତ୍ମକ ଦୃଷ୍ଟିରୁ ସମୃଦ୍ଧ କରିଥିଲେ । ଏମାନଙ୍କ ବ୍ୟତୀତ ଚନ୍ଦ୍ରମୋହନ ମହାରଣା, ଭୋଳାନାଥ ସାମନ୍ତରାୟ,ମଧୁସୂଦନଦାଶ; ସାଧୁଚରଣ ରାୟ, ରେବା ରାୟ, ଦିବ୍ୟସିଂହ ପାଣିଗ୍ରାହୀ, ବାଞ୍ଛାନିଧି ପଟ୍ଟନାୟକ, ନର୍ମଦା କର, ପ୍ରତିଭା କର ଓ ପରବର୍ତ୍ତୀକାଳରେ ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାଶ, କୃପାସିନ୍ଧୁ ମିଶ୍ର, ବାସୁଦେବ ମହାପାତ୍ର, ରତ୍ନାକର ପତି ,ଗିରିଜାଶଙ୍କର ରାୟ, ବିପିନବିହାରୀ ରାୟ,ବ୍ରଜମୋହନ ସେନାପତି; ଅଖିଳଚନ୍ଦ୍ର ପାଲିତ' ବିରୂପାକ୍ଷ କର, ଯୋଗେନ୍ଦ୍ର ମିଶ୍ର, ପ୍ରାଣକୃଷ୍ଣ ପରିଜା,ଗଣପତି ଦାସ,ଶ୍ରୀବତ୍ସ ପଣ୍ଡା,ଶଚୀନ୍ଦ୍ରନାଥ ଦାସ ପ୍ରମୁଖ ବହୁ କୃତବିଦ୍ ଲେଖକ ବିଭିନ୍ନ ସମୟରେ ପତ୍ରପତ୍ରିକା

---

୬୨—ଉତ୍କଳ ସାହିତ୍ୟ—୧/୧ ମ ସଂଖ୍ୟା ।

ମାନଙ୍କରେ ନାନା ଦୃଷ୍ଟିକୋଣରୁ ଗଦ୍ୟ ରଚନା କରୁଅଛନ୍ତି । ଏମାନଙ୍କର ନିଷ୍ଠା ଓ ସାଧନାରେ ଓଡ଼ିଆ ଗଦ୍ୟ ସାହିତ୍ୟ ଯେ ଉତ୍ତରୋତ୍ତର ଉନ୍ନତି ସାଧନ କରିଅଛି; ଏଥିରେ ସନ୍ଦେହ ନାହିଁ ।

ଆଲୋଚ୍ୟ ସମୟରେ 'ସତ୍ୟବାଦୀ' (୧୯୧୫) ପତ୍ରିକା ଓଡ଼ିଆ ସାହିତ୍ୟରେ ଗୁରୁଗମ୍ଭୀର ଗଦ୍ୟଧାରା ପ୍ରଚଳନ କଲା । ଏକ ମାର୍ଜିତ ସର୍ବଜନଗ୍ରାହ୍ୟ ସରଳ ଅଥଚ ଧ୍ୟାନଗମ୍ଭୀର ଶୈଳୀଦ୍ୱାରା ଓଡ଼ିଆ ଗଦ୍ୟ ସାହିତ୍ୟକୁ ସତ୍ୟବାଦୀ ପତ୍ରିକା ସମୃଦ୍ଧ କରିଥିଲା । ଆତ୍ମଜିଜ୍ଞାସା, ଆତ୍ମ ମନୀଷା ଓ ଆତ୍ମପ୍ରସାର ମଧ୍ୟଦେଇ ପତ୍ରପତ୍ରିକାଗୁଡ଼ିକ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏ ସମ୍ପର୍କରେ ଡକ୍ଟର ଶ୍ରୀନିବାସ ମିଶ୍ର କହନ୍ତି-"ଓଡ଼ିଆ ଗଦ୍ୟ ସାହିତ୍ୟର ଉନ୍ନତି, ବୈଶିଷ୍ଟ୍ୟ ଓ ବହୁମୁଖିତା ସମ୍ପାଦନ, ଗଦ୍ୟଶୈଳୀର ବିକାଶ ସାଧନାରେ ପତ୍ରିକା ସାହିତ୍ୟର କୃତିତ୍ୱ ସର୍ବଥା ସାର୍ଥକ ସ୍ୱୀକାର୍ଯ୍ୟ । ଦୈନନ୍ଦିନ ଜୀବନ ସହ ସମତାଳରଖି ସରଳ ଓ ସହଜବୋଧ୍ୟ ଗଦ୍ୟଗଠନ ନିମିତ୍ତରେ ପତ୍ର ପତ୍ରିକା ମୁଖ୍ୟ ସାଧନ କ୍ଷେତ୍ର । ପତ୍ରିକା- ସାହିତ୍ୟ ମଧ୍ୟ ଦେଇ ଓଡ଼ିଆ ଗଦ୍ୟ କାର୍ଯ୍ୟକାରୀ ଓ ବଳଶାଳୀ ଶୈଳୀ ମଣ୍ଡିତ ହୋଇଥିଲା । ଏହା ବହୁ ଲେଖକଙ୍କ ଜନ୍ମଦାତା ଓ ସେମାନଙ୍କ ସୃଷ୍ଟି ସାମର୍ଥ୍ୟ ବିକାଶରେ ସହାୟକ ।" (୬୩) ବାସ୍ତବିକ ଓଡ଼ିଆ ଗଦ୍ୟ ସାହିତ୍ୟର ନବଅଭ୍ୟୁଦୟରେ ପତ୍ରପତ୍ରିକା ମାନଙ୍କର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ବହୁମୁଖ୍ୟ ଓ ଗୌଣ ଲେଖକ ମାନଙ୍କ ଆନ୍ତରିକ ଅବଦାନରେ ପତ୍ରିକା ହୁଏ ଶ୍ରୀମଣ୍ଡିତ ଏବଂ ସେହିମାନଙ୍କ ଆତ୍ମଜିଜ୍ଞାସା ଓ ଆତ୍ମାନୁଶୀଳନ ମଧ୍ୟ ଦେଇ ଗଦ୍ୟ ସାହିତ୍ୟର ହୁଏ ବିକାଶ । ଓଡ଼ିଆ ଗଦ୍ୟ ସାହିତ୍ୟ ବହୁ ଲେଖକଙ୍କ ମନୀଷା ଓ ସାଧନା ବଳରେ ପତ୍ର ପତ୍ରିକାକୁ ଅବଲମ୍ବନ କରି ଅଧୁନା ଏକ ବିକଶିତ ରୂପ ପରିଗ୍ରହଣ କରିବାକୁ ସମର୍ଥ ହୋଇଅଛି ।

---

୬୩—ଡକ୍ଟର ଶ୍ରୀନିବାସ ମିଶ୍ର—ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ—ପୃ ୧୩୬

## ଆଧୁନିକ ଓଡ଼ିଆ ଗଦ୍ୟଧାରା ପ୍ରତି ବିହଙ୍ଗାବଲୋକନ :

ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଓ ପତ୍ର ପତ୍ରିକା ବିକାଶର ପ୍ରତ୍ୟକ୍ଷ ଫଳଶ୍ରୁତି । ଏହିପତ୍ର-ପତ୍ରିକାକୁ ଅବଲମ୍ବନ କରି ବହୁ ନବଶିକ୍ଷିତ ବ୍ୟକ୍ତି ନୂତନ ରୁଚିବୋଧର ପ୍ରତିଷ୍ଠା ପାଇଁ ଗଦ୍ୟ ସାହିତ୍ୟର ବିଭିନ୍ନଧାରାରେ ଲେଖନୀ ଚାଳନା କରିଥିଲେ । ପ୍ରବନ୍ଧ, ସମାଲୋଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, ଜୀବନୀ, ଆତ୍ମ ଜୀବନୀ, ରମ୍ୟ ରଚନା ଆଦି ବିଭିନ୍ନ ଦିଗରେ ଗଦ୍ୟଶୈଳୀ କ୍ରମ-ବିକାଶ ଲାଭ କଲା ଓ ଓଡ଼ିଆ ଗଦ୍ୟ ସାହିତ୍ୟ ସ୍ୱକୀୟ ମର୍ଯ୍ୟାଦା ଏବଂ ଗୌରବରେ ଆତ୍ମପ୍ରତିଷ୍ଠା ଲାଭ କଲା । ଆଦି ପର୍ବର ଆଧୁନିକ ଓଡ଼ିଆ ଗଦ୍ୟର ପ୍ରଦୀପମାଳାରେ ରାଧାନାଥ ରାୟ, ଗୌରୀଶଙ୍କର ରାୟ, ଫକୀରମୋହନ ସେନାପତି, ଚ୍ୟାଣ୍ଡମୋହନ ଆଚାର୍ଯ୍ୟ, ମଧୁସୂଦନ ରାଓ, ରାମଶଙ୍କର ରାୟ, ଗୋପୀନାଥ ନନ୍ଦଶର୍ମା, ଶ୍ୟାମସୁନ୍ଦର ରାଜଗୁରୁ, ନୀଳମଣି ବିଦ୍ୟାରତ୍ନ, ଶଶିଭୂଷଣ ରାୟ, ଚେ ଶ୍ୱମାମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ, ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଗୋପାଳବଲ୍ଲଭ ଦାସ, ଜଗମେଣ ଚନ୍ଦ୍ର ସରକାର, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରମୁଖ କୃତବିଦ୍ ଲେଖକମାନଙ୍କର ନାମ ମହତ୍ତ୍ୱପୂର୍ଣ୍ଣ । ରାଧାନାଥ ରାୟଙ୍କ ଗଦ୍ୟଶୈଳୀ ଗୌରୀଶଙ୍କର ରାୟଙ୍କ ଶୈଳୀ ପ୍ରଭାବିତ ହେଲେହେଁ ଏହା ସଂସ୍କୃତାଶ୍ରିତ ଏବଂ ଅନେକ ସମୟରେ ଇଂରାଜୀ ଗଦ୍ୟ ଶୈଳୀର ଓଡ଼ିଆ ରୂପାନ୍ତର ପରି ମନେହୁଏ । 'ବିବେକୀ' ପ୍ରବନ୍ଧରୁ ଏ ପ୍ରସଙ୍ଗରେ ଗୋଟିଏ ଦୃଷ୍ଟାନ୍ତ ପ୍ରଦାନ କରାଯାଇ ପାରେ । "ଯେଉଁ ଅନ୍ଧକାର ସୂର୍ଯ୍ୟ ଗ୍ରାସ କରେ, ସେହି ଅନ୍ଧକାର କେତେ ମଞ୍ଜୁଳ ପଦାର୍ଥମାନ ନୟନ ଗୋଚର କରାଏ ।" (୬୪) ରାଧାନାଥଙ୍କ ଗଦ୍ୟଶୈଳୀର ଅନ୍ୟ ଏକ ଦୃଷ୍ଟାନ୍ତ— "ଯେଉଁମାନଙ୍କୁ ଅନେକ ଘର ସମ୍ଭାଳିବାକୁ ହୁଏ, ସେମାନେ ଦୁଇ ହାତର

---

୬୪—'ବିବେକୀ'—ରାଧାନାଥ ଗ୍ରନ୍ଥାବଳୀ—ପୃ ୩୬୭—
(ପ୍ରକାଶକ—କଟକ ଟ୍ରେଡ଼ିଂକମ୍ପାନୀ)

ଗଞ୍ଜନା ନ ଲଭି ସେ ଜୀବନ ଗମିବେ, ଏପରି ଆଶା କରିବାର ଭଲ ନୁହେଁ । ହେତୁକି ଏପରି ଆଶା କେବେ ଫଳବନାହିଁ । ଯେଉଁ ଲୋକମାନଙ୍କ ସଙ୍ଗେ ତୁମ୍ଭର କାରବାର ଚଳୁଅଛି ସେମାନଙ୍କ ମଧ୍ୟରେ ସ୍ୱଳ୍ପମନ୍ୟ ଅଜ୍ଞ ଏବଂ ଈର୍ଷୀ ଲୋକ ଅନେକ ଅଛନ୍ତି । ଏହା ଯେବେ ଜାଣି, ସେମାନଙ୍କ ସଙ୍ଗେ କାରବାର କଲେ ଅବଶ୍ୟ ଥରେ ଦୁଇଥର ଦୁର୍ନାମ ଘଟିବ, ଏହା ମଧ୍ୟ ଜାଣିବାର ଉଚିତ୍ ।''(୬୫) ପାର୍ବତୀ କାବ୍ୟର ଉପସଂହାର, ଉର୍ବଶୀର ଅବଶିଷ୍ଟାଂଶ, ଭ୍ରମଣକାରୀର ପତ୍ର ଆଦି ଗଦ୍ୟ ରଚନାରୁ ରାଧାନାଥଙ୍କର ଗଦ୍ୟଶୈଳୀର ଅନ୍ୟ ଏକ କମନୀୟ ଦିଗ ପ୍ରକଟିତ ହୋଇଥାଏ । ଉର୍ବଶୀର ଚତୁର୍ଥ ସର୍ଗରେ ଲେଖାଅଛି—

''ପୁରୂରବା-ଉର୍ବଶୀଙ୍କର ପ୍ରଣୟ ଦର୍ଣ୍ଣିନାଶିତ । ସ୍ୱର୍ଗ ଓ ମର୍ତ୍ତ୍ୟରେ ଯେଉଁ ପ୍ରଭେଦ, ଖଦ୍ୟୋତ ଓ ତାରାର ଯେଉଁ ପ୍ରଭେଦ, ଏ ପ୍ରଣୟ ସହିତ ଅନ୍ୟ ପ୍ରଣୟର ସେହି ପ୍ରଭେଦ । ଉର୍ବଶୀ ସ୍ୱର୍ଗୀୟା ନାୟିକା, ସ୍ୱର୍ଗ ସୁଖ ସେ ମର୍ତ୍ତ୍ୟକୁ ଆଣି ପାରିବ, ଏଥିରେ ବୈଚିତ୍ର୍ୟ କଣ ? ଅନନ୍ତ ଯୌବନାର ଅନନ୍ତ ପ୍ରେମରେ ନବଯୁବା ବୁଡ଼ିଗଲେ । ଏହି ପ୍ରେମ ସବୁବେଳେ ନୂତନ, ଆତ୍ମ ବିସ୍ମୃତି ଓ ତନ୍ମୟତା ତାହାର ଉପାଦାନ । ପୁରୂରବାଙ୍କପାଇଁ ଉର୍ବଶୀ ଲୋକଲଜ୍ଜା ଗଣିଲାନାହିଁ । ସ୍ୱର୍ଗସୁଖରେ ଜଳାଞ୍ଜଳି ଦେଲା, ନିଜକୁ ପାସୋରିଲା । ପୁରୂରବା ବିନା ତାହାର ସ୍ୱତନ୍ତ୍ର ସତ୍ତା ନଥିଲା ।''(୬୬)ଏପରି ଗଦ୍ୟ ଶୈଳୀ ବାସ୍ତବିକ ସେତେ ବେଳେ ଅଭିନବ ଏବଂ ଅନୁପମ । କାବ୍ୟ ଓ କବିତା ରଚନାରେ ଯଦିଓ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ ତଥାପି ତାଙ୍କର ମୁଷ୍ଟିମେୟ ଗଦ୍ୟ ରଚନାପାଇଁ ସେ ଅଭିନନ୍ଦିତ ।

ଆଧୁନିକ ଓଡ଼ିଆ ଗଦ୍ୟର ଅନ୍ୟତମ ମୁଖ୍ୟ ନିର୍ମାତା ଭକ୍ତ କବି ମଧୁସୂଦନ ରାଓ । ତାଙ୍କର ଜୀବନ, ଧର୍ମ ଭାବନା ଓ ସାହିତ୍ୟ ସାଧନା ଏକସୂତ୍ରରେ ଗ୍ରଥିତ । (୬୭)ତେଣୁ ତାଙ୍କର ଗଦ୍ୟ ସାହିତ୍ୟରେ ଆତ୍ମିକ

---

୬୫—ତତ୍ରୈବ—ପୃ ୩୬୮—୩୬୯

୬୬—ଉର୍ବଶୀ—ରାଧାନାଥ ଗ୍ରନ୍ଥାବଳୀ—ପୃ ୪୪୩—୪୪୪

୬୭—ଡକ୍ଟର ଶ୍ରୀନିବାସ ମିଶ୍ର—ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ—ପୃ ୧୮୮

ଚିନ୍ତନ ଓ ଧର୍ମ ସମ୍ବନ୍ଧୀୟ ଦାର୍ଶନିକ ବ୍ୟାଖ୍ୟା ଓ ବିଶ୍ଳେଷଣ ପ୍ରାଧାନ୍ୟ ଲାଭ କରିଅଛି । ଜୀବନର ଗୁରୁଗମ୍ଭୀର ଧ୍ୱନି ତାଙ୍କର ବିଭିନ୍ନ ପ୍ରବନ୍ଧରେ ପ୍ରତିଧ୍ୱନିତ । ତେଣୁ ସେ ସଂସ୍କୃତ ପ୍ରଭାବିତ ଦୀର୍ଘ ସମାସଯୁକ୍ତ ବାକ୍ୟ ଗଠନ କରି ପ୍ରବନ୍ଧ ରଚନା କରୁଥିଲେ ଓ ଅନେକ ସମୟରେ ଦୀର୍ଘ ଜଟିଳ ବାକ୍ୟମାନ ରଚନା କରି ଭାବ ପ୍ରକାଶ କରୁଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ସେ ଅପେକ୍ଷାକୃତ ସରଳ ଗଦ୍ୟରେ ଆପଣାର ଭାବକୁ ବ୍ୟକ୍ତ କରି ଅଛନ୍ତି । ତାଙ୍କର ସଂସ୍କୃତାପ୍ଲୁତ ଗଦ୍ୟର ଏକ ଦୃଷ୍ଟାନ୍ତ ସ୍ୱରୂପ "ହିମାଳୟ" ପ୍ରବନ୍ଧରୁ ନିଆଯାଇପାରେ । "ଯେଉଁ ନଗାଧିରାଜ ହିମାଳୟର ଅଚିନ୍ତ୍ୟାଦ୍ଭୁତ ମହିମା ବର୍ଣ୍ଣନା କରିବାକୁ ଯାଇ ବ୍ୟାସ, ବାଲ୍ମୀକି, କାଳିଦାସ ପ୍ରଭୃତି ମହାକବିମାନଙ୍କର କଳ୍ପନା, ଧାରଣା ଓ ପ୍ରକାଶ ଶକ୍ତି ପରାଜୟ ସ୍ୱୀକାର କରିଅଛି, ତାହାର ଦିଗନ୍ତ ବ୍ୟାପୀ ମହାଗମ୍ଭୀର ମହାବିରାଟ ମହାବିସ୍ମୟକର ଦୃଶ୍ୟରାଜିର ଦର୍ଶନରେ କାହାର ମନ ସ୍ତବ୍ଧ ହେବନାହିଁ ? ପ୍ରକାଣ୍ଡ ହିମାଦ୍ରି ପ୍ରଦେଶ ଦିଗ ଦିଗନ୍ତର ପ୍ରସାରିତ ମହାସମୁଦ୍ର ସଦୃଶ । ସେଥିରେ ଗଗନଭେଦୀ ଗୌରୀଶଙ୍କରଙ୍କ ମନୋହର ତୁଷାର କିରୀଟୀ ଶତ ଶତ ଧବଳ ଗିରି ଶିଖରମାଳା ସମୁଦ୍ର ବକ୍ଷରେ ନିଶ୍ଚଳ ପ୍ରକାଶିତ ଉତ୍ତୁଙ୍ଗ ଲହରୀମାଳା ପରି ଶାଶ୍ୱତ ମହିମାରେ ବିରାଜିତ । ହିମାଦ୍ରି-ବକ୍ଷରୁ ପଞ୍ଚନଦୀ ସମନ୍ୱିତ ସିନ୍ଧୁ, ଆର୍ଯ୍ୟାବର୍ତ୍ତର ଜନନୀ ରୂପିଣୀ, ଯମୁନା-ସଙ୍ଗିନୀ, ମହାନଗରୀ ମାଳିନୀ, ତପୋଧନ-ସେବିତା ସୁଧାମୟୀ ଗଙ୍ଗା, ପୂର୍ବାଞ୍ଚଳ ପ୍ଲାବୀ ଶତୋପନଦୀ ସେବିତ ମହାପ୍ରବାହ ବ୍ରହ୍ମପୁତ୍ର ଏବଂ ଆହୁରି ଶତ ଶତ କ୍ଷୁଦ୍ର ବୃହତ୍ ନଦୀମାନେ ନିଷ୍ୟନ୍ଦିତ ହୋଇ ଶତ ଶତ ପ୍ରଦେଶକୁ ଉର୍ବର କରୁଅଛନ୍ତି ।" (୨୮)

ଏହିପରି ସଂସ୍କୃତାପ୍ଲୁତ ଗଦ୍ୟର ଆଉ ଏକ ମନୋଜ୍ଞ ଦୃଷ୍ଟାନ୍ତ ଗୋପୀନାଥ ନନ୍ଦଶର୍ମାଙ୍କର ଶ୍ରୀ ଭାରତ ଦର୍ପଣରୁ ନିଆଯାଇପାରେ ।

---

୨୮ —ମଧୁସୂଦନ ଗ୍ରନ୍ଥାବଳୀ—ପୃ ୩୬୯ (କଟକ ଷ୍ଟୁଡେଣ୍ଟ ଷ୍ଟୋର)

"ଶ୍ରୀକର ଭୀମସେନ ବହୁ ଗଜାଶ୍ୱଙ୍କ ସମେତ ସଂଗ୍ରାମ ଚତ୍ୱର-ସତ୍ୱର କଳିଙ୍ଗ-ରାଜଙ୍କୁ ସମ୍ମୁଖୀନ ଦେଖି ଭୟାପୁ ନବଲକ୍ଷ ହସ୍ତୀ ନିଚୟ ଅପରସ୍ୱାର୍ଥ ତୃଣପ୍ରାୟ ଗଗନରେ ଉଡ୍‌ଡୀୟମାନ କରିବାପାଇଁ 'ନନ୍ଦପୁ ଗଦାଗ୍ରରେ ଅବସ୍ଥାନ କରନ୍ତୁ' ବୋଲି ଆବହମାନ ପବନମାନଙ୍କୁ ପ୍ରାର୍ଥନା କଲେ । ତଦା ଭୟାପୁ ଗଦାଗ୍ରରେ ସମବସ୍ଥିତ ପ୍ରବଳ ପବନଙ୍କ ଗୁରୁତର ଆଘାତରେ ସମଗ୍ର ପାଣ୍ଡବୀୟ ଓ କୌରବୀୟ ସୈନ୍ୟ-ସମବାୟ ଯୁଗପତ୍ ଉଡ୍‌ଡୀନ ହୋଇ ଇନ୍ଦ୍ରପ୍ରସ୍ଥ ଓ ବାରୁଣାବନ୍ତରେ ନିପତିତ ହେଲେ ।"

ଏତାଦୃଶ ବାଣଭଟ୍ଟୀୟ ଗଦ୍ୟଶୈଳୀ କେବଳ ଗୋପୀନାଥ ନନ୍ଦଶର୍ମାଙ୍କ-ଠାରେ ଦେଖାଦେଇ ସେଇଠାରେହିଁ ପୂର୍ଣ୍ଣାହୁତି ଲାଭ କରିଅଛି । ଏପରି ଶୈଳୀ କୃତ୍ରିମ ଓ ଅସ୍ୱାଭାବିକ । ମଧୁସୂଦନଙ୍କ ଗଦ୍ୟଶୈଳୀ ସଂସ୍କୃତାନୁଗ ହେଲେହେଁ ଅପେକ୍ଷାକୃତ ମାର୍ଜିତ ଓ ସରଳ । ବୋଧହୁଏ ଆଧୁନିକ ଓଡ଼ିଆ ଗଦ୍ୟଶୈଳୀର ସେ ଜନ୍ମଦାତା । ଏହି ସମୟରେ ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ଗଦ୍ୟ-ସାହିତ୍ୟକୁ ଯଥାର୍ଥରେ ନୂତନ ଜୀବନ୍ୟାସ ପ୍ରଦାନ କଲେ । ତାଙ୍କର ସୃଜନଧର୍ମୀ ଗଦ୍ୟଗ୍ରନ୍ଥଗୁଡ଼ିକର ଭାଷାଶୈଳୀ ବାସ୍ତବିକ ଅଭିନନ୍ଦନୀୟ । କଥିତ ଓଡ଼ିଆ ଭାଷାକୁ ସେ ସାହିତ୍ୟିକ ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି । ତାଙ୍କ ଭାଷାରେ ବାଗାଡ଼ମ୍ବର ନାହିଁ, ଅଯଥା ଅଳଙ୍କାରର ଦୁର୍ବହ ଭାର ନାହିଁ, ରକ୍ଷଣଶୀଳତା ନାହିଁ । ଓଡ଼ିଆ ଭାଷା ସହିତ ସେ ଯାବନିକ ଭାଷାକୁ ମଧ୍ୟ ବ୍ୟବହାର କରି ସାହିତ୍ୟିକ ରସବୋଧ ସୃଷ୍ଟି କରିଅଛନ୍ତି । ଛମାଣ ଆଠଗୁଣ୍ଠ, ଲଛମା, ମାମୁଁ, ପ୍ରାୟଶ୍ଚିତ୍ତ ଓ ଗଳ୍ପଗୁଡ଼ିକରୁ ତାଙ୍କର ଗଦ୍ୟ ରଚନାର ସ୍ୱାତନ୍ତ୍ର୍ୟ ଦେଖାଯାଇ ଥାଏ । ରାଜପୁତ ଇତିହାସ, ଭାରତ ବର୍ଷର ଇତିହାସ ଆଦିରେ ସେନାପତି ଗଦ୍ୟ ମାନସର ଯେଉଁ ଆଦ୍ୟ ପରିଚୟ ମିଳିଥିଲା ତାହା ତାଙ୍କର ପରବର୍ତ୍ତୀ ସୃଷ୍ଟି ଉପନ୍ୟାସ ଓ କ୍ଷୁଦ୍ରଗଳ୍ପମାନଙ୍କରେ ବିକଚ ବିକାଶ ଲାଭକଲା । ତାଙ୍କର ଗଦ୍ୟ ଶୁଷ୍କ ବା ନୀରସ ନୁହେଁ ମାତ୍ର କବିତ୍ୱର ଏକ ବିମଳ ଦୀପ୍ତି । ଯେତେବେଳେ ସେ ପ୍ରେମ ବା ପ୍ରଣୟର ବର୍ଣ୍ଣନା କରିଛନ୍ତି ସେତେବେଳେ ତାଙ୍କରଗଦ୍ୟ-ଶୈଳୀ ଆବେଗମୟୀ ଓ କବିତ୍ୱମୂର୍ତ୍ତି । ଯେତେବେଳେ ସେ ଦର୍ଶନ ବା

ତତ୍ତ୍ୱର ବ୍ୟାଖ୍ୟା କରିଛନ୍ତି ସେତେବେଳେ ତାଙ୍କର ଗଦ୍ୟ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ଯେତେବେଳେ କୌଣସି ବ୍ୟକ୍ତିବିଶେଷ ପ୍ରତି ବା କୌଣସି ଜାତି ପ୍ରତି କଟାକ୍ଷ ପାତ କରିଛନ୍ତି ସେତେବେଳେ ଗଦ୍ୟ ବେଶ୍ ତୀକ୍ଷ୍ଣ ଓ ସରସ । ମୋଟଉପରେ ତାଙ୍କର ଗଦ୍ୟଶୈଳୀ ମାର୍ଜିତ-ସରଳ-ସାବଲୀଳ ଓ ଲୋକକଥିତ ଭାଷାର ଏକ ନୂତନ ଶକ୍ତି ପରୀକ୍ଷା । ଫକୀରମୋହନ ଗଦ୍ୟଶୈଳୀ ସମ୍ରାଟ । ଓଡ଼ିଆ ସାହିତ୍ୟରେ ଲୋକ ଭାଷାକୁ ସେ ଦେଲେ ଉପଯୁକ୍ତ ସମ୍ମାନ । ଓଡ଼ିଆ ଭାଷାର ଅସ୍ଥିର ରୂପରେ ସେ ଦେଲେ ସ୍ଥିରତା । ଭାଷା ହେଲା ନବଜୀବନରେ ଭାସ୍ୱର । ଜାତିପ୍ରାଣର ରସ-ବୈଚିତ୍ର୍ୟରେ ଏହି ଭାଷା ଓ ଗଦ୍ୟ ଶୈଳୀ ହେଲା ପ୍ରାଣବନ୍ତ । ତେଣୁ ଡକ୍ଟର ନଟବର ସାମନ୍ତରାୟ କହନ୍ତି—"ଓଡ଼ିଆ ଘରର ପ୍ରକୃତ ଓଡ଼ିଆ ଭାଷା ପ୍ରଥମ ହୋଇ ଧରାଦେଲା ଏଇ ଭାଷାରେ—ଓଡ଼ିଆ ଘରର ପ୍ରକୃତ ଓଡ଼ିଆ ଭାଷା ପ୍ରଥମ ହୋଇ ନିଜକୁ ଚହ୍ନିଲା ଓଡ଼ିଆ ହାତରେ—ଓଡ଼ିଆ ଭାଷାର ଆତ୍ମ ସ୍ୱୀକୃତି ପ୍ରଥମ ହୋଇ ବିଘୋଷିତ ହେଲା ଓଡ଼ିଆର ମସୀମୁନରେ ।" (୬୯)

ଫକୀରମୋହନ ଯେଉଁ ଗଦ୍ୟଶୈଳୀ ଓ ଭାଷା ବ୍ୟବହାର କରି ସାହିତ୍ୟିକ ରସବୋଧ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ ପରବର୍ତ୍ତୀ କାଳରେ ଗୋପାଳ ଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଗୋପୀନାଥ ମହାନ୍ତି ଓ କୃଷ୍ଣ ପ୍ରସାଦ ବସୁ ପ୍ରମୁଖ ଲେଖକମାନେ ସେହି ଧାରାକୁ ଅନୁସରଣ କରି ଅଛନ୍ତି । ଫକୀର ମୋହନଙ୍କ ଗଦ୍ୟ ଶୈଳୀହିଁ ଥିଲା ଗୋପାଳଚନ୍ଦ୍ରଙ୍କ ଗଦ୍ୟ ଶୈଳୀର ଆଦର୍ଶ । ସେ କହନ୍ତି—"ଗଦ୍ୟରେ ମୁଁ ମୋ କ୍ଷୁଦ୍ର ଶକ୍ତି ଅନୁସାରେ ତାଙ୍କର ଖାଣ୍ଟି, ସରଳ, ଘରୋଇ ଓଡ଼ିଆ ଭାଷାକୁ ଅନୁକରଣ କରିଥିଲି ଓ ସେ ଚେଷ୍ଟାରେ ମୁଁ କେତେଦୂର କୃତକାର୍ଯ୍ୟ ହୋଇଅଛି, ତାହାର ମୀମାଂସା ଉତ୍କଳୀୟ ପାଠକ ସାଧାରଣଙ୍କଠାରେ ।" (୭୦) ଏଥିରୁ

---

୬୯—ଡକ୍ଟର ନଟବର ସାମନ୍ତରାୟ-ଓଡ଼ିଆ ସାହିତ୍ୟର ଇତିହାସ-ପୃ-୪୦୪

୭୦—ଉତ୍କଳ ସାହିତ୍ୟ-୨୨ଶ / ୪ ସଂଖ୍ୟା ପୃ ୧୭୨

ଜଣାଯାଏ ଯେ ଓଡ଼ିଆ ସାହିତ୍ୟରେ ଖାଣ୍ଟି ଘରୋଇ ଭାଷାର ପୁନଃ ପ୍ରତିଷ୍ଠା ଓ ମର୍ଯ୍ୟାଦା ପ୍ରଦାନପାଇଁ ଗୋପାଳଚନ୍ଦ୍ର ପ୍ରହରାଜଙ୍କର ପ୍ରଚେଷ୍ଟା ଥିଲା ଅବାରିତ । ସେ ପୁଣି ବିଶୁଦ୍ଧ ଘରୋଇ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କରେ କହନ୍ତି—"ଯେତେଦୂର ପର୍ଯ୍ୟନ୍ତ ବିଶୁଦ୍ଧ ଘରୋଇ ଓଡ଼ିଆ ଭାଷା ବ୍ୟବହାର କରି ଆମ୍ଭମାନଙ୍କ ଭାବ ବ୍ୟକ୍ତ କରିବା ସେତିକି ଉତ୍ତମ । ଯେଉଁଠାରେ ଉପାୟନ୍ତର ନାହିଁ କିମ୍ବା ନ କଲେ ଶୋଭନୀୟ ହେବନାହିଁ, ସେଠାରେ ମାର୍ଜିତ, ଆମଦାନି ଓ Conventional (ଆଡ଼ମ୍ବର ଯୁକ୍ତ) ଭାଷା ବ୍ୟବହାର କରିବା ଯୁକ୍ତିସିଦ୍ଧ ।" (୭୧) ଶ୍ରୀ ପ୍ରହରାଜଙ୍କର 'ଭାଗବତ ଟୁଙ୍ଗିରେ ସନ୍ଧ୍ୟା', 'ବାଇ ମହାନ୍ତିଙ୍କ ପାଞ୍ଜି', 'ନନାଙ୍କ ବସ୍ତାନି', 'ଆମ ଘରର ହାଲଚାଲ', 'ଦୁନିଆର ହାଲଚାଲ', 'ବାଇନାନୀଙ୍କ ବୁଜୁଳି', 'ମିଆଁ ସାହେବଙ୍କ ରୋଜନାମଚା' ଆଦି ରମ୍ୟ ରଚନାତ୍ମକ ଗଦ୍ୟଗ୍ରନ୍ଥରୁ ତାଙ୍କର ବ୍ୟକ୍ତିନିଷ୍ଠ ଗଦ୍ୟ ଶୈଳୀର ଯଥାର୍ଥ ପରିଚୟ ମିଳିଥାଏ । 'ଦୁନିଆର ହାଲଚାଲ'ରୁ ନିମ୍ନରେ ତାଙ୍କ ଗଦ୍ୟ ଶୈଳୀର ଗୋଟିଏ ଦୃଷ୍ଟାନ୍ତ ପ୍ରଦାନ କରାଯାଉଛି । "ମୋହନିଆ ଅଧାଡ଼ୁଆ ଲେଖକମାନେ ପାଗ ବାନ୍ଧି ବାନ୍ଧି କରେଣି ବରଖାସ୍ତ । ଅସଲକଥା କହିବା ପୂର୍ବରୁ ଅବତାରଣା ଓ ଆଳାପନା କରୁ କରୁ ଆମ ମାଲମସଲାରୁ ଚଉଦପଣ ଖତମ ହୋଇ ସାରିଥାଏ; ଅସଲ କଥା ବାହାରିଲା ବେଳକୁ ମନ ଓ ମୁନ୍ଦ ଶୁଖିଲା କାଠ ଭଳିଆ ନୀରସ ଓ ଦରକଚମ ହୋଇ ଯାଇଥାଏ । ଆମ୍ଭମାନଙ୍କ ସଙ୍ଗେ ଆପଣମାନଙ୍କୁ ଧରି ତାଳ ତରକରେ ଚଳିବାକୁ ପଡ଼ିବ । କାରଣ ପାଠ ଡାକୁଛି, କହ କୁଣ୍ଡ ମେଣ୍ଢା ମୁଣ୍ଡ ।" (୭୨)

ଗୋପାଳ ଚନ୍ଦ୍ର ଯେଉଁ ଶୈଳୀ ବ୍ୟବହାର କରିଥିଲେ ତାହା ପରବର୍ତ୍ତୀ କାଳରେ ଆହୁରି ମାର୍ଜିତରୂପେ ଆତ୍ମପ୍ରକାଶ କରିଛି ଅନ୍ୟାନ୍ୟ ବହୁ ଲେଖକଙ୍କ କୃତିରେ । ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ

---

୭୧—ଉତ୍କଳ ସାହିତ୍ୟ—ଦୁଇଖଣ୍ଡ ଓଡ଼ିଆ ପୁସ୍ତକ—୬ ଖ/୭ସଂ ପୃ ୧୭୯

୭୨—ଉତ୍କଳ ସାହିତ୍ୟ-[illegible]ଖ / ୧ମ ୨ୟ ସଂଖ୍ୟା ପୃ ୩୭

ଶତାବ୍ଦୀର ଆଦ୍ୟ ଦଶକ ମଧ୍ୟରେ ଆହୁରି ଅନେକ ଶିଳ୍ପୀଙ୍କର ଆବିର୍ଭାବ ଘଟିଲା । ସେମାନେ ବହୁ ଭାବରେ ଓଡ଼ିଆ ଗଦ୍ୟସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ବିଶ୍ୱନାଥ କରଙ୍କ ଗଦ୍ୟଶୈଳୀ ମାର୍ଜିତ ଓ ସରଳ ଭାଷା ଅପେକ୍ଷା ଏହା ବିଶୁଦ୍ଧ ସଂସ୍କୃତାପ୍ଲୁତ ଶବ୍ଦ ଗର୍ଭିତ । ଭାବ ପ୍ରକାଶ ପାଇଁ ଏହା ଏକାନ୍ତ ଅନୁକୂଳ । କୃଷ୍ଣ ପ୍ରସାଦ ଚୌଧୁରୀ, ରାମ ଶଙ୍କର ରାୟ, ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓ ନନ୍ଦ କିଶୋର ବଳଙ୍କ ଗଦ୍ୟଶୈଳୀ ଆଧୁନିକ ସାହିତ୍ୟର ଅନୁକୂଳ । ଅବଶ୍ୟ ସ୍ଥଳ ବିଶେଷରେ ନନ୍ଦ କିଶୋର, ରାମଶଙ୍କର ରାୟ, ଗୋପାଳ ବଲ୍ଲଭ ଦାସ ଓ ମୃତ୍ୟୁଞ୍ଜୟ ରଥ ସଂସ୍କୃତାପ୍ଲୁତ ଗଦ୍ୟର ବ୍ୟବହାର କରିଅଛନ୍ତି । ମୃତ୍ୟୁଞ୍ଜୟଙ୍କର ଗଦ୍ୟଶୈଳୀ ପ୍ରସାଦଗୁଣ ସମ୍ପନ୍ନ। ନାରୀ ଦର୍ପଣ, ସାଟଲା ଚରିତ ଆଦି ଏହାର ପ୍ରମାଣ ଦେଇ ଥାଏ । ଏତଦ୍‌ବ୍ୟତୀତ ଶଶିଭୂଷଣ ରାୟଙ୍କର ଗଦ୍ୟରେ କାବ୍ୟ ସୁଲଭ ଆବେଗ ଧର୍ମୀ ବର୍ଣ୍ଣନା ବିଳାସ ଦେଖିବାକୁ ମିଳେ । 'ଉତ୍କଳ ପ୍ରକୃତି' ଓ 'ଉତ୍କଳର ଚିତ୍ରଦର୍ଶ' ଗ୍ରନ୍ଥରୁ ତାଙ୍କର କାବ୍ୟଧର୍ମୀ ଗଦ୍ୟଶୈଳୀର ପରିଚୟ ମିଳେ । ମୋହିନୀମୋହନ ସେନାପତି ଓ ଜଳନ୍ଧର ଦେବଙ୍କ ଗଦ୍ୟଶୈଳୀ ମାର୍ଜିତ ଓ ନୂତନ ଚିନ୍ତନ ଧର୍ମୀ।

ସତ୍ୟବାଦୀ ଗୋଷ୍ଠୀର ଆବିର୍ଭାବ ଓଡ଼ିଶାର ଜାତୀୟତା, ସଂସ୍କୃତି ଓ ସାହିତ୍ୟ ପ୍ରତି ଥିଲା ଏକ ନୂତନ ଆହ୍ୱାନ । ଏହି ଗୋଷ୍ଠୀର ଜନନାୟକଗଣ ଉଗ୍ର ଜାତୀୟତାବାଦୀ । ସମସ୍ତେ ଶିକ୍ଷକତାରୁ ଜୀବନ ଆରମ୍ଭ କରିଥିଲେ । ଓଡ଼ିଶାର ସଂସ୍କୃତି ଓ ଜନଜୀବନ ସହିତ ସେମାନଙ୍କର ସମ୍ପର୍କ ଥିଲା ଏକାନ୍ତ ନିବିଡ଼ । ତେଣୁ ଏହି ଗୋଷ୍ଠୀର ଲେଖକଗଣ ବିଶୁଦ୍ଧ ଓଡ଼ିଆ ଭାଷାର ସମର୍ଥକ ମାତ୍ର ଏହି ବିଶୁଦ୍ଧ ଓଡ଼ିଆ ଭାଷା ଫକୀରମୋହନୀୟ ନୁହେଁ କିମ୍ବା ପ୍ରହରାଜୀୟ ନୁହେଁ । ଏହା ସ୍ୱତନ୍ତ୍ର ଓ ସ୍ୱକୀୟ ମୌଳିକତାରେ ଭାସ୍ୱର । ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଏହି ଗୋଷ୍ଠୀର ମନ୍ତ୍ରଦାତା । ସେ କେବଳ ମନ୍ତ୍ରଗୁରୁ ନୁହନ୍ତି; ସେ ଥିଲେ ଶିକ୍ଷାଗୁରୁ ଓ କର୍ମଗୁରୁ । ଓଡ଼ିଆ ଜାତିକୁ ନୂତନ ଜାତୀୟ ଭାବନାରେ

ଉଦ୍‌ବୁଦ୍ଧ କରିବା ଥିଲା ତାଙ୍କର ଲକ୍ଷ୍ୟ । ତେଣୁ 'ସତ୍ୟବାଦୀ' (୧୯୧୫) ମାସିକ ସାହିତ୍ୟ ପତ୍ରିକା ମାଧ୍ୟମରେ ସେ ସରଳ ଓ ସାବଲୀଳ ଗଦ୍ୟରେ ହୃଦୟର ଭାବକୁ ବ୍ୟକ୍ତ କରୁଥିଲେ । ଅତୀତର ହୃତ ଜାତୀୟତାର ଅନ୍ୱେଷା ଥିଲା ତାଙ୍କ ସାହିତ୍ୟର ମର୍ମବାଣୀ । ତେଣୁ ଶିଷ୍ଟ ଓ ଗ୍ରାମ୍ୟଭାଷାର ସୁମଧୁର ସମନ୍ୱୟରେ ତାଙ୍କର ଗଦ୍ୟ ଥିଲା ପ୍ରାଣସ୍ପର୍ଶୀ । ସେହିଁ ଯଥାର୍ଥରେ ଓଡ଼ିଆ ଗଦ୍ୟକୁ ନବ କଳେବର ପ୍ରଦାନ କରିଥିଲେ । ତାଙ୍କର ଗଦ୍ୟ ଶୈଳୀ ଉଚ୍ଚକୋଟିର ପ୍ରବନ୍ଧର ଗଦ୍ୟଶୈଳୀ । ଅବଶ୍ୟ ସେ ସମ୍ବାଦ ଧର୍ମୀ ଗଦ୍ୟର ମଧ୍ୟ ପ୍ରାଣପ୍ରତିଷ୍ଠାତା । ତାଙ୍କ ପୂର୍ବରୁ ଯଦିଓ ଏ ଧରଣର ଗଦ୍ୟ ଗୌରୀଶଙ୍କରଙ୍କଠାରୁ ପ୍ରଚଳିତ ହୋଇ ଆସିଥିଲା ସେଥିରେ ସେ ପ୍ରବନ୍ଧ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ଏହି ସତ୍ୟବାଦୀ ଗୋଷ୍ଠୀର ଅନ୍ୟତମ ପ୍ରବୀଣ ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ ଦାସ । ଆଧୁନିକ ଓଡ଼ିଆ ଗଦ୍ୟଶୈଳୀର ସେ ହେଉଛନ୍ତି ପ୍ରଥିତଯଶା ଶିଳ୍ପୀ । 'ଆର୍ଯ୍ୟଜୀବନ', 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ,' 'ସଂସ୍କୃତି ଓ ସାହିତ୍ୟ' ଆଦି ଗଦ୍ୟ ଗ୍ରନ୍ଥଗୁଡ଼ିକ ତାଙ୍କର ଗଦ୍ୟଶୈଳୀର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ । 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ'ରୁ ନୀଳକଣ୍ଠଙ୍କ ଗଦ୍ୟଶୈଳୀର ସୂଚନା ମିଳେ । ''ସୁଖର କଥା ଏ ଗତି ଫେରୁଛି । ଆଶା ହୁଏ, ବହୁ ଲୋଭ ଓ ସ୍ୱାଦ୍ୟସଂଯୋଗ ଭିତରେ। ଓଡ଼ିଆ ଇତିହାସରେ ନିଜର ଢ଼ଂଗ ସ୍ୱାତଂତ୍ର୍ୟ ରଖି ଆସିଛି । ସେ ସ୍ୱାତଂତ୍ର୍ୟ ପୁଣି ବିଶ୍ୱସାହିତ୍ୟକୁ ମହାଦାନ, ଭାରତ ସଭ୍ୟତାର ଏହା ମେରୁଦଂଡ । ଓଡ଼ିଆଏ ଏହା ବୁଝି ମୁଂଡଟେକିବେ ଓ ଏହା ରଖି ନିଜ ସ୍ୱତଂତ୍ର, ଉଦାର ଓ ସାର୍ବଜନୀନ ବିକାଶ ଧାରାରେ ବିଶ୍ୱ ସାହିତ୍ୟର ସେବା କରିବେ ।'' (୭୩) ନୀଳକଣ୍ଠଙ୍କ 'ମୋନିଶ' ପରି ବ୍ୟକ୍ତି ନିଷ୍ଠ ପ୍ରବନ୍ଧ ରଚନା କରି ଓଡ଼ିଆ ଗଦ୍ୟରେ ଏକ ନୂତନ ରୁଚିବୋଧ ପ୍ରଦାନ କରିବାକୁ ଲାଗିଲେ । ତାଙ୍କର ଗଦ୍ୟ-ଶୈଳୀରେ କଥିତ ଗଦ୍ୟର କମନୀୟ ପ୍ରୟୋଗ ଦେଖିବାକୁ ମିଳେ । ପୁନଶ୍ଚ ସେ ସଂଯୁକ୍ତ ବର୍ଣ୍ଣଗୁଡ଼ିକୁ ଯେପରି ଅନୁସ୍ୱାର ଦେଇ ଲେଖିଛନ୍ତି

---

୭୩—ପଣ୍ଡିତ ନୀଳକଣ୍ଠ ଦାସ-ଓଡ଼ିଆ ସାହିତ୍ୟର କ୍ରମ ପରିଣାମ-ପୃ ୨୦୭

ତାହାଙ୍କୁ ପରବର୍ତ୍ତୀ କାଳରେ ମାୟାଧର ମାନସିଂହ, ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ ଲେଖକମାନେ ଗ୍ରହଣ କରି ନେଇଅଛନ୍ତି । ଏହି ସତ୍ୟବାଦୀ ଗୋଷ୍ଠୀର ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ମଧ୍ୟ ଓଡ଼ିଆ ଗଦ୍ୟକୁ ଆଧୁନିକ ରୁଚି ଓ ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି । ବୋଧହୁଏ ସତ୍ୟବାଦୀ ଗୋଷ୍ଠୀର ଆବିର୍ଭାବ ପରେ ପରେ ଓଡ଼ିଆ ଗଦ୍ୟ ଏକ ନିର୍ଦ୍ଦିଷ୍ଟ ରୂପରେଖ ନେଲା ଏବଂ ଓଡ଼ିଆ ଗଦ୍ୟ ସାହିତ୍ୟର ବିଭିନ୍ନ ବିଭାଗର ବିକାଶରେ ସାହାଯ୍ୟ କଲା । ସତ୍ୟବାଦୀ ଗୋଷ୍ଠୀର ଆଦର୍ଶରେ ଅନୁପ୍ରାଣିତ ପଦ୍ମଚରଣ ପଟ୍ଟନାୟକ, ବାସୁଦେବ ମହାପାତ୍ର, ଗୋଦାବରୀଶ ମହାପାତ୍ର, ରତ୍ନାକର ପତି ପ୍ରମୁଖ ଲେଖକ-ମାନଙ୍କର ଉଦ୍ୟମ ଓ ସାଧନା ବଳରେ ଓଡ଼ିଆ ଗଦ୍ୟ ବିକାଶଲାଭ କଲା ।

ଆଧୁନିକ ଶିକ୍ଷାର ବିକାଶ, ମହାବିଦ୍ୟାଳୟ ଓ ବିଦ୍ୟାଳୟ-ମାନଙ୍କର ସମ୍ପ୍ରସାରଣ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଜାତୀୟ ଜୀବନରେ ନାନା ଘାତ ପ୍ରତିଘାତ, ଜାତୀୟତାର ନବୋତ୍ଥାନ, ସାଂସ୍କୃତିକ ସଙ୍କଟ ଓ ଭାରତୀୟ ସଂସ୍କୃତିର ନବମୂଲ୍ୟାୟନ, ବିଭିନ୍ନ ରାଜନୈତିକ ମତବାଦର ଉଦ୍ଭବ, ବିକାଶ ଓ ବିଶ୍ଳେଷଣ ଆଦି ଦୃଷ୍ଟିରୁ ଆଧୁନିକ ଓଡ଼ିଆ ଗଦ୍ୟର ଆଶାତୀତ ବିକାଶ ହୋଇଅଛି । ବହୁ କୃତବିଦ୍ ଲେଖକମାନଙ୍କର ନିରବଚ୍ଛିନ୍ନ ସାଧନା ବଳରେ ଓଡ଼ିଆ ଗଦ୍ୟଶୈଳୀ ହୋଇଛି ପ୍ରାଣବନ୍ତ । ଏହି ଗଦ୍ୟ ବ୍ୟକ୍ତିନିଷ୍ଠ ଓ ବସ୍ତୁନିଷ୍ଠ ଶୈଳୀ ମଧ୍ୟଦେଇ ହୋଇଛି ଗତିଶୀଳ । ବିପିନବିହାରୀ ରାୟ, ଗିରିଜାଶଙ୍କର ରାୟ, ବ୍ରଜବିହାରୀ ମହାନ୍ତି, କପିଳେଶ୍ୱର ଦାସ, ଗୋବିନ୍ଦ ତ୍ରିପାଠୀ, ଗୋଲକ ବିହାରୀ ଧଳ, କୁଞ୍ଜବିହାରୀ ଦାଶ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଚିତ୍ତରଞ୍ଜନ ଦାସ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ରଥ ପ୍ରମୁଖ ବହୁ ଶିଳ୍ପୀଙ୍କ ପ୍ରଚେଷ୍ଟାରେ ଓଡ଼ିଆ ଗଦ୍ୟ ସାହିତ୍ୟ ଉନ୍ନତି ଲାଭ କରିଅଛି । ଫକୀରମୋହନ ଯେଉଁ ବିଶୁଦ୍ଧ ଢଙ୍ଗରେ ଓଡ଼ିଆ ଭାଷାକୁ ବ୍ୟବହାର କରି ଓଡ଼ିଆ ସାହିତ୍ୟକୁ ନୂତନ ଜୀବନୀଶକ୍ତି ପ୍ରଦାନ କରିଥିଲେ ପରବର୍ତ୍ତୀ କାଳରେ ସେହି

ଗଦ୍ୟକୁ ଗୋପାଳଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପୀନାଥ ମହାନ୍ତି, ଗୋବିନ୍ଦ ତ୍ରିପାଠୀ, ଚନ୍ଦ୍ରଶେଖର ରଥ ପ୍ରମୁଖ ଲେଖକମାନେ ଗ୍ରହଣ କରିଅଛନ୍ତି । ଗୋପୀନାଥ ମହାନ୍ତି ୧୯୩୭ ମସିହାବେଳକୁ ଓଡ଼ିଆ ଗଦ୍ୟର ସଂସ୍କୃତାଶ୍ରିତ ପରମ୍ପରାକୁ ଭାଙ୍ଗି ନୂତନ ଶୈଳୀରେ ଗଦ୍ୟ-ରଚନା କଲେ । ସେ କହନ୍ତି—"ନୂତନ ଶୈଳୀ ଛଡ଼ା ଓଡ଼ିଆ ଭାଷାରେ କିଛି ନୂତନ ପ୍ରୟୋଗ ବି ପ୍ରବନ୍ଧମାନଙ୍କ ଆଭିମୁଖ୍ୟ ଥିଲା । ତା ପୂର୍ବରୁ ସାଧାରଣତଃ ଗତାନୁଗତିକ ପନ୍ଥା ଥିଲା ଯେ ସଂସ୍କୃତିଆ ଭାଷା ଓ ପ୍ରୟୋଗଙ୍କୁ ତାତ୍ତ୍ୱିକ ବିଶ୍ଳେଷଣ ପାଇଁ ଏକମାତ୍ର ପନ୍ଥା, ଏ ନୂଆ ଉଦ୍ୟମର ଉଦ୍ଦେଶ୍ୟ ଥିଲା ଜାଣିଅନ୍ତା କଥା କଥିତ ଭାଷାରେ ନୂଆ ନୂଆ ପ୍ରୟୋଗ ତିଆରି କରିଦେବା ।"(୬୪) ଏଇ ବିଶ୍ୱାସ ଓ ଧାରଣାର ବଶବର୍ତ୍ତୀ ହୋଇ ଯେ ରଚନା କରିଛନ୍ତି ଅନେକ ରମ୍ୟ ରଚନା ଧର୍ମୀ ପ୍ରବନ୍ଧ ଓ ବହୁଗଳ୍ପ ଏବଂ ଉପନ୍ୟାସ । ତାଙ୍କର ପ୍ରତ୍ୟେକଟି ରଚନାରେ ଅଛି ଖାଣ୍ଟି ଓଡ଼ିଆ ଭାଷାର ପ୍ରୟୋଗ ଓ ଓଡ଼ିଆ ସଂସ୍କୃତିର ରୂପାୟନ । ସେ ପୁଣି କହନ୍ତି—"ଭାଷା କାଳ୍ପନିକ ନ ହୋଇ ଦେଶର ପ୍ରତିନିଧି ସ୍ୱରୂପ ହେବା ଉଚିତ । ଓଡ଼ିଆରେ ବଢ଼ି, ଭାବ, ବଞ୍ଚି ଇସ୍କୁଲ କଲେଜରେ ଯେପରି ଇଂରାଜୀରେ ଭାବପ୍ରକାଶ କରିବାକୁ ହୁଏ, ଯେଉଁପରି ଓଡ଼ିଆ ଶିଶୁ ଦେଶଭାଷାରେ ବର୍ତ୍ତମାନ ସମ୍ମାନ ପାଇଁ ସଂସ୍କୃତ ମିଶା ବ୍ୟାକରଣୀ ଭାଷାରେ ଭାବ ପ୍ରକାଶ କରେ; ନୋହିଲେ ହାଲଫେସନି ଲିଖନ ଭଙ୍ଗୀରେ ବଙ୍ଗଳା ଆଡ଼କୁ ଢଳି ପଡ଼େ; ତେଣୁ ଦେଶର ଦଶଲୋକ ଯେଉଁ ଭାଷା ବୁଝନ୍ତି ବା ଯେଉଁ ଭାଷାର ପୋଷକତା କରନ୍ତି, ତାଠାରୁ ଦୂରକୁ ଚାଲିଯାଏ । ଗରିବ ମୂଲିଆ କି ଆଶାରେ ସାହିତ୍ୟ ପଢ଼ିବ ? ତାର ପେଜ ତୋରାଣି ତ ତହିଁରେ ନାହିଁ; ଚୌ ଟେବୁଲ, କୋଠା ମଟରର ବିଷୟ-ବସ୍ତୁ ତାର କଅଣ ହେବ ? ତାର ସଂସ୍କୃତି (Tradition) ସମସ୍ୟା ଚିନ୍ତା ତହିଁରେ ନାହିଁ, ଯେଉଁ ବାସ୍ତବ ଜୀବନରେ

---

୬୪—ଗୋପୀନାଥ ମହାନ୍ତି-କଳାଶକ୍ତି-ଦୁ'ପଦ ପଦେ-ପୃ ୩

ସେ ବର୍ଣ୍ଣୁଛି, ସେ କଥା ଏ ସାହିତ୍ୟ କହୁନାହିଁ ।" (୭୫) ବାସ୍ତବିକ ଅଧିକାଂଶ ଗଦ୍ୟ ଲେଖାକୁ ସାଧାରଣ ପାଠକ ବୁଝେଇନାହିଁ କି ପଢନ୍ତି ନାହିଁ । କାରଣ ସେଇ ଗଦ୍ୟ ଓଡ଼ିଆ ଗଦ୍ୟ ନୁହେଁ; ଓଡ଼ିଆରେ ଲେଖାଯାଇଥିବା ସଂସ୍କୃତ ଗଦ୍ୟ କିମ୍ବା ଆଧୁନିକ ଫେଶନରେ ରଚିତ ଇଂରାଜୀ କିମ୍ବା ବଙ୍ଗଳା ଗଦ୍ୟଶୈଳୀ । ଗୋପୀନାଥ ଏକ ଖାଣ୍ଟି ଓଡ଼ିଆ ଗଦ୍ୟ ଧାରା ପ୍ରବର୍ତ୍ତନ କଲେ । ଅବଶ୍ୟ ତାଙ୍କର ଗଦ୍ୟଶୈଳୀ ତାଙ୍କରିଠାରେହିଁ ସୀମାବଦ୍ଧ । ଆଉ କେହି ଏହି ଶୈଳୀକୁ ଅନୁସରଣ କଲେ ନାହିଁ ।

ଆଧୁନିକ ଓଡ଼ିଆ ଗଦ୍ୟ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନାନା ବିବର୍ତ୍ତନ ମଧ୍ୟଦେଇ ଗତି କରି ଦ୍ୱିତୀୟାର୍ଦ୍ଧର ଅନ୍ତିମ ପର୍ଯ୍ୟାୟ-ବେଳକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ନେଲା ଏବଂ ସେଇ ଗଦ୍ୟଶୈଳୀ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ମାଧ୍ୟମ । ମିଶନାରୀ-ବିକୃତ-ଗଦ୍ୟରୁ ଜନ୍ମନେଲା ମାର୍ଜିତ ଗଦ୍ୟ ଏବଂ ଏହି ଗଦ୍ୟ ସଂସ୍କୃତାପ୍ଲୁତ ନିଗଡ଼ ବନ୍ଧନ ମଧ୍ୟରେ କଣ୍ଟକାକ୍ତ ଥିଲେ ମଧ୍ୟ ସେଥିରୁ ମୁକ୍ତିପାଇଁ ବାରମ୍ବାର ଚେଷ୍ଟା କଲା । ସଂସ୍କୃତ-ଗଦ୍ୟ-ବନ୍ଧନରୁ ମୁକ୍ତି ପ୍ରଚେଷ୍ଟା ଏଇ ଶତାବ୍ଦୀର ଶେଷବେଳକୁ ହୋଇଥିଲେହେଁ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକଠାରୁ ଏହା ହେଲା ଆହୁରି ତୀବ୍ର ଏବଂ ଏଇ ବିଂଶ ଶତାବ୍ଦୀର ତୃତୀୟ ଓ ଚତୁର୍ଥ ଦଶକ ବେଳକୁ ଓଡ଼ିଆ ଗଦ୍ୟଶୈଳୀ ସ୍ୱକୀୟ ପ୍ରକୃତିରେ ହେଲା ସ୍ୱଚ୍ଛ । ବହୁ ଲେଖକଙ୍କର ନିରବଚ୍ଛିନ୍ନ ସାଧନାର ପ୍ରତ୍ୟକ୍ଷ ଫଳ ଆଧୁନିକ ଗଦ୍ୟ । ସେମାନଙ୍କର ଚିନ୍ତନ ଓ ମନନର ମାଧ୍ୟମ ଆଉ ପଦ୍ୟନୁହେଁ; ଗଦ୍ୟ । ଓଡ଼ିଆ ଗଦ୍ୟ ସାହିତ୍ୟର ବିଭିନ୍ନ ବିଭାଗରୁ ଆଧୁନିକ ଗଦ୍ୟର ସ୍ୱରୂପ ଓ କ୍ରମବିକାଶ ସମ୍ପର୍କରେ ଯଥାର୍ଥ ସୂଚନା ମିଳିଥାଏ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଆ ଜାତିର ଆତ୍ମବିଲୁପ୍ତି ଓ ଆତ୍ମ ପୋଷଣ ଶକ୍ତିର ଅଭାବ ଯୋଗୁ ମିଶନାରୀ ଧର୍ମ ପ୍ରଚାରକମାନେ ଗଦ୍ୟର ଆରମ୍ଭ କରିଥିଲେ । ଏଇ ଗଦ୍ୟର ଭିତ୍ତି ଭୂମି ଉପରେ ଦ୍ୱିତୀୟାର୍ଦ୍ଧର ଗଦ୍ୟ

---

୭୫—ଗୋପୀନାଥ ମହାନ୍ତି—କାଳଶକ୍ତି—କୁଆଁତାରା ପୃ ୭୦

ସାହିତ୍ୟ **ଭାଷା କେନ୍ଦ୍ରିକ ଜାତୀୟତାବୋଧ, ସମାଜ ସଂସ୍କାର ବୋଧ ଓ ବିଭୂତିବୋଧକୁ** ନେଇ କ୍ରମ ମାର୍ଜିତ ରୂପେ ଆତ୍ମପ୍ରକାଶ କଲା ଏବଂ ଏଇ ଚେତନାତ୍ରୟୀ ମଧ୍ୟ ବିଂଶ ଶତାବ୍ଦୀର ପ୍ରଥମ ପାଦରେ, ବିଶେଷତଃ ୧୯୩୬ ମସିହା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିବା ଦେଖାଯାଏ । ଜାତୀୟ ଚେତନା ମଧ୍ୟରେ ଜାତୀୟତାର ସ୍ୱରୂପ, ଜାତୀୟ ଜୀବନ ଓ ବ୍ୟକ୍ତିଗତ ଜୀବନର ତୁଳନାତ୍ମକ ବିଚାର, ଜାତୀୟ ଜୀବନ ଗଠନ ପାଇଁ ମୌଳିକ ଉପାଦାନ, ଜାତିର ଅଧୋପତନର କାରଣ ଅନୁସନ୍ଧାନ, ଇତିହାସ ପ୍ରତି ଦୃଷ୍ଟିପାତ, ଭାଷା ଓ ସୀମା ସମ୍ପର୍କିତ ମମତ୍ୱବୋଧ, ପ୍ରାଦେଶିକ ଜାତୀୟ ଚେତନା ସହିତ ମହାଭାରତୀୟ ଭାବ-ଭାବନା ଆଦି ପ୍ରକାଶ ପାଇଥିଲା ବେଳେ ସମାଜ ସଂସ୍କାରବୋଧ ମଧ୍ୟରେ ଦଳିତ ସମାଜ ପ୍ରତି ସମ୍ବେଦନା, ଅସ୍ପୃଶ୍ୟତା ନିବାରଣ, ନାନା ଅନ୍ଧବିଶ୍ୱାସ ପ୍ରତି କଟାକ୍ଷ ପାତ, ବିଧବା ବିବାହ ଓ ନାରୀଶିକ୍ଷା ପ୍ରତି ସମର୍ଥନ, ବାଲ୍ୟ ବିବାହ ବିରୋଧ, କନ୍ୟାଶୁଳ୍କ ପ୍ରଥାପ୍ରତି ବ୍ୟଙ୍ଗୋକ୍ତି, ସାମାଜିକ ବୈଷମ୍ୟ ବିଲୋପ ପାଇଁ ଆହ୍ୱାନ, ମାନବବାଦର ଜୟଗାନ ଆଦି ନାନା ବିଷୟ ରୂପାୟିତ ହୋଇଅଛି । ବିଭୂତିବୋଧ ମଧ୍ୟରେ ଅସୀମପ୍ରୀତି, ଆଧ୍ୟାତ୍ମିକ ବିମଳ ଆନନ୍ଦ, ଭାରତୀୟ ସଂସ୍କୃତି ଓ ବୈଦିକ ଧର୍ମ ଭାବନା, ଜଗନ୍ନାଥ ଚେତନା ଆଦି ଭାବ ପ୍ରକଟିତ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ **ଆତ୍ମବିଲୁପ୍ତି** ଓ ଦ୍ୱିତୀୟାର୍ଦ୍ଧରେ **ଆତ୍ମ ଜାଗୃତି**, ବିଂଶ ଶତାବ୍ଦୀରେ ପ୍ରଥମାର୍ଦ୍ଧରେ **ଆତ୍ମ ପ୍ରତିଷ୍ଠା** ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ତଥା ଭାରତର ସ୍ୱାଧୀନତାପରେ **ଆତ୍ମ ଅନ୍ୱେଷା** ହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଭାବ-ବିଭବ । ଓଡ଼ିଆ ଗଦ୍ୟ ଏଇ ଭାବ-ବିଭବକୁ ନେଇ ଯେ ଗତିଶୀଳ ଓ ସମୃଦ୍ଧ ତାହା ଗଦ୍ୟ ସାହିତ୍ୟର ଯେ କୌଣସି ବିଭାଗ ପ୍ରତି ଦୃଷ୍ଟିପାତ କଲେ ଜଣାଯାଇଥାଏ ।

## ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଓଡ଼ିଆ ଗଦ୍ୟର କ୍ରମ ବିକାଶ :

ଊନବିଂଶ ଶତାବ୍ଦୀର ଶେଷ ଦି ଦଶକରେ ଆଧୁନିକ ଓଡ଼ିଆ ସାହିତ୍ୟର ହେଲା ନବଜନ୍ମ ଏବଂ ଏହି ସମୟରେ ଓଡ଼ିଆ ଗଳ୍ପ ଓ ଉପନ୍ୟାସର ହେଲା ଅପୂନାରମ୍ଭ । ଯଦିଓ ମଧୁସୂଦନ ରାଓ ଓ ରାଧାନାଥ ରାୟ ଗଳ୍ପ ରଚନା କରିଥିଲେ ମାତ୍ର ଆଧୁନିକ ଗଦ୍ୟଶୈଳୀ ତଥା ଗଳ୍ପ-କଳା ଦୃଷ୍ଟିରୁ ସେଗୁଡ଼ିକୁ ଯଥାର୍ଥତଃ ଗଳ୍ପ କୁହାଯାଏ ନାହିଁ । ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ', ରାମଶଙ୍କର ରାୟଙ୍କର 'ବିବାସିନୀ' ଓ 'ସୌଦାମିନୀ', ଗୋପାଳବଲ୍ଲଭ ଦାସଙ୍କର 'ଭୀମାଭୂୟାଁ' ଆଲୋଚ୍ୟ ସମୟର କେତୋଟି ଉପନ୍ୟାସ ମାତ୍ର । ପଦ୍ମମାଳୀ, ବିବାସିନୀ, ସୌଦାମିନୀ ଆଦି ଉପନ୍ୟାସଗୁଡ଼ିକର ଭାଷା ସଂସ୍କୃତାନୁଗ । ବଙ୍ଗଳା ଭାଷା ଓ ଶୈଳୀର ପ୍ରତ୍ୟକ୍ଷ ପ୍ରଭାବ ମନେ ହୋଇଥାଏ । 'ଭୀମାଭୂୟାଁ' (୧୯୦୮) ପ୍ରଥମ ଆଦିବାସୀ ଜୀବନମୂଳକ ଉପନ୍ୟାସ । ଏଥିରେ ମଧ୍ୟ ଲେଖକ ସଂସ୍କୃତାନୁଗ ଭାଷା ଉପରେ ଗୁରୁତ୍ୱ ଦେଇଅଛନ୍ତି । ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଆଦି ପର୍ବରେ ବଳିଷ୍ଠ କଥା ସାହିତ୍ୟିକ । ସେ 'ଛମାଣ ଆଠଗୁଣ୍ଠ', 'ଲଛମା', 'ମାମୁଁ', 'ପ୍ରାୟଶ୍ଚିତ୍ତ' ଆଦି ଉପନ୍ୟାସ ଓ ବିଭିନ୍ନ ଗଳ୍ପ ରଚନା କରି ଓଡ଼ିଆ ସମାଜ, ସଂସ୍କୃତି, ଚଳଣି ଓ ଜନଜୀବନର ବାସ୍ତବ ରୂପ ଦେବା ସଙ୍ଗେ ସଙ୍ଗେ ଖାଣ୍ଟି ଓଡ଼ିଆ ଭାଷାରେ ଗଦ୍ୟ ରଚନା କରି ଅପୂର୍ବ କୃତିତ୍ୱର ପରିଚୟ ଦେଇଅଛନ୍ତି । ତାଙ୍କର କଥା ସାହିତ୍ୟ ଓଡ଼ିଆ ଜାତୀୟ ଜୀବନର ମର୍ମଲିପି, ଆତ୍ମ ଜାଗୃତି ଓ ଆତ୍ମ ପ୍ରତିଷ୍ଠା ଜନିତ ନୀରବ ଅନ୍ତର୍ଦ୍ୱନ୍ଦ୍ୱର ଆଲେଖ୍ୟ । ଫକୀରମୋହନ ଯେତେବେଳେ ସାଧାରଣ ଗ୍ରାମ୍ୟ ପରିବେଶ, ଗ୍ରାମ୍ୟ ଜୀବନ ଓ ସାଧାରଣ ମଣିଷର ଜୀବନ ଚିତ୍ର ପ୍ରଦାନ କରିଅଛନ୍ତି ସେତେବେଳେ ସେ ଲୌକିକ ଭାଷା ବ୍ୟବହାର କରି ଶୈଳୀରେ ଚମତ୍କାରିତା ସୃଷ୍ଟି କରିଅଛନ୍ତି । ଯେତେବେଳେ ସେ ବର୍ଣ୍ଣନା ପ୍ରସଙ୍ଗରେ ଦାର୍ଶନିକ ବା ତତ୍ତ୍ୱନିଷ୍ଠ ହୋଇପଡ଼ିଛନ୍ତି ସେତେବେଳେ ଗଦ୍ୟଶୈଳୀ

ଗୁରୁଗମ୍ଭୀର, ସଂସ୍କୃତାଶ୍ରୟୀ ଓ ପ୍ରବନ୍ଧଧର୍ମୀ । ଯେତେବେଳେ ସେ ପ୍ରେମର ସ୍ୱର୍ଗୀୟ ସ୍ୱରୂପକୁ ବର୍ଣ୍ଣନା କରନ୍ତି ସେତେବେଳେ ଭାଷା ଏବଂ ଶୈଳୀ ଲଳିତ କୋମଳ ଏବଂ କାବ୍ୟିକ ରସବୋଧରେ ଉଚ୍ଛ୍ୱସିତ । ଯେତେବେଳେ ଜୀବନର ନିର୍ମମ ଟ୍ରାଜେଡ଼ିକୁ ତଥା ଗଭୀର ଅନୁତାପକୁ ରୂପଦେଉଛନ୍ତି ସେତେବେଳେ ଭାଷା ହୃଦୟସ୍ପର୍ଶୀ । ମୋଟ ଉପରେ ଫକୀରମୋହନ ଓଡ଼ିଆଗଦ୍ୟରେ ବିଭିନ୍ନଧାରାକୁ ଚମତ୍କାର ଭାବରେ ରୂପାୟନ କରିଅଛନ୍ତି ।

ଫକୀର ମୋହନଙ୍କ ପରେ ନନ୍ଦକିଶୋର ବଳ 'କନକଲତା' ଉପନ୍ୟାସ ଓ 'ଲକ୍ଷ୍ମୀ' ଗଳ୍ପ ଲେଖିଥିଲେହେଁ ତାଙ୍କର କବିତାର ଭାଷାପରି ସ୍ୱାଚ୍ଛନ୍ଦ୍ୟ ଗଦ୍ୟଶୈଳୀରେ ଅନୁଭୂତ ହୁଏନାହିଁ । କନକଲତାର ଗଦ୍ୟ-ଶୈଳୀ ଅନେକ ସମୟରେ କୃତ୍ରିମ ଓ ସଂସ୍କୃତାଶ୍ରୟୀ ମନେହୁଏ । ବରଂ ଚନ୍ଦ୍ରଶେଖର ନନ୍ଦଙ୍କ କ୍ଷୁଦ୍ରଗଳ୍ପର ଭାଷାଶୈଳୀ ବାସ୍ତବଧର୍ମୀ ଜଣାଯାଏ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଅସଂପୂର୍ଣ୍ଣ ଉପନ୍ୟାସ 'କଣାମାମୁ' ଓ ଅନ୍ୟାନ୍ୟ ଗଳ୍ପମାନଙ୍କରେ ଫକୀର ମୋହନୀୟ ଭାଷା-ଶୈଳୀର ପ୍ରଭାବ ଦେଖିବାକୁ ମିଳେ । କାଳିନ୍ଦୀଚରଣ ପାଣିଗ୍ରାହୀ 'ମାଟିର ମଣିଷ' ଉପନ୍ୟାସରେ ଯେଉଁ ଲୌକିକ ଗଦ୍ୟଶୈଳୀର ମନୋଜ୍ଞ ରୂପାୟନ କରି ଓଡ଼ିଆ ଗ୍ରାମ୍ୟ ଜୀବନର ବାସ୍ତବଚିତ୍ର ଅଙ୍କନ କରିଛନ୍ତି ସେପରି ଗଦ୍ୟ-ବିଭବ ତାଙ୍କର ଅନ୍ୟାନ୍ୟ କୃତିମାନଙ୍କରେ ଦେଖିବାକୁ ମିଳେ ନାହିଁ । ଅବଶ୍ୟ ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକରୁ ସମକାଳୀନ ସମାଜର ସ୍ୱରୂପ ସମ୍ବନ୍ଧରେ ଅବହିତ ହେବା ସଙ୍ଗେ ସଙ୍ଗେ ସରଳ ଓ ମାର୍ଜିତ ଗଦ୍ୟଶୈଳୀର ପରିଚୟ ଦେଖିବାକୁ ମିଳେ । ଚିନ୍ତାମଣି ମହାନ୍ତି, କୁନ୍ତଳା କୁମାରୀ ସାବତ ପ୍ରମୁଖ ଲେଖକମାନେ ଫକୀରମୋହନଙ୍କ ନିକଟରେ ଅଧିକପରିମାଣରେ ଋଣୀ । ଗୋଦାବରୀଶ ମିଶ୍ର,ଗୋଦାବରୀଶ ମହାପାତ୍ର, ମୁକୁନ୍ଦ ଦାଶ, ରାମଚନ୍ଦ୍ର ଆଚାର୍ଯ୍ୟ,ରାମପ୍ରସାଦ ସିଂହ, ବଟକୃଷ୍ଣ ପ୍ରହରାଜ, ହରେକୃଷ୍ଣ ମହତାବ, ଉପେନ୍ଦ୍ର ପ୍ରସାଦ ଦାସ, ବୈଷ୍ଣବଚରଣ ମହାନ୍ତି, ଗୋବିନ୍ଦ ତ୍ରିପାଠୀ, ପ୍ରାଣକୃଷ୍ଣ ସାମଲ, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ

ଲେଖକଗଣ ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟବର୍ତ୍ତୀ କାଳୀନ ଲେଖକ ଭାବରେ ସୁପରିଚିତ । ଯଦିଓ ଏମାନଙ୍କ ମଧ୍ୟରୁ ଗୋଦାବରୀଶ ମହାପାତ୍ର ଡ଼କ୍ଟର ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ ମହାପାତ୍ର ପରି ଲେଖକ ମାନେ ଯୁଦ୍ଧୋତ୍ତର କାଳରେ ମଧ୍ୟ ସାହିତ୍ୟ ସାଧନାରୁ ଅବ୍ୟାହତି ନେଇ ନାହାନ୍ତି । ଏମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର, ଉପେନ୍ଦ୍ର ପ୍ରସାଦ ଦାସ, ପ୍ରାଣକୃଷ୍ଣ ସାମଲ ଓ ନିତ୍ୟାନନ୍ଦ ମହାପାତ୍ରଙ୍କର ଭାଷା ଓ ଶୈଳୀ ଅପେକ୍ଷାକୃତ ଲୌକିକ । ରାମପ୍ରସାଦ ସିଂହଙ୍କ ଭାଷା ଓ ଶୈଳୀ ଲୋକଭାଷା ଓ ଶୈଳୀକୁ ନେଇ ସମୃଦ୍ଧ । ତାଙ୍କର ଉପନ୍ୟାସଗୁଡ଼ିକ ସମାଜବାଦୀ ଆଦର୍ଶକୁ ପ୍ରକାଶ କରୁଥିବାରୁ ଏବଂ ସେଥିରେ ଦଳିତ ଜାତିର ନବୋତ୍‌ଥାନ ଓ ବୁର୍ଜୁଆ ଗୋଷ୍ଠୀ ସହିତ ଶ୍ରେଣୀ ସଂଘର୍ଷ ଥିବାରୁ ତାଙ୍କର ଗଦ୍ୟଶୈଳୀ ପ୍ରତ୍ୟକ୍ଷ ଓ ସ୍ୱାଭାବିକ । କଳା ବିଳାସ ଅପେକ୍ଷା ସାଧାରଣ ପାଠକ ନିକଟରେ ସମାଜବାଦୀ ଭାବକୁ ପ୍ରକାଶ କରିବାର ପ୍ରଚେଷ୍ଟା ତାଙ୍କ ଗଦ୍ୟଶୈଳୀର ମୁଖ୍ୟଉଦ୍ଦେଶ୍ୟ । ନିତ୍ୟାନନ୍ଦଙ୍କ ଗଦ୍ୟଶୈଳୀରେ ଦାର୍ଶନିକ ଦୃଷ୍ଟିଭଙ୍ଗୀ ନିହିତ; ଯଦିଓ ଅନେକ ସମୟରେ ସେ ସାଧାରଣ ଲୋକ ଭାଷାକୁ ପ୍ରାଧାନ୍ୟ ଦେଇଅଛନ୍ତି । ହରେକୃଷ୍ଣ ମହତାବଙ୍କ ଗଦ୍ୟଶୈଳୀ ସମ୍ବାଦଧର୍ମୀ । ତାଙ୍କର ଜାତୀୟ ଭାବଧାରାକୁ ଓ ସମାଜତାନ୍ତ୍ରିକ ଚିନ୍ତନକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ ଏହି ଶୈଳୀ ଉପରେ ଗୁରୁତ୍ୱ ଦେଇଅଛନ୍ତି । 'ପ୍ରତିଭା', 'ଅବ୍ୟାପାର', 'ଟାଉଟର', 'ନୂତନ ଧର୍ମ', 'ତୃଷ୍ଣାପୂପର୍ବ' ଆଦି ଉପନ୍ୟାସ ଓ 'ସ୍ୱର୍ଗରେ ଇମର୍ଜେନ୍‌ସି' ଗଳ୍ପ ପୁସ୍ତକରୁ ତାଙ୍କର ଗଦ୍ୟଶୈଳୀ ଓ ସାହିତ୍ୟିକ ଆଭିମୁଖ୍ୟ ସଂପର୍କରେ ଯଥାର୍ଥ ପରିଚୟ ମିଳିଥାଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଠିକ୍ ଅବ୍ୟବହିତ ପୂର୍ବରୁ ସଚ୍ଚିଦାନନ୍ଦ ରାଉତରାୟ, ଭଗବତୀଚରଣ ପାଣିଗ୍ରାହୀ, ମନମୋହନ ମିଶ୍ର, ଗୋପୀନାଥ ମହାନ୍ତି, ରାଜକିଶୋର ରାୟ ଓ ରାଜକିଶୋର ପଟ୍ଟନାୟକ ପ୍ରମୁଖ ଲେଖକଗଣ କଥା ସାହିତ୍ୟରେ ପରୀକ୍ଷା ଆରମ୍ଭ କରିଥିଲେ । ସଚ୍ଚିଦାନନ୍ଦ ରାଉତରାୟଙ୍କର 'ଚିତ୍ରଗ୍ରୀବ' ଉପନ୍ୟାସ, 'ମଶାଣିର ଫୁଲ', 'ମାଟିର ତାଜ'

ଓ 'ଘର' ଆଦିଗଳ୍ପ ପୁସ୍ତକ ତାଙ୍କର ଲୌକିକ ଭାଷା ପ୍ରତି ଆଦର ଓ କାବ୍ୟିକ ଶବ୍ଦଧର୍ମିତାକୁ ଗଦ୍ୟଶୈଳୀରେ ବ୍ୟବହାର କରିବାପାଇଁ ପ୍ରଚେଷ୍ଟା ସଂପର୍କରେ ପାଠକକୁ ଅବଗତ କରାଏ । ଭଗବତୀଚରଣଙ୍କ ଗଦ୍ୟଶୈଳୀ ଲୌକିକ ଓ ସ୍ୱାଭାବିକ । "ଶିକାର ଓ ଅନ୍ୟାନ୍ୟଗଳ୍ପ"— ଏହାର ଯଥାର୍ଥ ପରିଚୟ ପ୍ରଦାନ କରେ । ରାଜକିଶୋର ରାୟଙ୍କ ଗଦ୍ୟଶୈଳୀ ସଂସ୍କୃତାପ୍ଳୁତ । ଅନେକ ସମୟରେ କାବ୍ୟିକ ଭାବପ୍ରବାହ ପାଇଁ ଉଦ୍ୟମ ହୋଇଥିଲେହେଁ କୃତ୍ରିମତା ଯୋଗୁ ଭାବ-ବ୍ୟାହତ ହୋଇଥିବା ଜଣାଯାଏ । ରାଜକିଶୋର ପଟ୍ଟନାୟକଙ୍କ ଗଦ୍ୟ ଶୈଳୀ ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ । ମନନଧର୍ମୀ ଗଦ୍ୟଶୈଳୀହିଁ ତାଙ୍କ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପର ବୈଶିଷ୍ଟ୍ୟ । ଯୁଦ୍ଧ ପରିପ୍ରେକ୍ଷୀରେ ତଥା ଯୁଦ୍ଧ ପରବର୍ତ୍ତୀ କାଳରେ ଏମାନେ କଥାସାହିତ୍ୟ ସୃଷ୍ଟି କରିଅଛନ୍ତି । ଆଲୋଚ୍ୟ ସମୟରେ କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି ଓ ସୁରେନ୍ଦ୍ର-ମହାନ୍ତି ମଧ୍ୟ ଓଡ଼ିଆ କଥା ସାହିତ୍ୟରେ ଉଲ୍ଲେଖ ଯୋଗ୍ୟ ଭୂମିକା ଗ୍ରହଣ କରିଅଛନ୍ତି । କାହ୍ନୁଚରଣ ୧୯୨୩/୨୪ରୁ ଓଡ଼ିଆ ଉପନ୍ୟାସରେ ନାନା ପରୀକ୍ଷାନିରୀକ୍ଷା କରି ଆସିଅଛନ୍ତି । ତାଙ୍କ ଉପରେ ଯୁଦ୍ଧର କୌଣସି ପ୍ରଭାବ ଅନୁଭୂତ ହୋଇନାହିଁ । ଯୁଦ୍ଧପରେ ଏଯାବତ୍ ମଧ୍ୟ ସେ ଉପନ୍ୟାସମାନ ଲେଖିଅଛନ୍ତି । ଷୁଦ୍ଧାବନ୍ଧୁର ଉପନ୍ୟାସଠାରୁ ଆରମ୍ଭ କରି ପାର୍ଶ୍ୱକାୟ ଉପନ୍ୟାସ ପର୍ଯ୍ୟନ୍ତ ଲେଖି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ତାଙ୍କର ଉପନ୍ୟାସ ଗୁଡ଼ିକରେ ଅସ୍ପୃଶ୍ୟ ବିଧବା ଓ ଦଳିତ ମଣିଷ ସମାଜପ୍ରତି ସମବେଦନା, ସମାଜବାଦ ପାଇଁ ଆଶାନ୍ୱିତ ଆହ୍ୱାନ, ମାନବ କଲ୍ୟାଣ ପାଇଁ ଆକାଂକ୍ଷା, ପ୍ରକୃତି ପ୍ରତି ଅହେତୁକ ମମତ୍ୱବୋଧ, ଉତ୍କଳୀୟ ସଂସ୍କୃତି ପ୍ରତି ଆଦର ଆଦି ନାନା କଥା । ସେ କ୍ଷୁଦ୍ର କ୍ଷୁଦ୍ର ବାକ୍ୟ ଗଠନକରି ସେଥିରେ କଳାତ୍ମକ ଚମତ୍କାରିତା ସୃଷ୍ଟି କରିଅଛନ୍ତି । 'ଶାସ୍ତି' ଉପନ୍ୟାସରୁ ଗୋଟିଏ ଦୃଷ୍ଟାନ୍ତ ପ୍ରଦାନ କରାଯାଉଛି । "ସନେଇ କହିଲା, ଯିଏ ଅନାଥ, ଯାହାକୁ ସମାଜ ଛାଡ଼ିଛି, ଧର୍ମ ଛାଡ଼ିଛି, ଯିଏ ବଞ୍ଚିବାକୁ ଚାହୁଁଛି, ମଣିଷହୋଇ, ସିଏ ରହିବ ଏଇଘରେ । ଏଘର ତାର, ଏଘର ସଭିଙ୍କର,

ଦେହରୁ ଝାଳ ନଟାଡ଼ି ସେ ପରିଶ୍ରମ କରିବ । ନିଜର ରକ୍ତ ନିଜେ ପିଇ ସେ ବଞ୍ଚିବ ! ଏଥିରେ ଧର୍ମଭେଦ ରହିବ ନାହିଁ, ଜାତି ଭେଦ ରହିବ ନାହିଁ । ଏଥିର ହେବ ମଣିଷର, ମୂଳିଆର, ନଥିଲାର ! ନିଜର ମନ ବୁଝିବାକୁ ନିଜର ଆନନ୍ଦ ପାଇଁ ଯିଏ ଯାହାର ଦେବତା ଯେଉଁ ବସ୍ତୁ, କେହି କାହାର ରୁଚିରେ ବାଧା ଦେବେନାହିଁ । ଶକ୍ତି ଅନୁଯାୟୀ ସଭିଏଁ କରିବେ କାମ । ଯାହା ହେଇବେ ସମସ୍ତେ ବାଣ୍ଟି ଖାଇବେ ।" ଏଥିରୁ କାହ୍ନୁଚରଣଙ୍କର ଗଦ୍ୟଶୈଳୀ ଏବଂ ସ୍ରଷ୍ଟା-ମାନସର ଯଥାର୍ଥ ପରିଚୟ ମିଳିଥାଏ ।

କାହ୍ନୁଚରଣ କ୍ଷୁଦ୍ର କ୍ଷୁଦ୍ର ବାକ୍ୟରେ ଭାବବ୍ୟକ୍ତ କରୁଥିଲାବେଳେ ଗୋପୀନାଥ ଚଳିତ ଓଡ଼ିଆ ଭାଷା ବିନ୍ୟାସରେ ଓ ଲୌକିକ ଭାଷା ପ୍ରୟୋଗରେ ଆପଣାର ଭାବକୁ ପ୍ରକାଶ କରିଅଛନ୍ତି । ସେ ଯେତେବେଳେ ପ୍ରକୃତି ବର୍ଣ୍ଣନା କରିଛନ୍ତି ବା କୌଣସି ପରିବେଶ ବା ସାଧାରଣ ଜୀବନର ଚିତ୍ର ଦେଇଛନ୍ତି ସେତେବେଳେ ସେ ଫକୀରମୋହନଙ୍କ ପରି ଲୌକିକ ଭାଷାଉପରେ ଗୁରୁତ୍ୱ ଦେଇଛନ୍ତି । ଫକୀରମୋହନ ଯେପରି କାବ୍ୟକଚିତ୍ରକଳ୍ପ ପ୍ରୟୋଗ କରି କଳାତ୍ମକ ଚମତ୍କାରିତା ସୃଷ୍ଟି କରିଅଛନ୍ତି ଗୋପୀନାଥ ମଧ୍ୟ ସେଇପରି କାବ୍ୟ ଚିତ୍ରକଳ୍ପ ପ୍ରୟୋଗ କରି କଳାତ୍ମକ ଚମତ୍କାରିତା ସୃଷ୍ଟି କରିଅଛନ୍ତି । ଆପଣାର ଦାର୍ଶନିକ ବ୍ୟାଖ୍ୟାକୁ ପ୍ରକାଶ କଲାବେଳେ ଭାଷା ତାଙ୍କର ଅପେକ୍ଷାକୃତ ଗୁରୁଗମ୍ଭୀର । ଏସବୁ ସତ୍ତ୍ୱେ ସେ ଖାଣ୍ଟି ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଆଦିବାସୀ ଜୀବନ ଓ ସଂସ୍କୃତିମୂଳକ ଉପନ୍ୟାସରେ ସେ ଆଦିବାସୀ ଭାଷାର ମଧ୍ୟ ବ୍ୟବହାର କରିଛନ୍ତି । ତାଙ୍କର ଗଦ୍ୟର ଅନ୍ତଃସ୍ଥଳରେ ସତେଯେପରି କବିତାର ଏକ ମନୋଜ୍ଞ ଫଲ୍‌ଗୁ ପ୍ରବାହିତ । ଯେଉଁଥିପାଇଁ ତାଙ୍କର 'ପରଜା', 'ଅମୃତର ସନ୍ତାନ', 'ମାଟିମଟାଳ', 'ଲୟବିଲୟ', 'ଅନଳନଳ ବା ଦିଗଦହଡ଼' ଆଦି ଉପନ୍ୟାସକୁ ଗଦ୍ୟ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଗୋପୀନାଥଙ୍କ ଉପନ୍ୟାସ ତଥା କଥା ସାହିତ୍ୟର ଅନ୍ତର୍ବାଣୀ—

ମାନବିକ ସମ୍ବେଦନା । ମାନବବାଦର ପୃଷ୍ଠ ଭୂମି ଉପରେ ତାଙ୍କର କଥା ସାହିତ୍ୟ ପ୍ରତିଷ୍ଠିତ । ସେଥିରେ ଅଛି ବାସ୍ତବତା ଓ ଆଦର୍ଶବାଦର ସଂଘର୍ଷ, ଆତ୍ମ-ଜିଜ୍ଞାସା ଓ ଆତ୍ମା-ପ୍ରତିଷ୍ଠାର ଅଦମ୍ୟ ଅଭିଳାଷ ଏବଂ ସର୍ବୋପରି ଅଛି ଆତ୍ମ-ଅନ୍ୱେଷାର ଅଭିବ୍ୟକ୍ତି । ଗୋପୀନାଥଙ୍କ ଗଦ୍ୟଶୈଳୀର ପରିଚୟ ନିମ୍ନୋକ୍ତ ଦୃଷ୍ଟାନ୍ତରୁ ମିଳିବ !

"କେତେ କଅଁଳ ଛନଛନିଆ ହୋଇ ମଣିଷ ଜନ୍ମହୁଏ, ଗଛ ବୁଢ଼ିଛି, ଜନ୍ମ, ସୃଷ୍ଟି ଜନ୍ମହୁଏ, ଆଶାରେ ବଢ଼େ, ସ୍ୱପ୍ନଦେଖେ ! ଯେମିତି ଲଟାର ଡିଙ୍କ ଷଣ୍ଢ଼ି ପକାଇ ଡାଳ ଉପରେ ଠିଆହୋଇ ଗୁହିଆଡିକୁ ଅନାଏଁ, ସେ ଗଡ଼ିଯିବ, ମାଡ଼ିଯିବ, ବିଚ୍ଛେଇ ହୋଇପଡ଼ିବ ଦୁନିଆଁ ଯାକ, ସେମିତି ଭାତିଁ ନିହିତ ଆନନ୍ଦ ଆଗକୁ ଅନାଏଁ । ସବୁଠିଁ ପର ତା ଘର; ସମସ୍ତେ ତା ନିଜ ମଣିଷ,ସମସ୍ତଙ୍କଠି ଅଛି ସ୍ନେହ,ଶ୍ରଦ୍ଧା, ବିଶ୍ୱାସ ।" (୭୬)

ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ କଥାକାର ସୁରେନ୍ଦ୍ର ମହାନ୍ତି ଙ୍କର କଥାସାହିତ୍ୟର ଆରମ୍ଭ ଓ ଯୁଦ୍ଧପରବର୍ତ୍ତୀକାଳରେ ତାର ବିକାଶ । ସେ ଯେପରି ବହୁ କ୍ଷୁଦ୍ରଗଳ୍ପ ଲେଖିଅଛନ୍ତି ସେହିପରି ମଧ୍ୟ ସେ କେତୋଟି ଉପନ୍ୟାସ ଓ ଚରିତ-ଉପନ୍ୟାସ ମଧ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ତାଙ୍କର ଗଦ୍ୟଶୈଳୀ ଅପେକ୍ଷାକୃତ ଅଭିଜାତ । ଅବଶ୍ୟ ସେ ଅନେକ କ୍ଷୁଦ୍ରଗଳ୍ପରେ ତଥା ଉପନ୍ୟାସର ବିଭିନ୍ନ ପ୍ରସଙ୍ଗରେ ଲୌକିକ ଭାଷା ବ୍ୟବହାର କରିଅଛନ୍ତି । ତାଙ୍କ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପଗୁଡିକର ମର୍ମବାଣୀ ହେଲା ଜାତିର ଜୀବନର ଆତ୍ମ ବିଲୁପ୍ତିର କାରଣ ଅନୁସନ୍ଧାନ ଓ ଆତ୍ମପ୍ରତିଷ୍ଠା ପାଇଁ ଦୁର୍ବାର ଅଭିଳାଷ, ବିଲୟ ମୁଖୀ ସାମନ୍ତବାଦର ତୀବ୍ର ସଂଘର୍ଷ, ଇତିହାସ ଓ ବୌଦ୍ଧଯୁଗୀୟ ଭାବ-ସତ୍ତା ମଧ୍ୟ ଦେଇ ଚିରନ୍ତନ ମାନବିକ ପ୍ରବୃତ୍ତିର ରହସ୍ୟ ଉଦ୍‌ଘାଟନ, ରାଜନୀତିକ ଶତ୍ରୁବିକ୍ଷୋଭ ମଧ୍ୟରେ ମାନବ କଲ୍ୟାଣର ସ୍ୱରୂପ ଉନ୍ମୋଚନ ଓ ସର୍ବୋପରି ସିନିସିଜିମ୍ ମଧ୍ୟରେ ନୂତନ ମୂଲ୍ୟବୋଧ ଏବଂ ନୂତନ

୭୬—ଗୋପୀନାଥ ମହାନ୍ତି—ଦାଦିବୁଢ଼ା-ପୃ୩୬୭

ମାନଦଣ୍ଡରେ ଭାବପ୍ରକାଶ । ତେଣୁ ସେ ଏକ ଅଭିଜାତ ଶୈଳୀକୁ ନେଇ ବ୍ୟକ୍ତି ଓ ବିଶ୍ୱମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରିଛନ୍ତି । ଗଣର ସ୍ୱାତନ୍ତ୍ର୍ୟ ନାମରେ ସେ ଗଣଭାଷାକୁ ପ୍ରାଧାନ୍ୟ ଦେଇ ନାହାନ୍ତି ବା ଗଣଦ୍ୱାରା ସାହିତ୍ୟ ସୃଷ୍ଟିକୁ ମଧ୍ୟ ସମର୍ଥନ କରିନାହାନ୍ତି । ସେ କହନ୍ତି— "ତେଣୁ ଗଣପାଇଁ ସାହିତ୍ୟ ହୋଇପାରେ, ମାତ୍ର ଗଣଦ୍ୱାରା କୌଣସି ସାହିତ୍ୟ ସମ୍ଭବ ନୁହେଁ । କାରଣ ଗଣ ବା Mass ସବୁବେଳେ ଜଡ଼, ନିର୍ଜୀବ ଓ ଅଥର୍ବ । ବ୍ୟକ୍ତିହିଁ ସେଥିରେ ପ୍ରାଣ ସଞ୍ଚାର କରିଥାଏ । ମାତ୍ର ବୁଝିବାର ଅଛି, ଏ 'ବ୍ୟକ୍ତି' ନିତ୍ସେଙ୍କର ଅତିମାନବ Beyond good and evil' ନୁହନ୍ତି । ବ୍ୟକ୍ତିତ୍ୱ, ଅହଂସର୍ବସ୍ୱ ଅହମିକା ନୁହେଁ । ବ୍ୟକ୍ତି ଓ ବିଶ୍ୱ ମଧ୍ୟରେ ସମନ୍ୱୟହିଁ ବ୍ୟକ୍ତିତ୍ୱ ।" (୭୭) ଏହି ଆଦର୍ଶକୁ ସେ ତାଙ୍କର ଉପନ୍ୟାସ ଓ ଗଳ୍ପମାନଙ୍କରେ ଅନୁସରଣ କରିଅଛନ୍ତି ଏବଂ ଏକ ସ୍ୱତନ୍ତ୍ର ଅଭିଜାତ ଶୈଳୀ ସାହାଯ୍ୟରେ ଭାବପ୍ରକାଶ କରିଅଛନ୍ତି । ସେ କାବ୍ୟିକ ଚିତ୍ରକଳ୍ପଧର୍ମୀ ଭାଷା ବ୍ୟବହାର କରିବା ସଙ୍ଗେ ସଙ୍ଗେ ଉପମାଧର୍ମୀ ପ୍ରୟୋଗ ବିଧିକୁ ମଧ୍ୟ ପରୀକ୍ଷା କରିଅଛନ୍ତି । ଶ୍ରୀ ମହାନ୍ତିଙ୍କ ଅଭିଜାତ ଶୈଳୀର ଗୋଟିଏ ଦୃଷ୍ଟାନ୍ତ—"ଧର୍ମହେଲା ଧର୍ମାନ୍ଧତା । ସ୍ୱାଧୀନତା ହେଲା କେତେକ ଧର୍ମଧ୍ୱଜୀଙ୍କ ବିଶୃଙ୍ଖଳ ପ୍ରମତ୍ତତା । ମୈତ୍ରୀ ହେଲା ମାନବ ଦ୍ରୋହ । ତାଙ୍କର ସବୁ ସଫଳତା ମୁଠାଏ ବାଲିପରି ତଳେ ଝରିପଡ଼ିଲା । ମୈତ୍ରୀଦେବ ଜଗନ୍ନାଥଙ୍କ ସିଂହଦ୍ୱାର ରୁଦ୍ଧ ହେଲା, ଯିଏ ତାଙ୍କର ମାନରକ୍ଷା ପାଇଁ ନିଶ୍ଚିତ ମୃତ୍ୟୁର ସମ୍ମୁଖୀନ ହୋଇଥିଲା ତାରିପାଇଁ ! ଇଏତ ସନାତନ ଧର୍ମ ନୁହେଁ ! ଇଏ ଧର୍ମାନ୍ଧତା ! ଇଏ ତ ମୈତ୍ରୀ ପୀଠ ନୁହେଁ; ଗୋଟାଏ ନିର୍ବୁଦ୍ଧ ଗୋଷ୍ଠୀର ବିଚରଣ ଭୂମି ! ଜଗନ୍ନାଥ ଏ ବିଡ଼ମ୍ବନାର ମଧ୍ୟ ମୂକସାକ୍ଷୀ ! ଜଗନ୍ନାଥ ସଂସ୍କୃତି, ମୈତ୍ରୀ, ପ୍ରୀତି...ଏ ସବୁ କେବଳ ମୁଖରୋଚକ ଧ୍ୱନି । ତାର ଆଚରଣ କାହିଁ ଜନଜୀବନରେ ?" (୭୮)

---

୭୭—ସୁରେନ୍ଦ୍ର ମହାନ୍ତି—ମୁଁ କାହିଁକି ଲେଖେ-ସୁରେନ୍ଦ୍ର ବଚନ୍ଧା ପୃ-୩

୭୮—ସୁରେନ୍ଦ୍ର ମହାନ୍ତି—ନୀଳାଦ୍ରି ବିଜୟ—ପୃ-୨୫୭

ବିଶ୍ୱ ଯୁଦ୍ଧୋତ୍ତର କାଳରେ ବସନ୍ତକୁମାରୀ ପଟ୍ଟନାୟକ, ମନୋଜ ଦାସ, ବାମାଚରଣ ମିତ୍ର, ଶାନ୍ତନୁ ଆଚାର୍ଯ୍ୟ, ଗୋବିନ୍ଦ ଦାସ, ମହାପାତ୍ର ନୀଳମଣି ସାହୁ, କୃଷ୍ଣପ୍ରସାଦ ମିଶ୍ର, ବ୍ରହ୍ମାନନ୍ଦ ପଣ୍ଡା, ଅଚ୍ୟୁତାନନ୍ଦ ପତି, ରବିନାରାୟଣ ବଡ଼ଲ, ଅବନୀ କୁମାର ବରାଳ, ବସନ୍ତ କୁମାର ଶତପଥୀ, ପଭୁରାନନ୍ଦ, ଚୌଧୁରୀ ହେମନ୍ତ ମିଶ୍ର, ବୀଣାପାଣି ମହାନ୍ତି, ଭୁବନେଶ୍ୱର ବେହେରା, ରବି ପଟ୍ଟନାୟକ, ବିଭୂତି ପଟ୍ଟନାୟକ, ରତ୍ନାକର ଚଇନି, ବ୍ରଜମୋହନ ମହାନ୍ତି, ହେମନ୍ତ ଦାସ, ପ୍ରମୁଖ ବହୁ କୃତବିଦ୍ ଲେଖକଗଣ ଓଡ଼ିଆ କଥା ସାହିତ୍ୟରେ ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ନାନା ପରୀକ୍ଷା ନିରୀକ୍ଷା କରି ଓଡ଼ିଆ ସୃଜନଶୀଳ ଗଦ୍ୟ ସାହିତ୍ୟକୁ ଗୌରବ ପ୍ରଦାନ କରିଅଛନ୍ତି । ମନୋଜ ଦାସଙ୍କ କଥା ସାହିତ୍ୟର ଗଦ୍ୟଶୈଳୀ ତାତ୍ପର୍ଯ୍ୟକ ବ୍ୟଙ୍ଗାତ୍ମକ ଏବଂ ଅନେକ ସମୟରେ ଚମତ୍କାରିକ ଭାବରେ ବର୍ଣ୍ଣିତ । କିଶୋରୀଚରଣ ଓ ଅଖିଳମୋହନଙ୍କ ଗଦ୍ୟବିଭବ ନବୀନ ଧାରାର ନିବିଡ଼ତା ଭିତରେ ଫୁଲର ମନୋମୁଗ୍ଧକର ଗନ୍ଧ ଛପି ରହିଥିଲା ପରି ପାଠକର ମନକୁ ଅଭିଭୂତ କରେ । ଗୋବିନ୍ଦ ଦାସଙ୍କ ଗଦ୍ୟଶୈଳୀ ଅଭିଜାତ ମାତ୍ର ହୃଦସ୍ପର୍ଶୀ । ଶାନ୍ତନୁ ଆଚାର୍ଯ୍ୟଙ୍କ ରଚନାରେ ବିମ୍ବ ପ୍ରୟୋଗ ଓ ଶବ୍ଦର ଯଥାର୍ଥ ପ୍ରୟୋଗହିଁ ତାଙ୍କର ବୈଶିଷ୍ଟ୍ୟ । ବହୁ କୃତବିଦ ଲେଖକ ସେମାନଙ୍କର ନିରବଚ୍ଛିନ୍ନ ସାଧନା ବଳରେ ଆଧୁନିକ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରି ଅଛନ୍ତି । ସାଧାରଣ ଲୋକ ମୁଖର ଭାଷାପ୍ରୟୋଗଠାରୁ ଆରମ୍ଭ କରି ଅଭିଜାତ ଭାଷା ବ୍ୟବହାର ପର୍ଯ୍ୟନ୍ତ, ଛୋଟ ଛୋଟ ବାକ୍ୟ ଗଠନଠାରୁ ଆରମ୍ଭ କରି କାବ୍ୟିକ ରୂପକଳ୍ପ ଧର୍ମୀ ବାକ୍ୟ ରଚନା ପର୍ଯ୍ୟନ୍ତ, ସୂକ୍ଷ୍ମବସ୍ତୁ ତାତ୍ତ୍ୱିକ ବର୍ଣ୍ଣନାଠାରୁ ଆରମ୍ଭକରି ଆବେଗଧର୍ମୀ କାବ୍ୟିକ ବର୍ଣ୍ଣନା ପର୍ଯ୍ୟନ୍ତ, ଅବଚେତନର ଭାଷା ବିନ୍ୟାସଠାରୁ ଆରମ୍ଭ କରି ସଚେତନ ମନର ଶୈଳୀ ସଂଯୋଜନା, ରୂପକ-ପ୍ରତୀକ-ଚିତ୍ରକଳ୍ପ-ଉପମା ଆଦି ପ୍ରୟୋଗଠାରୁ ଆରମ୍ଭକରି ସାଧାରଣ ବର୍ଣ୍ଣନା ପର୍ଯ୍ୟନ୍ତ ନାନାବିଧ ଗଦ୍ୟ ଶୈଳୀ ଆଧୁନିକ ଓଡ଼ିଆ କଥାସାହିତ୍ୟରେ ପରିଲକ୍ଷିତ । ପ୍ରତ୍ୟେକ

ଶୈଳୀ ଆଧୁନିକ ଜୀବନ ଜିଜ୍ଞାସାର ଉତ୍ତର ସାଧନ ଓ ବିଚ୍ଛିନ୍ନ ବ୍ୟକ୍ତିସତ୍ତାର ଆତ୍ମଅନ୍ୱେଷା ପାଇଁ ସମର୍ଥ ।

## ଭ୍ରମଣ କାହାଣୀ—ଜୀବନୀ ଓ ଆତ୍ମଜୀବନୀର ଗଦ୍ୟ ବୈଭବ

"ଭ୍ରମଣ ସାହିତ୍ୟ ବସ୍ତୁତ ଜୀବନର ସାହିତ୍ୟିକ ପ୍ରତିଲିପି ମାତ୍ର" । (୭୯) ଯେତେ ବେଳେ ଜୀବନପରିଧି ବ୍ୟାପକ ହୁଏ ଏବଂ ସଙ୍କୀର୍ଣ୍ଣ ସୀମାକୁ ଲଙ୍ଘି ବ୍ୟାପକ ପରିସର ମଧ୍ୟରେ ବ୍ୟକ୍ତି ନିଜର ଅନୁଭୂତିକୁ ପ୍ରଶସ୍ତ ଓ ଶାଣିତ କରିବାକୁ ଚାହେଁ ସେତେବେଳେ ଭ୍ରମଣ ସାହିତ୍ୟର ଉଦ୍ଭବ ଓ ବିକାଶ ହୋଇଥାଏ । ଭ୍ରମଣ ସାହିତ୍ୟ ଭ୍ରମଣକାରୀର ପ୍ରତ୍ୟକ୍ଷ ଅନୁଭୂତିର କଳାତ୍ମକ ବିବରଣୀ । ଏହା ଦେଶ ବିଦେଶର ଭୌଗୋଳିକ ବିବରଣୀ ମାତ୍ର ନୁହେଁ, ଇତିହାସ-କିମ୍ବଦନ୍ତୀ-ସମାଜ-ସଂସ୍କୃତି କଳା-ସ୍ଥାପତ୍ୟ-ସାହିତ୍ୟ-ରାଜନୀତି-ଶିକ୍ଷା-ଦୃଷ୍ଟାଣି-ଚଳଣି-ଚମତ୍କାର ମନ୍ତ୍ରପୂ ଅଭିବ୍ୟକ୍ତି । ପର୍ଯ୍ୟଟକର ପ୍ରତ୍ୟକ୍ଷ ଅନୁଭୂତି ଜନିତ ବିଷୟ ସଂସ୍ଥାପନ ଓ ତାର ରସ-ରୂପାୟନ ଯେତିକି ମୌଳିକ-ରସାଳ ଓ ସୌନ୍ଦର୍ଯ୍ୟ ମଣ୍ଡିତ ହୁଏ ସେତିକି ଭ୍ରମଣ ସାହିତ୍ୟ ହୁଏ ହୃଦୟଗ୍ରାହୀ । "ଗଲି ଆଇଲି ଯାହା ଦେଖିଲି" ନ୍ୟାୟରେ ଭ୍ରମଣ ସାହିତ୍ୟ ଲେଖାହୁଏ ନାହିଁ । ପର୍ଯ୍ୟଟକର ଲୋକଚରିତ୍ର ଅନୁଧ୍ୟାନ ଯେତିକି ଶାଣିତ, ଯେତିକି ତାର ଦେଶ ବିଦେଶର ସଂସ୍କୃତି ଓ ସମାଜତତ୍ତ୍ୱ ସଂପର୍କିତ ଜ୍ଞାନ ତୀକ୍ଷ୍ଣ ସେତିକି ତାର ଭ୍ରମଣ ବୃତ୍ତାନ୍ତ କଳାମଣ୍ଡିତ ହୋଇଥାଏ । ଏଣୁ ଭ୍ରମଣ ସାହିତ୍ୟ ପୁଣି ଭିନ୍ନ ଭିନ୍ନ ବ୍ୟକ୍ତିର ବ୍ୟକ୍ତି-ଚରିତ୍ର ଅନୁଶୀଳନ, ରସବୋଧ ଓ ରସ-ରୂପାୟନ ଇତ୍ୟାଦି ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥାଏ । ଜଣେ ସାହିତ୍ୟିକର ଭ୍ରମଣ ବୃତ୍ତାନ୍ତ ଦେଶ ବିଦେଶର କଳା-ସାହିତ୍ୟ-ବ୍ୟକ୍ତିଚରିତ୍ର-ସଂସ୍କୃତି ଇତ୍ୟାଦିର କଳାତ୍ମକ ରୂପାୟନ ହୋଇଥିଲା ବେଳେ ଜଣେ ରାଜନୀତିଜ୍ଞ ନେତାଙ୍କର ଭ୍ରମଣ କାହାଣୀ ରାଜନୀତି ଓ ପ୍ରଶାସନିକ ବିଧିବ୍ୟବସ୍ଥାର ପ୍ରତ୍ୟକ୍ଷ ବିବରଣୀ ହୁଏ । ଜଣେ ସାମ୍ବାଦିକ,

---

୭୯—ଡକ୍ଟର ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ—ପୃ:୩୭

ଶିକ୍ଷାବିତ୍ ବା ଐତିହାସିକଙ୍କର ଭ୍ରମଣ କାହାଣୀ ମଧ୍ୟ ସେମାନଙ୍କୁ ବିଶେଷ ରୁଚିର ନିଦର୍ଶନ ପ୍ରଦାନ କରିଥାଏ ।

ଉପରୋକ୍ତ ବସ୍ତୁରବୋଧ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ଭ୍ରମଣ କାହାଣୀର ଉଦ୍‌ଭବ ଓ ବିକାଶକୁ ଆଲୋଚନା କରାଯାଇପାରେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଆଧୁନିକ ଶିକ୍ଷାର ବିକାଶ ଓ ବିଂଶ ଶତାବ୍ଦୀର ଆରମ୍ଭରୁ ଯାତାୟାତର ସୁବିଧା, ଦେଶ ବିଦେଶ ସହିତ ସଂଯୋଗ ସ୍ଥାପନ, ଭାବ ବିନିମୟ ପାଇଁ ବିଦେଶ ଯାତ୍ରା ଇତ୍ୟାଦି ଯୋଗୁ ଭ୍ରମଣ ସାହିତ୍ୟର ବିକାଶ ହୋଇଅଛି । ଓଡ଼ିଆ ଭ୍ରମଣ ସାହିତ୍ୟକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇପାରେ । ଯଥା— (କ) ଓଡ଼ିଶା ସଂପର୍କିତ ଭ୍ରମଣ କାହାଣୀ (ଖ) ଭାରତ ସଂପର୍କିତ ଭ୍ରମଣ କାହାଣୀ (ଗ) ବିଦେଶ ସଂପର୍କିତ ଭ୍ରମଣ କାହାଣୀ । ଊନବିଂଶ ଶତାବ୍ଦୀର ଶେଷପାଦ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଓଡ଼ିଶା ସଂପର୍କିତ ଭ୍ରମଣ କାହାଣୀ ଲେଖାଯାଇଥିଲା ବେଳେ ବିଂଶ ଶତାବ୍ଦୀର ପ୍ରଥମ ପାଦଠାରୁ ଭାରତ ସଂପର୍କିତ ଭ୍ରମଣ କାହାଣୀ ଓ ବିଦେଶ ସଂପର୍କିତ ଭ୍ରମଣ ବୃତ୍ତାନ୍ତ ଲେଖାଯାଉଅଛି । ରାଧାନାଥ ରାୟଙ୍କର 'ଭ୍ରମଣକାରୀର ପତ୍ର', ତାରିଣୀଚରଣ ରଥଙ୍କର 'କୁଳାଡ଼ ଦର୍ଶନ', ଶଶିଭୂଷଣ ରାୟଙ୍କର 'କନକା ଦର୍ଶନ' ଆଦି ଓଡ଼ିଶା ସଂପର୍କିତ ଭ୍ରମଣ କାହାଣୀ । ଶଶିଭୂଷଣଙ୍କର 'ଦାକ୍ଷିଣାତ୍ୟ ଭ୍ରମଣ', ଫକୀରମୋହନଙ୍କର 'ଓ୍ୱାଲଟିର ଦର୍ଶନ', ଚନ୍ଦ୍ରଶେଖର ନନ୍ଦଙ୍କର 'ଦାର୍ଜିଲିଂ', ଚିନ୍ତାମଣି ଆଚାର୍ଯ୍ୟଙ୍କର 'ବାରଣାସୀ ଯାତ୍ରା', କୁଳମଣି ଦାଶଙ୍କର 'ହିମାଳୟ ପଥେ', ଆଦି ଭାରତ ସଂପର୍କିତ ଭ୍ରମଣ ବୃତ୍ତାନ୍ତ । ଶୈଳବାଳା ଦେବୀଙ୍କର 'ବିଲାତ ପ୍ରବାସ', ଭୁବନାନନ୍ଦ ଦାସଙ୍କର 'ବିଲାତ ପତ୍ର', ପ୍ରାଣକୃଷ୍ଣ ପରିଜାଙ୍କର 'କେମ୍ବ୍ରିଜ ଅଧିବାସ', ଅନ୍ନଦା ଶଙ୍କରରାୟଙ୍କର 'ବିଲାତଚିଠି', ମାୟାଧର ମାନସିଂହଙ୍କର 'ପଶ୍ଚିମପଥିକ', ରାମଚନ୍ଦ୍ର ଦାଶଙ୍କର 'ୟୁରୋପରେ ମୋ ଅନୁଭୂତି', ଗୋଲକବିହାରୀ ଧଳଙ୍କର 'ଲଣ୍ଡନଚିଠି', 'ଆମେରିକା ଚିଠି', ସୁରେନ୍ଦ୍ର ମହାନ୍ତିଙ୍କର

'ସେକଂଡାଇଭ', କୁଂଜବିହାରୀ ଦାସଙ୍କର 'ଲଙ୍କାଯାତ୍ରୀ', 'ୟୁରୋପରୁ ଆମେରିକା', ଗୋବିନ୍ଦ ଦାସଙ୍କର 'ଦେଶେଦେଶେ', ମନୋଜଦାସଙ୍କର 'ଦୂରଦୂରାନ୍ତର', ଶ୍ରୀହର୍ଷ ମିଶ୍ରଙ୍କର 'ପଶ୍ଚିମ ଦିଗନ୍ତ', ଭୁବନେଶ୍ୱର ବେହେରାଙ୍କର 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡିଙ୍କି', ଆଦି ଭ୍ରମଣ କାହାଣୀଗୁଡ଼ିକ ଆଧୁନିକ ଓଡ଼ିଆ ସାହିତ୍ୟରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଅଛି । ଏ ଗୁଡ଼ିକର ଗଦ୍ୟଶୈଳୀ ମଧ୍ୟ ଗଭୀର ରସଦୃଷ୍ଟିର ପରିଚୟ ଦେଇଥାଏ ।

ଭ୍ରମଣ କାହାଣୀ ଯେପରି ପ୍ରତ୍ୟକ୍ଷ ଅନୁଭୂତିର କଳାତ୍ମକ ,ବିବରଣୀ ସେହିପରି ଜୀବନୀ ଓ ଆତ୍ମଜୀବନୀ ମଧ୍ୟ ଆଧୁନିକ ସାହିତ୍ୟରେ ପ୍ରତ୍ୟକ୍ଷ ଅନୁଭୂତିର କଳାତ୍ମକ ଅଭିବ୍ୟକ୍ତିଭାବରେ ପ୍ରତିଷ୍ଠା ଅର୍ଜନ କରିଅଛି । ଜୀବନ ଚରିତ ନୀରସ ଇତିହାସ ନୁହେଁ ମାତ୍ର ସାହିତ୍ୟ ରସରେ ରସାଣିତ ଏକ ମନୋରମ ଗ୍ରନ୍ଥ । ଏଥିରେ ବ୍ୟକ୍ତି ବିଶେଷର ଜୀବନ ଚରିତ ବର୍ଣ୍ଣିତ । ଏହି ବର୍ଣ୍ଣନା କେବଳ ତଥ୍ୟ ସର୍ବସ୍ୱ ନୁହେଁ ବା ବିବରଣୀମୂଳକ ନୁହେଁ ମାତ୍ର ଏଥିରେ ଥାଏ ଔପନ୍ୟାସିକର ସୂକ୍ଷ୍ମ କଳାଦୃଷ୍ଟି । ତେଣୁ ଜୀବନଚରିତ ଐତିହାସିକ ଟଏନ୍‌ବିଙ୍କ ମତରେ "Personalised history." ଜୀବନର ବ୍ୟାଖ୍ୟା-ବିଶ୍ଳେଷଣ, ସମାଜପ୍ରତି ସେହି ବ୍ୟକ୍ତି ବିଶେଷର ଜୀବନ ଚରିତର ଆବଶ୍ୟକତା, ପ୍ରକାଶଭଙ୍ଗୀରେ ଉତ୍କର୍ଷ, ଉପସ୍ଥାପନାରେ ଉପନ୍ୟାସର କୌଶଳ, ତଥ୍ୟ ପରିବେଷଣରେ ସ୍ତୁତିମାନତା ଆଦି ଜୀବନ ଚରିତକୁ ସଫଳତା ପ୍ରଦାନ କରିଥାଏ । ଅପରପକ୍ଷରେ ଆତ୍ମଜୀବନୀ ହେଉଛି ବ୍ୟକ୍ତି ବିଶେଷର ଆତ୍ମ-ବିଶ୍ଳେଷଣ, ଆତ୍ମବିଚାର ଓ ଆତ୍ମ ଉଦ୍‌ଘାଟନର କଳାତ୍ମକ ଅଭିବ୍ୟକ୍ତି । ଜୀବନ ଚରିତରେ ବ୍ୟକ୍ତି ଅନ୍ୟ ସମ୍ପର୍କରେ ସଚେତନ ହେଉଥିଲା ବେଳେ ଆତ୍ମଜୀବନ-ଚରିତରେ ନିଜ ସମ୍ବନ୍ଧରେ ତଥା ନିଜର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ସମ୍ବନ୍ଧରେ ସଚେତନ ହୁଏ । ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ଓ ଅନୁଭୂତି ଜୀବନରସରେ ଅନୁପ୍ରାଣିତ ହେଲେ ଆତ୍ମଚରିତ ହୁଏ । " ପ୍ରକୃତ ସାହିତ୍ୟରସରେ ସମୃଦ୍ଧ ଜୀବନ ଚରିତ ବା ଆତ୍ମଚରିତ ମନୁଷ୍ୟ-ମନ ଗଠନ ଦିଗରେ

ସର୍ବଶେଷ ସହାୟକ ଏହାଦ୍ୱାରା କେବଳ ଯେ ସାହିତ୍ୟର ପରିପୁଷ୍ଟି ସାଧିତ ହୁଏ-ତାହା ନୁହେଁ, ସମାଜ ଚେତନାର ମଧ୍ୟ ପରିପୁଷ୍ଟି ସଂସାଧିତ ହୋଇଥାଏ । × × × ମହତ୍ ସାହିତ୍ୟ, ଯାହାକୁ ଆମେ କହୁ ସୃଜନଧର୍ମୀ ସାହିତ୍ୟ ବା creative literature, ମାନବ ଜୀବନରହିଁ ଅଂଶ ବିଶେଷ । ଏଥିରେ ପ୍ରତିଫଳିତ ଶାଶ୍ୱତ କାଳର ଅନୁଭୂତି ଓ ଚିନ୍ତା ଯୁଗ ଯୁଗାନ୍ତର ଧରି ମନୁଷ୍ୟ ମନକୁ ନବନବ ସୃଷ୍ଟି ପଥରେ ପ୍ରତ୍ୟକ୍ଷ ପ୍ରେରଣା ପ୍ରଦାନ କରିଥାଏ । ତାକୁହିଁ ଆମେ କହୁଁ ସାର୍ଥକ ଆତ୍ମଜୀବନୀ ବା ଜୀବନ ଚରିତ, ଯାହା ମହତ୍ ସାହିତ୍ୟର ଗୋଟିଏ ଅପରିହାର୍ଯ୍ୟ ଅଂଶ ଭାବରେ ଆମ ନିକଟରେ ଉପସ୍ଥିତ ହୋଇ ଆମ ଚିନ୍ତାକୁ କରେ ଉଦ୍ଦୀପ୍ତ ଏବଂ ଚିତ୍ତକୁ କରେ ସରସ ।" (୮୦) ବାସ୍ତବିକ ଆତ୍ମଜୀବନ-ଚରିତ ଓ ଜୀବନ ଚରିତ ଆଧୁନିକ ଯୁଗରେ ଦୁଇଟି ବିଶେଷ ସାହିତ୍ୟିକ୍ କୃତି ଭାବରେ ସ୍ୱୀକୃତ । ଯେଉଁ ଆତ୍ମଜୀବନୀ ନିରପେକ୍ଷ, ସତ୍ୟର ପୃଷ୍ଠଭୂମି ଉପରେ ରଚିତ, ବ୍ୟକ୍ତିର ଭଲମନ୍ଦ ଗୁଣ ବର୍ଣ୍ଣନାରେ ଭାସ୍ୱର, ଅଯଥା ଆତ୍ମପ୍ରଶଂସା ବା ଆତ୍ମପ୍ରୀତିର ଇସ୍ତାହାର ନୁହେଁ, ସମସାମୟିକ ସାମାଜିକ-ସାଂସ୍କୃତିକ-ରାଜନୈତିକ ତଥା ସାହିତ୍ୟିକ ଚେତନା ସହିତ ସମନ୍ୱିତ ଓ ସେହି ସେହି ବିଶେଷ ସତ୍ତାର ମୌଳିକ ଭାବ-ଭାବନାର ପ୍ରଖ୍ୟାପକ, ଆତ୍ମ ବିଶ୍ଳେଷଣ ଓ ଆତ୍ମ ସ୍ୱୀକୃତିର ଯଥାର୍ଥ ମର୍ମଲିପି, ପ୍ରକାଶ ଭଙ୍ଗୀରେ ସାବଲୀଳ ଓ ଉପନ୍ୟାସର କଳା-କର୍ମ ଉପରେ ଆଧାରିତ ତାହାହିଁ ପ୍ରକୃତ ଆତ୍ମଜୀବନ-ଚରିତ ଓ ତାହାର ସାହିତ୍ୟିକ ମର୍ଯ୍ୟାଦା ସୁରକ୍ଷିତ । ସେହିପରି ଯେଉଁ ଜୀବନ-ଚରିତ ନିରପେକ୍ଷ ଓ ବ୍ୟକ୍ତି ଜୀବନର ଐତିହାସିକ ବିବରଣୀର କାଳ କ୍ରମିକ ବର୍ଣ୍ଣନା ନୁହେଁ ମାତ୍ର ଔପନ୍ୟାସିକ ନିର୍ମାଣକ୍ଷମ ପ୍ରଜ୍ଞା ଓ ପ୍ରତିଭାରେ ଭାସ୍ୱର ତାହାହିଁ ପ୍ରକୃତ କଳାତ୍ମକ ଜୀବନ ଚରିତ ।

ଓଡ଼ିଆ ସାହିତ୍ୟରେ ବହୁଜୀବନ ଚରିତ ଲେଖାଯାଇଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରୁ ଖୁବ୍ କମ ଜୀବନ-ଚରିତ-ଉପଯୋଗୀ ରଚନା ।

---

୮୦—ଚିନ୍ତାମଣି ବେହେରା— ବିଦଗ୍ଧ ପାଠକ— ପୃ ୯୧

ଫକୀର ମୋହନ ସେନାପତି, ବିଶ୍ୱନାଥ କର, ମଧୁସୂଦନ ରାଓ, ଗୋପାଳଚନ୍ଦ୍ର ପ୍ରହରାଜ, ରେବାରାୟ, ପଦ୍ମଚରଣ ପଟ୍ଟନାୟକ, ଜଗବନ୍ଧୁ ସିଂହ ପ୍ରମୁଖ ଲେଖକଗଣ ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପାଦରେ କେତେକ ଜୀବନୀ ରଚନା କରିଥିଲେ । ପରବର୍ତ୍ତୀ କାଳରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର 'ଶାରଳା ଚରିତ', 'କର୍ମଯୋଗୀ ଗୌରୀଶଙ୍କର' ଚିନ୍ତାମଣି ଆଚାର୍ଯ୍ୟଙ୍କର'ଗୌରୀଶଙ୍କର','ପଠାଣିସାମନ୍ତ','ଫକୀରମୋହନ', ଦୁର୍ଗାଚରଣ ରାୟଙ୍କର 'ରାଧାନାଥ ଜୀବନୀ', କାଳନ୍ଦୀଚରଣ ପାଣିଗ୍ରାହୀଙ୍କର 'ଭକ୍ତକବି ମଧୁସୂଦନ' ଅସିତ କବିଙ୍କର'ଓଡ଼ିଆ ସାହିତ୍ୟରେ ଗଙ୍ଗାଧର', 'ଦୟାନିଧି ମିଶ୍ର', ଗୋପୀନାଥ ମହାନ୍ତିଙ୍କର 'ଉତ୍କଳମଣି', ମାୟାଧର ମାନସିଂହଙ୍କର 'ସରସ୍ୱତୀ ଫକୀର ମୋହନ', ଭବଗ୍ରାହୀ ପତିଙ୍କର 'ଉତ୍କଳ କେଶରୀ ମଧୁସୂଦନ', ନିତ୍ୟାନନ୍ଦ ମହାପାତ୍ରଙ୍କର 'ଭାରତ ଭାଗ୍ୟ ବିଧାତା',ଚିନ୍ତାମଣି ଦାଶଙ୍କର 'ଐତିହାସିକ କୃପାସିନ୍ଧୁ', ସୂର୍ଯ୍ୟନାରାୟଣ ଦାସଙ୍କର 'ଦେଶପ୍ରାଣ ମଧୁସୂଦନ', ଚକ୍ରଧର ମହାପାତ୍ରଙ୍କର 'କୁନ୍ତଳା କୁମାରୀ ଜୀବନଚରିତ',ଗୋପାଳଚନ୍ଦ୍ର ମିଶ୍ରଙ୍କର,'କବିପୁଷ୍କିନ', ସୁରେନ୍ଦ୍ର ମହାନ୍ତିଙ୍କର 'ମଧୁସୂଦନ ଦାସ', ବିନୋଦ କାନୁନଗୋଙ୍କର 'ଉତ୍କଳ ମଣି ଗୋପବନ୍ଧୁ'ଚିତ୍ତରଂଜନ ଦାସଙ୍କର'ଗାନ୍ଧୀ ଓ ଗୋପବନ୍ଧୁ' କୁଂଜବିହାରୀ ଦାଶଙ୍କର 'ଜୀବନୀ ଓ ଜୀବନ', 'ଜୀବନାୟନ', ନିତ୍ୟାନନ୍ଦ ଶତପଥୀଙ୍କର 'ହେ ସାଥୀ ! ହେ ସାରଥୀ' ଆଦି ଜୀବନୀଗ୍ରନ୍ଥଗୁଡ଼ିକ ଗୋଟିଏ ଗୋଟିଏ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଏଗୁଡ଼ିକର ଭାଷା ଓ ଶୈଳୀ ବିବରଣୀ ମୂଳକ ନୁହେଁ ମାତ୍ର ଉପନ୍ୟାସ କଳା - ଶିଳ୍ପର ନିକଟବର୍ତ୍ତୀ । ଲେଖକ ବ୍ୟକ୍ତି ବିଶେଷଙ୍କର ପ୍ରଶଂସା କେବଳ କରି ନାହାନ୍ତି, ବରୁ ସ୍ଥଳ ସେମାନଙ୍କର ଦୋଷ ଦେଖାଇ ଅଛନ୍ତି । ଅଧ୍ୟାପକ ପଠାଣି ପଟ୍ଟନାୟକ ତେଣୁ ଯଥାର୍ଥରେ କହନ୍ତି—"ଆଧୁନିକ ଜୀବନ ଚରିତ ଲେଖକ ସ୍ପଷ୍ଟଭାଷୀ । ଚାରିତ୍ରିକ ଦୋଷ ଦୁର୍ବଳତା ମଧ୍ୟରେ ଚରିତ୍ରର ମହତ୍ତ୍ୱକୁ ବିଶ୍ଳେଷଣ କରିଥାଏ ।" (୮୧)

---

୮୧—ଅଧ୍ୟାପକ ପଠାଣି ପଟ୍ଟନାୟକ—ଜୀବନୀ ସାହିତ୍ୟ-ଏକ ଅଧ୍ୟୟନ-ପୃ ୯୮

ଏହିପରି ଆତ୍ମଜୀବନୀ ରଚନା ମଧ୍ୟ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ବିଶିଷ୍ଟ ସଂପଦ । ବ୍ୟାସ କବି ଫକୀରମୋହନ ସେନାପତି ଯଦିଓ ଏ ଦିଗରେ ମୂଳ ପତ୍ତନ କରିଥିଲେ ପରବର୍ତ୍ତୀ କାଳରେ ବହୁ ଲେଖକ ଆତ୍ମଜୀବନୀ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ଏହି ଆତ୍ମଜୀବନୀଗୁଡ଼ିକ ପୁଣି ଲେଖକଙ୍କ ରୁଚି ଓ ଜୀବନଚର୍ଯ୍ୟା ନେଇ ବିଚିତ୍ର ଓ ବହୁବିଧ । ଜଣେ ସାହିତ୍ୟିକର ଆତ୍ମ ଜୀବନୀ, ଜଣେ ରାଜନୀତିଜ୍ଞ ନେତାର ଆତ୍ମଜୀବନୀ ବା ଜଣେ ଶିକ୍ଷକର ଆତ୍ମଜୀବନୀ ସମାନ ନୁହେଁ । ପ୍ରତ୍ୟେକଙ୍କର ରୁଚି ଓ ଜୀବନଚର୍ଯ୍ୟା ଭିନ୍ନ । ତେଣୁ ପ୍ରତ୍ୟେକଙ୍କର ଆତ୍ମଜୀବନୀ ମଧ୍ୟ ସ୍ୱତନ୍ତ୍ର । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଆତ୍ମଜୀବନୀଗୁଡ଼ିକୁ ବିଶ୍ଳେଷଣ କରାଯାଇପାରେ । ବ୍ୟାସକବି ଫକୀରମୋହନ ସେନାପତି ଥିଲେ ଶିକ୍ଷକ—ଷ୍ଟେଟ ଏଡ଼ମିନିଷ୍ଟ୍ରେଟର ଓ ସାହିତ୍ୟିକ । ଦୀର୍ଘଜୀବନକାଳ ମଧ୍ୟରେ ସେ ବିଚିତ୍ର ଜୀବନାନୁଭୂତି ଲାଭ କରିଥିଲେ । ଜୀବନର ଅନ୍ତିମ ଅବସ୍ଥାରେ ସେ ରଚନା କଲେ ତାଙ୍କର ଆତ୍ମଜୀବନୀ । ଏ ସଂପର୍କରେ ସେ କହନ୍ତି—"ଆଜକୁ ଚାରି ପାଞ୍ଚ ବର୍ଷ ଗତ ହେଲା, ମୋହର କେତେଜଣ ମିତ୍ର ଏବଂ ସୁତ ପ୍ରତିମ ଶିକ୍ଷିତ ଯୁବକ ମୋହର ଆତ୍ମ-ଜୀବନ-କାହାଣୀ ଲେଖିବା ସକାଶେ ମୋତେ ଅନୁରୋଧ କରି ଆସୁଅଛନ୍ତି । ସେମାନଙ୍କ ଅନୁରୋଧ ଅତିକ୍ରମ କରିବା ମୋ ପକ୍ଷରେ ସହଜ ସାଧ୍ୟ ନୁହେଁ । ଓଡ଼ିଆ ଭାଷାରେ ଜୀବନ ଚରିତର ବିଶେଷ ଅଭାବ । ମାତ୍ର ମୋ ତୁଚ୍ଛ ଜୀବନରେ ଜୀବନ ଚରିତର ଉପଯୋଗୀ ସେପରି ଗୁରୁତର ଉପାଦାନର ମଧ୍ୟ ନିତାନ୍ତ ଅଭାବ । ବିଶେଷରେ ସେପରି ସଜାଇ ଲେଖିଲେ, ପାଠକ ମହାଶୟଗଣ ଆଗ୍ରହ ସହିତ ପୁସ୍ତକ ପାଠରେ ପ୍ରବୃତ୍ତ ହେବେ, ସେପରି ଶକ୍ତି ମଧ୍ୟ ମୋର ନାହିଁ; ତେବେ ଏହି ଦୁଃସାହସିକ କାର୍ଯ୍ୟରେ ପ୍ରବୃତ୍ତ ହେବାର ଗୋଟିଏ ମାତ୍ର କୈଫିୟତ୍ ଅଛି । ଅଦୂର ଭବିଷ୍ୟତରେ ଅନେକଗୁଡ଼ିଏ ଆତ୍ମଜୀବନୀ-ଲେଖକ ଆମ୍ଭମାନଙ୍କର ଏହି ପବିତ୍ର ଜନ୍ମଭୂମିରେ ବିଚରଣ କରିବେ; ଏହା ମୋର ଧ୍ରୁବ ବିଶ୍ୱାସ । ମୁଁ

ସେମାନଙ୍କପାଇଁ ମୂଳଦୁଆ ପ୍ରସ୍ତୁତ କରୁଅଛୁ ।" (୮୨) ଫକୀରମୋହନ ଏଇ ଯେଉଁ ମୂଳଦୁଆ ସ୍ଥାପନ କଲେ ତାହା ଏପର୍ଯ୍ୟନ୍ତ ତଥାପି ରହିଛି ଅନତିକ୍ରମ୍ୟ । ଏହା ଉପନ୍ୟାସ ପରି ସୁଖ ପାଠ୍ୟ । ଇତିହାସ ପରି ସତ୍ୟ । ଜନ୍ମରୁ ଅନ୍ତିମ ଜୀବନ ପର୍ଯ୍ୟନ୍ତ ନାନା ଘଟଣାର ଅକୁଣ୍ଠ ବର୍ଣ୍ଣନା ବିଳାସ ଏବଂ ଆତ୍ମଚରିତଟିକୁ କାଳଜୟୀ ସାରସ୍ୱତ ମୂଲ୍ୟ ପ୍ରଦାନ କରିଅଛି । ଏହା ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ରାଜନୈତିକ ଓ ଜାତୀୟ ଜୀବନର ଆତ୍ମଲିପି । ଏ ସଂପର୍କରେ ସୁରେନ୍ଦ୍ର ମହାନ୍ତି କହନ୍ତି—"ଫକୀରମୋହନଙ୍କ ଆତ୍ମ ଚରିତ ଏକ କୁଣ୍ଠାହୀନ, ଆବ୍ରୁହୀନ, ନିଃସଙ୍କୋଚ ଆତ୍ମ ପ୍ରକାଶ । ଫକୀରମୋହନ ସମାଜ ପ୍ରବର୍ତ୍ତକ, ସାହିତ୍ୟରଥୀ, ଦେଶସେବକ ଓ ଚରିତ୍ରବନ୍ତ ପୁରୁଷର ସମସ୍ତ ଅଭିମାନ ଓ ଅଭିନେପ୍ସୁ ଭୁଲି ନିଜର ଚରିତ ନିଜେ ନିରହଙ୍କାର ବାସ୍ତବତାର ତୁଳୀରେ ଅଙ୍କନ କରିଅଛନ୍ତି । ଏହି ନିରଭିମାନୀ, ଅକପଟ ଓ ଆନ୍ତରିକତାପୂର୍ଣ୍ଣ ବର୍ଣ୍ଣନାଭଙ୍ଗୀ, ଫକୀରମୋହନଙ୍କ ଆତ୍ମ ଚରିତକୁ ସମଗ୍ର ଭାରତୀୟ ସାହିତ୍ୟରେ ଏକ ଉଲ୍ଲେଖଯୋଗ୍ୟ ରଚନାରେ ପରିଣତ କରିଅଛି ।" (୮୩) ଏହି ଆତ୍ମଜୀବନୀକୁ ଅଧ୍ୟାପକ ପ୍ରିୟରଞ୍ଜନ ସେନ ତାଙ୍କର "Modern Oriya Literature" ପୁସ୍ତକରେ ସମଗ୍ର ଭାରତୀୟ ସାହିତ୍ୟରେ ଅନନ୍ୟ ସାଧାରଣ ବୋଲି ମତ ଦେଇଅଛନ୍ତି । ପଣ୍ଡିତ ନୀଳକଣ୍ଠ ଦାଶ ମଧ୍ୟ କହନ୍ତି—"ଏ ସୁନ୍ଦର ସରସତାରେ ନିଜର ଦୈନ୍ୟ ଦୁର୍ବଳତା ପର୍ଯ୍ୟନ୍ତ ଫକୀରମୋହନ ଏଥିରେ ପ୍ରକାଶ କରି ବେଳେ ବେଳେ ତଥିର ଆତ୍ମଗ୍ଲାନିକୁ ଘୋର ଆତ୍ମଶ୍ଲାଘାରେ ପରିଣତ କରିଛନ୍ତି; ଅଥଚ ପ୍ରାଣର ଚଞ୍ଚଳତା ବା ନିଜକୁ ବହୁମାନ ଦେବାର ଉଦ୍‌ବେଗ ନାଇ, ଏହା ଏକା ଦେଖିବାର ଜିନିଷ । ଏପରି ଆତ୍ମଜୀବନୀ ଆଉ ଜାଣିବାର

---

୮୨—ଫକୀର ମୋହନ ଗ୍ରନ୍ଥାବଳୀ ୧ମ ଭାଗ—ଆତ୍ମଜୀବନୀ-ସୂଚନା ।

୮୩— ସୁରେନ୍ଦ୍ର ମହାନ୍ତି— ଫକୀର ମୋହନ ସମୀକ୍ଷା—ପୃ ୧୭୭

ସାହିତ୍ୟରେ ଲେଖା ଯାଇଛି ବୋଲି ମନେ ହୁଏ ନାହିଁ।" (୮୪) ଡକ୍ଟର ମାୟାଧର ମାନସିଂହ ମଧ୍ୟ ଏ ସମ୍ପର୍କରେ ମତ ଦେଇଛନ୍ତି "This 'Atma charita' is as interesting as any book of fiction. It may safely be taken to be one of the few really great autobiographies in the whole of nation Literature." (୮୫) ବାସ୍ତବିକ ଫକୀରମୋହନଙ୍କ ଆତ୍ମଜୀବନ ଚରିତ ବିଗତ ଶତାବ୍ଦୀର ଓଡ଼ିଆ ଗଣ ଜୀବନର ଏକ ମର୍ମଲିପି। "ବ୍ୟକ୍ତିଗତ ଜୀବନ ଜାତୀୟ ଜୀବନର ଅଙ୍ଗୀଭୂତ ହୋଇ ଗ୍ରାନ୍ଥିକ ସୃଜନ ଶିଳ୍ପରେ ପରିଣତ ହୋଇ ଯାଇଛି।" (୮୬) ଫକୀରମୋହନ ନିଜେ ଜଣେ ଔପନ୍ୟାସିକ। ତେଣୁ ଉପନ୍ୟାସର ଶିଳ୍ପ ଧର୍ମ, ଜୀବନ ଜିଜ୍ଞାସା ଓ ସୌନ୍ଦର୍ଯ୍ୟ ବୋଧ ତାଙ୍କର ଆତ୍ମ ଜୀବନୀରେ ପ୍ରାଧାନ୍ୟ ଲାଭ କରିଅଛି। କଳ୍ପନା ଓ ବାସ୍ତବତାର ମନୋଜ୍ଞ ସମନ୍ୱୟରେ ଏହା ହୋଇଛି ସରସ-ସୁନ୍ଦର ଓ ପ୍ରାଣବନ୍ତ। ଏହାର ପ୍ରକାଶଭଙ୍ଗୀ ଉପନ୍ୟାସ ପରି ରସସ୍ନିଗ୍ଧ। ଏହାର ଭାଷା ମନୋରମ, ଉପସ୍ଥାପନା ନାଟକୀୟ। ସେନାପତି ଗଳ୍ପ - ଉପନ୍ୟାସମାନଙ୍କର ଚରିତ୍ର ଗୁଡ଼ିକର ଅନ୍ତଃସୌନ୍ଦର୍ଯ୍ୟ ଓ ଅନ୍ତଃରୂପ ଅବବୋଧ ପାଇଁ ଏହି ଆତ୍ମଜୀବନୀ ଏକ ଯଥାର୍ଥ ସୃଷ୍ଟି -ସମ୍ପଦ।

ଫକୀର ମୋହନଙ୍କ ଆତ୍ମଜୀବନୀ ପରେ ଉଲ୍ଲେଖ୍ୟ କବି ଗଙ୍ଗାଧର ମେହେରଙ୍କର ସଂକ୍ଷିପ୍ତ ଆତ୍ମଜୀବନୀ, ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର ଅସମ୍ପୂର୍ଣ୍ଣ ଆତ୍ମଜୀବନୀ, ଲକ୍ଷ୍ମୀନାରାୟଣ ସାହୁଙ୍କର "ମୋ ବ ଉଳ୍ଲ ଜୀବନ," ଗୋଦାବରୀଶ ମିଶ୍ରଙ୍କର "ଜାତୀୟ ଜୀବନର ଆତ୍ମପ୍ରକାଶ", ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର "ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ

---

୮୪— ନୀଳକଣ୍ଠ ଦାସ— ଫକୀର ମୋହନ ଗ୍ରନ୍ଥାବଳୀ ୧ମଭାଗ – ଉପୋଦ୍‌ଘାତ —ପୃ୬

୮୫—ଡକ୍ଟର : ମାୟାଧର ମାନସିଂହ History of oriya literature Sahitya AcademyP 172

୮୬— ଡକ୍ଟର: ନଟବର ସାମନ୍ତରାୟ-ଅଧୁନିକଓଡ଼ିଆ ସାହିତ୍ୟର ଇତିହାସ-ପୃ୩୬୮

ମୋ ସ୍ଥାନ'', ପଣ୍ଡିତ ନୀଳକଣ୍ଠ ଦାସଙ୍କର ଆତ୍ମଜୀବନୀ, ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ, ଅଧ୍ୟାପକ ବ୍ରଜମୋହନ ସେନାପତିଙ୍କର 'ଦୃଷ୍ଟିପାତ', ଗୋଦାବରୀଶ ମହାପାତ୍ରଙ୍କର 'ଜୀବନୀ ପଞ୍ଜି' ଚନ୍ଦ୍ରଶେଖର ମିଶ୍ରଙ୍କର 'ସତ୍ୟବାଦୀରେ ସାତ ବର୍ଷ', ବୈରାଗୀ ଚରଣ ମିଶ୍ରଙ୍କର 'ସ୍ୱଭାବ କବିଙ୍କ ଜୀବନ ସ୍ମୃତି', ବାଞ୍ଛାନିଧି ଆତ୍ମଚରିତ, ନାରାୟଣ ବୀରବର ସାମନ୍ତଙ୍କର 'ଜୀବନ ସ୍ମୃତି', ଡକ୍ଟର ହରେକୃଷ୍ଣ ମହତାବଙ୍କର 'ସାଧନାର ପଥ', ପବିତ୍ର ମୋହନ ପ୍ରଧାନଙ୍କର 'ମୁକ୍ତିପଥେ ସୈନିକ', ଡକ୍ଟର ମାୟାଧର ମାନସିଂହଙ୍କର 'ଶିକ୍ଷାବିତ୍‌ର ଗାଥା', ଡକ୍ଟର କୁଂଜ ବିହାରୀ ଦାଶଙ୍କର 'ମୋ କାହାଣୀ' କାଳୀଚରଣ ପଟ୍ଟନାୟକଙ୍କର 'କୁମ୍ଭାର ଚକ' କାର୍ତ୍ତିକ କୁମାର ଘୋଷଙ୍କର 'ମୋ ନଟଜୀବନ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ଅଟକି ଯାଇ ନାହିଁ ପଛେଇ', ରାମକୃଷ୍ଣ ନନ୍ଦଙ୍କର 'ଜୀବନ-ତରଙ୍ଗ', ଭରତ ଚନ୍ଦ୍ର ନାୟକଙ୍କର 'ମୋ ପୂର୍ବସ୍ମୃତି କଥା' ଅନନ୍ତ ପ୍ରସାଦ ପଣ୍ଡାଙ୍କର 'ମୋ ଜୀବନ ସ୍ମୃତି', ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର 'ମୋ ଜୀବନର ଏକ ଅଧ୍ୟାୟ', ବନମାଳୀ ବ୍ରହ୍ମଚାରୀଙ୍କର 'ଜଣେ ଶିକ୍ଷକର ନିଜ କଥା', ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର 'ମୋ ସମୟର ଓଡ଼ିଶା' ଆଦି ବହୁ ଆତ୍ମଜୀବନୀ ପ୍ରକାଶ ପାଇଅଛି । ଏହି ସମସ୍ତ ଆତ୍ମଜୀବନୀ ମଧ୍ୟରୁ କେତେକରେ ଅଛି ସମସାମୟିକ ରାଜନୀତିର ଅନ୍ତଃରୂପ ଉଦ୍‌ଘାଟନ ଓ ସେଥିରେ ସେହି ଲେଖକଙ୍କର ଭୂମିକା ଏବଂ ତାଙ୍କର ଜୀବନ ଗଠନରେ ଅବଦାନ, ଆଉ କେତେକରେ ଅଛି ଶିକ୍ଷାବିତ୍‌ର ସମସାମୟିକ ଶିକ୍ଷା ବ୍ୟବସ୍ଥା ପ୍ରତି ଅନ୍ତଃଦୃଷ୍ଟି ଓ ତାଙ୍କର ଚରିତ୍ର ଗଠନପାଇଁ ପ୍ରେରଣା, ଅନ୍ୟକେତେକରେ ଅଛି କବି-ଲେଖକ-ନାଟ୍ୟକାରଙ୍କର ସମସାମୟିକ ସାମାଜିକ ସାଂସ୍କୃତିକ-ସାହିତ୍ୟିକ ଜୀବନ-ବିବର୍ତ୍ତନ ପ୍ରତି ଗଭୀର ଦୃଷ୍ଟିଭଙ୍ଗି ଓ ଆତ୍ମ ବିଶ୍ଳେଷଣ ।

ସତ୍ୟ ଓ ବାସ୍ତବତା ଉପରେ ଆତ୍ମଜୀବନୀ ପ୍ରତିଷ୍ଠିତ । ଏଥିରେ କଳ୍ପନା ବିଳାସ ଥାଏ; ଥାଏ ମଧ୍ୟ ସୌନ୍ଦର୍ଯ୍ୟବୋଧ । ମିଥ୍ୟା ଓ ଅତିରଞ୍ଜନ ଏହାର ଦୋଷ । ତେଣୁ ଆତ୍ମଜୀବନୀ ଲେଖକକୁ ପଦେ

ସେବେ ସତର୍କ ହୋଇ ଲେଖିବାକୁ ହୋଇଥାଏ । ଫକୀରମୋହନ ଏଇ ପରମ୍ପରା ଓଡ଼ିଆ ସାହିତ୍ୟରେ ସୃଷ୍ଟି କଲେ । ତାଙ୍କପରେ ଗୋପାଳଚନ୍ଦ୍ର ପ୍ରହରାଜ ସେଇ ଶୈଳୀ ଓ ଭାଷା ଅନୁସାରେ ଆତ୍ମଜୀବନୀ ରଚନା କଲେ । ଗୋଦାବରୀଶ ମିଶ୍ରଙ୍କର ଆତ୍ମଜୀବନୀ ପ୍ରକୃତରେ ଫକୀର ମୋହନଙ୍କ ଆତ୍ମଜୀବନୀ ପରେ ଏକ ଅନନ୍ୟ ସୃଷ୍ଟି । ସେ ତାଙ୍କର ଆତ୍ମଜୀବନୀ ସଂପର୍କରେ କହନ୍ତି—"ଆତ୍ମଜୀବନୀ ଲେଖିବାର ଦାୟିତ୍ୱ ବଡ଼ ବେଶି । ସେ ଦାୟିତ୍ୱ ଅପର ବ୍ୟକ୍ତିଙ୍କ ଜୀବନୀ ଲେଖିବା ଲେଖକଙ୍କର ନାହିଁ । ଅପର ବ୍ୟକ୍ତିଙ୍କ ଜୀବନର ନାନା ଘଟଣା ଲେଖକ ନିଜର ବା ପାଠକଙ୍କ ରୁଚି ଅନୁସାରେ ବାଦଦେଇ ପାରନ୍ତି । ମୋର ମନେହୁଏ, ଅନେକ ଜୀବନୀରେ ଏହିପରି ଅଳ୍ପାଧିକ ଘଟଣା ବାଦ୍ ପଡ଼ିଥିବ । ତାର ଦାୟିତ୍ୱ ଜୀବନୀର ନାୟକଙ୍କ ଉପରକୁ ଯାଏ ନାହିଁ । ନାୟକ ନିଜେ ନିଜର ଜୀବନୀ ଲେଖିବାକୁ ବସିଥିଲେ, ସେସବୁ ବୋଧହୁଏ ବାଦ୍‌ଦେଇ ନଥାନ୍ତେ ।" (୮୭) ସେ ପୁଣି ନିଜର ଆତ୍ମଜୀବନୀ ବିଷୟରେ ଲେଖିଛନ୍ତି—"ମୋ ଜୀବନରେ ରୋମାଞ୍ଚକର ଘଟଣା ନାହିଁ । ମୋ ଲେଖା ପରିପାଟୀ ଖୁବ୍ ବେଶି ନଥିଲେ ମଧ୍ୟ, ସାମାନ୍ୟ ମାତ୍ର ଯେ ନାହିଁ, ତା ତ ନୁହେଁ । କିନ୍ତୁ ତା ବଳରେ ଲେଖିବସିଲେ, ମୁଁ ଉପନ୍ୟାସ ସିନା ଲେଖିବି, ଆତ୍ମ-ଜୀବନୀ ଲେଖିବି ନାହିଁ । ସୁତରାଂ ସେ ପରିପାଟୀ ଛାଡ଼ି ମୋତେ କେବଳ ମୋର ସାଧାରଣ ଦୁଃଖୀ ଜୀବନର ଘଟଣାବଳୀ ବର୍ଣ୍ଣନା କରିଯିବାକୁ ହେବ । ଆଜି କେହି ମୋ ଜୀବନୀ ଲେଖିଲେ, ସେ ସବୁ ଘଟଣାରୁ ଅନେକ ପାଛୁଡ଼ି ବାହାର କରି ଦିଅନ୍ତେ । ସେଥିରେ ହୁଏତ କେତେକ ଅପ୍ରକାଶ୍ୟ ବିଷୟ ଲୁଚିଥାନ୍ତା । ଧାନକୁଟି ଚଷୁକୁ ପାଛୁଡ଼ି ପକାଇଦେଲେ ପରେ ଚାଉଳ ରହିଯାଏ, କିନ୍ତୁ ଅଗାଡ଼ି ମିଶା ଧାନରୁ ଚାଉଳ ବାହାରେ କମ୍, ଚଷୁହିଁ ବେଶି ବାହାରେ । ଅତଏବ ଏ ଲେଖାରେ ମୋର ଚଷୁ ପାଛୁଡ଼ି ପକାଇ ଦେବାର ବାଟ ନାହିଁ, କାରଣ ସେପରି କଲେ, ସବୁ ହୁଏତ ଉଡ଼ିଯିବ ।

---

୮୭—ଅର୍ଦ୍ଧଶତାବ୍ଦୀର ଓଡ଼ିଆ ଓ ତହିଁରେ ମୋ ସ୍ଥାନ—ପୃ ୨ ।

ମାଣ୍ଡ ଫୁଗ ଅଗାଡ଼ି ଘାଲଟି ନଥିବା ମଲ୍ଧାନରୁ ଖଇଚଣ୍ଡା ବାଦ୍ଧାରେ । ତ ଦ୍ଧା ଦରିଦ୍ରର ଖାଦ୍ୟ । ମୋ ଭଳି ଅନେକ ଘାନ ଦରିଦ୍ର ଲୋକ, ସମାଜର ନିମ୍ନ ସ୍ତରରେ ଅହରହ ଜୀବନ-ସଂଗ୍ରାମରେ ଲାଗିଛନ୍ତି । ସେମାନଙ୍କ ପକ୍ଷେ ଏ ଲେଖାରୁ ହୁଏତ ଉପାଦାନ ମିଳିବ । ବିଭବଶାଳୀ ଓ ସୁବିଧା ଭୋଗୀଙ୍କ ପାଇଁ ଏହା ନୁହେଁ । × × × × । ମୁଁ ଯାହା ଲେଖିବ ତାକୁ ପଢ଼ି, କେହି ଯେ ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ । ମନୁଷ୍ୟ କିପରି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର ।"

ଗୋଦାବରୀଶଙ୍କ ଆତ୍ମଜୀବନୀ ବାସ୍ତବିକ ଅର୍ଦ୍ଧ ଶତାବ୍ଦୀର ଓଡ଼ିଶାର ଇତିହାସ । ଏହି ଇତିହାସ ସାମାଜିକ-ସାଂସ୍କୃତିକ ଓ ରାଜନୀତିକ ଜୀବନର ପ୍ରତିଲିପି । ଆପଣାର ଦାରିଦ୍ର୍ୟପୀଡ଼ିତ ଜୀବନର ଚିତ୍ର ସହିତ ଓଡ଼ିଶାର ସାମାଜିକ ଜୀବନଧାରା, ନିଜର ସଂଗ୍ରାମମୁଖର ଜୀବନର କ୍ରମ ବିକାଶ, ଓଡ଼ିଶାର ଜାତୀୟ ଜୀବନର ଘାତ ପ୍ରତିଘାତ,ସତ୍ୟବାଦୀ ବନବିଦ୍ୟାଳୟ ଓ ସେଥିରେ ତାଙ୍କର ବୈପ୍ଲ-ବିକ ଭୂମିକା, ସମସାମୟିକ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ମର୍ମୋଦ୍‌ଘାଟନ ଇତ୍ୟାଦି ନାନା ବିଷୟକୁ ଚମତ୍କାର ଶୈଳୀରେ ସେ ପ୍ରକାଶ କରିଅଛନ୍ତି । ତାଙ୍କ ଆତ୍ମଜୀବନୀର ମୌଳିକ ସ୍ୱର ମଣିଷର ଦୁର୍ବଳତାର କାରଣ ଅନୁସନ୍ଧାନ । ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଲେଖିଲା ବେଳେ ସେ ଅସତ୍ୟକୁ ପ୍ରଶ୍ରୟ ଦେଇ ନାହାନ୍ତି । ତେଣୁ ସେ କହନ୍ତି—"ନିୟମ କରି କହୁଛି, ଯାହା କହିବି ସବୁ ସତ କହିବି, କିଛି କିଛି ମିଛ କହିବି ନାହିଁ ଓ ନିତାନ୍ତ ବ୍ୟକ୍ତିଗତ ବିଷୟ ବ୍ୟତୀତ କିଛି ଲୁଚାଇବି ନାହିଁ ମଧ୍ୟ ।" ଏହି ଆତ୍ମଜୀବନୀ ଅସଂପୂର୍ଣ୍ଣ । ପ୍ରଥମ ଭାଗରେ ୩୪ଟି ପରିଚ୍ଛେଦ ଲେଖାଯାଇଛି ଏବଂ ଆଉ ୧୧ଟି ପରିଚ୍ଛେଦର ତାଲିକା ରହିଛି । ଦ୍ୱିତୀୟ ଭାଗରେ ୪୦ଟି ପରିଚ୍ଛେଦର ନାମକରଣ କରାଯାଇଛି । ଏସବୁ ଲିପିବଦ୍ଧ ହୋଇଥିଲେ ଉକ୍ତ ଆତ୍ମଜୀବନୀ ଓଡ଼ିଶାରେ ଏକ ଅଦ୍ୱିତୀୟ

ଛନ୍ଦରେ ହିଁ ରହିଥାନ୍ତି । ତଥାପି ଏହାର ପ୍ରକାଶ ଭଙ୍ଗୀ, ଭାଷା ବିନ୍ୟାସ, ସତ୍ୟନିଷ୍ଠା, ଜାତୀୟ ମମତା ଆଦି ବାସ୍ତବିକ୍ ହୃଦୟସ୍ପର୍ଶୀ ।

ଗୋଦାବରୀଶ ମିଶ୍ରଙ୍କ ପରେ ଅନେକ ବ୍ୟକ୍ତି ଆତ୍ମଜୀବନୀ ଲେଖିଅଛନ୍ତି । ନାରାୟଣ ବୀରବର ସାମନ୍ତ, ବୈରାଗୀ ମିଶ୍ର, ଗୋବିନ୍ଦଚନ୍ଦ୍ର ମିଶ୍ର, ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ମଦନ ମୋହନ ପ୍ରଧାନ, ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରମୁଖ ରାଜନୀତିକ ବ୍ୟକ୍ତିଗଣ ଆତ୍ମଜୀବନୀ ମାଧ୍ୟମରେ ଦେଶର ରାଜନୀତିକ ପରିସ୍ଥିତି ଓ ଚେତନାରେ ସେମାନଙ୍କର ଭୂମିକାକୁ ବିଶେଷ ଭାବରେ ପ୍ରକାଶ କରିଅଛନ୍ତି । ନୀଳକଣ୍ଠଙ୍କ ଆତ୍ମଜୀବନୀ (୧୯୬୩) ସମକାଳୀନ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ଏକ ମନୋଜ୍ଞ ଆତ୍ମପ୍ରକାଶ ମାତ୍ର ଗୋଦାବରୀଶଙ୍କ ଶୈଳୀ ଓ ସତ୍ୟ ନିଷ୍ଠା ଏଥିରେ ନାହିଁ । ଅନେକ ସମୟରେ ନୀଳକଣ୍ଠ ଯେପରି ଅନ୍ୟାନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଟିପ୍ପଣୀ ଦେଇଛନ୍ତି ତାହା ଅନୁଦାର ମନେହୋଇଥାଏ । ଲକ୍ଷ୍ମୀନାରାୟଣ ସାହୁଙ୍କର 'ମୋ ବାରବୁଲା ଜୀବନ' (୧୯୬୮) ଲୋକପ୍ରିୟ ଶୈଳୀରେ ରଚିତ । ଏହା ଆଦର୍ଶ, ମାନବିକତା, ପ୍ରୀତି ଓ ସେବାପାଇଁ ଏକ ମନୋଜ୍ଞ ପ୍ରେରଣା । କାଳୀଚରଣ ପଟ୍ଟନାୟକ, କାଳିନ୍ଦୀଚରଣ ପାଣିଗ୍ରାହୀ, କୁଞ୍ଜବିହାରୀ ଦାଶ, କାର୍ତ୍ତିକ କୁମାର ଘୋଷ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସାହିତ୍ୟିକଙ୍କର ଆତ୍ମଜୀବନୀ ସମକାଳୀନ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିର ସ୍ୱରୂପ ସମ୍ପର୍କରେ ପରିଚୟ ଦେଇଥାଏ । କାଳିନ୍ଦୀଚରଣଙ୍କର 'ଅଙ୍ଗେ ଯାହା ନିଭେଇଛି' (୧୯୭୩) ଏକ ସୁଖପାଠ୍ୟ ଆତ୍ମଜୀବନୀ । ଏହାର ଶୈଳୀ ଉପନ୍ୟାସଧର୍ମୀ ଏବଂ ସମକାଳୀନ ସମାଜ-ସଂସ୍କୃତି ଓ ସାହିତ୍ୟର ଏହା ଏକ ମର୍ମଚିତ୍ର । କାଳୀଚରଣ ପଟ୍ଟନାୟକଙ୍କର 'କୁମ୍ଭାରଚକ' (୧୯୭୪) ପାଦ ଅର୍ଦ୍ଧଶତାବ୍ଦୀର ଓଡ଼ିଶାର ରଙ୍ଗମଞ୍ଚ ଓ ନାଟ୍ୟ ଆନ୍ଦୋଳନର ଏକ ଆବେଗଧର୍ମୀ ଇତିହାସ । ଲୋକପ୍ରିୟ ଶୈଳୀ ( Popular Style )ରେ ଏହା ରଚିତ ହୋଇଥିଲେ ମଧ୍ୟ ଏଥିରେ ଯେପରି ସେ ଅନ୍ୟାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ପ୍ରତି ଅନୁଦାର ମନୋଭାବ ପ୍ରକାଶ କରିଅଛନ୍ତି ତାହା

ତାଙ୍କର ଆତ୍ମଜୀବନୀକୁ ସାର୍ଥକ ଗୌରବ ଦେଇପାରି ନାହିଁ । ଅନେକ ସମୟରେ ତାଙ୍କର ଆତ୍ମଜୀବନୀ ଆତ୍ମପ୍ରଶଂସା ଓ ଆତ୍ମପୌରୁଷର ଇସ୍ତାହାର ପରି ମନେ ହୋଇଥାଏ ।

ଡକ୍ଟର କୁଞ୍ଜବିହାରୀ ଦାଶଙ୍କର 'ମୋ କାହାଣୀ' (୧୯୭୭) ଓଡ଼ିଆ ଆତ୍ମଜୀବନୀ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଲୋକପ୍ରିୟ ଶୈଳୀରେ ରଚିତ ମାତ୍ର ସମକାଳୀନ ସମାଜିକ ଜୀବନ ଓ ସାହିତ୍ୟିକ ପରିବେଶର ଏକ ମାର୍ମିକ ଆଲେଖ୍ୟ । ଏସମ୍ପର୍କରେ ସେ କହନ୍ତି—"ମୋ କାହାଣୀ" ଅହଙ୍କାରର ଆତ୍ମପ୍ରସାଦ ନୁହେଁ, ନିଜ କୃତି ବା କୀର୍ତ୍ତିର କୀର୍ତ୍ତନ ନୁହେଁ । ଗ୍ରାମୀଣ ଓ ନାଗରିକ ପରିପ୍ରେକ୍ଷୀରେ ମୋ କ୍ଷୁଦ୍ରତା, ଅଧଃପାତ, ବୈଫଲ୍ୟ, ସଂଗ୍ରାମ ଓ ସଫଳତାର ଏକ ରୂପାୟନ ମାତ୍ର । ଏହା ମୋ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବହୁ କ୍ଷୁଦ୍ର ଓ ମହତ୍ ଜୀବନର କାହାଣୀ, ସମସାମୟିକ ସମାଜ ଜୀବନର କାହାଣୀ, କାରଣ ଅନେକଙ୍କୁ ଯେନି ଏକର ବିକାଶ··ଆଗରେ ପଛରେ, ଚତୁର୍ଦ୍ଦିଗରେ ମୋର ଛାୟା ଅତହ୍ନା ବହୁ ଜୀବନ ଅତୀତ ଓ ବର୍ତ୍ତମାନ ଉପରେ ଛାୟା ବିସ୍ତାର କରିଛନ୍ତି । ସେହି ସମସ୍ତଙ୍କ କାହାଣୀ ଯେଉଁ 'ମୋ କାହାଣୀ' ।" (୮୮) ବାସ୍ତବିକ ଏହି ଆତ୍ମକାହାଣୀ ଆତ୍ମ-ଶ୍ଳାଘା ବା ଆତ୍ମ-ପ୍ରଶଂସାର ଇସ୍ତାହାର ନୁହେଁ ମାତ୍ର ଆତ୍ମ-ଦୁର୍ବଳତାର ମନୋଜ୍ଞ ବିଶ୍ଳେଷଣ, ଗ୍ରାମ୍ୟ ଜୀବନ ଓ ସଂସ୍କୃତିର ପ୍ରତ୍ୟେଦର୍ଶୀ ଆଲେଖ୍ୟ ଏବଂ ସମକାଳୀନ ସାହିତ୍ୟିକ ପରିବେଶର ଏକ ଚମତ୍କାର ଇତିବୃତ୍ତ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର 'ମୋ ସମୟର ଓଡ଼ିଶା' (୧୯୬୮) ଆତ୍ମଜୀବନୀ କ୍ଷେତ୍ରରେ ଆଉ ଏକ ବିଶିଷ୍ଟକୃତି । ଏହା କେବଳ ଆତ୍ମଜୀବନୀ ନୁହେଁ ମାତ୍ର ସମକାଳୀନ ଓଡ଼ିଶାର ଏକ ଜୀବନ୍ତ ଇତିହାସ । ସେ କହନ୍ତି—"ମୋ ସମୟର ଓଡ଼ିଶା'ରେ ମୋ ଜୀବନୀ ସମ୍ବନ୍ଧରେ କେତେକ କଥା ଥିଲେହେଁ ଏଥିରେ ମୋ ସମୟର ଓଡ଼ିଶାର ସାଂସ୍କୃତିକ ଘଟଣାବଳୀ ବହୁଳ ଭାବରେ

୮୮—ଡକ୍ଟର କୁଞ୍ଜବିହାରୀ ଦାଶ—ମୋ କାହାଣୀର କାହାଣୀ-ମୋ କାହାଣୀ' —

ରହିଛି । × × × × × ଏ ଗ୍ରନ୍ଥରେ ଯାହା ଲେଖିଛି ତାହା ମୋର ପ୍ରଜ୍ଞାବାଦ ନୁହେଁ, ତାହା ମୋ ହୃଦୟର ଆର୍ତ୍ତନାଦ ମାତ୍ର । ମୁଁ ବାଲ୍ୟକାଳରୁ ପିତାମାତାଙ୍କୁ ହରାଇ ଓଡ଼ିଶାକୁହିଁ ମୋର ମାତା ବୋଲି ଗ୍ରହଣକରିଛି, ମୁଁ ତାକୁ ନିବିଡ଼ ଭାବରେ ଭଲପାଇଛି, ତାହାର ଇତିହାସ, ଓ ପ୍ରକୃତତତ୍ତ୍ୱକୁ ଗଭୀର ଭାବରେ ଅନୁଧ୍ୟାନ କରିଛି ଏବଂ ଏକଦା ଆଲୋକମୟୀ ଏହି ସନାତନୀ ଭୂମିର ଆଧୁନାତନ ଅଧଃପତନରେ ବ୍ୟଥିତ ହୋଇଛି । ଏହି ବ୍ୟଥାରୁହିଁ ଏ ପୁସ୍ତକରେ ସନ୍ନିବେଶିତ ମୋର ସମସ୍ତ ପ୍ରତିକ୍ରିୟା ପ୍ରକାଶ ପାଇଛି । ଧର୍ମନାମରେ; ସଂସ୍କୃତି ନାମରେ ଓଡ଼ିଶାରେ ଯେଉଁ ସହଜ ଚିନ୍ତା ଅନୁସୃତ ହେଉଛି, ତାହା ମୋତେ ବ୍ୟଥିତ କରିଛି । ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଓଡ଼ିଆମାନଙ୍କ ନୈତିକ ଓ ଧାର୍ମିକ ଅଧଃପତନହିଁ ଓଡ଼ିଶାର ଅଧଃପତନ ପାଇଁ ଦାୟୀ । ଏହି ଦୃଷ୍ଟିଭଙ୍ଗୀ ମଧ୍ୟ ପୁସ୍ତକଟିରେ ସ୍ପଷ୍ଟ ରହିଛି ।" (୮୯) ଏହି ଆତ୍ମଜୀବନୀରେ ଭାବପ୍ରବଣତା ନାହିଁ ମାତ୍ର ଅଛି ସତ୍ୟପ୍ରକାଶ ପ୍ରତି ଅକୁତୋଭୟତା । ହୃଦୟର ଆକୁଳ ଆର୍ତ୍ତନାଦହିଁ ସତେ ଯେପରି ସ୍ପଷ୍ଟ ପ୍ରତିଫଳିତ । ଏକ ଅଭିଜାତ ଶୈଳୀରେ (Grand style) ଏହି ଗ୍ରନ୍ଥଟି ରଚିତ ହୋଇଅଛି ।

ଏତଦ୍ ବ୍ୟତୀତ ପାଣିକବିଙ୍କ ଆତ୍ମଜୀବନୀ (୧୯୫୫) ଓଡ଼ିଆ ଯାତ୍ରା ଓ ଗୀତାଭିନୟର ନଭୋବକାଶରେ ଏକ ମନୋଜ୍ଞ ଚିତ୍ର । ପ୍ରକାଶଭଙ୍ଗୀ ସରଳ । ସ୍ପଷ୍ଟବାଦିତା ଓ ଅକୁତୋଭୟତା ଏହାର ବିଶିଷ୍ଟତା । ଗୋପୀନାଥ ମହାନ୍ତିଙ୍କର ଆତ୍ମଜୀବନୀର କେତେକାଂଶ ମାତ୍ର ପ୍ରକାଶିତ ହୋଇଅଛି । ଲେଖକ ପ୍ରିୟଶୈଳୀରେ ଏହା ରଚିତ ଏବଂ ଏଥିରୁ ସମକାଳୀନ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ସାହିତ୍ୟିକ ଅବସ୍ଥାର ପରିଚୟ ମିଳିଥାଏ । ଓଡ଼ିଆ ଗଦ୍ୟ ସାହିତ୍ୟର ନଭୋମଣ୍ଡଳରେ ଭ୍ରମଣ କାହାଣୀ-ଜୀବନୀ ଓ ଆତ୍ମଜୀବନୀ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି, ଏ କଥା କହିଲେ ସତ୍ୟର ଅପଳାପ ହେବ ନାହିଁ । ରାଜନୀତିକ

---

୮୯—ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ—ନିବେଦନ-'ମୋ ସମୟର ଓଡ଼ିଶା' ।

ନେତୃମନ୍ତ୍ରୀଙ୍କର ଆତ୍ମଜୀବନୀ ଯେପରି ଓଡ଼ିଶାର ରାଜନୀତିକ ଅବସ୍ଥା ଓ ସେଥିରେ ସେମାନଙ୍କର ଭୂମିକାକୁ ପ୍ରକାଶ କରିଅଛି ସେହିପରି ସାହିତ୍ୟିକଙ୍କର ଆତ୍ମଜୀବନୀ ସମକାଳୀନ ସାହିତ୍ୟିକ ଅବସ୍ଥା, ସାଂସ୍କୃତିକ ପରିବେଶ ଓ ସେଥିରେ ସେମାନଙ୍କର ଭୂମିକାକୁ ସୂଚାଇ ଦେଇଅଛି । ଶିକ୍ଷାବିତ୍‌ଙ୍କର ଆତ୍ମଜୀବନୀ ଶିକ୍ଷା ଓ ଶିକ୍ଷାସଂଗଠନ ସମ୍ପର୍କରେ ତଥ୍ୟ ପରିବେଷଣ କରିଥାଏ । ଭ୍ରମଣ କାହାଣୀ ଯେପରି ତୁଳନାତ୍ମକ ଜ୍ଞାନ ସଂପ୍ରସାରଣରେ ସାହାଯ୍ୟ କରିଥାଏ ସେହିପରି ଜୀବନୀ ଓ ଆତ୍ମଜୀବନୀ ମଧ୍ୟ ଇତିହାସ-ସଂସ୍କୃତି ଓ ମଣିଷଜୀବନ ଅଧ୍ୟୟନ—ଅନୁଶୀଳନ କରିବାକୁ ପ୍ରେରଣା ପ୍ରଦାନ କରିଥାଏ ।

## ପ୍ରବନ୍ଧ—ରମ୍ୟରଚନା ଓ ସମାଲୋଚନାର ଗଦ୍ୟଧାରା :

ଆଧୁନିକ ଓଡ଼ିଆ ଗଦ୍ୟଧାରାରେ ପ୍ରବନ୍ଧ—ରମ୍ୟରଚନା ଓ ସମାଲୋଚନାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉପନ୍ୟାସ-ଗଳ୍ପ-ଜୀବନୀ-ଆତ୍ମଜୀବନୀ ଓ ଭ୍ରମଣ କାହାଣୀରେ ଗଦ୍ୟର ସୁକୁମାର ରୂପ ପ୍ରକଟିତ ହୋଇଥିଲାବେଳେ ପ୍ରବନ୍ଧ ଓ ସମାଲୋଚନାରେ ଗଦ୍ୟର ଗମ୍ଭୀର ଭାବମୂର୍ତ୍ତି ପ୍ରକଟିତ ହୋଇଥାଏ । ଅବଶ୍ୟ ରମ୍ୟ ରଚନାରେ ଲୋକପ୍ରିୟ ଶୈଳୀ ଅନୁସୃତ । ଗଦ୍ୟର କ୍ରମବିକାଶରେ **ପ୍ରବନ୍ଧ**ର ଦୃଷ୍ଟି ଓ ଦିଗନ୍ତ—ବିପୁଳ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରବନ୍ଧ ଭାବପ୍ରକାଶର ଏକ ଶ୍ରେଷ୍ଠ ମାଧ୍ୟମ । "ଏହା ଲେଖକଙ୍କର ବ୍ୟକ୍ତିତ୍ୱର ସ୍ପର୍ଶଦେବାରେ ଏକ ସଫଳ ଗୁରୁଶିଳ୍ପୀ ।" (୯୦) ଡକ୍ଟର ଶ୍ରୀ ନିବାସ ମିଶ୍ର ପ୍ରବନ୍ଧ ସାହିତ୍ୟସଂପର୍କରେ କହନ୍ତି—"ଆଧୁନିକ କାଳରେ ସାଧାରଣତଃ ଶୃଙ୍ଖଳାବଦ୍ଧ, ଯୁକ୍ତି ଚିନ୍ତାଭାବ ସମୃଦ୍ଧ, ସାହିତ୍ୟ ସୌନ୍ଦର୍ଯ୍ୟ ମଣ୍ଡିତ ଗଦ୍ୟ ରଚନା ପ୍ରବନ୍ଧ । କଳ୍ପନା ଓ ବୁଦ୍ଧି ବୃତ୍ତି ସାହାଯ୍ୟରେ କୌଣସି ବିଷୟରେ ଲେଖକ ଆତ୍ମସଚେତନ; ନାତିଦୀର୍ଘ, ସରସ, ଗଦ୍ୟଶିଳ୍ପ ରୂପ ସୃଷ୍ଟି କଲେ ତାହା ପ୍ରବନ୍ଧ ନାମରେ ଅଭିହିତ ହୁଏ । ତେଣୁ ଏହା ବିଷୟ ବା ଭାବାଶ୍ରିତ ମନନଶୀଳ ଗଦ୍ୟ

---

୯୦—ଅଧ୍ୟାପକ ଅସିତ କବି—ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ-ପୃ ୫

ରଚନା । ଲେଖକଙ୍କ ବ୍ୟକ୍ତିଗତ ଭାବ ଓ ଜ୍ଞାନ ପ୍ରକାଶ ନିମନ୍ତେ ସାହିତ୍ୟର ବିଭିନ୍ନ ରୂପ ବନ୍ଧ ମଧ୍ୟରେ ଏହା ସର୍ବୋତ୍ତମ । ଲେଖକ ପ୍ରବନ୍ଧଦ୍ୱାରା ପାଠକଙ୍କ ସହ ପ୍ରତ୍ୟକ୍ଷ ଓ ଅନ୍ତରଙ୍ଗ ସଂପର୍କ ସ୍ଥାପନ ପୂର୍ବକ ଜ୍ଞାନଗର୍ଭ ବିଷୟ ସ୍ୱଚ୍ଛନ୍ଦରେ ପ୍ରକାଶ କରନ୍ତି । ତଥ୍ୟ ଓ ତତ୍ତ୍ୱସମାବେଶ, ବିଷୟର ବିଶ୍ଳେଷଣ ମଧ୍ୟ ଦେଇ ରଚନାରେ ଲେଖକଙ୍କ ବ୍ୟକ୍ତିସ୍ୱରୂପ ଅଭିବ୍ୟକ୍ତ ।" (୯୧) ଡକ୍ଟର ଜାନକୀବଲ୍ଲଭ ମହାନ୍ତି ମଧ୍ୟ ଅନୁରୂପ ମତ ପ୍ରଦାନ କରିଛନ୍ତି—"ସର୍ବାଦୌ ପ୍ରବନ୍ଧ ଥିଲା ଚିନ୍ତାପ୍ରଧାନ । ବାହାରର ବିଷୟକୁ ଚିନ୍ତାଦ୍ୱାରା ଆବୃତ୍ତ କରି ଯୁକ୍ତିଶୀଳତା ସହ ତା ଦ୍ୱାରା ଉପସ୍ଥାପନା କରିବାରେ ଏହା ସୀମିତ ଥିଲା । ମାତ୍ର ପ୍ରବନ୍ଧ ମାଧ୍ୟମରେ ଯେ ରସ-ସୃଷ୍ଟି ସମ୍ଭବପର, ଲେଖକର ବ୍ୟକ୍ତିତ୍ୱ ସ୍ପର୍ଶରେ ନିଜସ୍ୱ ଦୃଷ୍ଟିଭଙ୍ଗୀଦ୍ୱାରା ରଞ୍ଜିତ ହୋଇ ଆହୃତ ସଂପଦ ଯେ ନୂତନ ରୂପମଣ୍ଡିତ ହୋଇ ପାଠକର ମର୍ମସ୍ପର୍ଶୀ ହୋଇପାରେ, ଏହା ପ୍ରବନ୍ଧର ବିକାଶ ଫଳରେ ପ୍ରତିପନ୍ନ ହୋଇ ପାରିଛି ।" (୯୨) ବାସ୍ତବିକ ମୌଳିକ ପ୍ରବନ୍ଧ ରଚନାପାଇଁ ଗମ୍ଭୀର ତାତ୍ତ୍ୱିକ ଭାବ-ଭାବନା ଓ ଉଚ୍ଚ ଚିନ୍ତା, ବସ୍ତୁ ବିଷୟର ସୁକୌଶଳ ଉପସ୍ଥାପନା, ଭାବ ଓ ଭାଷାର ସଂଯତ ପ୍ରକାଶ, ପ୍ରଜ୍ଞାବୋଧ ଓ ରସବୋଧର ପରିପ୍ରକାଶ ଏକାନ୍ତ ଆବଶ୍ୟକ । ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଏହି ସମସ୍ତ ଭାବ-ବିଭବ ଓ ଗଠନ-ଶିଳ୍ପକୁ ନେଇ କ୍ରମ ବିକାଶ ପଥରେ ଗତିକରି ଆସିଅଛି । ଊନବିଂଶ ଶତାବ୍ଦୀର ପାଠ୍ୟ ପୁସ୍ତକ ମଧ୍ୟରୁ ଆଧୁନିକ ଓଡ଼ିଆ ପ୍ରବନ୍ଧର ଉଦ୍ଭବ ହୋଇଥିଲେହେଁ କ୍ରମେ ଏହା ପାଶ୍ଚାତ୍ୟ ଶିଳ୍ପ-ନୈପୁଣ୍ୟରେ ରସସିକ୍ତ ହୋଇ ଏକ ଅପୂର୍ବ ସାହିତ୍ୟ ସଂପଦରୂପେ ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠା ଲାଭ କରିଅଛି ।

ଓଡ଼ିଆ ପ୍ରବନ୍ଧ-ସାହିତ୍ୟର ଅନୁକ୍ରମ ବିଶ୍ଳେଷଣ କଲାବେଳେ ସେଥିରୁ (କ) ଧର୍ମ ଓ ଦର୍ଶନର ବ୍ୟାଖ୍ୟା ଓ ବିଶ୍ଳେଷଣ (ଖ) ସନାତନ

---

୯୧—ଡକ୍ଟର ଶ୍ରୀନିବାସ ମିଶ୍ର-ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ-ପୃ ୪୬୪

୯୨—ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି—ଆଧୁନିକ ଓଡ଼ିଆ ସାହିତ୍ୟ-ପୃ ୧୩୪

ହିନ୍ଦୁଧର୍ମର ପୁନର୍ନବା (ଗ) ପ୍ରାଚୀନ ଭାରତୀୟ ସଂସ୍କୃତିର ମହାନତା ପ୍ରତିପାଦନ ଓ ଉତ୍କଳୀୟ ସଂସ୍କୃତିର ବୈଶିଷ୍ଟ୍ୟ ରୂପାୟନ (ଘ) ସ୍ତ୍ରୀ ଶିକ୍ଷା ପ୍ରଚଳନ, ବାଲ୍ୟ ବିବାହ ବିରୋଧ, ବିଧବା ବିବାହ ସମର୍ଥନ, ଅସ୍ପୃଶ୍ୟତା ନିବାରଣ, ନବ୍ୟ ଶିକ୍ଷିତଙ୍କ ନୈତିକ ଦୁର୍ବଳତା ପ୍ରତି କଟାକ୍ଷପାତ ଆଦି ସମାଜସଂସ୍କାରପାଇଁ ଆହ୍ୱାନ (ଙ) ଜାତୀୟତାର ବ୍ୟାଖ୍ୟା ଓ ମର୍ମୋଦ୍ଘାଟନ (ଚ) ଭାଷା ଓ ସୀମାକେନ୍ଦ୍ରିକ ଜାତୀୟତାବୋଧ, ସ୍ୱାଧୀନତାର ମୂଲ୍ୟବୋଧ, ଦେଶପ୍ରେମର ମହତ୍ତ୍ୱ ଏବଂ ଉତ୍କଳୀୟ ଜାତୀୟତାବୋଧ (ଛ) ସାହିତ୍ୟ-ସଂଗୀତ-କଳା-ତତ୍ତ୍ୱ ସମ୍ପର୍କିତ ଭାବ-ଭାବନା (ଜ) କଳା-ସୌନ୍ଦର୍ଯ୍ୟ ପ୍ରେମ ସଂପର୍କିତ ଚିନ୍ତା-ଚେତନା (ଝ) ମାନବବାଦ ପ୍ରତିଷ୍ଠାପାଇଁ ଆହ୍ୱାନ (ଞ) ରଜମାନ୍ତିକ ପ୍ରାଣ ସ୍ପନ୍ଦନ (ଟ) ବିଜ୍ଞାନ-ଇତିହାସ-ନୃତତ୍ତ୍ୱ ସଂବନ୍ଧୀୟ ଆଲୋକ-ଆଲୋଚନା ଆଦି ନାନା ଭାବ-ବିଭବର ପରିଚୟ ମିଳିଥାଏ । ଏହି ସମସ୍ତ ଭାବ ମୁଖ୍ୟତଃ ବସ୍ତୁନିଷ୍ଠ ଶୈଳୀରେ ପ୍ରକାଶିତ । ପ୍ରାବନ୍ଧିକ କେତେବେଳେ ବର୍ଣ୍ଣନା-ମୂଳକ ଶୈଳୀରେ, କେତେବେଳେ ବିବରଣାତ୍ମକ ଛାଞ୍ଚରେ, କେତେବେଳେ ଚିନ୍ତାପ୍ରଧାନ ରୂପରେ, କେତେବେଳେ ଯୁକ୍ତିନିଷ୍ଠ ସମାଲୋଚନାତ୍ମକ ଭଙ୍ଗୀରେ ଏବଂ କେତେବେଳେ ସମ୍ବାଦମୂଳକ ଶୈଳୀରେ ଏହି ବସ୍ତୁନିଷ୍ଠ ଭାବକୁ ପ୍ରକାଶ କରିଥାଏ ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦି ପର୍ବରେ ରାଧାନାଥ ରାୟଙ୍କର ବିବେକୀ (୧୮୭୩) ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଏହି ପ୍ରବନ୍ଧର ଚିନ୍ତା ମାର୍ଜିତ ଓ ସଂଯତ, ଭାଷା ସରଳ । ୧୯୧୪ ମସିହାରେ ଜନୈକ ସମାଲୋଚକ ଏ ସମ୍ପର୍କରେ କହିଛନ୍ତି-ରାଧାନାଥ ଏଥିରେ—"ତାଙ୍କ ପ୍ରାଣର ଆକୁଳ ଅନୁଭୂତି ଓ ମସ୍ତିଷ୍କର ସାରବାନଚିନ୍ତା ଗୁଡ଼ପାଇଅଛନ୍ତି । ସେହି ହେତୁରୁ ଉତ୍କଳସାହିତ୍ୟ ଏପରି ପୁସ୍ତକକୁ ଇଂରାଜୀ ସାହିତ୍ୟର "Imitation of Christ", ଇଟାଲୀୟ ସାହିତ୍ୟର Marcus Aureliusଙ୍କ Meditations" ଓ ବଙ୍ଗ ସାହିତ୍ୟର 'ଭକ୍ତିଯୋଗ'

ପ୍ରଭୃତି ଧରଣର ପୁସ୍ତକ ସଙ୍ଗେ ସ୍ଥାନ ଦେଲେ କିଛି କ୍ଷତି ନାହିଁ । (୪୩) ରାଧାନାଥଙ୍କ ପରେ ମଧୁସୂଦନ ରାଓହିଁ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଗୁରୁ ଗମ୍ଭୀର ଧ୍ୱନି ସୃଷ୍ଟି କରି ଓଡ଼ିଆ ପ୍ରବନ୍ଧକୁ ଏକ ନୂତନ ଆଭିଜାତ୍ୟରେ ବିଭୂଷିତ କଲେ । ବିଶ୍ୱନାଥ କର ମଧ୍ୟ ଏହି ସମୟରେ ଅନେକ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଅଛନ୍ତି । ତାଙ୍କର ପ୍ରବନ୍ଧ ସମ୍ପର୍କରେ ଡକ୍ଟର ନଟବର ସାମନ୍ତରାୟ କହନ୍ତି—"ସହଜ, ସରଳ ଭାଷା, ନିର୍ଦ୍ଦିଷ୍ଟ ଭାବରେ ସମ୍ପ୍ରସାରଣ, ନୂତନ ପ୍ରକାଶ ଶୈଳୀ, ରଚନାର ସମଗ୍ର ସୌନ୍ଦର୍ଯ୍ୟ ପ୍ରତିଷ୍ଠା, ଯୁକ୍ତି ଆଶ୍ରୟରେ ବିଷୟର ସତ୍ୟତା ପ୍ରତିପାଦନ ଏହିମାନଙ୍କ ସହଯୋଗରେ ପ୍ରତି ପ୍ରବନ୍ଧର ଏକ ବିଶିଷ୍ଟ ରୂପ ମାଧୁରୀ ପାଠକ ଚିତ୍ତରେ ଗଭୀର ରେଖାପାତ କରିଥାଏ । ବିଶ୍ୱନାଥ ଯାହା ଅନ୍ତରର ସହ ଅନୁଭବ କରନ୍ତି ତାକୁ ନୈକଟବୋଧ ସରଳ ତରଳ ଭାଷା ମାଧ୍ୟମରେ ନୂତନ ରୂପ ବିଭବରେ ବିମଣ୍ଡନ କରି ପାଠକମାନଙ୍କଠାରେ ପରିବେଷଣ କରିଥାନ୍ତି । ନିର୍ଦ୍ଦିଷ୍ଟ ବିଷୟବସ୍ତୁ ବିଭିନ୍ନ ଦିଗରୁ ଯୁକ୍ତି ସହ ଆଲୋଚନା କରିବା ଦ୍ୱାରା ତାର ସତ୍ୟତା ଭିତରେ ପ୍ରବନ୍ଧର ଏକ ବିଶିଷ୍ଟ ଗୃହାଣୀ ଓ ସମଗ୍ର ସୌନ୍ଦର୍ଯ୍ୟ ସ୍ୱତଃ ଅନୁଭୂତ ହୋଇଥାଏ । ସତ୍ୟ ପ୍ରଖ୍ୟାପନରେ ନିର୍ଭୀକତା, ବିଷୟବସ୍ତୁ ଉପସ୍ଥାପନାରେ ଚମତ୍କାରିତା, ଭାବ ଅଭିବୃଦ୍ଧିରେ ନୂତନତା, ସର୍ବୋପରି ବିଷୟ ଆଲୋଚନାରେ ଯଥାର୍ଥ ବସ୍ତୁରବୋଧ, ଔଚିତ୍ୟ ଜ୍ଞାନ ଓ ସଂକ୍ଷିପ୍ତତା—ଏସବୁ ତାଙ୍କ ପ୍ରବନ୍ଧର ଏକ ଏକ ବିଶିଷ୍ଟ କୃତି ।" (୪୪) ବାସ୍ତବିକ ଊନବିଂଶ ଶତାବ୍ଦୀର ଶେଷବେଳକୁ ବିଶ୍ୱନାଥ କରହିଁ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଏକ ନୂତନ ଦିଗନ୍ତର ସଙ୍କେତ ପ୍ରଦାନ କଲେ ଏବଂ ତାଙ୍କର ପ୍ରବନ୍ଧର ରୂପ-କଳା ହେଲା ଓଡ଼ିଆ ପ୍ରବନ୍ଧର ଆଙ୍ଗିକ-ଆଦର୍ଶ । ମଧୁସୂଦନଙ୍କ ପ୍ରବନ୍ଧଶୈଳୀ କ୍ରମେ ଓଡ଼ିଆ

---

୪୩—ଗଦ୍ୟସାହିତ୍ୟରେ ରାଧାନାଥ-ନନ୍ଦୀଙ୍କ ଟିପାଖାତା : ଉତ୍କଳ ସାହିତ୍ୟ ୧୬ଶଭା/୧୧ ସଂଖ୍ୟା

୪୪—ଡକ୍ଟର ନଟବର ସାମନ୍ତରାୟ-ଆଧୁନିକ ଓଡ଼ିଆ ସାହିତ୍ୟ ପୃ-୭୯୬

ସାହିତ୍ୟରୁ ଅପସରି ଯିବାକୁ ଲାଗିଲା ଏବଂ ତାହା ସ୍ଥାନରେ ବସ୍ତୁନାର୍ଥୀୟ ପ୍ରବନ୍ଧ-କଳା ହେଲା ସମୁଜ୍ଜ୍ୱଳ ।

ଆଲୋଚ୍ୟ ସମୟରେ ବହୁ ପ୍ରାବନ୍ଧିକଙ୍କର ଆବିର୍ଭାବ ଘଟିଅଛି । ସେମାନଙ୍କ ମଧ୍ୟରେ ରାମଶଙ୍କର ରାୟ, କୃଷ୍ଣପ୍ରସାଦ ଚୌଧୁରୀ, ଭୋଳାନାଥ ସାମନ୍ତରାୟ, ଚନ୍ଦ୍ରଶେଖର ନନ୍ଦ, ଶ୍ରୀବତ୍ସ ପଣ୍ଡା, ଚନ୍ଦ୍ରମୋହନ ମହାରଣା, କାମପାଳ ମିଶ୍ର, ମୋହିନୀମୋହନ ସେନାପତି ଶଶିଭୂଷଣ ରାୟ, ତାରିଣୀଚରଣ ରଥ, ଚକ୍ରପାଣି ଆଚାର୍ଯ୍ୟ, ଆନନ୍ଦଚନ୍ଦ୍ର ଦତ୍ତ, ଗଣପତି ଦାସ, ନୀଳମଣି ବିଦ୍ୟାରତ୍ନ, ସାଧୁଚରଣ ରାୟ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ, କୃପାସିନ୍ଧୁ ମିଶ୍ର, ଜଗବନ୍ଧୁ ସିଂହ, ପଦ୍ମଚରଣ ପଟ୍ଟନାୟକ, ରତ୍ନାକର ପତି, ବାସୁଦେବ ମହାପାତ୍ର; ସୋନାଥନ ମହାନ୍ତି, ଜଗଦାନନ୍ଦ ମହାନ୍ତି ବିପିନବିହାରୀ ରାୟ, ବିରୂପାକ୍ଷ କର ପ୍ରଭୃତି ବହୁ ପ୍ରାବନ୍ଧିକ ବିଭିନ୍ନ ଦୃଷ୍ଟିକୋଣରୁ ପ୍ରବନ୍ଧମାନ ରଚନା କରିଥିଲେହେଁ ସମାଜ ସଂସ୍କାର ଓ ଜାତୀୟତାଭାବ ସେହି ପ୍ରବନ୍ଧଗୁଡ଼ିକର ମୁଖ୍ୟ ଅନ୍ତଃସ୍ୱର ।

୧୯୨୦ ମସିହା ପରବର୍ତ୍ତୀ କାଳରେ ଉପରୋକ୍ତ ପ୍ରାବନ୍ଧିକମାନଙ୍କ ମଧ୍ୟରୁ ଅନେକ ପ୍ରବନ୍ଧ ରଚନା କରିଅଛନ୍ତି । ନୀଳକଣ୍ଠ ଦାସ, ଜଳନ୍ଧର ଦେବ, ବାସୁଦେବ ମହାପାତ୍ର, ରତ୍ନାକର ପତି ଓ ବିପିନବିହାରୀ ରାୟ ପ୍ରମୁଖ ଲେଖକମାନେ ପ୍ରବନ୍ଧ ରଚନା କ୍ଷେତ୍ରରେ ଅପୂର୍ବ କୃତିତ୍ୱ ପ୍ରଦର୍ଶନ କରି ଅଛନ୍ତି । ଏମାନଙ୍କ ବ୍ୟତୀତ ଉତ୍କଳର ବ୍ରଜବିହାରୀ ମହାନ୍ତି, କପିଳେଶ୍ୱର ଦାସ; କାଳନ୍ଦୀଚରଣ ପାଣିଗ୍ରାହୀ, ମାୟାଧର ମାନସିଂହ, ହରେକୃଷ୍ଣ ମହତାବ, ଗୋବିନ୍ଦ ତ୍ରିପାଠୀ, କାଳିଆ ପାଣିଗ୍ରାହୀ, ରାମପ୍ରସାଦ ସିଂହ, ଲକ୍ଷ୍ମୀକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଲେଖକଗଣ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ପ୍ରବନ୍ଧ ରଚନା କ୍ଷେତ୍ରରେ ଗୌରବ ଅର୍ଜନ କରିଥିଲେ । ଏମାନଙ୍କ ମଧ୍ୟରୁ ହରେକୃଷ୍ଣ ମହତାବ, ମାୟାଧର ମାନସିଂହ, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଲେଖକଗଣ ମଧ୍ୟ ସ୍ୱାଧୀନତା ପରେ ପ୍ରବନ୍ଧ ରଚନା

କରିଅଛନ୍ତି । ଯୁଦ୍ଧ ପରବର୍ତ୍ତୀ କାଳରେ ତଥା ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ପ୍ରାବନ୍ଧିକଙ୍କର ଆବିର୍ଭାବ ଘଟିଅଛି । ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ମହାନ୍ତି, ଡକ୍ଟର ସଦାଶିବ ମିଶ୍ର, ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡକ୍ଟର କୁଞ୍ଜବିହାରୀ ଦାଶ, ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଗୋଲକବିହାରୀ ଧଳ, ଡକ୍ଟର ନବୀନକୁମାର ସାହୁ, ଶ୍ରଦ୍ଧାକର ସୁପକାର, ଚିତ୍ତରଞ୍ଜନ ଦାଶ, ଚନ୍ଦ୍ରଶେଖର ରଥ, ରାମଚରଣ ମିଶ୍ର, ଡକ୍ଟର କୃଷ୍ଣଚରଣ ବେହେରା, ପଠାଣି ପଟ୍ଟନାୟକ, ପ୍ରମୁଖ ବହୁ କୃତବିଦ୍ ଲେଖକଗଣ ବିଭିନ୍ନ ଦୃଷ୍ଟିକୋଣରୁ ସାରସ୍ୱତ ପ୍ରବନ୍ଧମାନ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ଏବେ ମଧ୍ୟ ବହୁ ପ୍ରାବନ୍ଧିକ ସେମାନଙ୍କର ସାଧନାକୁ ଅପ୍ରତିହତ ରଖି ଅଛନ୍ତି ।

୧୯୦୩ରୁ ୧୯୩୬ ମସିହା ମଧ୍ୟବର୍ତ୍ତୀ ଓଡ଼ିଆ ପ୍ରବନ୍ଧ-ସାହିତ୍ୟର ଅନ୍ତଃସ୍ୱର ଥିଲା ଜାତୀୟତା, ମାନବିକତା, ସଂସ୍କାର-ପ୍ରବଣତା, ନୈତିକତା ଓ ଭାରତୀୟ ତଥା ଉତ୍କଳୀୟ ସଂସ୍କୃତିପ୍ରତି ମମତା । ଜାତୀୟତାର ଉଦ୍‌ବୋଧନ ମଧୁସୂଦନ ଦାସ, ଗୋପବନ୍ଧୁ ଦାଶ କୃପାସିନ୍ଧୁ ମିଶ୍ର, ଗୋଦାବରୀଶ ମିଶ୍ରଙ୍କ ପ୍ରବନ୍ଧରେ ପ୍ରକାଶିତ ହୋଇଥିଲା ବେଳେ ଜାତୀୟତାର ସ୍ୱରୂପ ରତ୍ନାକର ପତି, ଜଗବନ୍ଧୁ ସିଂହ, ନୀଳକଣ୍ଠ ଦାଶ ପ୍ରମୁଖଙ୍କ ପ୍ରବନ୍ଧରେ ବିଶ୍ଳେଷିତ । ଏ ପ୍ରସଙ୍ଗରେ ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦତ୍ତ ହୋଇଅଛି ।

"ଜାତୀୟତାର ଲକ୍ଷ୍ୟରେ ଉଦାର ମାନବିକତା, ସମଗ୍ର ଭାରତରେ ତାହା ଓଡ଼ିଆଙ୍କୁ ବୁଝିଥିଲେ । ବିଶ୍ୱପ୍ରୀତିହିଁ ଓଡ଼ିଶାର ଜାତୀୟତା, ମୂର୍ତ୍ତିପ୍ରାଣ ଓଡ଼ିଆର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା ଓ ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥ-କଳୁଷିତ ନୁହେଁ, ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ; ଗଭୀର ଧର୍ମଭାବ ଏବଂ ଦୃଢ଼ ବିଶ୍ୱାସ ଏହାର ଭିତ୍ତି; ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ ।"

'ଓଡ଼ିଆର ଜାତୀୟତା'—ଗୋପବନ୍ଧୁ ଦାଶ

"ସୁତରାଂ ଜାତୀୟ-ଚରିତ୍ର-ହୀନ ବ୍ୟକ୍ତି ପ୍ରକୃତରେ ଚରିତ୍ରବାନ୍ ବୋଲି କହିହେବ ନାହିଁ । କେବଳ ତଥା କଥିତ ସଚ୍ଚରିତ୍ର ବ୍ୟକ୍ତି ଜାତିର ଉନ୍ନତିରେ ପ୍ରତିବନ୍ଧକ ହୋଇଥାନ୍ତି । କେହି କେହି ନିଜ ନିଜର ବାହୁବଳରେ ଆତ୍ମୋନ୍ନତି ଲାଭ କରିବାକୁ ଯାଇ ସମାଜସ୍ଥ ଅନ୍ୟାନ୍ୟ ବ୍ୟକ୍ତି ଦୁରବସ୍ଥିତ ବା ଅତ୍ୟାଚରିତ ହେଉଥିଲେହେଁ ସେମାନଙ୍କ ପ୍ରତି ଉଦାସୀନ ରହିଥାନ୍ତି । ଏମାନଙ୍କ ମତହେଉଛି 'ହଲଲ ପାଣିକି ଗୋଡ଼ ନ ବଢ଼ାଇବା ।' ଏ ଶ୍ରେଣୀର ଲୋକେ ଜାତି ଭିତରେ ରହି ସୁଦ୍ଧା ଜାତୀୟ ଜୀବନର ବିକାଶ ଦିଗରେ କିଛି କରିପାରନ୍ତି ନାହିଁ । ଏ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଯଥାର୍ଥରେ ଚରିତ୍ରବାନ୍ ବୋଲି କହିବା ସମୀଚୀନ ନୁହେଁ ।"

—ଜାତୀୟ ଚରିତ୍ର—ରତ୍ନାକର ପତି

"ବିଶିଷ୍ଟ ଭୂମିଖଣ୍ଡ ଜାତୀୟତାର ବିଗ୍ରହ, ଜାତୀୟ ଆଦର୍ଶର ଗଣ୍ଡି, କିନ୍ତୁ ପ୍ରାଣ କିଏ ? ସମସ୍ତେ ସ୍ୱୀକାର କରିବେ ଭାବହିଁ ଏହାର ପ୍ରାଣ, ଭାବର ପ୍ରଚାରରେ ଏହି ଆଦର୍ଶର ପ୍ରାଣ ପ୍ରତିଷ୍ଠା ହେବ । ଲୋକ ସାଧାରଣ ଯେତେ ଅଧିକ ପରିମାଣରେ ଜାତୀୟ ଭାବ ହୃଦୟଙ୍ଗମ କରିବେ, ନିଜର ଅଭାବ, ଆବଶ୍ୟକତା ଅନୁଭବ ଓ ବ୍ୟକ୍ତ କରିବାକୁ ସମର୍ଥହେବେ, ସେତିକି ଏ ନବୀନ ଜାତୀୟ ଭାବର ପୁଷ୍ଟି ଓ ପ୍ରଚାର ହେବ । ଏହିଠାରେ ଜାତୀୟ ଭାଷା ଓ ଜାତୀୟ ସାହିତ୍ୟର କାର୍ଯ୍ୟ ।

× × × × ×

ଭାଷା ଓ ସାହିତ୍ୟ ଛଡ଼ା ଅନ୍ୟ କୌଣସି ପ୍ରଭେଦ ପାର୍ଥକ୍ୟରେ ଜାତୀୟତାର ସ୍ଥିତି ନାହିଁ । ଭାଷା ଓ ସାହିତ୍ୟହିଁ ଆଧୁନିକ ଜାତୀୟତାର ଭିତ୍ତିଭୂମି ।"

'ଜାତୀୟତାର ଭିତ୍ତିଭୂମି'—ପଣ୍ଡିତ ନୀଳକଣ୍ଠ ଦାସ

"ଦୋଷ ପରିହାର କରି ଗୁଣ ଅନୁକରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ପ୍ରତ୍ୟେକ ବ୍ୟକ୍ତି ବା ପ୍ରତ୍ୟେକ ଜାତିର ଦୋଷ ଅଛି, ଏହା ମୁଁ ଅସ୍ୱୀକାର କରୁନାହିଁ । କିନ୍ତୁ ଦୋଷ ଖୋଜି ବୁଲିବା ନିନ୍ଦୁକର କାର୍ଯ୍ୟ । କୌଣସି ଲୋକର ଦୋଷ ପ୍ରତି ଭ୍ରୂକ୍ଷେପ ନକରି ତାହାର ଯେ ଗୁଣଟି ଅଛି ତାକୁ ଅନୁକରଣ କର । ଏହିମାତ୍ର ଅବଲମ୍ବନ କରିବା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଉତ୍କଳୀୟ ଭାଇମାନେ ଗାଢ଼ନିଦ୍ରା ପରିତ୍ୟାଗ କର । ଆଳସ୍ୟର ମସ୍ତକ ଉପରେ ପଦାଘାତ କରି, ଚକ୍ଷୁ ଉନ୍ମୀଳନ କରି ସଭ୍ୟଜଗତ ପ୍ରତି ଦୃଷ୍ଟିପାତ କର । ଦେଖ କର୍ମବୀରମାନେ କିପରି କର୍ମକ୍ଷେତ୍ରରେ କର୍ମ କରୁଅଛନ୍ତି ।"

‘ଜାତୀୟ ଜୀବନ’—ହରବନ୍ଧୁ ସିଂହ

ସର୍ବଓ ଆଲୋଚ୍ୟ ସମୟରେ ପ୍ରବନ୍ଧର ମୁଖ୍ୟସ୍ୱର ଥିଲା—ଜାତୀୟତାର ପ୍ରାଣ ସ୍ପନ୍ଦନ ତଥାପି ଅନ୍ୟାନ୍ୟ ଭାବ-ବିଭବ ମଧ୍ୟ ପ୍ରବନ୍ଧମାନଙ୍କରେ ପ୍ରକାଶିତ ହେଉଥିଲା । ଏହି କାରଣରୁ ରତ୍ନାକର ପତି ‘ପ୍ରବନ୍ଧ ପ୍ରକାଶ’ର ପ୍ରଥମ ଭାଗର ପ୍ରଥମ ସଂସ୍କରଣର ‘ବକ୍ତବ୍ୟ’ରେ ଲେଖିଅଛନ୍ତି—"ମାନବଜୀବନଗତ ଜଟିଳ ସମସ୍ୟାମାନ ବିଷୟ ରୂପେ ଗ୍ରହଣ କରି ସେ ଗୁଡ଼ିକର ଯୁକ୍ତି ସମର୍ଥିତ ସମାଧାନ କରିବାର ପ୍ରୟାସ ଉତ୍କଳ ସାହିତ୍ୟକ୍ଷେତ୍ରରେ ବିରଳ ବୋଧହୁଏ । ମନୁଷ୍ୟର ସାମାଜିକ ଉତ୍କଣ୍ଠା, ଅଭିଳାଷ, ଜନ୍ମମୂଳ ଧାରଣା, ଆତ୍ମର ବ୍ୟବହାର, ସ୍ନେହ, ବିରକ୍ତି ଆଦିର ଯଥାଯଥ ସ୍ଥାନ, ବଳ ଓ ପ୍ରତିଷ୍ଠା ନିରୂପଣ କରିବାହିଁ ଜୀବନରେ ପରମ କର୍ତ୍ତବ୍ୟ । ସାହିତ୍ୟରେ ଜୀବନର ଚିନ୍ତାରାଶି ପ୍ରତିଫଳିତ ହୋଇଥାଏ ବୋଲି ପ୍ରତ୍ୟେକ ସାହିତ୍ୟରେ ଉଲ୍ଲିଖିତ ବିଷୟଗୁଡ଼ିକର ଆଲୋଚନାର ଯଥେଷ୍ଟ ସ୍ଥାନ ଅଛି । ତେଣୁ ସମସ୍ତେ ସ୍ୱୀକାର କରିବେ ଯେ, ପ୍ରତି ଜାତିର ସାହିତ୍ୟରେ କାବ୍ୟ, ନାଟକ, ଉପନ୍ୟାସ ପ୍ରଭୃତିର ସଙ୍ଗେ ସଙ୍ଗେ ଜୀବନ ତତ୍ତ୍ୱ ସମ୍ବଳିତ ଚିନ୍ତାଗର୍ଭକ ଓ ଭାବୋଦ୍ଦୀପକ ପ୍ରବନ୍ଧମାନଙ୍କର ପ୍ରତିଷ୍ଠା ରହିଅଛି । ଏହିସବୁ ବିଷୟପ୍ରତି ଦୃଷ୍ଟିରଖି ଉତ୍କଳ ସାହିତ୍ୟର ଅଭିବୃଦ୍ଧିରେ ଯତ୍‌କିଞ୍ଚିତ୍ ସାହାଯ୍ୟ ଦେବା

ଅଭିପ୍ରାୟରେ ମୁଁ ଏହି ପ୍ରବନ୍ଧ ଗୁଡ଼ିକ ଲେଖିଥିଲି ।" ବାସ୍ତବିକ ତାଙ୍କର ପ୍ରବନ୍ଧଗୁଡ଼ିକରୁ ମାନବଜୀବନ ସଂପର୍କିତ ନାନା ଭାବ-ଭାବନାର ପରିଚୟ ମିଳିଥାଏ । ବିପିନବାବୁଙ୍କ ଗଳ୍ପ ସମାଜ ଜୀବନ ସଂପର୍କରେ ତଥା ସାହିତ୍ୟ-କଳା ଓ ଦର୍ଶନ ସମ୍ବନ୍ଧରେ ନାନା ଯୁକ୍ତିପୂର୍ଣ୍ଣ ପ୍ରବନ୍ଧମାନ ରଚନା କରିଅଛନ୍ତି । ନୂତନ ଓ ପୁରାତନ ସଂପର୍କିତ କାଳଗତ ଦାର୍ଶନିକ ବ୍ୟାଖ୍ୟାତ୍ମକ ପ୍ରବନ୍ଧମାନ ମଧ୍ୟ ରଚିତ ହୋଇଅଛି ।

"ପୁରାତନ କିଏ, ନୂତନ ବା କିଏ ? ଏ ସଂସାରରେ ସମସ୍ତ ପୁରାତନ, ସମସ୍ତହିଁ ନୂତନ । ଏକାବେଳକେ ପୁରାତନ କିଛି ନାହିଁ, ଏକାବେଳକେ ନୂତନ ମଧ୍ୟ କିଛି ନାହିଁ । କାରଣ ଏ ପ୍ରକାର କିଛିନାହିଁ ଯାହା ନଥିଲା । ଯାହା ଅଛି, ତାହାହିଁ କେବଳ ବାରମ୍ବାର ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୁଏ । ସେହି ଚିର ପୁରାତନ ଧ୍ୱଂସ ଓ ପ୍ରାଦୁର୍ଭାବର ନାନା ବିବର୍ତ୍ତନ ମଧ୍ୟ ଦେଇ ନିତ୍ୟ ନୂତନ ଭାବରେ ଆମ୍ଭମାନଙ୍କ ନିକଟରେ ଉପସ୍ଥିତ ହେଉଅଛି । ସମସ୍ତ ଏକ, ଅନେକ କେବଳ ସେହି ଏକର ଅବସ୍ଥାନ୍ତରର ବିକାଶ । ଭୂତ କିଛି ନୁହେଁ, ଭବିଷ୍ୟତ କିଛି ନୁହେଁ, ସମସ୍ତ ବର୍ତ୍ତମାନ ।"

'ପୁରାତନ ଓ ନୂତନ'—ଯୋନାଥନ ମହାନ୍ତି

"ପର୍ଯ୍ୟବେକ୍ଷଣରୁ ଜଣାଯାଏ ଯେ, ଅତୀତ ଓ ବର୍ତ୍ତମାନ ପରସ୍ପରକୁ ପ୍ରଭାବିତ କରୁଅଛନ୍ତି । ଉଭୟର ଏକ ସମୟସ୍ରୋତରେ କୃତ୍ରିମ ବିଭାଗ ମାତ୍ର । ଆଜି ଯାହା ବର୍ତ୍ତମାନ, କାଲି ତାହା ଅତୀତରେ ପରିଣତ ହେବ ଓ ଆଜି ଯାହା ଅତୀତ କାଲି ତାହା ବର୍ତ୍ତମାନ ଥିଲା ।"

'ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ'—ରତ୍ନାକର ପତି

"ଅତୀତ ବର୍ତ୍ତମାନ ଓ ଭବିଷ୍ୟତ କେହି କାହାରଠାରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ନୁହନ୍ତି ଓ କେହି କାହାରଦ୍ୱାରା ପ୍ରଭାବିତ ନହୋଇ ରହିପାରିବେ ନାହିଁ ।"

—'ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ'—ରତ୍ନାକର ପତି

"ପୁଣି ସର୍ବଜ୍ଞତାର ସମ୍ମୁଖରେ ଅତୀତ, ବର୍ତ୍ତମାନ, ଭବିଷ୍ୟତ୍ ଏହି ତ୍ରିକାଳ ଭେଦ ନାହିଁ—ଏହି ତ୍ରିକାଳ ତାହାର ଦୃଷ୍ଟିରେ ଏକ ନିତ୍ୟବର୍ତ୍ତମାନ, ମାତ୍ର ଯାହା ନିତ୍ୟବର୍ତ୍ତମାନ, ତାହା ସତ୍ତ ପ୍ରକାଶଶୀଳ ଓ ତେଣୁ ନିତ୍ୟ ନୂତନ ।"

—'ନିତ୍ୟନୂତନ'—ରତ୍ନାକର ପତି

"ପୁରୁଣା କଣ ତେବେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଏ ? ହୁଏତ ହୋଇଯାଏ, କିନ୍ତୁ ହଠାତ୍ ନୁହେଁ । ତା'ର ଗୋଟାଏ ଗୁଣ ଅନେକ ଦିନ ଧରି ଚଳିଆଏ ନୂତନ ଉପରେ । ଏଣୁ ନୂଆ ପୁରୁଣା ପରି ଅବିକଳ ହେବାକୁ ଚେଷ୍ଟାକଲେ ବି ହୋଇପାରିବ ନାହିଁ, ପୁରୁଣାଠାରୁ ସମ୍ପୂର୍ଣ୍ଣ ଭିନ୍ନ ମଧ୍ୟ ହୋଇପାରିବ ନାହିଁ । ପୁରୁଣା ଭିତରେ ଯେ ଅଧେ ବୃଦ୍ଧିରହେ, ସେଇଟା ତାର ଜୀର୍ଣ୍ଣ, ତା ଉପରକୁ ଯେ ଯେଉଁ ପାଣ୍ଠୁଳା ମେଲିଯାଏ ତା ଅବଶ୍ୟ ଜୀର୍ଣ୍ଣରେ ନାହିଁ । ପରମ୍ପରା ଅନ୍ଧାର ମାଟି ଭିତରର ଚେର ପରି ସାରଟାଣି ପରିପୁଷ୍ଟ କରେ ।

× × × × ×

ଏମିତି ନୂତନ ଓ ପୁରାତନ ପରସ୍ପର ସଂଶ୍ଳିଷ୍ଟ ଓ ପରସ୍ପର ବିରୋଧୀ ହୋଇ ଟଣା ଓଟରାରେ ଅହରହ ଗତି କରୁଥାନ୍ତି ।"

'ନୂଆ ପୁରୁଣା'—ଚନ୍ଦ୍ରଶେଖର ରଥ ।

ଧର୍ମ, ଦର୍ଶନ, ସୌନ୍ଦର୍ଯ୍ୟ, କଳା, ସାହିତ୍ୟ, ପ୍ରକୃତିପ୍ରୀଣତା ଓ ମାନବିକ ମୂଲ୍ୟବୋଧ ଆଦି ନାନା ବିଷୟରେ ପ୍ରବନ୍ଧମାନ ଲେଖା ଯାଇଅଛି । ଶଶିଭୂଷଣ ରାୟ, ରତ୍ନାକର ପତି, ବିପିନ ବିହାରୀ ରାୟ, ଡକ୍ଟର ବ୍ରଜ ବିହାରୀ ମହାନ୍ତି, ଡକ୍ଟର ଜୟକୃଷ୍ଣ ମହାନ୍ତି ଓ ବାମାଚରଣ ମିଶ୍ର ପ୍ରମୁଖ ଲେଖକମାନେ ସୌନ୍ଦର୍ଯ୍ୟ, କଳା ଓ ଜୀବନ ସମ୍ପର୍କରେ ପ୍ରବନ୍ଧମାନ ଲେଖିଥିଲାବେଳେ ଗିରିଜାଶଙ୍କର ରାୟ, କାଳନ୍ଦୀଚରଣ

ପାଣିଗ୍ରାହୀ, କପିଳେଶ୍ୱର ଦାସ, ବ୍ରଜବିହାରୀ ବହିଦାର, ଚନ୍ଦ୍ରେଶ୍ୱର ମିଶ୍ର, କୁଞ୍ଜବିହାରୀ ଦାଶ, ହରେକୃଷ୍ଣ ମହତାବ, ଚିତ୍ତରଞ୍ଜନ ଦାସ, ଗୋପୀନାଥ ମହାନ୍ତି, ପଠାଣି ପଟ୍ଟନାୟକ ପ୍ରମୁଖ ଲେଖକଗଣ ସାହିତ୍ୟସମାଲୋଚନା ଓ ଗଣସାହିତ୍ୟ ସମ୍ପର୍କରେ ପ୍ରବନ୍ଧମାନ ଲେଖିଅଛନ୍ତି । ଗଣସାହିତ୍ୟ ସମ୍ପର୍କରେ ଗୋପୀନାଥ ମହାନ୍ତି କହନ୍ତି––"ଗଣ ଅର୍ଥ କୋଳାହଳ କରୁଥିବା ଲୋକ ନୁହେଁ । ଗଣ-ସାହିତ୍ୟ କହିଲେ କୌଣସି ଆଇନ୍‌ରେ ଏପରି ଅର୍ଥ ହେବନାହିଁ ଯେ, ତାହା ଅଶିକ୍ଷିତଙ୍କ ସାହିତ୍ୟ । ଯାହାର ଶିକ୍ଷା ନାହିଁ, ତାହାର ସାହିତ୍ୟ ଆସିବ କେଉଁଠୁ ? ତା'ର ଅନୁଭୂତି ଅଛି, କିନ୍ତୁ ପ୍ରକାଶ ନାହିଁ । ତାର ମୋଟାମୋଟି ଧାରଣା ଅଛି, କିନ୍ତୁ ସୂକ୍ଷ୍ମଭାବେ ବୁଝି ବର୍ଣ୍ଣିବାର ଶକ୍ତି ନାହିଁ । × × × ଗଣ ସାହିତ୍ୟର ଅର୍ଥ ମଣିଷର ସାହିତ୍ୟ ଯାହା ମଣିଷର ସୂକ୍ଷ୍ମ ମୂଳଗୁଣ ଧେନଚଳେ ।" ଅପର ପକ୍ଷରେ ଚିତ୍ତରଞ୍ଜନ ଦାସ ଗଣ ସାହିତ୍ୟ ବା ଜନ ସାହିତ୍ୟର ସ୍ୱରୂପ ନିର୍ଦ୍ଧାରଣ କରିବାକୁ ଯାଇ କହିଛନ୍ତି—"ତେଣୁ ଏପରି ପରିସ୍ଥିତିରେ ଜନସାହିତ୍ୟ କହିଲେ ଆମେ ଆପାତତଃ ଜନଗଣର ସାହିତ୍ୟବୋଲି ବୁଝିବା ନାହିଁ । ଜନଗଣଲାଗି ସାହିତ୍ୟ ବୋଲି ବୁଝିବା । ଆମ ସାହିତ୍ୟ ଜରିଆରେ ଆମେ ଜନଗଣ ଲାଗି କଣ ସବୁ ଆଣିଦେବାର ବା ବାଣ୍ଟିଦେବାର ବାସନା ରଖିବା ? ଜନଗଣଙ୍କୁହିଁ ଆପଣାର ଯଜମାନ ବୋଲି ଗ୍ରହଣ କରିଥିବା ସାହିତ୍ୟିକ ଆପଣା ସାହିତ୍ୟରେ କାହାକୁ ଧ୍ୟେୟ ବୋଲି ମାନିବ ? ସେ ଜନଗଣଙ୍କୁ ପ୍ରଧାନତଃ କେଉଁ ଦୃଷ୍ଟିରେ ଦେଖିବା; ତାହାରି ଉପରେ ହିଁ ଏହି ଧ୍ୟେୟର ନିର୍ଣ୍ଣୟ କରିବା ଅନେକ ପରିମାଣରେ ନିର୍ଭର କରୁଛି ।" (ଜନଜୀବନ ଓ ଜନ-ସାହିତ୍ୟ)

ଯୁଦ୍ଧ ପରବର୍ତ୍ତୀ କାଳରୁ ତଥା ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ବହୁମୁଖୀ ଭାବଧାରାକୁ ନେଇ ପ୍ରକାଶିତ ହୋଇ ଆସୁଅଛି । ସଂସ୍କୃତ ଭାଷା-ପ୍ରଭାବିତ ଗଦ୍ୟ ଶୈଳୀରୁ ମୁକ୍ତ ହୋଇ ଏହା କ୍ରମେ ସ୍ୱାଭାବିକ ଶୈଳୀରେ ସମୃଦ୍ଧ ହୋଇଅଛି । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦି ପର୍ବରୁ ଏ ପର୍ଯ୍ୟନ୍ତ ମଧ୍ୟ ଅନେକ **ଅଭିଭାଷଣ ଧର୍ମୀ**

ପ୍ରବନ୍ଧ ରଚିତ ହୋଇଥିବା ଦେଖାଯାଏ । ମଧୁସୂଦନ ଦାସ, ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ରାଧାନାଥ ରାୟ, ଅଭିରାମ ଭଞ୍ଜ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାକିଶୋର ଦାସ, ବିଶ୍ୱନାଥ କର, ଗୋପାଳଚନ୍ଦ୍ର ପ୍ରହରାଜ, ଚିନ୍ତାମଣି ଆଚାର୍ଯ୍ୟ, ଚନ୍ଦ୍ରମୋହନ ମହାରଣା, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ବହୁ ବ୍ୟକ୍ତି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଓ ଜାତୀୟତା ସମ୍ପର୍କରେ ସୁଚିନ୍ତିତ ଅଭିଭାଷଣମାନ ପ୍ରଦାନ କରିଅଛନ୍ତି । ସମ୍ପ୍ରତି ଡକ୍ଟର କୃଷ୍ଣଚରଣ ବେହେରା, ବିନୋଦ ରାଉତରାୟଙ୍କର ମଧ୍ୟ ଅଭିଭାଷଣ ଧର୍ମୀ ପ୍ରବନ୍ଧମାନ ପ୍ରକାଶ ପାଇଅଛି । ଉତ୍କଳ ସାହିତ୍ୟ ସମାଜରେ ତଥା ଝଙ୍କାରର ବିଷୁବ ମିଳନ ଅବସରରେ କେତେକ ଅଭିଭାଷଣ ପ୍ରଦତ୍ତ ହୋଇଥାଏ । ଡକ୍ଟର ହରେକୃଷ୍ଣ ମହତାବ, ହରିହର ମହାପାତ୍ର, ମହାପାତ୍ର ନୀଳମଣି ସାହୁ, ସରୋଜରଞ୍ଜନ ମହାନ୍ତି ପ୍ରମୁଖ କେତେକ ଅଭିଭାଷଣ ଧର୍ମୀ ପ୍ରବନ୍ଧ ପ୍ରକାଶ କରିଅଛନ୍ତି । ଏତାଦୃଶ ପ୍ରବନ୍ଧର ଭାଷା ଓ ଶୈଳୀ ଅପେକ୍ଷାକୃତ ସରଳ ଓ କଥ୍ୟଧର୍ମୀ । ଏ ଗୁଡ଼ିକରେ ତଥ୍ୟ ଥାଏ ମାତ୍ର ତଥ୍ୟକୁ ଶ୍ରୋତାଙ୍କ ବୋଧଗମ୍ୟ ହେବା ପାଇଁ ସହଜ ଓ ସରଳ ପନ୍ଥା ଅବଲମ୍ବନ କରାଯାଇ ଥାଏ । ଏହି ପ୍ରବନ୍ଧରେ ପାଠ୍ୟ ଗୁଣ ଅପେକ୍ଷା ଶ୍ରାବ୍ୟଗୁଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଥାଏ । ଓଡ଼ିଆ ଅଭିଭାଷଣ ଧର୍ମୀ ପ୍ରବନ୍ଧଗୁଡ଼ିକ ଏହି ଦୃଷ୍ଟିରୁ ଯେ ସାର୍ଥକତମ ସୃଷ୍ଟି, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ପ୍ରବନ୍ଧ-ସାହିତ୍ୟରେ **ରମ୍ୟରଚନା** (Belles Letter) ବା **ମନ୍ମୟ ପ୍ରବନ୍ଧ** ପରିମାଣାତ୍ମକ ଦୃଷ୍ଟିରୁ ସ୍ୱଳ୍ପ ହେଲେହେଁ ଗୁଣାତ୍ମକ ଦୃଷ୍ଟିରୁ ନଗଣ୍ୟ ନୁହେଁ । ଏହାକୁ ବ୍ୟକ୍ତିନିଷ୍ଠ ପ୍ରବନ୍ଧ କୁହାଯାଇଥାଏ । ଏତାଦୃଶ ପ୍ରବନ୍ଧଗୁଡ଼ିକର ଭାଷା ଓ ଶୈଳୀ ସରସ ଓ ସୁନ୍ଦର । ଏଥିରେ ଗୁରୁଗମ୍ଭୀର ପ୍ରକାଶଭଙ୍ଗୀ ନଥାଏ ବା ଜଟିଳତତ୍ତ୍ୱ ଓ ଦର୍ଶନର ଉପସ୍ଥାପନା ନଥାଏ । କୌଣସି ବିଶେଷ ଭାବନାଭୂତିକୁ ବ୍ୟକ୍ତିର ରସରେ ରସାଣିତ କରି ସରଳ ସାବଲୀଳ ଭାବରେ ପ୍ରକାଶ କରାଯାଇ-ଥାଏ । ଓଡ଼ିଆ ରମ୍ୟରଚନା ଗୁଡ଼ିକରେ (କ) ଅଗଣିତ ସଂସ୍କୃତର

ଐତିହ୍ୟରୁ ଓ ନୂତନ ସଂସ୍କୃତିର ଆଗମନରେ ଭାବାତ୍ମକ ଦ୍ୱନ୍ଦ୍ୱ (ଖ) ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ଜାତୀୟ ମୂଲ୍ୟବୋଧର ହ୍ରାସ (ଗ) ଜାତୀୟ ସ୍ୱାଭିମାନ (ଘ) ଆତ୍ମାନୁଶୀଳନ ଆଦି ନାନା ବିଷୟ ରୂପାୟିତ । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ରମ୍ୟରଚନା ଗୁଡ଼ିକରେ ଅତୀତ ଓ ନୂତନ ସଂସ୍କୃତିର ଦ୍ୱନ୍ଦ୍ୱ ସଂଘର୍ଷ ପ୍ରକଟିତ ହୋଇଥିଲାବେଳେ ଗୋବିନ୍ଦ ତ୍ରିପାଠୀଙ୍କ ରମ୍ୟରଚନାରେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ଜାତୀୟତାର ସଙ୍କଟ ଓ ଜାତୀୟ ସ୍ୱାଭିମାନ ପ୍ରକାଶିତ । ନିତ୍ୟାନନ୍ଦ ମହାପାତ୍ରଙ୍କ ରମ୍ୟରଚନାଧର୍ମୀ ପ୍ରବନ୍ଧଗୁଡ଼ିକରେ ଦାର୍ଶନିକ ତତ୍ତ୍ୱ ଓ ଜୀବନର ବ୍ୟାଖ୍ୟା ନିହିତ । ଚିତ୍ତରଞ୍ଜନ ଦାସ ଓ ଚନ୍ଦ୍ରଶେଖର ରଥଙ୍କ ରମ୍ୟରଚନାରେ ଆତ୍ମାନୁଶୀଳନ ଥିଲାବେଳେ ହରେକୃଷ୍ଣ ମହତାବ ଓ କୁଞ୍ଜବିହାରୀ ଦାଶ ପ୍ରମୁଖଙ୍କ ରମ୍ୟ ରଚନାରେ ଜାତୀୟ ସମସ୍ୟା ଓ ଜାତୀୟ ଚିତ୍ତ ବିକ୍ଷୋଭର ସ୍ୱରୂପ ବର୍ଣ୍ଣିତ । ବିଭିନ୍ନ ରମ୍ୟରଚନାରୁ କେତୋଟି ଦୃଷ୍ଟାନ୍ତ ମାତ୍ର ନିମ୍ନରେ ପ୍ରଦତ୍ତ ହେଉଅଛି ।

*ଗତ ପାଞ୍ଚବର୍ଷର ମହାସମର ଜନିତ ଓ ସମସ୍ତ ଅନୁଭବରୁ ମୁଁ ଏତିକି ଅନୁଭବ କରିପାରୁଅଛି ଯେ, ପାଶ୍ଚାତ୍ୟ ସଭ୍ୟତାର ଚାକଚକ୍ୟ ଅନ୍ତର ଶୂନ୍ୟ ଓ ଟିକିଏ ସାମାନ୍ୟ ଦୈବଦୁର୍ଘଟଣା ବା ଅଗ୍ନିସ୍ପର୍ଶ ବା କୋଡ଼ି ମାଡ଼ ହେବା ମାତ୍ରକେ ଏ ସଭ୍ୟତାର ସ୍ୱର୍ଣ୍ଣମୟୀ ଲଙ୍କାରେ ଏକାଥରକେ କଳାକନା ବୁଲିଯିବ । ବର୍ତ୍ତମାନ ଦେଖାଗଲା ଯେ, ପାଶ୍ଚାତ୍ୟ-ସଭ୍ୟତାଭିମାନୀ ଜାତିମାନେ ମନୁଷ୍ୟର ଆଦିମ ବନ୍ୟସ୍ୱଭାବ, ବର୍ବର ପ୍ରକୃତି, ପରଧନ ଲିପ୍ସା, ଲୋଭ, କାମୁକତା, ପରଶ୍ରୀକାତରତା ଆଦି କିଛି ଭୁଲି ନାହାନ୍ତି । କେବଳ ଏସବୁ ଗୋଟିଏ କାଚ ଢାଙ୍କୁଣୀରେ ଘୋଡ଼ାଇ ପକାଇ ଅତେତେଦିନ ସକାଶେ ଲୁଚି ରଖି ଅଛନ୍ତି ମାତ୍ର । ଖଣ୍ଡିଏ ଠେଙ୍କା ବାଜିବା ମାତ୍ରକେ ସେ କାଚ ଢୋଡ଼ଣୀଟା ଶତଧା ଭାଙ୍ଗି ଯାଉଅଛି ଓ ସେହି ଆବରଣ ଭିତରୁ ହିଂସ୍ର, ଘାତକ, ଭୀଷଣ, ଜୀବମାନେ ବାହାରି ଜଗତକୁ ଉତ୍କ୍ରାନ୍ତ ଓ ବ୍ୟତିବ୍ୟସ୍ତ କରି ପକାଉ

ଅଛନ୍ତି । ଏ ସଭ୍ୟତା ମତେ 'କଳଘଣ୍ଟା'ର ଆଦର ଶିଖାଇଲା, କଳଘଣ୍ଟା ନହେଲେ ଏବେ ମୋର ଦଣ୍ଡେ ଚଳିବ ନାହିଁ, କିନ୍ତୁ ଘଣ୍ଟା କିପରି ତିଆରି ହେବ, ଦମ୍ ଦିଆଯିବ ଓ ମରାମତି ହେବ ସେତିକି ମୁଁ ଶିଖି ପାରିଲି ନାହିଁ । ଯେଉଁ ସଭ୍ୟତା ମତେ ଅଭାବ ଗ୍ରସ୍ତ ପରମୁଖାପେକ୍ଷୀ ଓ ସର୍ବଦା ଶାନ୍ତି ବିରହିତ କରାଇଲା ଅଥଚ ଅଭାବମାନ ପୂରଣ କରିବାକୁ ମତେ ଉପଯୁକ୍ତ ବା କୃତି କରାଇ ନପାରିଲା, ସେପରି ସଭ୍ୟତାପ୍ରତି ମୋର ଆନ୍ତରିକ ଭକ୍ତି ନାହିଁ !"

'ଆମଘରର ହାଲଚାଲ'—ଗୋପାଳଚନ୍ଦ୍ର ପ୍ରହରାଜ

"କଥାଟା କଣ କି, ତୁମର ଏଇ ନୂତନତ୍ୱର ଭୂତ ଲାଗିଛି ! ନୂଆ ନାଗରୀଟିଏ ପାଇଲେ କବି ଯେପରି କାଳ କାଗୁଣୀଠାରୁ ଆରମ୍ଭ କରି କଳାଭଅଁର, କଳା କୋଇଲି ପର୍ଯ୍ୟନ୍ତ, ଡାଳିମ୍ବଠାରୁ ଆରମ୍ଭ କରି ପାଟଳି ଗଛ ପର୍ଯ୍ୟନ୍ତ ସବୁଥିରେ ତା'ର ରୂପ ଓ ଗନ୍ଧ ଦେଖୁଥାଏ, ନୂଆ ନାଗରଟିଏ ପାଇ ଗୋପୀମାନେ ଯେପରି ବୃନ୍ଦାବନର କଣ୍ଟା ବୁଦାଠାରୁ ଆରମ୍ଭକରି କଦମ୍ବଗଛ ପର୍ଯ୍ୟନ୍ତ ସବୁଥିରେ କୃଷ୍ଣଙ୍କ ଅଙ୍ଗସୁଖ ପାଇ ପାଉଥିଲେ, କଂସର ଦନ୍ତାହାଗଟା ମଧ୍ୟ ପ୍ରାଣଭୟରେ ଯୁଆଡେ ଚାହେଁ ସେତେବେଳେ କୃଷ୍ଣଙ୍କୁ ଦେଖେ ଯେପରି, ଆମେ ସେମିତିକା ହୋଇ ଯାଇଛୁ । ନୂଆ କଥାଟାଏ ବାହାରିଲା, ଆମକୁ ଲାଗିଗଲା ତାରି ନିଶା ।"

'କଖାରୁଫୁଲ'—ଗୋବିନ୍ଦ ତ୍ରିପାଠୀ

"ପର ଲାଙ୍ଗୁଡ଼ି ଧରି ବଡ଼ଲୋକ, ବଡ଼ଲୋକ ନୁହେଁ । ସେ ଗୋଲାମର ଗୋଲାମି ମାତ୍ର । ଯଦି ପ୍ରକୃତରେ ଏ ଦେଶର, ଏ ଜାତିର, ଏ ବିଶ୍ୱସଭ୍ୟତାର କିଛି କାମ କରି ତୁମର ନାଆଁ ଅମର ଅକ୍ଷରରେ ଲେଖିଦେବାକୁ ଇଚ୍ଛାକର ତା'ହେଲେ ନିଜ ବାଟୁଆଟି ଧରି ନିଜ ବାଟରେ ନିଜ ଗୋଡ଼ରେ ଚାଲ । ଏଣିକି ତେଣିକି ଚାହିଁ ଯେ ଚାଲେ ସେ ବାଟ ଜାଣେ ନାହିଁ;ସେ ନିଶ୍ଚେ ବାଟ ଭୁଲିବ । ଯେ ବାଟ ଜାଣେ ଯାହାର ଲକ୍ଷ୍ୟ ଠିକ୍, ସେ ତା' ରାସ୍ତାରେ ଚାଲିବ । ସେ ରାସ୍ତା ଅନ୍ୟକୁ ଅସୁନ୍ଦର

ହସିପାରେ, ଅନ୍ୟ ନାକ ଟେକିପାରେ, ରାଗିପାରେ, ଅଟ୍ଟ ପରିହାସ କରିପାରେ । କ ଯାଏ ଆସେ ସେଥିରେ ? ମୋର ବାଟ ଏ, ଏ ବାଟରେ ମୁଁ ଯିବି । ସେଥିରେ ଯେବେ ମୁଁ ଲକ୍ଷ୍ୟ ସ୍ଥାନରେ ନ ପହଞ୍ଚିପାରେ, ତାହେଲେ ମଧ୍ୟ ମୋର ଗୌରବ ଓ ଜାତିର ଉନ୍ନତି । ଆଉ କ'ଣ କହିବି ? ଖାଲି ଏତିକି ।''

'ବଟୁଆ'—ଗୋବିନ୍ଦ ତ୍ରିପାଠୀ ।

ଓଡ଼ିଆ ସାହିତ୍ୟରେ ରମ୍ୟରଚନାର ସଂଖ୍ୟା ସ୍ୱଳ୍ପ—ରମ୍ୟରଚନା ଲେଖକଙ୍କ ସଂଖ୍ୟା ସୀମିତ । ତଥାପି ଯେଉଁ କେତୋଟି ମୁଷ୍ଟିମେୟ ରମ୍ୟରଚନା ଲେଖାଯାଇ ଅଛି ସେ ଗୁଡ଼ିକର ପ୍ରକାଶଭଙ୍ଗୀ ଯେପରି ସରସ ଓ ସୁନ୍ଦର ସେହିପରି ସେ ଗୁଡ଼ିକର ଭାବ ମଧ୍ୟ ଚିତ୍ତସ୍ପର୍ଶୀ । ବିଶେଷତଃ ଜାତୀୟ ଜୀବନର ଚିତ୍ର ବିଶେଷ ଏତାଦୃଶ ଓଡ଼ିଆ ରମ୍ୟରଚନାରୁ ଦେଖିବାକୁ ମିଳିଥାଏ । ଅବଶ୍ୟ ଅଧୁନା ଚନ୍ଦ୍ରଶେଖର ରଥ, ଚିତ୍ତରଞ୍ଜନ ଦାଶ, ଭୁବନେଶ୍ୱର ବେହେରା ପ୍ରମୁଖ ଲେଖକଗଣ ରମ୍ୟରଚନାରେ ଆତ୍ମାନୁଶୀଳନ ଓ ଆତ୍ମସମୀକ୍ଷା ଉପରେ ଗୁରୁତ୍ୱ ଆରୋପ କରୁଅଛନ୍ତି । ମୋଟ ଉପରେ ଓଡ଼ିଆ ରମ୍ୟରଚନା ଯେ ସ୍ୱକୀୟ ପ୍ରଭା ଓ ପ୍ରତିଭାରେ ଭାସ୍ୱର; ଏହା ଅନସ୍ୱୀକାର୍ଯ୍ୟ ।

**ଓଡ଼ିଆ ସମାଲୋଚନା** ପ୍ରାୟ ଏକ ଶତବର୍ଷର ଗତି ପ୍ରବାହ ମଧ୍ୟରେ ନାନା ପରୀକ୍ଷା ଦେଇ ସଂପ୍ରତି ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଗ୍ରହଣ କରିବାକୁ ସମର୍ଥ ହୋଇପାରି ଅଛି । ଊନବିଂଶ ଶତାବ୍ଦୀର ଶେଷ ଦି ଦଶକରୁ ପତ୍ରପତ୍ରିକାକୁ ଆଶ୍ରୟ କରି ସମାଲୋଚନାର ଆରମ୍ଭ ଓ ବିକାଶ ସାଧିତ ହୋଇ ଆସିଅଛି । ଓଡ଼ିଆ ସମାଲୋଚନାକୁ ବିଚାର କଲାବେଳେ ସେଥିରେ (କ) ସାହିତ୍ୟରେ ଶ୍ଳୀଳ-ଅଶ୍ଳୀଳ ଚେତନାତ୍ମକ ସମାଲୋଚନାର ଧାରା (ଖ) ପ୍ରାଚୀନ ଓ ଆଧୁନିକ ସାହିତ୍ୟର ସଂଘର୍ଷ ଓ ପାରସ୍ପରିକ ବିରୋଧାତ୍ମକ ସମାଲୋଚନା (ଗ) ସାହିତ୍ୟରେ ବିଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର ଜନିତ ଆଲୋଚନା (ଘ) ସାହିତ୍ୟର ଗୁଣାତ୍ମକ ଓ

ଗଠନାତ୍ମକ ସମାଲୋଚନା (ଙ) ସାହିତ୍ୟର ତୁଳନାତ୍ମକ ସମାଲୋଚନା (ଚ) ସମାଜ ତାତ୍ତ୍ୱିକ ଆଲୋଚନା (ଛ) ବାସ୍ତବଧର୍ମୀ ସମାଲୋଚନା (ଜ) କ୍ଲାସିକ ସମାଲୋଚନା (ଝ) ମନସ୍ତାତ୍ତ୍ୱିକ ସମାଲୋଚନା (ଞ) ସୃଜନଶୀଳ ସମାଲୋଚନା (ଟ) ଅଳଙ୍କାର ଧର୍ମୀ ସମାଲୋଚନା (ଠ) ନାଟକୀୟ ସମାଲୋଚନା (ଡ) ସାହିତ୍ୟିକ ସମାଲୋଚନା (ଢ) ଐତିହାସିକ ପ୍ରବୃତ୍ତିଗତ ସମାଲୋଚନା ଆଦି ନାନା ପ୍ରବୃତ୍ତି ଦେଖିବାକୁ ମିଳିଥାଏ । ଓଡ଼ିଆ ସମାଲୋଚନା ସାହିତ୍ୟର ଆଦିପର୍ବରେ ଶ୍ଳୀଳ-ଅଶ୍ଳୀଳ ଚେତନାଗର୍ଭିକ ସମାଲୋଚନା ସହିତ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ସଂଘର୍ଷ ଓ ପାରସ୍ପରିକ ବିରୋଧାତ୍ମକ ସମାଲୋଚନା ଦେଖିବାକୁ ମିଳିଥାଏ । ଏହି ଆଦିପର୍ବର ବିସ୍ତୃତି ଚର୍ଯ୍ୟାପଦରୁ, ଅର୍ଥାତ୍ ବିଂଶଶତାବ୍ଦୀର ଆରମ୍ଭରୁ ପ୍ରଥମ ତ୍ରିଦଶକ ମଧ୍ୟରେ ବିଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର ଜନିତ ସମାଲୋଚନା, ତୁଳନାତ୍ମକ ସମାଲୋଚନା ଓ କ୍ଲାସିକ ଭାବ-ଭାବତ ଅଳଙ୍କାରଧର୍ମୀ ସମାଲୋଚନାର ଧାରା ଦେଖିବାକୁ ମିଳିଥାଏ । ମଧ୍ୟପର୍ବରେ ଅର୍ଥାତ୍ ବିଂଶଶତାବ୍ଦୀର ତୃତୀୟ ଦଶକରୁ ପଞ୍ଚମ ଦଶକ ପର୍ଯ୍ୟନ୍ତ ଓଡ଼ିଆ ସମାଲୋଚନା-ଧାରାରେ କ୍ଲାସିକ ପ୍ରବୃତ୍ତି, ତୁଳନାତ୍ମକ ସମାଲୋଚନା ପ୍ରବୃତ୍ତି, ଜାତୀୟ ପ୍ରବୃତ୍ତି, ସୃଜନଧର୍ମୀ ସାହିତ୍ୟିକ ସମାଲୋଚନା ପ୍ରବୃତ୍ତି ଓ ସମାଜତାତ୍ତ୍ୱିକ ତଥା ବାସ୍ତବଧର୍ମୀ ପ୍ରବୃତ୍ତିର ପରିଚୟ ନିହିତ । ସ୍ୱାଧୀନତା ପରର ଅର୍ଥାତ୍ ଆଧୁନିକ ପର୍ବରେ ଐତିହାସିକ ପ୍ରବୃତ୍ତି ଓ ନୂତନ ସମାଲୋଚନା ପ୍ରବୃତ୍ତି ପ୍ରାଧାନ୍ୟ ଲାଭ କରିଅଛି । ଅବଶ୍ୟ ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟପର୍ବରେ ନୂତନ ସମାଲୋଚନାର ଧାରା ଜାତୀୟତା-ସଂସ୍କୃତି ଓ ସାହିତ୍ୟିକ ଗୁଣଗତ ଭାବ-ସମ୍ପଦକୁ ନେଇ ସୃଷ୍ଟି କରିଥିଲେ । କିନ୍ତୁ ଆଧୁନିକ ପର୍ବରେ ଏହି ଧାରା ସାହିତ୍ୟର ଆଙ୍ଗିକ ବିଭବକୁ ନେଇହିଁ ଗତିଶୀଳ ।

ଆଦି ପର୍ବରେ ସମ୍ବାଦଧର୍ମୀ ପତ୍ରିକାକୁ ଅବଲମ୍ବନ କରି ବାର୍ତ୍ତାମୁଖୀ ସମାଲୋଚନାର ଧାରା ପ୍ରଚଳିତ ହୋଇଥିଲା ଏବଂ ତାରୁ

ଉପରେ ଓଡ଼ିଆ ସମାଲୋଚନାର ସ୍ୱର୍ଣ୍ଣସେତୁ ନିର୍ମିତ ହୋଇଥିଲା କହିଲେ ସତ୍ୟର ଅପଳାପ ହେବ ନାହିଁ। "ଉତ୍କଳ ଦୀପିକା"ର ୧୮୬୭ ମସିହା ଫେବୃୟାରୀ ୨୯ ତାରିଖ ସଂଖ୍ୟାରେ 'କସ୍ୟଚିତ୍ ବସ୍ତୁରକସ୍ୟ' ଙ୍କ ପ୍ରେରିତ ପତ୍ରରେ ଫକୀରମୋହନ ସେନାପତିଙ୍କର ପ୍ରାଥମିକ ସାହିତ୍ୟ ସୃଷ୍ଟି ସଂପର୍କରେ ଯେଉଁ ସମାଲୋଚନାମୂଳକ ପତ୍ରଟି ପ୍ରକାଶିତ ହୋଇଥିଲା ତାହାହିଁ ବୋଧହୁଏ ଆଧୁନିକ ଓଡ଼ିଆ ସମାଲୋଚନାର ଆଦ୍ୟରୂପ। ଏ ସଂପର୍କରେ ଡକ୍ଟର ବଂଶୀଧର ମହାନ୍ତି କହନ୍ତି—" × × × ୧୮୬୭ ମସିହାରୁହିଁ ଓଡ଼ିଆ ସମାଲୋଚନା ସାହିତ୍ୟର ସୃଷ୍ଟି ଘଟିଛି। ଆଲୋଚିତ ପତ୍ର ଦୁଇଟି ମଧ୍ୟରେ ଓଡ଼ିଆ ଭାଷାର ତତ୍ତ୍ୱମୂଳକ ସମାଲୋଚନା ହୋଇଛି ପ୍ରକାଶିତ। ଏହି ସମାଲୋଚନାଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ, କାରଣ ଏସବୁ ସମାଲୋଚନାରୁ ପ୍ରଥମେ ଓଡ଼ିଆ ଭାଷା ଜାତି-ପ୍ରେମର ହୋଇଛି ଉତ୍ପତ୍ତି। ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷା ଓ ତାହାର ବୀଜ ଏହି ସମାଲୋଚନ ମୂଳକ ପତ୍ରଗୁଡ଼ିକରେ ରହିଛି। ଓଡ଼ିଆ-ଭାଷା-ସାହିତ୍ୟର ଗଭୀର ପ୍ରେମରେ ସେତେବେଳେ ସମାଲୋଚକ-ଗଣ ଉଦ୍‌ବୁଦ୍ଧ ହୋଇ ଯେଉଁ ବିରାଟ ଜାତୀୟ ଆନ୍ଦୋଳନ ସୃଷ୍ଟି କରିଥିଲେ, ତାହା ଫଳରେ ଓଡ଼ିଆ ଭାଷା ଏକ ପ୍ରଗତିମୂଳକ ସ୍ୱତନ୍ତ୍ର ପଥରେ ଗତି କରି ଚାଲିଲା। ତେଣୁ ଏହି ଆଦ୍ୟ ସମାଲୋଚନାଗୁଡ଼ିକ ଆଧୁନିକ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଯେ ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ, ତାହା ଯେ କୌଣସି ବ୍ୟକ୍ତି ସ୍ୱୀକାର କରିବେ।" (୯୫) ଏହି ପତ୍ରରେ ପତ୍ର ପ୍ରେରକ ଫକୀରମୋହନଙ୍କ ପ୍ରାଥମିକ ସୃଷ୍ଟିଗୁଡ଼ିକର ଗୁଣାତ୍ମକ ସମାଲୋଚନା କରିବା ସଙ୍ଗେ ସଙ୍ଗେ ସେଥିରେ ବଙ୍ଗଳା ଭାଷାର ପ୍ରଭାବ ପଡ଼ିଥିବା ଦର୍ଶାଇ ଅଛନ୍ତି। ଫଳରେ ପରବର୍ତ୍ତୀ କାଳରେ ଫକୀର ମୋହନ ବଙ୍ଗଳା ପ୍ରଭାବରୁ ମୁକ୍ତ ହୋଇ ଖାଣ୍ଟି ଓଡ଼ିଆ ଭାଷାରେ ଲେଖିବାକୁ ଉଦ୍ୟମ କରିଅଛନ୍ତି।

---

୯୫—ଡକ୍ଟର ବଂଶୀଧର ମହାନ୍ତି—ସାହିତ୍ୟ ପତ୍ର (ସାହିତ୍ୟତତ୍ତ୍ୱ ବିଶେଷାଙ୍କ)୬୨ ରେଭେନ୍‌ସା କଲେଜ, ଓଡ଼ିଆ ବିଭାଗ-ପୃ ୭/୮

‘ଉତ୍କଳ ଦୀପିକା’ ମଧ୍ୟ ଅନେକ ସମୟରେ କୌଣସି କୌଣସି ସାହିତ୍ୟକୃତି ସମ୍ପର୍କରେ ସମାଲୋଚନାତ୍ମକ ମନ୍ତବ୍ୟ ପ୍ରଦାନ କରିଅଛି । ସେହିପରି ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ, ସମ୍ବଲପୁର ହିତୈଷିଣୀ ପ୍ରମୁଖ ସମ୍ବାଦଧର୍ମୀ ପତ୍ରିକାଗୁଡ଼ିକ କାଣ୍ଡାମୁଖୀ ସମାଲୋଚନାର ଧାରା ପ୍ରଚଳନ କରିଥିଲେ । ଶ୍ଳୀଳ-ଅଶ୍ଳୀଳ-ସାହିତ୍ୟକ ସମାଲୋଚନାର ଧାରା ଓଡ଼ିଶାରେ ବ୍ରାହ୍ମ ଧର୍ମର ସମବିକାଶ ଫଳରେ ସମ୍ଭବ ହୋଇ ପାରିଥିଲା । ଏ ଦିଗରେ ‘ଉତ୍କଳ ପୁତ୍ର’ରେ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଏତାଦୃଶ ସମାଲୋଚନାର ଉଦ୍ଦେଶ୍ୟ ନୈତିକ ମୂଲ୍ୟବୋଧ ପ୍ରତିଷ୍ଠା । ମୟୂରଭଞ୍ଜ ମହାରାଜାଙ୍କ ପୃଷ୍ଠପୋଷକତାରେ ଓ ଚୈତନ୍ୟ ପ୍ରସାଦ ବସୁଙ୍କର ସମ୍ପାଦକତ୍ୱରେ ୧୮୯୧ ସାଲ ଅପ୍ରେଲ ମାସରୁ ପ୍ରକାଶିତ ‘ଉତ୍କଳ ପ୍ରଭା’ ମଧ୍ୟ ସେହି ନୈତିକତା ଓ ଚରିତ୍ରଗଠନ ଉପରେ ଗୁରୁତ୍ୱ ପ୍ରଦାନ କରି ଘୋଷଣା କରିଥିଲା—“ଓଡ଼ିଆ ଭାଷାରେ ପ୍ରକୃତତଃ ସାହିତ୍ୟ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳ ସାହିତ୍ୟ ମଧ୍ୟରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, କବିସୂର୍ଯ୍ୟ ପ୍ରଭୃତିଙ୍କ ରଚିତ ଖଣ୍ଡ ଦଶ କାବ୍ୟ, ଜଗନ୍ନାଥ ଦାସଙ୍କ ଭାଗବତ ଏବଂ ସାରଳା ଦାସଙ୍କ ମହାଭାରତ ଓ ରାମାୟଣ ଏହା କେତେଟିଏ ଜାତିର ସାହିତ୍ୟକୁ ଲକ୍ଷ୍ୟ ? × × × ଯେଉଁ ଗ୍ରନ୍ଥ ପାଠ କଲେ ସମାଜସ୍ଥ ସାଧାରଣ ଲୋକର ସ୍ୱ ସ୍ୱ କର୍ତ୍ତବ୍ୟବୋଧ ଜନ୍ମେ ଏବଂ ଯାହା ସମସ୍ତଙ୍କୁ ନୀତିଶିକ୍ଷା, ଚରିତ୍ରଗଠନ ଓ ସାମାଜିକତା ଶିକ୍ଷା ନିମନ୍ତେ ସାହାଯ୍ୟ କରିପାରେ ତାହା ପ୍ରକୃତ ସାହିତ୍ୟ ଅଟେ । ଏଭଳି ସାହିତ୍ୟ ଓଡ଼ିଆଙ୍କର ନାହିଁ । ସୁତରାଂ ଉତ୍କଳ ସମାଜର ଉନ୍ନତିର ଉପାୟ ନାହିଁ । ଏହି ଅଭାବ ପୂରଣ କରିବା ନିମନ୍ତେ ଉତ୍କଳ ପ୍ରଭାର ଉତ୍କଳ କ୍ଷେତ୍ରରେ ଆବିର୍ଭାବ ।” (୨୬) ପ୍ରଭା ଆଧୁନିକ ସାହିତ୍ୟର ପକ୍ଷପାତୀ ଏବଂ ପ୍ରାଚୀନ ସାହିତ୍ୟ; ବିଶେଷତଃ ଉପେନ୍ଦ୍ର ସାହିତ୍ୟର ବିରୋଧୀ । ଏଥିରେ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସମ୍ପର୍କରେ

---

୨୬—ଉତ୍କଳ ପ୍ରଭା—୧ମ ଭାଗ/୧ମ ସଂଖ୍ୟା-ପୃ ୪

ଲାଲା ରାମ ନାରାୟଣ ରାୟଙ୍କର ତୁଳନାତ୍ମକ ସମାଲୋଚନା ବାସ୍ତବିକ ପ୍ରଶଂସନୀୟ । ଏହା ସମାଲୋଚନା ପାଶ୍ଚାତ୍ୟ ସମାଲୋଚନା ପଦ୍ଧତି ଦ୍ୱାରା ପ୍ରଭାବିତ ହେଲେହେଁ ଏଥିରେ ସମାଲୋଚକଙ୍କର ମୌଳିକ ଦୃଷ୍ଟି ଭଙ୍ଗୀ ପ୍ରତିଫଳିତ । ଇତିପୂର୍ବରୁ 'ଉତ୍କଳ ମଧୁପ' (୧୮୭୮) ଏବଂ 'ଓଡ଼ିଆ ଓ ନବସମ୍ବାଦ' (୧୮୮୫) ମଧ୍ୟ ଓଡ଼ିଆ ସାହିତ୍ୟ ସମ୍ପର୍କରେ ସ୍ୱତନ୍ତ୍ର ସମାଲୋଚନାମାନ ପ୍ରକାଶ କରିଥିଲେ । 'ଉତ୍କଳପ୍ରଭା' ଯଦିଓ ସମାଲୋଚନାଧାରାରେ ବୈପ୍ଳବିକ ପଦକ୍ଷେପ ଦେଇଥିଲା ତଥାପି ଏହା ଏକଦେଶଦର୍ଶୀ ମନୋଭାବରେ ପରିପୀଡ଼ିତ ଥିଲାପରି ମନେହୁଏ । 'ଉତ୍କଳପ୍ରଭା'ର ସମାଲୋଚନାଧାରା ପରେ 'ଇନ୍ଦ୍ରଧନୁ'(୧୬.୮.୧୮୯୩) ଓ 'ବିଜୁଳି' (୧୬.୯.୧୮୯୩) ର ଆବିର୍ଭାବ ଘଟିଥିଲା । ପ୍ରକୃତରେ ଲାଲା ରାମନାରାୟଣ ରାୟଙ୍କର ଭଞ୍ଜବିରୋଧୀ ଆଲୋଚନାର ପ୍ରତିକ୍ରିୟାରେ କଟକରୁ ଉତ୍କଳଦୀପିକା ଗୋଷ୍ଠୀର ଉତ୍ସାହରେ ଦାଶରଥି ରାଉତଙ୍କ ସମ୍ପାଦନାରେ 'ଇନ୍ଦ୍ରଧନୁ' ପ୍ରକାଶିତ ହେଲା ଏବଂ ସମ୍ବଲପୁର ହିତୈଷିଣୀ ଗୋଷ୍ଠୀଙ୍କ ପକ୍ଷରୁ ବାମଣ୍ଡା ରାଜାଙ୍କ ପୃଷ୍ଠପୋଷକତାରେ ରାଧାନାଥଙ୍କ ପକ୍ଷ ସମର୍ଥନ କରି 'ବିଜୁଳି' ପ୍ରକାଶିତ ହେଲା । 'ଇନ୍ଦ୍ରଧନୁ'ରେ ଗୋଲକଧନ୍ଦା ନାମଧାରୀ ଗୋପାଳବଲ୍ଲଭ ଦାସଙ୍କ ଭଞ୍ଜପକ୍ଷୀୟ ସମାଲୋଚନା ବାସ୍ତବିକ ଅବିସ୍ମରଣୀୟ । ଇନ୍ଦ୍ରଧନୁ ଓ ବିଜୁଳିର ସମୀଯୁଦ୍ଧ କ୍ରମେ ବ୍ୟକ୍ତିଗତ କୁତ୍ସାରେ ପରିଣତ ହୋଇ ସାହିତ୍ୟ ସମାଲୋଚନା ଧାରାକୁ କଳୁଷିତ କରିଦେବାରୁ ବିଶ୍ୱନାଥ କର ସେ ସମ୍ପର୍କରେ ଲେଖିଥିଲେ—"ଉତ୍କଳ ସାହିତ୍ୟ କ୍ଷେତ୍ରରେ ଭଞ୍ଜକବିଙ୍କୁ ଘେନି ତୁମୁଳ ଆନ୍ଦୋଳନ ଉପସ୍ଥିତ । ଆମ୍ଭମାନଙ୍କ ବିଶ୍ୱାସ ଯେ, ଏହା ଗୋଟିଏ ନବଯୁଗର ଆରମ୍ଭ । ପ୍ରାଚୀନ ପ୍ରଣାଳୀ ପରିବର୍ଜିତ ହୋଇ ଧୀରେ ଧୀରେ ନୂତନ ପ୍ରଣାଳୀ ପ୍ରତିଷ୍ଠିତ ହୋଇ ଆସୁଅଛି । କାବ୍ୟ, ସାହିତ୍ୟର ଗୋଟିଏ ପ୍ରଧାନ ବିଭାଗ, ସୁତରାଂ ତାହାର ସମ୍ୟକ୍ ଆଲୋଚନା ଏକାନ୍ତ ବାଞ୍ଛନୀୟ; କିନ୍ତୁ ବାଦ ପ୍ରତିବାଦ, ଭଦ୍ରତା ଓ ସୁରୁଚିର ସୀମା ଲଙ୍ଘନ କରି ବ୍ୟକ୍ତିଗତ ଆକ୍ରମଣରେ ପରିଣତ ହେଲେ,

ସେଥିରୁ ସୁଫଳର ଆଶା ଅନେକ ପରିମାଣରେ ତିରୋହିତ ହୁଏ । ସ୍ୱାଧୀନ ଭାବରେ ମତବ୍ୟକ୍ତ କରିବାର ଅଧିକାର ସମସ୍ତଙ୍କର ଅଛି । ସେ ମତ ଗ୍ରହଣ ବା ପରିହାର କରିବାର ଅଧିକାର ମଧ୍ୟ ସମସ୍ତଙ୍କର ଅଛି । ଆପଣାର ମତ ବଜାୟ ରଖିବାକୁ ଚେଷ୍ଟାନକରି ସତ୍ୟର ଜୟପ୍ରତି ଦୃଷ୍ଟିରଖି ସରଳ ଓ ବିଶୁଦ୍ଧ ଯୁକ୍ତିମାର୍ଗ ଅବଲମ୍ବନ କରିବା ପ୍ରକୃତ ମହତ୍ତ୍ୱର ପରିଚୟସୂଚକ । ପରଲୋକଗତ କବି ଓ ମାତୃଭାଷା ଉଭୟଙ୍କ ପ୍ରତି ଆମ୍ଭମାନଙ୍କର ଅଲଙ୍ଘନୀୟ କର୍ତ୍ତବ୍ୟ ଅଛି । ସାହିତ୍ୟ କ୍ଷେତ୍ରରେ ଆମ୍ଭମାନଙ୍କର କେହି ଶତ୍ରୁ ବା ମିତ୍ର ନାହିଁ । ବ୍ୟକ୍ତି ବିଶେଷ ଅପେକ୍ଷା ସାହିତ୍ୟ ଆମ୍ଭମାନଙ୍କର ଅଧିକ ପ୍ରିୟ ।" ବିଶ୍ୱନାଥ କରଙ୍କ ମତରେ ଭଞ୍ଜକବିଙ୍କୁ ନେଇ ଆରମ୍ଭ ହୋଇଥିବା ମସୀଯୁଦ୍ଧହିଁ ପ୍ରକୃତରେ ନବଯୁଗର ସଂକେତ ପ୍ରଦାନ କରିଥାଏ । ତେବେ ସେ ସମାଲୋଚନାରେ ବ୍ୟକ୍ତିଗତ କୁତ୍ସା ଓ ସୁରୁଚିର ସୀମା ଲଙ୍ଘନର ପକ୍ଷପାତୀ ନୁହନ୍ତି । ଏକ ନିରପେକ୍ଷ ତାତ୍ତ୍ୱିକ ସମାଲୋଚନାର ଧାରା ତାଙ୍କଠାରୁ ପ୍ରକୃତରେ ଆରମ୍ଭ ହୋଇଥିଲା । 'ଉତ୍କଳ ସାହିତ୍ୟ' ପତ୍ରିକାର ପ୍ରଥମ ସଂଖ୍ୟାରେ ସେ ନୂତନ ଓ ପ୍ରାଚୀନ ସାହିତ୍ୟର ସମନ୍ୱୟ ରକ୍ଷା କରିବାକୁ ଯାଇ ଲେଖିଛନ୍ତି—"ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଏ ଦେଶର ସକଳ ବିଭାଗରେ ଯେପରି ପରିବର୍ତ୍ତନ ଉପସ୍ଥିତ ହୋଇଅଛି, ସାହିତ୍ୟ ସମ୍ବନ୍ଧରେ ମଧ୍ୟ ସେହିପରି ଘଟିଅଛି । ଏ ପରିବର୍ତ୍ତନ ଏକାନ୍ତ ବାଞ୍ଛନୀୟ—ମନୁଷ୍ୟ ସମାଜ ଏକ ଭାବ, ଏକ ଅବସ୍ଥାରେ ଚିରଦିନ ରହିନପାରେ । ଜୀବନ୍ତସମାଜପକ୍ଷରେ ଏହା ଅସହନୀୟ । ପ୍ରାଚୀନତାର ଅନୁରୋଧରେ ଉନ୍ନତିର ପଥରୋଧ କରିବା ସୁବୁଦ୍ଧିର କାର୍ଯ୍ୟନୁହେଁ । ପକ୍ଷାନ୍ତରେ ନୂତନର ଅନୁରୋଧରେ ପ୍ରାଚୀନ ପ୍ରତି ଅବଜ୍ଞା ବା ଅନାସ୍ଥା ନିତାନ୍ତ ନିନ୍ଦନୀୟ । ଯେଉଁମାନେ ଉଭୟକୂଳ ରକ୍ଷାକରି ଚଳିପାରନ୍ତି ସେହିମାନେ ବୁଦ୍ଧିମାନ୍ । ସମସ୍ତ ଉନ୍ନତଯୁଗର ଏବଂ ଉନ୍ନତ ଦେଶର ସାଧୁ ମହାଜନଗଣ ଏହି ଆଦର୍ଶ ଦେଖାଇ ଯାଇଅଛନ୍ତି । ଆମ୍ଭେମାନେ ଯେତେଦିନ ଜୀବିତ ଥିବୁଁ ନିଜର କ୍ଷୁଦ୍ର ସୀମାମଧ୍ୟରେ ଏହି ନୀତି ଅନୁସରଣ କରି କାର୍ଯ୍ୟ କରିବୁଁ । ଉତ୍କଳର

ପ୍ରାଚୀନ ସାହିତ୍ୟ ଭଣ୍ଡାରରେ ଗୌରବର ବସ୍ତୁ ଯଥେଷ୍ଟ ନଥିଲେ ହେଁ ତାହାର ଏକାନ୍ତ ଅଭାବ ନାହିଁ । ଅନ୍ୟଆଡେ ନବଯୁଗରେ ସାହିତ୍ୟ-ଗଠନର ଚେଷ୍ଟାମଧ୍ୟ କଥଞ୍ଚିତ ପରିମାଣରେ ପରିଲକ୍ଷିତ ହେଉଅଛି । 'ଉତ୍କଳସାହିତ୍ୟ' ଏହି ଉଭୟର ପ୍ରତିନିଧି ସ୍ୱରୂପ କାର୍ଯ୍ୟ କରିବାର ଆଶାରେ ଉପସ୍ଥିତ ହୋଇଅଛି । ଏକଆଡେ ପ୍ରାଚୀନ ମଧ୍ୟରୁ ଗ୍ରହଣୀୟ ବସ୍ତୁ ଆହରଣ କରିବା ଅନ୍ୟ ଆଡେ ଉନ୍ନତ ଯୁଗର ଭାବ ଓ ଚିନ୍ତା ପାଠକ ସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବା ଏକାନ୍ତ କର୍ତ୍ତବ୍ୟ । ଆମ୍ଭେମାନେ ବିଜ୍ଞ ଲେଖକମାନଙ୍କ ସାହାଯ୍ୟରେ ଏହି ପବିତ୍ର କର୍ତ୍ତବ୍ୟ ସାଧନ କରିବାର ଆଶା ରଖିଅଛୁ ।'' (୯୭) ବାସ୍ତବିକ ଉତ୍କଳ ସାହିତ୍ୟହିଁ ସମାଲୋଚନାରୁ ବ୍ୟକ୍ତିଗତ କୁତ୍ସା ଓ ଅତିଶୟ ନିନ୍ଦୁକତାକୁ ନିର୍ବାସନ ଦେଇ ଏକ ସୁସ୍ଥ ସମାଲୋଚନା ପଦ୍ଧତି ଆରମ୍ଭ କରିଥିଲା ।

'ଉତ୍କଳ ସାହିତ୍ୟ' (୧୮୯୭) ସମାଲୋଚନା ଧାରାରେ ପ୍ରକୃତ ନିରପେକ୍ଷତା ଅବଲମ୍ବନ କରି ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଥିଲା । ଏହି ପତ୍ରିକାରେ ସମକାଳୀନ ପ୍ରକାଶିତ ବହୁ ପୁସ୍ତକର ସମୀକ୍ଷା ହେବା ସଙ୍ଗେ ସଙ୍ଗେ ପ୍ରାଚୀନ ସାହିତ୍ୟର ମଧ୍ୟ ସମାଲୋଚନା ପ୍ରକାଶ ପାଇଥିଲା । ଭୋଳାନାଥ ସାମନ୍ତରାୟ, କୃଷ୍ଣପ୍ରସାଦ ଚୌଧୁରୀ, ଦାମୋଦର ପଟ୍ଟନାୟକ, ମଦନମୋହନ ପଟ୍ଟନାୟକ ପ୍ରମୁଖ ଆଲୋଚକ-ଗଣ ନିରପେକ୍ଷ ତୁଳନାତ୍ମକ ସମାଲୋଚନାର ଧାରା ପ୍ରବର୍ତ୍ତନ କରି ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଐତିହାସିକ ଭୂମିକା ନେଇଥିଲେ । ୧୯୦୦ ମସିହାଠାରୁ ପ୍ରଥମ ଦ୍ୱିଦଶକ ପର୍ଯ୍ୟନ୍ତ ଓଡ଼ିଆ ସମାଲୋଚନାରେ ଜାତୀୟତା ଏକ ମୁଖ୍ୟ ପ୍ରାଣସ୍ପନ୍ଦନ ଭାବରେ ପ୍ରଚ୍ଛନ୍ନ ରୂପେ କାର୍ଯ୍ୟ କରିଥିଲା । ତଥାପି ଏ ସମୟରେ ଶ୍ୟାମସୁନ୍ଦର ରାଜଗୁରୁ ପଣ୍ଡିତ, ଗୋପୀନାଥ ନନ୍ଦ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଆଲୋଚକଗଣ ଓଡ଼ିଆ ସମାଲୋଚନାରେ କ୍ଲାସିକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଅଛନ୍ତି । ପ୍ରାଚୀନ ପୋଥି ଓ ପୁସ୍ତକର ସମାଲୋଚନା କରି ତତ୍‌କାଳୀନ କବି

---

୯୭—ଉତ୍କଳ ସାହିତ୍ୟ ସୂଚନା ୧ମଖଣ୍ଡ/୧ମ ସଂ ୧୯୦୪/୫

ଜୀବନୀ ଓ କବିକୃତି ସମ୍ପର୍କରେ ଯେଉଁ ଧାରା ଏମାନେ ପ୍ରଚଳନ କରିଥିଲେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରତିଷ୍ଠିତ ପ୍ରାଚୀ ସମିତି (୧୯୨୭) ସେହିଧାରାରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କଲା । ଆର୍ତ୍ତବଲ୍ଲଭ କ୍ଲାସିକ ସମାଲୋଚନା ଧାରାରେ ଏକ ଅବିସ୍ମରଣୀୟ ପ୍ରଜ୍ଞା । ପ୍ରାଚୀନ ପୋଥିମାନଙ୍କୁ ଉଦ୍ଧାରକରି ସେ ଗୁଡ଼ିକର ଶୁଦ୍ଧ ସଂସ୍କରଣ କରି ପ୍ରକାଶ କରିବା ଓ ସେହି ସେହି ପୁସ୍ତକ ସଂପର୍କରେ ସୁଚିନ୍ତିତ ମୁଖବନ୍ଧ ଲେଖିବା ଆର୍ତ୍ତବଲ୍ଲଭଙ୍କର ଥିଲା ଏକମାତ୍ର ଉଦ୍ଦେଶ୍ୟ । ଊନବିଂଶ ଶତାବ୍ଦୀର ଶେଷ ତିରିଶ ବର୍ଷରେ ସମ୍ବାଦମୁଖୀ ସମାଲୋଚନାର ପ୍ରାଧାନ୍ୟ ପରିଲକ୍ଷିତ ହେଉଥିଲା ଏବଂ ସେଥିରେ ଅନେକ ସମୟରେ ଯେଉଁ ଏକଦେଶଦର୍ଶିତା ଓ ଅସ୍ଥିର ଭାବପ୍ରବଣତା ଦେଖା ଦେଇଥିଲା ସେଥିରୁ ଏହି ଶତାବ୍ଦୀର ଶେଷ ଦଶକବେଳକୁ କବିର ଭାବଗତ ଓ ସୌନ୍ଦର୍ଯ୍ୟଗତ ମୂଲ୍ୟାୟନ ଆତ୍ମପ୍ରକାଶ କଲା । ଅବଶ୍ୟ ଏଥିରେ ମଧ୍ୟ ସେଇ ଏକଦେଶଦର୍ଶୀ ଭାବ ଦେଖିବାକୁ କେବେକେବେ ମିଳିଥାଏ । ପ୍ରାକ୍-ପ୍ରାଚୀ ସମିତି ପ୍ରତିଷ୍ଠା କାଳରେ ଓଡ଼ିଆ ସମାଲୋଚନାରେ ପ୍ରାଚୀନ କବିଙ୍କର ଜୀବନୀ ସଂଗ୍ରହ ଓ ସେମାନଙ୍କର ସାହିତ୍ୟକୃତିଗୁଡ଼ିକର ପ୍ରମାଣିକ ଆଲୋଚନାର ଧାରା ପ୍ରବର୍ତ୍ତିତ ହୋଇଥିଲା । ପ୍ରାଚୀ ସମିତି ସେହି ଆଲୋଚନାଧାରାର ଏକ ପୂର୍ଣ୍ଣାଙ୍ଗ ଐତିହାସିକ ପରିଣତି ଏବଂ ଆର୍ତ୍ତବଲ୍ଲଭ ସେଇ ପରିଣତିର ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭ । ତାଙ୍କପୂର୍ବରୁ ନନ୍ଦକିଶୋର ବଳ ଓ ନୀଳକଣ୍ଠ ଦାଶ ସାଂସ୍କାରିକ-ମନୋଭାବ ନେଇ ଗୌଡ଼ୀୟ ବୈଷ୍ଣବ ଧର୍ମଦର୍ଶନ ପ୍ରଭାବିତ ସାହିତ୍ୟପ୍ରତି ଯେଉଁ କଟୂ ମନ୍ତବ୍ୟମାନ ପ୍ରଦାନ କରିଥିଲେ ଆର୍ତ୍ତବଲ୍ଲଭ ଅତ୍ୟନ୍ତ ଆତ୍ମସଚେତନ ଭାବରେ ସେହିସବୁ ମତକୁ ଖଣ୍ଡନ କରି ଧର୍ମାନୁମୋଦିତ ଏକ କ୍ଲାସିକ ସମାଲୋଚନା ପଦ୍ଧତି ଆରମ୍ଭ କଲେ । ଆର୍ତ୍ତବଲ୍ଲଭଙ୍କ ସମାଲୋଚନା ସଂପର୍କରେ ଡକ୍ଟର ନଟବର ସାମନ୍ତରାୟଙ୍କ ଅଭିମତ ପ୍ରଣିଧାନ ଯୋଗ୍ୟ । "ଦେଶର ଶତ ଶତ ପୋଥି ପାଷାଣରେ ଅହଲ୍ୟା ରୂପଧରି ନିଜ ନିଜର ଆତ୍ମାଭିବ୍ୟକ୍ତି ନିମିତ୍ତ ସତୃଷ୍ଣ ନୟନରେ ଅପେକ୍ଷା କରି ବସିଛନ୍ତି ରାମଚନ୍ଦ୍ରଙ୍କ

ପଦଯୁଗଳର ସ୍ପର୍ଶ ଲଭ ପାଇଁ—ଏଇମାନଙ୍କ ଉଦ୍ଧାରପାଇଁ ଆବର୍ତ୍ତବ ଲଭ କରିଥିଲେ ରାମଚନ୍ଦ୍ର ରୂପୀ ଆର୍ତ୍ତବଲ୍ଲଭ । କିନ୍ତୁ ପାଷାଣ ରୂପର ଉଦ୍ଧାର ସାଧନହିଁ ତାଙ୍କ କର୍ତ୍ତବ୍ୟର ଏକମାତ୍ର ଅଭିମୁଖ୍ୟ ନଥିଲା; ପାଷାଣକୁ ଜୀବନ୍ୟାସ ଦେବା ସଙ୍ଗେ ସଙ୍ଗେ ଏ ଜୀବନର ଯଥାର୍ଥ ଅବବୋଧପାଇଁ ସେ ଲେଖି ବସିଲେ ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧ, ଟୀକା ଓ ବ୍ୟାଖ୍ୟା ।" (୯୮)

ଆର୍ତ୍ତବଲ୍ଲଭ ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେଉଁ ପଦ୍ଧତି ଅବଲମ୍ବନ କଲେ ସେଇ କ୍ଲାସିକ ପଦ୍ଧତିକୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର କୃଷ୍ଣଚରଣ ସାହୁ, ଡକ୍ଟର ରତ୍ନାକର ସାହୁ, ନୀଳମଣି ମିଶ୍ର, ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଆଲୋଚକଗଣ ଗ୍ରହଣ କରିଥିବା ମନେହୁଏ । ପ୍ରାଚୀନ ପୋଥି ଉଦ୍ଧାର ଓ ମୁଖବନ୍ଧ ଜନିତ ସମାଲୋଚନା ତଥା ସେହି ସେହି କବିଙ୍କର କାଳ ନିର୍ଣ୍ଣୟ ଓ ସାହିତ୍ୟକୃତି ଆଲୋଚନା, —ଏମାନଙ୍କ ସମାଲୋଚନା ପଦ୍ଧତିର ଦିଗ୍‌ଦର୍ଶନ । ଡକ୍ଟର ଆର୍ତ୍ତବଲ୍ଲଭ ପ୍ରାଚ୍ୟ ଆଳଙ୍କାରିକ ସୂତ୍ର ଅବଲମ୍ବନରେ ଆଙ୍ଗିକ ଆଲୋଚନା ଓ ଧର୍ମ ଭିତରେ ଆତ୍ମିକ ଆଲୋଚନାର ଧାରା ପ୍ରଚଳନ କରିଥିଲେ । ଏହି କ୍ଲାସିକ ଧାରା ଯୁଦ୍ଧ ପରବର୍ତ୍ତୀ ସମୟରୁ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ପ୍ରହ୍ଲାଦ ପ୍ରଧାନ, କରୁଣାକର କର, ଡକ୍ଟର କାହ୍ନୁଚରଣ ମିଶ୍ର, ଗୌରୀକୁମାର ବ୍ରହ୍ମା, ଜୟକୃଷ୍ଣ ମିଶ୍ର ପ୍ରମୁଖଙ୍କ ସମାଲୋଚନାରେ ଦେଖିବାକୁ ମିଳେ । ସୁଧାକର ପଟ୍ଟନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ ମଧ୍ୟ ଏହି କ୍ଲାସିକ ପଦ୍ଧତିରେ ସମାଲୋଚନା ଆରମ୍ଭ କରିଥିଲେ ।

ପଣ୍ଡିତ ବିନାୟକ ମିଶ୍ର ଯୁଦ୍ଧ ପୂର୍ବବର୍ତ୍ତୀ ସମୟରୁ ଓଡ଼ିଆ ସମାଲୋଚନାରେ ମୌଳିକତା ଦେଖାଇ ଆସିଥିଲେ । ଯଦିଓ ସେ ତାଙ୍କର ସମାଲୋଚନାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଐତିହାସିକ

---

୯୮—ଡକ୍ଟର ନଟବର ସାମନ୍ତରାୟ—ଓଡ଼ିଆ ସାହିତ୍ୟକୁ ଆର୍ତ୍ତବଲ୍ଲଭଙ୍କ ଦାନ ପୃ-୮୦

ବିଶ୍ଳେଷଣ ପଦ୍ଧତିକୁ ଅନୁସରଣ କରିଥିଲେ ତଥାପି ସେଥିରେ ତାଙ୍କର ମୌଳିକ ଅନୁଶୀଳନ ଦେଖିବାକୁ ମିଳେ । ଯୁଦ୍ଧ ପରବର୍ତ୍ତୀ ସମୟରେ ମଧ୍ୟ ସେ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନୂତନତ୍ୱ ଦେଖାଇ ଅଛନ୍ତି । ନୀଳକଣ୍ଠ ଦାସ ଧର୍ମ-ସଂସ୍କୃତି ଓ ଜାତୀୟତାକୁ ନେଇ ଯେଉଁ ସମାଲୋଚନାରଧାରା ଯୁଦ୍ଧପୂର୍ବରୁ ଆରମ୍ଭ କରିଥିଲେ ତାହା ପ୍ରଚଳିତ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନୂତନତା ସୃଷ୍ଟି କରିଥିଲା । ନୀଳକଣ୍ଠଙ୍କୁହିଁ ଆଧୁନିକ ଓଡ଼ିଆ ସମାଲୋଚନାର ଆଦ୍ୟ ପ୍ରବର୍ତ୍ତକ ଭାବରେ ଗ୍ରହଣ କରାଯାଇଥାଏ । ନୀଳକଣ୍ଠ ଉଭୟ ଆଙ୍ଗିକ ଓ ଆତ୍ମିକକୁ ନେଇ ଯେଉଁ ମୌଳିକ ସୂତ୍ର ଅବଲମ୍ବନ କଲେ ତାକୁ ପରବର୍ତ୍ତୀ କାଳରେ କାଳନ୍ଦୀଚରଣ ପାଣିଗ୍ରାହୀ, କୁଞ୍ଜବିହାରୀ ଦାଶ ଆଦି କେତେକ ଲେଖକଗଣ ଅନୁସରଣ କରିଥିବା ଜଣାଯାଏ ।

ପ୍ରାଚ୍ୟ ଆଲଙ୍କାରିକ ପଦ୍ଧତିରେ ଗୌରୀକୁମାର ବ୍ରହ୍ମା, କାହ୍ନୁଚରଣ ମିଶ୍ର, ବେଣୀମାଧବ ପାଢ଼ୀ, ଗୋବିନ୍ଦ ଉଦଗାତା, ନଗେନ୍ଦ୍ରନାଥ ପ୍ରଧାନ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଆଲୋଚନା କରୁଥିବାବେଳେ ପାଶ୍ଚାତ୍ୟ ପଦ୍ଧତିରେ ଚିନ୍ତାମଣି ବେହେରା, ଦାଶରଥି ଦାସ, ନିତ୍ୟାନନ୍ଦ ଶତପଥୀ, ଯତୀନ୍ଦ୍ରମୋହନ ମହାନ୍ତି, ସୌରୀନ୍ଦ୍ର ବାରିକ, ଜଗୁ ପଟ୍ଟନାୟକ, ବିଧୁଭୂଷଣ ଦାସ, ସୀତାକାନ୍ତ ମହାପାତ୍ର, ଚନ୍ଦ୍ରଶେଖର ରଥ, ଚିତ୍ତରଞ୍ଜନ ଦାସ, ମଧୁସୂଦନ ପତି ପ୍ରମୁଖ ସମାଲୋଚନା କରୁଅଛନ୍ତି । ନୀଳକଣ୍ଠଙ୍କଠାରୁ ନୂତନ ସମାଲୋଚନାର ଧାରା ଆରମ୍ଭ ହୋଇ ଥିଲେହେଁ ଯୁଦ୍ଧ ପରବର୍ତ୍ତୀ କାଳରେ ତଥା ସ୍ୱାଧୀନତାର ଅବ୍ୟବହିତ ସମୟରେ ସୁରେନ୍ଦ୍ର ମହାନ୍ତି ଏହି ଧାରାକୁ ଏକ ମର୍ଯ୍ୟାଦା ପୂର୍ଣ୍ଣ ସ୍ଥାନ ଦେଲେ । ଫକୀରମୋହନଙ୍କ ସଂପର୍କିତ ସମାଲୋଚନା ଏ ଦିଗରେ ତାଙ୍କର ଉଲ୍ଲେଖଯୋଗ୍ୟ ସୃଷ୍ଟି । ଏହିଠାରୁ ଆଙ୍ଗିକଗତ କଳାକର୍ମ ଉପରେ ଗୁରୁତ୍ୱ ଆରୋପ କରାଯାଇ ନୂତନ ସମାଲୋଚନାର ଧାରା ପ୍ରବର୍ତ୍ତିତ ହେଲା ଏବଂ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ସଂପର୍କରେ; ବିଶେଷତଃ ଆଧୁନିକ ଓଡ଼ିଆ ସାହିତ୍ୟର ଉପନ୍ୟାସ,

କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ପ୍ରଭୃତି ବିଭିନ୍ନ ବିଭାଗ ସଂପର୍କରେ ଧାରାବାହିକ ରୂପେ ସମାଲୋଚନା କରାଗଲା । ଅବଶ୍ୟ ଏହି ସମାଲୋଚନାଗୁଡ଼ିକ ଅନେକ ସମୟରେ ଆହରଣ ସର୍ବସ୍ୱ ହୋଇ ପଡ଼ିଥିବା ଦେଖାଯାଏ । ଅନେକଙ୍କ ସମାଲୋଚନାଗୁଡ଼ିକ ବିଶେଷ କିଛି ନୂତନ ଦିଗ୍‌ଦର୍ଶନ ପ୍ରଦାନ ନ କରି ପାଠାଙ୍କନ ଅଭିମୁଖୀ ହୋଇଥିବା ଲକ୍ଷ୍ୟ କରାଯାଇଥାଏ ।

'ଝଙ୍କାର' (୧୯୪୯), ଦିଗନ୍ତ (୧୯୫୦), ଆସନ୍ତାକାଲି (୧୯୫୦), କୋଣାର୍କ (୧୯୫୮), ଆଗାମୀ (୧୯୫୬), ଅନ୍ୱେଷଣ (୧୯୬୩), ଅନୁଚିନ୍ତା (୧୯୭୨), ଅଧୁନା (୧୯୭୩), ଜୀବନରଙ୍ଗ (୧୯୬୬), ନବଜୀବନ (୧୯୫୭), ନବପତ୍ର (୧୯୬୨), ମାନସ (୧୯୭୨), ସପ୍ତର୍ଷି (୧୯୭୨,) ସମାବେଶ, ପ୍ରଜ୍ଞା, ଇସ୍ତାହାର, କଥାକାର, 'ନବ ଫସଲ' ଆଦି ବହୁ ପତ୍ରିକା ଓ ସମାଜ, କଳିଙ୍ଗ, ଧରିତ୍ରୀ ଆଦି ସମ୍ବାଦପତ୍ରଗୁଡ଼ିକର ବାର୍ଷିକ ବିଶେଷାଙ୍କ ସମୂହ ସ୍ୱାଧୀନୋତ୍ତର ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛନ୍ତି । 'ଝଙ୍କାର'ହିଁ ସ୍ୱାଧୀନୋତ୍ତର ଓଡ଼ିଆ ସମାଲୋଚନାର ବାସ୍ତବିକ ଏକ ଦିଗ୍‌ବାରିଣୀ । ଏହି ସମୟରେ ଡକ୍ଟର ନଟବର ସାମନ୍ତରାୟ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଐତିହାସିକ ବିଚାର ପଦ୍ଧତି ଓ ସାହିତ୍ୟର ମୌଳିକ ଅନ୍ତଃସ୍ୱର ଉଦ୍‌ଘାଟନ ପାଇଁ ଗଭୀର ମନୋନିବେଶ କରିଥିବା ଲକ୍ଷ୍ୟ କରାଯାଏ । ଯଥାର୍ଥରେ ଆଧୁନିକ ଓଡ଼ିଆ ସମାଲୋଚନା ଧାରାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଙ୍ଗିକ ଓ ରସବୋଧ ଜନିତ ଅନ୍ତର୍ଦୃଷ୍ଟି ଉପରେ ଗୁରୁତ୍ୱ ଦେଇ ମାୟାଧର ମାନସିଂହ, ଦେବୀପ୍ରସନ୍ନ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ପଠାଣି ପଟ୍ଟନାୟକ, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ବସନ୍ତ କୁମାର ଶତପଥୀ, ଗୋପାଳଚନ୍ଦ୍ର ମିଶ୍ର, ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଖଗେଶ୍ୱର ମହାପାତ୍ର, ନରେନ୍ଦ୍ରନାଥ ମିଶ୍ର, କୁଞ୍ଜବିହାରୀ ଦାଶ, ଦୀନବନ୍ଧୁ ରଥ, ଦେବେନ୍ଦ୍ର ମହାନ୍ତି, ଦାଶରଥି ଦାସ, ନିତ୍ୟାନନ୍ଦ ଶତପଥୀ, ଅସିତ କବି, ରବୀନ୍ଦ୍ର କୁମାର ପ୍ରହରାଜ, ଡକ୍ଟର ଶ୍ରୀନିବାସ ମିଶ୍ର, ଭବଗ୍ରାହୀ ମିଶ୍ର,

ଶରତଚନ୍ଦ୍ର ପ୍ରଧାନ, ବାଳକୃଷ୍ଣ ଶତପଥୀ, ସୁଦର୍ଶନ ଆଚାର୍ଯ୍ୟ, ବୃନ୍ଦାବନ ଆଚାର୍ଯ୍ୟ, କୁଳମଣି ମହାପାତ୍ର, ଚନ୍ଦ୍ରମଣି ଦାଶ, ବଦ୍ଧଦତ୍ତ ମିଶ୍ର, ବାସୁଦେବ ସାହୁ, ତାରିଣୀଚରଣ ଦାସ, କ୍ଷେତ୍ରବାସୀ ନାୟକ, ହେମନ୍ତ କୁମାର ଦାସ, ରତ୍ନାକର ଚଇନି, ନିମାଇ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ନୂତନ ଧାରା ସୃଷ୍ଟି କରୁଅଛନ୍ତି । ଏହି ଆଲୋଚନା ଗୁଡ଼ିକରେ ତୁଳନାତ୍ମକ ସମାଲୋଚନା ଓ ସୃଜନଶୀଳ ଆଲୋଚନା ଅଧିକ ଗୁରୁତ୍ୱ ଲାଭ କରିଥିବା ଦେଖାଯାଏ । କୃଷ୍ଣଚରଣ ସାହୁ, ଅଭିନ୍ନଚନ୍ଦ୍ର ସାହୁ, ଯତୀନ୍ଦ୍ରମୋହନ ମହାନ୍ତି ପ୍ରମୁଖ ପ୍ରାୟୋଗିକ ଆଲୋଚନା କ୍ଷେତ୍ରରେ ମଧ୍ୟ କୃତିତ୍ୱ ଦେଖାଇ ଅଛନ୍ତି ।

ସମାଜବାଦୀ ଆଲୋଚନାର ଧାରା ଆଧୁନିକ ଓଡ଼ିଆ ସାହିତ୍ୟରେ ଅତ୍ୟନ୍ତ କ୍ଷୀଣ । ତଥାପି ଏଦିଗରେ ରାମପ୍ରସାଦ ସିଂହ ଯେଉଁ ଭିତ୍ତିପ୍ରସ୍ତୁତ କରିଥିଲେ ସେଇ ଭିତ୍ତି ଭୂମି ଉପରେ ପରବର୍ତ୍ତୀ କାଳରେ ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ, ମନମୋହନ ମିଶ୍ର ଓ ରବୀନ୍ଦ୍ରନାଥ ସିଂହଙ୍କର ଭୂମିକା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଗୁରୁଚରଣ ପଟ୍ଟନାୟକଙ୍କର 'ଓଡ଼ିଆ ସାହିତ୍ୟର ମତ ଓ ଗତି' ପ୍ରାଣନାଥ ପଟ୍ଟନାୟକଙ୍କର 'ଆସନ୍ତା କାଲିର ସାହିତ୍ୟ', ରବୀନ୍ଦ୍ରନାଥ ସିଂହଙ୍କର 'ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ମୂଲ୍ୟବୋଧ' ଆଦିଗ୍ରନ୍ଥ ଗୁଡ଼ିକ ସମାଜବାଦୀ ଆଲୋଚନାଧାରାର ଗୋଟିଏ ଗୋଟିଏ ସଫଳ ନିଦର୍ଶନ ।

ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣୟନ କ୍ଷେତ୍ରରେ ତାରିଣୀଚରଣ ରଥ, ବିନାୟକ ମିଶ୍ର, ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ବଂଶୀଧର ମହାନ୍ତି, ପଠାଣି ପଟ୍ଟନାୟକ, ବୃନ୍ଦାବନ ଆଚାର୍ଯ୍ୟଙ୍କର ନାମ ଉଲ୍ଲେଖଯୋଗ୍ୟ । ତାରିଣୀଚରଣଙ୍କ ଇତିହାସ ସଂକ୍ଷିପ୍ତ । ବିନାୟକ ମିଶ୍ରଙ୍କ ଇତିହାସରେ ଟିପ୍ପଣି ଓ ଅଭିମତ ପ୍ରଦତ୍ତ । ସୂର୍ଯ୍ୟନାରାୟଣ ଦାଶଙ୍କ ଇତିହାସରେ ସଂଗ୍ରହ ଓ ପୁସ୍ତକଗୁଡ଼ିକର ବର୍ଣ୍ଣନା ଉପରେ ଗୁରୁତ୍ୱପ୍ରଦାନ କରାଯାଇଥିଲା ବେଳେ ମାନସିଂହ ଇତିହାସରେ ନିଜସ୍ୱ ଅଭିମତ ପ୍ରଦତ୍ତ ହୋଇଅଛି । ବଂଶୀଧର ମହାନ୍ତିଙ୍କ ଇତିହାସରେ

ସଂଗ୍ରହ, ବ୍ୟାଖ୍ୟା, ବିଶ୍ଳେଷଣ ସମ୍ବଳିତ ଲେଖକମାନଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣର ପରିଚୟ ନିହିତ । ସୁରେନ୍ଦ୍ର ମହାନ୍ତିଙ୍କ ଇତିହାସରେ ତୁଳନାତ୍ମକ ବିଚାର-ଧାରା ସହିତ ସାଂସ୍କୃତିକ ପୃଷ୍ଠଭୂମିରେ ଅଭିମତ ନିହିତ । ପଠାଣି-ପଟ୍ଟନାୟକଙ୍କ ଇତିହାସରେ ବିଶ୍ଳେଷଣାତ୍ମକ ଓ ସମୀକ୍ଷାତ୍ମକ ଦୃଷ୍ଟିକୋଣ ପ୍ରକଟିତ । ବୃନ୍ଦାବନ ଆଚାର୍ଯ୍ୟଙ୍କର ଇତିହାସ ସଂକ୍ଷିପ୍ତ ବିବରଣୀ ମୂଳକ । ଓଡ଼ିଆ ସାହିତ୍ୟର ଇତିହାସ ରଚନା କ୍ଷେତ୍ରରେ ଏମାନଙ୍କର ଅବଦାନ ଆଦୌ ଅବହେଳିତ ନୁହେଁ । ସେହିପରି ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନାରେ ଡକ୍ଟର ନଟବର ସାମନ୍ତରାୟ, ଡକ୍ଟର ଶ୍ରୀନିବାସ ମିଶ୍ର ଓ ବିନାୟକ ମିଶ୍ରଙ୍କର ଭୂମିକା ଉଲ୍ଲେଖ ଯୋଗ୍ୟ ।

ସ୍ୱାଧୀନୋତ୍ତର କାଳରେ ବହୁ ଗବେଷଣାତ୍ମକ ସନ୍ଦର୍ଭମାନ ପ୍ରକାଶିତ ହୋଇଅଛି । ବିଶେଷ କରି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅଧ୍ୟାପନା କରୁଥିବା ଅଧ୍ୟାପକମାନଙ୍କର ଅବଦାନ ଏ ଦିଗରେ ସ୍ମରଣୀୟ । ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ, ତଥା ସାହିତ୍ୟ ଓ ଧର୍ମଦର୍ଶନ ସମ୍ପର୍କରେ ଓ ନିର୍ଦ୍ଦିଷ୍ଟ ଲେଖକମାନଙ୍କ ସମ୍ପର୍କରେ ବହୁ ଗବେଷଣାତ୍ମକ ସନ୍ଦର୍ଭମାନ ପ୍ରକାଶିତ ହୋଇ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଅଛି । ଯୁଦ୍ଧ ପରବର୍ତ୍ତୀ ତଥା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସମାଲୋଚନାରଧାରା ବିଶ୍ଳେଷଣକଲେ ନିମ୍ନୋକ୍ତ ପ୍ରବୃତ୍ତିମାନ ଦେଖିବାକୁ ମିଳିଥାଏ । ସେଗୁଡ଼ିକ ହେଲା— (କ) ଆଧୁନିକ ସାହିତ୍ୟର ରୂପବିଭବ ଓ ଭାବବିଭବ ଆକଳନ (ଖ) ଆଧୁନିକ ସାହିତ୍ୟରେ ସମାଜବାଦୀ ଓ ମାନବତାବାଦୀ ମୂଲ୍ୟାୟନ (ଗ) ଆଧୁନିକ ସାହିତ୍ୟରେ ବ୍ୟକ୍ତି ଚେତନା ଓ ବ୍ୟକ୍ତିତ୍ୱର ଅନୁଶୀଳନ (ଘ) ତୁଳନାତ୍ମକ ବିଚାର (ଙ) ମନସ୍ତାତ୍ତ୍ୱିକ ବିଶ୍ଳେଷଣ (ଚ) ଆଙ୍ଗିକଗତ ନୂତନସମାଲୋଚନା (ଛ) ପ୍ରାଚୀନସାହିତ୍ୟ ସମ୍ପର୍କରେ ପାରମ୍ପରିକ ସମାଲୋଚନା (ଜ) ପ୍ରାଚୀନସାହିତ୍ୟର ନୂତନ ମୂଲ୍ୟାୟନ (ଝ) ବିଶେଷ କବିଙ୍କର ବା ଲେଖକଙ୍କର କୃତି ସମ୍ପର୍କରେ ଆଲୋଚନା (ଞ) ଗବେଷଣାତ୍ମକ

ସନ୍ଦର୍ଭ (ଝ) ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣୟନ (ଠ) ଭାଷା ତାତ୍ତ୍ୱିକ ଅଧ୍ୟୟନ ଓ ଆଲୋଚନା (ଡ଼) ଉପନ୍ୟାସ, ଗଳ୍ପ, ନାଟକ, କବିତା, ପ୍ରବନ୍ଧ ସମ୍ପର୍କିତ ଆଲୋଚନା (ଢ) ସାହିତ୍ୟତତ୍ତ୍ୱ ସମ୍ପର୍କିତ ଆଲୋଚନା (ଣ) ସୃଜନଶୀଳ ସମାଲୋଚନା (ତ) ପ୍ରାୟୋଗିକ ଆଲୋଚନା । ଓଡ଼ିଆ ସମାଲୋଚନା ସାହିତ୍ୟ ଏହି ସମସ୍ତ ରୂପ ବିଭବ ଓ ଭାବ-ବିଭବକୁ ନେଇ କ୍ରମବିକାଶ ପଥରେ ଆଗେଇ ଚାଲିଛି ।

ଓଡ଼ିଆ ସମାଲୋଚନା ତଥାପି ବ୍ୟବହାରିକ ବା ପ୍ରୟୋଗମୂଳକ ସମାଲୋଚନାରୁ ଊର୍ଦ୍ଧ୍ବକୁ ଗତିକରି ପାରିନାହିଁ । ଏବେ ମଧ୍ୟ ସେଇ ଟୀକା ଟିପ୍‌ପଣିର ଧୂମାଚ୍ଛନ୍ନ ମଧ୍ୟରେ ବିଭ୍ରାନ୍ତ । ଏବେ ମଧ୍ୟ ସେଇ ଧର୍ମଭିତ୍ତିକ —ଦର୍ଶନ ତତ୍ତ୍ୱଭିତ୍ତିକ—ବ୍ୟକ୍ତିଭିତ୍ତିକ—ଗୋଷ୍ଠୀଭିତ୍ତିକ ସମାଲୋଚନାର ଚକ୍ରବ୍ୟୂହ ମଧ୍ୟରେ ଦିଗ୍‌ଭ୍ରଷ୍ଟ । ଅନେକଥର ତୁଳନାତ୍ମକ ସମାଲୋଚନା ଯେତେ ଅନୁସୃତ ହୋଇଥିଲେହେଁ ସେ ସବୁର ଭାଷା ବିନ୍ୟାସ ସେଇ କ୍ଲାସିକ ପଦ୍ଧତିର ଦାସାନୁବର୍ତ୍ତୀ । ଅନେକ ସମୟରେ ସମାଲୋଚନାରେ ଯୁକ୍ତିନିଷ୍ଠ ବୈଜ୍ଞାନିକ ଭାଷା ପରିବର୍ତ୍ତେ ଆବେଗଧର୍ମୀ ଅଲଙ୍କାର ଭାଷା ଗୃହୀତ । ତେଣୁ ସମାଲୋଚନାର ଅନ୍ତଃସ୍ୱର ଅସ୍ପଷ୍ଟ ହୋଇଯାଇଥିବା ଲକ୍ଷ୍ୟ କରାଯାଏ । ଓଡ଼ିଆ ସମାଲୋଚନାରେ ଏପର୍ଯ୍ୟନ୍ତ ପାଶ୍ଚାତ୍ୟ ପଦ୍ଧତିର ନୂତନ ସମାଲୋଚନା (New Criticism), ମିଥ୍ ସମ୍ପର୍କିତ ସମାଲୋଚନା, ଚେତନା ଭିତ୍ତିକ ସମାଲୋଚନା, ନୈର୍ବ୍ୟକ୍ତିକ ରୂପଗତ ସମାଲୋଚନା (Structuralism), ଓ ଶୈଳୀଗତ ସମାଲୋଚନା (Stylistic Criticism(ମନସ୍ତାତ୍ତ୍ୱିକ ସମାଲୋଚନା (Psychological Criticism.) ଆଦି ପ୍ରବର୍ତ୍ତିତ ହୋଇ ନାହିଁ କହିଲେ ସତ୍ୟର ଅପଳାପ ହେବନାହିଁ ।

ସମାଲୋଚନା ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ହେବା ବାଞ୍ଛନୀୟ । ସୀମା ଅତିକ୍ରମ କରିଗଲେ ସମାଲୋଚନାର ମହତ୍ତ୍ୱ ହ୍ରାସପାଏ । ଟି. ଏସ୍. ଇଲିଅଟ ତାଙ୍କର (The Frontiers of Literary Criticism) ପ୍ରବନ୍ଧରେ ଏହି କଥାକୁ ସୂଚେଇ ଅଛନ୍ତି । ସମାଲୋଚନା ଲକ୍ଷଣଗାର

ଅତିକ୍ରମ କଲେ ପଦେ ପଦେ ବିପଦ ଅଛି । କିନ୍ତୁ ସମୟରେ ସମାଲୋଚକ ଗୋଟିଏ ନିର୍ଦ୍ଦିଷ୍ଟ ସାହିତ୍ୟିକ ସୃଷ୍ଟିକୁ ସମାଲୋଚନା ନ କରି ନିଜେ ଯାହା ଭାବୁଥାଏ ତାକୁ ଆପଣାର ଆଲୋଚନା ମଧ୍ୟକୁ ନେଇଆସେ । ଅର୍ଥାତ୍ ନିଜର ପ୍ରଜ୍ଞା-ମାନସକୁ ସନ୍ତୁଷ୍ଟ କରିବାପାଇଁ ସେ ଅନେକ କିଛି ଲେଖି ବସେ । ଏପରି ସମାଲୋଚନାକୁ **ଆତ୍ମଗତ ପ୍ରତୀତି ଧର୍ମୀ ସମାଲୋଚନା** (Impressionistic Criticism) କୁହାଯାଇଥାଏ । ଇଂରାଜୀ ସାହିତ୍ୟରେ ଏହି ଧାରା ହାଜ୍‌ଲିଟ୍, ଡିକ୍ୱିନ୍‌ସି, ଏ. ସି. ବ୍ରାଡ୍‌ଲେ, ଆରଥର ସାଇମଣ୍ଡ ପ୍ରମୁଖ ପ୍ରଚଳନ କରିଥିଲେ । ଦାଶରଥି ଦାସଙ୍କର 'ମୃତ୍ୟୁଲୋକରେ ତ୍ରଭୁ ସପ୍ନ' ସମାଲୋଚନା ଏହି ଶ୍ରେଣୀ ଅନ୍ତର୍ଗତ । **ବ୍ୟକ୍ତି ଜୀବନୀଭିତ୍ତିକ ସମାଲୋଚନା** (Auto biographical Criticism) ଉପରେ ଓଡ଼ିଆ ସାହିତ୍ୟରେ ବିଶେଷ ପ୍ରାଧାନ୍ୟ ପ୍ରଦାନ କରାଯାଇଥିବା ଲକ୍ଷ୍ୟ କରାଯାଏ । ଲେଖକର ବ୍ୟକ୍ତିଗତ ଜୀବନର ପ୍ରେମ-ଦୁଃଖ-ଯନ୍ତ୍ରଣା-ପ୍ରତାରଣା ଇତ୍ୟାଦିକୁ ଏହି ସମାଲୋଚନା ପଦ୍ଧତିରେ ଅନୁସନ୍ଧାନ କରାଯାଇଥାଏ । ସିଁବଟରିଭ୍ ଓ ଏଫ୍. ସି. ବେଟ୍‌ସନ ଏତାଦୃଶ ସମାଲୋଚନାର ପକ୍ଷପାତୀ । ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ଘନକୃଷ୍ଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ଫକୀରମୋହନ ସେନାପତି ବା ମାୟାଧର ମାନସିଂହଙ୍କୁ ବିଚାର କଲାବେଳେ ବ୍ୟକ୍ତିଗତ ଜୀବନର ତଥ୍ୟକୁ ଖୋଜି ସେମାନଙ୍କ ଲେଖାକୁ ବିଚାର କରାଯାଇଥାଏ । ଲେଖାର ବିଚାର-ମାନଦଣ୍ଡହିଁ ସେହି ଲେଖା । ଏଥିପାଇଁ ଲେଖକଙ୍କର ଜୀବନୀ ଖୋଜିବା ଅନାବଶ୍ୟକ ବୋଲି କେତେକ ମତ ଦେଇଥାନ୍ତି । ପୁନଶ୍ଚ ଗୋଟିଏ କଥା କହିବାକୁ ଯାଇ ସମାଲୋଚକ ସେଥିରେ ଏକ ସମୟରେ ଅନେକ କଥା କହି ବସେ । ସେଥିରେ ଅସଂଗତି ଓ ଅପ୍ରାସଙ୍ଗିକତା ଆସେ । ନିର୍ଦ୍ଦିଷ୍ଟ ବିନ୍ଦୁରୁ ସମାଲୋଚକ ଦୂରେଇ ଯାଇ ବିଚାରଭ୍ରଷ୍ଟ ହୁଏ । ଏପରି ସମାଲୋଚନାକୁ **ଅତି-ନାନ୍ଦନିକ ସମାଲୋଚନା** (Extra Aesthetic Criticism)କୁହାଯାଇପାରେ । ଓଡ଼ିଆ ସମାଲୋଚନାରେ

ଏତାଦୃଶ ରଚନା ଅପ୍ରତୁଳ ନୁହେଁ । ଯେପରି ଅଧ୍ୟାପକ ଦାଶରଥି ଦାସ ରମାକାନ୍ତ ରଥଙ୍କ କବିତାର ବିଗ୍ରହ କରିବାକୁ ଯାଇ ମଧ୍ୟଯୁଗୀୟ ଓଡ଼ିଆ ସନ୍ଥକବିଙ୍କ ସମ୍ପର୍କରେ ମତ ଦେଇଛନ୍ତି—"ସେ ଗୁହିଁଲେ ଓଡ଼ିଆ ସାହିତ୍ୟର ତଥାକଥିତ ବ୍ରହ୍ମଜ୍ଞାନୀମାନଙ୍କପରି ଈଶ୍ୱର ବିଷୟକ ମତ ଓ ତତ୍ତ୍ୱ ଯେକୌଣସି ଗୀତା ସଂହିତା ଲେଖିପାରନ୍ତେ ନିଶ୍ଚୟ । କେଉଁ ମୂଢ଼ ପୁଣି ତାହା ନପାରିବ ? ଜୀବପରମ କ ଇଡ଼ା ପିଙ୍ଗଳାଦି ଶବ୍ଦ କେତୋଟି ଦେଲେ ହୋଇଯାଏ ଓଡ଼ିଆଙ୍କ ପାଇଁ ଗୀତା ସଂହିତା; ନଥାଉ ପଛେ ପରମାତ୍ମାଙ୍କ ସହିତ ଜୀବାତ୍ମାର ପରିପୂର୍ଣ୍ଣ ପ୍ରେମ ସମ୍ବନ୍ଧରେ କୌଣସି ପ୍ରକାର ପରୋକ୍ଷ ବା ପ୍ରତ୍ୟକ୍ଷ ଉପଲବ୍‌ଧି ।" (୧୦୨) ଯେଉଁ ସମାଲୋଚନାରେ ବିଶେଷ ମନସ୍ଥିତି ବା ଅବଚେତନର ରହସ୍ୟ ଉନ୍ମୋଚନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ ତାକୁ **ମନସ୍ତାତ୍ତ୍ୱିକ ସମାଲୋଚନା** (Psychological Criticism) କୁହାଯାଏ । ଆଇ. ଏ. ରିଚ୍ଚର୍ଡ଼ସ ୧୯୨୪ ମସିହାରୁ ଏହିଧାରା ଇଂରାଜୀ ସାହିତ୍ୟରେ ପ୍ରଚଳନ କରିଥିଲେ ମାତ୍ର ଏହା ମଧ୍ୟ ବେଶିଦିନ ଅନୁସୃତ ହେଲନାହିଁ । ମନସ୍ତତ୍ତ୍ୱ ଅନୁସନ୍ଧାନ କରିବାକୁ ଯାଇ ସାହିତ୍ୟର ସୌନ୍ଦର୍ଯ୍ୟବୋଧ ଓ ଜୀବନ-ଜିଜ୍ଞାସାକୁ ଅବହେଳା କରିବାକୁ ହୋଇଥାଏ ।

ସମାଲୋଚନା କ୍ଷେତ୍ରରେ ପୁଣି **ଅତ ଲେମ୍ବୁ ପଦ୍ଧତି** (Lemon Squiezer school) ଦେଖିବାକୁ ମିଳିଥାଏ । ଏହାଦ୍ୱାରା ସାହିତ୍ୟର ଗୁଣାତ୍ମକ ବିକାଶହୁଏ ନାହିଁ । ପ୍ରାୟୋଗିକ ଆଲୋଚନା କ୍ଷେତ୍ରରେ ଆଇ. ଏ. ରିଚ୍ଚର୍ଡ଼ସ ଏହି ପଦ୍ଧତି ଅନୁସରଣ କରିଥିଲେ । ଓଡ଼ିଆ ସାହିତ୍ୟରେ ମଧ୍ୟ ଏପରି ସମାଲୋଚନା ଦେଖିବାକୁ ମିଳିଥାଏ । କେତେକ ସମାଲୋଚକ **ଅନୁଜ୍ଞାଧର୍ମୀ ବା ଉପଦେଶ ମୂଳକ ସମାଲୋଚନା** (Prescriptive Criticism) ଉପରେ ଜୋର ଦେଇଥାନ୍ତି । ଏ ପ୍ରକାର ସମାଲୋଚନାରେ ସମାଲୋଚକ ସୃଷ୍ଟି ସମ୍ପର୍କରେ ଅବହିତ ନ ହୋଇ ସୃଷ୍ଟିର କଳା ସମ୍ପର୍କରେ ଅଧିକ

---

୧୦୨—ଅଧ୍ୟାପକ ଦାସରଥି ଦାଶ—ମୃତ୍ୟୁଲୋକରେ ଋତୁ ସପ୍ତମ-ପୃ ୭୯

ଉପଦେଶ ପ୍ରଦାନ କରିଥାଏ । ଟି. ଏସ୍. ଇଲିଅଟ୍ **ସୃଜନଶୀଳ ଲେଖକର ସମାଲୋଚନା** (Workshop Criticism) ଉପରେ ଗୁରୁତ୍ୱ ଦେଇଥିଲେ । ସେ କହନ୍ତି ଯେ ଯିଏ ସ୍ରଷ୍ଟା ସେ ତାର ସୃଷ୍ଟିର ରହସ୍ୟ ସମ୍ପର୍କରେ ଓ ତାର କଳାକର୍ମ ସମ୍ପର୍କରେ ଯଥାର୍ଥ ଦୃଷ୍ଟି ପ୍ରଦାନ କରିପାରେ । ଓଡ଼ିଆ ସାହିତ୍ୟରେ ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, ସଚ୍ଚିଦାନନ୍ଦ ରାଉତରାୟ, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ବେଣୁଧର ରାଉତ, ଜାନକୀବଲ୍ଲଭ ମହାନ୍ତି, ଚିନ୍ତାମଣି ବେହେରା, ଦୀପକ ମିଶ୍ର ପ୍ରମୁଖ ଏପରି ସମାଲୋଚନା କରିଅଛନ୍ତି । କଥାବସ୍ତୁ ଉପରେ ଗୁରୁତ୍ୱ ନଦେଇ ଆଙ୍ଗିକ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିବା ସମାଲୋଚନାଧାରାକୁ **ଗଠନ କଳାଗତ ସମାଲୋଚନା** (Structural Criticism) କୁହାଯାଏ । ଏପରି ସମାଲୋଚନା ଆଧୁନିକ ଯୁଗରେ ହେଉଅଛି । ଯେଉଁ ସମାଲୋଚନା ଶୈଳୀ ଉପରେ ଗୁରୁତ୍ୱ ଦିଏ ତାକୁ **ଶୈଳୀଗତ ସମାଲୋଚନା** (Stylistic Criticism) ଏବଂ ଯାହା ଚିତ୍ରକଳ୍ପ ବା ପ୍ରତୀକ ଉପରେ ଗୁରୁତ୍ୱ ଦିଏ ତାହାକୁ **ଚିତ୍ରକଳ୍ପଧର୍ମୀ ସମାଲୋଚନା** Imagist Criticism) କୁହାଯାଏ । ଏତଦ୍ ବ୍ୟତୀତ **ନୈତିକ ସମାଲୋଚନା** (Moralistic Criticism), ମାର୍କସବାଦୀ ସମାଲୋଚନା (Marxian Criticism), ଐତିହାସିକ ସମାଲୋଚନା (Historical Criticism), ତୁଳନାତ୍ମକ ସମାଲୋଚନା (Comparative Criticism)ପଦ୍ଧତି ଅନୁସୃତ ହେବା ସଙ୍ଗେ ସଙ୍ଗେ **ଯୁଗାନୁମୋଦିତ ସମାଲୋଚନା** (Phenomenological Criticism) ମଧ୍ୟ ପ୍ରଚଳିତ ହେଉଅଛି । ଏହି ସମାଲୋଚନାରେ ଯୁଗ ଧର୍ମ ଓ ପାରିପାର୍ଶ୍ୱିକ ଅବସ୍ଥାର ବିଶ୍ଳେଷଣ, ଘଟଣାନୁମୋଦିତ ଲକ୍ଷଣ ପ୍ରାଧାନ୍ୟ ଲାଭ କରିଥାଏ । ଓଡ଼ିଆ ସମାଲୋଚନା ଏହି ସମସ୍ତ ଧାରାକୁ ଠିକ୍ ଭାବରେ ଅନୁସରଣ ନକଲେହେଁ ତଥାପି ବିକାଶ ଲାଭ କରୁଅଛି । ଇଂରାଜୀ ସାହିତ୍ୟରେ ଟି. ଏସ୍. ଇଲିଅଟଙ୍କଠାରୁ ନୂତନ ସମାଲୋଚନା (New Criticism) ଆରମ୍ଭ ହୋଇ ପରବର୍ତ୍ତୀ କାଳରେ ଆଇ.ଏ

ରିଚାର୍ଡ଼ସ, ଉଇଲିୟମ ଏମ୍ପସନ୍, ଜନ୍ କୋ ରେନ୍‌ସମ୍, ଆଲେନଟେଟ୍, ରବର୍ଟ ପେନ୍‌ଓ୍ବାରେନ୍ ପ୍ରମୁଖ ଲେଖକମାନଙ୍କ ହାତରେ ବୈଜ୍ଞାନିକ ରୂପ ପରିଗ୍ରହଣ କରିଥିଲା । ଏଫ୍. ଆର. ଲେଭିସ୍ ଏବଂ କ୍ଲିଆନ୍ଥବ୍ରୁକ୍‌ସ ମଧ୍ୟ ଏହି ନୂତନ ସମାଲୋଚନା ଉପରେ ଗୁରୁତ୍ୱ ପ୍ରଦାନ କରିଅଛନ୍ତି । ଏହି ସମାଲୋଚନା କବିତାର ନିଜସ୍ୱ ସ୍ଥିତି ଓ ଆଙ୍ଗିକଗତ ବୈଚିତ୍ର୍ୟ ଉପରେ ପ୍ରାଧାନ୍ୟ ଦେଇଅଛି । ଏପରି ସମାଲୋଚନା ଓଡ଼ିଆ ସାହିତ୍ୟରେ ଏ ପର୍ଯ୍ୟନ୍ତ ହୋଇ ନାହିଁ କହିଲେ ଚଳେ ।

କେହି କେହି ଆଲୋଚକ ମଧ୍ୟ ସାହିତ୍ୟରେ ସମାଲୋଚନାର ବିରୋଧ କରି ଅଛନ୍ତି । ସେମାନଙ୍କ ମତରେ ସମାଲୋଚନା ପାଠକର ଅନୁସନ୍ଧିତ୍ସୁ ଜ୍ଞାନକୁ ହ୍ରାସ କରି ଦେଉଅଛି । ଡକ୍ଟର ଧନେଶ୍ୱର ମହାପାତ୍ର କହନ୍ତି— “ଯଦି ପ୍ରାଚୀନ କାଳରେ ସାହିତ୍ୟ ତତ୍ତ୍ୱ ସଂପର୍କରେ ଏତେ ବିପୁଳ ସାହିତ୍ୟ ସୃଷ୍ଟି ହୋଇଥିଲା, ତେବେ ଆଜିକାଲି ବିଭିନ୍ନ ସାହିତ୍ୟକୃତିର ସମାଲୋଚନା ପ୍ରଣୟନ କରାଯାଉଅଛି, ସେକାଳରେ ସେପରି କାହିଁକି କରାଯାଉ ନଥିଲା ? ରଘୁବଂଶ, କୁମାର ସମ୍ଭବ, ମେଘଦୂତ, କିରାତାର୍ଜୁନୀୟ, କାଦମ୍ବରୀ ଇତ୍ୟାଦି ଯେତେ ସୁପ୍ରସିଦ୍ଧ କାବ୍ୟକୃତି, କୌଣସିଟିର ସମାଲୋଚନା ଲେଖା ହୋଇ ନାହିଁ । ଏହାର କାରଣ କଣ ? କାରଣ ହେଉଛି, ଆଜିକାଲି ପରି ସେ କାଳରେ ସମାଲୋଚନା ଲେଖିବା ଦରକାର ପଡୁ ନଥିଲା । ବିଦ୍ୱାନ୍ ସାହିତ୍ୟାମୋଦୀମାନେ ସେ ଯେତିକି ପାରୁଥିଲେ; ମୂଳଗ୍ରନ୍ଥ ପାଠ କରୁଥିଲେ ଏବଂ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରୁଥିଲେ । ମୂଳଗ୍ରନ୍ଥ ଯେପରି ସହଜରେ ବୁଝିହେବ, ସେ ଉଦ୍ଦେଶ୍ୟରେ କେହି କେହି ଟୀକା ବା ବ୍ୟାଖ୍ୟା ରଚନା କରୁଥିଲେ । କିନ୍ତୁ ବର୍ତ୍ତମାନ ବିଭିନ୍ନ ସାହିତ୍ୟକୃତିର ସମାଲୋଚନା ଲେଖା ହେବା ଫଳରେ ମୂଳଗ୍ରନ୍ଥ ପଢ଼ିବାରେ ସ୍ପୃହା ଓ ଆବଶ୍ୟକତା କମିଯାଉଛି । ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ପରିବର୍ତ୍ତେ ପରୋକ୍ଷ ଜ୍ଞାନ ଅର୍ଜନ କରୁଥିବାରୁ ମସ୍ତିଷ୍କରେ ଅନୁସନ୍ଧିତ୍ସୁ ଓ ଶୃଙ୍ଖଳିତ ହେବାର ଶକ୍ତି ହ୍ରାସ ପାଉଛି । ତେଣୁ ବର୍ତ୍ତମାନ ସମାଲୋଚନା ସାହିତ୍ୟ ଯେତିକି ହିତ ସାଧନ କରୁଛି,

ସେମାନଙ୍କ ଅହିତ ମଧ୍ୟ ସାଧନ କରୁଛନ୍ତି ।" (୧୦୩) ଯନ୍ତ୍ର ଓ ସମାଲୋଚନା ବିରୁଦ୍ଧରେ ଏପରି ମନ୍ତବ୍ୟ ପ୍ରଦାନ କରାଯାଇଅଛି ତାହା ଯଥାର୍ଥ ନୁହେଁ । ମାଲୋଚନା ସାହିତ୍ୟର ଅହିତ କରେ ନାହିଁ; ବରଂ ସାହିତ୍ୟର ବିକାଶ ସାଧନ କରିଥାଏ । ସମାଲୋଚନା ବୌଦ୍ଧିକ ବିଳାସ ନ ହୋଇ ବୌଦ୍ଧିକ ଜିଜ୍ଞାସା ଓ ଜୀବନଧର୍ମୀ ଅନ୍ୱେଷା ହେଲେ ତାର ଶାଶ୍ୱତ ସାରସ୍ୱତ ମୂଲ୍ୟ ପ୍ରତିଷ୍ଠିତ ହେବ ଏବଂ ସାହିତ୍ୟର ଯଥାର୍ଥ ମୂଲ୍ୟ ଅବଧାରଣ ପାଇଁ ତଥା ପାଠକମାନଙ୍କ ସହିତ ଯୋଗ ସୂତ୍ର ସ୍ଥାପନପାଇଁ ସମର୍ଥ ହେବ ।

## ଚିନ୍ତା, ଚେତନା ଓ ବିଜ୍ଞାନର ପ୍ରଗତିରେ ଓଡ଼ିଆ ଗଦ୍ୟର ବିକାଶ ।

ବିଂଶ ଶତାବ୍ଦୀର ଆଗମନ ସଂଗେ ସଂଗେ ସମଗ୍ର ବିଶ୍ୱରେ ବିଜ୍ଞାନର ଅଭିନବ ପ୍ରଗତି ସୃଷ୍ଟି ହୋଇଅଛି । ଏହା ଫଳରେ ମଣିଷର ଚିନ୍ତନ ଓ ଚେତନାରେ ଦ୍ରୁତ ପରିବର୍ତ୍ତନ ସମ୍ଭବ ହୋଇଅଛି । ଏହି ପରିବର୍ତ୍ତନର ଭାବ ସ୍ପନ୍ଦନକୁ କୃତବିଦ୍ ଲେଖକଗଣ ଗଦ୍ୟ ମାଧ୍ୟମରେ ପ୍ରକାଶ କରି ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇ ପାରିଅଛନ୍ତି । ବିଜ୍ଞାନ, ମନୋବିଜ୍ଞାନ, ଚିକିତ୍ସା ବିଜ୍ଞାନ, ଗଣିତ, ଇତିହାସ ଓ ପ୍ରତ୍ନତତ୍ତ୍ୱ ସମ୍ପର୍କିତ ନାନା ପ୍ରବନ୍ଧମାନ ଓଡ଼ିଆ ସାହିତ୍ୟରେ ପ୍ରକାଶିତ ହୋଇ ଓଡ଼ିଆ ଗଦ୍ୟକୁ ସୁପ୍ରସାରିତ କରିଅଛି । ଏତାଦୃଶ ପ୍ରବନ୍ଧ ଆବେଗ ପ୍ରଧାନ ନୁହେଁ; ଯୁକ୍ତି ଓ ପ୍ରଜ୍ଞା ପ୍ରଧାନ । ଏହାର ଭାଷା ସ୍ପଷ୍ଟ, ଶୈଳୀ ସ୍ୱଚ୍ଛନ୍ଦ । ଆଲଙ୍କାରିକ ବର୍ଣ୍ଣନା ବିନ୍ୟାସ ଏହାର ଦୋଷ । ବୈଜ୍ଞାନିକ ସତ୍ୟକୁ ସିଧା ସଳଖ ଭାବରେ ପାଠକମାନଙ୍କ ନିକଟରେ ପହଞ୍ଚାଇ ଦେବାର ପ୍ରଚେଷ୍ଟା ଏଥିରେ ହୋଇଥାଏ । କିନ୍ତୁ ଏକ ଅନାସକ୍ତ ବୈଜ୍ଞାନିକ ମନ ନ ହେଲେ ସତ୍ୟକୁ ଉପଲବ୍ଧି କରି ହେବ ନାହିଁ । ଏହି କାରଣରୁ ଶରତକୁମାର ମହାନ୍ତି କହନ୍ତି—

---

୧୦୩—ଡକ୍ଟର ଧନେଶ୍ୱର ମହାପାତ୍ର—ସାହିତ୍ୟତତ୍ତ୍ୱ—ନିଜକଥା-ପୃ ୨

"ବିଜ୍ଞାନ ନିରପେକ୍ଷ ଜ୍ଞାନର ଆଦର୍ଶ । ବୈଜ୍ଞାନିକ ମନ ଅନାସକ୍ତ । ଅନାସକ୍ତି ବ୍ୟତୀତ ନିରପେକ୍ଷ ଜ୍ଞାନ ଦୁର୍ଲଭ । ସଂସାର ଭିତରେ ବୁଡ଼ି ରହିଥିବା ବିଷୟାସକ୍ତ ମଣିଷ ସତ୍‌କୁ ଚିହ୍ନି ମୋକ୍ଷ ଦିଗରେ ଯିବାକୁ ଅକ୍ଷମ । ଏହା ସନାତନ ଧର୍ମର ସିଦ୍ଧାନ୍ତ । ଘଟଣାମାନଙ୍କୁ ଦୋହଡ଼ାଇ ପକାଉଥିବା ଆଜିର ବିଜ୍ଞାପନ ଓ ପ୍ରଚାରର ଯୁଗରେ ସ୍ୱଭାବତଃ ସୁଅଦ ଖୋଜୁଥିବା ମଣିଷର ମନ ନିରପେକ୍ଷ ଜ୍ଞାନ ପାଇ ନ ପାରେ । ନିଜର ସ୍ୱଭାବ, ଅଭାବ, କୁସଂସ୍କାର, ଅନ୍ଧପଣ ଓ ଜିଦ୍‌କୁ ଜୟକରି ଦୁନିଆଁର କୋଳାହଳରେ ବୁଡ଼ିଯାଇଥିବା ଘଟଣାମାନଙ୍କର ସୂକ୍ଷ୍ମ ସ୍ୱର ଶୁଣିପାରିବା ପାଇଁ ଅନାସକ୍ତ ମନ କେବଳ ସକ୍ଷମ । ଆଧୁନିକ ବିଜ୍ଞାନ ଏହି ସିଦ୍ଧାନ୍ତରେ ପହଞ୍ଚିଲାଣି ।" (୧୦୪) ଦେବକାନ୍ତ ମିଶ୍ର ମଧ୍ୟ ଅନୁରୂପ ଭାବରେ ମତ ଦେଇଛନ୍ତି—"କଳା ସଦୃଶ ବୈଜ୍ଞାନିକ ଗବେଷଣା ଅବଲମ୍ବନରେ ମନୁଷ୍ୟର ସୃଜନଶୀଳ ପ୍ରତିଭାର ପରିପ୍ରକାଶକ ଘଟେ । ସତ୍ୟାନ୍ୱେଷୀ, କଳ୍ପନାପ୍ରବଣ, ତୀକ୍ଷ୍ଣ ଅନ୍ତଃଦୃଷ୍ଟିସମ୍ପନ୍ନ ବୈଜ୍ଞାନିକ ଆତ୍ମ ଅବବୋଧ ଓ ଉଚ୍ଚ ଚିନ୍ତାଶକ୍ତି ବଳରେ ପ୍ରକୃତିର ରହସ୍ୟ ଉଦ୍‌ଘାଟନ କରନ୍ତି । ତାଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଛି ସତ୍ୟାନୁସନ୍ଧାନ । ସତ୍ୟର ପ୍ରତିଷ୍ଠାପାଇଁ ସେ ଆତ୍ମୋତ୍ସୃଷ୍ଟ ଜୀବନ ଯାପନ କରନ୍ତି ।" (୧୦୫) ବାସ୍ତବିକ ବୈଜ୍ଞାନିକ ପ୍ରବନ୍ଧରେ ମଧ୍ୟ ବିଜ୍ଞାନ ପରି ସତ୍ୟାନ୍ୱେଷୀ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ ।

ସ୍ୱାଧୀନତା ପୂର୍ବରୁ ବିଜ୍ଞାନକୁ ଅବଲମ୍ବନ କରି ପ୍ରବନ୍ଧ ଲେଖିବାର ପ୍ରବୃତ୍ତି ସେତେ ବ୍ୟାପକ ନଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଓଡ଼ିଆ ସାହିତ୍ୟରେ ଏହି ପ୍ରବୃତ୍ତି ବିଶେଷ ପ୍ରସାରିତ ହୋଇଅଛି । ମହାବିଦ୍ୟାଳୟମାନ ପ୍ରତିଷ୍ଠା ଫଳରେ ବିଜ୍ଞାନ ଶିକ୍ଷାର ସଂପ୍ରସାରଣ ଘଟିଛି । ତେଣୁ ବୈଜ୍ଞାନିକ ପ୍ରବନ୍ଧ ଲେଖିବାପାଇଁ; ବିଶେଷତଃ ବିଜ୍ଞାନ

---

୧୦୪— ଶରତ କୁମାର ମହାନ୍ତି—ବିଜ୍ଞାନ ଦୃଷ୍ଟି— ପୃ ୧୬୪

୧୦୫—ଦେବକାନ୍ତ ମିଶ୍ର—ବିଜ୍ଞାନ ଓ ବୈଜ୍ଞାନିକ-ଭୂମିକା (ii)

ଅଧ୍ୟାପକମାନେ ସଚେଷ୍ଟ ହୋଇଥିବା ଲକ୍ଷ୍ୟ କରାଯାଏ । ସ୍ୱାଧୀନତା ପୂର୍ବରୁ ଡକ୍‌ଟର ପ୍ରାଣକୃଷ୍ଣ ପରିଜା ବୈଜ୍ଞାନିକ ପ୍ରବନ୍ଧ ରଚନା କରିବା ଦିଗରେ କୃତିତ୍ୱ ଅର୍ଜନ କରିଥିଲେ । ଡଃ ବଂଶୀଧର ସାମନ୍ତରାୟଙ୍କର ମଧ୍ୟ ଏ ଦିଗରେ ଉଦ୍ୟମ ଗୌଣ ନୁହେଁ । ସ୍ୱାଧୀନତା ପରେ ଡଃ ଗୋକୁଳାନନ୍ଦ ମହାପାତ୍ର, ଡଃ ବିଦ୍ୟାଧର ପାତ୍ରୀ, ଡଃ ରାଧାନାଥ ରଥ ଡଃ ଗଦାଧର ମିଶ୍ର, ଡଃ କୁଳମଣି ସାମଲ, ଧନେଶ୍ୱର ସାମଲ, ଜଗନ୍ନାଥ ଦାସ, ମୁକୁନ୍ଦମିଶ୍ର, ନୃସିଂହଚରଣ ପଣ୍ଡା, ଶରତକୁମାର ମହାନ୍ତି ଓ ଦେବକାନ୍ତ ମିଶ୍ର ପ୍ରଭୃତିଙ୍କ ନାମ ବୈଜ୍ଞାନିକ ପ୍ରବନ୍ଧ ଲେଖକ-ଭାବେ ଉଲ୍ଲେଖଯୋଗ୍ୟ । ଶରତ କୁମାର ମହାନ୍ତି ଓ ଦେବକାନ୍ତ ମିଶ୍ର ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱକୁ ନେଇ ଲୋକପ୍ରିୟ ଶୈଳୀରେ ବହୁ ପ୍ରବନ୍ଧ ଲେଖିଅଛନ୍ତି । ଦେବକାନ୍ତ ମିଶ୍ର ବିଜ୍ଞାନ ସମ୍ମତ ଶିକ୍ଷା, ରାଜନୀତି, ସମାଜନୀତି ଓ ଅନ୍ୟାନ୍ୟ ମାନବ କଲ୍ୟାଣକାମୀ ଜ୍ଞାନର ତୁଳନାତ୍ମକ ବିଚାର କରି ବୈଜ୍ଞାନିକ ପ୍ରବନ୍ଧ ରଚନା କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଅଛନ୍ତି । ତାଙ୍କର ପ୍ରବନ୍ଧଗୁଡ଼ିକ ସ୍ପଷ୍ଟବାକ୍ ଓ ତାଙ୍କ ପ୍ରଜ୍ଞା ଏବଂ ପ୍ରତିଭାର ଯଥାର୍ଥ ନିଦର୍ଶନ । ବିଜ୍ଞାନଶିକ୍ଷାର ବିକାଶ ସଙ୍ଗେ ସଙ୍ଗେ ବିଜ୍ଞାନଧର୍ମୀ ପ୍ରବନ୍ଧ ରଚନାର ପ୍ରବୃତ୍ତି ବିକାଶ ଲାଭ କରିଅଛି ।

ବୈଜ୍ଞାନିକପ୍ରବନ୍ଧ ସହିତ ଯୁଦ୍ଧପରବର୍ତ୍ତୀ କାଳରେ ଐତିହାସିକ, ପ୍ରତ୍ନତାତ୍ତ୍ୱିକ, ଶିଳ୍ପ-କଳାସମ୍ପର୍କିତ ତଥା ଦର୍ଶନ, ଅର୍ଥନୀତି ଓ ରାଜନୀତି ସମ୍ପର୍କିତ ବହୁପ୍ରବନ୍ଧ ରଚନା କରାଯାଇ ଓଡ଼ିଆ ପ୍ରବନ୍ଧର ଦିଗ୍‌ବଳୟକୁ ସମ୍ପ୍ରସାରିତ କରିଅଛି । ଐତିହାସିକ ପ୍ରବନ୍ଧ ରଚନା କ୍ଷେତ୍ରରେ କେଦାରନାଥ ମହାପାତ୍ର, ଶିବପ୍ରସାଦ ଦାସ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମନ୍ମଥନାଥ ଦାସ, ନବୀନକୁମାର ସାହୁ, ପରମାନନ୍ଦ ଆଚାର୍ଯ୍ୟ, ସୁଧାକର ପଟ୍ଟନାୟକ, ବିନାୟକ ମିଶ୍ର, ରାଧାଚରଣ ପଣ୍ଡା, ହରେକୃଷ୍ଣ ମହତାବ, ସତ୍ୟନାରାୟଣ ରାଜଗୁରୁ, ସୂର୍ଯ୍ୟନାରାୟଣ ଦାସ, ଭବାନୀ ଚରଣ ରାୟ, ପ୍ରଭାତକୁମାର ମୁଖାର୍ଜୀ ପ୍ରମୁଖ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ ପ୍ରବନ୍ଧମାନ ଲେଖିଅଛନ୍ତି । ଐତିହାସିକର ସ୍ୱରୂପ ସମ୍ପର୍କରେ ଡକ୍‌ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି—"ଶିଶୁସୁଲଭ ବିଶ୍ୱାସପରାୟଣତା

ଐତିହାସିକର ସୁଲକ୍ଷଣ ନୁହେଁ; ଐତିହାସିକ ଖୁଇଦା ବିଷୟର୍ଗ ବିଶେଷଣ ବୁଦ୍ଧି ଜୀବୀପର ଜଣେ ତାର୍କିକ ଜୀବ ।” (୧୦୭) ତେଣୁ ଯେକୌଣସି ବିଷୟକୁ ସରଳ ଭାବରେ ବିଶ୍ବାସ ନକରି ତାକୁ ଐତିହାସିକ ପ୍ରଜ୍ଞା ଓ ପରୀକ୍ଷା ଦ୍ୱାରା ନିର୍ଣ୍ଣୟ କରିବାକୁ ଚେଷ୍ଟାଇଥାଏ । ଅଥଚ ସ୍ୱାଧୀନତା ପରବର୍ତ୍ତୀ କାଳରେ ଏଦିଗରେ ଆନ୍ତରିକତା ପରିଲକ୍ଷିତ ହୁଏନାହିଁ । ଡକ୍ଟର ପାଣିଗ୍ରାହୀ ଏସମ୍ପର୍କରେ କହନ୍ତି—“ମୋ ସମୟର ଓଡ଼ିଶାର ରାଜନୀତି କ୍ଷେତ୍ରରେ ସ୍ୱାର୍ଥତ୍ୟାଗର ଯେପରି ସୁମହତ୍ ଆଦର୍ଶ ନାହିଁ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ସେହିପରି ସ୍ୱାର୍ଥତ୍ୟାଗ ବା ସାଧନାର ସୁମହତ୍ ଆଦର୍ଶ ନାହିଁ ।” (୧୦୮)

ଶିଳ୍ପକଳା ସମ୍ପର୍କରେ ଛକଡ଼ି ମହାନ୍ତି, ରାଧାଚରଣ ପଣ୍ଡା, ଜେରାଲକାନ୍ତିନଗୋ, ବିନୋଦ ରାଉତରାୟ, ଦୀନନାଥ ପାଠୀ, ବେଣୁଧର ରାଉତ, ଚର୍ମ୍ମଚରଣ ଦାସ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ସେହିପରି ଅର୍ଥନୀତି ବିଷୟକୁ ନେଇ ଡକ୍ଟର ସଦାଶିବ ମିଶ୍ର; ଡକ୍ଟର ବୈଦ୍ୟନାଥ ମିଶ୍ର, ଧରଣୀଧର ପାଣିଗ୍ରାହୀ ବୈଷ୍ଣବଚରଣ ପଟ୍ଟନାୟକ, ରାଜନୀତି ବିଷୟକୁ ନେଇ ଡକ୍ଟର ଶ୍ରୀରାମଚନ୍ଦ୍ର ଦାସ, ଡକ୍ଟର ହରେକୃଷ୍ଣ ମହତାବ, ରାଧାନାଥ ରଥ, ମନୋବିଜ୍ଞାନକୁ ନେଇ ଡକ୍ଟର ରାଧାନାଥ ରଥ, ଚିନ୍ତାମଣି ମିଶ୍ର, ଦର୍ଶନକୁ ନେଇ ଡକ୍ଟର ଗୌରାଙ୍ଗ ଚରଣ ନାୟକ, ଡକ୍ଟର କୃଷ୍ଣପ୍ରସାଦ ମିଶ୍ର ଡକ୍ଟର ଗଙ୍ଗାଧର ମିଶ୍ର, ପ୍ରିୟବ୍ରତ ଦାସ ପ୍ରମୁଖ ଲେଖକଗଣ ପ୍ରବନ୍ଧମାନ ରଚନା କରୁଅଛନ୍ତି । ଏହି ସମସ୍ତ ପ୍ରବନ୍ଧ ଗୁଡ଼ିକରୁ ଲେଖକ ମାନଙ୍କର ଅନ୍ତର୍ଦୃଷ୍ଟିର ପରିଚୟ ଦେଖିବାକୁ ମିଳିଥାଏ । ଜ୍ଞାନ ରାଜ୍ୟର ସୁବିସ୍ତୃତ ସୀମାମଧ୍ୟରେ ବହୁ ବିଭାଗପ୍ରତି ଆଜିର ଲେଖକ ଦୃଷ୍ଟିପାତ କରୁଅଛି । ସେହି ସେହି ବିଷୟକୁ ସେ ଲୋକପ୍ରିୟ ଶୈଳୀରେ ପ୍ରକାଶ

---

୧୦୭—ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ—ମୋ ସମୟର ଓଡ଼ିଶା—ପୃ ୧୪୫

୧୦୮—ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ—ମୋ ସମୟର ଓଡ଼ିଆ—ପୃ ୧୬୭

କରି ଜନ କଲ୍ୟାଣରେ ସାହାଯ୍ୟ କରୁଅଛନ୍ତି । ଏପରି ପ୍ରବନ୍ଧ ଆବେଗ ଧର୍ମୀ ନୁହେଁ ମାତ୍ର ଲୋକପ୍ରିୟ ଶୈଳୀରେ ରଚିତ ଯୁକ୍ତି ଓ ପ୍ରଜ୍ଞାଦୀପ୍ତ ରଚନା ।

## ଓଡ଼ିଆ ନାଟକର ଗଦ୍ୟଶୈଳୀ !

ନାଟକ ଏକ ସ୍ୱତନ୍ତ୍ର କଳା-କର୍ମ ହେଲେହେଁ ଏଥିରେ ମଧ୍ୟ ଗଦ୍ୟର ବ୍ୟବହାର କରାଯାଇଥାଏ । ଚରିତ୍ରମାନଙ୍କର ସଂଳାପରେ ଗଦ୍ୟ ପ୍ରୟୋଗ ହୋଇଥାଏ । ଏହି ସଂଳାପଗତ ଗଦ୍ୟ ଯେତିକି କଥ୍ୟଧର୍ମୀ ଓ ବାସ୍ତବ ହୁଏ ସେତିକି ନାଟକ ସଫଳ ହୋଇଥାଏ । ଅଯଥା ଏହି ସଂଳାପକୁ ଦୀର୍ଘ ଏବଂ ପ୍ରବନ୍ଧଧର୍ମୀ କରିଦେଲେ ତାର କଳାଗତ ମୂଲ୍ୟହ୍ରାସପାଏ । ଓଡ଼ିଆ ନାଟକର ଗଦ୍ୟଶୈଳୀର କ୍ରମ ବିବର୍ତ୍ତନ 'ବାବାଜୀ' (୧୮୭୬)ରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଚାଲିଅଛି । 'ବାବାଜୀ' ନାଟକରୁ ଗଦ୍ୟଶୈଳୀ ପ୍ରସଙ୍ଗରେ ପୂଜାରି ସଂଳାପରୁ ଗୋଟିଏ ଦୃଷ୍ଟାନ୍ତ ପ୍ରଦାନ କରାଯାଉଛି—

" ଟିକିଏ ଚେର ଓ ନଖକୁ ବାଳରେ ଗୁଡ଼େଇ ଦୁବରୁ ପାଟି ମଧ୍ୟରେ ଯାକି ରଖେଁ । କିଛି ପୂଜା କରି ରୋଗୀ ପେଟରେ ଟଣ୍ଡ ନଳଟିଏ ବସେଇ ମାଡ଼ି ଦେଉଁ ଓ ନଳ ଉଠେଇ ହଠାତ୍ ଫୁଙ୍କି ଦେଉଁ, ଫୁଙ୍କ ସହିତ ସେ କୃତ୍ରିମ ଔଷଧ ନଳ ମଧ୍ୟରେ ଯାଇ ତଳେ ପଡ଼େ । ଲୋକେ ବୁଝନ୍ତି ମନ୍ତ୍ରବଳରେ ଔଷଧ ପେଟରୁ ବାହାରିପଡ଼ିଲା । କେଉଁ କେଉଁ ସ୍ଥଳେ କେବଳ ପୂଜା କରୁଁ, ଏଣେ ବଦ୍ୟଚିକିତ୍ସା ମଧ୍ୟ ହେଉଥାଏ । ଦୈବାତ୍ କେହି କେହି ଭଲ ହେଲେ ଗୁଣିଆର ନାମ ହୁଏ । ମାତ୍ର କେବଳ ଗୁଣି ଉପରେ ନିର୍ଭରକରି ଅନେକ ଲୋକ ମରି ପଡ଼ନ୍ତି । କିନ୍ତୁ ଜଣେ ବାବୁଙ୍କୁ ମୁଁ ଭଲକରିଚି । ତାଙ୍କୁ ଜ୍ୱର ବେଗରେ ବଇଦ ଅତି ଗରମ ଔଷଧ ଦେଇଥିବାରୁ ଜ୍ୱର ଊଣା ହେଲା ମାତ୍ର ଗରମ ଯୋଗେ ଅରୁଚି, କଣ୍ଠ, ଶୁଷ୍କ । ଦେହର ଦାହ ଇତ୍ୟାଦିରେ ବାବୁ ଶଯ୍ୟାଗତ ହେଲେ । ବଇଦର ବୁଦ୍ଧି ବଣା ହେଲା । ସେ କହିଲା ନାଡ଼ିରେ ଜର ନାହିଁ, ଏସବୁ କମିଆଉ ପ୍ରିସାଦ । ତହୁଁ ବାବୁ ମୋତେ ଡ଼ାକିଲେ । ମୁଁ ଗରମ କଥା ବୁଝି ପାରିଲି ମାତ୍ର ତାହା ପ୍ରକାଶ

ନକର ବାବୁଙ୍କୁ କାର୍ଡପାଣି ପିଆଇଲ । ମନ୍ଦ୍ରାହଳଘ ଲଗାଇବାକୁ ଦେଲି ଓ ଚନ୍ଦ୍ରାକଳଶ ଜଳରେ ସ୍ନାନ କରାଇଲ । ଏହି ଶୀତଳ ଉପଚାରରେ ବାବୁ ଭଲ ହେଲେ । × × × ।”

—ବାବାଜୀ—୪ର୍ଥ ଅଙ୍କ—

ଏହି ଗଦ୍ୟଶୈଳୀରେ ବଂଗଳା ଭାଷାର ସାମାନ୍ୟ ପ୍ରଭାବ ପଡ଼ିଥିଲେ ମଧ୍ୟ କଥିତ ଓଡ଼ିଆ ଗଦ୍ୟର ଏହା ମନୋଜ୍ଞ ପ୍ରକାଶ । ରାମଶଙ୍କରରାୟ ତାଙ୍କର ନାଟକ ଗୁଡ଼ିକରେ ସ୍ୱଚ୍ଛ ଭାବପ୍ରକାଶ ସାହିତ୍ୟିକ ଗଦ୍ୟକୁ ବ୍ୟବହାର କରି ଅଛନ୍ତି । ନାଟକ ରଚନା କଲା ପୂର୍ବରୁ ସେ ଭାବୁଥିଲେ— “ଯେଉଁ ଭାଷାର କବିତାକୁ ଦୀନକୃଷ୍ଣ ଦାସ ଓ ଅଭିମନ୍ୟୁ ସାମନ୍ତ ସିଂହାର ଏତେ କୋମଳ କରିଛନ୍ତି ଯେ, ତାହା ଇଉରୋପୀୟ ଭାଷା ସହିତ ତୁଳେ, ସେ ଭାଷାରେ ନିଶ୍ଚୟ ନାଟକ ହୋଇ ପାରିବ” । (୧୦୮) ଯଦିଓ ସେ ଓଡ଼ିଆ ଭାଷାପ୍ରତି ଗଭୀର ମମତା ଦେଖାଇ ନାଟକ ରଚନା କରିଥିଲେ ତଥାପି ପାଶ୍ଚାତ୍ୟ ଶିକ୍ଷା ଓ ବଙ୍ଗ-ନାଟକର ଅନୁଶୀଳନ ଫଳରେ ତାଙ୍କର ନାଟକଗୁଡ଼ିକରେ ଇଂରାଜୀ ଓ ବଂଗଳା ଗଦ୍ୟଶୈଳୀର ପ୍ରଭାବ ସ୍ପଷ୍ଟ ଅନୁଭୂତ ହୋଇଥାଏ । କଥିତ ବାସ୍ତବଧର୍ମୀ ସଂଳାପରୁ ଏହା ଦୂରବର୍ତ୍ତୀ । ଦୁଇଟି ସଂଳାପ ନମୁନାରେ ପ୍ରଦାନ କରାଯାଉଛି;

“ନଟ—ବିଜ୍ଞବର ! ଆପଣ କହୁଥିଲ ସତ୍ୟ, ମାତ୍ର ତାହା ଓଡ଼ିଆରେ ପ୍ରଥମ ନାଟକ । ଓଡ଼ିଆ ଭାଷା ଏ ପର୍ଯ୍ୟନ୍ତ ସୁଦ୍ଧା ନାଟକୋଚିତ ରୂପେ ମାର୍ଜିତ ହୋଇଛି କି ନା ତାହା ଜଣା ନାହିଁ । ତୁମ୍ଭେ ଏତେ ଶୀଘ୍ର ସେ ନାଟକର ଅଭିନୟ ଦେଖାଇବାକୁ କିପରି ସାହସ କଲ ?

---

୧୦୮—ରାମଶଙ୍କରରାୟ—ମୁକୁର, ୯ମଭାଗ/ ୧୦ମ ସଂଖ୍ୟା

ସୂର୍ଯ୍ୟ—କଣ କି ? ସେପରି ଉକ୍ତି କରନ୍ତୁ ନାହିଁ । ଭାଷା ଖାଇଲେ ସବୁ ସଜାଡ଼ ହୋଇଯାଏ, ଲୁହାର ଡାରରୁ ମଧ୍ୟ ସୁସ୍ୱର ବାହାରେ । ନାଟକ ସଙ୍ଗରେ ଭାବର ସମ୍ପର୍କ ଅଛି, ଭାବହିଁ ସାର; ଯେବେ ଓଡ଼ିଆମାନଙ୍କର ଭାବନା ଶକ୍ତି ଅଛି, ତେବେ ଭାଷା ନ ମିଳିବ କାହିଁକି ?''

—କାଞ୍ଚିକାବେରୀ-ପ୍ରସ୍ତାବନା—

ଏହି ନାଟକୀୟ ସଂଳାପଗୁଡ଼ିକର ଗଦ୍ୟ ଶୈଳୀ ଆଧୁନିକ ଓଡ଼ିଆ ଗଦ୍ୟ ଧାରାର ପ୍ରାରମ୍ଭିକ ରୂପର ନିଦର୍ଶନ । ଏଥିରେ ବଙ୍ଗଳା ଭାଷା ଓ ଶୈଳୀ ସହିତ ଇଂରାଜୀ ଗଦ୍ୟ ଶୈଳୀର ପ୍ରଭାବ ପଡ଼ିଥିବା ଦେଖାଯାଏ । ଭିକାରୀ ଚରଣ, କାମପାଳ ମିଶ୍ର; ବାଳକୃଷ୍ଣ ମହାନ୍ତି ପ୍ରମୁଖଙ୍କ ନାଟକର ଗଦ୍ୟଶୈଳୀ ଅପେକ୍ଷାକୃତ ସରଳ ହୋଇଥିଲାବେଳେ ହରିହର ରଥ, ଗୋପବନ୍ଧୁ ଦେବ, ପଦ୍ମନାଭ ନାରାୟଣ ଦେବ, ରାଧାମୋହନ ରାଜେନ୍ଦ୍ର ଦେବ, ଚନ୍ଦ୍ରଶେଖର ପାଣି, ଘନଶ୍ୟାମ ମିଶ୍ର କବିଭୂଷଣ, ଧର୍ମାନନ୍ଦ ତ୍ରିପାଠୀ, ଗୋଦାବରୀଶ ମିଶ୍ର ପ୍ରଭୃତି ଏହି ଆଦ୍ୟ ଯୁଗର ନାଟ୍ୟକାରଙ୍କ ନାଟକୀୟ ସଂଳାପରେ ସଂସ୍କୃତ ଭାଷାର ପ୍ରଭାବ ପଡ଼ିଥିବା ଦେଖାଯାଏ ।

ଓଡ଼ିଆ ନାଟକର ପ୍ରଥମ ପର୍ବରେ ଅର୍ଥାତ ୧୯୨୦ ମସିହା ପର୍ଯ୍ୟନ୍ତ ଯେଉଁ ସଂଳାପ ବ୍ୟବହୃତ ହୋଇଅଛି ତାହା ଅନେକ ସମୟରେ ସଂସ୍କୃତ ଗଦ୍ୟଧର୍ମୀ ହୋଇଥିବା ଲକ୍ଷ୍ୟ କରାଯାଏ । ଗୋଦାବରୀଶ ମିଶ୍ରଙ୍କର ନାଟକର ସଂଳାପ ସଂସ୍କୃତି ଗଦ୍ୟଧର୍ମୀ । "ମୁକୁନ୍ଦଦେବ' ନାଟକରୁ ମୁକୁନ୍ଦଦେବଙ୍କର ଗୋଟିଏ ସଂଳାପ ନିମ୍ନରେ ପ୍ରଦତ୍ତ,

"ଚତୁର୍ଦ୍ଦିଗରେ ବିଜୟର ରୋଳ ଶୁଣି ଆସୁଅଛି; କିନ୍ତୁ ଏ ଯେପରି ଏହି ରକ୍ତାକ୍ତ, ମୃତ୍ୟୁ ଶଯ୍ୟାରେ ନିପତିତ ସୈନ୍ୟମାନଙ୍କର ମୁମୂର୍ଷୁ ବାଣୀ । ଯୁଦ୍ଧଭୂମିରେ ତ କେତେଥର ଜୟ ଧ୍ୱନି ଶୁଣିଛି ।

ସେଥିରେ ବେଳେ ବେଳେ ପ୍ରାଣରେ ରୋମାଞ୍ଚ ହୋଇଅଛି, ହୃଦୟରେ ଆନନ୍ଦର ଅପୂର୍ବ ସ୍ରୋତ ବହି ଆସିଛି । ଆଜ କିନ୍ତୁ ସେହି ହୃଦୟ ଫାଟି ଯାଉଅଛି । ମା' ଉତ୍କଳ ଭୂମି ସନ୍ତାନରକ୍ତରେ ବକ୍ଷ ବିଧୌତ କରୁଅଛନ୍ତି; ଅପତ୍ୟ ଶବରାଶିରେ ନିଜର ସ୍ନେହମୟ କୋଳପୂର୍ଣ୍ଣ କରୁଅଛନ୍ତି । କି ବୀଭତ୍ସ ମୂର୍ତ୍ତି ! କି ଭୀଷଣ ପରିପାଟୀ ! ଦେଖିଲେ ଦୁଃଖ ଯେପରି ହୁଏ, ଘୃଣା ମଧ୍ୟ ସେହିପରି । ଏହାଇ ବିଜୟ ! ଜଗତରେ ଏଥିପାଇଁ ଲୋକେ ବ୍ୟାକୁଳ, ଉନ୍ମତ୍ତ, ଉଦ୍‌ବ୍ୟଗ୍ର ! ଧନ୍ୟ ମାନବ ପ୍ରାଣର ଦୁର୍ବହ ଲାଳସା ! ଅପତ୍ୟ ସ୍ନେହରେ ପ୍ରତିପାଳିତ ହେବାର ପ୍ରଜାଗଣ ମୋର ଦେଶର ଜୀବନର ସକଳ ସୁଖ-ଦୁଃଖ ଆକାଂକ୍ଷା-ଅଭିଳାଷ ପାସୋରି ଦେଇ ଅନ୍ତିମ ଭୂମି ଶଯ୍ୟାରେ ଶୋଇଅଛି । ଆଜ ତୁମ୍ଭମାନଙ୍କ ଶବରାଶି ଉପରେ ପାଦଦେଇ ମୁଁ ଚାଲି ଆସୁଅଛି । × × × ।''

'ମୁକୁନ୍ଦଦେବ'—ତୃତୀୟ ଅଙ୍କ

ଏପରି ଗଦ୍ୟଶୈଳୀ ସଂସ୍କୃତାଶ୍ରିତ । ପରବର୍ତ୍ତୀ କାଳରେ ନାଟ୍ୟକାର ଅଶ୍ୱିନୀକୁମାର ଘୋଷ ଓଡ଼ିଆ ନାଟକର ଗଦ୍ୟଶୈଳୀରେ ପରିବର୍ତ୍ତନ ଆଣିଲେ ମଧ୍ୟ ସେଥିରେ ବଙ୍ଗଳା ଭାଷାର ପ୍ରଭାବ ସୁସ୍ପଷ୍ଟ । ତଥାପି ସେ ମାର୍ଜିତ ସରଳ କଥିତ ଓଡ଼ିଆ ଗଦ୍ୟକୁ ନାଟକରେ ବ୍ୟବହାର କରିଅଛନ୍ତି । ତାଙ୍କର ଗଦ୍ୟଶୈଳୀ ଆବେଗଧର୍ମୀ । 'କୋଣାର୍କ' ନାଟକର ନରସିଂହ ଦେବଙ୍କର ଗୋଟିଏ ସଂଳାପରୁ ଏହା ପ୍ରମାଣିତ ହେବ;

''ପାଗଳ—ପାଗଳ ଏହି ମାନବଜାତି—ଠିକ ବଣୁପଶୁ ପାଗଳ, ମୋର ପର ଗର୍ବୀ, ଏହି ମା'ମାନଙ୍କ ପରି ଅନ୍ଧ—ଉଦ୍ୟତ ଆଜ ବାନ୍ଧି ରଖିବାକୁ—ଚୂର୍ଣ୍ଣ କରିବାକୁ ସଂପୂର୍ଣ୍ଣ ଲୁପ୍ତ କରିବାକୁ ଗୋଟାଏ ବିରାଟ କ୍ଷମତା, ସାମାନ୍ୟ ରକ୍ତମାଂସ ଜ୍ଞାନରେ । ଏ'ସେ ପ୍ରକୃତି—ପୁରୁଷର ଲୀଳା—ବାଳକ-ବାଳିକାର ଅଭିନୟ କ୍ଷଣକାଳ ପାଇଁ ମର୍ତ୍ତ୍ୟଧାମେ ସିନା ! ମା, ମା—ମାତୃଗଣ !—ଏ' ନୁହେଁ ତବ ସାମାନ୍ୟ ଶିଶୁର ଖେଳା, ଗାଉଛି ପ୍ରକୃତି ସୁଲଳିତ ସ୍ୱରେ, ଗର୍ଜୁଛି ପୁରୁଷ ସେହି

ଭାଳେ ତାଳେ, ବିଶ୍ୱ-ବକ୍ଷେ ନର୍ତ୍ତିତ ଚାହାଣ—ପ୍ରକୃତିର ଛବି-ମାନସୀ ପ୍ରତିମା ତା'ର—ଏଣୁ ଶୂନ୍ୟ—ମହା ଶୂନ୍ୟ—କୁଞ୍ଜବନ ଦିବ୍ୟ—ନୃତ୍ୟ ଲୀଳା ସ୍ଥଳୀ !"

'କୋଣାର୍କ'—ତୃତୀୟ ଅଙ୍କ

ଓଡ଼ିଆ ନାଟକର ସଂଳାପରୁ ଇଂରାଜୀ-ବଙ୍ଗଳା-ସଂସ୍କୃତ ଗଦ୍ୟ ଶୈଳୀକୁ ପରିହାର କରି କାଳୀଚରଣ ପଟ୍ଟନାୟକ ୧୯୩୯ ମସିହା ପରେ ବାସ୍ତବ ଧର୍ମୀ ଗଦ୍ୟଶୈଳୀ ବ୍ୟବହାର କଲେ । ପୂର୍ବରୁ ପୌରାଣିକ ନାଟକରେ ଗଦ୍ୟଶୈଳୀ ଥିଲା ଆବେଗ ଓ ଅମିତ୍ରାକ୍ଷର ଛନ୍ଦଧର୍ମୀ । ଅବଶ୍ୟ ଅନେକ ସ୍ଥଳରେ କଥିତ ଗଦ୍ୟଶୈଳୀ ବ୍ୟବହୃତ ହୋଇଥିବା ଲକ୍ଷ୍ୟ କରାଯାଏ । ଐତିହାସିକ ନାଟକର ଗଦ୍ୟଶୈଳୀ ଗୁରୁଗମ୍ଭୀର । ଏହି ଗୁରୁଗମ୍ଭୀର ଶୈଳୀ ଗୋଦାବରୀଶଙ୍କ ନାଟକରେ ଦେଖିବାକୁ ମିଳେ । ମାତ୍ର ପରେ ମନୋରଞ୍ଜନ ଦାସଙ୍କ 'ବକ୍ସି ଜଗବନ୍ଧୁ' ନାଟକରେ ଏହି ଶୈଳୀ ଏକ ଅଭିଜାତ ରୂପ ନେଇଅଛି । ଅବଶ୍ୟ କାଳୀଚରଣ ପଟ୍ଟନାୟକଙ୍କର 'ଅଭିଯାନ' ନାଟକରେ ଏହି ଅଭିଜାତ ଶୈଳୀ ଥିଲେହେଁ ତାହା ଆବେଗଦୀପ୍ତ । ବିଜୟଚନ୍ଦ୍ରାକ୍ଷଙ୍କର ଗୋଟିଏ ସଂଳାପ ଏ ପ୍ରସଙ୍ଗରେ ଉଦ୍ଧୃତ;—

"× × × । ଆଜିଯାଏ ଜାଣି ନଥିଲି, ଓଡ଼ିଶାର ବିଶ୍ୱବିଜୟ ମୂଳରେ କିଏ ? କାହିଁକି ଓଡ଼ିଶାର ଗଜପତି ଶତ୍ରୁମର୍ଦ୍ଦନକାରୀ ! ଓଡ଼ିଶାର ରଣ କୌଶଳ, ଓଡ଼ିଆର ସାହସ, ଧୀରତ୍ୱ, କୃତିତ୍ୱ ମୂଳରେ କି ବଳୀୟାନ ଶକ୍ତି ପଥପ୍ରଦର୍ଶକ । ଆଜି ଯୁଦ୍ଧରେ ବିରାଟ କାଞ୍ଚିସେନା ଛତ୍ରଭଙ୍ଗ ହେଉଛନ୍ତି, ଆମ୍ଭେମାନେ ଜିଣିଛୁଁ । ମନେ ହେଲା, ଓଡ଼ିଶାର ରଣ ଶିକ୍ଷା ନିକଟରେ କାଞ୍ଚି ଅଦ୍ୟାପି ଶିଶୁ ।"

'ଅଭିଯାନ'—ତୃତୀୟ ଅଙ୍କ

ଓଡ଼ିଆ ନାଟକର ଏହି କଥିତ ଗଦ୍ୟଶୈଳୀ ତଥା ଅଭିଜାତ ଗଦ୍ୟ ଶୈଳୀ ୧୯୫୦ ମସିହାପରେ ରାମଚନ୍ଦ୍ର ମିଶ୍ର, ଗୋପାଳଛୋଟରାୟ, ଭଂଜ କିଶୋର ପଟ୍ଟନାୟକ, ମନୋରଂଜନ ଦାସ, ଆନନ୍ଦଶଙ୍କର,

ଧନେଶ୍ୱର ପଟ୍ଟନାୟକ,ବ୍ୟୋମକେଶ ତ୍ରିପାଠୀ, ଯଦୁନାଥ ଦାସ ମହାପାତ୍ର, କମଳଲୋଚନ ମହାନ୍ତି, ଅଦ୍ୱୈତଚରଣ ମହାନ୍ତି, ଉଦୟନାଥ ମିଶ୍ର, ବଳରାମ ମିଶ୍ର, ବିଜୟ ମିଶ୍ର, ବିଶ୍ୱଜିତ ଦାସ, ରମେଶଚନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ, କାର୍ତ୍ତିକ ରଥ, ରତ୍ନାକର ଚଇନି, ହରମିଶ୍ର, ପ୍ରମୁଖ ନାଟ୍ୟକାରମାନେ ବ୍ୟବହାର କରିଅଛନ୍ତି । ପ୍ରଥାସିଦ୍ଧ ନାଟକ (Well-made-play)ର ଗଦ୍ୟ ସଂଳାପ ସମାଜର ବସ୍ତୁବାସ୍ତବତାକୁ ପ୍ରକାଶ କରିଥାଏ । ଅବଶ୍ୟ ଏତାଦୃଶ ସଂଳାପ ବିଶେଷ ଆଦର୍ଶ ଓ ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଦିଏ । ପାରମ୍ପରିକ (Traditional) ନାଟକରେ ଏହି ବର୍ଣ୍ଣନାଧର୍ମୀ ସଂଳାପକୁ ଚରିତ୍ର ମୁଖରେ ପ୍ରଦାନ କରାଯାଇଥାଏ । ତେଣୁ କେତେବେଳେ ଏହା ଆବେଗ ଧର୍ମୀ, କେତେବେଳେ ଯୁକ୍ତିନିଷ୍ଠ, କେତେବେଳେ ବ୍ୟଞ୍ଜନାଦ୍ୟୋତକ, କେତେବେଳେ ଉଦ୍‌ବୋଧନଧର୍ମୀ ହୋଇଥାଏ । ନିମ୍ନରେ ପ୍ରଦତ୍ତ କେତୋଟି ନାଟକୀୟ ସଂଳାପରୁ ଏହା ପ୍ରମାଣିତ ହେବ;-

ସଚେତନ—"× × × କିନ୍ତୁ କଲ୍ୟାଣୀ, ତୁମେ କଣ ଭୁଲିଗଲଣି, ସେଦିନର ସେହି କରୁଣ ଦୃଶ୍ୟ ? ଜୀବନ୍ମୃତର ନିର୍ମମ ଆଲିଙ୍ଗନରେ ମାମୁଙ୍କ ପ୍ରାଣବାୟୁ ଉଡିଗଲା । ବଡଭାଇ ଏ ନିଃସ୍ୱ ଘର ସଙ୍ଗରେ ବାନ୍ଧିଲେ ତୁମେ ଗହା । ତୁମେ ଭଲକରି ବୁଝିଲ, ଭୋଗରେ ନୁହେଁ; କାମନାରେ ନୁହେଁ; ସେବାରେ ଅଛି ଜୀବନର ମହତ୍ତ୍ୱ । ଫଳରେ ସେବା ହେଲା ଜୀବନର ଏକମାତ୍ର ଲକ୍ଷ୍ୟ । ଆଜି କାହିଁକି ସେ ଅଧାଚଲା ପଥରୁ ମୁହଁ ଫେରାଇନେଉଛ ?"

—ଆଗାମୀ— ତୃତୀୟ ଅଙ୍କ ୧ମ ଦୃଶ୍ୟ—

(ମନୋରଞ୍ଜନ ଦାସ)

ସାଉକାର—"ସେ କାଗଜ ନୁହେଁ ବାବା ! ସେଗୁଡ଼ାକ ତାଙ୍କ ବେକର ଶିକୁଳି -ଆଜି କୋର୍ଟ କଚେରୀ ଭରଣା ତାଙ୍କ ମୁହଁରେ ଭୁଣ୍ଡି-ସାଉକାର ଦୁଆରେ ସମସ୍ତେ ବନ୍ଧା ହେଇଛନ୍ତି—ହ,ହେହେହେ, କି କେସ୍ ପାଲ ପକେଇ ଦେଇଛି ସେଇଥିରେ ସନ୍ତୋଷ । ଗୋଟି

ଚଳୁଆ ପିଲ ପରି ଠେଙ୍ଗା ଟୋଇଆଡ଼େ ଦେଖାଇବ ଏ ଲୋକ ପିଆଡ଼ଙ୍କୁ ଆଡ଼େଇ ଦିବେ ।"

'ଘର ଘଉଜ'-ପ୍ରଥମଅଙ୍କ ୩ୟଦୃଶ୍ୟ
(ରାମଚନ୍ଦ୍ର ମିଶ୍ର)—

ମାଳା—"× × × × ! ମରିବାକୁ ହଜାର ଚେଷ୍ଟା କରୁଛି, କିନ୍ତୁ ପାରୁନି ! ଯେତେଥର ମରିବ ବୋଲି ଭାବୁଛି-ସେତେଥର ବଞ୍ଚିବାର ଇଚ୍ଛା ମୋର ଅଧିକରୁ ଅଧିକ ହୋଇଉଠୁଛି ! ମୁଁ ଆଜି ଭୂକମ୍ପ କରୁଛି ଦୁନିଆରେ ବଞ୍ଚିରହିବାପାଇଁ—ମୋର ଏଇ ବଞ୍ଚିରହିବାର ଲୋଭଯଦି ମତେ ମରଣ ମୁହଁକୁ ଠେଲିଦିଏ, ତା' ମୁଁ ହସି ହସି ସହିପାରିବି-କିନ୍ତୁ ବାପା ! ତମର ପାଦ ଛୁଇଁ ମୁଁ ଆଜି ନିୟମକରି ଯାଉଛି × × × ତମ ମାନ ଇଜ୍ଜତକୁ ମୁଁ କେବେବେଳେ ତଳେ ପକେଇବି ନାହିଁ ! ତମର ମାଳାକୁ ତ ତମେ ଜାଣ ବାପା ! ସେ ଅଲକ୍ଷ୍ମୀ ହୋଇପାରେ, କିନ୍ତୁ ଅସତୀ ନୁହେଁ, ସେ ଭାଗ୍ୟହୀନା ହୋଇପାରେ, ଚରିତ୍ରହୀନା ନୁହେଁ···"

'ଭରସା'— ପ୍ରଥମଅଙ୍କ ୫ମଦୃଶ୍ୟ—
(ଗୋପାଳ ଛୋଟରାୟ)

ପାରଂପାରିକ ନାଟକ ବା ପ୍ରଥାସିଦ୍ଧ ନାଟକର ସଂଳାପର ଭାଷା ଓ ଶୈଳୀ ସମ୍ପର୍କରେ ଏହି କେତୋଟି ଉଦାହରଣରୁ ଜଣାଯାଏ । ଏତାଦୃଶ ନାଟକୀୟ ସଂଳାପର ଭାଷା ଓ ଶୈଳୀ ବର୍ଣ୍ଣନାଧର୍ମୀ । ୧୯୬୦ ମସିହା ପରବର୍ତ୍ତୀ ସମୟରୁ ଓଡ଼ିଆ ନାଟକରେ ପରିବର୍ତ୍ତନ ଦେଖା ଦେଇଛି । ମନୋରଂଜନ ଦାସଙ୍କର 'ସାଗରମନ୍ଥନ' ଜେ.ବି. ପ୍ରିଷ୍ଟଲିଙ୍କର "An Inspector Calls" ନାଟକର ଅବଲମ୍ବନରେ ରଚିତ ହୋଇଥିଲେ ମଧ୍ୟ ଏହାର ନାଟକୀୟ ସଂଳାପର ଭାଷାପ୍ରୟୋଗ ଓ ଶୈଳୀ ବିନ୍ୟାସ ପାରଂପରିକ ନାଟକର ଭାଷା ଓ ଶୈଳୀରୁ ସ୍ୱତନ୍ତ୍ର । ପରବର୍ତ୍ତୀ କାଳରେ ରଚିତ ତାଙ୍କର 'ଅରଣ୍ୟଫସଲ', 'ବନହଂସୀ',

'କାଠ ଘୋଡ଼ା', 'ଶବ୍ଦଲିପି', 'ଅମୃତସ୍ୟପୁତ୍ରଃ', 'ଊର୍ମି' 'କ୍ଳାନ୍ତ ପ୍ରଜାପତି' ପ୍ରଭୃତି ନାଟକଗୁଡ଼ିକର ଭାଷା ଓ ସଂଳାପ ଆଉ ପ୍ରଥାସିଦ୍ଧ ନାଟକର ଭାଷା ଓ ଶୈଳୀପରି ନୁହେଁ । ଏହି ଭାଷା ଅବଚେତନମନର ଭାଷା । ଏହି ସଂଳାପ ଅବଚେତନ ମନର ସଂଳାପ । ତେଣୁ ଏହା ସଂକ୍ଷିପ୍ତ । ବେଳେବେଳେ ଅସଂଲଗ୍ନ ଓ ପ୍ରଶ୍ନାତ୍ମକଧର୍ମୀ ବା ଉତ୍ତରଧର୍ମୀ । ନିମ୍ନ ଉଦାହରଣରୁ ଏହା ସ୍ପଷ୍ଟହେବ;

ଶିପ୍ରା : ଦେହରେ ଘୋଡ଼ାର ଖୁରୁକ…
ଅରୁଣ : ସବୁବେଳେ……
ଶିପ୍ରା : ସବୁବେଳେ…
ଅରୁଣ : ସବୁସମୟରେ…
ଶିପ୍ରା : ଦେହରେ… ।
ଅରୁଣ : ମନରେ…
ଶିପ୍ରା : ହଁ ମନରେ… ।
ଅରୁଣ : ଦେହରେ… ।
ଶିପ୍ରା : ଏକା ପ୍ରହାର… ।
ଅରୁଣ : ଏକା ଯନ୍ତ୍ରଣା… ।
ଶିପ୍ରା : ଦେହ ଆଉମନ…
ଅରୁଣ : ମନ ଆଉଦେହ…
ଶିପ୍ରା : ଏକା… ।
ଅରୁଣ : ହଁ ଏକା… ।
ଶିପ୍ରା : ଟିକେ ମୁକ୍ତି… ।
ଅରୁଣ : ଟିକେ ସ୍ୱାଧୀନତା… ।
ଶିପ୍ରା : ଟିକେ ସୁବିଧା…
ଅରୁଣ : ଟିକେ ସୁଯୋଗ… ।

'କାଠଘୋଡ଼ା'—ମନୋରଂଜନ ଦାସ

"ସୁରେନ୍ଦ୍ର— ଆଲୁଅଟା ନେଇଆସ, ଅଜନ୍ତା !
ମୁଁ ସନ୍ଧାନ ପାଇଯାଇଛି ।

ଅଜନ୍ତା— ନା—(ଚିତ୍କାର)
(× × × × × ×)

କରୁଣା— ଆପଣ ସବୁ ଜାଣିଥିଲେ,
ଆପଣ ଜାଣିଥିଲେ ସୁର କ'ଣ କରୁଛି,
କୋଉଠି ଅଛି,
କ'ଣ ଖୋଜୁଛି ।
କିନ୍ତୁ ଆମକୁ ଆପଣ ଲୁଚେଇଥିଲେ,
କାହିଁକି; କୁହନ୍ତୁ ?

ନରେନ୍ଦ୍ର— ସୁରବାବୁ ସାଙ୍ଗରେ ତୁମର ଗୋପନୀୟ
agreement କିଛି ହୋଇଛି ?

ଅଜନ୍ତା— ମୁଁ କିଛି ଜାଣେନା— ।"

'ଶବବାହକ ମାନେ'—ବିଜୟ ମିଶ୍ର ।

ପ୍ରଥାସିଦ୍ଧ ବା ପାରଂପରିକ ନାଟକର ସଂଳାପରେ ଯେଉଁ ବର୍ଣ୍ଣନାଧର୍ମୀ ଗଦ୍ୟଶୈଳୀ ବ୍ୟବହୃତ ହୋଇ ଦର୍ଶକର ଚିତ୍ତବୃତ୍ତିରେ ଉତ୍ତେଜନା ସୃଷ୍ଟି କରୁଥିଲା ତାହା ଏହି ନୂତନ ନାଟକଗୁଡ଼ିକରେ ନାହିଁ । ଏହି ନୂତନ ନାଟକକୁ ଆବସାର୍ଡ ନାଟକ କୁହାଯାଇଥାଏ । ଏଥିରେ ଆଉ ବହିଃଜଗତର ଭାଷା ନାହିଁ ; ଅଛି ଅନ୍ତଃଜଗତର ଭାଷା । ଓଡ଼ିଆ ନାଟ୍ୟ ସାହିତ୍ୟରେ ସଂପ୍ରତି ଏତାଦୃଶ ଗଦ୍ୟ ସଂଳାପ ବ୍ୟବହୃତ ହେଉଅଛି । ଏ ଦିଗରେ ମନୋରଂଜନ ଦାସ ଯେଉଁ ଉଦ୍ୟମ କରିଥିଲେ ପରେ ବିଜୟ ମିଶ୍ର, ରମେଶଚନ୍ଦ୍ର ପାଣିଗ୍ରାହୀ, ରତ୍ନାକର ଚଇନି, କାର୍ତ୍ତିକ ରଥ, ହରି ମିଶ୍ର ପ୍ରମୁଖ ଲେଖକମାନେ ସେହିଧାରାରେ ନାନା ପରୀକ୍ଷା ନିରୀକ୍ଷା କରୁଅଛନ୍ତି । ବାସ୍ତବରେ ଓଡ଼ିଆ ନାଟକର ଗଦ୍ୟଶୈଳୀରେ କାଳୀଚରଣହିଁ ସର୍ବପ୍ରଥମେ ଆଧୁନିକ ରୁଚିବୋଧକୁ ପ୍ରକାଶ କରିଥିଲେ ।

ତାଙ୍କର ନାଟକାବଳୀ ପାରମ୍ପରିକ ନାଟକ ହେଲେହେଁ ସେଥିରେ ବାସ୍ତବଧର୍ମୀ ଗଦ୍ୟଶୈଳୀର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ । ଅବଶ୍ୟ ସେ ଯେତେବେଳେ ପୌରାଣିକ ନାଟକ ରଚନା କରିଅଛନ୍ତି ସେତେବେଳେ ସେ ଆବେଗଧର୍ମୀ ଗଦ୍ୟ ଉପରେ ଗୁରୁତ୍ୱ ଦେଇ ସୁଦୂର ଅତୀତର ଅଧ୍ୟାତ୍ମ-ଆଲୋକ-ବଳୟକୁ ଉଦ୍‌ଭାସିତ କରିବାକୁ ଉଦ୍ୟମ କରିଛନ୍ତି । ଯେତେବେଳେ ଐତିହାସିକ ନାଟକ ରଚନା କରିଛନ୍ତି ସେତେବେଳେ ତାଙ୍କର ଭାଷା ଓ ସଂଳାପ ଅପେକ୍ଷାକୃତ ଗୁରୁଗମ୍ଭୀର । ସାମାଜିକ ନାଟକଗୁଡ଼ିକର ଭାଷା ଓ ସଂଳାପ ଏକାନ୍ତ ବାସ୍ତବ, ଜୀବନ୍ତ ଓ ହୃଦ୍ୟ । ଠିକ୍ ଏହାପର ପରବର୍ତ୍ତୀ କାଳରେ; ଅର୍ଥାତ୍ ଷଷ୍ଠଦଶକରୁ ଅନ୍ୟାନ୍ୟ ପାରମ୍ପରିକ ନାଟକମାନଙ୍କରେ ବାସ୍ତବଧର୍ମୀ ଓ ଚରିତ୍ରା-ଭିମୁଖୀ ସଂଳାପ ଏବଂ ଭାଷା ବ୍ୟବହୃତ ହୋଇଥିବା ଦେଖାଯାଏ । ଏତାଦୃଶ ଗଦ୍ୟଶୈଳୀ ମଧ୍ୟ ଅଧୁନାତନ ପାରମ୍ପରିକ ନାଟକମାନଙ୍କରେ ବ୍ୟବହୃତ । ଅପରପକ୍ଷରେ ଯେଉଁ ଆବ୍‌ସାର୍ଡ ନାଟକ ବା ନୂତନ ନାଟକ ଲେଖାଯାଉଛି ତାର ଗଦ୍ୟଶୈଳୀ କାବ୍ୟିକ ଆବେଗ ସଂପୃକ୍ତ ମାତ୍ର ଦ୍ୱନ୍ଦ୍ୱବୋଧକ । ପ୍ରକାଶ ଭଙ୍ଗୀ ସରଳ, କଥ୍ୟଧର୍ମୀ କିନ୍ତୁ ଏହା ସମାଜର ସମତଳ ବାସ୍ତବତାର ରୂପ ଦିଏ ନାହିଁ; ଦିଏ ଅବଚେତନର ରହସ୍ୟମୟ ସାମ୍ରାଜ୍ୟର ତତ୍ତ୍ୱ । ଏହି ଗଦ୍ୟ ଶୈଳୀ ମାଧ୍ୟମରେ ମଣିଷ ବିଦ୍ରୋହକରେ, ଖୋଜେ ଆପଣାକୁ; ମଣିଷକୁ । ତେଣୁ କାର୍ତ୍ତିକଚନ୍ଦ୍ର ରଥ କହନ୍ତି—"ସବୁର ଉପରେ ମଣିଷ ସତ୍ୟର ମୂଲ୍ୟବୋଧରେ ହସୁଥିବା ଗୋଟାଏ ସବୁଜ ପୃଥିବୀର ଅନ୍ୱେଷଣପାଇଁ ପ୍ରଚଣ୍ଡ ଆକାଂକ୍ଷାଇ ହେଉଛି ଏଇ ବିଦ୍ରୋହର ଆତ୍ମା, ଅନ୍ୱେଷଣର ଏଇ ଦୁର୍ଗମ ପଥରେ ହୁଏତ ବଜ୍ର ପଡ଼ିବ, କିନ୍ତୁ ଗୋଟାଏ ନୂଆ ଜୀବନ ଜନ୍ମ ନେବ; ଅଥବା ଭୂମିକମ୍ପ ହେବ, ଅଥଚ ମୁକ୍ତି ଆସିବ; ଅନ୍ୟଥା ଅଗ୍ନ୍ୟୁତ୍ପାତ ଘଟିବ, ଅପରନ୍ତୁ ପରିତ୍ରାଣ ମିଳିବ ।" (୧୧୪) ଏହି ଅନ୍ୱେଷା ହେଉଛି ଉତ୍ତର ଷାଠିଏର ଓଡ଼ିଆ ନାଟକର ଅନ୍ତର୍ବାଣୀ । ଫଳରେ ନାଟକରୁ

---

୧୧୪—କାର୍ତ୍ତିକ ଚନ୍ଦ୍ର ରଥ—ସମୁଦ୍ରର ରଙ୍ଗ ସବୁଣା—ଆତ୍ମା/ଆତ୍ମନେପଦୀ ।

ପାରଂପରିକ ସଂଳାପ ଓ ଭାଷା ବିଦାୟ ନେଇ ତା ସ୍ଥାନରେ ଚିତ୍ରକଳ୍ପ-ଧର୍ମୀ ବା ପ୍ରତୀକ ଧର୍ମୀ ଭାଷା ଓ ସଂଳାପ ପ୍ରାଧାନ୍ୟ ଲାଭ କରୁଅଛି । ପାରଂପରିକ ନାଟକରେ ଏକ ସମୟରେ ନାଟ୍ୟକାର ଗାମ୍ଭୀର୍ଯ୍ୟପୂର୍ଣ୍ଣ, ଦାର୍ଶନିକ ତତ୍ତ୍ୱଗର୍ଭିତ ଓ ଉତ୍ତେଜନାମୟ ଭାଷା ଓ ସଂଳାପ ଯେପରି ବ୍ୟବହାର କରିଥାଏ ସେହିପରି ମଧ୍ୟ ସେ କରୁଣ ଭାବାତ୍ମକ, ହାସ୍ୟ-ରସାତ୍ମକ, ପ୍ରସାଦଗୁଣଯୁକ୍ତ ପ୍ରେମଭାବମଣ୍ଡିତ ସଂଳାପ ମଧ୍ୟ ବ୍ୟବହାର କରିଥାଏ । ଅଥଚ ଆବ୍‌ସାର୍ଡ ନାଟକରେ ବା ମନସ୍ତାତ୍ତ୍ୱିକ ନାଟକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟତଃ ଗୋଟିଏ ଧାରାରେ ଭାଷା ଓ ସଂଳାପ ବ୍ୟବହୃତ ହୋଇଥାଏ । ଓଡ଼ିଆ ନାଟକକୁ ଦୃଷ୍ଟିପାତ କଲେ ଏହାର ଯଥାର୍ଥ ନିଦର୍ଶନ ଦେଖିବାକୁ ମିଳିଥାଏ ।

## ଓଡ଼ିଆ ଗଦ୍ୟର କ୍ରମବିକାଶରେ ହାସ୍ୟରସର ଭୂମିକା :

ସାହିତ୍ୟର ବିଭିନ୍ନ ରସ ମଧ୍ୟରେ ହାସ୍ୟରସ ଏକ ବିଶେଷ ସ୍ଥାନର ଅଧିକାରୀ । ଜୀବନରେ ଯେପରି ଅଶ୍ରୁ ଅଛି, ସେହିପରି ମଧ୍ୟ ଅଛି ହସ । ଅଶ୍ରୁ ଓ ହସ ଯେପରି ହାତଧରାଧରି ହୋଇ ଚାଲିଆସିଛନ୍ତି ମଣିଷ ସୃଷ୍ଟିର ଆରମ୍ଭରୁ । ସାହିତ୍ୟରେ ଏହି ଦୁଇଟି ବିଭାବ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି । ଅଶ୍ରୁର ପ୍ରକାଶ ଆବେଗଧର୍ମୀ ଭାଷା ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶୈଳୀରେ ହୁଏ । ହାସ୍ୟର ପ୍ରକାଶ ଲଘୁ ପରିବେଶ ଓ ଭାଷା ପ୍ରୟୋଗ ମାଧ୍ୟମରେ ସମ୍ଭବ ହୁଏ । ଅଶ୍ରୁର ଭାଷା ଅଭିଜାତ ମାତ୍ର ହାସ୍ୟର ଭାଷା ଲୌକିକ । ଓଡ଼ିଆ ଗଦ୍ୟସାହିତ୍ୟର କ୍ରମ ବିବର୍ତ୍ତନରେ ହାସ୍ୟରସ କମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇନାହିଁ ।

ବ୍ରଜନାଥ ବଡ଼ଜେନାଙ୍କର 'ଚତୁର ବିନୋଦ' ଗ୍ରନ୍ଥର 'ହାସ୍ୟ ବିନୋଦ' ପ୍ରସଙ୍ଗରେ ହାସ୍ୟରସାତ୍ମକ ଗଦ୍ୟଶୈଳୀର ଆଦ୍ୟ ସଙ୍କେତ ଦେଖିବାକୁ ମିଳେ । ଏହାପରେ 'ହାସ୍ୟକଲ୍ଲୋଳ'ରେ ସେହି ଧାରାର ପରିଚୟ ନିହିତ । ବିଂଶ ଶତାବ୍ଦୀ ଆରମ୍ଭ ପର୍ଯ୍ୟନ୍ତ ଏ ଦିଗରେ ଆଉ କୌଣସି ଲେଖକ ସେପରି ଭୂମିକା ନେଲେ ନାହିଁ । ବିଂଶ ଶତାବ୍ଦୀ

ଆରମ୍ଭରୁ ଫକୀର ମୋହନ ସେନାପତି ଓ ଗୋପାଳଚନ୍ଦ୍ର ପ୍ରହରାଜ ଏ ଦିଗରେ ଯଥେଷ୍ଟ କୃତିତ୍ୱ ଦେଖାଇଅଛନ୍ତି । ସେମାନଙ୍କ ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କୃଷ୍ଣପ୍ରସାଦ ବସୁ, ରାମଚନ୍ଦ୍ର ମିଶ୍ର (ଫତୁରାନନ୍ଦ) ପ୍ରମୁଖ ଲେଖକଗଣ ହାସ୍ୟରସାତ୍ମକ ଗଦ୍ୟଧାରାରେ ବିଶେଷ କୃତିତ୍ୱ ଅର୍ଜନ କରିଅଛନ୍ତି । ସ୍ୱାଧୀନତା ପରେ ମଧ୍ୟ ଫତୁରାନନ୍ଦ ହାସ୍ୟରସାତ୍ମକ ଗଦ୍ୟ ରଚନାରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରି ରଖିଅଛନ୍ତି । ତାଙ୍କ ବ୍ୟତୀତ ଗୋଦାବରୀଶ ମହାପାତ୍ର, ସୁଶୀଲ ମିଶ୍ର, ପୁଲିନ ବିହାରୀ ରାୟ; ଚୌଧୁରୀ ହେମକାନ୍ତ ମିଶ୍ର, କୁଳମଣି ମହାପାତ୍ର, ମହାପାତ୍ର ନୀଳମଣି ସାହୁ, ଅଖିଳାନନ୍ଦ ପାଣିଗ୍ରାହୀ, ମାଧବ ଚନ୍ଦ୍ର ଶତପଥୀ, ଚନ୍ଦ୍ରମଣି ପଣ୍ଡା, ଓ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ଲେଖକମାନେ କ୍ଷୁଦ୍ର ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା କ୍ଷେତ୍ରରେ ହାସ୍ୟରସାତ୍ମକ ଗଦ୍ୟଶୈଳୀ ବ୍ୟବହାର କରୁଅଛନ୍ତି । ଏତାଦୃଶ ଗଦ୍ୟଶୈଳୀ ଲେଖକମାନଙ୍କର ହାସ୍ୟମଧୁର ବ୍ୟକ୍ତିତ୍ୱର ମନୋଜ୍ଞ ପରିପ୍ରକାଶ । ତେଣୁ ଏହାର ଭାଷା ସହଜ ଏବଂ ଶକ୍ତିପୂର୍ଣ୍ଣ, ସରଳ ଏବଂ ହାସ୍ୟୋଜ୍ଜ୍ୱଳ । ଏ ପ୍ରସଙ୍ଗରେ ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦତ୍ତ :

"ଉଠ୍ ଭାଇ ମନ୍ଥୁ ! ସାବାସ ଭାଇ ମନ୍ଥୁ ! ମେରା ଦୋସ୍ତ ମନ୍ଥାମ । ଶୁଣ ମନ୍ଥା, ଉଠ, ଉଠ । ଏଥର କେଉଁ ଶିକାରୀ ଲୀଳ ଉପରେ ? ମନ୍ଥା ! ଆଜି କା ମଜା କଥା ତବେ କଣ କହିବ ? ତୋ ସାଆନ୍ତାଣୀ ପୋଇଲିଟା ଦି ମାସ ହେଲା ଅଟକାଇଛି—ପାଟି ପଡ଼ି ଯାଇଥିଲା—ଦି ମାସ ମଜା ଦିନକେ ଫଟିତ । ଅରେ କହ ସେ ଆଜିକା କଥା ? ତା ସାଙ୍ଗରେ ତିନି ବରଷର ଦୋସ୍ତି, ପ୍ରୀତି । ସେଇ ଯେ ଗୋପାଳବାବୁ ଦୁଆରକୁ ନାଚିବାକୁ ଆସିଥିଲା ସେଇଦିନୁ ଦୋସ୍ତି । ସାବାସ ! ମଜେଦାର !"

'ପେଟେଣ୍ଟ ମେଡିସିନ'—ଫକୀରମୋହନ ସେନାପତି

"ମୀନାକ୍ଷି ! ପ୍ରାଣର ମୀନାକ୍ଷି, ହୃଦୟର ମୀନାକ୍ଷି ମୋର, ତୋପାଇଁ ମୁଁ କଣ ଦେଇ ନ ପାରେ ! ତନୁ ମନ ଜୀବନ ସବୁ ବିସର୍ଜନ

କରିପାରିବ, ମୁଁ ତୋର କ୍ଷଣିକ ତୃପ୍ତି ପାଇଁ କହ କି ଦେବି, ଅଚିରେ ଆଜ୍ଞାକର କଣ ଆଣିବ । ସ୍ୱର୍ଗରୁ ଅମୃତ, ପାତାଳରୁ ହଳାହଳ, ଦିଲ୍ଲୀରୁ ଲଡୁ, ଯାହା କହିବୁ ତାହା ।"

'ଚେନାଚୁର ପ୍ରେମ'—ଲକ୍ଷ୍ମୀକାନ୍ତ ମହାପାତ୍ର

"ନା ନା, ସେମାନଙ୍କ ବ୍ୟବହାର ଅତି ଭଲ । ମୋତେ ତ କାଲି ସୁବିଧାରେ ସେଣ୍ଟ ଲୁହାକବାଟ ଘରେ ଶୋଇବାର ବ୍ୟବସ୍ଥା କରାଇଦେଲେ । ସକାଳେ ତ ଗାଧୁଆ ପାଧୁଆ, ଖିଆପିଆରେ କିଛି ଅସୁବିଧା ହୋଇନାହିଁ । ଚିକ୍‌ସା ଉଡ଼ାବ ସେମାନେ ଦେଇ ଦେଇଛନ୍ତି । ମୁଁ ତ ସେମାନଙ୍କ ଉପରେ ଏତେ ଖୁସି ହେଲିଯେ, ସେ କଥା ଲେଖେଇ ନେଇ ଖଣ୍ଡିଏ ତାଙ୍କୁ ଦେଇ ଖଣ୍ଡିଏ ମୁଁ ନେଇଆସିଛି ।"

'ମେ ଲେ ଏ'—ଗୋଦାବରୀଶ ମହାପାତ୍ର

"ମୁଖ୍ୟମନ୍ତ୍ରୀ ପହଞ୍ଚିଲେ ମନେ ମନେ ଭାବୁଥିଲେ—ବିରୋଧୀଦଳ ଭିତରେ ପେଙ୍ଗୁ ଦାସେ ସବୁଠୁଁ ବଡ଼ କଟର୍ । ମୁହଁଟା ଯେମିତି ଖାଖା, ମିଂଜାସଟା ସେମିତି ଗରମ । ସରକାରୀ ଦଳର ନର୍ଦ୍ଦମା ଘାଣ୍ଟିବାରେ ଯଥେଷ୍ଟ ପଟୁ । ସେଇଟାକୁ କାବୁ କରିବା ସହଜ କଥା ନୁହେଁ । ଟିକେଟ କାଟିଲ ପରି ଜଣାଯାଉଛି । ନ କାଟିଥିଲେ ବି ବିନା ଟିକେଟରେ ବି ଚାଲି ଯାଉନ କାହିଁକି ? ଆଜିକାଲି ବେଗର ଟିକେଟବାଲା ତ ବେଶି ଚାଲିଗଲେ ଆମେ ଟିକଏ ନିଶ୍ୱାସ ମାରନ୍ତେ । ଆରପାଖ ଉପରେ ହଠାତ୍ ଦୃଷ୍ଟି ପଡ଼ିଗଲା । ସେ ଚମକି ପଡ଼ିଲେ । ନା- ନା-ଏ ଘର ଭିତରୁ ଟିକେଟ ନ କାଟୁ । ମୋତେ ସମସ୍ତେ କେଳେଇ ପକେଇବେ ।"

'ବୁମେରାଂ'—ପ୍ରଭୁସନନ୍ଦ

"ବଣିକ କର ଯିଏ ବୋଝ ନ ବୋହୁଛି-ଧିକ୍ ତା ବେପାର । ଆଉ ଚାକିରି କରୁ ଯଦି ବାଇସାଇକେଲ୍‌ରେ ଗଦାଏ ଫାଇଲ ଘରକୁ ବାନ୍ଧିବୁନ୍ଧି କରାଣୀ ବାପୁଡ଼ା ନ ନେଇଛି ତେବେ ଧିକ୍ ତା ଚାକିରି ।

ହାକମାଡ଼ିଆ କାଇଦାରେ ଫାଇଲ, ବୋହିବା ମନା ସାଇକେଲ୍‌ରେ । ଫାଇଲ ମୋଟର ଗାଡ଼ିରେ ଯିବ । ଦେଖଣାହାରୀ ଜାଣିବେ ବାବୁ ଏକଦମ ନମକସରୁ କର୍ମୀ-ସବେ ଅବା କୁକୁର ରୂପ ଧରି ଦେହେ ଦେହେ ଦେବଲୋକପ୍ରାପ୍ତି ହେବେ ।”

‘ହାପ୍‌ନଶ’— ଚନ୍ଦ୍ରମଣି ପଣ୍ଡା

‘ସଂଧ୍ୟା ହେଲେ ବିଲୁଆମାନଙ୍କର ଭୁକିବା ଏକ ଅଭ୍ୟାସ । ଯଦି କୌଣସି ସରକାର ଆଦେଶନାମା ଜାରି କରିବେ ଯେ, ସନ୍ଧ୍ୟାରେ ବିଲୁଆ ଭୁକିଲେ ତାଙ୍କୁ ଜେଲ ଦିଆଯିବ ତଥାପି ସେମାନେ ଭୁକିବେ, କାରଣ ତାଙ୍କ ଜାତି ସେଇଆ । ସେହିପରି ଓଡ଼ିଶାରେ ଆଉ ଗୋଟିଏ ଜାତି ଅଛନ୍ତି, ତାଙ୍କ ନାମ ହେଉଛି ସମ୍ବର୍ଦ୍ଧନାକାରୀ ଜାତି । × × × × × । ଏ ସମ୍ବର୍ଦ୍ଧନାକାରୀଙ୍କ ଦଳର ନାମ ହେଉଛି ହରିରଙ୍ଗୀ । ଏମାନେ କଂଗ୍ରେସ ଥାନ୍ତି, ଘଡ଼ି ଘଡ଼ି ଜନତା ହୁଅନ୍ତି ଓ ଜନତା ଥା'ନ୍ତି, ଘଡ଼ି'ଘଡ଼ି କି କଂଗ୍ରେସ ହୁଅନ୍ତି । କାମ ହାସଲ କରିବାରେ ଏମାନେ ଏକଦମ ପଟୁ । ଗୋଡ଼ଧରି ତେଲ ମାରିବାରେ ଏମାନେ ଓସ୍ତାଦ । ସାହାଯ୍ୟ ନଅନ୍ତି, ସାହାଯ୍ୟ ଦେଲାବେଳେ ଲଙ୍ଗ ଓ ସାଙ୍କ କେଉଁଠି ଛପି ଯାଆନ୍ତି ଯେ ଏମାନଙ୍କର ଭେଟ ମିଳେ ନାହିଁ ।”

‘ମାଲିସ୍‌କାରୀ’—ଅଚ୍ୟୁତାନନ୍ଦ କର

ହାସ୍ୟରସାତ୍ମକ ଗଦ୍ୟଶୈଳୀର ଏହିପରି ଅନେକ ଦୃଷ୍ଟାନ୍ତ ପ୍ରଦାନ କରାଯାଇପାରେ । ଏହି ଶୈଳୀ ସ୍ୱତନ୍ତ୍ର ରସ ସୌନ୍ଦର୍ଯ୍ୟରେ ଋଦ୍ଧିମନ୍ତ । ବହୁ ଲେଖକ ଏ ଦିଗରେ ଲେଖନୀ ଚାଳନା କରି ସିଦ୍ଧି ଲାଭ କରିଅଛନ୍ତି । ‘ଡଗର’ ପତ୍ରିକା ହାସ୍ୟରସାତ୍ମକ ଗଦ୍ୟ ସୃଷ୍ଟିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି । ଏତଦ୍‌ବ୍ୟତୀତ ‘ନଆଁଖୁଣ୍ଟା’, ‘ଦୁର୍ମୁଖ’, ‘ଶଙ୍ଖାମୃତ’, ‘ବାଇଡଙ୍କ’, ‘ଛାଞ୍ଚୁଣୀ ମୁଠା’, ‘ଓଲୁଅଙ୍ଗ’, ‘ଗୁରୁଟୋକ’ ଆଦି ବହୁ ସମାଲୋଚନାଧର୍ମୀ ପତ୍ରିକାମାନ ପ୍ରକାଶିତ ହୋଇ ଓଡ଼ିଆ ହାସ୍ୟ ଓ ବ୍ୟଙ୍ଗଧର୍ମୀ ଗଦ୍ୟଶୈଳୀ କ୍ଷେତ୍ରରେ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ନେଇଅଛନ୍ତି ।

## ପରଂପରା ପ୍ରତି ଓଡ଼ିଆ ଗଦ୍ୟର ଆସକ୍ତି;

ସମସ୍ତର କ୍ରମ ବିବର୍ତ୍ତନ ସହିତ ଓଡ଼ିଆ ଗଦ୍ୟ ସାହିତ୍ୟର କ୍ରମ ବିବର୍ତ୍ତନ ହୋଇଅଛି । ଏଇ ବିବର୍ତ୍ତନ ଧାରାରେ ଅଛି ଓଡ଼ିଆ ଗଦ୍ୟର ବହୁମୁଖୀ ରୂପ-ବିଭବ ଓ ଭାବ-ବିଭବ । ସୋମନାଥ ବ୍ରତକଥା-ରୁଦ୍ର ସୁଧାନିଧି –ଚତୁର ବିନୋଦ ଆଦି ଗ୍ରନ୍ଥରୁ ଓଡ଼ିଆ ଗଦ୍ୟର ଶୈଳୀଗତ ବିବର୍ତ୍ତନ ଓ ପରଂପରାଗତ ବସ୍ତୁବୋଧ ଦେଖିବାକୁ ମିଳିଥାଏ । ଏଇ ପରଂପରାଗତ ଆସକ୍ତି ଊନବିଂଶ ଶତାବ୍ଦୀର ଶେଷ ଦ୍ୱିଦଶକରେ ଓ ବିଂଶଶତାବ୍ଦୀର ଆଦ୍ୟପାଦରେ ବିଶେଷ ପରିଲକ୍ଷିତ । ତଥାପି ଏହି ସମୟରୁ ପରଂପରା ପ୍ରତି ଅନାସକ୍ତିର କ୍ଷୀଣ ସୂଚନା ଆରମ୍ଭ ହୋଇଥିବା ଦେଖାଯାଏ । ପରବର୍ତ୍ତୀ କାଳରେ, ବିଶେଷତଃ ଯୁଦ୍ଧପରବର୍ତ୍ତୀ କାଳରେ ଓଡ଼ିଆ ଗଦ୍ୟ ପରଂପରାର ବନ୍ଧନ ମଧ୍ୟରୁ ମୁକ୍ତ ହୋଇ ନୂତନ ପ୍ରଗତି ପଥରେ ଆଗେଇ ଚାଲିଛି । ଏଥିପାଇଁ ବହୁ କୃତବିଦ୍ୟ ଲେଖକଗଣ ନିରବଚ୍ଛିନ୍ନ ସାଧନା କରିଆସିଛନ୍ତି । ପରଂପରା-ମୋହ-ମୁକ୍ତିହିଁ ଆଧୁନିକ ଓଡ଼ିଆ ଗଦ୍ୟର ବିକାଶ ଦିଗରେ ଯଥାର୍ଥ ପ୍ରେରଣା ପ୍ରଦାନ କରିଅଛି । ତଥାପି ଓଡ଼ିଆ ଗଦ୍ୟ-ସାହିତ୍ୟକୁ ଅନୁଧ୍ୟାନ କଲାବେଳେ ସେଥିରେ ପରଂପରା ପ୍ରତି ଆସକ୍ତି ଥିବା ଲକ୍ଷ୍ୟ କରାଯାଇପାରେ ।

## ଓଡ଼ିଆ ଗଦ୍ୟ ଉପରେ ଅନ୍ୟ ଭାଷାର ପ୍ରଭାବ :

ପ୍ରାଚୀନ ଓଡ଼ିଆ ଗଦ୍ୟରେ କେତେକ ଯାବନିକ ଶବ୍ଦ ବ୍ୟତୀତ ଷୋଡ଼ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ବିଦେଶୀ ପ୍ରଭାବ ଅନୁଭୂତ ହୁଏ ନାହିଁ । ଏହି ସମୟର ଗଦ୍ୟରେ ତଥା ପରବର୍ତ୍ତୀ କାଳୀନ ମଧ୍ୟଯୁଗୀୟ ଓଡ଼ିଆ ଗଦ୍ୟସାହିତ୍ୟରେ ସଂସ୍କୃତ, ପ୍ରାକୃତ ଓ ଅପଭ୍ରଂଶ ଭାଷାର ପ୍ରଭାବ ପଡ଼ିଥିବା ସ୍ପଷ୍ଟ ଦେଖାଯାଏ । ସଂସ୍କୃତ ଗଦ୍ୟଶୈଳୀ ଥିଲା ପ୍ରାୟତଃ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟିକ ଗଦ୍ୟର ଆଦର୍ଶ । ଷୋଡ଼ଶ ଶତାବ୍ଦୀପରେ ଓଡ଼ିଶା ମୁସଲମାନ, ମରହଟ୍ଟାମାନଙ୍କଦ୍ୱାରା ଶାସିତ ହୋଇ ୧୮୦୩ ମସିହାରୁ ଇଂରେଜମାନଙ୍କଦ୍ୱାରା ଶାସିତ ହେଲା । ଫଳରେ ଓଡ଼ିଆ

ଭାଷା ଉପରେ ସେମାନଙ୍କ ଭାଷାର ପ୍ରଭାବ ପଡ଼ିଲା । ରାଜାଙ୍କ ଆଦେଶ, କବଲା, ବଏନାମା, ରେହାନ ଆଦି ଗଦ୍ୟରଚନାରେ ଯାବନିକ ପ୍ରଭାବ ସ୍ପଷ୍ଟ ଜଣାଯାଏ । ମଦଳାପାଞ୍ଜି ଓ ଚକଡ଼ାପୋଥିରେ ମଧ୍ୟ ଯାବନିକ ଶବ୍ଦ ବ୍ୟବହୃତ ହୋଇଅଛି । ଓଡ଼ିଆ ଗଦ୍ୟ ମଧ୍ୟ ପାର୍ଶୀ ଏବଂ ଆରବୀ ଭାଷାର ପ୍ରଭାବରୁ ମୁକ୍ତ ହୋଇନାହିଁ । ଫକୀରମୋହନ ସେନାପତି ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଗଦ୍ୟରୁ ଏହାର ଚମତ୍କାର ଉଦାହରଣ ଦେଖିବାକୁ ମିଳେ ।

ଇଂରେଜମାନଙ୍କର ଓଡ଼ିଶା ଅଧିକାର, ଓଡ଼ିଶାରେ ଶାସନ ବିସ୍ତାର, ବିଦ୍ୟାଳୟ ପ୍ରତିଷ୍ଠା ଯୋଗୁ ଇଂରାଜୀ ଶିକ୍ଷା ସଂପ୍ରସାରିତ ହେଲା । ଏହି ନୂତନ ଶିକ୍ଷାପ୍ରାପ୍ତ ବ୍ୟକ୍ତିଗଣ ଇଂରାଜୀ ଗଦ୍ୟଶୈଳୀ ଉପରେ ଗୁରୁତ୍ୱ ଦେଇ ଓଡ଼ିଆ ଗଦ୍ୟ ରଚନା କଲେ । ତଥାପି ସେମାନଙ୍କର ଗଦ୍ୟଶୈଳୀ ଉପରେ ଇଂରାଜୀ ଗଦ୍ୟଶୈଳୀ ସହିତ ବଂଗଳା ଗଦ୍ୟଶୈଳୀର ପ୍ରଭାବ ଦେଖିବାକୁ ମିଳିଥାଏ । ଫକୀରମୋହନ ସେନାପତିଙ୍କର ପ୍ରାଥମିକ ରଚନାବଳୀରେ ବଂଗଳା ପ୍ରଭାବ କପରି ପଡ଼ିଥିଲା ତାର ସମାଲୋଚନା 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇଥିଲା । କେବଳ ଫକୀରମୋହନ ନୁହନ୍ତି, ରାଧାନାଥ ରାୟଙ୍କ ଗଦ୍ୟରେ ମଧ୍ୟ ଉଭୟ ବଂଗଳା ଓ ଇଂରାଜୀ ଗଦ୍ୟର ପ୍ରଭାବ ସୁସ୍ପଷ୍ଟ । ସେକାଳର ବହୁ ନବ୍ୟ ଶିକ୍ଷିତଙ୍କ ଗଦ୍ୟଶୈଳୀରେ ଏହି ଉଭୟ ଭାଷାର ପ୍ରଭାବ ପଡ଼ିଥିବା ଲକ୍ଷ୍ୟ କରାଯାଏ । ପରେ ଜାତୀୟତାର ସ୍ୱାଭିମାନ ହେତୁ ଏହି ପ୍ରଭାବରୁ ଓଡ଼ିଆ ଗଦ୍ୟ ମୁକ୍ତ ହେବାକୁ ଲାଗିଲା । ଅପର ପକ୍ଷରେ ପୁଣି ସଂସ୍କୃତ ଗଦ୍ୟକୁ ଆଦର୍ଶ କରିନେଇଥିବା ଜଣାଯାଏ ।

ସ୍ୱାଧୀନତା ପୂର୍ବରୁ ବିଦେଶୀ ଭାଷା, ବିଦେଶୀ ବସ୍ତ୍ର, ବିଦେଶୀ ଭାବ ବର୍ଜନ କରି ସ୍ୱଦେଶୀ ହେବାକୁ ପ୍ରେରଣା ପ୍ରଦାନ କରାଯାଉଥିଲା । ମାତ୍ର ସ୍ୱାଧୀନତାପରେ ଆଉ ଏହି ସ୍ୱାଭିମାନୀ ମନୋଭାବ ରହିଲାନାହିଁ । କେବଳ ଓଡ଼ିଶାରେ କାହିଁକି, ସାରା ଭାରତବର୍ଷରେ ବିଦେଶୀ ପ୍ରଭାବକୁ ସ୍ୱାଗତ କରାଗଲା । ଯେଉଁ ନୂତନ ଶିକ୍ଷିତ ଗୋଷ୍ଠୀଙ୍କର ସ୍ୱାଧୀନତା

ପରେ ଆବର୍ତ୍ତ ଘଟିଲା ସେମାନେ ଇଂରାଜୀଭାଷାକୁ ଅଧିକ ଗୁରୁତ୍ୱ ଦେଲେ ଏବଂ ଏହି ଭାଷା ସେପରି ହେଲା ସେମାନଙ୍କର ଏକମାତ୍ର ମାଧ୍ୟମ । ତେଣୁ ସେମାନଙ୍କ ଗଦ୍ୟଲେଖାରେ ଇଂରାଜୀ ଗଦ୍ୟ ଶୈଳୀର ବିକୃତ ରୂପ ଫୁଟି ଉଠିଲା । ଅନେକ ସମୟରେ ଇଂରାଜୀ ଗଦ୍ୟର ଶୈଳୀକୁ ଏମାନେ ଅବିକଳ ଅନୁସରଣ କରି ଗଦ୍ୟ ରଚନା କଲେ । ପୁଣି କେତେକ ବ୍ୟକ୍ତି ବଂଗଳା ଗଦ୍ୟଶୈଳୀକୁ ଅନୁସରଣ କଲେ । ବିଶେଷତଃ ଗଳ୍ପ ଓ ଉପନ୍ୟାସ ଆଧାରରେ ବଂଗଳା ଗଦ୍ୟଶୈଳୀ ଅନୁସୃତ ହୋଇଥିବା ଲକ୍ଷ୍ୟ କରାଯାଇପାରେ । ସ୍ୱାଧୀନତା ପରେ ମାୟାଧର ମାନସିଂହ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ପ୍ରମୁଖ ଲେଖକମାନଙ୍କ ଲେଖାରେ ଇଂରାଜୀ ଗଦ୍ୟଶୈଳୀର ପ୍ରଭାବ ଲକ୍ଷ୍ୟ କରାଯାଇପାରେ । ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦାନ କରାଯାଉଛି;

ଆମେ ସହଜ କୈଫିୟତ ଦେଇପାରୁ ଯେ ଗୋପବନ୍ଧୁର ପଥ ଆମର ନୁହେଁ, କାରଣ ତାର ପ୍ରତିଭା ଆମର ନାହିଁ ।"

'କବି ଓ କବିତା'—ମାୟାଧର ମାନସିଂହ

"କେହି ସେପରି ନ ବୁଝନ୍ତୁ ଯେ, ମଧୁସୂଦନଙ୍କର ଅନୁଭୂତି ବୋଲି ଗୋଟିଏ ଜିନିଷ ନ ଥିଲା ।"

'କବି ଓ କବିତା'—ମାୟାଧର ମାନସିଂହ

"ମୋ ମତରେ ତା'ର ଯୋଗ୍ୟତା ଏହି ଯେ ତାହା ବାସ୍ତବ ଓ ତେଣୁ ସାହିତ୍ୟିକ ସତ୍ୟ ହୋଇପାରେ ।"

'ଭିନ୍ନ ଆକାଶ ଭିନ୍ନ ପୃଥିବୀ' — ସୀତାକାନ୍ତ ମହାପାତ୍ର ।

"ଏ କଥା ଖାଲି ବୁଝାଯିବ ନାହିଁ ଯେ ଏ ସମ୍ପର୍କରେ ଯୌନକ୍ଷୁଧା ପ୍ରାପ୍ତ ନାହିଁ ଏବଂ ଏହା ଏପରି ଏକ ସ୍ତରରେ ଉପନୀତ

ହୋଇଛି ଯେ ସେଠାରେ ଜୈବ-ସ୍ୱାନୁଭୂତ ନୁହେଁ, ବରଂ ସେପରି ଏକ ଅନୁଭୂତିର ବହୁଢ ଚରଣ କରୁଥିବା ମୂଲ୍ୟବୋଧ ହିଁ କାମ କରୁଛି ।”

'ଅନେକ କୋଠରୀ'—ରମାକାନ୍ତ ରଥ ।

ସଂପ୍ରତି ବହୁ ଲେଖକଙ୍କ ଗଦ୍ୟ ଲେଖାରୁ ଇଂରାଜୀ ଗଦ୍ୟଶୈଳୀର ପ୍ରଭାବ ଦେଖିବାକୁ ମିଳିଥାଏ । ସତେ ଯେପରି ଇଂରାଜୀ ଗଦ୍ୟଶୈଳୀ ହୋଇଛି ଆମର ଏକାନ୍ତ ଆଦର୍ଶ । କେତେକ ପୁଣି ବଙ୍ଗଳା ଗଦ୍ୟ-ଶୈଳୀକୁ ଅନୁସରଣ କରୁଥିବା ଲକ୍ଷ୍ୟ କରାଯାଏ । ଅଯଥା ଅନ୍ୟର ଗଦ୍ୟଶୈଳୀକୁ ଅନୁସରଣ ବା ଅନୁକରଣ କରିବା ଅବାଞ୍ଛନୀୟ । ଏହାଦ୍ୱାରା ଗୋଟିଏ ସାହିତ୍ୟର ମୌଳିକତା ନଷ୍ଟ ହୋଇଯାଏ । ତେଣୁ ସ୍ୱାଧୀନତା ପରେ ଇଂରାଜୀ ଓ ବଙ୍ଗଳା ଗଦ୍ୟଶୈଳୀ ପ୍ରତି ଯେଉଁ ମୋହ ସୃଷ୍ଟି ହୋଇଛି ସେଥିପ୍ରତି ସଚେତନ ହେବା ସର୍ବାଦୌ ମଙ୍ଗଳଜନକ ।

## ଉପସଂହାର :

ଓଡ଼ିଆ ଗଦ୍ୟ ଦୀର୍ଘ ଏକ ସହସ୍ର ବର୍ଷର କ୍ରମ ବିବର୍ତ୍ତନ ଓ କ୍ରମ ବିକାଶ ମଧ୍ୟଦେଇ ସଂପ୍ରତି ଏକ ମାର୍ଜିତ ରୂପ ଗ୍ରହଣ କରିଅଛି । ପ୍ରାଚୀନ ତଥା ମଧ୍ୟଯୁଗରେ ଓଡ଼ିଆ ଗଦ୍ୟ ଥିଲା ସଂସ୍କୃତାନୁସାରୀ ଗ୍ରହଣିରେ ଥିଲା କବିତାର ତାରଲ୍ୟ । କ୍ରମେ ପଦ୍ୟର ମୋହରୁ ମୁକ୍ତ ହୋଇ ଓଡ଼ିଆ ଗଦ୍ୟ ଊନବିଂଶ ଶତାବ୍ଦୀର ଶେଷବେଳକୁ ଆପଣାର ପ୍ରଭା ଓ ପ୍ରତିଭା ବିସ୍ତାର କରିବାକୁ ସମର୍ଥ ହେଲା । ବିଂଶ-ଶତାବ୍ଦୀର ଦ୍ୱିତୀୟ ଦଶକଠାରୁ ଓଡ଼ିଆ ଗଦ୍ୟ ହେଲା ସ୍ୱକୀୟ ଧାରାରେ ଭାସ୍ୱର ଏବଂ ଏହି ଧାରା ସ୍ୱାଧୀନତା ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସି ସ୍ୱାଧୀନତା ପରେ କ୍ରମେ ଇଂରାଜୀ ଓ ବଙ୍ଗଳା ଗଦ୍ୟ-ଶୈଳୀ ମଧ୍ୟକୁ ଉଙ୍କି ମାରୁଥିବା ଲକ୍ଷ୍ୟ କରିଯାଇପାରେ । ଏପରି ହେବା ଓଡ଼ିଆ ଗଦ୍ୟ ପକ୍ଷରେ ଶୁଭ ଲକ୍ଷଣ ନୁହେଁ ।

ଆଧୁନିକ ଓଡ଼ିଆ ଗଦ୍ୟ-ସାହିତ୍ୟ ବହୁ ଭାବ-ବିଭବରେ ସମୃଦ୍ଧ । ଏହାର ଆଙ୍ଗିକ ଯେପରି ବହୁବିଧ; ଆତ୍ମିକ ମଧ୍ୟ ସେହିପରି ବହୁବିଧ ।

ପ୍ରବନ୍ଧ—ସମାଲୋଚନା—ରମ୍ୟରଚନା—ଗଳ୍ପ—ଉପନ୍ୟାସ—ନାଟକ—ଜୀବନୀ—ଆତ୍ମଜୀବନୀ—ଭ୍ରମଣ କାହାଣୀ—ବୈଜ୍ଞାନିକ—ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ଦାର୍ଶନିକ ତତ୍ତ୍ୱ ସମ୍ବଳିତ ରଚନାଗୁଡ଼ିକ ଓଡ଼ିଆ ଗଦ୍ୟସାହିତ୍ୟର ବିବିଧତା ଓ ବୈଚିତ୍ର୍ୟ ସମ୍ପର୍କରେ ସୂଚାଇ ଦେଇଥାଏ । ବହୁ ଲେଖକଙ୍କର ନିରବଚ୍ଛିନ୍ନ ସାଧନାରେ ଓଡ଼ିଆ ଗଦ୍ୟସାହିତ୍ୟ ସମୃଦ୍ଧ ହୋଇଅଛି । ଅନେକ ସମୟରେ ବିଭିନ୍ନ ଭାଷାରୁ ଅନୂଦିତ ଗଦ୍ୟ ଗ୍ରନ୍ଥଗୁଡ଼ିକ ମଧ୍ୟ ଓଡ଼ିଆ ଗଦ୍ୟ ଶିଳ୍ପର ବିକାଶପାଇଁ ସାହାଯ୍ୟ କରିଅଛି । ତଥାପି ବେଳେ ବେଳେ ବିକୃତ ଗଦ୍ୟାନୁବାଦମାନ ଦେଖିବାକୁ ମିଳିଥାଏ । ଏପରି ଅନୁବାଦ ସାହିତ୍ୟର ବିକାଶ ତ କରେ ନାହିଁ; ଅଧିକନ୍ତୁ ଯେଉଁ ଭାଷାରୁ ଅନୁବାଦ କରାଯାଇଥାଏ ତାର ମୌଳିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦିଏ । ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ଶିଶୁମାନଙ୍କ ଉପଯୋଗୀ ଗଦ୍ୟ ରଚିତ ହୋଇଅଛି । ଓଡ଼ିଆ ଗଦ୍ୟ-ସାହିତ୍ୟର ବିକାଶପାଇଁ ଏଗୁଡ଼ିକ ମଧ୍ୟ ସାହାଯ୍ୟ କରିଥାଏ । ମୋଟ ଉପରେ ଓଡ଼ିଆ ଗଦ୍ୟ ନାନା ବିବର୍ତ୍ତନ ମଧ୍ୟ ଦେଇ ସଂପ୍ରତି ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିବାକୁ ସମର୍ଥ ହୋଇଅଛି; ଏଥିରେ ସନ୍ଦେହର ଅବକାଶ ନାହିଁ ।

[ 'ଉତ୍କଳ ଦର୍ଶନ' ରେ ହିନ୍ଦୀରେ ପ୍ରକାଶିତ ଲେଖାର ପରିମାର୍ଜିତ ରୂପ । ]

# ପ୍ୟାରୀମୋହନ :
# ଏକ ବିସ୍ମୟକର ପ୍ରତିଭା

ଊନବିଂଶ ଶତକର ଅଷ୍ଟମ ଦଶକ ଆରମ୍ଭରୁ ନବମ ଦଶକ ଆରମ୍ଭ ପର୍ଯ୍ୟନ୍ତ ମାତ୍ର ଦଶବର୍ଷ ମଧ୍ୟରେ ଓଡ଼ିଶା ର ଶିକ୍ଷା, ଧର୍ମ, ରାଜନୀତି, ସାହିତ୍ୟ ସଂସ୍କୃତି, ଭାଷାସମସ୍ୟା ଓ ନାନାଦି ଜାତୀୟ ସମସ୍ୟାସମ୍ବଳିତ ଘନିଷ୍ଠଭାବରେ ଜଡ଼ିତ ହୋଇ ଯେଉଁ ପ୍ରତିଭା ଆଶାତୀତ ସାଫଲ୍ୟ ଅର୍ଜନ କରି ପାରିଥିଲେ ସେ ହେଉଛନ୍ତି ନବୋତ୍କଳ ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ ସାରଥି ସ୍ୱର୍ଗତ ପ୍ୟାରୀମୋହନ ଆଚାର୍ଯ୍ୟ । ଉଚ୍ଚ ବ୍ରାହ୍ମଣ କୁଳରେ ଜନ୍ମ ନେଇ ତଥାକଥିତ ସଂକୀର୍ଣ୍ଣ ଜାତିଗତ ଧର୍ମକୁ ତ୍ୟାଗ କରି ବ୍ରାହ୍ମଧର୍ମ ପ୍ରତି ସେ ଯେ କେବଳ ଆକୃଷ୍ଟ ହୋଇଥିଲେ ତାହାନୁହେଁ; ନିଜ ଜୀବନରେ ବ୍ରାହ୍ମଧର୍ମର ନୀତିନିଷ୍ଠ ଆଦର୍ଶକୁ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ତତ୍କାଳୀନ ନାନା ଦୁଃଖ ଦୁର୍ଦ୍ଦଶା ପ୍ରପୀଡ଼ିତ ଉତ୍କଳବାସୀ ଙ୍କୁ ଅତୀତର ସାଂସ୍କୃତିକ ପରଂପରା ସମ୍ବନ୍ଧରେ ସଚେତନ କରାଇ ନୂତନ ଯୁଗ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ । ପ୍ୟାରୀମୋହନଙ୍କ କର୍ମମୟ ଜୀବନର ପୂର୍ବ ଓଡ଼ିଶା—ଦୁର୍ଭିକ୍ଷ ପ୍ରପୀଡ଼ିତ, ଭାଷା ବିଲୋପ ସମସ୍ୟାରେ ଜର୍ଜରିତ, ସାଂସ୍କୃତିକ ଚେତନାରେ ନିର୍ବେଦତା ପ୍ରାପ୍ତ ଓ ସର୍ବୋପରି ବ୍ରିଟିଶ ଶାସନ ପ୍ରତି ଅନୁରକ୍ତ । ଏହିପରି ଏକ ସମୟରୁ ପ୍ୟାରୀମୋହନଙ୍କର ଜନ୍ମ ଓ କୈଶୋର ଜୀବନର ବିକାଶ । ତତ୍ପରେ ସେହି କିଶୋର ପ୍ରାଣରେ ଦେଖାଦିଏ ତତ୍କାଳୀନ ନାନା ସମସ୍ୟା ନେଇ ଗଭୀର ପ୍ରତିକ୍ରିୟା । ଏକ ସ୍ୱାଧୀନଚେତା ନିର୍ଭୀକ ଚିନ୍ତାଶୀଳ ତରୁଣ ଜୀବନର

ସକଳ ପାର୍ଥିବ ମୋହକୁ ତ୍ୟାଗ କରି ଓଡ଼ିଶାର କଲ୍ୟାଣ ପାଇଁ ଆଗେଇ ଆସିବାକୁ ବଦ୍ଧପରିକର ହେଲେ ୧୮୭୦ ମସିହା ବେଳକୁ ।

## ତୁଳସୀ ଦୁଇ ପତ୍ରରୁ ବାସେ :

ତୁଳସୀ ଦୁଇ ପତ୍ରରୁ ନିଜର ବାସ ଚହଟାଇଲାପରି ପ୍ୟାରୀମୋହନ ବାଲ୍ୟକାଳରୁ ନିଜର ପ୍ରତିଭାର ପରିଚୟ ଦେଇଥିଲେ । କୁଆଁପାଳ ଗ୍ରାମ ନିକଟବର୍ତ୍ତୀ ପଣ୍ଡୁଲୁଣ୍ଡା ଗ୍ରାମରେ ୧୮୫୧ ମସିହା ଶ୍ରାବଣ ମାସରେ ଭୁବନ ମୋହନ ଆଚାର୍ଯ୍ୟଙ୍କର ଔରସରୁ ପ୍ୟାରୀମୋହନଙ୍କର ଜନ୍ମହୁଏ । କୁଆଁପାଳଠାରେ ପାଠଶାଳାରୁ ଅଧ୍ୟୟନ ଶେଷ କରି ଏଣ୍ଟି କଟଣାରୁ ମାତ୍ର ବାରବର୍ଷ ବୟସରେ କଟକ ଯାତ୍ରା କଲେ ଉଚ୍ଚଶିକ୍ଷା ଲାଭ କରିବାପାଇଁ । କଟକ ଜିଲ୍ଲା ସ୍କୁଲରେ ସେ ଅଧ୍ୟୟନ କଲେ । ଅଳ୍ପଦିନ ମଧ୍ୟରେ ତାଙ୍କର ତୀକ୍ଷ୍ଣ ମେଧାଶକ୍ତି ଓ ଗମ୍ଭୀର ଚିନ୍ତାଶୀଳତା ଛାତ୍ର ତଥା ଶିକ୍ଷକମାନଙ୍କ ମଧ୍ୟରେ ପ୍ରଭାବ ପକାଇଥିଲା । ପଣ୍ଡିତ ମୃତ୍ୟୁଞ୍ଜୟ ରଥ 'ବୃଦ୍ଧଙ୍କ ମଧୁସୂଦନ' ପ୍ରବନ୍ଧରେ ପ୍ୟାରୀମୋହନଙ୍କ ସମ୍ବନ୍ଧରେ ଲେଖିଛନ୍ତି "ସେହି ବାଲ୍ୟ ବୟସରେ ମଧ୍ୟ ସେ ଭାବୁକ ଜନୋଚିତ ବିବିକ୍ତ ସ୍ଥଳକୁ ଅଧିକ ଭଲ ପାଉଥିଲେ । ତେଣୁ ଅବକାଶ ସମୟରେ ଛାତ୍ର ସାଧାରଣଙ୍କପରି ଖେଳକୁ ନଯାଇ ନଟବୁଲାରେ ପ୍ରିୟତମ ବନ୍ଧୁ ସହିତ ପୁସ୍ତକ ନେଇ ପଢ଼ି ବସୁଥିଲେ । ଯାହାଙ୍କ ସହିତ ହୃଦୟ ମିଳେ, ତାଙ୍କ ବ୍ୟତୀତ ଅନ୍ୟ କୌଣସି ସହପାଠୀମାନଙ୍କ ସଙ୍ଗେ ସେ କଦାପି ମିଶୁ ନଥିଲେ । ଛାତ୍ରଙ୍କଠାରୁ ଶିକ୍ଷକପର୍ଯ୍ୟନ୍ତ ସମସ୍ତେ ତାହାଙ୍କୁ ସତ୍ୟନିଷ୍ଠ ଏବଂ ସ୍ପଷ୍ଟବକ୍ତା ବୋଲି ଜାଣିଥିଲେ । କେବେ ଅନୁରୋଧ ଉପରୋଧରେ ମଧ୍ୟ ସେ ବାଳକଙ୍କୁ ସତ୍ୟତ୍ୟାଗ କରିବାର ଦେଖାଯାଇନାହିଁ ।" (୧) ବାଳକ ଅବସ୍ଥାରୁ ପ୍ୟାରୀମୋହନଙ୍କର ତାର୍କିକ ଗୁଣର ବିକାଶ ଘଟିବା ସଙ୍ଗେ ସଙ୍ଗେ ସତ୍ୟପ୍ରତି ଅଟଳ ଶ୍ରଦ୍ଧା ଥିବାର ଜଣାଯାଇଥିଲା । ସେ କୌଣସି କଥାକୁ ନିର୍ବିବାଦରେ ଗ୍ରହଣ କରିନେବାକୁ କୁଣ୍ଠା ପ୍ରକାଶ

---

୧—ପଣ୍ଡିତ ମୃତ୍ୟୁଞ୍ଜୟ ରଥ—'ବୃଦ୍ଧଙ୍କ ମଧୁସୂଦନ' ପ୍ରବନ୍ଧ ଅନ୍ତର୍ଭୁକ୍ତ ପ୍ୟାରୀମୋହନଙ୍କ ସଂକ୍ଷିପ୍ତ ଜୀବନ ଚରିତ ।

କରୁଥିଲେ । ଈଶ୍ବରର କଷଟୀ ପଥରରେ ସେ ପ୍ରତ୍ୟେକ କଥାକୁ ପରୀକ୍ଷା କରି ସତ୍ୟକୁ ଗ୍ରହଣ କରୁଥିଲେ । ଏହି କିଶୋର ଅଠର ବର୍ଷ ବୟସରେ ଅର୍ଥାତ୍ ୧୮୬୯ ଖ୍ରୀଷ୍ଟାବ୍ଦରେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲେଜରେ ଅର୍ଥାତ୍ କଟକ ହାଇସ୍କୁଲର ପ୍ରଥମ ବାର୍ଷିକ ଶ୍ରେଣୀରେ ଅଧ୍ୟୟନ କଲେ ।

## ଏକ ଅପୂର୍ବ ମିଳନ ଓ ଉତ୍କଳପୁତ୍ରର ଜନ୍ମ ଜାତକ

କଲେଜରେ ଅଧ୍ୟୟନ କରୁଥିଲାବେଳେ ୧୮୬୯ ମସିହାରେ ସେ ମଧୁସୂଦନ ରାଓଙ୍କର ଘନିଷ୍ଠ ସମ୍ପର୍କରେ ଆସିଲେ । ମଣି-କାଞ୍ଚନର ମିଳନ ହେଲାପରି ଏହି ଦୁଇ ନୀତିନିଷ୍ଠ, ସତ୍ୟସନ୍ଧ ଓ ଧର୍ମାନୁରାଗୀ କିଶୋରଙ୍କର ଉଦ୍ୟମରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି, ଭାଷା ଓ ଇତିହାସ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା । ଅଧ୍ୟାପକ ହରନାଥ ଭଟ୍ଟାଚାର୍ଯ୍ୟ ଥିଲେ ସେମାନଙ୍କର ମନ୍ତ୍ରଗୁରୁ । ତାଙ୍କର ପ୍ରେରଣାରେ ଏହି ଦୁଇ ବନ୍ଧୁ ବ୍ରାହ୍ମ ଧର୍ମ ପ୍ରତି ଆକୃଷ୍ଟ ହେଲେ । ବ୍ରାହ୍ମଧର୍ମର ନୀତି ନିୟମ ଓ ଆଦର୍ଶ ସହିତ ଏମାନେ ବୈଦିକ ଧର୍ମ ଦର୍ଶନକୁ ତୁଳନାତ୍ମକ ଭାବରେ ବିଚାର ଆଲୋଚନା କଲେ । ଏହି ସମୟରେ 'ଉତ୍କଳ ଦୀପିକା' ଓ 'ବାଲେଶ୍ୱର ସମ୍ବାଦ ବାହିକା' ନାମକ ମାତ୍ର କେତୋଟି ପତ୍ରିକା ପ୍ରକାଶିତ ହେଉଥିଲା । ଏଥିରେ ସେ ସମୟର ସମସ୍ତ ବିଷୟ ତଥ୍ୟ ପ୍ରକାଶିତ ହୋଇପାରୁ ନଥିଲା । ତେଣୁ ପ୍ୟାରୀମୋହନ, ମଧୁସୂଦନ ଓ ପଣ୍ଡିତ ଗୋବିନ୍ଦ ରଥ ପ୍ରମୁଖ ଏକ ନୂତନ ପତ୍ରିକାର ପରିକଳ୍ପନା କଲେ । ୧୮୭୧ ମସିହାରେ ଏହି ନୂତନ ପତ୍ରିକା 'ଉତ୍କଳପୁତ୍ର'ର ନବଜନ୍ମ ହେଲା । ପ୍ୟାରୀମୋହନ ହେଲେ ଏହି ପତ୍ରିକାର ସମ୍ପାଦକ । ନିର୍ଭୀକ ଭାବରେ ସେ ତତ୍କାଳୀନ ବ୍ରିଟିଶଶାସନ ପଦ୍ଧତି ଓ ସାମାଜିକ କୁସଂସ୍କାରକୁ ଏଥିରେ ସମାଲୋଚନା କଲେ । ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର କାର୍ଯ୍ୟକଳାପର ତୀବ୍ରଭାବରେ ସମାଲୋଚନା କରି ପ୍ୟାରୀମୋହନ ଉତ୍କଳପୁତ୍ରରେ "ଦରଖାସ୍ତ ଯୁଦ୍ଧସ୍ଥାନ" ବା "ଯୋଦ୍ଧାମାନଙ୍କର ଆବେଦନ" ଶୀର୍ଷକ ପ୍ରବନ୍ଧ ଲେଖିଲେ । ଏହାଦ୍ୱାରା ସେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ

ବିଷଦୃଷ୍ଟିରେ ପଡ଼ି କଲେଜରୁ ବିଦାୟ ନେବାକୁ ବାଧ୍ୟହେଲେ । ଦ୍ୱିତୀୟ ବାର୍ଷିକ ଶ୍ରେଣୀରେ ଅଧ୍ୟୟନ କରୁଥିଲାବେଳେ ତାଙ୍କର ଶିକ୍ଷାରେ ପରିସମାପ୍ତି ଘଟିଲା । ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକର ଆରମ୍ଭରେ ଏହି ସ୍ୱାଧୀନଚେତା ନିର୍ଭୀକ ଯୁବକ ବ୍ରିଟିଶ ସରକାରଙ୍କ କାର୍ଯ୍ୟକଳାପ ଉପରେ ମନ୍ତବ୍ୟ ଦେଇ ସାମାଜିକ କ୍ଷେତ୍ରରେ ଏକ ଆଲୋଡ଼ନ ସୃଷ୍ଟି କଲେ ।

## ଅଧ୍ୟୟନରୁ ବିଦ୍ୟାଳୟ ପ୍ରତିଷ୍ଠା :

ପ୍ୟାରୀମୋହନ କଲେଜରୁ ବିଦାୟ ନେଇଗଲା ପରେ ତୀବ୍ର ଭାବରେ ମାନସିକ ପ୍ରତିକ୍ରିୟା ଅନୁଭବ କଲେ । ତାଙ୍କର ମନ ମଧ୍ୟରେ ଆଜି ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବାର ଦୁର୍ବାର ବାସନା ସୃଷ୍ଟି ହେଲା । ସେହି ନିଃସ୍ୱ ଯୁବକର ଏତାଦୃଶ ସଂକଳ୍ପ ସେତେବେଳେ ବହୁଲୋକଙ୍କ ମନରେ ସଂଶୟ ସୃଷ୍ଟି କରିଥିଲା ମାତ୍ର ଉଚ୍ଚାଭିଳାଷୀ ଯୁବକ ପ୍ୟାରୀମୋହନ ବକ୍ସି ବଜାର ନିବାସୀ କୃପାନିଧି ସାହୁଙ୍କର ପାଠଶାଳାକୁ ଏକ ପ୍ରଶସ୍ତ ବିଦ୍ୟାଳୟରେ ପରିଣତ କଲେ । ନଟେଜ କମିଶନର ଅଫିସରେ ୨୫ଟଙ୍କା ବେତନରେ କିରାଣି କାର୍ଯ୍ୟକରି ସେହି ଅର୍ଥରେ ସେ ବିଦ୍ୟାଳୟ ପରିଚାଳନା କଲେ । ୧୮୬୫ ମସିହାରେ ଏହି ସ୍କୁଲ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇ ୧୮୭୯ ମସିହାରେ ଏହା ହାଇସ୍କୁଲରେ ପରିଣତ ହେଲା । ବହୁ କୃତବିଦ୍ ଶିକ୍ଷକମାନଙ୍କର ଅବଦାନରେ ଏହି ଅନୁଷ୍ଠାନ ଏକ ମନୀଷ ଗଢ଼ା କାରଖାନାରେ ଯଥାର୍ଥରେ ପରିଣତ ହୋଇଗଲା । ଏଥିପାଇଁ ପ୍ୟାରୀମୋହନଙ୍କୁ ବହୁକଷ୍ଟ ସ୍ୱୀକାର କରିବାକୁ ହୋଇଥିଲା । ରାଜାମାନଙ୍କୁ ବିଭିନ୍ନ ପଦାର୍ଥ ଯୋଗାଇବା ନିମିତ୍ତ ଏଜେଣ୍ଟ ହୋଇ ସେ ଯାହା ଆୟ କରୁଥିଲେ ଏହି ଅନୁଷ୍ଠାନରେ ବିନିଯୋଗ କରୁଥିଲେ । ପରେ ସେ ଡମପଡ଼ା ରାଜକୁମାରଙ୍କର ଗୃହ ଶିକ୍ଷକ ଓ ଇଷ୍ଟେଟର ମ୍ୟାନେଜରୀ ପଦ ଲାଭକରି ସେହି ଅର୍ଥରେ ଉକ୍ତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିଥିଲେ । ପ୍ୟାରୀମୋହନ ୧୮୮୧ ମସିହା ଡିସେମ୍ବର ୨୩ ତାରିଖରେ ଇହଧାମରୁ ବିଦାୟ ନେଇଗଲେ ସତ ମାତ୍ର ତାଙ୍କର ଏହି ଅନୁଷ୍ଠାନ ତାଙ୍କୁ ଚିରଂଜୀବୀ କରି ରଖିଅଛି ।

## ଓଡ଼ିଶାର ଇତିହାସ'ରେ ପ୍ରତିଭାର ପରିଚୟ :

ପ୍ୟାରୀମୋହନ ଜଣେ କ୍ଷଣଜନ୍ମା ପ୍ରତିଭାବାନ ବ୍ୟକ୍ତି । 'ପ୍ୟାରୀ-ମୋହନ ଏକାଡେମୀ' ଆଜ ଯେପରି ତାଙ୍କର ଅମର ଆତ୍ମାର ସ୍ମାରକ ସେହିପରି "ଓଡ଼ିଶାର ଇତିହାସ" ପୁସ୍ତକ ମଧ୍ୟ ତାଙ୍କ ପ୍ରତିଭାର ଯଥାର୍ଥ ପରିଚୟ । ପ୍ୟାରୀମୋହନଙ୍କ ପୂର୍ବରୁ ଓଡ଼ିଶାର ଇତିହାସ ରଚନା ହୋଇ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପୂର୍ବରୁ ହଣ୍ଟର ଓ ଷ୍ଟର୍ଲିଂ ସାହେବ ଓଡ଼ିଶା ଇତିହାସ ରଚନା କରିଥିଲେ ମଧ୍ୟ ତାହା ବହୁ ଦୃଷ୍ଟିରୁ ପ୍ରମାଦ ପୂର୍ଣ୍ଣ । ଏହିପରି ଏକସମୟରେ ପ୍ୟାରୀମୋହନ ଉତ୍କଳର ଇତିହାସ ରଚନା କରିବାକୁ ବଦ୍ଧପରିକର ହୋଇଥିଲେ । ହଣ୍ଟର, ଷ୍ଟର୍ଲିଂ, ସଟନ, ଟଏନବି, ରାଜେନ୍ଦ୍ରଲାଲ ମିତ୍ର, ମାର୍ସମାନ, ବ୍ଲକ୍‌ମାନ ଓ ଏଲଫିନଷ୍ଟୋନ ପ୍ରଭୃତିଙ୍କର ଲେଖାମାନ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ପ୍ୟାରୀମୋହନ ଓଡ଼ିଶାର ପ୍ରାଚୀନ ଗ୍ରନ୍ଥ, ତାଳପତ୍ର ପୋଥି, ତମ୍ବାପଟା ଇତ୍ୟାଦି ଅଧ୍ୟୟନ କରି ବହୁଶ୍ରମ ସ୍ୱୀକାର ପୂର୍ବକ **ଓଡ଼ିଶାର ଇତିହାସ** ୧୮୭୯ମସିହାରେ ରଚନା କରିଥିଲେ । ସେତେବେଳେ ଓଡ଼ିଶାର ଇତିହାସ ପାଠ୍ୟ ଅନ୍ତର୍ଭୁକ୍ତ ହୋଇଥିବାରୁ ଗୋଟିଏ ଇତିହାସ ଲେଖିବାକୁ ସରକାରୀ ବିଜ୍ଞାପନ ବାହାରିଥିଲା । ପ୍ୟାରୀମୋହନ ଲେଖିଛନ୍ତି "ସନ ୧୮୭୫ ଓଡ଼ିଶା ସ୍କୁଲ୍ ସମୂହର ଜଏଣ୍ଟ ଇନ୍‌ସପେକ୍‌ଟର ବିଜ୍ଞାପନ ଦେଇଥିଲେ ଯେ ଉତ୍କଳ ଭାଷାରେ ଖଣ୍ଡେ ଓଡ଼ିଶାର ଇତିହାସ ରଚିତ ହେଲେ ଏବଂ ତାହା ଓଡ଼ିଶା ବିଦ୍ୟାଳୟ ସମୂହର ଜଏଣ୍ଟ ଇନ୍‌ସ୍ପେକ୍‌ଟରଙ୍କ ଅଫିସରେ ଗ୍ରାହ୍ୟ ହେଲେ ରଚକଙ୍କୁ ଗବର୍ଣ୍ଣମେଣ୍ଟ ତିନିଶହ ଟଙ୍କା ପୁରସ୍କାର ଦେବେ। ଉକ୍ତ ବିଜ୍ଞାପନ ପାଠକରି ଆମ୍ଭେ ଏହି ପୁସ୍ତକ ରଚନା କରି ଜଏଣ୍ଟ ଇନ୍‌ସପେକ୍‌ଟରଙ୍କ ହସ୍ତରେ ଅର୍ପଣକଲୁ ।" (୨) ଏହାପରେ ଉକ୍ତ ଇତିହାସ ପୁସ୍ତକ ସଂଶୋଧିତ ହୋଇ ପ୍ରକାଶିତ ହୋଇଥିଲା । ଓଡ଼ିଆ ଭାଷାରେ ଏହାହିଁ ପ୍ରଥମ ପ୍ରାମାଣିକ ପୂର୍ଣ୍ଣାଙ୍ଗ ଇତିହାସ ପୁସ୍ତକ । ଏଥିରେ ପ୍ୟାରୀମୋହନଙ୍କର ଯେଉଁ ସୂକ୍ଷ୍ମ ଦୃଷ୍ଟି, ବିଚାରଶକ୍ତି ଓ ଅଧ୍ୟବସାୟ ଅଛି

---

୨। ପ୍ୟାରୀମୋହନ ଆଚାର୍ଯ୍ୟ—ଓଡ଼ିଶାର ଇତିହାସ (ଭୂମିକା)୧ମ ସଂସ୍କରଣ

ତାହା ବାସ୍ତବିକ ବିସ୍ମୟକର । ପ୍ୟାରୀମୋହନ ଉତ୍କଳର ଭୌଗୋଳିକ-ଅବସ୍ଥିତିଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ରାଜତନ୍ତ୍ରର ଉତ୍‌ଥାନ, ଧର୍ମ, ବିପ୍ଳବ, ସଂସ୍କୃତିର ସଙ୍କଟ ଓ ପୁନରୁତ୍‌ଥାନ, ଓଡ଼ିଶାରେ ହିନ୍ଦୁ, ବୌଦ୍ଧ, ଜୈନ, ଶୈବ, ଶାକ୍ତ ଧର୍ମର ଉଦ୍ଭବ, ଓଡ଼ିଶାର ସାହିତ୍ୟ ସାଧନା ଓ କଳାପ୍ରାଣତା, ଓଡ଼ିଶାର ସ୍ୱାଧୀନତା ବିଲୋପ, ଓଡ଼ିଶାରେ ମୁସଲମାନ ରାଜତ୍ୱ, ମରହଟ୍ଟା ଶାସନ ଓ ସର୍ବୋପରି ବ୍ରିଟିଶ୍ ଶାସନ ଆଦି ନାନା କଥାକୁ ମନୋଜ୍ଞଭାବରେ ବର୍ଣ୍ଣନା କରିଅଛନ୍ତି । ଏହା ଇତିହାସ ହେଲେ ମଧ୍ୟ ଏଥିରେ ସାହିତ୍ୟିକ ଉପାଦାନ ରହିଛି । ଏହି କାରଣରୁ ପଣ୍ଡିତ ବିଶ୍ୱନାଥ କର ଲେଖିଥିଲେ—"ଏହି ସୁଦୀର୍ଘ କାଳ ମଧ୍ୟରେ ଉତ୍କଳୀୟମାନଙ୍କ ମଧ୍ୟରେ ଶିକ୍ଷାର ବହୁଳ ବିସ୍ତାର ଓ ଉନ୍ନତି ଘଟିଅଛି ଏବଂ ବହୁ ବିଚକ୍ଷଣ ବ୍ୟକ୍ତି ସାହିତ୍ୟ କ୍ଷେତ୍ରରେ ଦେଖା ଦେଇଅଛନ୍ତି, କିନ୍ତୁ ଐତିହାସିକ ତଥ୍ୟାନୁସନ୍ଧାନରେ ପ୍ୟାରୀମୋହନଙ୍କୁ ବଳିଯିବା କଥା ଦୂରେ ଥାଉ, ତାଙ୍କର ସମକକ୍ଷ କେହି ହୋଇଅଛନ୍ତି ବୋଲି ଆମ୍ଭମାନଙ୍କର ମନେ ହେଉନାହିଁ ।" (୩) ଏହି ପୁସ୍ତକର ସକଳ ଗୌରବ ସତ୍ତ୍ୱେ ସେତେବେଳେ କାଳୀପଦ ବନ୍ଦୋପାଧ୍ୟାୟ ଏହି ପୁସ୍ତକକୁ ତୀବ୍ର ସମାଲୋଚନା କଲେ । ଫଳରେ ଏହି ଇତିହାସ ଆଜି ବେଶିଦିନ ପାଠ୍ୟ ପୁସ୍ତକ ହୋଇପାରିଲା ନାହିଁ । ତଥାପି ପଣ୍ଡିତ ମୃତ୍ୟୁଞ୍ଜୟ ରଥ ମତ ଦେଇଛନ୍ତି—"ଐତିହାସିକ ଉପକରଣ ସଂଗ୍ରହ ଓ ସାହିତ୍ୟିକ ମର୍ଯ୍ୟାଦାର ଗଣନାରେ ଏ ପ୍ରକାର ପୁସ୍ତକ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଆଉ ବାହାରି ନାହିଁ ବୋଲିବାକୁ ହେବ ।" (୪)

ପ୍ୟାରୀମୋହନ ଉକ୍ତ ଇତିହାସରେ ଊନବିଂଶ ଶତାବ୍ଦୀର ଓଡ଼ିଶାରେ ଦେଖାଦେଇଥିବା ବ୍ରାହ୍ମ, ମହିମା, ଖ୍ରୀଷ୍ଟଧର୍ମ ସମ୍ପର୍କରେ ମଧ୍ୟ ସୂଚନା ଦେଇଅଛନ୍ତି । ହଣ୍ଟର ତାଙ୍କର ଓଡ଼ିଶା ଇତିହାସରେ ଭାରତକୁ ଗ୍ରୀକ୍ ସଭ୍ୟତା ଆସିଛି ବୋଲି ମତ ଦେଇଥିଲେ ମାତ୍ର ପ୍ୟାରୀମୋହନ

---

୩ । ବିଶ୍ୱନାଥ କର—ଓଡ଼ିଶାର ଇତିହାସ—(୨ୟ ସଂସ୍କରଣର ଭୂମିକା)
୪ । ପଣ୍ଡିତ ମୃତ୍ୟୁଞ୍ଜୟ ରଥ—'ବ୍ରହ୍ମଙ୍କ ମଧୁସୂଦନ' ପ୍ରବନ୍ଧ ।

ଏହି ମତକୁ ଯୁକ୍ତିପୂର୍ଣ୍ଣ ଭାବରେ ଖଣ୍ଡନ କରି ନିଜର ବହୁଶାସ୍ତ୍ର ଦର୍ଶିତାର ପରିଚୟ ଦେଇଅଛନ୍ତି । (୫) ଗ୍ରୀକ୍‌ମାନେ ଓଡ଼ିଶାକୁ ଆସିବା ପରେ ଏଠାରେ ପ୍ରସ୍ତରଶିଳ୍ପର ବିକାଶ ହୋଇଥିଲା ଓ ପୋତ ବାହନରେ ରକ୍ତବାହୁ ଓଡ଼ିଶାକୁ ଆସିଥିବାରୁ ଓଡ଼ିଶାରେ ତତ୍ପୂର୍ବରୁ ପୋତର ପ୍ରଚଳନ ହେଲା ବୋଲି କେତେକ ଐତିହାସିକ ମତ ଦେଇଥାନ୍ତି ମାତ୍ର ପ୍ୟାରୀମୋହନ ବେଦବେଦାନ୍ତଠାରୁ ଆରମ୍ଭ କରି ପ୍ରାଚୀନ ସାହିତ୍ୟ ପର୍ଯ୍ୟନ୍ତ ବହୁ ଗ୍ରନ୍ଥରୁ ଉଦାହରଣ ଦେଇ ଓଡ଼ିଶାରେ ତଥା ଭାରତବର୍ଷରେ ପ୍ରସ୍ତର ଶିଳ୍ପ ଓ ସମୁଦ୍ରପୋତ ବ୍ୟବହାରର ଯୁକ୍ତିଯୁକ୍ତ ପ୍ରମାଣ ଉପସ୍ଥାପନ କରି ନିଜ ପ୍ରତିଭାର ପରିଚୟ ଦେଇଅଛନ୍ତି । (୬) ଇଂରେଜ ଶାସନ ସମୟରେ ଭାରତ ବର୍ଷରେ ତଥା ଓଡ଼ିଶାରେ ଯେଉଁ ନୂତନ ଜାଗରଣ ଦେଖା ଦେଇଥିଲା ସେ କଥାକୁ ମଧ୍ୟ ସେ ଇତିହାସରେ ଉଲ୍ଲେଖକରି ଭବିଷ୍ୟତରେ ଭାରତବର୍ଷ ସଙ୍କୀର୍ଣ୍ଣ ପ୍ରାଦେଶିକତାକୁ ଭୁଲି ଏକ ଜାତିତ୍ୱ ଲାଭ କରିବ ବୋଲି ମତଦେଇ ଲେଖିଛନ୍ତି—"ସଂକ୍ଷେପତଃ ଭବିଷ୍ୟତକୁ ଅନାଇଲେ ବର୍ତ୍ତମାନ କେବଳ ଆଶାର ଚିହ୍ନ ଦେଖାଯାଏ । ଆମ୍ଭମାନଙ୍କର ଯେ ଉନ୍ନତି ହେବ, ଏବଂ ଏହି ପ୍ରକାରରେ ବଙ୍ଗ, ପଞ୍ଜାବ, ବମ୍ବେ, ମାନ୍ଦ୍ରାଜ ପ୍ରଭୃତିର ସେ ଉନ୍ନତି ହେବ ଓ ସମସ୍ତ ଭାରତବାସୀଏ ଏକ ଜାତିତ୍ୱ ଲାଭ କରିବେ ଏହା ସ୍ୱପ୍ନର କଥା ନୁହେଁ ।" (୭) ଅତଏବ ପ୍ୟାରୀ-ମୋହନଙ୍କର "ଓଡ଼ିଶାର ଇତିହାସ" କେବଳ ଅତୀତର ଜୀର୍ଣ୍ଣ କଥା ବସ୍ତୁର ବର୍ଣ୍ଣନା ନୁହେଁ ମାତ୍ର ଏହା ଅତୀତର ତାତ୍ତ୍ୱିକ ବିଶ୍ଳେଷଣରେ ବର୍ତ୍ତମାନର ମୂଲ୍ୟାୟନ ସହିତ ଭବିଷ୍ୟତପାଇଁ ଏକ ନିର୍ଦ୍ଦେଶ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

## ପ୍ୟାରୀମୋହନଙ୍କର ସାହିତ୍ୟ ପ୍ରତି ଦୃଷ୍ଟିକୋଣ :

ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ଆରମ୍ଭ କାଳ ଊନବିଂଶ ଶତକର ଅଷ୍ଟମ ଦଶକ । ଏହି ସମୟରେ ଏକ ନୂତନ ଶିକ୍ଷିତଗୋଷ୍ଠୀର

---

୫ । ପ୍ୟାରୀମୋହନ ଆଚାର୍ଯ୍ୟ—ଓଡ଼ିଶାର ଇତିହାସ ୨ୟ ସଂ ପୃ ୩୯

୬ । ପ୍ୟାରୀମୋହନ ଆଚାର୍ଯ୍ୟ—ଓଡ଼ିଶାର ଇତିହାସ, ୨ୟ ସଂ. ପୃ ୭୩ ।

୭ । ପ୍ୟାରୀମୋହନ ଆଚାର୍ଯ୍ୟ—ଓଡ଼ିଶାର ଇତିହାସ, ୨ୟ ସଂ: ପୃ ୧୬୮ ।

ଆବିର୍ଭାବ ହୋଇଥାଏ । ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଏହି ଶିକ୍ଷିତଗୋଷ୍ଠୀର ଚିତ୍ତବୃତ୍ତିର ପ୍ରତିନିଧିତ୍ୱରୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ହେଲା । ଏହି ଦଶକରେ ଉତ୍କଳଦର୍ପଣ, ଉତ୍କଳପୁତ୍ର, ଉତ୍କଳମଧୁପ, ଉତ୍କଳ ହିତୈଷିଣୀ, ସଂସ୍କାରକ ଓ ସେବକ ଆଦି ବିଭିନ୍ନ ପତ୍ରପତ୍ରିକା ଆତ୍ମପ୍ରକାଶ କରି ଆଧୁନିକ ସାହିତ୍ୟର ଆରମ୍ଭ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କଲା । ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ ସେନାପତି, ରାମଶଙ୍କର ରାୟ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଗୌରୀଶଙ୍କର ରାୟ ପ୍ରଭୃତି ବହୁ କୃତବିଦ୍ୟ ଲେଖକମାନେ ଏହିସମୟରେ ଉତ୍କଳ ସାହିତ୍ୟର ନବ ଗଠନ ପାଇଁ ଉଦ୍ୟମ କରିଥାନ୍ତି । ପାଠ୍ୟପୁସ୍ତକ ରଚନାରୁ ନୂତନ ସାହିତ୍ୟର ହେଲା ଶୁଭାରମ୍ଭ । ପୁନଶ୍ଚ ଏହି ସମୟରେ ଓଡ଼ିଶାରେ ବ୍ରାହ୍ମଧର୍ମର ପ୍ରସାର ହେଲା । ବ୍ରାହ୍ମଧର୍ମ ତତ୍କାଳୀନ ଶିକ୍ଷିତ ମାନସକୁ ଗଭୀର ଭାବରେ ଆଲୋଡ଼ନ କଲା । ଫଳରେ ବ୍ରାହ୍ମଧର୍ମ ପ୍ରଭାବରେ ସାହିତ୍ୟରେ ଏକ ନବରୁଚି ପ୍ରତିଷ୍ଠିତ ହେବାକୁ ଲାଗିଲା । ତେଣୁ ସାହିତ୍ୟକୁ କେବଳ ଆନନ୍ଦଦାନର ବସ୍ତୁ ଭାବରେ ବିବେଚନା କରା ନଯାଇ ସମାଜ କଲ୍ୟାଣର ଏକ ମାଧ୍ୟମ ଭାବରେ ଗ୍ରହଣ କରାଗଲା । ଫଳରେ ପ୍ରାଚୀନ ସାହିତ୍ୟକୁ ଏହି ସମୟରେ ସର୍ବପ୍ରଥମେ କଠୋର ସମାଲୋଚନା କରାଯାଇଥିଲା । ଯେଉଁ ସାହିତ୍ୟ ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ଏବଂ ନୀତିହୀନ ଅଶ୍ଳୀଳ ଭାବରେ ପରିପୂର୍ଣ୍ଣ ସେହି ସାହିତ୍ୟର କୌଣସି ମୂଲ୍ୟ ନାହିଁ । ଏହି କାରଣରୁ ପ୍ୟାରୀମୋହନ ଆଚାର୍ଯ୍ୟ "ଉତ୍କଳସାହିତ୍ୟର ଦୁରବସ୍ଥା" ବିଷୟରେ ଆଲୋଚନା କରିଛନ୍ତି—"ଶୁଦ୍ଧ ସାହିତ୍ୟର ଗତି, ଗତିସ୍ଥଳରେ ଆନନ୍ଦଦାୟକ ନୁହେଁ । ତେବେ ଏ ବିଭାଗରେ ପ୍ରକୃତ ଯାହା କିଛି ଅଛି ତାହା କେବଳ ପୂର୍ବକାଳୀୟ ଦୀର୍ଘ ଶବ୍ଦାଡ଼ମ୍ବର ବିଶିଷ୍ଟ, ସାତ୍ତ୍ୱିକ ଭାବପୂର୍ଣ୍ଣ, ଅଶ୍ଳୀଳ ଭାଷାମଣ୍ଡିତ ଓ ସ୍ଥାନ ସ୍ଥାନରେ ଅବଶ୍ୟ ହୃଦୟମୋହନକାରୀ ସରଳଭାଷାରେ ଲିଖିତ, ସୁଲଳିତ ଓ ସ୍ୱାଭାବିକ ଭାବଯୁକ୍ତ, ଭଞ୍ଜ, ବ୍ରହ୍ମା, ଦାସ, ସାମନ୍ତସିଂହାର ପ୍ରଭୃତି କବିକଦମ୍ବଙ୍କ ଲୌହଲେଖନୀ ସମ୍ଭୂତ ଖଣ୍ଡି କେତେ କାବ୍ୟ । କିନ୍ତୁ ଏ ଗ୍ରନ୍ଥାବଳୀର ଅବସ୍ଥା ଏରୂପ ନୁହେଁ ଯେ, ସୁକୁମାରମତି ଶିଶୁ କି ଯୌବନୋନ୍ମୁଖୀ ବାଳକ ସମସ୍ତଙ୍କ

ହସ୍ତରେ ଏସବୁକୁ ନିରାପଦରେ ଅର୍ପଣ କରାଯାଏ ।" (୮) ଏଥିରୁ ପ୍ୟାରୀମୋହନଙ୍କର ସାହିତ୍ୟପ୍ରତି ଦୃଷ୍ଟିକୋଣ କ'ଣ ତାହା ସହଜରେ ଜଣାଯାଇଥାଏ । ସେ ଶୁଦ୍ଧ ସୁନୀତିପୂର୍ଣ୍ଣ ଶ୍ଳୀଳ ସାହିତ୍ୟ ସୃଷ୍ଟିର ପକ୍ଷପାତୀ ।

ପ୍ୟାରୀମୋହନ ତାଙ୍କ ସମ୍ପାଦିତ 'ଉତ୍କଳ ପୁତ୍ର' ପାକ୍ଷିକ ପତ୍ରିକାରେ ଓଡ଼ିଆ ସାହିତ୍ୟର ଉନ୍ନତିପାଇଁ ଆଶାନ୍ୱିତ ଆହ୍ୱାନ ଜଣାଇ ଅଛନ୍ତି । ସେ ଆଧୁନିକ ସାହିତ୍ୟର ବିକାଶ ପାଇଁ ପ୍ରେରଣା ଦେଇଅଛନ୍ତି ଏବଂ ତତ୍ ସହିତ ସେ ଅଶ୍ଳୀଳ ସାହିତ୍ୟର ଘୋର ନିନ୍ଦା କରିଅଛନ୍ତି । ଏପରିକି ସେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକୁ ତାଙ୍କର ଇତିହାସରେ ତୀବ୍ରଭାବରେ ସମାଲୋଚନା କରିଅଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ କବିତା ସମ୍ବନ୍ଧରେ ସେ ମତଦେଇ ଅଛନ୍ତି—"ତାଙ୍କ ରଚନାର ଅଧିକାଂଶ ଭାଗ ଅଶ୍ଳୀଳ ଓ ଶବ୍ଦାଡ଼ମ୍ବରରେ ପରିପୂରିତ । ସେ ଭାବ ଅପେକ୍ଷା ରେ ଚାତୁର୍ଯ୍ୟରେ ଅଧିକ ପ୍ରିୟ ଥିଲେ । ଆଧୁନିକ ଭାବ ପ୍ରିୟ ଶତାବ୍ଦୀକୁ ତାଙ୍କର ଶବ୍ଦାଡମ୍ବର ଯୁକ୍ତ କବିତାଚୟ ରୁଚିର ସଙ୍ଗତ ହେଉ ନାହିଁ, ମାତ୍ର ଉପେନ୍ଦ୍ରଙ୍କ ପ୍ରଶଂସାରେ ଆହୁରି ପଦେ ବକ୍ତବ୍ୟ ଏହି ଯେ, ସେ ଯେଉଁଠାରେ ସରଳ କାବ୍ୟମାନ ବ୍ୟବହାର କରି ରଚନା କରିଅଛନ୍ତି, ସେ ସ୍ଥଳମାନ ମଧୁର ଓ ଭାବଯୁକ୍ତ ହୋଇଅଛି । ଫଳତଃ ଉପେନ୍ଦ୍ର ଭଞ୍ଜଙ୍କର କବିତ୍ୱ ଶକ୍ତି ଊଣା ନଥିଲା, ମାତ୍ର ସଦ୍ରୁଚିର ଅଭାବ ଥିଲା । (୯) ପ୍ୟାରୀମୋହନ ପ୍ରାଚୀନ ସାହିତ୍ୟ ତଥା ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ ଯେଉଁ ପ୍ରାଥମିକ ଆଲୋଚନା ଆରମ୍ଭ କରିଥିଲେ ତାହା କ୍ରମେ ନବମ ଓ ଦଶମ ଦଶକବେଳକୁ ତୀବ୍ର ଆକାର ଧାରଣ କରିଥିଲା । ଲାଲରାମ ନାରାୟଣ ରାୟ, ବିଶ୍ୱନାଥ କର ପ୍ରଭୃତି ଆଲୋଚକମାନେ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ କବିତାକୁ ନୈତିକ ଦୃଷ୍ଟିକୋଣରୁ ଆଲୋଚନା କରି ତାହା କିପରି ଆଧୁନିକ ଭାବ ପ୍ରଧାନ ଯୁଗପାଇଁ ଅନୁକୂଳ ନୁହେଁ ମନ୍ତବ୍ୟ ଦେଇଥିଲେ । ପ୍ୟାରୀମୋହନ ହିଁ ଉତ୍କଳରେ ନବରୁଚିର ପଥ ପ୍ରଦର୍ଶକ । ୧୮୭୧ ସାଲଠାରୁ ଭଞ୍ଜ

---

୮ । ଉତ୍କଳପୁତ୍ର— ୨ ଭା ସଂ ୬ — ତା ୩।୭।୧୮୭୪

୯— ପ୍ୟାରୀମୋହନ ଆଚାର୍ଯ୍ୟ—'ଓଡ଼ିଶାର ଇତିହାସ' ।ଦ୍ୱି ସଂ ପୃ ;୩

ବିରୋଧୀ ବାତାବରଣ ସୃଷ୍ଟି ହୋଇ କ୍ରମେ ଏହି ପ୍ରତିକ୍ରିୟାରୁ ୧୮୯୧ସାଲ ପରେ ରାଧାନାଥ ବିରୋଧୀ ବାତାବରଣ ସୃଷ୍ଟି ହେଲା ଏବଂ ଏହି ସଂଘର୍ଷର ପରିଣତିରୁ ଇନ୍ଦ୍ରଧନୁ ଓ ବିଜୁଳିର ଜନ୍ମ ହେଲା । କବିବର ରାଧାନାଥ ରାୟଙ୍କ ଆଧୁନିକ ସାହିତ୍ୟରେ ମଧ୍ୟ ମାଂସଳତା ଦେଖିବାକୁ ମିଳେ । ତେଣୁ ବିଶ୍ୱନାଥ କର ସମାଲୋଚନା କରି ଲେଖିଛନ୍ତି—"ରାୟ କବି ଗମ୍ଭୀର ଓ ଉଚ୍ଚ ଭାବର ବର୍ଣ୍ଣନାରେ ଦକ୍ଷତାର ଯଥେଷ୍ଟ ପରିଚୟ ଦେଇ ଥିଲେ ହେଁ ପ୍ରେମ ରସ ବର୍ଣ୍ଣନାରେ ତାଙ୍କର ପ୍ରବଣତା ଯେ ଅଧିକ; ଏକଥା ସ୍ୱୀକାର କରିବାକୁ ହେବ । ଦୁର୍ଭାଗ୍ୟର ବିଷୟ ଏ ପର୍ଯ୍ୟନ୍ତ ଆମ୍ଭେ ମାନେ ତାଙ୍କଠାରୁ ଗୋଟିଏ ଖୁବ୍ ଉନ୍ନତ ପ୍ରେମ ଚିତ୍ର ପାଇ ନାହୁଁ । ବରଂ ବ୍ୟଥିତ ଚିତ୍ତରେ କହିବାକୁ ପଡୁଛି ଯେ ସେ ତାଙ୍କର ପ୍ରାୟ ସମସ୍ତ ନାୟକ ନାୟିକାଙ୍କ ଚରିତ୍ରକୁ ଶାରୀରିକ ସୌନ୍ଦର୍ଯ୍ୟ ଓ ଇନ୍ଦ୍ରିୟ ସୁଖରେ ଅଭିନିବିଷ୍ଟ କରି ପକାଇଛନ୍ତି । ସ୍ଥଳ ବିଶେଷରେ ସେ ସୁରୁଚିର, ଏମନ୍ତ କି, ସୁନୀତିର ସୀମା ଲଙ୍ଘନ କରି ଯାଇଛନ୍ତି ।" (୧୦) ଅତଏବ ଫକୀରମୋହନ ଯେଉଁ ସାହିତ୍ୟିକ ବିଦ୍ରୋହର ମାନଦଣ୍ଡ ପ୍ରସ୍ତୁତ କରିଥିଲେ ତାହା ପରବର୍ତ୍ତୀ ସମାଲୋଚକ ତଥା କବି ଓ ଲେଖକ ମାନଙ୍କୁ ବିଶେଷଭାବରେ ପ୍ରଭାବିତ କରିଥିବାପରି ମନେ ହୋଇଥାଏ । ଭଞ୍ଜ ବିରୋଧୀ ଭାବଧାରା କ୍ରମେ ରାଧାନାଥ ବିରୋଧୀ ଭାବଧାରାରେ ପରିଣତ ହୋଇ ଏକ ସୁସ୍ଥ ସାହିତ୍ୟିକ ଗୋଷ୍ଠୀ ଗଠନ ପାଇଁ ଆଗାମୀ ଯୁଗକୁ ଆହ୍ୱାନ ଦେଲା । କବି ନନ୍ଦକିଶୋର ବଳ ମଧ୍ୟ "କବି ରାଧାନାଥ ଓ ତଦୀୟ କବିତା" ପ୍ରବନ୍ଧରେ ଲେଖିଛନ୍ତି —"କବି ରାଧାନାଥଙ୍କ ରଚିତ ଅନେକ ନାୟକ ନାୟିକାଙ୍କ ପ୍ରୀତି ରୂପଜ, ଶାରୀରିକ ସୌନ୍ଦର୍ଯ୍ୟଜ ପାର୍ଥିବ ପ୍ରଣୟ, ମାନସିକ ଲାବଣ୍ୟ ପ୍ରସୂତ ନିର୍ମଳ ନିଃସ୍ୱାର୍ଥପ୍ରୀତି ନୁହେଁ । ତାହା ପୃଥିବୀର; ସ୍ୱର୍ଗର ନୁହେଁ । ତାହା କାମ; ପ୍ରେମ ନୁହେଁ । (୧୧) ନାଟ୍ୟକାର ରାମଶଙ୍କର ରାୟ ମଧ୍ୟ ତାଙ୍କର

---

୧୦—ବିଶ୍ୱନାଥ କର—ଉତ୍କଳ ସାହିତ୍ୟ ଫାଲ୍ଗୁନ ୧୯୦୧

୧୧—ନନ୍ଦକିଶୋର ବଳ ଗ୍ରନ୍ଥାବଳୀ—ପୃ୧୭୨

ପ୍ରଥମ ନାଟକ କାଞ୍ଚି କାବେରୀର ପ୍ରସ୍ତାବନାରେ 'ସୁନ୍ଦରରୁଚି' ଉପରେ ଗୁରୁତ୍ୱ ଦେଇଅଛନ୍ତି । ଏହିସମସ୍ତ ସାହିତ୍ୟିକ ମନ୍ତବ୍ୟ ଓ ସମାଲୋଚନାରୁ ଜଣାଯାଏ ଊନବିଂଶ ଶତକର ଅଷ୍ଟମ ଦଶକରେ ସାହିତ୍ୟରେ ଶ୍ଳୀଳ-ଅଶ୍ଳୀଳ ଭାବଧାରାକୁ ନେଇ ଶ୍ୟାମମୋହନ ଯେଉଁ ଇଙ୍ଗିତ ଦେଇଥିଲେ ତାହାର ଏସବୁଇ ଗୋଟିଏ ଗୋଟିଏ ବିସ୍ତୃତ ରୂପମାତ୍ର ।

ଶ୍ୟାମମୋହନ ସାହିତ୍ୟରେ ଶ୍ଳୀଳଚେତନା ଓ ସୁନୀତିର ପକ୍ଷପାତୀ । ବ୍ରାହ୍ମଧର୍ମୀ ଦର୍ଶନ ତାଙ୍କ ଉପରେ ଏହି ପ୍ରଭାବ ବିସ୍ତାର କରିଥିଲା । ତାଙ୍କ ମତରେ ସମାଜ କଲ୍ୟାଣପାଇଁ ସାହିତ୍ୟ ଉଦ୍ଦିଷ୍ଟ ହେବା ଉଚିତ । ପୁନଶ୍ଚ ସେ ସାହିତ୍ୟରେ ଶବ୍ଦାଡମ୍ବରକୁ ପ୍ରଶ୍ରୟ ଦେବାର ପକ୍ଷପାତୀ ନଥିଲେ । ସରଳ ତରଳ ସାବଲୀଳ ଓ ସ୍ୱାଭାବିକ ଭାଷା ବ୍ୟବହାର କରି ମାନବ ଜୀବନର ଅନ୍ତର୍ନିହିତ ସ୍ୱରୂପକୁ ବର୍ଣ୍ଣନା କରିବାପାଇଁ ସେ ସାହିତ୍ୟିକମାନଙ୍କୁ ପ୍ରେରଣା ଦେଉଥିଲେ । ସେଥିପାଇଁ ସେ ଉତ୍କଳଭାଷାର ଉନ୍ନତିପାଇଁ ନାନା ପ୍ରବନ୍ଧମାନ ରଚନା କରିଥିଲେ । ସେତେବେଳେ ଯେଉଁମାନେ ଓଡ଼ିଆ ଭାଷାର ଉନ୍ନତିପାଇଁ କାର୍ଯ୍ୟ କରୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ଧନ ବ୍ୟକ୍ତି । ସେହିମାନଙ୍କର ଉଦ୍ୟମରେ ବିରାମ ନଥିଲା । ମାତ୍ର ସମସ୍ତ ଚେଷ୍ଟା କାର୍ଯ୍ୟରେ ପରିଣତ ହୋଇ ପାରୁନଥିଲା । ରାଜ-ପୁରୁଷଙ୍କ ଉପରେ ଏଥିପାଇଁ ନିର୍ଭର କରିବାର ପକ୍ଷପାତୀ ସେ ନଥିଲେ ।(୧୨)ସାହିତ୍ୟ ଓ ଭାଷାର ଉନ୍ନତି କରିବାକୁ ହେଲେ ସାହିତ୍ୟ ପତ୍ରିକାର ପ୍ରକାଶନ ଏକାନ୍ତ ଆବଶ୍ୟକ । ଆଧୁନିକ ସାହିତ୍ୟର ବିକାଶ ଦିଗରେ ପତ୍ରିକା ଗୁଡ଼ିକର ଅବଦାନକୁ ସର୍ବାଦୌ ସ୍ୱୀକାର କରିବାକୁ ହୋଇଥାଏ । ଗ୍ରାହକତାର ଅଭାବରେ ପତ୍ରିକା ପ୍ରକାଶିତ ହୋଇପାରେ ନାହିଁ । ଫଳରେ ସାହିତ୍ୟର ମଧ୍ୟ ବିକାଶ ହୋଇପାରିବ ନାହିଁ । ଓଡ଼ିଆ ପତ୍ରିକା କ୍ରୟ କରିବା ପାଇଁ ଅନୁକୂଳ ବାତାବରଣ ସେତେବେଳେ ନଥିଲା । ଲୋକେ ପତ୍ରିକାନେଇ ମୂଲ୍ୟ ଦେଉନଥିଲେ । ଏବେମଧ୍ୟ ସେଇ ଦୁରବସ୍ଥା

---

୧୨— 'ଉତ୍କଳପୁତ୍ର'—ଖ୍ର/ସ୧—ତା୧।୫।୧୮୭୩

ଓଡ଼ିଆ ପତ୍ରିକା କ୍ଷେତ୍ରରେ ଦେଖିବାକୁ ମିଳେ । ଗ୍ରାହକମାନଙ୍କର ଏତାଦୃଶ ବ୍ୟବହାରକୁ ଲକ୍ଷ୍ୟକରି ପ୍ୟାରୀମୋହନ ଲେଖିଥିଲେ— "ଗ୍ରାହକ ! ବିଶେଷତଃ ମଫସଲ ଗ୍ରାହକେ ! ଆପଣମାନଙ୍କ ଆଚରଣରେ ଆମ୍ଭେମାନେ ଅସ୍ଥିର ହୋଇଅଛୁଁ, ଆମ୍ଭେମାନେ ମହାଜନ ଦରକରି, ଛାପାଖର୍ଚ୍ଚ ଦେଇ, ହାତରୁ ଟିକଟି ଲଗାଇ, କି ଆପଣମାନଙ୍କୁ କେବଳ କାଗଜ ପଢ଼ିବାକୁ ଦେଉଁଥିବୁ ? ଟିକିଏ ଭାବୁନାହିଁ ଯେ ସମ୍ବାଦପତ୍ର ଚଳନ ସମ୍ପୂର୍ଣ୍ଣ ରୂପେ ଗ୍ରାହକଙ୍କ ଉପରେ ନିର୍ଭର କରେ । ହା; ଆମ୍ଭ ମାନଙ୍କ କପାଳ !" (୧୩) ଏଥିରୁ ମନେହୁଏ ଯେ ପ୍ୟାରୀମୋହନ ଓଡ଼ିଆ ଭାଷାର ବିକାଶପାଇଁ ପତ୍ରପତ୍ରିକାକୁ ମାଧ୍ୟମରୂପେ ଗ୍ରହଣ କରିଥିଲେ ଓ ପତ୍ରପତ୍ରିକାର ବିକାଶ ଉପରେ ଆଧୁନିକ ରୁଚିସମ୍ପନ୍ନ ସାହିତ୍ୟର ଉନ୍ନତି ହେବ ବୋଲି ଆଶା କରିଥିଲେ । ଓଡ଼ିଶାରେ ଗୋଟିଏ ଉନ୍ନତ ରୁଚିପୂର୍ଣ୍ଣ ପାଠକଗୋଷ୍ଠୀ ସୃଷ୍ଟି କରି ଆଧୁନିକ ସାହିତ୍ୟରେ ନୂତନ ମାନବିକ ମୂଲ୍ୟବୋଧ ପ୍ରକାଶ କରିବାକୁ ସେ ଯେଉଁ ଉଦ୍ୟମ କରିଥିଲେ ତାହା ବାସ୍ତବିକ ଅଭିନନ୍ଦନୀୟ ।

## ପ୍ୟାରୀମୋହନଙ୍କର ସାମାଜିକ ଦୃଷ୍ଟିକୋଣ

ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ପ୍ୟାରୀମୋହନ ଓଡ଼ିଶାର ସାମାଜିକ ଜୀବନରେ ଥିଲେ ଜାଗ୍ରତ ପ୍ରହରୀ । ଧର୍ମନାମରେ ଯେଉଁ ବାହ୍ୟସ୍ରିତା, ଶାସନ ନାମରେ ଯେଉଁ ଯଥେଚ୍ଛାଚାରିତା, ଇଂରେଜୀ ଶିକ୍ଷା ନାମରେ ଯେଉଁ ପାଶ୍ଚାତ୍ୟାନୁକରଣଶୀଳତା, ବ୍ୟବସାୟ କ୍ଷେତ୍ରରେ ଯେଉଁ ଦୁର୍ନୀତି ଦେଖା ଦେଇଥିଲା ପ୍ୟାରୀମୋହନ ସେସବୁ ମନୋବୃତ୍ତିକୁ ତୀବ୍ର ଭାବରେ ସମାଲୋଚନା କରିଅଛନ୍ତି । ଏହିପରି ଏକ ଜଘନ୍ୟ ସାମାଜିକ ପରିବେଶରୁ ପ୍ରକୃତ ଉତ୍କଳପୁତ୍ରଙ୍କୁ ସେ ଅନ୍ୱେଷଣ କରିବାକୁ ଲାଗିଲେ । ଦୋଳଉତ୍ସବରେ ହିନ୍ଦୁ ସମାଜ ମଧ୍ୟରେ ଯେଉଁ ବୀଭତ୍ସ ବାତାବରଣ ସୃଷ୍ଟି ହୁଏ ପ୍ୟାରୀମୋହନ ତାକୁ ତୀବ୍ର ଭାବରେ ସମାଲୋଚନା କରି ଲେଖିଛନ୍ତି- "ଦୋଳ ହିନ୍ଦୁମାନଙ୍କର ଗୋଟିଏ ବଡ଼ ପର୍ବ । ଆଜିକି ସୁରାପାଣିଙ୍କର

---

୧୩— 'ଉତ୍କଳପୁତ୍ର' ଭା ୨/ ସଂ. ୮-ତା ୫ । ୮ । ୧୮୭୪

ଦୋଳ ଏଣ୍ଡ ପର୍ବ ବଡ଼ ଧୂମଧାମରେ ସମ୍ପନ୍ନ ହେଉଅଛି । ଦୂରଦୂରାନ୍ତରରେ ବିଦେଶରେ ଯେ ଯେଉଁଠି ଥିଲେ ସେମାନଙ୍କ ମଧ୍ୟରୁ ଅନେକେ ଆସି ଗୃହରେ ପୁନଃ ସମ୍ମିଳିତ ହୋଇ ଅଛନ୍ତି । କିନ୍ତୁ ଯାହାହେଉ ଭଣ୍ଡ ତାମସାର ପ୍ରାବଲ୍ୟ ଛାଡ଼ ନାହିଁ । ଆଜି ଧୂଳିଣ୍ଡି; ସାଧାରଣତଃ ଆଜି ଦୋଳ ପର୍ବର ଶେଷଦିନ । ପାଠକେ ! ଆଜି ଦେଖୁଛନ୍ତି ହିନ୍ଦୁ ସମାଜର କି ରୂପ ହୋଇ 'ଲଟେଲଟ' ହୋଇଅଛି, ଆଜି ବାପ, ପୁଅ, ଭାଇ, ଭଉଣୀ ସମସ୍ତେ ଲଜ୍ଜାମୁଣ୍ଡ ହଜମ କରି ଭଣ୍ଡ ଗୀତରେ, ଭଣ୍ଡ ରଙ୍ଗରେ ମାତି ଅଛନ୍ତି । ଫଗୁ ଓ ବକମ ପାଣିରେ ଜଡ଼ହୋଇ ଆଜି ପ୍ରତ୍ୟେକେ ଏକ ଏକ 'ଗ୍ରାମଶଙ୍କର' ଅବତାର ! ଆଜି ଅବକାଶ ବଜାର ଭାରି ଗରମ ! ପାଠକେ ଶୁଣ ଆଜି, କେହି କହୁଅଛନ୍ତି "ନମୋ ଦେବୀ ଗଞ୍ଜିକାୟୈ, ନମୋ କୃଷ୍ଣଚନ୍ଦ୍ରାୟ' କାହାରି ମୁହଁରୁ ଅବା "ପିବନ୍ତୁ ପଞ୍ଚ ସମ୍ମିଳିତ ନମୋ କାଳୀପୁଷ୍ପମାୟୈ' କେହି ଭକ୍ତ ଅବା ବୋଲୁଛନ୍ତି— ନମୋ ପାଞ୍ଚ ବୋତଲାୟ; ନମୋ ରଣ୍ଡୀ ପୁରାୟ, ରାଧାଙ୍କ ପଦାରେ ବନ୍ଦେ ମନ ନଅ ଘଟାଅ' । ଏ ଅବସ୍ଥାରେ ଚଞ୍ଚ ପାଠକେ ! ଆଜି ଟିକିଏ ସତର୍କ ଥିବେ ।"(୧୪) ପ୍ୟାରୀମୋହନ ତତ୍‌କାଳୀନ ସାମାଜିକ ଜୀବନର ଯେଉଁ ଯେଉଁ ବୀଭତ୍ସତାକୁ ଲକ୍ଷ୍ୟ କରିଥିଲେ ସେ ସବୁକୁ ନିର୍ଭୀକ ଭାବରେ ପ୍ରକାଶ କରୁଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ସାମାଜିକ ଜୀବନକୁ ସୁନ୍ଦର ଅନାମୟ କରିବା । ତେଣୁ ଦୋଳ ଉତ୍ସବରେ ହିନ୍ଦୁମାନଙ୍କର ଯେଉଁ ବୀଭତ୍ସ ରଙ୍ଗ ଖେଳନ୍ତିଏ ତାକୁ ସେ କଠୋର ଭାବରେ ସମାଲୋଚନା କରିଅଛନ୍ତି ।

ଏହା ବ୍ୟତୀତ ସେ ଇଂରାଜୀ ଶିକ୍ଷାର ପ୍ରସାର ଫଳରେ ଯେଉଁ ନୂତନ ବାବୁ ଗୋଷ୍ଠୀର ଆବିର୍ଭାବ ଘଟିଥିଲା ତାକୁ ମଧ୍ୟ ସମାଲୋଚନା କରିଅଛନ୍ତି । ସେ ଇଂରାଜୀ ଶିକ୍ଷାକୁ ନିନ୍ଦା କରି ନାହାନ୍ତି ମାତ୍ର ଏ ଦେଶର ଶିକ୍ଷିତ ଯୁବକ ଇଂରାଜୀ ଶିକ୍ଷା ଲାଭ କରି ସାରିଲା ପରେ ତାର ମୌଳିକ ବୃତ୍ତିକୁ ଭୁଲି ଯେପରି ସୁରା ଓ ସାହେବର ସଂସ୍ପର୍ଶରେ ଆସି ଏକ

---

୧୪—ଉତ୍କଳ ପୁତ୍ର—ଭା୧।ସଂ ୨୨— ତା୪।୩।୧୮୭୪

ଅଶୋଭନୀୟ ବାତାବରଣ ସୃଷ୍ଟି କରୁଥିଲା ସେହି କଥାକୁ ପ୍ୟାରୀମୋହନ ନିନ୍ଦା କରିଅଛନ୍ତି । ସେ ଲେଖିଛନ୍ତି—"ଆଜକାଲିକା ସଂସାର କି ଭିନ୍ନ ପ୍ରକାରର ? କେତେ ଆଡ଼େ କେତେ ଅଦ୍ଭୁତ ! ଦେଖ, କେଉଁଠି କେହି ବ୍ରାହ୍ମଣ ପୈତା ବାକ୍ସରେ ରଖିଲେ, କୁପରର ବିଲାତି ରମ ପଣାର ଦୋକାନ ଧ୍ୱଂସ କଲେ, ବିରମୁଲ୍ଲା ଖାଁ ଦୋକାନ ରେଳ, ଗୋରୁ, କୁକୁଡ଼ା ହାଡ଼ମାଳରେ ପାକସ୍ଥଳୀ ପୂର୍ଣ୍ଣ କଲେ, ସନ୍ଧ୍ୟା ଗାୟତ୍ରୀ ଗାଧୋଇଗଲା, ଗୁରୁପଦ ଇଂରାଜୀ ପଢ଼ିଲେ, ଟମ୍‌ଜେମ୍‌ସଙ୍କ ଶିଷ୍ୟତା ସ୍ୱୀକାର କଲେ, ବୋଇଲେ କଣ 'ଆମ୍ଭେ ହିନ୍ଦୁ ।' × × × ମାସ ସ୍ୱୟଂ ପିତୃମାତୃ ଶ୍ରାଦ୍ଧ କରିବାକୁ ଅନିଚ୍ଛୁକ । ପୁଣି ବିଲାତି ଟେଡ଼ା, ବିଲାତି ଜୁଆଁଗ୍ରେଭିରେ ପୂର୍ଣ୍ଣ, ବିଲାତି ବହି ଟୁକଟାକ୍ୟରେ ମୁଗ୍ଧ । ହେତୁ କି ୨୪ ପାଷଣ୍ଡ ବିଲାତି ବିଦ୍ୟା ପେଟରେ ଅଛି ।" (୧୫) ପ୍ୟାରୀମୋହନ ହେଉ ସମ୍ପୂର ତଥା କଥିତ ନବ୍ୟ ଶିକ୍ଷିତମାନଙ୍କର ବିଲାତି ମନୋବୃତ୍ତିକୁ କଠୋର ଭାବରେ ସମାଲୋଚନା କରିଅଛନ୍ତି । ପ୍ୟାରୀମୋହନ ଯେଉଁ ସାମାଜିକ ସଚେତନତା ସୃଷ୍ଟି କରିଥିଲେ ଏବଂ ଯେଉଁ ଭାବରେ ବିଲାତି ମନୋବୃତ୍ତିକୁ ନିନ୍ଦା କରିଥିଲେ ତାହା ପରବର୍ତ୍ତୀ କାଳରେ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ ରଚନା କରିବାକୁ ଯଥେଷ୍ଟ ପ୍ରେରଣା ଦେଇଥିଲା । ଫକୀରମୋହନ 'ଛମାଣ ଆଠଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ୍ତ' ଆଦି ଉପନ୍ୟାସରେ ଓ 'ଡାକମୁନସି', 'ପେଟେଣ୍ଟ ମେଡ଼ିସିନ', 'ସଭ୍ୟ ଜମିଦାର' ଆଦି ଗଳ୍ପରେ ବିଲାତି ସଭ୍ୟତାକୁ ନିନ୍ଦା କରି ଅଛନ୍ତି । ବିଶ୍ୱନାଥ କର ମଧ୍ୟ ତାଙ୍କର କେତେକ ପ୍ରବନ୍ଧରେ ପ୍ୟାରୀମୋହନଙ୍କର ଚିନ୍ତାଧାରାକୁ ପ୍ରକାଶ କରିଅଛନ୍ତି । ବାସ୍ତବିକ ପ୍ୟାରୀମୋହନ ବିଲାତି ସଭ୍ୟତାର ପ୍ରଭାବ ଫଳରେ ଓଡ଼ିଶାର ସାମାଜିକ ଜୀବନରେ ଯେଉଁ ବୀଭତ୍ସ ବାତାବରଣ ସୃଷ୍ଟି ହୋଇଥିଲା ତାକୁ କଠୋର ଭାବରେ ସମାଲୋଚନା କରିଅଛନ୍ତି । କେବଳ ଏତିକି ନୁହେଁ, ଇଂରେଜୀ ଲୋକ

---

୧୫—ଉତ୍କଳ ପୁତ୍ର—ଖ ୨ । ସଂ ୯—ତା ୧୧।୮।୧୮୭୪

ମାନଙ୍କର ଶାସନ ପ୍ରଣାଳୀକୁ ମଧ୍ୟ ସେ ସମାଲୋଚନା କରିଅଛନ୍ତି । ଇଂରେଜ ଶାସନ ପ୍ରଣାଳୀର ତ୍ରୁଟିକୁ ସେ ଦେଖାଇ ଦେଇଛନ୍ତି । “ଇଂରେଜ ମାନଙ୍କ ଦ୍ୱାରା ଓଡ଼ିଶା ଶାସନ” ପ୍ରବନ୍ଧରେ ସେ ଓଡ଼ିଶାର ଉନ୍ନତି ଓ ଅବନତିକୁ ବର୍ଣ୍ଣନା କରିଅଛନ୍ତି । (୧୬) ଇଂରେଜମାନଙ୍କର ୭୧ ବର୍ଷର ଶାସନ ସମୟରେ ଓଡ଼ିଶାରେ ରେଳ ରାସ୍ତା ହୋଇପାରିଲା ନାହିଁ, ଶିକ୍ଷାର ମଧ୍ୟ ପ୍ରସାର ହୋଇପାରିଲା ନାହିଁ । ଭାରତର ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶା ଅଧିକ ଅବନତ । ପ୍ୟାରୀମୋହନ ଉପଲବ୍ଧି କରିଥିଲେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ତଥା ଓଡ଼ିଆ ସାହିତ୍ୟର ବିକାଶ କରିବାକୁ ହେଲେ ଓଡ଼ିଶାକୁ ଅନ୍ୟାନ୍ୟ ପ୍ରଦେଶ ସହିତ ରେଳ ରାସ୍ତା ଦ୍ୱାରା ସଂଯୋଗ କରିବାକୁ ହେବ ଏବଂ ଶିକ୍ଷା ବିସ୍ତାର କରିବାକୁ ହେବ । ଇଂରେଜମାନେ ଏହା ନକରି ଯେପରି ଏ ଜାତିକୁ ଶୋଷଣ, ପୀଡ଼ନ ଓ ଅତ୍ୟାଚାର କରୁଥିଲେ ତାର ସେ ପ୍ରତିବାଦ କରିଅଛନ୍ତି । ଏପରି କି ସେତେବେଳେ ବାରିକ ମାଷ୍ଟରୀ ବିଭାଗ (Public works department) ଯେପରି ପୁଲ ନିର୍ମାଣ କରିବା ଆଳରେ ନାନାବିଧ ଦୁର୍ନୀତି କରୁଥିଲେ ସେ କଥାକୁ ମଧ୍ୟ ପ୍ୟାରୀମୋହନ ସମାଲୋଚନା କରିଅଛନ୍ତି । (୧୭) ଏଥିରୁ ପ୍ୟାରୀମୋହନଙ୍କର ସାମାଜିକ ଦୃଷ୍ଟିଭଙ୍ଗୀର ଯଥାର୍ଥ ପରିଚୟ ମିଳିଥାଏ ।

## ଶିକ୍ଷାପ୍ରତି ପ୍ୟାରୀମୋହନଙ୍କ ଦୃଷ୍ଟିକୋଣ :

ପ୍ୟାରୀମୋହନ କଲେଜ ଛାଡ଼ିଲା ପରେ ଏକ ଶିକ୍ଷାନୁଷ୍ଠାନ ଗଠନରେ ମନ ବଳାଇଥିଲେ । ୧୮୭୧ ସାଲରୁ ସେ ଶିକ୍ଷାନୁଷ୍ଠାନ ଗଠନ କରି ତାକୁ ୧୮୭୯ ମସିହା ବେଳକୁ ହାଇସ୍କୁଲରେ ପରିଣତ କରିପାରିଥିଲେ । ନିଜେ ଶିକ୍ଷକତା କରିଥିଲେ ଓ ଶିକ୍ଷାନୁଷ୍ଠାନ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ । ସେ ଚାହିଁଥିଲେ ଓଡ଼ିଶାରେ ଆଧୁନିକ ଶିକ୍ଷାର ବହୁଳ ପ୍ରସାର କରିବାପାଇଁ । ଶିକ୍ଷାକୁ ସେ ଏକ ବୃହତ୍ତର

---

୧୬—ଉତ୍କଳପୁତ୍ର—ଖ ୧।ସଂ ୯—ତା ୧୯।୮।୧୮୭୪

୧୭—ଉତ୍କଳପୁତ୍ର—ଖ ୨।ସଂ ୬—ତା ୧।୭।୧୮୭୬

ଦୃଷ୍ଟିକୋଣରୁ ବିଚାର କରିଥିଲେ । ଶିକ୍ଷା ଅର୍ଥ ନୁହେଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରୀ କରିବାକୁ ଯୋଗ୍ୟ ବିବେଚିତ ହେବା । ପ୍ରକୃତ ଶିକ୍ଷାଦ୍ୱାରା ମନ, ହୃଦୟ, ବିବେକ ଓ ଧର୍ମବୁଦ୍ଧିର ବିକାଶ ସାଧିତ ହୋଇଥାଏ । ତେଣୁ ପ୍ୟାରୀମୋହନ 'ପ୍ରକୃତଶିକ୍ଷା' ପ୍ରବନ୍ଧରେ ଲେଖିଛନ୍ତି—"ମାନସିକ ସମୁଦାୟ ବୃତ୍ତିକୁ ସୁଶିକ୍ଷିତ ଓ ସମୁନ୍ନତ କରିବାକୁ ପ୍ରକୃତ ଶିକ୍ଷା କହି, ଶବ୍ଦ କଣ୍ଠସ୍ଥ କରିବାକୁ ପ୍ରକୃତ ଶିକ୍ଷା କହିପାରୁନାହୁଁ । ଶିକ୍ଷାଦ୍ୱାରା ଆନ୍ତରିକ ସମୁଦାୟ ଶକ୍ତି ସ୍ୱୀୟ ଲକ୍ଷ ପଥ ଦର୍ଶନ କରି ତହିଁରେ ବିଚରଣ କରିଥାଏ, ମନୁଷ୍ୟଙ୍କର ପୂର୍ଣ୍ଣତା ଆଡ଼କୁ ଆତ୍ମାକୁ ଚାଳିତ କରିବେ, ମାନବାତ୍ମାର ଉନ୍ନତି ପଥରେ ଏହିସବୁ ବୃତ୍ତି କ୍ରମେ କ୍ରମେ ଅଗ୍ରସର ହେବେ । ଏହା ଶିକ୍ଷାର ଯଥାର୍ଥଭାବ ଏହା ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ।" (୧ ) ପ୍ୟାରୀମୋହନ ବହିଃବସ୍ତୁର ଶିକ୍ଷାଦାନ ଉପରେ ଗୁରୁତ୍ୱ ନଦେଇ ମନୁଷ୍ୟର ଚିତ୍ତବୃତ୍ତିକୁ ଗଠନ କରିବା ଭଳି ଅନ୍ତର୍ମୁଖୀ ଶିକ୍ଷାଦେବା ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଅଥଚ ସେତେବେଳେ ପାଠଶାଳାମାନଙ୍କରେ ଯେଉଁ ଶିକ୍ଷା ପ୍ରଦାନ କରାଯାଉଥିଲା ତାହା ମାନସିକ ଅବସ୍ଥାକୁ ଜାଗ୍ରତ, ପରିମାର୍ଜିତ ବା ଉନ୍ନତ କରିବା ଦିଗରେ ସାହାଯ୍ୟ କରୁନଥିଲା । ବରଂ ଏହି ଶିକ୍ଷା ପଦ୍ଧତି ଦ୍ୱାରା ପାଠ୍ୟପୁସ୍ତକ ବିଷୟର ବ୍ୟବସ୍ଥା ହୋଇପାରୁଥିଲା ଓ ଏହା ଦ୍ୱାରା ସାମାଜିକ ଜୀବନରେ ଉନ୍ନତି ହେଉନଥିଲା । ତେଣୁ ପ୍ୟାରୀମୋହନ ଏ ପ୍ରସଙ୍ଗରେ ମତ ବ୍ୟକ୍ତକରି ଲେଖିଛନ୍ତି—"ମୂଳରୁ ଦେଖିଲେ ଜଣାଯାଏ ଯେ ଆଧୁନିକ ପାଠଶାଳାରେ ଶିକ୍ଷାର ଯେଉଁ ରୀତି ଅବଲମ୍ବିତ ହେଉଅଛି, ସେଥିରେ ଗୋଟିଏ ଲାଭ ଛଡ଼ା ଆଉ କୌଣସି ବିଶେଷ ଲାଭ ଦୃଷ୍ଟିଗୋଚର ହେଉନାହିଁ । ସେ ଲାଭଟି ଏହିଯେ ଛାପ ପୋଥି ପଢ଼ିବାର ପ୍ରଚୁର ବିଷୟରେ ସହାୟତା । ପ୍ରକୃତ ଯଦି ପାଠଶାଳାକୁ ପ୍ରଜାଙ୍କ ହିତରେ ପ୍ରବର୍ତ୍ତିତ କରିବା ଦସ୍ତୁ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା, ପ୍ରଜାଙ୍କୁ ଶିକ୍ଷିତ ଓ ଉନ୍ନତ କରିବା ଯଦି ପ୍ରକୃତ ଗବର୍ଣ୍ଣମେଣ୍ଟଙ୍କର

୧୮—ଉତ୍କଳପୁତ୍ର—ସଂଖ୍ୟା ୩—ତା ୧୭।୪।୧୮୭୩

ବାସନା, ତେବେ ଆଜକାଲିକା ପ୍ରଜାଭକ୍ତି ବା ସ୍ୱତ୍ୱ ପରିତ୍ୟାଗ କରି ଆଦୌ ଅବଧାନମାନଙ୍କୁ ବର୍ଷେ କି ତତୋଽଧିକ କାଳ ଟ୍ରେନିଂ ବିଭାଗରେ ଉତ୍ତମ ରୂପେ ଶିକ୍ଷା ଦେବାର ପ୍ରକୃଷ୍ଟ ଉପାୟ ଅବଧାରିତ ହେଉ, ଓ ଗୃହଶାଳୀର ଶିକ୍ଷାର ସୀମା ପରିବର୍ଦ୍ଧିତ କରାଯାଉ ।” (୧୯) ଅତଏବ ଶିକ୍ଷା ସମ୍ପର୍କରେ ପ୍ୟାରୀମୋହନ ଯେଉଁ କଥା କହିଥିଲେ ତାକୁ ସେ କେତୋଟି ଲେଖାରେ ପ୍ରକାଶ କରିଅଛନ୍ତି । ପାଠଶାଳା ସମ୍ପର୍କରେ ସେ ଯେଉଁ ମନ୍ତବ୍ୟ ଦେଇ ଅଛନ୍ତି ତାହା ପରବର୍ତ୍ତୀ କାଳରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର ‘ଗୃହଶାଳୀ’ ପ୍ରବନ୍ଧରେ ଦେଖିବାକୁ ମିଳିଥାଏ । ଶିକ୍ଷା, ସ୍ୱାଧୀନତା, ଜାତୀୟତା ଇତ୍ୟାଦି ସମ୍ପର୍କରେ ମଧ୍ୟ ସେ ଯେଉଁ ଅନ୍ତର୍ମୁଖୀ ଭାବଧାରା ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି ପରବର୍ତ୍ତୀ ସମୟରେ ଓ ସେହି ସମୟରେ ବିଶ୍ୱନାଥ କର ସେହି ଚିନ୍ତାଧାରାକୁ ବିଭିନ୍ନ ପ୍ରବନ୍ଧରେ ପ୍ରକାଶ କରିଅଛନ୍ତି । ସେ ଗୃହୁଁଥିଲେ ଏକ ପରିପୂର୍ଣ୍ଣ ଶିକ୍ଷା ଯାହା ମଣିଷର ଅନ୍ତରାତ୍ମାକୁ ଉନ୍ନତ କରିବା ଦିଗରେ ସହାୟକ ହୋଇପାରିବ ।

ଏହି ଆଲୋଚନାରୁ ଜଣାଯାଏ ଯେ ପ୍ୟାରୀମୋହନ ଆକ୍ଷରିକ ବାସ୍ତବିକ ଏକ ବହୁମୁଖୀ ପ୍ରତିଭା । ଅଳ୍ପକାଳ ମାତ୍ର କର୍ମମୟ ଜୀବନରେ ସେ ଆଧୁନିକ ଓଡ଼ିଶା ଓ ଆଧୁନିକ ଚେତନାର ଅଧ୍ୟାୟ ଓଁକାର ସୃଷ୍ଟି କରିଥିଲେ । ବ୍ରିଟିଶ ସରକାରଙ୍କ ନିର୍ଭୀକ ଭାବରେ ସମାଲୋଚନା କରିବାଠାରୁ ଆରମ୍ଭ କରି ଜାତୀୟ ଜୀବନରେ ଦେଖା ଦେଇଥିବା ନାନା କୁସଂସ୍କାର ଓ ହୀନ ମନୋବୃତ୍ତିକୁ ସମାଲୋଚନା କରିଥିଲେ । ସର୍ବୋପରି ସେ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ପ୍ରେରଣା ଦେଇ ଏକ ସୁସ୍ଥ ସାହିତ୍ୟିକ ବାତାବରଣ ସୃଷ୍ଟି କରିବାକୁ ଇଙ୍ଗିତ ଦେଇଥିଲେ । ବାସ୍ତବିକ ତାଙ୍କର ପ୍ରତିଭା ଅନନ୍ୟ ଓ ଓଡ଼ିଆ ଜାତିର ସେ ଚିର ନମସ୍ୟ । ଊନବିଂଶ ଶତାବ୍ଦୀର ଶେଷ ପାଦରେ ବ୍ରାହ୍ମଧର୍ମ ପ୍ରଭାବରେ ଯେଉଁ ନୂତନ ସାମାଜିକ ରୁଚିର ସୂତ୍ରପାତ ହୋଇଥିଲା ପ୍ୟାରୀମୋହନ

---

୧୯—ଉତ୍କଳପୁତ୍ର—ଭା ୪ ସଂ ୧—ତା ୧୬।୨।୧୮୭୬

ସେହି ନବଯୁଗର ଆଦ୍ୟ ପ୍ରବର୍ତ୍ତକ । ଓଡ଼ିଆ ସାହିତ୍ୟରେ ତାଙ୍କର ମୌଳିକ ରଚନା ନଥିଲେ ହେଁ ସେ ଯେଉଁ ନୂତନ ରୁଚିବୋଧ ପ୍ରତିଷ୍ଠା ପାଇଁ ପ୍ରେରଣା ଦେଇ ଯାଇଥିଲେ ତାହା ବାସ୍ତବିକ ପ୍ରଶଂସାର୍ହ । ରୀତି ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣକରି ତାହା କିପରି ଆଧୁନିକ ସମାଜ ଗଠନ ପାଇଁ ଅନୁପଯୁକ୍ତ ଓ ବିଳାସୀ ସାମନ୍ତବାଦୀ ସମାଜର ଅବକ୍ଷୟର ସ୍ମାରକୀ ସେ ବିଷୟରେ ସେ ବହିର୍ମୁଖୀ ସମାଲୋଚନାର ମାଧ୍ୟମରେ ପ୍ରକାଶ କରିଅଛନ୍ତି । ଏକ ସୁସ୍ଥ, ସୁନ୍ଦର ଏବଂ ସୁରୁଚିସମ୍ପନ୍ନ ସାହିତ୍ୟ ସୃଷ୍ଟି ପାଇଁ ସେ ପ୍ରେରଣା ଦେଇ ଯାଇଛନ୍ତି । ସେହି ସାହିତ୍ୟ ହେବ ସମାଜ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଓଡ଼ିଶାର ଇତିହାସ ଅନୁଶୀଳନ କରି ଜାତୀୟ ଜୀବନର ନବୋତ୍ଥାନ ପାଇଁ ମଧ୍ୟ ସେ ଦେଇଛନ୍ତି ନୂତନ ଉତ୍ସାହ । ତେଣୁ ଊନବିଂଶ ଶତାବ୍ଦୀର ଶେଷ ପାଦରେ ଶ୍ଳୀଳ-ଅଶ୍ଳୀଳ-ଚେତନାକୁ ନେଇ ଯେଉଁ ସାହିତ୍ୟ-ସମାଲୋଚନା-ଧାରାର ବିକାଶ ହୋଇଥିଲା ତାର ଆଦ୍ୟ ପୁରୋଧା ପ୍ୟାରୀମୋହନ ଓ 'ଉତ୍କଳପୁତ୍ର' ।

[ପ୍ୟାରୀମୋହନ ସ୍ମରଣିକାରେ ପ୍ରଥମେ ପ୍ରକାଶିତ]

# ବିଶ୍ୱନାଥଙ୍କ ସାରସ୍ୱତ ଦୃଷ୍ଟିକୋଣ
# ଓ
# 'ଉତ୍କଳ ସାହିତ୍ୟ'

●

ଓଡ଼ିଆ ସାହିତ୍ୟର ସ୍ରଷ୍ଟଦେବ ସ୍ୱର୍ଗତ ବିଶ୍ୱନାଥ କର ଊନବିଂଶ ଶତାବ୍ଦୀର ଶେଷ ଦଶକଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀର ଚତୁର୍ଦ୍ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ଉତ୍କଳର ସାରସ୍ୱତ ପୀଠରେ ଏକ ବିସ୍ମୟକର ଦ୍ରଷ୍ଟା ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଏହି ଅବିଚଳ ଧୀର ଗମ୍ଭୀର ତେଜସ୍ୱୀ ପ୍ରତିଭାସମ୍ପନ୍ନ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାରସ୍ୱତ ସାଧକମାନଙ୍କୁ ନାନା ଭାବରେ ଉତ୍ସାହିତ ଓ ଆଲୋକିତ କରି ଆଧୁନିକ ସାହିତ୍ୟର ଭିତ୍ତି ସ୍ଥାପନ କରିବାରେ ଅସପତ୍ନ ନେତୃତ୍ୱ ନେଇଥିଲେ—ଏହା ସର୍ବବାଦୀ ସମ୍ମତ । ୧୮୮୭ ମସିହାରେ ଏହି ତେଜୋଦୃପ୍ତ ବ୍ରାହ୍ମଣଯୁବକ ସ୍କନ୍ଧରୁ ଉପବୀତ ଛିନ୍ନ କରି ବ୍ରାହ୍ମଧର୍ମ ଗ୍ରହଣ ପୂର୍ବକ ଓଡ଼ିଶାର ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି କରିଥିଲେ ଏବଂ ସେହିଦିନଠାରୁ ଏହି ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତି ବ୍ରାହ୍ମଧର୍ମ ପ୍ରଚାର ଆଲୋଚନା କ୍ଷେତ୍ରରେ ଯେ ନେତୃତ୍ୱ ନେଇଥିଲେ ତାହା ନୁହେଁ ତତ୍ସହିତ ଉତ୍କଳର କଳା ସାହିତ୍ୟ ଓ ଜାତୀୟତା କ୍ଷେତ୍ରରେ ମଧ୍ୟ ନୂତନ ଦିଗ ଦର୍ଶନ ପ୍ରଦାନ କରିଥିଲେ । ଊନବିଂଶ ଶତାବ୍ଦୀର ଶେଷ ଦ୍ୱିଦଶକ ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ଉନ୍ମେଷ କାଳ । କେବଳ ସାହିତ୍ୟ ନୁହେଁ; ରାଜନୀତି, ଜାତୀୟ ଚେତନା, ଧର୍ମ ଆଦି କ୍ଷେତ୍ରରେ

ଏହି ସମୟରେ ନବୀକରଣ ସୃଷ୍ଟି ହେଲା । ବିଶ୍ୱନାଥ ଏହି ସମୟର ପ୍ରାଣସ୍ପନ୍ଦନରୁ ନିଜର ବ୍ୟକ୍ତିତ୍ୱକୁ ଗଠନ କଲେ । ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଙ୍କଠାରୁ ସାହିତ୍ୟ ଦୀକ୍ଷା, ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସାଧୁତା ସତ୍ୟନିଷ୍ଠତା, ନିର୍ଭୀକତା ଓ ଲୋକସେବାଦର୍ଶ, ମଧୁସୂଦନ ରାଓଙ୍କର ଗୀତିମୟ ଜୀବନର ପବିତ୍ରତା, ଇୟୁଂ ସାହେବଙ୍କର ସାହଚର୍ଯ୍ୟ ବିଶ୍ୱନାଥଙ୍କ ବ୍ୟକ୍ତିତ୍ୱ ଉପରେ ଗଭୀର ପ୍ରଭାବ ପକାଇଥିଲା । ଏହି ଜ୍ଞାନ ପିପାସୁ ସମାଜ ସଂସ୍କାରକାମୀ ମୁକ୍ତମନା ବ୍ୟକ୍ତି ହ୍ୟୁମ ଇମର୍ସନ, କାର୍ଲାଇଲ ଓ ପାର୍କର ପ୍ରଭୃତିଙ୍କର ବିଶ୍ୱ ବିଖ୍ୟାତ ଗ୍ରନ୍ଥମାନ ଅଧ୍ୟୟନ କରି ନିଜର ବ୍ୟକ୍ତିତ୍ୱକୁ ପରିମାର୍ଜିତ ଓ ପରିପୂର୍ଣ୍ଣ କରିଥିଲେ । ବାହାରକୁ ଏହି ବ୍ୟକ୍ତିତ୍ୱ ରୁଦ୍ର-କଠୋର ହେଲେହେଁ ଭିତରକୁ ଏହା ନବନୀତ କୋମଳ । ସମ୍ବେଦନଶୀଳ ମାନବିକତାରେ ଏହି ବ୍ୟକ୍ତିତ୍ୱ ଥିଲା ଋଦ୍ଧିମନ୍ତ—କାଞ୍ଚନସୂତ୍ରର ମହନୀୟ ଭାବଧାରାରେ ଥିଲା ଉଦ୍ଦୀପ୍ତ । ତେଣୁ ଡକ୍ଟର ଶ୍ରୀନିବାସ ମିଶ୍ର ଏ ପ୍ରସଙ୍ଗରେ ଲେଖିଛନ୍ତି—"ଉନବିଂଶ ଶତାବ୍ଦୀର ଶେଷ ଦଶକରୁ ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ପର୍ଯ୍ୟନ୍ତ ଅର୍ଦ୍ଧ ଶତାବ୍ଦୀକାଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିଶ୍ୱନାଥ କର ବିସ୍ମୟକର ସାଂଗଠନିକ ଶକ୍ତି, ଅପରିମିତ ସାହିତ୍ୟବୋଧ, ବଳିଷ୍ଠ ସାହିତ୍ୟିକ ନେତୃତ୍ୱ ସମ୍ପନ୍ନ ଜଣେ ପ୍ରତିଷ୍ଠିତ ମନୀଷୀ । ଜୀବନର ଦୁର୍ଗମ ବନ୍ଧୁର ପଥରେ ଯାତ୍ରା, ପ୍ରଚଳିତ ଧର୍ମ ଓ ସମାଜର ବନ୍ଧନ ଛିନ୍ନ କରିବା ନିମନ୍ତେ ଉନ୍ମୁଖତା, ସତ୍ୟ ପ୍ରତି ଅବିଚଳିତ ଶ୍ରଦ୍ଧା, ସାମାଜିକ କୁସଂସ୍କାର ବିପକ୍ଷରେ ନିର୍ଭୀକ ବିଦ୍ରୋହ ସକଳ ମଧ୍ୟରେ ଅପୂର୍ବ ସାହସିକତା, ଅଟଳ ଆତ୍ମପ୍ରତ୍ୟୟ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନର ଦୃଢ଼ତାର ପରିଚାୟକ । ସତ୍ୟ ଧର୍ମର ସମୁଜ୍ଜ୍ୱଳ ଶିଖାରେ ଅନ୍ତର ତାଙ୍କର ଆଲୋକିତ, ମନୁଷ୍ୟତ୍ୱର ମହିମା ଗାନରେ କଣ୍ଠ ଉଚ୍ଛ୍ୱସିତ, ସାଧୁତା, ଉଦାରତା ଓ ବିଶ୍ୱପ୍ରୀତିରେ ଚରିତ୍ର ମହିମାନ୍ୱିତ । ଉତ୍କଳୀୟ ସମାଜ, ଧର୍ମ, ସାହିତ୍ୟ, ଶିକ୍ଷା ସବୁ-କ୍ଷେତ୍ରରେ ବିଶ୍ୱନାଥଙ୍କ ବିଶ୍ୱାସ ଓ ସାଧନାର ସଙ୍କେତ ବିଦ୍ୟମାନ," (୧)

---

୧—ଡକ୍ଟର ଶ୍ରୀନିବାସ ମିଶ୍ର—ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ— ପୃ ୨୧୩

ବାସ୍ତବରେ ଏହି ଅନନ୍ୟ ସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିଜଣ ଉତ୍କଳର ନବଯୁଗର ସଂକେତ ବିଭିନ୍ନ କ୍ଷେତ୍ରରେ ପ୍ରଦାନ କରିଥିଲେ । ଜଣେ ଉଚ୍ଚକୋଟିର ମୌଳିକ ପ୍ରାବନ୍ଧିକ ଭାବରେ ସେ ଯେପରି ଖ୍ୟାତି ଅର୍ଜନ କରିଅଛନ୍ତି ସେହିପରି ଜଣେ ନିର୍ଭୀକ ସମ୍ପାଦକ ଓ ବାଗ୍ମୀ ଭାବରେ ମଧ୍ୟ ଗୌରବ ଅର୍ଜନ କରିଅଛନ୍ତି । ତେଣୁ ବ୍ୟାସକବି ଫକୀରମୋହନ ତାଙ୍କୁ "ଉତ୍କଳ ଭ୍ରମଣଂ"ରେ ପ୍ରଶଂସା କରି ଲେଖିଛନ୍ତି—

"ଓଡ଼ିଶାର ଯୋଗ୍ୟପୁତ୍ର ଆହେ ବିଶ୍ୱନାଥ
ମାତୃସେବା ବିଷୟରେ ଦେଇଅଛ ହାତ,
କେନ୍ଦ୍ରଦନ ହେଲେ ଯାଇପାର ବଡ଼ପଣ
ଲେଖି ଲେଖି ଲୋକେ ସିନା ଦ୍ରୁଅନ୍ତି କରଣ ।"

## ବିଶ୍ୱନାଥଙ୍କ ସାହିତ୍ୟିକ ଆଭିମୁଖ୍ୟ :

ବିଶ୍ୱନାଥ କର ନିଜେ ୧୮୯୭ ମସିହା ପୂର୍ବରୁ ବିଭିନ୍ନ ସମସ୍ୟା ନେଇ କେତୋଟି ପ୍ରବନ୍ଧ ରଚନା କରିଥିଲେ । ନାରୀଶିକ୍ଷା, ସ୍ୱାଧୀନତା, ସମାଜ ସଂସ୍କାର, ସମାଜରୁ ମଦ୍ୟପାନ ବର୍ଜନ, ଉତ୍କଳ ସାହିତ୍ୟର ଉନ୍ନତି ବିଷୟରେ ଏବଂ ସର୍ବୋପରି ଓଡ଼ିଆ ଭାଷାର ଉନ୍ନତି କଳ୍ପେ ସେ କେତୋଟି ମୌଳିକ ପ୍ରବନ୍ଧମାନ ରଚନା କରିଥିଲେ । ସାହିତ୍ୟ ସମ୍ବନ୍ଧୀୟ ସେ ଯେଉଁ କେତୋଟି ପ୍ରବନ୍ଧ ଲେଖିଥିଲେ ସେଗୁଡ଼ିକ ବେଶ୍ ଚିନ୍ତାଧର୍ମୀ ଓ ଭାବଗର୍ଭକ । ଏହି ସମସ୍ତ ପ୍ରବନ୍ଧ ୧୮୯୭ରେ 'ବିବିଧ ପ୍ରବନ୍ଧ'ରେ ସଂକଳିତ ହୋଇଥିଲା । ସେହି ପ୍ରବନ୍ଧଗୁଡ଼ିକରୁ ବିଶ୍ୱନାଥଙ୍କର ସାହିତ୍ୟ ସୃଷ୍ଟି ସମ୍ପର୍କିତ ମାନସିକତାର ଯଥାର୍ଥ ପରିଚୟ ମିଳିଥାଏ । 'ସାହିତ୍ୟ ଚର୍ଚ୍ଚା', 'ସାହିତ୍ୟ ଓ ସମାଲୋଚନା', 'ସାହିତ୍ୟ ଓ ଜୀବନ', 'ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ', 'କଟକିଆ ଭାଷା', 'ଭାଷାର ଅତି ବ୍ୟବହାର', "ଭାଷା ଚର୍ଚ୍ଚା', 'ଉତ୍କଳ ସାହିତ୍ୟର ଉନ୍ନତି'ଆଦି ପ୍ରବନ୍ଧ ଓ ଅଭିଭାଷଣଗୁଡ଼ିକରେ ବିଶ୍ୱନାଥ ନିଜର ସାହିତ୍ୟିକ ଆଭିମୁଖ୍ୟ ସଂପର୍କରେ ଯଥାର୍ଥ ସୂଚନା ପ୍ରଦାନ କରିଅଛନ୍ତି । ଲେଖକର

କର୍ତ୍ତବ୍ୟ ଓ ତତ୍‌କାଳୀନ ଉତ୍କଳୀୟ ଲେଖକଙ୍କର ଦୁର୍ବଳ ମାନସିକତା ବିଷୟରେ ସେ ଲେଖିଛନ୍ତି—"ପୃଥିବୀରେ ମନୁଷ୍ୟ ଯେତେ ପ୍ରକାର କାର୍ଯ୍ୟ କରେ, ସେଥିମଧ୍ୟରେ ଲେଖକର କାର୍ଯ୍ୟ ବୋଧହୁଏ ଗୁରୁତର। ସର୍ବାପେକ୍ଷା ଏହାର ପ୍ରଭାବ ଅଧିକ ଦୂର ପ୍ରସାରିତ। ଏହା ହୃଦୟଙ୍ଗମ ନକରି ଯେଉଁମାନେ ଲେଖନୀ ଧାରଣ କରନ୍ତି, ସେମାନଙ୍କ ପ୍ରୟାସ ସଂପୂର୍ଣ୍ଣ ରୂପେ ସଫଳ ହୁଏ ନାହିଁ। ଆଜିକାଲି ଉତ୍କଳର ଲେଖକ ଶ୍ରେଣୀରେ ଅନେକେ ଏହି ହେତୁରୁ ବିଫଳ ପ୍ରୟାସ। ମାତୃଭାଷାର ଉନ୍ନତି ସାଧନ କରିବାର ଆକାଂକ୍ଷା ଅନେକଙ୍କ ମନରେ ଜାଗ୍ରତ ହୋଇଅଛି; କିନ୍ତୁ ଉପଯୁକ୍ତ ଶକ୍ତି ନାହିଁ, କି ଉପଯୁକ୍ତ ସାଧନା ନାହିଁ।" (୨) ଏହି ପ୍ରବନ୍ଧରେ ବିଶ୍ୱନାଥ ସାହିତ୍ୟର ଯଥାର୍ଥ ଶକ୍ତି ଜାଗ୍ରତ ହେବା ଉଚିତ ବୋଲି ମତ ଦେଇଅଛନ୍ତି। ବ୍ରାହ୍ମଧର୍ମର ବିକାଶ ଓ ପ୍ରସାର ଫଳରେ ଯେଉଁ ନୂତନ ସାହିତ୍ୟିକ ରୁଚିବୋଧ ସୃଷ୍ଟି ହୋଇଥିଲା ସେହି ରୁଚିବୋଧକୁ ବିଶ୍ୱନାଥ ଗ୍ରହଣ କରିନେଇଥିଲେ। ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ କବିତା ତଥା ମଧ୍ୟଯୁଗୀୟ କାବ୍ୟ ପରମ୍ପରା ନାୟକ ଓ ନାୟିକାର ଯୌନ କ୍ରୀଡ଼ାକୁ ନେଇ ମୁଖ୍ୟତଃ ରଚିତ ହୋଇଥିଲା। ଏଥିପାଇଁ ପ୍ୟାରୀମୋହନ ଆଚାର୍ଯ୍ୟ "ଓଡ଼ିଶାର ଇତିହାସ" ପୁସ୍ତକରେ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇଛନ୍ତି—"ତାଙ୍କ ରଚନାର ଅଧିକାଂଶ ଭାଗ ଅଶ୍ଳୀଳ ଓ ଘୋଡ଼ମ୍ବରରେ ପରି ପୂରିତ। ସେ ସବୁ ଅପେକ୍ଷା ସେକାଳୁପଯୋଗୀ ଅନେକ ପ୍ରିୟ ଥିଲେ। ଅଧୁନା ଏହି ବିଂଶ ଶତାବ୍ଦୀକୁ ତାଙ୍କର ଘୋଡ଼ମ୍ବର ଯୁକ୍ତ କବିତାସବୁ ରୁଚିସଂଗତ ହେଉନାହିଁ। × × × ଫଳତଃ ଉପେନ୍ଦ୍ର ଭଞ୍ଜଙ୍କର କବିତ୍ୱ ଶକ୍ତି ଊଣା ନଥିଲା; ମାତ୍ର ସଦ୍‌ରୁଚିର ଅଭାବ ଥିଲା।" (୩) ପ୍ୟାରୀମୋହନ ଯେଉଁ ମନ୍ତବ୍ୟ ଉପେନ୍ଦ୍ର ଭଞ୍ଜଙ୍କ ଉପରେ ପ୍ରଦାନ କରିଛନ୍ତି ତାହା ପରବର୍ତ୍ତୀ କାଳରେ ନୀଳ ବମନାବ୍ରହ୍ମଣ ବହି "କବି ଉପେନ୍ଦ୍ର ଭଞ୍ଜ"

---

୨— ବିଶ୍ୱନାଥ କର—'ବିବିଧ ପ୍ରବନ୍ଧ'-ନବମ ମୁଦ୍ରଣ—ପୃ ୬୩

୩— ପ୍ୟାରୀମୋହନ ଆଚାର୍ଯ୍ୟ—ଓଡ଼ିଶାର ଇତିହାସ—୨ୟ ସଂସ୍କରଣ ପୃ ୧୬୩

ପ୍ରବନ୍ଧରେ ମଧ୍ୟ ଆଲୋଚନା କରିଛନ୍ତି । ବିଶ୍ୱନାଥ କର ମଧ୍ୟ 'ସାହିତ୍ୟ ଚର୍ଚ୍ଚା' ପ୍ରବନ୍ଧରେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କବିତା ଉପରେ ନିଜର ମନ୍ତବ୍ୟ ଦେଇ ଲେଖିଛନ୍ତି—'ମାନବ ଜୀବନର ଉଚ୍ଚ ଲକ୍ଷ୍ୟ ଓ ଭଞ୍ଜକବିଙ୍କ କବିତା ଏ ଦୁହିଁଙ୍କ ମଧ୍ୟରେ ଆଲୋକ ଓ ଅନ୍ଧକାର, ସ୍ୱର୍ଗ ଓ ନରକର ପ୍ରଭେଦ ବିଦ୍ୟମାନ । ତଥାପି ଅନେକେ ଏହି କବିତାକୁ ଆଦର୍ଶ ଉତ୍କଳ ସାହିତ୍ୟ ବୋଲି ମନେ କରୁଅଛନ୍ତି, ସେମାନଙ୍କ ମତରେ ଏପରି ସାହିତ୍ୟ ଆଉ ନାହିଁ, ହୋଇବ, ନଥିବ ତ୍ରିଭୁବନରେ ।'' (୪) ଅତଏବ ବିଶ୍ୱନାଥ କର ନୈତିକ ଭାବରେ ସମାଜ ନୀତି ବିରୋଧୀ ଓ ମଣିଷ ଜୀବନ ଗଠନପାଇଁ ଅସମର୍ଥ ନୀତିପୀଡ଼ିତ ସାହିତ୍ୟକୁ ସମାଲୋଚନା କରିଅଛନ୍ତି ।

ବିଶ୍ୱନାଥ କର ଓଡ଼ିଆ ସାହିତ୍ୟ ସମ୍ପର୍କରେ କେତେକ କଠୋର ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ତାଙ୍କର ଏହି ମନ୍ତବ୍ୟ କୁତ୍ସାରଟନାଧର୍ମୀ ନୁହେଁ, ମାତ୍ର ସାହିତ୍ୟକୁ ମାର୍ଜିତ କରି ଗଠନ କରିବା ଲାଗି ଅଭିପ୍ରେତ । ତେଣୁ ସେ ସାହିତ୍ୟରେ ସମାଲୋଚନାର ଆବଶ୍ୟକତା ସମ୍ପର୍କରେ ନିଜର ମତ ଦେଇଅଛନ୍ତି । ଉପଯୁକ୍ତ ସମାଲୋଚନା ଅଭାବରେ ସାହିତ୍ୟର ଉନ୍ନତି ହୋଇପାରେ ନାହିଁ । ସାହିତ୍ୟ କେବଳ କଳ୍ପନା ପ୍ରବଣତା ନୁହେଁ ; ଏହାର ସାମାଜିକ ପ୍ରୟୋଜନୀୟତା ମଧ୍ୟ ଅଛି । ''ମାନବ ସମାଜର ଅନ୍ୟ ସକଳ ବିଷୟ ପରି ପ୍ରୟୋଜନରୁ ଏହାର ଉତ୍ପତ୍ତି ଏବଂ ସୌନ୍ଦର୍ଯ୍ୟ ଜ୍ଞାନରୁ ଏହାର ଉନ୍ନତି ।'' (୫) କାରଣ ଜୀବନ ହେଉଛି 'ପ୍ରୟୋଜନ ଓ ସୌନ୍ଦର୍ଯ୍ୟର ଲୀଳାଭୂମି ।' ସାହିତ୍ୟର ଉତ୍ପତ୍ତି ଜୀବନରୁ ଏବଂ ସାହିତ୍ୟର ଉନ୍ନତି ମଧ୍ୟ ଜୀବନ ଉପରେ ନିର୍ଭର କରିଥାଏ । 'ଯେଉଁ ସାହିତ୍ୟର ଯେଉଁ ପରିମାଣରେ ଜୀବନ ସଙ୍ଗେ ସମ୍ବନ୍ଧ, ସେ ସାହିତ୍ୟ ସେହି ପରିମାଣରେ ଜୀବନ୍ତ ଓ ଉନ୍ନତ । × × × ଉଚ୍ଚାଙ୍ଗ ସାହିତ୍ୟ ମାନବଜୀବନ ସମକ୍ଷରେ

---

୪—ବିଶ୍ୱନାଥ କର—ସାହିତ୍ୟଚର୍ଚ୍ଚା—ବିବିଧ ପ୍ରବନ୍ଧ-୧ମ ସଂସ୍କରଣ ପୃ ୭୫

୫—ବିଶ୍ୱନାଥ କର—ସାହିତ୍ୟ ଓ ଜୀବନ—ବିବିଧ ପ୍ରବନ୍ଧ (୧ମ ସଂସ୍କରଣ) ପୃ ୧୮୦

ନୂତନ ସୃଜନ ବିସ୍ତାର କରିଦିଏ ଏବଂ ପ୍ରାଣରେ ନବଆଶା ଜାଗ୍ରତ କରି ସେହି ନୂତନ ରାଜ୍ୟରେ ପ୍ରବେଶ କରିବାର ପ୍ରବୃତ୍ତି ଜନ୍ମାଇ ଦେଇ ଜୀବନକୁ ଅଗ୍ରସର କରିଦିଏ । ଅତଏବ ସାହିତ୍ୟ ଓ ଜୀବନର ପରସ୍ପର ଘନିଷ୍ଠ ସମ୍ବନ୍ଧ ପ୍ରତ୍ୟେକ ଉନ୍ନତ ଯୁଗରେ ଏହି ଭାବ ସୁସ୍ପଷ୍ଟ ଲକ୍ଷିତ ହୁଏ । ଜୀବନ୍ତ ସମାଜ ମଧ୍ୟରେ ସାହିତ୍ୟ ଓ ଜୀବନ କୌଣସିଟି ସ୍ଥିର ଭାବରେ ଏକାକୀରେ ରହେ ନାହିଁ । ଉଭୟର ଅବିରତ ନିଷ୍ଠିତ—ପରସ୍ପର ଆକର୍ଷଣ ଦ୍ୱାରା ଉଭୟର ସମୋନ୍ନତି ଓ ସମ ବିକାଶ ।" (୬) ଏଥିରୁ ବିଶ୍ୱନାଥ କରଙ୍କର ସାରସ୍ୱତ ଦୃଷ୍ଟିକୋଣର ଯଥାର୍ଥ ପରିଚୟ ମିଳିଥାଏ । ନୀତି-ବିହୀନ ଓ ଜୀବନ-ସମ୍ପର୍କ-ଶୂନ୍ୟ ସାହିତ୍ୟକୁ ସେ ଯଥାର୍ଥ ସାହିତ୍ୟ କହିବାକୁ କୁଣ୍ଠିତ ହେଉଥିଲେ । ଯେଉଁ ସାହିତ୍ୟ ଜୀବନରୁ ସୃଷ୍ଟି ହୋଇ ଜାତୀୟ ଜୀବନକୁ ଗଢ଼ିପାରେ ଓ ସମାଜର କଲ୍ୟାଣ ସାଧନ କରିପାରେ ତାହା ହିଁ ଆଦର୍ଶ ସାହିତ୍ୟ । ଅଯଥା କଳ୍ପନା ବିଳାସ ସୃଷ୍ଟି କରି ଶ୍ରବଣ ସୁଖଦାୟୀ ସାହିତ୍ୟ ପ୍ରକାଶ କଲେ ତାର କୌଣସି ଚିରନ୍ତନ ମୂଲ୍ୟ ରହେ ନାହିଁ । ଅଯଥା ଅନୁକରଣ ଦ୍ୱାରା ସାହିତ୍ୟରେ ମଧ୍ୟ ଗୌରବ ବୃଦ୍ଧି ହୁଏ ନାହିଁ । ଏହା ସାହିତ୍ୟର ଆତ୍ମହତ୍ୟା ସହିତ ସମାନ । ସାହିତ୍ୟରେ ସମାଲୋଚନାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ନପାରେ । ସମାଲୋଚନା ହିଁ ସାହିତ୍ୟର ନିୟନ୍ତ୍ରକ । ଲେଖକ ସମାଲୋଚନାକୁ ଭ୍ରୂକ୍ଷେପ ନକରି ଜୀବନ ବିମୁଖ ନୀତିହୀନ ସାହିତ୍ୟ ସୃଷ୍ଟି କଲେ ତାର କୌଣସି ମୂଲ୍ୟ ରହେ ନାହିଁ । "ଏପରି ସର୍ବଜ୍ଞମ୍ମନ୍ୟ ଲେଖକମାନଙ୍କର ଜାଣି ରଖିବା ଉଚିତ ଯେ ତାଙ୍କର ଯେପରି ସ୍ୱାଧୀନତା ଅଛି, ଅନ୍ୟର ମଧ୍ୟ ସେହିପରି ଅଛି । ଲେଖକ ଜଣେ; ପାଠକ ଅନେକ । ସମସ୍ତଙ୍କ ଦୃଷ୍ଟି ସମାନରୂପେ ତୀକ୍ଷ୍ଣ ନୁହେଁ, ସମସ୍ତଙ୍କ ରୁଚି ସମାନରୂପେ ମାର୍ଜିତ ନୁହେଁ, ସୁତରାଂ ସମସ୍ତଙ୍କ ଦ୍ୱାରା ପ୍ରକୃତ ସମାଲୋଚନା ସମ୍ଭବପର ନୁହେଁ । ସାଧାରଣ

---

୬—ବିଶ୍ୱନାଥ କର—ସାହିତ୍ୟ ଓ ଜୀବନ—ବିବିଧ ପ୍ରବନ୍ଧ (୯ମ ସଂସ୍କରଣ) ପୃ ୮୨

ସମାଲୋଚକ ସମସ୍ତଙ୍କର ହୋଇ ସେ କାର୍ଯ୍ୟ କରିଥାଆନ୍ତି । ସାଧାରଣଙ୍କର ଉପକାର କରିବାପାଇଁ ଜଣେ ଲେଖକର ଶତ୍ରୁ ହେବା ଅଶ୍ରେୟ ନୁହେଁ ।"(୭) ଏଥିରୁ ସ୍ୱର୍ଗତ ବିଶ୍ୱନାଥ କରଙ୍କର ସାହିତ୍ୟ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ମଧ୍ୟ ମିଳିଥାଏ । ଯେ କୌଣସି ସାହିତ୍ୟ ସୃଷ୍ଟିର ସେ ପକ୍ଷପାତୀ ନୁହନ୍ତି । ସ୍ୱାଧୀନତାର ଅପବ୍ୟବହାର କରି ଲେଖକ ଯେକୌଣସି ସାହିତ୍ୟ ସୃଷ୍ଟି କରିବା ଯେପରି ନିନ୍ଦନୀୟ ସେହିପରି ସମାଲୋଚକ ଏକ ଦେଶଦର୍ଶୀ ହୋଇ ସମାଲୋଚନା କଲେ ମଧ୍ୟ ସେହି ସମାଲୋଚନାର କୌଣସି ମୂଲ୍ୟ ରହେ ନାହିଁ । ତତ୍କାଳୀନ ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତିକୁ ଦେଖି ସ୍ୱର୍ଗତ ବିଶ୍ୱନାଥ କର ମତ ଦେଇଥିଲେ—"ଅଳ୍ପକାଳ ମଧ୍ୟରେ ତାହା ଗୋଟିଏ କିମ୍ଭୂତ କିମାକାର ପଦାର୍ଥ ହୋଇ ଉଠିବ ।"

ସେହି ସମୟରେ ଦଳେ ପ୍ରାଚୀନ ସାହିତ୍ୟର ଗୌରବ ଗାନ କରୁଥିଲା ବେଳେ ଦଳେ ନୂତନ ସାହିତ୍ୟର ବିଜୟ ଘୋଷଣା କରୁଥାନ୍ତି । ଉତ୍କଳରେ ଏହି ଘଟଣାକୁ ନେଇ ସଂଘର୍ଷ ଦେଖାଦେଇଥାଏ । ବିଶ୍ୱନାଥ କର ଏହି ଅବସ୍ଥାକୁ ଲକ୍ଷ୍ୟ କରି ଯୁକ୍ତିପୂର୍ଣ୍ଣ ଭାବରେ ଲେଖି-ଥିଲେ—"ଉତ୍କଳ ଭାଷା ପ୍ରାଚୀନ ସାହିତ୍ୟଶାଳିନୀ । ପ୍ରାଚୀନ ସାହିତ୍ୟ ଆଡ଼କୁ ଅନାଇଲେ ଗୌରବର କାରଣ ଯଥେଷ୍ଟ ମିଳିବ, ମାତ୍ର ପ୍ରାଚୀନ ଉତ୍କଳ ସାହିତ୍ୟ ଆମ୍ଭମାନଙ୍କ ଆଦର୍ଶର କେତେଦୂର ନିକଟବର୍ତ୍ତୀ ସେ ବିଷୟ ଆଲୋଚନା କଲେ ନିରାଶ ହେବାକୁ ହୁଏ । ପ୍ରାଚୀନ ଉତ୍କଳ ସାହିତ୍ୟ ବର୍ତ୍ତମାନ ଆଦର୍ଶର ବହୁ ନିମ୍ନରେ, ଏଥିରେ ସନ୍ଦେହ ନାହିଁ । ଏହାଦ୍ୱାରା ଯେ ସେହି ସାହିତ୍ୟ ବା ତାହାର ପ୍ରଣେତାମାନଙ୍କ ପ୍ରତି କୌଣସି ପ୍ରକାରେ ଅସମ୍ମାନ ବା ଅବଜ୍ଞା ପ୍ରକାଶ କରାଯାଉଅଛି; ତାହା କଦାପି ନୁହେଁ । ଯେଉଁମାନେ ନିଜ ସାମର୍ଥ୍ୟ ବ୍ୟୟ କରି ଭାଷାକୁ ଜୀବନ ଦାନ କରି ଅଛନ୍ତି ସେମାନେ ଆମ୍ଭମାନଙ୍କର ନମସ୍ୟ । ସେମାନଙ୍କ ପ୍ରତି

---

୭— ବିଶ୍ୱନାଥ କର— ସାହିତ୍ୟ ଓ ସମାଲୋଚନା—ବିବିଧ ପ୍ରବନ୍ଧ (୧ମ ସଂସ୍କରଣ)

ଅବଜ୍ଞା ପ୍ରକାଶ କରିବା ଘୋର କୃତଘ୍ନତାର କାର୍ଯ୍ୟ ମାତ୍ର ସତ୍ୟର ଅନୁରୋଧରେ ଏକଥା ଅବଶ୍ୟ କହିବାକୁ ହେବ ଯେ, ମାନବ ଜୀବନର ମହୋଚ୍ଚ ଆଦର୍ଶ ଯେ ସାହିତ୍ୟରେ ନାହିଁ ତାହା ସର୍ବାଙ୍ଗୀନ ସାହିତ୍ୟ ନୁହେଁ ।” (୮) ସର୍ବାଙ୍ଗୀନ ସାହିତ୍ୟରେ ଜାତୀୟ ଜୀବନର ଭାବ ଯଥାର୍ଥ ଭାବରେ ପ୍ରକଟିତ ହୋଇଥାଏ । ଇଂରେଜମାନଙ୍କର ଶାସନ ଓ ଶିକ୍ଷା ପ୍ରସାର ଫଳରେ ଭାରତ ବର୍ଷରେ ଏକ ନୂତନ ଜାତୀୟ ଚେତନା ସୃଷ୍ଟି ହୋଇ ୧୮୮୫ ବେଳକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ନେଇଥିଲା । ସେହି ପ୍ରାଣସ୍ପନ୍ଦନରୁ “ଆମ୍ଭେମାନେ ଏକ ଭାରତୀୟ ଜାତି”ର ଅର୍ଥ ପ୍ରକଟିତ ହୋଇଥିଲା । କ୍ଷୁଦ୍ର ପ୍ରାଦେଶିକ ସଂକୀର୍ଣ୍ଣତାକୁ ଦୂର କରି ଏକ ମହାଭାରତୀୟ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହେବାକୁ ବିଶ୍ୱନାଥ କର ପ୍ରେରଣା ଦେଇଅଛନ୍ତି । ସେ କହନ୍ତି—“ଭାଷାଗତ ବିଭିନ୍ନତା ସତ୍ତ୍ୱେ ଜାତୀୟ ଆଦର୍ଶ ଯେ ଖର୍ବୀକୃତ ହେବ; ଏହା ମୁଁ ବିଶ୍ୱାସ କରୁ ନାହିଁ । ଯେବେ ଆମ୍ଭେମାନେ ଚରମ ଲକ୍ଷ୍ୟକୁ ହୃଦୟରେ ଜାଗ୍ରତ ରଖି ତହିଁ ଉପରେ ନିତ୍ୟ ଦୃଷ୍ଟି ରଖି କାର୍ଯ୍ୟରେ ପ୍ରବୃତ୍ତ ହେଉଁ, ତାହା ହେଲେ ଲକ୍ଷ୍ୟ ସାଧନାରେ କିଛି ବାଧା ଘଟିବ ନାହିଁ ।” (୯) ସାହିତ୍ୟରେ ଏକ ଚିରନ୍ତନ ଜୀବନବୋଧ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜାତୀୟ ଜୀବନରୁ ସକଳ ସଂକୀର୍ଣ୍ଣତାକୁ ଦୂରୀଭୂତ କରି ଏକ ମହାନ ବିଶ୍ୱଜନୀନ ମାନବିକ ଆଦର୍ଶ ପ୍ରତିଷ୍ଠା କରିବାକୁ ସ୍ୱର୍ଗତ ବିଶ୍ୱନାଥ କର ପ୍ରେରଣା ଦେଇ ଅଛନ୍ତି । ସେ କହନ୍ତି ସାହିତ୍ୟ ଜାତୀୟ ଜୀବନର ପ୍ରଧାନ ବନ୍ଧନ ରଜ୍ଜୁ । କେବଳ ଏତିକି ନୁହେଁ ସେ ସାହିତ୍ୟକୁ ଜାତୀୟ ଜୀବନର ଆଶା ଓ ଆକାଙ୍‌କ୍ଷାର ବହିଃପ୍ରକାଶ, ଜାତୀୟ ଜୀବନର ନିର୍ମାତା ଓ ଜାତୀୟ ଜୀବନର ମାନମନ୍ଦିର ଭାବରେ ମଧ୍ୟ ବିବେଚନା କରି ଅଛନ୍ତି । ସାହିତ୍ୟରୁ ସକଳ ସଂକୀର୍ଣ୍ଣତା, ରୁଚିହୀନତା ଓ ନୀତିହୀନତାକୁ

---

୮—ବିଶ୍ୱନାଥ କର—ସାହିତ୍ୟ ଓ ଜୀବନ—ବିବିଧ ପ୍ରବନ୍ଧ (୯ମ ସଂସ୍କରଣ) ପୃ:୩୭

୯—ବିଶ୍ୱନାଥ କର—ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ—ବିବିଧ ପ୍ରବନ୍ଧ (ନବମ ସଂସ୍କରଣ) ପୃ:୬୭

ବିଲୋପ କରି ଜାତୀୟ ଜୀବନର କଲ୍ୟାଣ ପଥରେ ଏହାକୁ ଉଦ୍ଦିଷ୍ଟ କରିବା ଉଚିତ ବୋଲି ସ୍ୱର୍ଗତ ବିଶ୍ୱନାଥ କର ମତ ଦେଇ ଅଛନ୍ତି । ତାଙ୍କର ଏହି ମତ ପରବର୍ତ୍ତୀ ସତ୍ୟବାଦୀ ଗୋଷ୍ଠୀର ଲେଖା ଓ ଆଦର୍ଶରେ ଅନୁରଣିତ ।

ସାହିତ୍ୟ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ସ୍ପଷ୍ଟ, ଶାଣିତ ଓ ମାର୍ଜିତ । ଏହି ଦୃଷ୍ଟିକୋଣରୁ ସେ ତାଙ୍କର ପ୍ରବନ୍ଧମାନଙ୍କରେ ପ୍ରକାଶ କରିଅଛନ୍ତି । ସେ ଯାହା ଅନ୍ତରରେ ଅନୁଭବ କରିଛନ୍ତି ତାକୁ ସରଳ ତରଳ ସାବଲୀଳ ଭାଷା ମାଧ୍ୟମରେ ଓ ଯୁକ୍ତିଯୁକ୍ତ ଭାବରେ ଉଦ୍ଘାଟନ କରିଛନ୍ତି । ଡକ୍ଟର ନଟବର ସାମନ୍ତରାୟ ତାଙ୍କର ପ୍ରବନ୍ଧ ସମ୍ପର୍କରେ ମତ ଦେଇଛନ୍ତି—"ସତ୍ୟ ପ୍ରତିପାଦନରେ ନିର୍ଭୀକତା, ବିଷୟବସ୍ତୁ ଉପସ୍ଥାପନାରେ ଚମତ୍କାରିତା, ତାର ଅନ୍ତର୍ଦୃଷ୍ଟିରେ ନୂତନତା, ସର୍ବୋପରି ବିବିଧ ଆଲୋଚନାରେ ଯଥାର୍ଥ ବିଚାରବୋଧ, ଔଚିତ୍ୟ ଜ୍ଞାନ ଓ ସହିଷ୍ଣୁତା—ଏହିସବୁ ତାଙ୍କ ପ୍ରବନ୍ଧର ଏକ ଏକ ବୈଶିଷ୍ଟ୍ୟ ପ୍ରକୃତ ।" (୧୦) ବାସ୍ତବିକ ସ୍ୱର୍ଗତ ବିଶ୍ୱନାଥ କର ତାଙ୍କର ପ୍ରବନ୍ଧମାନଙ୍କରେ ନିଜର ତୀକ୍ଷ୍ଣ ବିଚାରବୋଧ ଓ ଗଭୀର ଜ୍ଞାନର ପରିଚୟ ଦେଇଥିବାସଙ୍ଗେ ସଙ୍ଗେ ସାହିତ୍ୟପ୍ରତି ଏକ ନୂତନ ଦୃଷ୍ଟିକୋଣର ପରିଚୟ ଦେଇଅଛନ୍ତି । ଜୀବନର ଭିତ୍ତିଭୂମି ଉପରେ ସାହିତ୍ୟର କଳା-କୌଶଳ ସୃଷ୍ଟି କରି ଜୀବନର ବିକାଶପାଇଁ ଲକ୍ଷ୍ୟ ଦେବା ସର୍ବାଦୌ ଉଚିତ ବୋଲି ସେ ମତ ଦେଇଛନ୍ତି । ଏହି ଆଦର୍ଶର ଭିତ୍ତିରେ ସେ ୧୮୯୭ ସାଲ ଜାନୁୟାରୀ ମାସରେ ଉତ୍କଳ ସାରସ୍ୱତ ପୀଠକୁ ଏକ କାନ୍ତିକାମ୍ୟ ନୂତନ ପତ୍ରିକା ପ୍ରଦାନ କଲେ । ଏହି ପତ୍ରିକାର ନାମ 'ଉତ୍କଳ ସାହିତ୍ୟ' । ଶତାବ୍ଦୀର ଆଶା ଆକାଂକ୍ଷା ନେଇ ଏହି ପତ୍ରିକାର ଜନ୍ମହେଲା ବିଂଶ ଶତାବ୍ଦୀ ଓ ଊନବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ । ଏହି ପତ୍ରିକା ହେଲା ଯଥାର୍ଥରେ ଉତ୍କଳର ସାରସ୍ୱତ କ୍ଷେତ୍ରରେ ଏକ ସାର୍ଥକ ପ୍ରଚେଷ୍ଟା ଓ ସାଧନା ।

---

୧୦—ଡକ୍ଟର ନଟବର ସାମନ୍ତରାୟ—ଓଡ଼ିଆ ସାହିତ୍ୟର ଇତିହାସ – ପୃ ୪୯୬

## 'ଉତ୍କଳ ସାହିତ୍ୟ'ର ସାରସ୍ୱତ ସାଧନା :

ଊନବିଂଶ ଓ ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ଉତ୍କଳ ସାହିତ୍ୟ ପତ୍ରିକାର ଜନ୍ମ । ଏହା ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ଆତ୍ମପ୍ରକାଶ କରିଥିଲା । ଊନବିଂଶ ଶତାବ୍ଦୀର ଶେଷ ଦିଦଶକରେ ଆଧୁନିକ ଓଡ଼ିଶାର ସାହିତ୍ୟ, ରାଜନୀତି, ଧର୍ମଜିଜ୍ଞାସା, ଭାଷା ବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ଏକ ନୂତନ ଭାବ ସ୍ପନ୍ଦନ ସୃଷ୍ଟି ହୋଇଥିଲା ଏବଂ ସେହି ସ୍ପନ୍ଦନକୁ ତତ୍କାଳୀନ ବହୁ ପତ୍ରପତ୍ରିକା ରୂପାୟନ କରିଥିଲେ । ପୁନଶ୍ଚ ଏହି ସମୟରେ 'ଉତ୍କଳ ପ୍ରଭା' ଆଧୁନିକ ସାହିତ୍ୟର ଦୃଢ଼ ସମର୍ଥନ କରି ପ୍ରାଚୀନ ସାହିତ୍ୟର ତୀବ୍ର ବିରୋଧ କରିଥିଲା । ଏହା ଫଳରେ ପ୍ରାଚୀନ-ପନ୍ଥୀ ଓ ନବୀନପନ୍ଥୀମାନଙ୍କ ମଧ୍ୟରେ ଦେଖାଦେଲା ତୀବ୍ର ମସୀଯୁଦ୍ଧ । ଗୋଟିଏ ପକ୍ଷରେ 'ଉତ୍କଳ ଦୀପିକା' ଓ 'ବାଲେଶ୍ୱର ସମ୍ବାଦ ବାହିକା' ଏବଂ ଅନ୍ୟ ପକ୍ଷରେ 'ଉତ୍କଳ ହିତୈଷିଣୀ', 'ଉତ୍କଳ ପ୍ରଭା' ଓ ସଂସ୍କାରକ ପତ୍ରିକା-ମାନ ଏହି ମସୀ ଯୁଦ୍ଧରେ ଲିପ୍ତ ହୋଇଗଲେ । ଏହି ସଂଘର୍ଷର, ତୀବ୍ର ପ୍ରତିକ୍ରିୟା ପ୍ରକାଶିତ ହେଲା ୧୮୯୩-୯୪ ମସିହାର 'ଇନ୍ଦ୍ରଧନୁ ଓ 'ବିଜୁଳିର' ସଂଘର୍ଷରେ । ସାହିତ୍ୟ କ୍ଷେତ୍ରରେ ପ୍ରାଚୀନ ଓ ନବୀନର ଦ୍ୱନ୍ଦ୍ୱ ନେଇ ଏପରି ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେଲା ଯାହାଦ୍ୱାରା ସେତେବେଳେ 'ସମ୍ବାଦ ବାହିକା'ରେ ଏକ ମନ୍ତବ୍ୟ ପ୍ରକାଶିତ ହୋଇଥିଲା—"ହେ ଦୀପିକା ! ତୁମ୍ଭେ ତୁମର ଦୀପ ଶିଖାରେ ବେଶ୍ ଘର ପୋଡ଼ିପାର । ହେ ବାହିକା ! ତୁମର ଚିରୁଡ଼ି ବେଶ୍ ଆଞ୍ଚୁଡ଼ି କାମୁଡ଼ି ପାରେ ଏବଂ ତୁମେ ମଧ୍ୟ ବେଶ୍ ସର୍ପ ଭକ୍ଷଣ କରିପାର । ହେ ଇନ୍ଦ୍ରଧନୁ ! ତୁମ୍ଭେ ଇନ୍ଦ୍ର ପୁତ୍ର ଅର୍ଜୁନଙ୍କ ଗାଣ୍ଡୀବଠାରୁ ବଳି ସନ୍ଧାନ କରିପାର । ହେ ବିଜୁଳି ! ତୁମ୍ଭର ଅଶନି ଘାତରେ ଏ ତ୍ରିଭୁବନ କ୍ଷଣକେ ଖଣ୍ଡ ଖଣ୍ଡ ହୋଇପାରେ । ହେ ହିତୈଷିଣୀ ! ତୁମ୍ଭେ କେଶ ଛୁରର ଖଣ୍ଡ ନିକ୍ଷେପ କରି ସଂସାରକୁ ଖଣ୍ଡ ବିଖଣ୍ଡ କରିପାର । ହେ ପ୍ରଭା ! ତୁମ୍ଭ ପ୍ରଭାରେ ଯୁଦ୍ଧକ୍ଷେତ୍ର ଆଲୋକିତ । ତୁମ୍ଭେ କେହି କାହାରିକୁ ଦାନ ନୁହଁ । ତୁମ୍ଭେ କେହି କାହାରିକୁ ପରାଜୟ କରି ପାରିନାହଁ କି ପାରିବ ନାହିଁ ।

ଅତଏବ ତୁମ୍ଭେମାନେ ଏବେ ଶାନ୍ତିଲାଭ କର, ଶାନ୍ତିଲାଭ କର । ସ୍ୱସ୍ତି ସ୍ୱସ୍ତି ସ୍ୱସ୍ତି ।" (୧୧) ଏହାପରେ ଏକ ଐତିହାସିକ ଓ ସାହିତ୍ୟିକ ଆବଶ୍ୟକତା ଓ ଆହ୍ୱାନରୁ ଊନବିଂଶ ଶତାବ୍ଦୀକୁ ବିଦାୟ ଓ ବିଂଶ ଶତାବ୍ଦୀକୁ ଅଭିନନ୍ଦନ ଜଣାଇ 'ଉତ୍କଳ ସାହିତ୍ୟ'ର ଜନ୍ମ ହେଲା ୧୮୯୭ ମସିହା ଜାନୁୟାରି ମାସରେ । ପ୍ରାଚୀନ ସାହିତ୍ୟର ଯଥାର୍ଥ ମୂଲ୍ୟାୟନ ଓ ତାର ଉତ୍ତମ ଗୁଣଗୁଡ଼ିକର ପ୍ରଶଂସା, ଏବଂ ନବୀନ ସୃଷ୍ଟି ପାଇଁ ପ୍ରେରଣା ଦେବା ହେଲା ଏହି ଐତିହାସିକ ସାହିତ୍ୟ ପତ୍ରିକାର ଲକ୍ଷ୍ୟ । ଦୀର୍ଘଦିନରୁ ଚାଲି ଆସିଥିବା କଳଙ୍କିତ ମସୀଯୁଦ୍ଧ ପଥ ଶେଷରେ ଉତ୍କଳ ସାହିତ୍ୟ ପ୍ରକାଶିତ ହେଲା ପରେ ଅବସାନ ହେଲା । "ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ନବଯୁଗର ଆଗମନୀ ବାର୍ତ୍ତା ବିସ୍ତାର କରି 'ଉତ୍କଳ ସାହିତ୍ୟ' ପତ୍ରିକା ପ୍ରକାଶିତ ହେବାରୁ ସାହିତ୍ୟ କ୍ଷେତ୍ରରେ ଏକ ଶାନ୍ତ ଓ ସଂଯତ ମନୋଭାବର ପରିଚୟ ମିଳିଲା । ଫଳତଃ ସାହିତ୍ୟିକମାନଙ୍କ ମତାନ୍ଧତା ବର୍ଜିତ କଳାଗତ ରୁଚି ଓ ବସ୍ତୁର-ବୋଧର ସମୁଚିତ ପ୍ରକାଶରେ ନେତୃତ୍ୱ ନେଇଥିଲା 'ଉତ୍କଳ ସାହିତ୍ୟ' ପତ୍ରିକା ।" (୧୨) ବାସ୍ତବିକ 'ଉତ୍କଳ ସାହିତ୍ୟ'ହିଁ ନବ ଉତ୍କଳର ଆଶା ଆକାଂକ୍ଷାର ଏକ ବାଣୀମୂର୍ତ୍ତି ଅଭିବ୍ୟକ୍ତି ।

'ଉତ୍କଳ ସାହିତ୍ୟ' ଯଥାର୍ଥରେ ପ୍ରାଚୀନତା ଓ ନବୀନତାର ସଂଯୋଗ ସେତୁ । ଏହି ପତ୍ରିକାର ସମ୍ପାଦକୀୟରୁ ତଥା ଏଥିରେ ପ୍ରକାଶିତ ହୋଇଥିବା ଲେଖାମାନଙ୍କରୁ ସମ୍ପାଦକ ବିଶ୍ୱନାଥ କରଙ୍କର ସାରସ୍ୱତ ଦୃଷ୍ଟିଭଙ୍ଗୀର ଯଥାର୍ଥ ପରିଚୟ ମିଳିଥାଏ । ଏହି ସାରସ୍ୱତ ଦୃଷ୍ଟିକୋଣ ଉଦାର, ମହାନ, ଜାତୀୟ ସାହିତ୍ୟ ଗଠନ ପାଇଁ ଆଶାନ୍ୱିତ, ପ୍ରାଚୀନ ସାହିତ୍ୟରୁ ଅମୂଲ୍ୟ ରତ୍ନ ଉଦ୍ଧାର ପାଇଁ ଉତ୍କଣ୍ଠିତ ଓ ନବୀନତାର ମହାନତାକୁ ସ୍ୱୀକାର କରିବା ପାଇଁ ବ୍ୟଗ୍ର । ଏଥିପାଇଁ 'ଉତ୍କଳ ସାହିତ୍ୟ' ଘୋଷଣା କରିଥିଲା—"ପ୍ରାଚୀନତାର ଅନୁରୋଧରେ ଉନ୍ନତିର ପ୍ରତିରୋଧ କରିବା ସୁବୁଦ୍ଧିର କାର୍ଯ୍ୟ ନୁହେଁ । ପକ୍ଷାନ୍ତରେ ନୂତନତାର

---

୧୧—ସମ୍ବାଦ ବାହିକା —୨୨-୧୦-୧୮୯୬

୧୨—ଡକ୍ଟର ଶ୍ରୀନିବାସ ମିଶ୍ର—ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ—ପୃ ୯୮

ଅନୁରୋଧରେ ପ୍ରାଚୀନ ପ୍ରତି ଅବଜ୍ଞା ବା ଅନାସ୍ଥା ନିତାନ୍ତ ନିନ୍ଦନୀୟ । ଯେଉଁମାନେ ଉଭୟ କୂଳ ରକ୍ଷାକରି ଚାଲିପାରନ୍ତି, ସେହିମାନେ ବୁଦ୍ଧିମାନ । ସମସ୍ତ ଉନ୍ନତ ଯୁଗର ଏବଂ ଉନ୍ନତ ଦେଶର ସାଧୁ ମହାଜନଗଣ ଏହି ଆଦର୍ଶ ଦେଖାଇ ଯାଇଅଛନ୍ତି । ଆମ୍ଭେମାନେ ଯେତେଦିନ ଜୀବିତ ଥିବୁଁ, ନିଜର କ୍ଷୁଦ୍ର ସୀମା ମଧ୍ୟରେ ଏହି ନୀତି ଅନୁସରଣ କରି କାର୍ଯ୍ୟ କରିବୁଁ । ଉତ୍କଳର ପ୍ରାଚୀନ ସାହିତ୍ୟ ଭଣ୍ଡାରରେ ଗୌରବର ବିଷୟ ଯଥେଷ୍ଟ ନ ଥିଲେହେଁ ତାହାର ଏକାନ୍ତ ଅଭାବ ନାହିଁ । ଅନ୍ୟଆଡ଼େ ନବଯୁଗର ସାହିତ୍ୟ—ଗଠନର ଚେଷ୍ଟା ମଧ୍ୟ କଥିତ ପରିମାଣରେ ପରିଲକ୍ଷିତ ହେଉଅଛି । 'ଉତ୍କଳ ସାହିତ୍ୟ' ଏହି ଉଭୟର ପ୍ରତିନିଧି ସ୍ୱରୂପ କାର୍ଯ୍ୟ କରିବାର ଆଶାରେ ଉପସ୍ଥିତ ହୋଇଅଛି । ଏକ ଆଡେ ପ୍ରାଚୀନ ମଧ୍ୟରୁ ଗ୍ରହଣୀୟ ବସ୍ତୁ ଆହରଣ କରିବା, ଅନ୍ୟଆଡ଼େ ଉନ୍ନତ ଯୁଗର ଭାବ ଓ ଚିନ୍ତା ପାଠକ ସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବା ଏକାନ୍ତ କର୍ତ୍ତବ୍ୟ । ଆମ୍ଭେମାନେ ବିଜ୍ଞ ଲେଖକମାନଙ୍କ ସାହାଯ୍ୟରେ ଏହି ପବିତ୍ର କର୍ତ୍ତବ୍ୟ ସାଧନ କରିବାର ଆଶା କରୁଅଛୁଁ ।" (୧୩) ଏହି ଲକ୍ଷ୍ୟ ଓ ଆଦର୍ଶ ନେଇ ବିଶ୍ୱନାଥ ମାନ୍ତ୍ରିକାଶ ପତ୍ରିକା 'ଉତ୍କଳ ସାହିତ୍ୟ' ସମ୍ପାଦନା କଲେ । ଏଥି ପୂର୍ବରୁ ସେ ନିଜେ ପ୍ରବନ୍ଧ ରଚନା କରୁଥିଲେ ମାତ୍ର ଏହି ପତ୍ରିକା ପ୍ରକାଶ ପରେ ସେ ବହୁ ସାହିତ୍ୟିକଙ୍କୁ ଜନ୍ମ ଦେଲେ । ସମାଲୋଚକ ସୁରେନ୍ଦ୍ର ମହାନ୍ତି ତେଣୁ ଲେଖିଛନ୍ତି—"ଉତ୍କଳ ସାହିତ୍ୟ ବିଂଶ ଶତାବ୍ଦୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଶକରେ ଓଡ଼ିଆ ସାହିତ୍ୟର ଏକ ତୀର୍ଥ କ୍ଷେତ୍ର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ରୁଚି ଓ ମତବାଦ ନିର୍ବିଶେଷରେ ସେକାଳର ପ୍ରତ୍ୟେକ ଶିକ୍ଷିତ ସାହିତ୍ୟପ୍ରେମି ଓ ଲେଖକ ବିଶ୍ୱନାଥଙ୍କୁ କି ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ ଚକ୍ଷୁରେ ଦେଖୁଥିଲେ, ତାହାର ପ୍ରମାଣ ସେ କେତେ ଖଣ୍ଡି ଚିଠିରୁ ମୁଁ ପାଇଥିଲି । ସେ ଦିନର ଓଡ଼ିଆ ଲେଖକମାନେ ଥିଲେ ସେପରି କି ଗୋଟିଏ

---

୧୩— ଉତ୍କଳ ସାହିତ୍ୟ (ପ୍ରଥମ ସଂଖ୍ୟା) ସମ୍ପାଦକଙ୍କ ମନ୍ତବ୍ୟ—ଜାନୁୟାରୀ ୧୮୯୭

ଗୋଷ୍ଠୀର, ଗୋଟିଏ ପରିବାରର । ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ଥିଲା ସେମାନଙ୍କର ଏକମାତ୍ର କାମନା । 'ଉତ୍କଳ-ସାହିତ୍ୟ' ଥିଲା, ସେ ସାଧନାର ଏକମାତ୍ର ପୀଠ ଓ ବିଶ୍ୱନାଥ ଥିଲେ ତାହାର ମନ୍ତ୍ରଗୁରୁ ।"

(୧୪) ବାସ୍ତବିକ ଉତ୍କଳ-ସାହିତ୍ୟର ପବିତ୍ର ସାରସ୍ୱତ ପୀଠରେ ପ୍ରାଚୀନ ଓ ନବୀନ, ପ୍ରବୀଣ ଓ ତରୁଣ ସପକ୍ଷ ଓ ବିପକ୍ଷ ମତାବଲମ୍ବୀ ସମସ୍ତ ଲେଖକମାନେ ଏକତ୍ରିତ ହୋଇ ଓଡ଼ିଆ ସାହିତ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରିଥିଲେ । ଏହି ପତ୍ରିକାରେ ଯେପରି ରାଧାନାଥ ଯୁଗର କବି ଓ ଲେଖକମାନେ ଲେଖୁଥିଲେ ସେହିପରି ସତ୍ୟବାଦୀ ଓ ସବୁଜ ଗୋଷ୍ଠୀର ଲେଖକମାନେ ମଧ୍ୟ ଲେଖୁଥିଲେ । ଏହି ପତ୍ରିକା ଯେପରି ପ୍ରବୀଣମାନଙ୍କର ପ୍ରଜ୍ଞାଦୀପ୍ତ ରଚନାରେ ସମୃଦ୍ଧ ହେଉଥିଲା ସେହିପରି ଜାତୀୟତାବାଦୀ ଲେଖକମାନଙ୍କ ଲେଖାରେ ନିଜର କଳେବରକୁ ମଣ୍ଡନ କରୁଥିଲା ଓ ସବୁଜ କବିଙ୍କର ସବୁଜ ଉଚ୍ଛ୍ୱାସରେ ନବ ଯୁଗର ବାର୍ତ୍ତା ପ୍ରଦାନ କରୁଥିଲା । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ପତ୍ରିକା ବିଭିନ୍ନ ଗୋଷ୍ଠୀର ଲେଖକମାନଙ୍କର ଥିଲା ଏକ ସାରସ୍ୱତସନ୍ଧିସ୍ଥି । ଏଥିରେ ରାଧାନାଥ, ଫକୀରମୋହନ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ରାମଶଙ୍କର ରାୟ, ଚନ୍ଦ୍ର ଶେଖର ନନ୍ଦ, ବାଙ୍କନିଧି ପଟ୍ଟନାୟକ, ଦୟାନିଧି ମିଶ୍ର, ଶ୍ୟାମସୁନ୍ଦର ରାଜଗୁରୁ, ଗୋପାଳଚନ୍ଦ୍ର ପ୍ରହରାଜ, କୃଷ୍ଣପ୍ରସାଦ ଚୌଧୁରୀ, ମୃତ୍ୟୁଞ୍ଜୟ ରଥ, ତାରିଣୀଚରଣ ରଥ, ଜଳନ୍ଧର ଦେବ, ବିଶ୍ୱନାଥ କର, ଗୋପୀନାଥ ନନ୍ଦ, ଶଶିଭୂଷଣ ରାୟ, ଜଗବନ୍ଧୁ ସିଂହ, ମୋହିନୀମୋହନ ସେନାପତି, ଚିନ୍ତାମଣି ଆଚାର୍ଯ୍ୟ, ଚନ୍ଦ୍ରମୋହନ ମହାରଣା, ଦିବ୍ୟସିଂହ ପାଣିଗ୍ରାହୀ, ଭୋଳାନାଥ ସାମନ୍ତରାୟ, ରେବା ରାୟ, ସାଧୁଚରଣ ରାୟ ପ୍ରଭୃତି ପ୍ରବୀଣମାନେ ଯେପରି ଭାଷା, ସାହିତ୍ୟ ଓ ଦର୍ଶନକୁ ନେଇ ବିଭିନ୍ନ ଚିନ୍ତାମୂଳକ ଲେଖା ପ୍ରକାଶ କରୁଥିଲେ ସେହିପରି ସତ୍ୟବାଦୀ ଗୋଷ୍ଠୀର ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ରତ୍ନାକର ପତି, ପଦ୍ମଚରଣ

---

୧୪—ସୁରେନ୍ଦ୍ର ମହାନ୍ତି—ଫକୀରମୋହନ ସମୀକ୍ଷା—(ଭୂମିକା)—ପୃ ୫

ପଟ୍ଟନାୟକ ପ୍ରଭୃତି ଜାଗ୍ରତ ଭାବାପନ୍ନ ଲେଖକମାନଙ୍କର ଲେଖା ମଧ୍ୟ ପ୍ରକାଶିତ ହେଉଥିଲା । ପୁନଶ୍ଚ ଏହା ସବୁଜ କବି ଅନ୍ନଦାଶଙ୍କର ରାୟ, କାଳନ୍ଦୀଚରଣ ପାଣିଗ୍ରାହୀ ଓ ବୈକୁଣ୍ଠନାଥ ପଟ୍ଟନାୟକ ପ୍ରଭୃତିଙ୍କର ଲେଖାମାନ ପ୍ରକାଶ କରି ତରୁଣର ସ୍ୱପ୍ନକୁ ପ୍ରବୀଣମାନଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହୋଇଥିଲା । ଏହି ପତ୍ରିକା ଓଡ଼ିଆ କାବ୍ୟ କବିତା ପ୍ରକାଶନରେ ଯେ ନୂତନ ପଦକ୍ଷେପ ନେଇଥିଲା ତାହା ନୁହେଁ; କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଚିନ୍ତାମୂଳକ ପ୍ରବନ୍ଧ, ସମାଲୋଚନା ଇତ୍ୟାଦି କ୍ଷେତ୍ରରେ ମଧ୍ୟ ବୈପ୍ଳବିକ ପଦକ୍ଷେପ ନେଇଥିଲା ।

ବିଶ୍ୱନାଥ କର ନିଜେ କେବଳ ଜଣେ ପ୍ରାବନ୍ଧିକ ଥିଲେ ମଧ୍ୟ ସେ ସାହିତ୍ୟର ଅନ୍ୟାନ୍ୟ ବିଭାଗର ଉନ୍ନତି ପାଇଁ ଯଥେଷ୍ଟ ପ୍ରେରଣା ଦେଇଅଛନ୍ତି । ଫକୀରମୋହନ ସେନାପତିଙ୍କର ସମସ୍ତ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନାର ପୃଷ୍ଠଭୂମିରେ ବିଶ୍ୱନାଥ କରଙ୍କର ପ୍ରେରଣା ଓ ଉତ୍କଳ ସାହିତ୍ୟର ଅବଦାନହିଁ ନିହିତ । ତା ୨୭।୭।୧୯୫ ରିଖରେ ଫକୀରମୋହନ ବିଶ୍ୱନାଥ କରଙ୍କ ନିକଟକୁ ଗୋଟିଏ ପତ୍ର ଲେଖିଥିଲେ । ସେଥିରେ ସେ ଲେଖିଛନ୍ତି—"ଆପଣ ନିଶ୍ଚୟ ଜାଣିବେ ଉତ୍କଳ ସାହିତ୍ୟର ଉନ୍ନତି ଦେଖିଲେ ମୋ ମନରେ ଅତ୍ୟନ୍ତ ଆନନ୍ଦ ଜାତହୁଏ ମାତ୍ର ମୋ ପରି ସାମାନ୍ୟ ଲୋକଙ୍କ ସହାନୁଭୂତି ତାହା ପକ୍ଷରେ ଉପକାର ସମ୍ଭାବନା ବିରଳ । ସାହିତ୍ୟ ଉତ୍କଳ ଭାଷା ତଥା ଉତ୍କଳୀମାନଙ୍କର ସମ୍ମାନ ରକ୍ଷା କରିଅଛି ।" ଏହିପରି ସେ ବିଶ୍ୱନାଥ କରଙ୍କ ନିକଟକୁ ବହୁ ଚିଠି ଦେଇ ଅଛନ୍ତି । ପ୍ରତ୍ୟେକ ଚିଠିରେ ସେ ଉତ୍କଳ ସାହିତ୍ୟ ପତ୍ରିକାରେ ଉନ୍ନତି ଆଶା କରିଛନ୍ତି । ତାଙ୍କର ଚିଠିଗୁଡ଼ିକରୁ ପ୍ରମାଣିତ ହୁଏ ଯେ ବିଶ୍ୱନାଥ କରଙ୍କର ଉତ୍ସାହହିଁ ତାଙ୍କୁ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା କରିବାକୁ ପ୍ରେରଣା ଦେଇଅଛି । କେବଳ ଫକୀରମୋହନ ନୁହନ୍ତି, ସେ ସମୟର ସମସ୍ତ ଲେଖକମାନେ ବିଶ୍ୱନାଥ କରଙ୍କଠାରୁ ପ୍ରେରଣା ପାଇଛନ୍ତି । ତାଙ୍କର ଉଦାର ଦୃଷ୍ଟିକୋଣ ସମସ୍ତଙ୍କୁ ସ୍ୱାଗତ ଜଣାଇଅଛି । ଯାହା ଯାଥାର୍ଥ ଓ ସାରସ୍ୱତ ମୂଲ୍ୟବୋଧରେ ଦୀପ୍ତିମାନ ସେହିଗୁଡ଼ିକୁହିଁ ସେ ପ୍ରକାଶ

କରିଅଛନ୍ତି । ସବୁଜ ଗୋଷ୍ଠୀର ତରୁଣଲେଖକମାନେ ଯେତେବେଳେ ଅନ୍ୟମାନଙ୍କ ଦ୍ୱାରା ଉପେକ୍ଷିତ ହେଉଥିବେଳେ ବିଶ୍ୱନାଥ କର ସେମାନଙ୍କ ଭିତରେ ସାରସ୍ୱତ ଭାବକୁ ଉପଲବ୍ଧି କରିଅଛନ୍ତି । ଏହି ତରୁଣ ଗୋଷ୍ଠୀ ଥିଲେ ଇଣ୍ଡିଭିଜୁଆଲିଷ୍ଟ ବା ପୁନରୁଜ୍ଜୀବନବାଦୀ ଲେଖକଙ୍କର ବିରୋଧୀ । ତେଣୁ ଏମାନଙ୍କୁ କେହି ଉଦାର ଦୃଷ୍ଟିରେ ସେତେବେଳେ ଦେଖୁ ନଥିଲେ । ବିଶ୍ୱନାଥ କର ହିଁ ପ୍ରଥମ ବ୍ୟକ୍ତି ଯେ କି, ଏହି ତରୁଣ କବିମାନଙ୍କର ଥିଲେ ପ୍ରେରଣା ଦାତା । ଅନ୍ନଦାଶଙ୍କର ରାୟ ଏ ପ୍ରସଙ୍ଗରେ ଲେଖିଛନ୍ତି—"ସବୁଜ ସାହିତ୍ୟ ସହିତ ବା ଯୁଗବୀଣା ସହିତ ସେ ( ବିଶ୍ୱନାଥ କର ) ଯୁକ୍ତ ନଥିଲେ । ତଥାପି ସେ "friend philosopher, guide' ଥିଲେ ଆଜୀବନ । ବୈକୁଣ୍ଠ, କାଳନ୍ଦୀ ପ୍ରଭୃତି ବନ୍ଧୁମାନେ ଉତ୍କଳ ସାହିତ୍ୟର ନିୟମିତ ଲେଖକ ଥିଲେ । ବିଶ୍ୱନାଥବାବୁଙ୍କ ସ୍ନେହ ଆମ କାହାରି ପ୍ରତି କେବେ ଊଣା ନଥିଲା । ଆନୁଷ୍ଠାନିକ ଭାବରେ ନ ହେଲେହେଁ ପ୍ରକୃତ ପକ୍ଷରେ ସେ ଥିଲେ ସବୁଜ ଦଳର ପ୍ରଧାନ ପୃଷ୍ଠପୋଷକ, ତାଙ୍କର ମତବାଦ ଉଦାର ଥିଲା । ଅନେକ ପ୍ରବୀଣ ବ୍ୟକ୍ତି ସବୁଜ ଦଳର ଆତିଶଯ୍ୟରେ ଅସହିଷ୍ଣୁ ଥିଲେ । ହେଲେ; ବିଶ୍ୱନାଥବାବୁ, କେବେ ଅସନ୍ତୋଷ ପ୍ରକାଶ କରିନାହାନ୍ତି । ମୋ ଜାଣିବାରେ ୧୯୨୩ ପରେ ସେ ଆମ କାହାରି ଲେଖାକୁ ଅମନୋନୀତ କରି ନାହାନ୍ତି । ଆମ ଯୋଗ୍ୟତା ଅପେକ୍ଷା ଅଧିକ ସମାଦର ତାଙ୍କଠାରୁ ଆମେ ପାଇଥିଲୁଁ । ତାଙ୍କ ସ୍ନେହ ଆମ୍ଭମାନଙ୍କ ପକ୍ଷରେ ସ୍ମରଣୀୟ ସମ୍ପଦ ।" (୧୫) ସବୁଜ କବିଙ୍କର ପ୍ରତିଷ୍ଠା ପାଇଁ ବିଶ୍ୱନାଥ କରହିଁ ଦାୟୀ । ତାଙ୍କପରି Sympathetic criticଙ୍କର ସହାନୁଭୂତି ପାଇ ନଥିଲେ ହୁଏତ ଏହି ସବୁଜ ପ୍ରାଣର ସାରସ୍ୱତ ସାଧନା ସମାଧି ଲଭି ଥାଆନ୍ତା । ଏହି କାରଣରୁ ବିଶ୍ୱନାଥ ବିଗତ ତିନି ପୁରୁଷର ସାହିତ୍ୟିକଙ୍କର ବନ୍ଧୁ, ମାର୍ଗଦର୍ଶକ ଓ ପ୍ରେରକ ହୋଇଥିଲେ । ତାଙ୍କର ସାରସ୍ୱତ ଦୃଷ୍ଟିକୋଣ କେବଳ ନିଜ ସାହିତ୍ୟ

---

୧୫—ଅନ୍ନଦାଶଙ୍କର ରାୟ—ସବୁଜ ଅକ୍ଷର ପୃ ୨୬୯

ସୃଷ୍ଟି ଭିତରେ ଅବଶ୍ୟ ନୁହେଁ ମାତ୍ର ଓଡ଼ିଶାର ବହୁ ସାହିତ୍ୟିକଙ୍କୁ ସୃଷ୍ଟି କରିବାପାଇଁ ସତତ ପ୍ରେରଣା ଦାୟକ ଥିଲା । ଡ଼ଃ ମାୟାଧର ମାନସିଂହ ତେଣୁ ଯଥାର୍ଥରେ ଲେଖିଛନ୍ତି—"ବିଶ୍ୱନାଥ ଥିଲେ ରାଧାନାଥ, ଫକୀରମୋହନ, ମଧୁସୂଦନଙ୍କର ଏକାଧାରରେ ବନ୍ଧୁ, ସମାଲୋଚକ ଓ ପ୍ରକାଶକ । ସେ ଏହି ଶତାବ୍ଦୀର ତ୍ରିଂଶ ଦଶକ ପର୍ଯ୍ୟନ୍ତ ସକଳ ମୁଖ୍ୟ ଓଡ଼ିଆ କବି ଓ ଲେଖକଙ୍କର ମଧ୍ୟ ଥିଲେ ବନ୍ଧୁ, ସମର୍ଥକ ଓ ସମାଲୋଚକ । ପ୍ରାୟ ପଚିଶ ବର୍ଷ କାଳ ବିଶ୍ୱନାଥ ଥିଲେ, ଓଡ଼ିଆ ସାହିତ୍ୟର କେନ୍ଦ୍ର ବିନ୍ଦୁ । ତାଙ୍କର 'ଉତ୍କଳ-ସାହିତ୍ୟ' ଏପରି ସମ୍ମାନିତ ପତ୍ରିକା ଥିଲା ଓ ତାଙ୍କର ମୂଲ୍ୟବୋଧର ମାନଦଣ୍ଡରେ ଲୋକଙ୍କର ଏପରି ବିଶ୍ୱାସ ଥିଲା ଯେ, କୌଣସି ତରୁଣ ଲେଖକର କବିତାଟିଏ ବା ଗଳ୍ପଟିଏ "ଉତ୍କଳ-ସାହିତ୍ୟ"ରେ ପ୍ରକାଶିତ ହୋଇ ପାରିଲେ, କେବଳ ତାହାହିଁ ଧରି ସେ ପାଉଥିଲା ମହତ୍ ସାର୍ଟିଫିକେଟ୍ ଓ ସମ୍ମାନ, ଯାହାପାଇଁ ଲାଳାୟିତ ଥିଲେ ବହୁ ବ୍ୟକ୍ତି, କିନ୍ତୁ ପାଉଥିଲେ କେବଳ ସେହି, ଯିଏ ଥିଲେ ପ୍ରକୃତ ଶକ୍ତିମାନ ।" (୧୬) ବିଶ୍ୱନାଥ କରଙ୍କର ସାରସ୍ୱତ ଦୃଷ୍ଟିକୋଣ ଥିଲା ଅନ୍ତର୍ମୁଖୀ । ନିଜର ସାହିତ୍ୟ ସୃଷ୍ଟି ଭିତରେ ସେ ଯେପରି ଏହି ଅନ୍ତର୍ମୁଖୀ ଦୃଷ୍ଟିକୋଣକୁ ପ୍ରକାଶ କରୁଥିଲେ ଅନ୍ୟମାନଙ୍କ ଲେଖାକୁ ସେହି ଦୃଷ୍ଟିରୁ ମଧ୍ୟ ବିଚାର କରୁଥିଲେ । ବୃଦ୍ଧ ଫକୀରମୋହନ ତେଣୁ "ଉତ୍କଳ ଭ୍ରମଣଂ" ରେ ବିଶ୍ୱନାଥ କରଙ୍କୁ ଓ ତାଙ୍କ ସଂପାଦିତ "ଉତ୍କଳ-ସାହିତ୍ୟ" କୁ ପ୍ରଶଂସା କରି ଲେଖିଛନ୍ତି—

"ମାସିକ ପତ୍ରିକା ହେଲା ଦେଶର ଗୌରବ
ଉତ୍କଳ ଦେଶରେ ଥିଲା ତା ନାମ ନୀରବ ।
ମାସିକ ପତ୍ରିକା ତେର ସ୍ୱରୂପ ଦେଖାଇ
ପାଣିର ଫୁଟୁକା ପରି ପାଣିରେ ଲିଭଇ ।

୧୬—ମାୟାଧର ମାନସିଂହ - ଓଡ଼ିଆ ସାହିତ୍ୟର ଇତିହାସ ପୃ ୩୨୬-୨୭

କୋଡ଼ିଏ ବରଷ କାଳ ପାଖ ଲଗି ଲଗି
ସାହିତ୍ୟ ପ୍ରସୂର ପାଇଁ ପଡ଼ିଅଛ ଲଗି ।"

ଫକୀରମୋହନ ୧୯୧୭ ମସିହା ବେଳକୁ ଏକଥା ଲେଖି "ଉତ୍କଳ ସାହିତ୍ୟ" ପତ୍ରିକାର ପ୍ରଶଂସା କରିଥିଲେ । ଏହା ପରେ ଉକ୍ତ ପତ୍ରିକା ୧୯୩୪ ମସିହା ପର୍ଯ୍ୟନ୍ତ ତାର ପ୍ରଭାବ ଓଡ଼ିଶାରେ ଚଳାଇଥିଲା । ବିଶ୍ୱନାଥ କରଙ୍କର ମୃତ୍ୟୁପରେ ଏହି ପତ୍ରିକା ହୁଏତ ବିଲୟ ହୋଇଗଲା ମାତ୍ର ଉକ୍ତ ପତ୍ରିକାର ଯେଉଁ ଆହ୍ୱାନ ତାହା ବିଲୟ ହେଲା ନାହିଁ । ଓଡ଼ିଆ ସାହିତ୍ୟର ଗତିପଥରେ ଏହା ବାସ୍ତବିକ ଏକ ଅବିସ୍ମରଣୀୟ ତୀର୍ଥ ହୋଇ ରହିଗଲା ।

'ଉତ୍କଳ ସାହିତ୍ୟ' ଏକ ଐତିହାସିକ ସନ୍ଧିକ୍ଷଣରେ ଜନ୍ମ । ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଯେଉଁ ଦୁର୍ନୀତି ଓ କୁସଂସ୍କାର ଦେଖା ଦେଇଥିଲା ତା ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମକରି ସଦାଚାର ପ୍ରତିଷ୍ଠା କରିବାକୁ ଉତ୍କଳସାହିତ୍ୟ ଯେପରି ପ୍ରେରଣା ଦେଇଥିଲା ସେହିପରି ପ୍ରାଚୀନ ସାହିତ୍ୟର ଯଥାର୍ଥ ମୂଲ୍ୟାୟନ କରି ନୂତନ ସାହିତ୍ୟର ମନ୍ତ୍ରଦାତା ହୋଇପାରି ଥିଲା । ଏକ ଅପୂର୍ବ ସଂଗଠନ ଶକ୍ତି ଯୋଗୁ ଉତ୍କଳ ସାହିତ୍ୟର ସାରସ୍ୱତ ପୀଠରେ ସେ କାଳର ସମସ୍ତ ଲେଖକ ସମବେତ ହୋଇପାରି ଥିଲେ । ପାଶ୍ଚାତ୍ୟ ଚିନ୍ତାଧାରାପ୍ରସୂତ ଉଦାର ଦୃଷ୍ଟିକୋଣ ଓ ପାଶ୍ଚାତ୍ୟ ସାହିତ୍ୟଅନୁଶୀଳନ ଯୋଗୁ ପ୍ରାଚ୍ୟ ଚିନ୍ତାଧାରାପ୍ରସୂତ ସମନ୍ୱୟ ଭାବ ସୃଷ୍ଟି ହୋଇ ପାରିଥିଲା । ତେଣୁ 'ଉତ୍କଳ ସାହିତ୍ୟ' ଥିଲା-ସଂଗଠନ, ସଂସ୍କାର ଓ ସମନ୍ୱୟର ଏକ ତ୍ରିବେଣୀସଂଗମ । ଆତ୍ମଜାଗରଣ, ଆତ୍ମଅନୁଶୀଳନ ଓ ଆତ୍ମପ୍ରତିଷ୍ଠାର ଏକ ସଚେତନ ଅହ୍ୱାନ । 'କଟକଟ୍ରେନିଂସ୍କୁଲର ଆଲୋଚନାସଭା'(ତା।୧୨।୧୨।୧୮୯୩)ର ସାହିତ୍ୟଚର୍ଚ୍ଚାରୁ 'ଉତ୍କଳ ସାହିତ୍ୟ' ପତ୍ରିକାର ପ୍ରସୂତି କ୍ଷେତ୍ର । ଏହି 'ଆଲୋଚନା ସଭା' ୧୯୦୩ ମସିହା ବେଳକୁ "ଉତ୍କଳ ସାହିତ୍ୟ ସମାଜ" ରେ ପରିଣତ ହୋଇ ଓଡ଼ିଆ ସାହିତ୍ୟର ଏକ ବୃହତ୍ତର ମିଳନ ଭୂମି ରୂପେ କାର୍ଯ୍ୟ କରିବାକୁ ସମର୍ଥ ହୋଇପାରିଥିଲା । ବଙ୍ଗଦେଶର

"The Bengal Academy of Literature" (୧୮୯୩) ଖ୍ରୀ 'ଉତ୍କଳ ସାହିତ୍ୟ ସମାଜ' ଗଠନର ଥିଲା ପ୍ରେରଣା । ଏହି ଅନୁଷ୍ଠାନ ୧୮୯୪ ମସିହା ବେଳକୁ 'ବଙ୍ଗୀୟ ସାହିତ୍ୟ ପରିଷଦ' ନାମ ଧାରଣ କଲା ଓ ଏହାର ମୁଖପତ୍ର ହେଲା 'ସାହିତ୍ୟ ପରିଷଦ ପତ୍ରିକା'। ଏହି ଆଦର୍ଶରେ ଠିକ ନ ହେଲେହେଁ; ବିଶ୍ୱନାଥ କରଙ୍କ ସମ୍ପାଦନାରେ 'ଉତ୍କଳ ସାହିତ୍ୟ' ପ୍ରକାଶିତ ହୋଇ ଉଭୟ ସୃଜନଶୀଳ ଓ ଗବେଷଣା ଧର୍ମୀ ସାହିତ୍ୟ ସୃଷ୍ଟି ପାଇଁ ନେତୃତ୍ୱ ନେଇଥିଲା । ଊନବିଂଶ ଶତାବ୍ଦୀର ଶେଷ କାଳରୁ ଦ୍ୱିତୀୟ ବିଶ୍ୱ ମହାସମର ପର୍ଯ୍ୟନ୍ତ ଜାତୀୟ ଜୀବନର ଆଶା ଆକାଂକ୍ଷା, ଭାବ, ଭାବନା, ଧ୍ୟାନ କଳ୍ପନା ସବୁକିଛିର ଅନ୍ତଃସ୍ୱର ଥିଲା 'ଉତ୍କଳ ସାହିତ୍ୟ' । ଏହି ପତ୍ରିକା ଯୁଗଚରିତର ମାର୍ମିକ ଆଲେଖ୍ୟ । ଏଥିରେ ଯେପରି ସୃଜନଧର୍ମୀ ଲେଖାମାନ ପ୍ରକାଶିତ ହୋଇ ଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ, ଆତ୍ମଜୀବନୀ, ଜୀବନୀ, ରମ୍ୟରଚନା ଆଦି ପ୍ରକାଶିତ ହୋଇଥିଲା ସେହିପରି ସାହିତ୍ୟତତ୍ତ୍ୱନିଷ୍ଠ ପ୍ରବନ୍ଧ ଓ ସମାଲୋଚନାଧର୍ମୀ ବହୁତ ଲେଖାମାନ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସମର୍ଥ ହୋଇ ପାରିଥିଲା । ତେଣୁ 'ଉତ୍କଳ ସାହିତ୍ୟ' ଏକ ଐତିହାସିକ ଆହ୍ୱାନ, ଏକ ସାରସ୍ୱତ ମଧୁସ୍ମୃତି—ଜାତୀୟ ଜୀବନର ମାର୍ମିକ ଆଲେଖ୍ୟ, ନବଚେତନାର ଯଥାର୍ଥ ପ୍ରକାଶକ, କଳା-ସଂସ୍କୃତି ଓ ସାହିତ୍ୟର ଏକ ନବୀନ ଆଲୋକ ।

## ଓଡ଼ିଆ ସାହିତ୍ୟ-ସାଧନାରେ ବିଶ୍ୱନାଥଙ୍କ ଭାଷା ପ୍ରୟୋଗ ପ୍ରତି ଦୃଷ୍ଟି ଭଙ୍ଗୀ :

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସାରଳା ଦାସ, ଜଗନ୍ନାଥ ଦାସ ଓ ବଳରାମ ଦାସ ଯେଉଁ ଭାଷାରେ ଶକ୍ତି ପରୀକ୍ଷା କରିଥିଲେ ତାହା କ୍ରମେ ଲୋପ ପାଇଯାଇ ଆଲଙ୍କାରିକ ସଂସ୍କୃତ ଭାଷାର ବିକାଶ ହେଲା । ସାଧାରଣ ଜନତାର ଭାଷା ସାହିତ୍ୟରେ ହେଲା ବିବର୍ଜିତ । ଆଧୁନିକ ଯୁଗ ଆରମ୍ଭରେ ପୁନର୍ବାର ଏହି ଲୋକ ଭାଷା ପ୍ରତି ଲେଖକମାନଙ୍କର ଦୃଷ୍ଟିଭଙ୍ଗୀ ଆକୃଷ୍ଟ ହେବାକୁ ଲାଗିଲା । ଯେଉଁମାନେ ପ୍ରାଚୀନପନ୍ଥୀ

ସେମାନେ ଏ ଧରଣର ଭାଷାକୁ ପ୍ରଶ୍ରୟ ଦେଲେ ନାହିଁ ମାତ୍ର ସେଉଁମାନେ ନବୀନପନ୍ଥୀ ସେମାନେ ଏହି ଭାଷାକୁ ପ୍ରାଧାନ୍ୟ ଦେଲେ । ଖ୍ରୀଷ୍ଟିୟାନ ମିଶନାରୀମାନେ ପ୍ରଥମେ ଓଡ଼ିଆ ଗଦ୍ୟରେ ନୂତନ ଭାଷା ପ୍ରୟୋଗ କଲେ ମାତ୍ର ଏହା ବିକୃତ ରୂପ ଧାରଣ କଲା । ଜ୍ଞାନାରୁଣ, ପ୍ରବୋଧ ଚନ୍ଦ୍ରିକା, ଅରୁଣୋଦୟ ଆଦି ମିଶନାରୀ ପତ୍ରିକାରେ ଏହି ବିକୃତ ଗଦ୍ୟ ରୂପକୁ ଦେଖିବାକୁ ମିଳେ । ପରେ ଊନବିଂଶ ଶତାବ୍ଦୀର ଶେଷ ୩୦ ବର୍ଷ ମଧ୍ୟରେ ବହୁ ପତ୍ର ପତ୍ରିକା ପ୍ରକାଶିତ ହୋଇ ଓଡ଼ିଆ ଭାଷାର ସ୍ୱରୂପ ନିର୍ଣ୍ଣୟରେ ଯଥାର୍ଥ ପଦକ୍ଷେପ ନେଇଥିଲେ । 'ଉତ୍କଳ ପୁତ୍ର', 'ଉତ୍କଳ ମଧୁପ' 'ଉତ୍କଳ ପ୍ରଭା' ଆଦି ନୂତନ ସାହିତ୍ୟର ସମର୍ଥନ କରିବା ସଙ୍ଗେ ସଙ୍ଗେ ଲୋକଭାଷା ଉପରେ ଗୁରୁତ୍ୱ ଆରୋପ କଲେ । ସମ୍ବଲପୁର ହିତୈଷିଣୀ' ମଧ୍ୟ ସମ୍ବଲପୁରରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନ କରାଯିବାପାଇଁ ସରକାରୀ ସିଦ୍ଧାନ୍ତର ପ୍ରତିବାଦରେ ଓଡ଼ିଆ ଭାଷା ରକ୍ଷା କରିବା ଲାଗି ବହୁ ଉତ୍ସାହପ୍ରଦ ଲେଖା ପ୍ରକାଶିତ କରିଥିଲେ । ଅତଏବ ଊନବିଂଶ ଶତାବ୍ଦୀର ଶେଷ ଦ୍ୱିଦଶକରେ ଓଡ଼ିଆ ଭାଷାକୁ ଦରବାରରୁ ଅବତରଣ କରାଇ ଆଣି ଦରିଦ୍ରର ଧୂଳିଆ ବସ୍ତି ମଧ୍ୟକୁ ନେବାପାଇଁ ଉଦ୍ୟମ ହୋଇଥିଲା । ଏହି ଉଦ୍ୟମର ନେତୃତ୍ୱ ନେଇଥିଲା 'ଉତ୍କଳ ସାହିତ୍ୟ' ପତ୍ରିକା । ଫକୀର ମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରଭୃତି କୃତବିଦ୍ ଲେଖକମାନେ ଓଡ଼ିଆ ଭାଷାରେ ନୂତନତା ସୃଷ୍ଟି କଲେ ଏବଂ ଲୋକମୁଖର ଭାଷାକୁ ସାହିତ୍ୟରେ ପ୍ରାଧାନ୍ୟ ଦେଲେ । ବିଶ୍ୱନାଥ କର ଏଥି ପୂର୍ବରୁ 'କଟକିଆ ଭାଷା', 'ଭାଷାତତ୍ତ୍ୱ' ଆଦି ପ୍ରବନ୍ଧରେ ଓଡ଼ିଆ ଭାଷାର ମୌଳିକତା ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । 'ଭାଷାର ଅପବ୍ୟବହାର' ପ୍ରବନ୍ଧରେ ସେ ନିଜର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଅଛନ୍ତି । 'ଉତ୍କଳ ସାହିତ୍ୟ' ପତ୍ରିକାର ବିଭିନ୍ନ ସମ୍ପାଦକୀୟରେ ଓଡ଼ିଆ ଭାଷାକୁ ବଙ୍ଗୀୟ ଭାଷା ପ୍ରଭାବରୁ ମୁକ୍ତ କରିବାପାଇଁ ସେ ଆହ୍ୱାନ ଦେଇଥିଲେ । ସେ ଭାଷାର ସଦ୍‌ବ୍ୟବହାରର ପକ୍ଷପାତୀ । ଅସାଧୁ

ଅପପ୍ରୟୋଗ ବର୍ଜନ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାରଣରୁ ଭାଷାର ଯଥେଚ୍ଛା ପ୍ରୟୋଗ ଓ ମାଳ ମାଳ ବର୍ଣ୍ଣାଶୁଦ୍ଧି ତାଙ୍କୁ ବିଶେଷ ଆଘାତ ଦେଇଥିଲା । ମାତୃଭାଷାର ଏ ଧରଣର ଅପପ୍ରୟୋଗରେ ବିବ୍ରତ ହୋଇ ସେ ଲେଖିଛନ୍ତି—"ଇଂରାଜୀ ଲେଖିଲା ବେଳେ ଲୋକେ ଯେତେ ସାବଧାନ ହୁଅନ୍ତି, ନିଜର ମାତୃଭାଷା ଲେଖିଲା ବେଳେ ତାହାର ଶତାଂଶର ପରିମାଣରେ ସାବଧାନ ହେଉଥିଲେ କଦାପି ଏପରି ହେଉ ନ ଥାନ୍ତା, ମାତ୍ର ଇଂରାଜୀ ବିଷୟରେ ବଡ଼ ବଡ଼ ହାକିମମାନଙ୍କର ଯେପରି ଛିଦ୍ରଦୃଷ୍ଟି ମାତୃଭାଷା ବିଷୟରେ ତ ସେପରି ଦେଖାଯାଏ ନାହିଁ । ନିମ୍ନ ଶ୍ରେଣୀର କର୍ମଚାରୀମାନେ ସେ ବିଷୟରେ ଏତେ କଷ୍ଟ ସ୍ୱୀକାର କରିବେ କାହିଁକି ?" (୧୬) ବିଶ୍ୱନାଥ ଭାଷାର ଶୁଦ୍ଧତା ଉପରେ ଗୁରୁତ୍ୱ ଆରୋପ କରି ଓଡ଼ିଆ ସାହିତ୍ୟର ଉନ୍ନତି ଖୋଜିଛନ୍ତି । ଗଦ୍ୟରେ ପଦ୍ୟର ଭାଷା ବ୍ୟବହାର, ବଙ୍ଗଳା ଭାଷାର ବିକୃତ ପ୍ରୟୋଗ, ଅନୁପଯୁକ୍ତ ଓ ଅପ୍ରଚଳିତ ଆଞ୍ଚଳିକ ଭାଷାର ବ୍ୟବହାର, ଅବ୍ୟାକରଣ ଭାଷା ପ୍ରୟୋଗ ଇତ୍ୟାଦିକୁ ବିଶ୍ୱନାଥ ନିନ୍ଦା କରିଅଛନ୍ତି । ପୁନଶ୍ଚ ସେ ସାହିତ୍ୟରେ ଭାଷାର ସ୍ୱାଭାବିକତାର ସପକ୍ଷବାଦୀ । ଏହି କାରଣରୁ ଫକୀରମୋହନ ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ଖାଣ୍ଟି ଘରୋଇ ଭାଷାର ପ୍ରୟୋଗ କରି ଏକ ନୂତନ ସାହିତ୍ୟିକ ପରମ୍ପରା ସୃଷ୍ଟି କଲେ । ସେହି ଆଦର୍ଶର ଅନୁବର୍ତ୍ତନରେ ଗୋପାଳଚନ୍ଦ୍ର ପ୍ରହରାଜ ଓ ନନ୍ଦକିଶୋର ବଳ ମଧ୍ୟ ସାହିତ୍ୟ ସୃଷ୍ଟି କରିଥିଲେ । ଊନବିଂଶ ଶତାବ୍ଦୀର ଶେଷ ତ୍ରିଶ ବର୍ଷରେ ଓଡ଼ିଆ ଭାଷାରେ ଅଣଓଡ଼ିଆ ଭାଷାର ଯେଉଁ ଅଶୋଭନୀୟ ଉପାଦାନ ପଶିଥିଲା ସେଥିରେ ବୈପ୍ଳବିକ ପରିବର୍ତ୍ତନ ଆଣି ଫକୀରମୋହନ ସେନାପତି ଖାଣ୍ଟି ଓଡ଼ିଆ ଭାଷାର ପ୍ରୟୋଗ କଲେ । ବିଶ୍ୱନାଥ ଏହି ଭାଷା ପ୍ରୟୋଗରେ ଆଦ୍ୟ ଆହ୍ୱାନ ଦାତା ଏବଂ ଏହି ଆହ୍ୱାନର ପ୍ରଥମ ସଫଳ

---

୧୬ । ଓଡ଼ିଆ ଭାଷା—ବିବିଧ ପ୍ରବନ୍ଧ-ବିଶ୍ୱନାଥ କର ୧ମ ଖ ପୃ ୧୪୯

ଉତ୍ତରଦାତା ଫକୀରମୋହନ ସେନାପତି । ଅତଏବ ବିଶ୍ୱନାଥ କର ଓଡ଼ିଆ ଭାଷାର ମାର୍ଜିତ ଓ ଶୁଦ୍ଧ ପ୍ରୟୋଗ ପାଇଁ ନିଜର ଲେଖା ମାଧ୍ୟମରେ ଯେଉଁ ଉଦ୍ୟମ କରିଥିଲେ ତାହା 'ଉତ୍କଳ-ସାହିତ୍ୟ' ପତ୍ରିକାରେ ବହୁ ଲେଖକଙ୍କ ଲେଖାରେ ନିର୍ଦ୍ଦିଷ୍ଟ ରୂପରେଖ ନେଲା । ବିଶ୍ୱନାଥଙ୍କର ଭାଷାପ୍ରତି ଦୃଷ୍ଟିଭଙ୍ଗୀ ସଙ୍କୀର୍ଣ୍ଣ ନୁହେଁ ମାତ୍ର ଉଦାର । ଶୁଦ୍ଧ ଓଡ଼ିଆ ଭାଷାରେ ସେ ଓଡ଼ିଆ ଜାତିର ଆଶା ଆକାଂକ୍ଷାକୁ ରୂପ ଦେଇ ଏକ ସଂସ୍କୃତ ପରମ୍ପରା ସୃଷ୍ଟି କରିବା ଦିଗରେ ସମର୍ଥ ହୋଇ ପାରିଥିଲେ ।

ବିଶ୍ୱନାଥ କରଙ୍କର ସାହିତ୍ୟିକ ଦୃଷ୍ଟିକୋଣ ବସ୍ତୁତଃ ପ୍ରଶଂସନୀୟ ଭିନ୍ନ ସୂତ୍ର ଦେଇ ଜୀବନ୍ତ ସମ୍ପର୍କ ସ୍ଥାପନ କରି ପାଖ ଅର୍ଦ୍ଧ ଶତାବ୍ଦୀ ପର୍ଯ୍ୟନ୍ତ 'ଉତ୍କଳ ସାହିତ୍ୟ' ବାଣୀପୀଠରେ ବହୁ ଲେଖକଙ୍କୁ ସେ ଏକତ୍ରିତ କରାଇ ପାରିଥିଲେ । ସମସ୍ତଙ୍କର ଦୃଷ୍ଟିଭଙ୍ଗୀକୁ ସେ ସ୍ୱାଗତ କରି ଏକ ନୂତନ ସାହିତ୍ୟିକ ପରମ୍ପରା ସୃଷ୍ଟି କରିବାକୁ ସକ୍ଷମ ହୋଇ ଥିଲେ । ସମାଜ ଜୀବନ, ଜାତୀୟତା ଓ ଅନ୍ୟାନ୍ୟ ବସ୍ତୁର ବହିର୍ମୁଖୀ ଭାବଧାରାକୁ ଗ୍ରହଣ ନ କରି ସେସବୁର ଅନ୍ତର୍ମୁଖୀ ଭାବଧାରାକୁ ଗ୍ରହଣ କରି ଏକ କାଳଜୟୀ ସାହିତ୍ୟ ସ୍ରୋତସ୍ୱିନୀ ଉତ୍କଳରେ ପ୍ରବାହିତ କରିବାକୁ ସେ ଯେଉଁ ଉଦ୍ୟମ କରିଥିଲେ ତାହା ଏବେ ମଧ୍ୟ ଯେକୌଣସି ସାହିତ୍ୟ ପାଠକର ଅନ୍ତରକୁ ଅଭିଭୂତ କରିବାକୁ ସେ ସମର୍ଥ; ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଆଧୁନିକ ଓଡ଼ିଆ ଗଦ୍ୟ ରଚନାର ବିକାଶ ଅନେକାଂଶ ପ୍ରକୃତରେ ବିଶ୍ୱନାଥଙ୍କଠାରୁ ଆରମ୍ଭ ହୋଇ ଆଧୁନିକ ଓଡ଼ିଆ ସାହିତ୍ୟରେ ବସ୍ତୁତଃ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବାକୁ ସମର୍ଥ ହୋଇ ପାରିଥିଲା ।

[ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ]

# 'ଉତ୍କଳ ଦୀପିକା' ଓ ଗୌରୀଶଙ୍କର

'ଉତ୍କଳ ଦୀପିକା'—ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ (୧୮୬୬—୧୯୧୫) ଓଡ଼ିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନଧାରାର ମାର୍ମିକ ଆଲେଖ୍ୟ । ମନେହୁଏ ଉତ୍କଳଦୀପିକାଟି ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଏହି ଇତିହାସ ସେକାଳର ପ୍ରତ୍ୟେକଟି ସମ୍ବାଦକୁ ପ୍ରକାଶ କରି ଜାତୀୟ ଜୀବନରେ ନୂତନ ଜାଗରଣର ଆଦ୍ୟ ଓଁକାର ସୃଷ୍ଟି କରିଥିଲା । ତେଣୁ ଏ ପତ୍ରିକା ଜାତୀୟ ଜୀବନରେ ଜାଗରଣର ଗାୟତ୍ରୀ—ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟର ପ୍ରତିଷ୍ଠାରେ ପାଞ୍ଚଜନ୍ୟ । ଏହା ଏକ ସାପ୍ତାହିକ ସମ୍ବାଦପତ୍ର ରୂପେ ଆତ୍ମପ୍ରକାଶ କରିଥିଲେହେଁ ଯେପରି ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସଂଗ୍ରାମୀ ଭୂମିକା ନେଇଥିଲା ବାସ୍ତବିକ ତାହା ବିସ୍ମୟକର । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଶା ଇଂରେଜ ଶାସନର ବାହୁଗ୍ରସ୍ତ ତଳେ ରହି ଏକାନ୍ତ ଭାବରେ ଆତ୍ମବିସ୍ମୃତ ହୋଇ ଯାଇଥିଲା । ଏହି ସମୟରେ ଖ୍ରୀଷ୍ଟିୟ ମିଶନାରୀମାନଙ୍କର 'ଜ୍ଞାନାରୁଣ', 'ଅରୁଣୋଦୟ' ଓ 'ପ୍ରବୋଧ ଚନ୍ଦ୍ରିକା' ଆଦି କେତେକ ପତ୍ରପତ୍ରିକା ପ୍ରକାଶିତ ହୋଇଥିଲେହେଁ ଓଡ଼ିଶାର ସମୂହ ସ୍ୱାର୍ଥ ଦୃଷ୍ଟିରୁ ଏଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ନଥିଲା । ଓଡ଼ିଶାର ଜାତୀୟ ଜୀବନର ଆଶା ଆକାଂକ୍ଷା, ସାମାଜିକ ଜୀବନର ବିପର୍ଯ୍ୟୟ, ସାଂସ୍କୃତିକ ସଂକଟ, ସାହିତ୍ୟିକ ଅଭିରୁଚି ସଂପର୍କରେ ନାନା ସମ୍ବାଦକୁ 'ଉତ୍କଳ ଦୀପିକା' ପ୍ରକାଶ କରି ଓଡ଼ିଶାର ନବଜାଗରଣରେ ଯେଉଁ ଭୂମିକା ନେଇଥିଲା

ବାସ୍ତବିକ ତାହା ବିଶେଷ ପ୍ରଣିଧାନଯୋଗ୍ୟ । ନଅଙ୍କ ଦୁର୍ଭିକ୍ଷର ଠିକ୍ ପରେ ମୁହୂର୍ତ୍ତରୁ ଏହାର ଜନ୍ମ । ବିକାଶ ଏହାର ଭାଷା ବିଲୋପ ଆନ୍ଦୋଳନ ପରିପ୍ରେକ୍ଷୀରେ । ସିଦ୍ଧି ଏହାର ଜାତୀୟ ଜୀବନର ସ୍ୱାଭିମାନ ପ୍ରତିଷ୍ଠାରେ । ଓଡ଼ିଆ ସାମ୍ବାଦିକତାର ଅଗ୍ରସାରଥୀ ରୂପେ ଉତ୍କଳ ଦୀପିକା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ପଚିଶ ବର୍ଷର ଓଡ଼ିଶା ଓ 'ଉତ୍କଳ ଦୀପିକା' ଏକ ଏବଂ ଅଭିନ୍ନ । ସତେଯେପରି ଓଡ଼ିଶାର ଆତ୍ମାର ବାଣୀ ହିଁ ଥିଲା 'ଉତ୍କଳ ଦୀପିକା'ର ବାଣୀ । କର୍ମଯୋଗୀ ଗୌରୀଶଙ୍କର ରାୟ ଏହି ପତ୍ରିକା ସଂପାଦନା କରି ଯେଉଁ କାର୍ଯ୍ୟ କରି ଓ ଜାତୀୟ ମମତାର ପରିଚୟ ଦେଇ ଯାଇଛନ୍ତି ତାହା ବାସ୍ତବିକ ବିସ୍ମୟୋଦ୍ଦୀପକ ।

## 'ଉତ୍କଳଦୀପିକା'ର ଜନ୍ମଜାତକ :

ନଅଙ୍କ ଦୁର୍ଭିକ୍ଷର ଠିକ୍ ପରେ ମୁହୂର୍ତ୍ତରୁ 'ଉତ୍କଳଦୀପିକା'ର ଜନ୍ମ । ଏହା ପୂର୍ବରୁ ସାଧୁସୁନ୍ଦର ଦାସଙ୍କର ହାତ ଲେଖା ପତ୍ରିକା 'କୁଜିବର' (୧୮୩୮), ରେଭରେଣ୍ଡ ସି. ଲେସିଙ୍କର 'ଜ୍ଞାନାରୁଣ' (୧୮୪୯), ଉଇଲିୟମ ଲେସିଙ୍କର 'ପ୍ରବୋଧ ଚନ୍ଦ୍ରିକା' (୧୮୫୬), ଖ୍ରୀଷ୍ଟିଆନ ଭର୍ଣ୍ଣାକୁଲର ଲିଟରେଚର ସୋସାଇଟିର 'ଅରୁଣୋଦୟ' (୧୮୬୧) ଆଦି କେତୋଟି ପତ୍ରପତ୍ରିକା ପ୍ରକାଶ ପାଇଥିଲେହେଁ ଏଗୁଡ଼ିକ ଓଡ଼ିଶାର ଜାତୀୟ ଜୀବନର ଆଶା ଆକାଂକ୍ଷାକୁ ପ୍ରକାଶ କରିବାକୁ ସମର୍ଥ ନ ଥିଲା । ଯଦିଓ 'ପ୍ରବୋଧ ଚନ୍ଦ୍ରିକା' ଥିଲା ଏକ ମାସିକ ସାହିତ୍ୟ ପତ୍ରିକା ଓ ସଂକୀର୍ଣ୍ଣ ଧର୍ମ ପ୍ରଚାର ଏହାର ଲକ୍ଷ୍ୟ ନଥିଲା ତଥାପି ଏହି ପତ୍ରିକା ବେଶୀ ଦିନ ତିଷ୍ଠି ପାରିଲା ନାହିଁ । ମାତ୍ର ତିନି ବର୍ଷ ମଧ୍ୟରେ ଏହାର ତିରୋଧାନ ଘଟିଲା । ସାହିତ୍ୟିକ ଓ ସମାଚାର ମୂଳକ ପ୍ରଥମ ଓଡ଼ିଆ ପତ୍ରିକା ଭାବରେ 'ପ୍ରବୋଧ ଚନ୍ଦ୍ରିକା' ଯେଉଁ ଭୂମିକା ଗ୍ରହଣ କରିଥିଲା ତାହା ଅବଶ୍ୟ ଉଲ୍ଲେଖଯୋଗ୍ୟ । ଇଂରେଜମାନଙ୍କର ଶୋଷଣ ଓ ପୀଡ଼ନ, ଖ୍ରୀଷ୍ଟିୟ ମିଶନାରୀମାନଙ୍କର ଧର୍ମ ପ୍ରଚାର ଓ ଜଗନ୍ନାଥ ତଥା ସନାତନ ହିନ୍ଦୁ ଧର୍ମ ଉପରେ

ଆକ୍ରମଣ, ଓଡ଼ିଶାର ଅର୍ଥନୀତି ପ୍ରତି ଇଂରେଜ ଶାସକର ଆଘାତ, ଓଡ଼ିଆ ଭାଷା ପ୍ରତି ଅନୁଦାରତା, ବଙ୍ଗୀୟ ଶିକ୍ଷିତ ବ୍ୟକ୍ତିଙ୍କର ଓଡ଼ିଶାରେ ପ୍ରଭାବ ବିସ୍ତାର ଓ ବଙ୍ଗ ଭାଷାର ପ୍ରଚଳନ ପାଇଁ ମସୁଧା, ନଅଙ୍କ ଦୁର୍ଭିକ୍ଷର ଭୀଷଣତା ଆଦି ବିଭିନ୍ନ କାରଣରୁ ୧୮୬୬ ମସିହାରେ 'ଉତ୍କଳଦୀପିକା'ର ନବଜନ୍ମ ହେଲା । ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏ ସଂପର୍କରେ ଠିକ୍ ଯଥାର୍ଥରେ କହନ୍ତି—"ଓଡ଼ିଶାରେ ମିଶନ ଯନ୍ତ୍ରାଳୟହିଁ ବୟସରେ ଜ୍ୟେଷ୍ଠ । ତାହାର ପ୍ରାୟ ତିରିଶ ବର୍ଷ ଉତ୍ତାରେ କଟକ ପ୍ରିଣ୍ଟିଂ କୋମ୍ପାନୀର ଯନ୍ତ୍ରାଳୟ ସ୍ଥାପିତ ହୋଇଅଛି । ଏହି ଯନ୍ତ୍ରାଳୟ ସ୍ଥାପିତ ହେବାର ପ୍ରାୟ ବର୍ଷକ ପୂର୍ବରୁ ଅନ୍ଧକାରମୟ ଉତ୍କଳ ଗଗନରେ 'ଉତ୍କଳଦୀପିକା' ପ୍ରଥମ ଜ୍ୟୋତିରେଖା ରୂପରେ ଦେଖା ଦେଇଅଛି । ଉତ୍କଳର ବାର୍ତ୍ତାବହ ସମାଜରେ ଏହି 'ଦୀପିକା' ହିଁ ଜ୍ୟେଷ୍ଠ ଏବଂ ପାର୍ଶ୍ୱସ୍ଥ । × × × × × × × × × × × × ହବ୍ୟସିନ୍ଧୁ ଦେବଙ୍କ ନଅ ଅଙ୍କ ବା ଖ୍ରୀଷ୍ଟାବ୍ଦ ୧୮୬୬ ରେ ସଂଘଟିତ ଭୀଷଣ ଦୁର୍ଭିକ୍ଷର ରୋମହର୍ଷଣ କାହାଣୀ ଅଦ୍ୟାପି ଓଡ଼ିଶାବାସୀଏ ବିସ୍ମୃତ ହୋଇ ନାହାନ୍ତି, ଏବେ ସୁଦ୍ଧା ସେ ମହାମାରୀର ଦାରୁଣ ବାର୍ତ୍ତା କର୍ଣ୍ଣ-ଗୋଚର ହେଲେ ଆମ୍ଭମାନଙ୍କର ସର୍ବାଙ୍ଗ ରୋମାଞ୍ଚିତ ହେଉଅଛି । ଏହି ଖଣ୍ଡ ପ୍ରଳୟ କାଳରେ ଦେଶର ଚତୁଃପାର୍ଶ୍ୱରେ ଶୋଚନୀୟ ଘଟନା-ମାନ ରାଜପୁରୁଷଙ୍କ ତଥା ଦେଶନାୟକଗଣଙ୍କ କର୍ଣ୍ଣ ଗୋଚର କରାଇବା ଲାଗି କେତେକ ଜଣ ଦେଶ ହିତୈଷୀଙ୍କ ଯତ୍ନରେ ଏ ନଗରରେ 'ଦୀପିକା'ର ସୃଷ୍ଟି ହୋଇଥିଲା । ତେତେବେଳେ ମୁଦ୍ରାଯନ୍ତ୍ର ଆସି ନ ଥିବାରୁ ପ୍ରଥମେ ପ୍ରସ୍ତର ଫଳକରେ ଲେଖି ମସୀ ଲେପନରେ ଛାପା କରାଯାଉଥିଲା । ପ୍ରାୟ ବର୍ଷେ କାଳ ଏହି ହସ୍ତ ଲିଖିତ ପତ୍ରିକା ଦେଶରେ ପ୍ରଚଳିତ ହୋଇଥିଲା । ପ୍ରଥମ ଦୁଇ ବର୍ଷରେ ଏହାର ପ୍ରତ୍ୟେକ ସ୍ତମ୍ଭ କେବଳ ସେହି କରାଳ ଦୁର୍ଭିକ୍ଷର ମର୍ମ ବିଦାରଣ କାହାଣୀରେ ପୂର୍ଣ୍ଣ ଥିଲା । ଦୁଃଖରେ ଜନ୍ମି ଦୀପିକା ସେହି କାଳରୁ ଅତି ସଂଯତ ଭାବରେ ଜନନୀ ଉତ୍କଳ ଭୂମିର ଦୁଃଖ ଜଣାଇବାରେ ନିରତ ରହିଅଛି ।" (୧)

---

୧—ପଣ୍ଡିତ ମୃତ୍ୟୁଞ୍ଜୟ ରଥ – ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ– ପୃ. ୪୦୭

ପ୍ରାଚୀନ ସାହିତ୍ୟର ପ୍ରଚାର ନିମନ୍ତେ ଗୌରୀଶଙ୍କର କଟକ ପ୍ରିଣ୍ଟିଂ କଂପାନୀ ପ୍ରତିଷ୍ଠା କଲେ ଏବଂ ଏହି କଂପାନୀ ପ୍ରତିଷ୍ଠା ପାଇଁ ସେ ବହୁ ବ୍ୟକ୍ତିଙ୍କର ସହଯୋଗ ଲାଭ କଲେ। "ତିନିଶ ଅଂଶ ବା ସାତ ହଜାର ପାଞ୍ଚଶ ଟଙ୍କା ମୂଳଧନରେ ଏହି ପ୍ରିଣ୍ଟିଂ କମ୍ପାନୀ ଗଠିତ ହୋଇଥିଲା ଏବଂ ସେ କାର୍ଯ୍ୟ ପରିଚାଳନା ଲାଗି କର୍ମୀ ଗୌରୀଶଙ୍କରଙ୍କୁ କର୍ଣ୍ଣଧାର କରାଯାଇଥିଲା।" (୨) ପ୍ରଥମେ ଏହି କମ୍ପାନୀର କାର୍ଯ୍ୟ ୧୮୬୫ ମସିହା ଜୁଲାଇ ମାସ ପହିଲାରୁ ଜଗନ୍ମୋହନ ରାୟଙ୍କ ବୈଠକଖାନାରେ ଆରମ୍ଭ ହୋଇଥିଲା। ଭାଗୀରଥୀ ସାଠିଆଙ୍କ ଅକ୍ଷର ଖୋଦେଇ ଦ୍ୱାରା ପଥରପଟା ଉପରେ ଛାପାକାର୍ଯ୍ୟ ପ୍ରଥମେ କରାଯାଇ ପରେ ଛାପାକଳଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା। କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀର ଉଦ୍‌ଯୋଗୀମାନେ ଦେଶର ସମସ୍ତ ଦୁଃଖ ସୁଖର ଶୁଣାଇବା ପାଇଁ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରକାଶ କରିବା ଲାଗି ମନସ୍ଥ କଲେ। ହଠାତ୍ 'ନଅଅଙ୍କ'ର ଘୋର୍ ଦୁର୍ଭିକ୍ଷ କରାଳ ମୁଖ ବ୍ୟାଦାନ କରିବାରୁ ଦେଶର ସେହି ଦୁର୍ଦ୍ଦିନମୟ ଅନ୍ଧକାର ମଧ୍ୟରେ ଏହିମାନଙ୍କ ଉଦ୍‌ଯୋଗରେ 'ନବଯୁଗର ଉଷାପ୍ରଭା' ପ୍ରାୟ 'ଦୀପିକା' ଦେଖା ଦେଲା। ଛାପାଖାନା ବସିବାର ପ୍ରାୟ ମାସକ ପରେ ଅଥବା ୧୮୬୫ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ଏବଂ ବର୍ଷ ଶେଷରେ ପୁଣି ୧୮୬୭ ଅବ୍ଦର ଜାନୁୟାରୀ ମାସ ପହିଲାଠାରୁ ତାହାର ଦ୍ୱିତୀୟ ବର୍ଷର ଗଣନାରମ୍ଭ ହୋଇଥିଲା। ପରିଚାଳକଗଣଙ୍କ କର୍ତ୍ତୃକ କର୍ମୀ ଗୌରୀଶଙ୍କରହିଁ ଏହି ପତ୍ରିକାର ଯୋଗ୍ୟ ସମ୍ପାଦକ ନିର୍ବାଚିତ ହୋଇଥିଲେ। ରାଜ ସେବାର ଅବକାଶ ମଧ୍ୟରେ ଥାଇ ଏପରି ସଙ୍କଟ ସଂକୁଳ ଦେଶ ସେବାର ଗୁରୁଭାର ବହନ କରିବାକୁ ସମ୍ମତ ହେବାଦ୍ୱାରା ଗୌରୀଶଙ୍କର ଯଥାର୍ଥ ଦେଶ-ହିତୈଷିତାର ପରିଚୟ ଦେଇ ଅଛନ୍ତି। ବୋଧହୁଏ ଏହିକର୍ମ ସଂପାଦନ ତାହାଙ୍କର ବିଧି ନିର୍ଦ୍ଦିଷ୍ଟ ଥିଲା। ତେଣୁ ବିଧାତାଙ୍କର ଅପାର କରୁଣା ବଳରେ ଏ କାର୍ଯ୍ୟ ସେ ନାନା ବାଧା ବିଘ୍ନ ମଧ୍ୟରେ ଅପରାଜିତ ଭାବରେ

---

୨—ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ—ପୃ ୩୬୭

ଚଳାଇ ପାରିଥିଲେ । ଗୋଟିଏ କର୍ମକ୍ଷେତ୍ରରେ ପଚିଶ ବର୍ଷକାଳ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ଏକା ଏଦେଶ କାହିଁକି; ଯେ କୌଣସି ଦେଶପ୍ରତି ଶ୍ଳାଘାର ବିଷୟ ହୋଇପାରିବ ।''(୩) 'ସମ୍ବାଦପତ୍ରରୁ ଓଡ଼ିଶାର କଥା' ଗ୍ରନ୍ଥରେ ସୁଧାକର ପଟ୍ଟନାୟକ କହନ୍ତି କହନ୍ତି—''ଆମ ଏଠାର ଦେଶୀୟ ଲୋକମାନଙ୍କ ଦ୍ୱାରା ପ୍ରଥମ ହୋଇ ପ୍ରତିଷ୍ଠିତ ହେଲା 'ଉତ୍କଳଦୀପିକା' । ତାହା ପୂର୍ବରୁ ମିଶନାରୀମାନଙ୍କଦ୍ୱାରା ଏକଚାଟିଆ ଭାବରେ ସମ୍ବାଦପତ୍ର ଚଳୁଥିବାରୁ ମନେହୁଏ ଦୀପିକା ପ୍ରତି ସେମାନଙ୍କର ଶୁଭଦୃଷ୍ଟି ନଥିଲା । ଏଥିପାଇଁ ଆମ୍ଭେମାନେ ଦେଖୁଁ ଦୀପିକା ଛପାପାଇଁ ପଡ଼ିଲେ ସୀସା ଢଳାଇ ଅକ୍ଷର ମିଳୁ ନଥିଲା । ତେଣୁ ପୁରା ବର୍ଷକାଳ ଦୀପିକା ଛପା ହେଉଥିଲା ପଥର ଛାପାରେ । ତାହା ଦେଖିବାକୁ ଆଜକାଲିର ସାଇକ୍ଲୋଷ୍ଟାଇଲ ଛାପା ପରି । ପରେ ବୋଧହୁଏ ମିଶନାରୀମାନଙ୍କ ସଙ୍ଗେ କିଛି ରାଜିନାମା ହୋଇଥିବ । ତେଣୁ ଆମ୍ଭେମାନେ ଦେଖୁଁ ତା ୪।୮।୧୮୬୭ ରିଖ ଠାରୁ ଦୀପିକା ଛାପାରେ ସୀସା ଅକ୍ଷର ବ୍ୟବହୃତ ହେଲା ।'' (୪)

ଡକ୍ଟର ବଂଶୀଧର ମହାନ୍ତି ମଧ୍ୟ ଉତ୍କଳଦୀପିକା ସମ୍ପର୍କରେ ଲେଖିଅଛନ୍ତି—''ପ୍ରବୋଧଚନ୍ଦ୍ରିକା ପ୍ରକାଶର ପ୍ରାୟ ନବମ ବର୍ଷ ପରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳଦୀପିକା' ପ୍ରକାଶ ପାଇଲା ୧୮୬୬ ମସିହାରେ । ତାହାର ସୁଯୋଗ୍ୟ ସମ୍ପାଦକ ଥିଲେ ବରେଣ୍ୟ କର୍ମଯୋଗୀ ଗୌରୀଶଙ୍କର ରାୟ । ଆଧୁନିକ ଓଡ଼ିଆ ଭାଷା, ସାହିତ୍ୟ ରାଜ୍ୟରେ ଉତ୍କଳଦୀପିକାର ଅବଦାନ ଅସୀମ ଓ ଅତୁଳନୀୟ । ଏହି ପତ୍ରିକା ୪।୮।୧୮୬୬ରେ ଆରମ୍ଭ ହୋଇ ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ସମ୍ବାଦପତ୍ରିକା ଭାବେ ୭୬ବର୍ଷ କାଳ ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାକୁ ପ୍ରଭାବିତ କରିଥିଲା । କଟକ ଅମଲାଚନ୍ଦ ବଜାରର କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହା ପ୍ରକାଶ ଲାଭ କରିଥିଲା । ସେତେବେଳେ

---

୩—ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ—ପୃ ୩୬୦

୪—ସୁଧାକର ପଟ୍ଟନାୟକ—ସମ୍ବାଦପତ୍ରରୁ ଓଡ଼ିଶାର କଥା—ମୁଖବନ୍ଧ—ପୃ ୫

ଓଡ଼ିଆ ଟାଇପ ଅଭାବରୁ ଉତ୍କଳଦୀପିକା ଦେଢ଼ବର୍ଷ ପର୍ଯ୍ୟନ୍ତ ଆଧୁନିକ ଲିଥୋପ୍ରେସ ପଥର ଛାପାରେ ଛପା ହୋଇଥିଲା । ସେହି ସମୟରେ ଓଡ଼ିଶାରେ ଦେଖା ଦେଇଥିଲା କରାଳ ନଅଙ୍କ ଦୁର୍ଭିକ୍ଷ ସେତେବେଳେ ଓଡ଼ିଶାବାସୀଙ୍କ ଦୁଃଖଦୁର୍ଦ୍ଦଶା ବାହାରେ ଓ ଭିତରେ ସଚେତନ କରାଇ ଦେବାପାଇଁ ଏହି ପତ୍ରିକା ଆତ୍ମପ୍ରକାଶ କଲା ।"(୫) ଏହି ଆଲୋଚନାରୁ ଜଣାଯାଏ ଯେ 'ଉତ୍କଳଦୀପିକା' ୧୮୬୫ ମସିହାରୁ ନ ବାହାରି ୧୮୬୬ ମସିହା ଅଗଷ୍ଟ ମାସରୁ କଟକ ପ୍ରିଣ୍ଟିଂ କମ୍ପାନୀ ଆନୁକୂଲ୍ୟରେ ଓ ଗୌରୀଶଙ୍କରଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହୋଇଅଛି । ଗୌରୀଶଙ୍କରଙ୍କର ସମ୍ପାଦକତ୍ୱର ବିଶେଷତ୍ୱ ହେଉଛି ଯେ ସେ ଆପଣାର ମତକୁ ଧୀର ସ୍ଥିର ବୁଦ୍ଧି ଦ୍ୱାରା ପ୍ରକାଶ କରି ସରକାରଙ୍କ ନିକଟରେ ଦାବୀ ଜଣାଉଥିଲେ । ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧ୍ୟରେ ତାଙ୍କର ପତ୍ରିକା ଥିଲା ଯଥାର୍ଥରେ ଏକ ମଧ୍ୟସ୍ଥି । ଏହି କାରଣରୁ "ଉତ୍କଳରେ ପରେ ଅନେକ ପତ୍ରିକା ଦେଖା ଦେଇ ତେଜସ୍ୱୀତା ପ୍ରକାଶ କରିଥିଲେହେଁ, ଦୀପିକା ଉତ୍କଳର ମୁଖପତ୍ର ରୂପେ ରାଜଦ୍ୱାରରେ ଗୃହୀତ ହୋଇଥିଲା ।" (୬) ଡକ୍ଟର ବଂଶୀଧର ମହାନ୍ତି ମଧ୍ୟ କହନ୍ତି—"୧୮୬୬ ଦୁର୍ଭିକ୍ଷବେଳେ ଜନତାର ମୁଖପତ୍ର ଉତ୍କଳ ଦୀପିକା ଯଦି ପ୍ରକାଶ ପାଇ ନଥାନ୍ତା ତେବେ ଆହୁରି ଯେ କେତେ ଲକ୍ଷ ଲୋକ ମୃତ୍ୟୁବରଣ କରିଥାନ୍ତେ ତାହା କହି ହୋଇ ନଥାନ୍ତା ।" (୭) ବାସ୍ତବିକ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଥିଲା ଓଡ଼ିଶାର ଯଥାର୍ଥ ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର କରାଳ ଅବସ୍ଥାର ଠିକ ଅବ୍ୟବହିତ ପରେ ପରେ ଏହାର ଜନ୍ମ ଏବଂ ଓଡ଼ିଶାର ଦୁର୍ଗତି ନିବାରଣପାଇଁ ଏହାର ସଂଗ୍ରାମ ଓ ସାଧନା । ତେଣୁ ଏହି ପତ୍ରିକା ଥିଲା ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଶାର ଭାଗ୍ୟଲିପି—ସଂଗ୍ରାମୀ ସାଧନାର ମର୍ମବାଣୀ ।

---

୫— ଡକ୍ଟର ବଂଶୀଧର ମହାନ୍ତି---୧୮୬୬ ଉତ୍କଳଦୀପିକା---ମୁଖବନ୍ଧ---ପୃ ୧୦

୬---ମୁଖଜ୍ଞପ୍ତ ଗ୍ରନ୍ଥାବଳୀ---କର୍ମଯୋଗୀ ଗୌରୀଶଙ୍କର---ପୃ ୩୬୧

୭---ଡକ୍ଟର ବଂଶୀଧର ମହାନ୍ତି---୧୮୬୬ ଉତ୍କଳଦୀପିକା---ମୁଖବନ୍ଧ-ପୃ ୧୧

୧୮୬୫ ମସିହାରେ କଟକ ସହରର ଦରଘା ବଜାରଠାରେ 'କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍' ସ୍ଥାପିତ ହୋଇଥିଲା । ଏଥିରେ ପ୍ରଥମେ ଲକ୍ଷ୍ମୀନାରାୟଣ ରାୟଚୌଧୁରୀ, ମଧୁସୂଦନ ଦାସ, ଖୋସଲଚାନ୍ଦ ମାରୱାଡ଼ି, ମାଧବଦାସ, ବିହାରୀଲାଲ ପଣ୍ଡିତ, ଗୌରୀଶଙ୍କର ରାୟ, ଗୋପୀମୋହନ ସେନ୍, ନନ୍ଦଲାଲ ମିଶ୍ର, ଚନ୍ଦ୍ରକାନ୍ତ ଦାଶ ଓ ଅକ୍ଷୟ କୁମାର ଘୋଷ ପ୍ରମୁଖ ଅଂଶୀଦାର ଥିଲେ । ଏହି କମ୍ପାନୀର ଡାଇରେକ୍ଟରମାନେ ହେଲେ ହରେକୃଷ୍ଣ ଦାସ, ଜଗମୋହନ ରାଏ, ବିଚିତ୍ରାନନ୍ଦ ଦାସ, ଦୀନନାଥ ସରକାର, ସୁଦର୍ଶନ ଦାସ, ଚୌଧୁରୀ ରଘୁନାଥ ଦାସ, ଲକ୍ଷ୍ମୀନାରାୟଣ ରାୟଚୌଧୁରୀ, ରାଧାଶ୍ୟାମ ନରେନ୍ଦ୍ର, ଗୌରୀଶ୍ୟାମ ଜେନା, ଗୋକୁଳଚନ୍ଦ୍ର ଘୋଷ, ବନମାଳୀ ସିଂହ ଓ ଗୌରୀଶଙ୍କର ରାୟ । ଏତଦ୍ ବ୍ୟତୀତ ବାବୁ ଜଗମୋହନ ଦତ୍ତ ଥିଲେ ଖାଜାଞ୍ଚି ଓ ଅଡିଟର ଥିଲେ ଜଗବନ୍ଧୁ ଘୋଷ ଏବଂ ଲାଲା ଜଗମୋହନ ଲାଲ । ସେ ସମୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଦେଶପ୍ରାଣ ବ୍ୟକ୍ତିମାନଙ୍କୁ ନେଇ ଏହି କମ୍ପାନୀ ପ୍ରତିଷ୍ଠିତ ହେଲା ଓ ଏହାର ଆନୁକୂଲ୍ୟରେ ପ୍ରଥମେ ପଥର ଛାପା ଅକ୍ଷରରେ 'ଉତ୍କଳ ଦୀପିକା' ବାହାରିଲା । ପରେ ଶ୍ରୀରାମପୁରରୁ ଓଡ଼ିଆ ଅକ୍ଷର ଅଣାଯାଇ ଛପାକାର୍ଯ୍ୟ ରୀତିମତ ଭାବରେ ଚାଲିଲା । କମ୍ପାନୀର ୧୮୬୭ ମସିହା ବାର୍ଷିକ ବିବରଣୀରେ ଏ ସମ୍ପର୍କରେ ଲେଖାଅଛି—"କଟକର ଯନ୍ତ୍ରାଳୟରେ ସ୍ଥାପନ ପକ୍ଷରେ କୁଛା ନଭର ଅଣାରେ କେହି ଯତ୍ନ କରିନାହାନ୍ତି । ଏହାଦ୍ୱାରା ଓଡ଼ିଶାର ଦୁର୍ଗତି ନାଶନ ଓ ଉନ୍ନତି ସାଧନ ହେବ ବୋଲି ବହୁତର ବ୍ୟୟ ଓ କ୍ଳେଶ ସ୍ୱୀକାର ପୂର୍ବକ ସ୍ଥାପନ ହୋଇଅଛି । ଏହି ହେତୁରୁ ବୋଧ ହୁଅଇ ଈଶ୍ୱର କରୁଣା ପ୍ରକାଶ ପୂର୍ବକ ଯନ୍ତ୍ରାଳୟର ଅବସ୍ଥା ସୃଷ୍ଟି କଲେ । × × × ତଥାପି ଏବର୍ଷ ମଧ୍ୟରେ ଅତ୍ରତ୍ୟ ଲୋକଙ୍କ ଉଦ୍ୟମରେ ଉତ୍କଳ ଭାଷାର ଏକ ପୁରାତନ ଗ୍ରନ୍ଥ, ଏକ ସମ୍ବାଦପତ୍ର ମୁଦ୍ରାଙ୍କନ ଓ ପ୍ରଚାର ହେଲା ଓ ଉତ୍କଳ ଦେଶର ଛାପା ପତ୍ରିକା ପ୍ରସ୍ତୁତ ହୋଇ ବର୍ଦ୍ଧିହେବାରୁ ସାଧାରଣଙ୍କର ବିଶେଷ

ଉପକାର ହେଲା । ଏବର କେତେଖଣ୍ଡ ଆଇନ ମଧ୍ୟ ଉତ୍କଳରେ ଅନୁବାଦ ହୋଇ ପ୍ରସ୍ତୁତ ହୋଇଅଛି ଓ ଯେବେ ଉତ୍କଳ ଅକ୍ଷର ପୂର୍ବରୁ ଆସିଥାନ୍ତା, ତେବେ ଆହୁରି ଅନେକ କର୍ମ ହୋଇଥାନ୍ତା ।" (୮) ବାସ୍ତବିକ 'ଉତ୍କଳଦୀପିକା' ଏକ ଜାତୀୟ ସଂକଟ ମୁହୂର୍ତ୍ତରେ ଜନ୍ମ ନେଇ ଓଡ଼ିଶାର ନବଜାଗରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଜାତୀୟତାର ନୂତନ ଭାବସୂତ୍ର ଉଚ୍ଚାରଣ କରି 'ଉତ୍କଳଦୀପିକା' ଯେଉଁ ନବଜାଗରଣର ଭୂମିକା ପ୍ରସ୍ତୁତ କରିଥିଲା ତାହା ଇତିହାସରେ ବାସ୍ତବିକ ଅବିସ୍ମରଣୀୟ ।

## ନଅଙ୍କ ଦୁର୍ଭିକ୍ଷ ଓ 'ଉତ୍କଳଦୀପିକା' :

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଠିକ୍ ପରବର୍ତ୍ତୀ କାଳରେ 'ଉତ୍କଳଦୀପିକା'ର ଜନ୍ମ । ଏହି ପତ୍ରିକା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କଲା ଓ ସରକାରଙ୍କ ଦୃଷ୍ଟି ଦୁର୍ଭିକ୍ଷ ନିବାରଣପାଇଁ ଆକର୍ଷଣ କରିବାକୁ ସମର୍ଥ ହେଲା । ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଜାତି କିପରି ଦୁର୍ଭିକ୍ଷ କବଳରେ ପଡ଼ି ମ୍ରିୟମାଣ ହୋଇପଡ଼ିଲା ସେ ବିଷୟରେ ଦୀପିକା ପାର୍ଶ୍ୱବର୍ତ୍ତୀ ଭାବରେ ବିବରଣୀମାନ ପ୍ରକାଶ କଲା । ଗୋଟିଏ ସଂଖ୍ୟାରେ ଦୀପିକା ଲେଖିଛି—"ଏଥି ମଧ୍ୟରେ ନୂତନ ଫସଲ କଟା ହେବାରୁ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ଚାଉଳ ସୁମାର ରୂପେ ମିଳିଲା ଟଙ୍କାକୁ ସେ ୭ର ଓ କେବେକେବେ ସେ ୮ର ପ୍ରାପ୍ତହେଲା । ମାତ୍ର ଉକ୍ତ ଫସଲ ଅତ୍ୟଳ୍ପ ଥିବାରୁ ଶୀଘ୍ର ତାହା ଶେଷହେଲା । କେତେକ ସତର୍କ ଭୂମ୍ୟାଧିକାରୀ ଓ କୃଷିକାରୀ ବ୍ୟତିରେକେ ଅନ୍ୟକାହାରି ହସ୍ତରେ ଶସ୍ୟରହିଲା ନାହିଁ । ବେପାରୀମାନେ ନାନା ସ୍ଥାନରୁ ଚାଉଳ ଯୋଗ ଆଣିଲେ ଓ କୌଣସି ସ୍ଥାନରେ କୃଷି ଉତ୍ତମ ରୂପେ ହୋଇ ନ ଥିବାରୁ ଅଳ୍ପ କାଳରେ ସବଂସ ସମାନପର ହୋଇଗଲା । ଓ କ୍ରମେ କ୍ରମେ ଦେଶର ଶସ୍ୟ ଯେ ରୂପ ଶେଷ

---

୮---କଟକ ପ୍ରିଣ୍ଟିଂ କମ୍ପାନୀର ବାର୍ଷିକ ବିବରଣୀ(୧୮୬୬)---ପୃ ୨୮

ହେବାରୁ ଆରମ୍ଭ ହେଲା ଦୁଃଖ ବୃଦ୍ଧି ହେଲା ଓ ସେହି ପରିମାଣରେ ଲୋକମାନେ ଅର୍ଥହୀନ ହୋଇ ପରର ସାହାଯ୍ୟ ଅନ୍ୱେଷଣ କରିବା କାରଣ କେହିବା ଘର ପରିବାରିଦ୍ଦ ତ୍ୟାଗ କରି ସ୍ଥାନାନ୍ତର ହେଲେ କେହିବା ସର୍ବତୋଭାବେ ନିରୁପାୟ ହୋଇ ସପରିବାର ମୃତ୍ୟୁଦ୍ୱାରା ଦୁଃସହ ଯନ୍ତ୍ରଣାରୁ ମୁକ୍ତି ଲାଭକଲେ ଏବଂ କେହି କାରାଗାରକୁ ଦୁଃଖର ଶାନ୍ତି ନିକେତନ ଜ୍ଞାନକରି ସ୍ୱଭାବତ ସଚ୍ଚରିତ୍ର ଥିଲେ ସୁଦ୍ଧା କେବଳ ସେଠାରେ ବାସ କରିବାର ଉପଯୁକ୍ତ ହେବାଲାଗି ବଳାତ୍କାରେ ଦଣ୍ଡନୀୟ ଅପରାଧ କଲେ ।

ଏହିରୂପ ଦିନ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା ଅନ୍ନାଭାବରେ ଲୋକମାନେ କ୍ଷୁଧାନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ରୌଦ୍ରର ପ୍ରଚଣ୍ଡ ଉତ୍ତାପ ହେବାରୁ ଓଲାଉଠା ରୋଗର ପ୍ରାଦୁର୍ଭାବ ହେଲା । ଅସଂଖ୍ୟ ପ୍ରାଣୀନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲେ ସୁଦ୍ଧା ଆମ୍ଭର ରକ୍ଷକ ହାକିମମାନେ ସେଥିରେ ଭ୍ରୂକ୍ଷେପ ମାତ୍ର କଲେ ନାହିଁ ତଥାଚ ତାହାଙ୍କର ଜ୍ଞାନଥିଲା ଯେ ଦେଶରେ ଶସ୍ୟ ଅଛି । କେବଳ ମହାଜନମାନେ ଲାଭଆଶାରୁ ତାହା ଦେଉ ନାହାନ୍ତି । ହାଏ, ଯଦ୍ୟାପି ହାକିମମାନେ ଆମ୍ଭମାନଙ୍କର ପ୍ରକୃତ ଅବସ୍ଥା ଜାଣିବାକୁ ଚେଷ୍ଟା କରିଥାନ୍ତେ ତେବେ ସେମାନେ କଦାଚ ଏରୂପ ଭ୍ରମରେ ପଡ଼ନ୍ତେ ନାହିଁ । ଏ ଦେଶର ଲୋକଙ୍କ ମଧ୍ୟରୁ ତିନିଭାଗ କୃଷି ଅଟନ୍ତି ବ୍ୟବସାୟୀ କେବଳ ଏକ ଭାଗ ହୋଇପାରନ୍ତି । ଅତଏବ ତିନିଭାଗ ଲୋକ ଯେଉଁଠାରେ ଅନ୍ନାଭାବରେ ଦୁଃଖପାନ୍ତି ସେଠାରେ ଶସ୍ୟଅଛି ବୋଲି କେଉଁ ଜ୍ଞାନୀ ମନୁଷ୍ୟ ବୋଧ କରିବ ? ବିଶେଷରେ ଯେ ଦେଶରେ କୃଷି ଅଧିକାଂଶ ଲୋକଙ୍କର ଜୀବିକା ଏବଂ କ୍ଷେତ୍ରୋତ୍ପନ୍ନ ପଦାର୍ଥ ବିକ୍ରିମଧ୍ୟ ଦ୍ୱାରା ଅନ୍ୟ ଆବଶ୍ୟକ ବ୍ୟୟମାନ ଚଳେ ସେଠାରେ କି ଶସ୍ୟର ବଡ଼ ମହାଜନ ରହିପାରେ ଓ ଏପରି ଦେଶରେ ଦୁର୍ଭିକ୍ଷ ପଡ଼ିଲେ ତାହାକି ସହଜରେ ସ୍ଥାନୀୟ ଉପାୟ ଦ୍ୱାରା ନିବାରଣ ହୋଇପାରେ କେହି କେବେ ମଫସଲରେ ଧାନ କାହାରିକୁ ବିକ୍ରି କରିବା ପ୍ରକାଶେ ଦୋକାନ ଦେଖି

ବଢିବାର ଦେଖିଅଛୁ ? ଏଥିରୁ କେବଳ ଏତିକି ଜଣାଏ ଯେ ମଫସଲରେ ଧାନର ଖରିଦାର ଅତିଅଳ୍ପ ଅର୍ଥାତ୍ ଅଧିକାଂଶ ଲୋକଙ୍କ ଘରେ ଧାନ ଥାଏ । ଯଦ୍ୟପି କେତେକ ଜମିଦାର ଧାନ ରଖିଥାନ୍ତି ତାହା କେବଳ ଆସନ୍ତା କୃଷିର ଉଦ୍ୟମ କରିବା ନିମନ୍ତେ ପ୍ରଜାମାନଙ୍କୁ ଦେଇଦେଇ ସେମାନଙ୍କର ସୁଯୋଗ କରିଦେବା ନିମନ୍ତେ ସଞ୍ଚୟ କରିଥାନ୍ତି । ସେମାନେ ବ୍ୟବସାୟୀ ନୁହନ୍ତି ଏବଂ ଭବିଷ୍ୟତ୍ ଫସଲର ଆଗମନ ଦେଖିଲେ ସହସା ଶସ୍ୟ ଛାଡ଼ିଦେବାକୁ ସମ୍ମତ ହୁଅନ୍ତି ନାହିଁ ଯଦ୍ୟପି ଏ ସମସ୍ତ କଥା ଅବଶ୍ୟ ହାକିମମାନେ ପୂର୍ବରୁ ବିବେଚନା କରିଥାନ୍ତେ ତାହାହେଲେ ଅବଶ୍ୟ ଜାଣିପାରନ୍ତେ ଯେ ବିଦେଶରୁ ଶସ୍ୟ ଆନୟନ ବିନା ଲୋକଙ୍କର ରକ୍ଷାର ଉପାୟାନ୍ତର ନଥିଲା । ସତ୍ୟ କଦାଚ ଲୁଚି ରହେନାହିଁ । ପରିଶେଷରେ ହେଲେ କଥା ତାହାଙ୍କର ମନୋନୀତ ହେଲା ଓ ସେହି ଉପାୟ ଅବଲମ୍ବନ ଦ୍ୱାରା ପ୍ରାଣୀଙ୍କ ଦୁଃଖ ବିମୋଚନାର୍ଥ ଯତ୍ନ ପରିପୂର୍ଣ ହେଲେ ମାତ୍ର କେତେ କେତେ ମନୁଷ୍ୟ ଜୀବବନ୍ଧ ହେବା ଉତ୍ତାରୁ ଏ ଜ୍ଞାନର ଉଦୟ ହେଲା ?" (୯) ଏହି ବିବରଣୀରୁ ଓଡ଼ିଶାରେ ଦୁର୍ଭିକ୍ଷର କରାଳରୂପ ଦେଖିବାକୁ ମିଳେ । କେବଳ ଏହି ସଂଖ୍ୟା ନୁହେଁ, ଅନ୍ୟାନ୍ୟ ସଂଖ୍ୟାମାନଙ୍କରେ ଦୁର୍ଭିକ୍ଷ ସମ୍ପର୍କରେ ନାନା ଲୋମହର୍ଷଣକାରୀ ବିବରଣୀ ସହିତ ଦୁର୍ଭିକ୍ଷ ନିବାରଣପାଇଁ ସରକାରଙ୍କର ଉଦ୍ୟମ, ବିଭିନ୍ନ ବଦାନ୍ୟ ଅନୁଷ୍ଠାନମାନଙ୍କର ସାହାଯ୍ୟ, ଦୁର୍ଭିକ୍ଷ ସାହାଯ୍ୟ କମିଟି ଆଦି ନାନା ବିଷୟରେ ଉତ୍କଳଦୀପିକାରୁ ବିବରଣୀ ମିଳିଥାଏ । ଯେତେବେଳେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଇଂରେଜ ହାକିମମାନେ ତତ୍ପରତା ପ୍ରକାଶ କରିଅଛନ୍ତି ସେତେବେଳେ ମଧ୍ୟ ଯେଉଁ ତ୍ରୁଟି ପରିଲକ୍ଷିତ ହୋଇଅଛି ଦୀପିକା ତାକୁ ସମାଲୋଚନା କରିଅଛି । "× × ମାତ୍ର ଦୁଃଖର ବିଷୟ ଯେ ସାହାଯ୍ୟ କର୍ମ ପ୍ରକୃତ ରୂପ ନିର୍ବାହ ହେଉନାହିଁ । ଅସହାୟ ବାଳକ ବାଳିକାଙ୍କ ରକ୍ଷା ପ୍ରସଙ୍ଗ ପ୍ରାଏ ତିନିମାସ ହେଲା ସାହାଯ୍ୟ କମିଟୀଙ୍କ ମନେ ପଡ଼ିଥିଲା ତଥାଚ ସେମାନଙ୍କ ଦୁରବସ୍ଥା ଯେ ଏପର୍ଯ୍ୟନ୍ତ

୯— ଉତ୍କଳଦୀପିକା—୧ମଭାଗ/୩ୟ ସଂଖ୍ୟା, ତା ୧୧ । ୮ । ୧୮୬୬

ମୋଚନ ନହେଲା ଏଥିର ଦୋଷ କାହା ଉପରେ ଦିଆଯାଇ ପାରେ ସାହାଯ୍ୟ କମେଟୀ ସୁବନ୍ଦୋବସ୍ତ ପୂର୍ବକ ପ୍ରଥମରୁ ଉଦ୍‌ଯୋଗୀ ହୋଇଥିଲେ ବର୍ତ୍ତମାନ ପିଲାମାନଙ୍କ ପକ୍ଷରେ କୌଣସି ବିଧାନ କରିବାର ଆବଶ୍ୟକ ହୁଅନ୍ତା ନାହିଁ । ସାହାଯ୍ୟ କମେଟୀର ମେମ୍ବରମାନେ ଏକଜଣ ହିନ୍ଦୁ ଛଡ଼ା ସମସ୍ତେ ଇଂରାଜୀ ଲୋକ ଅଟନ୍ତି । ସେମାନେ ଦେଶର ଅବସ୍ଥା ବିବେଚନା ନ କରି ଆପଣା ଆପଣା ଉତ୍କୃଷ୍ଟ ଗୁଣର ଅଭିମାନରେ ଜଣେ ପାଦ୍ରି ସାହେବଙ୍କୁ ପିଲାଙ୍କର ଭରଣ ପୋଷଣ କର୍ମରେ ନିଯୁକ୍ତ କରିବାରୁ ଲୋକଙ୍କମନେ ଏହି ଭୟ ହେଲା ଯେ ଯୀଶୁଖ୍ରୀଷ୍ଟଙ୍କ ଦଳ ବୃଦ୍ଧିନିମନ୍ତେ ଏ ରୂପ ଉପାୟ ହୋଇଅଛି ଏହି ହେତୁରୁ ଦୁଃଖୀମାନେ ବହୁକଷ୍ଟ ପାଇଲେ ସୁଦ୍ଧା ଆପଣା ଆପଣା ଅସ୍ଥି ଚର୍ମାବଶିଷ୍ଟ ସନ୍ତାନମାନଙ୍କୁ ପାଦ୍ରି ସାହେବଙ୍କ ନିକଟକୁ ପଠାଇଲେ ନାହିଁ । ଯଦ୍ୟପି କୌଣସି ହିନ୍ଦୁ ହସ୍ତରେ ଉକ୍ତଭାର ଅର୍ପଣ ହୋଇଥାନ୍ତା ତେବେ ବର୍ତ୍ତମାନ ସମୟରେ ଏକଜଣ ସୁଦ୍ଧା ଅସହାୟ ବାଳକ ନଗରରେ ଭ୍ରମଣ କରିବାର ଦେଖାଯାନ୍ତା ନାହିଁ ଏବଂ ଅନେକ ଦୁଃଖୀଲୋକ ଆପଣା ସନ୍ତାନମାନଙ୍କୁ କେବଳ କାଳଗ୍ରାସରୁ ମୁକ୍ତ କରିବା ସକାଶେ ନାମମାତ୍ର ଧନ ଲୋଭରେ କମ୍ବା ବିନା ମୂଲ୍ୟରେ ବେଶ୍ୟାଙ୍କ ହସ୍ତରେ ବିକ୍ରି କରନ୍ତେ ନାହିଁ । ହା, ସାହାଯ୍ୟ କମେଟୀର ଅମନୋଯୋଗ ହେତୁରୁ କେତେ ନିର୍ଦ୍ଦୋଷୀ ପ୍ରାଣୀ ଭବିଷ୍ୟତରେ ଅତ୍ୟନ୍ତ ଦୂଷିତ କର୍ମଦ୍ୱାରା ଜୀବନ ନିର୍ବାହ କରିବାକୁ ବାଧ୍ୟ ହେଲେ ।'' (୧୦) ୧୮୬୬ ମସିହାର ବିଭିନ୍ନ ସଂଖ୍ୟା ମାନଙ୍କରେ ଦୁର୍ଭିକ୍ଷର କାରଣ ଏବଂ ଦୁର୍ଭିକ୍ଷ ସାହାଯ୍ୟ କମିଟିର କାର୍ଯ୍ୟକଳାପ ସମ୍ପର୍କରେ ଦୀପିକା ନିର୍ଭୀକ ଭାବରେ ନାନା ବିବରଣୀ ଓ ତଥ୍ୟମାନ ପ୍ରକାଶ କରିଥିଲା । ପରବର୍ତ୍ତୀ ସମୟରେ 'ଦୁର୍ଭିକ୍ଷ ଅନୁସନ୍ଧାନ କମିଶନ' ବସି କେଉଁ କାରଣରୁ ଦୁର୍ଭିକ୍ଷ ହୋଇଥିଲା ତାର ବିବରଣୀ ସଂଗ୍ରହ କରିଥିଲା । ଏ ବିଷୟରେ ମଧ୍ୟ ଉତ୍କଳଦୀପିକାର ବିଭିନ୍ନ ସଂଖ୍ୟାରେ ସମ୍ବାଦ ଓ ବିବରଣୀମାନ ପ୍ରକାଶିତ ହୋଇଥିଲା । ଦୀପିକା ଲେଖିଛନ୍ତି

---

୧୦—ଉତ୍କଳଦୀପିକା—୧ମଭାଗ । ୨ୟସଂଖ୍ୟା ତା ୧୧-୮-୧୮୬୬

—"ଆମ୍ଭେମାନେ ଅବଗତ ହେଲୁଁ ଯେ କମିଶ୍ନରମାନେ ଦୁଇ ଏକ ଦିନରେ ନିଷ୍ଟସ୍ତ ଏ ସ୍ଥାନରେ କଲିକତାକୁ ଗମନ କରିବେ । ମାତ୍ର ଯେ କର୍ମ ସକାଶେ ଏମାନେ ଏଠାକୁ ଆସିଥିଲେ ତାହା କେତେଦୂର ସମ୍ପନ୍ନ କଲେ ତାହା ଆମ୍ଭେମାନେ ଜାଣିପାରିଲୁ ନାହିଁ । କାରଣ ଏ ମାନଙ୍କ କାର୍ଯ୍ୟର ବୃତ୍ତାନ୍ତ ସାଧାରଣଙ୍କର କର୍ଣ୍ଣଗୋଚର ହେଲନାହିଁ । ଏମାନେ ଏଠାକୁ ଆସିଲାବଧୁ ହୋମହଲ କୋଠାଉପରେ ସ୍ଥାନୀୟ ହାକମ କମ୍ପାର୍ଟମଲ ଓଗେରଙ୍କଠାରୁ ଦୁର୍ଭିକ୍ଷର ଫଳାଫଳର ଅନୁସନ୍ଧାନ କରିଅଛନ୍ତି ଓ ଯଦ୍ୟପି କି କେତେକ ସମ୍ଭ୍ରାନ୍ତ ସ୍ୱାଧୀନ ବ୍ୟକ୍ତିଙ୍କ ଯୋବାନବନ୍ଦି ନେଇଅଛନ୍ତି ଓ ସେମାନେ ନିର୍ଭୟରୂପେ ସତ୍ୟ କହିଥିବାର ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ମାତ୍ର ତାଙ୍କ ସଂଖ୍ୟା ଅଳ୍ପଥିବାରୁ ଅଧିକ ଲୋକଙ୍କ କଥାର ଅନୁଗାମୀ ହେବେ ଏପରି ଆଶଙ୍କା ହେଉଅଛି । କମିଶ୍ନରମାନଙ୍କୁ ମଫସଲ ଯାଇ କତିପୟଦିନ ସ୍ୱଚକ୍ଷୁରେ ଓଡ଼ିଶାର ଦୁର୍ଦ୍ଦଶା ଦେଖିବାର ଆବଶ୍ୟକଥିଲା, ତାହାକଲେ ପ୍ରକୃତ କଥାମାନ ସେମାନଙ୍କର ଯେପରି ହୃଦୟଙ୍ଗମ ହୁଅନ୍ତା ଶତଶତ ଲୋକଙ୍କଠାରେ ଶ୍ରବଣ କଲେ ମଧ୍ୟ ସେପରି ହେବନାହିଁ ।" (୧୧) ସେହି ଉତ୍କଳଦୀପିକାରେ ମଧ୍ୟ ଅନ୍ୟତ୍ର ଲେଖାଥିଲା ଯେ ସରକାରଙ୍କ ଅପାରଗତା ଏବଂ ହାକିମମାନଙ୍କ ଭ୍ରାନ୍ତିକର ତଥ୍ୟ ପ୍ରଦାନ ଯୋଗୁଁ ଓଡ଼ିଶାରେ ଭୀଷଣ ଦୁର୍ଭିକ୍ଷ ସୃଷ୍ଟି ହେଲା । ପୁନଶ୍ଚ ସରକାରଙ୍କର ତୋଷାମଦକାରୀ ଜମିଦାର ଓ ସରକାରୀ କର୍ମଚାରୀମାନଙ୍କର ଭୁଲ ତଥ୍ୟ ଦୁର୍ଭିକ୍ଷ ଜନିତ କରୁଣ ମୃତ୍ୟୁର କାରଣ ହୋଇଥିଲା । ତେଣୁ ଦୀପିକା ମତ ଦେଇଛନ୍ତି—"ଉପରୋକ୍ତ ବିଷୟମାନ ଆଲୋଚନା କରିବାରେ ଜଣାଯାଏ ଯେ ସ୍ଥାନୀୟ ହାକିମମାନଙ୍କର ଜାଣିବାର ଉପାୟ ଥିବା ପ୍ରତ୍ୟେକେ ତହିଁ ପ୍ରତି ତାଦୃଶ ମନଯୋଗ ନଦେଇନାହାନ୍ତି ଓ ପ୍ରଥମରୁ ଦୁର୍ଭିକ୍ଷର କଥାରେ ହେୟଜ୍ଞାନ କରିବାରୁ ଏଠାକାର ଦୁର୍ଦ୍ଦଶା ଅଧିକ ବଳବତ ହୋଇଅଛି । କିନ୍ତୁ କି ଆଶ୍ଚର୍ଯ୍ୟ କେବଳ ସ୍ଥାନୀୟ ହାକିମମାନଙ୍କଠାରେ ଏ ତ୍ରୁଟି ଲକ୍ଷିତ ହୋଇଅଛି

୧୧—ଉତ୍କଳଦୀପିକା—୨ୟଭାଗ । ୨ୟସଂଖ୍ୟା ତା ୧୨-୧-୧୮୬୭

ଏମନ୍ତ ନୁହେଁ । ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସ୍ୱୟଂ ଏସ୍ଥାନକୁ ଆସି ସ୍ୱଚକ୍ଷୁରେ ଏ ସମସ୍ତ ଦର୍ଶନ କରିବା ପ୍ରତ୍ୟକ୍ଷେ ତାହାଙ୍କ ହୃତ୍ସ୍ଥ ବୁଦ୍ଧିରେ ସୁଦ୍ଧା ଏମାନ କିଛି ଆସିଲା ନାହିଁ ।" (୧୨) ।

ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ରକୁ ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରାଯାଇ ତାର ପ୍ରତିକାର ପାଇଁ ମଧ୍ୟ ସୁଚିନ୍ତିତ ପରାମର୍ଶ ପ୍ରଦାନ କରାଯାଇଅଛି । କେଉଁ କାରଣରୁ ଦୁର୍ଭିକ୍ଷ ହେଲା ଓ ଏହାଦ୍ୱାରା କିପରି ଅଗଣିତ ଜନସାଧାରଣ ଖାଦ୍ୟ ଅଭାବରୁ ମୃତ୍ୟୁବରଣ କଲେ ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକାରୁହିଁ ଦେଖିବାକୁ ମିଳେ । ସରକାରଙ୍କର ଦୋଷ ତ୍ରୁଟିକୁ ମଧ୍ୟ ଦୀପିକା ଯଥାର୍ଥ ଭାବରେ ଦେଖାଇ ଦେଇଅଛି । ଦୁର୍ଭିକ୍ଷ ଫଳରେ ଓଡ଼ିଶାର ଅର୍ଥନୀତି କିପରି ଦୋହଲିଗଲା ଓ ଓଡ଼ିଶାର ସାମାଜିକ ଜୀବନରେ ମିଶନାରୀମାନେ କିପରି ଧର୍ମପ୍ରଚାର କରିବାର ସୁଯୋଗ ଲାଭ କଲେ ତାର ଚିତ୍ର ମଧ୍ୟ ଦୀପିକା ପୃଷ୍ଠାରୁ ଦେଖିବାକୁ ମିଳିଥାଏ । ଖ୍ରୀଷ୍ଟିୟାନ ପାଦ୍ରୀମାନଙ୍କର ଦୁର୍ଭିକ୍ଷ ସାହାଯ୍ୟକୁ ସେତେବେଳେ ଲୋକମାନେ କିପରି ଦେଖୁଥିଲେ ତାର ଚିତ୍ର ମଧ୍ୟ ଉତ୍କଳ ଦୀପିକାରେ ଅଛି । "ପାଦ୍ରି ସମ୍ପ୍ରଦାୟ ଏମାନଙ୍କର ରକ୍ଷଣାବେକ୍ଷଣର ଉପଯୁକ୍ତ ପାତ୍ର ନୁହନ୍ତି କାରଣ ସେ ଯେତେ ଯତ୍ନ ଓ ସତତା ସହିତ ଏ ଗୁରୁତର ଭାର ନିର୍ବାହ କରନ୍ତୁ ଅନେକ ଲୋକମାନେ ମନେ କରନ୍ତି ଯେ କେବଳ ଖ୍ରୀଷ୍ଟିୟାନ ଦଳବୃଦ୍ଧି କରିବା ଲାଗି ସେମାନେ ଏ ଭାର ଗ୍ରହଣ କରି ଅଛନ୍ତି ଓ ସରକାର ମଧ୍ୟ ଉକ୍ତ ଧର୍ମପ୍ରତି ପକ୍ଷପାତ ଦର୍ଶାଇ ତାହାଙ୍କଠାରେ ପିଲାମାନଙ୍କୁ ଅର୍ପଣ କରି ଅଛନ୍ତି । ଯେଉଁ ପିଲାମାନେ ନିତାନ୍ତ ଶିଶୁ ସେମାନଙ୍କ କଥା ବିଚାରର ଅନାବଶ୍ୟକ ମାତ୍ର ଯେଉଁମାନଙ୍କର କିଞ୍ଚିତ ଜ୍ଞାନ ହୋଇଅଛି ସେମାନେ ସ୍ୱୟଂ ପାଦ୍ରି ସାହେବଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଅନିଚ୍ଛା ପ୍ରକାଶ କରିଅଛନ୍ତି ।" (୧୩) ଅତଏବ ଦୁର୍ଭିକ୍ଷର ଚିତ୍ର ପ୍ରଦାନ କରିବା ସଙ୍ଗେ

---

୧୨—ଉତ୍କଳ ଦୀପିକା—୨ୟ ଭାଗ/୩ୟ ସଂ– –୧୯-୧-୧୮୬୭

୧୩—ଉତ୍କଳଦୀପିକା—୨ୟଭା/ସ ୧—ତା ୫-୨-୧୮୬୭

ସ୍କଙ୍କ ଏହା କଥନ୍ ଓଡ଼ିଶାର ସାମାଜିକ ଜୀବନକୁ ଦୋହଲାଇ ଦେଇଥିଲା ତାର ବାସ୍ତବ ଚିତ୍ର ଉତ୍କଳଦୀପିକାରୁ ମିଳିଥାଏ । ବାରମ୍ବାର ଦୁର୍ଭିକ୍ଷ ସମ୍ପର୍କରେ ସମ୍ବାଦ ପ୍ରକାଶ, ସରକାରଙ୍କ ଦୋଷ ଦୁର୍ବଳତା ସମ୍ବନ୍ଧରେ ବକ୍ତବ୍ୟ, ଖ୍ରୀଷ୍ଟିଆନ ପାଦ୍ରିମାନଙ୍କର ସାହାଯ୍ୟ ଅନ୍ତରାଳରେ ଥିବା ପ୍ରଚ୍ଛନ୍ନ ଉଦ୍ଦେଶ୍ୟ, ଦୁର୍ଭିକ୍ଷ ଫଳରେ ସାମାଜିକ ବ୍ୟଭିଚାର, ନୂତନ ପତିତ ସମାଜର ସୃଷ୍ଟି ଆଦି ନାନା କଥାକୁ ଉତ୍କଳଦୀପିକା ନିର୍ଭୀକ ଭାବରେ ପ୍ରକାଶ କରି ଦୁର୍ଭିକ୍ଷର ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ ପକାଇବାକୁ ସମର୍ଥ ହୋଇ ପାରିଥିଲା । ଏହି କାରଣରୁ କୁହାଯାଇଥାଏ ଯେ ଦୁର୍ଭିକ୍ଷ ପୂର୍ବରୁ ବା ଦୁର୍ଭିକ୍ଷ ସମୟରେ ଯଦି ଉତ୍କଳଦୀପିକା ପ୍ରକାଶ ପାଇଥାନ୍ତା ତେବେ ଓଡ଼ିଶାରେ ଦୁର୍ଭିକ୍ଷଜନିତ କରାଳ ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା ।

## ଧର୍ମ, ସମାଜ ଓ ଉତ୍କଳଦୀପିକା

ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କର ଶାସନ ବିସ୍ତାର, ଖ୍ରୀଷ୍ଟିୟାନ ପାଦ୍ରିମାନଙ୍କର ଧର୍ମ ପ୍ରଚାର, ବ୍ରହ୍ମଧର୍ମର ସୃଷ୍ଟି ଓ ବିକାଶ, ମହିମା ଧର୍ମର ଉତ୍ଥାନ, ହିନ୍ଦୁଧର୍ମର ପୁନର୍ଜାଗରଣ, ଜଗନ୍ନାଥ ଧର୍ମପ୍ରତି ମିଶନାରୀମାନଙ୍କର ଆକ୍ରମଣ ଓ ଇଂରେଜ ସରକାରଙ୍କର ଅନାସ୍ଥା, ପୁରୀର ରାଜା ଦିବ୍ୟସିଂହଦେବଙ୍କ ପ୍ରତି ଦଣ୍ଡାଦେଶ ଆଦି ବିଭିନ୍ନ ଘଟଣା ତତ୍କାଳୀନ ସାମାଜିକ ଜୀବନକୁ ବହୁଭାବରେ ପ୍ରଭାବିତ କରିଥିଲା । ଏହି ସମସ୍ତ ଘଟଣା ପ୍ରତି ଉତ୍କଳଦୀପିକା ସଚେତନ ଥାଇ ବିଭିନ୍ନ ସମ୍ବାଦକୁ ପ୍ରକାଶ କରୁଥିଲା । ଦୀପିକା ଥିଲା ରକ୍ଷଣଶୀଳ ହିନ୍ଦୁଧର୍ମର ପକ୍ଷପାତୀ । ତେଣୁ ଅନ୍ୟାନ୍ୟ ଧର୍ମଧାରା ଏ ସମୟରେ ପ୍ରଭାବ ବିସ୍ତାର କରିଥିଲେହେଁ ଦୀପିକା ସେ ସବୁକୁ ସ୍ୱାଗତ କରିନାହିଁ । ବରଂ ସେ ସବୁ ଧର୍ମ ସମ୍ବନ୍ଧୀୟ ସମ୍ବାଦମାନ ପ୍ରକାଶ କରି ସେଥିପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଦୁର୍ଭିକ୍ଷ କବଳରେ ପଡି ବହୁ ବ୍ୟକ୍ତି ଜୀବନ ବଞ୍ଚାଇବା ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ବହୁ ଅନାଥ ବାଳକ

ବାଳିକା ମଧ୍ୟ ପାଦ୍ରିମାନଙ୍କ ଦ୍ୱାରା ଏହି ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଗୌରୀଶଙ୍କର ଏହି ଘଟଣାକୁ ଅନୁମୋଦନ କରି ନାହାନ୍ତି । ଉତ୍କଳଦୀପିକାର ବିଭିନ୍ନ ସଂଖ୍ୟାରୁ ଏ ସମ୍ପର୍କରେ ସୂଚନାତ୍ମକ ବିବରଣୀମାନ ଦେଖିବାକୁ ମିଳିଥାଏ । ଯେତେବେଳେ ମଧୁସୂଦନ ଦାସ କଲିକତାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ସଂବାଦ ଗୌରୀଶଙ୍କର ପାଇଲେ ସେତେବେଳେ ସେହି ସମ୍ବାଦକୁ ସେ 'ଉତ୍କଳଦୀପିକା'ରେ ପ୍ରକାଶ କଲେ । "କଟକ ଷ୍ଟେଟ ଅଦାଲତରେ ଉକିଲ ରଘୁନାଥ ଦାସଙ୍କ ପୁତ୍ର ମଧୁସୂଦନ ଦାସ କଲିକତାକୁ ଯାଇ ସେଠାରେ ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରି ଅନ୍ଧକାର କୂପରୁ ଉଦ୍ଧାର ପାଇଁ ପାଦ୍ରିମାନ ସ୍ୱର୍ଗମାର୍ଗରେ ଭ୍ରମଣ କରୁଅଛନ୍ତି । ସେ ଏଠାରୁ ବାଲେଶ୍ୱର ସ୍କୁଲର ୪ର୍ଥ ମାଷ୍ଟରରେ ନିଯୁକ୍ତ ହୋଇଥାନ୍ତି, ଏଥିପରେ ସେଠାକାର ରେଜିଷ୍ଟ୍ରି ଇଲାକାରେ କିରାଣିଗିରିରେ ସେ ରହିଲେ । କିନ୍ତୁ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ କରିଥିବାରୁ ସେ ଏ କର୍ମରୁ ମାଦୁଲ ହୋଇ କଲିକତା ପଳାଇଲେ । ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରିବା ମାତ୍ରକେ ସେହି ଧର୍ମସ୍ଥ ଏକ ସ୍ତ୍ରୀର ପାଣିଗ୍ରହଣ କଲେ । ବୋଧହୁଏ ଏହି ଲୋଭରେ ଅନେକ ଖ୍ରୀଷ୍ଟିୟାନ ହେଉଅଛନ୍ତି । କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀ ବଶଗା ନରାଃ । ଯତ୍ର କାମିନ୍ୟାଃ ପ୍ରଯାତେନ ନୃପତି ପୋଟକାସୁଟତ ।"
(୧୪) ବିଭିନ୍ନ ପ୍ରସଙ୍ଗରୁ ଖ୍ରୀଷ୍ଟଧର୍ମ ସଂପର୍କରେ ଯେଉଁ ସଂବାଦମାନ ଉତ୍କଳଦୀପିକାରୁ ମିଳେ ସେଥିରୁ ଏହି ଧର୍ମପ୍ରତି ଗୌରୀ ଶଙ୍କରଙ୍କର ମନୋଭାବ କଣ ସ୍ପଷ୍ଟ ଜଣାପଡ଼ିଥାଏ । ସେ ଖ୍ରୀଷ୍ଟଧର୍ମକୁ ନିନ୍ଦା କରି ନାହାନ୍ତି ମାତ୍ର କୌଣସି ହିନ୍ଦୁ ଏହି ଧର୍ମପ୍ରତି ଆକୃଷ୍ଟ ହୋଇ ଗ୍ରହଣ କଲେ ନିନ୍ଦା କରିଅଛନ୍ତି । ଅପରପକ୍ଷରେ ସେ ଖ୍ରୀଷ୍ଟିୟାନ ପାଦ୍ରିମାନଙ୍କର ଲୋକସେବାମୂଳକ କାର୍ଯ୍ୟକୁ ମଧ୍ୟ ସତେ ପ୍ରଶଂସା କରିଅଛନ୍ତି ।

---

୧୪— ଉତ୍କଳଦୀପିକା—୧ମଭା/୫ସଂ —୧୮-୮-୧୮୬୬

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ମଧ୍ୟ ବ୍ରାହ୍ମଧର୍ମ ଓ ମହିମା ଧର୍ମର ବିକାଶ ଓ ପ୍ରଚାର ହୋଇଥିଲା । ମହିମାଧର୍ମକୁ ଦୀପିକା 'ନୂତନ ଧର୍ମ ପ୍ରଚାର' ରୂପେ ଆଖ୍ୟାତ କରିଅଛନ୍ତି । ଏ ସମ୍ପର୍କରେ ଦୀପିକା ଲେଖିଛନ୍ତି—''କଟକର ନିକଟସ୍ଥ କେତେକ ଗଡ଼ଜାତମାନଙ୍କରେ ଏକ ନୂତନ ଧର୍ମ ପ୍ରଚାର ହେବାର ଉପକ୍ରମ ହୋଇଅଛି । ଏ ଧର୍ମର ନାମ ମହିମା । ଢେଙ୍କାନାଳର ଅନ୍ତଃପାତୀ କପିଳାସ ପର୍ବତରେ ଏକ ଫଳାହାରୀ ସନ୍ନ୍ୟାସୀ ଥିଲେ । ସେ ପ୍ରଥମେ କିଛିଦିନ ଫଳାହାର କଲେ ତହିଁ ଉତ୍ତାରେ ଦୁଗ୍ଧ ପାନ କଲେ ଓ ଶେଷରେ କେବଳ ଜଳପାନ ଦ୍ୱାରା ଜୀବନ ଧାରଣ କରି ଶିବପୂଜା କରୁଥିଲେ । ଏକଦିନ ସେ ଆକାଶବାଣୀ ଶ୍ରବଣ କରି ତଦନୁସାରେ ଜଟାମୁଣ୍ଡନ କରି ସନ୍ନ୍ୟାସ ଧର୍ମ ତ୍ୟାଗ କଲେ । ବର୍ତ୍ତମାନ ସେ ବଲ୍‌କଲ ପରିଧାନ କରି ନୂତନ ଏକ ଧର୍ମ ପ୍ରଚାର କରିବାରେ ପ୍ରବୃତ୍ତ ହୋଇ ଅଛନ୍ତି । ଏ ଧର୍ମରେ ଜାତି ବିଚାର ନାହିଁ, ଶ୍ରାଦ୍ଧାଦି କ୍ରିୟା ଏବଂ ପିତୁଳା ପୂଜା ନିଷେଧ, କେବଳ ଏକମାତ୍ର ଈଶ୍ୱର ଏ ଧର୍ମାବଲମ୍ବୀ ମାନଙ୍କର ସେବ୍ୟ ଅଟନ୍ତି । ଉକ୍ତ ଧର୍ମ ପ୍ରଚାରକ ଅତି ନିର୍ଲୋଭ ଏବଂ ଲୋକମାନଙ୍କୁ ଭୋଜ ଦେବା ବିଷୟରେ ବିଶେଷ ତତ୍ପର ଅଟନ୍ତି । ସେ ଏବଂ ତାହାଙ୍କ ଶିଷ୍ୟମାନେ ଗୃହ ମଧ୍ୟରେ କିମ୍ବା କଂସା ପିତ୍ତଳାଦି କୌଣସି ପାତ୍ରରେ ଭୋଜନ କରନ୍ତି ନାହିଁ । ବାହ୍ୟ ବହିର୍ଭାଗରେ ଭଙ୍ଗା ଖପରରେ ଯେ କୌଣସି ଜାତି ଯାହା କିଛି ଖାଇବାକୁ ଦେଲେ ଆହାର କରନ୍ତି । ଏକ ଏକ ସ୍ଥାନରେ ଉତ୍ତମ ବଡ଼ ବଡ଼ ଗୃହ ନିର୍ମାଣ କରି ଚାଳିଶ ପଚାଶ ସହସ୍ର ଲୋକଙ୍କୁ ଭୋଜନ ଦିଅନ୍ତି ଓ କେତେକ କେତେ କାଳ ତହିଁରେ ରହି ଗୃହକୁ ଭସ୍ମୀଭୂତ କରି ସ୍ଥାନ ତ୍ୟାଗ କରନ୍ତି । ପ୍ରାୟ ୨୦ରୁ ୩୦ ସହସ୍ର ଲୋକ ଏ ଧର୍ମ ଅବଲମ୍ବନ କରିଥିବା ଶୁଣାଯାଏ । ଉକ୍ତ ସନ୍ନ୍ୟାସୀ ଯେତେ ସ୍ଥଳକୁ ଯାଇଅଛନ୍ତି ସେଠାର ଲୋକମାନେ ତାହାଙ୍କର ଏପରି ଆଜ୍ଞାଧୀନ ହୋଇଅଛନ୍ତି ଯେ ସେ ଯାହା କହନ୍ତି ସେଥିରେ ଅନ୍ୟଥା କରିବାକୁ କେହି ସାହସୀ ହୁଅନ୍ତି ନାହିଁ ଏବଂ ସେ

ଯାହାକୁ ଯାହା ମାଗୁଅଛନ୍ତି ସେ ତାହା ଦେଉଅଛନ୍ତି ।” (୧୫) ଏହି ନୂତନ ଧର୍ମ ସମ୍ପର୍କରେ ଦୀପିକା ସର୍ବପ୍ରଥମେ ସମ୍ବାଦ ପରିବେଷଣ କରି ଓଡ଼ିଶାର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଅଛି । ଏହି ଧର୍ମ ଲୋକ-ଧର୍ମ । ଏହା ମିଶନାରୀମାନଙ୍କ ଧର୍ମ ପ୍ରଚାର ବା ବ୍ରାହ୍ମମାନଙ୍କର ଧର୍ମ ପ୍ରଚାର ପରି ନୁହେଁ । ଏହି ଧର୍ମ ସେତେବେଳେ ଓଡ଼ିଶାର ପୁରପଲ୍ଲୀରେ ଦ୍ରୁତଗତିରେ ପ୍ରସାର ଲାଭ କରିବାକୁ ଲାଗିଲା । ବ୍ରାହ୍ମଣମାନେ ଏ ଧର୍ମ ପ୍ରତି ବିଦ୍ୱେଷ ପ୍ରକାଶ କଲେ । ସମାଜର ଉଚ୍ଚବଂଶଜମାନେ ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ପ୍ରକାଶ କଲେ ନାହିଁ । ତତ୍କାଳୀନ ପ୍ରଶାସନିକ ସଂସ୍ଥାର ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ନଥିଲା । ତଥାପି ଏହି ଧର୍ମ ପ୍ରସାର ଲାଭ କରିବାକୁ ଲାଗିଲା । ୧୮୬୭ ମସିହା ବେଳକୁ ଦୀପିକା ପୁଣି ଲେଖିଥିଲେ—

"ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯେ ଢେଙ୍କାନାଳ ସୁକିନ୍ଦା କେନ୍ଦୁଝରଗଡ଼ ପ୍ରଭୃତି ଗଡ଼ଜାତରେ କୁମ୍ଭିପଟ ନାମଧେୟରେ ପ୍ରାୟ ଚାରି ପାଞ୍ଚଶତ ଲୋକ ଏକ ସଂପ୍ରଦାୟ ବାନ୍ଧି ଅଛନ୍ତି । ଏହାଙ୍କ ଅପରନାମ ମହିମା ବାବାଜୀ । ଏହି ସଂପ୍ରଦାୟ ମଧ୍ୟରୁ ଦୁଇତିନିଜଣ ମଧୁପୁରରେ ପ୍ରବେଶ ହୋଇ ଲୋକଙ୍କ ଜାତି ଧ୍ୱଂସର ଚେଷ୍ଟା କରିବାରୁ ରାଜା ତାହାଙ୍କୁ ହିନ୍ଦୁ ଧର୍ମର ବିରୋଧି ଜ୍ଞାନକରି ଆପଣା ରାଜ୍ୟରୁ ବାହାର କରିଦେଲେ । ସେହି ବୈରାଗୀଙ୍କ ମଧ୍ୟରୁ ଦୁଇଜଣ ଆଜକୁ ମାସ ୨ ହେବ ଯାଜପୁରକୁ ଆସି ବ୍ରାହ୍ମଣ କରଣ ରାଡ଼ୀ ପ୍ରଭୃତି ନାନା ଜାତି ମଧ୍ୟରୁ କେତେଗୁଡ଼ିଏ ଶିଷ୍ୟ କରି ତାହାଙ୍କୁ ସଙ୍ଗେ ନେଇ ବୁଲୁଅଛନ୍ତି । ରାଜା ଓ ବ୍ରାହ୍ମଣ, ଭଣ୍ଡାରି, ଧୋବା, ମାଳୀ ଓ ଦ.ସା ଏହି ପାଞ୍ଚ ଜାତିକୁ ଛାଡ଼ି ଆଉ ସମସ୍ତଙ୍କ ଘରେ ଭୋଜନ କରନ୍ତି । ଖ୍ରୀଷ୍ଟିୟାନଙ୍କୁ ସୁଦ୍ଧା ବାରଣ ନାହିଁ । ଏ ସମସ୍ତଙ୍କ ଘରୁ ଭାତ ମାଗିନେଇ ହାଣ୍ଡିରେ ରଖି ଡାଣ୍ଡରେ ଗୁରୁଶିଷ୍ୟ ସମସ୍ତେ ଏକତ୍ର ଭୋଜନ କରି ହାଣ୍ଡିକୁ ଭାଙ୍ଗି ପକାଇ ଦିଅନ୍ତି । ଲୋକେ ଏହାଙ୍କୁ ବଡ଼ ମାନନ୍ତି ଓ କେତେକ ଲୋକ ଏହାଙ୍କଠାରେ ଦୁଃଖ ଜଣାଇ ଆଜ୍ଞା ଘେନି

---

୧୫—ଉତ୍କଳ ଦୀପିକା—୨ୟ ଭାଗ/୨୨ସଂ—ତା ୧-୬-୧୮୬୭

ଅତି ଭକ୍ତି ସହକାରେ ପ୍ରତିପାଳନ କରିଅଛନ୍ତି । ପୁତ୍ର କାମନା ସଫଳ କରିବାର ଶୁଣାଯାଏ । ଯାହାହେଉ ଏହାଙ୍କ ଦ୍ୱାରା ଜାତି ବିନାଶର ପ୍ରବଳ ଉପାୟ ହେବାର ଦେଖି ଯାଜପୁରର ବ୍ରାହ୍ମଣମାନେ ସଭାକରି ସ୍ଥିର କରିଅଛନ୍ତି ମହିମା ବାବାଜୀଙ୍କ ଦ୍ୱାରା ଯାହାଙ୍କର ଜାତି ନାଶ ହୋଇଅଛି ସେମାନେ ପତିତ ହେବେ ଓ ବିଧିମତେ ପ୍ରାୟଶ୍ଚିତ୍ତ ନକଲେ କେହି ତାହାଙ୍କର ସଂସର୍ଗୀ ହେବେ ନାହିଁ । ଏପରି ବିଧି ହେବାରୁ ଶିଷ୍ୟଙ୍କ ସଂଖ୍ୟା ଊଣା ହେଉଅଛି ଓ ଯେଉଁମାନେ ଶିଷ୍ୟ ହୋଇଅଛନ୍ତି ତାହାଙ୍କ ମଧ୍ୟରୁ ଅନେକ ଲୋକ ଘରକୁ ଫେରି ଆସି ପ୍ରାୟଶ୍ଚିତ୍ତର ଉଦ୍ୟମରେ ଅଛନ୍ତି ।" (୧୬)

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ମହିମାଧର୍ମ ଏହିପରି ପ୍ରତିଷ୍ଠା ଅର୍ଜନ କଲା ଓ ୧୮୬୬ ମସିହାବେଳକୁ ଏହି ଧର୍ମଧାରୀଙ୍କ ସଂଖ୍ୟା ୩୦ ହଜାର ପର୍ଯ୍ୟନ୍ତ ହୋଇଥିଲା ବୋଲି ଉତ୍କଳଦୀପିକାରୁ ଜଣା ଯାଇଥାଏ । ୧୮୭୩ ମସିହା ବେଳକୁ ଏହି ଧର୍ମ ବିରୁଦ୍ଧରେ ବ୍ରାହ୍ମଣମାନେ ସଂଗଠିତ ହେବାକୁ ଲାଗିଲେ । ତଥାପି ଏହି ଧର୍ମ ହ୍ରାସ ପାଇଲା ନାହିଁ । ବରଂ ଏହି ଧର୍ମ କ୍ରମ ପ୍ରସାରିତ ହେଲା । ମହିମାଧର୍ମୀମାନେ ହିନ୍ଦୁମାନଙ୍କର ଶ୍ରେଷ୍ଠଦେବତା ପୁରୀର ଶ୍ରୀ ଜଗନ୍ନାଥଙ୍କ ବିଗ୍ରହକୁ ପୋଡ଼ିଦେବା ପାଇଁ ସ୍ଥିର କଲେ । ତେଣୁ ସେମାନେ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ରମଣ କରିଅଛନ୍ତି । ଏ ସଂପର୍କରେ ମଧ୍ୟ ଦୀପିକା ଲେଖିଛି—"ଚଳିତ ମାସ ପ୍ରଥମ ତାରିଖ ମଙ୍ଗଳବାର ଦିନ ଦୁଇପ୍ରହର ସମୟରେ ନଙ୍ଗଳା ନଙ୍ଗୁଳୀ ୧୬ ଜଣ ଖତହାଣ୍ଡି ନେଇ ମନ୍ଦିର ମଧ୍ୟକୁ ଯିବାକୁ ଉଦ୍ୟତ ହେଲେ । ତହିଁ ପ୍ରହରୀ ବର୍କନ୍ଦାଜ ଓ ଦ୍ୱାରୀ ଯିବାକୁ ନଦେଇ ସିଂହଦ୍ୱାର ବନ୍ଦ କରିବାକୁ ଲାଗିବାରେ ସେମାନେ ଖତହାଣ୍ଡି ଗରୁଡ଼ସ୍ତମ୍ଭଠାରେ ରଖି କବାଟ ପେଲିଦେଇ ସିଂହଦ୍ୱାର ସାମନା ଭୋଗମଣ୍ଡପ କବାଟ ଭାଙ୍ଗି ଜଗମୋହନ ବାଟେ ଜୟ ବିଜୟ ଦ୍ୱାରଠାକୁ ଯାଇଁ ୨ ସେଠା କବାଟ ଓ ଦକ୍ଷିଣଦ୍ୱାର କବାଟକୁ ପଡ଼ିଆରୀ ପ୍ରଭୃତି ବନ୍ଦ କରିଦେଲେ ।

---

୧୬—ଉତ୍କଳ ଦୀପିକା—୮ ମ ଭାଗ/୩୬ସଂ—ତା ୬-୯-୧୮୭୩

କିନ୍ତୁ ସେମାନେ ଶ୍ରୀଜିଉଙ୍କ ସିଂହାସନଠାକୁ ଯାଇ ନ ପାରିଲେ ଓ ସେମାନଙ୍କୁ ବର୍କନ୍ଦାଜ ପ୍ରହରୀ ମନ୍ଦିର କର୍ମଚାରୀ ଏବଂ ଯାତ୍ରୀମାନେ କୌଣସି ମତେ ଓ ଟାଣ ବାହାର କରିଆଣିଲେ । ସେମାନେ ଉଲଗ୍ନ ଓ ମହୁଆ ନ୍ୟାସୁଥିଲେ । ମନ୍ଦିର ବାଟ କେବେହେଁ ଦେଖି ନଥିବାରୁ ଝୁଲି ୨ ବାହାରି ଆସୁ ୨ ସେମାନଙ୍କ ମଧ୍ୟରେ ଦଶାରାମ ନାମକ ସରଡର ଥିଲା କି ସେ କବାଟ ଭାଙ୍ଗିବାରେ ଅନେକ ପରିଶ୍ରମ କରିଥିଲା । ସେ ବ୍ୟକ୍ତି ଭୋଗମଣ୍ଡପ ପାବଛ ନିକଟ ଅଗ୍ନୀଶ୍ୱର ମହାଦେବଙ୍କ ମନ୍ଦିର ସାମନାରେ ପଥର ଚଟାଣରେ ଝୁଣ୍ଟି ପଡ଼ି ଅଚେତ ହେଲା । ତହୁଁ ସେମାନଙ୍କ ସଙ୍ଗୀ ତାକୁ ଧରାଧରି କରି ଗରୁଡ଼ସ୍ତମ୍ଭଠାକୁ ନେଇ ଆସିଲେ ଓ ତାକୁ ଇଚ୍ଛାମତେ ଭାତ ଖୁଆଇଲେ ଓ ପ୍ରାୟ ଏକ ଘଣ୍ଟା ମଧ୍ୟରେ ସେ ବ୍ୟକ୍ତି ପ୍ରାଣତ୍ୟାଗ କଲା । × × × × ।

ଉକ୍ତ ବ୍ୟକ୍ତିମାନଙ୍କର ଘର ରାୟପୁର ଓ ସମ୍ବଲପୁର ଅଞ୍ଚଳରେ ଅଟେ । ସେମାନେ ତାଙ୍କ ଗୁରୁ ଅଲେଖଙ୍କ ଆଜ୍ଞା ଯାହା ମୃତ ଦଶାରାମ ପ୍ରତି ହୋଇଥିଲା ସେହି ଆଜ୍ଞା ପ୍ରତିପାଳନରେ ଶ୍ରୀ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା ଏପରି ତିନ ଦାରୁମୂର୍ତ୍ତି ମାନଙ୍କରେ ବ୍ରହ୍ମପଦାର୍ଥ ନଥିବା ହେତୁ ତାଙ୍କୁ ସିଂହାସନରୁ ଆଣି ବଡଦାଣ୍ଡରେ ପୋଡ଼ିଦେବା କାରଣ ଆସିଥିବାର ପୁଲିସ ତଦାରଖରେ ଏବଂ ଡେପୁଟି ମେଜେଷ୍ଟ୍ରରଙ୍କଠାରେ ପ୍ରକାଶ କଲେ × × × × × × ଉକ୍ତ ବ୍ୟକ୍ତିମାନେ ଅତ୍ୟନ୍ତ ମ୍ଳେଚ୍ଛ, ସ୍ନାନ କରନ୍ତି ନାହିଁ ଓ ପୋଖରୀ ବସି ପାଣି ନିଅନ୍ତି ନାହିଁ ।"(୧୭) ଏହି ନୂତନ ଧର୍ମ ସଂପ୍ରଦାୟ ସେତେବେଳେ ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଇଥିଲା । ଏମାନଙ୍କୁ ଯେତେ ମ୍ଳେଚ୍ଛ ଓ ଅଶାଳୀନ କୁହାଗଲେ ମଧ୍ୟ ଏମାନେ ଆପଣାର ଧର୍ମ ପ୍ରତି ଏକାନ୍ତ ଅନୁଗତ ଥିଲେ । ଫଳରେ ଏହିଧର୍ମ ସେତେବେଳେ ଲୋକଧର୍ମରେ ପରିଣତ ହୋଇ ଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆକ୍ରମଣ ଏବଂ ଦାରୁବିଗ୍ରହ ଧ୍ୱଂସ କରିବାର ସଂକଳ୍ପ ଯୋଗୁ ଏହି ଧର୍ମ ସେତେବେଳେ ସମଗ୍ରଦେଶର

---

୧୭---ଉତ୍କଳଦୀପିକା—୧୬ଶ ଖ/୧୩ସଂ—ତା ୨୬-୩-୧୮୮୧

ଦୃଷ୍ଟି ଆକର୍ଷଣ କରିଥିଲ । 'ଉତ୍କଳଦୀପିକା' ଏହି ନୂତନଧର୍ମର ଗତି ବିଧିକୁ ସ୍ପଷ୍ଟ ଲକ୍ଷ୍ୟ କରି ବିଭିନ୍ନ ସଂଖ୍ୟାରେ ପ୍ରକାଶ କରିଥିଲ ଓ ଏ ଧର୍ମ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲା ।

ଖ୍ରୀଷ୍ଟଧର୍ମ ପ୍ରତି ଉତ୍କଳଦୀପିକାର ବିଦ୍ୱେଷ ନଥିଲା । ଅଥଚ ଯେତେବେଳେ ଖ୍ରୀଷ୍ଟିୟାନ ପାଦ୍ରିମାନେ ହିନ୍ଦୁମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରୁଥିଲେ ସେତେବେଳେ ଦୀପିକା ବିରୋଧ କରୁଥିଲା । ଶ୍ରୀଜଗନ୍ନାଥଙ୍କ ପ୍ରତି ଇଂରେଜସରକାରଙ୍କ ମନୋଭାବକୁ ଦୀପିକା ପ୍ରବଳ ଭାବରେ ସମାଲୋଚନା କରିଅଛି । ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରତି ଇଂରେଜ ସରକାର ଯେଉଁ କଠୋର ମନୋଭାବ ନେଉଥିଲେ ତାର ମଧ୍ୟ ଦୀପିକା ବିରୋଧ କରିଅଛି । "ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା କୌଣସି ମତେ ନିର୍ବାହ ହେଲା କିନ୍ତୁ ଦୁଃଖର ସହିତ ଅବଗତ ହେଲୁଁ ଯେ ହାକିମମାନେ ଏଥିର ଯଥାସାଧ୍ୟ ବାଧାଦେବାକୁ ତ୍ରୁଟି କରିନାହାନ୍ତି ।" (୧୮) ଗୌରୀଶଙ୍କର ଦୀପିକା ମାଧ୍ୟମରେ ଉତ୍କଳର ଧର୍ମପ୍ରାଣ ଜନସାଧାରଣଙ୍କର ମନୋଭାବକୁ ପ୍ରକାଶ କରିଅଛନ୍ତି ଓ ରଥଯାତ୍ରା ସମ୍ପର୍କିତ ଇଂରେଜ ହାକିମ ମାନଙ୍କର ମନୋଭାବକୁ ପଦାରେ ପକାଇ ଦେଇ ଅଛନ୍ତି । ଶ୍ରୀଜଗନ୍ନାଥଙ୍କ ଉପରେ ହସ୍ତକ୍ଷେପ କରି ହିନ୍ଦୁମାନଙ୍କର ଧର୍ମଭାବକୁ ନଷ୍ଟକରିବା ପାଇଁ ସେତେବେଳେ ଇଂରେଜସରକାର ତଥା ପାଦ୍ରିମାନେ ଯେଉଁ ଚକ୍ରାନ୍ତ କରିଥିଲେ ଦୀପିକା ତାର କଠୋର ସମାଲୋଚନା କରିଅଛି । ଏପରିକି ଜନୈକ ବୈଷ୍ଣବର ମୃତ୍ୟୁ ଅପରାଧରେ ଯେପରି ପୁରୀର ଠାକୁର ରାଜା ଦିବ୍ୟସିଂହ ଦେବଙ୍କୁ ଦ୍ୱୀପାନ୍ତରିତ ଦଣ୍ଡ ପ୍ରଦାନ କରାଯାଇଛି ସେ କଥାକୁ ମଧ୍ୟ ଦୀପିକା ମର୍ମସ୍ପର୍ଶୀ ଭାବରେ ବ୍ୟକ୍ତ କରିଅଛି । ଇଂରେଜ ହାକିମମାନଙ୍କର ବିଚାରକୁ ସେ ଦୀପିକାରେ ପ୍ରକାଶ କରି ଓଡ଼ିଶାର ଜନସାଧାରଣଙ୍କୁ ଅବହିତ କରାଇଅଛନ୍ତି । ଦୀପିକା ଲେଖିଛନ୍ତି—"ଯେଉଁ ବ୍ୟକ୍ତି ଆପଣାକୁ ଦେବତା ମଣି ଓ ଲୋକ ଅଭିମାନ

---

୧୮—ଉତ୍କଳ ଦୀପିକା—୧୫ଶ ଭା/୩୦ ସଂ—ତା ୨୪-୭-୧୮୮୦

କରି ମନୁଷ୍ୟ ସଭାକୁ ଆସିବାର ଅପମାନ ବୋଧ କରନ୍ତି ଓ ଯାହାଙ୍କୁ ମୂର୍ଖଲୋକେ ଚଳନ୍ତି ବିଷ୍ଣୁ କହନ୍ତି ସେ ସାମାନ୍ୟ ମନୁଷ୍ୟଠାରୁ ସ୍ୱତନ୍ତ୍ର ହୋଇ ଏପରି ପଶୁବତ୍ ବ୍ୟବହାର କଲେ ଅତି ଆଶ୍ଚର୍ଯ୍ୟର ବିଷୟ ଅଟେ । ଓ ହୋ ହୋ ସେ କି ନିଷ୍ଠୁରାଚରଣ ନକଲେ । କାଳର କି ଗତି ! କାହାରି ବୃଥା ଅଭିମାନ ଓ ଅହଂକାର ରହି ଦିଏନା । ଦୁଇମାସ ପୂର୍ବେ ସେଠାର କଲେକ୍ଟର ସାହେବ ଶ୍ରୀରତ୍ନେଶ୍ୱରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷରେ ସେଠାରେ ଏକ ମହାନ ସଭା କରି ରାଜାଙ୍କୁ କେତେ ଆଦର ପୂର୍ବକ ଆହ୍ୱାନ କଲେ କିନ୍ତୁ ରାଜା ବୃଥା ଗରିମାରେ ସଭାକୁ ଯିବାର ଅପମାନ ମଣି ସଭାକୁ ବିଜେ କଲେ ନାହିଁ । ଏବେ ହାଜତରେ ବନ୍ଦୀ ହୋଇ ବସିଅଛନ୍ତି ।'' (୧୯) ପୁରୀର ଠାକୁର ରାଜାଙ୍କୁ ବନ୍ଦୀ କରାଯାଇ କଟକରେ ବିଚାର କରାଗଲା । ୧୮୭୮ ମସିହା ମାର୍ଚ୍ଚ ୨୬ ତାରିଖରେ ତାଙ୍କର ଦୌରା ବୈଠକ ହେଲା । "ସେଦିନ ବେଳ ଘ ୧୧ଟା ସମୟରୁ କଚେରୀକୁ କର୍ମଚାରୀ ଛଡ଼ା ନାନା ପ୍ରକାର ଦର୍ଶକଙ୍କର ଆସିବାର ଆରମ୍ଭ ହେଲା । ଅନେକ ଲୋକ କଚେରୀକୁ ନ ଯାଇ ଜେଲଖାନା ସମ୍ମୁଖରେ ବସି ରହିଲେ ଯେ ହାଜତକୁ ଯିବାବେଳେ ରାଜାଙ୍କର ଦର୍ଶନ କରିବେ । ସମସ୍ତ ଶ୍ରେଣୀର ଲୋକଙ୍କର ସମାନରୂପ ଉତ୍ସାହ ଜନ୍ମିଥିଲା । ଆମ୍ଭେମାନେ ଦେଖିଲୁଁ ଯେ ଅନେକ ଦୋକାନୀ ମୁଲିଆ ପ୍ରଭୃତି ଆପଣା ୨ ବୋଝ ପସରା ଇତ୍ୟାଦି ଓହ୍ଲାଇ ରଖି ରାଜାଙ୍କ ବାଟକୁ ଚାହିଁ ରହିଥିଲେ ଓ ଏହି ଅବସ୍ଥାରେ ଏକଦଣ୍ଡରୁ ଅଧିକକାଳ ରହିଲେ ସୁଦ୍ଧା କାହାରି ବାହାରି ଯିବାକୁ ମନ ବଳିଲା ନାହିଁ । ଯେତେବେଳେ ରାଜାଙ୍କର ପାଲିଙ୍କି ଅଦାଲତକୁ ଯାଉଥିଲା ଲୋକେ ଚାରିଆଡ଼ ବେଢ଼ି ଉଚ୍ଚସ୍ୱରରେ ହରିବୋଲ ଧ୍ୱନିକରି ପଛରେ ଦୌଡ଼ିଥିଲେ । ରାଜାଙ୍କ ପାଲିଙ୍କି ସଙ୍ଗେ ୨ ପ୍ରାୟ ଚାରିହଜାର ଲୋକ ଅଦାଲତର ବହିର୍ଦ୍ୱାରରେ ବେଢ଼ିଗଲେ । ଶାନ୍ତିରକ୍ଷା ସକାଶେ କେତେଗୁଡ଼ିଏ ଅଧିକା ପୁଲିସ କର୍ମଚାରୀ ଆସିଥିଲେ କିନ୍ତୁ ଲୋକଙ୍କୁ ସମ୍ମାନ ଅନ୍ତରରେ ରଖିବା

---

୧୯—ଉତ୍କଳ ଦୀପିକା—୧୩ଶ ଖ/୧୩ସ—ତା ୩୦-୩ ୧୮୭୮

ବଡ଼ କଠିନ କର୍ମ ହୋଇଥିଲା । କେତେବେଳ ଯାଏ ହରିବୋଲ ଧ୍ୱନିକରି ପୁଲିସର ପୁନଃ ୨ ତାଡ଼ନାରେ ଲୋକେ ସ୍ଥିର ହେଲେ କିନ୍ତୁ ଅଧିକାଂଶ ଲୋକ ଖରାରେ ସେହିଠାରେ ପଡ଼ିରହି କୂଅର ପାଣି ଶୁଖାଇଲେ ତଥାପି ଘରକୁ ଗଲେ ନାହିଁ । କଟକରୁ ଫେରିବା ସମୟରେ ଏହିପରି ଭିଡ଼ ହୋଇଥିଲା ଓ ସମସ୍ତେ ରାଜାଙ୍କର ମୁକ୍ତି ପ୍ରାର୍ଥନା କରୁଥିଲେ । ପୁରୀର ମହାରାଜଙ୍କୁ ଓଡ଼ିଶାର ମହାରାଜା ବୋଲିଯାଏ ଓ ଯଦ୍ୟପି କି ଅନେକ ବର୍ଷ ହେଲା ସେ ରାଜ୍ୟ ଶୂନ୍ୟ ରାଜା ହୋଇଅଛନ୍ତି ତଥାପି ଅଦ୍ୟାପି ସେ ଲୋକଙ୍କର ରାଜଭକ୍ତି କିଛି ମାତ୍ର ଊଣା ହୋଇନାହିଁ ତହିଁର ଅଭ୍ରାନ୍ତ ଉଦାହରଣ ଏହି ଦୌରା ମିଶିଲରୁ ମିଳୁଅଛି । ଅପରାଧଟି କେମନ୍ତ ଗୁରୁତର ଓ ମହାରାଜା ତାହା କରିଅଛନ୍ତି କି ନାହିଁ ତହିଁର ବିଚାର ଆଡ଼କୁ ଲୋକଙ୍କର ମନ ଯାଉନାହିଁ କେବଳ ମହାରାଜାଙ୍କର ବର୍ତ୍ତମାନ ଦୁରବସ୍ଥା ସମସ୍ତଙ୍କୁ ଅସହ୍ୟବୋଧ ହେଉଅଛି ବୋଲି ତହିଁରୁ ରାଜାମୁକ୍ତ ହେଉନ୍ତୁ ଏହି କଥା ସମସ୍ତେ ମନାସୁ ଅଛନ୍ତି । ବାସ୍ତବରେ ଓଡ଼ିଆମାନଙ୍କର ରାଜଭକ୍ତିକୁ ପଟାନ୍ତର ନାହିଁ ।" (୨୦)

ପୁନଶ୍ଚ ଉକ୍ତ ବିଚାରର ଶେଷରେ ରାଜାଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଆଦେଶ ହେଲା । ଏହି ସମ୍ବାଦରେ ଦୀପିକା ପୁନର୍ବାର ଲେଖିଅଛନ୍ତି—

"× × କିନ୍ତୁ ଏକଥା ଆମ୍ଭେମାନେ ଅବଶ୍ୟ କହିବୁଁ ଯେ ଏ ଆଜ୍ଞା ଶୁଣି ଏନଗରର ଆବାଳବୃଦ୍ଧବନିତା ସମସ୍ତେ ଯତ୍ପରୋନାସ୍ତି ସନ୍ତାପିତ ହୋଇଅଛନ୍ତି ଓ ସମୁଦାୟ ଓଡ଼ିଶାର ଏହି ଭାବ ଜଣାଯାଏ । ଏକ ଜଣ ସକାଶେ ଛୋଟବଡ଼ ସମସ୍ତ ଲୋକଙ୍କୁ ଏପରି ଦୁଃଖିତ ହେବାର କେବେହେଁ ଦେଖାଯାଇ ନାହିଁ । ବିଦେଶୀୟମାନେ ଲୋକଙ୍କର ଏ ପ୍ରକାର ଭାବଦେଖି ଆଶ୍ଚର୍ଯ୍ୟ ହେଉଅଛନ୍ତି କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ତହିଁରେ ବିଚିତ୍ର କିଛି ନାହିଁ । ଯେଉଁ ବଂଶର ପ୍ରବଳ ପ୍ରତାପ ଏକ ସମୟରେ ସମୁଦାୟ ଓଡ଼ିଶା କାହିଁକି ଗୋଦାବରୀଠାରୁ ତ୍ରିବେଣୀ ପର୍ଯ୍ୟନ୍ତ ରାଜ୍ୟ ଖଣ୍ଡରେ ବିରାଜୁଥିଲା କେତେ ୨ ରାଜାଙ୍କର ମଉଡ଼ମଣି

---

୨୦—ଉତ୍କଳଦୀପିକା—୧୩ ଶ ଖ/୧୮ ସଂ—ତା ୩୦-୩-୧୮୭୮

ହୋଇଗଲେ ଏବଂ ଯେଉଁ ବଂଶର ଅସାଧାରଣ କୀର୍ତ୍ତି ଅବଧି କେବଳ ପ୍ରତ୍ୟକ୍ଷ ରହିଅଛି ଏମନ୍ତକୁହେଁ ଲକ୍ଷ ୨ ଲୋକଙ୍କର ପୂଜ୍ୟ ଓ ପ୍ରଶଂସାର ପାତ୍ର ହୋଇଅଛି ସେହି ବଂଶର ବର୍ତ୍ତମାନ ପ୍ରତିନିଧି ଅଜ୍ଞ ସାମାନ୍ୟ ଲୋକପରି ଯାବଜ୍ଜୀବନ କାରାବଦ୍ଧ ହେଲେ ଏମନ୍ତ କଠିନ ହୃଦୟର ଲୋକ କିଏ ଅଛି ଯେ ଏହା ଦେଖି ତାହାର ମନ ବିଚଳିତ ନ ହେବ । ତାହାଙ୍କର ଦୁରବସ୍ଥା ଭାବିଲେ କାହାର ନୟନରୁ ଅଶ୍ରୁ ପତନ ନ ହେବ ।'' (୨୧) ପୁରୀର ଠାକୁର ରାଜାଙ୍କ ପ୍ରତି ଇଂରେଜ ବିଚାରକ ଯେଉଁ ଦଣ୍ଡ ପ୍ରଦାନ କଲେ ସେଥିପ୍ରତି ସମଗ୍ର ଓଡ଼ିଶାର ତଥା ହିନ୍ଦୁଜଗତର ମନ ବିଚଳିତ ହୋଇଉଠିଛି । ଉତ୍କଳଦୀପିକା ସେହି ଭାବକୁ ପ୍ରକାଶ କରିଛି । ଶ୍ରୀଜଗନ୍ନାଥ ଓ ପୁରୀର ଠାକୁର ରାଜାଙ୍କୁ ଓଡ଼ିଆଜାତି ଏକ ଭାବରେ ବିଚାର କ-ର । ଶ୍ରୀଜଗନ୍ନାଥଙ୍କ ପ୍ରତି ଅସୀମ ଭକ୍ତିହିଁ ଠାକୁରରାଜାଙ୍କ ପ୍ରତି ଭକ୍ତିର କାରଣ । ତେଣୁ ଉତ୍କଳଦୀପିକା ସେହି ପାରମ୍ପରିକ ଭକ୍ତି ଭାବକୁ ବିଭିନ୍ନ ସଂଖ୍ୟାରେ· ପ୍ରକାଶ କରିଅଛି ।

ଊନବିଂଶ ଶତାବ୍ଦୀର ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ ଓ ଧର୍ମଧାରାକୁ ଗୌରୀଶଙ୍କର ସ୍ପଷ୍ଟଭାବରେ ଉପଲବ୍ଧି କରିଥିଲେ । ତେଣୁ ଉତ୍କଳଦୀପିକାର ବିଭିନ୍ନ ସଂଖ୍ୟାରେ ସେକାଳର ବିଭିନ୍ନ ଧର୍ମଧାରାକୁ ପ୍ରକାଶ କରି ଓଡ଼ିଶାର ଜନସାଧାରଣଙ୍କୁ ଅବହିତ କରାଇଥିଲେ । ସେ ନିଜେ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ମଧ୍ୟ ହିନ୍ଦୁଧର୍ମ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା ଓ ଆନୁଗତ୍ୟ । ପଣ୍ଡିତ ମୃତ୍ୟୁଞ୍ଜୟ ତାଙ୍କ ସମ୍ପର୍କରେ ଲେଖିଛନ୍ତି—''ଗୌରୀଶଙ୍କର ବ୍ରହ୍ମସମାଜର ରକ୍ଷଣଶୀଳ ବିଭାଗର ଅନ୍ତର୍ଭୁକ୍ତ ଥିଲେ । ସୁତରାଂ ହିନ୍ଦୁ ସମାଜ ସହିତ ତାଙ୍କର ବିଚ୍ଛେଦ କେବେ ଘଟି ନଥିଲା । ବସ୍ତୁତଃ ସେ ବ୍ରାହ୍ମଧର୍ମ ଓ ବ୍ରାହ୍ମୋପାସନାକୁ ହିନ୍ଦୁଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ସଂସ୍କାର ଦ୍ୱାରା ନାନା ଅସାର ଅଂଶ ଓ ଆବର୍ଜନା ଦୂର କରି ସରଳ ଶୁଦ୍ଧ ବ୍ରହ୍ମଧର୍ମ ଗ୍ରହଣ କରିବା ଓ ଜୀବନରେ ବ୍ରହ୍ମୋପାସନାକୁ ସାର ବୋଲି

---

୨୧—ଉତ୍କଳଦୀପିକା—୧୩ ଶ ଭା/୧୫ ସଂ—ତା ୧୩-୪-୧୮୭୮

ଅବଲମ୍ବନ କରିବା ହିନ୍ଦୁର କର୍ତ୍ତବ୍ୟ ବୋଲି ସେ ମନେ କରୁଥିଲେ କିନ୍ତୁ ଉକ୍ତ ସଂସ୍କାରପଥକୁ କୌଣସି କାଳେ ସେ ପସନ୍ଦ କରୁ ନଥିଲେହେଁ ସର୍ବ ପ୍ରକାର ସଂସ୍କାର କାର୍ଯ୍ୟରେ ତାଙ୍କର ସହାନୁଭୂତି ଚିରଦିନ ଅକ୍ଷୁଣ୍ଣ ଥିଲା ।" (୨୨) ଅତଏବ ଗୌରୀଶଙ୍କର ବ୍ରାହ୍ମଧର୍ମାବଲମ୍ବୀ ହେଲେହେଁ ହିନ୍ଦୁ ଧର୍ମକୁ ଘୃଣା କରିନାହାନ୍ତି । ବରଂ ହିନ୍ଦୁଧର୍ମର ସାରତତ୍ତ୍ୱକୁ ସେ ସମ୍ମାନ ଦେଇ ଅଛନ୍ତି । ତତ୍ସହିତ ଶ୍ରୀଜଗନ୍ନାଥଧର୍ମ ଦର୍ଶନ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ସୂଚିତ ହୋଇଅଛି । ମହିମାଧର୍ମ ପ୍ରତି ମଧ୍ୟ ତାଙ୍କର ଉଦାର ଦୃଷ୍ଟିକୋଣ ପ୍ରକଟିତ ହୋଇଅଛି । ଖ୍ରୀଷ୍ଟଧର୍ମ ପ୍ରତି ତାଙ୍କର ବିଦ୍ୱେଷ ନଥିଲେହେଁ ଯେଉଁଠି ସରଳ ହିନ୍ଦୁମାନଙ୍କୁ ଧର୍ମାନ୍ତରଣ କରିବାର ଉଦ୍ୟମ ହୋଇଛି ସେଠି ସେ ଦୀପିକା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଅଛନ୍ତି ।

## ଉତ୍କଳ ସାହିତ୍ୟ ଓ 'ଉତ୍କଳ ଦୀପିକା'

'ଉତ୍କଳ ଦୀପିକା' ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟ ମୁହୂର୍ତ୍ତରେ ଆତ୍ମପ୍ରକାଶ କରିଥିଲା । ଯେଉଁ ସମୟରେ ବଙ୍ଗୀୟ ଭଦ୍ରବ୍ୟକ୍ତିମାନେ ଓଡ଼ିଆ ସାହିତ୍ୟର ଅସାରତା ପ୍ରତିପାଦନ କରୁଥିଲେ ସେହି ସମୟରେ ଉତ୍କଳଦୀପିକା ସେମାନଙ୍କର ଯୁକ୍ତିକୁ ଅମୂଳକ କରି ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୌରବକୁ ପ୍ରଚାର କଲା । ୧୯୧୬ ମସିହାରେ ଉତ୍କଳସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନରେ ଅଭିଭାଷଣ ଦେଇ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆନ୍ତରିକ ଶ୍ରଦ୍ଧା ଓ ଅନୁରକ୍ତି ପ୍ରକାଶ କରିଥିଲେ । ସେ ଏହି ଅଭିଭାଷଣରେ କହିଥିଲେ —"ଉତ୍କଳ ସାହିତ୍ୟ ମୋତେ ଅତି ଅଳ୍ପ ଜଣା । ଶିଶୁ ଅବସ୍ଥାରେ ଗୋପୀଭାଷାଦି ଯାହା ପଢ଼ିଥିଲି, ତାହା କେବଳ ଅକ୍ଷର ଚିହ୍ନିବା ନିମନ୍ତେ । ଅର୍ଥ ବୁଝିବା କ୍ଷମତା ଅଥବା ବୁଝାଇବା ଶକ୍ତି ସେତେବେଳେ ନଥିଲା । ପରେ ଇଂରାଜୀ ସ୍କୁଲରେ ମୋର ଓଡ଼ିଆ ଶିକ୍ଷା ମିଶନ

---

୨୨—ପଣ୍ଡିତ ମୃତ୍ୟୁଞ୍ଜୟ ରଥ—ଗ୍ରନ୍ଥାବଳୀ—ପୃ ୩୯୫-୩୯୬

ଛାପାଖାନାରେ ମୁଦ୍ରିତ ନୀତି କଥା ହିତୋପଦେଶ ପ୍ରଭୃତି ସୀମାକୁ ଡେଇଁ ନଥିଲା; ସୁତରାଂ, ଉତ୍କଳସାହିତ୍ୟର ପରିଚୟ ଆଦୌ ପାଇ ନଥିଲା, ବୋଲିବା ଅତ୍ୟୁକ୍ତି ନୁହେଁ । ସ୍କୁଲ ଛାଡ଼ ସରକାରୀ କାର୍ଯ୍ୟ ପାଇ କେତେକଜଣ କଟକରଆ ବନ୍ଧୁଙ୍କଠାରୁ ବୈଦେହୀଶ ବିଳାସ ପ୍ରଭୃତିର ଦୁଇ ଏକ ପଦ ଅର୍ଥ ସହିତ ଶୁଣି ସେ ଆଡ଼କୁ ମୋର ମନ ଧାଇଁଲା ଏବଂ କେତେଜଣ ଅନ୍ତପ୍ରିୟବନ୍ଧୁ, ଯଥା ସ୍ୱର୍ଗୀୟ ବନମାଳୀ ସିଂହ, ରାଧାମୋହନ ପଟ୍ଟନାୟକ, ଜଗମୋହନ ଲାଲ, ଶ୍ୟାମମୋହନ ସେନ ଆଦି ମିଶି ନିତ୍ୟ ସନ୍ଧ୍ୟାବେଳେ ଅନ୍ତତଃ ଏକଘଣ୍ଟା ପ୍ରେମସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠକରି, ଉତ୍କଳସାହିତ୍ୟର ସ୍ୱାଦ ପାଇଲୁଁ ଏବଂ ସେସବୁ ପ୍ରଚାରର ସୁବିଧା ନିମନ୍ତେ ଛାପାଖାନାର ଅଭାବ ବିଶେଷ ରୂପେ ଅନୁଭୂତ ହେଲା । × × × × ଉତ୍କଳର ପୂର୍ବଗୌରବ ଯେମନ୍ତ ଏକଦା ଗଡ଼ର ଭୁବନେଶ୍ୱର, ପୁରୀ ମନ୍ଦିରାଦି, ସେମନ୍ତ ଅନ୍ୟଦିଗରେ ପୂର୍ବ ରଚିତ ଉତ୍କୃଷ୍ଟ ସାହିତ୍ୟ ଗ୍ରନ୍ଥମାନ ଜ୍ୱଳନ୍ତ ଭାଷାରେ ଜଣାଇ ଦେଉଅଛି । ସେସବୁ ଗ୍ରନ୍ଥ ମୁଁ କିଞ୍ଚିତ ପାଠ କରି ମୁଗ୍ଧ ହୋଇଅଛି ଏବଂ ସେଥିର ମାଧୁର୍ଯ୍ୟ ଏତେ ଅଧିକ ଯେ ବର୍ତ୍ତମାନ କାଳର ଶିକ୍ଷିତ ସମାଜ ସେ ଆଡ଼କୁ ଅଧିକ ମନ ଦେଉ ନଥିଲେହେଁ ଜନସାଧାରଣଙ୍କ ଆଦର ଅବଧି ଊଣା ହୋଇନାହିଁ ।” ପ୍ରାଚୀନ ସାହିତ୍ୟର ଯଥାର୍ଥ ମୂଲ୍ୟ ଅବଧାରଣ ପାଇଁ ଗୌରୀଶଙ୍କର ପୁନଶ୍ଚ ତାଙ୍କର ସେହି ଅଭିଭାଷଣରେ କହିଥିଲେ—“ପ୍ରାଚୀନ କାବ୍ୟ ଚର୍ଚ୍ଚାର ଅନ୍ୟାନ୍ୟ ବାଧା ମଧ୍ୟରେ ଗୋଟିଏ ପ୍ରଧାନ ଏହିକି, କେତେକ ଶିକ୍ଷିତ ଯୁବା ତହିଁରେ ଆଦିରସର ବାହୁଲ୍ୟ ଦେଖି ଅଶ୍ଳୀଳ ବୋଲି ଶଙ୍କା କରି ଶିକ୍ଷିତ ସମ୍ପ୍ରଦାୟ କାହିଁକି ଧାର୍ମିକମାନଙ୍କ ମନ ମୁଦ୍ଧା ବିଗାଡ଼ିଦେଲେ । ଏ ଶଙ୍କାର ଏତେ ଦୂରକୁ ଉଠିଲା ଯେ, ବାବୁ ଶ୍ୟାମମୋହନ ସେନ ପ୍ରାଥମିକ ବିଦ୍ୟାଳୟରୁ ଚାଣକ୍ୟ ଉଠାଇବାକୁ ଚେଷ୍ଟା କରନ୍ତେ, ତହିଁରେ କେଉଁଠାରେ ଅଶ୍ଳୀଳ ବାକ୍ୟ ଥିବା ଦେଖାଇ କେହି କେହି ବିଫଳ କରାଇଲେ । ପ୍ରାଚୀନ କାବ୍ୟ ଓ ଚାଣକ୍ୟ ବିଦ୍ୟାଳୟର ପାଠ୍ୟ ନ ହେବାଦ୍ୱାରା ସାହିତ୍ୟ ନୀତିଶିକ୍ଷାର

କେମନ୍ତ ବ୍ୟାଘାତ ହୋଇଅଛି, ତାହା ଚିନ୍ତାଶୀଳ ବ୍ୟକ୍ତିମାନେ ସହଜରେ ବୁଝିପାରିବେ । ଆଦିରସ ପ୍ରକଟିତ ମୂର୍ତ୍ତିମାନ ମନ୍ଦିର ଦେହରେ ଥିବାପରି କାବ୍ୟରେ ତାହା ଥିବାହେତୁ ସେସବୁ ପରିତ୍ୟକ୍ତ ବିଲୁପ୍ତ ହୋଇ ନାହିଁ । ଧର୍ମପ୍ରାଣ ଯାତ୍ରୀ ଓ ସାଧକବୃନ୍ଦ ଅନ୍ୟଆଡ଼େ ଦୃଷ୍ଟି ନଦେଇ ନିଷ୍ଠା ପୂର୍ବକ ଦେବସେବା କରୁଅଛନ୍ତି । ଫଳତଃ ଇଦାନୀଂ ଧର୍ମ ଓ ସୁନୀତିର ଶିଥିଳତା ନାନା କାରଣରୁ ଘଟୁଅଛି । ସେଥି ସକାଶେ ପ୍ରାଚୀନ କାବ୍ୟକୁ ଦାୟୀ କରିବା ସୁସଙ୍ଗତ ନୁହେଁ ।" (୨୩) ଏହି ଅଭିଭାଷଣରୁ ଗୌରୀଶଙ୍କରଙ୍କର ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି କପରି ଗଭୀର ମମତା ଥିଲା ତାର ଯଥାର୍ଥ ସୂଚନା ମିଳିଥାଏ । 'ଉତ୍କଳପୁତ୍ର' ଠାରୁ ଭଞ୍ଜସାହିତ୍ୟ ତଥା ରୀତିସାହିତ୍ୟ ବିରୋଧୀ ଯେଉଁ ଆଲୋଚନା ଆରମ୍ଭ ହୋଇ 'ଉତ୍କଳପ୍ରଭା'ରେ ତୀବ୍ର ଆକାର ଧାରଣ କରିଥିଲା ଏବଂ 'ବିଜୁଳି'ରେ ତାର ପୂର୍ଣ୍ଣାହୁତି ପଡ଼ିଥିଲା ସେହିସବୁ ଆଲୋଚନାକୁ ଗୌରୀଶଙ୍କର ଲକ୍ଷ୍ୟ କରିଥିଲେ । ତେଣୁ 'ଦୀପିକା'ରେ ସେ ଭଞ୍ଜୀୟ କାବ୍ୟ ସପକ୍ଷରେ ନାନା ଯୁକ୍ତି ଉପସ୍ଥାପନ କରି ବିପକ୍ଷମାନଙ୍କର ବକ୍ତବ୍ୟକୁ ଖଣ୍ଡନ କରିଥିଲେ ।

୧୯୧୭ ମସିହାବେଳକୁ ଗୌରୀଶଙ୍କର ଯେଉଁ ମତ ପ୍ରଦାନ କରିଥିଲେ ୧୮୭୪ ମସିହା ବେଳକୁ ତାହା ଥିଲା ଭିନ୍ନ ପ୍ରକାର । ସେ ପ୍ରାଚୀନ ସାହିତ୍ୟକୁ ସମର୍ଥନ କରୁଥିଲେ ମଧ୍ୟ ତାହାର ଦୋଷ ଦେଖାଇ ଅଛନ୍ତି । ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ସେ ମଧ୍ୟ ଆଶାନ୍ୱିତ ଆହ୍ୱାନ ଦେଇଅଛନ୍ତି । ଅଥଚ 'ଉତ୍କଳପୁତ୍ର' କହୁଛି—"ଉତ୍କଳ ସାହିତ୍ୟର ଅବସ୍ଥା ଯେ ଅଦ୍ୟାବଧି ଶୋଚନୀୟ, ଏକଥା କିଏ ଅସ୍ୱୀକାର କରିବ ? ଆଜ ପର୍ଯ୍ୟନ୍ତ ସରସ, ସୁଲଳିତ, ଶୃଙ୍ଗାରରସ ବିବର୍ଜିତ, ମନୋଦୁଃଖହର ଓ ପ୍ରୀତି ପ୍ରଦ ଖଣ୍ଡିଏ ଗଦ୍ୟକି ପଦ୍ୟ ମୂଳଗ୍ରନ୍ଥ ଓଡ଼ିଆ ଭାଷାରେ ଦେଖିବାକୁ ପାଇବା ଦୁଷ୍କର । ନାଟକ ଓ ଉପନ୍ୟାସ ଗୀତ ଓ

---

୨୩—'ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନରେ ଗୌରୀଶଙ୍କରଙ୍କ ଅଭିଭାଷଣ'—ମୁଖୋପାଧ୍ୟାୟ ଗ୍ରନ୍ଥାବଳୀ —ପୃ ୩୫୪-୩୫୫

ଅଦ୍ୟାବଧି ପ୍ରକୃଷ୍ଟରୂପେ ଏ ଭାଷାରେ ପ୍ରବେଶ କରିପାରି ନାହିଁ। ସେନାପତି ରଚିତ ଭାରତବର୍ଷର ଇତିହାସ ଓ ଅମୁଦ୍ରିତ ବଙ୍ଗଳାରୁ ଅନୁବାଦିତ ଦୁଇ ଏକଖଣ୍ଡ ଇଂଲଣ୍ଡ ଇତିହାସ ଛଡ଼ା ପ୍ରକୃତ ଇତିହାସ ଏ ଭାଷାରେ ଆଉ ଥିବାର ତ ଆମ୍ଭମାନଙ୍କୁ ଜଣା ନାହିଁ। ଉପାଖ୍ୟାନ କି ଭ୍ରମଣ ବୃତ୍ତାନ୍ତ ବିଷୟକ ପୁସ୍ତକ ମୂଳରୁ ଦୁଷ୍ପ୍ରାପ୍ୟ। × × × ଶୁଦ୍ଧ ସାହିତ୍ୟର ଗଦ୍ୟ, ସ୍ଥୂଳରେ ଆନନ୍ଦଦାୟକ ନୁହେଁ। ତେବେ ଏ ବିଭାଗରେ ପ୍ରକୃତ ଯାହାକିଛି ଅଛି ତାହା କେବଳ ପୂର୍ବକାଳୀୟ ଦୀର୍ଘ ଶବ୍ଦାଡ଼ମ୍ବର ବିଶିଷ୍ଟ, ଯାତ୍ରିକଭାବ ପୂର୍ଣ୍ଣ, ଅଶ୍ଳୀଳ ଭାଷା ମଣ୍ଡିତ ଓ ସ୍ଥାନ ଅସ୍ଥାନରେ ଅବଶ୍ୟ ହୃଦୟ ମୋହନକାରୀ ସରଳ ଭାଷାରେ ଲଖିତ, ସୁଲଳିତ ଓ ସ୍ୱାଭାବିକ ଭାବଯୁକ୍ତ, ଭଞ୍ଜ, ବ୍ରହ୍ମା, ଦାସ, ସାମନ୍ତସିଂହାର ପ୍ରଭୃତି କବି କଦମ୍ବଙ୍କ ଲୌହ ଲେଖନୀ ସମ୍ଭୂତ ଖଣ୍ଡି କେତେ କାବ୍ୟ। କିନ୍ତୁ ଏ ଗ୍ରନ୍ଥାବଳୀର ଅବସ୍ଥା ଏ ରୂପ ନୁହେଁ, ଯେ ସୁକୁମାରମତି ଶିଶୁ କି ଯୌବନୋନ୍ମୁଖୀ ବାଳକ ସମସ୍ତଙ୍କ ହସ୍ତରେ ଏ ସବୁକୁ ନିର୍ଭୟରେ ଅର୍ପଣ କରାଯାଏ। ଆଜିକାଲି ଲୋକଙ୍କ ରୁଚି କ୍ରମଶଃ ପରିବର୍ତ୍ତିତ ହେଉଅଛି। ଓଡ଼ିଶାରେ ଏ ପରିବର୍ତ୍ତନ ଯଦି ବିଶେଷରୂପେ ପ୍ରତ୍ୟକ୍ଷୀଭୂତ ହୋଇନାହିଁ, ତଥାପି ସେ ପରିବର୍ତ୍ତନର ସମୟ ଅଦୂରବର୍ତ୍ତୀ ଏକଥା ସ୍ପଷ୍ଟ ଦେଖାଯାଉଅଛି। ଦିନ ଦିନ ପାଶ୍ଚାତ୍ୟ ଜ୍ଞାନ ଓ ପାଶ୍ଚାତ୍ୟ ସଭ୍ୟତା ଯେପରି ଗତି ବିସ୍ତାର କରୁଅଛି, ସେଥିରେ ଏକ ନୂତନ ପ୍ରକାରର ରୁଚି ଶୀଘ୍ର ହେଉ ବିଳମ୍ବରେ ହେଉ ଯେ ଦିନେ ଭାରତବର୍ଷକୁ ଆକ୍ରମଣ ସୁତରାଂ ଓଡ଼ିଶାରେ ମଧ୍ୟ ଗତି ନିକ୍ଷେପ କରିବ ଏଥିରେ ଦ୍ୱିଧା ଉପସ୍ଥିତ ହେଉ ନାହିଁ।''(୨୪) 'ଉତ୍କଳପୁତ୍ର' ପ୍ରାଚୀନ ସାହିତ୍ୟର ତୀବ୍ର ସମାଲୋଚନା କରିଅଛି। ଦୀପିକା କିନ୍ତୁ ପ୍ରାଚୀନ ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣ କରି ସେଥିରୁ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବିଚାର କରିଅଛି। ''ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ'' ପ୍ରତିପକ୍ଷମାନଙ୍କର ଏହି ଉକ୍ତିକୁ ବିରୋଧ କରିବାକୁ ଯାଇ ଦୀପିକା ଲେଖିଥିଲେ—''ବିଦ୍ୟାସୁନ୍ଦର

୨୦—ଉତ୍କଳ ପୁତ୍ର—୨ୟ ଖ/୪ ସ—ତା ୩-୬-୮୭୪

ରଚନାର ଅନେକବର୍ଷ ପୂର୍ବରେ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଅଛନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତଚନ୍ଦ୍ରଙ୍କଠାରୁ ଅଧିକ ଚସକାସ୍ଥା ଲାଭ କରିଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଆଜି କି ପର୍ଯ୍ୟନ୍ତ ବିଦ୍ୱାନ ମଣ୍ଡଳୀରେ ସମାଦୃତ ହୋଇଅଛି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଆଦ୍ୟରସ ଘଟିତ କୁପ୍ରିତ ଶ୍ରବାଶ୍ରିତ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ । ମାତ୍ର ରସକଲ୍ଲୋଳ ଯେ ସବୁ ବିଷୟରେ ବିଦ୍ୟାସୁନ୍ଦରଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ । ଏହି ବାକ୍ୟର ଦୃଢ଼ତା କାରଣ ପ୍ରମାଣ ଦର୍ଶାଇବା ବାହୁଲ୍ୟ ମାତ୍ର । ଯେ ସହୃଦୟ ବ୍ୟକ୍ତି ଏହି ଗ୍ରନ୍ଥ ଦ୍ୱୟ ପାଠ କରିଅଛନ୍ତି ସେହି ଏହି ଗ୍ରନ୍ଥଦ୍ୱୟର ଉତ୍କର୍ଷାପକର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ପୂର୍ବେ ଆହୁରି ମଧ୍ୟ ଅନେକ କବି ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଓଡ଼ିଶାର କବି କୁଳକେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରନ୍ତି ମାତ୍ର ଇଦାନୀଂ ପ୍ରଶଂସିତ କବି ରଚିତ ୨୦।୨୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।"(୨୨) ଏହିପରି ଓଡ଼ିଆ ସାହିତ୍ୟର ଭିନ୍ନ ଦିଗ ସମ୍ପର୍କରେ ଦୀପିକା ଭିନ୍ନ ସମୟରେ ସ୍ୱତନ୍ତ୍ର ମତ ପ୍ରଦାନ କରିଅଛି । ପ୍ରାଚୀନ ସାହିତ୍ୟକୁ ଦୀପିକା ନିନ୍ଦା କରି ନାହିଁ । ବରଂ ଓଡ଼ିଆ ଜାତୀୟତାର ମୂଳପିଣ୍ଡ ରୂପେ ପ୍ରାଚୀନ ସାହିତ୍ୟକୁ ଗ୍ରହଣ କରିଅଛି । ପ୍ରାଚୀନ ସାହିତ୍ୟର ପ୍ରଶଂସା କଲେହେଁ ନୂତନ ସାହିତ୍ୟକୁ ନିନ୍ଦା କରିନାହିଁ । ବରଂ ନୂତନ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଦୀପିକା ଦେଇଛି ପ୍ରେରଣା । ଯେଉଁଠି ଅଯଥାରେ ପ୍ରାଚୀନ ସାହିତ୍ୟର ଅପନିନ୍ଦା କରାଯାଇଛି ସେଇଠି ଦୀପିକା ତାର ପ୍ରତିବାଦ କରିଅଛି ।

---

୨୨—ଉତ୍କଳଦୀପିକା—୧ମ ଭା/୨୨ସ---ତା ୨୦-୫-୧୮୬୭

## ବାର୍ତ୍ତାମୁଖୀ ସମାଲୋଚନା ଓ 'ଉତ୍କଳଦୀପିକା'

ଓଡ଼ିଆ ସାହିତ୍ୟରେ ସମାଲୋଚନାର ବିଧିବଦ୍ଧ ବିକାଶ ପୂର୍ବରୁ ସର୍ବପ୍ରଥମେ ଉତ୍କଳଦୀପିକାରେ ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ ହୋଇଥିଲା । ଏହି ଧାରା ପରବର୍ତ୍ତୀ କାଳରେ ବାଲେଶ୍ୱର ସମ୍ବାଦବାହିକା, ଉତ୍କଳପୁତ୍ର, ଓଡ଼ିଆ ଓ ନବସମ୍ବାଦ ପତ୍ର ପତ୍ରିକାରେ ପ୍ରଚଳିତ ହୋଇଥିଲା । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏସବୁ ପତ୍ରପତ୍ରିକାମାନ ସଂକ୍ଷିପ୍ତ ସମାଲୋଚନା ସାମ୍ବାଦିକ ଶୈଳୀରେ ପ୍ରକାଶ କରୁଥିଲେ ସେହିପରି ମଧ୍ୟ ସମସାମୟିକ ସାହିତ୍ୟ ସୃଷ୍ଟି ସଂପର୍କରେ ନାନା ମନ୍ତବ୍ୟ ପ୍ରଦାନ କରୁଥିଲେ । ଏ ଦିଗରେ 'ଉତ୍କଳଦୀପିକା' ଥିଲା ଅଗ୍ରସାରଥି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରାଥମିକ ସୃଷ୍ଟି ସଂପର୍କରେ ସର୍ବପ୍ରଥମେ "ଜନୈକ ବିଦ୍ୟାରସିକ"ଙ୍କ ପତ୍ର ମାଧ୍ୟମରେ ଦୀପିକାରେ ସମାଲୋଚନା ପ୍ରକାଶ ପାଇଥିଲା । ୧୮୬୭ ମସିହା ଫେବ୍ରୁୟାରୀ ୨୪ ତାରିଖ ସଂଖ୍ୟାରେ ଫକୀରମୋହନଙ୍କ "ଜୀବନଚରିତ" ଗ୍ରନ୍ଥର ଭାଷା ପ୍ରୟୋଗ ବିଧି, ବାକ୍ୟ ଗଠନ ଶୈଳୀ ଇତ୍ୟାଦି ବିଷୟରେ ସମାଲୋଚନା କରାଯାଇଅଛି । ତାଙ୍କର ଭାଷା ଓ ବାକ୍ୟ ଗଠନରେ ବଙ୍ଗଳା ଭାଷାର ବହୁଳ ପ୍ରଭାବ ସମାଲୋଚକ ଦେଖାଇ ଅଛନ୍ତି । ଏହି ସମୟରୁହିଁ ଓଡ଼ିଆ ସମାଲୋଚନାର ଆରମ୍ଭ ହୋଇଅଛି । ପରେ ଫକୀରମୋହନ ନିଜର ଭାଷା ପ୍ରୟୋଗ ସମ୍ପର୍କରେ ସତର୍କ ହେଲେ ଏବଂ ତାଙ୍କର ସାହିତ୍ୟ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନ ପ୍ରେରଣା ।

"ଉତ୍କଳଦୀପିକା" ଏହି ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ପରବର୍ତ୍ତୀକାଳରେ ବିଭିନ୍ନ ସାହିତ୍ୟିକ କୃତି ସମ୍ପର୍କରେ ପ୍ରକାଶ କରିଥିବା ଦେଖାଯାଏ । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏହା ମନ୍ତବ୍ୟ ପ୍ରକାଶ କରିଅଛି ସେହିପରି ମଧ୍ୟ ଆଧୁନିକ ଯୁଗରେ ରଚିତ ବିଭିନ୍ନ ଗ୍ରନ୍ଥ ମାନଙ୍କ ବିଷୟରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି । ଉତ୍କଳଦୀପିକାର ମନ୍ତବ୍ୟ ଥିଲା ସେ କାଳର ନୂତନ ସୃଷ୍ଟ ସାହିତ୍ୟ ପ୍ରତି ଏକ ଯଥାର୍ଥ ଦର୍ପଣ ।

ଓଡ଼ିଆ ଯାତ୍ରା, ଲୀଳା ଓ ନାଟକ ସମ୍ପର୍କରେ ଉତ୍କଳଦୀପିକା ମଧ୍ୟ ବିଭିନ୍ନ ସମୟରେ ନାନା ମନ୍ତବ୍ୟ ପ୍ରକାଶ କରିଅଛି । ଓଡ଼ିଆ ଯାତ୍ରା ସମ୍ପର୍କରେ ଦୀପିକା ଲେଖିଥିଲେ—"ସଂପ୍ରତି ଓଡ଼ିଶାରେ ଯାହା ଯାତ୍ରା ନାମରେ ଖ୍ୟାତ ହୋଇଅଛି ଓ ଯାହାକୁ ନିରୁପାୟ ହୋଇ ଭଦ୍ରଲୋକମାନେ ଏବଂ ବିଶେଷରେ ଦେଖିବାକୁ ବାଧ୍ୟ ହୁଅନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତହିଁରେ ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ । ବଙ୍ଗଭାଷାରେ ହେଉ ପଛକେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସ୍ଥାରେ ପ୍ରବୃତ୍ତ ହୋଇଅଛନ୍ତି ଏହାକୁ ଆମ୍ଭେମାନେ ଗୋଟିଏ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁଁ । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଶାବାସୀମାନେ ଏହାକୁ ପ୍ରଚୁର ପରିମାଣରେ ଉତ୍ସାହିତ କରିବେ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ସତ୍‌ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ବିବେଚିତ ଲୋକଙ୍କ ସାହାଯ୍ୟ ବିନା ଏସବୁ ବ୍ୟାପାର ସାଧନ ହୋଇ ନପାରେ ।" (୨୬) ଏହି ସମାଲୋଚନା ସାମୟିକ । ତଥାପି ଏଥିରୁ ଓଡ଼ିଆ ଯାତ୍ରାର ସଂସ୍କାର ସମ୍ପର୍କରେ ପ୍ରେରଣା ମିଳିଥାଏ । ପୁନଶ୍ଚ ଦୀପିକା ଯାତ୍ରା ସମ୍ପର୍କରେ ଲେଖିଥିଲେ—"ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦିଟା ପ୍ରାୟ ବହୁତ ସ୍ଥଳରେ ଦେଖାଯାଏ, ଏମନ୍ତ କି କଟକ ଜିଲ୍ଲାର ପ୍ରତି ବଡ଼ ବଡ଼ ଗ୍ରାମରେ ଏଥିର ଏକ ଏକ ଆଖଡ଼ା ଅଛି । ସୁଭଦ୍ରାହରଣ ପ୍ରଭୃତି କେବଳ ଭଦରଖିଆମାନେ କରନ୍ତି ମାତ୍ର ଆମ୍ଭେମାନେ ଯେତେଦୂର ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାସନା ସୁଦ୍ଧା ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲାଯାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ । କେବଳ ସଜବେଶ ହୋଇ ଗୁଡ଼ାଏ ପୋଥି ବୋଲନ୍ତି ବା କଥାବାର୍ତ୍ତା କରନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ

---

୨୬— ଉତ୍କଳ ଦୀପିକା— ତା ୧୦-୧୧-୧୮୭୬

ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି । ସଙ୍ଗୀତ ସହକାରେ ଯାତ୍ରା କରିବା ଆଦୌ ଏଠାରେ ଲୋକେ ଜାଣନ୍ତି ନାହିଁ ।'' (୨୭) ଓଡ଼ିଆ ଯାତ୍ରା, ଲୀଳା ଓ ଗୀତିନାଟକ ସମ୍ପର୍କରେ ଦୀପିକା ଅନେକ ସମୟରେ ବିଭିନ୍ନ ମନ୍ତବ୍ୟମାନ, ପ୍ରଦାନ କରିଅଛି । ରଘୁନାଥ ପରିଚ୍ଛାଙ୍କ ଗୀତିନାଟକ 'ଗୋପୀନାଥ ବଲ୍ଲଭ' ସମ୍ପର୍କରେ ମଧ୍ୟ ଆଦ୍ୟ ସମାଲୋଚନା ଦୀପିକାରୁ ଦେଖିବାକୁ ମିଳଥାଏ ।

'ବାବାଜୀ' ନାଟକ ତଥା 'କାଞ୍ଚିକାବେରୀ' ନାଟକ ସମ୍ପର୍କରେ 'ଦୀପିକା' ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି । ବାବୁ ଜଗମୋହନ ଲାଲଙ୍କ କୃତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ବାବାଜୀ ନାଟକ ସମ୍ପର୍କରେ 'ଦୀପିକା' କହନ୍ତି—''ଆମ୍ଭେମାନେ ଏ ପୁସ୍ତକ ଖଣ୍ଡି ଅତ୍ୟନ୍ତ ସମାଦର ସହିତ ଗ୍ରହଣ କରିଅଛୁଁ । ଓଡ଼ିୟା ଭାଷାରେ ଏପର୍ଯ୍ୟନ୍ତ ନାଟକ ରଚନା ହୋଇ ନଥିଲା । ଏହି ପୁସ୍ତକ ତାହାଁର ପ୍ରଥମ ଉଦ୍ୟମ ଅଟଇ । ବାବୁ ଜଗମୋହନ ଲାଲ ଓଡ଼ିୟା ସାହିତ୍ୟ ସଂସାରରେ ନିତାନ୍ତ ଅପରିଚିତ ନୁହନ୍ତି । ସମାଲୋଚିତ ଗ୍ରନ୍ଥ ରଚନାରେ ସେ ଅଧିକ କୃତକାର୍ଯ୍ୟ ହୋଇଅଛନ୍ତି । ଇଂରାଜୀ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁ ନାହିଁ ସତ୍ୟ ମାତ୍ର ବଙ୍ଗଳା ଭାଷାରେ ନାଟକ ନାମରେ ଯେତେ ପ୍ରକାର ରଚନା ବାହାରିଅଛି ତାହିଁ ସଙ୍ଗେ ତୁଳନା କଲେ ଏହାର ନାମ ନାଟକ ହେବା ବଡ଼ ଦୂଷଣୀୟ ନୁହଇ । ନିତାନ୍ତ ପକ୍ଷରେ ନାଟକର ଭାଷା ଓ ରଚନାର ଛଟା କି ପ୍ରକାର ହେବ ଏସବୁ ଅତି ଚମତ୍କାର ରୂପେ ଗ୍ରନ୍ଥକର୍ତ୍ତା ଦର୍ଶାଇ ଅଛନ୍ତି ଓ ଅନେକ ଲୋକ ଏହାକୁ ଆଗ୍ରହ ପୂର୍ବକ ପଢ଼ିବାର ଦେଖାଯିବାରୁ ଅନାୟାସରେ ବୋଲାଯାଇ ପାରେ ଯେ ବର୍ତ୍ତମାନର ରୁଚିକୁ ଏହା ବଡ଼ ସୁନ୍ଦର ହୋଇଅଛି । ଭଣ୍ଡ ମଠଧାରୀଙ୍କ ଦୋଷ ପ୍ରକାଶ କରିବା ଏବଂ ଭୂତ ଡାଆଣୀ ଜଡ଼ି ମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ଭ୍ରମ ଓ କୁସଂସ୍କାର ଛେଦନ କରିବା ଏ ଗ୍ରନ୍ଥର ମୋକ୍ଷ ଉଦ୍ଦେଶ୍ୟ

---

୨୭—ଉତ୍କଳ ଦୀପିକା—ତା ୨୮-୧୦-୧୮୭୭

ଜଣାଯାଏ ଓ ଚର୍ଣ୍ଣରେ ଗ୍ରନ୍ଥକର୍ତ୍ତା ଆଶାତିରିକ୍ତ କୃତକାର୍ଯ୍ୟ ହୋଇ ଅଛନ୍ତି । ସଂକ୍ଷେପରେ ଆମ୍ଭେମାନଙ୍କର ମନ୍ତବ୍ୟ ଏହି ଯେ ପୁସ୍ତକ ଖଣ୍ଡିକ ଉତ୍ତମ ହୋଇଅଛି । ଏହାଦ୍ୱାରା ନାଟକର ବାଟ ଫିଟିଲା ଏଥର ଅନ୍ୟାନ୍ୟ କୃତବିଦ୍ୟମାନେ ଏ ପକ୍ଷରେ ମନ ଦେଲେ ଅଚିରେ ପ୍ରକୃତ ନାଟକ ଓଡ଼ିଆ ଭାଷାରେ ବାହାରିପାରେ ।'' (୨୯) ବାଲେଶ୍ୱର ସମ୍ବାଦବାହିକା ମଧ୍ୟ 'ଗୋପୀନାଥବଲ୍ଲଭ' ଓ 'ବାବାଜୀ' ନାଟକ ସମ୍ପର୍କରେ ମନ୍ତବ୍ୟ ପ୍ରକାଶ କରିଛନ୍ତି—''ଓଡ଼ିଶାରେ ଓଡ଼ିଆ ଭାଷାରେ ନାଟକ ନାମ ଶୁଣିବାକୁ ଆଶ୍ଚର୍ଯ୍ୟ । ଏଥିପୂର୍ବେ ଗୋପୀନାଥ ବଲ୍ଲଭ ନାମକ ଖଣ୍ଡିଏ ନାଟକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଥିଲା । × × × ତାର ସ୍ୱାଦୁ ପରୀକ୍ଷା କରିବାପାଇଁ ମନ ବଳିଲା, ମାତ୍ର ତାହା 'ନା-ଟକ, ନା-ମିଷ୍ଟ' କିଛି ଜଣାଗଲାନାହିଁ । ଆମ୍ଭମାନଙ୍କ ମାତୃଭାଷାରେ ନାଟକ ଲେଖିବାର ସମୟ ଉପସ୍ଥିତ ହୋଇଅଛି କି ନା ତାହା ଆମ୍ଭେମାନେ କହି ନ ପାରୁଁ । ତଥାପି ଯେବେ ଓଡ଼ିଆ ଭାଷାରେ ନାଟକ ଲେଖିବାକୁ କାହାରି ଇଚ୍ଛାହୁଏ, ତେବେ ଓଡ଼ିଶାର ସମସ୍ତ ଅଞ୍ଚଳର ଗାର୍ହସ୍ଥ୍ୟ ଭାଷା ସନ୍ନିବେଶିତ କରି ତାହା ସମ୍ପାଦନ କଲେ କିଞ୍ଚିତ ନାଟକ ନାମ ବହନ କରିପାରେ । ଏ ସମସ୍ତ ସ୍ଥଳେ ବାବାଜୀ ନାଟକର ପ୍ରଣେତା ବାବୁ ଜଗନ୍ମୋହନ ଲାଲ ସାହସ ଉପରେ ନିର୍ଭର କରି ଖଣ୍ଡିଏ ନାଟକ ପ୍ରଣୟନ କରିଅଛନ୍ତି ଅତ୍ୟନ୍ତ ପ୍ରଶଂସାର ବିଷୟ । ଜଗନ୍ମୋହନବାବୁ ପ୍ରଥମେ ଆମ୍ଭମାନଙ୍କୁ ଆଶାରୁ ଅଧିକ ଏହି ନାଟକ ଖଣ୍ଡିକ ପ୍ରଦାନ କଲେ ଏଥି ନିମନ୍ତେ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । × × × ଗୃହସ୍ଥର ପ୍ରଥମ ଫଳ ପରି ପାଠକମାନଙ୍କୁ ଆମ୍ଭେମାନେ ଏହା ଦେଲୁ ।'' (୨୮) ସମ୍ବାଦ ବାହିକାରେ ବାବାଜୀ ନାଟକ ସମ୍ପର୍କରେ ଯେଉଁ ସମାଲୋଚନା ପ୍ରକାଶ ପାଇଛି ସେଥିପ୍ରତି 'କେହି ଲେଖକଙ୍କ'ପ୍ରେରିତ ପତ୍ରରୂପେ'ଦୀପିକା'ରେ ତା ୭-୨-୧୮୭୮ରେ

୨୮—ଉତ୍କଳ ଦୀପିକା—୧୨ଶ ଭା/୪୩ ସଂ ତା ୩-୧୧-୧୮୭୭

୨୯—ବାଲେଶ୍ୱର ସମ୍ବାଦ ବାହିକା—ତା ୧-୧୨-୧୮୭୭

ଏକ ପ୍ରତିବାଦ ପ୍ରକାଶିତ ହୋଇଅଛି । ଏଥିରେ ବାବାଜୀ ନାଟକକୁ ପ୍ରଶଂସା କରାଯିବା ସଙ୍ଗେ ସଙ୍ଗେ ବାଣ୍ଡକୀ ଯେପରି ଗୋପୀନାଥ ବଲ୍ଲଭ ନାଟକକୁ ନିନ୍ଦା କରିଛି ତାର ବିରୋଧ କରାଯାଇଅଛି । ଦୀପିକା ଏ ପ୍ରସ ଉପରେ ମଧ୍ୟ ମତାମତ ଦେଇ କହିଛନ୍ତି—"× × ବାବାଜୀ ନାଟକକୁ ଆମ୍ଭେମାନେ ଭୁଚ୍ଛ ଓ ନିନ୍ଦନୀୟ ବୋଲି କହି ନାହୁଁ ମଧ୍ୟ ସର୍ବାଙ୍ଗସୁନ୍ଦର କହି ନ ପାରୁଁ । ନାଟକ ଲେଖିବାର ପ୍ରକୃତ ସମୟ ଓଡ଼ିଶାରେ ଉପସ୍ଥିତ ହୋଇନଥିବା ସତ୍ତ୍ୱେ ବାବାଜୀ ନାଟକର ପ୍ରଣେତା ଯେ ସାହସ ଉପରେ ନିର୍ଭର କରି ନାଟକ ଲେଖି ନାଟକ ଲେଖିବାର ବାଟ ଦେଖାଇଅଛନ୍ତି ଏଥିପାଇଁ ଆମ୍ଭେମାନେ ତାଙ୍କୁ ଧନ୍ୟବାଦ ଦେଉଅଛୁଁ । ଫଳକଥା ଏହି, ଗୋପୀନାଥବଲ୍ଲଭ ନାଟକ ଅପେକ୍ଷା ବାବାଜୀ ନାଟକ ଉତ୍ତମ ଅଟେ ।" (୨୯)

ରାମଶଙ୍କର ରାୟଙ୍କର 'କାଞ୍ଚିକାବେରୀ' ନାଟକ ସମ୍ପର୍କରେ ମଧ୍ୟ 'ଦୀପିକା' ଆପଣାର ମନ୍ତବ୍ୟ ପ୍ରକାଶ କରିଅଛି । ଇତିପୂର୍ବରୁ ବଙ୍ଗଳା 'କାଞ୍ଚିକାବେରୀ' କାବ୍ୟ ସମ୍ପର୍କରେ ଦୀପିକା ଲେଖିଥିଲେ— "କାଞ୍ଚିକାବେରୀ ଆଖ୍ୟାନଟି ଓଡ଼ିଶାବାସୀଙ୍କୁ ଅବିଦିତ ନାହିଁ । ଏ ବିଷୟରେ ଖଣ୍ଡିଏ ଓଡ଼ିଆ ପଦ୍ୟଗ୍ରନ୍ଥ ଅଛି ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିରର କଳା ଧଳା ଅଶ୍ୱାରୋହୀ ଓ ମାଣିକା ଗୌଡ଼ୁଣୀର ରୂପ ଖୋଦିତ ଓ ଚିହ୍ନିତ ହୋଇଅଛି । ଏପରି ପ୍ରତିବର୍ଷ ପର୍ବ ବିଶେଷରେ ଜଗନ୍ନାଥଙ୍କର ମଧ୍ୟ ଏକ ଦିନ କାଞ୍ଚିକାବେରୀ ବେଶ ହୁଅଇ । ସୁତରାଂ ତହିଁର ବୃତ୍ତାନ୍ତ ପ୍ରାୟ ସମସ୍ତେ ଜାଣନ୍ତି । ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ମଧ୍ୟ ଏ ଜିଲ୍ଲାରେ ବହୁକାଳ ଡେପୁଟି କଲେକ୍ଟର ଥାଇ ସମସ୍ତଙ୍କପାଖରେ ପରିଚିତ ହୋଇଅଛନ୍ତି ଓ ଯେଉଁମାନେ ବଙ୍ଗଳା ଭାଷା ପାଠ କରିଅଛନ୍ତି ସେମାନେ ଅବଶ୍ୟ ଜାଣିଥିବେ ଯେ ବାବୁ ଜଣେ ପ୍ରଧାନ କବି ଓ ଗ୍ରନ୍ଥକାର ଅଟନ୍ତି । ଏଥିଉତ୍ତାରୁ ସମାଲୋଚିତ ଗ୍ରନ୍ଥ ଖଣ୍ଡି ଉତ୍ତମ ହୋଇଅଛି ଏହା ବୋଲିବା ବାହୁଲ୍ୟ ଅଟଇ । ଫଳତଃ ଆମ୍ଭେମାନେ ଏ ଗ୍ରନ୍ଥଖଣ୍ଡି ପାଠ କରି

୨୯—ଉତ୍କଳ ଦୀପିକା—୧୬ଶ ଭା/୬ସଂ—ତା ୭-୨-୧୮୭୮

ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଏବଂ ଓଡ଼ିଶାର ଗୋଟିଏ ଐତିହାସିକ ବିବରଣ ବଙ୍ଗଳା ଛନ୍ଦରେ ସୁଲଳିତ ଭାଷାରେ ପ୍ରକାଶ ହୋଇଥିବାରୁ ଅଧିକ ଆଦରର ସାମଗ୍ରୀ ହୋଇଅଛି । ଏପରି କୌଣସି ପୁସ୍ତକ ଅବଧି ପ୍ରକାଶ ହୋଇ ନଥିଲା । ବଙ୍ଗାଳିମାନେ ଏହାକୁ ପାଠକଲେ ଉତ୍କଳର ପ୍ରାଚୀନ ଗୌରବର କଥା ଜାଣିପାରି ଅବଶ୍ୟ ତାହାଙ୍କର ଏଦେଶ ପ୍ରତି ଅଧିକ ମମତା ହେବ ଓ ତଦ୍ଦ୍ୱାରା ଉଭୟ ଜାତି ମଧ୍ୟରେ ସମାଜ ବନ୍ଧନ ଦୃଢ଼ତର ହେବ ସନ୍ଦେହ ନାହିଁ ।" (୩୦) ରଙ୍ଗଲାଲଙ୍କ 'କାଞ୍ଚିକାବେରୀ' କାବ୍ୟ ସମ୍ପର୍କରେ ଦୀପିକା ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛି ତାହା ପ୍ରଣିଧାନଯୋଗ୍ୟ । ଏହି ଘଟଣାକୁ ନେଇ ରାମଶଙ୍କର ରାୟ ରଚନା କରିଥିଲେ 'କାଞ୍ଚିକାବେରୀ' ନାଟକ । ଅବଶ୍ୟ ତାଙ୍କର 'କାଞ୍ଚିକାବେରୀ' ନାଟକରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ ।

'ଦୀପିକା' ପରବର୍ତ୍ତୀ କାଳରେ ପ୍ରକାଶିତ ସମ୍ବାଦ ବାହିକା, ବୋଧଦାୟିନୀ, ଉତ୍କଳ ହିତୈଷିଣୀ, ଉତ୍କଳ ଦର୍ପଣ, ଉତ୍କଳପୁତ୍ର, ଉତ୍କଳ ମଧୁପ, ଓଡ଼ିଆ ଓ ନବସମ୍ବାଦ, ସମ୍ବଲପୁର ହିତୈଷିଣୀ, ଉତ୍କଳ ପ୍ରଭା, ଇନ୍ଦ୍ରଧନୁ ଓ ବିଜୁଳି ଆଦି ବିଭିନ୍ନ ପତ୍ରପତ୍ରିକା ସମ୍ପର୍କରେ ନାନା ଦୃଷ୍ଟିକୋଣରୁ ମନ୍ତବ୍ୟ ପ୍ରକାଶ କରିଅଛି । ଏହି ମନ୍ତବ୍ୟ ଗଠନ ମୂଳକ । ପୁନଶ୍ଚ ପ୍ରାଚୀନ ସାହିତ୍ୟ ସମ୍ପର୍କରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମକାଳୀନ ପ୍ରକାଶିତ ବିଭିନ୍ନ ଗ୍ରନ୍ଥମାନଙ୍କ ସମ୍ପର୍କରେ ମଧ୍ୟ ସୁଚିନ୍ତିତ ଟୀକା ଟିପ୍ପଣୀ ପ୍ରକାଶ କରିଅଛି । ପ୍ୟାରୀମୋହନଙ୍କ "ଉଡ଼ିଶାର ଇତିହାସ" ସମ୍ପର୍କରେ ଭୂୟସୀ ପ୍ରଶଂସା କରି ଲେଖିଅଛନ୍ତି—"ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଆଦୌ ନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ କାରଣ ସଟନ ସାହେବଙ୍କ ସଂକଳିତ ପୁସ୍ତକ କେବଳ ନାମମାତ୍ର ଇତିହାସ ଅଟଇ । ଓଡ଼ିଶା ଶିକ୍ଷା ବିଭାଗର କର୍ମଚାରୀମାନେ ଏ ଗୁରୁତର ଅଭାବ ମୋଚନ କରିବା ଉଦ୍ଦେଶ୍ୟରେ ସନ ୧୮୭୫ ସାଲରେ ଖଣ୍ଡିଏ ଉତ୍ତମ ଓଡ଼ିଶାର ଇତିହାସ ପ୍ରକାଶେ

---

୩୦—ଉତ୍କଳ ଦୀପିକା – ୧୫ଶ ଭା/୭ସଂ—ତା ୧୪-୨-୧୮୮୦

୫୨୦୦ (ପାଣ୍ଡୋଡ଼ିକ ଦେବା ବିଷୟରେ ବିଜ୍ଞାପନ ଦେବାରୁ ତହିଁର ଫଳ ସ୍ୱରୂପ ଏ ପୁସ୍ତକ ଖଣ୍ଡି ବାହାରିଅଛି । ଆମ୍ଭେମାନେ ଏହାର ଅନେକାଂଶ ପାଠକରି ଅତ୍ୟନ୍ତ ଆନନ୍ଦଲାଭ କରିଅଛୁଁ ଏବଂ ବିବେଚନା କରୁଁ ଯେ ଗବର୍ଣ୍ଣମେଣ୍ଟଙ୍କର ପ୍ରଦତ୍ତ ଟଙ୍କା ସଦ୍ବ୍ୟୟରେ ପଡ଼ିତ ହୋଇ ସୁନ୍ଦର ଫଳ ଜାତ କରିଅଛି । ଓଡ଼ିଶାର ଇତିହାସ ଓ ପ୍ରାଚୀନ ଗୌରବ ଏବଂ ଆଧୁନିକ ଅବସ୍ଥା ସମ୍ବନ୍ଧରେ ଷ୍ଟର୍ଲିଂ ହଣ୍ଟର ୫ଏନବି ସାହେବମାନେ ଏବଂ ବାବୁ ରାଜେନ୍ଦ୍ର ଲାଲ ମିତ୍ର ଯେ ସମସ୍ତ ଗ୍ରନ୍ଥମାନ ଲେଖିଅଛନ୍ତି ଏବଂ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ପରିଶ୍ରମରେ ତମ୍ବାପଟା ସନନ୍ଦ ଏବଂ ଅନ୍ୟାନ୍ୟ ସୂତ୍ରରୁ ଯେ ସମସ୍ତ ଐତିହାସିକ ଓ ଅନ୍ୟ ବିବରଣମାନ ଜଣାଯାଇଅଛି ଗ୍ରନ୍ଥକାର ସେ ସମସ୍ତର ସାରମର୍ମ ସଂକଳନ କରିବାରେ ଯଥାସାଧ୍ୟ ଅଧ୍ୟବସାୟ ଦେଖାଇଅଛନ୍ତି ଏବଂ ଅନ୍ୟାନ୍ୟ ସୂତ୍ରରୁ ମଧ୍ୟ ଉପକରଣ ସଂଗ୍ରହ କରିବାରେ ତ୍ରୁଟି କରିନାହାନ୍ତି। ଆମ୍ଭେମାନେ ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ଏ ପୁସ୍ତକ ରଚନା ପ୍ରଣାଳୀ ସୁନ୍ଦର ଏବଂ ଏହା ସର୍ବାଂଶରେ ସୁପାଠ୍ୟ ଅଟଇ ।"

(୩୧) କାଳୀପଦ ବନ୍ଦ୍ୟୋପାଧ୍ୟାୟ, ଯେପରି ଭାବରେ ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ'କୁ ନିନ୍ଦା କରିଅଛନ୍ତି 'ଦୀପିକା' ତାର ଘୋର ବିରୋଧ କରିଛି । ଦୀପିକାର ବାର୍ତ୍ତାମୁଖୀ ସମାଲୋଚନାର ଶୈଳୀ ସ୍ୱତନ୍ତ୍ର ଏବଂ ଏହା କୌଣସି ପୁସ୍ତକର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣରେ ସଚେଷ୍ଟ। ତେଣୁ ଦୀପିକାର ମତାମତ ସେତେବେଳେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ।

ଜଗନ୍ମୋହନ ଲାଲଙ୍କର 'ଭ୍ରମ ଭଞ୍ଜନ' କାବ୍ୟ ସମ୍ପର୍କରେ ଦୀପିକା ମନ୍ତବ୍ୟ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି—"ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ସମାଦର ସହିତ ଗ୍ରହଣ କରିଅଛୁଁ । ସଂପ୍ରତି ଉତ୍କଳ ଦେଶର ହିତାକାଂକ୍ଷୀମାନେ ସାଧାରଣ ବିଦ୍ୟାଳୟ ଓ ବାଳକମାନଙ୍କର ଶିକ୍ଷାନିମିତ୍ତ ଅନେକ ପୁସ୍ତକ ରଚନା କରିଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ଦୁଇ ଏକ ଖଣ୍ଡ ପୁସ୍ତକ ଭିନ୍ନ ଆଉ ସମସ୍ତ ବଙ୍ଗ ପୁସ୍ତକର ଅବିକଳ

---

୩୧—ଉତ୍କଳଦୀପିକା—୧୪ଶ ଭାଗ୩ସଂ—ତା । ୨୦-୯-୧୮୭୯

ଅନୁବାଦ ଅଟଇ । ବଙ୍ଗଳା ସଙ୍ଗେ ଉତ୍କଳର ପ୍ରାକାଶ୍ୟ ବିଭିନ୍ନତା ଅଳ୍ପ ଜଣାଯିବାରୁ ଅନୁବାଦ କର୍ତ୍ତାମାନେ ଏସ୍ଵରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେତେ କଠିନ ତାହା ସେମାନେ ଜ୍ଞାନ କରନ୍ତି ନାହିଁ । ଏଥିରୁ ଏହି ଫଳ ହୋଇଅଛି ଯେ ପ୍ରଚଳିତ ଉତ୍କଳ ଭାଷା ବଙ୍ଗଳାର ଭାବ ଭଙ୍ଗୀକୁ ପ୍ରାପ୍ତହୋଇ ଏକ ପ୍ରକାର ନୂତନଭାଷା ସୃଜନ ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଭାଷାଗ୍ରନ୍ଥ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ଶବ୍ଦ ଓ ଭାବ ପ୍ରକାଶର ନିୟମକୁ ଉତ୍କଳ ମନେ କରି ସେସମସ୍ତର ପ୍ରତିଶବ୍ଦ ଲେଖନ୍ତି ନାହିଁ ସୁତରାଂ ତଦ୍ଦ୍ଵାରା ଉତ୍କଳଭାଷାର ଅନେକ କ୍ଷତି ହେଉଅଛି ।" (୩୨) ଭ୍ରମଭଞ୍ଜନର ଗୁଣାତ୍ମକ ଆଲୋଚନା କରିବା ସଙ୍ଗେ ସଙ୍ଗେ ଏହାର ଅନୁବାଦରେ ଲେଖକ କିପରି ସ୍ଵାଭାବିକତା ପ୍ରଦର୍ଶନ କରିଅଛନ୍ତି ସେ ବିଷୟରେ ଦୀପିକା ମନ୍ତବ୍ୟ ପ୍ରକାଶ କରିଅଛି । ଏତଦ୍‌ବ୍ୟତୀତ କୃଷ୍ଣସିଂହ ମହାଭାରତ ଓ ହରିବଂଶ ସମ୍ପର୍କରେ ମଧ୍ୟ ଦୀପିକା ବାର୍ତ୍ତାମୁଖୀ ସମାଲୋଚନା ଶୈଳୀରେ ସୁଚିନ୍ତିତ ମନ୍ତବ୍ୟ ଦେଇଅଛି । ପ୍ରସଙ୍ଗକ୍ରମେ କୃଷ୍ଣସିଂହ ମହାଭାରତର ଅନୁବାଦରେ ଚମତ୍କାରିତା ଓ ସାରଳାଦାସଙ୍କ ମହାଭାରତ ସହିତ ଏହାର ବିଷୟଗତ ବୈଷମ୍ୟକୁ ଦୀପିକା ସଂକ୍ଷେପରେ ସୂଚାଇ ଅଛି । (୩୩) ବିଭିନ୍ନ ସଭାସମିତି ସମ୍ପର୍କରେ ମଧ୍ୟ ଦୀପିକାରୁ ପରିଚୟ ମିଳିଥାଏ । 'ଉତ୍କଳ ଭାଷୋଦ୍ଧିପିନୀ ସଭା' 'ହିତକରୀ ସଭା' 'କଟକ ସଭା', 'କଟକ ଡିବେଟିଂ କ୍ଲବ', 'ଉତ୍କଳ ସଭା', 'ଉତ୍କଳ ଭାଷାଗ୍ରନ୍ଥ ପରୀକ୍ଷା ସଭା' ଆଦି ବିଭିନ୍ନ ସଭାର ବିବରଣୀ ଉତ୍କଳଦୀପିକାରୁ ଜଣାଯାଏ । ଏକ ସାମ୍ବାଦିକ ଶୈଳୀରେ ଏସବୁ ସଭାର ବିବରଣୀ ପ୍ରଦତ୍ତ ହୋଇଥାଏ ।

'ଉତ୍କଳଦୀପିକା' ଆରମ୍ଭରୁ ଦୀର୍ଘ ୭୭ ବର୍ଷ ବ୍ୟାପୀ ସମସ୍ତ ସୀମା ମଧ୍ୟରେ ବହୁ ବାର୍ତ୍ତାମୁଖୀ ସମାଲୋଚନା ପ୍ରକାଶ କରିଅଛି । ସେହି

---

୩୨—ଉତ୍କଳଦୀପିକା—୪ର୍ଥ ଭା/୭ମ ସଂ—ତା ୧୩-୨-୧୮୬୯

୩୩— ଉତ୍କଳଦୀପିକା—୩ୟ ଭା/୭ସଂ—ତା ୧୫-୨-୧୮୬୮

ସମାଲୋଚନା ଗୁଡ଼ିକ ଆଧୁନିକ ସମାଲୋଚନାର ଗତି ନିର୍ଦ୍ଦେଶକ । ଉତ୍କଳଦୀପିକାର ସମାଲୋଚନା ଭଙ୍ଗୀକୁ ପରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳପୁତ୍ର, ଓଡ଼ିଆ ଓ ନବସମ୍ବାଦ ଆଦି ପତ୍ରିକା ଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଏବଂ ଓଡ଼ିଆ ଜାତୀୟତାର ପ୍ରତିଷ୍ଠାପାଇଁ ଏହିସବୁ ପତ୍ରିକା ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ଯୁଗୋପଯୋଗୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଦୀପିକା ଯେଉଁ ପୁସ୍ତକ ବା ଯେଉଁ ସାହିତ୍ୟିକ ବିଷୟ ଉପରେ ସୁଚିନ୍ତିତ ମନ୍ତବ୍ୟମାନ ପ୍ରକାଶ କରିଥିଲା ତାହା ପରବର୍ତ୍ତୀ କାଳରେ ମଧ୍ୟ ଅକାଟ୍ୟ ଯୁକ୍ତିରୂପେ ବିବେଚିତ ହୋଇଅଛି ।

## ଓଡ଼ିଆ ଭାଷାର ନବୋତ୍ଥାନ ଓ 'ଉତ୍କଳଦୀପିକା' :

ଊନବିଂଶ ଶତାବ୍ଦୀର ମଧ୍ୟଭାଗବେଳକୁ ଯେପରି ଓଡ଼ିଶାର ସଂସ୍କୃତି ଓ ଧର୍ମଧାରଣା ଉପରେ କ୍ରମାଗତ ଭାବରେ ଆକ୍ରମଣ ହୋଇ ଆସିଥିଲା ସେହିପରି ମଧ୍ୟ ତାର ଭାଷା, ସାହିତ୍ୟ ଓ ଜାତୀୟତା ଉପରେ ପ୍ରତିବେଶୀମାନଙ୍କ ତରଫରୁ ଆକ୍ରମଣ ଆରମ୍ଭ ହେବାକୁ ଲାଗିଲା । ୧୮୬୭ ମସିହାର ନଅଙ୍କ ଦୁର୍ଭିକ୍ଷ ଫଳରେ ଯେତେବେଳେ ଓଡ଼ିଆଜାତି ହୀନବଳ ହୋଇଗଲା ସେତିକିବେଳେ ତାର ସୁଯୋଗ ନେଇ ଏଦେଶରେ ପ୍ରଶାସନିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ଓଡ଼ିଶାର ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ବଙ୍ଗୀୟମାନେ ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଉଦ୍ୟମ କଲେ । ଅବଶ୍ୟ ଏହି ଉଦ୍ୟମ ଇତିପୂର୍ବରୁ ଧୀରେ ଧୀରେ ଆରମ୍ଭ ହୋଇ ଆସିଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଏହାର ଉତ୍କଟରୂପ ପ୍ରକାଶ ପାଇଲା । ଏହିପରି ଏକ ସଂକଟ ମୁହୂର୍ତ୍ତରେ 'ଉତ୍କଳଦୀପିକା' ସଂଗ୍ରାମୀ ଭୂମିକା ନେଇ ପ୍ରତିପକ୍ଷମାନଙ୍କର ସମସ୍ତ ଅପକୌଶଳକୁ ପଦାରେ ପକାଇ ଦେଇଥିଲା ଓ ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ମୌଳିକତା ପ୍ରତିପାଦନ କରିବାକୁ ସମର୍ଥ ହୋଇ ପାରିଥିଲା । ଓଡ଼ିଆ ଭାଷା ସଂରକ୍ଷଣ ସମ୍ପର୍କରେ ଦୀପିକା ଯେପରି ଜନମତ ସୃଷ୍ଟି କରିପାରିଥିଲା ବାସ୍ତବିକ ତାହା ଅବିସ୍ମରଣୀୟ ।

ଇଂରେଜମାନେ ଓଡ଼ିଶାକୁ ଅଧିକାର କଲାପରେ ଓଡ଼ିଆ ଭାଷାରେ ବାଇବେଲ ଅନୁବାଦ କରାଯାଇ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଉଦ୍ୟମ ହୋଇଥିଲା । ସେତେବେଳେ ମିଶନାରୀମାନଙ୍କର ଉଦ୍ଦେଶ୍ୟ ଥିଲା ଦେଶୀୟ ଭାଷାରେ ଧର୍ମପ୍ରଚାର କରିବା । ତେଣୁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ମଧ୍ୟ ପ୍ରଣୟନ କରାଗଲା । ପୁନଶ୍ଚ ଚାକିରି ପାଇଁ ଦେଶୀୟ ଭାଷା ଜାଣିବା ଏକାନ୍ତ ଆବଶ୍ୟକ ବୋଲି ମଧ୍ୟ ସରକାରୀ ନୀତି ଘୋଷିତ ହେଲା । ୧୮୩୭ ସାଲ ବେଳକୁ ଏହି ନୀତି ସରକାରୀ ଭାବରେ ସ୍ୱୀକୃତି ଲାଭ କରି ସାରି ଥିଲା । ତତ୍କାଳୀନ କମିଶନର ରିକେଟସ୍ ସାହେବ କଚେରୀରେ ଓଡ଼ିଆ ଲେଖା ବ୍ୟବହାର ପାଇଁ ଗୁରୁତ୍ୱ ଦେଇଥିଲେ । ଅଥଚ କଟକ ଜିଲ୍ଲା ମାଜିଷ୍ଟ୍ରେଟ ମିଷ୍ଟର ବାଉରିଙ୍ଗ ସାହେବ ୧୮୬୮।୬୯ ବେଳକୁ ଓଡ଼ିଆ ଭାଷାକୁ ବଙ୍ଗଭାଷାର ଗୋଟିଏ ଉପଭାଷା ରୂପେ ବିଚାର କରିଥିଲେ । ସେ ତାଙ୍କର ରିପୋର୍ଟରେ କହିଥିଲେ—"ଏ ଜିଲାର ଓଡ଼ିଆ ଭାଷା ପ୍ରଥମୁଁ ଯାହା ଥାଉନା କାହିଁକି ବର୍ତ୍ତମାନ ଏହା ବଙ୍ଗ ଭାଷାର ଗୋଟିଏ ଉପଭାଷା ମାତ୍ର । ଏ ଭାଷା ବିଶେଷ ଭାବରେ ଉଚ୍ଚାରଣ ଓ ଲିପି ଦୃଷ୍ଟିରୁ ବଙ୍ଗଭାଷା ଠାରୁ ପୃଥକ । ମୋର ବ୍ୟକ୍ତିଗତ ଅଭିମତ ମୋ କ୍ଷମତାର କେତେଦୂର ଅନ୍ତର୍ଗତ ତାହା ମୁଁ ଜାଣେ ନାହିଁ; ତଥାପି ମୁଁ କହିପାରେ ଯେ ସାଧାରଣ ଶାସନ ନୀତି ଦୃଷ୍ଟିରୁ ବ୍ରିଟିଶ ରାଜ୍ୟରେ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ରୂପେ ତିଷ୍ଠି ରହିବା ଉଚିତ ନୁହେଁ ।" (୩୪) ବାଉରିଙ୍ଗ ସାହେବଙ୍କର ଏହି ଅଭିମତକୁ ସେତେବେଳେ କମିଶନର ଗୋଲଡସ୍‌ବରୀ କଠୋର ସମାଲୋଚନା କରିଥିଲେ—"ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନେ କହନ୍ତି ଯେ ଓଡ଼ିଆ ଭାଷା ସଂସ୍କୃତ ଭାଷାର ଗୋଟିଏ ଶୁଦ୍ଧ ଉପଭାଷା । ବଙ୍ଗ ଭାଷା ସହିତ ଏହାର ବହୁ ସାମ୍ୟ ଥିଲେ ସୁଦ୍ଧା ଏହା ବଙ୍ଗଳାରୁ ଉଦ୍ଭୂତ ନୁହେଁ । ଏହା ୨୦।୩୦ ଲକ୍ଷ ଲୋକଙ୍କର କଥିତ ଭାଷା । ସୁବର୍ଣ୍ଣରେଖା ଠାରୁ ଗଞ୍ଜାମର ଦକ୍ଷିଣକୁ ୪୫ ମାଇଲ ପର୍ଯ୍ୟନ୍ତ ଭୂଭାଗ, କଟକ ଟ୍ରିବ୍ୟୁଟାରି ମହାଲ ଓ ମାନ୍ଦ୍ରାଜର କେତେକ ବଡ଼

---

୩୪—ଡକ୍ଟର ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ—ପୃ୨୧୪

ବଡ଼ ପାର୍ବତ୍ୟ ଜମିଦାରୀମାନଙ୍କରେ ଏ ଭାଷା ପ୍ରଚଳିତ । ଏପରି ଭାଷା ଲୋପ ପାଇଯିବା କିମ୍ବା ଏହାର ଲିପି ପରିବର୍ତ୍ତିତ ହେବା, ଏ ଉଭୟ କଥା ସମ୍ପୂର୍ଣ୍ଣ ମୂଲ୍ୟହୀନ । ଓଡ଼ିଶାରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଭାଷା ପ୍ରଚଳନ କରିବା ଅତ୍ୟନ୍ତ ଆପତ୍ତିଜନକ । ଏ ମତ ଅନୁସୃତ ହେଲେ ବଙ୍ଗ ଦେଶର ଲୋକେ ଓଡ଼ିଶାରେ ଓଡ଼ିଆମାନଙ୍କୁ ବିତାଡ଼ନ କରି ଚାକିରି ପାଇବାର ସୁଯୋଗ ଲାଭ କରିବେ ।" (୩୫) ରିକେଟସ ସାହେବ ଓ ବାଣ୍ଟିଙ୍ଗ ସାହେବ ଓଡ଼ିଶାରେ ହିନ୍ଦୁସ୍ଥାନୀ ଓ ବଙ୍ଗଳା ଭାଷା ପ୍ରଚଳନ ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାକୁ ସେତେବେଳେ କମିଶନର ଗୋଲଡ଼ସ୍ବରୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ତଥାପି ୧୮୬୩ ମସିହା ବେଳକୁ ରିକେଟସ୍ ସାହେବ ଓଡ଼ିଶାରେ ଦିନେ ନା ଦିନେ ଲୋକଙ୍କ ଭାଷା ଇଂରାଜୀ ହେବ ବୋଲି ଘୋଷଣା କରିଥିଲେ । ୧୮୫୬ ସାଲରେ ଓଡ଼ିଶାର ସ୍କୁଲ୍ ସମୂହପାଇଁ ଏକ ସ୍ବତନ୍ତ୍ର ଇନସ୍‌ପେକ୍ଟର ପଦ ସୃଷ୍ଟି ହେଲା । ସେତେବେଳେ ଇନସ୍‌ପେକ୍ଟର ଇ: ରୋର ମଧ୍ୟ କହିଥିଲେ ଯେ ବଙ୍ଗଭାଷା ସହିତ ଓଡ଼ିଆ ଭାଷାର କେତେକ ସମ୍ପର୍କ ଥିଲେ ମଧ୍ୟ ଓଡ଼ିଆ ଭାଷା ବଙ୍ଗଭାଷାର ଉପଭାଷା ନୁହେଁ ଏହା ମାତ୍ର ଏକ ସ୍ବତନ୍ତ୍ର ଭାଷା । ଅଥଚ ୧୮୭୪/୭୫ ସାଲ ବେଳକୁ ଇନସ୍‌ପେକ୍ଟର ଏନ୍. ଏସ୍. ହାରିସନ ପୁନର୍ବାର ଘୋଷଣା କରିଥିଲେଯେ ଓଡ଼ିଶାରେ ବଙ୍ଗଳା ଭାଷା ସରକାରୀ ଭାଷା ହେବା ଉଚିତ । ତେଣୁ ଓଡ଼ିଆ ସ୍କୁଲମାନଙ୍କରେ ବଙ୍ଗଳା ପୁସ୍ତକ ପଢ଼ାଯିବାକୁ ସେ ଅଭିମତ ପ୍ରଦାନ କରିଥିଲେ ।

୧୮୬୬ ମସିହା ପୂର୍ବରୁ ଓଡ଼ିଶାରେ ବଙ୍ଗଳା, ହିନ୍ଦୁସ୍ଥାନୀ ଓ ଇଂରାଜୀ ଭାଷା ପ୍ରଚଳନ ପାଇଁ ଏକ ପକ୍ଷରେ ଉଦ୍ୟମ ହୋଇଥିଲା ବେଳେ ଅନ୍ୟ ପକ୍ଷରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ମଧ୍ୟ ଉଦ୍ୟମ ହୋଇଥିଲା । ଏହି ଆନ୍ଦୋଳନରେ ମୁଖ୍ୟତଃ ଇଂରାଜୀ ହାକିମମାନେ ଆପଣା ଆପଣାର ଅଭିମତ ପ୍ରକାଶ କରିଥିଲେ । ୧୮୬୬ ମସିହା ପରଠାରୁ

---

୩୫—ଡକ୍‌ଟର ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ—ପୃ ୨୧୪

କେତେକ ବଙ୍ଗାଳୀ ସରକାରୀ କର୍ମଚାରୀ ତଥା ପ୍ରତିଷ୍ଠିତ ବଙ୍ଗାଳୀ ଭଦ୍ର ବ୍ୟକ୍ତିଗଣ ଓଡ଼ିଆ ଭାଷା ବିରୋଧରେ ଘୋରତର ଆନ୍ଦୋଳନ ଆରମ୍ଭ କରିଦେଲେ । ସେମାନଙ୍କ ଅଭିମତକୁ ତତ୍କାଳୀନ ଇଂରାଜୀ ଅଫିସର ବୃନ୍ଦ ଗ୍ରହଣ କରି ଦେଲେ ଓଡ଼ିଶାରୁ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗଳା ଚଳାଇବାକୁ ଗଭର୍ଣ୍ଣରଙ୍କୁ ସୁପାରିଶ କରିଥିଲେ । ଏହିପରି ଏକ ଭାଷା-ସଙ୍କଟକାଳରେ "ଉତ୍କଳଦୀପିକା"ର ଜନ୍ମ । ଦୀପିକା ସାଙ୍ଗକୁ 'ବାଲେଶ୍ୱର ସମ୍ବାଦ ବାହିକା' ମଧ୍ୟ ଓଡ଼ିଆ ଭାଷାକୁ ରକ୍ଷା କରିବାପାଇଁ ପ୍ରବଳ ଉଦ୍ୟମ କଲା । 'ଉତ୍କଳ ହିତୈଷିଣୀ' ଓଡ଼ିଆ ଭାଷା ବହିଷ୍କାର କରି ବଙ୍ଗଳା ଭାଷା ଚଳାଇବା ଦିଗରେ ଉଦ୍ୟମ କରୁଥାଏ । ଏହି ସମୟରେ ଉମାଚରଣ ହାଲଦାର, କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ରଲାଲ ମିତ୍ର ପ୍ରମୁଖ କେତେକ ବଙ୍ଗୀୟ ବ୍ୟକ୍ତି ଓଡ଼ିଶାରୁ ଓଡ଼ିଆ ଭାଷା ବହିଷ୍କାର କରି ବଙ୍ଗଳା ଭାଷା ଚଳାଇବାକୁ ପ୍ରବଳ ଉଦ୍ୟମ କରୁଥାନ୍ତି । ଦୀପିକା' ସେମାନଙ୍କର ଯୁକ୍ତିକୁ କଠୋର ଭାବରେ ଖଣ୍ଡନ କରୁଥାଏ । 'ଉତ୍କଳ ହିତୈଷିଣୀ' ମତରେ ଗତ ସାତ ଶହ ବର୍ଷ ଧରି ଓଡ଼ିଶା ଉପରେ ବଙ୍ଗଳାର ଆଧିପତ୍ୟ ଅତ୍ୟନ୍ତ ସ୍ପଷ୍ଟ । ଶାସନ ପ୍ରଣାଳୀ, ଧର୍ମ, ଭାଷା ଓ ସାହିତ୍ୟ ଆଦି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ବଙ୍ଗଳା ନିକଟରେ ଋଣୀ । ଏପରିକି ଗଙ୍ଗବଂଶୀୟ ରାଜାଙ୍କର ଆଦିପୁରୁଷ ବଙ୍ଗଳାରୁ ଆସି ଉତ୍କଳରେ ସାମ୍ରାଜ୍ୟ ସ୍ଥାପନ କରିଥିଲେ । କଳାପାହାଡ଼ ନାମକ ଜନୈକ ବଙ୍ଗାଳୀ ବ୍ରାହ୍ମଣ ମଧ୍ୟ ଉତ୍କଳକୁ ଆସି ଏହାର ସ୍ୱାଧୀନତା ଧ୍ୱଂସ କରିଥିଲା । ଚୈତନ୍ୟଙ୍କ ଆଗମନ ପୂର୍ବରୁ ମଧ୍ୟ ଓଡ଼ିଆ ଭାଷାରେ କୌଣସି ଗ୍ରନ୍ଥ ରଚିତ ହୋଇ ନଥିଲା । (୩୬) ହିତୈଷିଣୀର ଏତାଦୃଶ ମନ୍ତବ୍ୟକୁ ଦୀପିକା ଦୃଢ଼ଭାବରେ ବିରୋଧ କରିଥିଲା । କେବଳ ଏତିକି ନୁହେଁ ସେତେବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସଭାମାନ ଅନୁଷ୍ଠିତ ହୋଇ ବଙ୍ଗଳାଭାଷା ବିରୋଧରେ ଆନ୍ଦୋଳନ ହୋଇଥିଲା । ଉତ୍କଳଦୀପିକାରୁ ସେସବୁ ବିବରଣୀ ଦେଖିବାକୁ ମିଳିଥାଏ ।

---

୩୬—ଉତ୍କଳଦୀପିକା—୫ମ ଖ/୧୬ସଂ ତା ୧୬-୪-୧୮୭୦

ଓଡ଼ିଶାରେ ବିଦ୍ୟାଳୟମାନଙ୍କରୁ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗଳା ଭାଷା ଚଳାଇବାକୁ ଯେତେବେଳେ ଉଦ୍ୟମ ହେଲା ସେତେବେଳେ 'ଦୀପିକା' ତାର ପ୍ରତିବାଦ କରିଥିଲା—"ବ୍ରିଟିଶ ଅଧିକାର ଏଠାରେ ସ୍ଥାପନ ହେବାଦିନୁ ସେମାନଙ୍କର ସୁଶାସନ ପ୍ରଣାଳୀରୁ ଲୋକମାନେ ନାନା ପ୍ରକାର ବିଦ୍ୟା ଓ ଜ୍ଞାନ ଶିକ୍ଷା କଲେ ଓ ଯେ ଯେ ସ୍ଥାନରେ ଏକମାତ୍ର ଲୋକ ଲେଖାପଢ଼ା ଜାଣୁ ନଥିଲେ ସେ ସମସ୍ତ ସ୍ଥାନରେ ସୁଦ୍ଧା ବିଦ୍ୟାଳୟ ସ୍ଥାପନ ଓ ସ୍ଥାନୀୟ ଭାଷାର ପୁସ୍ତକାଦି ରଚନା ଓ ଲିଖନ ପଠନ ହେଉଅଛି । ହେତୁ ଗବର୍ଣ୍ଣମେଣ୍ଟ ଓଡ଼ିଶା ଦେଶର ଉପକାରାର୍ଥେ ବିଦ୍ୟାଳୟ ସ୍ଥାପନ କରି ଆପଣା ପ୍ରଜାଙ୍କୁ ଶିକ୍ଷିତ କରିବା କାରଣ ବିସ୍ତର ଅର୍ଥ ବ୍ୟୟ କରି ଅଛନ୍ତି କିନ୍ତୁ ଯାହାଙ୍କର ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ଉଠାଇ ଦେବାକୁ ଯତ୍ନ କରିଅଛନ୍ତି, ଏହା କି ସାମାନ୍ୟ ଦୁଃଖର ବିଷୟ ! ଶିକ୍ଷା ଦେବା ନିମିତ୍ତ ନିଯୁକ୍ତ ଥିବା ବ୍ୟକ୍ତିମାନେ ବିପରୀତ ଆଚରଣ କରି କିରୂପେ ବେତନ ଗ୍ରହଣ କରିଅଛନ୍ତି ଆମ୍ଭମାନଙ୍କୁ ଏହିମନ ଚମତ୍କାର ବୋଧ ହେଉଅଛି । ବଙ୍ଗଦେଶରେ ଯେତେବେଳେ ପ୍ରଥମ ବିଦ୍ୟାଶିକ୍ଷାର ଆରମ୍ଭ ହେଲା ଓ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ ସେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ସେ ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର କେହି ପ୍ରସ୍ତାବ କଲେ ନାହିଁ । ତେବେ ଏଠାରେ ଏରୂପ ହେବାର କାରଣ କି ?" (୩୭)

ଓଡ଼ିଆ ଭାଷା ଉଠାଇ ଦେବାକୁ ଯେତେବେଳେ ଚକ୍ରାନ୍ତ ହେଲା ସେତେବେଳେ 'ଦୀପିକା'ରେ ପ୍ରକାଶ ପାଇଲା—"ଆମ୍ଭମାନଙ୍କର ଗୁଣଜ୍ଞ ଡାଇରେକ୍ଟର ଓ ଇନସ୍ପେକ୍ଟର ମହାତ୍ମାମାନେ କହନ୍ତି ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ସେ ଦେଶ ବଙ୍ଗଦେଶଠାରୁ ବେହାର ଓ ସରକାର ରାଜ୍ୟ ପର୍ଯ୍ୟନ୍ତ ବଙ୍ଗୋପସାଗରର ଉପକୂଳରେ ବହୁଦୂର ବିସ୍ତାରିତ ହୋଇଅଛି, ଯହିଁରେ କୋଟି କୋଟି ଲୋକ ବାସ କରନ୍ତି ଓ ସେ ଦେଶର ଉନ୍ନତ ପୁରାତନ କାଳର ଇତିହାସାଦି ଗ୍ରନ୍ଥମାନଙ୍କରେ ଉଲ୍ଲିଖିତ

---

୩୭—ଉତ୍କଳଦୀପିକା —୩ୟ ଖ/୧ ସଂ— ତା ୪-୧-୧୮୬୮

ହୋଇଅଛି ହେନ୍ତୁ ଦେଶରେ ଯେ ଭାଷା ପ୍ରଚଳିତ ଅର୍ଥାତ ଓଡ଼ିଆ ଭାଷା ସେ କି ଭାଷା ନୁହେଁ ? ତେବେ ଏହି ଭାଷାରେ ସାହିତ୍ୟ, ଅଙ୍କ, ଜ୍ୟୋତିଷାଦି ବିଦ୍ୟାର ଭୂରି ଭୂରି ପୁସ୍ତକ କେଉଁଆଡୁ ଆଇଲା ? ଯେ ଭାଷା କାବ୍ୟ କାନନର ବନଦେବୀ ସ୍ୱରୂପ ସଂସ୍କୃତ ଭାଷାର କନ୍ୟା, ସେ କି ଭାଷା ନୁହେଁ ? ଯେ ଭାଷାର କୁସୁମ ସୁକୁମାର ବପୁ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ବିବିଧ ଅଳଙ୍କାରରେ ଭୂଷିତ କରି ଅଛନ୍ତି, ଯାହାର କମନୀୟ ରୂପମାଧୁରୀ ଦେଖି କାବ୍ୟ ରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତକ୍ଷେତ୍ର ଆନନ୍ଦ ରସରେ ପ୍ଲାବିତ ହୋଇଯାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେଁ ? ତେବେ ସାନ୍ତାଳୀ ଭାଷା ଭାଷା, ତାହାର ଉନ୍ନତି କରାଯିବ, ତହିଁରେ ଟେଲିଗ୍ରାଫର ଅକ୍ଷର ପରି ନୂଆ ଅକ୍ଷର ଆବିଷ୍କ୍ରିୟା କରିବାକୁ ହେବ, ମାତ୍ର ଉତ୍କଳ ଭାଷାର ଅବନତି ଚେଷ୍ଟା କରାଯିବ କାରଣ ତହିଁରେ ନାନା ପ୍ରକାର ପୋଥି ଅଛି, ଶାସ୍ତ୍ର ଅଛି ଏବଂ ତାହା ଦ୍ରବ୍ୟ ରୂପେ ପ୍ରଚଳିତ ହେଉଅଛି । ଅନ୍ଧ ଆଗରେ ଆଲୁଅ ଅନ୍ଧାର ସମାନ ।" (୩୮) ଯେଉଁମାନେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ସ୍ୱୀକାର ନ କରି ତାକୁ ବଙ୍ଗଳା ଭାଷାର ଏକ ଉପଭାଷା ରୂପେ ସ୍ୱୀକାର କରୁଥିଲେ ସେମାନଙ୍କ ପ୍ରତି ଏହା ଥିଲା ଏକ ଯଥାର୍ଥ ଉତ୍ତର । ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ନଥିବାରୁ ବଙ୍ଗଳା ପାଠ୍ୟ ପୁସ୍ତକ ଚଳାଇବା ସପକ୍ଷରେ ଯେଉଁମାନେ ଯୁକ୍ତି କରୁଥିଲେ ସେମାନଙ୍କୁ ମଧ୍ୟ 'ଦୀପିକା' ସମାଲୋଚନା କରିଅଛି । ଓଡ଼ିଆ ଭାଷାର ଉନ୍ନତି କଳ୍ପେ ଦୀପିକା ଅନେକ ପ୍ରସ୍ତାବ ଦେଇଥିଲା । ଏଥିରେ ଉଲ୍ଲେଖ ଅଛି—'ପ୍ରଥମ ପ୍ରସ୍ତାବରେ ଆମ୍ଭମାନଙ୍କର ବିବେକରେ ଏହି ଅଛି ଯେ ବଙ୍ଗ ଭାଷା ଉଠିଗଲେ ଶିକ୍ଷା ବିଭାଗର କର୍ମଚାରୀମାନେ ଉତ୍କଳ ଭାଷାର ଉନ୍ନତି ଚେଷ୍ଟା କରିବାକୁ ବାଧ୍ୟ ହେବେ । ବର୍ତ୍ତମାନ ଏ କର୍ମଚାରୀମାନେ ବଙ୍ଗ ଦେଶରୁ ଆସି ଥିବାରୁ ଏ ଦେଶୀୟ ଭାଷା ଜାଣନ୍ତି ନାହିଁ ଏବଂ ବିଦ୍ୟାଳୟରେ ବଙ୍ଗଳା ଭାଷା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଆସ୍ଥା ଦିଅନ୍ତି ନାହିଁ ।

---

୩୮ – ଉତ୍କଳଦୀପିକା—୩ୟ ଭା/୪ର୍ଥ ସଂ— ତା ୨୫-୧-୧୮୬୮

କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା ଶିକ୍ଷା କରିବେ ନତୁବା କର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଆଦର ବଢ଼ିବ । କେହି କେହି କହନ୍ତି ଯେ ଉତ୍କଳ ଭାଷାରେ ଯଥେଷ୍ଟ ପୁସ୍ତକ ନାହିଁ ଅତଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇଦେଲେ ବିଦ୍ୟାଳୟ ସବୁ ବନ୍ଦ କରିବାକୁ ପଡ଼ିବ ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟ ନିମିତ୍ତ ଯଥେଷ୍ଟ ପୁସ୍ତକ ଅଛି ଅର୍ଥାତ୍ ବଙ୍ଗଳାରେ ଯେ ପ୍ରକାର ପୁସ୍ତକମାନ ପଠିତ ହୁଅଇ ଓଡ଼ିଶା ଭାଷାରେ ସେ ପ୍ରକାର ପୁସ୍ତକ ପ୍ରାପ୍ତ ହୁଅଇ ଏବଂ କ୍ରମଶଃ ଉତ୍କଳ ପୁସ୍ତକର ଏ ପ୍ରକାର ବୃଦ୍ଧି ହେଉଅଛି ଯେ ଅଳ୍ପକାଳରେ ପ୍ରାୟ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ ହେବ ।" (୩୪)

ଓଡ଼ିଆ ଭାଷା ଉଠାଇ ଦେବାକୁ ବଙ୍ଗୀୟ ବିଦ୍ୱାନମାନେ ଯେପରି ଚକ୍ରାନ୍ତ କରିଥିଲେ ରେଭେନସା ସାହେବ ତାକୁ ଅନୁମୋଦନ କରି ନଥିଲେ । ଓଡ଼ିଶାରେ ଓଡ଼ିଆ ଭାଷା ଚଳାଇବା ସପକ୍ଷରେ ସେ ଯୁକ୍ତି ଉପସ୍ଥାପନ କରିଥିଲେ । ତେଣୁ ଦୀପିକା ଲେଖିଥିଲା—"ଏ ସକଳ ବିଷୟର ଉତ୍ଥାପନ କାରକ ଦେଶ ହିତୈଷୀ ଶ୍ରୀଯୁକ୍ତ କମିଶ୍ନର ରାବେନଶା ସାହେବ ଅଟନ୍ତି ତାହାଙ୍କ ହିତ ଚେଷ୍ଟାରୁ ଏଦେଶର ଏପର୍ଯ୍ୟନ୍ତ ଉନ୍ନତି ସାଧନ ହେଉଅଛି ନହେଲେ ଗତ ସମ୍ବତ୍ସରରେ ଏସ୍ଥାନର କର୍ମକାରକ ବଙ୍ଗଦେଶୀୟମାନେ ଯେପରି ଚେଷ୍ଟା କରିଥିଲେ ଆଜି ପର୍ଯ୍ୟନ୍ତ ଉତ୍କଳ ଭାଷାର ନାମ ନଥାନ୍ତା । ଏହି ଉତ୍କଳ ଭାଷା ଅରକ୍ଷିତା ହୋଇ ଦେଶ ତ୍ୟାଗରେ ଉନ୍ମୁଖୀ ହୋଇଥିଲା କେବଳ ଉକ୍ତ ସାହେବ ମହୋଦୟଙ୍କ ସାହାଯ୍ୟରେ ନିଜ ଦେଶରେ ଅନୁରାଗିଣୀ ହୋଇ ରହିବାର ଇଚ୍ଛା କରଅଛି କିନ୍ତୁ ଦୁଃଖର ବିଷୟ ଏହି ଯେ ଏ କର୍ମର ଅଧିପତା ବଙ୍ଗଦେଶୀୟ ବ୍ୟକ୍ତିଙ୍କ ହସ୍ତରେ ଅର୍ପଣ ହୋଇଅଛି । ଏଣୁକରି ଆମ୍ଭମାନଙ୍କର ବିଶ୍ୱାସ ହେଉନାହିଁ ଯେ ଉତ୍କଳ ଭାଷାର ଶୀଘ୍ର ଉନ୍ନତି ହେବ ଯେହେତୁ ଭାଷାରେ ବ୍ୟବହାର ଅଛି କି 'ଯେ ଘରପୋଡ଼ି ଦିଅଇ, ସେ ଘର ତୋଳିବା

୩୪—ଉତ୍କଳଦୀପିକା—୨ୟ ଖଣ୍ଡ/୧୦ ସଂ— ତା ୪-୬-୧୮୬୭

ସରଞ୍ଜାମ ହୋଇ ନାହିଁ' ଏଣୁ ପ୍ରକାଶ ଯେ ଯେଉଁମାନେ ଉତ୍କଳ ଭାଷାକୁ ଘୃଣା କରନ୍ତି ଏବଂ ଉତ୍କଳ ପଣ୍ଡିତମାନଙ୍କୁ ଘୃଣା କରନ୍ତି ତାହାଙ୍କ ଦ୍ୱାରା ଯେ ଏ ଦେଶର ଉନ୍ନତି ହେବ ଏ କଦାଚ ସମ୍ଭବ ହେଉନାହିଁ ।'' (୪୦) ଦୀପିକା ଉତ୍କଳ ଭାଷା ଓ ସାହିତ୍ୟର ବିକାଶ ପାଇଁ ମୌଳିକ ହିତପ୍ରଦ ଦୃଷ୍ଟି ଦେଉଥିଲା । କେବଳ ଆଦର୍ଶରେ ଭାସିଯାଇ କୌଣସି କଥା କହୁ ନଥିଲା । ବାସ୍ତବତା ଦୃଷ୍ଟିରୁ ପ୍ରତ୍ୟେକ କଥାକୁ ବିଚାର କରୁଥିଲା । ଯେଉଁ ବଙ୍ଗୀୟ ବ୍ୟକ୍ତିଗଣ ଓଡ଼ିଆ ଭାଷାର ଉଚ୍ଛେଦ କାମନା କରନ୍ତି ସେମାନଙ୍କ ହାତରେ ଏ ଭାଷାର ଉନ୍ନତି ଅସମ୍ଭବ । ପ୍ରସଙ୍ଗକ୍ରମେ ଦୀପିକା ଦୁଇଜଣ ବିଶିଷ୍ଟ ବଙ୍ଗୀୟ ବ୍ୟକ୍ତିଙ୍କର ଓଡ଼ିଆ ଭାଷା ବିଦ୍ୱେଷୀ ମନ୍ତବ୍ୟକୁ ପ୍ରକାଶ କରିଅଛି । ସେମାନଙ୍କ ମଧ୍ୟରୁ ଜଣେ ହେଲେ କଲିକତା-ବାସୀ ସୁବିଖ୍ୟାତ ବାବୁ ରାଜେନ୍ଦ୍ରଲାଲ ମିତ୍ର । ସେ ଓଡ଼ିଶାକୁ ଆସି କଟକ ଡିବେଟିଂ କ୍ଲବରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ସେ ଇଂରାଜୀ ବକ୍ତୃତା ଦେଇଥିଲେ ଏବଂ ତାଙ୍କର ବକ୍ତୃତାର ଉଦ୍ଦେଶ୍ୟ ହେଲା ଓଡ଼ିଶାରୁ ଓଡ଼ିଆ ଭାଷା ଉଠିଯାଇ ବଙ୍ଗଳା ଭାଷା ପ୍ରଚଳିତ ହେଲେ ଏ ପ୍ରଦେଶର ମଙ୍ଗଳ ହେବ । ସେ କହିଥିଲେ—''ଉତ୍କଳର ଯଥାର୍ଥ ହିତାକାଙ୍କ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳ କରିବାର ଚେଷ୍ଟା କରିବେ କାରଣ ତାହାଙ୍କ ମତରେ ଯେତେକାଳ ଉତ୍କଳ ଭାଷା ଉଠି ଯାଇନାହିଁ ତେତେକାଳ ଏ ଦେଶର ଉନ୍ନତି ହେବା ଅସମ୍ଭବ ।'' (୪୧)

ରାଜେନ୍ଦ୍ରଲାଲଙ୍କର ଏହି ଅଭିମତକୁ ଦୀପିକା ତୀବ୍ର ବିରୋଧ କରିଅଛି । ସେ ଓଡ଼ିଆଭାଷୀଙ୍କ ସଂଖ୍ୟା ଓ ଓଡ଼ିଶାର ସୀମା ସମ୍ପର୍କରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ଭ୍ରମାତ୍ମକ । ତେଣୁ ଦୀପିକା କହିଥିଲେ—''ପ୍ରକୃତରେ ଦେଖାଯାଏ ଯେ ଉତ୍କଳ ଭାଷା ପ୍ରଚଳିତଥିବା ଭୂମିଖଣ୍ଡର ଆୟତନ ବଙ୍ଗ ପ୍ରଚଳିତ ଦେଶର ଊଣା ନୁହଇ ଅତଏବ

---

୪୦— ଉତ୍କଳଦୀପିକା—୬ଷ୍ଠ ଭା/୩ ସଂ—ତା ୧୬-୧-୧୮୭୧
୪୧— ଉତ୍କଳଦୀପିକା ୬ଷ୍ଠ ଭା/୧୧ ସଂ—ତା ୧୩-୩-୧୮୭୧

ଉତ୍କଳଭାଷା ଉନ୍ନତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ××× ଅତଏବ ଆମ୍ଭେମାନେ କହୁଅଛୁଁ ଯେ ରାଜେନ୍ଦ୍ରବାବୁଙ୍କ ମତ ଅତ୍ୟନ୍ତ ଭ୍ରାନ୍ତିମୂଳକ ଓ ଯେଉଁମାନେ ସେଥିରେ ଅନୁଗାମୀ ହେଉଅଛନ୍ତି ସେମାନେ ନିରର୍ଥକ କୁତର୍କ ପଡ଼ିର କେବଳ ଆପଣା ହସ୍ତପଦକୁ କ୍ଳେଶ ଦେଉ-ଅଛନ୍ତି ।" (୪୨) 'ଦୀପିକା' ଉତ୍କଳଭାଷା ଉନ୍ନତି ପ୍ରତି ବ୍ୟାଘାତର କାରଣ ସ୍ୱରୂପ ସେଇ ସଂଖ୍ୟାରେ କହିଛନ୍ତି—"ବର୍ତ୍ତମାନ ଉତ୍କଳଭାଷା 'ତିନଥେଣ୍ଟିଆ କାକୁଡ଼ି ବାଡ଼ି' ପ୍ରାୟ ଭୂମିକୁ କ୍ଷତିଗ୍ରସ୍ତ ହେଉଅଛି । ଏହାର ରକ୍ଷକ ତିନି ଗବର୍ଣ୍ଣମେଣ୍ଟ ହୋଇଅଛନ୍ତି, ଏକଭାଗ ବଙ୍ଗଳା ଗବର୍ଣ୍ଣମେଣ୍ଟ ହସ୍ତେ, ଏକଭାଗ ମଧ୍ୟପ୍ରଦେଶର ଗବର୍ଣ୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଏକଭାଗ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉନାହିଁ ।" ଓଡ଼ିଶା ସେତେବେଳେ ତିନୋଟି ପ୍ରାଦେଶିକ ସରକାରଙ୍କ ଅଧୀନରେ ଥିବାରୁ ସେହି ସେହି ଅଞ୍ଚଳରେ ଶିକ୍ଷାଗତ ସାମ୍ୟ ରହୁ ନଥିଲା । ତେଣୁ ଓଡ଼ିଆଭାଷାର ଉନ୍ନତି ବିଧାନ ଅସମ୍ଭବ ମନେ ହେଉଥିଲା । ଏହି କାରଣରୁ ଦୀପିକା ମତଦେଇଥିଲା— "ଆମ୍ଭେମାନେ ବୋଧକରୁଁ କି ଯେ ସ୍ଥଳରେ ଏକ ଭାଷାରେ ଶିକ୍ଷା ଦେବାର ସ୍ଥିର ହୋଇଅଛି ସେ ସ୍ଥଳେ ଶିକ୍ଷା ବିଷୟରେ ସମୁଦାୟ ସ୍ଥାନକୁ ଏକ କର୍ମଚାରୀର ଅଧୀନ ହେବା ଉଚିତ କିନ୍ତୁ ଆମ୍ଭେମାନେ କହୁଁ ଯେ ନିତାନ୍ତ ପକ୍ଷରେ ତିନି ସ୍ଥାନର ଅବସ୍ଥା ଜାଣିବାର ଗୋଟିଏ ଉପାୟ ହେଉ ତାହାହେଲେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ସାଧନ ହେବ ।" (୪୩)

ଦୀପିକା ଯେତେବେଳେ ଉତ୍କଳ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ଉଦ୍ୟମୀ ସେତେବେଳେ ବାବୁ ଉମାଚରଣ ହାଲଦାର ବଙ୍ଗଳା ଅକ୍ଷରରେ ଉତ୍କଳ ଭାଷା ପୁସ୍ତକ ଛପାଇବାକୁ ଗୋଟିଏ ସୁଦୀର୍ଘ ପତ୍ରିକା ପ୍ରକାଶ କଲେ । ତାଙ୍କର ଅଭିମତକୁ ମଧ୍ୟ ଦୀପିକା ବିରୋଧ

୪୨—ଉତ୍କଳଦୀପିକା—୪ର୍ଥ ଖ/୧୧ ସଂ—ତା ୧୩-୩-୧୮୬୯

୪୩—ଉତ୍କଳଦୀପିକା—୪ର୍ଥ ଖ/୧୨ ସଂ—ତା ୨୦-୩-୧୮୬୯

କରିଛନ୍ତି—"ବାବୁଙ୍କୁ ଜଣେ ଉତ୍କଳର ହିତୈଷୀ ବୋଲିବାକୁ ହେବ କାରଣ ଭିନ୍ନ ସ୍ଥାନର ଲୋକ ମଧ୍ୟରେ ଉତ୍କଳ ଭାଷା ପ୍ରଚଳନ କରାଇବା ପାଇଁ ସଦୁପାୟ ନିଶ୍ଚୟ କରିବାରେ ସେ ଯେତେ ପରିଶ୍ରମ ଓ କାଳବ୍ୟୟ କରିଅଛନ୍ତି ତାହା ଉକ୍ତ ପତ୍ର ଦୃଷ୍ଟି କଲେ ପ୍ରକାଶିତ ହେବ । ଯୁକ୍ତିମାନ ମଧ୍ୟ ଅଲୌକିକ ଅଟଇ ତନ୍ମଧ୍ୟରେ ପ୍ରଧାନ ଯୁକ୍ତି ଏହିକି ଯେବେ ବଙ୍ଗଳା ଅକ୍ଷରରେ କାଗଜ ବଙ୍ଗଳା କଲମ ସିଦ୍ଧ ଇରେ ଉତ୍କଳ ଅକ୍ଷର ଲେଖାଗଲେ ତେବେ ବଙ୍ଗଳା ଅକ୍ଷରରେ କିପାଇଁ ଲେଖା ନ ହେବ ? ଅସ୍ମଦ୍ଦେଶୀୟ ପାଠକମାନେ ଯେବେ କାଗଜ, କଲମ, ଇତ୍ୟାଦି ଶବ୍ଦସବୁ ବାବୁଙ୍କ କଥା ସପ୍ରମାଣ କରିଅଛି । ଏ ଗୋଟିଏ ଯୁକ୍ତିଦ୍ୱାରା ବାବୁ ଏତେ କଥା ସ୍ଥାପନ କରିବାକୁ ଚେଷ୍ଟା କରିନାହାନ୍ତି । ତେବେ ଆଉରି ଗୋଟିଏ ଯୁକ୍ତିର କଥା ଶୁଣନ୍ତୁ । ଓଡ଼ିଆ ଓ ବଙ୍ଗଳା ଅକ୍ଷର ସବୁକୁ ବାବୁ ବଡ଼ ମନୋଯୋଗ ପୂର୍ବକ ପରୀକ୍ଷା ଓ ତୁଳନା କରି ଦେଖିଲେ ଯେ ବଙ୍ଗଳା ଅକ୍ଷରର ବଡ଼ ଶୋଭା ହୋଇଅଛି । ଅବା ଏଥିରେ ବିଚିତ୍ର କି ଯାହା ପୁଅ ତାହାକୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲାକାର ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ ଏ ତାହାଙ୍କୁ ଗଜମୁକ୍ତା ହାରରେ ହୀରକ ଖଚିତ ପଦକ ପ୍ରାୟ ବଡ଼ ଜାଜ୍ଜ୍ୱଲ୍ୟମାନ ଦିଶିଲା ଅଥବା ବାବୁଙ୍କର ବୈଷ୍ଣବୀ ଭାବ ଉଦୟ ହୋଇଥିବ ଯେ ତ୍ରିଭଙ୍ଗ ରୂପଦେଖି ଗୋପ କନ୍ୟାଙ୍କର କଥା ଅକସ୍ମାତ ମନରେ ଚୈତନ୍ୟଙ୍କ ପ୍ରେମରେ ପୂର୍ଣ୍ଣ ହେଲେ ।" (୪୪) ସେହି ଉତ୍କଳଦୀପିକାରେ ମଧ୍ୟ 'କସ୍ୟଚିତ୍ ଉତ୍କଳସ୍ୟ' ଛଦ୍ମ ନାମରେ ଉମାଶଙ୍କର ହାଲଦାରଙ୍କ ଚିଠିର ପ୍ରତିବାଦ ବାହାରିଥିଲା । କଟକ ଷ୍ଟାର ପତ୍ରିକାରେ ଉମାଶଙ୍କରଙ୍କ ପତ୍ରିକା ପ୍ରକାଶିତ ହେଲା ପରେ ଏ ସମ୍ପର୍କରେ ନାନା ବାଦାନୁବାଦ ଦେଖାଦେଇଥିଲା । କଟକ ଡିବେଟିଂ କ୍ଲବ ସେହି ବିଷୟରେ ମଧ୍ୟ ଅନୁକୂଳ ଆଲୋଚନା କରିଥିଲେ । ତେଣୁ ତା ୧୫-୭-୧୮୬୯ରିଖରେ ତାର ପ୍ରତିବାଦ ଉତ୍କଳ ଦୀପିକାରେ ପ୍ରକାଶିତ ହେଲା—"କି ଆଶ୍ଚର୍ଯ୍ୟ ବାବୁ । ସାଙ୍ଗରେ ସମସ୍ତେ ବାବୁ ? ଏ ପ୍ରସ୍ତାବ ଏହି ଯୁକ୍ତି ଦେଖି ଅବାଞ୍ଛନୀୟ ଅନାବଶ୍ୟକ ଓ ଅସମ୍ଭବ ଯେ ତହିଁର ତର୍କ ବିତର୍କ କରିବାର

---

୪୪—ଉତ୍କଳ ଦୀପିକା—୪ର୍ଥ ଭା/୨୮ ସଂ—ତା ୧୦-୭-୧୮୬୯

ଚେଷ୍ଟିକ ଆଉ ତାହା ସଭାରେ ଗ୍ରହଣ ହେବାର ଯୋଗ୍ୟ ନଥିଲା ।'' ଏହି ବିଷୟକୁ ନେଇ ଯେଉଁବେଳେ ନାନା ବାଦାନୁବାଦ ପ୍ରକାଶ ପାଇଲା ସେତେବେଳେ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଏକ ଖଣ୍ଡ ପତ୍ରରେ ଏହି ବିବାଦର ଅବସାନ ପାଇଁ ନିବେଦନ କରିଥିଲେ ଏବଂ ସାରା ଦେଶରେ ଦେବନାଗରୀ ଲିପି ଓ ସଂସ୍କୃତ ଭାଷାକୁ ପ୍ରଚଳନ କରାଇ ଜାତୀୟ ଐକ୍ୟ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ । (୪୬) ଏହା ସତ୍ତ୍ୱେ 'ଇଣ୍ଡିୟାନ ମିରର୍' ନାମକ ବ୍ରାହ୍ମ ସମାଜର ମୁଖପତ୍ର ଓଡିଶାରେ ଓଡ଼ିଆମାନେ ବଙ୍ଗଳା ଶିକ୍ଷା କରିବାକୁ ଆଗ୍ରହୀ ବୋଲି ସମ୍ବାଦ ପ୍ରକାଶ କଲେ । ଉତ୍କଳଦୀପିକା ମଧ୍ୟ ଏହି ସମ୍ବାଦର ପ୍ରତିବାଦ କରିଅଛି—''ସେ ବୋଲନ୍ତି ଯେ ଓଡ଼ିଶା ସଙ୍ଗରେ ବଙ୍ଗଳାର ଅତି ନୈକଟ୍ୟ ସମ୍ବନ୍ଧ ସ୍ଥାପିତ ହୋଇଅଛି କିନ୍ତୁ ଦୁଃଖର ବିଷୟ ତଥାପି ସେ ଉତ୍କଳର କୌଣସି କଥା ଜାଣନ୍ତି ନାହିଁ ଅଥଚ ତାହାଙ୍କ ପରି ସମ୍ପାଦକୀୟତା ରୂପ ଗୁରୁ ଭାରବାହୀ ଲୋକ ଯେବେ ନ ଜାଣିଲା ତେବେ ଆଉ କାହାର ଜାଣିବାର ସମ୍ଭବ ହେବ । ସମ୍ପାଦକ ଯେବେ କିଛି ମାତ୍ର ଉତ୍କଳର ବିଷୟ ଜାଣିବାକୁ ଯତ୍ନ କରିଥାନ୍ତେ ତେବେ ଓଡ଼ିଶାରେ ଏହି ବଙ୍ଗଳା ଭାଷା ଓ ଅକ୍ଷର ଚଳାଇବା ବିଷୟ ଘେନ ଯେତେ ଯେତେ ବିରୋଧ ଉପସ୍ଥିତ ହୋଇଅଛି ସେ ସମସ୍ତ ଅବଗତ ହୋଇଥାନ୍ତେ ।''(୪୭) ଓଡିଆ ଭାଷାକୁ ଉଠାଇବା ପାଇଁ ବଂଗୀୟ ଭଦ୍ରବ୍ୟକ୍ତିମାନଙ୍କ ଦ୍ୱାରା ଯେଉଁ ଆନ୍ଦୋଳନ ଓ ଚକ୍ରାନ୍ତ ସୃଷ୍ଟି ହୋଇଥିଲା 'ଦୀପିକା' ତାର ଘୋର ବିରୋଧ କରି ଆସିଥିଲା ଓ ଓଡିଶାରେ ଜନମତ ସୃଷ୍ଟି କରିବାରେ ସମର୍ଥ ହୋଇ ପାରିଥିଲା । କମିଶନର ରେଭେନ୍‌ସା ସାହେବ ଓଡ଼ିଶାରେ ଉତ୍କଳ ଭାଷାରେ ଶିକ୍ଷା ଦେବାର ବିଧାନ ପ୍ରଚଳନ ପାଇଁ ଯେଉଁ ଆଦେଶ ଦେଇଥିଲେ ଦୀପିକା ତାକୁ ସ୍ୱାଗତ କରିଥିଲା । 'ଦୀପିକା' ଲେଖିଥିଲା—''ଆମ୍ଭେମାନେ ଏ ସମସ୍ତ କଥା ଅବଗତ ହୋଇ କେତେ ଆନନ୍ଦିତ ହୋଇଅଛୁଁ ବର୍ଣ୍ଣନା

---

୪୬—ଉତ୍କଳଦୀପିକା—୪ର୍ଥ ଭାଗ/୩୩ ସଂ—ତା ୧୪-୮-୧୮୬୯

୪୭—ଉତ୍କଳଦୀପିକା—୪ର୍ଥ ଭାଗ/୩୯ ସଂ—ତା ୨୫-୯-୧୮୭୯

କରିବାକୁ ଅସମର୍ଥ । ଏହି ଉତ୍କଳ ଓ ବଂଗଭାଷା ବିଷୟରେ ଆମ୍ଭମାନଙ୍କୁ କେ ପର୍ଯ୍ୟନ୍ତ କ୍ଳେଶ ସହିବାକୁ ହୋଇଅଛି ତାହା କାହାରିକୁ ଅବିଦିତ ନାହିଁ । ନିନ୍ଦା ଓ ବ୍ୟଙ୍ଗୋକ୍ତି ଛଡ଼ା ଦରବାର ପର୍ଯ୍ୟନ୍ତ ଟଣାହୋଇ ଥିଲୁଁ । କିନ୍ତୁ ପରିଶେଷରେ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହେଲା ଏମନ୍ତ ନୁହଇ ଆମ୍ଭେମାନେ ପୁନଃ ୨ ଯେ ପ୍ରସ୍ତାବ ମାନ କରିଥିଲୁ ତାହା ଗବର୍ଣ୍ଣମେଣ୍ଟ ପ୍ରକାଶ ହେଲାରୁ ଆମ୍ଭମାନଙ୍କର ହିତାକାଂକ୍ଷୀ କମିଶନର ଶ୍ରୀଯୁକ୍ତ ରେଭେନ୍ସା ସାହେବ ଏ ବିଷୟରେ ଯେ ପର୍ଯ୍ୟନ୍ତ ଉତ୍କଳର ହିତ ସାଧନରେ କୃତକାର୍ଯ୍ୟ ହେଲେ ତହିଁର ଉପଯୁକ୍ତ ଧନ୍ୟବାଦ କେଉଁଷ ବ୍ୟକ୍ତ କରିବୁଁ ସ୍ଥିର କରିବାକୁ ଅସମର୍ଥ ହେଉଅଛୁଁ । ଏ ତାହାଙ୍କର କୀର୍ତ୍ତି ସ୍ତମ୍ଭପ୍ରାପ୍ତ ରହିଲା ସନ୍ଦେହ ନାହିଁ ।" (୪୭)

ରେଭେନ୍ସା ସାହେବ ଓଡ଼ିଆ ଭାଷାର ସ୍ଵାତନ୍ତ୍ର୍ୟ ଓ ପ୍ରାଚୀନତ୍ଵକୁ ସ୍ଵୀକାର କରି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଦେବା ଓ ଓଡ଼ିଶାରେ ଓଡ଼ିଆ ଭାଷାର ବିକାଶ ପାଇଁ ଉଦ୍ୟମ ହେବା ଉପରେ ଗୁରୁତ୍ଵ ଦେଇଥିଲେହେଁ ୧୮୭୦ ମସିହା ବେଳକୁ ପୁନର୍ବାର ବଙ୍ଗୀୟ ଭଦ୍ରବ୍ୟକ୍ତିମାନେ ଓଡ଼ିଆ ଭାଷାର ସ୍ଵାତନ୍ତ୍ର୍ୟ ଲୋପ କରି ବଙ୍ଗଳା ଭାଷା ଚଳାଇବାକୁ ଉଦ୍ୟମ କଲେ । ବାଲେଶ୍ଵର ବିଦ୍ୟାଳୟର ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଓଡ଼ିୟା ସ୍ଵତନ୍ତ୍ର ଭାଷା ନୟ" ନାମକ ଏକ ପୁସ୍ତକ ରଚନା କରି ସେଥିରେ ଉତ୍କଳ ଓ ବଙ୍ଗଳା ଭାଷାର ଏକତ୍ଵ ପ୍ରମାଣ କରିବାକୁ ଉଦ୍ୟମ କଲେ । ସେହି ପୁସ୍ତକ ସମ୍ପର୍କରେ ଦୀପିକା ଲେଖିଛନ୍ତି—"ଗ୍ରନ୍ଥକର୍ତ୍ତା ପୁସ୍ତକର ଆରମ୍ଭରେ ଲେଖନ୍ତି ଯେ ଭାଷା ତତ୍ତ୍ଵବିତ୍ ପଣ୍ଡିତଙ୍କର ମତାନୁସାରେ ଓଡ଼ିୟା ବଙ୍ଗଳା ହିନ୍ଦୀ ପ୍ରଭୃତି ଦଶଭାଷା ଏକ ମୂଳରୁ ଉତ୍ପନ୍ନ ଅର୍ଥାତ୍ ଓଡ଼ିୟା ବଙ୍ଗଳା ଇତ୍ୟାଦି ଭେଦ ସ୍ଵତନ୍ତ୍ର ଭାଷା ନୁହଇ କିନ୍ତୁ ତଦୁତ୍ତର ଅର୍ଥାତ୍ ଓଡ଼ିୟାକୁ ବଙ୍ଗଳା ବୋଲି ସିଦ୍ଧାନ୍ତ କରିଅଛନ୍ତି । ଏଥିକୁ ତାହାଙ୍କର କେଉଁ କଥା ସତ୍ୟ ବୁଝିବାର କଠିନ ବୋଧ ହୁଅଇ ଭାଷାତତ୍ତ୍ଵ ପଣ୍ଡିତଙ୍କ କଥା ମିଥ୍ୟା ହୋଇ ନଥିବ

---

୪୭—ଉତ୍କଳଦୀପିକା—୫ଖ/୪୬ ସ—ତା ୨୭-୧୧-୧୮୬୯

ନଟେଟନ୍ତୁ ଯେଉଁ ଉତ୍କଳ ଭାଷାର କଥା ଗ୍ରନ୍ଥକର୍ତ୍ତା ଲେଟନ୍ତି ତାହା ଛଡ଼ା ଆଉ କଣ୍ଟି ସ୍ୱତନ୍ତ୍ର ଓଡ଼ିଆ ଭାଷା ଥିବ । ସେ ଯାହାହେଉ ଆମ୍ଭେମାନେ ଓଡ଼ିଆ ଭାଷାକୁ କେବେହେଁ ସ୍ୱତନ୍ତ୍ର ଭାଷା ବୋଲୁ ନାହୁଁ । ଏହାକୁ ସଂସ୍କୃତର ଅଧୀନ ବୋଲି ଜାଣୁ । ଗ୍ରନ୍ଥକର୍ତ୍ତାଙ୍କ ମତରେକ ବଙ୍ଗଳା ସ୍ୱତନ୍ତ୍ର ଭାଷା ଯେ ଓଡ଼ିଆ ତାହାସଙ୍ଗେ କସ୍ସଦାଂଶରେ ମିଶିବାରୁ ସେ ସ୍ୱତନ୍ତ୍ର ଭାଷା ହେଲ ନାହିଁ ? × × × × × କେବଳ କେତେକ ସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲି ଯାଇପାରେ ତେବେ କେଣ୍ଟ ଓଡ଼ିଆର ହିନ୍ଦ ଓ ବଙ୍ଗଳା ବାହାର ଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ଭୁଷାକୁ ଏତେ ଅହଙ୍କାର କରନ୍ତି ନାହିଁ ଅଥଚ ବସ୍ତୁର କଲେ ଏହାଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତିକଳାପ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣା ନାହିଁ ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବକାଳୀୟ ଲୋକ ବଙ୍ଗଳାରୁ ଶ୍ରେଷ୍ଠ ଥିବା ପ୍ରତ୍ୟକ୍ଷ ଭାଷା ନିମିତ୍ତ ଅନ୍ୟଠାରେ ଋଣୀ ହୋଇ ଥିଲେ କଦାଚ ସମ୍ଭବ ନୁହଇ ବରଂ ଓଡ଼ିଶାର ଭାଷା କେତେକ ବଙ୍ଗଳରେ ଚଳିବାର ଅନୁମାନ ସିଦ୍ଧ ଅଟଇ × × × × × ସୁତରାଂ ଏ ଦୁଇ ଭାଷାକୁ ପୃଥକ ବୋଲିବାକୁ ହେବ ଓ କାନ୍ତିବାବୁ କେତେ ପୁସ୍ତକ ରଚନା କରନ୍ତୁ ଦୁଇ ଭାଷା କଦାଚ ଏକ ହୋଇ ନପାରିବ ।(୪୮)

କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାରୂପେ ସ୍ୱୀକାର ନ କରି ବଂଗଳା ଭାଷାର ଅଂଶ ବୋଲି ମତ ଦେଇଥିଲେ ମଧ୍ୟ ତାହା ଓଡ଼ିଶାରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଉତ୍କଳଦୀପିକା ତାଙ୍କର ଅଭିମତକୁ ତୀବ୍ରଭାବରେ ଖଣ୍ଡନକରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ

---

୪୮— ଉତ୍କଳଦୀପିକା – ୫ମ ଖ/୧ମ ସ ତା ୧୬-୨-୧୮୭୦

ପ୍ରତିଷ୍ଠା କରିଥିଲା । କାନ୍ତିଚନ୍ଦ୍ରଙ୍କ ପୁସ୍ତକର ସୁଯୋଗ ନେଇ 'ଉତ୍କଳ ହିତୈଷିଣୀ' ମଧ୍ୟ ଓଡ଼ିଆ ଭାଷା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା । ଓଡ଼ିଶାରେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିଯୁକ୍ତ ଥିବା ବଙ୍ଗୀୟମାନେ ତଥା ଓଡ଼ିଶାର ବଙ୍ଗାଳି ଜମିଦାର ଓ ସେମାନଙ୍କ ଅନୁଗତ ବ୍ୟକ୍ତିମାନେ ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷା ଚଳାଇବାକୁ ପୁନର୍ବାର ଉଦ୍ୟମ କଲେ । ଗୋପନରେ ଦରଖାସ୍ତ ଲେଖାଯାଇ ସ୍ୱାକ୍ଷର ସଂଗ୍ରହ କରାଗଲା ଓ ସେହି ଦରଖାସ୍ତକୁ ଗଭର୍ଣ୍ଣମେଣ୍ଟକୁ ପଠାଗଲା । କାନ୍ତିଚନ୍ଦ୍ରଙ୍କ "ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ" ଅଭିମତକୁ 'ଏଡୁକେଶନ ଗେଜେଟ' ମଧ୍ୟ ବିରୋଧ କରିଥିଲା । ସେଥିରେ ବଙ୍ଗଦେଶ ନିବାସୀ ଶିକ୍ଷା ବିଭାଗର ପ୍ରଧାନ କର୍ମଚାରୀ ଓ ସ୍କୁଲ ବିଭାଗର ଇନସ୍ପେକ୍ଟର ଯେଉଁ ଅଭିମତ ପ୍ରଦାନ କରିଥିଲେ 'ଦୀପିକା' ତାକୁ ଉଦ୍ଧୃତ କରିଛି—"ସେ ଯେଉଁ ସ୍ଥଳେ ଓଡ଼ିଆ ଓ ବଙ୍ଗଳାର ମେଳ ଦେଖି ଅଛନ୍ତି ସେ ସ୍ଥଳେ ଦୁହିଁଙ୍କି ବଙ୍ଗଳା ବୋଲିଅଛନ୍ତି । ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖିଅଛନ୍ତି ସେ ସ୍ଥଳରେ ଓଡ଼ିଆକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ ବୋଲି ଅଛନ୍ତି । ଏହା କି ବିଚାରର ରୀତି ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆ ହେଲା ନାହିଁ ଯେଉଁ ସ୍ଥଳେ ମେଳ ନ ହେଲା ସେ ସ୍ଥଳେ ବଙ୍ଗଳା କାହିଁକି ବିଶୁଦ୍ଧ ଓଡ଼ିଆର ଅପଭ୍ରଂଶ ନ ହେଲା ? × × × × ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ ଏକ ବୃକ୍ଷର ଭିନ୍ନ ୨ ଶାଖା ସ୍ୱରୂପ ଏକ ପ୍ରସୂତିର ଭିନ୍ନ ଭିନ୍ନ ସନ୍ତତିମାନ । ମୂଳବୃକ୍ଷ କାଳ ସହକାରରେ ଲୋପ ପାଇଅଛି । ଶାଖାଗଣ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରମ୍ପର ନିରପେକ୍ଷ ହୋଇ ପ୍ରାଣଧାରଣ କରୁଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ଶରୀରରେ ପରିଣତ କରିବାକୁ ଚେଷ୍ଟା କଲେ ବୃଥା ପ୍ରଯତ୍ନ ହେବ ।" (୪୯) କଲିକତା ରିଭ୍ୟୁର

---

୪୯—ଉତ୍କଳଦୀପିକା—୫ମ ଭାଗ ୮ମ ସଂ—ତା ୨୨।୪।୧୮୭୦

ଜୁଲାଇ ୧୮୬୦ ସଂଖ୍ୟାରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ପୁସ୍ତକର ବିରୁଦ୍ଧ ସମାଲୋଚନା ହୋଇଥିଲା । ଉତ୍କଳଦୀପିକା ଯେପରି ବିଜ୍ଞତା ସହକାରେ ଉକ୍ତ ପୁସ୍ତକର ଅସାରତା ଦର୍ଶାଇଥିଲା ତାହା ଅନ୍ୟାନ୍ୟ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା ।

୧୮୭୦ ମସିହାପରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହେଲା ଏବଂ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ତଥାପି ମଧ୍ୟେ ମଧ୍ୟେ ବଙ୍ଗୀୟମାନେ ଓଡ଼ିଆଭାଷା ବିରୋଧରେ ନାନା ଆନ୍ଦୋଳନ କରୁଥାନ୍ତି । ଓଡ଼ିଶାରେ କିନ୍ତୁ ଓଡ଼ିଆ ଭାଷାପ୍ରତି ଆଦର ବୃଦ୍ଧି ହେଉ ନ ଥାଏ । ଦୀପିକା ଏଥିପାଇଁ ଦୁଃଖ ପ୍ରକାଶ କରିଛି— "ଉତ୍କଳବାସୀମାନେ ଯେ ଆପଣା ମାତୃଭାଷା ପ୍ରତି କିଛିମାତ୍ର ମନୋଯୋଗୀ ହେଉ ନାହାନ୍ତି ବଡ଼ ଶୋଚନୀୟ ବିଷୟ ଅଟଇ । ଏଥିରେ ଏମାନେ ସଭ୍ୟ ଦେଶର ଲୋକଙ୍କଠାରେ କେବଳ ନିନ୍ଦାର ଭାଜନ ହେଉଅଛନ୍ତି ।" (୫୦) 'ଉତ୍କଳ ଦୀପିକା' ଯେପରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ନିରବଚ୍ଛିନ୍ନ ସଂଗ୍ରାମ କରିଥିଲା ତାହା ବାସ୍ତବିକ ଅଭିନନ୍ଦନୀୟ । ବଙ୍ଗୀୟମାନଙ୍କର ଓଡ଼ିଆ ବିଦ୍ୱେଷମାନଙ୍କୁ ସେ ସ୍ପଷ୍ଟଭାବରେ ପଦାରେ ପକାଇ ଦେଇଥିଲା । ଦୀପିକାର ସଂଗ୍ରାମ ଯୋଗୁଁ ଓଡ଼ିଶାରେ ଓଡ଼ିଆ ଭାଷା ତିଷ୍ଠି ରହିପାରିଲା । ତଥାପି ୧୮୭୪ ମସିହା ବେଳକୁ ପୁନର୍ବାର ଓଡ଼ିଆ ଭାଷା ଉଚ୍ଛେଦପାଇଁ ଉଦ୍ୟମ ହୋଇଥିଲା । ସେତେବେଳେ ମଧ୍ୟ ଉତ୍କଳଦୀପିକା ଜାଗ୍ରତ ପ୍ରହରୀରୂପେ ପ୍ରତିପକ୍ଷମାନଙ୍କର ସକଳ ଚକ୍ରାନ୍ତ ଓ ଅପକୌଶଳକୁ ବ୍ୟର୍ଥ କରିଦେଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ବଞ୍ଚିଲା ଓ ଓଡ଼ିଶାର ବିଦ୍ୟାଳୟ ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଚଳାଇ ୧୮୭୦ ମସିହା ପରଠାରୁ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି ପାଇଁ 'ଉତ୍କଳ ଦୀପିକା' ହିଁ ଯଥାର୍ଥରେ ଐତିହାସିକ ଭୂମିକା ନେଇଥିଲା ।

---

୫୦—ଉତ୍କଳଦୀପିକା—୭ମଖଣ୍ଡ/୨୫ ସଂ—ତା ୨୧।୬।୧୮୭୨

**ଉପସଂହାର :**

ଊନବିଂଶ ଶତାବ୍ଦୀର ଆତ୍ମବିଲୁପ୍ତିର ଗଭୀର ଅନ୍ଧକାର ମଧ୍ୟରୁ ଆତ୍ମ ଜାଗରଣର ନବୀନ ବାର୍ତ୍ତା ନେଇ 'ଉତ୍କଳ ଦୀପିକା'ର ହେଲା ନବଜନ୍ମ । ଜାତୀୟ ସଂକଟରୁ ଏହାର ଆରମ୍ଭ, ଜାତୀୟ ଜାଗରଣରେ ଏହାର ଗତି, ଜାତୀୟତାର ସ୍ୱାଭିମାନ ପ୍ରତିଷ୍ଠାରେ ଏହାର ସିଦ୍ଧି । ତେଣୁ 'ଉତ୍କଳ ଦୀପିକା'କୁ ଓଡ଼ିଆଙ୍କର ଜୈତ୍ରଯାତ୍ରା—ଜାତୀୟତାର ଉଦ୍‌ଗାତା—ସଂସ୍କୃତିର ଚେତାବନୀ—ନବ ଯୁଗର ବାଣୀ—ଆତ୍ମବିସ୍ମୃତ ଜନନୀ ଅନ୍ୟାୟ ଅବିଚାରର ବିଦଳିତ ଓଡ଼ିଆ ଜାତିର ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର ଲୋମହର୍ଷଣକାରୀ ସମ୍ବାଦ, ଦୁର୍ଭିକ୍ଷର କାରଣ ଅନୁସନ୍ଧାନ, ଦୁର୍ଭିକ୍ଷ ନିରାକରଣ ପାଇଁ ଆହ୍ୱାନ, ଓଡ଼ିଆ ଭାଷାର ପ୍ରତିଷ୍ଠା, ବଙ୍ଗୀୟମାନଙ୍କର ସକଳ ଚକ୍ରାନ୍ତର ମୁଖା ଉନ୍ମୋଚନ, ଓଡ଼ିଆ ଶିକ୍ଷା ପ୍ରଚଳନପାଇଁ ଜାତୀୟ ସଚେତନତା ସୃଷ୍ଟି, ବିଦ୍ୟାଳୟ ପ୍ରତିଷ୍ଠା, ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ, ଉଚ୍ଚ ପଦରେ ଓଡ଼ିଆମାନଙ୍କର ଅଧିଷ୍ଠାନ, କଲେଜ ପ୍ରତିଷ୍ଠା ଓ ଉଚ୍ଚ ଶିକ୍ଷା ପ୍ରସାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ, ସାମାଜିକ ଅବସ୍ଥାର ସମ୍ବାଦ ପରିବେଷଣ, ବିଭିନ୍ନ ଧର୍ମଧାରାର ଗତି ଓ ପ୍ରକୃତି, ଜଗନ୍ନାଥ ଧର୍ମର ମହତ୍ତ୍ୱ, ରଥଯାତ୍ରା ସଂକ୍ରାନ୍ତୀୟ ନାନା ବିବରଣୀ, ରାଜା ଓ ଜମିଦାରଙ୍କର କାର୍ଯ୍ୟକଳାପ, ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ଓ ନୂତନ ସାହିତ୍ୟ ସୃଷ୍ଟି ପାଇଁ ଆହ୍ୱାନ, ପ୍ରକାଶିତ ସାହିତ୍ୟ ଗ୍ରନ୍ଥଗୁଡ଼ିକର ସମାଲୋଚନା, ବିଭିନ୍ନ ପତ୍ରପତ୍ରିକା ଗୁଡ଼ିକର ବିବରଣୀ, ଭଂଜସାହିତ୍ୟ ତଥା ରୀତି ସାହିତ୍ୟ ପ୍ରତି ସମର୍ଥନ ଓ ପ୍ରତିପକ୍ଷମାନଙ୍କର ବିରୋଧୀ ସମାଲୋଚନାର ସୁଚିନ୍ତିତ ଖଣ୍ଡନ, ଯାତ୍ରା-ଲୀଳା ନାଟକ-ରଙ୍ଗମଞ୍ଚ ସଂପର୍କିତ ତଥ୍ୟ ଓ ମନ୍ତବ୍ୟ, ଦେଶର ଆର୍ଥନୀତିକ ବିକାଶ ପାଇଁ ସଂକେତ, ରାସ୍ତା- କେନାଲ- ଡାକବ୍ୟବସ୍ଥା- ବନ୍ଦୋବସ୍ତ ଆଦିର ସମ୍ବାଦ ପ୍ରଭୃତି 'ଉତ୍କଳଦୀପିକା'ର ସ୍ରଷ୍ଟା ମଣ୍ଡନକର ହସ୍ତରଙ୍ଗ ଜାତୀୟ ଜୀବନରେ ନୂତନ ଭାବ ତରଙ୍ଗ ସୃଷ୍ଟି କରିଥିଲା । ଉତ୍କଳମଣି

ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିଷ୍ଠିତ 'ସମାଜ' ପର୍ଯ୍ୟନ୍ତ 'ଦୀପିକା' ଥିଲା ଓଡ଼ିଆ ଜାତୀୟ ଜୀବନର ଯଥାର୍ଥ ଦାପୁଣୀ । ଏହାର ପାତ୍ର ଦୃଷ୍ଟି ଥିଲା ଆଦିଗନ୍ତ ସମ୍ପ୍ରସାରିତ । ସଂଜୟର ଦୃଷ୍ଟି ନେଇ ଏହା ଯେପରି ବର୍ତ୍ତମାନର ସୁଦୂରକୁ ଦେଖୁଥିଲା, ଅର୍ଜୁନର ଦୃଷ୍ଟି ନେଇ ଜାତୀୟ ଜୀବନର ବିଶ୍ୱରୂପକୁ ସେହିପରି ଉପଲବ୍ଧି କରୁଥିଲା ଏବଂ ଯୁଧିଷ୍ଠିରର ଦୃଷ୍ଟି ନେଇ ଅତୀତ-ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖି ସମସ୍ୟାର ସମାଧାନପାଇଁ ସ୍ଥିତପ୍ରଜ୍ଞ ବିଶୁଦ୍ଧବୋଧ ପ୍ରକାଶ କରିବାକୁ ସମର୍ଥ ହୋଇ ପାରିଥିଲା । ଆଧୁନିକ ଓଡ଼ିଆ ଗଦ୍ୟର କ୍ରମ ବିକାଶରେ ଏହାର ଅବଦାନ ଯେପରି ତାତ୍ପର୍ଯ୍ୟପୂର୍ଣ୍ଣ ସେହିପରି ସୁସ୍ଥ ସାମ୍ବାଦିକତାର ଅଗ୍ର ସାରଥିରୂପେ ଏହାର ଅକ୍ଷୟ ନିଶାଣ ତଥାପି ଦେଦୀପ୍ୟମାନ । 'ଉତ୍କଳଦୀପିକା' ହୁଏତ ବନ୍ଦ ହୋଇଗଲା ସବୁଦିନ ପାଇଁ, ଗୌରୀଶଙ୍କରଙ୍କର ମରଣସହିତ ବିଲୀନ ହୋଇଗଲା ; କିନ୍ତୁ ଦୀପିକା ହୋଇଗଲା ଅର୍ଦ୍ଧ ଶତାବ୍ଦୀ ଓଡ଼ିଶାର ଏକ ଇତିହାସ । ଗୌରୀଶଙ୍କର ହେଲେ ସେହି ଇତିହାସର ଶ୍ରେଷ୍ଠ ଚରିତ୍ର । ନବୋତ୍କଳ ନିର୍ମାଣରେ ଏହି ଇତିହାସର ଭୂମିକା ବାସ୍ତବିକ ଅତୀବ ଗୁରୁତ୍ୱପୂର୍ଣ୍ଣ ।

# କାନ୍ତକବିଙ୍କ ନାଟ୍ୟ-ସାହିତ୍ୟ
# ଏକ ଦୃଷ୍ଟିପାତ

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସାହିତ୍ୟିକ ଜୀବନ ବହୁବର୍ଣ୍ଣିଳ ବୈଭବରେ ଛନ୍ଦାୟିତ । ୧୯୦୩ ମସିହାରୁ ୧୯୫୩ ମସିହା ପର୍ଯ୍ୟନ୍ତ ଦୀର୍ଘକାଳ ମଧ୍ୟରେ କବି ନିଜର ସାହିତ୍ୟିକ ପ୍ରତିଭାକୁ ଉପନ୍ୟାସ, ଗଳ୍ପ, ନାଟକ, ପ୍ରବନ୍ଧ, କବିତା, ଏକାଙ୍କିକା, ଅନୁବାଦ, ଲଳିକା, ରମ୍ୟରଚନା, ସମାଲୋଚନା ଆଦି ବିଭିନ୍ନ ବିଭାଗରେ ବିସ୍ତାର କରି ଯଶସ୍ୱୀ ହୋଇ ପାରିଛନ୍ତି । ଯନ୍ତ୍ରଣାଜର୍ଜ୍ଜରିତ ବେଦନା ବିଧୁର ଜୀବନର ସାମସଙ୍ଗୀତ କବି ଶୁଣାଇଛନ୍ତି 'ଜୀବନସଙ୍ଗୀତ'ରେ । ନିଜେ ରୋଗ ଜର୍ଜ୍ଜରିତ ଜୀବନଯାପନ କରି ମଧ୍ୟ ସମାଜରୁ ଆବର୍ଜନା ଦୂରେଇ ଦେବାପାଇଁ ତାଙ୍କର ଲେଖନୀକୁ ବଜ୍ର କଠୋର କରି ଚଳାଇଛନ୍ତି । ନିଜେ ମରଣର ବଂଶୀଧ୍ୱନି ଶୁଣି ମଧ୍ୟ ଅନ୍ୟକୁ ହସେଇ ହସେଇ ଶାଣିତ ବ୍ୟଙ୍ଗୋକ୍ତି ପ୍ରକାଶ କରି ମାର୍ଜିତ କରାଇବାକୁ ଚେଷ୍ଟା କରିଅଛନ୍ତି । ଏହି ପ୍ରତିଭାବାନ୍ ଶିଳ୍ପୀ ସଙ୍ଗୀତ, ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପରେ ଯେପରି କୃତିତ୍ୱ ଅର୍ଜନ କରିଛନ୍ତି, ସେହିପରି ନାଟ୍ୟସାହିତ୍ୟରେ ମଧ୍ୟ ନିଜର ଅନମନୀୟ ପ୍ରତିଭାର ସମୁଚିତ ପରିଚୟ ପ୍ରଦାନ କରିଅଛନ୍ତି ।

ତୁଳସୀ ଦୁଇପତ୍ରରୁ ବାସ୍ନିଲାଭଳି କାନ୍ତକବିଙ୍କର ନାଟ୍ୟପ୍ରତିଭା ଛାତ୍ର ଜୀବନରୁ ବିକଶିତ ହୋଇ ଉଠିଥିଲା । ସେ ଭଦ୍ରକର ଏକ ସ୍କୁଲରେ ପାଠ ପଢୁଥିବା ସମୟରେ ଜଗନ୍ନାଥପୁରର ଗୋଟିଏ ନାଟକରେ ଇନ୍ଦ୍ର ଭୂମିକାରେ ଅଭିନୟ କରିଥିଲେ ଏବଂ ନିଜର କୁଶଳ ଅଭିନୟ ଦ୍ୱାରା ଦର୍ଶକମାନଙ୍କୁ ଚମତ୍କୃତ କରିଦେଇଥିଲେ । ଏହି ଅଭିନୟ

କରିବାର ସ୍ପୃହା ତାଙ୍କୁ ପରବର୍ତ୍ତୀ ଜୀବନରେ ନାଟ୍ୟକାର ହେବାକୁ ପ୍ରେରଣା ପ୍ରଦାନ କରିଛି । କଲେଜ ଜୀବନରେ ମଧ୍ୟ କେତେ ବଙ୍ଗଳା ନାଟକରେ ଅଭିନୟ କରୁଥିଲେ । ୧୯୧୨ ମସିହାରେ ତତ୍କାଳୀନ ସମ୍ରାଟ ପଞ୍ଚମ ଜର୍ଜଙ୍କର ଅଭିଷେକୋତ୍ସବ ଉପଲକ୍ଷେ ଆମୋଦପ୍ରମୋଦ କରିବାପାଇଁ ପ୍ରଚୁର ଅର୍ଥ ମିଳିଥିଲା । ତେଣୁ କଲେଜରେ ଗୋଟିଏ ଓଡ଼ିଆ ନାଟକ ଅଭିନୟ କରିବାକୁ ଛାତ୍ରମାନେ ଠିକ୍ କଲେ ଏବଂ ରାମଶଙ୍କର ରାୟଙ୍କଦ୍ୱାରା ରଚିତ 'କାଞ୍ଚୀକାବେରୀ' ନାଟକଟିକୁ ମଞ୍ଚସ୍ଥ କରିବାପାଇଁ ସ୍ଥିର କରାଗଲା । ଲକ୍ଷ୍ମୀକାନ୍ତ ଏହି ଅଭିନୟରେ ରାମତାଳ ବଜାଇ ଭିକାରୁଣୀ ବେଶରେ ଏବଂ ଏକତାରା ବଜାଇ ଭଦ୍ରାବେଶରେ ଗୀତ ଗାଉଥିଲେ । କେବଳ ଏତିକି ନୁହେଁ; ନର୍ତ୍ତକୀ ବେଶରେ ରାଜା ପୁରୁଷୋତ୍ତମଦେବଙ୍କ ନିକଟରେ ସେ ନୃତ୍ୟକରି ଦର୍ଶକମାନଙ୍କୁ ଅଭିଭୂତ କରାଇ ଦେଇଥିଲେ । ସ୍କୁଲ୍ ଏବଂ କଲେଜ ଜୀବନରେ ନାଟକରେ ଅଭିନୟ କରି ପରବର୍ତ୍ତୀ କାଳରେ ନାଟକ ରଚନା କରିବାକୁ ସେ ସ୍ୱତଃସ୍ଫୂର୍ତ୍ତ ଭାବରେ ଉତ୍କଣ୍ଠିତ ହୋଇଛନ୍ତି ।

## ନାଟକ ରଚନର ଆଦ୍ୟବକାଶୋନ୍ମୁଖୀ ପ୍ରବୃତ୍ତି : "ରାସଲୀଳା"

ବ୍ୟାଧିଗ୍ରସ୍ତ ଜୀବନର ଦୁର୍ବହ ଭାର କବିଙ୍କୁ ମ୍ରିୟମାଣ କରାଇ ଦେଇଥାଏ । ପୁନଶ୍ଚ କୁଳଦେବତା ଗୋପୀନାଥଙ୍କ ସେବା ଏବଂ ଗୋପୀନାଥଙ୍କ ନାମରେ ଥିବା ପୈତୃକ ସମ୍ପତ୍ତିର ଭାର ଲକ୍ଷ୍ମୀକାନ୍ତ ନେବାରୁ ଅନ୍ୟାନ୍ୟ ଭାଇମାନେ ଈର୍ଷାପରାୟଣ ହୋଇ କବିଙ୍କ ବିରୁଦ୍ଧରେ ନାନାବିଧ ଷଡ଼ଯନ୍ତ୍ର କଲେ । ଶାରୀରିକ ଯନ୍ତ୍ରଣା ସଙ୍ଗେ ସଙ୍ଗେ ପାରିବାରିକ ଜଞ୍ଜାଳ ଓ ଜ୍ୱାଳା କବିଙ୍କର ଜୀବନକୁ ଆହୁରି ଜ୍ୱାଳାମୟ କରିଦେଲା । ଏହି ଜଟିଳ ଜଞ୍ଜାଳ ଜ୍ୱାଳାମୟ ପରିବେଶରୁ କବିଙ୍କୁ ସଙ୍ଗୀତଚର୍ଚ୍ଚା ସାମୟିକ ଶାନ୍ତି ପ୍ରଦାନ କରୁଥିଲା । ତେଣୁ ସେ ୧୯୨୧ ମସିହାରେ "ଗୋପୀନାଥ ସଙ୍ଗୀତ ସମାଜ" ଗଠନ କଲେ । ଏହି ସଙ୍ଗୀତ ସମାଜ ପ୍ରଥମେ ଅପେରା

ଏବଂ ପରେ ଥିଏଟରରେ ମଞ୍ଚସ୍ଥ ହେଲା । ତାଙ୍କର ଅନ୍ତରଙ୍ଗବନ୍ଧୁ ପ୍ରସିଦ୍ଧ ସ୍ୱରଶିଳ୍ପୀ ମୋହନ ସାବନ୍ତ ଆସି ୧୯୨୩ ମସିହାରେ ତାଙ୍କ ସହିତ ଯୋଗଦେଲେ । ମଣିକାଞ୍ଚନର ସୁମଧୁର ସମନ୍ୱୟରେ ରାସଲୀଳା ଲୀଳାୟିତ ହୋଇଉଠିଲା । ତେଣୁ ତାଙ୍କର ସର୍ବପ୍ରଥମ ନାଟକ 'ଶରଦ୍ରାସ' ଅଭିନୀତ ହେଲା । କବିଙ୍କର ନାଟ୍ୟ ପ୍ରତିଭାର ବିକାଶ ଘଟିଛି ପ୍ରଥମେ ରାସଲୀଳା ରଚନା କରିବାରେ । କବି ନିଜେ ବୈଷ୍ଣବ । କୁଳଗୁରୁ ପରମ ବୈଷ୍ଣବ ରାମଦାସଙ୍କର ସେ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସତେଶ୍ୱର ଗୋପୀନାଥଙ୍କର ପୂଜା ଦାୟିତ୍ୱ ସେ ନିଜେ ବହନ କରିଥିଲେ । ଜୀବନର ନାନାଦୁଃଖ ଯନ୍ତ୍ରଣାରେ ନିଜକୁ ମଧ୍ୟ ସେ ଗୋପୀନାଥଙ୍କ ସେବାରେ ଅଭିନିବିଷ୍ଟ କରି ରଖୁଥିଲେ । ଗୋପୀନାଥଙ୍କ ଭକ୍ତିରେ ସେ ବିହ୍ୱଳ ହୋଇପଡ଼ୁଥିଲେ । ତେଣୁ ଭକ୍ତିରସର ଆଶ୍ରୟୀ କବି ଲକ୍ଷ୍ମୀକାନ୍ତ ପ୍ରଥମେ ରାସଲୀଳା ରଚନାରେ ନିଜକୁ ନିୟୋଜିତ କରିଥିଲେ । ପରେ ପରେ 'ବସନ୍ତ ବିଳାସ', 'ବରୁଣ ବିଜୟ', 'ବ୍ରଜ ବର୍ଜନ', 'କାଳୀୟ ଦଳନ', 'ବେଶବଦଳା', 'ବଂଶୀଶିକ୍ଷା', ଆଦି କୃଷ୍ଣଲୀଳାମାନ ରଚନା କରି ଯଶସ୍ୱୀ ହେଲେ । ସେହି ସମୟରେ ଗୋବିନ୍ଦ ସୂରଦେଓ ଏବଂ ମୋହନ ଗୋସ୍ୱାମୀଙ୍କ ରାସଦଳ ଖ୍ୟାତି ଲାଭ କରିଥାଏ । ମାତ୍ର ସେମାନଙ୍କର ରାସ ସବୁ ସଙ୍ଗୀତାଶ୍ରୟୀ ଏବଂ ଏହି ସଙ୍ଗୀତ ବିଶେଷ କରି ଓଡ଼ିଶୀ ସଙ୍ଗୀତକୁ ନେଇ ରଚିତ ହେଉଥିଲା । କାଳୀଚରଣ ପଟ୍ଟନାୟକ ମଧ୍ୟ ଏହି ସମୟରେ ରାସଲୀଳାର ଅନ୍ୟତମ ପ୍ରସିଦ୍ଧ ପ୍ରବର୍ତ୍ତକ ଥିଲେ । ମାତ୍ର କାନ୍ତକବି ରାସଲୀଳାରେ ସହଜ ସଙ୍ଗୀତ ପରିବର୍ତ୍ତେ ଶାସ୍ତ୍ରୀୟ ସଙ୍ଗୀତର ଧାରା ପ୍ରବର୍ତ୍ତନ କଲେ । ସେହି କାରଣରୁ କବିଙ୍କ ରାସଲୀଳା ସେ ସମୟରେ ଆଶାନୁରୂପ ପ୍ରସିଦ୍ଧି ଲାଭ କରିଥିଲା । ଲକ୍ଷ୍ମୀକାନ୍ତ ବୈଷ୍ଣବ କବି । ଗୋପୀବଲ୍ଲଭ ରାସେଶ୍ୱରଙ୍କର ରାସଲୀଳା ପ୍ରବର୍ତ୍ତନ କରିବା ସଙ୍ଗେ ସଙ୍ଗେ ରାସଲୀଳାର ଲୀଳାୟିତ ଅଭିନୟ ଦ୍ୱାରା ସେ ଦର୍ଶକମାନଙ୍କୁ ଅଭିଭୂତ କରୁଥିଲେ । ମୋଟ ଉପରେ ରାସଲୀଳା ରଚନାରେ କାନ୍ତକବିଙ୍କର ନାଟ୍ୟ-ସାହିତ୍ୟ-ପ୍ରତିଭାର ଆଦ୍ୟବିକାଶୋନ୍ମୁଖୀ ପ୍ରତିଭା କହିଲେ ଅତ୍ୟୁକ୍ତି ହେବନାହିଁ ।

## କେତୋଟି ରାସଲୀଳାର ସଂକ୍ଷିପ୍ତ ସୂଚନା :

### ଶରଦ୍ରାସ :—

କାନ୍ତକବି ନାଟ୍ୟପ୍ରତିଭାର ଆଦ୍ୟବିକାଶୋନ୍ମୁଖୀ କଳିକା ହିଁ, 'ଶରଦ୍ରାସ' (୧୯୨୩) ରାସଲୀଳା । ବୈଷ୍ଣବସାହିତ୍ୟର ଏକ ରମଣୀୟ କାହାଣୀକୁ ଭିତ୍ତିକରି କବି ଏହି ରାସଲୀଳା ବର୍ଣ୍ଣନା କରିଛନ୍ତି । ଏଥିରେ କବି ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନିର ମାହାତ୍ମ୍ୟ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କୃଷ୍ଣପ୍ରେମ ଉନ୍ମତ୍ତା ପ୍ରେମସ୍ୱରୂପିଣୀ ଗୋପାଙ୍ଗନାମାନଙ୍କର ପ୍ରେମର ପରାକାଷ୍ଠା ଦର୍ଶାଇଅଛନ୍ତି । ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି ଶ୍ରବଣ କରି ଗୋପାଙ୍ଗନାମାନେ ପ୍ରେମବିହ୍ୱଳା ହୋଇ ପତି ଓ ସନ୍ତାନସନ୍ତତିଙ୍କୁ ତ୍ୟାଗକରି ଶ୍ରୀକୃଷ୍ଣଙ୍କ ନିକଟକୁ ଚାଲିଯାଇଛନ୍ତି । ମାତ୍ର ରସରାଜ ଶ୍ରୀକୃଷ୍ଣ ଶ୍ରୀମତୀଙ୍କୁ ଧରି ଅରଣ୍ୟ ମଧ୍ୟକୁ ଚାଲିଯିବାରୁ ଅନ୍ୟାନ୍ୟ ଗୋପାଙ୍ଗନାମାନେ ସେମାନଙ୍କୁ ଖୋଜିବାରେ ଲାଗିଛନ୍ତି । ଶ୍ରୀକୃଷ୍ଣଙ୍କର ପ୍ରେମ ଏକାକିନୀ ଭୋଗକରି ଶ୍ରୀମତୀଙ୍କର ଅହଙ୍କାର ସୃଷ୍ଟି ହୋଇଛି । ମାତ୍ର ଗର୍ବଗଞ୍ଜନକାରୀ ଶ୍ରୀକୃଷ୍ଣ ଶ୍ରୀମତୀଙ୍କୁ ଏକାକିନୀ ବନମଧ୍ୟରେ ଛାଡ଼ି ଦୂରେଇ ଯାଇଛନ୍ତି । ଶ୍ରୀମତୀ ନିଜର ଭୁଲ ବୁଝିପାରି ଅନୁତପ୍ତା ହୋଇଛନ୍ତି ଏବଂ ଅନ୍ୟାନ୍ୟ ଗୋପାଙ୍ଗନାମାନଙ୍କ ସହ ଶ୍ରୀକୃଷ୍ଣଙ୍କୁ ଅନୁସନ୍ଧାନ କରିଛନ୍ତି । ଶେଷରେ ଶ୍ରୀକୃଷ୍ଣ ଆବିର୍ଭୂତ ହୋଇଛନ୍ତି । ଏଥିରେ ଶ୍ରୀମଦ୍ ଭାଗବତ ଓ ଭୂପତି ପଣ୍ଡିତଙ୍କର ପ୍ରେମପଞ୍ଚାମୃତ କାବ୍ୟର ପ୍ରଭାବ ଲକ୍ଷ୍ୟ କରାଯାଇଥାଏ । ଶରତ ପୂର୍ଣ୍ଣିମାର ସ୍ନିଗ୍ଧଜ୍ୟୋତ୍ସ୍ନାର ରାସଲୀଳା ବର୍ଣ୍ଣନା ଅତୀବ ରମଣୀୟ ଓ ପ୍ରାଣସ୍ପର୍ଶୀ ହୋଇଅଛି ।

### ବ୍ରଜବର୍ଜନ :

କଂସର ଆଦେଶରେ ଅକ୍ରୂର ଶ୍ରୀକୃଷ୍ଣଙ୍କୁ ମଥୁରାକୁ ନେବାକୁ ଆସିଅଛି । ଏହି ସଂବାଦ ଗୋପପୁରରେ ସର୍ବତ୍ର ବ୍ୟାପିଯାଇଛି । ଫଳରେ ଗୋପାଙ୍ଗନା, ଗୋପବାଳକ, ନନ୍ଦରାଜା ଓ ନନ୍ଦରାଣୀ ଯଶୋଦା ସମସ୍ତେ ଶୋକାକୁଳ । ଶେଷରେ ଶ୍ରୀକୃଷ୍ଣ ସମସ୍ତଙ୍କୁ ପ୍ରବୋଧନା

ଦେଇ କୁହାଁଇ ଶୁହାଁଇ ମଥୁରାକୁ ଗମନ କରିଛନ୍ତି । ଅକ୍ରୁର ଗୋପାଙ୍ଗନାମାନଙ୍କର ସରଳ ପ୍ରେମଭକ୍ତିରେ ବିହ୍ୱଳ ହୋଇଯାଇଛନ୍ତି । ନନ୍ଦ, ଯଶୋଦା, ରାଧା, ବୃନ୍ଦା, ଲଳିତା, ବିଶାଖା, ସୁବଳ ଓ ମଧୁମଙ୍ଗଳ ଆଦି ବିଭିନ୍ନ ଚରିତ୍ରଗୁଡ଼ିକ ବାସ୍ତବଧର୍ମୀ ଏବଂ ପ୍ରାଣସ୍ପର୍ଶୀ ହୋଇଛନ୍ତି । ବିଭିନ୍ନ ଦୃଶ୍ୟରେ ସଙ୍ଗୀତର ମଧୁର ମୂର୍ଚ୍ଛନା ରାସଲୀଳାକୁ ମାଧୁର୍ଯ୍ୟମଣ୍ଡିତ କରିଅଛି ।

## ବେଶ ବଦଳା

ଗୋଟିଏ ମାତ୍ର ଅଙ୍କରେ ଏହି ନାଟକଟି ଶେଷ ହୋଇଛି । ଶାଶୁ କୁଟିଳାଙ୍କ ଆକଟ ହେତୁ ଶ୍ରୀକୃଷ୍ଣ ଏବଂ ଶ୍ରୀମତୀଙ୍କର ମିଳନ ହୋଇ ପାରୁନାହିଁ । ତେଣୁ ଶ୍ରୀକୃଷ୍ଣ ପ୍ରଥମେ ବାରିକାଣୀ ବେଶରେ ଆସି ଶ୍ରୀମତୀଙ୍କ ପାଦତଳେ 'ଶ୍ୟାମ ଶ୍ୟାମ' ଲେଖିଦେଇ ଯାଉଛନ୍ତି । ପୁନରାୟ ମାଳୁଣୀ ବେଶରେ ଆସି ଶ୍ରୀରାଧାଙ୍କୁ ଫୁଲବେଶ କରି ଦେଉଛନ୍ତି । ଶେଷରେ ସନ୍ନ୍ୟାସୀ ବେଶରେ ଆସି କୁଟିଳାକୁ କୌଶଳରେ ବିଦାୟ କରିଦେଇ ଶ୍ରୀମତୀଙ୍କ ସହିତ ମିଳିତ ହୋଇଛନ୍ତି । ଏହାହିଁ 'ବେଶବଦଳା' ନାଟକର କଥାବସ୍ତୁ ।

## କାଳୀୟ ଦଳନ :

କଂସର ଚକ୍ରାନ୍ତରେ ନନ୍ଦରାଜାଙ୍କୁ ଆଦେଶ ହୋଇଛି ଶତେଶ୍ୱର ପଦ୍ମଫୁଲ ପାଇଁ । ଶ୍ରୀକୃଷ୍ଣ ଏବଂ ବଳରାମ କାଳୀୟ ହ୍ରଦକୁ ପଦ୍ମଫୁଲ ତୋଳିବାକୁ ଯାଉଛନ୍ତି । କାଳୀୟ ନାଗର ଦଂଶନରେ ଶ୍ରୀକୃଷ୍ଣ ଚେତାଶୂନ୍ୟ ହୋଇ ଯାଉଛନ୍ତି । ଫଳରେ ବଳରାମ କ୍ରୋଧ ପ୍ରକାଶ କରୁଛନ୍ତି ମାତ୍ର ଦୈବବାଣୀ ହେବ ଦ୍ୱାରା ଶାନ୍ତ ହୋଇ ଗରୁଡ଼ଙ୍କୁ ସ୍ମରଣ କରୁଛନ୍ତି । ଗରୁଡ ପ୍ରବେଶ କରିବା ପରେ ଶ୍ରୀକୃଷ୍ଣଙ୍କର ଚେତା ଫେରୁଛି । କାଳୀୟ କନ୍ୟା ମାଳାର ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମ ଓ ଆସକ୍ତି ପ୍ରକାଶ ପାଉଛି । ତେଣୁ ସେ ଶ୍ରୀକୃଷ୍ଣଙ୍କୁ ପ୍ରାଣମୂର୍ଚ୍ଛା । ସେବାକରୁଛି ।

କାଳୀୟଙ୍କୁ ହ୍ରଦରୁ ଶ୍ରୀକୃଷ୍ଣଙ୍କ ଚେତାଶୂନ୍ୟ ଶରୀରକୁ ସଖା ସହଯୋଗରେ ଉପରକୁ ଆଣିଛନ୍ତି ଏବଂ ଗୋପପୁରକୁ ଖବର ଦେଇଛନ୍ତି । ଶେଷରେ କାଳୀୟର ଦର୍ପ ଖଣ୍ଡିତ ହୋଇଛି ଏବଂ କାଳୀୟଙ୍କ ନାଗର କନ୍ୟାଙ୍କୁ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରିଛନ୍ତି । ଏହି ରୂପଲୀଳାଟି ଚମତ୍କାର ଭାବରେ ନାଟ୍ୟକାର ବର୍ଣ୍ଣନା କରିଛନ୍ତି ।

## ବଂଶୀଶିକ୍ଷା :

'ବଂଶୀଶିକ୍ଷା' ନାଟକଟି ଗୋଟିଏ ଅଙ୍କରେ ଶେଷ ହୋଇଛି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ବଂଶୀଧ୍ୱନିରେ ବିହ୍ୱଳା ହୋଇଛନ୍ତି । ଶ୍ରୀକୃଷ୍ଣଙ୍କ ବଂଶୀର ଧ୍ୱନି ସର୍ବଦା ସେପରି 'ରାଧା ରାଧା' ଅନବରତ ଡାକେ । ଶ୍ରୀରାଧାଙ୍କୁ ଶ୍ରୀକୃଷ୍ଣ ବଂଶୀବାଦନ ଶିଖାଇ ଦେଇଛନ୍ତି । ଶ୍ରୀରାଧା ବଂଶୀବାଦନ କରନ୍ତେ ତାହା 'କୃଷ୍ଣ କୃଷ୍ଣ' ଉଚ୍ଚାରଣ କଲା । ଏହାହିଁ 'ବଂଶୀଶିକ୍ଷା' ନାଟିକାର ବିଷୟବସ୍ତୁ ।

## ବସନ୍ତବିଳାସ

ନବଜଳଦ ଶ୍ୟାମ ଶ୍ରୀକୃଷ୍ଣଙ୍କର ଅଲୌକିକ ଅପ୍ରାକୃତ ପ୍ରେମଲୀଳା ଏହି ନାଟିକାରେ ପ୍ରକଟିତ ହୋଇଛି । ଯମୁନା କୂଳରେ ଶ୍ରୀକୃଷ୍ଣଙ୍କ ଦର୍ଶନରେ ବସନ୍ତର ଆବର୍ତ୍ତକ ହୋଇଛି । ସର୍ବତ୍ର ବସନ୍ତର ଅଖଣ୍ଡ ରାଜତ୍ୱ । ଶ୍ରୀମତୀ ଏବଂ ଅନ୍ୟାନ୍ୟ ଗୋପାଙ୍ଗନାମାନେ ଯମୁନା କୂଳକୁ ଯାଇଛନ୍ତି । ଶ୍ରୀମତୀ ଏବଂ ଶ୍ରୀକୃଷ୍ଣଙ୍କର ରାସଲୀଳା ଆରମ୍ଭ ହୋଇଛି । ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତିକୁ ଅନ୍ୟାନ୍ୟ ଗୋପାଙ୍ଗନାମାନେ ଘେରିଯାଇ ସଙ୍ଗୀତ ଗାନ କରିଛନ୍ତି । ଚନ୍ଦ୍ରସେଣୀ ନନନ୍ଦୀ କୁଟିଳାଠାରୁ ଶ୍ରୀରାଧାଙ୍କର ରାସଲୀଳା ସଂକ୍ରାନ୍ତରେ ସମ୍ବାଦ ପାଇ ବନ ମଧ୍ୟକୁ କ୍ରୋଧାନ୍ୱିତ ହୋଇ ଯାଇଛି । ଶ୍ରୀମତୀଙ୍କୁ ସେ ଜବତ କରିବ । ମାତ୍ର ରାଧାକୃଷ୍ଣଙ୍କର ଅଲୌକିକ ପ୍ରେମଲୀଳାକୁ ଦେଖି ସେ ଆତ୍ମବିଭୋର ହୋଇଛି । କୁଟିଳା ଦ୍ୱାରା ସେ ସଂବାଦ ପେଇ ପାଇଛି ଏବଂ ଗୃହକୁ ଫେରିଆସିଛି । ବସନ୍ତବିଳାସ

ନାଟିକାରେ କାନ୍ତକବି ରାସେଶ୍ୱର ଏବଂ ରାସେଶ୍ୱରୀଙ୍କର ମଧୁର ଲୀଳାକୁ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।

## ଶ୍ରୀ ଶ୍ରୀ ଗୌର ସନ୍ନ୍ୟାସ :

ହରି ନାମର ମହତ୍ତ୍ୱ ପ୍ରଚାର କରିବା ଏହି ନାଟକର କଥାବସ୍ତୁ । ଶ୍ରୀ ଗୌରଚନ୍ଦ୍ର ବିରାଟ ପଣ୍ଡିତ ମାତ୍ର ସେ ହରି ପ୍ରେମରେ ବିହ୍ୱଳ । ଶ୍ରୀକୃଷ୍ଣଙ୍କ ପ୍ରେମରେ ସେ ପାଗଳ । ନିଜକୁ ରାଧା ଭାବି ଶ୍ରୀକୃଷ୍ଣଙ୍କନାମ ଗାନ କରିବାରେ ସେ ଉନ୍ମତ୍ତପ୍ରାୟ । ନିତ୍ୟାନନ୍ଦଙ୍କ ସହିତ ତାଙ୍କର ମିଳନ ଘଟିଛି । ଉଭୟେ ପ୍ରେମାବତାର । ପ୍ରେମଦ୍ୱାରା କଳିଯୁଗୀୟ ଦୁଷ୍ଟ ପ୍ରକୃତିକୁ ପରିବର୍ତ୍ତନ କରିବା ସେମାନଙ୍କର ଲକ୍ଷ୍ୟ । ଗୌରଚନ୍ଦ୍ରଙ୍କର ସଂସାର ବୈରାଗ୍ୟ ଭାବ ଦେଖି ପ୍ରିୟତମା ପତ୍ନୀ ବିଷ୍ଣୁପ୍ରିୟା ଶୋକସନ୍ତପ୍ତା ଏବଂ ସ୍ନେହଶୀଳା ଜନନୀ ଶଚୀମାତା ମଧ୍ୟ ଚିନ୍ତାନ୍ୱିତା । ହରିଦାସ, ଅଦ୍ୱୈତ ପଣ୍ଡିତ ଆଦି ବ୍ୟକ୍ତିମାନେ ଗୌରଚନ୍ଦ୍ରଙ୍କର ଭକ୍ତ ଭାବରେ ତନ୍ମୟ ହୋଇଛନ୍ତି । ମାତ୍ର ତର୍କରତ୍ନ ଏବଂ ବିଦ୍ୟାବାଗୀଶ ଗୌରଚନ୍ଦ୍ର ଓ ନିତ୍ୟାନନ୍ଦଙ୍କର ବିରୁଦ୍ଧାଚରଣ କରୁଥାନ୍ତି । କାଜି ସାହେବଙ୍କୁ ଧରି ଗୌରଚନ୍ଦ୍ର ଏବଂ ନିତ୍ୟାନନ୍ଦଙ୍କର ପ୍ରତିଶୋଧ ନେବାକୁ ସେମାନେ ସତତ ବ୍ୟଗ୍ର ହୋଇ ପଡ଼ୁଥାନ୍ତି । ମାତ୍ର ଗୌରଚନ୍ଦ୍ର ଏବଂ ନିତ୍ୟାନନ୍ଦ ଜଗାଇ ମାଧାଇ ଭଳି ଦୁର୍ଦ୍ଦାନ୍ତ ଦୁର୍ଦ୍ଧର୍ଷ ମଦ୍ୟପ ଡକାୟତଙ୍କୁ ମଧ୍ୟ ହରି ପ୍ରେମରେ ବିଭୋଳ କରାଇ ଦେଲେ । କାଜି ମଧ୍ୟ ଗୌରଚନ୍ଦ୍ରଙ୍କର ଅଲୌକିକ ଗୁଣ ଜାଣି ତାଙ୍କର ବଶ୍ୟତା ସ୍ୱୀକାର କଲେ । ଶେଷରେ ଗୌରଚନ୍ଦ୍ର ସୁପ୍ତା ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଛାଡ଼ି ସନ୍ନ୍ୟାସବ୍ରତ ଅବଲମ୍ବନ କରି ଗୃହତ୍ୟାଗ କଲେ । ହରିନାମର ମହତ୍ତ୍ୱ ପ୍ରଚାର କଲେ । ବିଷ୍ଣୁପ୍ରିୟା ମଧ୍ୟ ସ୍ୱାମୀଙ୍କ ପଥ ଅନୁସରଣ କରି ହରିନାମର ମହତ୍ତ୍ୱ ପ୍ରଚାର କରିବାକୁ ବଦ୍ଧପରିକର ହେଲେ ।

## ରାସଲୀଳା ସମ୍ବନ୍ଧରେ ପଦେ :

କାନ୍ତକବିଙ୍କ ଦ୍ୱାରା ରଚିତ ବିଭିନ୍ନ ରାସଲୀଳାଗୁଡ଼ିକୁ ପର୍ଯ୍ୟାଲୋଚନାକଲେ ଜଣାଯାଏ ଯେ, କବି ନିଜର ଭକ୍ତିଭାବକୁ ଯେପରି

ପ୍ରତ୍ୟେକ ଲୀଳାରେ ପ୍ରକାଶିତ କରିବାକୁ ଚେଷ୍ଟା କରିଛନ୍ତି । ନିଜେ ବୈଷ୍ଣବ ଥିବାରୁ ସେ ଭକ୍ତିରସାଶ୍ରୟୀ ନାଟିକାମାନ ରଚନା କରିଛନ୍ତି ତଣିତ ଶଙ୍ଖଣର ମହାମାୟୁରା ପରିବର୍ତ୍ତେ ଭକ୍ତିରସର ଉଚ୍ଛ୍ୱଳ ପ୍ଳାବନ ପ୍ରତ୍ୟେକ ରାସଲୀଳାରେ ଦେଖିବାକୁ ମିଳେ । ନାଟକୀୟ ଦ୍ୱନ୍ଦ୍ୱ ବା ସଂଘର୍ଷ ଏଗୁଡ଼ିକରେ ବିଶେଷ ଲକ୍ଷଣୀୟ ନୁହେଁ । ବିଭିନ୍ନ ରାସଲୀଳାରେ କବି ସଂଗୀତକୁହିଁ ପ୍ରାଧାନ୍ୟ ଦେଇଛନ୍ତି । ସେ ନିଜେ ଜଣେ ସଙ୍ଗୀତଜ୍ଞଥିବାରୁ ଲୀଳାମାନଙ୍କରେ ସଙ୍ଗୀତକୁ ପ୍ରାଧାନ ସ୍ଥାନ ଦେଇଅଛନ୍ତି । ସମସାମୟିକ ରାସଲୀଳା ରଚକମାନଙ୍କଠାରୁ କାନ୍ତକବିଙ୍କର ସ୍ୱତନ୍ତ୍ରତା ଲକ୍ଷ୍ୟ କରାଯାଇ ଥାଏ । ଅବଶ୍ୟ ସେ ସମୟରେ ମୋହନ ଗୋସ୍ୱାମୀ, ଗୋବିନ୍ଦସୂର ଦେଓ-କାଳୀଚରଣ ପ୍ରମୁଖ ରାସରଚକମାନେ ପ୍ରସିଦ୍ଧି ଲାଭ କରିଥିଲେ । ମାତ୍ର ସେମାନଂକର ରାସ,ସଙ୍ଗୀତ ଭିତ୍ତିକ । ରାସଲୀଳାରେ କାନ୍ତକବି ସଙ୍ଗୀତକୁ ପ୍ରାଧାନ୍ୟ ଦେଇଥିଲେହେଁ ଗଦ୍ୟସଂଳାପ ପ୍ରୟୋଗକରି ନାଟକୀୟତା ସୃଷ୍ଟି କରି ପାରିଥିଲେ । ସେଗୁଡ଼ିକ କାନ୍ତକବିଂକର ନାଟ୍ୟପ୍ରତିଭାର ଜ୍ୱଳନ୍ତ ଦୃଷ୍ଟାନ୍ତ କହିଲେଅତ୍ୟୁକ୍ତି ହେବନାହିଁ । ଏଥିରେ ସନ୍ନିବେଶିତ ସଂଗୀତଗୁଡ଼ିକ କାନ୍ତକବିଙ୍କର ସାଂଗୀତିକ ପ୍ରତିଭାର ପରିଚୟ ମଧ୍ୟ ପ୍ରଦାନ କରିଥାଏ ।

## ନାଟ୍ୟ ପ୍ରତିଭାର ଦ୍ୱିତୀୟ ପର୍ଯ୍ୟାୟ—'ପୌରାଣିକ ନାଟକ'

କାନ୍ତକବି ଯେଉଁ ସମୟରେ ରାସଦଳ ଗଠନ କରି ରାସ ଅଭିନୟ କରାଉଥାଅନ୍ତି ଠିକ୍ ସେହି ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥାଏ । ପ୍ରଥମ ପର୍ଯ୍ୟାୟରେ ରାମଶଙ୍କର, ଭିକାରୀଚରଣ, କାମପାଳ ମିଶ୍ର, ଗୋବିନ୍ଦ ଦେବ, ସୂରଦେଓ ପ୍ରଭୃତି ନାଟ୍ୟକାରଗଣ ନାଟକ ରଚନାକରି ଖ୍ୟାତି ଅର୍ଜନକରି ସାରିଥିଲେ । ପ୍ରଥମ ସ୍ତରର ନାଟ୍ୟକାରମାନେ ପୌରାଣିକ ଓ ଐତିହାସିକ ନାଟକମାନ ରଚନାକରି ପ୍ରସିଦ୍ଧି ଲାଭ କରିଥାଅନ୍ତି । ଦ୍ୱିତୀୟ ପର୍ବରେ ନାଟ୍ୟରଥୀ ଅଶ୍ୱିନୀକୁମାର ଘୋଷ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦି ପ୍ରଭାବଶାଳୀ ନାଟ୍ୟକାର । ଅଶ୍ୱିନୀକୁମାରଙ୍କର ବିଭିନ୍ନ ପୌରାଣିକ ଏବଂ ଐତିହାସିକ ନାଟକଗୁଡ଼ିକ ବିଶେଷ ଭାବରେ ଆଦୃତ ହେଉଥାଏ ।

ଯାଜପୁରର କୃଷ୍ଣପ୍ରସାଦ ବସୁ ମଧ୍ୟ ଏହି ସମୟରେ ପୌରାଣିକ ଏବଂ ଐତିହାସିକ ନାଟକମାନ ରଚନାକରି ଲୋକପ୍ରିୟ ହୋଇଥାଆନ୍ତି । ତାଙ୍କର ଅପେରା ଏଥିପାଇଁ ଖ୍ୟାତି ଲାଭ କରିଥାଏ । ଲୋକମତ କ୍ରମେ ରାସଲୀଳାରୁ ଐତିହାସିକ ଓ ପୌରାଣିକ ନାଟକ ଆଡ଼କୁ ଫେରିଲା । ଲକ୍ଷ୍ମୀକାନ୍ତ ମଧ୍ୟ ରାସଲୀଳା ଛାଡ଼ି ପୌରାଣିକ ଓ ଐତିହାସିକ ନାଟକମାନ ରଚନା କରିବାପାଇଁ ମନ ବଳାଇଲେ । 'ଚନ୍ଦ୍ରହାସ' ଏବଂ 'କଳାପାହାଡ଼' ତାଙ୍କର ଏ ଦିଗରେ ପ୍ରଥମ ଉଦ୍ୟମ । ମାତ୍ର ଏଗୁଡ଼ିକର ପାଣ୍ଡୁଲିପି ଏବେ ମଧ୍ୟ ମିଳୁ ନାହିଁ । ଏହାପରେ ସେ 'କର୍ଣ୍ଣ' ନାଟକ ରଚନା କଲେ । 'ଲକ୍ଷ୍ମୀ ଚନ୍ଦ୍ରାକୁର୍ମୀ' ମଧ୍ୟ ତାଙ୍କର ଆଉ ଏକ ପୌରାଣିକ ନାଟକ । କାନ୍ତକବି ତାଙ୍କର ପୌରାଣିକ ନାଟକକୁ ଅର୍ଧମ୍ପ ଅନେକ ଛଟାରେ ଉଦ୍ଭାସିତ କରିଅଛନ୍ତି । ପୌରାଣିକ ବିଷୟବସ୍ତୁକୁ ଆଧୁନିକ ରୁଚି ଅନୁଯାୟୀ ନୂତନ ଢାଞ୍ଚାରେ ରଚନା କରିଛନ୍ତି ।

## କର୍ଣ୍ଣ :

'କର୍ଣ୍ଣ' ଉପାଖ୍ୟାନକୁ ନେଇ ବିଭିନ୍ନ ନାଟ୍ୟକାର ବିଭିନ୍ନ ଭାବରେ ନାଟକ ରଚନା କରିଛନ୍ତି । ମାତ୍ର କାନ୍ତକବି କର୍ଣ୍ଣର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଘଟଣାକୁ ନେଇ ଏହି ନାଟକଟିକୁ ରଚନା କରିଛନ୍ତି । ମହାଭାରତ ଯୁଦ୍ଧର ସମସ୍ତ ବର୍ଣ୍ଣନା ଏହି ନାଟକଟିରେ ଦେଖିବାକୁ ମିଳେ । କର୍ଣ୍ଣର ଜନ୍ମ, ଅଧିରଥ ଘରେ କର୍ଣ୍ଣର ଲାଳନପାଳନ, ବିଦ୍ୟାଶିକ୍ଷା, ଦ୍ରୋଣଙ୍କ ଦ୍ୱାରା ଅପମାନିତ ହେବା, ପରଶୁରାମଙ୍କୁ ସନ୍ତୁଷ୍ଟ କରି ଶିକ୍ଷାଲାଭ, ସୂର୍ଯ୍ୟଙ୍କଠାରେ ବରପ୍ରାପ୍ତି, ଇନ୍ଦ୍ରଙ୍କଦ୍ୱାରା ପ୍ରତାରିତ ହୋଇ କବଚକୁଣ୍ଡଳ ଦାନ, ଶ୍ରୀକୃଷ୍ଣଙ୍କଠାରୁ ଦାନର ମହିମା ପ୍ରଦର୍ଶନ, ଦ୍ରୌପଦୀ ସ୍ୱୟମ୍ବରରେ ଅପମାନିତ ହେବା, ଭୀଷ୍ମଙ୍କଦ୍ୱାରା ଅପମାନିତ, ଶେଷରେ ମହାଭାରତ ଯୁଦ୍ଧରେ ଅବତୀର୍ଣ୍ଣ ଏବଂ କୃଷ୍ଣଙ୍କ ଚକ୍ରାନ୍ତରେ ଅର୍ଜୁନର କର୍ଣ୍ଣକୁ ଶରବିଦ୍ଧ କରିବା ଆଦି ବିଭିନ୍ନ ଘଟଣାକୁ କେନ୍ଦ୍ରକରି

ଏହି ନାଟକଟି ରଚିତ ହୋଇଅଛି । ଏହି ନାଟକରେ କର୍ଣ୍ଣ ଚରିତ୍ରର ମହତ୍ତ୍ୱ ଫୁଟି ଉଠିଛି । ମାତ୍ର ନାଟକୀୟତା ବହୁ ସ୍ଥଳରେ ବାଧାପ୍ରାପ୍ତ ହୋଇଥିବାର ଲକ୍ଷ୍ୟ କରାଯାଇଥାଏ । ଏଥିରେ କବି ମୁକ୍ତଛନ୍ଦର (Blank Verse) ସୁନ୍ଦର ପ୍ରୟୋଗ କରି ପାରିଛନ୍ତି । କୁନ୍ତୀ, ଦ୍ରୌପଦୀଙ୍କ ସହିତ କର୍ଣ୍ଣର କଥୋପକଥନରେ କର୍ଣ୍ଣର ଚାରିତ୍ରିକ ବୈଶିଷ୍ଟ୍ୟ ଫୁଟି ଉଠିଛି । 'ପ୍ରଥମପାର୍ଥ' ନାଟକରେ ବୁଦ୍ଧଦେବ ବସୁ ଏହିଭଳି ଭାବରେ କର୍ଣ୍ଣର ଚାରିତ୍ରିକ ମହତ୍ତ୍ୱକୁ ବର୍ଣ୍ଣନା କରିଅଛନ୍ତି ।

କବି ଯେହେତୁ ବୈଷ୍ଣବ ଏବଂ ଗୋପୀନାଥଙ୍କ ଭକ୍ତ ତେଣୁ ଏହି ନାଟକରେ ସେ କର୍ଣ୍ଣର ଦାନ ପରୀକ୍ଷା ପ୍ରସଙ୍ଗରେ କର୍ଣ୍ଣର ମହତ୍ତ୍ୱକୁ ଦେଖାଇଅଛନ୍ତି ଏବଂ ବୃଷକେତୁର କୃଷ୍ଣଭକ୍ତିକୁ ମଧ୍ୟ ବର୍ଣ୍ଣନା କରିଅଛନ୍ତି ।

**ଲକ୍ଷ୍ମୀ ଚଣ୍ଡାଳୁଣୀ :**

ଏହା ଏକ ପୌରାଣିକ ଓ କିମ୍ବଦନ୍ତୀମୂଳକ ନାଟକ । ୧୯୪୩ ମସିହାରେ କବି ଏହି ନାଟକଟିକୁ ରଚନା କରିଥିଲେ । 'ହରିଜନ ସେବା, ଅସ୍ପୃଶ୍ୟତା ଦୂରୀକରଣ' କାନ୍ତକବିଙ୍କର ଗୋଟିଏ ଆନନ୍ଦଦାୟୀ ପ୍ରବୃତ୍ତି ଥିଲା । ଲକ୍ଷ୍ମୀ ଚଣ୍ଡାଳୁଣୀ ତାର ଗୋଟିଏ ପ୍ରତୀକ । ଏହାର ବେଶ ଦୁଏକ ପୁରାତନ, ମାତ୍ର ପରିବେଷଣରେ ଆଧୁନିକତା ନିହିତ ରହିଛି । ପୁରାଣ ଦେହରୁ ପୁରୁଣା ଚହଣିଆ ଚର୍ମ ଛଡ଼ାଇ ନୂଆ ରଙ୍ଗରାଗରେ ରଞ୍ଜିତ କରି ନୂଆ ମୁଦ୍ରାରେ ଉପସ୍ଥାପନ କରିବାରେ କବିଶେଖରଙ୍କ କପରି ରଞ୍ଜିତାରେ ତାର ପରିଚୟ ପ୍ରଦାନ କରେ ଏହି ନାଟକ । ଲକ୍ଷ୍ମୀ ଚଣ୍ଡାଳୁଣୀ ଓଡ଼ିଶାର ଏକ ଲୋକପ୍ରିୟ କାହାଣୀ । ଜଗତ ଜନନୀ ଲକ୍ଷ୍ମୀ ମାର୍ଗଶୀର ମାସ ପ୍ରଥମ ଗୁରୁବାର ଦିନ ପ୍ରତ୍ୟୁଷରୁ ସହର ପରିକ୍ରମା କରି ନିଜର ପୂଜାବିଧି ଲକ୍ଷ୍ୟ କରିଛନ୍ତି । ଶେଷରେ ସେ ମହାରାଣୀ ଶ୍ରୀୟା ଚଣ୍ଡାଳୁଣୀ ଗୃହକୁ ପ୍ରବେଶକରି ଶ୍ରୀୟାର ପୂଜା [illegible] ମନାଲି ଲକ୍ଷ୍ମୀ ଗ୍ରହଣ କରିଛନ୍ତି । ବଡ଼ଲୋକର [illegible] ଘୃଣା କରି କହିଛନ୍ତି— 'ବଡ଼ଲୋକର ଟେ ଅହଙ୍କାର ବେଶୀ । ଖାଲି

ଅନାଗ୍ରହ, ଅଭିମାନ, ଦମ୍ଭ, ଗର୍ବମାନଙ୍କୁ ବଡ଼ ଲୋକମାନେ ଭଲ ନଜରରେ ଦେଖନ୍ତି ନାହିଁ । ତେଣୁ ଜଗତ୍‌ଜନନୀ ସେମାନଙ୍କ ଗୃହକୁ ଯାଆନ୍ତେ ବା କିପରି ? ଲକ୍ଷ୍ମୀ ପୁଣି କହୁଛନ୍ତି, ମୋର ଗର୍ଭର, ଚାଣ୍ଡାଳୁଣୀ ପୁଅ ଝିଅଙ୍କୁ ଯେ ଏପରି ହେୟ ନଜରରେ ଦେଖେ, ତା' ଘରକୁ ମୁଁ ଯିବି କେଉଁ ସୁଖରେ ?" ଲକ୍ଷ୍ମୀଙ୍କର ଚଣ୍ଡାଳୁଣୀ ଘରକୁ ଯିବା ସମ୍ବାଦ ଜଗନ୍ନାଥ, ବଳଭଦ୍ର ପାଉଛନ୍ତି ଏବଂ ବଳଭଦ୍ରଙ୍କ ଆଦେଶରେ ଜଗନ୍ନାଥ ଲକ୍ଷ୍ମୀଙ୍କୁ ଦେଉଳକୁ ଆସିବାକୁ ମନା କରି ଦେଉଛନ୍ତି । ଜଗତ୍‌ଜନନୀ ଲକ୍ଷ୍ମୀ ବିଶ୍ୱକର୍ମା ଦ୍ୱାରା ସ୍ୱତନ୍ତ୍ର ଗୃହ ନିର୍ମାଣ କରାଇ ରହୁଛନ୍ତି ଏବଂ ବେତାଳମାନଙ୍କ ଦ୍ୱାରା ବଡ଼ଦେଉଳର ସମସ୍ତ ଧନରତ୍ନ ବାନ୍ଧିନେଇ ଯାଉଛନ୍ତି । ଜଗନ୍ନାଥ ଓ ବଳଭଦ୍ର ଏଣେ ତେଣେ ବୁଲି ବୁଲି ଉଦର ଜ୍ୱାଳାରେ ଶେଷରେ ଲକ୍ଷ୍ମୀଙ୍କ ନବରକୁ ଯାଇ ଦେଉଳକୁ ଯିବାକୁ ଅନୁରୋଧ କରୁଛନ୍ତି । ଲକ୍ଷ୍ମୀ ହୋଇଛନ୍ତି ବିଜୟିନୀ । ନାରୀ ହେଉଛି ପୁରୁଷର ଶକ୍ତିଦାୟିନୀ । ନାରୀ ବ୍ୟତୀତ ପୁରୁଷ ଶକ୍ତିହୀନ ଓ ଶ୍ରୀହୀନ । ଏହାହିଁ ଏହି ନାଟକରେ ପ୍ରତିପାଦିତ ହୋଇଛି । ପୁଣି ବଡ଼ ଦେଉଳରୁ ଅସ୍ପୃଶ୍ୟତା ଦୂର ହୋଇଅଛି । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ବଡ଼ଦେଉଳକୁ ପ୍ରବେଶ କରିପାରିବେ । ତେଣୁ ଲକ୍ଷ୍ମୀ ଦେଉଳକୁ ଯିବା ପୂର୍ବରୁ ଦାବୀ କରୁଛନ୍ତି—"ଅଛୁଆ ଲୋକେ ଅବାଧରେ ଦର୍ଶନର ଅଧିକାରୀ ହେବେ । ସ୍ତ୍ରୀ-ପୁରୁଷର ସମାନ ଅଧିକାର ରହିବ ଦେଉଳ ଭିତରେ ।" ଏ କଥାକୁ ଜଗନ୍ନାଥ ଏବଂ ବଳଭଦ୍ର ମାନି ନେଇଛନ୍ତି ।

ଏହି ନାଟକରେ ନାଟ୍ୟକାର ଭଣ୍ଡ ସନ୍ନ୍ୟାସୀ ମହନ୍ତଙ୍କର ନଗ୍ନ କାମ ଲାଳସାକୁ କଡ଼ା ସମାଲୋଚନା କରିଅଛନ୍ତି ଏବଂ ସମାଜ ସଂସ୍କାରକ ନାଥପଣ୍ଡାର ପ୍ରଶଂସା କରିଛନ୍ତି । ପୌରାଣିକ ବିଷୟ ବିନ୍ୟାସ ମଧ୍ୟ ଦେଇ ସମକାଳୀନ ସାମାଜିକ ପ୍ରାଣ ସ୍ପନ୍ଦନକୁ ନାଟ୍ୟକାର ଏଥିରେ ରୂପାୟନ କରିଅଛନ୍ତି ।

## ପୌରାଣିକ ନାଟକ ସମ୍ବନ୍ଧରେ ପଦେ :

କାନ୍ତକବିଙ୍କର ପୌରାଣିକ ନାଟକ ସମ୍ବନ୍ଧରେ ଏତିକି କୁହାଯାଇପାରେ ଯେ; ଅତୀତର ଅଧ୍ୟାତ୍ମ ଆଲୋକକୁ ସମସାମୟିକ ସମସ୍ୟାବହୁଳ ସମାଜରେ ବିକୀର୍ଣ୍ଣ କରିବା ପାଇଁ ନାଟ୍ୟକାର ତାଙ୍କର ପୌରାଣିକ ନାଟକମାନଙ୍କରେ ଚେଷ୍ଟା କରିଛନ୍ତି । ପୁରାଣର କଥାବସ୍ତୁକୁ ନୂତନ ଭାବଧାରାରେ ଅନୁରଞ୍ଜିତ କରି ସେଥିରୁ ଉଦ୍ଭଣିଆ ପୁରୁଣା ଭାବକୁ ପରିତ୍ୟାଗ କରି ନୂଆ ରୂପଦେଇ ବର୍ଣ୍ଣନା କରିଛନ୍ତି । ଏସବୁ ସତ୍ତ୍ୱେ ନାଟକଗୁଡ଼ିକରେ ନାଟକୀୟ ଉତ୍କଣ୍ଠା ହ୍ରାସ ପାଇଥିବାର ଲକ୍ଷ୍ୟ କରାଯାଇଥାଏ । ସମସାମୟିକ ପୌରାଣିକ ନାଟ୍ୟକାରମାନଙ୍କ ସହିତ ସମକକ୍ଷ ହେବାକୁ କାନ୍ତକବି ପୌରାଣିକ ନାଟକ ରଚନା କରିବାକୁ ମନ ବଳାଇଛନ୍ତି । କିନ୍ତୁ ଆଲୋଚନାରୁ ଜଣାଯାଏ ଯେ, କାନ୍ତକବିଙ୍କର ପୌରାଣିକ ନାଟ୍ୟପ୍ରତିଭାର ବିକଚ ବିକାଶ ଘଟିଥିଲେହେଁ ନାଟ୍ୟ ସୌରଭର ବ୍ୟାପ୍ତି ହୋଇ ପାରିନାହିଁ । ଏହି ନାଟକଗୁଡ଼ିକରେ ନାଟ୍ୟ ସୌନ୍ଦର୍ଯ୍ୟ ଅଛି; ମାତ୍ର ସୌରଭ ନାହିଁ । ତାଙ୍କର ନାଟ୍ୟାକାଶରେ ଭାସମାନ ବାଦଲ ଅଛି ମାତ୍ର ବାଦଲ ମଧ୍ୟରେ ସଂଘର୍ଷ ନାହିଁ, ବିଦ୍ୟୁତର ସ୍ଫୁରଣ ନାହିଁ ବା ବଜ୍ରର ନିନାଦ ନାହିଁ ।

## ସମସ୍ୟା ମୂଳକ ହାସ୍ୟରସାତ୍ମକ ରାଜନୀତିକ ନାଟିକା :

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟିକ ପ୍ରତିଭା ବହୁମୁଖୀ । କେତେବେଳେ ସେ ଜୀବନର କରୁଣ ସାମସଙ୍ଗୀତ ଶୁଣାଇ ପାଠକଙ୍କୁ ଅଶ୍ରୁସ୍ନାତ କରିଛନ୍ତି । ପୁଣି କେତେବେଳେ ଭକ୍ତିରସର ଆନନ୍ଦମନ୍ଦାକିନୀ ଧାରା ଛୁଟାଇ ପାଠକଙ୍କ ହୃଦୟକୁ ନିର୍ମଳ ଭକ୍ତିରସରେ ଆପ୍ଳୁତ କରିଛନ୍ତି । ତୀବ୍ର ବ୍ୟଙ୍ଗୋକ୍ତି ଏବଂ ହାସ୍ୟରସ ମାଧ୍ୟମରେ ପୁଣି ପାଠକମାନଙ୍କୁ ହସେଇ ହସେଇ ନାକେଦମ୍ କରିଛନ୍ତି । ତାଙ୍କର ସମାଲୋଚନା ଖୁବ୍ ଶାଣିତ ଓ ତୀବ୍ର । ସମାଜ ତଥା ରାଜନୀତିରୁ ଆବର୍ଜନା ଦୂରେଇ ଦେବାପାଇଁ ତାଙ୍କର ଲେଖନୀ ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟ କରୁଥିଲା।

ଫକୀରମୋହନ ସେନାପତିଙ୍କ ପରେ ହାସ୍ୟରସ ମାଧ୍ୟମରେ ସମାଜ ସଂସ୍କାର କରିବା କ୍ଷେତ୍ରରେ ଲକ୍ଷ୍ମୀକାନ୍ତଙ୍କ ଚିରସ୍ମରଣୀୟ । ସେ ସକ୍ରିୟ ଭାବରେ ରାଜନୀତିରେ ଭାଗ ନେଇ ନଥିଲେହେଁ ରାଜନୀତିରୁ ଆବର୍ଜନା ଦୂରେଇ ଦେବାପାଇଁ ଏବଂ ତଥାକଥିତ ଜନସେବକ ଓ ରାଜନୀତିଜ୍ଞ ଭଣ୍ଡପଣ୍ଡାମାନଙ୍କର ହନୁମାନ ମୁଖା ଖୋଲିଦେବାପାଇଁ ତାଙ୍କର ଲେଖନୀ ସଦାସର୍ବଦା ଚଞ୍ଚଳ ହୋଇଉଠୁଥିଲା । ସେ ଥିଲେ ନିର୍ଭୀକ ଏବଂ ସ୍ପଷ୍ଟୋକ୍ତ । ୧୯୨୨ ମସିହାରେ ଅସହଯୋଗ ଆନ୍ଦୋଳନକୁ ଯେପରି ଭାବରେ କବି ସମାଲୋଚନା କରିଥିଲେ ସେଥିପାଇଁ ତାଙ୍କୁ ପ୍ରତିକ୍ରିୟା-ଶୀଳ ଲୋକ ବୋଲି ଅଭିହିତ କରାଯାଇଥିଲା । ମାତ୍ର 'ଅସହଯୋଗୀର ଆତ୍ମକଥା' ପାଠକଲେ ଆଜି ମଧ୍ୟ ଏହାର ନଗ୍ନରୂପ ଦେଖିବାକୁ ମିଳେ । ସେ ଥିଲେ କ୍ରାନ୍ତଦର୍ଶୀ ଦୂରଦ୍ରଷ୍ଟା କବି । 'ପଞ୍ଚାମୃତ', 'ଉମ୍ମେଦବାରୀ ସଭା', 'ହନୁମନ୍ତ ବସ୍ତ୍ରହରଣ', 'ମହାମିଳନ', 'ସମସ୍ୟା', 'ବ୍ରିଟିଶ ଦୂତ ଓ ଜର୍ମାନ ଭୂତଙ୍କ ପ୍ରଶ୍ନ ଉତ୍ତର'; 'ଭେଟ', ଆଦି ସମସ୍ୟାମୂଳକ ରାଜନୀତିକ ନାଟିକା ଗୁଡ଼ିକ କାନ୍ତକବିଙ୍କର କ୍ରାନ୍ତଦର୍ଶୀ ମନୋଭାବର ପରିଚୟ ଦେଇଥାଏ ।

## ପଞ୍ଚାମୃତ :

ବ୍ରିଟିଶ ସରକାରଙ୍କର ବାହୁଚ୍ଛାୟାରେ ଲାଳିତପାଳିତ ହୋଇ କେତେକ [illegible] ଜମିଦାରଙ୍କ ଗୋଷ୍ଠୀ ଗୋଟିଏ ଦଳ ଗଢ଼ି ଜାତୀୟ ଆନ୍ଦୋଳନର ବିରୋଧ କରିବାରୁ କାନ୍ତକବି ସେମାନଙ୍କୁ ଲକ୍ଷ୍ୟ କରି 'ପଞ୍ଚାମୃତ, ପ୍ରହସନ ରଚନା କଲେ । ଏଥିରେ ସେ ସ୍ୱାର୍ଥାନ୍ୱେଷୀ ଜମିଦାରମାନଙ୍କୁ ନିର୍ମମ ଭାବରେ ସମାଲୋଚନା କରିଥିଲେ । ଏହି ପ୍ରହସନରେ ସେ ତତ୍କାଳୀନ କନିକା ରାଜା ଏବଂ ନିଜର ମଧ୍ୟ କେତେ ଜଣ ଆତ୍ମୀୟଙ୍କୁ ବିକୃତ ନାମଦେଇ କଠୋର ସମାଲୋଚନା କରିଛନ୍ତି । ରାଜାନୁଗ୍ରହ ଲାଭ କରିବାପାଇଁ ସେତେବେଳେ କିପରି ଜମିଦାରମାନେ ତୋଷାମୋଦ କରୁଥିଲେ ତାର ଦୃଷ୍ଟାନ୍ତ ବପୁବନ୍ତ, ହୁଲବୁଲ ମିଆଁ, ଜେମିଟି, ସ୍ୱର୍ଣ୍ଣଦନ୍ତ, ଖୋସେସ୍ୱର ରାଓ ପ୍ରଭୃତି ଚରିତ୍ର ଗୁଡ଼ିକରୁ ଜଣା-

ଯାଇଥାଏ । ଏହା ଏକ ରାଜନୀତିକ ପ୍ରହସନ । ଭଦ୍ରବ୍ୟକ୍ତିର ଘାଗରା ପିନ୍ଧି ହଠାତ୍ ଗାଆଣି ଭୂମିକାରେ ଅବତୀର୍ଣ୍ଣ ହେବା ହାସ୍ୟରସ ସୃଷ୍ଟି କରିଥାଏ । ଏହି ନାଟିକାରେ କନିକା ରାଜାଙ୍କ ପୃଷ୍ଠ ପୋଷକତାରେ ପ୍ରକାଶିତ ହେଉଥିବା 'ଦର୍ପଣ' ପତ୍ରିକାକୁ ମଧ୍ୟ ସମାଲୋଚନା କରାଯାଇଛି ।

## ଡ଼ିମ୍ବକ୍ରେସୀ ସଭା :

ଡେ଼ମୋକ୍ରେସୀକୁ ବିକୃତ କରି ନାଟ୍ୟକାର ଏହି ନାଟିକାର ନାମକରଣ କରିଛନ୍ତି । ଡେ଼ମୋକ୍ରେସୀ ନାମରେ କିପରି ମାଇପେଞ୍ଚ ନୀତି ଚାଲିଛି, କିପରି ମନମୁଖୀ କାରବାର ଓ ଘୋଡ଼ା ବେପାର ଚାଲିଛି ତାର ବାସ୍ତବ ବର୍ଣ୍ଣନା ଏହି ନାଟିକାରେ ନାଟ୍ୟକାର କରିଛନ୍ତି । କ୍ରାନ୍ତଦର୍ଶୀ କବି ବହୁ ପୂର୍ବରୁ ଏହାକୁ ହୃଦୟଙ୍ଗମ କରି ପାରିଥିଲେ । ରାଜସିଂହଙ୍କ ମାଧ୍ୟମରେ ସେ କହିଛନ୍ତି—"Politics is mere gambling." ଗଣତନ୍ତ୍ର ସରକାରକୁ ବଜାୟ ରଖିବାକୁ ସଭ୍ୟ କିଣିବା ଏବଂ ଯେ କୌଣସି ଉପାୟରେ ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ ସେ ସମାଲୋଚନା କରିଛନ୍ତି । ମନ୍ତ୍ରୀମଣ୍ଡଳ ଗଠନ ସଂକ୍ରାନ୍ତରେ କବି ବ୍ୟଙ୍ଗୋକ୍ତି କରି ଲେଖିଛନ୍ତି—

"ଠିକ୍ କଥା ଠିକ୍ କଥା—ତେବେ ଏଇ କଥା—
ସର୍ବଦଳ ସମନ୍ୱୟେ ବାଛିବାକୁ ଆମ୍ଭେ
ସର୍ବ ସ୍ୱାର୍ଥ ରକ୍ଷାକରି ନବମନ୍ତ୍ରୀ ଗଣେ,
କରି ଜଣେ ଜଣେ ପ୍ରତିଦଳ-ପ୍ରତିନିଧି ।
ପଣ୍ଡିତ ଦଳରୁ ଜଣେ ମୂର୍ଖ ଦଳୁଁ ଜଣେ
ସାମ୍ୟବାଦୀ ଜଣେ ପୁଣି, ମୁସଲମାନ ଜଣେ ।
ସର୍ବଶେଷେ ନାରୀ ଜଣେ ହୋଇବ ମନ୍ତ୍ରିଣୀ ।
ସଭାପତି ହେବେ ଜଣେ ମାରୱାଲ ଗାନ୍ଧିଆ ।

× ×

ଏ ମନ୍ତ୍ରୀମଣ୍ଡଳେ ଜଣେ ନୋହିବ ପ୍ରଧାନ
ଏକକୁ ଆରେକ ଜଣେ ଜଣେ ବଳୀୟାନ
ଥିବ ସାବଧାନ
ଡ଼ମ୍ବୋଜାସୀ ମଣ୍ଡଏ ଅସଲ ବଧାନ ।”

ଆଜି ଯେପରି ରାଜନୀତିରେ ଘୋଡ଼ାବେପାର ଚାଲିଛି ସେତେବେଳେ ମଧ୍ୟ ଠିକ ଏଇଆ ଥିଲା । ତେଣୁ ନାଟ୍ୟକାର ବନାରସୀ ଦାସଙ୍କ ମୁଖରେ କହିଛନ୍ତି—

“ଅଚ୍ଛା ମୁଁ ଚଳୁଛି ଏବେ; ମାତ୍ର ଇତିହାସ ମଧ୍ୟେ
ଟେଷ୍ଟି ଗୁର ସବଠାଇଁ ଆଣନ୍ତେ ଲେଖାଇ
ଛଳେ ବଳେ କୌଶଳରେ ଦେଇ ଧମକାଣି
କେହି ଯଥା ଦୁଃସାହସେ ନ ତ୍ୟଜିବେ ଦଳ
ଅବା ପ୍ରଲୋଭନେ ପଡ଼ି ନ ଯାଆନ୍ତି ଖସଡ଼ି ।
ଛୁଡ଼ ଟଙ୍କା ଧମଧାମ, କର ଟେଲିଗ୍ରାମ୍;
ସକଳ ସମ୍ବାଦ ପତ୍ରେ ଦିଅ ଷ୍ଟେଟମେଣ୍ଟ ।
ଆନ୍ଦୋଳନ ଭିଆ କର ସୃଷ୍ଟି ଜନମତ,
ମାନ ଯାନ ଯିବାବେଳେ ଦେଖା କସରତ ।”

ଉତ୍କଳ କଂଗ୍ରେସର ବିବାଦକୁ ଲକ୍ଷ୍ୟକରି ଏହି ନାଟକଟି ରଚିତ ହୋଇଥିଲା । ଏଥିରେ ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ଆଚାର୍ଯ୍ୟ ରିହର, ନିତ୍ୟାନନ୍ଦ ମହାପାତ୍ର, ହରେକୃଷ୍ଣ ମହତାବ, ଯଦୁମଣି ଙ୍ଗରାଜ ପ୍ରଭୃତିଙ୍କୁ ବିକୃତ ନାମ ଦେଇ ସମାଲୋଚନା କରିଛନ୍ତି ।

## ନୁମନ୍ତ ବସ୍ତ୍ରହରଣ :

ଏହା ଗୋଟିଏ ରଙ୍ଗନାଟିକା । ନାଟ୍ୟକାର ଏଥିରେ ରାଜନୀତିକୁ ମାଲୋଚନା କରିଛନ୍ତି । ରାଜନୀତିଟି ଲଙ୍ଗଳା । ଏହି ଲଙ୍ଗଳା ଜନୀତିକୁ ଲଙ୍ଗଳା କରିବା ଅର୍ଥରେ ହନୁମନ୍ତ ବସ୍ତ୍ରହରଣ ନାମକରଣ ରିଛନ୍ତି । ଦେଶୀୟ ଗଡ଼ଜାତ ମିଶ୍ରଣ ପରେ ପରେ ରାଜାମାନଙ୍କର

ରାଜନୀତିରେ ପ୍ରତାରଣାର ଏହା ଏକ ବ୍ୟଙ୍ଗାତ୍ମକ ସମାଲୋଚନା । ବାଲଙ୍ଗା ଦାସ ବାବାଜୀଙ୍କର 'ରାଧେ କୃଷ୍ଣ, ରାଧେ କୃଷ୍ଣ' କରିବା ସଙ୍ଗେ ସଙ୍ଗେ ରାଜନୀତିକ ବାନାନେବା କପଟ ହାସ୍ୟାସ୍ପଦ ତାହା ନାଟ୍ୟକାର ଏଥିରେ ଦେଖାଇଅଛନ୍ତି । ରାଜନୀତିରେ ଅହିଂସାର ସ୍ଥାନ ନାହିଁ । ଅହିଂସାର ନୂତନ ବିଶ୍ଳେଷଣ କରି ସେ କହିଛନ୍ତି—

"ଉଗ୍ରିହିଅ ଅହିଂସା ଭୁମ୍ବର
ମାର ପିଟ ଦଙ୍ଗା ଯିନା ଅଟେ Violence
କୌଶଳରେ ଶତ୍ରୁନାଶ ନୁହଇ ଅଧର୍ମ ।
କରଣିଆ ଗୁଡ ଏହା, କଲମର ଫେଞ୍ଚ ।
ବାକ୍ୟରେ, ହାତରେ ସଦା ବରଷାଇ ମଧୁ
ଭିତରୁ ମାଇଲେ ଟାଞ୍ଚ ଜାଣିବ କା ବାବା
ଆମକୁ ଦେଖାଅ କେତେ ଅହିଂସାର ବୋଲି,
ଡବଲ ଅହିଂସା ଆମେ,
ବୈଷ୍ଣବ ଅହିଂସା ସଙ୍ଗେ, ଗାନ୍ଧିଆ ଅହିଂସା
ମିଶିଅଛି ଆମଠାରେ, ଜାଣିଅଛ ତାହା,
ମାତ୍ର ଏହି ପଲିଟିକ୍ସ ମାରପେଞ୍ଚ ଖେଳ
କୃଷ୍ଣଙ୍କର ଚେଲା ଆମେ ସେହି Diplomat ।"

ଏହି ନାଟିକାରେ ନାଟ୍ୟକାର ଦେଖାଇଛନ୍ତି ଯେ ଗାନ୍ଧିବାଦୀ ସାରଲ୍ୟର ସ୍ଥାନ ଆଜ ସମାଜରେ ନାହିଁ । ଏଠି କେବଳ politicsର ଖେଳ । ସ୍ଥଳ ବିଶେଷରେ ନାଟ୍ୟକାର ସତ୍ୟବାଦୀର ଦୁଇ ମହାରଥୀ ଗୋଦାବରୀଶ ମିଶ୍ର ଏବଂ ନୀଳକଣ୍ଠଙ୍କୁ କଠୋର ସମାଲୋଚନା କରିଛନ୍ତି । ନୀଳକଣ୍ଠଙ୍କର 'ନବଭାରତ' ପତ୍ରିକାକୁ ମଧ୍ୟ ସମାଲୋଚନା କରିଛନ୍ତି ।

**ମହାମିଳନ :**

ହିନ୍ଦୁ, ମୁସଲମାନ ଦୁଇଜାତି ମଧ୍ୟରେ ବାରମ୍ବାର ସଂଘର୍ଷ ଲାଗୁଥିବାରୁ ଏହି ଦୁଇ ଜାତିଙ୍କ ମଧ୍ୟରେ ମିଳନ ପାଇଁ ସେତେବେଳେ ଗାନ୍ଧିଜୀ

ଓ ଆଗା ଖାଁଙ୍କ ମଧ୍ୟରେ ଯେଉଁ ଆଲୋଚନା ହୋଇଥିଲା, ତାହାକୁ ବ୍ୟଙ୍ଗୋକ୍ତି କରି ଏହି 'ମହାମିଳନ' ଏକାଙ୍କିକା ରଚନା କରିଛନ୍ତି । ଏହି ମିଳନ ଯେପରି ପ୍ରହସନମୂଳକ ଠିକ ସେହିପରି ଏହି ଆଲୋଚନା ମଧ୍ୟ ଏକ ପ୍ରହସନରେ ପରିଣତ ହୋଇଥିଲା । ନାଟ୍ୟକାର ଜୀବନ୍ତ ଭାବରେ ହାସ୍ୟରସ ମଧ୍ୟରେ ଏହି କଥାକୁ ବର୍ଣ୍ଣନା କରିଛନ୍ତି । ଶେଷରେ ଓଡ଼ିଆ ଜାତିକୁ ମେଣ୍ଢା ରୂପେ ବ୍ୟଙ୍ଗୋକ୍ତି କରିଅଛନ୍ତି ।

**ସମସ୍ୟା :**

ଏହା ଗୋଟିଏ ସମସ୍ୟାମୂଳକ ରାଜନୀତିକ ଏକାଙ୍କିକା । ମନ୍ତ୍ରୀ ହୋଇଗଲା ପରେ ନିଜ ନିଜର ସ୍ୱାର୍ଥପାଇଁ ସମସ୍ତେ ବ୍ୟସ୍ତ । କୌଣସି ପ୍ରକାରେ ମନ୍ତ୍ରୀତ୍ୱକୁ ରକ୍ଷା କରିବାକୁ ହେବ । ଦେଶର ସମସ୍ୟା ସେମାନଙ୍କ ନିକଟରେ ଗୌଣ । ଲାଟସାହେବଙ୍କ ନିକଟରେ ଆଇନମନ୍ତ୍ରୀ ମଧ୍ୟମନ୍ତ୍ରୀ ଏବଂ ଅନ୍ୟମନ୍ତ୍ରୀମାନଙ୍କର ଯେଉଁଭଳି ବ୍ୟବହାର ପ୍ରକାଶ ପାଉଛି, ତାହା ଅତ୍ୟନ୍ତ ହାସ୍ୟପ୍ରଦ । ବ୍ରିଟିଶ ପଲିଶ 'wait and see' ନୀତିକୁ ଏଥିରେ ମଧ୍ୟ ସମାଲୋଚନା କରାଯାଇଛି ।

**ବ୍ରିଟିଶ ଦୂତ ଓ ଜର୍ମାନ ଭୂତଙ୍କ ପ୍ରଶ୍ନୋତ୍ତର :**

ବ୍ରିଟିଶ୍ ଦୂତଙ୍କ ପ୍ରତି ସମାଲୋଚନା କରାଯାଇଅଛି । ଭାରତରେ ବଡ଼ଲାଟ୍‌ଙ୍କ ଦରମା ବିଷୟରେ ମଧ୍ୟ ସମାଲୋଚନା କରାଯାଇଛି । ଭାରତୀୟମାନଙ୍କୁ କପଡ଼ା ବିନା ବେତନରେ ସେତେବେଳେ ଖଟା ଯାଉଥିଲା ତାର ନଗ୍ନ ସ୍ୱରୂପକୁ ନାଟ୍ୟକାର ଏଥିରେ ପ୍ରକାଶ କରିଛନ୍ତି ।

**ଭେଟ :**

ହିନ୍ଦୁ ଓ ମୁସଲମାନଙ୍କର ମିଳନ ପାଇଁ ବଡ଼ଲାଟ୍‌ଙ୍କ ଘରେ ଗାନ୍ଧିଜୀ ଏବଂ ଜିନ୍ନାଙ୍କର ଭେଟ ହୋଇ ଆଲୋଚନା ହୋଇଥିଲା । ଏହି ଆଲୋଚନା ଏକ ପ୍ରହସନରେ ପରିଣତ ହୋଇଥିବାରୁ ନାଟ୍ୟକାର ଏଥିରେ ବ୍ୟଙ୍ଗୋକ୍ତି ପ୍ରକାଶ କରିଛନ୍ତି ।

## ସାମାଜିକ ପ୍ରହସନ ମୂଳକ ନାଟିକା : ଏକ ଅନୁଶୀଳନ :

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଯେ କେବଳ ରାଜନୀତିକୁ ଶାଣିତ ବ୍ୟଙ୍ଗ ବିଦ୍ରୂପ କରି ନାଟକ ରଚନା କରିଛନ୍ତି ତାହା ନୁହେଁ ତତ୍‌କାଳୀନ ସାମାଜିକ ସମସ୍ୟାକୁ ମଧ୍ୟ ବିଦ୍ରୂପ କରି ପ୍ରହସନ ମୂଳକ ନାଟିକା ରଚନା କରିଛନ୍ତି । ସମାଜିକ ପ୍ରହସନ ରଚନା କରିବା କ୍ଷେତ୍ରରେ ରାମଶଙ୍କର ରାୟ ପ୍ରାଥମିକ ଚେଷ୍ଟା କରିଥିଲେହେଁ ଏ କ୍ଷେତ୍ରରେ କାନ୍ତକବି ଲକ୍ଷ୍ମୀକାନ୍ତ ସଫଳତା ଅର୍ଜନ କରିଛନ୍ତି । ବିଭିନ୍ନ ସାମାଜିକ ସମସ୍ୟାକୁ ସେ ନିଷ୍ଠୁର ଭାବେ ସମାଲୋଚନା କରିଛନ୍ତି । ଏହି ସମାଲୋଚନାରୁ କେହି ଛାଡ଼ପାଇ ନାହାନ୍ତି । ଡାକ୍ତରଠାରୁ ଆରମ୍ଭ କରି କରଣୀ, ଶ୍ରମିକ, ପୋଲିସ କର୍ମଚାରୀ, ଫିଲମ୍‌ଷ୍ଟାର, ଗ୍ରାମ ପର୍ଯ୍ୟନ୍ତ ସମସ୍ତେ ତାଙ୍କର ସମାଲୋଚନାର ଶରବ୍ୟ ହୋଇଛନ୍ତି । 'ଫିଲମ୍‌ଷ୍ଟାର', 'ସୁଇସାଇଡ୍', 'ଅଫିମଲୀଳା', 'ପରୀକ୍ଷାଫଳ', 'ଶିକ୍ଷାନବିଶ ପ୍ରେମିକ' ଇତ୍ୟାଦି ପ୍ରହସନ ମୂଳକ ନାଟିକାମାନ କାନ୍ତକବିଙ୍କର ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କରିଥାଏ ।

### ଫିଲମ୍‌ଷ୍ଟାର :

କଳାର ବିକାଶ ଓ ସେବା ନାମରେ କିପରି ପର୍ଦ୍ଦାର ଅନ୍ତରାଳରେ ଯୌନଲୀଳା ସଂଘଟିତ ହୋଇଥାଏ ତାର ଦୃଷ୍ଟାନ୍ତ କାନ୍ତକବି ଏହି ପ୍ରହସନରେ ବର୍ଣ୍ଣନା କରିଛନ୍ତି । ଗୀତକାର୍ତ୍ତନ କରିବାକୁ ଆସି ସୁନ୍ଦରୀ ରୂପସୀ ଲଳନାମାନେ ବାସନାଂସଲୋଲୀ ମ୍ୟାନେଜରର ଶିକାର ହୁଅନ୍ତି । ମିନର୍ଭା କମ୍ପାନୀର ମ୍ୟାନେଜର ମିଷ୍ଟର ଡୁଙ୍ଗର ଏହିଭଳି ଜଣେ ଚରିତ୍ର । କମଳା, ଲଳିତା ସମସ୍ତେ ତାର ଶିକାର ହୋଇଛନ୍ତି । ମାତ୍ର ଶେଷରେ କମଳାର କୌଶଳରେ ମ୍ୟାନେଜରର କର୍ମଟ ପ୍ରକୃତ ଧରାପଡ଼ିଛି ଏବଂ ନିଜର କଳଙ୍କ କାଳିମାକୁ ଘୋଡ଼ାଇବା ପାଇଁ ତିନି ହଜାର ଟଙ୍କା ମ୍ୟାନେଜର ଦେଇଛି ।

## ସୁଇସାଇଡ :

ନାଟ୍ୟକାର ଏହି 'ସୁଇସାଇଡ୍' ପ୍ରହସନମୂଳକ ନାଟିକାରେ ଶିକ୍ଷିତ ଯୁବକ ଓ ଶିକ୍ଷିତା ଯୁବତୀର ସ୍ୱାଧୀନ ପ୍ରେମ ସମ୍ବନ୍ଧରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଅଫିମର କାରସାଦି ବିଷୟରେ ବର୍ଣ୍ଣନା କରିଛନ୍ତି । ଅଫିମ ବିକ୍ରି ପ୍ରୋହିବିଟେଡ୍ ହୋଇଥିଲେ ମଧ୍ୟ ତାହା କିପରି ଅବାଧରେ ବିକ୍ରି ହେଉଛି ଏବଂ ବିଶେଷ କରି ଯେଉଁମାନେ ଏହାର ପ୍ରୋହିବିଶନ ଦାୟିତ୍ୱରେ ଥାଇ ଅଫିମର ବ୍ଲେକ ବିକ୍ରି କରନ୍ତି ସେହି ମାନଙ୍କୁ ଏଥିରେ ବ୍ୟଙ୍ଗୋକ୍ତି କରାଯାଇଛି । ଡାକ୍ତର ମିଶ୍ର ପ୍ରୋହିବିଶନ ଡାକ୍ତର ହୋଇ ମଧ୍ୟ ଅଫିମ ବ୍ଲେକ ବିକ୍ରି କରନ୍ତି । ବିଭୂତି ପ୍ରଧାନ କଲେଜ ଛାତ୍ର ଏବଂ ଡାକ୍ତର ମିଶ୍ର ତାର ଭଣେଇ । ପିତାଙ୍କ ଇଚ୍ଛାରେ ସେ ବିବାହ କରିବାକୁ ନାରାଜ । ତେଣୁ ଭଉଣୀ ଘରକୁ ଆସି ଅଫିମ ଖାଇ ଆତ୍ମହତ୍ୟା କରିବାକୁ ଠିକ କରିଛି । ରାତିରେ ଜନୈକା ଶିକ୍ଷିତା ଯୁବତୀ ବିଭୂତିର ଗୃହକୁ ପ୍ରବେଶ କରି ଅଫିମ ମାଗିଛି ଏବଂ କୌଣସି ଉପାୟରେ ବିଭୂତିଠାରୁ ଅଫିମ ପାଇ ଆତ୍ମହତ୍ୟା କରିବାକୁ ପାଟିରେ ଢକାଇ ଦେଉଛି । ମାତ୍ର ବିଭୂତି ଯୁବତୀର ପାଟିରୁ ଅଫିମ ବାହାର କରି-ଦେଇଛି । ଫଳରେ ଉଭୟଙ୍କର ପ୍ରେମ ଆରମ୍ଭ ହୋଇଛି । ଉଭୟ ଆତ୍ମହତ୍ୟା କରିବାକୁ ଆସିଥିଲେ ଡାକ୍ତରଙ୍କ ଗୃହକୁ । ଉଭୟେ ପିତାମାତାଙ୍କ ଇଚ୍ଛାରେ ବିବାହ କରିବାକୁ ଅନିଚ୍ଛା ହୋଇଛନ୍ତି । ଅଫିମ ହିଁ ଏହି ଦୁଇ ଜଣଙ୍କୁ ଏକତ୍ର କରିଛି । ଏହି ନାଟିକାରେ ନାଟ୍ୟକାର ବିଭିନ୍ନ ଚରିତ୍ରକୁ ସମାଲୋଚନା କରିଛନ୍ତି ଏବଂ ବିଭୂତି ଓ ସରଳାର ଆତ୍ମହତ୍ୟା ପ୍ରହସନକୁ ଚିତ୍ରିତ କରିଛନ୍ତି ।

## ଅଫିମ ଲୀଳା :

ଯେଉଁ ସମୟରେ ଅଫିମ ଏବଂ ବିଭିନ୍ନ ମାଦକ ଦ୍ରବ୍ୟ ପ୍ରୋହିବିଟେଡ୍ ହୋଇଥାଏ ସେହି ସମୟରେ ଅଫିମ କିପରି ଅବାଧରେ ବିଭିନ୍ନ କ୍ଷେତ୍ରରେ ତାର ଲୀଳା ସୃଷ୍ଟି କରେ ତାର ଦୃଷ୍ଟାନ୍ତ ଏହି

'ଅଫିମଲୀଳା' ନାଟିକାରେ ଲେଖକ ବର୍ଣ୍ଣନା କରିଛନ୍ତି । ଅଫିମ ଦ୍ୱାରା ବ୍ୟକ୍ତି ସର୍ବସ୍ୱାନ୍ତ ହୁଏ । ତଥାପି ସେ ଅଫିମର ମୋହ ଛାଡ଼ିପାରେ ନାହିଁ । ଦାମ ଲେଙ୍କା, ବଟେଶ୍ୱର ପ୍ରଧାନ, ନନ୍ଦ ତିଆଡ଼ି, ବକଳ ଜେନା, ନାକଫୋଡ଼ା ମିଶ୍ର, ମିଷ୍ଟର ପ୍ରେମଚନ୍ଦ, ନବୀନ ମହାପାତ୍ର, ଗୁଲୁଜାର ମିଆଁ ପ୍ରଭୃତି ଅଫିମ ଖୋର ବ୍ୟକ୍ତିମାନେ ଗୃହସ୍ଥ, ଭିକାରୀ, ବ୍ରାହ୍ମଣ, ଚୋର, ପଣ୍ଡିତ, ଇଂରାଜୀ ପଢ଼ୁଆ, ଆଧୁନିକ ଯୁବକ, ମୌଲବୀ ସମସ୍ତେ ଅଫିମର କୁହୁକ ଶକ୍ତି ଦ୍ୱାରା ଆକୃଷ୍ଟ । ଦାମ ଲେଙ୍କା ପଣରା କିଣିବାକୁ ଯାଇ ଚୋର ଅଫିମ ବିକ୍ରେତା ନନ୍ଦ ତିଆଡ଼ିଠାରୁ ଅଫିମ କିଣିଛି । ଭିକାରୀ ବଟେଶ୍ୱର ପ୍ରଧାନ ମଧ୍ୟ ଭୁଜଳ ମାଗି ଅଫିମ କିଣିଛି । ସମସ୍ତେ ଅଫିମର ଦାସ ହୋଇଛନ୍ତି । ଦାମ ଲେଙ୍କା ସ୍ତ୍ରୀଠାରୁ ନାନାଦି ଭର୍ତ୍ସନା ପାଇଲେ ମଧ୍ୟ ସେ ଅଫିମ ଛାଡ଼ିପାରେ ନାହିଁ । ଅଫିମିଆ ଲୋକଙ୍କୁ ଅଫିମ ନାମରେ ଶଗଡ଼ ଚକର କାଣ୍ଡିକୁ ଦେଲେ ମଧ୍ୟ ସେ ଅଫିମ ନାମରେ ତାହା ଆନନ୍ଦରେ ଖାଇଦିଏ । ନନ୍ଦ ତିଆଡ଼ି ଏହି ଶଗଡ କାଣ୍ଡି ବିକି କରି ଲୋକଙ୍କଠାରୁ ଠକି ପଇସା ନିଏ । ଶେଷରେ ନନ୍ଦ ତିଆଡ଼ି, ବଟେଶ୍ୱର ପ୍ରଧାନ, ଦାମ ଲେଙ୍କା ପ୍ରଭୃତି ପୋଲିସ ଦ୍ୱାରା ଧରା ହୋଇ ଜେଲକୁ ଯାଇଛନ୍ତି । ନନ୍ଦ ତିଆଡ଼ି କିନ୍ତୁ ଯୁକ୍ତି କରିଛି ଯେ ସେ ନିର୍ଦ୍ଦୋଷ । କାରଣ ଲୋକଙ୍କୁ ଅଫିମ ନିଶାରୁ ରକ୍ଷା କରିବାପାଇଁ ସେ ନୂତନ ଉପାୟ ଉଦ୍ଭାବନ କରିଛି । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସେ ଅଫିମଖୋର ବ୍ୟକ୍ତିଙ୍କୁ ଶଗଡ କାଣ୍ଡି ଦେଇ ଭଲାଇ ପରୋକ୍ଷରେ ଦେଶର ମଙ୍ଗଳ କରିଛି ବୋଲି ଯୁକ୍ତି କରିଛି । ଯାହାହେଉ ନନ୍ଦ ତିଆଡି ବକଳା, ଗୁଲଜାର, ପ୍ରେମଚନ୍ଦ, ପ୍ରଭୃତି ବ୍ୟକ୍ତିମାନେ ଶେଷରେ ଅଫିମ ଛାଡ଼ିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ଅଫିମ ହିଁ ସବୁ ଅନର୍ଥର ମୂଳ କାରଣ । ସମସ୍ତେ ସମସ୍ୱରରେ କହିଛନ୍ତି, "ଅଫିମ ରାକ୍ଷସ ଧ୍ୱଂସ ହେଉ ।" ନାଟ୍ୟକାର ଏହି ନାଟିକାରେ ଅଫିମର କାରବାର ଏବଂ ଅଫିମ ସେବାର କୁପରିଣାମ ସମ୍ବନ୍ଧରେ ଆଲୋକପାତ କରିଛନ୍ତି ।

## ଶିକ୍ଷାନବିଶ ପ୍ରେମିକ :

ଚଉଭଣ୍ଡ ତରଳ ଉପନ୍ୟାସ ପାଠକରି କୋମଳମତି ବାଳକ ବାଳିକାମାନଙ୍କ ହୃଦୟରେ କପରି ପ୍ରେମ ବୀଜ ଅଙ୍କୁରି ଉଠେ ଏବଂ ବାଳକ ପ୍ରେମିକ ଶିକ୍ଷାୟତନ ମଧ୍ୟରେ ତାର ବାଞ୍ଛିତ ପ୍ରେମିକା ସହିତ ମିଳିତ ହେବାକୁ କପରି ଉତ୍କଣ୍ଠିତ ହୋଇ କବିତା ଲେଖି ଚିଠି ଆକାରରେ ତାର ପ୍ରେମିକା ନିକଟକୁ ଦିଏ; ତାର ଦୃଷ୍ଟାନ୍ତ ଏହି ନାଟିକାରେ ଲେଖକ ଦେଖାଇଅଛନ୍ତି । ତାଙ୍କର ଗୋଟିଏ ଗଳ୍ପକୁ ଭିତ୍ତିକରି ଏହି ନାଟିକାଟି ରଚିତ ହୋଇଥିଲା । ଗୁରୁଚରଣ ବାବୁ ହେଉଛନ୍ତି ଶିକ୍ଷକ । ତାଙ୍କ ନିକଟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ-ମାନଙ୍କ ମଧ୍ୟରେ ସୁଧାନିଧିବାବୁଙ୍କର କନ୍ୟା ମାଧବୀ ଏବଂ କରୁଣାବାବୁଙ୍କର ପୁତ୍ର ମାଧ ଅନ୍ୟତମ । ମାଧ ସ୍ୱମେ କବିତାକାରରେ ଚିଠି ଲେଖି ମାଧବୀ ନିକଟକୁ ପଠାଇଛି । ମାତ୍ର ସେହି ଚିଠି ମାଷ୍ଟ୍ରେ ଦେଖି ସୁଧାନିଧିବାବୁଙ୍କୁ ଜଣାଇଛନ୍ତି । ଫଳରେ ସୁଧାନିଧିବାବୁ ବିରକ୍ତହୋଇ ମାଷ୍ଟ୍ରଙ୍କୁ କରୁଣାବାବୁଙ୍କ ନିକଟକୁ ପଠାଇଛନ୍ତି । କରୁଣାବାବୁ ଏ ସମସ୍ତ ଘଟଣା ଜାଣି ମାଧକୁ ନିର୍ମମ ଭାବରେ ପିଟିଛନ୍ତି । ମାଧର ପ୍ରେମରେ ଯବନିକା ପାତ ହୋଇଛି । ବାଲ୍ୟ ଅବସ୍ଥାରେ ପ୍ରେମ ସୃଷ୍ଟି ହୋଇଥାଏ ରୂପମୋହରୁ ଏବଂ ଚଉଭଣ୍ଡ ତରଳ ଉପନ୍ୟାସ ପାଠରୁ । ଟିକିଏ ବାଧା ପାଇଲେ ତାହା ବନ୍ଦ ହୋଇଯାଏ । ଶିକ୍ଷାୟତନ ମଧ୍ୟରେ ଏହିଭଳି ତରଳ ପ୍ରେମ ସୃଷ୍ଟିକୁ ନାଟ୍ୟକାର ଏଥିରେ ବିଦ୍ରୂପ କରିଛନ୍ତି ।

## ପରୀକ୍ଷାଫଳ :

ପରୀକ୍ଷାଫଳ ପ୍ରହସନ ରଚନା କରି ଲେଖକ ନିବେଦନ କରି ଲେଖିଛନ୍ତି,—"ଉତ୍କଳରେ ଦିନକୁଦିନ ନାଟକ ଦଳର ବୃଦ୍ଧି ହେଉଅଛି । କିନ୍ତୁ ରଙ୍ଗମଞ୍ଚୋପଯୋଗୀ ନାଟକର ଏକାନ୍ତ ଅଭାବ । ପ୍ରହସନ ବା ହାସ୍ୟରସାତ୍ମକ ନାଟ୍ୟ ନାହିଁ ବୋଇଲେ ଚଳେ । ସେ ଅଭାବ ଯୋଗୁଁ କେତେକ ବନ୍ଧୁଙ୍କ ଅନୁରୋଧରେ 'ମୁକୁର'ରେ ପ୍ରକାଶିତ

‘ପରୀକ୍ଷାଫଳ’ ନାମକ ଗଳ୍ପ ଅବଲମ୍ବନରେ ଏ ସାମାଜିକ ପ୍ରହସନଟି ରଚିତ ହୋଇ କଟକ ରେଭେନ୍‌ସା କଲେଜ ଛାତ୍ରମାନଙ୍କଦ୍ୱାରା ଅଭିନୀତ ହୋଇଥିଲା ।’’ ନାଟ୍ୟକାର ଏହି ପ୍ରହସନରେ ହାସ୍ୟରସର ଅବତାରଣା କରିବା ସଙ୍ଗେ ସଙ୍ଗେ ସାମାଜିକ ସମସ୍ୟାକୁ ମଧ୍ୟ ସୁନ୍ଦରରୂପେ ପ୍ରକାଶ କରିଛନ୍ତି । ଶ୍ୟାମଧନବାବୁ ବାଲେଶ୍ୱରବାସୀ ଜନୈକ କଲେକ୍ଟରୀ ଅମଲା । ସୁନ୍ଦରବାବୁ ସୋର ନିକଟବର୍ତ୍ତୀ ପାଙ୍କଶପୁରର ଜନୈକ କରଣ ଭଦ୍ରଲୋକ । ଶ୍ୟାମଧନବାବୁଙ୍କ କନ୍ୟା ସହିତ ସୁନ୍ଦରବାବୁଙ୍କ ପୁତ୍ର ଚନ୍ଦ୍ରର ବିବାହ ସ୍ଥିରହୋଇଥାଏ । ଏଣେ ବିଶୁ ନାମକ ଜନୈକ କଲେଜଛାତ୍ର ତିଳକୁ ବିଭା କରିବାକୁ ସ୍ଥିର କରିଥାଏ । ବିଶୁ ସହିତ ତିଳର ବିଭାଘର ଠିକ୍ ହୋଇଥିଲା ମାତ୍ର ବିଶୁ ମାଟ୍ରିକ୍‌ରେ ଫେଲ୍ ହେବାରୁ ଶ୍ୟାମଧନବାବୁ ବିଭାଘର ବନ୍ଦ କରିଦେଲେ । ବିଶୁ ଏହି କଥାର ସୁଯୋଗ ନେଇ ଚନ୍ଦ୍ରୁର ବିଭାଘର ଦିନ ଶ୍ୟାମଧନବାବୁଙ୍କୁ ଟେଲିଗ୍ରାମ୍ କରିଦେଲା ଯେ—ଚନ୍ଦ୍ରୁ ପରୀକ୍ଷାରେ ଫେଲ୍ ହୋଇଛି । ଶ୍ୟାମଧନବାବୁ ଏଥିରେ ବିରକ୍ତ ହୋଇ ବିଭାଘର ବନ୍ଦ କରିବାକୁ ସୁନ୍ଦରବାବୁଙ୍କ ନିକଟକୁ ଟେଲିଗ୍ରାମ୍ କରିଦେଲେ । ହରିର ମଧ୍ୟସ୍ଥତାରେ ପୁନରାୟ ତିଳ ସହିତ ବିଶୁର ବିଭାଘର ଠିକ୍ ହେଲା । ବିଶୁ ବରବେଶରେ ଶ୍ୟାମଧନବାବୁଙ୍କ ଘରକୁ ଆସି ଶୀଘ୍ର ଶୀଘ୍ର ବିଭାଘର ବଢ଼ାଇ ଦେବାକୁ କହୁଛି । ଏଣେ ଶ୍ୟାମଧନବାବୁ ଅଫିସକୁ ଯାଇ ଚନ୍ଦ୍ରୁ ପାଶ୍ କରିଥିବା ଖବର ପାଇ ମହାବ୍ୟସ୍ତରେ ପଡ଼ିଛନ୍ତି ଏବଂ ସୁନ୍ଦରବାବୁଙ୍କ ନିକଟକୁ ଯାଇ ଭୁଲ ସ୍ୱୀକାର କରିଛନ୍ତି । ଚନ୍ଦ୍ରୁ ବର ହୋଇ ଆସି ପହଞ୍ଚିଛି । ବିଶୁ ଏ ଖବର ପାଇ ଲୁଚି ପଳାଇ ଯାଇଛି । ଚନ୍ଦ୍ରୁ ଏବଂ ତିଳର ବିଭାଘର ହୋଇଛି । ବିଶୁକୁ ଲୋକ ନିନ୍ଦା କରିଛନ୍ତି । ଏହାହିଁ ଏହି ନାଟକର ବିଷୟବସ୍ତୁ । ଜଣେ ବଦମିଆଲ କରଣୀକୁ ବିଦ୍ରୂପ କରିବା ସଙ୍ଗେ ସଙ୍ଗେ ବିଶୁ ଭଳି ଶିକ୍ଷିତ ଯୁବକଙ୍କୁ ମଧ୍ୟ ଶାଣିତ ବ୍ୟଙ୍ଗୋକ୍ତି ପ୍ରକାଶ କରିଛନ୍ତି । ଏହି ନାଟକରେ ହାସ୍ୟରସର ଉଚ୍ଛୁଳପ୍ଲାବନ ସୃଷ୍ଟି ହୋଇଅଛି ।

## କାନ୍ତକବିଙ୍କ ନାଟ୍ୟ ସମୀକ୍ଷା :

ଓଡ଼ିଆ ନାଟ୍ୟସାହିତ୍ୟର ଇତିହାସରେ କାନ୍ତକବିଙ୍କର ନାଟ୍ୟ ପ୍ରତିଭାକୁ ଅସ୍ୱୀକାର କରାଯାଇ ନ ପାରେ । ଗୋଦାବରୀଶ ମିଶ୍ର, କାଳୀଚରଣ, ଅଶ୍ୱିନୀକୁମାର ପ୍ରଭୃତି ଇତିହାସର ନାଟ୍ୟକାରମାନଙ୍କ ଭଳି କାନ୍ତକବି ମଧ୍ୟ ଓଡ଼ିଆ ନାଟ୍ୟସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦାବୀ କରନ୍ତି । ପୌରାଣିକ ଓ କିମ୍ବଦନ୍ତୀମୂଳକ ନାଟକ ରଚନାକରି ସେ ଯେପରି ଖ୍ୟାତି ଅର୍ଜନ କରିଛନ୍ତି—ସାମାଜିକ, ରାଜନୈତିକ, ପ୍ରହସନମୂଳକ ଓ ହାସ୍ୟରସାତ୍ମକ ନାଟିକାମାନ ରଚନା କରି ସେହିପରି ପ୍ରସିଦ୍ଧି ଲାଭ କରିଛନ୍ତି । ପୌରାଣିକ ଏବଂ ଐତିହାସିକ ନାଟକ ରଚନାରେ କାନ୍ତକବିଙ୍କର ନାଟ୍ୟ ପ୍ରତିଭାର ଯଥାର୍ଥ ପରିଚୟ ମିଳେ ନାହିଁ । ନିଜେ ବୈଷ୍ଣବ ଧର୍ମାବଲମ୍ବୀ ଥିବାରୁ ଏବଂ ଜରାଜର୍ଜର ବ୍ୟାଧିଗ୍ରସ୍ତ ଜୀବନଯାପନ କରିଥିବାରୁ ତାଙ୍କର ଲୀଳା ଏବଂ ରାସରେ ସଙ୍ଗୀତର ବିଶେଷ ପ୍ରାବଲ୍ୟ ଦେଖିବାକୁ ମିଳେ । ସେ ସଙ୍ଗୀତପ୍ରିୟ ଓ ସଙ୍ଗୀତର ରଚକ ଥିବାରୁ ନାଟକରେ ମଧ୍ୟ ଶାସ୍ତ୍ରୀୟ ସଙ୍ଗୀତର ବହୁଳ ପ୍ରୟୋଗ କରିଛନ୍ତି । ସାମାଜିକ ଓ ରାଜନୈତିକ ପ୍ରହସନଗୁଡ଼ିକ କାନ୍ତକବିଙ୍କର ନାଟ୍ୟପ୍ରତିଭାର ସମୁଜ୍ଜ୍ୱଳ ପରିଚୟ ପ୍ରଦାନ କରିଥାଏ । ଏଗୁଡ଼ିକରେ ସେ ସାମାଜିକ ଭଣ୍ଡାମି ଏବଂ ରାଜନୈତିକ ଦୁର୍ନୀତିକୁ କଠୋର ସମାଲୋଚନା କରିଛନ୍ତି । ଏଥିପାଇଁ ସେ ବାଛି ନେଇଛନ୍ତି ହାସ୍ୟରସ । ହାସ୍ୟରସ ମାଧ୍ୟମରେ ହିଁ ସେ ରାଜନୀତି ଓ ସମାଜର ଦୋଷ ଦୁର୍ବଳତାକୁ ଦେଖାଇ ମାର୍ଜିତ କରାଇବାକୁ ଚେଷ୍ଟା କରିଛନ୍ତି । ମୋଟ ଉପରେ କାନ୍ତକବିଙ୍କ ନାଟ୍ୟ ପ୍ରତିଭା ନାଟକୀୟ ତ୍ରୁଟି ସତ୍ତ୍ୱେ ଅନନ୍ୟ ଓ ଅସାଧାରଣ ।

●

['ଡଗର' ୩୪ ଶ ବର୍ଷ ୬ଷ୍ଠ ସଂଖ୍ୟାରେ ପ୍ରକାଶିତ ]

# ଓଡ଼ିଆ ସାହିତ୍ୟର ବିକାଶରେ ସମାଲୋଚନାର ଭୂମିକା

ସୃଷ୍ଟି ଓ ସମୀକ୍ଷା ପରସ୍ପରର ପରିପୂରକ । ସୃଷ୍ଟି ପ୍ରଥମ; ସମୀକ୍ଷା ସୃଷ୍ଟିର ଅନୁଗାମୀ । ସ୍ରଷ୍ଟା ସୃଷ୍ଟି କରେ ମାତ୍ର ସମୀକ୍ଷକ ସମାଲୋଚନା ସାହାଯ୍ୟରେ ସୃଷ୍ଟିକୁ କ୍ରିୟାଶୀଳ ଏବଂ ଗତିଶୀଳ କରାଏ । ସମୀକ୍ଷକ ସୃଷ୍ଟିର ମଙ୍ଗଳାକାଂକ୍ଷୀ । ସମୀକ୍ଷା ସୃଷ୍ଟିକୁ କରେ ମାର୍ଜିତ; ସଂସ୍କୃତ ଓ ଉନ୍ନତ । ସମୀକ୍ଷା ସାହାଯ୍ୟରେ ସୃଷ୍ଟିର ଅନ୍ତର୍ନିହିତ ଭାବବୋଧ ଅନ୍ୟ ନିକଟରେ ଉନ୍ମୋଚିତ ହୋଇ ପାରେ । ଏହି କାରଣରୁ ସମୀକ୍ଷା ବା ସମାଲୋଚନାର ଭୂମିକା ସାହିତ୍ୟ କ୍ଷେତ୍ରରେ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଲୋଚନା ସାହିତ୍ୟକୁ ସଂଯତ କରେ, ଶୃଙ୍ଖଳିତ କରେ ପାଠକ ନିକଟରେ ସୃଷ୍ଟିର ରସବୋଧକୁ ଟେକିଦେଇ ପାରେ । ସମାଲୋଚନାର ଧର୍ମ ହେଉଛି ଟର୍ଚ୍ଚର ସୁଇଚ୍ ଭଳି । ସୁଇଚ୍ ଟିପି ଅନ୍ଧକାରରେ ଆଲୋକ ଦେଖାଇଲା ଭଳି ଏବଂ ଏ ଆଲୋକ ଏକ ନିର୍ଦ୍ଦିଷ୍ଟ ଦିଗକୁ ଉନ୍ମୋଚିତ କଲାଭଳି ସମାଲୋଚନା ସାହିତ୍ୟର ଅନ୍ତର୍ନିହିତ ଭାବବୋଧକୁ ପ୍ରକାଶ କରେ । ସାହିତ୍ୟ ଓ ପାଠକ ମଧ୍ୟରେ ସମାଲୋଚନା ସଂଯୋଗ-ସେତୁ । ସାହିତ୍ୟ ଓ ପାଠକକୁ ପରସ୍ପରର ନିକଟବର୍ତ୍ତୀ କରାଏ ସମାଲୋଚନା । ତେଣୁ ସମାଲୋଚକକୁ ଏକାନ୍ତ ଭାବରେ ନିରପେକ୍ଷ ହେବାକୁ ହୋଇଥାଏ । ଯେଉଁଠି ସମାଲୋଚକ ବ୍ୟକ୍ତିଗତ ଅସୂୟା ବା ଏକାନ୍ତ ବ୍ୟକ୍ତିଗତ "ଅହଂ" ଦ୍ୱାରା ପ୍ରଭାବିତ ହୋଇ ସମାଲୋଚନା କରେ ସେତେବେଳେ ସମାଲୋଚନା ଏକଦେଶଦର୍ଶୀ ହୋଇ

ପଡ଼େ ଏବଂ ସମାଲୋଚନାର ଧର୍ମ ବିଡମ୍ବିତ ହୋଇଯାଏ । ସମାଲୋଚକର ତେଣୁ ଧର୍ମ ହେଲା ଏକାନ୍ତ ନିରପେକ୍ଷ ଭାବରେ ସମସ୍ତର ପ୍ରାପ୍ୟପ୍ରଦାନ ସହିତ ଆତ୍ମିକ ପରିଚିତି ନେଇକରି ପାଠକ ଓ ସାହିତ୍ୟ; ସମାଜ ଓ ସାହିତ୍ୟ, ବ୍ୟକ୍ତି ଓ ବିଶ୍ୱ ସହିତ ସଂଯୋଗ ସ୍ଥାପନ କରିବା ।

ଏହି ଗବେଷଣାରେ "ଓଡ଼ିଆ ସାହିତ୍ୟର ବିକାଶରେ ସମାଲୋଚନାର ଭୂମିକା" କଣ ଏବଂ ଏଯାବତ୍ ଏହା କି ଭୂମିକା ନେଇଛି ସେ ସମ୍ବନ୍ଧରେ ଆଲୋଚନା କରାଯାଇ ପାରେ । ଓଡ଼ିଆ ସାହିତ୍ୟର ବିକାଶରେ ସମାଲୋଚନାର ଭୂମିକା; ଏକଥା ବିଚାର କଲାବେଳେ ମନ ମଧ୍ୟରେ ସ୍ୱତଃ ପ୍ରଶ୍ନ ଆସେ ଯେ ସମାଲୋଚନା ଓଡ଼ିଆ ସାହିତ୍ୟର ବିକାଶପାଇଁ ସାହାଯ୍ୟ କରିଛି କି ନାହିଁ । ଏ ପର୍ଯ୍ୟନ୍ତ ହୋଇଥିବା ସମାଲୋଚନାଗୁଡ଼ିକୁ ସୂକ୍ଷ୍ମଭାବରେ ଅନୁଧ୍ୟାନ କଲେ ଜଣାଯାଏ ଯେ ସମାଲୋଚନା ଓଡ଼ିଆ ସାହିତ୍ୟର ବିକାଶ ଦିଗରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିନାହିଁ । ବ୍ୟକ୍ତି ବିଶେଷଙ୍କର ସାହିତ୍ୟିକ ପ୍ରତିଭାର ପ୍ରଚାର ଓ ପ୍ରସାରପାଇଁ ଓଡ଼ିଆ ସମାଲୋଚନା ଅଭିପ୍ରେତ ହୋଇଛି ସତ ମାତ୍ର ଗୁଣାତ୍ମକ ଦୃଷ୍ଟିରୁ ସାହିତ୍ୟକୁ ଏହା ପରୀକ୍ଷା ନିରୀକ୍ଷା କରିନାହିଁ । ଓଡ଼ିଆ ସମାଲୋଚନାରେ ଅତିକଥନ ବା ଅତିପ୍ରଶଂସା ରହିଛି ମାତ୍ର ନିରପେକ୍ଷ ପର୍ଯ୍ୟବେକ୍ଷଣ ଓ ପର୍ଯ୍ୟାଲୋଚନା ଅଭାବରୁ ଏହା ଓଡ଼ିଆ ସାହିତ୍ୟର ବିକାଶ ପାଇଁ ସାହାଯ୍ୟ କରିପାରି ନାହିଁ ।

ଓଡ଼ିଆ ସାହିତ୍ୟରେ ସମାଲୋଚନା ଊନବିଂଶ ଶତକର ଶେଷ ଭାଗରେ ସୃଷ୍ଟି ହେଲା । ପତ୍ରପତ୍ରିକାର ବିକାଶ ଓ ପ୍ରସାର ସଙ୍ଗେ ସଙ୍ଗେ ସାହିତ୍ୟରେ ସମାଲୋଚନାର ପ୍ରସାର ଘଟିଲା । ଏ ସମୟରେ ଉତ୍କଳ ଦୀପିକା ଓ ସମ୍ବାଦବାହିକାର ସମ୍ପାଦକମାନେ ତତ୍‌କାଳୀନ ସାହିତ୍ୟ ସୃଷ୍ଟି ଉପରେ ସୁଚିନ୍ତିତ ମତ ପ୍ରଦାନ କରୁଥିଲେ । ସେମାନଙ୍କର ସମାଲୋଚନା ଗଠନମୂଳକ ଥିଲା ଏବଂ ଓଡ଼ିଆ ସାହିତ୍ୟର ବିକାଶ

ଦିଗରେ ଏହା ଅଂଶତଃ ସାହାଯ୍ୟ କରିଥିଲା । ଏହି ସମାଲୋଚନା ଥିଲା ବାର୍ତ୍ତାମୁଖୀ ସମାଲୋଚନା । ଏହା ପରେ ଉତ୍କଳ ଦର୍ପଣ, ଉତ୍କଳପୁତ୍ର ଉତ୍କଳ ମଧୁପ, ସମ୍ବଲପୁର ହିତୈଷିଣୀ, ଉତ୍କଳ ପ୍ରଭା, ଓଡ଼ିଆ ଓ ନବସମ୍ବାଦ, ଉତ୍କଳ ସାହିତ୍ୟ ଇତ୍ୟାଦି ବହୁ ପତ୍ରପତ୍ରିକା ପ୍ରକାଶିତ ହୋଇ ଓଡ଼ିଆ ସମାଲୋଚନା ସାହିତ୍ୟର ବିକାଶ ଘଟାଇବାରେ ସାହାଯ୍ୟ କରିଥିଲେ । 'ଉତ୍କଳ ସାହିତ୍ୟ'ର ସମାଲୋଚନା ବିଶେଷ ପ୍ରଣିଧାନଯୋଗ୍ୟ । ଏହା ଯେପରି ଗାଠନକ ସେହିପରି ନିରପେକ୍ଷ ଏବଂ ମାର୍ଜିତ । ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ଗୋପାଳ ପ୍ରହରାଜ, ମୃତ୍ୟୁଞ୍ଜୟ ରଥ, ଚନ୍ଦ୍ରଶେଖର ନନ୍ଦ, କୃଷ୍ଣପ୍ରସାଦ ଚୌଧୁରୀ, ଲାଲାରାମ ନାରାୟଣ ରାୟ ପ୍ରଭୃତି ସମାଲୋଚକମାନେ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଏମାନେ ସାହିତ୍ୟରେ ସମାଲୋଚନାର ଯେଉଁ ପଦ୍ଧତି ପ୍ରତିଷ୍ଠା କଲେ କ୍ରମେ ତାହାର ପ୍ରଭାବ କମିଗଲା । ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ, ନୀଳକଣ୍ଠ ଦାସ, ପ୍ରଭୃତି ସମାଲୋଚକମାନେ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ନୂତନ ଦିଗନ୍ତର ସୂଚନା ପ୍ରଦାନ କଲେ । ଏସମୟରେ 'ଉତ୍କଳ ସାହିତ୍ୟ', 'ମୁକୁର', 'ସହକାର', 'ନବଭାରତ', 'ଆଶା' ପ୍ରଭୃତି ପତ୍ରପତ୍ରିକା ଓଡ଼ିଆ ସାହିତ୍ୟର ସୃଷ୍ଟି ସମାଲୋଚନାକୁ ବିକାଶଶୀଳ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ତତ୍ପରେ 'ଡଗର', 'ଆଧୁନିକ', 'ଶଙ୍ଖ' 'ଝଙ୍କାର' ତଥା ଅନ୍ୟାନ୍ୟ ଅର୍ବାଚୀନ ବହୁ ପତ୍ରପତ୍ରିକା ସମାଲୋଚନା ସାହିତ୍ୟର ବିକାଶ ଦିଗରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ଏହା ସତ୍ତ୍ୱେ ମନେହୁଏ ଓଡ଼ିଆ ସମାଲୋଚନା ଉନ୍ନତି ଲାଭ କରିନାହିଁ । ଯେତେବେଳେ ଏହା ମାର୍ଜିତ ଏବଂ ନିରପେକ୍ଷ ନୁହେଁ ସେତେବେଳେ ଏହା କପରି ସୃଷ୍ଟିର ବିକାଶରେ ସାହାଯ୍ୟ କରିପାରିବ ?

ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ସମାଲୋଚନାକୁ ଆମେ ନିମ୍ନ କେତେ ଭାଗରେ ବିଭକ୍ତ କରିପାରିବା—

(କ) ଇତିହାସ ଭିତ୍ତିକ ସମାଲୋଚନା ।
(ଖ) ଯୁଗ-ଭିତ୍ତିକ ସମାଲୋଚନା ।
(ଗ) ପ୍ରାଚ୍ୟ ପଦ୍ଧତି-ଭିତ୍ତିକ ସମାଲୋଚନା ।
(ଘ) ପାଶ୍ଚାତ୍ୟ-ପଦ୍ଧତି ଭିତ୍ତିକ ସମାଲୋଚନା ।
(ଙ) ବ୍ୟକ୍ତି ଭିତ୍ତିକ ସମାଲୋଚନା ।
(ଚ) ତଥ୍ୟ ଭିତ୍ତିକ ସମାଲୋଚନା ।
(ଛ) ତତ୍ତ୍ୱ ଭିତ୍ତିକ ସମାଲୋଚନା

## (କ) ଇତିହାସ ଭିତ୍ତିକ ସମାଲୋଚନା :

ଇତିହାସ ଭିତ୍ତିକ ସମାଲୋଚନା ଓଡ଼ିଆ ସାହିତ୍ୟରେ ବିଶେଷ ପ୍ରଣିଧାନଯୋଗ୍ୟ । ଇତିହାସର ବିବର୍ତ୍ତନକୁ ଆଖିଆଗରେ ରଖି ସମଗ୍ରର ପ୍ରଶଂସନ ସହିତ ପରିଚିତି ଲାଭ କରି ଏ ପ୍ରକାର ସମାଲୋଚନା ହୋଇଥାଏ । ଏ ପ୍ରକାର ସମାଲୋଚନାରେ ସାହିତ୍ୟର କଳାତ୍ମକ ଦିଗର ବିଚାର ଅପେକ୍ଷା ବସ୍ତୁଗତ ସତ୍ୟାସତ୍ୟର ବିଚାର ଉପରେ ପ୍ରାଧାନ୍ୟ ପ୍ରଦାନ କରାଯାଇ ଥାଏ । ଏହିହେତୁ ଏ ପ୍ରକାର ସମାଲୋଚନା ସାହିତ୍ୟର କଳାତ୍ମକ ଦିଗର ବିକାଶପାଇଁ ଯଥେଷ୍ଟ ସାହାଯ୍ୟ କରିପାରେ ନାହିଁ । ଅତୀତର ପରିପ୍ରେକ୍ଷିତରେ ବର୍ତ୍ତମାନର ମୂଲ୍ୟାୟନ କରିବାହିଁ ଏ ପ୍ରକାର ସମାଲୋଚନାର ପ୍ରଧାନ ଲକ୍ଷ୍ୟ । ତେଣୁ ଏପ୍ରକାର ସମାଲୋଚନା ସାହିତ୍ୟର ବିକାଶ ଦିଗରେ ସାହାଯ୍ୟ ନକରି ଯେଉଁ ସାହିତ୍ୟ ସୃଷ୍ଟି ହୋଇଥାଏ ତାର ମୂଲ୍ୟାୟନ କରିଥାଏ । ଓଡ଼ିଆ ସାହିତ୍ୟରେ ଏଭଳି ସମାଲୋଚନା ବିଶେଷ ଦେଖାଦେଇଥାଏ । ଊନବିଂଶ ଶତକର ଶେଷ ଭାଗରେ ଏଭଳି ସମାଲୋଚନା ପ୍ରଥମେ ଆରମ୍ଭ ହେଲା । ଜନବିମ୍‌ସ୍ ଏପ୍ରକାର ସମାଲୋଚନା ଓଡ଼ିଆରେ ପ୍ରୟୋଗ କଲେ । ତତ୍‌ପରେ ମନମୋହନ ଚକ୍ରବର୍ତ୍ତୀ, ବି. ସି. ମଜୁମଦାର, ଶ୍ୟାମସୁନ୍ଦର ରାଜଗୁରୁ ପ୍ରଭୃତି ଏ ପ୍ରଥା ଅନୁସରଣ କରି ଓଡ଼ିଆ ସାହିତ୍ୟର ସମାଲୋଚନା କଲେ । ପର ବର୍ତ୍ତୀ କାଳରେ ଯେଉଁ ସମାଲୋଚନା ହେଲା ତାହା ଏହି ସମାଲୋଚକମାନଙ୍କର ତଥ୍ୟଗତ

ଦୃଷ୍ଟି ବିନ୍ଦୁରୁ ଦେଖାଇବାରେ ସୀମାବଦ୍ଧ ରହିଲା । ଫଳରେ ସାହିତ୍ୟର ଗୁଣାତ୍ମକ ଦିଗର ବିଚାର ପ୍ରତି ଔଦାସୀନ୍ୟ ପ୍ରକାଶିତ ହେଲା । ଏପର୍ଯ୍ୟନ୍ତ ଯେତେ ସମାଲୋଚନା ହୋଇଛି ସେ ସମସ୍ତ ପ୍ରାଚୀନ ସାହିତ୍ୟ ସମ୍ପର୍କରେ । ମାତ୍ର ପ୍ରାଚୀନ ସାହିତ୍ୟର ଐତିହାସିକ କାଳକ୍ରମିକ ବିବରଣୀ ବ୍ୟତୀତ ଏବଂ ସେଥିମଧ୍ୟରୁ କେତେକ ଓଡ଼ିଆ ବା ଅଣଓଡ଼ିଆ, ଏହାକୁ ପ୍ରତିପାଦନକରିବା ବ୍ୟତୀତ ଓଡ଼ିଆ ସାହିତ୍ୟର କ୍ରମିକ ଗୁଣାତ୍ମକ ତଥା କଳାତ୍ମକ ବିକାଶ ଦିଗକୁ ବିଚାର କରାଯାଇ ନାହିଁ । ଆଧୁନିକ ଯୁଗରେ ଡକ୍ଟର ନଟବର ସାମନ୍ତରାୟ ଐତିହାସିକ ସମାଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଅଛନ୍ତି ।

### (ଙ) ଭାବ-ଭିତ୍ତିକ ସମାଲୋଚନା :

ଓଡ଼ିଆ ସାହିତ୍ୟରେ ଭାବଭିତ୍ତିକ ସମାଲୋଚନାର ବିକାଶ ଆଦୌ ହୋଇନାହିଁ କହିଲେ ଚଳେ । ଯାହା କେତେକ ହୋଇଛି ତାହା ଅତ୍ୟନ୍ତ ନଗଣ୍ୟ । ପାଶ୍ଚାତ୍ୟ ସାହିତ୍ୟରେ ଯେପରି ଭାବଭିତ୍ତିକ ସମାଲୋଚନା ପ୍ରତି ବିଶେଷ ଧ୍ୟାନ ପ୍ରଦାନ କରାଯାଇଅଛି ଏବଂ ସମ୍ପ୍ରତି ଏହା ଯେପରି ସେ ଦେଶରେ ସାହିତ୍ୟକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଅଛି ସେପରି ସମାଲୋଚନା ଓଡ଼ିଆ ସାହିତ୍ୟରେ ହୋଇନାହିଁ । ଏ ଧରଣର ସମାଲୋଚନା ଇଂରେଜୀ ସାହିତ୍ୟରେ ଟି.ଏସ୍. ଇଲିଅଟ୍, ଆଇ. ଏ. ରିଚାର୍ଡସ୍, ଏଫ୍. ଆର୍. ଲେଭିସ୍ ଓ ମରଡିଗାର ପ୍ରଭୃତି ପ୍ରତିଷ୍ଠା କରି ଅଛନ୍ତି । ଏହି ସମାଲୋଚନାରେ ତଥ୍ୟ ପ୍ରଧାନ ନୁହେଁ, ଇତିହାସ ମୁଖ୍ୟ ନୁହେଁ । ସମଗ୍ର ପ୍ରାଣସ୍ପନ୍ଦନ ସହିତ ମାନବିକଚେତନା ଓ ମୂଲ୍ୟବୋଧର ପ୍ରକାଶ ସାହିତ୍ୟରେ କିପରି ଘଟିଛି ସେ ସମ୍ବନ୍ଧରେ ଆଲୋଚନା ହୋଇଥାଏ । ଭାବଭିତ୍ତିକ ସମାଲୋଚନାକୁ ମନସ୍ତାତ୍ତ୍ୱିକ ସମାଲୋଚନା, ସାହିତ୍ୟର କଳାଗତ ସମାଲୋଚନା ଓ ନୂତନ ସମାଲୋଚନା ଅନ୍ତର୍ଭୁକ୍ତ କରାଯାଇପାରେ । ଏହା କଳା ବା ସାହିତ୍ୟର ସୌନ୍ଦର୍ଯ୍ୟାନୁଭୂତି ଓ ମାନବିକ ମୂଲ୍ୟବୋଧକୁ ପ୍ରକାଶ କରିଥାଏ । ଓଡ଼ିଆ ସାହିତ୍ୟରେ ଏ ଧରଣର ସମାଲୋଚନା ନାହିଁ,

ଏବଂ ଯାହାଅଛି ତାହା ସାହିତ୍ୟର ବିକାଶ ଦିଗରେ କୌଣସି ଭୂମିକା ନେଇନାହିଁ ।

## (ଗ) ପ୍ରାଚ୍ୟ-ପଦ୍ଧତି-ଭିତ୍ତିକ ସମାଲୋଚନା :

ଓଡ଼ିଆ ସାହିତ୍ୟରେ ଦୁଇପ୍ରକାର ସମାଲୋଚନା ଦେଖାଯାଇଛି । (କ) ପ୍ରାଚ୍ୟ -ପଦ୍ଧତି, (ଖ) ପାଶ୍ଚାତ୍ୟ ପଦ୍ଧତି । ପ୍ରାଚ୍ୟ ପଦ୍ଧତିକୁ ଯେଉଁମାନେ ଅନୁସରଣ କରୁଛନ୍ତି ସେମାନେ ପ୍ରାଚୀନ ସଂସ୍କୃତ ସାହିତ୍ୟର ଆଦର୍ଶ ଓ ଆଳଙ୍କାରିକ ନୀତି ନିୟମକୁ ଆଖିଆଗରେ ରଖି ବିଚାର କରୁଛନ୍ତି । ମାତ୍ର ଏଥିରେ କାବ୍ୟରଚନା ପଦ୍ଧତିର ବିଚାର ଓ ନିୟମ ଥିଲେହେଁ ମାନବିକ ମୂଲ୍ୟବୋଧ ଜନିତ ତତ୍ତ୍ୱର ବିଚାର ନାହିଁ । ପୁଣି ବର୍ତ୍ତମାନ ଯୁଗରେ ଅଣାତର ପଦ୍ଧତି ଗ୍ରହଣୀୟ ନୁହେଁ । ଫଳରେ ପ୍ରାଚୀନ ପଦ୍ଧତି—ସାମ୍ପ୍ରତିକ ସାହିତ୍ୟର ବିକାଶ ଦିଗରେ ସାହାଯ୍ୟ କରିପାରୁନାହିଁ । ପ୍ରାଚୀନ ସାହିତ୍ୟ ଅଧ୍ୟୟନ କରିବାରେ ହୁଏତ ଏହା ସାହାଯ୍ୟ କରିପାରେ ମାତ୍ର ସାହିତ୍ୟର ବିକାଶ ଦିଗରେ ଏହାର ଭୂମିକା ନାହିଁ ।

## (ଘ) ପାଶ୍ଚାତ୍ୟ-ପଦ୍ଧତି :

ସାଂପ୍ରତିକ କାଳରେ ଓଡ଼ିଆ ସାହିତ୍ୟରେ ଯେଉଁ ସମାଲୋଚନା ହେଉଅଛି ତାହା ବିଶେଷ କରି ପାଶ୍ଚାତ୍ୟ-ପଦ୍ଧତି ଭିତ୍ତିକ । ଏପରିକି ଏରିଷ୍ଟଟଲଙ୍କ ଠାରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଯେଉଁମାନେ ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରିଛନ୍ତି ସେସବୁକୁ ଆଖି ଆଗରେ ରଖି ଆଜିର ସମାଲୋଚକ ସାହିତ୍ୟର ସମାଲୋଚନା କରୁଛି । ପାଶ୍ଚାତ୍ୟ ଶିକ୍ଷାଭିମାନୀ ବ୍ୟକ୍ତି ଏହିଭଳି ସମାଲୋଚନାକୁ ବିଶେଷ ଗୁରୁତ୍ୱପୂର୍ଣ୍ଣବୋଲି ମନେ କରୁଅଛନ୍ତି । ଆଜିର ସାହିତ୍ୟ ପାଶ୍ଚାତ୍ୟାନୁକରଣ ସର୍ବସ୍ୱ । ତେଣୁ ଏହି ସାହିତ୍ୟକୁ ପର୍ଯ୍ୟାଲୋଚନା କରିବାକୁ ଯାଇ ଆଜିର ସମାଲୋଚକ ପାଶ୍ଚାତ୍ୟ ଦାର୍ଶନିକ, ସମାଜ ତତ୍ତ୍ୱବିତ, ରାଜନୀତିଜ୍ଞ ଓ ସାହିତ୍ୟ ସମାଲୋଚକର ଦୃଷ୍ଟାନ୍ତ ପ୍ରଦାନ କରୁଛି । ପାଶ୍ଚାତ୍ୟ

ସମାଲୋଚନା କହିଲେ ବିଶେଷତଃ ଇଂରାଜୀ ସାହିତ୍ୟର ସମାଲୋଚନା ଓ କେତେକାଂଶରେ ମାର୍କିନ ସାହିତ୍ୟର ସମାଲୋଚନାକୁ ଉଦ୍ଦେଶକୁ ନିଆଯାଇଥାଏ । ଇଂରାଜୀ ଲେଖକଙ୍କଠୁ ଉଦ୍ଧୃତି ଦେଇ ଓ ସେମାନଙ୍କ ସୃଷ୍ଟି ସହିତ ତୁଳନା କରି ସମାଲୋଚନା କରିବା ସତେ ଯେପରି ଏକ ଫେସନ ହୋଇଅଛି । ଏହାହିଁ ଆଜିର ସର୍ବଶ୍ରେଷ୍ଠ ସମାଲୋଚନା ଭାବରେ ଓଡ଼ିଆ ସାହିତ୍ୟରେ ଗୃହୀତ ମାତ୍ର ଏହାଦ୍ୱାରା ଓଡ଼ିଆ ସାହିତ୍ୟର ବିକାଶ ହୋଇ ନପାରେ । ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଆଜିର ସମାଲୋଚନାର ଭୂମିକା କଥାକୁ ବିଚାରକୁ ନ ନେଇ ବରଂ ପାଶ୍ଚାତ୍ୟ ସାହିତ୍ୟର ସମ୍ପ୍ରସାରଣରେ ଆଜିର ଓଡ଼ିଆ ସମାଲୋଚନା କି ଭୂମିକା ନେଉଛି, ବିଚାର କରାଯାଇପାରେ । ଏହି ହେତୁ ପାଶ୍ଚାତ୍ୟ-ପଦ୍ଧତି-ଭିତ୍ତିକ ସମାଲୋଚନା ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ସାହାଯ୍ୟ କରିପାରି ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

**ବ୍ୟକ୍ତି-ଭିତ୍ତିକ-ସମାଲୋଚନା :**

ଓଡ଼ିଆ ସାହିତ୍ୟରେ ଆଉ ଏକପ୍ରକାର ସମାଲୋଚନା ଦେଖାଯାଇଥାଏ । ଊନବିଂଶ ଶତକର ଶେଷଭାଗରୁ 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାଠାରୁ ଏପ୍ରକାର ସମାଲୋଚନା ଦେଖାଯାଇଆସିଅଛି । ବ୍ୟକ୍ତି ବିଶେଷକୁ ନେଇ ଏଧରଣର ସମାଲୋଚନା ହୋଇଅଛି । ବ୍ୟକ୍ତିର ସାହିତ୍ୟିକ ପ୍ରତିଭା ଓ ଶିଳ୍ପକଳା ତଥା ସମଗ୍ରର ପ୍ରାଣସ୍ପନ୍ଦନକୁ ଭୁଲି ବ୍ୟକ୍ତିର ନିନ୍ଦା ବା ପ୍ରଶଂସା କରାଯାଇଅଛି । କେହି ରାଧାନାଥଙ୍କୁ ବିଜାତୀୟ ଓ ଜାତୀୟ ଚରିତ୍ରର କଳଙ୍କିତ ରୂପକାର, କେହି ଭଞ୍ଜଙ୍କୁ ଅଶ୍ଳୀଳତାର ରୂପକାର ଭାବରେ ସମାଲୋଚନା କରୁଥିଲାବେଳେ, ଅନ୍ୟ କେହି ଭଞ୍ଜଙ୍କୁ ଜାତୀୟ କବି ଓ ଦୀନକୃଷ୍ଣଙ୍କୁ ଇଟାଲୀର ଦାନ୍ତେଙ୍କ ସହିତ ତୁଳନା କରିଅଛନ୍ତି । ପୁଣି ପଞ୍ଚସଖା ଥିଲେ କି ନାହିଁ, ଅଚ୍ୟୁତାନନ୍ଦ, ଦୀନକୃଷ୍ଣ ଆଦି କବିମାନେ ଜଣେ ବା ଅନେକ ଏ ବିଷୟରେ ନାନା ପରସ୍ପର ବିରୋଧୀ ସମାଲୋଚନା ସୃଷ୍ଟି ହୋଇଛି । ଏପରି ସମାଲୋଚନା ସାହିତ୍ୟର ଗୁଣାତ୍ମକ ବିକାଶ ପାଇଁ ସାହାଯ୍ୟ କରେ ନାହିଁ । ଆଧୁନିକ

ଯୁଗରେ ମଧ୍ୟ ଏହିଭଳି ସମାଲୋଚନା ଦେଖାଯାଇଅଛି । କେହି ଜଣକୁ ଆଧୁନିକ କବିତାର ଯୁଗସ୍ରଷ୍ଟା କହିଲା ବେଳେ ଅନ୍ୟ କେହି ଆଉଜଣକୁ ପ୍ରାଧାନ୍ୟ ଦେଉଅଛି । ଫଳରେ ପରସ୍ପର ପ୍ରତି କାଦୁଅ ଫୋପଡ଼ାଯାଇ ସାର ହୋଇଅଛି । ଏ ସମାଲୋଚନା ପୁଣି ପଦ-ପଦବୀଧାରୀ ବ୍ୟକ୍ତି କେନ୍ଦ୍ରିକ । ଫଳରେ ସାହିତ୍ୟରେ ସମାଲୋଚନାର ପ୍ରକୃତ ଭୂମିକା ବିଡ଼ମ୍ବିତ ହୋଇ ପଡ଼ୁଛି ।

## (ଚ) ତଥ୍ୟ ଓ ଆଧ୍ୟାତ୍ମିକ ତତ୍ତ୍ୱଭିତ୍ତିକ ସମାଲୋଚନା :

ଓଡ଼ିଆ ସାହିତ୍ୟରେ ଅଧିକାଂଶ ସମାଲୋଚନା ଆଧ୍ୟାତ୍ମିକ ତଥ୍ୟ ଓ ତତ୍ତ୍ୱଭିତ୍ତିକ । ବୈଷ୍ଣବ ଧର୍ମ ଦର୍ଶନ, ଗୌଡ଼ୀୟ ବୈଷ୍ଣବ ଧର୍ମ ଦର୍ଶନ, ଏପରିକି ଯୋଗ ତତ୍ତ୍ୱ ଓ ପଦ୍ଧତିକୁ ସାହିତ୍ୟର ସମାଲୋଚନା ପରିସର ଭୁକ୍ତ କରାଯାଇଅଛି । ଏଭଳି ସମାଲୋଚନା ଓଡ଼ିଆ ସାହିତ୍ୟରେ ବିଶେଷ ଭାବରେ ଦେଖା ଯାଇଥାଏ । ଏ ଧରଣର ସମାଲୋଚନା ସାହିତ୍ୟର କଳାତ୍ମକ ଦିଗର ବିକାଶ ପାଇଁ କୌଣସି ସାହାଯ୍ୟ କରେ ନାହିଁ ।

ସଂପ୍ରତି ଓଡ଼ିଆ ସାହିତ୍ୟରେ ଅନ୍ୟ ଦ୍ୱିବିଧ ସମାଲୋଚନା ଦେଖାଯାଉଅଛି । ପ୍ରଥମତଃ ନନ୍ଦନ ତତ୍ତ୍ୱ ସମ୍ବଳିତ ସମାଲୋଚନା ଏବଂ ଦ୍ୱିତୀୟତଃ ଆର୍ଥନୀତିକ ସମସ୍ୟା ଭିତ୍ତିକ ମାର୍କସୀୟ ସାହିତ୍ୟ ସମାଲୋଚନା । ନନ୍ଦନ-ତତ୍ତ୍ୱ ଭିତ୍ତିକ ସମାଲୋଚନା ଓଡ଼ିଆ ସାହିତ୍ୟରେ ବିଶେଷ ନଥିଲେହେଁ, ଏହାର ଭୂମିକା ଗୌଣ ନୁହେଁ । ଅବଶ୍ୟ ଏଭଳି ସମାଲୋଚନା ବହୁ ସମୟରେ ଅତି କଥନ ଓ ଅତି ପ୍ରଶଂସା ପ୍ରକାଶ କରିଥାଏ । ବ୍ୟକ୍ତିଗତ ଅସୂୟା ବା ଶ୍ରଦ୍ଧା ଏ ଧରଣର ସମାଲୋଚନାକୁ ସାହାଯ୍ୟ କରେ, ମାତ୍ର ଅର୍ଥନୀତି-ଭିତ୍ତିକ-ସମାଜବାଦୀ ସମାଲୋଚନା ଏ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ନାହିଁ କହିଲେ ଚଳେ । ଯାହା ଅଛି ତାହା ଅତ୍ୟନ୍ତ ନଗଣ୍ୟ । ପୁଣି ତୁଳନାତ୍ମକ ସମାଲୋଚନା

ନାମରେ ଯାହା ପ୍ରକାଶିତ ହେଉଅଛି ତାହା ଇଂରାଜୀ ସାହିତ୍ୟ ସହିତ ତୁଳନା କରଯାଉଅଛି । ସତେ ଯେପରି ଏହି ତୁଳନାହିଁ ବିଚାରର ମୁଖ୍ୟ ମାନଦଣ୍ଡ ହୋଇଅଛି ।

ଆଲୋଚନା କଲେ ଜଣାଯାଏ ଓଡ଼ିଆ ସାହିତ୍ୟରେ ସମାଲୋଚନା ଏବେ ମଧ୍ୟ ପରୀକ୍ଷା ସ୍ତରରେ ରହିଛି । କେତେକ ଉଚ୍ଛ୍ୱାସ ବହୁଳ ବା ଆଡ଼ମ୍ବର ପରିପୂର୍ଣ୍ଣ ପ୍ରଶଂସାପତ୍ରହିଁ ଆଜିର ସମାଲୋଚନା । ଏଭଳି ସମାଲୋଚନାରେ ଅନ୍ତର୍ଦୃଷ୍ଟି ନାହିଁ ଏବଂ ଏହି କାରଣରୁ ସାହିତ୍ୟର ବିକାଶ ଦିଗରେ ଏହା ସାହାଯ୍ୟ କରିବ କିପରି ? ସମାଲୋଚନା ସାଧାରଣ କଳା ନୁହେଁ । ଯେ କେହି ବ୍ୟକ୍ତି ସମାଲୋଚନା କଲେ ଏହା କେଉଁ ଗଡ଼ୁ ଗଡ଼ୁ ମାଙ୍କଡ଼ ହେବ । ସମସ୍ତର ପ୍ରାଣସ୍ପନ୍ଦନ ସହିତ ଆତ୍ମିକ ପରିଚୟ ଲାଭ କରି ବିଭିନ୍ନ ସାହିତ୍ୟର ଅନୁଶୀଳନ ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ବିଚାର କରି ପାରିଲେ ଯାଇ ସମାଲୋଚକର ଭୂମିକା ସ୍ୱୀକୃତ ହେବ । ନଚେତ୍ କେବଳ ସମାଲୋଚନା ପାଇଁ ସମାଲୋଚନା ଲେଖିବାହିଁ ସାର ହେବ ଏବଂ ଏହାଦ୍ୱାରା ସମାଲୋଚକର ଆତ୍ମତୃପ୍ତି ମିଳିପାରେ ମାତ୍ର ସାହିତ୍ୟର ବିକାଶ ଦିଗରେ ଏହା ସାହାଯ୍ୟ କରିପାରେ ନାହିଁ । ବର୍ତ୍ତମାନ ଓଡ଼ିଆ ସାହିତ୍ୟର ସୃଷ୍ଟି କ୍ଷେତ୍ରରେ ବହୁ ପରୀକ୍ଷା ନିରୀକ୍ଷା ଚାଲିଅଛି । କବିତା, ନାଟକ, କ୍ଷୁଦ୍ରଗଳ୍ପ, ରମ୍ୟରଚନା ଉପନ୍ୟାସ ଇତ୍ୟାଦି କ୍ଷେତ୍ରରେ ଓଡ଼ିଆ ସାହିତ୍ୟର ବିକାଶ ଘଟିଛି ମାତ୍ର ପ୍ରକୃତ ସମାଲୋଚନା ସାହାଯ୍ୟରେ ଏ ସମସ୍ତର ଯଥାର୍ଥ ମୂଲ୍ୟାୟନ ହୋଇପାରୁନାହିଁ । କବିତା, ନାଟକ ଓ ଗଳ୍ପ ଆଦି ସମ୍ବନ୍ଧରେ ପତ୍ରିକାଶ୍ରିତ ସମାଲୋଚନା ହୋଇଥିଲେହେଁ, ଅନ୍ୟାନ୍ୟ ବିଷୟରେ ସମାଲୋଚନା ବିଶେଷ ହୋଇନାହିଁ । ପରିମାଣାତ୍ମକ ଦୃଷ୍ଟିରୁ ଓଡ଼ିଆ ସମାଲୋଚନାର ସମ୍ପ୍ରତି ବିକାଶ ହୋଇଥିଲେହେଁ ଗୁଣାତ୍ମକ ଦୃଷ୍ଟିରୁ ବିକାଶ ହୋଇନାହିଁ । ଓଡ଼ିଆ ସମାଲୋଚନା ଏବେ ମଧ୍ୟ ସେଇ ପ୍ରୟୋଜନ ଭିତ୍ତିକ

ସମାଲୋଚନାରୁ ଊର୍ଦ୍ଧ୍ୱକୁ ଯାଇପାରି ନାହିଁ । ତେଣୁ ପରିଶେଷରେ ଏତିକି କୁହାଯାଇପାରେ ଯେ ଓଡ଼ିଆ ସାହିତ୍ୟର ବିକାଶରେ ଓଡ଼ିଆ ସମାଲୋଚନା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇନାହିଁ; ଯଦିଓ ଏହାର ସୃଷ୍ଟି ନଗଣ୍ୟ ନୁହେଁ ।

●

[ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀ ଉତ୍ସବରେ ଉକ୍ତ ପ୍ରବନ୍ଧଟି ପଠିତ ଏବଂ ଆଲୋଚିତ । 'ଅଥର' ପତ୍ରିକାରେ ପ୍ରକାଶିତ]

# ଅନ୍ଧ ଦିଗନ୍ତ : ଏକ ଦୃଷ୍ଟିପାତ

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରି କୃତିତ୍ୱ ଅର୍ଜନ କରିଅଛନ୍ତି ସେମାନଙ୍କ ମଧ୍ୟରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ଜଣେ ପ୍ରଥମ ଶ୍ରେଣୀର ଗଳ୍ପସ୍ରଷ୍ଟା ଭାବରେ ସେ ଯେତିକି ପରିମାଣରେ ସମ୍ମାନର ଅଧିକାରୀ ସେତିକି ପରିମାଣରେ ସେ ଜଣେ ଉଚ୍ଚକୋଟିର ଔପନ୍ୟାସିକ ଭାବରେ ମଧ୍ୟ ପାଠକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇ ପାରିଛନ୍ତି । ଗଳ୍ପରେ ସେ ଯେପରି ନୂତନ ନୂତନ ପରୀକ୍ଷା ନିରୀକ୍ଷା କରିଛନ୍ତି, ସେହିପରି ଉପନ୍ୟାସ କ୍ଷେତ୍ରରେ ମଧ୍ୟ ସେ ନୂତନ ପରୀକ୍ଷା ନିରୀକ୍ଷା କରିଛନ୍ତି । ଏହି ପରୀକ୍ଷା କେବଳ ଉପନ୍ୟାସ ବା ଗଳ୍ପର ଆଙ୍ଗିକରେ ନୁହେଁ ମାତ୍ର ଆତ୍ମିକରେ ସୃଷ୍ଟି ହୋଇଅଛି । ସ୍ୱାଧୀନତାର ପ୍ରାକ୍‌କାଳରୁ ନିରବଚ୍ଛିନ୍ନ ଭାବରେ ସେ ଲେଖନୀ ଚାଳନା କରି ଆସିଛନ୍ତି । ମଣିଷ ଜୀବନର ଅତଳ ରହସ୍ୟକୁ ସେ ନିବିଡ଼ ଭାବରେ ଉପଲବ୍ଧି କରିଛନ୍ତି । ବିଶେଷତଃ ଆଧୁନିକ କ୍ଷମତା ରାଜନୀତିର ସିଂହଦ୍ୱାରରେ ଭିଡ଼ ବାନ୍ଧିଥିବା ମଣିଷଙ୍କୁ ସେ ନିର୍ମମ ଭାବରେ ବିଦ୍ରୂପ କରିଛନ୍ତି । କ୍ଷମତା-ରାଜନୀତିର ରଥଚକ୍ର ତଳେ ନିଷ୍ପେଷିତ ହେଉଥିବା ସାଧାରଣ ମଣିଷ ପ୍ରତି ତାଙ୍କର ଦ୍ରଷ୍ଟା-ଚିତ୍ତ ସମ୍ବେଦନଶୀଳ ହୋଇ ଉଠିଛି । ତେଣୁ ସେ ନିଜର ଲେଖା ସମ୍ପର୍କରେ କହନ୍ତି—"ମୋର ସମସ୍ତ ଲେଖାର ସୂତ୍ରୋଦ୍ଭବ ଓ ପୃଷ୍ଠଭୂମିରେ ରହିଛି ଏହି ବ୍ୟକ୍ତି—ଯେ ଶୁଭ୍ର, ସୁନ୍ଦର, ମୁକ୍ତ, ଅନନ୍ୟ ସାଧାରଣ ଓ ଅମଳିନ ।

ପରିସ୍ଥିତିର ପ୍ରଭାବ ତା'ର ବ୍ୟକ୍ତିତ୍ୱକୁ ମଳିନ କରିନାହିଁ । ପରିସ୍ଥିତି ସହିତ ସେ କ୍ଷୁଧାରେ, ଅନାହାରରେ, ଶତ ନିପୀଡ଼ନ, ଲାଞ୍ଛନା, ଦୁର୍ଗତି ପୁଣି ସ୍ଖଳନ ମଧ୍ୟରେ ଯୁଦ୍ଧ ସଂଗ୍ରାମ କରିଆସିଛି । ଯେଉଁଠି ନ ପାରିଛି ସେଠି ହୋଇଛି ନୈରାଶ୍ୟବାଦୀ । ସେ ଅବଶ୍ୟ କୌଣସି 'ଝଣ୍ଡା' ଉଠାଇ ନାହିଁ କି ଶସ୍ତା 'ସ୍ଲୋଗାନ' ଦେଇନାହିଁ । କାରଣ 'ଝଣ୍ଡା' ବା 'ସ୍ଲୋଗାନ' ସମାଧାନ ନୁହେଁ । ସମାଧାନର ଏକ ପନ୍ଥା କେଜାଣି ହୋଇପାରେ । କିନ୍ତୁ ସେ ସମାଧାନର ପରିପୂର୍ଣ୍ଣ ସ୍ୱରୂପ କ'ଣ ? ତା'ହାହିଁ ତ ଏ ଯୁଗର ସବୁଠୁ ଦୁର୍ବୋଧ୍ୟ ପ୍ରଶ୍ନବାଚକ । ଏ ଶତାବ୍ଦୀର ତପସ୍ୟା ତ ସେଇଥିପାଇଁ । ଏଇଥିପାଇଁ ମୋ ମତରେ ସାହିତ୍ୟ ସମସ୍ୟାମୂଳକ ହେବା ଉଚିତ । ବିଶ୍ୱବ୍ୟାପୀ ସାହିତ୍ୟ ଆଜି ମଧ୍ୟ 'ସମସ୍ୟାମୂଳକ' । ଏ ସମସ୍ୟା ପୁଣି କେବଳ ଭାତ, ଲୁଣର ଜାନ୍ତବ ସମସ୍ୟା ନୁହେଁ, ଜୀବନର ଆଧ୍ୟାତ୍ମିକ ଓ ଆବେଗ ଗତ ସମସ୍ୟା ମଧ୍ୟ ଏହାର ଅନ୍ତର୍ଗତ । 'ତଥ୍ୟ' ଏ ସାହିତ୍ୟର ପ୍ରାଣ ନୁହେଁ, ଆଇଡ଼ିଆ ବା ଚିନ୍ତା ଏ ସାହିତ୍ୟର ପ୍ରାଣ ।" (୧)ବାସ୍ତବିକ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ତାଙ୍କର ସକଳ ସୃଷ୍ଟି ଭିତରେ ସାଧାରଣ ମଣିଷକୁ ରୂପ ଦେଇଛନ୍ତି ଏବଂ ସେହି ମଣିଷ ସକଳ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଅବିରତ ସଂଗ୍ରାମ କରି ଚାଲିଛି ବଞ୍ଚିବା ପାଇଁ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମାଜର ରାଜନୈତିକ ପରିସ୍ଥିତି, ଗାନ୍ଧିଜୀଙ୍କର ଭାରତୀୟ ରାଜନୀତିରେ ଯୋଗଦାନ ଓ ସାଧାରଣ ଜନ ହୃଦୟରେ ତାଙ୍କର ଗଭୀର ପ୍ରଭାବ, ଗାନ୍ଧିଜୀଙ୍କ ନାମର ମାହାତ୍ମ୍ୟ ଓ ତାଙ୍କ ନାମର ଜୟ ଧ୍ୱନିରେ ସାଧାରଣ ଦଳିତ ଜନତାର ଅନ୍ତରରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି, ପାରମ୍ପରିକ ବହିର୍ମୁଖୀ ସାମନ୍ତବାଦ ଓ ଇଂରେଜ ଶାସନର ବାହୁଚ୍ଛାୟା ତଳେ ଆଶ୍ରିତ ନୂତନ ସାମନ୍ତବାଦରେ ଘାତ-ସଂଘର୍ଷ, ପାରମ୍ପରିକ ସାମନ୍ତବାଦର ସମ ବଳୟ ଓ ନୂତନ ସାମନ୍ତବାଦର କ୍ରମୋତ୍ଥାନ, ସ୍ୱାଧୀନତା ପରେ ଏଇ ନୂତନ ସାମନ୍ତବାଦର

(୧) ମୁଁ କାହିଁକି ଲେଖେ—ଡଗର ୧୪ଶ ବର୍ଷ ୧ମ ସଂଖ୍ୟା (୧।୧୧।୧୯୬୦)

ଉଷବସ୍ତ୍ରାର ଓ ଶୋଷଣର ନୂତନ କୌଶଳ ଅବଲମ୍ବନ, ସ୍ୱାଧୀନତା ପରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରତି ଅବହେଳା ଓ କ୍ଷମତା-ରାଜନୀତିର ଉଲଙ୍ଗ କାଳରଙ୍ଗ, ଦେଶ ସେବା ନାମରେ ମନ୍ତ୍ରୀତ୍ୱ ଲାଭକରି ଭୋଗ ସର୍ବସ୍ୱ ଜୀବନଯାପନ, ସ୍ୱାଧୀନତା ସଂଗ୍ରାମର ପ୍ରକୃତ ସୈନିକମାନଙ୍କୁ ସ୍ୱାଧୀନ ରାଷ୍ଟ୍ରର ମନ୍ତ୍ରୀମାନଙ୍କର ଅବଜ୍ଞା ଓ ଅବହେଳା ଆଦି ନାନା କଥା ସମ୍ପର୍କରେ ଲେଖକ ପ୍ରତ୍ୟକ୍ଷ ଭାବରେ ଅନୁଭୂତି ଲାଭ କରିଅଛନ୍ତି ଏବଂ ସେହି ଅନୁଭୂତିକୁ ସେ କଳାତ୍ମକ ଭାବରେ 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି ।

'ଅନ୍ଧଦିଗନ୍ତ' ଏକ ରାଜନୀତିକ ଉପନ୍ୟାସ । ୧୯୨୧ ମସିହାର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଜାତୀୟ ଆନ୍ଦୋଳନର ପୃଷ୍ଠଭୂମି ଉପରେ ଏହି ଉପନ୍ୟାସଟି ରଚିତ । ଔପନ୍ୟାସିକ ଏ ସମ୍ପର୍କରେ ଲେଖିଛନ୍ତି— "ଇତିହାସର ସବୁ ଆଦର୍ଶବାଦୀ ସଂଗ୍ରାମ ପରି, ଭାରତରେ ସ୍ୱାଧୀନତା ସଂଗ୍ରାମର ବହୁ ସ୍ୱପ୍ନ ଓ ବିଡ଼ମ୍ବନା, ଆଶା ଓ ନୈରାଶ୍ୟ, ବିଜୟ ଓ ବ୍ୟର୍ଥତା—ଏହି ଉପନ୍ୟାସର କଥାବସ୍ତୁ । ଏଥିରେ କୌଣସି ମୃତ ବା ଜୀବିତ ବ୍ୟକ୍ତିଙ୍କ ପ୍ରତି କୌଣସି ଆକ୍ଷେପ ନାହିଁ । ଏହାର ସମସ୍ତ ଚରିତ୍ର କାଳ୍ପନିକ । ଜାତୀୟ ଆନ୍ଦୋଳନରେ, ସଂଗ୍ରାମର ନେପଥ୍ୟରେ, ଯେଉଁ ବିଭିନ୍ନ ଆତ୍ମମୁଖ୍ୟ ପ୍ରକାଶ ପାଇଥିଲା, ଉପନ୍ୟାସର ମୁଖ୍ୟ ଚରିତ୍ର ଗୁଡିକ ତାହାର ସାଙ୍କେତିକ ପ୍ରତିରୂପ ମାତ୍ର ।" (୨) ସେ ପୁଣି ଲେଖିଛନ୍ତି— 'ଅନ୍ଧଦିଗନ୍ତ'—ରାଜନୈତିକ ପଳାୟନବାଦ, ଅଥବା ନୈରାଶ୍ୟ-ବାଦର ଆତ୍ମଶ୍ଳାଘାମୂଳକ ଇସ୍ତାହାର ନୁହେଁ । ବ୍ୟକ୍ତିର ଜୀବନକାଳ ସୀମିତ, କିନ୍ତୁ ମୁକ୍ତିର ସଂଗ୍ରାମ ଚିରନ୍ତନ । ଏ ସଂଗ୍ରାମ କାଳେ କାଳେ ନୂତନ ଆତ୍ମମୁଖ୍ୟ ଓ ମୂଲ୍ୟବୋଧ ଆହରଣ କରିଥାଏ, ତଥାପି ଏ ସମସ୍ତ ମଧ୍ୟରେ ସଂଗ୍ରାମର ଧାରା ନିରବଚ୍ଛିନ୍ନ ।" (୩) ଭାରତୀୟ ମୁକ୍ତି ସଂଗ୍ରାମର

---

(୨) ଅନ୍ଧ ଦିଗନ୍ତ—ସୂଚନା (ଏକ)

(୩) ଅନ୍ଧ ଦିଗନ୍ତ—ସୂଚନା (ଏକ/ଦୁଇ)

ପୃଷ୍ଠଭୂମିକୁ ଅବଲମ୍ବନ କରି ଏହି ଉପନ୍ୟାସ ରଚିତ ହୋଇଥିଲେହେଁ ଏଥିରେ ଔପନ୍ୟାସିକ କ୍ଷମତା-ରାଜନୀତି ଓ ସୁବିଧାବାଦୀ ରାଜନୀତିର ନଗ୍ନ ସ୍ୱରୂପକୁ ଦେଖାଇବା ସଙ୍ଗେ ସଙ୍ଗେ କୂର୍ମିପରି ମଣିଷ ଜାତିର ଇତିହାସକୁ ଗଢ଼ିଥିବା ଇତିହାସ ଅଜଣା ଲୋକଙ୍କର ମହନୀୟତା ଓ ସଙ୍କୋପରି ମଣିଷର ଚିରନ୍ତନ ଚିତ୍ତବୃତ୍ତିର ଭାବ-ସଂଘର୍ଷକୁ ଚମତ୍କାର ଭାବରେ ବର୍ଣ୍ଣନା କରି ଉକ୍ତ ଉପନ୍ୟାସକୁ ଏକ କାଳଜୟୀ ମୂଲ୍ୟ ପ୍ରଦାନ କରିଅଛନ୍ତି । ପ୍ରଥମ ସାଧାରଣ ନିର୍ବାଚନର ପୂର୍ତ୍ତି ମଧ୍ୟରେ ଲେଖକ ଏହି ଉପନ୍ୟାସର ଲେଖା ଆରମ୍ଭ କରିଥିଲେ । 'ଡଗର'ରେ ଏହା 'ଭଗ୍ନଦୂତ' ଏବଂ 'କୂର୍ମି ଓ କୋଣାର୍କ' ଶିରୋନାମାରେ ପ୍ରକାଶିତ ହୋଇଥିଲା ମାତ୍ର ଏହା ସଂପୂର୍ଣ୍ଣ ହୋଇ ନଥିଲା । ତୃତୀୟ ସାଧାରଣ ନିର୍ବାଚନ ପରେ ଏହି ଉପନ୍ୟାସଟି ପୂର୍ଣ୍ଣାଙ୍ଗ ହେଲା ଏବଂ ୧୯୬୪ ମସିହାରେ 'ଅନ୍ଧ ଦିଗନ୍ତ' ନାମରେ ପ୍ରକାଶିତ ହେଲା । ଉତ୍କଳୀୟ ରାଜନୈତିକ ଜୀବନର ଏହା ଏକ ମାର୍ମିକ ଅଭିବ୍ୟକ୍ତି ହେଲେହେଁ ସମଗ୍ର ଭାରତୀୟ ରାଜନୀତିର ଏହା ଯେ ଏକ ମାର୍ମିକ ବିଶ୍ଳେଷଣ; ଏକଥା କହିଲେ ସତ୍ୟର ଅପଳାପ ହେବ ନାହିଁ । ସ୍ୱାଧୀନତା ପରବର୍ତ୍ତୀ ଏ ଦେଶର ଭବିଷ୍ୟତ ଅନ୍ଧକାରମୟ—ତାର ଦୂର ଦିଗବଳୟ ଅସ୍ପଷ୍ଟ । ସେଠି ଅଛି ବ୍ୟଥା ଓ ବିଫଳତା, ନୈରାଶ୍ୟ ଓ ଶୋଚନୀୟତାର ବୁକୁଫଟା ବିଳାପ— କ୍ଷମତାଦୃପ୍ତ ରାଜନୀତିକ ନେତାଙ୍କର ଆତ୍ମସ୍ୱାର୍ଥ ଓ ସେମାନଙ୍କର ଭୋଗ ସର୍ବସ୍ୱ ଜୀବନଧାରା ଉପରେ ଦେଶମାତୃକାର ଅସ୍ପଷ୍ଟ ଚିତ୍ର । ହେଲେ ରାଜନୀତିକ ଦିଗନ୍ତ ଅନ୍ଧ ଓ ଅନ୍ଧକାରମୟ । ସେଠି ଦେଶର ଭବିଷ୍ୟତ କ୍ରମ ବିଲୀୟମାନ । ଏହି ସତ୍ୟକୁ ଲେଖକ ଉକ୍ତ ଉପନ୍ୟାସରେ ରୂପାୟନ କରି ଭବିଷ୍ୟତ ପ୍ରତି ଚେତାବନୀ ଶୁଣାଇଛନ୍ତି ।

**'ଅନ୍ଧ ଦିଗନ୍ତ'ର କଥାବସ୍ତୁ :**

'ଅନ୍ଧ ଦିଗନ୍ତ'ର କଥାବସ୍ତୁ ଆରମ୍ଭ ହୋଇଛି ୧୯୨୧ ମସିହା ଅସହଯୋଗ ଆନ୍ଦୋଳନରୁ । ଏହି ଆନ୍ଦୋଳନ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା

ଏହାର ଉଦ୍ଦେଶ୍ୟ ଥିଲା ଭାରତ ବର୍ଷକୁ ସ୍ୱାଧୀନ କରିବା । ସେଦିନ ଅଗଣିତ ମୂକ ଜନତା ଗାନ୍ଧିଜୀଙ୍କର ଆହ୍ୱାନରେ ବାତୁଳ ହୋଇ ଉଠିଥିଲେ । ଦେଶ ମାତୃକାର ମୁକ୍ତିପାଇଁ ସେମାନେ ଆନ୍ଦୋଳନରେ ଯୋଗ ଦେଇଥିଲେ । ନାଗପୁର କଂଗ୍ରେସ ଅଧିବେଶନରେ ଗାନ୍ଧିଜୀ ଘୋଷଣା କରିଥିଲେ—"କୋଟିଏ ଟଙ୍କା, କୋଟିଏ କର୍ମୀ, କୋଡ଼ିଏ ଲକ୍ଷ ଚରଖା ଏକାଠି ହେଲେ, ଏ ଦେଶରୁ ଇଂରେଜ ଶକ୍ତି ହଟିଯିବ; ଆମ ଦେଶରେ ଆମେ ହେବା ସ୍ୱାଧୀନ ।"(୪) ଗାନ୍ଧିଜୀଙ୍କର ଏହି ବାଣୀ ସେଦିନ ଭାରତୀୟ ଜନ ହୃଦୟରେ ଏକ ନୂତନ ପ୍ରତ୍ୟୟ ସୃଷ୍ଟି କରିଥିଲା । "ନିଜ ଦେଶରେ ନିଜେ ସ୍ୱାଧୀନ ପରି ମୁଣ୍ଡ ଟେକି ଚାଲିବା ପ୍ରତ୍ୟେକର ଏକ ଜନ୍ମଗତ ଅଧିକାର । ସେ ଅଧିକାରକୁ କେହି ଯଦି କ୍ଷୁର୍ଣ୍ଣ ବା ଅପମାନିତ କରେ, ତା'ହେଲେ ତାହାକୁ ଅପସାରିତ କରିବା ପାଇଁ ପଡ଼ିବ, ଦାସତ୍ୱର ସେ ଶୃଙ୍ଖଳକୁ ଛିଣ୍ଡାଇବା ପାଇଁ ପଡ଼ିବ ।" (୫)ଏଇ ବିଶ୍ୱାସ ନେଇ ସେଦିନ ସାଧାରଣ କୃଷକ—ମୂଲିଆ—ଛାତ୍ର—ଶିକ୍ଷିତ-ଅଶିକ୍ଷିତ ସମସ୍ତେ ଆଗେଇ ଆସିଥିଲେ ଅହିଂସା—ଅସହଯୋଗ-ଆନ୍ଦୋଳନରେ ଯୋଗ ଦେବାଲାଗି । ନିଧି ଦାସ ପରି ମଣିଷ ସର୍ବସ୍ୱ ତ୍ୟାଗ କରି ସ୍ୱରାଜ-ଆନ୍ଦୋଳନରେ ଯୋଗଦେଲେ । ସେମାନଙ୍କର କୌଣସି ରାଜନୀତିକ ସ୍ୱାର୍ଥ ସାଧନ ଲକ୍ଷ୍ୟ ନଥିଲା—କ୍ଷମତା ରାଜନୀତିର ସିଂହାସନ ସେମାନଙ୍କର ଅଭିଳାଷ ନଥିଲା ମାତ୍ର ଥିଲା ଏ ଦେଶକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିବା—ଦଳିତ ଜନତାଙ୍କୁ ନିର୍ଭୀକ କରିବା—ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ପ୍ରେରଣା ଦେବା । ଏଇ ସାଧାରଣ ମଣିଷ ମନେ କରୁଥିଲା ଗାନ୍ଧିଜୀଙ୍କର ଉଦ୍ଭାବିତ ଅରଟ ହେଉଛି ସୁଦର୍ଶନଚକ୍ର ଏବଂ ଏହି ଚକ୍ର ସାହାଯ୍ୟରେ ଇଂରେଜ ସରକାରର ପତନ ଅନିବାର୍ଯ୍ୟ । ନିଧି ଦାସ, ଶ୍ୟାମବନ୍ଧୁ ମହାନ୍ତି, ବରଜା ଚମାର ପରି ଇତିହାସ—ଅଜଣା ଲୋକେ ସେଦିନ ସ୍ୱାଧୀନତାସଂଗ୍ରାମରେ ଯୋଗଦେଇଥିଲେ ପରମ ଉତ୍ସାହରେ । ଗାନ୍ଧିଜୀଙ୍କୁ

---

(୪) ଅନ୍ଧ ଦିଗନ୍ତ—ପ୍ରଥମ ସଂସ୍କରଣ—ପୃ ୬୩
(୫) ଉତ୍କ୍ରୋବ—ପୃ ୫୩/୫୪

ସେମାନେ କେହି ଦେଖି ନଥିଲେ ମାତ୍ର ସେହି ଗାନ୍ଧିଜୀହିଁ ଥିଲେ ସେମାନଙ୍କର ଆଦର୍ଶ । ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ମଧୁ ଦାସ ଓ ଶ୍ୟାମବନ୍ଧୁ ଜେଲ ଗଲେ ମାତ୍ର ଶୁଦ୍ଧୋଦନଙ୍କ ଭଳି ଶିକ୍ଷିତ ଏବଂ ସୁବିଧାବାଦୀ ନେତା ଏହି ଆନ୍ଦୋଳନରୁ ସୁବିଧା ହାସଲ କରିବାପାଇଁ ଉପାୟ ଚିନ୍ତା କଲେ ।

ଅସହଯୋଗ ଆନ୍ଦୋଳନର ଅବସାନ ପରେ ମଧୁଦାସ ଓ ଶ୍ୟାମବନ୍ଧୁ ପ୍ରମୁଖ କାରମୁକ୍ତ ହେଲେ ସତ ମାତ୍ର ଦେଶମାତୃକାର ମୁକ୍ତି ପାଇଁ ସେମାନେ ବଡ ଫିକରରେ ହେଲେ । ମଶାଣିଚଣ୍ଡିଆ ବାବାଜୀ ଅବଧୂତାନନ୍ଦ ମଧୁ ଦାସଙ୍କୁ ପ୍ରେରଣା ଦେଲେ—"ଦେଶ ସ୍ୱାଧୀନ ହୁଏ ନାହିଁ ମଣିଷ ହୁଏ ସ୍ୱାଧୀନ । କିନ୍ତୁ ମାଟିର ସ୍ୱାଧୀନତା ମଣିଷର ସ୍ୱାଧୀନତା ନୁହେଁ । ତାହା ଦାସତ୍ୱର ଏକ ରୂପାନ୍ତର, ଏକ ପଟାନ୍ତର ମାତ୍ର ।" (୧) ଅବଧୂତାନନ୍ଦ ମଶାଣିରେ ସାଧନା କରୁଥିଲେ ମଧ୍ୟ ଦେଶର ସ୍ୱାଧୀନତା ପାଇଁ ସେ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରୁଥିଲେ । ସେ କହୁଥିଲେ—"ସ୍ୱରାଜ ଆସିବ, ନିଶ୍ଚୟ ଆସିବ । କାରଣ ସ୍ୱରାଜହିଁ ମଣିଷର ଉତ୍ତରାଧିକାର ଓ ଭବିତବ୍ୟ; ମାତ୍ର ସେ ସ୍ୱରାଜ ଆସିବ ଏକ ନୂଆ ସମାଜରେ । ମୁଁ ତ ସେହି ସମାଜର ଅପେକ୍ଷାରେ, ଏହିପରି ମଶାଣି ଅନ୍ଧକାରରେ ବୁଲୁଛି । ମୁଁ ସନ୍ଧାନ କରି ବୁଲୁଛି ସେହି ନୂଆ ମଣିଷର ଅଭ୍ୟୁଦୟ । ମାତ୍ର ଏଠି ସେ ସବୁଆସେ ମୁର୍ଦ୍ଦାର !" (୨) ଅବଧୂତାନନ୍ଦ ଯେଉଁ ମଣିଷର ସନ୍ଧାନ କରୁଥିଲେ ହୁଏତ ସେହି ମଣିଷର ସନ୍ଧାନ ସେ ପାଇଛନ୍ତି ମଧୁ ଦାସଙ୍କ ଭଳି ମଣିଷଙ୍କଠାରେ । ସେଇମାନେହିଁ ଯଥାର୍ଥରେ ଥିଲେ ସ୍ୱରାଜ ସୈନିକ । ସେମାନଙ୍କ ତ୍ୟାଗ ଓ ନିଷ୍ଠା ବଳରେ ଏ ଦେଶ ସ୍ୱାଧୀନ ହେଲା ମାତ୍ର ସେମାନେ ହେଲେ ଅବହେଳିତ । ଅଥଚ ଶୁଦ୍ଧୋଦନ ଓ ଦାମରଥ ପରି ନେତାମାନେ ସ୍ୱାଧୀନତା ପରେ ହେଲେ ଏ ଦେଶର ଭାଗ୍ୟ ବିଧାତା । ଯେଉଁମାନେ ରାଜନୀତିକୁ

---

(୧) ଅନ୍ଧ ଦିଗନ୍ତ—ପୃ ୮୯

(୨) ଅନ୍ଧ ଦିଗନ୍ତ—ପୃ ୯୦

ସୁବିଧାବାଦୀ ଅର୍ଥରେ ଗ୍ରହଣ କରୁଥିଲେ ଏବଂ ଆନ୍ଦୋଳନ ବେଳେ ଅସହଜ ଦୂରତାରେ ଥାଇ ଆତ୍ମରକ୍ଷା କରୁଥିଲେ, ସେହିମାନେ ହେଲେ ମନ୍ତ୍ରୀ ।

ନିଧି ଦାସ ଓ ଶ୍ୟାମବନ୍ଧୁ ରାଜନୀତିକୁ ସୁବିଧାବାଦ ଅର୍ଥରେ ଗ୍ରହଣ କରି ନାହାନ୍ତି । ସେମାନେ ରାଜନୀତିକୁ ଗ୍ରହଣ କରିଛନ୍ତି ମଣିଷ ମାତ୍ର ଭାବରେ । ଶ୍ୟାମବନ୍ଧୁ ତେଣୁ କହନ୍ତି—"ଆମେ ରାଜନୀତି ବୁଝୁ ନାହିଁ । ଆମେ ଗୋଟିଏ କଥା ବୁଝିଛୁ ସ୍ୱରାଜ୍ୟ-ରାମରାଜ୍ୟ । ସେ ସ୍ୱରାଜ୍ୟ କ'ଣ ତା' ମଧ୍ୟ ଆମେ ଜାଣିନାହୁଁ । ସ୍ୱରାଜ୍ୟ ଆମ ପାଇଁ, ନୂଆ ମଣିଷ, ନୂଆ ସମାଜର ସର୍ଜନା । ବିଦେଶୀ ଶାସନ ଥିବା ଯାଏ, ତାହା ସମ୍ଭବ କେବେ ହୋଇ ପାରିବ ନାହିଁ । ସେଥିପାଇଁ ଆମେ ବିଦେଶୀ ଶାସନକୁ ଏ ଦେଶରୁ ମୂଳପୋଛ କରିବାପାଇଁ ବାହାରିଛୁ । ରାଜ୍ୟପାଇଁ ଆମର ରାଜନୀତି ନୁହେଁ—ସ୍ୱରାଜ୍ୟ ଆମର ଧର୍ମ ।" (୮) ଏଇ ଆଦର୍ଶ ସେଦିନ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିଥିଲା । ଆଶ୍ରମ ତିଆରି କରି ସ୍ୱରାଜ୍ୟ ଆନ୍ଦୋଳନପାଇଁ ଲୋକମାନଙ୍କୁ ସେମାନେ ପ୍ରସ୍ତୁତ କରୁଥିଲେ । ସେଇ ଆଶ୍ରମ ଥିଲା ସ୍ୱରାଜ୍ୟ ଆନ୍ଦୋଳନର ଏକ ସଂକେତ । ଅବଧୂତାନନ୍ଦ ମଧ୍ୟ ସେଇ ଆଶ୍ରମ ପ୍ରତି ଆକୃଷ୍ଟ ହେଲେ । ମଣିଷକୁ ପ୍ରାଣରେ ସ୍ୱାଧୀନ ହୋଇ ଦେଶ ସ୍ୱାଧୀନ କରିବାକୁ ଆଗେଇ ଆସିବାକୁ ସେ ପ୍ରେରଣା ଦେଉଥିଲେ । ସେଇ ଆଶ୍ରମ ହେଲା ସ୍ୱରାଜ୍ୟ ଆନ୍ଦୋଳନ ଓ ଜନସେବାର ପ୍ରତୀକ । ହଇଜା ବେଳେ ନିଧି ଦାସ, ଶ୍ୟାମବନ୍ଧୁ ଓ ମାଉଜା ଚମାର ଗାଆଁକୁ ଗାଆଁ ବୁଲି ସେବା କଲେ । ଡାକ୍ତର ଅକ୍ତାର ମିଆଁ ମଧ୍ୟ ସେହି ଆଶ୍ରମରେ ରହି ରୋଗୀମାନଙ୍କର ସେବା କଲେ । ସେଇ ଆଶ୍ରମରେ ଜାତିଭେଦ ନ ଥିଲା ମାତ୍ର ଥିଲା ସକଳ ମଣିଷକୁ ଆପଣାର କରିବାର ପ୍ରବଳ ଉତ୍କଣ୍ଠା । ଅଥଚ ଶୁଦ୍ଧୋଦନଙ୍କ ପରି ସୁବିଧାବାଦୀ ନେତା ହିନ୍ଦୁ ମୁସଲମାନ ସଂଘର୍ଷକୁ ପ୍ରଶ୍ରୟ ଦେଉଥିଲେ । ରାଜନୀତି ନାମରେ ସେମାନେ ବ୍ୟକ୍ତିସ୍ୱାର୍ଥ ସାଧନ ପାଇଁ ଚେଷ୍ଟିତ ଥିଲେ ।

(୮) ତତ୍ରୈବ—ପୃ ୧୨୪

ଔପନ୍ୟାସିକ ପ୍ରସଙ୍ଗ କ୍ରମେ ଦୁଇଟି ଜମିଦାର ପରିବାରର ବର୍ଣ୍ଣନା କରିଅଛନ୍ତି । ଗୋଟିଏ ପାରମ୍ପରିକ ସାମନ୍ତବାଦୀ ଜମିଦାର ତନ୍ତ୍ରର ପ୍ରତୀକ ଖେତରାଜପୁର କୌଶଲ୍ୟଙ୍କ ଦରବାର ଏବଂ ଅନ୍ୟଟି ନୂତନ ସୃଷ୍ଟ ଜମିଦାର ସୁଲତାନପୁରର ଦର୍ପନାରାୟଣ ଚୌଧୁରୀ ଇଷ୍ଟେଟ୍ । କୌଶଲ୍ୟ ପରିବାର ବିଲୟମୁଖୀ ମାତ୍ର ଦର୍ପନାରାୟଣ ଉତ୍ଥାନମୁଖୀ । ଉଭୟ ପରିବାର ମଧ୍ୟରେ ଦ୍ୱନ୍ଦ୍ୱ । ଜନସାଧାରଣଙ୍କର ଭକ୍ତି ଓ ଶ୍ରଦ୍ଧା କୌଶଲ୍ୟଙ୍କ ପ୍ରତି ରହିଥିଲାବେଳେ ଦର୍ପନାରାୟଣଙ୍କ ପ୍ରତି ଥିଲା ଭୟ ଓ ଘୃଣା । ଗୋବିନ୍ଦ କୌଶଲ୍ୟ ସ୍ୱରାଜ ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ସେ ଶୁଦ୍ଧୋଦନ ଓ ନିଧି ଦାସ ପ୍ରଭୃତିଙ୍କ ସହିତ ସମ୍ପର୍କ ରକ୍ଷା କରୁଥାନ୍ତି । ତାଙ୍କର ଭଗିନୀ ଗୌରୀ ମଧ୍ୟ ଆଶ୍ରମରେ ଯୋଗ ଦେଲ । ସେତେବେଳେ ସ୍ୱାଧୀନତା ସଂଗ୍ରାମରେ ନାରୀମାନେ ମଧ୍ୟ ଯୋଗ ଦେବାକୁ ଲାଗିଲେ । ଶ୍ୟାମବନ୍ଧୁଙ୍କ ଭଗିନୀ କୌଶଲ୍ୟା ଓ ଗୋବିନ୍ଦ କୌଶଲ୍ୟଙ୍କ ଭଗିନୀ ଗୌରୀ ଆଶ୍ରମରେ ଯୋଗଦେଇ ଆଶ୍ରମକୁ କ୍ରିୟା-ଶୀଳ କରାଇଲେ । ସୁଲତାନପୁରର ଜମିଦାର ଦର୍ପନାରାୟଣ ଯେପରି ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ସଖୀଦହରୁ ମାଛ ମାରିବାପାଇଁ ସେ ଯୋଜନା କରିଥିଲେ ମାତ୍ର ନିଧି ଦାସ ପ୍ରମୁଖ କେଉଟମାନଙ୍କର ବିରୋଧ ଫଳରେ ସେ ଏହି କାର୍ଯ୍ୟ କରିପାରି ନ ଥିଲେ । ଏହାଦ୍ୱାରା ସେ ମନେ ମନେ ରାଗି କରି ଥିଲେ । କମିଶନର ଜେମସ୍ ସାହେବ, ଜିଲ୍ଲା ମାଜିଷ୍ଟ୍ରେଟ ହଚକିନ୍ସ ସାହେବ, ଏସ୍. ଡି. ଓ. ରିକେଟ୍ସ ସାହେବ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ବାନାର୍ଜି ସାହେବ ଯେତେବେଳେ ସୁଲତାନପୁର ଆସିଲେ ବଡ଼ଦିନ ଛୁଟି ଉପଲକ୍ଷେ ଶିକାର କରିବାପାଇଁ । ଏହି ସୁଯୋଗରେ ଦର୍ପନାରାୟଣ ସଖୀଦହ କୂଳରେ ସାହେବମାନଙ୍କର କ୍ୟାମ୍ପ ପକାଇବାର ବ୍ୟବସ୍ଥା କଲେ । ନିର୍ଦ୍ଦିଷ୍ଟ ଦିନରେ ସାହେବମାନେ ପହଞ୍ଚି ସଖୀଦହରେ ଚଢ଼େଇ ଶିକାର କରିବାକୁ ପ୍ରସ୍ତୁତ ହେଲେ ମାତ୍ର ନିଧି ଦାସ, ଶ୍ୟାମବନ୍ଧୁ, ବରଜା ଚମାର, ଗୋବିନ୍ଦ କୌଶଲ୍ୟ ପ୍ରମୁଖ ଏହି ଶିକାରର ପ୍ରତିବାଦ କଲେ । ନିଧି ଦାସ ନିର୍ଭୀକ କଣ୍ଠରେ ଧ୍ୱନି ଦେଲେ—"ଜୟ

ମହାତ୍ମା ଗାନ୍ଧି କି ଜୟ ।" ସମସ୍ତେ 'ମହାତ୍ମା ଗାନ୍ଧି କି ଜୟ' ଧ୍ୱନି ଦେଲେ । ସେହି ମାଟିର ମଣିଷଙ୍କୁ "ଗାନ୍ଧି ଯେପରି ଜୀବନ୍ତ ମଣିଷରେ ପରିଣତ କରିଥିଲେ, ଗାନ୍ଧିଙ୍କ ନାମ ସେମାନଙ୍କ ଖଣ୍ଡିତାଗ୍ରସ୍ତ ପ୍ରାଣକୁ ଅପରାଜେୟତାର ନୂତନ ମନ୍ତ୍ରରେ ଯେପରି ଉଦ୍ଦୀପ୍ତ କରିଥିଲା, ତେଲ ଲୁଣ ସଂସାରର ନିତିଦିନିଆ ସ୍ୱାର୍ଥ ଚିନ୍ତାରେ ଅତିକଷ୍ଟ ସଂକୀର୍ଣ୍ଣ ଜୀବନ ଯେପରି ଏକ ନୂତନ ବିଶାଳତା ଆହରଣ କରିଥିଲା ; ପୁଣି ଆତ୍ମ ବଳିର ଚରମ ଆଦର୍ଶରେ ତାହା ଯେପରି ଅନୁପ୍ରାଣିତ ହୋଇଥିଲା ; ନେତୃତ୍ୱର ଇତିହାସରେ ତାହା ପ୍ରଥମ ଓ ଶେଷ ।" (୯) ସଙ୍ଗୀନରୁ ଚଡ଼ଇ ଓ ମାଛ ମାରିବାପାଇଁ ସାହେବମାନେ ଜମିଦାର ଦର୍ପଗଞ୍ଜନଙ୍କ ଇଙ୍ଗିତରେ ଆସିଥିଲେ ମାତ୍ର, ତାର ଜନତା ବିରୋଧ କଲା । ସାହେବଙ୍କ ଗୁଳିରେ ବରଜା ଚମାର ପ୍ରାଣ ଦେଲା ମାତ୍ର, ଜନତା ଦବିଗଲା ନାହିଁ । ନିଧି ଦାସ ଓ ଶ୍ୟାମବନ୍ଧୁ କାରାଦଣ୍ଡ ଲାଭ କଲେ ।

ନିଧି ଦାସ ବା ବରଜା ଚମାର—ଏମାନେ ଇତିହାସର ସାମଗ୍ରୀ ହୁଅନ୍ତି । ଇତିହାସ ଏମାନଙ୍କୁ ଜାଣେନାହିଁ । ମାତ୍ର, ଏହି ଅନାମଧେୟ ଲୋକେହିଁ ଇତିହାସ ଗଢ଼ନ୍ତି । ଏମାନଙ୍କ ସାଧନାକୁ ଶୋଷଣ କରି ସୁବିଧାବାଦୀ ନେତାଏ ମନ୍ତ୍ରୀ ହୁଅନ୍ତି । କ୍ଷମତା ରାଜନୀତିର ପ୍ରାଗୈତି-ହାସିକ ଅରଣ୍ୟରେ ଶୁଦ୍ଧୋଦନଙ୍କ ପରି ଜନନେତାମାନେ ହିଂସ୍ର ହୋଇ ଉଠନ୍ତି । ସୁବିଧା ଓ ସ୍ୱାର୍ଥପାଇଁ ସେମାନେ ଯେକୌଣସି ନୀତି ଓ ଆଦର୍ଶକୁ ବଳି ଦେଇ ପାରନ୍ତି । ଲବଣ ସତ୍ୟାଗ୍ରହବେଳେ ବହୁ ବିଦ୍ୱାନ୍ ବ୍ୟକ୍ତି ସରକାରୀ ଚାକିରିର ମୋହକୁ ଛାଡ଼ି କାଙ୍ଗ୍ରେସ ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ବାରିଷ୍ଟର ଚକ୍ରପାଣି ମଧ୍ୟ ଆନ୍ଦୋଳନରେ ଯୋଗ ଦେଇଥାନ୍ତି ମାତ୍ର, ଶୁଦ୍ଧୋଦନଙ୍କ ପରି ନେତାଙ୍କର ପ୍ରତିଷ୍ଠା ହ୍ରାସ ହୋଇଯିବା ଆଶଙ୍କାରେ ସେମାନେ ଚକ୍ରପାଣିଙ୍କର ବିରୋଧ କରୁଥାନ୍ତି । ଯେଉଁମାନେ ପ୍ରକୃତରେ ସ୍ୱରାଜ ଆନ୍ଦୋଳନରେ ନିଜ ନିଜକୁ ନିଃସ୍ୱାର୍ଥପର ଭାବରେ ଉତ୍ସର୍ଗ କରି ଦେଇଥିଲେ ସେମାନଙ୍କ ପ୍ରତିଷ୍ଠାକୁ

୯—ତଦୈବ—ପୃ ୨୪୫

ସୁବିଧାବାଦୀ ନେତାଏ ସନ୍ତୁଷ୍ଟ ନ ଥିଲେ । ଶୁଦ୍ଧୋଦନଙ୍କ ପରି ନେତାମାନେ ବ୍ୟକ୍ତିସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ । ଶୁଦ୍ଧୋଦନ ରାଜନୀତିର ବାହୁଗ୍ରସ୍ତ ତଳେ ନାନାବିଧ ଜଘନ୍ୟ କାର୍ଯ୍ୟରେ ଲିପ୍ତ ଥିଲେ । କୌଶଲ୍ୟା ଓ ଗୌରୀର ପାପ ଗର୍ଭପାଇଁ ତାଙ୍କରି ପରି ନେତାଙ୍କର ଥିଲା ଭୂମିକା ଗୁରୁତ୍ୱପୂର୍ଣ୍ଣ । କୌଶଲ୍ୟା ଆତ୍ମହତ୍ୟା କଲା, ମାତ୍ର ଗୌରୀ ଆତ୍ମ-ହତ୍ୟା କରିବାକୁ ଯାଇ ବଞ୍ଚିଗଲା ନିଧିଦାସଙ୍କ ପ୍ରେମ ଗୁ । ଗୌରୀର କଳଙ୍କକୁ ଶୁଦ୍ଧୋଦନ ସମ୍ମାନ ଦେଲା ନାହିଁ । ମାଷ୍ଟର ନିଧି ଦାସ ଗୌରୀର ଜାରଜାତ ଶିଶୁକୁ ପିତୃତ୍ୱ ପ୍ରଦାନ କଲା ଏବଂ ପାଞ୍ଚ ଦଶ ବର୍ଷ ଧରି ସେହି ଶିଶୁର ଯତ୍ନ ନେଲା । ନିଧିଦାସ ଅସମର୍ଥିତ ଏକ ସାଧାରଣ କର୍ମୀଟିର ତ୍ୟାଗ ଓ ମହାନୁଭବତା ବାସ୍ତବିକ ବିସ୍ମୟକର ।

ଦେଶ ସ୍ୱାଧୀନ ହେଲା । ଶୁଦ୍ଧୋଦନଙ୍କ ପରି ସୁବିଧାବାଦୀ ନେତା ହେଲେ ମନ୍ତ୍ରୀ । ବିଳାସ ବ୍ୟସନ ମଧ୍ୟରେ ସେମାନେ ସ୍ୱପ୍ନ କାଟିବାକୁ ଲାଗିଲେ । ଦର୍ପନାରାୟଣଙ୍କ ପରି ଇଂରେଜ ପଦଲେହନକାରୀ ଦଳ ହେଲେ ନୂଆ ସାମନ୍ତବାଦୀ ଗୋଷ୍ଠୀ । ସେମାନେ ହେଲେ ମନ୍ତ୍ରୀ । ଗଣତନ୍ତ୍ରର ସେମାନେ ହେଲେ ବୈଜୟନ୍ତୀଧାରୀ । ଶୋଷଣର ଏକ ନୂତନ ପନ୍ଥା ସେମାନେ ସୃଷ୍ଟି କଲେ । ସ୍ୱାଧୀନତା ପୂର୍ବରୁ ସେମାନେ ଯେପରି ଥିଲେ ଶୋଷକ ଓ ସଇତାନ ସ୍ୱାଧୀନତା ପରେ ମଧ୍ୟ ସେମାନେ ସେହିପରି ହେଲେ ଶୋଷକ ଓ ସଇତାନ । ତେଣୁ "ସ୍ୱାଧୀନତା ଆଜି କେବଳ ଚଣ୍ଡୁଖୋର ଆଇନର ସ୍ୱାଧୀନତା, ଯାହା ସାମ୍ୟସ୍ଥ କରିବା ପାଇଁ ଗଢ଼ା ହେଉଛନ୍ତି ନୂଆ ନୂଆ ଶାସକ ଶ୍ରେଣୀ, ତିଆରି ହେଉଛି ନୂଆ ନୂଆ ଶୃଙ୍ଖଳ, ଯାହାର ନିର୍ମାଣରେ ପୁଣି ସୃଷ୍ଟି ହେଉଛନ୍ତି କଣ୍ଟାକ୍ଟର ଗୋଷ୍ଠୀ ଓ ଶାସକ ମଣ୍ଡଳୀକୁ କର୍ମୀ ଯୋଗେଇବା ପାଇଁ ସୃଷ୍ଟି ହେଉଛନ୍ତି ଅସୁମାରି ଓକିଲ ଓ ଅପରାଧୀ । ଏ ସ୍ୱାଧୀନତା କେବଳ ସେହିମାନଙ୍କ ସ୍ୱାଧୀନତା ଯେଉଁମାନେ କୋର୍ଟ଼ଫିଜ୍ ଲଗେଇ, ଓକିଲ ଦେଇ, ମାସ ପରେ ମାସ, ବର୍ଷ ପରେ ବର୍ଷ, କଚେରୀ ଦୁଆରେ ଧାରଣା ଦେଇ ଶାସକ ମଣ୍ଡଳୀଙ୍କ ବେଦବାକ୍ୟ ଶୁଣିବାପାଇଁ ଧୈର୍ଯ୍ୟ

ଧର ଅପେକ୍ଷା କରିପାରିବେ । ଏ ସ୍ୱାଧୀନତା ମାମଲତ୍‌ଦାରଙ୍କର ସ୍ୱାଧୀନତା । ଏ ସ୍ୱରାଜ ପୁଣି ସେହିମାନଙ୍କର, ଯେଉଁମାନେ ନେତା ହୋଇ ପାରିଛନ୍ତି ଓ ସେଥିପାଇଁ ଟାଉଟର ଗୋଷ୍ଠୀ ପୋଷି ପାରିଛନ୍ତି । ଆଉରି ପୁଣି ସେହିମାନଙ୍କର, ଯେଉଁମାନେ ନିଜ ଶୋଷଣ ଓ ଲୁଣ୍ଠନ ଅବାରିତ ରଖିବା ପାଇଁ, ରାଜନୀତିକ ନେତାମାନଙ୍କ ପରି ବ୍ୟୟସାଧ୍ୟ ଅସ୍ତ୍ର ପକାଇ ପାରିଛନ୍ତି । ଏ ସ୍ୱରାଜରେ ସବୁ ପତାକା, ସବୁ ଦଳ ଏକ—ରଙ୍ଗ କେବଳ ଭିନ୍ନ, ପଦ୍ଧତି କେବଳ ସ୍ୱତନ୍ତ୍ର, ଟୋପି ଓ ତିଳକ କେବଳ ଅଲଗା । ମାଟି ସ୍ୱାଧୀନତା ହୋଇଛି; କିନ୍ତୁ ମଣିଷର ପାଦର ସେ ଶୃଙ୍ଖଳ ତଥାପି ଛିଣ୍ଡି ନାହିଁ ।” (୧୦) ସ୍ୱାଧୀନତା ପରେ ଭାରତର ରାଜନୀତି ହୋଇଛି କଳୁଷିତ । ସ୍ୱାଧୀନତା ପୂର୍ବରୁ ସୁବିଧାବାଦୀ ଲୋକେ ଏହି ରାଜନୀତିରେ ବେଶ୍ ଆସନ ଜମେଇ ପାରିଛନ୍ତି । ଯଦିଓ ଗାନ୍ଧିଜୀ ଥିଲେ ଭାରତୀୟ ରାଜନୀତିର ମୁକ୍ତିର ସଙ୍କେତ ମାତ୍ର “ଗାନ୍ଧି ଆଜି ଜେଲଖାନା କାନ୍ଥରେ, ମାଜିଷ୍ଟ୍ରେଟ ମାନଙ୍କ ଇଜଲାସରେ, ଅଥବା ଦର୍ଶନାର୍ଥୀମାନଙ୍କ ବୈଠକଖାନାରେ ଫ୍ରେମବନ୍ଧ ଯୀଶୁପରି, ଓହଳିବାର ଏକ ଗୃହସଜ୍ଜା ଓ ଉପକରଣ ମାତ୍ର ।” (୧୧) ଆଜି ଗାନ୍ଧିଜୀଙ୍କ ନାମ ନେଇ ନେତାମାନେ ଶୋଷଣ କରନ୍ତି, ସାଧାରଣ ଲୋକଙ୍କୁ ଅତ୍ୟାଚାର କରନ୍ତି ମାତ୍ର “ଇତିହାସରେ ଗାନ୍ଧି କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଜାଗରଣର ଏକ ଗାୟତ୍ରୀ । ଉଦ୍‌ବୋଧନର ଏକ ବୀଜ ମନ୍ତ୍ର । ଅପରାଜେୟତାର ପାଞ୍ଚଜନ୍ୟ—ଧ୍ୱନି ।” (୧୨) ସ୍ୱାଧୀନତା ପୂର୍ବରୁ ସୁଦ୍ଧା ସ୍ୱରାଜ୍ୟ ଆନ୍ଦୋଳନର ଯଥାର୍ଥ ସୈନିକମାନେ ଗାନ୍ଧି ମହାତ୍ମାଙ୍କର ଜୟଧ୍ୱନି ଦେଇ ଅନ୍ୟାୟର ପ୍ରତିରୋଧ କରୁଥିଲେ । ଦର୍ଶନାର୍ଥୀଙ୍କ ପରି ବ୍ୟକ୍ତି ମନ୍ତ୍ରୀ ହେବାପରେ ସାଧାରଣ ପ୍ରଜାମାନଙ୍କୁ ଜମିରୁ ଉଚ୍ଛେଦ କରିବାକୁ ଯେପରି ଉଦ୍ୟମ କରିଛନ୍ତି ତା’ର ପ୍ରତିରୋଧ କରିଛନ୍ତି ନଧି ଦାସ ପରି ବ୍ୟକ୍ତିମାନେ । ଅତଏବ ଭାରତୀୟ ମୁକ୍ତି ସଂଗ୍ରାମର ଏକ

୧୦—ତଦେବ—ପୃ ୪୩୨/୪୩୩

୧୧—ତଦେବ—ପୃ ୪୪୩

୧୨—ତଦେବ—ପୃ ୪୪୬

ମର୍ମିକ ଇତିହାସକୁ ଲେଖକ 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆନ୍ଦୋଳନର ନେପଥ୍ୟରେ ଆତ୍ମତ୍ୟାଗ କରିଥିବା ବହୁ ସ୍ୱରାଜ—ସୈନିକମାନଙ୍କ ସମ୍ପର୍କରେ ଲେଖକ ମର୍ମସ୍ପର୍ଶୀ ବର୍ଣ୍ଣନା କରିଅଛନ୍ତି ଏବଂ ଯେଉଁମାନେ ସୁବିଧାବାଦୀ ରାଜନୀତିରେ ବାହ୍ୟତଃସ୍ୱାତଲେ ରହି ସ୍ୱାଧୀନତା ପରେ ମନ୍ତ୍ରିତ୍ୱ ଲାଭକରି ନିଜନିଜକୁ କୃତକୃତ୍ୟ ମନେ କରିଛନ୍ତି ଓ ସ୍ୱାଧୀନତା ସଂଗ୍ରାମ ବେଳେ ନାନାଦି ପାପକାର୍ଯ୍ୟରେ ଲିପ୍ତ ରହି ମଧ୍ୟ ସ୍ୱାଧୀନତା ପରେ ଭଦ୍ରଲୋକ ସାଜିଛନ୍ତି ସେମାନଙ୍କୁ ମଧ୍ୟ ଲେଖକ ବିଦ୍ରୂପ କରିଅଛନ୍ତି ।

## ରାଜନୀତିର ନେପଥ୍ୟରେ ମାନବିକ ସମ୍ବେଦନା :

'ଅନ୍ଧ ଦିଗନ୍ତ' ଏକ ରାଜନୀତିକ ଉପନ୍ୟାସ ହେଲେହେଁ ଏଥିରେ ଲେଖକ ମାନବିକ ସମ୍ବେଦନା ସୃଷ୍ଟି କରି ଏହାକୁ ଏକ ଚିରନ୍ତନ କଳାତ୍ମକ ମୂଲ୍ୟ ପ୍ରଦାନ କରିଅଛନ୍ତି । ଏହି ଉପନ୍ୟାସରେ ନିଧି ଦାସଙ୍କ ସ୍ତ୍ରୀଙ୍କର ସନ୍ତାନଟିଏ ପାଇଁ ସ୍ୱାମୀ ନିକଟରେ କାତର ନିବେଦନ, ବହୁ କଷ୍ଟରେ ସଞ୍ଚିତ ଅର୍ଥକୁ ସ୍ୱାମୀଙ୍କୁ ପ୍ରଦାନ, ଅସହାୟ ଭାବରେ ମୃତ୍ୟୁ ବରଣ ପାଠକମାନଙ୍କ ହୃଦୟରେ ଗଭୀର ରେଖାପାତ କରିଥାଏ । ନିଧି ଦାସର ନିଃସଙ୍ଗ ଜୀବନରେ ପତ୍ନୀ ବିୟୋଗ ସ୍ମୃତି ବେଳେ ବେଳେ ଜାଗ୍ରତ ହୋଇଉଠେ । ଯେଉଁ ସ୍ତ୍ରୀଟି ନିର୍ବୋଧ ପରି ସ୍ୱାମୀର ମଙ୍ଗଳପାଇଁ ସବୁକିଛି ତା'ର ସଞ୍ଚିତ ଅର୍ଥକୁ ଦାନ କରି ଦେଇଗଲା, ତା'ର ନାମଟିର ସାର୍ଥକତାପାଇଁ ମାରବଟରେ କଳ କଳ ପ୍ରାଣତ୍ୟାଗ କଲା ସେହି ନିଧି ଦାସର ସ୍ତ୍ରୀ ବାସ୍ତବିକ ଏହି ଉପନ୍ୟାସରେ ପାଠକର ଦୃଷ୍ଟି ଆକର୍ଷଣ କରିଥାଏ । କେବଳ ସେ ନୁହନ୍ତି ; ଶ୍ୟାମବନ୍ଧୁଙ୍କ ବିଧବା ଭଗିନୀ କୌଶଲ୍ୟା ଓ ଗୋବିନ୍ଦ ବେଷ୍ଟଲ୍ୟଙ୍କ ଅବିବାହିତା ଭଉଣୀ ଗୌରୀ ଉକ୍ତ ଉପନ୍ୟାସରେ ଗଭୀର ମାନବିକ ସମ୍ବେଦନା ସୃଷ୍ଟି କରିଅଛନ୍ତି । ଶ୍ୟାମବନ୍ଧୁଙ୍କ ପ୍ରତିଷ୍ଠିତ ଆଶ୍ରମରେ କୌଶଲ୍ୟା ରହିଲା ମାତ୍ର ସେଠାରେ ସେ ପାପଗର୍ଭା ହୋଇ ଆତ୍ମହତ୍ୟା କଲା । ସୁବିଧାବାଦୀ ରାଜନୀତିକ ନେତା ଶୁଦ୍ଧୋଦନ କୌଶଲ୍ୟାର ଏହି ଦୁର୍ଗତି ପାଇଁ ଦାୟୀ ମାତ୍ର ତା'ର

ନାସ୍ତିକଙ୍କୁ ଉପଭୋଗ କରି ସାରିଲାପରେ କୌଶଲ୍ୟା ହେଲା କଳଙ୍କିନୀ । ଠିକ୍ ସେହିପରି ଗୌରୀର ହେଲା ଦୁର୍ଦ୍ଦଶା । ଶୁଦ୍ଧୋଦନଙ୍କ ପରି ନେତାଙ୍କ ଦ୍ୱାରା ସେ ମଧ୍ୟ ହେଲା କଳଙ୍କିନୀ ; ମାତ୍ର ତା'ର ନାସ୍ତିକର ଗୌରବର ପ୍ରତୀକ ସନ୍ତାନକୁ ଶୁଦ୍ଧୋଦନ ସ୍ୱୀକାର କରନାହିଁ । ଗୌରୀ ଆତ୍ମହତ୍ୟା କରିବାକୁ ଯାଇ ନିଧି ଦାସଙ୍କ ଦ୍ୱାରା ରକ୍ଷା ପାଇଛି ଏବଂ ଗୌରୀର ସନ୍ତାନକୁ ପିତୃତ୍ୱ-ଗୌରବରେ ଭୂଷିତ କରିଛି ନିଧି ଦାସ । ସେ ଏଥିପାଇଁ ସର୍ବସାଧାରଣରେ ନିନ୍ଦିତ ହେଲେ ସତ ମାତ୍ର ଗୌରୀର ସନ୍ତାନ ନିରଞ୍ଜନକୁ ସେ ପ୍ରଦାନ କଲେ ପିତୃତ୍ୱ । ନିରଞ୍ଜନକୁ ମଣିଷ କରିବାପାଇଁ ନିଧି ଦାସଙ୍କର ପ୍ରାଣାନ୍ତକ ଉଦ୍ୟମ ବାସ୍ତବିକ ପାଠକକୁ ଅଭିଭୂତ କରିଥାଏ । ଅଥଚ ସେହି ନିରଞ୍ଜନ ନିଧି ଦାସ ମରିବା ସମ୍ବାଦ ପାଇ ମଧ୍ୟ ଘରକୁ ଆସିନାହିଁ ; ଶୁଦ୍ଧି ମଧ୍ୟ ହୋଇନାହିଁ ।

କେବଳ ଏତିକି ନୁହେଁ ; ଅର୍ଜୁନ ବୈରୀଶଲ୍ୟଙ୍କ ପରି ପ୍ରାଚୀନ ସାମନ୍ତବାଦୀ ଚରିତ୍ରଙ୍କର ଅତୀତ-ଗୌରବ ସଂପର୍କରେ ବାରମ୍ବାର ବର୍ଣ୍ଣନା ଓ ତଜ୍ଜନିତ ଆତ୍ମପ୍ରସାଦ ଲାଭ ଏବଂ ବର୍ତ୍ତମାନର ବିଳୟମୁଖୀ ପରିବେଶରେ ତାଙ୍କର ଅଧଃପତନ ଆଦି ଘଟଣା ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଲେଖକ ଯେପରି ଭାବରେ ଉକ୍ତ ଉପନ୍ୟାସରେ ବଇଜା ପମାର, ଶ୍ୟାମବନ୍ଧୁ, ନିଧି ଦାସ, ଜଗବନ୍ଧୁ, ଚକ୍ରଧର ପ୍ରଭୃତିଙ୍କର ଚରିତ୍ରକୁ ଅବତାରଣା କରିଅଛନ୍ତି ତାହା ଗଭୀର ମନନ୍ତକ ସମ୍ବେଦନା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ । ଏହି ଉପନ୍ୟାସରେ ଇଂରେଜ ଶାସକମାନଙ୍କର ଶୋଷଣ ଓ ଅତ୍ୟାଚାର, ଏ ଦେଶର ବହୁତ ସରକାରୀ କର୍ମଚାରୀଙ୍କର ଜନସାଧାରଣଙ୍କ ଉପରେ ଅତ୍ୟାଚାର, ଜମିଦାରମାନଙ୍କର ସଇତାନ ପ୍ରବୃତ୍ତି ଓ କ୍ଷମତାର ଜାହିର ଆଦି ନାନା କଥାକୁ ଲେଖକ ବର୍ଣ୍ଣନା କରି ଜନସାଧାରଣଙ୍କ ଦୁର୍ଦ୍ଦଶାକୁ ପ୍ରକାଶ କରିଅଛନ୍ତି । ମଶାଣି ଚଣ୍ଡିଆ ବାବାଜୀ ଅବଧୂତାନନ୍ଦ, ସଖୀଭେକୀ ମଠର ବାବାଜୀ ଲଳିତା ଦାସ ଆଦି ଚରିତ୍ର ଗୁଡ଼ିକ ପାଠକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥାନ୍ତି । ଏହି ସମସ୍ତ ଚରିତ୍ର ମାଧ୍ୟମରେ ଲେଖକ

ତତ୍କାଳୀନ ରାଜନୈତିକ ଅବସ୍ଥାକୁ ସୂଚାଇ କରିଅଛନ୍ତି ଏବଂ ରାଜନୈତିକ ପ୍ରତାରଣା ତଥା ପ୍ରବଞ୍ଚନା ଅନ୍ତରାଳରେ ଥିବା ମାନବିକ ଭାବସ୍ପନ୍ଦନକୁ ଉଦ୍‌ଘାଟନ କରିଅଛନ୍ତି ।

## ଫକୀରମୋହନୀୟ ପ୍ରଭାବ :

'ଅନ୍ଧ ଦିଗନ୍ତ' ସ୍ୱାଧୀନତା ପରବର୍ତ୍ତୀ ଏକ ରାଜନୈତିକ ଉପନ୍ୟାସ ହେଲେହେଁ ଏଥିରେ ଲେଖକ ୧୯୨୧ ମସିହା ଠାରୁ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ଏବଂ ସ୍ୱାଧୀନତା ଲାଭଠାରୁ ପ୍ରଥମ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ରାଜନୈତିକ ପରିସ୍ଥିତିକୁ ମୁଖ୍ୟତଃ ବର୍ଣ୍ଣନା କରିଅଛନ୍ତି । ଏହି ଉପନ୍ୟାସରେ ଲେଖକ ଅନେକ ପରିମାଣରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଠାରେ ଋଣୀ । ବ୍ୟାସକବି "ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସରେ ପାରମ୍ପରିକ ଜମିଦାର ବାଘସିଂହ ବଂଶ ଓ ନୂତନ ସୃଷ୍ଟ ଜମିଦାର ରାମଚନ୍ଦ୍ର ମଙ୍ଗରାଜଙ୍କର ଭାବାତ୍ମକ ସଂଘର୍ଷକୁ ବର୍ଣ୍ଣନା କରିଅଛନ୍ତି । ବାଘସିଂହ ବଂଶ ବଳପ୍ରମୁଖୀ ଜମିଦାର । ତଥାପି ଲୋକେ ତାଙ୍କୁ ଭଲ ପାଆନ୍ତି । ରଇତମାନେ ପ୍ରାଣ ସେମାନଙ୍କର ଅନୁଗତ । ସେମାନଙ୍କ ଘର ଭୋଡ଼ିବା ପାଇଁ ରାମଚନ୍ଦ୍ର ମଙ୍ଗରାଜ ଉଦ୍ୟମ କରିଛନ୍ତି । ଠିକ୍ ଏହିପରି 'ଅନ୍ଧ ଦିଗନ୍ତ' ଉପନ୍ୟାସରେ କୈବଲ୍ୟ ପରିବାର ପାରମ୍ପରିକ ଜମିଦାର । ସେମାନେ ଏମନ୍ତ ବଳପ୍ରମୁଖୀ ହୋଇଥାନ୍ତି । ତଥାପି ଲୋକମାନେ ସେମାନଙ୍କୁ ଭଲ ପାଆନ୍ତି । ଅଥଚ ନୂତନ ସୃଷ୍ଟ ଜମିଦାର ଦର୍ପନାରାୟଣ ଠିକ୍ ରାମଚନ୍ଦ୍ର ମଙ୍ଗରାଜ ପରି ଶୋଷକ ସଇତାନ । କୈବଲ୍ୟଙ୍କ ଘରକୁ ପୋଡି ଦେବାପାଇଁ ଦର୍ପନାରାୟଣ କୁଣ୍ଠା ପ୍ରକାଶ କରିନାହାଁନ୍ତି । ତଥାପି ଗୋବିନ୍ଦ କୈବଲ୍ୟ ନିଜର ତା ଅନୁଚରମାନଙ୍କ ସାହାଯ୍ୟରେ ଦର୍ପନାରାୟଣଙ୍କୁ ନାନା ଭାବରେ ହଇରାଣ କରି ଅଛନ୍ତି । ଏହି ଉପନ୍ୟାସରେ ପାରମ୍ପରିକ ଜମିଦାର ଗୋଷ୍ଠୀର ବିଲୟ ହୋଇ ଯାଇଛି, ମାତ୍ର ନୂତନ ସୃଷ୍ଟ ଜମିଦାର ଦର୍ପନାରାୟଣଙ୍କର ହୋଇଛି କ୍ରମୋନ୍ନତି । ଏକ ନୂତନ ସାମନ୍ତବାଦର ଭିତ୍ତିଭୂମି [illegible]

ଦର୍ଘନାଗ୍ରସ୍ତ ଶୋଷଣର ମାଧ୍ୟମରେ ପ୍ରସାର କରନ୍ତି । ଏପରିକି ସ୍ୱାଧୀନତା ପରେ ଏହି ନବ୍ୟ ସାମନ୍ତବାଦର ଅଧିକାରୀ ହୋଇଛନ୍ତି ଦର୍ଘନାଗ୍ରସ୍ତ । କେବଳ ସେ ନୁହନ୍ତି, ମହାଜନୀ କାରବାର କରି ଖାତକମାନଙ୍କଠାରୁ ଅମାନୁଷିକ ଭାବରେ ସୁଧ ଆଦାୟ କରୁଥିବା ଦଶ ମହାପାତ୍ରଙ୍କ ପୁତ୍ର ଶୁଭେନ୍ଦୁ ମଧ୍ୟ ପାତ୍ର ମଧ୍ୟ ସେଇ ନୂତନ ସାମନ୍ତବାଦର ହେଲେ ପ୍ରତିନିଧି । ଅତଏବ ମୁକ୍ତି ସଂଗ୍ରାମ ବେଳେ ରାଜନୈତିକ ଚେତନାର ନେପଥ୍ୟରେ ସୃଷ୍ଟି ହୋଇଥିବା ନବ୍ୟ ସାମନ୍ତବାଦର ସ୍ୱରୂପକୁ, ଲେଖକ ଚମତ୍କାର ଭାବରେ ଉକ୍ତ ଉପନ୍ୟାସରେ ପ୍ରକାଶ କରି ଅଛନ୍ତି ଏବଂ ଏହି ନବ୍ୟ ସାମନ୍ତବାଦ ସ୍ୱାଧୀନତା ପରେ କପରି ଉଲଙ୍ଗ ରୂପ ବିସ୍ତାର କରି ଗାନ୍ଧିବାଦୀ ଆଦର୍ଶର କବର ପ୍ରତିଷ୍ଠା କରିଛି ତା'ର ଚିତ୍ରକୁ ଲେଖକ ମଧ୍ୟ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

## ଅନ୍ଧ ଦିଗନ୍ତର ନୂତନ ରାଜନୀତିକ ଇସ୍ତାହାର :

'ଅନ୍ଧ ଦିଗନ୍ତ' ଭାରତୀୟ ମୁକ୍ତି ସଂଗ୍ରାମର ପୃଷ୍ଠଭୂମି ଉପରେ ରଚିତ ଏକ ରାଜନୈତିକ ଉପନ୍ୟାସ ହୋଇଲେ ମଧ୍ୟ ଏଥିରେ ସ୍ୱାଧୀନତା ପରବର୍ତ୍ତୀ କ୍ଷମତା ରାଜନୀତିର ପ୍ରବଞ୍ଚନା ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି । ଯେଉଁମାନେ ପ୍ରକୃତରେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରି କାରାବରଣ କରିଥିଲେ ଏବଂ ଇଂରେଜ ଶାସନର ଯାବତୀୟ ଅତ୍ୟାଚାର ସହିଥିଲେ ସେମାନେ ସ୍ୱାଧୀନତା ପରେ କ୍ଷମତା ରାଜନୀତିରେ ପ୍ରତିଯୋଗିତା କରିପାରି ନାହାନ୍ତି, ବରଂ ସେମାନେ ହୋଇଛନ୍ତି ସୁବିଧାବାଦୀ ରାଜନୈତିକ ନେତାଙ୍କ ଦ୍ୱାରା ଅବହେଳିତ ଓ ଅପମାନିତ । ସେମାନେ ହୁଏତ ଥିଲେ ଏ ଦେଶର ସ୍ୱାଧୀନତା ପାଇଁ କର୍ମୀ; ମାତ୍ର ସେମାନଙ୍କୁ କ୍ଷମତା ମଦମତ୍ତ ନେତାବୃନ୍ଦ ସମ୍ମାନ ଦେଲେ ନାହିଁ । ଯେଉଁମାନେ ଇଂରେଜ ଶାସନ ବେଳେ ଥିଲେ ଶୋଷକ ଓ ଅଭିଜାତ ସେମାନେ ପୁଣି ସ୍ୱାଧୀନତା ପରେ ପୋଷାକ ବଦଳାଇ ଗଣତନ୍ତ୍ରର ଧ୍ୱଜା ଧାରଣ କରି ହେଲେ ମନ୍ତ୍ରୀ । ଏହିପରି ଏକ ସୁବିଧାବାଦୀ ରାଜନୀତିକ ନେତାମାନଙ୍କ କବଳରୁ ଏ ଦେଶକୁ ରକ୍ଷା

କରିବାପାଇଁ ଔପନ୍ୟାସିକ 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ଶୁଣାଇଛନ୍ତି ଏକ ନୂତନ ରାଜନୀତିକ ଇସ୍ତାହାର । ଏଇ ଇସ୍ତାହାର ଦେଶର ରାଜନୈତିକ ମୁକ୍ତି ପାଇଁ ଅଭିପ୍ରେତ ନୁହେଁ ମାତ୍ର ମଣିଷର ମୁକ୍ତି ପାଇଁ ଅଭିପ୍ରେତ । ଏ ଦେଶରୁ ହୁଏତ ବିଦେଶୀ ଶାସନ ଲୋପ ପାଇ ଯାଇଅଛି ମାତ୍ର ସୁବିଧାବାଦୀ ସ୍ୱଦେଶୀ ଲୋକଙ୍କର ଚାଲିଛି ଶୋଷଣ । ସେଇମାନଙ୍କ କବଳରୁ ମଣିଷକୁ ମୁକ୍ତ କରିବା ପାଇଁ ଲେଖକ ଦେଇଛନ୍ତି ଇଙ୍ଗିତ । ରାଜନୀତି ନୁହେଁ ମାତ୍ର ସ୍ୱରାଜ୍ୟ ହେଉଛି ତାଙ୍କର ନୂତନ ଇସ୍ତାହାର । ଏଇ ସ୍ୱରାଜ୍ୟରେ ନୂଆ ମଣିଷ ସୃଷ୍ଟି ହେବେ, ନୂଆ ସମାଜ ଗଢ଼ାହେବ । ଏଥିପାଇଁ ଆବଶ୍ୟକ ନୂତନ ଜ୍ଞାନ । ଏଠି ମଣିଷ ହେବ ମୁକ୍ତ— ଏଇ ମୁକ୍ତି ତା'ର ଆତ୍ମାର ମୁକ୍ତି । 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ଲେଖକ ଏଇ ନୂତନ ମାନବତାବାଦୀ ରାଜନୀତିକ ଚିନ୍ତାଧାରାକୁ ପ୍ରକାଶ କରି ବର୍ତ୍ତମାନର କ୍ଷମତା ମଦମତ୍ତ ରାଜନୀତିର ସଂସ୍କାର ପାଇଁ ଆହ୍ୱାନ ଶୁଣାଇ ଅଛନ୍ତି । ତେଣୁ ଉକ୍ତ ଉପନ୍ୟାସରେ ଲେଖକଙ୍କର ସିନିକ୍ ଦୃଷ୍ଟିକୋଣ ପ୍ରକଟିତ ହୋଇନାହିଁ । ବରଂ ସିନିସିଜିମ୍‌ର ଅନ୍ତରାଳରେ ଏକ ନୂତନ ଶୁଭ୍ରସୁନ୍ଦର ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଶିଳ୍ପୀ-ପ୍ରାଣ ବ୍ୟାକୁଳ ହୋଇ ଉଠିଛି । ଶ୍ରୀ ସଞ୍ଜୟ କହନ୍ତି—"କିନ୍ତୁ ସୁରେନ୍ଦ୍ର ବାବୁଙ୍କ ସିନିକ୍ ମାନସିକତା ଆମର ସବୁ ଦିଗନ୍ତକୁ ଅନ୍ଧକାର କରିଦେଇଛି । 'ଅନ୍ଧ ଦିଗନ୍ତ' ପଢ଼ିସାରିଲେ ମନେହୁଏ—ଆମର ସ୍ୱାଧୀନତା ନାମରେ ଯେଉଁ ଶିଶୁଟି ବହୁ ଗର୍ଭକଷ୍ଟ ଦେଇ ଜନ୍ମ ହୋଇଥିଲା; ସେ ଶିଶୁଟି ଜନ୍ମରୁ ରୁଗ୍‌ଣ, ଅନ୍ଧ ଆଉ ପାଗଳ । ସେ ପୁଣି ଏପରି ମନ୍ଦଗ୍ରହ ନେଇ, ମନ୍ଦବେଳାରେ, ମନ୍ଦଗର୍ଭରୁ ଜନ୍ମ ହୋଇଛି ଯେ, ତା' ଜାଳାରେ ସମଗ୍ର ଦେଶ ଓ ଜାତି ପୋଡ଼ି ଛାରଖାର ହୋଇ ଯିବଇ ଯିବ । ଏହାକୁ କେହି ରକ୍ଷା କରି ପାରିବେନାହିଁ ।" (୧୩) ଅନ୍ଧ ଦିଗନ୍ତ ଉପନ୍ୟାସ ପଢ଼ିବା ପରେ ଶ୍ରୀ ସଞ୍ଜୟଙ୍କର ସଞ୍ଜୟ-ଦୃଷ୍ଟି କାହିଁକି ଯେ ଏପରି

---

୧୩– ଶ୍ରୀ ସଞ୍ଜୟ—ଅନ୍ଧଦିଗନ୍ତ ଓ ଅଧିବାସ—ସମାବେଶ—୧୯୭୯ ଜାନୁଆରୀ ପୃ ୧୧୬

ହୋଇଛନ୍ତି ବୁଝିପାରୁନାହାନ୍ତି । ବୋଧହୁଏ ସଞ୍ଜୟ-ଦୃଷ୍ଟି ବର୍ତ୍ତମାନର ସୁଦୂରକୁ ଦେଖିବା ପାଇଁ ଯିନା ସମର୍ଥ ମାତ୍ର ଭବିଷ୍ୟତକୁ ନୁହେଁ ।

ଅନ୍ଧଦିଗନ୍ତ ସ୍ୱାଧୀନତା ପୂର୍ବର ରାଜନୈତିକ ଆନ୍ଦୋଳନର ପ୍ରେକ୍ଷାପଟ ଉପରେ ଆଧାରିତ ହୋଇଥିଲେହେଁ ଏହାର ପ୍ରତିଫଳି ହେଉଛି ସ୍ୱାଧୀନତା ପରବର୍ତ୍ତୀ କ୍ଷମତାଲୁବ୍ଧ ରାଜନୀତିର କଳଙ୍କ ଅନୁଶୀଳନ ଓ ଭବିଷ୍ୟତ ପ୍ରତି ଏକ କଳଙ୍କମୁକ୍ତ ରାଜନୀତିପାଇଁ ଇଙ୍ଗିତ ପ୍ରଦାନ । ତେଣୁ ଏହିରେ ଲେଖକଙ୍କର ବାହ୍ୟଦୃଷ୍ଟି ଓ ଅନ୍ତର୍ଦୃଷ୍ଟି ଉଭୟ ସୁସମନ୍ୱିତ । ଅଥଚ ଶ୍ରୀ ସଞ୍ଜୟ କହନ୍ତି—"ଅନ୍ଧଦିଗନ୍ତ ଲେଖିଲାବେଳେ ଲେଖକଙ୍କର ବାହ୍ୟଦୃଷ୍ଟି ଓ ଅନ୍ତର୍ଦୃଷ୍ଟି ଉଭୟ କପଟର ଆଚ୍ଛନ୍ନ, ଅନ୍ୟମନସ୍କ ଓ ଦାୟିତ୍ୱହୀନ ଖିଆଲି ଗଳିଆରେ ବିଭ୍ରାନ୍ତ ଭାବେ ଇତଃସ୍ତତଃ ହୋଇ କ୍ଳାନ୍ତ ଭାବେ ବୁଜା ହୋଇଯାଇଛି ।" (୧୮) ଏପରି ମନ୍ତବ୍ୟ ସୁସ୍ଥ ବସ୍ତୁର ବୁଦ୍ଧିର ପରିଚୟ ଦିଏ ନାହିଁ । ସମାଲୋଚନା ଲକ୍ଷ୍ମଣ-ରେଖା ଅତିକ୍ରମ କରିଗଲେ ପଦେ ପଦେ ବିପଦ ଅଛି । ଶ୍ରୀ ସଞ୍ଜୟଙ୍କର ଏତାଦୃଶ ଏକଦେଶଦର୍ଶୀ ମନ୍ତବ୍ୟ ସେଇ ଦୃଷ୍ଟିରୁ ଏକାନ୍ତ ଭାବରେ ଅନୁଦାର ଓ ବସ୍ତୁରହୀନ ମଧ୍ୟ ।

ଲେଖକ ସମଗ୍ର ଉପନ୍ୟାସଟିରେ ରାଜନୀତିକୁ ଉଭୟ ଆଦର୍ଶ ଓ ବାସ୍ତବ ଦୃଷ୍ଟିରୁ ବିଶ୍ଳେଷଣ କରିଅଛନ୍ତି । ତେଣୁ ଏହି ପରିସର ମଧ୍ୟକୁ ଯେଉଁସବୁ ଚରିତ୍ରମାନେ ଆସିଛନ୍ତି ସେମାନଙ୍କୁ ସେ ଉଭୟ ଆଦର୍ଶ ଓ ବାସ୍ତବ ଦୃଷ୍ଟିରୁ ପରୀକ୍ଷା ନିରୀକ୍ଷା କରିଅଛନ୍ତି ଏବଂ ସର୍ବଶେଷ ସେ ବାସ୍ତବ ରୂପଟିକୁ ପ୍ରାଧାନ୍ୟ ଦେଇଛନ୍ତି । ସେଇ କାରଣରୁ ଅନେକ ସମୟରେ ଲେଖକଙ୍କର ପ୍ରୋଟାଗନିଷ୍ଟ ଚରିତ୍ରଗଣ ଆଦର୍ଶ ଦୃଷ୍ଟିରୁ ମଳିନପ୍ରଭ ଜଣାଯାଉଥିଲେହେଁ ସେମାନଙ୍କର ବାସ୍ତବ ବ୍ୟକ୍ତି ସତ୍ତା ବରଂ ଜୀବନ୍ତ ହୋଇଉଠିଛି ଓ ସେଇ ବ୍ୟକ୍ତି ପୁରୁଷ ସାଂପ୍ରତିକ ରାଜନୈତିକ କଳୁଷ କାଳିମା ମଧ୍ୟରେ କଣ୍ଟକିତ ବିଭ୍ରାନ୍ତ ହୋଇଛି । ତଥାପି ଏହି ବିଭ୍ରାନ୍ତି ଭିତରେ ଅଛି ମାନବିକ ସମ୍ବେଦନା ଓ ଭବିଷ୍ୟତ ପ୍ରତି ସ୍ପଷ୍ଟ ଅଙ୍ଗୁଳି

---

ନିର୍ଦ୍ଦେଶ । ଅତଏବ ଅନ୍ଧଦିଗନ୍ତର ରାଜନୀତିକ ଇତିହାସର ଦିଗ ନୁହେଁ । ନୈର୍ବ୍ୟକ୍ତିକ ନୁହେଁ । ବରଂ ରାଜନୀତିର ବାସ୍ତବ ବିଶ୍ଳେଷଣ ଓ ତା'ର ମର୍ମ ଉଦ୍‌ଘାଟନ ମଧ୍ୟଦେଇ ଆଜି ଏକ ଶୁଦ୍ଧ ରାଜନୀତି ପାଇଁ ଅନ୍ତଃ ଆନ୍ଦୋଳନର ଆହ୍ୱାନ ।

## 'ଅନ୍ଧଦିଗନ୍ତ'ରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱ :

'ଅନ୍ଧଦିଗନ୍ତ' ଉପନ୍ୟାସର ୩୨ ବର୍ଷର ସମସ୍ତ ସୀମା ମଧ୍ୟରେ ବହୁ ଘଟଣା ଓ ବହୁ ଚରିତ୍ର ଲେଖକଙ୍କ ସ୍ରଷ୍ଟା ଚିତ୍ତକୁ ସ୍ପର୍ଶ କରିଛି ଏବଂ ସେହି ସେହି ଘଟଣାଗୁଡ଼ିକର ବିଶେଷ ଭାବଧାରାକୁ ସେ ଉପନ୍ୟାସର ପରିଧି ମଧ୍ୟରେ ରୂପାୟନ କରିଅଛନ୍ତି । ଭାରତବର୍ଷର ବିଗତ ରାଜନୀତିକ ଇତିହାସରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଲେଖକଙ୍କ ଚିତ୍ତବୃତ୍ତିରେ ରେଖାପାତ କରିଛନ୍ତି ଏବଂ ଲେଖକଙ୍କ ବ୍ୟକ୍ତି-ସତ୍ତା ସହିତ ସେହି ସେହି ଚରିତ୍ର ଗୁଡ଼ିକର ଭାବାତ୍ମକ ସତ୍ତା ଏକୀଭୂତ ହୋଇ ଉପନ୍ୟାସର ପରିଧି ମଧ୍ୟକୁ ଯେତେବେଳେ କାଳ୍ପନିକ ଚରିତ୍ର ମଧ୍ୟ ଦେଇ ଆସିଛି ତାହା ସ୍ରଷ୍ଟାର ମୌଳିକ ଚିନ୍ତା ଓ ଚେତନାରେ ସମ୍ପୂର୍ଣ୍ଣ ନୂତନ ରୂପରେଖ ନେଇଛି । ସ୍ୱାଧୀନତା ସଂଗ୍ରାମ ସମୟର ଲବଣ ସତ୍ୟାଗ୍ରହ, ନାଗପୁର ସତ୍ୟାଗ୍ରହ, ପୁରୀ ଓ ଦିଲ୍ଲୀ କଂଗ୍ରେସ ଅଧିବେଶନ, ଗାନ୍ଧି ଇର୍ୱିନ୍ ଚୁକ୍ତି, ଗୋଲ ଟେବୁଲ ବୈଠକ, ଅଗଷ୍ଟ ବିପ୍ଳବ, ସୁଭାଷ ବୋଷଙ୍କ ଅନ୍ତର୍ଦ୍ଧାନ, ଗାନ୍ଧିଜୀଙ୍କ ଅନଶନ ଆଦି ନାନା ଐତିହାସିକ ଘଟଣାକୁ ଉକ୍ତ ଉପନ୍ୟାସର ପରିଧି ମଧ୍ୟକୁ ଲେଖକ ନେଇ ଆସିଛନ୍ତି ଏବଂ ପ୍ରସଙ୍ଗକ୍ରମେ ମୋତିଲାଲ ପଣ୍ଡିତ, ରାଜେନ୍ଦ୍ର ପ୍ରସାଦ, ସୁଭାଷ ବୋଷ, ଚିତ୍ତରଞ୍ଜନ ଓ ସର୍ଦ୍ଦାର ପଟେଲଙ୍କୁ ସୂଚନାତ୍ମକ ଭାବେ ବର୍ଣ୍ଣନା କରିଅଛନ୍ତି । ସେ ସମୟର ଅନ୍ୟାନ୍ୟ ବହୁ ପ୍ରତିଷ୍ଠିତ ରାଜନୀତିଜ୍ଞ ନେତାମାନେ ଥିଲେ ମଧ୍ୟ ସେମାନଙ୍କର ନାମ ସେ ଉଲ୍ଲେଖ କରିନାହାନ୍ତି । ଏପରିକି ଓଡ଼ିଶାର କୌଣସି ରାଜନୀତିକ ନେତାଙ୍କର ନାମ ନାହିଁ । ଏହାର ଅର୍ଥ ନୁହେଁ ଯେ ଲେଖକ ଏ ସମ୍ପର୍କରେ ଅଜ୍ଞ ବା ଜାଣି ଜାଣି ଏସବୁ ଚରିତ୍ରକୁ ଉପେକ୍ଷା

କରିନାହାନ୍ତି । ଉପନ୍ୟାସର ଗତି ପ୍ରବାହପାଇଁ ଯେଉଁ ପ୍ରସଙ୍ଗରେ ଯେତିକି ମାତ୍ର ସୂଚନା ଦରକାର ସେତିକି ସେ ପ୍ରଦାନ କରିଅଛନ୍ତି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କୁ ଲେଖକ ବିଭିନ୍ନ ପ୍ରସଙ୍ଗରେ ମନେ ପକାଇ ଅଛନ୍ତି । ଏହି ରାଜନୀତିକ ଆନ୍ଦୋଳନର ପରିପ୍ରେକ୍ଷୀରେ ଓ ରାଜନୀତିକ ନେତାମାନଙ୍କର ବ୍ୟକ୍ତିତ୍ୱର ଅବବୋଧରେ ଲେଖକ କାଳ୍ପନିକ ଚରିତ୍ରମାନଙ୍କୁ ରୂପ ଦେଇଛନ୍ତି ଏବଂ ସେହି ଚରିତ୍ର ଗୁଡିକହିଁ ତାଙ୍କ ବ୍ୟକ୍ତିସତ୍ତାର କଳାତ୍ମକ ପ୍ରତିରୂପ ମାତ୍ର ।

'ଅନ୍ଧଦିଗନ୍ତ'ରେ ନିଧି ଦାସ ମୁଖ୍ୟ ଚରିତ୍ର ଏବଂ ମନେହୁଏ ଏହି ଚରିତ୍ରହିଁ ଲେଖକଙ୍କର ପ୍ରୋଟାଗନିଷ୍ଟ । ପୁଣି ମଶାଣି ଚଣ୍ଡିଆ ଅବଧୂତ ବାବାଙ୍କ ଚରିତ୍ର ଅନୁଧ୍ୟାନ କଲାବେଳେ ମନେହୁଏ ଏହି ଚରିତ୍ର ମଧ୍ୟ ଲେଖକଙ୍କର ପ୍ରୋଟାଗନିଷ୍ଟ । କିନ୍ତୁ ପ୍ରତ୍ୟେକ ଚରିତ୍ର ନିଧିଦାସଙ୍କୁ ନେଇ ଗତିଶୀଳ । ଶୁଦ୍ଧୋଧନ ମହାପାତ୍ର, ଦେଶତ୍ରାଣ ଚକ୍ରପାଣି ପଟ୍ଟନାୟକ, ଦେଶ ଗୌରବ ଜଗବନ୍ଧୁ ମିଶ୍ର, ସ୍ୱଦେଶମଣି ହରିହର ଦଣ୍ଡସେନା, ସର୍ଦ୍ଦାର ଅନନ୍ତ ପଣ୍ଡା, ଶ୍ୟାମବନ୍ଧୁ ମହାନ୍ତି, ବରଜା ଚମାର, ଦାମୋଦର ରଥ, ବାବାଜୀ ଲଳିତା ଦାସ, ଦର୍ପନାରାୟଣ ଚୌଧୁରୀ, ଗୋବିନ୍ଦ ବୈସ୍ଥଶଲ୍ୟ, ଅର୍ଜୁନ ବୈସ୍ଥଶଲ୍ୟ, କରୁଣୀ ଦାସ, ନରେନ୍ଦ୍ର ମହାପାତ୍ର, ଗୌରୀ, କୌଶଲ୍ୟା, ନିରଞ୍ଜନ ଆଦି ପ୍ରତ୍ୟେକ ଚରିତ୍ର ନିଧି ଦାସଙ୍କୁ କେନ୍ଦ୍ର କରି ଘୂରିଛନ୍ତି । ତେଣୁ ନିଧିଦାସଙ୍କ ବ୍ୟକ୍ତିତ୍ୱ ଏହି ଉପନ୍ୟାସର ପ୍ରାଣ-ସତ୍ତା । ଏକ ସାଧାରଣ ପରିବେଶରୁ ନିଧି ଦାସ ଗାନ୍ଧୀଜୀଙ୍କ ଆହ୍ୱାନ ଶୁଣି ସ୍ୱରାଜ ଆନ୍ଦୋଳନରେ ଯୋଗ ଦେଇଛନ୍ତି ଏବଂ ଏକ ନିର୍ଭୀକ ତ୍ୟାଗପୂତ ଦେଶପ୍ରାଣ ଚରିତ୍ରରୂପେ ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି । ଏପରିକି ଏହି ଚରିତ୍ର ଆପଣାର ସ୍ତ୍ରୀକୁ ହରାଇଲା ପରେ ମଧ୍ୟ ଦେଶ ମାତୃକାର ସେବାରୁ ଦୂରେଇ ଯାଇ ନାହିଁ । ଏକ କ୍ଷୁଦ୍ର ପରିବେଶରୁ ତାର ଜନ୍ମ ଓ ବିକାଶ । ଗାନ୍ଧି ଆଦର୍ଶ ପ୍ରଭାବିତ ରାଜନୀତିରେ ସେ ଗତିଶୀଳ । ତଥାପି ବେଳେ ବେଳେ ସେ ଉଚ୍ଚସ୍ତରର ରାଜନୀତିକ ସଂଘର୍ଷ ଓ କ୍ଷମତାପାଇଁ ତଥା ବ୍ୟକ୍ତି-ସ୍ୱାର୍ଥ ଓ ବ୍ୟକ୍ତି-କାମନା

ଚରିତ୍ରଟି ପାଇଁ ରାଜନୀତିକ ନେତାଙ୍କର ସୁବିଧାବାଦୀ ମନୋଭାବକୁ ଦେଖି ଆଦର୍ଶରୁ ବାସ୍ତବତାକୁ ଅବତରଣ ଆସିଛନ୍ତି । ଏହାଦ୍ୱାରା ତାଙ୍କର ବ୍ୟକ୍ତିତ୍ୱ ମଳିନହୋଇ ଯାଇନାହିଁ ବା ସେ ଦୟାର ପାତ୍ର ହୋଇନାହାନ୍ତି । ବରଂ ଏହି ଚରିତ୍ରର ସ୍ୱାଭାବିକ ଘାତ-ସଂଘର୍ଷ ମଧ୍ୟ ଦେଇ ଲେଖକ ସମ୍ବେଦନା ସୃଷ୍ଟି କରିବାକୁ ସମର୍ଥ ହୋଇଅଛନ୍ତି । ସମ୍ବେଦନା ସୃଷ୍ଟି ପ୍ରତ୍ୟେକ ଶ୍ରେଷ୍ଠ ସାହିତ୍ୟର ପ୍ରାଣଧର୍ମ । ତେଣୁ 'ଅନ୍ଧଦିଗନ୍ତ' ଏଦୃଷ୍ଟିରୁ ଯେ ଏକ ସଫଳତମ ଅଭିବ୍ୟକ୍ତି ; ସନ୍ଦେହ ନାହିଁ ।

ନିଧିଦାସଙ୍କ ପିତା ବନ୍ଧୁଦାସ ଓ ଦାଦା କରୁଣୀ ଦାସ । ବନ୍ଧୁଦାସ ସରଳ ଏବଂ ସଂସାର ପ୍ରତି ଅନାସକ୍ତ । ବସ୍ତୁବେଜଷଣବେଳେ ସେ ମୂଲିଆଙ୍କ ସହିତ କାମ କରୁଥିଲେ । (୧୫) ମାତ୍ର ପରବର୍ତ୍ତୀ ପ୍ରସଙ୍ଗରେ ନିଧି ଦାସଙ୍କ ବାପା କାହ୍ନୁଦାସ ବୋଲି ଲେଖକ ଉଲ୍ଲେଖ କରିଅଛନ୍ତି । (୧୬) ସେ ପୁଣି ବଡ଼ କ୍ରୋଧୀ । ଆପୁ ଓ ଗଞ୍ଜେଇ ତାଙ୍କର ଅମଳ । ଖାଇଲା ବେଳେ ଅନେକ ସମୟରେ ସେ ଥାଳି ତାଟିଆ ଦୁଆରକୁ ଫିଙ୍ଗି ଦେଉଥିଲେ ନିଶା ଜୋରରେ । ଏହି ଦୁଇଟି ପ୍ରସଙ୍ଗ ମଧ୍ୟରେ ପାରସ୍ପରିକ ବିରୋଧିତା ଦେଖାଯାଏ । ତେବେ ପ୍ରଶ୍ନ ଆସେ ଜଣେ ସରଳ ଓ ସଂସାର ଅନାସକ୍ତ ବ୍ୟକ୍ତି କଣ ଆପୁ ଓ ଗଞ୍ଜେଇ ଖାଏ ନାହିଁ ? ଏପରି ବ୍ୟକ୍ତି କଣ ରାଗେ ନାହିଁ ? ବନ୍ଧୁଦାସ କାହ୍ନୁଦାସ ହୋଇଯିବା ହୁଏତ ଏକ ଭ୍ରମ ହୋଇପାରେ ମାତ୍ର ବନ୍ଧୁଦାସ ଓରଫ କାହ୍ନୁଦାସଙ୍କ ପ୍ରକୃତି ସମ୍ବନ୍ଧରେ ଲେଖକ ଯେ ଆଦୌ ସଚେତନ ନୁହଁନ୍ତି ଏପରି ଭାବିବା ଅନୁଚିତ । ଏ ଚରିତ୍ର ଯେ ଲେଖକଙ୍କର ଅନ୍ତର ସୃଷ୍ଟି ନୁହେଁ ;—ଏପରି ଭାବିବା ମଧ୍ୟ ସମୀଚୀନ ନୁହେଁ । ବନ୍ଧୁଦାସର ପ୍ରକୃତି ମଧ୍ୟ ଦେଇ ଲେଖକ ଏକ ଚିରଦୁଃଖିନୀ ଲାଞ୍ଛିତା ମାତୃମୂର୍ତ୍ତିର ପରିକଳ୍ପନା କରିଅଛନ୍ତି ଏବଂ ସେହି ଲାଞ୍ଛିତା ମାତୃମୂର୍ତ୍ତି ହିଁ ନିଧିଦାସଙ୍କୁ

---

୧୫—ଅନ୍ଧଦିଗନ୍ତ—ପୃ ୫୧

୧୬—ଅନ୍ଧଦିଗନ୍ତ—ପୃ ୧୨୧

ଦେଶମାତୃକାର ସ୍ମୃତି ମନେପକାଇଦେଇଛି । ଯେଉଁ ନିଧିଦାସ ପିଲା ଦିନେ ଏକାନ୍ତ ଫୁଲଫାଙ୍କିଆ ଥିଲେ, ତାସ ଖେଳ, ଗୁଡ଼ି ଉଡ଼ା, ନାଚ, ଯାତ୍ରା ଦେଖା ଭିତରେ ଜୀବନ କଟାଉଥିଲେ, ସେଇ ନିଧିଦାସ ବିବାହ ପରେ ଆପଣା ସଂସାର ପ୍ରତି ପ୍ରେମେ ମନ ଢାଳି ଦେଇଛି ଓ ପରେ ପରେ ସ୍ୱରାଜ ଆନ୍ଦୋଳନରେ ଯୋଗଦେଇ ଆପଣା ସଂସାରରୁ ପୁଣି ଦୂରେଇ ଯାଇଛନ୍ତି । ଏଥର ସେ ଅନୁଭବ କଲେ—"× × ସ୍ୱରାଜ ଓ ସ୍ୱାଧୀନତା ବିନା ବଂଚିବାର କୌଣସି ଯଥାର୍ଥତା ନାହିଁ । ସ୍ୱାଧୀନତା ହିଁ ଜୀବନ । ସୃଷ୍ଟିରେ ଆଲୋକ, ବାୟୁ, ନଦୀ, ସମୁଦ୍ର, ପର୍ବତଠାରୁ ଆରମ୍ଭ କରି; ପଶୁ ପକ୍ଷୀ ସମସ୍ତେ ସ୍ୱାଧୀନ; ସମସ୍ତେ ମୁକ୍ତ । ଏକା ମଣିଷ କେବଳ ପରାଧୀନ ଓ ଦାସତ୍ୱ ଗ୍ରସ୍ତ ରହି ନପାରେ ।" (୧୭) ସେ ପୁଣି ଚିନ୍ତା-କରିଛନ୍ତି —"ଏଇ ସୁନ୍ଦର, ବନ୍ଧନହୀନ ସୃଷ୍ଟିରେ ସବୁ ସୁନ୍ଦର, ସମସ୍ତେ ସୁନ୍ଦର; କାରଣ ସେମାନେ ମୁକ୍ତ । ମନୁଷ୍ୟ ଏକା କୁତ୍ସିତ; କାରଣ ସେ ଦାସତ୍ୱଗ୍ରସ୍ତ । ମନୁଷ୍ୟର ଅଜ୍ଞତା, କୁସଂସ୍କାର, ଲୋଭ, ମୋହ, ହିଂସା, କ୍ରୋଧ ଓ ପାପ ; ତାହାପାଇଁ ବନ୍ଧନର ଶତ କୁତ୍ସିତ ନିଗଡ଼ ସୃଷ୍ଟି କରିଛି ।" (୧୮) ନିଧିଦାସଙ୍କର ଏଇ ଅନୁଭବ ଓ ବିଶ୍ଳେଷଣ ତାଙ୍କ ବ୍ୟକ୍ତିତ୍ୱର ନିଦର୍ଶନ । ଏଇ ବ୍ୟକ୍ତିତ୍ୱ ନାନା ଘାତ ପ୍ରତିଘାତ ଭିତରେ ବେଳେ ବେଳେ ଭାଙ୍ଗି ପଡ଼ିଥିଲେ ମଧ୍ୟ ତଥାପି ରହିଛି ସେହିପରି ଦୁର୍ଦ୍ଦମିତ । ଏଇ ବ୍ୟକ୍ତିତ୍ୱ ସଂଗ୍ରାମୀ—କାହାର ଅନୁକମ୍ପା ପାଇବାକୁ ଲାଳାୟିତ ନୁହେଁ—ଅନ୍ୟାୟର ବିରୋଧ କରିବାକୁ ସତତ ଉଦ୍ୟତ । ସ୍ୱାଧୀନତା ପୂର୍ବରୁ ଯେପରି ନିଧିଦାସ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼ିଛନ୍ତି, ଜମିଦାରଙ୍କ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି, ସ୍ୱାଧୀନତା ପରେ ମଧ୍ୟ ସେଇପରି ସେ ଭାଗଚାଷୀ ଆନ୍ଦୋ-ଳନରେ ଯୋଗଦେଇ କାରା ବରଣ କରିଛନ୍ତି ଓ ପଞ୍ଚମ ସ୍ୱାଧୀନତା ଦିବସରେ କମ୍ୟୁନିଷ୍ଟ ମାର୍କା ହୋଇ କାରାମୁକ୍ତ ହୋଇଛନ୍ତି । ନିଧିଦାସ

୧୭—ଅନ୍ଧଦିଗନ୍ତ—ପୃ ୭୭
୧୮—ତଦୈବ—ପୃ ୭୮

ସେଦିନ ସହରକୁ ମକଦ୍ଦମା କରିବାପାଇଁ ଯାଉଥିବା ଲୁଣ୍ଠନକାରୀଙ୍କୁ ଅଟକାଇ କହିଥିଲେ—"କୁଆଡ଼େ ଯାଉଛରେ ବର୍ଷକର ଭାତ ଥାଳୀ ଛାଡ଼ି ? ଖାଇବ କଣ ? ବଞ୍ଚିବ କପରି ? ଟିକିଲୁଆଙ୍କୁ ବଞ୍ଚାଇବ କପରି ? ସେ ଆଇନ ତମର ମୁଣ୍ଡରେ, ଫେରିଆସ ଫେରିଆସ !" (୧୯) ନିଧିଦାସଙ୍କ କଣ୍ଠରୁ ସୃଷ୍ଟି ହୋଇଥିଲା 'ଜୟ ମହାତ୍ମା ଗାନ୍ଧି କି ଜୟ' । ଅଗଣିତ ସରଳ କୃଷକ କରି ତାର ପ୍ରତିଧ୍ୱନି ଦେଲା । ପୂର୍ବର ଜମିଦାର ଓ ସ୍ୱାଧୀନତା ପରର ମନ୍ତ୍ରୀ ଦର୍ପନାରାୟଣ ଚୌଧୁରୀ ସେଠୁ ଅପସରି ଗଲେ । ଆଇନର କବଳରେ ଅବଶ୍ୟ ନିଧିଦାସ ଜେଲ ଗଲେ ମାତ୍ର ତାଙ୍କର ବ୍ୟକ୍ତିତ୍ୱ ମଳିନ ହୋଇଛି କି ? କାରାକକ୍ଷରେ ମଣାଣି- ଚଣ୍ଡିଆ କଲ୍‌କି ମହାରାଜ ନିଧିଦାସଙ୍କୁ କହିଲେ—"ଗଞ୍ଜେଇ ଟାଣ ହେ ନିଧି ବାବା ! ଆରାମ ପାଇବ । ଶାନ୍ତି ପାଇବ ।" (୨୦) ଏକଥା ଶୁଣି ନିଧିଦାସ ସନ୍ତୋଷିତ ହୋଇ ଯାଇଛନ୍ତି । ଏକ ଦିଗରେ କଲକି ମହାରାଜ- ଙ୍କର ରସିକତାରେ ଝୁଙ୍କିପଡ଼ି ଅଟ୍ଟହାସ୍ୟ ଏବଂ ଅନ୍ୟଦିଗରେ ନିଧିଦାସଙ୍କର ସମ୍ବୋଧନ;—ଏହାହିଁ ଉପନ୍ୟାସର ପରିଣତି । କଲ୍‌କି ମହାରାଜାଙ୍କର ନିଧିଦାସଙ୍କୁ ଗଞ୍ଜେଇ ମାଡିବା ଓ ତାଙ୍କୁ ଗଞ୍ଜେଇ ଟାଣିବାପାଇଁ କହିବାରେ ସମସାମୟିକ ରାଜନୀତିକ ଅବସ୍ଥା ପ୍ରତି ସ୍ପଷ୍ଟ ବ୍ୟଙ୍ଗୋକ୍ତି ସୂଚିତ ହୋଇଅଛି ।

୧୯୫୨ ମସିହା ବେଳକୁ ନିଧିଦାସ ଏକାନ୍ତ ନିଃସଙ୍ଗ । ସର୍ବତ୍ର ସେ ଦେଖିଛନ୍ତି କ୍ଷମତା ରାଜନୀତିର ଲଙ୍କଲାଗି ରୂପ, ନୂତନ ସାମନ୍ତ- ବାଦର ପକ୍ଷ ବିସ୍ତାର । ସ୍ୱାଧୀନତା ସଂଗ୍ରାମ ବେଳେ ଯେଉଁମାନେ ସୁବିଧାବାଦୀ ଭୂମିକାରେ ଥିଲେ ସେଇମାନେ ସ୍ୱାଧୀନତା ପରେ ହେଲେ ମନ୍ତ୍ରୀ । ପୁଣି ଯେଉଁମାନେ ଥିଲେ ଶୋଷକ, ଅତ୍ୟାଚାରୀ ଓ ଇଂରେଜ ସରକାରଙ୍କର ପ୍ରଧାନ ସମର୍ଥକ ସାଧୀନତା ପରେ ସେମାନେ ହେଲେ ନୂତନ ଜନସେବା, ମନ୍ତ୍ରୀ ଓ ବ୍ୟବସ୍ଥାପକ । ସାଧୀନତା ପୂର୍ବର

---

୧୯—ଅଭିଦଗନ୍ତ—ପୃ ୪୮୦

୨୦—ତତ୍ରୈବ—ପୃ ୪୮୭

ସାମନ୍ତବାଦ ସାଧୀନତା ପରେ ନୂଆ ଭାବରେ ପ୍ରତିଷ୍ଠା ଲାଭ କଲା । ନିଧିଦାସ ଭଳି ଲୋକେ ଏ କଥାକୁ ହୃଦୟଙ୍ଗମ କରିଛନ୍ତି । ତେଣୁ ଚରମ କ୍ଷୋଭରେ ସେ କହିଛନ୍ତି—"ଭଲ ମଣିଷ ବା ଭଲ ସମାଜ ଗଢ଼ିବା ପାଇଁ ଚେଷ୍ଟା କରିବା ଅପେକ୍ଷା ଭଲ ବାଲିଗଣ ବା ବନ୍ଧୁକଅସ୍ତ୍ର ଫଳାଇବା ଅଧିକ ଲାଭପ୍ରଦ ।" (୨୧) ଏହିପରି ଉକ୍ତି ପ୍ରକାଶ କରିବା ଦ୍ୱାରା ନିଧି ଦାସଙ୍କର ବ୍ୟକ୍ତିତ୍ୱ ସ୍ୱାର୍ଥପ୍ରଭ ହୋଇ ଯାଇନାହିଁ । ବରଂ ଏହି ଉକ୍ତି ମଧ୍ୟରେ ସେ ଏକ ଚରମ ସତ୍ୟକୁ ପ୍ରକାଶ କରିଅଛନ୍ତି । ସତେ ଯେପରି ଆମର ସ୍ୱାଧୀନତା ସଂଗ୍ରାମ ବେଳେ ଭଲ ମଣିଷ ତିଆରି କରିବାକୁ ଯେଉଁ ଉଦ୍ୟମ ହୋଇଥିଲା-ସେଥିରେ କେମିତି କେଉଁଠି ଦୋଷ ରହି ଯାଇଥିଲା ଯାହାର ପରିଣତି ସ୍ୱାଧୀନତା ପରେ ନଗ୍ନ ରୂପରେ ଆତ୍ମପ୍ରକାଶ କଲା । ଯେଉଁ ଦେଶରେ-ଏକଦା ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରି ସତ୍ୟାଗ୍ରହୀଙ୍କୁ କାରାବରଣ କରିବାକୁ ହେଉଥିଲା ସେଇ ଦେଶରେ ସ୍ୱାଧୀନତା ପରେ ସ୍ୱାର୍ଥର ନ୍ୟାର୍ଯ୍ୟ ଦାବୀ ପାଇଁ ସତ୍ୟାଗ୍ରହ କରିବାକୁ ଯାଇ ନିଧିଦାସ କାରାବରଣ କଲେ । ଏହାହିଁ ବିଡ଼ମ୍ବନା ! ତେଣୁ ପଞ୍ଚମ ସ୍ୱାଧୀନତା ଦିବସରେ ପଦ୍ମଆଡ଼କୁ ଦେଖି ଉଚ୍ଚ କଣ୍ଠରେ ଚିତ୍କାର କରି ଉଠିଲେ—"ମଣିଷ ସ୍ୱାଧୀନ ହେବାପାଇଁ ତଥାପି ଆଉରି ଅନେକ ଡେରି, ଅନେକ ଦେରି ! ସେ କଟେଇର ଶେଷ ନାହିଁ, କିନ୍ତୁ ତୁମର ମୋର ଜୀବନର ଶେଷ ଅଛି । ଆମର ସମୟ ଅଳ୍ପ ।" (୨୨) ସେଇ ନିଧି ଦାସଙ୍କୁ ଯେତେବେଳେ ଲେଖକ ଗୋଟିଏ ଦରଖାସ୍ତ ଫର୍ମ ଦେଇ ସରକାରଙ୍କୁ ପେନସନ ପାଇବା ଲାଗି ପୂରଣ କରି ପଠାଇବାକୁ କହିଲେ ସେତେବେଳେ ସେ କହିଲେ—"ମତେ ଫାରମ ପୂରଣ କରି ଦରଖାସ୍ତ ଦେବାପାଇଁ ପଡ଼ିବ ? ଯେଉଁ ପୁଲିସ ଆଉ ମେଜିଷ୍ଟ୍ରରମାନେ ସ୍ୱାଧୀନତା ଆନ୍ଦୋଳନବେଳେ ଆମକୁ ଠେକାକଥ-ବାଡ଼ିଆ କରୁଥିଲେ ସେମାନେ ପାଉଛନ୍ତି ମାସକୁ ମାସ

୨୧—ଅନ୍ଧଦିଗନ୍ତ—ପୃ ୨

୨୨—ଅନ୍ଧଦିଗନ୍ତ—ପୃ ୬

ପେନ୍‌ସନ; ଆଉ ଆମେ ସେମାନଙ୍କ ହାତରୁ କୋଳଥ ବାଡ଼ିଆ ଖାଇ ମଧ୍ୟ ସେହିମାନଙ୍କ ସୁପାରିଶରେ ପାଉଛୁ ପେନ୍‌ସନ୍ । ବାଃ......ବେଶ ମଜାର !" (୨୩) ନିଧି ଦାସଙ୍କର ଏତାଦୃଶ ଚରିତ୍ରର ପରିଚୟ ପାଇଲାପରେ ତାଙ୍କ ଚରିତ୍ରର ବିକାଶ ହୋଇ ନାହିଁ ବୋଲି କହି ପାରିବାକି ? ବରଂ ଏହି ଚରିତ୍ର ବାସ୍ତବତା ଓ ଆଦର୍ଶର ଦ୍ୱନ୍ଦ୍ୱ ଓ ସଂଘର୍ଷ ମଧ୍ୟରେ ଗତି କରି ବାସ୍ତବତାର ବିଜୟ ଉଦ୍‌ଘୋଷଣ କରିଛି ।

ନିଧି ଦାସଙ୍କର ଏଇ ବାସ୍ତବ ଓ ଆଦର୍ଶ ଚରିତ୍ରର ପରିଚୟ ଉପନ୍ୟାସର ବିଭିନ୍ନ ପ୍ରସଙ୍ଗରୁ ଦେଖିବାକୁ ମିଳିଥାଏ । ସ୍ତ୍ରୀ ସହିତ ନିଧି ଦାସଙ୍କର ସଂପର୍କ, ସ୍ତ୍ରୀ ବିୟୋଗ ପରେ ନିଧି ଦାସଙ୍କ ଭାବାନ୍ତର ଏବଂ ଜୀବନର ଗଭୀର ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ସ୍ତ୍ରୀର ସ୍ମୃତି ସ୍ମରଣ ତାଙ୍କ ବାସ୍ତବ ଜୀବନର ସୂଚନା ଦିଏ । ସେ ଜଣେ ରକ୍ତ ମାଂସ ଦେହଧାରୀ ମଣିଷ । ବିକାଶ ତାଙ୍କର ହୋଇଥିଲା ପାଶା ଉଡ଼ା, ତାସ୍ ଖେଳ ଓ ପାଲା ଦେଖା ଇତ୍ୟାଦି ସାଧାରଣ ପରିବେଶ ମଧ୍ୟରୁ । ବ୍ୟକ୍ତିତ୍ୱର ମଧ୍ୟମ ପର୍ଯ୍ୟାୟରେ ସେ ହେଲେ ଜଣେ ଶିକ୍ଷକ । ପରିଣତ ପର୍ଯ୍ୟାୟରେ ସେ ସର୍ବତ୍ୟାଗୀ ଦେଶପ୍ରାଣ ସ୍ୱରାଜ ସଂଗ୍ରାମୀ । ଯେଉଁଠି ସେ ଅନ୍ୟାୟ ଓ ଅବିଚାର ଦେଖିଛନ୍ତି ସେଠି ସେ ବିରୋଧ କରିଅଛନ୍ତି । ସେ କୌଣସି ପ୍ରତିଷ୍ଠା ଅଭିଳାଷ କରି ନାହାନ୍ତି । ମାତ୍ର ଯେତେବେଳେ ସେ ସୁବିଧାବାଦୀ ନେତାମାନଙ୍କର ହୀନ ଚକ୍ରାନ୍ତ ଦେଖିଛନ୍ତି ଓ ବହୁ କଷ୍ଟରେ ଲବ୍ଧ ହୋଇଥିବା ସ୍ୱାଧୀନତା କ୍ରମେ ବିଫଳ ହୋଇଯାଉଥିବା ଲକ୍ଷ୍ୟ କରିଛନ୍ତି ସେତେବେଳେ ସେ ନିଜକୁ ଅତ୍ୟନ୍ତ ଅସହାୟ ମନେ କରିଛନ୍ତି । ଏଇ ଅସହାୟତା ତାଙ୍କ ବ୍ୟକ୍ତିତ୍ୱର ଦୁର୍ବଳତା ନୁହେଁ । ଏଇ ଅସହାୟତାରୁ ତାଙ୍କର ସୃଷ୍ଟି ହୋଇଥିବା ମୃତ୍ୟୁ କାମନା ମଧ୍ୟ ତାଙ୍କର ଭୀରୁତାର ସୂଚନା ଦିଏ ନାହିଁ । ସେ ଏଥିର ଉପଲବ୍ଧି କଲେ—"ସମାଜ ସଂସ୍କାର, ନୂତନ ସମାଜ-ନିର୍ମାଣ ନୁହେଁ । ତାଳି ପକାଇ, ଏଠି ସେଠି ମରାମତି କରି, ପୁରୁଣା ସମାଜକୁ ଦୀର୍ଘକାଳ ସ୍ଥାୟୀ କରାଯାଇ ପାରେ

---

୨୩—ତତ୍ରୈବ—ପୃ ୯

ସିନା ; ନୂତନ ସମାଜର ଭିତ୍ତି ନିର୍ମାଣ କରିବା ସେଥିରେ ସମ୍ଭବ ନୁହେଁ । ଅସ୍ପୃଶ୍ୟମାନଙ୍କୁ ହରିଜନ କରି ସେମାନଙ୍କୁ କୁଣ୍ଢାଇ ପକାଇଲେ ହରିଜନ ଉଦ୍ଧାର ହେବ ନାହିଁ । ଯେଉଁ ଅର୍ଥନୈତିକ ବ୍ୟବସ୍ଥାର ଶୋଷଣ ଓ ଲୁଣ୍ଠନ ମଧ୍ୟରେ, ସେମାନେ ଅସ୍ପୃଶ୍ୟ ଅବହେଳିତ ହୋଇ ପଡ଼ିଛନ୍ତି ସେ ବ୍ୟବସ୍ଥା ଏକ ପ୍ରଚଣ୍ଡ ଖଡ଼୍‌ଗାଘାତରେ ଭୂଲୁଣ୍ଠିତ ନ ହେବା ପର୍ଯ୍ୟନ୍ତ, ଦାକ୍ଷିଣ୍ୟର ଦର୍ପ ଓ ଅନୁକମ୍ପାର ଦାମ୍ଭିକତା ମଧ୍ୟରେ ସେମାନଙ୍କ ଦୈନ୍ୟ ଆଉରି ପ୍ରକଟିତ ହେବ ସିନା, ପ୍ରଶମିତ ହେବନାହିଁ ! ସେହିପରି ଚର୍ଖା ଦ୍ୱାରା ସ୍ୱାବଲମ୍ବିତାର ପଦ୍ଧତି ମଧ୍ୟରେ, ଦାରିଦ୍ର୍ୟର ଏକ ସଂକୁଚିତ ଅଭୀପ୍‌ସା ଥାଇପାରେ, କିନ୍ତୁ ସମୃଦ୍ଧି ଓ ସ୍ୱଚ୍ଛଳତାର ଆଶାବାଦୀସ୍ୱପ୍ନ ସେଥିରେ ନାହିଁ ।'' ୨୫ ସ୍ୱାଧୀନତା ଆନ୍ଦୋଳନ ନାମରେ ଏ ସମସ୍ତ ନିର୍ଜୀବ କର୍ମକୁ ସଂଗ୍ରାମର ସଂଜ୍ଞା ଦେବାପାଇଁ ନିଧି ଦାସଙ୍କ ଚରିତ୍ରରେ ଘୋର କୁଣ୍ଠା ପ୍ରକାଶ ପାଉଥିଲା । ତଥାପି ବହୁଦିନର ଅଭ୍ୟାସ ବଶତଃ ଦୈନିକ ଚର୍ଖାରେ ସୂତା କାଟୁଥିଲେ । ମାତ୍ର ସେ ଆଉ ଚର୍ଖାକୁ ସୁଦର୍ଶନ ଚକ୍ର ମନେ କରୁ ନ ଥିଲେ । ତାଙ୍କ ପୃଥିବୀ ହେଲା ଏକ ନିତାନ୍ତ ଭାବରେ ଶୂନ୍ୟଗର୍ଭ । ବେଳେ ବେଳେ ସେ ମୃତ୍ୟୁ କାମନା କରୁଥିଲେ । ତାଙ୍କର ଧାରଣା ହେଲା ଯେ ଜୀବନର ସବୁ ସଂଶୟ ଓ ମୃତ୍ୟୁରେହିଁ ସମାଧାନ ହୋଇଯିବ । ଏହି ମାନସିକ ସଂକଟ ଯୋଗୁ ସେ ଲଳିତା ଦାସଙ୍କ ସଖୀ ହେଙ୍ଗା ମଠ ପ୍ରତି ଆକୃଷ୍ଟ ହେଲେ । ପୂର୍ବରୁ ସେ ଏହି ମଠ ପ୍ରତି ଘୃଣା ପ୍ରକାଶ କରୁଥିଲେ ମାତ୍ର ଲବଣ ସତ୍ୟାଗ୍ରହର ବ୍ୟର୍ଥତା ପରେ ଓ ପତ୍ନୀ ବିୟୋଗ ଜନିତ ବେଦନାବୋଧ ମଧ୍ୟରେ ସେ ଏହି ମଠ ପ୍ରତି ଆକୃଷ୍ଟ ହୋଇ ଆସିଲେ । ମଠର ସ୍ୱପ୍ନିଳ ପରିବେଶ ସତେ ଯେପରି ନିଧି ଦାସଙ୍କ ଜୀବନର ସବୁ ଆକୁଳତା, ବେଦନା ଓ ବ୍ୟର୍ଥତାକୁ ମୂର୍ତ୍ତିମନ୍ତ କରିଦେଲା । ଏକ ପକ୍ଷରେ ସ୍ୱରାଜ ଓ ସ୍ୱାଧୀନତାର ଅନିଶ୍ଚିତ, ଅନିର୍ଦ୍ଦିଷ୍ଟ, ଦିଗହୀନ ଚିନ୍ତା, ଅନ୍ୟ ପକ୍ଷରେ ସ୍ତ୍ରୀଙ୍କର ବହୁ ଅନାଦର, ଉପେକ୍ଷା ଓ ଲାଞ୍ଛନାର ବେଦନ ଭିଜା ମୂର୍ତ୍ତିର ଅଶ୍ରୁଳ ସ୍ମୃତି । ଏହି ଦ୍ୱିପକ୍ଷୀୟ ସ୍ମୃତି ହିଁ ତାଙ୍କୁ ତଳେ ତଳେ ବିଦ୍ଧ କରିଛି । ସେ

---

୨୫—ଅନ୍ଧ ଦିଗନ୍ତ—ପୃ ୩୨୯

କହନ୍ତି—"ଆଃ... ସେ ଯଦି ଆଜ ଥରେ ଅଣ୍ଟାଳକୁ ଫେରାଇ ଆଣି, ପୁଣିଥରେ ତାହାକୁ ବର୍ତ୍ତମାନରେ ପରିଣତ କରିବାର ସୁଯୋଗ ପାଆନ୍ତେ ! ତା ହେଲେ ଅନ୍ଧାରରେ ଲେସି ହୋଇ ପଡ଼ିଥିବା କଣ୍ଟା ଦେଇ ଛୋଟିଆ ସେହି ନାଁ ଅଜଣା ଗ୍ରାମମାନଙ୍କର ଘଟଣା ବହୁଳ ଗୃହାଙ୍ଗନମାନଙ୍କରେ ଅତି ସାଧାରଣ ଗୃହସ୍ଥମାନଙ୍କ ପରି ସେ ବଞ୍ଚିବାର ନୂତନ ଅନୁଶୀଳନ କରନ୍ତେ ।" (୨୫) ଏହି ସ୍ମୃତି ଓ ଅନୁଭବ କଣ ତାଙ୍କ ବ୍ୟକ୍ତିତ୍ୱକୁ ମ୍ଳାନପ୍ରଭ କରିଦିଏ କି ? ଆଦର୍ଶ ଭିତରେ ଥିବା ସେଇ ବାସ୍ତବ ବ୍ୟକ୍ତିତ୍ୱ କଣ ଏଠି ଆତ୍ମ ପ୍ରକାଶ କରିନାହିଁ କି ? ଏଇଥିରୁ ତାଙ୍କର ମନେ ପଡ଼ୁଛି ମଙ୍ଗରାଜପୁର ଆଶ୍ରମର ଶ୍ୟାମବନ୍ଧୁଙ୍କ ବିଧବା ଭଉଣୀ କୌଶଲ୍ୟାର ସ୍ମୃତି । ପାପଗର୍ଭ କୌଶଲ୍ୟା ଆତ୍ମହତ୍ୟା କଲା ମାତ୍ର ନିଧି ଦାସ ତାଙ୍କୁ ଭୁଲି ନ ଥିଲେ । ଜୀବନର ଏଇ ଅବସାଦ ଓ ଅସହାୟତା ମଧ୍ୟରେ ସେ କୌଶଲ୍ୟାକୁ ମନେ ପକାଉଛନ୍ତି । କୌଶଲ୍ୟା ବଞ୍ଚି ଥିଲା ବେଳେ ତାର କଣ୍ଠୀ ତଳେ ପ୍ରଫୁଲ୍ଲ ନିତମ୍ବ ବେଷ୍ଟନ କରି ଥିବା ଚନ୍ଦ୍ରମୁହାଁ ଗୋଟିକୁ ନିଧି ଦାସ କେତେ ମୁହୂର୍ତ୍ତରେ କ୍ଷୁଧିତ ଦୃଷ୍ଟିରେ ଚାହିଁ ରହୁଥିଲେ । କୌଶଲ୍ୟା ମଧ୍ୟ ତାଙ୍କ ଆଡ଼େ ଚାହିଁ ହସି ଦେଉଥିଲା । ଏହି ହସ ସୌଜନ୍ୟର ହସ ନୁହେଁ ମାତ୍ର ତା' ଭିତରେ ଥିଲା ଏକ ଜ୍ୱାଳାମୟ ଆବେଦନ । ଅଥଚ ନିଧି ଦାସ କୌଶଲ୍ୟାକୁ ସ୍ୱଜ୍ଞାନରେ ନିଜ ଭଉଣୀ ବ୍ୟତୀତ ଭିନ୍ନ ଦୃଷ୍ଟିରେ ଦେଖୁ ନ ଥିଲେ । ଏବେ ଦୀର୍ଘ ଦିନ ପରେ ସଖୀଭେଣ୍ଟା ମଠରେ ନିସ୍ତୁଟିଆ ରାତିରେ ସେ ଅନୁଭବ କଲେ ପ୍ରକୃତରେ କୌଶଲ୍ୟା ଥିଲା ତାଙ୍କ ପାଇଁ ମଙ୍ଗରାଜପୁର ଆଶ୍ରମର ଏକ ଆକର୍ଷଣ । ଏଇ ସତ୍ୟର ସ୍ୱୀକୃତି କଣ ନିଧି ଦାସଙ୍କ ବ୍ୟକ୍ତିତ୍ୱକୁ ନଷ୍ଟ କରି ଦିଏ କି ? ଅଥଚ ଶ୍ରୀ ସଂଜୟ କହନ୍ତି—"ବାସ୍ ଏଇଠାରୁ ନିଧି ଦାସ ସରିଗଲେ । ତେଣିକି ଆଉ ଆମେ ନିଧି ଦାସଙ୍କୁ ପାଇବା ନାହିଁ । କେବଳ ଗୋଟାଏ ଅପଥ୍ୟ ବିସ୍ମାରିତ ଭସ୍ମତାହୀନ, ସଞ୍ଜୀବତାହୀନ କୃତ୍ରିମ ମନୁଷ୍ୟଟିଏ ପାଇବା । ଲେଖକ ଏଣିକି ନିଜେ

---

୨୫—ଅନ୍ଧ ଦିଗନ୍ତ—ପୃ ୩୩୨

ଫାଙ୍ଗିଦେଉଛନ୍ତି ନଧିଦାସଙ୍କ ଅବଶିଷ୍ଟ ଜୀବନ ବୃତ୍ତାନ୍ତ ଘଟଣାର ଜାଲ ଗୁଡ଼ିଏ ବିସ୍ତାର କରି । ଅସଲ ନଧି ଦାସ ଖସିଗଲେ ତାଙ୍କ ହାତରୁ—ତାଙ୍କର ଅସାବଧାନ, ଖିଆଲୀ, ଦାୟିତ୍ୱହୀନ ହୃଦୟ କନ୍ଦର ଭିତରୁ ! ଆଉ ସେ ତାଙ୍କୁ ଧରି ପାରିଲେ ନାହିଁ । କିମ୍ବା ତାଂକ ପଞ୍ଝରେ ଗୋଡ଼େଇ ପାରିଲେ ନାହିଁ ।” (୨୬)

ଶ୍ରୀ ସଞ୍ଜୟ କାହିଁକି ଯେ ଏପରି କଟୁ ମନ୍ତବ୍ୟ ପ୍ରକାଶ କରିଛନ୍ତି ଜଣା ପାଉନାହିଁ । ବୋଧହୁଏ ନଧି ଦାସଙ୍କର ଗତିଶୀଳ ବ୍ୟକ୍ତିତ୍ୱର ବାସ୍ତବ ରୂପ ସହିତ ଶ୍ରୀ ସଞ୍ଜୟ ଆଦୌ ପରିଚିତ ଲାଭ କରି ପାରିନାହାନ୍ତି। ତେଣୁ ଗୌରୀର ଇଜ୍ଜତ ବଞ୍ଚାଇବା ପାଇଁ ନଧି ଦାସ ଯେଉଁ ତ୍ୟାଗପୂର୍ଣ୍ଣ ଭୂମିକା ନେଇଛନ୍ତି ତାକୁ ସେ ଅବଧାରଣ କରି ପାରିନାହାନ୍ତି । ସେ କହନ୍ତି—“ଲେଖକ ଯଦି ନଧି ଦାସଙ୍କ ବ୍ୟକ୍ତିତ୍ୱଟିକୁ ମଜବୁତ କରି ଗଢ଼ି ଆଣିଥାନ୍ତେ—(ତାଙ୍କର ସମସ୍ତ ସାମୟିକ ମାନସିକ ଆବେଗଗତ ଉତ୍‌ଥାନ ପତନ ସତ୍ତ୍ୱେ ବି) ତା’ହେଲେ ପାପଗର୍ଭା (?) ଗୌରୀକୁ ସତକୁ ସତ ବିବାହ କରି ଓ ତା’ ସନ୍ତାନର ସ୍ୱାଭାବିକ ପିତୃତ୍ୱ (ନିଜ ଔରସ ଜାତ ନହେଲେ ବି) ସ୍ୱୀକାର କରି ଏବଂ ସେଥିଲାଗି ସମସ୍ତ ବାଧାବିଘ୍ନକୁ ସମ୍ମୁଖୀନ ହୋଇ ନଧି ଦାସଙ୍କ ବ୍ୟକ୍ତିତ୍ୱ ଏକ ସମୁଜ୍ଜ୍ୱଳ ପରିପୂର୍ଣ୍ଣତା ଲାଭ କରିଥାନ୍ତା । କିନ୍ତୁ ତା ନକରି ଲେଖକ ଏହି ବ୍ୟାପାରକୁ ଗୋଟାଏ ଭାବପ୍ରବଣ ଗୌରବ ଦେବା ଲାଗି ଅଯଥା ରହସ୍ୟମୟ କରିବା ଦ୍ୱାରା ସମସ୍ତ ଘଟଣାଟି ହୋଇପଡ଼ିଛି ଏକ ଲଘୁ ମେଲୋଡ୍ରାମା ।” (୨୭) ନଧି ଦାସଙ୍କ ତ୍ୟାଗକୁ ଉପଲବ୍ଧି ନ କରି ଗୌରୀକୁ ବିବାହ କରିବା ଦ୍ୱାରା ନଧି ଦାସଙ୍କର ବ୍ୟକ୍ତିତ୍ୱ କିପରି ମହୀୟାନ ହୋଇଥାନ୍ତା ବୋଲି ଶ୍ରୀ ସଞ୍ଜୟ ପରିକଳ୍ପନା କରିଛନ୍ତି ? ପାପଗର୍ଭା ଗୌରୀ ଆତ୍ମହତ୍ୟା

---

୨୬—ଶ୍ରୀ ସଂଜୟ—ଅନ୍ଧ ଦିଗନ୍ତ ଓ ନଧି ଦାସ—ସମାବେଶ—ପୃ ୭୮,
ଫେବୃୟାରୀ—୧୯୭୯

୨୭—ଶ୍ରୀ ସଞ୍ଜୟ—ଚରିତ୍ର ଓ ବ୍ୟକ୍ତିତ୍ୱ ନଧି ଦାସ—ସମାବେଶ ପୃ ୭୯
ଫେବୃୟାରୀ ୧୯୭୯

କରିବାପାଇଁ ନଗ୍ନ ବକ୍ଷକୁ ଲକ୍ଷ୍ୟ ଦେଇଛନ୍ତି । ନିଧି ଦାସ ତାକୁ ରକ୍ଷା କରିଛନ୍ତି । ସେଦିନ ଗୌରୀ ତାର ଜୀବନର କରୁଣ କାହାଣୀକୁ ପ୍ରକାଶ କରିଛନ୍ତି ଆପଣାର ନିଧି ଭାଇ ଆଗରେ । ନାରୀ ଚରିତ୍ର ସମ୍ପର୍କରେ ନିଧି ଦାସଙ୍କର କୌଣସି କାଳେ କିଛି ପରିଚୟ ନଥିଲା । ସେ ପ୍ରହେଳିକାମୟୀ ଗୌରୀ ସମ୍ପର୍କରେ କିଛି କହି ପାରିନାହାନ୍ତି । ଏଥର ସେ ଗୌରୀକୁ ନେଇ ସଖୀ ଭେକ୍ଷା ମଠର ଲଳିତା ଦାସ ବାବାଜୀଙ୍କ ପାଖରେ ରଖିଛନ୍ତି ଓ ସେଇଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମଦେଇ ଅନ୍ତର୍ଦ୍ଧାନ ହୋଇ ଚାଲିଯାଇଛନ୍ତି । ନିଧି ଦାସ ସେଇ ସନ୍ତାନର ପିତୃତ୍ୱକୁ ଆପେ ଆପେ ବରଣ କରି ନେଇଛନ୍ତି ସମାଜର ସକଳ ବିରୋଧ ଓ ଅପପ୍ରଚାର ସତ୍ତ୍ୱେ । ଗୌରୀର ସନ୍ତାନ ନିରଞ୍ଜନ ସମାଜରେ ନିଧି ଦାସଙ୍କ ପୁତ୍ର ରୂପେ ପରିଚିତ ହେଲା । ନିରଞ୍ଜନର ଯାବତୀୟ ଅର୍ଜନକୁ ନିଧି ଦାସ ସହେ ପିତୃତ୍ୱର ଗୌରବରେ । ମାତ୍ର ନିରଞ୍ଜନ ସେଇ କ୍ଷୁଧିତ ପିତୃତ୍ୱ ପ୍ରତି କେବେ ସମ୍ମାନ ବା ସ୍ୱୀକୃତି ଦେଇନାହିଁ । ନିଧିଦାସ ତାକୁ ଜାରଜ ବୋଲି ଗାଳି ଦେଇ ପରେ ତଥିର ଅନୁତାପ କରିଛନ୍ତି । ନିରୁକୁ ମାଡ଼ ଦେଇ ନିଧି ଦାସଙ୍କର ମାନସିକ ଯନ୍ତ୍ରଣା ସୃଷ୍ଟି ହୋଇଛି । ନିରୁପାଇଁ ତାଙ୍କର ତ୍ୟାଗ କ'ଣ ତାଙ୍କ ବ୍ୟକ୍ତିତ୍ୱକୁ ଭାସ୍ୱର କରି ଦେଇ ନାହିଁକି ? ପୁଣି ନିଧି ଦାସଙ୍କ ଭସ୍ମସ୍ତୂପରୁ ମୁଠା ମୁଠା ପାଉଁଶ ନେଇ ମୁଣ୍ଡରେ ବୋଳି ହୋଇ ସେଇ ଚିତା କ୍ଷେତ୍ରକୁ ପରମ ତୀର୍ଥ ଓ ଚିତାଭସ୍ମକୁ ତୀର୍ଥରେଣୁ ରୂପେ ମନକୁମନ ବିଳାପ କରୁଥିବା ଗୈରିକ ବସନ ପରିହିତା ବୁଢ଼ୀ ଗୌରୀର ଭକ୍ତି କ'ଣ ନିଧି ଦାସଙ୍କର ନିର୍ମଳ ମହାପ୍ରାଣ ବ୍ୟକ୍ତିତ୍ୱକୁ ମୂର୍ତ୍ତିମନ୍ତ କରିଦେଇ ନାହିଁକି ?

ଅତଏବ ନିଧି ଦାସ 'ଅନ୍ଧ ଦିଗନ୍ତ' ଉପନ୍ୟାସର ଏକ ଗତିଶୀଳ ଚରିତ୍ର । ଆଦର୍ଶ ଓ ବାସ୍ତବର ସେ ଏକ ସମ୍ମିଳିତ ଜୀବନ୍ତ ବିଗ୍ରହ । ଯେଉଁ ଆଦର୍ଶକୁ ନେଇ ସେ ସ୍ୱରାଜ ସଂଗ୍ରାମରେ ଯୋଗ ଦେଇଥିଲେ ଲବଣ ସତ୍ୟାଗ୍ରହ ପରେ ସେଇ ଆଦର୍ଶରେ ତାଙ୍କର କ୍ରମଶଃ ଭଟ୍ଟା ପଡ଼ି ଆସିଛି—ତଥାକଥିତ ଶିକ୍ଷିତ ନେତାମାନଙ୍କର ପାରସ୍ପରିକ ଈର୍ଷା

ଓ କ୍ଷମତା ଲାଭ ପାଇଁ ସ୍ଥାନ କୌଶଳକୁ ଲକ୍ଷ୍ୟ କରି । ତାଙ୍କର ଅସହାୟତା ଆସିଛି ମାତ୍ର ସେଥିରେ ସେ ଭାଙ୍ଗି ଯାଇ ନାହାନ୍ତି । ବରଂ ସେହିଁଠି ବାରମ୍ବାର ଅନ୍ୟାୟ ଓ ଅବିଚାରର ପ୍ରତିରୋଧ କରିଛନ୍ତି । ଏକ ଶୁଦ୍ଧ ତ୍ୟାଗମୟ ଚରିତ୍ର ଭାବରେ ନିଧି ଦାସ ପାଠକଙ୍କର ଦୃଷ୍ଟି ଆକର୍ଷଣ କରନ୍ତି । ନିଧି ଦାସଙ୍କୁ ଲେଖକ ବଅଁ ଗଛ ଗଛ ମାଙ୍କଡ଼ କରିନାହାନ୍ତି ମାତ୍ର ମାଙ୍କଡ଼ରୁ ତାଙ୍କୁ ବଅଁରେ ପରିଣତ କରି ଦେଇଛନ୍ତି ।

ନିଧିଦାସଂକ ପରି ଲେଖକ ଉକ୍ତ ଉପନ୍ୟାସରେ ଅନ୍ୟାନ୍ୟ ବହୁ ଚରିତ୍ରର ଅବତାରଣା କରିଅଛନ୍ତି । ନିଧିଦାସଂକ ଦାଦା କରୁଣି ଦାସଂକ ଚରିତ୍ର କଣ ସେ କାଳର ଜଣେ ଗ୍ରାମ୍ୟ ମାମଲତକାର ଓ ଜମିଦାରଂକ ଅନୁଗତ ଦଫାଦାର ବ୍ୟକ୍ତିତ୍ୱର ଯଥାର୍ଥ ସୂଚନା ଦିଏ ନାହିଁକି ? ଶୁଦ୍ଧୋଦନ ମହାପାତ୍ରଂକ ପିତା ନରହରି ମହାପାତ୍ରଂକ ଶୋଷଣ ଓ ପୀଡ଼ନ କଣ ସେ କାଳର ସୁଧଖୋର ମହାଜନର ଚରିତ୍ରର ପରିଚୟ ଦିଏ ନାହିଁକି ? ଶୁଦ୍ଧୋଦନ ମହାପାତ୍ରଙ୍କର ସୁବିଧାବାଦୀ ନେତୃତ୍ୱ ଏବଂ ସ୍ୱାଧୀନତା ପରେ ମନ୍ତ୍ରୀତ୍ୱ ଲାଭ ପୂର୍ବକ ଆପଣାର ସୁବର୍ଣ୍ଣ ଜୟନ୍ତୀ ପାଳନ, ସେବା ନାମରେ ଆତ୍ମ ପ୍ରତାରଣା, ଜୈବିକ କାମନାର ପରିତୃପ୍ତି ପାଇଁ ନାନା ବ୍ୟଭିଚାର ସହିତ ସଂପୃକ୍ତ କଣ ତାଙ୍କ ବ୍ୟକ୍ତିତ୍ୱର ସୂଚନା ଦିଏ ନାହିଁକି ? ଏ ଚରିତ୍ର କଣ ବାସ୍ତବ ନୁହେଁ ? ଗୌରୀ ଓ କୌଶଲ୍ୟାର ଦୁର୍ଭାଗ୍ୟ ପାଇଁ ସେ ସଂପୂର୍ଣ୍ଣ ଦାୟୀ ହେଲେହେଁ ଅନୁତାପ କରି ନାହାଁନ୍ତି । ଏକ ଚରମ ସୁବିଧାବାଦୀ ରାଜନୈତିକ ନେତାର ସେ ଜୀବନ୍ତ ପ୍ରତିରୂପ । ଯେଉଁ ନିଧି ଦାସ ପାଇଁ ସେ ହୁଏତ ନେତା ହୋଇଥିଲେ ସେହି ନିଧି ଦାସ ମରିଯିବା ସମ୍ବାଦ ପାଇ ମଧ୍ୟ ଶୁଦ୍ଧୋଦନ କୌଣସି ସମ୍ବେଦନା ବା ଭାବାନ୍ତର ପ୍ରକାଶ କରି ନାହାନ୍ତି । ଏପରିକି ରାଜ୍ୟରେ ଉତ୍କଟ ଅନ୍ନାଭାବ ପଡ଼ିଥିଲେ ମଧ୍ୟ ସରକାରୀ କଳର ହିସାବ ଉପରେ ସେ ବିଶ୍ୱାସ କରି ସମାଜସେବୀ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନିଃସ୍ୱାର୍ଥପର ସୈନିକ ହରି ନାୟକଙ୍କ କଥାକୁ ଉପହାସ କରିଛନ୍ତି । ଏପରି ନେତା କଣ ସ୍ୱାଧୀନତା ପରେ ବିରଳ ? ପୁଣି ଲେଖକ ଯେପରି

ଦେଶପ୍ରାଣ ଚନ୍ଦ୍ରପାଣି ପଟ୍ଟନାୟକ, ଦେଶ ଗୌରବ ଜଗବନ୍ଧୁ ମିଶ୍ର, ସ୍ୱଦେଶ ମଣି ହରିହର ଦଣ୍ଡସେନା ଓ ସର୍ଦ୍ଦାର ଅନନ୍ତ ପଣ୍ଡାଙ୍କର ଚରିତ୍ର ଅଙ୍କନ କରି ସେମାନଙ୍କର ବାସ୍ତବ ବ୍ୟକ୍ତିତ୍ୱକୁ ଆଦର୍ଶର ଧୂମ୍ର କୁଣ୍ଡଳ ମଧ୍ୟରୁ ଆବିଷ୍କାର କରିଛନ୍ତି ତାହା କଣ ଲେଖକଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତିର ପରିଚୟ ହୁଏ ନାହିଁକି ? 'ଦେଶପ୍ରାଣ', 'ଦେଶ ଗୌରବ', 'ସ୍ୱଦେଶ ମଣି' ଓ 'ସର୍ଦ୍ଦାର'ମାନଙ୍କୁ ଭାରତର ତଥା ଉତ୍କଳର ଜନନେତାଙ୍କ ପାଖକୁ ଟାଣି ନେଇପିବା କାହିଁକି ? ଉପନ୍ୟାସ ବର୍ଣ୍ଣିତ ନେତାମାନଙ୍କୁ ଲେଖକ ଏପରି ଉପାଧି ଦେଇ କାହିଁକି ବିଦ୍ରୂପ କରିଛନ୍ତି ତାର ବିଚାର କରିପିବା ଉଚିତ । ଏହି ବିଦ୍ରୂପ ଦ୍ୱାରା ଲେଖକ ସିନିକ ହୋଇ ନାହାନ୍ତି । ବରଂ ଆଦର୍ଶର ଅନ୍ତରାଳରେ ଥିବା ପ୍ରକୃତ ବାସ୍ତବ ବ୍ୟକ୍ତି ସତ୍ତାକୁ ସେ ଉଦ୍‌ଘାଟନ କରିଅଛନ୍ତି । ଜଗବନ୍ଧୁ ଓ ଚନ୍ଦ୍ରପାଣିଙ୍କ ମଧ୍ୟରେ ଥିଲା କ୍ଷମତା ଓ ପ୍ରତିଷ୍ଠା ପାଇଁ ପ୍ରଚ୍ଛନ୍ନ ସ୍ୱାର୍ଥ ଓ ସେଇ ସେଇ ସ୍ୱାର୍ଥ ଓ ଅସ୍ମିତାବୋଧହିଁ ପରସ୍ପରକୁ ପରସ୍ପର ପ୍ରତି ଈର୍ଷା ପରାୟଣ କରିଦେଇଥିଲା । ଲବଣ ସତ୍ୟାଗ୍ରହ ପରେ କ୍ଷମତା ପାଇଁ ଏଇ ସଂଗ୍ରାମ ପ୍ରତିଯୋଗିତା ସହରର ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀଙ୍କୁ ମୋହାଚ୍ଛନ୍ନ କରି ଦେଇଥିଲା । ଏଇ ପ୍ରତିଯୋଗିତାର ପରିଣତି ଜଗବନ୍ଧୁ— ଚନ୍ଦ୍ରପାଣି ଓ ଶୁଦ୍ଧୋଦନ । ଜଗବନ୍ଧୁ ଓ ଶୁଦ୍ଧୋଦନ ମିଳିତ ଭାବରେ ଚନ୍ଦ୍ରପାଣିଙ୍କ ଆଦର୍ଶର ବିରୋଧ କରିଛନ୍ତି । ଜଗବନ୍ଧୁଙ୍କ ସହାୟତାରେ ଶୁଦ୍ଧୋଦନ କ୍ଷମତା-ରାଜନୀତିର ଶୀର୍ଷକୁ ଯାଇଛନ୍ତି । ଅଥଚ ଜଗବନ୍ଧୁ ପ୍ରଧାନ ମନ୍ତ୍ରୀ ହେଲା ପରେ ସେ ପୁଣି ତାଂକର ବିରୋଧ କରିଛନ୍ତି ଓ ଚନ୍ଦ୍ରପାଣିଂକ ସହିତ ବନ୍ଧୁତା ସ୍ଥାପନ କରିଛନ୍ତି । ପୁଣି ଶୁଦ୍ଧୋଦନ ସ୍ୱୟଂକୁ ପଛରେ ପକାଇ କ୍ଷମତା-ରାଜନୀତିର ଦୌଡ଼ ପ୍ରତିଯୋଗିତାରେ ଆଗେଇ ଯାଇଛନ୍ତି ଏବଂ ସ୍ୱାଧୀନତା ପରେ ହୋଇଛନ୍ତି ମୁଖ୍ୟ ମନ୍ତ୍ରୀ । ଲେଖକ ଯେପରି ଭାବରେ ଜଗବନ୍ଧୁ ଓ ଚନ୍ଦ୍ରପାଣିଙ୍କ ଚରିତ୍ର ଅବତାରଣା କରିଛନ୍ତି ସେଥିରୁ ସେମାନଙ୍କର ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । 'ଦେଶପ୍ରାଣ' ଓ 'ଦେଶଗୌରବ' ଉପାଧିକୁ ଆମର

ଭାରତର ନେତାମାନଙ୍କ ସହିତ ସଂପୃକ୍ତ ଥିବା ମନୋଭାବରେ ଆଣି ଜଗବନ୍ଧୁ ଓ ଚକ୍ରପାଣିଙ୍କୁ ବହୁର କଳ୍ପନା କଲେ ବିଭ୍ରାଟ ଆସିବା ସ୍ୱାଭାବିକ । ତେଣୁ ଶ୍ରୀ ସଂଜୟଙ୍କର ଏଇ ବହୁର- ବିଭ୍ରାଟ ସୃଷ୍ଟି- ହୋଇଅଛି । କିନ୍ତୁ ଲେଖକ ଯେପରି ବାସ୍ତବ ଭାବରେ ଏମାନଙ୍କର ବ୍ୟକ୍ତିତ୍ୱକୁ ଅନୁଶୀଳନ କରିଅଛନ୍ତି । ତାହା ତାଂକର "ପ୍ରାନ୍ତିକ ଓ କ୍ଷିଆଳି ମନୋଭାବର" ପରିଚୟ ଦିଏନାହିଁ ।

ସୁବିଧାବାଦୀ ଦାମୋଦର ରଥ, ବିପ୍ଳବୀ ଯୁବକ ନରହରି, ସମାଜସେବୀ ଶ୍ୟାମବନ୍ଧୁ, ସାଧାରଣ ନିଃସ୍ୱାର୍ଥପର ବଇଜା ଚମାର, ପତନୋନ୍ମୁଖୀ ଜମିଦାର ଗୋବିନ୍ଦ ବୈଶ୍ୱଶଲ୍ୟ, ନୂତନପନ୍ଥୀ ଜମିଦାର ଦର୍ପନାରାୟଣ ଚୌଧୁରୀ, ସମାଜସେବୀ ମୁସଲମାନ ଡାକ୍ତର ଅକ୍ତାର ମିଆଁ, କୌଶଲ୍ୟା, ଗୌରୀ, ସଖୀଭେକୀ-ମଠର ବାବାଜୀ ଲଳିତା ଦାସ, ମଶାଣିଚଣ୍ଡିଆ ସନ୍ନ୍ୟାସୀ କଲ୍‌କୀ ମହାରାଜ, ନିଧିଦାସଙ୍କ ଭାଳିତ ପୁଅ ନିରଞ୍ଜନ ଆଦି ବିଭିନ୍ନ ଚରିତ୍ର- ମାନଙ୍କର ବ୍ୟକ୍ତିତ୍ୱ ନିଜନିଜର ପରିସର ଓ ପରିବେଶ ମଧ୍ୟରେ ଦୀପ୍ତିମାନ ହୋଇ ଉଠିଛି । ନାରୀ ଚରିତ୍ର ଭାବରେ ନିଧିଦାସଙ୍କର ପତ୍ନୀ, ଗୌରୀ ଓ କୌଶଲ୍ୟା ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି । ବିଭିନ୍ନ ଚରିତ୍ରକୁ ଅନୁଶୀଳନ କଲାବେଳେ ସେମାନଙ୍କର ବ୍ୟକ୍ତିତ୍ୱର ଆଦର୍ଶ ଓ ବାସ୍ତବ ଦିଗ ଉଦ୍‌ଭାସିତ ହୋଇଥିବା ଲକ୍ଷ୍ୟ କରାଯାଏ ଓ ସର୍ବୋପରି ବାସ୍ତବ ଦିଗଟି ପ୍ରତିଷ୍ଠା ଅର୍ଜନ କରିଥିବା ଜଣାଯାଏ । ତେଣୁ 'ଅନ୍ଧ ଦିଗନ୍ତ' ଉପନ୍ୟାସର ବ୍ୟକ୍ତି ଓ ବ୍ୟକ୍ତିତ୍ୱ — ହୀନପ୍ରଭ ନୁହଁନ୍ତି; ବରଂ ସ୍ୱ ସ୍ୱ ପରିବେଶ ମଧ୍ୟରେ ଗତିଶୀଳ ଓ ପ୍ରଭାବଶାଳୀ ।

'ଅନ୍ଧ ଦିଗନ୍ତ'ର ବିଷୟବସ୍ତୁ ଓ ଚରିତ୍ର ଗୁଡ଼ିକର ଅନ୍ତର୍ଦ୍ୱନ୍ଦ୍ୱ ବିଶ୍ଳେଷଣ କଲେ ସେଥିରୁ ଲେଖକଙ୍କର ବ୍ୟକ୍ତିତ୍ୱର ଆଦର୍ଶ ସମ୍ପର୍କରେ ଅବଧାରିତ ହୋଇଥାଏ । ପ୍ରତ୍ୟେକ ଶ୍ରେଷ୍ଠ ଲେଖକର ବ୍ୟକ୍ତିତ୍ୱ ତାର ଉପନ୍ୟାସ ବର୍ଣ୍ଣିତ ଚରିତ୍ରମାନଙ୍କ ଭିତରେ ପ୍ରଚ୍ଛନ୍ନ ଭାବରେ ଆତ୍ମପ୍ରକାଶ କରିଥାଏ । ଏଇ ଦୃଷ୍ଟିରୁ ବିଭିନ୍ନ ଚରିତ୍ର ମଧ୍ୟ ଦେଇ ଲେଖକଙ୍କ

ବ୍ୟକ୍ତିତ୍ୱର ନିଦର୍ଶନ ମିଳେ । ଲେଖକ ପୁଣି ଏହି ଉପନ୍ୟାସରେ ଜଣେ ଚରିତ୍ର । ନିଧିଦାସଙ୍କ ମୃତ୍ୟୁ ପଶ୍ଚାତ୍ ସମୟରେ ସେ ତାଙ୍କ ଘରକୁ ଆସିଥିଲେ । ସେ ପୁଣି ନିଧିଦାସଙ୍କ ମୃତ୍ୟୁ ସମ୍ବାଦ ନେଇ ଶୁଦ୍ଧୋଦନ ମହାପାତ୍ରଙ୍କୁ ଦେଇଥିଲେ । ଅଥଚ ମୁଖ୍ୟମନ୍ତ୍ରୀ ନିଧିଦାସଙ୍କୁ ଚିହ୍ନିପାରିଲେ ନାହିଁ । ଏହାପରେ ଲେଖକ ଅନ୍ଧଦିଗନ୍ତ ଉପନ୍ୟାସର ବିଷୟବସ୍ତୁର ପରିକଳ୍ପନା କରିଅଛନ୍ତି । ନିଧିଦାସଙ୍କ ପ୍ରତି ତାଙ୍କର ସମ୍ବେଦନା ଓ କ୍ଷମତାଦୃପ୍ତ ରାଜନୀତିକ ନେତା ଶୁଦ୍ଧୋଦନଙ୍କ ପ୍ରତି କଟାକ୍ଷପାତହିଁ ତାଙ୍କ ବ୍ୟକ୍ତିତ୍ୱର ଅନ୍ତଃସ୍ୱର । ଏହି ବ୍ୟକ୍ତିତ୍ୱ ପୁଣି ଭାରତୀୟ ମୁକ୍ତି ସଂଗ୍ରାମର ନେପଥ୍ୟରେ ଚାଲୁଥିବା ନାନା ଘଟଣାର ଭାବାତ୍ମକ ବିଶ୍ଳେଷଣ କରିଛି । ଗାନ୍ଧିବାଦୀ ଆନ୍ଦୋଳନକୁ ସେ ସମର୍ଥନ କରୁଥିଲେ ମଧ୍ୟ ଗାନ୍ଧିଜୀଙ୍କର ଅନଶନକୁ ବ୍ୟଙ୍ଗ କରିଅଛନ୍ତି । ଗାନ୍ଧି ଥିଲେ ଜାଗରଣର ପାଞ୍ଚଜନ୍ୟ । ତଥାପି ସ୍ୱାଧୀନତାର ଠିକ୍ ପୂର୍ବ ମୁହୂର୍ତ୍ତରୁ ଓ ସ୍ୱାଧୀନତା ପରେ ତାଙ୍କର ଆଦର୍ଶ ସେପରି ଭୁଷୁଡ଼ି ପଡ଼ିଲା । ଏହି କାରଣରୁ ଲେଖକ କହିଛନ୍ତି—"ବ୍ୟାଧି ଚିହ୍ନିବାରେ ଗାନ୍ଧିଜୀଙ୍କର ଭୁଲ ନଥିଲା, ମାତ୍ର ସେତେବେଳେ ଭାରତର ଜାତୀୟତା ଦେହରେ, ସାମ୍ପ୍ରଦାୟିକ ବ୍ୟାଧିର ଯେଉଁ ଉତ୍କଟ ବିସ୍ଫୋଟକମାନ ସୃଷ୍ଟି ହେଉଥିଲା, ଉପଶମ ବା, ଆରୋଗ୍ୟ କରିବା ଅବସ୍ଥାରେ ତାହା ନଥିଲା । କାଞ୍ଚଣୀ ଲଗାଇ ବିସ୍ଫୋଟକର ପ୍ରକୋପ ଶାନ୍ତ କରିବା ପରି ଅନଶନ ଦ୍ୱାରା ସାମ୍ପ୍ରଦାୟିକ ସମସ୍ୟାର ସମାଧାନ ଉଦ୍ୟମ ସେଇଆ ପରି ହୋଇଥିଲା ।" (୨୯) ଏହାଦ୍ୱାରା ଲେଖକ ଗାନ୍ଧିଙ୍କ ପ୍ରତି ଅବମାନନା କରି ନାହାନ୍ତି ମାତ୍ର ପ୍ରକୃତ ସତ୍ୟକୁହିଁ ପ୍ରକାଶ କରିଅଛନ୍ତି । ଏକଦା ଅନଶନ ଥିଲା ସମସ୍ୟା ସମାଧାନର ଏକ ଅବ୍ୟର୍ଥ ଅସ୍ତ୍ର ମାତ୍ର ସ୍ୱାଧୀନତା ପରେ ଏହି ଅସ୍ତ୍ର ବ୍ୟର୍ଥତାରେ ପରିଣତ ହେଲା । ତାର କାରଣ ହେଲା ସୁବିଧାବାଦୀ ନେତାଙ୍କର ରାଜନୀତିରେ ସ୍ୱାର୍ଥ ଅର୍ଜନ ଓ ବୃତ୍ତି ସର୍ବସ୍ୱ ସାମନ୍ତବାଦୀ ସମାଜର ପିତୃପଦରେ ଦର୍ପନାରାୟଣଙ୍କ ପରି ବ୍ୟକ୍ତିଙ୍କର

---

୨୯—ଅନ୍ଧଦିଗନ୍ତ—ପୃ ୧୫୯

ଅଧିଷ୍ଠାନ । ଲେଖକ ସ୍ପଷ୍ଟ ଅନୁଭବ କରଥିଲେ—"ସ୍ୱାଧୀନତା ଭିକ୍ଷାର ବସ୍ତୁ ନୁହେଁ ବା ଦାନର ସାମଗ୍ରୀ ନୁହେଁ । ବାହୁବଳରେ ଯେଉଁ ସ୍ୱାଧୀନତା ଆହୃତ ହୁଏ ନାହିଁ, ଯେଉଁ ସ୍ୱାଧୀନତା ପାଇଁ ତିଳେ ତିଳେ ଦେହପାତ ନାହିଁ, ଆତ୍ମ ବିସର୍ଜନ ନାହିଁ, ସେ ସ୍ୱାଧୀନତା କେବଳ କ୍ଷମତା-ହସ୍ତାନ୍ତର ହୋଇପାରେ; ମାତ୍ର ସେଥିରେ କୌଣସି ନୂତନ ଆଦର୍ଶର ସନ୍ଧି ବା ସ୍ୱାଦ ମିଳିବ ନାହିଁ । ସେ ସ୍ୱାଧୀନତା କେବଳ ଏକ ସୁବିଧାବାଦୀ ଆପୋଷୀ । ଏକ ପ୍ରଚଣ୍ଡ ସଂଘାତ ମଧ୍ୟରେ କୌଣସି ନୂତନ ଆଦର୍ଶର ସନ୍ଧାନ ନୁହେଁ ଏସବୁ ।" (୩୦) ଏହି ଉକ୍ତି ମଧ୍ୟରେ ଲେଖକଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ ।

'ଅନ୍ଧଦିଗନ୍ତ' ପରି ଏକ ରାଜନୈତିକ ଉପନ୍ୟାସ ପରିକଳ୍ପନା କରି ସେଥିରେ ସେ ବିଭିନ୍ନ ଚରିତ୍ରର ରୂପାୟନ କରିଥିଲେହେଁ ଆପଣାର ରାଜନୈତିକ ଆଦର୍ଶକୁ ପ୍ରସଙ୍ଗକ୍ରମେ ଉପସ୍ଥାପନ କରିଅଛନ୍ତି । ଲେଖକଙ୍କର ବ୍ୟକ୍ତିତ୍ୱ ବିଭିନ୍ନ ଚରିତ୍ର ମାନଙ୍କର ବ୍ୟକ୍ତିତ୍ୱ ସହିତ ମିଶି ଏକ ଚମତ୍କାରି ଭାବରୂପ ସୃଷ୍ଟି କରିଅଛି । ତେଣୁ 'ଅନ୍ଧଦିଗନ୍ତ' ବ୍ୟକ୍ତି ଓ ବ୍ୟକ୍ତିତ୍ୱର ରୂପାୟନରେ ଏକ ଅମଳିନ ସୃଷ୍ଟି ।

## 'ଅନ୍ଧଦିଗନ୍ତ'ର ଗଠନ ଶୈଳୀ ଓ ଭାଷା ପ୍ରୟୋଗ :

'ଅନ୍ଧଦିଗନ୍ତ' ଉପନ୍ୟାସର ଆରମ୍ଭ ହୋଇଛି ନଧି ଦାସର ମୃତ୍ୟୁ ଘଟଣାକୁ କେନ୍ଦ୍ର କରି । ନଧି ଦାସ ସ୍ୱରାଜ ଆନ୍ଦୋଳନର ସୈନିକ— ବିଗତ ଅଗ୍ନି ଯୁଗର ଇତିହାସ । ଅଥଚ ସ୍ୱାଧୀନତା ପରେ ସେ ବହୁ ଭାବରେ ହେଲେ ନିର୍ଯ୍ୟାତିତ । କ୍ଷମତା ଓ ଦର୍ପର ସଂଘ ଦ୍ୱାରରେ ଭିକ୍ଷା ନେବାପାଇଁ ସ୍ୱାଧୀନତା ପରେ ଲୋକେ ଭିଡ଼ ଜମାଇବାକୁ ଲାଗିଲେ । ସ୍ୱରାଜ ଆନ୍ଦୋଳନରେ ଯୋଗ ନ ଦେଇ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ରୂପେ ଆପଣାକୁ ପରିଚୟ ଦେଇ ଲୋକେ ପେନ୍‌ସନ ପାଇଲେ ମାତ୍ର ସ୍ୱାଭିମାନୀ ନଧୀ ଦାସ ଏପରି ହୀନ କାର୍ଯ୍ୟ କରିବାକୁ ଇଚ୍ଛା କଲେ ନାହିଁ ।

---

୩୦ — ତତ୍ରୈବ—ପୃ ୩୦୨

ବରଂ ସେ ଶେଷ ଜୀବନରେ ଦେଶଦ୍ରୋହୀ ଓ ସମାଜଦ୍ରୋହୀ ରୂପେ ପରିଚିତ ହେଲେ । ତାଙ୍କୁ କମ୍ୟୁନିଷ୍ଟ ବୋଲି ପ୍ରଚଳିତ କ୍ଷମତା ରାଜନୀତି ଘୋଷଣା କଲା । ବହୁ ଦିନରୁ ସେ ପତ୍ନୀ ହରାଇଥିଲେ—ସମ୍ପତ୍ତିବାଡ଼ି ହରାଇଥିଲେ—ପୁତ୍ର ନିରଞ୍ଜନ ମଧ୍ୟ ତାଙ୍କଠାରୁ ଦୂରେଇ ଯାଇଥିଲା । ସେ ଏକାନ୍ତ ନିଃସଙ୍ଗ ଭାବରେ ମୃତ୍ୟୁବରଣ କଲେ । ତାଙ୍କ ପାଇଁ ଖବର କାଗଜରେ ସମ୍ବାଦ ବାହାରିଲା ନାହିଁ । କେହି ତାଙ୍କ ପାଇଁ ଶୋକ ସଭା କଲେ ନାହିଁ । ଅଥଚ ତାଙ୍କରି ଯୋଗୁ ନେତା ହୋଇଥିବା ସୁବିଧାବାଦୀ ଶୁଦ୍ଧୋଦନ ମହାପାତ୍ର ସ୍ୱାଧୀନତାପରେ ହେଲେ ମନ୍ତ୍ରୀ । ସେ ମଧ୍ୟ ନିଧି ଦାସଙ୍କୁ ଭଲ ଭାବରେ ଜାଣି ନ ଚିହ୍ନିବାର ଛଳନା କଲେ । କ୍ଷମତା—ପ୍ରବଞ୍ଚନା—ପ୍ରତାରଣା—ବିଳାସ ଓ ଆତ୍ମସ୍ୱାର୍ଥ ଭିତରେ ସେ ସମସ୍ତ କାଟିବାକୁ ଲାଗିଲେ । ସ୍ୱାଧୀନତା ପରବର୍ତ୍ତୀ ସମାଜରେ ମନ୍ତ୍ରୀ-ମାନଙ୍କର କ୍ଷମତାନ୍ଧତା ଓ ଆତ୍ମପ୍ରଚାର କିପରି ଉତ୍କଟ ହୋଇ ଉଠୁଛି ସେ କଥାକୁ ଲେଖକ କଠୋର ବ୍ୟଙ୍ଗ ବିଦ୍ରୂପ କରି ଅଛନ୍ତି । ଉପନ୍ୟାସର ଆରମ୍ଭ ହୋଇଛି ନିଧି ଦାସଙ୍କ ମୃତ୍ୟୁ ଓ ମନ୍ତ୍ରୀ ଶୁଦ୍ଧୋଦନଙ୍କର ସୁବର୍ଣ୍ଣ ଜୟନ୍ତୀ ପାଳନ—ଏଇ ଦୁଇ ଘଟଣାର ପାରସ୍ପରିକ ଦ୍ୱନ୍ଦ୍ୱରୁ । ଗୋଟିଏ ପଟରେ ସ୍ୱରାଜ ସୈନିକ ନିଧି ଦାସର ଅସହାୟ ନିଃସଙ୍ଗ ମୃତ୍ୟୁ ଏବଂ ଅପର ପକ୍ଷରେ ସୁବିଧାବାଦୀ ରାଜନୀତିକ ନେତା ଶୁଦ୍ଧୋଦନ ମହାପାତ୍ର-ଙ୍କର କ୍ଷମତାଭିଳାଷ—ଏହି ଘଟଣାକୁ ଲେଖକ ବର୍ଣ୍ଣନା କରିସାରିବା ପରେ ପରେ ୧୯୨୧ ମସିହାର ଅସହଯୋଗ ଆନ୍ଦୋଳନଠାରୁ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ଏବଂ ସ୍ୱାଧୀନତାଠାରୁ ପ୍ରଥମ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଭିନ୍ନ ଘଟଣାକୁ ଲେଖକ ରୂପାୟନ କରି ଅଛନ୍ତି । ନିଧି ଦାସଙ୍କ ମୃତ୍ୟୁର ପୃଷ୍ଠଭୂମି ଉପରେ ଲେଖକ ଅତୀତର ଅନୁଚିନ୍ତା କରିଛନ୍ତି । ଅବଶେଷରେ ନିଧି ଦାସଙ୍କ ଶବ ସଂସ୍କାର ଓ ଦଶାହ ବିଧିର ବର୍ଣ୍ଣନା କରାଯାଇଛି ଏବଂ ନିଧି ଦାସଙ୍କ ଭସ୍ମ ସ୍ତୂପ ଉପରୁ ପାଉଁଶ ନେଇ ଦେହରେ ବୋଳି ହୋଇଛି ଗୈରିକ ବସନ ପରିହିତା ବୁଢ଼ୀ ଗୌରୀ । ସେହି ଭସ୍ମହିଁ ଥିଲା ତା'ପକ୍ଷରେ ତୀର୍ଥ ରେଣୁ । ନିଧି ଦାସଙ୍କ ତ୍ୟାଗ ଓ ଆତ୍ମୋତ୍ସର୍ଗହିଁ ଗୌରୀକୁ ଅଭିଭୂତ କରି ଦେଇଥିଲା । ଉପନ୍ୟାସର

କଥାବସ୍ତୁକୁ ଲେଖକ ଏପରି ନାଟକୀୟ ଭାବରେ ଆରମ୍ଭ କରି ବର୍ଣ୍ଣନା କରିଅଛନ୍ତି ଯାହାକି ପାଠକମାନଙ୍କୁ ଗଭୀର ଆନନ୍ଦ ଦେଇଥାଏ । ଉପନ୍ୟାସର ଆରମ୍ଭ ବର୍ତ୍ତମାନରୁ ଏବଂ ଶେଷ ସେହି ବର୍ତ୍ତମାନରେ ମାତ୍ର ବର୍ତ୍ତମାନର ବେଦନାବୋଧ ଲେଖକଙ୍କୁ ଅତୀତର ସ୍ମୃତି ସ୍ମରଣ କରିବାକୁ ପ୍ରେରଣା ଦେଇଅଛି । ସେହି ଅତୀତର ସ୍ୱରାଜ ଆନ୍ଦୋଳନର ଇତିହାସହିଁ ହୋଇଛି ଉକ୍ତ ଉପନ୍ୟାସର ମୁଖ୍ୟ କଥାବସ୍ତୁ ।

ସାମ୍ବାଦିକ ଶୈଳୀରେ ଉପନ୍ୟାସଟି ଲିଖିତ ହୋଇଛି ଆରମ୍ଭରୁ। ଲେଖକ ଏହି ଉପନ୍ୟାସର ଅନ୍ୟତମ ଚରିତ୍ର । ସେ ଜଣେ ସାମ୍ବାଦିକ ଭାବରେ ନିଧି ଦାସଙ୍କ ସମ୍ପର୍କରେ ଯାହା ଜାଣିଥିଲେ ବା ଶୁଣିଥିଲେ ତାହାକୁ ଉପନ୍ୟାସ ଶୈଳୀରେ ପ୍ରକାଶ କରିଅଛନ୍ତି । ନିଧିଦାସଙ୍କ ମୃତ୍ୟୁ ଓ ତାଙ୍କର ଦଶାହ ପାଳନ ଉପଲକ୍ଷେ ଆୟୋଜିତ ନଗଣ୍ୟଗ୍ରାମ୍ୟ ଶ୍ରାଦ୍ଧଘରୁ କଥାବସ୍ତୁ ଆରମ୍ଭ ହୋଇ ସେଇଥିରେ ଶେଷ ହୋଇଅଛି ମାତ୍ର ସଭା ହୋଇନାହିଁ । ସଭାର ଆୟୋଜନ ହୋଇଛି ମାତ୍ର ଲୋକ ନାହାନ୍ତି । ଲେଖକ ନିଧିଦାସଙ୍କ ମୃତ୍ୟୁର ସପ୍ତମ ଦିବସରେ. ଚିଠି ପାଇଲେ । ତତ୍ପରେ ସେ ଗଲେ ନିରଞ୍ଜନଙ୍କୁ ଖବର ଦେବା ଲାଗି ମାତ୍ର ନିରଞ୍ଜନ ବାପାଙ୍କ ମୃତ୍ୟୁ ସମ୍ବାଦ ପାଇ ମଧ୍ୟ ଆସିଲା ନାହିଁ । ସେ ପୁଣି ସାମ୍ବାଦିକ ଭାବରେ ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣଜୟନ୍ତୀ ପାଳନ ଓ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଯାଇ ସମ୍ବାଦ ନେଉଥିଲେ । ସେଠାରେ ସେ ମୁଖ୍ୟମନ୍ତ୍ରୀ ଶୁଦ୍ଧୋଦନ ମହାପାତ୍ରଙ୍କୁ ନିଧିଦାସଙ୍କ ମୃତ୍ୟୁ ସମ୍ବାଦ ଦେଲେ । ଅଥଚ ଶୁଦ୍ଧୋଦନ ସେଥିପ୍ରତି କର୍ଣ୍ଣପାତ କଲେ ନାହିଁ । ସେ ନିଧି ଦାସଙ୍କର ଦଶାହ ଦିନ ଗ୍ରାମକୁ ଆସିଲେ । ଅଥଚ ନିଧି ଦାସଙ୍କ ଶ୍ରାଦ୍ଧ ସଭାରେ କେହି ନାହାନ୍ତି । ଏହି ବେଦନାବୋଧ ତାଙ୍କୁ ଉକ୍ତ ଉପନ୍ୟାସ ଲେଖିବାକୁ ପ୍ରେରଣା ଦେଇଛି । ତେଣୁ ସାମ୍ବାଦିକ ଢାଞ୍ଚାରେ ଉପନ୍ୟାସ ଆରମ୍ଭ ହୋଇ ଥିଲେହେଁ ଏହାର ଶେଷ ବିକାଶ ସୃଜନଶୀଳ ଲେଖକର ଶୈଳୀରେ ହୋଇଅଛି । ଶ୍ରୀ ସଞ୍ଜୟ କୁମାର ଅଭିଯୋଗ କରିଛନ୍ତି—"ଏହା ସାମ୍ବାଦିକ ଢଙ୍ଗରେ ଲିଖିତ । ମାତ୍ର ସାମ୍ବାଦିକର ସତ୍ୟସାମାନ୍ୟ ନିର୍ଲିପ୍ତ

ଉଚ୍ଚାରଣ ଏଥିରେ ଅଛି କି ? ସାମ୍ବାଦିକର ସଠିକ ସଙ୍ଗତ ବିବରଣୀ ଏଥିରେ ମିଳୁଛି କି ? ୧୯୨୦ ଠାରୁ ୧୯୪୭ ପର୍ଯ୍ୟନ୍ତ ଭାରତଙ୍କ ସ୍ୱାଧୀନତା ଆନ୍ଦୋଳନ କ୍ଷେତ୍ରରେ ଯେଉଁସବୁ ଘଟଣା ଓ ଦୁର୍ଘଟଣାମାନ ଘଟିଥିଲା, ସେଗୁଡ଼ିକର ସୁସଙ୍ଗତ ଓ ସୁଷମ ବିବରଣୀ ଏଥିରେ ନାହିଁ । ଏଥିରେ ରହିଛି ସେହିସବୁ ଘଟଣା, ଯାହାକି ଲେଖକଙ୍କର ଖିଆଲି ଉଦ୍ଦେଶ୍ୟ ବା ମନୋଭାବ ସଙ୍ଗେ ସମ୍ପୃକ୍ତ ହୋଇ ପାରୁଛନ୍ତି ।" (୩୧) ସାମ୍ବାଦିକର ନିର୍ଲିପ୍ତ ଉଚ୍ଚାରଣ ଓ ସଠିକ ସଙ୍ଗତ ବିବରଣୀ କଣ ସୃଜନଶୀଳ ସାହିତ୍ୟ ? ଏହା ନାହିଁ ବୋଲି କଣ ଅନ୍ଧଦିଗନ୍ତ ସୃଷ୍ଟି ପୂର୍ଣ୍ଣ ରଚନା ? ସମ୍ବାଦ ପ୍ରକାଶରେ ସାମ୍ବାଦିକର ନିର୍ଲିପ୍ତତା ଯିବା ଆବଶ୍ୟକ ମାତ୍ର ଉପନ୍ୟାସ ବର୍ଣ୍ଣନାରେ ଲେଖକ ନିର୍ଲିପ୍ତ ରହି ପାରିବ କି ? ଉପନ୍ୟାସ ବର୍ଣ୍ଣିତ ଘଟଣା ଓ ଚରିତ୍ରର ବ୍ୟକ୍ତିତ୍ୱ ମଧ୍ୟରେ ଲେଖକର ବ୍ୟକ୍ତିତ୍ୱ ସମନ୍ୱିତ ହୁଏ ନାହିଁ କି ? ସ୍ୱରାଜ ଆନ୍ଦୋଳନର ରାଜନୈତିକ ଇତିହାସ କଣ 'ଅନ୍ଧଦିଗନ୍ତ' ? ତତ୍‌କାଳୀନ ଘଟଣା ଓ ଦୁର୍ଘଟଣା ଗୁଡ଼ିକର ସୁସଙ୍ଗତ ଓ ସୁଷମ ବିବରଣୀର ଭାବାତ୍ମକ ପ୍ରକାଶ କଣ ଏଥିରେ ନାହିଁ ? ତେଣୁ ଏହା ଲେଖକଙ୍କର ଖିଆଲି ଉଦ୍ଦେଶ୍ୟ ବା ମନୋଭାବର ପରିଚୟ କିପରି ଦେଉଛି ? ଲେଖକ ଯେଉଁ ଘଟଣା ବା ଦୁର୍ଘଟଣାକୁ ମୁଖ୍ୟ ମନେ କରିଛନ୍ତି ତାର ଭାବାତ୍ମକ ଓ କଳାତ୍ମକ ରୂପ ପ୍ରଦାନ କରିଛନ୍ତି । ଗାନ୍ଧିଜୀଙ୍କର ରାଜନୈତିକ ଆଦର୍ଶ, ଅନଶନ ଓ ଅହିଂସା ସମ୍ପର୍କରେ ଭାରତର ତଥା ପୃଥିବୀର ବହୁ ଚିନ୍ତାଶୀଳ ବ୍ୟକ୍ତି ସନ୍ଦେହ ପ୍ରକାଶ କରି ଅଛନ୍ତି । ଲେଖକଙ୍କର ମୂଳ ଉଦ୍ଦେଶ୍ୟ ହେଉଛି ଗାନ୍ଧିବାଦୀ ରାଜନୈତିକ ଆଦର୍ଶର ବ୍ୟର୍ଥତା ଏବଂ ସେଇ ସତ୍ୟର ବିଭିନ୍ନ ପ୍ରସଙ୍ଗରେ ରୂପାୟନ । ତେଣୁ ତାଙ୍କର ମୂଳ ଆଦର୍ଶ ପ୍ରତି ଯେ ବିଶ୍ୱାସ ବା ନିଷ୍ଠା ନାହିଁ ଏକଥା କହିବା ସମୀଚୀନ ନୁହେଁ । ଗାନ୍ଧିଜୀଙ୍କ ପ୍ରତି ଲେଖକଙ୍କର ଶ୍ରଦ୍ଧା ବା ଭକ୍ତି କେଉଁଠି ନ୍ୟୂନ ହୋଇନାହିଁ । ବରଂ

---

୩୧— ଶ୍ରୀ ସଜନ୍ସ— ଅନ୍ଧଦିଗନ୍ତ ଓ ନିଧି ଦାସ—ସମାବେଶ—ପୃ ୧୦୪— ଜାନୁଆରୀ ୧୯୭୯

ଗାନ୍ଧିଙ୍କ ନାମ ଉପରେ ସାରା ଭାରତବର୍ଷରେ ସାଧାରଣ ଲୋକଙ୍କ ଭିତରେ ଉଦ୍ଦୀପନା ଭାବରେ କାର୍ଯ୍ୟ କରୁଥିଲା ତାର ଜୀବନ୍ତ ବର୍ଣ୍ଣନା କରିଅଛନ୍ତି । ତା'ହାସତ୍ତ୍ୱେ ଲବଣ ସତ୍ୟାଗ୍ରହ ପରଠାରୁ ନେତାମାନଙ୍କ ଭିତରେ କ୍ଷମତା-ସଂଘର୍ଷ ଯେପରି ତୀବ୍ର ହୋଇ ସ୍ୱାଧୀନତା ପରେ ଏହି ସଂଘର୍ଷ ଉଦଗ୍ର ରୂପ ଧାରଣ କଲା ଓ ଗାନ୍ଧିଙ୍କ ଆଦର୍ଶ କେବଳ ଆଦର୍ଶରେହିଁ ରହିଗଲା ସେହି ସତ୍ୟକୁ ଲେଖକ ଉପଲବ୍ଧି କରି ଆଦର୍ଶ ଭିତରୁ ବାସ୍ତବଟିକୁହିଁ ଖୋଜିଛନ୍ତି ।

'ଅନ୍ଧଦିଗନ୍ତ'ର ମନୋଭାବ ସିନିକ୍ ମାତ୍ର ଏହା ତରଳ ଭାବପ୍ରବଣ ଖିଆଲି ମନର ସ୍ୱପ୍ନ ନୁହେଁ । ଏଥିରେ ବିଦ୍ରୂପ ଅଛି ମାତ୍ର ଏହା ତୁଚ୍ଛ ତାଚ୍ଛଲ୍ୟ ନୁହେଁ । ଏହାର ଭାଷାଶୈଳୀ ମଧ୍ୟ ବ୍ଲାସ୍‌ଫେମି ନୁହେଁ । ଅତିହଲୁକା ଆକ୍ରୋଶରେ ଲେଖକ କୌଣସି ମହତ୍ ବ୍ୟକ୍ତି ବା ମୂଲ୍ୟ-ବୋଧକୁ ଅସଂଗତ ଓ ଅସଂଯତଭାବେ ଖିଆଲୀ ଓ ଅପରିଶୀଳିତ ଭାଷାରେ ତୁଚ୍ଛତାଚ୍ଛଲ୍ୟ କରି ନାହାନ୍ତି । ବରଂ ମନେ ହୁଏ ଶ୍ରୀ ସଂଜୟଙ୍କର ସିନିକ୍ ଓ ,ବ୍ଲାସ୍‌ଫେମିର ବ୍ୟାଖ୍ୟାର ପୃଷ୍ଠଭୂମିରେ ଅନ୍ଧଦିଗନ୍ତ ଓ ଲେଖକଙ୍କ ପ୍ରତି ଆକ୍ରୋଶ ମୂଳକ ଭାଷାହିଁ ତାଙ୍କର ସିନିକ୍ ଦୃଷ୍ଟିକୋଣର ପରିଚୟ ଦେଇ ଥାଏ । ଅନ୍ଧଦିଗନ୍ତର ଭାଷା କୃତ୍ରିମ ନୁହେଁ । ଶୈଳୀ ବ୍ଲାସ୍‌ଫେମି ନୁହେଁ । ମନୋଭାବ ସିନିକ୍ ନୁହେଁ । ବରଂ ଏହାର ଭାଷା ପ୍ରାଣବନ୍ତ । ଶୈଳୀ ଭାବଦ୍ୟୋତକ । ମନୋଭାବ ନୂତନ ରାଜନୀତିକ ଓ ମାନବିକ ଆଦର୍ଶର ପ୍ରକାଶକ ।

ଏହି ଉପନ୍ୟାସର ଭାଷା ବିନ୍ୟାସ ଓ ଶୈଳୀ ସ୍ୱତନ୍ତ୍ର । ଲେଖକ ଏଥିରେ କେତେକ ନିର୍ଦ୍ଦିଷ୍ଟ ଉପମା ଧର୍ମୀ ଭାଷାର ବ୍ୟବହାର କରି ଅଛନ୍ତି । ସେ ବଳଦ ଆଖିକୁ ଅନେକ ଥର ଉପମା ଭାବରେ ବର୍ଣ୍ଣନା କରି ଅଛନ୍ତି ।

ବଳଦର ଆଖି ପରି ଅଭିବ୍ୟକ୍ତିହୀନ ଡ଼ମା ଡ଼ମା ସରଳ ନିର୍ବୋଧ ଆଖି । ପୃ ୩୬

● ବଳଦର ଆଖି ପରି ତାଂକର ଦୁଇଟା ବଡ଼ ବଡ଼ ନିର୍ବୋଧ ନିସ୍ପୃହ ଆଖି ଆହତ ଅଭିମାନରେ ଛଳ ଛଳ ହୋଇ ଉଠିଲା । ପୃ ୮

● ନିଧି ବଡ଼ାପୁଆ ଅଭିମାନ କଲେ ବଳଦର ଆଖି ପରି ତାଂକର ନିସ୍ପୃହ ନିର୍ବୋଧ ଆଖି ଦୁଇଟା ଛଳ ଛଳ ହୋଇ ଉଠୁଥିଲା । ପୃ ୯

● ନିଧି ଦାସଂକ ବଳଦ ପରି ନିସ୍ପୃହ ଆଖି ଦୁଇଟି, ପ୍ରଚଣ୍ଡ ଘୃଣା ଓ କ୍ରୋଧରେ ରକ୍ତନିଆଁ ପରି ଦପ୍ ଦପ୍ ଜଳି ଉଠିଲା । ପୃ ୫୯

● ନିଧି ଦାସ ବଳଦ ପରି ଢମା ଢମା ନିର୍ବୋଧ ଆଖିରେ ଶୁଦ୍ଧୋଦନଙ୍କ ଆଡ଼େ କେବଳ ଅନାଇ ରହିଲେ । ପୃ ୭୫

● ଢମା ଢମା ବଳଦ ଆଖିଆ ବନ୍ଧୁ ନିସ୍ପୃହ ଗୋବର୍ଦ୍ଧନଙ୍କୁ ଯେପରି ଗୋଟିଏ ଗୋଟିଏ ଦୁରନ୍ତ ଶକ୍ତିଶାଳୀ ପ୍ରମତ୍ତ ଦୁର୍ବାର ଶକ୍ତିରେ ପରିଣତ କରିଥିଲା । ପୃ ୨୨୨

ଲେଖକ ପୁଣି ଆଖିକୁ ପିଆଜ ପାଖୁଡ଼ା ସହିତ ମଧ୍ୟ ତୁଳନା କରି ବାରମ୍ବାର ବର୍ଣ୍ଣନା କରିଥିବା ଦେଖାଯାଏ ।

● ଗହନ ଭ୍ରୂଲତା ତଳେ ଆଖି ଦୁଇଟି ଗଞ୍ଜେଇ ଓ ଖଜୁରି ତାଡ଼ି ନିଶାରେ ସବୁବେଳେ ପିଆଜ ପାଖୁଡ଼ା ପରି ଲାଲ ଓ ଅର୍ଦ୍ଧନିମୀଳିତ । ପୃ ୮୩

● ଗୋବର୍ଦ୍ଧନ ପିଆଜ ପାଖୁଡ଼ା ପରି ନିଦରଙ୍ଗା ଆଖି ମେଲି ଆଗନ୍ତୁକ ଆଡ଼େ କେବଳ ଅନାଇଁ ରହିଥିଲେ । ପୃ ୨୧୩

● ତେଣୁ ତାଙ୍କ ଆଖି ଦୁଇଟା ଗଞ୍ଜେଇ କି ଖଜୁରି ତାଡ଼ି ନିଶାରେ ଦୁଇ ଫଡ଼ା ନାଲି ପିଆଜ ପରି ଦିଶୁଥିଲା, ତାହା ଜାଣିବାର ଉପାୟ ନଥିଲା । ପୃ ୨୨୨

● ପିଆଜ ପାଖୁଡ଼ା ପରି ତାଙ୍କର ରଙ୍ଗା ଆଖି ଅସ୍ୱାଭାବିକ କଠୋରତାରେ ଭୀଷଣ ଭୟଙ୍କର ଦିଶୁଥିଲା । ପୃ ୩୬୧

• ନଟ୍ଟ, ପିଆଜ ଖାଖୁଡ଼ା ପରି ଭଙ୍ଗା ଆଖି ମେଲି ନଧି ଦାସଙ୍କ ଆଡ଼େ ଚାହିଁଲା । ପୃ ୩୯୭

ଆଖିର ମଧ୍ୟ ଆନ୍ତର କେତେ ଉପମା ପ୍ରୟୋଗ ହୋଇଥିବା ଦେଖିବାକୁ ମିଳେ ।

• ଅଭିବ୍ୟକ୍ତିହୀନ କାଚର ଆଖି ପରି ଆଖିର ଅରଣ୍ୟ ମଧ୍ୟରେ କେଉଁଆଡ଼େ ହଜିଗଲା । ପୃ ୩୪୫

• କାଚର ଆଖି ପରି ଆଖି ମେଲି ତଙ୍ଗା ଆଡ଼େ ଚାହିଁଲେ । ପୃ ୩୫୬

• ପଥର ଖେଳା ଆଖି ପରି ନବାଜ, ନିଷ୍ପନ୍ଦ ଆଖି ମେଲି, ନଟ୍ଟୁ ନଧି ଦାସଙ୍କ ଆଡ଼େ କେବଳ ଅନାଇଁ ରହିଥିଲା । ପୃ ୩୭୦

• ଗୌରୀ ମଧ୍ୟ ଠିକ୍ ନଟ୍ଟୁ ପରି ଯେତେ ପ୍ରଶ୍ନ ପଚାରିଲେ କୌଣସି ଉତ୍ତର ନଦେଇ, ପଥରର ଆଖି ପରି ନବାଜ୍ ଆଖି ମେଲି ଚାହିଁ ରହେ । ପୃ ୩୮୦

• କାଚର ଆଖି ପରି ଆଖି ଦୁଇଟିରେ ଏକ ନିଷ୍ପ୍ରାଣ ଦୃଷ୍ଟି, ତାଙ୍କ ପ୍ରାଣ ସତ୍ତାର ଯାହା କ୍ଷୀଣ ସୂଚନା ଦେଉଥିଲା । ପୃ ୪୨୯

• ଶ୍ୟାମବନ୍ଧୁ କାଚ ଆଖି ପରି ନିଷ୍ପ୍ରାଣ ଆଖିରେ ତେଜରା ଦୁଇଟିକୁ ବିସ୍ଫାରିତ କରି, ଦେହ ବଙ୍କାଇ ନଧି ଦାସଙ୍କ ଆଡଜ ନରେଖି ଚାହିଁଲେ । ପୃ ୪୨୨

ଏସବୁ ଉପମା ଗୁଡ଼ିକ ବେଶ୍ ହୃଦ୍ୟ ହେଲେ ମଧ୍ୟ ବାରମ୍ବାର ପ୍ରୟୋଗ ଦ୍ୱାରା ଉପନ୍ୟାସର କଳାତ୍ମକ ସୃଷ୍ଟି ବୋଲି ମନେ ହୋଇଥାଏ ଏତଦ୍ ବ୍ୟତୀତ ଲେଖକ ଉକ୍ତ ଉପନ୍ୟାସରେ 'ଭୂମିଧର ହିଂସ୍ର, ନିଷ୍ପ୍ରାଣ ଆଖିପରି', 'ଶେଷ ମୌସୁମୀର ନିଷ୍ଫଳ ମେଘ ଗର୍ଜନ', 'ବ୍ୟାଧଶରାହତ ପକ୍ଷୀପରି ପଳାୟନ', 'ଗୋଠ ମାଡ଼ିଲେ ହାଣ୍ଡି ମାଡ଼ିବା ପରି', 'ଉଲ୍ଲଙ୍ଗ ଅତ୍ୟାଚାରର ବିକଟ ତାଣ୍ଡବ', 'ଖଣ୍ଡିତ ବ୍ୟକ୍ତିତ୍ୱର ଯୁଗ'; 'କ୍ଷମତା ରାଜନୀତିର ପ୍ରାଗୈତିହାସିକ ଅରଣ୍ୟ', 'ରୋବଟ୍ସ', 'ଜାନ୍ତବ

ବ୍ୟାକୁଳତା', 'ଝମ ଝମ ଆଖିରେ', 'ମେଘ ଥମ ଥମ ଆକାଶ', 'ଅପରାହ୍ଣର ଅସ୍ୱସ୍ତିକର ଗୁମ୍ସା', 'ଗୁମ୍ ଗୁମିଆ ବଢ଼ଦଆଁ', 'କୋଳଥ ବାଡ଼ଆ', 'ଅପାଣ୍ଡ୍ରବା', 'ଦର୍ପୀତ ମୂର୍ତ୍ତି', 'ମୁକ୍ତିର ଉତ୍ତୁଙ୍ଗ ଲହରୀ', 'ପାଂଶୁଳ ବିବର୍ଣ୍ଣିତ', 'ସମାଜ ବିପ୍ଳବର ଅଗ୍ନେୟ ସଙ୍କେତ', 'ଅହିଂସା ମୁଦ୍ରା', 'ଭେଦ ଓ ସମତାର ସୃଷ୍ଟି ମୃଗ', 'ପୈଶାଚିକ ଶୂନ୍ୟତା', 'ଦାସତ୍ୱର ନିର୍ବେଦଗ୍ରସ୍ତ ସ୍ଥାଣୁତ୍ୱ', 'କଂସାର ଘର ପାଖ କୁଳ ଡାଉଁ ଡାଉଁ', 'ହାଉଁ ହାଉଁଆ ମେଦୁଆ ଖରା', 'ପାଉଁଶିଆ ମେଘରେ ଥମଥମ', 'ଜାଙ୍ଗୁଲୁ ଜାଙ୍ଗୁଲୁ ପାହାନ୍ତ ଆଲୁଅ', 'ଉଲଙ୍ଗ ଅତ୍ୟାଚାରର କଙ୍କାଳ ଗ', 'ପ୍ରେତଅନ୍ନ', 'ନିଅଁଣୀ ଝିଅ', 'ନିଆଁର ଫୁଲକି,' 'ଧୂ-ଧୂ କରୁଥିବା ଭୁଷାବାଲି', 'ଖଣ୍ଡିତ ଚନ୍ଦ୍ର, ନିସ୍ତବ୍ଧ', 'ଦନ୍ତଘାତର କ୍ଷତ ଚିହ୍ନ', ଉଲଟ ଚନ୍ଦ୍ର ପାଟୁଳା ଚିଭ ଅସୁରି ଆଖି' ଆଦି ଅନେକ ଶବ୍ଦ ଓ ଉପମାର ବ୍ୟବହାର କରିଅଛନ୍ତି । ଏସବୁ ଶବ୍ଦବିନ୍ୟାସ ଓ ବର୍ଣ୍ଣନାଶୈଳୀ ଉକ୍ତ ଉପନ୍ୟାସର ମହତ୍ତ୍ୱ ବୃଦ୍ଧି କରିଅଛି । ସୁରେନ୍ଦ୍ର ମହାନ୍ତିଙ୍କର ଏହି ଉପନ୍ୟାସ ତାଙ୍କ ପ୍ରତିଭାର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ ।

ଅତଏବ 'ଅନ୍ଧଦିଗନ୍ତ' ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଆସନ ଦାବି କରିଥାଏ । ଏହାର ବିଷୟବସ୍ତୁ ରାଜନୈତିକ ହେଲେ ମଧ୍ୟ ଚିରନ୍ତନ ମାନବିକ ଭାବ ପ୍ରବୃତ୍ତିର ଅଭିବ୍ୟକ୍ତି ଯୋଗୁଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଅଛି । ଓଡ଼ିଆ ରାଜନୈତିକ ଉପନ୍ୟାସ କ୍ଷେତ୍ରରେ ଏହା ଯେ ଏକ ମାଇଲଖୁଣ୍ଟି; ଏଥିରେ ସନ୍ଦେହ ନାହିଁ ।

'ଝଙ୍କାର' ପ୍ରଥମବର୍ଷ ୩ ସଂଖ୍ୟା ୧୯୬୮ରେ ପ୍ରକାଶିତ ଓ ପରେ ପରିବର୍ତ୍ତିତ ଓ ପରିମାର୍ଜିତ ]

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ : ଏକ ମୂଲ୍ୟସନ୍ଧାନୀ ଦୃଷ୍ଟିପାତ

•

ଆଧୁନିକ ଯୁଗରେ ଉପନ୍ୟାସ ସଂଖ୍ୟାଲଘୁ-କର୍ମ-କଳା (Minority activity) ହେଲେହେଁ ଜୀବନର ସମତଳ ବାସ୍ତବତାର ପ୍ରତିଛବିର ଅନ୍ତଃସ୍ତଳରେ ଥିବା ଅବଚେତନର ସ୍ୱରୂପକୁ ଉଦ୍‌ଘାଟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଅଛି । ସାମାଜିକ ସଚେତନତା ସୃଷ୍ଟି କରିବା ବା ସମାଜ-ମଣିଷର ବିମୂର୍ତ୍ତ ଭାବସତ୍ତାକୁ ରୂପ ଦେଇ କୌଣସି ସାମାଜିକ ପରିବର୍ତ୍ତନର ଇଙ୍ଗିତ ଦେବା ଆଜି ଉପନ୍ୟାସର ଲକ୍ଷ୍ୟ ନୁହେଁ ବା ଉପନ୍ୟାସର ଜଟିଳ ବିସ୍ତୃତ ପରିସର ମଧ୍ୟରେ ପାଠକ ତାର ଚିତ୍ତବୃତ୍ତିକୁ ନିମଜ୍ଜନ କରି ଆନନ୍ଦ ଉପଭୋଗ କରିବା ମଧ୍ୟ ସହଜ ନୁହେଁ । ରେଡ଼ିଓ, ସିନେମା, ଟେଲିଭିଜନ ଓ ସମ୍ବାଦପତ୍ରର ବିପୁଳ ପ୍ରସାର ଯୁଗରେ ସାହିତ୍ୟ ଓ କଳା ମାଧ୍ୟମରେ ଅନ୍ତତଃପକ୍ଷେ ଉପଦେଷ୍ଟା ଭୂମିକାକୁ ଆଜି ବିଶ୍ୱାସ କରି ହେଉନାହିଁ । ଏହି କାରଣରୁ ଆଜିର ଉପନ୍ୟାସରେ ଅତୀତର ସାମାଜିକ ଚିତ୍ତବୃତ୍ତି ବା ସମସ୍ୟାର ସମାଧାନ ଓ ନୈତିକତାର ପ୍ରତିଷ୍ଠା ଲକ୍ଷ୍ୟ ଗୌଣ ହୋଇପଡ଼ି ବ୍ୟକ୍ତିତ୍ୱର ଅନ୍ତର୍ନିହିତ ବିଭଙ୍ଗ ସ୍ୱରୂପ ଉଦ୍‌ଘାଟିତ ହେଉଅଛି । ଅତୀତର ଉପନ୍ୟାସ ଥିଲା ଭାବ ବା ତତ୍ତ୍ୱପ୍ରଧାନ ମାତ୍ର ଏବେ ଭାବ ସଂପ୍ରସାରଣ ପାଇଁ ଉପନ୍ୟାସ ରଚିତ ନହୋଇ ଭାବର ମୌଳିକ ଉତ୍ସରଣର ହେତୁ ନିର୍ଣ୍ଣୟ ଓ ତତ୍ତ୍ୱଚିନ୍ତା

ମାନସିକ ସଙ୍କଟ, ସଂଘର୍ଷ ଓ ସଂଘାତକୁ ଦେଖାଇବା ପାଇଁ ରଚିତ ହେଉଅଛି । ଫଳରେ ଉପନ୍ୟାସ ସମ୍ମୋହାତ୍ମକତାକୁ ପରିହାର କରି ବୌଦ୍ଧିକତାକୁ ଆଶ୍ରୟ କରୁଛି । ଏହି କାରଣରୁ ବିଂଶ ଶତାବ୍ଦୀର ଉପନ୍ୟାସରେ ଔପନ୍ୟାସିକଙ୍କର ସାମର୍ଥ୍ୟ ଓ ଶକ୍ତି ବର୍ଦ୍ଧମାନ ମାତ୍ର ପ୍ରତିଭା କ୍ୱଚିତ୍ ଦେଖାଯାଇଥାଏ । ତୀକ୍ଷ୍ଣ ବୌଦ୍ଧିକତାରେ ଆଜିର ଉପନ୍ୟାସ ବୁଦ୍ଧିମନ୍ତ ଓ ବିକଶିତ ହେଉଥିଲେହେଁ ସାମାଜିକ ଦୃଷ୍ଟି-କୋଣରୁ ନିଶ୍ଚିତ ଭାବରେ ଅମଙ୍ଗଳପ୍ରମୁଖୀ । ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଗତି ଓ ପ୍ରକୃତିକୁ ବିଚାର କରାଯାଇ ପାରେ । ଅବଶ୍ୟ ବିଶ୍ୱ ସାହିତ୍ୟରେ ଉପନ୍ୟାସର ଗତି ଓ ପରିବର୍ତ୍ତନ ସହିତ ଓଡ଼ିଆ ଉପନ୍ୟାସ ତାଳ ଦେଇ ପାରିନାହିଁ, ସମକାଳ-ସମାଜ-ଭାବ-ବଳୟକୁ ଭେଦ କରି ନୂତନ କ୍ରାନ୍ତି ସୃଷ୍ଟି କରିବାରେ ସମର୍ଥ ହୋଇ ନାହିଁ; ତଥାପି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଯେ ନୂତନ ସମ୍ଭାବନା ରହିଛି; ଏକଥାକୁ ଅସ୍ୱୀକାର କରାଯାଇ ନ ପାରେ ।

## ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାର ମୂଲ୍ୟବୋଧ :

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପ୍ରାଣସ୍ପନ୍ଦନ ଭାରତୀୟ ମୁକ୍ତି ସଂଗ୍ରାମର ପଟ୍ଟପେକ୍ଷୀରେ ନିୟନ୍ତ୍ରିତ ଓ ଭାରତୀୟ ଐତିହ୍ୟରେ ଉଦ୍ଦୀପ୍ତ ହୋଇ ଥିଲେହେଁ ଓଡ଼ିଶାର ଐତିହ୍ୟ ଓ ପରମ୍ପରାର ମୂଲ୍ୟବୋଧରୁ ଅଲଗା ହୋଇ ନ ଥିଲା । ନଅଙ୍କ ଦୁର୍ଭିକ୍ଷର କରାଳ ତାଣ୍ଡବଠାରୁ ଆରମ୍ଭ କରି, ଭାଷା-ବିଲୋପ ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାର ନୂତନ ସ୍ୱପ୍ନ ଓ ଉତ୍କଳ ସମ୍ମିଳନୀ ଗଠନ, ସତ୍ୟବାଦୀ ଯୁଗରେ ଓଡ଼ିଶାର ସାଂସ୍କୃତିକ ଚେତନାରେ ପୁନର୍ନବା, ସ୍ୱତନ୍ତ୍ର ଉତ୍କଳ ଗଠନ ଓ ବିଚ୍ଛିନ୍ନ ଅଞ୍ଚଳର ସମସ୍ୟା ଆଦି ଉତ୍କଳୀୟ ରାଜନୈତିକ ଓ ସାଂସ୍କୃତିକ ଭାବଧାରା ସହିତ ତତ୍କାଳୀନ ରାଜତନ୍ତ୍ର ଶାସନ ଓ ନିରହ ପ୍ରଜାମାନଙ୍କ ଉପରେ ଦାରୁଣ ଅତ୍ୟାଚାର, ଜମିଦାରମାନଙ୍କର ଶୋଷଣ ଓ ପୀଡ଼ନ, ନାରୀ ଶିକ୍ଷା ପ୍ରତି ଅବହେଳା, ବିଧବାର ବୁକୁଫଟା ବିଳାପ, ଶୋଷିତର ନୀରବ ଯନ୍ତ୍ରଣା ପର୍ଯ୍ୟନ୍ତ

ବିଭିନ୍ନ ସମସ୍ୟା ସେହି ସମୟର ଓଡ଼ିଆ ଉପନ୍ୟାସ ମାନଙ୍କରେ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ଇଂରେଜ ଶାସନ ଫଳରେ ସାମାଜିକ ବିପର୍ଯ୍ୟୟ, ଇଂରାଜୀ ଭାଷା ଓ ସଂସ୍କୃତିର ପ୍ରଭାବ ଓ ସାମାଜିକ ପ୍ରତିକ୍ରିୟା, ନୂତନ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀର ଆବିର୍ଭାବ ଓ ସମାଜ ଉପରେ ସେମାନଙ୍କର ପ୍ରଭାବ, ଭାରତୀୟ ମୁକ୍ତି ସଂଗ୍ରାମ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଓ ସର୍ବୋପରି ଗାନ୍ଧିଜୀଙ୍କର ନୂତନ ସାମାଜିକ ଓ ରାଜନୀତିକ ଦୃଷ୍ଟିଭଙ୍ଗୀ ପ୍ରାକ୍‌ସ୍ୱାଧୀନତାକାଳୀନ ଓଡ଼ିଆ ଉପନ୍ୟାସକୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଏ । ଏତଦ୍‌ବ୍ୟତୀତ ମାର୍କସୀୟ ସମାଜ ଦର୍ଶନ ଅନୁମୋଦିତ ଭାବଧାରା ଓ ଫ୍ରଏଡ଼ୀୟ ମନୋ-ବୈଜ୍ଞାନିକ ଚିନ୍ତାଧାରା ମଧ୍ୟ ଏହି ସମୟର କେତେକ ଔପନ୍ୟାସିକଙ୍କୁ ଆକୃଷ୍ଟ କରିଥିବା ଦେଖାଯାଏ । ତେବେ ପ୍ରାକ୍‌ସ୍ୱାଧୀନତାକାଳୀନ ଓଡ଼ିଆ ଉପନ୍ୟାସର ମୁଖ୍ୟ ସ୍ୱର ହେଲା ଜମିଦାର ନିୟନ୍ତ୍ରିତ ସମାଜର ମୂଲ୍ୟବୋଧ ଓ ଓଡ଼ିଆର ପ୍ରତିଷ୍ଠା ପାଇଁ ଆଶାନ୍ୱିତ ଆହ୍ୱାନ । ଘଟଣା ବିନ୍ୟାସର ଚଟୁଳ ବର୍ଣ୍ଣନା ଭିତରେ ଭାବର ବିକାଶ କରାଯାଇ ଉପନ୍ୟାସକୁ ଆଦର୍ଶୋନ୍ମୁଖୀ କରିବା ଏ ସମୟର ଥିଲା ଅନ୍ୟତମ ଲକ୍ଷ୍ୟ । ପରାଧୀନ ଓଡ଼ିଶାରେ ଐତିହାସିକ ଉପନ୍ୟାସମାନ ରଚନା କରାଯାଇ ଅତୀତର ମୂଲ୍ୟବୋଧରେ ଜାତୀୟତାର ନବସ୍ପନ୍ଦନ ପାଇଁ ମଧ୍ୟ ଇଙ୍ଗିତ ପ୍ରଦାନ କରାଯାଇ ଥିଲା । ଅତଏବ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଉପନ୍ୟାସ ସମାଜର ସମତଳ-ବାସ୍ତବତାର ଭାବମୂର୍ତ୍ତି କଳା-କର୍ମ । ଏଥିରେ ସମସ୍ୟାକୀର୍ଣ୍ଣ ଅନ୍ତଃସ୍ଥ ବିଚ୍ଛିନ୍ନ ବ୍ୟକ୍ତିତ୍ୱର ଉଦ୍‌ଘାଟନ ଅପେକ୍ଷା ଦୃଶ୍ୟମାନ ସମାଜ-ମଣ୍ଡଳର ଆଦର୍ଶ-ନିୟନ୍ତ୍ରିତ ଭାବମୂର୍ତ୍ତି ସତ୍ତ୍ୱ ବିଦ୍ୟମାନ । ଫକୀରମୋହନ ସେନାପତିଙ୍କର ଉପନ୍ୟାସଗୁଡ଼ିକର ଭାବ-ଧର୍ମ ଓ ଚରିତ୍ର ଗୁଡ଼ିକର, ଆପେକ୍ଷିକ ଗତିପ୍ରବାହ ସ୍ୱାଧୀନତା ପର୍ଯ୍ୟନ୍ତ ଓଡ଼ିଆ ଉପନ୍ୟାସମାନଙ୍କରେ ଦେଖିବାକୁ ମିଳିଥାଏ । ଚିନ୍ତାମଣି, ନନ୍ଦକିଶୋର, କାଳିନ୍ଦୀଚରଣ, ଲକ୍ଷ୍ମୀକାନ୍ତ, ଗୋଦାବରୀଶ, କୁନ୍ତଳାକୁମାରୀ, କାହ୍ନୁଚରଣ, ଗୋପୀନାଥ, ନିତ୍ୟାନନ୍ଦ ଆଦି ଔପନ୍ୟାସିକଙ୍କ ଲେଖାରେ ଫକୀରମୋହନ-ସୃଷ୍ଟି ସ୍ୱରୂପର ପରିଚୟ ଦେଖାଯାଏ ।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ପରିବର୍ତ୍ତିତ ମୂଲ୍ୟବୋଧ :

ସ୍ୱାଧୀନତା ପରେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ବର୍ଷରେ ରାଜନୈତିକ ସଙ୍କଟ, ସଂଘର୍ଷ ଓ ସଂଶୟ, ସାମାଜିକ ସ୍ତରରେ ଆନ୍ତର୍ଜାତିକ ଭାବସ୍ପନ୍ଦନ, ବିଶେଷ କରି ପାଶ୍ଚାତ୍ୟ ବସ୍ତୁବାଦୀ ସମାଜର ପ୍ରଭାବ ଦେଖିବାକୁ ମିଳିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଅବକ୍ଷୟୀ ଭାବଧାରା କ୍ରମେ ଓଡ଼ିଶାର ବୁଦ୍ଧିବାଦୀ ଜନମାନସକୁ ପରିପୀଡ଼ିତ କଲା । ଏହା ସ୍ୱତଃସ୍ଫୂର୍ତ୍ତ ନୁହେଁ; ମାତ୍ର ବିଦେଶାଗତ ଚିନ୍ତାଧାରାର ନକଲ ଅନୁକରଣ । ୧୯୪୬-୪୭ ମସିହାର ହିନ୍ଦୁ-ମୁସଲମାନ ସଂଘର୍ଷ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ତଥା ଉତ୍କଳୀୟ ଜନତାଙ୍କୁ ନୂତନ ମାନବତାବାଦୀ ଚିନ୍ତାଧାରା ସୃଷ୍ଟି କରିବାକୁ ପ୍ରେରଣା ପ୍ରଦାନ କଲା । ସ୍ୱାଧୀନତା ପରେ ଗଣତାନ୍ତ୍ରିକ ଶାସନ ପଦ୍ଧତି ଭାରତରେ ପ୍ରଚଳିତ ହେଲେହେଁ କ୍ରମେ ଏହାର ଆଦର୍ଶଗତ କକ୍ଷଚ୍ୟୁତି ହେତୁ ବ୍ୟକ୍ତିତନ୍ତ୍ରତା ପ୍ରାଧାନ୍ୟ ଲାଭ କଲା । ଏହି କାରଣରୁ ଗଣତାନ୍ତ୍ରିକ-ଆଦର୍ଶବୋଧ ସାଧାରଣ ଲୋକଙ୍କୁ ସ୍ପର୍ଶ କରିପାରିଲା ନାହିଁ । ରାଜନୈତିକ ସଂଘର୍ଷ ଭିତରେ ପ୍ରକୃତ ଗଣଜୀବନ ଅବହେଳିତ ହେଲା । ତେଣୁ ସ୍ୱାଧୀନତାର ସ୍ୱପ୍ନଭଙ୍ଗ ଭାରତୀୟ ଜନତାଙ୍କୁ ଅବକ୍ଷୟଗ୍ରସ୍ତ କରିଦେଲା । ସ୍ୱାଧୀନତା ପରେ ଗାନ୍ଧିବାଦର କ୍ରମ-ବିଲୟ, ମାର୍କସବାଦ ଓ ଗାନ୍ଧିବାଦର ଚିନ୍ତା ସଂଘର୍ଷ, ପ୍ରାକ୍‌ସ୍ୱାଧୀନତା କାଳୀନ ଭାରତୀୟ ଓ ଉତ୍କଳୀୟ ଐତିହ୍ୟବୋଧର କ୍ରମ-ବିଲୟ, ବୁଦ୍ଧିଜୀବୀ ମଧ୍ୟବିତ୍ତ ଗୋଷ୍ଠୀର ନିଃସଙ୍ଗତାବୋଧ ଓ ସମାଜ ଉପରେ ପ୍ରଭାବ, ପ୍ରାକ୍‌ସ୍ୱାଧୀନତା କାଳୀନ ଜମିଦାର ଓ ସାମନ୍ତବାଦୀ ଗୋଷ୍ଠୀର କ୍ରମ-ଅବକ୍ଷୟ ଓ ଅସହାୟତା ବୋଧ, ସ୍ୱାଧୀନତା ପରେ ନୂତନ ଶିକ୍ଷିତ ସମାଜର ଅଭ୍ୟୁଦୟ ଓ ସେମାନଙ୍କର ଜନସମ୍ପର୍କହୀନତା, ବିଦେଶୀ ଚିନ୍ତାଧାରା ସହିତ ପ୍ରତ୍ୟକ୍ଷ ସମ୍ପର୍କ ଓ ଯୌନ ଅବକ୍ଷୟତା ଆଦି ନାନା କଥା ସମସାମୟିକ ଉପନ୍ୟାସ ମାନଙ୍କରୁ ଦେଖିବାକୁ ମିଳିଲା । ଏହି ସମୟରେ ଭାରତବର୍ଷରେ ଧର୍ମ ନିରପେକ୍ଷତାର ପ୍ରତିଷ୍ଠା, ଜମିଦାରୀ ପ୍ରଥା ବିଲୋପ, ଗଣତାନ୍ତ୍ରିକ ଭୋଟଦାନ, ଆର୍ଥନୀତିକ କ୍ଷେତ୍ରରେ

ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ଆଦି ନାନା ଘଟଣା ଘଟି ଭାରତୀୟ ଜନମାନସରେ ଏକ ନୂତନ ଆଲୋଡ଼ନ ସୃଷ୍ଟି କଲା । ସାହିତ୍ୟରେ ଏହି ସବୁ ଭାବଧାରା ପ୍ରତିଫଳିତ ହେବାକୁ ଲାଗିଲା । ୧୯୫୦ ମସିହାରେ ଭାରତ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେଲାପରେ ଯଥାର୍ଥରେ ଭାରତୀୟ ସାହିତ୍ୟରେ ଆଧୁନିକତା ଏହି ସମୟରୁ ସୃଷ୍ଟି ହେଲା କହିଲେ ସତ୍ୟର ଅପଳାପ ହେବନାହିଁ ।

ଭାରତ ଏକ ସାର୍ବଭୌମ ରାଷ୍ଟ୍ରରେ ପରିଣତ ହେଲାପରେ ଏହି ଦେଶରେ ସ୍ୱାଧୀନତାର ଆଶା-ଭଙ୍ଗ ଅନୁଭୂତ ହେଲା । ରାଜନୀତିକ ସ୍ୱାଧୀନତା ଲାଭ ହୋଇଥିଲେ ମଧ୍ୟ ସାଂସ୍କୃତିକ ପରାଧୀନତା ଏ ଜାତିର ଚିତ୍ତବୃତ୍ତିକୁ କ୍ରମେ ସଂକ୍ରମିତ କଲା । ତେଣୁ ଭାରତୀୟ ତଥା ଉତ୍କଳୀୟ ଶିଳ୍ପୀ ମାନସରେ ପାଶ୍ଚାତ୍ୟ ଅବକ୍ଷୟୀ ଚିନ୍ତା ପ୍ରତିଫଳିତ ହେବାକୁ ଲାଗିଲା । ଏହି ସମୟର ଔପନ୍ୟାସିକ ଅନୁଭବ କଲା ଜୀବନ ହେଉଛି ବ୍ୟର୍ଥତା, ହାହାକାର ଓ ପରାଜୟର ସମଷ୍ଟି । ଏହିପରି ଏକ ଅସହାୟ ଜୀବନରେ ବଞ୍ଚିରହିବା କେବଳ ଏକମାତ୍ର ସତ୍ୟ ବୋଲି ଔପନ୍ୟାସିକ ଅନୁଭବ କଲା । ଫରାସୀ ଉପନ୍ୟାସରେ ଏହି ସତ୍ୟର ପରୀକ୍ଷା କଲେ ଆନ୍ଦ୍ରେ ଜିଦ୍ ତାଙ୍କର 'ଇମୋରାଲିଷ୍ଟ' ଉପନ୍ୟାସରେ । ଜୀବନର କୌଣସି ଆଦର୍ଶ ବା ସତ୍ୟକୁ ଅସ୍ୱୀକାର କରି ଆତ୍ମା ଓ ଦେହ, ବ୍ୟକ୍ତି ଓ ସମାଜ; ଈଶ୍ୱର ଓ ସଇତାନ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ସେ ଦେଖାଇଅଛନ୍ତି । ଆମେରିକାର ଔପନ୍ୟାସିକ ଡ୍ରେଇଜାରେର ତାଙ୍କ 'ଦ ଜିନିଅସ' ଉପନ୍ୟାସରେ ପାପର ବିଜୟ ଓ ପୁଣ୍ୟର ପରାଜୟକୁ ଦେଖାଇ ପାରମ୍ପରିକ ନୈତିକତା ଓ ଆଦର୍ଶବୋଧକୁ କୁଠାରଘାତ କରିଅଛନ୍ତି । ଔପନ୍ୟାସିକ ଫକନର ମଧ୍ୟ ଖ୍ରୀଷ୍ଟବାଦୀ ଆଦର୍ଶର ପୃଷ୍ଠଭୂମିରେ ତାଙ୍କର ଉପନ୍ୟାସଗୁଡ଼ିକୁ ରଚନା କରିଅଛନ୍ତି । ଏହି ପୃଥିବୀର ବିବର୍ଣ୍ଣ, ପାଣ୍ଡୁର, ଯନ୍ତ୍ରଜର୍ଜର ପରିବେଶ ମଧ୍ୟରେ ମଣିଷକୁ କୌଣସିମତେ ତିଷ୍ଠି ରହିବାକୁ ହେବ ବୋଲି ସେ ତାଙ୍କର ଉପନ୍ୟାସରେ ଉଲ୍ଲେଖ କରିଅଛନ୍ତି । ପାଶ୍ଚାତ୍ୟ ଜଗତର ଏହି ଅନୁଭୂତିକୁ ଭାରତୀୟ ସାହିତ୍ୟରେ କ୍ରମେ ଅନୁପ୍ରବେଶ କରାଗଲା ।

ଭାରତୀୟ ସାହିତ୍ୟରେ ତଥା ଇଙ୍ଗଲୀୟ ସାହିତ୍ୟରେ ଆଜି ବିଦେଶୀ ଉଚ୍ଛୃଙ୍ଖଳତା, ଅବସାଦ, ଅବକ୍ଷୟ, କୁତ୍ସିତତା ଓ ଘୃଣାମିଶ୍ରିତ ଉତ୍ସବର ପ୍ରତିଫଳନ ଦେଖିବାକୁ ମିଳେ । ଜର୍ମାନ ଔପନ୍ୟାସିକ ଟମାସ୍ ମାନ୍ ଯେପରି ରୋଗାକ୍ରାନ୍ତ ଜରାଜର୍ଜର ଦେହରେ ଯୌନତାର ଲେଲିହାନ ଶିଖାକୁ ଦେଖିଥିଲେ ସେହିପରି ଓଡ଼ିଶାରେ ତଥା ଭାରତରେ ଔପନ୍ୟାସିକମାନେ ଯୌନତାର ସ୍ୱରୂପକୁ ବିକୃତ ଗାର୍ହସ୍ଥ୍ୟ ପରିବେଶ ମଧ୍ୟରେ ଅନୁଭବ କରୁଅଛନ୍ତି । ଅତଏବ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ଔପନ୍ୟାସିକବୃନ୍ଦ ବିଶେଷ ଭାବରେ ପାଶ୍ଚାତ୍ୟ ଆଦର୍ଶକୁ ଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଏ । ଷଷ୍ଠ ଦଶକରେ ଓଡ଼ିଆ ଉପନ୍ୟାସରେ ରାଜନୈତିକ ପ୍ରତାରଣା ପ୍ରତି ବ୍ୟଙ୍ଗୋକ୍ତି, ପୂର୍ବର ସାମନ୍ତବାଦୀ ପରିବାରର ଅସହାୟତା ଓ ମାନସିକ ଦ୍ୱନ୍ଦ୍ୱ ଆଦି ଦେଖିବାକୁ ମିଳିଥିଲା ବେଳେ ସପ୍ତଦଶକ ଓ ଅଷ୍ଟଦଶକରେ ଏହି ଚିନ୍ତାଧାରା ପରିବର୍ତ୍ତେ ବିଚ୍ଛିନ୍ନ ବ୍ୟକ୍ତିତ୍ୱ ଓ ସୂକ୍ଷ୍ମବୋଧୀ ମଣିଷର ନିଃସଙ୍ଗ ବ୍ୟକ୍ତିସତ୍ତା କ୍ରମେ ଉପନ୍ୟାସରେ ରୂପ ନେଲା । ଏହି କାରଣରୁ ଓଡ଼ିଆ ଉପନ୍ୟାସରେ ପଲ୍ଲୀଜୀବନର ଚିତ୍ର ଗୌଣ ହୋଇଯାଇ ନାଗରିକ ଜୀବନର ସଂଘର୍ଷ ଓ ଅସହାୟତା ମୁଖ୍ୟ ହେବାକୁ ଲାଗିଲା । ଔପନ୍ୟାସିକ ଅନ୍ୟ ସମାଜକୁ ଆଖି ଆଗରେ ରଖି ଉପନ୍ୟାସ ରଚନା ନ କରି ନିଜକୁ ଆଖି ଆଗରେ ରଖି ଉପନ୍ୟାସ ରଚନା କରୁଅଛି । ଓଡ଼ିଆ ଉପନ୍ୟାସର ବିଗତ ୩୦ ବର୍ଷର ଇତିହାସକୁ ପର୍ଯ୍ୟାଲୋଚନା କଲେ ଏହି ସମସ୍ତ କଥା ଦେଖିବାକୁ ମିଳିବ ।

## ସ୍ୱାଧୀନତା ପରବର୍ତ୍ତୀ ଐତିହାସିକ ଉପନ୍ୟାସର ଧାରା :

ସ୍ୱାଧୀନତା ପୂର୍ବରୁ ବିଶେଷ ଭାବରେ ଐତିହାସିକ ଉପନ୍ୟାସ ଓଡ଼ିଶାରେ ରଚିତ ହୋଇ ଥିଲେହେଁ ସ୍ୱାଧୀନତା ପରେ ଏହି ଧାରାରେ ସ୍ଥିରତା ଦେଖା ଦେଇଅଛି । ଉମେଶ ଚନ୍ଦ୍ର ସରକାର, ରାମଶଙ୍କର ରାୟ ଓ ଫକୀରମୋହନ ସେନାପତି ଯେଉଁ ଐତିହାସିକ ଉପନ୍ୟାସର ଧାରା ପ୍ରଚଳନ କରିଥିଲେ ୫ ଦଶକ ଓ ଚତୁର୍ଦ୍ଦଶ ବେଳକୁ ସେହି ଧାରା କ୍ରମେ ତରଙ୍ଗାୟିତ ହେଲା । ମୁକୁନ୍ଦ ଦାସ, ଗୋଦାବରୀଶ ମିଶ୍ର, ରାମଚନ୍ଦ୍ର

ଆଚାର୍ଯ୍ୟ, ରାମଚନ୍ଦ୍ର ମହାପାତ୍ର, ତାରିଣୀଚରଣ ରଥ ପ୍ରଭୃତିଙ୍କର ଐତିହାସିକ ଉପନ୍ୟାସମାନଙ୍କରେ । ସ୍ୱାଧୀନତା ପୂର୍ବରୁ ପରାଧୀନତାଗ୍ରସ୍ତ ଓଡ଼ିଆମାନଙ୍କର ଅନ୍ତରରେ ନୂତନ ଜାତୀୟ ଚେତନା ସୃଷ୍ଟି କରିବା ପାଇଁ ଏହିପରି ଐତିହାସିକ ଉପନ୍ୟାସଗୁଡ଼ିକର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ । ସ୍ୱାଧୀନତା ପରେ ଆଉ ଐତିହାସିକ ଉପନ୍ୟାସ ରଚନା କରିବାରେ ବିଶେଷ ଧ୍ୟାନ ପ୍ରଦାନ କରାଯାଇ ନାହିଁ । ବୋଧହୁଏ ଇତିହାସଭିତ୍ତିକ ଉପନ୍ୟାସର ପ୍ରୟୋଜନ ଶିଳ୍ପୀ ଉପଲବ୍ଧି କରିନାହିଁ । ତଥାପି ସ୍ୱାଧୀନତା ପରେ ମୁଷ୍ଟିମେୟ କେତୋଟି ଐତିହାସିକ ଉପନ୍ୟାସ ରଚନା କରାଯାଇଅଛି । ଏ ଧରଣର ଉପନ୍ୟାସରେ ସ୍ୱାଧୀନତା ପୂର୍ବର ଜାତୀୟ ସ୍ପନ୍ଦନ ନାହିଁ ମାତ୍ର ଅଛି ଜାତିର ସାଂପ୍ରତିକ ଅବସ୍ଥା ଓ ସାଂସ୍କୃତିକ ଜଡ଼ତାକୁ ଅତୀତର ଐତିହାସିକ ମାନଦଣ୍ଡରେ ବିଶ୍ଳେଷଣ କରି ନୂତନ ଭାବ ସ୍ପନ୍ଦନ ସୃଷ୍ଟି କରିବାର ସମ୍ଭେଗାତ୍ମକ ଅଭିବ୍ୟକ୍ତି । ଚକ୍ରଧର ମହାପାତ୍ର, ସୁରେନ୍ଦ୍ର ମହାନ୍ତି, କାହ୍ନୁଚରଣ ମହାନ୍ତି, ମୁରଲୀଧର ମଲ୍ଲିକ ପ୍ରଭୃତି କେତେକ ଔପନ୍ୟାସିକ ସ୍ୱାଧୀନତା ପରେ ଐତିହାସିକ ପ୍ରାଣସ୍ପନ୍ଦନକୁ ନେଇ ଉପନ୍ୟାସର କଳା-କୌଶଳ ସୃଷ୍ଟି କରିଅଛନ୍ତି । ଚକ୍ରଧର ମହାପାତ୍ର ଚତୁର୍ଦ୍ଦଶକର ଔପନ୍ୟାସିକ ହେଲେହେଁ ୧୯୪୮ ମସିହାରେ ତାଙ୍କର "ଗେଡ଼ଙ୍ଗ ବକ୍‌ସି" ପ୍ରକାଶିତ ହୋଇଥିଲା ଏଥିରେ ସେ ପ୍ରାକ୍ ସ୍ୱାଧୀନତାକାଳୀନ ଐତିହାସିକ ଉପନ୍ୟାସର ପ୍ରାଣ ସ୍ପନ୍ଦନକୁ ପ୍ରକାଶ କରିଅଛନ୍ତି । ଅବଶ୍ୟ ଏହି ଐତିହାସିକ ଉପନ୍ୟାସଟି ରାମଚନ୍ଦ୍ର ମହାପାତ୍ରଙ୍କର 'ଗେଡ଼ଙ୍ଗ ବକ୍‌ସି' ଉପନ୍ୟାସର ଅନୁକୃତି ନ ହେଲେହେଁ ସେହି ଘଟଣାର ଏକ ଭିନ୍ନ କଳା ରୂପ । ଗୋଦାବରୀଶ ମିଶ୍ରଙ୍କର 'ଅଠର ଶହ ସତର' ମଧ୍ୟ ଏଇ ଏକା କଥାବସ୍ତୁ ଉପରେ ଆଧାରିତ ମାତ୍ର ସମସ୍ତଙ୍କର ପରିବେଷଣ ସ୍ୱତନ୍ତ୍ର । ଗେଡ଼ଙ୍ଗ ବକ୍‌ସୀଙ୍କୁ ସଂଗ୍ରାମୀ ଜାତୀୟ ଜୀବନର ଏକ ଅବ୍ୟର୍ଥ ଚରିତ୍ର ଭାବରେ ଗ୍ରହଣ କରାଯାଇଅଛି ଏବଂ ଏଇ ଚରିତ୍ର ମାଧ୍ୟମରେ ଜାତିର ଜୀବନରେ ଜାଗରଣ ଆଣିବାପାଇଁ ଉଦ୍ୟମ ହୋଇଅଛି ମାତ୍ର ଏହି ଉପନ୍ୟାସର ଶିଳ୍ପ-କଳା ସାର୍ଥକତା ଅର୍ଜନ କରିନାହିଁ ।

କାହ୍ନୁଚରଣ ପୂର୍ଣ୍ଣତଃ ଐତିହାସିକ ଉପନ୍ୟାସ ରଚନା କରି ନାହାନ୍ତି । ତାଙ୍କର ‘କାଲସଜା’, ‘ହା ଅନ୍ନ’, ‘ଶାସ୍ତି’, ଆଦି ଉପନ୍ୟାସରେ ଇତିହାସର ପ୍ରାଣସ୍ପନ୍ଦନ ରହିଛି ; ମାତ୍ର ଏଗୁଡ଼ିକ ପ୍ରାକ୍-ସ୍ୱାଧୀନତାକାଳୀନ ଉପନ୍ୟାସ । ‘ଶବଙ୍ଖ’; ‘ସ୍ୱପ୍ନ ନା ସତ୍ୟ’, ‘ତମସା ତୀରେ’ ଓ ‘ସତ୍ୟବଙ୍ଖ’ ଆଦି ଉପନ୍ୟାସରେ ଇତିହାସର ସଙ୍କେତ ରହିଛି । କିନ୍ତୁ ଏଗୁଡ଼ିକୁ ଯଥାର୍ଥତଃ ଐତିହାସିକ ଉପନ୍ୟାସ କୁହାଯାଇ ନପାରେ । ‘ସ୍ୱପ୍ନ ନା ସତ୍ୟ’ (୧୯୭୧) କାହ୍ନୁଚରଣଙ୍କର ଅଙ୍କିତ ରାଜତନ୍ତ୍ରର ଅନ୍ଧାସ୍ଥ ଶାସନର ଏକ ଆଲେଖ୍ୟ । ଏଥିରେ ଇତିହାସର ନିର୍ଦ୍ଦିଷ୍ଟ ଘଟଣା ନାହିଁ ବା ଚରିତ୍ର ନାହିଁ ମାତ୍ର ଅନ୍ଧାସ୍ଥ ଶାସନର ଇତିହାସ ବୃତ୍ତିର ଅଛି ମନୋଜ୍ଞ ଚିତ୍ରଣ । ଏକ ସ୍ୱପ୍ନକୁ ସତ୍ୟ ରୂପେ ଉପନ୍ୟାସରେ ବର୍ଣ୍ଣନା କରାଯାଇଅଛି । ଉପନ୍ୟାସ ରଚନାର ଅଣତିଶ ବର୍ଷ ପୂର୍ବର ଏକ ସ୍ୱପ୍ନହିଁ ଏହି ଉପନ୍ୟାସର କଥାବସ୍ତୁ । ଅର୍ଥାତ୍ ୧୯୩୨ ମସିହା ବେଳକୁ ରାଜତନ୍ତ୍ର ଶାସନର ଯେଉଁ ବୀଭତ୍ସତା ସୃଷ୍ଟି ହୋଇଥିଲା ତାକୁହିଁ ଲେଖକ ଏଥିରେ ବର୍ଣ୍ଣନା କରିଅଛନ୍ତି । ଆରମ୍ଭରେ ଲେଖକ ଲେଖିଛନ୍ତି—“ଅନ୍ଧାସ୍ଥ ମୂଳକ ହେଲାଣି ସାତ ସପନ । ଯେଉଁ ଭୂତ, ପ୍ରେତ, ଡାଆଣୀ, ଚଉଗୁଣୀ ସେକାଳର କଟି କଟି ଅନ୍ଧାର ଭିତରେ ଚରିବୁଲୁଥିଲେ, ଧନ ମନ ଜନ ଓ ଜୀବନ ଶୋଷି ଖାଉଥିଲେ, ସେମାନେ ଅଶ୍ରୁତ ସପନର ବିସ୍ମୃତି ଭିତରେ ବିଲୀନ ହେଲେଣି । ସ୍ୱାଧୀନତାର ଶୋଭନ ତପନ କେବେଠାରୁ ଉଇଁଲେଣି । ଚାଆରି ଜନ୍ତୁକ ମଙ୍ଗଳ, ଗୌରବ ଓ ସମତା ଆଲୋକରେ ଦଶଦିଗ ହସି ଉଠିଲାଣି । ଯେଉଁ ଜୀବନ୍ତ ‘ବିଦ୍ରୋହ’, ‘ବିକ୍ରମ’, ‘ନିର୍ଭୀକ’ ଓ ‘ଅଜେୟ’ ମାନଙ୍କର ଶୋଣିତ ସ୍ୱାଧୀନତା ତପନର ଲପନକୁ ଲୋହିତ ରାଗରେ ରଞ୍ଜାଇଥିଲା, ଯାହାଙ୍କର ନେତକଥାର ‘କରୁଣା’ର ସ୍ରୋତ ହୋଇ ଧର୍ଷିତ ପ୍ରାଣରେ ‘ଶକ୍ତି’ ସଞ୍ଚାର କରି ‘ଶାନ୍ତି’ ଓ ‘ସୁମତି’ ପ୍ରତିଷ୍ଠା କରିଥିଲା, ସେହି ଜଣା ଓ ଅଜଣା ବୀରମାନଙ୍କର ଚରଣ ତଳେ ପ୍ରଣତି ଜଣାଏଁ ।” ତଥାପି ଏହି ଉପନ୍ୟାସ ଖଣ୍ଡି ଐତିହାସିକ ନୁହେଁ । ଐତିହାସିକ

ତଥ୍ୟ ପରିବର୍ତ୍ତେ ଇତିହାସ-ବୃତ୍ତର ; ଜନ ଭାବାତ୍ମକ ତଥ୍ୟ ଏଥିରେ ପ୍ରାଧାନ୍ୟ ଲାଭ କରିଅଛି ।

ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ପରବର୍ତ୍ତୀ ପ୍ରସିଦ୍ଧ ଐତିହାସିକ ଉପନ୍ୟାସ ଭାବରେ ସୁରେନ୍ଦ୍ର ମହାନ୍ତିଙ୍କର "ନୀଳଶୈଳ" ଓ 'ନୀଳାଦ୍ରି ବିଜୟ'କୁ ଗ୍ରହଣ କରାଯାଇଥାଏ । ଶ୍ରୀ ଜଗନ୍ନାଥଙ୍କୁ ଉକ୍ତ ଉପନ୍ୟାସ ଦ୍ୱୟରେ ନାୟକ କରି ଔପନ୍ୟାସିକ ଯେପରି ମଧ୍ୟଯୁଗୀୟ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ରାଜନୀତିକ ପ୍ରାଣସ୍ପନ୍ଦନକୁ ପ୍ରକାଶ କରିଅଛନ୍ତି ତାହା ଏକାନ୍ତ ପ୍ରଣିଧାନଯୋଗ୍ୟ । 'ନୀଳଶୈଳ' (୧୯୬୮) ଉପନ୍ୟାସ ରଚନା କରିବାକୁ ଯାଇ ପ୍ରଥମ ସଂସ୍କରଣର ଭୂମିକାରେ ଲେଖକ ଲେଖିଛନ୍ତି—"ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଇତିହାସରେ ଶ୍ରୀ ଜଗନ୍ନାଥଙ୍କ ସ୍ଥାନ ସର୍ବୋପରି । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ମତବାଦ ବା ସମ୍ପ୍ରଦାୟର ସଂକୀର୍ଣ୍ଣ ପରିସର ମଧ୍ୟରେ ଜଗନ୍ନାଥ ଆବଦ୍ଧ ନୁହନ୍ତି । ଶବର ବିଶ୍ୱାବସୁଠାରୁ ଆର୍ଯ୍ୟ ଇନ୍ଦ୍ରଦ୍ୟୁମ୍ନ, ବୌଦ୍ଧ ଇନ୍ଦ୍ରଭୂତି, ଶୈବ ଶଙ୍କରାଚାର୍ଯ୍ୟ, ପାଞ୍ଚରାତ୍ରିକ ରାମାନୁଜ, ଶୁଦ୍ଧାଭକ୍ତିବାଦୀ ଶ୍ରୀ ଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଜଗନ୍ନାଥ ଓ ଶିଖ ଧର୍ମଗୁରୁ ନାନକଙ୍କ ପର୍ଯ୍ୟନ୍ତ ବିଭିନ୍ନ ମତବାଦ ଓ ସମ୍ପ୍ରଦାୟ, ଶ୍ରୀ ଜଗନ୍ନାଥଙ୍କ ମୈତ୍ରୀସାଧନା ମଧ୍ୟରେ ସମନ୍ୱିତ ହୋଇ ଅଛନ୍ତି । ଶ୍ରୀ ଜଗନ୍ନାଥ ବୌଦ୍ଧ-ଦନ୍ତ-ଗର୍ଭିତ ଥିବା ବିଶ୍ୱାସରେ ବୌଦ୍ଧମାନେ ଜଗନ୍ନାଥଙ୍କୁ ମହାବୌଦ୍ଧ ରୂପେ ମଧ୍ୟ ଆରାଧନା କରିଥାନ୍ତି । ଇସ୍‌ଲାମ୍‌ ଧର୍ମୀ ସାଲବେଗ ଓ ଯବନ ହରିଦାସ ପ୍ରମୁଖ ଭକ୍ତ ସୁଦ୍ଧା ବହୁ ମର୍ମସ୍ପର୍ଶୀ ଜଣାଣରେ ଶ୍ରୀ ଜଗନ୍ନାଥଙ୍କର ଆରାଧନା କରିଯାଇଛନ୍ତି । ବସ୍ତୁତଃ ସାର୍ବଜନୀନ ମାନବର ମୈତ୍ରୀ-ସାଧନାର ଇଷ୍ଟଦେବ ରୂପେ ଶ୍ରୀ ଜଗନ୍ନାଥଙ୍କ ପରିକଳ୍ପନା ଯେପରି ଅଦ୍ୱିତୀୟ, ସେହିପରି ବିରାଟ ଓ ଉଦାର ।" ଶ୍ରୀ ଜଗନ୍ନାଥ ଓ ଶ୍ରୀ ଜଗନ୍ନାଥ ଧର୍ମର ବିରାଟତ୍ୱକୁ ଲେଖକ ମନୋଜ୍ଞ ଭାବରେ ଉକ୍ତ ଉପନ୍ୟାସରେ ବର୍ଣ୍ଣନା କରିଅଛନ୍ତି । ଅଷ୍ଟାଦଶ ଶତାବ୍ଦୀରେ ଖୋର୍ଦ୍ଧା ଭୋଇ ବଂଶର ରାଜା ଦ୍ୱିତୀୟ ରାମଚନ୍ଦ୍ରଦେବ ଇସଲାମ ଧର୍ମରେ ଧର୍ମାନ୍ତରିତ ହୋଇ ହାଫିଜ୍

କାଦର ବେଗ୍ ରୂପେ ପରିଚିତ ହୋଇଥିଲେ ସୁଦ୍ଧା ହିନ୍ଦୁ-ବିଦ୍ୱେଷୀ ତକୀଖାଁର ଆକ୍ରମଣରୁ ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବାପାଇଁ ଯେପରି ଭୂମିକା ନେଇଥିଲେ, ସେହି ରୋମାଞ୍ଚକର ଘଟଣାକୁ ଔପନ୍ୟାସିକ ଉକ୍ତ ଉପନ୍ୟାସରେ ରୂପ ଦେଇ ଅଛନ୍ତି । ତେଣୁ ଉକ୍ତ ଉପନ୍ୟାସ ଐତିହାସିକ ହୋଇ ମଧ୍ୟ କ୍ଲାସିକ, ଓଡ଼ିଆ ଜାତିର ସାଂସ୍କୃତିକ ଭାବ-ସ୍ପନ୍ଦନର ଏକ ମାର୍ମିକ ଆଲେଖ୍ୟ, ଇତିହାସର ଜୀର୍ଣ୍ଣ କଳେବର ମଧ୍ୟରୁ ଭାବରୂପ ପାଇ ହୋଇଯାଇଛି ଏ ଜାତିର ଏପିକ ।

ଅଷ୍ଟାଦଶ ଶତାବ୍ଦୀର ଖୋର୍ଦ୍ଧା ଭୋଇ ବଂଶର ରାଜା ଦ୍ୱିତୀୟ ରାମଚନ୍ଦ୍ରଦେବ ସେଦିନ ପରିସ୍ଥିତିରେ ପଡ଼ି ଇସ୍‌ଲାମଧର୍ମ ଗ୍ରହଣ କରିଥିଲେହେଁ, ରିଜିଆର ପ୍ରେମାବଦ୍ଧ ହୋଇ ଆପଣାର ପତ୍ନୀ ଲଳିତା ମହାଦେଈଙ୍କର ରୋଷ ଦୃଷ୍ଟିରେ ପଡ଼ିଥିଲେହେଁ ତକୀଖାଁର ଆକ୍ରମଣରୁ ଓଡ଼ିଶାର ଇଷ୍ଟଦେବ ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବାପାଇଁ ଯେପରି ଜୀବନପଣ କରିଥିଲେ ଓ ଶ୍ରୀ ଜଗନ୍ନାଥଙ୍କୁ ଚିଲିକା ଗର୍ଭରେ ଲୁଚାଇରଖି ଧର୍ମାନ୍ଧ ତକୀଖାଁକୁ ସ୍ପର୍ଶକରିବାକୁ ଦେଇ ନଥିଲେ ତାର ଏକ ରୋମାଞ୍ଚକର କାହାଣୀ 'ନୀଳଶୈଳ' । ଏହି ଉପନ୍ୟାସରେ ତକୀଖାଁ, ରାମଚନ୍ଦ୍ର ଦେବ, ବକ୍‌ସୀବେଣୁ ଭ୍ରମରବର, ଦେଓ୍ୱାନ କୃଷ୍ଣ ନରେନ୍ଦ୍ର, ଝଙ୍କଡ଼ି ରାଉତ ଓ ଲଳିତା ମହାଦେଈ ପ୍ରଭୃତି ଚରିତ୍ରଗଣ ଇତିହାସର ଚରିତ୍ର । ଏହି ସମସ୍ତ ଐତିହାସିକ ଚରିତ୍ରମାନଙ୍କ ସହିତ ସରଦେଈ ଓ ଜଗୁନି ପରି କାଳ୍ପନିକ ଚରିତ୍ର ଏବଂ ପୁରୀର ପଣ୍ଡାମାନଙ୍କ ଚରିତ୍ର ଉପନ୍ୟାସଟିକୁ ରସସିକ୍ତ ଓ ପ୍ରାଣବନ୍ତ କରିଦେଇଛି । ଲେଖକ ଦ୍ୱିତୀୟ ସଂସ୍କରଣର ଭୂମିକାରେ ଲେଖିଛନ୍ତି—'ନୀଳଶୈଳ ଲେଖିବାବେଳେ ସରଦେଈ ଚରିତ୍ର ମୋର ପରିକଳ୍ପନାରେ ଥିଲା ଏକ ପାର୍ଶ୍ୱ ଚରିତ୍ରରୂପେ; ମାତ୍ର ଉପନ୍ୟାସ ଶେଷ ବେଳକୁ ସରଦେଈର ରିକ୍ତ ଜୀବନର କାର୍ଣ୍ଣ୍ୟ ଓ ବେଦନା ସବୁଠୋ ଭାବରେ ଯେପରି ଏହି ଉପନ୍ୟାସକୁ ଆଚ୍ଛନ୍ନ କରି ରଖିଛି ! ସରଦେଈ —ମୋର ଅବଚେତନର ସୃଷ୍ଟି । ସରଦେଈ ମଧ୍ୟରେ ଲାଞ୍ଛିତ ଉପେକ୍ଷିତ ଓଡ଼ିଶା ଯେପରି ରୂପ ପରିଗ୍ରହ କରିଛି; ବସ୍ତୁତଃ ଐତିହାସିକ ଉପନ୍ୟାସ

—ଇତିହାସ ନୁହେଁ । ଇତିହାସ ମଧ୍ୟରେ ଚିରନ୍ତନ ଜୀବନଧାରାର ସନ୍ଧାନ ହେଲା, ଐତିହାସିକ ଉପନ୍ୟାସର ମୂଳକଥା ।" ଏହି ଉପନ୍ୟାସରେ ଇତିହାସ ମୁଖ୍ୟ ନୁହେଁ ମାତ୍ର "ମୁଖ୍ୟ ଓଡ଼ିଶାର ଇତିହାସର ଏକ ଘୋର ଦୁଃସ୍ୱପ୍ନରେ ଓଡ଼ିଶାର ଅପରାଜେୟ ପ୍ରାଣ-ଶକ୍ତିର ଆଲେଖ୍ୟ ।" ଏଥିରେ ସଂଗ୍ରାମ ଅଛି; ଏ ସଂଗ୍ରାମ ତକିଖାଁ ଓ ରାମଚନ୍ଦ୍ର ଦେବଙ୍କର ସଂଗ୍ରାମ ନୁହେଁ, ଅତ୍ୟାଚାରିତ ଓ ଅତ୍ୟାଚାରୀର ସଂଗ୍ରାମ ନୁହେଁ—ଧର୍ମ, ଜାତି ବା ଦେଶର ଶତ୍ରୁ ବିରୁଦ୍ଧରେ ନୁହେଁ ମାତ୍ର—"ମନୁଷ୍ୟର ଶତ୍ରୁ ବିରୁଦ୍ଧରେ ଏହା ଏକ ନିଃସଙ୍ଗ, ବେଦନା ବ୍ୟଥିତ ସଂପ୍ରଦାୟ ସଂସ୍କାରମୁକ୍ତ ଆଦର୍ଶ ନିଷ୍ଠ ସଂଗ୍ରାମ ।" 'ନୀଳଶୈଳ' ଉପନ୍ୟାସରେ ଶ୍ରୀ ଜଗନ୍ନାଥଙ୍କ ପ୍ରତି କେବଳ ଓଡ଼ିଶାରେ ନୁହେଁ, ସାରା ଭାରତ ବର୍ଷରେ କପରି ଗଭୀର ଭକ୍ତି ରହି ଆସିଛି ଯୁଗେ ଯୁଗେ ତାର ଏକ ମନୋଜ୍ଞ ଚିତ୍ର ଆଙ୍କିଛନ୍ତି ଲେଖକ । ତେଣୁ ଶ୍ରୀ ଜଗନ୍ନାଥହିଁ ହୋଇ ଯାଇଛନ୍ତି ଏହି ଉପନ୍ୟାସର ନାୟକ । "ଜଗନ୍ନାଥ ଏ ଅପରାଜେୟ ଜାତିର ଆତ୍ମା ।" ସେଇ ଜଗନ୍ନାଥଙ୍କୁ ଅଧିକାର କରିନେଲେ ଓଡ଼ିଆ ଜାତିର ସ୍ୱାଭିମାନ ଲୋପ ପାଇବ—ଓଡ଼ିଆ ହେବ ହୀନବଳ । ସେଥିପାଇଁ ଯୁଗେ ଯୁଗେ ଜଗନ୍ନାଥଙ୍କ ପ୍ରତି ହୋଇ ଆସିଛି ଆକ୍ରମଣ ମାତ୍ର ଜଗନ୍ନାଥ ତଥାପି ରହିଛନ୍ତି ଚିର ଅପରାଜିତ । ତକିଖାଁ ଓ ରାଜା ଅମିନ ଚାନ୍ଦଙ୍କର ସମସ୍ତ ଚକ୍ରାନ୍ତରୁ ରାମଚନ୍ଦ୍ର ଦେବ ଶ୍ରୀ ଜଗନ୍ନାଥଙ୍କୁ ରତ୍ନ ସିଂହାସନରୁ ନେଇ ଚିଲିକାର ହେନ୍ତାଳ ବନରେ ଗୋପନ କରି ରଖିଲେ । ଜଗନ୍ନାଥଙ୍କର ସେହି ଉଲଙ୍ଗ, ନିରାଭରଣ ମୂର୍ତ୍ତିଆଡ଼େ ଚାହିଁ ରାମଚନ୍ଦ୍ର ଦେବ ଭାବିଲେ—

"କାହିଁ ଲଲାଟ ଫଳକରେ ମଣିମୟ ତିଲକର ଶୋଭା ? କାହିଁ ନବୀନ ନୀରଦ ସଦୃଶ ସେ ମେଦୁର ଅଙ୍ଗକାନ୍ତି ? କାହିଁ ଅରୁଣାଧରରେ ରହସ୍ୟ ଜଡ଼ିତ ମନ୍ଦ ହାସ୍ୟର ସେ ଚନ୍ଦ୍ରିକା ?"

ଜଗନ୍ନାଥ ଅଭିଶପ୍ତ ମାନବାତ୍ମା ପରି । ତାଙ୍କର ସଂଗ୍ରାମ କଠୋର ଜୀବନରେ ମୁକ୍ତି ନାହିଁ, ଅନ୍ଧାରର ପ୍ରକାଶ ନାହିଁ । ସବୁ

ଆଡମ୍ବର ପରିହାର କରି ଦୁର୍ଗମ ବନ କାନ୍ତାରରେ ସେ ସେପରି ନିର୍ଜନତାରେ ଦୃଷ୍ଟିଗୋଚର ହେଲେ । ତାଙ୍କୁ ଦେଖି ରାମଚନ୍ଦ୍ର ଦେବ ପୁଣି ଭାବିଲେ—"ମନୁଷ୍ୟର ଜୀବନ ଯଦି ନଶ୍ୱର, ତୁମେ ତାହାହେଲେ ତୁଅ ନଶ୍ୱରତର । ଜୀବନ ଯଦି ଶାଶ୍ୱତ, ତୁମେ ତାହାହେଲେ ତୁଅ ଆହୁରି ଶାଶ୍ୱତ ।" ନୀଳଶୈଳର ନାୟକ ଶ୍ରୀ ଜଗନ୍ନାଥ ସକଳ ଘାତ ପ୍ରତିଘାତ ସହି ଚିଲିକା ଗର୍ଭସ୍ଥ ହେନ୍ତାଳବନରେ ଆତ୍ମ ଗୋପନ କଲେ । ଏଇ ଇତିବୃତ୍ତ ମଧ୍ୟରେ ଲେଖକ ବହୁ କାଳ୍ପନିକ, ଐତିହାସିକ ଓ ଅର୍ଦ୍ଧ ଐତିହାସିକ ଚରିତ୍ରଙ୍କୁ ରୂପାୟନ କରି ଉପନ୍ୟାସର ପ୍ରାଣ ପ୍ରତିଷ୍ଠା କରି ଅଛନ୍ତି-ଇତିହାସ-ବୃତ୍ତରୁ ସୃଷ୍ଟ ଅଥଚ କାଳ୍ପନିକ ଚରିତ୍ର ପାଇକ ବଧୂ ସରଦେଈ ଗୋଦାବରୀଶ ମିଶ୍ରଙ୍କର 'ଅଠରଶହ ସତର' ଉପନ୍ୟାସର ଚଷି ଘରର ଚମ୍ପାର ଏକ ଜୀର୍ଣ୍ଣ ରୂପ ମଧ୍ୟରେ କରୁଣାର୍ଦ୍ର ଅଥଚ ଦର୍ପିତ ଓଡ଼ିଆ ଜାତୀୟତାର ଏକ ମନୋଜ୍ଞ ପ୍ରତିରୂପ । ରାମଚନ୍ଦ୍ର ଦେବଙ୍କର ଚରିତ୍ର ବୃତ୍ତିରେ ଏହି ଚରିତ୍ର ଜୀବନ୍ତ ହୋଇ ରହିଯାଇଛି ଶେଷ ପର୍ଯ୍ୟନ୍ତ ।

ନୀଳଶୈଳରେ ଶ୍ରୀ ଜଗନ୍ନାଥ ରତ୍ନସିଂହାସନ ଛାଡ଼ି ଚିଲିକା ଗର୍ଭରେ ଆତ୍ମଗୋପନ କରିଛନ୍ତି । ଏଠାରୁ ସେ ପୁଣି ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଆତ୍ମଗୋପନ କରି ପୁଣି ଫେରିଛନ୍ତି ଶ୍ରୀମନ୍ଦିରର ରତ୍ନସିଂହାସନକୁ । ତାଙ୍କର ଏଇ ଦର୍ପିତ ପ୍ରତ୍ୟାବର୍ତ୍ତନର କାହାଣୀହିଁ 'ନୀଳାଦ୍ରି ବିଜୟ' (୧୯୮୦) ଉପନ୍ୟାସ । 'ନୀଳଶୈଳ'ରେ ସରଦେଈର ମୃତ୍ୟୁ ପରେ ଲେଖକ ନିଜକୁ ଆବେଗ ଶୂନ୍ୟ ମନେ କରି ଥିଲେହେଁ ସେଇ ଶୂନ୍ୟତା ମଧ୍ୟରୁ ସରଦେଈର ଆତ୍ମାର ଆକୁତି ତାଙ୍କୁ 'ନୀଳାଦ୍ରି ବିଜୟ' ଲେଖିବାକୁ ପ୍ରେରଣା ଦେଇଅଛି । ଚିଲିକା ଗର୍ଭରେ ଗୁରୁବାଇ ଦ୍ୱୀପର ହେନ୍ତାଳ ବଣରେ ଶ୍ରୀ ଜଗନ୍ନାଥଙ୍କ ରହିଣି ଅଉ ନିରାପଦ ନୁହେଁ । ସେଇଠାରୁ ଶ୍ରୀଜଗନ୍ନାଥଙ୍କୁ ଏକ ନିରାପଦ ସ୍ଥାନକୁ ନେବାକୁ ହେବ । ରାମଚନ୍ଦ୍ର ଦେବ ଦଇତା ଓ ପାଇକମାନଙ୍କ ସାହାଯ୍ୟରେ ଜଗନ୍ନାଥଙ୍କୁ ଶଗଡରେ ବସାଇ ଶ୍ରୀଜୟଜଗନ୍ନାଥ ଧ୍ୱନିଦେଇ

ଚିକାଲି ଅଭିମୁଖେ ଯାତ୍ରା କଲେ । ସେଇ ଜଗନ୍ନାଥ ରାମଚନ୍ଦ୍ର ଦେବଙ୍କ "ଦୃଷ୍ଟିରେ ଓଡ଼ିଶାର କେବଳ ଇଷ୍ଟଦେବ ନୁହନ୍ତି । ସିଏ ଓଡ଼ିଶାର ଆତ୍ମା, ମୁକ୍ତି ସାଧନାର ଉତ୍ସବିନ୍ଦୁ ।" ସେଇ ଜଗନ୍ନାଥଙ୍କୁ ଖୋଜି ବାହାର କରିବାକୁ ତକୀଖାଁଙ୍କର ଫୌଜଦାର ଓ ଲସ୍କରମାନେ ଓଡ଼ିଶାର କୋଣେ କୋଣେ ଖେଳେଇ ହୋଇ ଯାଇଥାନ୍ତି । ଅଥଚ ରାମଚନ୍ଦ୍ର ଦେବ ହଦ୍‌ଚିନ୍ନ ଦଳବେହେରା ଓ ଅନ୍ୟାନ୍ୟ ପାଇକସର୍ଦ୍ଦାରମାନଙ୍କୁ କହିଥିଲେ —"ଦଅଁମାନେ ନଶ୍ୱର; କିନ୍ତୁ ଆପଣମାନେ ନଶ୍ୱର କି ? ଓଡ଼ିଶା ନଶ୍ୱର କି ? ସକଳ ବିପଦର ବିନାଶକାରୀଙ୍କ ପାଇଁ କି ବିପଦ ଥାଇ ପାରେ ? ଯାହାଙ୍କୁ ଅଗ୍ନି ଦଗ୍ଧ କରିପାରି ନାହିଁ; ଶସ୍ତ୍ର ଛିନ୍ନ କରିପାରି ନାହିଁ, ବାୟୁ ଶୁଷ୍କ କରି ପାରି ନାହିଁ; ମୋଗଲମାନେ ତାଙ୍କର କଣ କରି ପାରିବେ ?" ଏଇ ଆତ୍ମବିଶ୍ୱାସହିଁ ରାମଚନ୍ଦ୍ର ଦେବଙ୍କୁ କରିଥିଲା ଉଦାତ୍ତ ଓ ଶକ୍ତିମାନ । ମୋଗଲମାନଙ୍କର ସକଳ ସତର୍କ ଦୃଷ୍ଟିକୁ ଭେଦ କରି ସେ ଶ୍ରୀ ଜଗନ୍ନାଥଙ୍କୁ ରତ୍ନସିଂହାସନକୁ ଫେରାଇ ଆଣିଥିଲେ । ତକୀ ଖାଁ, ଅମିନ ଚାନ୍ଦ; ଲଳିତା ମହାଦେଈ; ପଦ୍ମନାଭ ଦେବପ୍ରମୁଖଙ୍କର ସକଳ ଚକ୍ରାନ୍ତ ଓ ବିରୋଧ ସତ୍ତ୍ୱେ ଶ୍ରୀ ଜଗନ୍ନାଥ ଫେରିଲେ ରତ୍ନସିଂହାସନକୁ । ହାଶିମ ଖାଁର ତୋପର ଗୁଳି ସେଦିନ ସେଇ ଜନସମୁଦ୍ରକୁ ଅଟକାଇ ପାରିଲା ନାହିଁ । ରାଜଅମ୍ମା ବେଗମଙ୍କର ହାଶିମ ଖାଁଙ୍କୁ ଆକ୍ରମଣ ଓ ମୋଗଲମାନଙ୍କର ପଳାୟନ ଏବଂ ଶ୍ରୀ ଜଗନ୍ନାଥଙ୍କର ନିରାପଦରେ ରତ୍ନସିଂହାସନକୁ ଯାତ୍ରାହିଁ ଉପନ୍ୟାସର କଥାବସ୍ତୁ । ଯେଉଁ ରାମଚନ୍ଦ୍ର ଦେବ ଶ୍ରୀ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରକୁ ଫେରାଇ ଆଣିଲେ ସେଇ ପୁଣି ବିଧର୍ମୀ ହେବୁ ଶ୍ରୀମନ୍ଦିରର ଭିତରକୁ ଯିବାର ଅଧିକାର ପାଇଲେ ନାହିଁ । ଯେଉଁ ରାଜଅମ୍ମା ପୂର୍ବେ ପିପିଲି ଘାଟିଠାରେ ମୋଗଲ ସେନାଙ୍କୁ ଆକ୍ରମଣ କରି ହଟାଇ ଦେଇ ଶ୍ରୀଜଗନ୍ନାଥଙ୍କୁ ନିରାପଦରେ ଶ୍ରୀକ୍ଷେତ୍ରକୁ ନେଇ ଆସିଲେ ତାଙ୍କରପୁଣି ଦେଉଳ ଭିତରକୁ ଯିବା ନିଷିଦ୍ଧ ହେଲା । ରାଜଅମ୍ମା ଚାଲିଯାଇଛି ମାତ୍ର ରାମଚନ୍ଦ୍ର ଦେବଙ୍କ ମନ ଭିତରେ ସୃଷ୍ଟି ହେଲା ଗଭୀର ପ୍ରତିକ୍ରିୟା । ତାଙ୍କର ସଂକଳ୍ପ ଶେଷ ହୋଇଛି ମାତ୍ର ସେ ଭାବିଲେ—"ଧର୍ମ ହେଲା

ଧର୍ମାନ୍ଧତା । ସ୍ୱାଧୀନତା ହେଲା କେତେକ ଧର୍ମଧ୍ୱଜୀଙ୍କ ବିଶୃଙ୍ଖଳ ପ୍ରମତ୍ତତା । ମୈତ୍ରୀ ହେଲା ମାନବ ଦ୍ରୋହ । ତାଙ୍କର ସବୁ ସଫଳତା ମୁଠାଏ ବାଲିପରି ତଳେ ଝରିପଡ଼ିଲା । ମୈତ୍ରୀ ଦେବ ଜଗନ୍ନାଥଙ୍କ ସିଂହଦ୍ୱାର ରୁଦ୍ଧ ହେଲା, ଯିଏ ତାଙ୍କର ମାନରକ୍ଷା ପାଇଁ ନିଶ୍ଚିତ ମୃତ୍ୟୁର ସମ୍ମୁଖୀନ ହୋଇଥିଲା ତାରି ପାଇଁ । ଇଏକି ସନାତନ ଧର୍ମ ନୁହେଁ ! ଇଏ ଧର୍ମାନ୍ଧତା । ଇଏ ତ ମୈତ୍ରୀ ପୀଠ ନୁହେଁ ; ଗୋଟାଏ ନିବୁଜ ଗୋଷ୍ଠୀର ବିଚରଣ ଭୂମି । ଜଗନ୍ନାଥ ଏ ଷଡ଼ଯନ୍ତ୍ରର ମଧ୍ୟ ମୂକସାକ୍ଷୀ ! ଜଗନ୍ନାଥ ସଂସ୍କୃତି; ମୈତ୍ରୀ, ପ୍ରୀତି...ଏସବୁ କେବଳ ମୁଖରୋଚକ ପଦହିଁ । ତାର ଆଚରଣ କାହିଁ ଜନଜୀବନରେ ?" ରାମଚନ୍ଦ୍ର ଦେବ ଜନଗହଳି ମଧ୍ୟରେ ଏଥର ହଜିଗଲେ ସବୁଦିନପାଇଁ ।

ଶ୍ରୀ ଜଗନ୍ନାଥଙ୍କର ନୀଳାଦ୍ରି ବିଜୟ ହେଲା ସତ; ମାନବିକତାର ବିଜୟ ହେଲା ନାହିଁ । ତାହା ଯେପରି ସଙ୍କୀର୍ଣ୍ଣତା ମଧ୍ୟରେ ଅବରୁଦ୍ଧ ହୋଇଗଲା । ଶ୍ରୀ ଜଗନ୍ନାଥଙ୍କର ଦର୍ପିତ ଯାତ୍ରା, ଅଗଣିତ ଜନତାର ଜୟ ଜଗନ୍ନାଥ ଧ୍ୱନିର ଉନ୍ମତ୍ତତା, ମୋଗଲମାନଙ୍କର ନାରକୀୟ ଆକ୍ରମଣ, ଲଳିତା ମହାଦେଈଙ୍କର କ୍ଷମତା ସିଂହାସନପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ, ଭାଗୀରଥି କୁମାରର ପରିବର୍ତ୍ତନ, ମୋଗଲ ପଦଲେହନକାରୀ ଅମିନ ସ୍କନ୍ଦଙ୍କର କାର୍ଯ୍ୟକଳାପ, ଝିଜଆର ରାମଚନ୍ଦ୍ର ଦେବଙ୍କ ପ୍ରତି ଗଭୀର ପ୍ରେମ ଓ ତ୍ୟାଗ ଏବଂ ଓଡ଼ିଆର ଅପରାଜେୟତାର ପ୍ରତୀକ ଶ୍ରୀ ଜଗନ୍ନାଥଙ୍କର ରକ୍ଷା, ଶେଖ ସୁଆରର ଦର୍ପିତ ବ୍ୟକ୍ତିତ୍ୱ ଓ ସ୍ୱାଭିମାନ, ଜଗୁନର ତ୍ୟାଗ ଓ ମହତ୍ତ୍ୱ, ସରଦେଈର ସ୍ମୃତି ଆଦି ନାନା ଘଟଣା ଉକ୍ତ ଉପନ୍ୟାସକୁ ପ୍ରାଣବନ୍ତ କରିଦେଇ ଅଛି ।

'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ' ଦୁଇଟି ସ୍ୱୟଂ ସଂପୂର୍ଣ୍ଣ ଉପନ୍ୟାସ ହେଲେହେଁ ଉଭୟେ ଯେପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଭୟ ଦର୍ପିତ ଓଡ଼ିଆ ଜାତିର ଅପରାଜେୟ ଆତ୍ମାର ମର୍ମିକ ସ୍ୱର ଲିପି । ଐତିହାସିକ ହୋଇ ମଧ୍ୟ ହୋଇଛି ଓଡ଼ିଆ ଜାତିର ଜୀବନ ବେଦ । ତେଣୁ ମନେ ହୁଏ ଫକୀରମୋହନ ସେନାପତିଙ୍କର 'ଲଛମା'

(୧୯୦୩) ଐତିହାସିକ ଉପନ୍ୟାସ ପରେ ଯଦିଓ ବହୁ ଐତିହାସିକ ଉପନ୍ୟାସ ରଚିତ ହୋଇଅଛି ସେଗୁଡ଼ିକ ଘଟଣାବଳୀର ବିବରଣୀ ମାତ୍ର ହୋଇ ଥିବାରୁ ଓ ସେସବୁରୁ କାଳଜୟୀ ମାନବିକ ମୂଲ୍ୟବୋଧର ପରିଚୟ ମିଳୁ ନ ଥିବାରୁ 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ' ଏହି ଐତିହାସିକ ଧାରାରେ ସଫଳତମ ସୃଷ୍ଟି । ଏ ଗୁଡ଼ିକରେ ଐତିହାସିକ ଘଟଣା ଅଛି, ଚରିତ୍ର ଅଛି ମାତ୍ର ସେସବୁ ଇତିହାସ ନୁହେଁ ; ଇତିହାସଠାରୁ ବୃହତ୍ତମ ସତ୍ୟ ମାନବିକ ମୂଲ୍ୟବୋଧ ଓ ପ୍ରଚଣ୍ଡ ଜାତୀୟ ସ୍ୱାଭିମାନର ମର୍ମଲିପି ।

ସୁରେନ୍ଦ୍ର ମହାନ୍ତିଙ୍କ ବ୍ୟତୀତ ଅନ୍ୟ ଅନେକ ଲେଖକ ଐତିହାସିକ ଉପନ୍ୟାସମାନ ରଚନା କରିଅଛନ୍ତି । ମୁରଲୀଧର ମଲ୍ଲିକଙ୍କର 'ରକ୍ତ ଶପଥ', 'ମଙ୍ଗଳେ ଅଇଲା ଉଷା', 'ରଜନୀ ଯାଇଛି ଟଳି', 'ଅକାଳ କୁହୁଡ଼ି', 'ଗୁମ୍ଫର ବାଘ ପୁଣି ସାଧକର ଶକ୍ତି', 'ଛଦ୍ମ-ବେଶରେ ସୁଲତାନ', 'ଅଦୃଷ୍ଟର ପରିହାସ' ଓ 'ଦେବୀ' ପ୍ରଭୃତି କେତୋଟି ଐତିହାସିକ ଉପନ୍ୟାସ ଅଛି । ୧୮୫୭ର ସିପାହୀ ବିଦ୍ରୋହଠାରୁ ଏପର୍ଯ୍ୟନ୍ତ ଇତିହାସ ଓ ରାଜନୀତିର ପୃଷ୍ଠଭୂମି ଉପରେ ଆଧାରିତ 'ରକ୍ତ ଶପଥ' । ଐରବଂଶଜ ଖାରବେଳଙ୍କର ଜୀବନର ଦର୍ପିତ ଅଭିଯାନ ଓ ତା'ଭିତରେ ତାଙ୍କର ମାନବିକ ଭାବଫଲ୍‌ଗୁ ଏବଂ ଜାତୀୟ ସ୍ୱାଭିମାନର ଆଲେଖ୍ୟ ବହନକରି 'ମଙ୍ଗଳେ ଅଇଲା ଉଷା' (୧୯୭୫) ଏବଂ 'ରଜନୀ ଯାଇଛି ଟଳି' (୧୯୬୪) ଉପନ୍ୟାସ ରଚିତ । ସିପାହୀ ବିଦ୍ରୋହବେଳେ ପୁରୀର ଦେନଜୁଲିର ଭୂମିକାକୁ କଳାତ୍ମକ ଭାବରେ ରୂପ ପ୍ରଦାନ କରାଯାଇଛି 'ଅକାଳ କୁହୁଡ଼ି' ଉପନ୍ୟାସରେ । ଢେଙ୍କାନାଳର ଅତ୍ୟାଗ୍ର ଶାସନର ମାର୍ମିକ ଆଲେଖ୍ୟ ବହନ କରି 'ଦେବୀ' ରଚିତ । ଏସବୁ ଉପନ୍ୟାସରେ ଘଟଣା ମୁଖ୍ୟ— ଇତିହାସର ସତ୍ୟ ପ୍ରତି ବିଶ୍ୱସ୍ତତା ସମଧିକ ମାତ୍ର ମାନବିକ ମୂଲ୍ୟବୋଧର ଉଦ୍‌ଘାଟନ ଓ ପ୍ରତିଷ୍ଠାରେ ରୋମାଣ୍ଟିକ ଭାବର ପରିଚୟ ମିଳିଥାଏ ।

ବାମାଚରଣ ମିତ୍ରଙ୍କର 'ଚନ୍ଦ୍ର ଓ ଚମ୍ପା' ବୌଦ୍ଧଯୁଗୀୟ ଇତିହାସର ଏକ କଳାତ୍ମକ ରଚନା । ଖ୍ରୀ. ପୂ. ପ୍ରଥମ ଶତାବ୍ଦୀଠାରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ମଧ୍ୟରେ ଯେତେବେଳେ ନାନା ମତବାଦ ସୃଷ୍ଟି ହୋଇ ଧର୍ମରେ ଜଡ଼ତା ଆସିଯାଇଥିଲା ଓ ଅନ୍ୟ ଦିଗରେ ନୂତନ ଭାବଧାରା ପ୍ରକାଶିତ ହୋଇ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠାପାଇଁ ସଙ୍କେତ ପ୍ରକାଶ ପାଉଥିଲା ସେଇ ସମୟର ସାମାଜିକ-ସାଂସ୍କୃତିକ ଇତିହାସକୁ ନେଇ ଏହି ଉପନ୍ୟାସଟି ରଚିତ । ଏଥିରେ ମୌର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କଠାରୁ ଆରମ୍ଭ କରି ବିମ୍ବିସାର ଓ ଅଶୋକଙ୍କ ପର୍ଯ୍ୟନ୍ତ ରାଜଧର୍ମର କ୍ରମ ବିବର୍ତ୍ତନ ଓ ଅନ୍ୟ ପକ୍ଷରେ ଓଡ଼ିଶାର ଐରଖାରବେଳଙ୍କର ଖ୍ୟାତି ଓ ଝଗଡ଼ଜପୁର ସୂଚନା ରହିଥିଲେହେଁ ସୁଖୀପଲ୍ଲୀର ଦରିଦ୍ର ବ୍ରାହ୍ମଣ ସୋମଦତ୍ତଙ୍କର ମହାକାଞ୍ଚନ-ମହାଶାଳ ଓ ମହାସାର ନାମକ ତିନିପୁଅର ଜ୍ଞାନ, ଶକ୍ତି ଓ ଉଦାରତାର ପରିଚୟ ପ୍ରଦାନ କରାଯାଇଅଛି । ମହାକାଞ୍ଚନ ଯୋଗୀ ଓ ଜ୍ଞାନୀ । ମଗଧ ରାଜା ପୁଷ୍ପମିତ୍ରଙ୍କର ସେ ପ୍ରଧାନମନ୍ତ୍ରୀ । ମହାଶାଳ ଶକ୍ତିମାନ । ସେ ଖାରବେଳଙ୍କର ପ୍ରଧାନ ସେନାପତି । ମହାସାର କୃଷୀ । ସେ ବ୍ରାହ୍ମଣ ହୋଇ ମଧ୍ୟ ଦେବପୂଜା ଛାଡ଼ି ତନ୍ତୁବାୟ ପରିବାରରେ ବିବାହ କରିଥିଲା । ସେଥିପାଇଁ ବ୍ରାହ୍ମଣ ସମାଜରେ ତାର ନିନ୍ଦା । ଅଥଚ ସେହିଁ ବାପା ଓ ମାଆଙ୍କର ସେବା କରେ । ସେ ଉଦାର ଓ ଶାନ୍ତ । ସେ ମନୁଷ୍ୟ ଓ ଭଗବାନଙ୍କ ମଧ୍ୟରେ ପୁରୋହିତଙ୍କୁ ଏକ ପରାଙ୍ଗପୁଷ୍ଟ ଜୀବ ଭାବରେ ବିଚାର କରେ । ଜ୍ଞାନ, ଶକ୍ତି ଓ ମାନବିକତାର ପରୀକ୍ଷା ହେଲା ଚମ୍ପାର ଗୋଡ଼ ଭଲ କରିବା ଘଟଣାରେ । ସେଠି ଜ୍ଞାନର ଅହଂକାର ବ୍ୟର୍ଥ ହେଲା; ବ୍ୟର୍ଥ ହେଲା ମଧ୍ୟ ଶକ୍ତିର ଅହଂକାର । ଅବଶେଷରେ ବିଜୟ ଲାଭ କଲା ଉଦାରତା ଓ ମାନବିକତା । ମହାସାରର ନିର୍ଦ୍ଦେଶରେ ଚମ୍ପା ଚାଲିବାକୁ ସମର୍ଥ ହେଲା । ବୌଦ୍ଧଧର୍ମର କ୍ରମ ଅପର୍ଯ୍ୟୟ ଓ ବ୍ରାହ୍ମଣ୍ୟ ଧର୍ମର କ୍ରମ ଅଭ୍ୟୁତ୍ଥାନ ସମୟରେ ଏହି ଘଟଣା ଏକ ଆବେଗିକ ସମାଧାନ । ଏଥିରେ ହୁଏତ ଐତିହାସିକ ସତ୍ୟତା ନାହିଁ,

ଏହା ହୁଏତ ଏକ କାଳ୍ପନିକ ଘଟଣା ପ୍ରବାଦ ମାତ୍ର ଏଥିରେ ଯେପରି ସେ ସମୟର ଇତିହାସର ଭାବ-ମର୍ମକୁ ରୂପାୟନ କରାଯାଇଅଛି ତାହା ପ୍ରଣିଧାନଯୋଗ୍ୟ । ସେହି ଅଜ୍ଞାତର ରୂପଦେବାକୁ ଯାଇ ଲେଖକ ନିଜେ ସୂଚନାରେ କହିଛନ୍ତି—"କଥା କୁହ, ହେ ଅନାଦି, ଅଜ୍ଞାତ । ନବବଧୂ ପରି ତୁମେ ଚିରଦିନ ନୀରବ । ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ଭୂତତ୍ତ୍ୱବିତ୍ ଆଦି ଜ୍ଞାନୀମାନେ ସେମାନଙ୍କର ଜ୍ଞାନ ସାହାଯ୍ୟରେ ତୁମକୁ କଥା କୁହାଇବାକୁ ଚେଷ୍ଟା କରିଅଛନ୍ତି, ତୁମେ କେବଳ ଗମ୍ଭୀର ଭାବରେ ଅନାଇ ରହିଛ ସେମାନଙ୍କୁ । ସାହିତ୍ୟିକମାନେ ସେମାନଙ୍କର କଳ୍ପନା ସାହାଯ୍ୟରେ ତୁମକୁ କଥା କୁହାଇବାକୁ ଚେଷ୍ଟା କରିଅଛନ୍ତି, ତୁମେ କେବଳ ସ୍ମିତ ହାସ୍ୟ କରିଛ । ମୁଁ ଜଣେ ଅପଟୁ ସାହିତ୍ୟିକ, ମୋର କଳ୍ପନା ଶକ୍ତି କ୍ଷୀଣ । ତଥାପି ମୁଁ ମଧ୍ୟ ତୁମକୁ କଥା କୁହାଇବାକୁ ଚେଷ୍ଟା କରୁଛି, ଜାଣେ ନା ଏ ଚେଷ୍ଟା ତୁମ ଅଧରରେ କି ଭାବ ଫୁଟାଇବ ।"

ଆଖ୍ୟାୟିକା କାଳ୍ପନିକ ମାତ୍ର ଭିତ୍ତି ଏହାର ଇତିହାସ । ସେହି ଇତିହାସ ଅନ୍ଧକାରର ଗହ୍ୱର । ତାରି ଭିତରୁ ଲେଖକ ଉଦ୍‌ଘାଟନ କରିଅଛନ୍ତି ମାନବର ଭାବସତ୍ତ୍ୱକୁ—ରୂପାୟନ କରିଛନ୍ତି ମଣିଷର ଚିରନ୍ତନ ଦ୍ୱନ୍ଦ୍ୱ-ସଂଘର୍ଷକୁ । ଜ୍ଞାନ-ଶକ୍ତି ଓ ଉଦାରତା ମଧ୍ୟରେ ପ୍ରେମର ଏକ ମନୋଜ୍ଞ ଫଲ୍‌ଗୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଝରିଯାଇ ଉପନ୍ୟାସଟିକୁ ପ୍ରାଣବନ୍ତ କରିଅଛି । ତେଣୁ ଇତିହାସର ଘଟଣା ଏଥିରେ ମୁଖ୍ୟ ନୁହେଁ, ମୁଖ୍ୟ ଇତିହାସବୃତ୍ତର ଭାବ-ଭାବନା ।

ସ୍ୱାଧୀନତା ପରବର୍ତ୍ତୀ ଅନ୍ୟତମ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ ମଧ୍ୟ 'ଚପଳଛନ୍ଦା' ଓ 'ସୁଲତାନା' ପରି ଐତିହାସିକ ଉପନ୍ୟାସ ରଚନା କରିଅଛନ୍ତି । ତାଙ୍କର ପ୍ରତ୍ୟେକଟି ଉପନ୍ୟାସରେ ରୋମାଣ୍ଟିକ ସମ୍ବେଦନା ପ୍ରାଧାନ୍ୟ ଲାଭ କରିଥିଲେ ମଧ୍ୟ ସେଥିରେ ନାରୀ-ପୁରୁଷର ଚିରନ୍ତନ ଦ୍ୱନ୍ଦ୍ୱ-ସଂଘର୍ଷ ମୁଖ୍ୟଭାବ-ବିଭବ । ସେହି ଭାବ-ବଳୟ ମଧ୍ୟରେ ମାନବିକ ଚେତନାର ଉତ୍ତରଣ ସ୍ପଷ୍ଟ ଲକ୍ଷ୍ୟ କରାଯାଇ

ଥାଏ । 'ଚପଳଛନ୍ଦା' ପରି ଐତିହାସିକ ଉପନ୍ୟାସରେ ମଧ୍ୟ ଲେଖକ ସେଇ ମାନବିକ ଚିତ୍ତ-ସଂଘର୍ଷ ଓ ତାର ପରିଣତିକୁ ମର୍ମସ୍ପର୍ଶୀ ଭାବରେ ରସ-ରୂପାୟନ କରିଅଛନ୍ତି । ଏହି ଉପନ୍ୟାସ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ବ୍ରିଟିଶ ବାହୁଗ୍ରସ୍ତ ତଳେ ଗଡ଼ଜାତ ରାଜତନ୍ତ୍ରର ଅତ୍ୟାଚାରୀ ଶାସନର ଏକ ମର୍ମଲିପି । ଏହାର ସୀମା ଭାରତର ପ୍ରଥମ ସାଧାରଣ ନିର୍ବାଚନର ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ । ଏ ସମ୍ପର୍କରେ ଲେଖକ ନିଜେ କହନ୍ତି—"ଐତିହାସିକ ପୃଷ୍ଠଭୂମିରେ ଲିଖିତ ଏହି ରାଜନୈତିକ ଉପନ୍ୟାସର ଘଟଣାକାଳ ଦ୍ୱିତୀୟ ମହାଯୁଦ୍ଧଠାରୁ ଭାରତର ପ୍ରଥମ ସାଧାରଣ ନିର୍ବାଚନ ପରବର୍ତ୍ତୀ ସମୟ ମଧ୍ୟରେ ସୀମାବଦ୍ଧ । ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ସମ୍ପର୍କୀୟ ଏଥିରେ ସନ୍ନିବିଷ୍ଟ କେତେକ ତଥ୍ୟ ମୁଁ ସ୍ୱର୍ଗୀୟ ସାରଙ୍ଗଧର ଦାସଙ୍କ ଏ ଯାବତ୍ ଅପ୍ରକାଶିତ ସୁଦୀର୍ଘ ଗଡ଼ଜାତ ଆନ୍ଦୋଳନର ଇତିହାସରୁ ଗ୍ରହଣ କରିଛି । କିନ୍ତୁ ଏ ଉପନ୍ୟାସର କାହାଣୀ କୌଣସି ନିର୍ଦ୍ଦିଷ୍ଟ ଗଡ଼ଜାତର ଇତିହାସକୁ ଭିତ୍ତି କରି ଲେଖା ହୋଇନାହିଁ । କାରଣ, ଏହା ଉପନ୍ୟାସ—ଇତିହାସ ନୁହେଁ ।" ଏହି ସ୍ୱୀକୃତିହିଁ ଉକ୍ତ ଉପନ୍ୟାସର ଭାବାତ୍ମକ ପୃଷ୍ଠଭୂମି । ଯାତନା ନଗରର ଅତ୍ୟାଚାରୀ ରାଜା ବୈରିଗଞ୍ଜନ ସିଂହଦେଓ ଇଂରେଜ ମାନଙ୍କୁ ସାହାଯ୍ୟ କରି ନିରୀହ ପ୍ରଜାମାନଙ୍କ ଉପରେ ନିର୍ମମ ଦମନଲୀଳା ଚଳାଇଥାନ୍ତି । ସେଇ ଅନ୍ଧାରୀ ଗଡ଼ରେ—"ରାଜା ସବୁ ବୋହୂଝିଅଙ୍କୁ ସ୍ପର୍ଶ କରନ୍ତି । ସେଥିରେ ପବିତ୍ର ହୁଏ ସେମାନଙ୍କର କାୟା । କାରଣ, ରାଜା ଭଗବାନଙ୍କର ପ୍ରତିନିଧି ।" ଯେଉଁମାନେ ରାଜତନ୍ତ୍ର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଏ । କେଳା ଭଜବନ୍ଦର ପତ୍ନୀ ଚୋପାମାର ତନୁଶୀର୍ଷରେ ସ୍ନାନ କରିବାକୁ ରାଜା ବୈରିଗଞ୍ଜନଙ୍କର ଦେଖାଦିଏ ଗଭୀର ଲାଳସା । ଭଜବନ୍ଦର ନିଷ୍ଠୁର ମୃତ୍ୟୁ ପରେ ଚୋପାମା ହେଲା ସେଇ ଲାଳସାର ଶିକାର । ସେ ହେଲା ଅନ୍ଧାରଗଡ଼ ରାଜପ୍ରସାଦର ରାଜନର୍ତ୍ତକୀ ଚପଳଛନ୍ଦା ଚୋପାମା । ରାଣୀ ମୁକ୍ତାମାଳା ହେଲେ ଅବହେଳିତା । ପ୍ରଜାମଣ୍ଡଳର ଆହ୍ୱାନ ଗଗନ ପବନ ମୁଖରିତ କଲା—

"ପ୍ରଜାମଣ୍ଡଳ—ଜିନ୍ଦାବାଦ୍ !
ତୁଙ୍କାପିଠା ଶାସନ—ଦୂରହେଉ !
ବେଠି, ବେଗାର—ଛଡିଯାଉ ।"

ବେଙ୍କାନ ବିଶ୍ୱେଶ୍ୱର ପଟ୍ଟନାୟକଙ୍କ ପୁତ୍ର ସୂର୍ଯ୍ୟମଣି ଏହି ଆନ୍ଦୋଳନର ନେତୃତ୍ୱ ନେଲେ । ରାଣୀ ମୁକ୍ତାମାଳାଙ୍କର ଥିଲା ତାଙ୍କପ୍ରତି ଗଭୀର ମମତା । ଯେତେବେଳେ ପ୍ରଜାମଣ୍ଡଳଙ୍କ ସଭାଉପରେ ଇଂରେଜ ଫୌଜଙ୍କୁ ପଠାଇ ଗୁଳି ଚଳାଇବାର ବ୍ୟବସ୍ଥା କରାଗଲା ସେତେବେଳେ ରାଣୀ ମୁକ୍ତାମାଳା ଏକାକିନୀ ଜନ୍‌ସନ୍‌ଙ୍କ କୋଠରୀକୁ ଯାଇ ନିଜର ଗୌରବ ନମସ୍ତରେ ଏଇ ନିର୍ମମ ଆଦେଶକୁ ପ୍ରତ୍ୟାହାର କରାଇ ଦେଇଥିଲେ । ପ୍ରଜାମଣ୍ଡଳ ଉପରେ ଶତ ନିର୍ଯ୍ୟାତନା ସତ୍ତ୍ୱେ ତାହା ଦବିଗଲା ନାହିଁ । ଆନ୍ଦୋଳନ ବ୍ୟାପକତର ହେଲା । ଭାରତ ମଧ୍ୟ ସ୍ୱାଧୀନତା ଲାଭ କଲା । ଜନସନ୍ ବିଦାୟ ନେଇ ଯିବା ପୂର୍ବରୁ ରାଣୀ ମୁକ୍ତାମାଳା ତାଙ୍କ ପାଖକୁ ଯାଇ କହିଲେ—"ଅନ୍ଧାରଗଡ଼ ଛାଡ଼ିବା ଆଗରୁ ଆପଣ ମୋ ପ୍ରଶ୍ନର ଉତ୍ତର ଦେଇ ଯାଆନ୍ତୁ । ନିଜ ପ୍ରିୟଜନର ଜୀବନରକ୍ଷାଠାରୁ ନାରୀର ନିଜ ଦେହଟା କ'ଣ ବଡ଼ ? ନିଜର ସ୍ନେହଭାଜନ ପ୍ରିୟ ପୁରୁଷ; ମୋ ରାଜ୍ୟର ଅଗଣିତ ବିପ୍ଲବୀ ପ୍ରଜାଙ୍କୁ ଗୁଳି ମାଡ଼ରୁ ରକ୍ଷା କରିବାକୁ ଯାଇ ଆପଣଙ୍କୁ ନିଜଦେହ ସମର୍ପଣକରି ମୁଁ କ'ଣ ଅସତୀହୋଇଛି ?" ସେ ଦିନର ସେଇ ନାରୀ-ଦେହ-ଭୋଗୀ ଇଂରାଜୀ ସାହେବ ଜନସନ୍ ଏଇ ପ୍ରଶ୍ନରେ ବିଚଳିତ ହୋଇଗଲେ । ଏତେ ବଡ଼ କ୍ଷମତାଦୃପ୍ତ ସଇତାନର ହେଲା ପରିବର୍ତ୍ତନ । ଅନ୍ତରର ଯେଇ ଦୁର୍ବାର ଯୌନ ପ୍ରମତ୍ତତା ଉବେଇଗଲା । "ସେ ଅନୁନୟ କଣ୍ଠରେ କହିଲେ, ଆପଣଙ୍କ ପ୍ରଶ୍ନର ଉତ୍ତର ଦେବାପାଇଁ ମୁଁ ଅଯୋଗ୍ୟ ରାଣୀ ସାହେବା । ମୁଁ କାପୁରୁଷ । ମୁଁ ଭାରତରେ ରହିବି ନାହିଁ । ଭାରତ ଏକ ବିରାଟ ଦେଶ, ମହତ୍ ଦେଶ । ମୁଁ ଭାରତ ଛାଡ଼ି ଇଂଲଣ୍ଡ ଫେରିଯିବି ।"

ଏଦେଶ ସ୍ୱାଧୀନତା ଲାଭ କଲା । ବ୍ରିଟିଶ ହାକିମମାନେ ଏଠାରୁ ବିଦାୟ ନେଇଗଲେ । ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେଲା । ରାଜତନ୍ତ୍ର

ସେଥି ପାଇଁ ମାତ୍ର ଅତୀତର ସାମନ୍ତବାଦୀ ଚରିତ୍ରମାନେ ଗଣତନ୍ତ୍ର ପୋଷାକରେ ନୂଆ ରୂପରେ ଆବିର୍ଭୂତ ହେଲେ । ରାଜା ହେଲେ ଗଣତନ୍ତ୍ର ନିର୍ବାଚନରେ ପ୍ରାର୍ଥୀ । ଆକୁଳ କଣ୍ଠରେ ଜନତା ଆବେଦନ କଲେ— "ଆପଣ ରାଜା, ଆପଣ ଦେବଦୂତ । ଆପଣ ଆମର ଦେବତା । ଦେଶରେ ସ୍ୱାଧୀନତା ନାମରେ ରାବଣ ଶାସନ ଚାଲିଛି । ଜଙ୍ଗଲରୁ କାଠ କାଟିଲେ ହାତକଡ଼ି । ମିରିଗ କି ଠେକୁଆଟିଏ ମାରିଲେ ଜୋରିମାନା । ଚାରିଆଡ଼େ ଟିକସର ବୋଝ—ଓଳିଏ ଡେରି କରିଦେଲେ ଜମି, ଘରବାଡ଼ି ନିଲାମ......ସ୍ୱାଧୀନତା ଆମର ସର୍ବନାଶ କଲା । ଆପଣ ଆସନ୍ତୁ ରାଜା ହୁଅନ୍ତୁ । ଆମେ ଆପଣଙ୍କ ପ୍ରଜା ।" ରାଜା ହେଲେ ମନ୍ତ୍ରୀ । ଅଥଚ ଜନତାର ସେବା ନାମରେ ଛଳାସନ୍ଧି ହେଲା ମୁଖ୍ୟ । ବନ୍ୟାରେ ଜନସାଧାରଣ ଆର୍ତ୍ତବିଳାପ କରୁଥିଲେହେଁ ସେ ଦିଗକୁ ଧ୍ୟାନ ନାହିଁ । ଏହି ସତ୍ୟକୁ ଲେଖକ ଚମତ୍କାର ଭାବରେ ଆଲୋଚ୍ୟ ଉପନ୍ୟାସରେ ବର୍ଣ୍ଣନା କରିଅଛନ୍ତି । ଏଥିରେ କୌଣସି ଚରିତ୍ର ଐତିହାସିକ ନୁହେଁ । ବୈରିଗଞ୍ଜନ—ଭିକ୍ଟେଶ୍ୱର—ଜନ୍‌ସନ—ଷ୍ଟ୍ରିଙ୍ଗ—ମୁକ୍ତାମାଳା-ତୋଫାନୀ—ଭଜରାମ—ସୂର୍ଯ୍ୟମଣି—ଚୌଧୁରୀ—ଲାବଣ୍ୟ; କେହି ଐତିହାସିକ ନୁହନ୍ତି ମାତ୍ର ଇତିହାସର ବୃତ୍ତରେ ଏମାନେ ସମସ୍ତେ ଐତିହାସିକ ଚରିତ୍ରର ପ୍ରତିନିଧି । ଅତୀତର ରାଜତନ୍ତ୍ରର ନିର୍ମମ ନିଷ୍ଠୁର ଇତିହାସର ଏହି ଉପନ୍ୟାସ ତେଣୁ ଏକ ମାର୍ମିକ ଅଭିବ୍ୟକ୍ତି ।

ସ୍ୱାଧୀନତା ପରେ ଏହିପରି କେତୋଟି ଐତିହାସିକ ଉପନ୍ୟାସ ରଚିତ ହୋଇଅଛି । କେତେକରେ ଇତିହାସର ଜୀର୍ଣ୍ଣ ଘଟଣାକୁ ଗ୍ରହଣ କରାଯାଇ ଏକ ବୃହତ୍ତର ମାନବିକ ଭାବ-ବଳୟ ସୃଷ୍ଟି କରାଯାଇଅଛି ଓ ସେଥିରେ ଜାତୀୟତାର ଦର୍ପିତ ସ୍ୱାଭିମାନକୁ ଉଜ୍ଜୀବିତ କରାଯାଇ ଅଛି । ଏସବୁ ଉପନ୍ୟାସରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଐତିହାସିକ ଉପନ୍ୟାସର ଉଦାତ୍ତ ଜାତୀୟତାର ସ୍ୱର ନାହିଁ ମାତ୍ର ଅଛି ସେଇସବୁ ଘଟଣା ଓ ଚରିତ୍ର ମଧ୍ୟଦେଇ ଜାତୀୟ ଜୀବନର ମର୍ମ ଅନୁଶୀଳନ କରିବାର ଅଭିଳାଷ । ଆଉ କେତେକ ଉପନ୍ୟାସରେ ଇତିହାସର

ନିର୍ଦ୍ଦିଷ୍ଟ ଘଟଣା ବା ଚରିତ୍ର ନାହିଁ ମାତ୍ର ଅଛି ଇତିହାସବୃତ୍ତର ମର୍ମଲିପି ଓ ସେଇ ବୃତ୍ତରେ କାଳ୍ପନିକ ଚରିତ୍ରଗୁଡ଼ିକର ଇତିହାସ ପରି ଉପସ୍ଥାପନ । ଏଥିରେ ଘଟଣା ମୁଖ୍ୟ ନୁହେଁ, ଚରିତ୍ର ମୁଖ୍ୟ ନୁହେଁ; ମୁଖ୍ୟ ତତ୍କାଳୀନ ସମୟର ପ୍ରାଣସ୍ପନ୍ଦନ ଉଦ୍‌ଘାଟନ ଓ ସେଇ ପ୍ରାଣ ସ୍ପନ୍ଦନ ଦେଇ ମାନବର ଭାବ-ଭାବନାର ରସ ରୂପାୟନ । ଏହି କାରଣରୁ ସ୍ୱାଧୀନତା ପରବର୍ତ୍ତୀ ଐତିହାସିକ ଉପନ୍ୟାସ ଇତିହାସର ଅନୁଦ୍‌ଘାଟିତ ଓ ଅନାବିଷ୍କୃତ ମାନବର ଚିତ୍ତବୃତ୍ତିକୁ ଉଦ୍‌ଘାଟନ କରିବାରେ ତଥା ଆବିଷ୍କାର କରିବାରେ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି; ଏକଥା କହିଲେ ସତ୍ୟର ଅପଲାପ ହେବ ନାହିଁ ।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନ ତରଙ୍ଗ :

ଚିର ଅବହେଳିତ ଆଦିବାସୀମାନଙ୍କର ଜୀବନ ଧାରାକୁ ନେଇ ସର୍ବପ୍ରଥମେ ଗୋପାଳ ବଲ୍ଲଭ ଦାସ 'ଭୀମଭୂୟାଁ' (୧୯୦୮) ଉପନ୍ୟାସ ରଚନା କରିଥିଲେ । ଏଥିରେ ଆଦିବାସୀ ଭୂୟାଁ ସମାଜର ସାମାଜିକ ଜୀବନର ଚିତ୍ର ପ୍ରକଟିତ ହୋଇଥିଲେହେଁ କ୍ରମେ ଏହା ଗୌଣ ହୋଇଯାଇ ଆଦିବାସୀ ଯୁବକ ଭୀମା ଓ ରାଜକନ୍ୟାଙ୍କର ପ୍ରେମ; ବୈଷ୍ଣବୀୟ ଅନାସକ୍ତ ପ୍ରେମ ଚେତନାରେ ରୂପାନ୍ତରିତ ହୋଇଯାଇଛି । ଏହି ଉପନ୍ୟାସ ରଚନାର ପର୍ବ ତିନି ଦଶନ୍ଧି ଧରି ଅନ୍ୟ କୌଣସି ଔପନ୍ୟାସିକ ସେହି ଆଦିବାସୀ ସମାଜ ପ୍ରତି ଦୃଷ୍ଟିପାତ କରି ନଥିଲେ । ଉପନ୍ୟାସର ପରିସର ମଧ୍ୟକୁ ଆସିଛନ୍ତି ମଧ୍ୟବିତ୍ତ ସଭ୍ୟ ସମାଜର ନରନାରୀ ଓ ସେମାନଙ୍କର ନାନା ସମସ୍ୟା ଜଡ଼ିତ ଜୀବନର ଭାବ-ଭାବନା । ଗୋପୀନାଥ ମହାନ୍ତି ସେହି ଆଦିବାସୀ ସମାଜ ପ୍ରତି ଦୃଷ୍ଟିପାତ କଲେ ଏବଂ ସେହି ନୃତାତ୍ତ୍ୱିକ ଆଞ୍ଚଳିକ ଉପନ୍ୟାସ ଗୁଡ଼ିକରେ ପ୍ରକୃତିକୁ ଏକ ନିର୍ଲିପ୍ତ ଚରିତ୍ର ଭାବରେ ଗ୍ରହଣ କରି ତାରି ବିଶାଳ ବ୍ୟାପ୍ତି ମଧ୍ୟରେ ଆଦିବାସୀ ସମାଜର ଧର୍ମାଚାର, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଜୀବନ ଯାପନ ପ୍ରଣାଳୀ, ବିବାହ, ସେମାନଙ୍କ ଉପରେ ସଭ୍ୟ ସମାଜର ଶୋଷଣ

ଆଦି ନାନା କଥାକୁ ବର୍ଣ୍ଣନା କରିଅଛନ୍ତି । ଗଦ୍‌ବା, କୋନ୍ଧ, ପରଜା ଓ କନ୍ଧମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ସମ୍ପର୍କରେ ସେ ନିବିଡ଼ ଭାବରେ ଆସିଛନ୍ତି ଓ ସେମାନଙ୍କର ଭାଷାଶିକ୍ଷା କରି ସେମାନଙ୍କ ସହିତ ଭାବ ବିନିମୟ କରିଅଛନ୍ତି । ଉଲ୍ଲଗ୍ନ ଧରଣୀର ଏହି ପ୍ରକୃତି ସନ୍ତାନ ମାନଙ୍କର ଜୀବନର ସଂଘର୍ଷ, ଦ୍ୱନ୍ଦ୍ୱ, ସେମାନଙ୍କ ଉପରେ ସଭ୍ୟମାନବର ଶୋଷଣ, ପୀଡ଼ନ; ସେମାନଙ୍କର ବୁଲୁଫଟା ବିଳାପ ଇତ୍ୟାଦି ନାନା ଘଟଣାକୁ ଗୋପୀନାଥ ମର୍ମସ୍ପର୍ଶୀ ଭାବରେ ତାଙ୍କର ଉପନ୍ୟାସମାନଙ୍କରେ ରୂପାୟନ କରିଅଛନ୍ତି । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ପରିଧିକୁ ନେଇ ନିର୍ଦ୍ଦିଷ୍ଟ ସମାଜର ହସ କାନ୍ଦର ଚିତ୍ରକୁ ଅଙ୍କନ କରାଯାଇଥିଲେହେଁ ସେଥିରେ ଅଞ୍ଚଳ-ଚୈତନ୍ୟ ଓ ଆଦିବାସୀ-ବ୍ୟାପୋଢ଼ଶିଳ୍ପୀ ସତ୍ତ୍ୱର ନିର୍ଲିପ୍ତ ରୂପ ପରିଗ୍ରହଣ କରି ଚିରନ୍ତନତାର ସ୍ପର୍ଶ କରିବାକୁ ସମର୍ଥ ହୋଇପାରିଛି । ତାଙ୍କର ଆଦିବାସୀ ଜୀବନମୂଳକ ଉପନ୍ୟାସରେ (କ) ଆରଣ୍ୟକ ପ୍ରକୃତିର ବିଚିତ୍ର ବିଳାସ ଓ ମଣିଷ ସହିତ ପ୍ରକୃତିର ମୈତ୍ରୀବୋଧ ଓ ତନ୍ମୟତା (ଖ) ମା'ଧରିତ୍ରୀ ଓ ଧର୍ମଦେବତା ପ୍ରତି ଅହେତୁକ ମମତା ଓ ଭକ୍ତି (ଗ) ପରମ୍ପରା ପ୍ରତି ଗଭୀର ଆସକ୍ତି (ଘ) ଧାଙ୍ଗଡ଼ା ଧାଙ୍ଗଡ଼ୀ ମାନଙ୍କର ସ୍ୱଚ୍ଛନ୍ଦ ଜୀବନଯାତ୍ରା ଓ ବିବାହ-ନିର୍ବାଚନରେ ସ୍ୱାଧୀନତା (ଙ) ଅର୍ଥନୈତିକ ଦୁର୍ଗତି (ଚ) ଶୋଷକ ସାହୁକାରମାନଙ୍କର ନିର୍ମମତା ଓ ସଭ୍ୟ ମଣିଷଙ୍କର ଶୋଷଣ (ଛ) ସକଳ ଦୁଃଖ ନିର୍ଯ୍ୟାତନା ମଧ୍ୟରେ ଦୈବବାଣୀ ଉପଲବ୍ଧେ ପ୍ରକୃତିକୁ ସମ୍ବର୍ଦ୍ଧନା (ଜ) ସହନଶୀଳତା ଓ ଆତ୍ମମର୍ଯ୍ୟାଦାର ବିପର୍ଯ୍ୟୟରେ ହିଂସ୍ରତା ଆଦି ନାନା କଥା ଦେଖିବାକୁ ମିଳିଥାଏ । ଏହି ସମସ୍ତ ଭାବ-ବିଭବର ରସ-ରୂପାୟନରେ ତାଙ୍କର 'ପରଜା' ଓ 'ଅମୃତସନ୍ତାନ' ଉପନ୍ୟାସ ଦୁଇଟି ମହାକାବ୍ୟର ବ୍ୟାପ୍ତିରେ ଭାସ୍ୱର ହୋଇଉଠିଛି ।

'ଦାଦିବୁଢ଼ା'(୧୯୪୪,ଗୋପୀନାଥଙ୍କର ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ପ୍ରଥମ ଅବଦାନ । ଏକ ଖଜୁରୀ ଗଛ ପ୍ରତି ପାରମ୍ପରିକ ବିଶ୍ୱାସ ଓ ଭକ୍ତିକୁ ଲେଖକ ଏଥିରେ ସ୍ୱାଭାବିକ ଭାବରେ ରୂପାୟନ କରି

ଅଛନ୍ତି । ଏହାପରେ ତାଙ୍କର କ୍ରାନ୍ତିକାରୀ ଉପନ୍ୟାସ 'ପରଜା' (୧୯୪୫) ପ୍ରକାଶିତ ହୁଏ । ଏହା ଯୁଦ୍ଧୋତ୍ତର ଓଡ଼ିଆ ଜାତିର ମହାକାବ୍ୟ । ପ୍ରାକ୍-ସ୍ୱାଧୀନତାକାଳୀନ ଓ ଯୁଦ୍ଧୋତ୍ତର ସମୟର ଆଦିବାସୀ ଜୀବନର ନୈରାଶ୍ୟ, ସଂଘର୍ଷ ଓ ବିପର୍ଯ୍ୟୟର ଏହା ଏକ ମନ୍ମୟ ଆଲେଖ୍ୟ । ଦିଆଲି ପର୍ବ, ପୁଷ୍ ପର୍ବ, ଚଇତ ପର୍ବ ଓ ଦଶହରା ପର୍ବ ପ୍ରଭୃତିକୁ ନେଇ ଉପନ୍ୟାସର କଥାବସ୍ତୁ ଗଣ୍ଠ କରିଛି । ପ୍ରତ୍ୟେକ ପର୍ବର ଅବ୍ୟବହିତ ପୂର୍ବରୁ ଆନନ୍ଦ ଓ ପରିଣତିରେ ବିଷାଦ—ଏଇ ଚିର ସଂଘର୍ଷହିଁ ଉକ୍ତ ଉପନ୍ୟାସର ଅନ୍ତର୍ବାଣୀ । କଥାବସ୍ତୁର ଗତିପ୍ରବାହ ମଧ୍ୟରେ ଫ୍ରଏଡ଼ୀୟ ମନୋବୈଜ୍ଞାନିକ ଚିନ୍ତା, ମାର୍କସୀୟ ଶ୍ରେଣୀ ଦ୍ୱନ୍ଦ୍ୱ ଓ ଦଳିତମଣିଷର ଜନୋତ୍‌ଥାନ, ଗାନ୍ଧିବାଦୀ ସହନଶୀଳତା ଓ ଆତ୍ମକୃତ ଅପରାଧପାଇଁ ଅନୁତାପ ଏହି ଉପନ୍ୟାସଟିକୁ ପ୍ରାଣବନ୍ତ କରିଦେଇଛି । ଅର୍ଥନୀତି ଓ ବଞ୍ଚିବାର ସଂଘର୍ଷ ମଧ୍ୟରେ ରହିଛି ଗୋଟାଏ ଆଦିମ ଅନ୍ତରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହୁଙ୍କାର । ଏକ ଦିଗରେ ସଭ୍ୟ ସମାଜର ନିର୍ମମ ଶୋଷଣ ଓ ଅନ୍ୟଦିଗରେ ଧର୍ମ ଓ ଆଇନର ଖସଡ଼ା ମଧ୍ୟରେ ସରଳ ଆଦିବାସୀ ଜୀବନର ହାହାକାର ଓ ଜନ୍ମସିଦ୍ଧ ମାନବିକ ଅଧିକାର ପାଇଁ ଦ୍ୱନ୍ଦ୍ୱର କ୍ରମବିକାଶ 'ପରଜା' ଉପନ୍ୟାସରୁ ସ୍ପଷ୍ଟ ଲକ୍ଷ୍ୟ କରିହୁଏ । ପରଜାର ବିପର୍ଯ୍ୟୟ ପାଇଁ ସଭ୍ୟ ସମାଜ ଯେତିକି ଦାୟୀ ତାହା ଅପେକ୍ଷା ସେଇ ଆଦିବାସୀ ସମାଜ ମଧ୍ୟ କମ୍ ଦାୟୀ ନୁହେଁ;—ଏହାର ବାସ୍ତବ ଚିତ୍ର ଅଛି ଉକ୍ତ ଉପନ୍ୟାସରେ । ତେଣୁ ଏହି ଉପନ୍ୟାସରେ ଅଛି ଉତ୍ତାପ । ଏଥିରେ ପାଠକ ଅଭିଭୂତ ହୁଏ—ନିଜକୁ ମିଶାଇ ଦିଏ । ତଟସ୍ଥ ଦୃଷ୍ଟିକୋଣ ନେଇ ରହିହେ ନାହିଁ । ନିଜକୁ ସାମିଲ କରିଦେଇ ଗ୍ରାସିଯାଏ କଥାବସ୍ତୁ ସହିତ । ଏଠି ପ୍ରକୃତି ଦୁର୍ଦ୍ଧର୍ଷ ନିୟତିର ପ୍ରତିନିଧି ନୁହେଁ—ମଣିଷ ସହିତ ସଂଘର୍ଷ କରିବାକୁ ମୁହାଁମୁହିଁ ଛିଡ଼ା ହୋଇ ନାହିଁ ବରଂ ମଣିଷ-ପ୍ରକୃତି ନିୟତି ଓ ପରମେଶ୍ୱର ମିଶିଯାଇ ଏକ ଅପୂର୍ବ ମାନବିକ ରସବୋଧ ସୃଷ୍ଟି କରିଅଛି ।

ଫକୀରମୋହନଙ୍କ ଶୋଷଣ ଅଛି ମାତ୍ର ସେଠି ଅଛି ଶୋଷିତର ଲୁହପଟା ବିଳାପ ଓ ଧର୍ମ ନିକଟରେ ନୀରବ ଗୁହାରି । ଗୋପୀନାଥଙ୍କ

ଶୋଷିତ ସମାଜ ଧର୍ମ ନିକଟରେ ଆବେଦନ କରୁଛି ମାତ୍ର ଏଇ ଆବେଦନ ନୀରବ ନୁହେଁ; ଶୋଷକର ଶାସ୍ତି ପାଇଁ ଶୋଷିତ ଆଗେଇ ଆସିଛି । ସେ ଧରିଛି ତା'ର ଅସ୍ତ୍ର ଦାବୀ ହାସଲ ପାଇଁ । ସେ ହତ୍ୟା କରୁଛି ସାହୁକାରକୁ । ମାତ୍ର ଏଇ ହତ୍ୟାର ବିଭୀଷିକା ତାକୁ ବେଶୀକ୍ଷଣ ମୋହଗ୍ରସ୍ତ କରି ରଖିନାହିଁ । ତା'ର ହୋଇଛି ମୋହମୁକ୍ତି । ସେ ଘୋଷଣା କରୁଛି—"ଆମେ ମଣିଷ ମାରିଛୁ । ଆମକୁ ଯୋଉ ଦଣ୍ଡ ଅଛି ସେଇ ଦଣ୍ଡ ଦିଅ ।" ସେ ଦିନର ସେଇ ସରଳ ଆଦିବାସୀ ମଣିଷର ଏଇ ସ୍ୱୀକାରୋକ୍ତି ଭିତରେ ମାର୍କ୍ସବାଦୀ ଶ୍ରେଣୀ-ଚେତନା ପ୍ରତିଧ୍ୱନିତ ହୋଇଥିଲେହେଁ ମନେ ହୁଏ ସତେ ଯେପରି ଯୁଦ୍ଧ ପରବର୍ତ୍ତୀ ଜୀବନରେ ହିଂସା ଓ ଜିଘାଂସାର ପରିସମାପ୍ତି ଘଟାଇ ଶୋଷଣମୁକ୍ତ ଏକ ନୂତନ ମାନବବାଦ ପ୍ରତିଷ୍ଠାପାଇଁ ଥିଲା ଆଶାନ୍ୱିତ ଆହ୍ୱାନ ।

ଏଇ ଆହ୍ୱାନର ଉତ୍ତରଣ ଅଥଚ ଆଲୋକପ୍ରାପ୍ତ ଅଭିବ୍ୟକ୍ତି 'ଅମୃତର ସନ୍ତାନ' (୧୯୪୯) । 'ପରଜା'ର ଜୀବନ ସଂଘର୍ଷ 'ଅମୃତର ସନ୍ତାନ'ର ବିପୁଳ ଜୀବନବୋଧର ଉଦାତ୍ତ ମହିମାରେ ମହିମାନ୍ୱିତ । ମୃତ୍ୟୁ ଓ ଜୀବନର ସକଳ ବିଷାଦ ଏବଂ ଯନ୍ତ୍ରଣାକୁ ଫାଙ୍କି ଦେଇ ବିପୁଳ ଜୀବନବୋଧକୁ ସ୍ୱାଗତ କରାଯାଇଛି ଏଥିରେ । ଭାଗ୍ୟ ଓ ପରିସ୍ଥିତିର ସଂଘର୍ଷ-ସଂଘାତ ଭିତରେ ବିଚିତ୍ର ଆଦିବାସୀ କନ୍ଧର ଜୀବନ ହୋଇଛି କ୍ଷତବିକ୍ଷତ । ତଥାପି "ଏକ ନୂଆ ଜୀବନର ସମସ୍ୟା ଘେନି ଚହଟି ଆସୁଛି ସାହାନ୍ତ ।" ଏଇ ବିରାଟ ଦୁନିଆଁରେ "ଝିପି ଚଢେଇର ବସା ଅଛି, ପିମ୍ପୁଡ଼ିର ଅଛି ଆଧାର" ଏଠି ମଣିଷ ପାଇଁ କ'ଣ ଜାଗା ନାହିଁ ? "ଦର୍ଭିଙ୍ଗର କୋଡ଼ରେ ସବୁରି ଠିଅ ଅଛି, କାହିଁର ଚିନ୍ତା ।" ସକଳ ଅଭାବ-ଅନୁଯୋଗ-ଆପତ୍ତି-ଆବେଦନ ଭିତରେ 'ଅମୃତର ସନ୍ତାନ' ଉଦାତ୍ତ କଣ୍ଠରେ ଘୋଷଣା କରୁଛି—"ଜୀବନରେ ସୁଆଦ ଅଛି, ମରଣ ନାହିଁ, ଦୁଃଖ ନାହିଁ ।" ସ୍ୱାଧୀନତାର ଠିକ୍ ପରେ ପରେ ଗୋପୀନାଥ 'ଅମୃତର ସନ୍ତାନ' ଉପନ୍ୟାସରେ ଏହି ଶାଶ୍ୱତ ସତ୍ୟକୁ ପ୍ରକାଶ କରି ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କଲେ । ଏହାପରେ ସେ ରଚନା କଲେ

‘ଶିବଭାଇ’ (୧୯୬୮) ଓ ‘ଅପହଞ୍ଚ’ (୧୯୭୧) । ‘ଶିବଭାଇ’ ଏକ ପ୍ରଚାରଧର୍ମୀ ଉପନ୍ୟାସ । ଏଥିରେ ‘ପରଜା’ ବା ‘ଅମୃତର ସନ୍ତାନ’ର ସଂଘର୍ଷ ନାହିଁ, ଅଶ୍ରୁ ବା ସ୍ୱାଦ ନାହିଁ; ଅଛି ଜନୈକ ସମାଜସେବୀ ଆଦିବାସୀ ଶିବଭାଇ ପ୍ରତି ଲେଖକଙ୍କର ଗଭୀର ମମତା । ଏଇ ଶିବଭାଇ ସମାଜ ସେବା କରେ, ଆଦିବାସୀଙ୍କ ମଙ୍ଗଳପାଇଁ ଆନ୍ଦୋଳନ କରେ । ବଡ଼ ନିରହଙ୍କାର ସରଳ ମଣିଷଟିଏ । ଅଥଚ ତାରି ଯୋଗୁ କେତେ ବିପ୍ଳବୀ ହୋଇଛନ୍ତି । ତାକୁ ବାଦ ଦେଇଗଲେ ପରେ ଲେଖକ ଯେଉଁ ଯନ୍ତ୍ରଣା ଅନୁଭବ କରିଅଛନ୍ତି ତାର ଏକ ମର୍ମସ୍ପର୍ଶୀ ବର୍ଣ୍ଣନା ଏଥିରୁ ମିଳିଥାଏ । ଏହାପରେ ସେ ରଚନା କଲେ ‘ଅପହଞ୍ଚ’ (୧୯୭୧) । ସ୍ୱାଧୀନତା ପରବର୍ତ୍ତୀ ଆଦିବାସୀ ସମାଜର ପରିବର୍ତ୍ତନକୁ ଏଥିରେ ରୂପାୟନ କରାଯାଇ ଅଛି । କନ୍ଧ ପାଠ ପଢ଼ିଛି । ଶିକ୍ଷିତ ଆଦିବାସୀ ଯୁବକ ଉପରେ ସେଦିନ ତାର ସମାଜ ଭରସା ରଖିଥିଲା ସେ ପାଠପଢ଼ି ବଡ଼ ମଣିଷ ହେଲେ ସେମାନଙ୍କ ଦୁଃଖ ବୁଝିବ, ସେମାନଙ୍କ ଦୁଃଖ ଯିବ ମାତ୍ର ସେହି କନ୍ଧ ଯୁବକ ଟିମା ପାଠପଢ଼ି ଶେଷରେ ହେଲା କେ. ଟିମାଦ୍ୱୋରା ରୂପରେ । ସେ ବିବାହ କଲା ସହରରେ ପ୍ରସିଦ୍ଧ ଧୂଆଁପତ୍ର ବ୍ୟବସାୟୀ ନରସିଂଲୁ ଦୋରାଙ୍କ କନ୍ୟାକୁ । ତାର ବାପା ମଧ୍ୟ ଯୌତୁକ ରୂପେ ପାଇଲା ଦୁଇହଜାର ଟଙ୍କା । ଏଥର ଟିମା କନ୍ଧ ହେଲା ସାହୁକାର । ସେଇ ଟଙ୍କାକୁ ଚଢ଼ା ସୁଧରେ ଋଣ ଲଗାଇ ବହୁ କନ୍ଧଙ୍କର ମୁଣ୍ଡପାତ କରି ସେମାନଙ୍କର ଜମି ନେଲା । କ୍ଷମତା-ପ୍ରତିପତ୍ତି-ଟଙ୍କାର ଓ ବିଳାସ ପଛରେ ଧାଇଁ ଧାଇଁ କେ. ଟିମାଦ୍ୱୋରା ଭୁଲିଗଲା ନିଜକୁ । ନିର୍ବାଚନରେ ହାରିଗଲା ପରେ ତାର ଚେତନା ଫେରିଛି । ସେ ଏଥର ଗାଁକୁ ଆସି ସାଧାରଣ ଲୋକଙ୍କ ହିତ ଚିନ୍ତିଛି । ଗାଁ ଲୋକଙ୍କୁ ଏକାଠି କରି କହିଛି —“ଆମର କେତେ ବଡ଼ ପେଟ କି ଆମେ ସବୁ ଖାଇବୁଁ ? ଆସ ସମସ୍ତଙ୍କର ସବୁ ଜମି ଏକାଠି ମିଶାଇ ଦେବା, ଆହୁରି ଜମି କାଢ଼ିବା, ସମସ୍ତେ କାମ କରିବା, ସମସ୍ତେ ବାଣ୍ଟିବା ଆଉ ଖାଇବା ।” ଏଇ ଭାବ ‘ମାଟିମଟାଳ’ ଉପନ୍ୟାସରେ ପ୍ରଭାବ ବିସ୍ତାର କରିଥିବା ଦେଖିବାକୁ ମିଳେ ।

ଗୋପୀନାଥ ତାଙ୍କର ବିଭିନ୍ନ ଆଦିବାସୀ ଜୀବନମୂଳକ ଉପନ୍ୟାସ ଗୁଡ଼ିକରେ ଆଦିବାସୀ ସମାଜର ପରମ୍ପରା ଓ ବିଶ୍ୱାସକୁ ରୂପ ଦେବା ସଙ୍ଗେ ସଙ୍ଗେ ସ୍ୱାଧୀନତା ପରବର୍ତ୍ତୀ ପରିବର୍ତ୍ତିତ ଅବସ୍ଥାକୁ ମଧ୍ୟ ବର୍ଣ୍ଣନା କରିଅଛନ୍ତି । ତାଙ୍କର ଏହି ନୃତାତ୍ତ୍ୱିକ ଉପନ୍ୟାସଗୁଡ଼ିକରେ ଯେପରି ବିପୁଳ ଜୀବନ-ଜିଜ୍ଞାସା ଓ ନୂତନ ସ୍ୱପ୍ନ ଅଛି ସେପରି ଅନ୍ୟାନ୍ୟ ଲେଖକଙ୍କର ଉପନ୍ୟାସରେ ଦେଖିବାକୁ ମିଳେ ନାହିଁ । କାହ୍ନୁଚରଣଙ୍କର 'କାଣ୍ଡ୍ରାକାଲେଲି' ଓ 'ବନଗହନର ତଳେ' (୧୯୪୬) ସେଇ ଆଦିବାସୀମାନଙ୍କର ଜୀବନର ପ୍ରେମ ଓ ବିବାହ, ବିଚ୍ଛେଦ ଓ ମଦିରା, ପ୍ରକୃତି ଓ ପରମ୍ପରାକୁ ନେଇ ରଚିତ ହୋଇଅଛି । ତେବେ ଏସବୁଥିରେ 'ପରଜା' ଓ 'ଅମୃତର ସନ୍ତାନ' ପରି ବିପୁଳ ଜୀବନ-ଜିଜ୍ଞାସା ବା ପ୍ରକୃତି ଓ ପରମ୍ପରାର ଚିତ୍ର-ସଂଘର୍ଷ ନାହିଁ । ଜ୍ଞାନେନ୍ଦ୍ର ବର୍ମାଙ୍କର 'ଅରଣ୍ୟର କୁଜ୍‌ଝଟିକା' ଉପନ୍ୟାସରେ ଆଦିବାସୀ ତରୁଣୀର ଅନାସକ୍ତ ଯୌନ ବିଳାସର ଛାପ ନିହିତ ।

ଆଦିବାସୀ ଜୀବନଜିଜ୍ଞାସା ସହିତ ସମାଜର ନିମ୍ନସ୍ତରର ଅସବର୍ଣ୍ଣମାନଙ୍କର ଜୀବନଧାରଣର ନାନା ସମସ୍ୟାକୁ ନେଇ ଆଉରି କେତୋଟି ଉପନ୍ୟାସ ରଚିତ ହୋଇଅଛି । ଗୋପୀନାଥ ମହାନ୍ତିଙ୍କର 'ହରିଜନ' (୧୯୪୮) ଏ ଦିଗରେ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଅବିନାଶବାବୁଙ୍କ ନୂତନ ସାମନ୍ତବାଦର ପ୍ରତୀକ ବଡ଼ କୋଠାର ଅନତି-ଦୂରରେ ଥାଏ ହାଡ଼ିସାହି । ବହୁ ଚକ୍ରାନ୍ତ କରି ଅବିନାଶବାବୁ ସେଇ ହରିଜନ ବସ୍ତିକୁ ପୋଡ଼ିଦେଲେ । ଏଥିରେ ତାଙ୍କର ସାମନ୍ତ୍ୟର ପରିସୀମା ଭିତରେ ଆଉ କୌଣସି କଳାଦାଗ ରହିଲା ନାହିଁ । ଅଘୋରବାବୁଙ୍କର ଯୌନ ବିଳାସ ଓ ହରିଜନ କନ୍ୟା ପୁନି ସହିତ ତାଙ୍କର ସମ୍ଭୋଗ, ମେହେନ୍ତରାଣୀମାନଙ୍କର କାର୍ଯ୍ୟକଳାପ, ନୂତନ ସାମନ୍ତବାଦୀ ଚରିତ୍ର-ମାନଙ୍କର ଶୋଷଣ ଓ ସମ୍ଭୋଗ ଆଦି ନାନା କଥାକୁ ଲେଖକ ଉକ୍ତ ଉପନ୍ୟାସରେ ସୁନ୍ଦର ଭାବରେ ରୂପାୟନ କରିଅଛନ୍ତି । ଗଣେଶ୍ୱର

ମିଶ୍ରଙ୍କର'ସାମୁଦ୍ରିକ'(୧୯୬୮)ପୁରୀ ସମୁଦ୍ରବେଳାର ଝାଉଁଜଙ୍ଗଲ ମଧ୍ୟରେ ନୋଳିଆମାନଙ୍କର ଜୀବନଯାତ୍ରାକୁ ନେଇ ରଚିତ ଅନ୍ୟତମ ସଫଳ ଉପନ୍ୟାସ । ସୁଦୁର ପଲାସାରୁ ସେଦିନ ଦୀର୍ଘପଥ ଚାଲି ଚାଲି ଯେଉଁ ନୋଳିଆ ଦଳଟି ସେଠି ପହଞ୍ଚିଥିଲା ସେଇମାନେ ଛୋଟ ଛୋଟ କୁଡ଼ିଆ କରି ତାରି ଭିତରେ ଜୀବନ କଟାଇଲେ । ସେମାନେ ସମୁଦ୍ରର ବନ୍ଦନା କଲେ—

"ହେ ସମୁଦ୍ର, ତତେ ଆମେ ଜୁହାର ହେଉଚୁ ।
ତୁ ଆମକୁ ଖାଦ୍ୟ ଦେଉଚୁ ଖାଇବାକୁ ।
ତୁ ଆମକୁ ଲୁଗା ଦେଉଚୁ ପିନ୍ଧିବାକୁ ।
ତୋ କୂଳରେ ଆମେ ଆଶ୍ରା ପାଉଚୁ ।
ତୋତେ ଆମେ ଛାଡ଼ି ପାରିବୁ ନାହିଁ—ଛାଡ଼ି ପାରିବୁ ନାହିଁ ।"

ସମୁଦ୍ର ସନ୍ତାନ ସେଇ ନୋଳିଆ ଦଳ ନିଜ ଦେଶରେ ଖାଇବାକୁ ନପାଇ ଜଗନ୍ନାଥ ଦେଶକୁ ପଳାଇ ଆସିଥିଲେ । ତାଙ୍କର ବିଶ୍ୱାସଥିଲା ସେଠି ଖାଇବାକୁ ଅଭାବ ହେବ ନାହିଁ । ପୁରୀରେ ପହଞ୍ଚି ସେମାନେ ଜଗନ୍ନାଥଙ୍କ ଦେଉଳକୁ ଜୁହାର ହେଲେ । ପୁରୋହିତ ଜଗନ୍ନାଥଙ୍କ ଦେଉଳକୁ ଚାହିଁ କହିଲା—"ତା' ଦଳର ସମସ୍ତଙ୍କର ଭଲ ହେଉ, କାହାରିକୁ ରୋଗ ନ ହେଉ, ଖାଇବାକୁ ମିଳୁ ପ୍ରଚୁର, ଭୂତ ପ୍ରେତ ଚଣ୍ଡି ଶ୍ମଶାନର କୁଦୃଷ୍ଟି ସେମାନଙ୍କ ଉପରେ ନ ପଡ଼ୁ, ସମୁଦ୍ର ସବୁଦିନେ ସେମାନଙ୍କଠାରେ ପ୍ରସନ୍ନ ଥାଉ ।" ଏଇ ସରଳ ବିଶ୍ୱାସ ଓ ଭକ୍ତି ଗୋପୀନାଥଙ୍କ 'ପରଜା' ଉପନ୍ୟାସରେ ଦେଖିବାକୁ ମିଳେ । ପରଜାର ବୃହତ୍ତର କ୍ୟାନ୍‌ଭାସ୍ ଓ ଡାଇମେନ୍‌ସନ୍, 'ସାମୁଦ୍ରିକ'ରେ ସୀମିତ ଓ ସୀମାବଦ୍ଧ । 'ପରଜା'ର ଜୀବନ ସଂଗ୍ରାମ, ସଂଘର୍ଷ ଓ ଜୀବନ ଜିଜ୍ଞାସା ହୁଏତ 'ସାମୁଦ୍ରିକ'ରେ ନାହିଁ ମାତ୍ର ଲେଖକ ଏଥିରେ ଗୁରୁସ୍ୱାମୀ ମୁଖରେ କହିଛନ୍ତି—"ସୁଖ ଆସିଲେ ହସିବ । ଦୁଃଖ ଆସିଲେ କାନ୍ଦିବ । କାରଣ ସେ ମଣିଷ । ସୁଖରେ ହସିବା ଓ ଦୁଃଖରେ କାନ୍ଦିବା ତାର ଧର୍ମ ; କିନ୍ତୁ ସବୁଠୁ ବଡ଼ ଧର୍ମ ତାର ବଞ୍ଚି ରହିବା । ବଞ୍ଚି ରହିବାକୁ ହେଲେ ଲଢ଼ିବାକୁ ହେବ—ସମୁଦ୍ର

ସଙ୍ଗେ, ମଣିଷ ସଙ୍ଗେ ।" ଏଇ ଆଦର୍ଶ ଓ ଜୀବନବୋଧ ଉପରେ ଗଢ଼ି-ଉଠିଛି ଉକ୍ତ ଉପନ୍ୟାସ । 'ପରଜା' ପରି ଏଥିରେ ଅଛି ବିପର୍ଯ୍ୟସ୍ତ ପ୍ରେମ, ପ୍ରକୃତି ସହିତ ମଣିଷର ଅଛି ଆତ୍ମୀୟତାବୋଧ କିନ୍ତୁ ଏହା ଶାଣିତ ନୁହେଁ—ସ୍ପଷ୍ଟ ବି ନୁହେଁ ମାତ୍ର ଏହାର ସାମୁଦ୍ରିକ ପରିବେଶ ଓ ସମୁଦ୍ର ସହିତ ନିତ୍ୟ ନୂତନ ସଂଗ୍ରାମ ଭିତରେ ଜୀବନର ବିପୁଳ ଆନନ୍ଦ ଉପଲବ୍ଧି ଏହାକୁ ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ପ୍ରଦାନ କରିଅଛି ।

ଜମେଶ୍ୱର ମିଶ୍ରଙ୍କର 'ଖମାସ୍ଥ' ଉପନ୍ୟାସ ପଶ୍ଚିମ ଓଡ଼ିଶାର ଶ୍ରମଜୀବୀ ମଣିଷର ସାମାଜିକ ଚଳଣି, ସଂସ୍କାର, ପର୍ବ ପର୍ବାଣୀ, ଉତ୍ସବ ଓ ସର୍ବୋପରି ଶୋଷଣ ପୀଡ଼ିତ ଜୀବନର ଚିତ୍ରକୁ ପ୍ରକାଶ କରିବାରେ ଅସାମାନ୍ୟ କୃତିତ୍ୱ ଅର୍ଜନ କରିଅଛି । ତାଙ୍କର 'ଗଡ଼ଝିଅ' ସେଇ ପଶ୍ଚିମ ଓଡ଼ିଶାର ମଧ୍ୟବିତ୍ତ ଜୀବନର ଚିତ୍ର ଦେଇଥିଲେହେଁ ଏହା 'ଝମାସ୍ଥ' ପରି ଏତେ ଶକ୍ତିଶାଳୀ ନୁହେଁ ।

ଅତଏବ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ କେତେଜଣ ମୁଷ୍ଟିମେୟ ଲେଖକ ଆଦିବାସୀ—ହରିଜନ ଓ ନିମ୍ନସ୍ତର ସମାଜରେ ଜୀବନ ଧାରଣ ପ୍ରତି ଦୃଷ୍ଟିପାତ କରି ଉପନ୍ୟାସମାନ ଲେଖିଅଛନ୍ତି ସେସବୁ ପ୍ରକାଶଭଙ୍ଗୀ ଓ ପ୍ରଫେପି ଦୃଷ୍ଟିରୁ ଗୌରବପୂର୍ଣ୍ଣ ସ୍ଥାନ ଗ୍ରହଣ କରିଅଛି । ତାର ଅବହେଳିତ ଏଇ ସମାଜପ୍ରତି ସମ୍ବେଦନା ଓ ସେମାନଙ୍କର ଅଧଃପତନର କାରଣ ଅନୁସନ୍ଧାନ, ସେମାନଙ୍କ ପ୍ରତି ଶୋଷଣ ନିର୍ଯ୍ୟାତନା ମଧ୍ୟଦେଇ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା, ପ୍ରକୃତି ଓ ମଣିଷ ମଧ୍ୟରେ ପାରସ୍ପରିକ ଆତ୍ମୀୟତା, ସେମାନଙ୍କର ପ୍ରେମ ଓ ବିପର୍ଯ୍ୟୟ ଆଦି ନାନା କଥାକୁ ଲେଖକମାନେ ରୂପାୟନ କରିଅଛନ୍ତି । ଏ ଧରଣର ଉପନ୍ୟାସ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏବଂ ଏକ ନିର୍ଦ୍ଦିଷ୍ଟ ଅଂଚଳର ହୋଇଥିଲେ ମଧ୍ୟ ଏଥିରେ ଅଂଚଳ-ବୈଚିତ୍ର୍ୟ ସାର୍ବଜନୀନ ଆବେଦନ ଲାଭ କରିବାକୁ ସମର୍ଥ ହୋଇ ପାରିଛି ।

## ରାଜନୀତିକ ଚେତନାର ନୂତନ ତରଙ୍ଗ ;

ରାଜନୀତି ବ୍ୟକ୍ତିର ସମାଜ ଜୀବନର ଚିତ୍ତବୃତ୍ତିରେ ଏକ ଆଲୋଡ଼ନ—ଆତ୍ମାଭିମାନ ପ୍ରତିଷ୍ଠାର ଏକ ଚେତନା—ସାମାଜିକ ଶୃଙ୍ଖଳା ପାଇଁ ଏକ ଆହ୍ୱାନ । ସଚେତନ ଲେଖକଙ୍କ ଏହି ଭାବକୁ ଉପନ୍ୟାସରେ ରୂପାୟନ କରେ ଏବଂ ସେଇ ରୂପାୟନ ମଧ୍ୟଦେଇ ସେ ସାମାଜିକ ସଚେତନତା ସୃଷ୍ଟି କରେ । ସେ ରାଜନୀତିକ ମତବାଦକୁ ପ୍ରଚାର କରେ ନାହିଁ, ରାଜନୀତିକ ନେତାଙ୍କର ମୁଗ୍ଧ ସ୍ତାବକ ହୁଏ ନାହିଁ ; ପ୍ରତ୍ୟେକ କଥାକୁ ସେ ଗଭୀର ଭାବରେ ଅନୁଧ୍ୟାନ କରି ମାନବିକ ଭାବସତ୍ୟ ସହିତ ସାମାଜିକ ସତ୍ୟକୁ ଉଦ୍‌ଘାଟନ କରେ ଓ ସେଥିରେ ସମଷ୍ଟିକ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦିଏ । ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ପୂର୍ବର ଓଡ଼ିଆ ଉପନ୍ୟାସରେ ରାଜନୀତିକ ଚେତନା ଥିଲେହେଁ ତାହା ଥିଲା ପରାଧୀନତା ପରିପୀଡ଼ିତ ଜାତିର ମୁକ୍ତି ପାଇଁ ସଂଗ୍ରାମ ଓ ଜାତୀୟ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ଆହ୍ୱାନ ମାତ୍ର ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଅଛି କ୍ଷମତାଦୃପ୍ତ ରାଜନୀତିର ଉଲଙ୍ଗ ଚେତନାର ସ୍ୱରୂପ ଉଦ୍‌ଘାଟନ ଏବଂ ବିଭିନ୍ନ ରାଜନୀତିକ ମତବାଦର ପ୍ରଭାବ ଓ ପ୍ରବାହର ପରିଣତି ବିଶ୍ଳେଷଣ । ସ୍ୱାଧୀନତା ପୂର୍ବର ରାଜନୀତିକ ଉପନ୍ୟାସ ଥିଲା ଆଦର୍ଶ-ନିୟନ୍ତ୍ରିତ । ସେଇ ଆଦର୍ଶକୁ ବାସ୍ତବତା ଉପରେ ଆରୋପ କରି ଯାଉଥିଲା । ସ୍ୱାଧୀନତା ପରେ ଆଦର୍ଶ ଆଉ ଉପନ୍ୟାସର ମୁଖ୍ୟ ହେଲା ନାହିଁ, ମୁଖ୍ୟ ହେଲା ବାସ୍ତବତା । ଆଦର୍ଶର ଅନ୍ତରାଳରେ ଯେଉଁ ବାସ୍ତବ ସ୍ୱରୂପଟି ରାଜନୀତିକୁ କଳଙ୍କିତ କରୁଛି, ଜାତୀୟ ଜୀବନକୁ ଘୋର ଅନ୍ଧକାର ମଧ୍ୟକୁ ନେଇ ଯାଉଛି ସେଇ ଭାବ-ସତ୍ତାକୁ ଆଜିର ଔପନ୍ୟାସିକ ଚମତ୍କାର ଭାବରେ ପ୍ରକାଶ କରି ଜନ ଜାଗରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ଏହା ଛତ୍ରର ଧର୍ମୀ ନୁହେଁ, କ୍ଷଣିକର ଉତ୍ତେଜନା ନୁହେଁ ; ମାନବିକ ଚେତନାର ଆଲୋଡ଼ନ—କ୍ଷଣିକତା ମଧ୍ୟରେ କାଳାତୀତର ଉତ୍ତରଣ ।

ଏହି ପରିପ୍ରେକ୍ଷୀରେ ରାଜନୈତିକ ଉପନ୍ୟାସର ପ୍ରଥମ ସାର୍ଥକ ସ୍ରଷ୍ଟା ଭାବରେ ଡକ୍ଟର ହରେକୃଷ୍ଣ ମହତାବଙ୍କର 'ପ୍ରତିଭା' (୧୯୨୩) ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରେ । ତାଙ୍କର 'ଅବ୍ୟାପାର', 'ଟାଉଟର' ଓ 'ନୂତନ ଧର୍ମ'ରେ ମଧ୍ୟ ରାଜନୈତିକ ଭାବ-ଭାବନା ଅଛି । ତେବେ ଏସବୁ ସ୍ୱାଧୀନତା ପୂର୍ବବର୍ତ୍ତୀ ରାଜନୈତିକ ଆଦର୍ଶର ସୂଚାସୂକ । ନିତ୍ୟାନନ୍ଦ ମହାପାତ୍ରଙ୍କର 'ହୁଡ଼ମାଟି' (୧୯୪୭) ଲବଣ ସତ୍ୟାଗ୍ରହ ଓ ଜାତୀୟ ଆନ୍ଦୋଳନ ପରିପ୍ରେକ୍ଷୀରେ ଆଦର୍ଶଗତ ଏକ ମନୋଜ୍ଞ ଆଲେଖ୍ୟ । 'ଭଙ୍ଗାହାଡ଼' ଏହି ଉପନ୍ୟାସର ପରବର୍ତ୍ତୀ ରାଜନୈତିକ ଚେତନାର ଉପ-ରୂପ । ରାମପ୍ରସାଦ ସିଂହଙ୍କର ବିଭିନ୍ନ ଉପନ୍ୟାସରେ ମାର୍କସୀୟ ଶ୍ରେଣୀ ଚେତନା ସମ୍ବଳିତ ଏକ ନୂତନ ରାଜନୈତିକ ଭାବ-ଭାବନା ଦେଖିବାକୁ ମିଳିଥାଏ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'କଣାମାମୁଁ' (୧୯୩୭/୧୯୫୨) ସନ୍ତ୍ରାସବାଦୀ ରାଜନୈତିକ ସ୍ୱାଭିମାନର ଏକ ବଳିଷ୍ଠ ଅଭିବ୍ୟକ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କର'ଲୁହାର ମଣିଷ' (୧୯୫୬) ଆଦର୍ଶବାଦୀ ରାଜନୀତିର ମନୋଜ୍ଞ ଚିତ୍ର । ମାଟିର ମଣିଷ ବରଜୁପ୍ରଧାନ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରି ହୋଇଛି 'ଲୁହାର ମଣିଷ । ସେତେବେଳେ ସେ ଘୋଷଣା କରିଥିଲା—'ମାଟି ହାଣୁଁ ହାଣୁଁ ତାଡ଼ଆ ଯେମିତି ଖୋଲା ହୋଇଯାଏ, ସ୍ୱରାଜ ପାଇଁ କାମ କରୁଁ କରୁଁ ଏହା ଆସିଯିବ । ସ୍ୱରାଜ ବୋଇଲେ ଆଉ କିଛି ନୁହ ଭାଇ ! ସ୍ୱରାଜ ଆମେ ନିଜେ । ଆମେ ଏ ଦେଶର ସ୍ୱରାଜ, ଆମେ ଏ ଦେଶର ସବୁ । ଆମେ ଯେତେ ମାଇପି ମରଦ ପିଲା ବୁଢ଼ା ଏ ଦେଶରେ ଅଛୁଁ, ତାହାର ମାଟି ପାଣି ସବୁ ଆମର । ଭାରତର ସ୍ୱରାଜ ତାହାର ଚାଳିଶ କୋଟି ଲୋକଙ୍କର ସ୍ୱରାଜ ।'' ଦୁନିଆ କୋଣରେ ଜଳି ଉଠିଥିବା ସେଇ ଲୁହାର ମଣିଷର ସାଧ-ସାଧନା ମଧ୍ୟ ଦେଇ ଲେଖକ ସ୍ୱରାଜ୍ୟ ଆନ୍ଦୋଳନର ଚିତ୍ର ଆଙ୍କିଛନ୍ତି ।

ଯେଉଁ ଆଶା ଓ ଲକ୍ଷ୍ୟ ନେଇ ଭାରତର ସ୍ୱରାଜ୍ୟ ଆସିଥିଲା ଓ ଏ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଥିଲା ତାହା ସ୍ୱାଧୀନତା

ଲାଭର ଠିକ୍ ପରେ ପରେ ଓପରର ଲେପ ପାଇବାକୁ ଲାଗିଲା । ରାଜା ଗଲେ—ବିଦେଶୀ ଶାସନ ଗଲା ମାତ୍ର ସେଇ ବିଦେଶୀ ଶାସନର ଢାଞ୍ଚା ରହିଗଲା ସେମିତି ଅକ୍ଷତ ଭାବରେ । ସେଥିରେ ପଶିଲା ଦୁର୍ନୀତିର ବୀଜ । ଅତୀତର ଶୋଷକ ସାମନ୍ତବାଦୀ ଚରିତ୍ରମାନେ ଜନତାର ସେବକ ଭାବରେ ଭେକ ପିନ୍ଧି ନୂଆ ସାମନ୍ତବାଦର ଧ୍ୱଜା ଉଡ଼ାଇଲେ । ସେଥିରେ ପୁଣି ସ୍ୱାଧୀନତା ପରବର୍ତ୍ତୀ କାଳରେ କ୍ଷମତା-ରାଜନୀତିକୁ ନେଇ ଗଢ଼ି ଉଠିଲା ନୂଆ ସାମନ୍ତବାଦ । ଗଣତାନ୍ତ୍ରିକ ଉପାୟରେ ଶୋଷଣର ଏକ ନୂତନ ରୂପ ଆରମ୍ଭ ହେଲା ଏବଂ ଏହା ହେଲା କ୍ରମେ ଉତ୍କଟତର । ଦଳୀୟ ରାଜନୀତିର ଜୁଆଖେଳ ଭିତରେ ଭାରତୀୟ ଜନତା ଯେପରି ରୁଦ୍ଧଶ୍ୱାସ ହୋଇ ଉଠୁଛି । ଏହାରି ମଧ୍ୟରେ ଆସିଛି କେତେ ଆନ୍ଦୋଳନ—ନକ୍ସାଲବାଦଠାରୁ ଆରମ୍ଭ କରି ସମାଜବାଦ ଓ ସମ୍ପୂର୍ଣ୍ଣ ବିପ୍ଳବ ପର୍ଯ୍ୟନ୍ତ । ରାଜନୀତିର ଚକ୍ରବ୍ୟୂହ ଭେଦ କରିବାକୁ ଏ ଦେଶର ଜନତା-ଅଭିମନ୍ୟୁ ସମର୍ଥ ହୋଇ ନାହିଁ । ଯଦିବା ସମର୍ଥ ହୋଇଛି କେତେବେଳେ; ଅତି ଅସହାୟ ଭାବରେ ଧ୍ୱଂସ ପାଇଯାଇଛି । ଏହି ସତ୍ୟକୁ ସୁରେନ୍ଦ୍ର ମହାନ୍ତି, ହରେକୃଷ୍ଣ ମହତାବ, ବ୍ରଜମୋହନ ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, କାହ୍ନୁଚରଣ ମହାନ୍ତି, ଚନ୍ଦ୍ରଶେଖର ରଥ, ପରମେଶ୍ୱର ତ୍ରିପାଠୀ, ଗଣେଶ୍ୱର ମିଶ୍ର ପ୍ରମୁଖ ଔପନ୍ୟାସିକମାନେ ବିଭିନ୍ନ ଦୃଷ୍ଟିକୋଣରୁ ରୂପାୟନ କରି ଅଛନ୍ତି ।

ସୁରେନ୍ଦ୍ର ମହାନ୍ତିଙ୍କର 'ଅନ୍ଧଦିଗନ୍ତ' (୧୯୬୪) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର କ୍ଷମତା-ରାଜନୀତିର ଏକ ଚମତ୍କାର ଅଭିବ୍ୟକ୍ତି । ୧୯୨୧ ରୁ ୧୯୪୭ ମସିହା ପର୍ଯ୍ୟନ୍ତ କଂଗ୍ରେସ ଆନ୍ଦୋଳନର ନେପଥ୍ୟରେ ଯେଉଁମାନେ ପ୍ରକୃତରେ ନିଷ୍ଠା ଓ ତ୍ୟାଗ ସହକାରେ ସଂଗ୍ରାମ କରୁଥିଲେ ସେମାନେ କିପରି ସ୍ୱାଧୀନତା ପରେ ଅବହେଳିତ ହେଲେ ଓ ସୁବିଧାବାଦୀ ଲୋକେ ସ୍ୱାଧୀନତା ପରେ ରାଜନୀତିରେ ପ୍ରତିଷ୍ଠା ଅର୍ଜନ କଲେ ତାର ମନୋଜ୍ଞ ଚିତ୍ର ଉକ୍ତ ଉପନ୍ୟାସରୁ ଦେଖିବାକୁ ମିଳେ । ସ୍ୱାଧୀନତା ପୂର୍ବରୁ ଗାନ୍ଧିଜୀଙ୍କର ଯେଉଁ ଭୂମିକା ରାଜନୀତିରେ ଥିଲା,

ଜାଗରଣର ଗାୟତ୍ରୀ ଭାବରେ ତାଙ୍କର ନାମ ଯେପରି କାର୍ଯ୍ୟ କରୁଥିଲା ସ୍ୱାଧୀନତା ପରେ ତାହା ହେଲା କ୍ଷମତା-ରାଜନୀତିର ଏକ ପ୍ରକାର ରକ୍ଷା-କବଚ । ଗାନ୍ଧିଜୀଙ୍କ ଆଦର୍ଶ ଭାଙ୍ଗିଗଲା । ତାଙ୍କର ନୂତନ ସମାଜ ଓ ଜୀବନ ପ୍ରତିଷ୍ଠାପାଇଁ ଆହ୍ୱାନ ହେଲା ବିଡ଼ମ୍ବିତ । କ୍ଷମତା-ରାଜନୀତିର ସିଂହଦ୍ୱାରରେ ସୁବିଧାବାଦୀ ଲୋକଙ୍କର ହେଲା ଭିଡ଼ । ଦେଶ ଓ ଜନତା ହେଲେ ଅବହେଳିତ । ସ୍ୱାଧୀନତା ପୂର୍ବର ବ୍ରିଟିଶ ଶାସନତନ୍ତ୍ରର ଆନ୍ତର ଉତ୍କଟ ବ୍ୟୂହ ମଧ୍ୟରେ ସ୍ୱାଧୀନତା ପରର ଗଣତନ୍ତ୍ରୀ ନେତାମାନେ ହେଲେ କୃତ୍ୟକୃତ୍ୟ । ରାଜତନ୍ତ୍ର ଲୋପ ପାଇଲା—ଜମିଦାରୀ ବିଲୋପ ହେଲା ମାତ୍ର ଏକ ନୂତନ ସାମନ୍ତତନ୍ତ୍ର ପକ୍ଷବିସ୍ତାର କଲା । ସ୍ୱାଧୀନତା ପୂର୍ବର ଶୋଷକ-ସାମନ୍ତ ଓ ସ୍ୱାଧୀନତା ପରବର୍ତ୍ତୀ ଶିକ୍ଷା-ବ୍ୟୁକର-କଳା-ବଜାର-ବ୍ୟବସାୟ ପ୍ରସୂତ ନୂତନ ସାମନ୍ତମାନଙ୍କ ମିଳିତ ଚକ୍ରାନ୍ତ ମଧ୍ୟରେ ଜାତୀୟ ସ୍ୱାର୍ଥ ହେଲା ବିଡ଼ମ୍ବିତ । ଫଳରେ ଗାନ୍ଧିବାଦ ହେଲା ବ୍ୟର୍ଥ ଓ ବିଫଳ । "ସ୍ୱାଧୀନତା ସଂଗ୍ରାମର ବହୁ ସ୍ୱପ୍ନ ଓ ବିଡ଼ମ୍ବନା, ଆଶା ଓ ନୈରାଶ୍ୟ, ଦ୍ୱନ୍ଦ୍ୱ ଓ ବ୍ୟର୍ଥତା" ଏହି ଉପନ୍ୟାସର ବିଷୟବସ୍ତୁ ହେଲେହେଁ ସ୍ୱାଧୀନତା ପରବର୍ତ୍ତୀ ଗଣତାନ୍ତ୍ରିକ କ୍ଷମତା-ରାଜନୀତିର ଏହା ଏକ ମନୋଜ୍ଞ ବିଶ୍ଳେଷଣ ।

'ଅନ୍ଧ ଦିଗନ୍ତ'ରେ ଯେପରି କ୍ଷମତା-ରାଜନୀତିର ଚିତ୍ର ପ୍ରଦାନ କରାଯାଇଅଛି ଓ ସାଧାରଣ ପରିବେଶରୁ ସୃଷ୍ଟ ଶୁଦ୍ଧୋଦନ ମହାପାତ୍ରଙ୍କର ଚରିତ୍ରକୁ ବ୍ୟଂଜିତ କରାଯାଇଅଛି ଗୋପୀନାଥ ମହାନ୍ତିଙ୍କର ଆଦିବାସୀ ଉପନ୍ୟାସ 'ଅପହଞ୍ଚ' (୧୯୬୧)ରେ କେ.ଟିମାୟୀ ଡୋରାର ଚରିତ୍ରକୁ ମଧ୍ୟ ସେହିପରି ରୂପାୟନ କରାଯାଇଅଛି । କେ.ଟିମାୟୀ ଡୋରା ସ୍ୱାଧୀନତା ପରବର୍ତ୍ତୀ ନୂତନ ଶିକ୍ଷା ଓ ରାଜନୀତି ସଂଭୂତ ଏକ ଚରିତ୍ର । କ୍ଷମତା ଓ ସଂଭୋଗର ସ୍ୱର୍ଣ୍ଣ ମୃଗ ପଛରେ ଗୋଡ଼େଇ ସେ ଆଦିବାସୀ ସମାଜକୁ ଅବହେଳା କରିଛି ମାତ୍ର ପୁନର୍ବାର ସେଇ ଜଟିଳ ରାଜନୀତିରେ ପରାସ୍ତହୋଇ ନିଜ ସମାଜର ମଙ୍ଗଳ କରିବାକୁ ଫେରି ଆସିଅଛି । ବାସ୍ତବତା ଉପରେ ଆଦର୍ଶବାଦକୁ ଆରୋପ କରି ଯାଇଛି

ଏହି ଉପନ୍ୟାସରେ । 'ଅନ୍ଧ ଦିଗନ୍ତ'ରେ ଯେଉଁ ନୂଆ ସମାଜ ଓ ନୂଆ ଜୀବନର ଆଶାରେ ରାଜନୀତିର ବ୍ୟର୍ଥତାକୁ ସୂଚାଇ ଦିଆଯାଇଛି ତାର କଳ୍ପନାବାଦୀ ଆଦର୍ଶ 'ଅପହଞ୍ଚ'ରେ ରହିଛି । କାହ୍ନୁଚରଣଙ୍କର 'ବଜ୍ରବାହୁ' (୧୯୫୮)ରେ ସେଇ ନୂଆ ସମାଜ ଓ ନୂଆ ଜୀବନ ଗଠନ ପାଇଁ ଅଛି ଆଦର୍ଶବାଦୀ ଆହ୍ୱାନ । ଏହି ନୂଆ ସମାଜର ସ୍ୱପ୍ନ 'ଶାନ୍ତି' (୧୯୪୭)ରେ ଆରମ୍ଭ ହୋଇ 'ଝଞ୍ଜା' (୧୯୪୯)ରେ ଏକ ଉତକାମ୍ପକ ଭୂମିକା ନେଇଥିଲା । ଏ ସବୁ ଉପନ୍ୟାସରେ ରାଜନୀତି ଅଛି ମାତ୍ର ତାହା କ୍ଷମତା ରାଜନୀତିର ଦଳ-ସଂଘର୍ଷ ନୁହେଁ ; ରାଜନୀତିର ପ୍ରେକ୍ଷାପଟ ଉପରେ ମାନବିକ ଜୀବାଦର୍ଶର ପ୍ରତିଷ୍ଠାପାଇଁ ଆଶାନ୍ୱିତ ଆହ୍ୱାନ ।

ଲକ୍ଷ୍ମୀଧର ନାୟକଙ୍କର 'ହା'ରେ ଦୁର୍ଭାଗ୍ୟ ଦେଶ' (୧୯୪୭) ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ଭାରତୀୟ ଜାତୀୟ ଜୀବନର ନୈତିକ ଅଧୋପତନର ପୃଷ୍ଠଭୂମି ଉପରେ ରଚିତ ତଥାପି ଏହା ସ୍ୱାଧୀନତା ପରବର୍ତ୍ତୀ ରାଜନୀତିକ; ସାମାଜିକ, ସାଂସ୍କୃତିକ ଓ ପ୍ରଶାସନିକ ଦୁର୍ନୀତି ଓ ଦୁର୍ଗତିର ଏକ ମର୍ମନ୍ତୁଦ ଆଲେଖ୍ୟ । 'ମୋ ସ୍ୱପ୍ନର ସହର' (୧୯୭୯) ଶ୍ରୀ ନାୟକଙ୍କର ସମାଜବାଦୀ ଆଭିମୁଖ୍ୟର ଚମତ୍କାର ଅଭିବ୍ୟକ୍ତି । ଏଥିରେ ସେ ସ୍ପଷ୍ଟ ଉଲ୍ଲେଖ କରିଅଛନ୍ତି—"ସ୍ୱାଧୀନୋତ୍ତର ଗଣତାନ୍ତ୍ରିକ ଭାରତବର୍ଷରେ 'ଟଣା'ର ଦେବ ସେ 'ନେତୃତ୍ୱ' । ସମସ୍ତଙ୍କୁ ବାହାରିବାକୁ ପଡ଼ିବ ଏକଜୁଟ ହୋଇ, ଏକ ସାଙ୍ଗରେ । ଇଏ ସମଷ୍ଟିର ଯୁଗ । ବ୍ୟକ୍ତି ବିଶେଷର ନୁହେଁ । ସମଗ୍ର ଜାତି ଉଠିବ ହୁଙ୍କାର ଦେଇ ଅବିଶ୍ୱର ବିରୁଦ୍ଧରେ । ତା' ନହେଲେ ବିପଦ ଅନିବାର୍ଯ୍ୟ ।" ସତ-ଭାରତୀୟ ସ୍ତରରେ ଗଣତନ୍ତ୍ର ନାମରେ ଚାଲିଛି ଉକଟ ସ୍ୱୈରତନ୍ତ୍ର । ଜାତୀୟ ସ୍ୱାର୍ଥ ଆଜି ବିଡ଼ମ୍ବିତ । ବ୍ୟକ୍ତି-ସ୍ୱାର୍ଥର କୁତ୍ସିତ ଜୀବିକା ଆଜି ମୁଖ୍ୟ । ଲୋକପ୍ରତିନିଧିଙ୍କର ଭ୍ରଷ୍ଟାଚାର ସୀମାହୀନ । ରାଜନୀତିକୁ ରୋଜଗାରର ଧନ୍ଦା ରୂପେ ଯେଉଁମାନେ ବାଛି ନେଇଅଛନ୍ତି ସେମାନଙ୍କୁ ଲୋପ କରିବାକୁ ହେଲେ "ମାଧ୍ୟମ : ସଂଗଠିତ ଗଣଶକ୍ତି । ଜର୍ଯ୍ୟାନ୍ତର,

ନଗ୍ନସ୍ୱାର୍ଥର ଅସନ୍ତୋଷରୁ ନିଆଁ ଜଳି ଉଠିବ ଧିରେ। ସେଇ ନିଆଁ ଦେଖେଇବ ଆଲୋକ, ଅନ୍ଧକାର ଭିତରେ। ମାଧ୍ୟମ ହେବ ପ୍ରତି ଘରେ ଘରେ ଜୁଇ ପକେଇବାର ପ୍ରସ୍ତୁତି। ପ୍ରତ୍ୟେକ ପ୍ରାଣର ଅନୁଭବ ଭିତରେ ଯେଉଁ ବିଦ୍ରୋହ ରୂପ ନେବ, ସେଇ ହେବ କ୍ଷମତାଲୋଭୀ ଶାସକ ବିରୁଦ୍ଧରେ ଅଶ୍ରୁତପୂର୍ବ ବିପ୍ଳବର ଅଭିନବ ଆହ୍ୱାନ। ସେ ବିପ୍ଳବ ରୁଷିଆ ବା ଚାଇନାର 'ସାମ୍ୟବାଦ' ଶସ୍ତ୍ରାଧାରରୁ ଉଧାର ହୋଇ ଆସିବନି, ଆସିବ ଏଇ ଦେଶର କ୍ଷେତ ଖମାରର କୃଷୀ, କଳକାରଖାନାର ମଜଦୁର; ରାସ୍ତାଘାଟରେ ବାବନାଭୂତ ହୋଇ ବୁଲୁଥିବା ଲକ୍ଷ ଲକ୍ଷ ଶିକ୍ଷିତ ବେକାରଙ୍କ ସଂଗଠିତ ଆନ୍ଦୋଳନରୁ।" ଏଣୁ ଯେଉଁ ନୂତନ ରାଜନୀତିର ଜନ୍ମ ହେବ ତାହାହିଁ ସୁବିଧାବାଦୀ ବ୍ୟକ୍ତିଙ୍କୁ ରାଜନୀତିରେ ପଶିବାପାଇଁ ସୁଯୋଗ ଦେବନାହିଁ। ସ୍ୱାଧୀନତା ପରବର୍ତ୍ତୀ କ୍ଷମତାଲୁବ୍ଧ ତଥା ଦୁର୍ନୀତିଯୁକ୍ତ ରାଜନୀତିର ବିଲୋପ ପାଇଁ ଲେଖକ ଆହ୍ୱାନ ଶୁଣାଇ ଅଛନ୍ତି ଏବଂ ନିର୍ଯାତିତ ମଣିଷର ମୁକ୍ତିପାଇଁ ସଂକେତ ଦେଇଅଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ରାଜନୀତି କିପରି ଜନସାଧାରଣଙ୍କ ନିକଟରେ ଘୃଣ୍ୟ ହୋଇ ଉଠିଛି ତାର ଏକ ମନୋଜ୍ଞ ଆଲେଖ୍ୟ ଚନ୍ଦ୍ରଶେଖର ରଥଙ୍କର 'ଅସୂର୍ଯ୍ୟ ଉପନିବେଶ' (୧୯୬୪) ଉପନ୍ୟାସରୁ ଦେଖିବାକୁ ମିଳେ। ବିଦ୍ୟାଧର ରାଏ ଜମ୍ବୁଶ୍ୱରବାବୁଙ୍କୁ କହୁଅଛନ୍ତି—"ମାନେ ଆପଣ ରାଜନୀତି ପାଇଁ ଇଲେକ୍‌ସନ ଲଢ଼ିବେ ? ହେଃ ହେଃ, ଯୋଜନାଟା ବିଶେଷ ମନ୍ଦ ବୋଲି ମୁଁ କହିପାରୁ ନାହିଁ, କାରଣ ସେଇ ଦଳଟା ତ କ୍ଷମତାସୀନ। ସେଥିରେ ପଶିପାରିଲେ ବେଶ୍ ଅଭ୍ୟୁତ୍ଥାନ ହୋଇଯିବ। ଖଣ୍ଡିଟାଏ ସୂତା ସେ ଯୋଡ଼ି ବଳଦ ଟିକଟରେ ଜିଣିଯିବ। ସେ ମୁକୁଟ ଦେଖିଦେଲେ ଏ ଗାନ୍ଧିବାଣ୍ଡିଆ ଦେଶ ସବୁଯାକ ଭୋଟ ସେ ଝୁଣ୍ଟିମୂଳେ କୁଢ଼େଇ ଦେବ। × × × ଆପଣ ଖଦ୍ଦର ଲକ୍ଷ ଅନୁସାରେ ପାଇଯିବେ ଯନ୍ତ ଘୋଡ଼ା ବଜାରରେ କଂଗ୍ରେସ ଟୋପି ପିନ୍ଧି ପଶି ପାରନ୍ତି।" ସେ ପୁଣି କହନ୍ତି—"ଭୋଟଲଢ଼ି ଜିତିଲେ କ୍ଷମତାକୁ ଆସିଗଲେ ତେଣିକି ଜୀବନର ସବୁ ଯୋଜନା ପାଇଁ ସାମର୍ଥ୍ୟ

ଆସିଯାଏ । ସବୁ ସ୍ୱପ୍ନ ପାଇଁ ରାତି ଅଣ୍ଟିଯାଏ ।" ଏଇ ହେଉଛି ଭାରତୀୟ ଗଣତନ୍ତ୍ର-ରାଜନୀତିର ପରିଣତି । ଏଠି କ୍ଷମତା ମୁଖ୍ୟ—ସ୍ୱାର୍ଥ ପ୍ରଧାନ । ଦେଶ ଗୌଣ । ଜାତି ଅବହେଳିତ । ଏହାପରି ଏକ ପରିସ୍ଥିତିରୁ କ୍ଷମତା ରାଜନୀତିରେ ଦେଖାଦେଲା ଉପୂଙ୍କର ଅହଂବୋଧ ଏବଂ ଯାହା ଫଳରେ ୧୯୭୫ ମସିହାରେ ଇମରଜେନ୍ସି ଘୋଷଣା କରାଯାଇ ସମସ୍ତ ପ୍ରକାର ମୌଳିକ ଅଧିକାରରୁ ଏ ଦେଶର ଲୋକଙ୍କୁ ବଞ୍ଚିତ କରାଗଲା । ଶହ ଶହ ଲୋକେ ବିନା ବିଚାରରେ କାରାଗାରରେ ଜୀବନ କଟାଇଲେ । ଅଥଚ କାରଣ କଣ ଜଣାଗଲା ନାହିଁ । ଏହି ସମୟର ରାଜନୀତିକ ଅବକ୍ଷୟକୁ ହରେକୃଷ୍ଣ ମହତାବ 'ତୃତୀୟ ପର୍ବ' (୧୯୭୭) ଉପନ୍ୟାସରେ ପ୍ରକାଶ କରିଅଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି—"ପ୍ରଥମ ପର୍ବରେ ଗାନ୍ଧିଜୀଙ୍କ ଆହ୍ୱାନ ଥିଲା ଲୋକେ ଜେଲ ଭରନ୍ତୁ । ତୃତୀୟ ପର୍ବରେ ସରକାର ନିଜେ ଜେଲ ଭରିବାର କାର୍ଯ୍ୟକ୍ରମ ହାତକୁ ନେଲେ । ତତ୍କାଳୀନ ଅବସ୍ଥାରେ ଅନ୍ଧକାର ଦୂର କରିବାପାଇଁ ଗାନ୍ଧିଜୀ ପ୍ରଥମ ପର୍ବରେ ଯେଉଁ ଟେକିଲ ଦୀପଟି ଜାଳିଥିଲେ ତାହା ଦ୍ୱିତୀୟ ପର୍ବରେ ଉଜ୍ଜ୍ୱଳ ବିଦ୍ୟୁତାଲୋକରେ ପରିଣତ ହେଲା । ତୃତୀୟ ପର୍ବରେ ତାହା ସର୍ଟ ସର୍କିଟ, ବିଦ୍ୟୁତ ତାରର ବିଭ୍ରାଟ ଘଟି ଦେଶସାରା ଏକ ବିଶୃଙ୍ଖଳ ପରିସ୍ଥିତି ସୃଷ୍ଟି କଲା ।" ସ୍ୱାଧୀନତାର ଆନ୍ଦୋଳନ ପରିଚାଳିତ ହେଉଥିଲା ଗାନ୍ଧି ମତବାଦରେ ଏବଂ ସେହି ମତବାଦର ମୂଳତତ୍ତ୍ୱ ଥିଲା ଭାରତର ରାଜନୀତି ଓ ଅର୍ଥନୀତି ଗ୍ରାମ ଭିତ୍ତିକ ହେବ । ଗାନ୍ଧିଜୀଙ୍କ ପରେ ତାଙ୍କର ଉତ୍ତରାଧିକାରୀ ଜହରଲାଲ ନେହେରୁ ଗାନ୍ଧି ମତବାଦ ଓ ଲେନିନ ମତବାଦର ପୃଷ୍ଠପୋଷକ ହେଲେ ସତ ଲେନିନ ମତବାଦ ପ୍ରତି କ୍ରମେ ବେଶି ଆସକ୍ତି ଦେଖାଇଲେ । ୧୯୫୨ ମସିହାରୁ ସେ ଆମେରିକା ପ୍ରତି ଏବଂ ୧୯୫୫ ମସିହାରୁ ରୁଷିଆ ପ୍ରତି ଢଳିବାକୁ ଲାଗିଲେ । ତାଙ୍କର ଆନ୍ତର୍ଜାତିକ ଖ୍ୟାତି-ପ୍ରୀତି ତାଙ୍କୁ ଭାରତର ନିର୍ଦ୍ଦିଷ୍ଟ ସ୍ୱାର୍ଥ ସମ୍ବନ୍ଧରେ ଅବହିତ କରାଇଲା ନାହିଁ । ଭାରତର ରାଜନୀତିରୁ ଆମେରିକାର ପ୍ରଭାବକୁ କ୍ରମେ ଦୂରେଇ ଦେଇ ରୁଷିଆର ପ୍ରଭାବ ବିସ୍ତାର

ଲାଭ କଲା ଓ ୧୯୭୧ ମସିହାବେଳକୁ ଏହି ପ୍ରଭାବ ହେଲା ନିବିଡ଼ । ସେହି ବର୍ଷ ଭାରତର ରାଜନୀତିରୁ ଗାନ୍ଧିବାଦର ଇତି ହେଲା ଓ କ୍ଷମତା-ରାଜନୀତି ଭୟଙ୍କର ହୋଇଉଠିଲା । ଉତ୍କଳର ମହତାବ ଭାରତୀୟ ରାଜନୀତିର ଏହି ବିଶ୍ଳେଷଣକୁ 'ତୃତୀୟ ପର୍ବ' ଉପନ୍ୟାସରେ ବର୍ଣ୍ଣନା କରିଅଛନ୍ତି ଓ ଶେଷରେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି— "ଗାନ୍ଧିଜୀଙ୍କର ଭାରତ ଆଉନାହିଁ ।" ଯଦିଓ ସ୍ୱରାଜ ଆନ୍ଦୋଳନ ସମୟର ନିଃସ୍ୱାର୍ଥ ରାଜନୀତିର ସ୍ମୃତିଚାରଣ ଲେଖକ ବେଳେ ବେଳେ କରିଛନ୍ତି ଓ ନିର୍ବାଚନ-ରାଜନୀତିର କ୍ଷମତା-ସଂଘର୍ଷର ସ୍ଥାନ ମନୋଭାବର ଅନୁଶୀଳନ କରିଅଛନ୍ତି ତଥାପି ମନେହୁଏ ଲେଖକ ଏଥିରେ ଅଷ୍ଟମ ଦଶକର ପରିବର୍ତ୍ତିତ ବ୍ୟକ୍ତିକେନ୍ଦ୍ରିକ କ୍ଷମତାଲୁବ୍ଧ ରାଜନୀତି ପ୍ରତି ସଚେତନ ହେବାପାଇଁ ମୁଖ୍ୟତଃ ଆହ୍ୱାନ ଦେଇଅଛନ୍ତି ।

ସ୍ୱାଧୀନତା ପୂର୍ବର ଉଗ୍ର ଜାତୀୟତାବୋଧ ଓ ତ୍ୟାଗପୂତ ରାଜନୀତି କ୍ରମେ ଲୋପପାଇ ସଂକୀର୍ଣ୍ଣ ବ୍ୟକ୍ତିକେନ୍ଦ୍ରିକ ରାଜନୀତିରେ ପରିଣତ ହୋଇ ଯାଇଛି ଓ ଏହି ବ୍ୟକ୍ତିକେନ୍ଦ୍ରିକତା ଗଣତନ୍ତ୍ରକୁ ତଥା ନିର୍ବାଚନକୁ ପ୍ରହସନରେ ପରିଣତ କରିଦେଇଛି । ଏହି ସତ୍ୟକୁ ବ୍ରଜମୋହନ ମହାନ୍ତି "ନିଃଶବ୍ଦ ଆକାଶ ଅନ୍ଧ ପୃଥିବୀ" (୧୯୭୭) ଉପନ୍ୟାସରେ କଳାତ୍ମକ ଭାବରେ ରୂପାୟନ କରିଅଛନ୍ତି । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଦେଶ ମାତୃକାର ସ୍ୱାଧୀନତା ପାଇଁ ବଳିଷ୍ଠ ନେତୃତ୍ୱ ଦେଇଥିବା ତରୁଣ ପଟ୍ଟନାୟକ ସ୍ୱାଧୀନତା ପରେ କ୍ଷମତା-ରାଜନୀତି ଭିତରେ ନିଜକୁ ମନେ କରିଛନ୍ତି ସର୍ବେସର୍ବା । ନିର୍ବାଚନର କୁହେଳି ପଥରେ ଭୁଲିଛନ୍ତି ଅତୀତର ସକଳ ଆଦର୍ଶ । ତାଙ୍କ ନିକଟରେ ଦେଶ ଓ ଜାତି ହୋଇଯାଇଛି ଗୌଣ । ବ୍ୟକ୍ତି-ସ୍ୱାର୍ଥ ହୋଇଛି ମୁଖ୍ୟ । ଅଥଚ ନିର୍ବାଚନ ଯୁଦ୍ଧରେ ହାରିଗଲା ପରେ ତାଙ୍କର ଅସ୍ତିତ୍ୱ ଭାବାନ୍ତର । ଏଇ ନିର୍ବାଚନ ରାଜନୀତିକୁ ଲେଖକ କଠୋର ବ୍ୟଙ୍ଗ ବିଦ୍ରୂପ କରି ଅଛନ୍ତି । ପ୍ରସଙ୍ଗତଃ ଭାରତୀୟ ରାଜନୀତିରେ ରୁଷିଆ-ଆମେରିକା ଓ ଚୀନର ପ୍ରଭାବକୁ ମଧ୍ୟ ସମାଲୋଚନା କରିଅଛନ୍ତି । 'ଅନ୍ଧଦିଗନ୍ତ'

ଉପନ୍ୟାସର ରାଜନୈତିକ ଚିନ୍ତା-ଚେତନାର ଆଉ ଏକ ଭିନ୍ନ ଦୃଷ୍ଟିଭଙ୍ଗୀ 'ନିଃସଙ୍ଗ ଆକାଶ ଅଉ ପୃଥିବୀ' ଉପନ୍ୟାସରେ ଅଭିବ୍ୟଂଜିତ ।

ରାଜନୈତିକ ଉପନ୍ୟାସ ଭାବରେ ଶାନ୍ତନୁ ଆଚାର୍ଯ୍ୟଙ୍କର 'ଶକୁନ୍ତଳା' (୧୯୮୦) ବାସ୍ତବିକ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଏହା ପୂର୍ଣ୍ଣତଃ ରାଜନୈତିକ ଉପନ୍ୟାସ ନୁହେଁ, ସ୍ୱାଧୀନତା ପରବର୍ତ୍ତୀ ପରିବର୍ତ୍ତିତ ସାମାଜିକ ଜୀବନର ଏକ ନୂତନ ରାଜନୈତିକ-ସାଂସ୍କୃତିକ ଚିନ୍ତା-ଚେତନାର ମର୍ମିକ ଆଲେଖ୍ୟ । ୧୯୫୧ ମସିହାରେ ତେଲେଙ୍ଗାନାରେ ଯେଉଁ ବିଦ୍ରୋହ ସୃଷ୍ଟି ହୋଇ ଥିଲା ସେଇ ବିଦ୍ରୋହଠାରୁ ୧୯୭୦ ମସିହାର ନକ୍ସାଲବାଦ ଆନ୍ଦୋଳନର ଶେଷ ସୀମା ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ ଯେଉଁ ନୂତନ ରାଜନୈତିକ ଚେତନାର ସୂତ୍ରପାତ ହୋଇ ଥିଲା ଏବଂ ସେଥିରେ ଏ ଦେଶର ବହୁ ଶିକ୍ଷିତ ବୁଦ୍ଧିଜୀବୀମାନଙ୍କ ସହିତ ଅଗଣିତ ନିରୀହ ନରନାରୀ ବଳି ପଡ଼ିଥିଲେ ତାର ଏକ ମର୍ମନ୍ତୁଦ ଚିତ୍ର ଏଥିରୁ ଦେଖିବାକୁ ମିଳିଥାଏ । ସ୍ୱାଧୀନତା ପରେ ପରେ ଭାରତବର୍ଷରେ ଗାନ୍ଧିବାଦର ବିଲୟ, ଗାନ୍ଧିଜୀଙ୍କ ନାମରେ ସୁବିଧାବାଦୀ ରାଜନୀତିକ ନେତାଙ୍କର ଅଭ୍ୟୁଦୟ, ଶୋଷଣର ନୂତନ ପ୍ରଣାଳୀର ଓ ସାଧାରଣ ଜନତାର ଦୁଃଖଦୁର୍ଦ୍ଦଶା, ବିନୋବାଙ୍କର ଗ୍ରାମଦାନ ଆନ୍ଦୋଳନ ଓ ବ୍ୟର୍ଥତା, ସର୍ବୋଦୟୀମାନଙ୍କର ଆବିର୍ଭାବ ଓ ନକ୍ସାଲବାଦୀଙ୍କ ସହିତ ଅଦ୍ଭୁତ ମିଳାମିଶା, ଦେଶର ଇଣ୍ଟେଲେକ୍‌ଚୁଆଲ୍‌ଙ୍କ ପ୍ରତି ନିର୍ଯ୍ୟାତନା, ନକ୍ସାଲବାଦୀଙ୍କର ଆତ୍ମବିଶ୍ଳେଷଣ, ପରିଶେଷରେ ନକ୍ସାଲବାଦୀ ଆନ୍ଦୋଳନର ଅବସାନ ଆଦି ନାନା କଥାକୁ ଲେଖକ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେଥିରେ ଶ୍ରୀ ଜଗନ୍ନାଥଙ୍କୁ ନେଇ ଏକ ଅଦ୍ଭୁତ ପରିବେଶ ସୃଷ୍ଟି କରିଅଛନ୍ତି । ଏକ ଦିଗରେ ଚରମପନ୍ଥୀ ନକ୍ସାଲମାନଙ୍କର ବୁର୍ଜ୍ୱା ଓ ଶ୍ରେଣୀ ଶତ୍ରୁମାନଙ୍କୁ ହତ୍ୟା ଏବଂ ଅନ୍ୟ ଦିଗରେ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଜନ ସାଧାରଣଙ୍କର ଗଭୀର ଭକ୍ତି—ଏଇ ଦୁଇ ଚିନ୍ତାଧାରାର ସମନ୍ୱୟ ଆଣି ଲେଖକ ଏକ ନୂଆ ରାଜନୀତିକ ଚେତନାର ସୂତ୍ରପାତ କରି ସେଥିରେ ଭାରତୀୟ ସାଂସ୍କୃତିକ ପୃଷ୍ଠଭୂମିରେ ନୂତନ ମାନବବାଦର

ଇସ୍ତାହାର ଶୁଣାଇ ଅଛନ୍ତି । କଣୁଆ ଗ୍ରାମକୁ ଓ କଣୁଆର ଜଗନ୍ନାଥଙ୍କୁ ଏହି ଉପନ୍ୟାସରେ କେନ୍ଦ୍ର ଭାବରେ ଗ୍ରହଣ କରି ସେଥିରେ ଗ୍ରାମ୍ୟ ଜୀବନର ସାମାଜିକ ସାଂସ୍କୃତିକ ପ୍ରାଣସ୍ପନ୍ଦନକୁ ପରିବର୍ତ୍ତିତ ରାଜନୀତିକ ଚେତନାରେ ରୂପାୟିତ କରିଅଛନ୍ତି । ଠିକ୍ ସ୍ୱାଧୀନତା ପରେ ପରେ ମାତ୍ର ଚାରିବର୍ଷ ମଧ୍ୟରେ ଦେଶର ଅବସ୍ଥା କିପରି ହୋଇଥିଲା ତାର ଏକ ଚିତ୍ର ମାଧୁର୍ଯ୍ୟବାଘ ସାନ ଜ୍ୟୋତିଷ ମୁଖରେ ଲେଖକ ପ୍ରଦାନ କରିଛନ୍ତି —'ଅନୁମାନରେ ସେ ଦୃଶ୍ୟଟାକୁ ଏଇଭଳି । ୧୯୫୧ । ଦେଶଟା ଜଳି ଯାଉଛି ତେଣେ ଦକ୍ଷିଣର ତେଲେଙ୍ଗାନାରେ । ଏଣେ ଚାଲିଛି ଘମାଘୋଟ ଧରପଗଡ଼ କମ୍ୟୁନିଷ୍ଟ ଓ ତାଙ୍କ ସମର୍ଥକଙ୍କୁ । ତେଣେ ବିନୋବା ଭାବେ ଆରମ୍ଭ କରୁଛନ୍ତି ତାଙ୍କ ଭୂଦାନ ବିପ୍ଳବ । ୧୯୪୭ ରୁ ୧୯୫୧—ଏଇ ଚାରିବର୍ଷ ଭିତରେ ଗାନ୍ଧି ହତ୍ୟା, କାଶ୍ମୀରଯୁଦ୍ଧ, ହାଇଦ୍ରାବାଦର ପୁଲିସ୍ ଆକ୍ସନ ଜ୍ରୁକ୍ଷନ୍ତ କାଣ୍ଡକାରଖାନା । ଗାନ୍ଧି ଗଲେଣି, ଅହିଂସା ଗଲାଣି ଗାନ୍ଧିବାଦର ଆଦର୍ଶ ଭାଣ୍ଟିଗଲାଏ ହସୁ ନ ଥାଏ ଆଜି ନେତାମାନଙ୍କ ମୁହଁରେ ଦେହରେ । ଖାଲି ଗାନ୍ଧି ଟୋପିର କସରତ ଯାହାକିଛି ଦିଲ୍ଲୀ ଦରବାରଠୁଁ ରାଜ୍ୟଗୁଡ଼ିକର କ୍ୟାପିଟାଲ୍ ଗୁଡ଼ାକର ଅଫିସ କଚେରୀରେ ବାସ୍ ସେତିକି । ସେତେବେଳକୁ ଆରମ୍ଭ ହୋଇଯାଇ ଥାଏ ନେତାଙ୍କର କୋଟାପରମିଟ୍ ବ୍ୟବସାୟ ଜୋରସୋର । ଅଫିସରେ ବୁରୋକ୍ରାଟମାନେ ଦାନ୍ତଭଙ୍ଗା ଆଇ. ସି. ଏସ୍‌ଙ୍କ ଅସଲଦାନ୍ତ ଛାଡ଼ି ନକଲି ଦାନ୍ତ ପିନ୍ଧିବା ଆରମ୍ଭକରୁଥାନ୍ତି ହେଉଣି ବେଳେ ।" ଗାନ୍ଧିବାଦ ବିପର୍ଯ୍ୟସ୍ତ ଭାରତ-ବର୍ଷରେ ଆଜି ଏହାର ସ୍ଥାନନାହିଁ । ବାପୁକଣ୍ଠରୁ ବେଣୁ ଧ୍ୱନି ସୃଷ୍ଟିହେଉ ଥାଏ ସେଦିନ—"ଭାରତ ! ଭାରତ ! ହାୟ ମୋର ଅଭାଗିନୀ ମା ଭାରତ ବର୍ଷ ! ଆରେ ଯାଆକୁ କେହି ବଞ୍ଚାଅ ! ବଞ୍ଚାଅ ମୋ ମାଆକୁ—ବଞ୍ଚାଅ ।" ଏହାପରେ ସାରା ଭାରତ ବର୍ଷରେ ଶ୍ରେଣୀ ଶତ୍ରୁଙ୍କୁ ନିଧନ କରିବାପାଇଁ ଆନ୍ଦୋଳନ ମୁଣ୍ଡ ଟେକି ଉଠିଛି ଏବଂ ୧୯୭୦ ମସିହାବେଳକୁ ଚାରୁ ମଜୁମଦାରଙ୍କ ଉକ୍ତିରେ ଏହା ହୋଇଛି ଆତୁର ଘୋଷଣା—"ହତ୍ୟା ! ହତ୍ୟା ! ଶ୍ରେଣୀ-ଶତ୍ରୁର ଆନିହିଲେସନହିଁ କେବଳ ଜନ୍ମ ଦେବ ଶ୍ରେଣୀ-ସଂଘର୍ଷର ଉତ୍ତାପ । ନବନାନବ ପଦବାଚ୍ୟ କେବଳ ସେଇ ଯେ

ଅନ୍ୟର ହତ୍ୟା ଦ୍ୱାରା ଜୟ କରିପାରିବ ନିଜର ମୃତ୍ୟୁଭୟ—ମାନବର ମୃତ୍ୟୁଭୟ ।" ଏଇ ଚରମପନ୍ଥୀ ନକ୍ସାଲବାଦ ସିଦ୍ଧାନ୍ତ କରିଥିଲା— "ଇଣ୍ଡିଆନ୍ ସୋସିଆଲିଷ୍ଟ ପଲିଟିକସ୍‌ର ପ୍ରଧାନ ଶତ୍ରୁ ଏ ଦେଶର ଗାନ୍ଧିବାଦ ।" ନକ୍ସାଲବାଦର ଆନ୍ଦୋଳନ ପରିପ୍ରେକ୍ଷୀରେ ଯେଉଁ ନବମାନବର ଆବିର୍ଭାବ ଘଟିଥିଲା ସେମାନେ ଦ୍ରୁତ ନିଶ୍ଚିହ୍ନ ହୋଇଗଲେ ମାତ୍ର ସେମାନଙ୍କର ମାନବିକ ଭାବ-ସ୍ପର୍ଶ ଭାରତୀୟ ରାଜନୀତିରେ ସୃଷ୍ଟି କରିଥିଲା ଏକ କମ୍ପନ ।

ବଣଜଙ୍ଗଲରେ ଆତ୍ମଗୋପନ କରି ଶ୍ରେଣୀ ଶତ୍ରୁଙ୍କର ଆନ୍-ହିଲେସନ କରୁଥିବା ନକ୍ସାଲବାଦୀମାନଙ୍କୁ ସରକାର କାର୍ଯ୍ୟକ୍ରମ ଶେଷ କରି ଆତ୍ମପ୍ରକାଶ କରିବାକୁ ହେବ ବୋଲି ସେଦିନ ଅନୁରୋଧ କରିଥିଲା —"ଆମକୁ ଅବଶେଷରେ ଲୋକଙ୍କର ସମ୍ମୁଖୀନ ହେବାକୁହିଁ ପଡ଼ିବ । ପୃଥିବୀରେ ଏପରି କୌଣସି ସାମାଜିକ ବିପ୍ଳବର ଅଭ୍ୟାବଧି ଘଟିନାହିଁ ଯାହା ସମାଜର ଅଗୋଚରରେ ସାଧିତ ହୋଇ ସମାଜର ମଙ୍ଗଳ ବିଧାନ କରିବାକୁ ସମର୍ଥ ।" ଏହି କାରଣରୁ କଣୁଆର ଜଗନ୍ନାଥଙ୍କୁ ସେଇ ନକ୍-ସାଲବାଦୀମାନେ ବଣ ମଧ୍ୟରୁ ନେଇ ଆସିଲେ କଣୁଆ ଗ୍ରାମକୁ ଏବଂ ଏକ ବିପୁଳ ଜନସମାଗମ ଓ ଜୟ ଜଗନ୍ନାଥ—ଜୟ ଭାରତ ଧ୍ୱନି ଭିତରେ ଶ୍ରୀଜଗନ୍ନାଥ ଆଗେଇ ଚାଲିଲେ ମନ୍ଦିରକୁ । ନକ୍ସାଲବାଦୀ ଆନ୍ଦୋଳନର ଦୃଷ୍ଟିଚ୍ଛେଦ ପଡ଼ିଲା ଓ ଯେଉଁମାନେ ଏହି ଆନ୍ଦୋଳନରେ ଯୋଗଦେଇ ନବ ମାନବର ଆବିର୍ଭାବପାଇଁ ଉଦ୍ୟମ କରୁଥିଲେ ସେମାନଙ୍କର ହେଲା କରୁଣ ଅବସାନ । ତଥାପି ଏହି ଆନ୍ଦୋଳନ ଭାରତୀୟ ରାଜନୀତିରେ ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲା ତାର ଏକ ଭାବାତ୍ମକ ରୂପ ଲେଖକ ପ୍ରଦାନ କରିବାକୁ ସମର୍ଥ ହୋଇ ପାରିଛନ୍ତି ।

ଅନ୍ୟତମ ରାଜନୀତିକ ଉପନ୍ୟାସ ଭାବରେ ଗଣେଶ୍ୱର ମିଶ୍ରଙ୍କର 'ନେତା' (୧୯୬୩) ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଚତୁର୍ଥ ସାଧାରଣ ନିର୍ବାଚନ କାଳୀନ ଓଡ଼ିଶାର ରାଜନୀତିକ ପ୍ରଭାବ ଓ ଅପପ୍ରଭାବ, ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ଲେଖକ ଏଥିରେ ରୂପାୟନ କରିଅଛନ୍ତି । ଗାଣତାନ୍ତ୍ରିକ

ନିର୍ବାଚନ-ରାଜନୀତିରେ ନୀତି ନାହିଁ; ନାହିଁ ମଧ୍ୟ ଆଦର୍ଶ । ସେଠି ଅଛି କ୍ଷମତା'ଭିଳାଷୀ, ଆତ୍ମସ୍ୱାର୍ଥ ସାଧନାର ସମସ୍ତ ଅପକୌଶଳ । ନାନା ମିଥ୍ୟା କଥା କହି, ନିର୍ବାଚନ ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଚରିତ୍ର ସଂହାର କରାଯାଇ, ମଦ୍ୟ, ଅର୍ଥ ଓ ଭୋଜି ଦେଇ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର କରନ୍ତି । ଏପରିକି କୌଣସି କୌଣସି ପ୍ରାର୍ଥୀଙ୍କ ପ୍ରଚାରକମାନେ ନିଜର ହରିଜନ ବସ୍ତିକୁ ପୋଡ଼ିଦେଇ ଅନ୍ୟ ପ୍ରାର୍ଥୀଙ୍କର ଦୋଷ ପ୍ରଚାର କରି ଦିଅନ୍ତି । କୌଣସି ରାଜନୀତିକ ଦଳର ସଭା ଚାଲିଥିଲା ବେଳେ ଅନ୍ୟ ଦଳର ସମର୍ଥକମାନଙ୍କ ଦ୍ୱାରା ଗଣ୍ଡଗୋଳ ହୁଏ । ଏହି ସମସ୍ତ କଥାକୁ ଲେଖକ 'ନେତା' ଉପନ୍ୟାସରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ନେତାମାନେ ନିର୍ବାଚିତ ହୋଇଗଲା ପରେ ଦେଶ ଓ ଜାତି କଥା ଭୁଲି କିପରି ଆତ୍ମସ୍ୱାର୍ଥ ସାଧନରେ ଲିପ୍ତ ରହନ୍ତି ତାର ଏକ ମନୋଜ୍ଞ ଚିତ୍ର ପ୍ରଦାନ କରିଅଛନ୍ତି । ନେତାମାନଙ୍କର ଏପରି ମନୋଭାବକୁ ସାଧାରଣ ଲୋକେ ଘୃଣା କରୁଛନ୍ତି । ଭୋଟ ପ୍ରଥାକୁ ନିନ୍ଦା କରୁଛନ୍ତି । ଧାନବୋଉ ପରି ସାଧାରଣ ସ୍ତ୍ରୀ ଲୋକଟି କହେ—"ଲୁଆଲ ମନ୍ତ୍ରୀ ! ସତେକ ନାଇଁ ଜାଣେ ନାଇଁ ଗଦ୍ଧା ପୁଏଇଙ୍କ ମାଇଁ ମାଇଁ ! ହଇଲୋ ! ସତେନ ଦେଖା ନାଇ, ଖାଲି କ'ଣନା ଭୋଟ ଦିଅ ! ଭୋଟ ପାଇଲେ, ମୁହଁ ଓପୁରୁଛୁ । କୁଆଡ଼େ ଯିବ ଯେ ପୁଣି ସେଇ, ଭୋଟ ବେଳକୁ ଦେଖା ! ଲୁଆଲ—।'

ପୁରୀ ସହରର ନିର୍ବାଚନପ୍ରାର୍ଥୀ ମହାଜନତା ପାର୍ଟିର ନେତା ଭଗୀରଥି ମହାପାତ୍ରଙ୍କର ନିର୍ବାଚନ ପ୍ରଚାର, ମୁଖ୍ୟମନ୍ତ୍ରୀ ଗୋବର୍ଦ୍ଧନ ଚୌଧୁରୀଙ୍କର ନିର୍ବାଚନ ସଭାରେ ଭାଷଣ ଓ ଲୋକମାନଙ୍କୁ ନାନା ମିଥ୍ୟା ପ୍ରତିଶ୍ରୁତି, ନିର୍ବାଚନ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ କଥାବାର୍ତ୍ତା, ଭୋଟବେଳେ ଅର୍ଥ ଓ ମଦ୍ୟର ପ୍ରଭାବ ଇତ୍ୟାଦି ନାନା କଥାକୁ ଲେଖକ ଏଥିରେ ରୂପାୟନ କରିଅଛନ୍ତି । ଏହି ଉପନ୍ୟାସରେ ରାଜନୀତି ଅଛି; ଅଛି ମଧ୍ୟ ଏହାର ଅନ୍ତଃସ୍ଥଳରେ ଭଗୀରଥି ମହାପାତ୍ରଙ୍କର ମାନସିକ ସଂଘର୍ଷ ଓ ଦୁର୍ନୀତିଗ୍ରସ୍ତ ଚରିତ୍ରର ଦ୍ୱନ୍ଦ୍ୱ ।

ସ୍ୱାଧୀନତା ପରବର୍ତ୍ତୀ ବିଭିନ୍ନ ରାଜନୀତିକ ଚେତନାକୁ ନେଇ ଆହୁରି ଅନେକ ଲେଖକ ଉପନ୍ୟାସମାନ ରଚନା କରିଅଛନ୍ତି । ବିଭୂତି ପଟ୍ଟନାୟକଙ୍କର 'ଚପଳଛନ୍ଦା', ଶେଖ୍ ମଜ୍ଜୁଲବ ଅଲ୍ଲିଙ୍କର 'ଷ୍ଟେଲମ ଘରେ', ଯଜ୍ଞେଶ୍ୱର ତ୍ରିପାଠୀଙ୍କର 'ଏକାଳ ସେ କାଳ ଅନ୍ୟକାଳ' ଆଦି ଉପନ୍ୟାସ ଗୁଡ଼ିକରେ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିକ ଚିନ୍ତା-ଚେତନାର ସଂଘର୍ଷ-ମୂଲ୍ୟବୋଧ-ଦ୍ୱନ୍ଦ୍ୱ-ବିକ୍ଷୋଭଣ ଆଦି ଦେଖିବାକୁ ମିଳିଥାଏ । କେତେକ ରାଜନୀତିକ ଉପନ୍ୟାସରେ ପ୍ରଚଳିତ ରାଜନୀତିର ମୁଖା ଉନ୍ମୋଚନ କରାଯାଇ ରାଜନୀତିର ଘଟାଟୋପ ତଳେ ଶୋଷଣ ଓ ଦୁର୍ନୀତି; କ୍ଷମତା ଓ ବ୍ୟକ୍ତିସ୍ୱାର୍ଥ କିପରି ପ୍ରାଧାନ୍ୟ ଲାଭ କରିଛି ଏବଂ ଜନତା ଓ ଦେଶ କିପରି ଅବହେଳିତ ହୋଇଛି ତାର ସ୍ୱରୂପକୁ ପ୍ରକାଶ କରାଯାଇଥିବା ବେଳେ ଅନ୍ୟ କେତେକ ଉପନ୍ୟାସରେ ବିଭିନ୍ନ ରାଜନୀତିକ ମତବାଦର ସୂକ୍ଷ୍ମ ବିଶ୍ଳେଷଣ କରାଯାଇଅଛି । ଗଣତାନ୍ତ୍ରିକ ଦଳୀୟ ରାଜନୀତିଠାରୁ ଆରମ୍ଭ କରି କ୍ଷମତା-ରାଜନୀତିର ବାତ୍ୟାଘୂର୍ଣ୍ଣୀ ତଳେ ଦୁର୍ନୀତି କରୁଥିବା ପ୍ରଶାସନିକ କର୍ମଚାରୀମାନଙ୍କ ପ୍ରତି ମଧ୍ୟ ଅଛି ବ୍ୟଙ୍ଗ ଓ ବିଦ୍ରୂପ । ସର୍ବୋପରି ଗାନ୍ଧିବାଦ-ମାର୍କସବାଦ-ଲେନିନ ଓ ମାଓବାଦ-ସର୍ବୋଦୟବାଦ-ନକ୍ସାଲବାଦ ଆଦିର ଭାବାତ୍ମକ ବିଶ୍ଳେଷଣ କରାଯାଇ ଭାରତୀୟ ରାଜନୀତିରେ ସେସବୁ କିପରି ପ୍ରଭାବ ପକାଇଅଛି ତାର ମନୋଜ୍ଞ ରୂପାୟନ କରିଛନ୍ତି ଲେଖକମାନେ । ଏହି ରାଜନୀତିକ ଉପନ୍ୟାସଗୁଡ଼ିକ କେବଳ ଯେ ସମ୍ପମାନ ରାଜନୀତିର ରୂପାୟନ କରିଛି ତାହା ନୁହେଁ; ତତ୍ସହିତ ଭାରତୀୟ ତଥା ଉତ୍କଳୀୟ ସାମାଜିକ-ସାଂସ୍କୃତିକ ଓ ଧର୍ମୀୟ ଚିନ୍ତା-ଚେତନାର ବାଣୀକୁ ପ୍ରମୂର୍ତ୍ତ କରିଅଛି ଏବଂ ବାସ୍ତବତାରୁ ଆଦର୍ଶ ଓ ଆଦର୍ଶରୁ ବାସ୍ତବତାର ରସ-ରୂପାୟନ କରି ନବ-ମାନବ ଓ ନବ-ସମାଜର ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଅଛି । ପ୍ରଚଳିତ ରାଜନୀତି ଓ ନିର୍ବାଚନ-ସଂଘର୍ଷ ମଧ୍ୟରେ ଜନସାଧାରଣ ଓ ଦେଶ କିପରି ଅବହେଳିତ; ସେଇ କଥାକୁ ଲେଖକମାନେ କଳ୍ପନା କରି ଏକ ସୁସ୍ଥ ରାଜନୀତିକ ବାତାବରଣ ସୃଷ୍ଟି ପାଇଁ ପ୍ରେରଣା ଦେଇଅଛନ୍ତି ।

## ସାମ୍ପ୍ରଦାୟିକ ସଂଘର୍ଷ ଓ ମାନବିକତାଧର୍ମୀ ଚେତନାର ଭାବ-ତରଙ୍ଗ :

ବ୍ରିଟିଶଶାସନରୁ ଭାରତବର୍ଷ ମୁକ୍ତହୋଇଥିଲେହେଁ ଅତୀତର ଅଖଣ୍ଡ ଭାରତ ସ୍ୱାଧୀନତାପରଠାରୁ ଦୁଇଭାଗରେ ବିଭକ୍ତ ହୋଇଗଲା । ଇସ୍‌ଲାମ ଧର୍ମଭିତ୍ତିରେ ଗଠିତ ରାଷ୍ଟ୍ର ପାକିସ୍ଥାନରେ ସାମ୍ପ୍ରଦାୟିକ ମନୋବୃତ୍ତିର ଶିକାର ହେଲେ ଅଗଣିତ ହିନ୍ଦୁ ନରନାରୀ । ଏହାର ପ୍ରତିକ୍ରିୟା ମଧ୍ୟ ଭାରତରେ ଦେଖାଦେଲା । ୧୯୪୬-୪୭ ସାଲର ହିନ୍ଦୁ ମୁସଲମାନ ସଂଘର୍ଷଠାରୁ ଆରମ୍ଭକରି ସ୍ୱାଧୀନତା ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଯେଉଁ ଭ୍ରାନ୍ତ ସାମ୍ପ୍ରଦାୟିକ ସଂଘର୍ଷ ଦେଖାଦେଇଅଛି ତା'ର କରୁଣ ଆମ୍ବଲିପି ଓଡ଼ିଆ ଉପନ୍ୟାସମାନଙ୍କରୁ ଦେଖିବାକୁ ମିଳିଥାଏ । ଏ ଧରଣର ଉପନ୍ୟାସଗୁଡ଼ିକ ଆଦର୍ଶର ପୃଷ୍ଠଭୂମି ଉପରେ ରଚିତ ଓ ଏଗୁଡ଼ିକର ବାଣୀହେଉଛି ମାନବବାଦ ପ୍ରତିଷ୍ଠା । ଏଥିରେ ଲେଖକଙ୍କର ସ୍ପଷ୍ଟ ଉଦ୍ଦେଶ୍ୟ ନିହିତ । ଜାତି ଧର୍ମ ନିର୍ବିଶେଷରେ ଏକ ମହନୀୟ ମାନବତାବାଦୀ ଚିନ୍ତାଧାରା ସୃଷ୍ଟି କରିବାକୁ ଏସବୁଥିରେ ଅଛି ପ୍ରେରଣା । ସଂକୀର୍ଣ୍ଣ ଧର୍ମାନ୍ଧତାର ବଶବର୍ତ୍ତୀ ହୋଇ ନିରୀହ ନିଷ୍ପାପ ନରନାରୀ, ଶିଶୁ, ବୃଦ୍ଧବୃଦ୍ଧାଙ୍କୁ ନିର୍ମମ ଭାବରେ ହତ୍ୟାକରିବା ମାନବିକତା ବିରୋଧୀ । ଏହି ଆଦର୍ଶର ପୃଷ୍ଠଭୂମି ଉପରେ ବହୁଲେଖକ ଉପନ୍ୟାସ, କ୍ଷୁଦ୍ରଗଳ୍ପ କବିତା ଆଦି ରଚନା କରିଅଛନ୍ତି । ଓଡ଼ିଆ ସାହିତ୍ୟରେ ଏପରି ଭାବଧାରାକୁ ନେଇ ଯେଉଁକେତୋଟି ମୁଷ୍ଟିମେୟ ଉପନ୍ୟାସ ରଚିତ ହୋଇଅଛି ସେଗୁଡ଼ିକ ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ପ୍ରାଣକୃଷ୍ଣ ସାମଲଙ୍କର 'ପ୍ରେମ' (୧୨୪୭) ହିନ୍ଦୁ ମୁସଲମାନ ସଂଘର୍ଷର ଭିତ୍ତିଭୂମି ଉପରେ ରଚିତ ଏକ ମନୋଜ୍ଞ ଉପନ୍ୟାସ । ବୈବାହିକ ସମ୍ବନ୍ଧ ସ୍ଥାପନଦ୍ୱାରା ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଂଘର୍ଷ ଲୋପ ପାଇ ପାରେ । ଏହି ଆଦର୍ଶ ଓ ବିଶ୍ୱାସର ବଶବର୍ତ୍ତୀ ହୋଇ ଲେଖକ ହିନ୍ଦୁ ଓ ମୁସଲମାନ ଯୁବକଯୁବତୀଙ୍କୁ

ବିବାହ କରାଇ ସାମାଜିକ ସମସ୍ୟାର ସମାଧାନ ପାଇଁ ବୈପ୍ଳବିକ ଆହ୍ୱାନ ଦେଇଅଛନ୍ତି । ଏକ ରୋମାଣ୍ଟିକ ପ୍ରେମ ଏହି ଉପନ୍ୟାସର ଭାବ-ଫଲଗୁ ହେଲେହେଁ ଏହାର ଉଦ୍ଦେଶ୍ୟ ସାମାଜିକ ସଂହତି ଓ ଐକ୍ୟ ପ୍ରତିଷ୍ଠା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'କଣାମାମୁଁ' ଉପନ୍ୟାସରେ ହାଜି ଚରିତ୍ର ମାଧ୍ୟମରେ ଏକ ଦୃଢ଼ ସଂହତିବୋଧର ପରିଚୟ ରହିଅଛି । ଏତଦ୍‌ବ୍ୟତୀତ ସ୍ୱାଧୀନତା ପରବର୍ତ୍ତୀ କାଳରେ କମଳାକାନ୍ତ ଦାଶଙ୍କର 'ଆଜାନ୍', କାହ୍ନୁଚରଣଙ୍କର 'ତମସାତୀରେ' ମନ୍ମଥନାଥ ଦାସଙ୍କର 'ଅନ୍ତରାଗ', ଜ୍ଞାନୀନ୍ଦ୍ର ବର୍ମାଙ୍କର 'ଭୂମିକା'ର ଓ ସେକ୍ ମତ୍ଲୁବ୍ ଅଲିଙ୍କର 'ଝଙ୍କଲମଣ୍ଡରେ' ପ୍ରଭୃତି ଉପନ୍ୟାସରେ ସାଂପ୍ରଦାୟିକ ସଂଘର୍ଷର କବଳରୁ ପ୍ରକଟିତ ହୋଇଥିବା ସଙ୍ଗେସଙ୍ଗେ ଏକ ଉଦାର ମାନବବାଦ ପ୍ରତିଷ୍ଠାପାଇଁ ଅଛି ଆଶାନ୍ୱିତ ଆହ୍ୱାନ ।

ଜ୍ଞାନୀନ୍ଦ୍ର ବର୍ମାଙ୍କର 'ଭୂମିକା' ସାଂପ୍ରଦାୟିକ ସଂଘର୍ଷର ବିଲୋପ ପାଇଁ ଏକ ସମନ୍ୱୟାତ୍ମକ ସୃଷ୍ଟି । ଗ୍ରାମ୍ୟ ପରିବେଶକୁ ନେଇ ଜାଫର ଓ ମଦନର ମୈତ୍ରୀ ଓ ପାରସ୍ପରିକ ସାହାଯ୍ୟ ସହାନୁଭୂତି ବାସ୍ତବିକ ପାଠକ ପ୍ରାଣକୁ ଅଭିଭୂତ କରେ । ସେମାନଙ୍କର ବନ୍ଧୁତା ଧର୍ମର ସକଳ ବାଧା ଓ ବନ୍ଧନକୁ ଅତିକ୍ରମ କରି ଏକ ଉଦାତ୍ତ ମାନବିକତାର ଗାୟତ୍ରୀ ଉଚ୍ଚାରଣ କରିଥିଲା । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ମଧ୍ୟ ତାଙ୍କର 'ଅନ୍ଧଦିଗନ୍ତ' ପରି ରାଜନୀତିକ ଉପନ୍ୟାସରେ ଅକ୍‌ତାର ମିଆଁ ଡ଼ାକ୍ତର ଚରିତ୍ର ମାଧ୍ୟମରେ ହିନ୍ଦୁ ଓ ମୁସଲମାନ ମଧ୍ୟରେ ପ୍ରୀତି ଓ ମାନବିକତା ପ୍ରତିଷ୍ଠାପାଇଁ ଆହ୍ୱାନ ଶୁଣାଇ ଅଛନ୍ତି । ଅଥଚ ଶୁଦ୍ଧୋଦନଙ୍କ ପରି ନେତା କହନ୍ତି—"ଆଜି ସେହି ମୁସଲମାନମାନଙ୍କୁ ସଖୀ କଣ୍ଢେଇ କରି, ବ୍ରିଟିଶ ସରକାର ହିନ୍ଦୁ ଭାରତକୁ ତଳିତଳାନ୍ତ କରିବାରେ ଲାଗିଛି । ଗାନ୍ଧି ଅନଶନ କରି ସେ ସାଂପ୍ରଦାୟିକ ଷଡ଼ଯନ୍ତ୍ରକୁ ପଣ୍ଡ କରି ପାରିବେ ନାହିଁ । ଅହିଂସା ତାହାର ଉତ୍ତର ନୁହେଁ; ଅନଶନ ତାହାର ବାଟ ନୁହେଁ ।" ସୁବିଧାବାଦୀ ନେତାମାନେହିଁ ଭାରତ ମାଟିରେ

ସାଂପ୍ରଦାୟିକ ସଂଘର୍ଷକୁ ସୃଷ୍ଟି କରି ରାଜନୀତିକ ସୁବିଧା ହାସଲ କରି ଅଛନ୍ତି । କେହି କେହେ ଭାବି ନାହାନ୍ତି ଯେ ମୁସଲମାନ କବି ସାଲବେଗ ଯେଉଁ ଜଗନ୍ନାଥ ଜଣାଣମାନ ଲେଖି ଯାଇଛନ୍ତି ତାହା ଅଗଣିତ ହିନ୍ଦୁମାନଙ୍କୁ ଆନନ୍ଦ ଦେଇଥାଏ । ଭାରତ ମାଟିକୁ ମୁସଲମାନ ସଂପ୍ରଦାୟ ଆଗନ୍ତୁକ ହେଲେହେଁ ବହୁବର୍ଷର ରହଣି ମଧ୍ୟରେ ହିନ୍ଦୁ ଓ ମୁସଲମାନ ମଧ୍ୟରେ ମୈତ୍ରୀ ସ୍ଥାପିତ ହୋଇଥିଲା । ଭାରତ ବିଭାଜନ ଓ ସୁବିଧାବାଦୀ ରାଜନୀତି ଏହି ଦୁଇ ସଂପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କଲା । ଅଥଚ ସେଇ ଅବ୍ଦାର ମିଆଁ ବସୁରିକା-ମହାମାରୀ ବେଳେ ଯେପରି ହିନ୍ଦୁ ରୋଗୀମାନଙ୍କର ସେବା କରିଥିଲେ ସେତେବେଳେ ଧର୍ମର ବାଧା ନ ଥିଲା । ଔପନ୍ୟାସିକ ସ୍ୱାଧୀନତା ପୂର୍ବର ଏହି ଚରିତ୍ରକୁ ଉପନ୍ୟାସ ମଧ୍ୟକୁ ଆଣି ହିନ୍ଦୁ ଓ ମୁସଲମାନ ମଧ୍ୟରେ ମୈତ୍ରୀବୋଧ ସୃଷ୍ଟି କରିବାକୁ ପ୍ରେରଣା ଦେଇଅଛନ୍ତି ।

ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କର 'ତମସାତୀରେ' (୧୯୬୭) ପୂର୍ବ ବଙ୍ଗରୁ ମୁସଲମାନମାନଙ୍କ ଅତ୍ୟାଚାର-ଲୁଣ୍ଠନ ଓ ହତ୍ୟାର ସମ୍ମୁଖୀନ ହୋଇ ଯେଉଁ ଅସହାୟ ହିନ୍ଦୁ ନରନାରୀମାନେ ପ୍ରାଣ ବିକଳରେ ଭାରତକୁ ପଳାଇ ଆସିଥିଲେ ସେମାନଙ୍କ ଜୀବନର ସକରୁଣ ଭାବକୁ ନେଇ ରଚିତ । ସେଇ ଶରଣାର୍ଥୀମାନଙ୍କର ଜୀବନର ମହାକାବ୍ୟ ଏଇ ଉପନ୍ୟାସ । ୧୯୪୭ରେ ପୂର୍ବ ବଙ୍ଗର ନୂଆଖାଲିରେ ଯେପରି ନିର୍ମମ ଭାବରେ ହିନ୍ଦୁମାନଙ୍କୁ ହତ୍ୟା କରାଗଲା ତାର ପ୍ରତିହିଂସାରେ କଲିକତା ଓ ବିହାରରେ ଚାଲିଲା ନାରକୀୟ ମୁସଲମାନ ହତ୍ୟା । ୧୯୪୭ରେ ଧନୀ ଓ ଜମିଦାରମାନେ ବୁଝି ଆପଣା କରି ପିଲା କୁଟୁମ୍ବ ଓ ଧନଦରବ ନେଇ ପଶ୍ଚିମବଙ୍ଗକୁ ପଳାଇ ଆସିଲେ ମାତ୍ର ଗରିବ ଚାଷୀ ମୂଲିଆମାନେ ଆସି ପାରିଲେ ନାହିଁ । ସାଧନ ମିସ୍ତ୍ରୀ ତେଣୁ କହିଲେ —"ସେମାନେ, ସେମାନେହିଁ ଆମର ଦୁର୍ଦ୍ଦଶା ପାଇଁ ମୁଖ୍ୟତଃ ଦାୟୀ, ସେହି ଧନୀ ଜମିଦାର ଓ ବଡ଼ ବଡ଼ ଚାଷୀ ଏବଂ ଧନୀକମାନେ । ଆମେ ଗରିବ, କି ହିନ୍ଦୁ କି ମୁସଲମାନ, ଆମର ଥିଲା ଗୋଟିଏ ଜାତି

—ଚାଷୀ, ମୂଳିଆଙ୍କର ଜାତି, ଖଟିଖିଆଙ୍କ ଜାତି । ଆମର ପ୍ରକୃତ ଦେବତା ଥିଲା ପେଟ । ବଡ଼ ଜାତିଆ ଧନୀ ଜମିଦାରମାନେ ମୁସଲମାନ ମାନଙ୍କୁ ଯେମିତି ଘୃଣା କରୁଥିଲେ, ପଚାଶହାତ ଦୂରରେ ରଖୁଥିଲେ, ସେମିତି ଆମକୁ ନମଃଶୂଦ୍ର ଅଛୁଆଁ ବୋଲି ଘୃଣା କରି ରଖିଥିଲେ । କେବଳ ହିନ୍ଦୁ ବୋଲି ଆମେ ଗଣା ହେଉଥିଲୁ ।" ଅଥଚ ଦେଶ ବିଭାଜନ ଏହି ଦୁଇ ଖଟିଖିଆମାନଙ୍କୁ ଏକ କଲାନାହିଁ । ବରଂ ସେମାନଙ୍କ ମଧ୍ୟରେ ସାଂପ୍ରଦାୟିକ ଈର୍ଷା ସୃଷ୍ଟି କଲା । ଶିକାର ହେଲେ ନିରୀହ ସଂଖ୍ୟାଲଘୁ ହିନ୍ଦୁମାନେ । ୧୯୫୦ ମସିହାରେ ପୁଣି ସାରା ପୂର୍ବ ବଙ୍ଗରେ ହିନ୍ଦୁମାନଙ୍କ ଉପରେ ହେଲା ନିଷ୍ଠୁର ଅତ୍ୟାଚାର । ଚାଳିଶ ଲକ୍ଷରୁ ଅଧିକ ହିନ୍ଦୁ ଭାରତକୁ ଜୀବନ ବଞ୍ଚାଇ ପଳାଇ ଆସିଲେ । କେତେ ମଲେ ତାର ହିସାବ ନାହିଁ । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଲିଆକତ୍ ଅଲ୍ଲିଙ୍କ ମଧ୍ୟରେ ଗୋଟାଏ ଚୁକ୍ତି ହେବାରୁ ହିନ୍ଦୁ ମୁସଲମାନ ସଂଘର୍ଷରେ ଟିକେ ଶାନ୍ତି ପଡ଼ିଲା ମାତ୍ର ୧୯୬୧ ମସିହା ବେଳକୁ ପୁଣି ଚାଲିଲା ସେଇ ହିନ୍ଦୁ-ତାଡ଼ନ ଓ ହିନ୍ଦୁ-ମାରଣ । ଲେଖକ ସାଂପ୍ରଦାୟିକ ସଂଘର୍ଷରେ ଶିକାର ହୋଇଥିବା ଅସହାୟ ହିନ୍ଦୁ ନରନାରୀମାନଙ୍କର ଯେପରି ସକରୁଣ ଚିତ୍ର ଅଙ୍କିଛନ୍ତି ତାହା ପାଠକଙ୍କୁ ଗଭୀର ଭାବରେ ସ୍ପର୍ଶ କରେ । ସଂକୀର୍ଣ୍ଣ ଧର୍ମାନ୍ଧତା ଓ ସାଂପ୍ରଦାୟିକ ସଂଘର୍ଷର ଅବସାନ ଘଟାଇ ଏକ ନୂତନ ମାନବିକ ଚେତନା ସୃଷ୍ଟି କରିବାକୁ ଲେଖକ ଦେଇଛନ୍ତି ଆହ୍ୱାନ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଖୁବ ଅଳ୍ପ ଉପନ୍ୟାସରେ ହିନ୍ଦୁ ମୁସଲମାନ ଦୁଇ ସଂପ୍ରଦାୟର ରକ୍ତ-ସଂଘର୍ଷକୁ ରୂପାୟନ କରାଯାଇଅଛି ଓ ସେଇ ରକ୍ତ-ରୂପାୟନ ମଧ୍ୟଦେଇ ମାନବିକ ଭାବବୋଧ ସୃଷ୍ଟି ପାଇଁ ପ୍ରେରଣା ପ୍ରଦାନ କରାଯାଇଅଛି । ତେବେ ଏସବୁ ଉପନ୍ୟାସରେ ବାସ୍ତବତା ଅପେକ୍ଷା ଆଦର୍ଶର ପ୍ରାଧାନ୍ୟ ବିଶେଷ ଦେଖିବାକୁ ମିଳିଥାଏ ।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଶ୍ରମିକ ସମସ୍ୟା :

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ରାମପ୍ରସାଦ ସିଂହ ଶ୍ରମିକମାନଙ୍କର ଜୀବନର ଦ୍ୱନ୍ଦ୍ୱ ଓ ସମସ୍ୟାକୁ ନେଇ ମାର୍କସୀୟ ଦୃଷ୍ଟି-କୋଣରୁ ଉପନ୍ୟାସମାନଙ୍କରେ ରୂପାୟନ କରିଥିଲେ । ସେଇସବୁ ଉପନ୍ୟାସରେ ଶ୍ରମିକମାନଙ୍କୁ ସଂଗ୍ରାମୀ ଭୂମିକାରେ ଅବତୀର୍ଣ୍ଣ କରାଯାଇଅଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଲକ୍ଷ୍ମୀଧର ନାୟକ ମୁଖ୍ୟତଃ ମାର୍କସୀୟ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦର ପୃଷ୍ଠଭୂମି ଉପରେ ଶ୍ରମିକମାନଙ୍କ ସମସ୍ୟାକୁ ବର୍ଣ୍ଣନା କରିଅଛନ୍ତି । କଳକାରଖାନାର ଶ୍ରମିକସମାଜ କ୍ରମେ ସଂଗଠିତ ହୋଇ ଆପଣାର ଦାବୀହାସଲପାଇଁ ଆଗେଇ ଆସିଛନ୍ତି । 'ହା'ରେ ଦୁର୍ଭାଗା ଦେଶ' ଉପନ୍ୟାସରେ ସଂବାଦପତ୍ରରେ କାମ କରୁଥିବା ଶ୍ରମିକମାନେ ସଂଗଠିତ ହୋଇ ହରତାଳ କରିଅଛନ୍ତି ଓ ସେମାନଙ୍କର ଦାବୀ ହାସଲ କରିଅଛନ୍ତି । ଲେଖକ ପୁଣି ପ୍ରସଙ୍ଗତଃ ଓଡ଼ିଶାରୁ ଦରିଦ୍ରଲୋକେ କଲିକତାର ମାଟିଆବୁରୁଜକୁ ଯାଇ କିପରି ଜୀବନ କଟାଉଥିଲେ ତାର ସକରୁଣ ଚିତ୍ର ଆଙ୍କିଅଛନ୍ତି । "ଶ୍ରମିକ ଜୀବନରେ ଦୈନ୍ୟ ଆଉ ସଂଘର୍ଷଶୀଳ ପ୍ରାଣର ପରିଶ୍ରାନ୍ତିରେ ଏ ଅଞ୍ଚଳର ଅବହାଓ୍ୱା ଯେତେସେପରି ମୁମୂର୍ଷୁ ଯନ୍ତ୍ରାବେଗୀ ଦଶ ଉର୍ଦ୍ଧ୍ୱମୁଖ । ଫାଟିଯାଇବାର ସମ୍ଭବତା ଅପେକ୍ଷା ଉପ୍ରବେଶ ଧଇକେଣରେ ଅନିଦ୍ରା ଆତ୍ମସ୍ଥିତି ସମଗ୍ର ଶ୍ରମିକଜୀବନକୁ ଏଠି ଅତିଷ୍ଠ କରି ଦେଲେ । ଏଠି ମଣିଷ ଅଛି, କିନ୍ତୁ ତାର ପ୍ରାଣ ନାହିଁ । ଦେହଅଛି କିନ୍ତୁ ଆତ୍ମା ନାହିଁ । ମଣିଷ ଏଠି ଯନ୍ତ୍ରପରି କାର୍ଯ୍ୟ ବ୍ୟସ୍ତ ସକାଳର ଭୁଙ୍ଗା ବାଜିଲେ ସେ ମିଲ୍‌କୁ ଛୁଟେ । ଛୁଟିର ହୁଇସିଲ୍ ବାଜିଲେ ସେ ଘରକୁ ଫେରେ। କିନ୍ତୁ ସେ କି ଘର ? ସେ କ'ଣ ସୁଖ ଅଭ ନୀଡ଼ର ଅବେଷ୍ଟନୀ ? ଆଠ ଘଣ୍ଟା ବାଦ୍ ମୁଠାଏ ରୋଷେଇ କରି ଗଣ୍ଡି ବାଢ଼ି ଖାଇ, କେତୋଟା ଘଣ୍ଟାର ଯେ ବିଶ୍ରାମ, ତା ଯେପରି ବସ୍ତିର ବଣ୍ଟାଗୁମ୍ଫ ମୂଳେ ଏକ ବୁଲା କୁକୁରର ଜିଭ କାଢ଼ି

କ୍ଲାନ୍ତର ନିଶ୍ୱାସ ଗ୍ରହଣର ପର ।" ଦାରିଦ୍ର୍ୟ, ଅଭାବ ଓ ଅନଟନ ମଧ୍ୟରେ ଶ୍ରମିକମାନଙ୍କର ନୈତିକ ଅଧୋପତନ ଘଟିଥାଏ । ସେମାନଙ୍କ ଜୀବନର ଅବକାଶ ହୁଏ ନାହିଁ । ସେମାନଙ୍କୁ ଶୋଷଣ କରନ୍ତି ଶିଳ୍ପପତି, ସୁବିଧାବାଦୀ ନେତା ଓ କଣ୍ଟ୍ରାକ୍ଟରମାନେ । ଔପନ୍ୟାସିକ ଏହି ସତ୍ୟକୁ ବାସ୍ତବଭାବରେ ପ୍ରକାଶ କରିଅଛନ୍ତି ।

ସେ ପୁଣି 'ମୋ ସ୍ୱପ୍ନର ସହର' ଭଳି ଉପନ୍ୟାସରେ ଶିଳ୍ପ-ନଗର ରାଉରକେଲାର ଜୀବନଯାତ୍ରା, ଓଡ଼ିଆମାନଙ୍କର ସଂଗଠନ ଓ ଜାତିସ୍ୱତନ୍ତ୍ରର ଅଧୋପତନ, ସାମ୍ପ୍ରଦାୟିକ ସଂଘର୍ଷ, ସୁବିଧାବାଦୀ ରାଜନୈତିକ ନେତାମାନଙ୍କର ଭୂମିକା, ଶ୍ରମିକମାନଙ୍କର ସମସ୍ୟା ଆଦି କଥାକୁ ରୂପାୟନ କରିଅଛନ୍ତି । ବ୍ରଜମୋହନ ମହାନ୍ତିଙ୍କର "ଅରକ୍ଷିତ ଉପନିବେଶ" (୧୯୮୦) ଦାଦନ ଶ୍ରମିକ ସମସ୍ୟା ଉପରେ ଆଧାରିତ ପ୍ରଥମ ଓଡ଼ିଆ ଉପନ୍ୟାସ । ଅବଶ୍ୟ ସ୍ୱାଧୀନତା ପୂର୍ବରୁ କେତେକ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପରେ ଏପ୍ରକାର ଶ୍ରମିକଜୀବନର ଚିତ୍ର ଦେଖିବାକୁ ମିଳିଥାଏ । ମାତ୍ର ବ୍ରଜମୋହନ ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ୍ୟ ଦାଦନ ଶ୍ରମିକର ଅସହାୟ ଜୀବନର ସକରୁଣ ଆର୍ତ୍ତ-ନାଦକୁ ଉପଲବ୍ଧି କରି ଏହି ଉପନ୍ୟାସରେ ବର୍ଣ୍ଣନା କରିଅଛନ୍ତି । ଦାଦନ ଶ୍ରମିକ କଣ୍ଟ୍ରାକ୍ଟରମାନେ ଯେତିକି ଶ୍ରମିକ ନେବାକୁ ଲାଇସେନ୍ସ ପାଇଥାନ୍ତି ତାହା ଅପେକ୍ଷା ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରମିକମାନଙ୍କୁ ଭୁଲାଇ ନେଇ ଯାଆନ୍ତି । ସେହି ନିରୀହ ଦରିଦ୍ର ଶ୍ରମିକଗଣ ଏଥିରୁ ଆଉ ମୁକ୍ତ ପାଆନ୍ତି ନାହିଁ । ଜୀବନବ୍ୟାପୀ କଠୋର ପରିଶ୍ରମ କରନ୍ତି । ଖୋଟେ ପିଇ ଦଣ୍ଡେ ଖାଇ ନ୍ୟାୟରେ ସେମାନେ କେବଳ ବଞ୍ଚନ୍ତି । ଟଙ୍କା ନାହିଁ । ଖାଦ୍ୟନାହିଁ । ଜୀବନର କୌଣସି ସ୍ୱାଦ ନାହିଁ । ଏକଦା ଆମେରିକାରେ ପ୍ରଚଳିତଥିବା ଦାସ-ପ୍ରଥାପରି ଏହି ଦାଦନଶ୍ରମିକ ପ୍ରଥା । ଔପନ୍ୟାସିକ ଏହି ଶ୍ରମିକ ସମସ୍ୟାର ବାସ୍ତବରୂପ ପ୍ରଦାନ କରିଅଛନ୍ତି । କାନନ ସର୍ଦ୍ଦାରକୁ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ଅରକ୍ଷିତ ଜେଲ୍ ଭିତରେ ଆପଣାର ଜୀବନ କାହାଣୀକୁ ବର୍ଣ୍ଣନା କରିଛି ଏବଂ ପରିଣତିରେ ନାଟକୀୟ ଭାବରେ ଉପନ୍ୟାସର ପରିସମାପ୍ତି ଘଟିଛି ।

ଘଟଣାଟି ମେଲୋଡ୍ରାମାଟିକ୍ ହେଲେ ମଧ୍ୟ ଏଥିରେ ଲେଖକ ଯେଉଁ ବାଗାନ ଶ୍ରମିକମାନଙ୍କର କରୁଣ ଜୀବନର ଚିତ୍ର ଦେଇଅଛନ୍ତି ତାହା ବାସ୍ତବ ଓ ଚିତ୍ତସ୍ପର୍ଶୀ ।

ସ୍ୱାଧୀନତା ପରବର୍ତ୍ତୀ ମୁଷ୍ଟିମେୟ ମାତ୍ର କେତୋଟି ଉପନ୍ୟାସରେ ଶ୍ରମିକମାନଙ୍କର ଜୀବନର ଚିତ୍ର ଅଛି । ସେମାନଙ୍କ ଜୀବନର ସମସ୍ୟା ସହିତ ସେମାନଙ୍କୁ ଶୋଷଣ କରିବାପାଇଁ କିପରି ନୂତନ ପ୍ରକ୍ରିୟା ସୃଷ୍ଟି ହୋଇଛି, ସେମାନଙ୍କର ସମସ୍ୟା ସମାଧାନ କରିବାକୁ ଯାଇ କିପରି ସେମାନଙ୍କୁ ନେତାମାନେ ପ୍ରତାରିତ କରୁଅଛନ୍ତି, ତେଲ ଲୁଣର ସଂସାର ଭିତରେ କିପରି ସେମାନଙ୍କର ଜୀବନ ଅସହାୟ ହୋଇ ଉଠିଛି, ସେହିମାନଙ୍କର ଶ୍ରମର କବର ଉପରେ କିପରି ବିଳାସୀ ଧନୀ ବ୍ୟକ୍ତିର ସୌଧ ଗଢ଼ିଉଠିଛି ତାର ବାସ୍ତବ ବର୍ଣ୍ଣନା ସେହିସବୁ ଉପନ୍ୟାସରୁ ଦେଖିବାକୁ ମିଳିଥାଏ ।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଶ୍ରୀଜଗନ୍ନାଥ :

ଓଡ଼ିଆ ଉପନ୍ୟାସ ସମାଜ ଜୀବନର ବହୁମୁଖୀ ଦିଗକୁ ରୂପାୟନ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ସାଂସ୍କୃତିକ-ଆଧ୍ୟାତ୍ମିକ ଓ ଜାତୀୟତାର ପ୍ରାଣପିଣ୍ଡ ଶ୍ରୀଜଗନ୍ନାଥଙ୍କର ଭାବାତ୍ମକ ବର୍ଣ୍ଣନା କରିବାରେ କମ୍ ଗୁରୁତ୍ୱ-ପୂର୍ଣ୍ଣ ସ୍ଥାନ ନେଇ ନାହିଁ । ଏହି ଦିଗରେ ବ୍ୟାସକବି ଫକୀରମୋହନ ସେନାପତି 'ଲଛମା' (୧୯୦୩) ଉପନ୍ୟାସରେ ପ୍ରାଥମିକ ଭୂମିକା ନେଇଥିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ସାରା ଭାରତବର୍ଷରୁ ଯାତ୍ରୀମାନେ କିପରି ବହୁ ଦୁଃଖକଷ୍ଟ ସହି ଆସୁଥିଲେ ଓ ବାଟରେ ନାନା ବିପଦର ସମ୍ମୁଖୀନ ହେଉଥିଲେ ତାର ଏକ ମାର୍ମିକ ଚିତ୍ର ଏହି ଉପନ୍ୟାସରୁ ଦେଖିବାକୁ ମିଳେ । ଫକୀରମୋହନଙ୍କ ପରେ ମୁକୁନ୍ଦ ଦାସଙ୍କ 'କଳାପାହାଡ଼' ଉପନ୍ୟାସରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ପାଠକ ଅବହିତ ହୋଇଥାଏ । ଏପରିକି ଉପେନ୍ଦ୍ର କିଶୋରଙ୍କର 'ମଲାଜହ୍ନ' ପରି ମନସ୍ତାତ୍ତ୍ୱିକ ଉପନ୍ୟାସରେ ମଧ୍ୟ ଜଗନ୍ନାଥଙ୍କ ସୂଚନା ରହିଛି । ତେବେ ସ୍ୱାଧୀନତା ପୂର୍ବରୁ ଯେଉଁସବୁ ଉପନ୍ୟାସରେ

ଶ୍ରୀଜଗନ୍ନାଥଙ୍କ ବିଷୟରେ ବର୍ଣ୍ଣନା ରହିଛି । ସେଥିରୁ ଶ୍ରୀଜଗନ୍ନାଥଙ୍କର ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ମିଳେନାହିଁ । ସ୍ୱାଧୀନତା ପରେ ଶ୍ରୀଜଗନ୍ନାଥଙ୍କୁ ଜାତୀୟତାର ପ୍ରାଣସତ୍ତା ରୂପେ ଗ୍ରହଣ କରାଯାଇ ଏକ ଚିରନ୍ତନ ଭାବଧାରାର ଉଦ୍‌ଘାଟନ କରାଯାଇଅଛି ।

ସୁରେନ୍ଦ୍ର ମହାନ୍ତିଙ୍କର 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ' ଶ୍ରୀ ଜଗନ୍ନାଥଙ୍କର ଓଡ଼ିଆଜାତି ସହିତ ଆତ୍ମିକ ମିଳନର କାହାଣୀକୁ ଅଭିବ୍ୟକ୍ତ । "ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଇତିହାସରେ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସର୍ବୋପରି । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ମତବାଦ ବା ସମ୍ପ୍ରଦାୟର ସଙ୍କୀର୍ଣ୍ଣ ପରିସର ମଧ୍ୟରେ ଜଗନ୍ନାଥ ଆବଦ୍ଧ ନୁହନ୍ତି ।" ସେ ସାର୍ବଜନୀନ ମାନବର ମୈତ୍ରୀ ସାଧନାର ପ୍ରତୀକ । ପ୍ରତ୍ୟେକ ଓଡ଼ିଆର ପ୍ରାଣରେ ଶ୍ରୀଜଗନ୍ନାଥଙ୍କର ରହିଛି ଶ୍ରଦ୍ଧାପୂତ ଆସନ । ଶ୍ରୀଜଗନ୍ନାଥ ତାର ଅନ୍ତରଙ୍ଗ ଆତ୍ମୀୟ । ଇତିହାସର ରଥଚକ୍ର ତଳେ ଓଡ଼ିଶା ବାରମ୍ବାର ବୈଦେଶିକମାନଙ୍କର ଆକ୍ରମଣରେ ହତଶ୍ରୀ ହୋଇ-ଥିଲେହେଁ ଶ୍ରୀଜଗନ୍ନାଥଙ୍କ ପ୍ରେରଣାରେ ଓଡ଼ିଆ ଜାତିର ଆତ୍ମା ସେସବୁ ସଂଗ୍ରାମରେ ଅପରାଜେୟ ରହିଆସିଅଛି । ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀ ଓଡ଼ିଆ ଇତିହାସର ଏକ ଘୋର ଦୁଃସ୍ୱପ୍ନ । ଖୋର୍ଦ୍ଧାର ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ମୁସଲମାନ କନ୍ୟା ଗ୍ରହଣ କରି ବିଧର୍ମୀ ହୋଇଥିଲେ ମଧ୍ୟ ଓଡ଼ିଶାର ଆତ୍ମା-ଶକ୍ତି ଶ୍ରୀଜଗନ୍ନାଥଙ୍କ ମାନ ରକ୍ଷା କରିବାକୁ ବଦ୍ଧପରିକର ହୋଇଥିଲେ । ସେ ମନେ ମନେ ସ୍ୱଗତୋକ୍ତି କରୁଥିଲେ— "ନାଁ ନାଁ, ମୋର ମାନ ଲୋଡ଼ା ନାହିଁ । ତୁମରି ମାନ ରହୁ ଜଗନ୍ନାଥ ! ତୁମରି ମାନ ରକ୍ଷାପାଇଁ ତ ମୁଁ ଜାତି ଜାଣି ତୁମଠାରୁ ଦୂରେଇଗଲା ହୋଇଛି । ଆଃ, ଏବେ ବି ତୁମରି ଶ୍ରୀଭୁଜରୁ କେଉଁକେଉଁ ଦମଣା ଫୁଲର ସୁଗନ୍ଧ ଭାସି ଆସୁଛି । ତେବେ କି ତୁମର ପଦ୍ମପଲାଶ ଲୋଚନ ମୋତେ ହାତ ଠାରି ଡାକୁଛି······ମୁଁ ମହାମରଣ, ମୁଁ ମହାଶକ୍ତି ! ସେଇଥିପାଇଁ ଅବୋଧ ସବୁ ଅଭିମାନ ଭୁଲି, ଏଇଠାରେ ଶାନ୍ତି, ଏଇ ଠାରେ ମୋକ୍ଷ, ପୁନର୍ଜନ୍ମର ବନ୍ଧନ ଛେଦି ଏଇଠାରେ ନିର୍ବାଣ !

ମୋ ହାଟପାକ କଣ୍ଟା……କିନ୍ତୁ ନିଜେ ତ ମୁଁ ନିଜ ହାତରେ ସେ କଣ୍ଟା ଛୁଟିଛି ଜଗନ୍ନାଥ ! ତଥାପି ସେଥିରେ ମୋର ଖେଦ ନାହିଁ, ସନ୍ତାପ ନାହିଁ,ଜଗନ୍ନାଥ ! ତମର ମାନ ରହୁ, ଉତ୍କଳର ମାନ ରହୁ, ମୁଁ ପଛେ ପତିତ ହୁଏ ।” ରାମଚନ୍ଦ୍ର ଦେବ ପତିତ ଓ ବିଧର୍ମୀ ହୋଇ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମାନରକ୍ଷା କରିବାକୁ ଆଗେଇ ଆସିଅଛନ୍ତି । ସେଇ ଜଗନ୍ନାଥ ଓଡ଼ିଶାର ଅପରାଜେୟ ଆତ୍ମାର ପ୍ରତୀକ । ରକ୍ତବାହୁଠାରୁ କଳାପାହାଡ଼ ପର୍ଯ୍ୟନ୍ତ ଯେତେ ଆକ୍ରମଣକାରୀ ଆସିଛନ୍ତି ସମସ୍ତଙ୍କର ଦୃଷ୍ଟି ରହିଛି ସେହି ଜଗନ୍ନାଥଙ୍କ ଉପରେ । ତାଙ୍କୁ ଜୟ ନକଲେ ପର୍ଯ୍ୟନ୍ତ ଓଡ଼ିଶାକୁ ଜୟ କରିବା ଯେପରି ଥିଲା ଅସମ୍ଭବ ।

ସେହି ଜଗନ୍ନାଥ ଓଡ଼ିଆ ଜାତୀୟତାର ପ୍ରତୀକ । ଓଡ଼ିଆ ଅପରାଜେୟ ଆତ୍ମଶକ୍ତିର ସଂକେତ । ତଥାପି ସେ ମହିମା ମହାବାହୁ— ଜଗତର ନାଥ ଜଗନ୍ନାଥ । ତାଙ୍କ ପାଖରେ “କ୍ଷୁଦ୍ର ଯାଚଞ୍ଜା ନାହିଁ, ତୁଚ୍ଛ ପ୍ରାର୍ଥନା ନାହିଁ, ଅନନ୍ତ ମହାଶୂନ୍ୟର ଅସୀମତା ମଧ୍ୟରେ ବିଲୀନ ହୋଇ ଯିବାପାଇଁ ସାନ୍ତ ସସୀମର, ତାହା ଯେପରି ଉଦ୍‌ବେଳ ଆକୁତି ……ହେ ମହିମା ମହାବାହୁ !” ସେହି ଜଗନ୍ନାଥଙ୍କ ପ୍ରତି ଅବିଚଳିତ ବିଶ୍ୱାସକୁ ଆଶ୍ରୟ କରି ଓଡ଼ିଶାରେ ଯେଉଁ ରାଜଶକ୍ତି ଗଢ଼ି ଉଠିଥିଲା ତାହା ଥିଲା ଏକାନ୍ତ ଅପରାଜେୟ । “ଜଗନ୍ନାଥ ଏ ଅପରାଜେୟ ଜାତିର ଆତ୍ମା । ତାଙ୍କର ପ୍ରତିଷ୍ଠା ପ୍ରତ୍ୟେକ ଓଡ଼ିଆର ପ୍ରାଣରେ । ତାଙ୍କୁ ସେଠାରୁ ବିଚ୍ୟୁତ କରିବ କିଏ ?” ଜଗନ୍ନାଥଙ୍କୁ ଥରେ ଦେଖି ପ୍ରାଣକୁ ଶୀତଳ କରିବାପାଇଁ ରଜିଆ ସେଦିନ ରାମଚନ୍ଦ୍ର ଦେବଙ୍କୁ ନିବେଦନ କରିଥିଲା-“ମୋତେ ଜଗନ୍ନାଥ ଦେଖାଇ ପାରିବ ମହାରାଜ ? ମା’ମୋତେ ସବୁବେଳେ କହୁଥିଲେ, ଜଗନ୍ନାଥଙ୍କୁ ଥରେ ଚାହିଁଲେ ଜୀବନରେ କୁଆଡ଼େ ସବୁ ନପାଇବାର ଅବଶୋଷ ମେଣ୍ଟିଯାଏ । ଜଗନ୍ନାଥ ସୃଷ୍ଟିର ଅନ୍ଧକାର ପରି, ତାଙ୍କ ଭିତରେ ସବୁ ପାଇବା, ସବୁ ନ ପାଇବା, ସବୁ ଦୁଃଖ, ସବୁ ଆନନ୍ଦ, ସବୁ ହସ, ସବୁ ଲୁହ ଏକାକାର ହୋଇ କାଳେ ମିଳାଇ ଯାଏ ।” ବ୍ରାହ୍ମଣୀ କନ୍ୟା ଓ ମୁସଲମାନ ଔରସ ଜାତ ରଜିଆ

ରାମଚନ୍ଦ୍ର ଦେବଙ୍କୁ ବିବାହ କରିଥିଲା । ସେ କିନ୍ତୁ ଚାହିଁଥିଲା ଶ୍ରୀ ଜଗନ୍ନାଥଙ୍କୁ ଦେଖିବାପାଇଁ । ସେଇ ରଜିଆର ସହାୟତାରେ ଶ୍ରୀ ଜଗନ୍ନାଥଙ୍କୁ ରାମଚନ୍ଦ୍ର ଦେବ ନେଇ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରିପାରି ଥିଲେ । ଅଥଚ ରଜିଆକୁ କିନ୍ତୁ ଜଗନ୍ନାଥଙ୍କ ମନ୍ଦିରକୁ ଯିବାକୁ ଅନୁମତି ମିଳିଲା ନାହିଁ । ରଜିଆ ଚାଲିଯାଇଛି ଆହତ ଅଭିମାନରେ । ବିଧର୍ମୀ ରାମଚନ୍ଦ୍ର ଦେବ ମଧ୍ୟ ତାକୁ ଅନୁସରଣ କରି ଚାଲିଯାଇଛନ୍ତି । 'ନୀଳଶୈଳ'ରେ ରଜିଆର ଉତ୍କଣ୍ଠା 'ନୀଳାଦ୍ରି ବିଜୟ'ରେ ବିଲୀନ ହୋଇ ଯାଇଛି । 'ନୀଳଶୈଳ'ରେ ଉଲ୍ଲେଖ ଅଛି—"ମୁସଲମାନମାନଙ୍କ ଆଲ୍ଲା ଯେପରି ନିରାକାର, ଜଗନ୍ନାଥ ମଧ୍ୟ ସେହିପରି ଅଲେଖ ନିରଞ୍ଜନ । ସବୁ ସେଇ ଅଲେଖର ଅବ୍ୟକ୍ତ ଲୀଳା । ଆଲ୍ଲା-ଜଗନ୍ନାଥ ଏକ, ଏହି ସମନ୍ୱୟର ଏକ ଭାବନା ସଂକୀର୍ଣ୍ଣ ଧର୍ମାନ୍ଧତା ଊର୍ଦ୍ଧ୍ୱରେ, ହିନ୍ଦୁ-ମୁସଲମାନଙ୍କୁ ଏକ କରି ଦେଇଥିଲା । ଓଡ଼ିଶା କେବେ ମତାନ୍ଧତା, ଧର୍ମାନ୍ଧତା ଓ ଅନୁଦାରତାର ଭୂମି ନଥିଲା ।" ଅଥଚ 'ନୀଳାଦ୍ରି ବିଜୟର ପରିଣତି ବେଳକୁ ରାମଚନ୍ଦ୍ର ଦେବ ଅନୁଭବ କଲେ ଯେଉଁ ଧର୍ମରକ୍ଷା କରିବାକୁ ସେ ଲଢ଼ି ଥିଲେ ସେହି "ଧର୍ମହେଲା ଧର୍ମାନ୍ଧତା । ସ୍ୱାଧୀନତା ହେଲା କେତେକ ଧର୍ମଧ୍ୱଜୀଙ୍କ ବହିଷ୍କାର ପ୍ରମତ୍ତତା । ମୈତ୍ରୀ ହେଲା ମାନବଦ୍ରୋହ । × × × × ଜଗନ୍ନାଥ ସଂସ୍କୃତି, ମୈତ୍ରୀ, ପ୍ରୀତି ......ଏସବୁ କେବଳ ମୁଖରୋଚକ ପହଳ ।" ଅତୀତର ଜଗନ୍ନାଥ ଧର୍ମର ଉଦାରତା ଓ ମହନୀୟତା ଉପରେ କାଳକ୍ରମେ ଅନୁଦାର ଓ ସଂକୀର୍ଣ୍ଣ ହୋଇଯାଇଛି ତାର ଭାବାତ୍ମକ ବିଶ୍ଳେଷଣ ଲେଖକ କରିଅଛନ୍ତି ଓ ସେହି ବିଶ୍ଳେଷଣ ମଧ୍ୟ ଦେଇ ଓଡ଼ିଆ ଜାତିର ବିପର୍ଯ୍ୟୟର କାରଣ ସମ୍ପର୍କରେ ପାଠକମାନଙ୍କୁ ଚେତେଇ ଦେଇ ନବୋତ୍‌ଥାନ ପାଇଁ ଆହ୍ୱାନ ଦେଇଛନ୍ତି ।

'ନୀଳଶୈଳ' ରେ ଶ୍ରୀ ଜଗନ୍ନାଥଙ୍କୁ ରାମଚନ୍ଦ୍ର ଦେବ ନେଇ ଚିଲିକାର ମାଳୁଦଠାରେ ଗୋପନ କରି ରଖିଥିଲେ । ରତ୍ନସିଂହାସନର ମହାସମ୍ଭବ ଗୁରୁତ୍ୱ ଓଡ଼ିଆଜାତିର ଅଭିମାନ ଓ ବିଶ୍ୱ ମାନବର

ଶ୍ରୀଜଗନ୍ନାଥ ପଡ଼ିରହିଲେ ତଲକା ଗର୍ଭସ୍ଥ ମହାକାନ୍ତାରରେ । ସେହି ଜଗନ୍ନାଥ ମହାମୁକ୍ତି, ମହାପୂର୍ଣ୍ଣ ଓ ମହାଶୂନ୍ୟର ଅବିନଶ୍ବର ଅନିର୍ବଚନୀୟ ଆଦିଅନ୍ତହୀନ ଭାବମୂର୍ତ୍ତି । ସେ ପୁଣି "ଓଡ଼ିଆଜାତିର ଅଭିମାନ । ତାହାର ଅପରାଜେୟତାର ଇଷ୍ଟଦେବ । ତାହାର ସବୁ ମଙ୍ଗଳ ଅମଙ୍ଗଳର—ଜୟ ଜଗନ୍ନାଥ ।" ଓଡ଼ିଶାର ମୁକ୍ତି ସଂଗ୍ରାମ ଓ ତାର ଅପରାଜେୟତାର ସାରଥି ଶ୍ରୀ ଜଗନ୍ନାଥଙ୍କୁ ତଲକାର ମାଲୁଦରୁ ରାମଚନ୍ଦ୍ର ଦେବ ନେଲେ ଟିକାଲି ଓ ଟିକାଲିରୁ ସେ ପୁଣି ସଦର୍ପରେ ନେଇ ଆସିଲେ ଶ୍ରୀମନ୍ଦିରର ରତ୍ନସିଂହାସନକୁ । ତଲକା ଗର୍ଭରେ ରାମଚନ୍ଦ୍ର ଦେବ ଜଗନ୍ନାଥଙ୍କୁ ଦେଖି ଭାବୁଥିଲେ—"ଆଃ ! ଜଗନ୍ନାଥ··· ତୁମେ ଏକ ଅକଥନୀୟ ଜ୍ୱାଳା, ଅସୀମ, ଅଣାକାର ଶୂନ୍ୟତା ।" ତଥାପି ରାମଚନ୍ଦ୍ର ଦେବ ଆଶ୍ୱାସନା ପାଉଛନ୍ତି ଶ୍ରୀ ଜଗନ୍ନାଥଙ୍କର ସେହି ବଳୀୟାର ଭୁଜକୁ ଦେଖି । ସେ ଅନୁଭବ କରୁଛନ୍ତି—"ଦୁଇ ଭୁଜରେ ଜନ୍ମ ଅଭୟର ମୁଦ୍ରା···ଭୟ ନାହିଁ ! ଭୟନାହିଁ ! ସବୁ ରାତିର ପ୍ରଭାତ ଅଛି ! ସବୁ ଅସହାୟତାର ଅବଲମ୍ବନ ଅଛି ! ସବୁ ଅନ୍ୱେଷଣର ଶେଷ ଅଛି ।" ଶ୍ରୀ ଜଗନ୍ନାଥଙ୍କୁ ରାମଚନ୍ଦ୍ର ଦେବ ପାଇକମାନଙ୍କ ସହାୟତାରେ ଟିକାଲି ନେଇ ଗଲେ । ଓଡ଼ିଶାର ଆତ୍ମା ଓ ମୁକ୍ତି ସାଧନାର ଉତ୍ସଛନ୍ଦ ଶ୍ରୀ ଜଗନ୍ନାଥ ଏଥର ନିରାପଦ । ସେଇଠାରୁ ପୁଣି ଶ୍ରୀ ଜଗନ୍ନାଥ ଫେରିଲେ ରତ୍ନସିଂହାସନକୁ । ଏହା ତାଙ୍କର ବାହୁଡ଼ା ଯାତ୍ରା ନୁହେଁ ମାତ୍ର ଦାସତ୍ୱ ନିପୀଡ଼ିତ ଓଡ଼ିଶାର ମୁକ୍ତିଯାତ୍ରା । "ଓଡ଼ିଆ ଜାତିର ଏଇ ମୁକ୍ତି ସଂଗ୍ରାମରେ ସେ କେବଳ ନୀରବଦ୍ରଷ୍ଟା ନୁହନ୍ତି ··ଏଇଯୁଦ୍ଧରେ ସେ ରଥୀ, ପୁଣି ସାରଥି ।" ଶ୍ରୀ ଜଗନ୍ନାଥ ଫେରିଲେ ରତ୍ନସିଂହାସନକୁ । ଓଡ଼ିଆ ଜାତିର ଅପରାଜେୟ ଆତ୍ମଶକ୍ତିର ହେଲା ପୁନଃ ପ୍ରତିଷ୍ଠା ମାତ୍ର ଏକ ସଂକୀର୍ଣ୍ଣ ଧର୍ମାନ୍ଧତା ଯେପରି ଏହି ବିରାଟ ମହନୀୟ ସଂସ୍କୃତିକୁ ମୋହାଚ୍ଛନ୍ନ କରିଦେଲା ।

ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଏହି ଦୁଇଟି ଉପନ୍ୟାସରେ ଶ୍ରୀ ଜଗନ୍ନାଥଙ୍କର ଭାବାତ୍ମକ ବିଶ୍ଳେଷଣ କରି ତାଙ୍କୁ ଓଡ଼ିଆ ଜାତିର

ଅପରାଜେୟ ପ୍ରାଣଶକ୍ତିର ଉତ୍ସ ଭାବରେ ଗ୍ରହଣ କରି ଜାତିର
ନବୋତ୍ଥାନପାଇଁ ପ୍ରେରଣା ଦେଇଅଛନ୍ତି । ଶ୍ରୀ ଜଗନ୍ନାଥଙ୍କୁ ସେ
ଯେପରି ଭାବରେ ବିଚାର କରିଅଛନ୍ତି ଓ ଏହି ଦୁଇଟି ଉପନ୍ୟାସରେ
ତାଙ୍କୁ ନାୟକ କରି ଯେପରି ବର୍ଣ୍ଣନା କରିଅଛନ୍ତି ତାହା ବାସ୍ତବିକ
ପାଠକଙ୍କୁ ଅଭିଭୂତ କରେ ।

ଇତିହାସର ପୃଷ୍ଠପୀଠିକା ଉପରେ ଶ୍ରୀମହାନ୍ତି ଶ୍ରୀ ଜଗନ୍ନାଥଙ୍କର
ଆତ୍ମିକ ପ୍ରାଣସତ୍ତାକୁ ଜାତୀୟତାର ମର୍ମ ବିନ୍ଦୁରେ ସମନ୍ୱିତ କରି ଏକ
ମାନବିକ ଭାବସ୍ପନ୍ଦନ ସୃଷ୍ଟି କରିଥିଲା ବେଳେ ଔପନ୍ୟାସିକ,
କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ଚନ୍ଦ୍ରଶେଖର
ରଥ, ଶାନ୍ତନୁ ଆଚାର୍ଯ୍ୟ ଓ ଗଣେଶ୍ୱର ମିଶ୍ର ପ୍ରମୁଖ
ଲେଖକଗଣ ଶ୍ରୀ ଜଗନ୍ନାଥଙ୍କୁ ଦାର୍ଶନିକ ଓ ସାଂସ୍କୃତିକ ପୃଷ୍ଠଭୂମିକୁ ନେଇ
ଆସିଅଛନ୍ତି । ଗୋପୀନାଥ ମହାନ୍ତିଙ୍କର ଚେତନା ପ୍ରବାହଧର୍ମୀ ଉପନ୍ୟାସ
'ଲୟବିଲୟ' ତରୁଣ ରାୟ, ତାଙ୍କ ସ୍ତ୍ରୀ କାନ୍ତିମୟୀ ଓ କନ୍ୟା ଛଳନାଙ୍କର
କଲିକତାରୁ ପୁରୀକୁ ଆଗମନ ଓ ପୁରୀରେ ଦ୍ୱିଦିନ ରହଣି ଏବଂ ସେହି
ଦ୍ୱିଦିନର ଅନୁଭୂତିକୁ ନେଇ ରଚିତ । ପୁରୀରେ ପହଞ୍ଚିବାର କିଛି
ସମୟ ପୂର୍ବରୁ ତରୁଣ ରାୟ ଦେଖିଲେ ଦୂର ଦିଗ୍‌ବଳୟ ତଳେ
ଶ୍ରୀଜଗନ୍ନାଥ ମନ୍ଦିର । "ସତେ ଅବା ସେ ଦେଉଳ ନୁହେଁ, ସେ ଗୋଟିଏ
ଆତ୍ମାର ରୂପ ।" ସେହି ଦେଉଳକୁ ଦେଖିଲା ମାତ୍ରେ ରେଳ ଭିତରେ
ବସିଥିବା ସକଳ ଯାତ୍ରୀମାନଙ୍କ କଣ୍ଠରୁ ସୃଷ୍ଟି ହେଲା—"ଜଗନ୍ନାଥ !
ଜଗନ୍ନାଥ ! ଜଗନ୍ନାଥଙ୍କ କି ଜୟ !" ସେଠି ଆଉ ଭାଷାର ଭେଦ ରହିଲା
ନାହିଁ, ଜାତିର ଭେଦ ରହିଲା ନାହିଁ । ସମସ୍ତେ ସମାନ । "ଏକ ପ୍ରାଚୀନ
ସଂସ୍କୃତିର ଧାରା ସେମାନଙ୍କୁ ଏକାଠି କରିଥିଲା, ଏକ ଭାରତ, ସେହି
ନୈତିକ ଚେତନା-ପ୍ରବୃତ୍ତି ସେହି ଏକ ପରମେଶ୍ୱର, ସମସ୍ତେ ମୈତ୍ରୀ ଓ
ଶାନ୍ତିର ଉପାସକ, ସ୍ଥିର ଶାନ୍ତିର୍ଣ୍ଣ ସୌନ୍ଦର୍ଯ୍ୟ ।" ପୁରୀରେ ପହଞ୍ଚି ତରୁଣ
ରାୟ ଗଲେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ସେହି ଜଗନ୍ନାଥଙ୍କର
ଚକାଡୋଳା ଭିତରେ ସେ ଯେପରି ଅନୁଭବ କଲେ ଜୀବନର ପରମ
ତୃପ୍ତି । ସେ ପୁଣି ଭାବିଲେ—"ଗୋଟାଏ ପାର୍ଥିବ ଘଟ ଗଢ଼ାହେଲା

ଉପରୁ ଖସିବା ଭିତରେ କାହିଁ ଛୁଟ୍ କରି ଟିକଏ ବେଳ, ଖୋଲିଲେ ଆଖି ପିଚୁଡ଼ାକ ପରି, ତାର ପୁଣି ସୁଖ ଆଉ ଦୁଃଖ ! ତାର ପୁଣି କାହାଣୀ ! ତାର ପୁଣି ଅହଙ୍କାର ! କିଛି ନାହିଁ କେଉଁଠି, କେବଳ ତା ନିଜ ଅନୁଭୂତି, ଏହି ପୂର୍ଣ୍ଣତାର ପୁଣି ଏ ଶୂନ୍ୟତାର, ସବୁରି ଉପରେ ଏକ ପ୍ରାଣର, ଯେ ସ୍ରଷ୍ଟା, ନିୟନ୍ତା, ସର୍ବପରିବ୍ୟାପ୍ତ । ତାର ଭାଷା ନାହିଁ, କେବଳ ମାନବଜାତି ମଧ୍ୟରେ ନୁହେଁ, ସୃଷ୍ଟିଯାକ ସବୁରି ସମତାର ସମନ୍ୱୟ ଡୋର ସେହି ପ୍ରାଣ, ସେହି ତ ସେ,—ଜଗନ୍ନାଥ ! ଜଗନ୍ନାଥ !" ତରୁଣ ବାପୁଙ୍କର ଚେତନା ଲୀନ ହେଲା ମହାଶୂନ୍ୟ ଓ ମହାପ୍ରାଣର ଅନୁଭୂତି ଭିତରେ । ସେଠି ଅଛି ନୂଆ ଆଖି, ନୂଆ ଚେତନା । ସେଠି ଘର, ସଂସାର, ସ୍ତ୍ରୀ, ବନ୍ଧନ କିଛି ନାହିଁ । ଆତ୍ମା ସେଠି ମୁକ୍ତ । ଚେତନା ସେଠି ମୁକ୍ତ । ସେ ଆଉ ମହାନଗରୀର ନାଗରିକ ନୁହେଁ । କାହାର ସ୍ୱାମୀ ନୁହେଁ । କାହାର ଜନକ ନୁହେଁ । ଦେହ ସମ୍ପର୍କର ଗଢ଼ା ମୋହଜାଲକୁ ଛିନ୍ନ କରି ତାଙ୍କର ମହାବ୍ୟକ୍ତିତ୍ୱ ମହାପ୍ରାଣ ସଙ୍ଗରେ ଭାସୁର ହୋଇ ଉଠିଛି । ସେ ପୁଣି ଅନୁଭବ କଲେ—"ପିଠିଆଡ଼େ ହେଲ ସେ ଦୂରରେ ଜଗନ୍ନାଥ ମନ୍ଦିର, ମହାମାନବର ମହାବ୍ୟକ୍ତିତ୍ୱର ମହନୀୟ ରୂପ ପରି, ସେହି ନୀଳଚକ୍ର ତାର ଚିରନ୍ତନୀ ଚେତନାର ପ୍ରତୀକ, ପବନରେ ଫରଫର ପାଟ ନେତ ତାର ଅଭୟ ଓ ବିଜୟ ଉଲ୍ଲାସର ପ୍ରତୀକ । ମୁହଁପଟେ ମହାସମୁଦ୍ରରେ ତାହାରି ବ୍ୟକ୍ତିତ୍ୱରହିଁ ବ୍ୟାପ୍ତି, ତାହାରି ବର୍ଣ୍ଣବିନ୍ୟାସ, ଉପରେ ଆକାଶରେ ତାହାରି ପରିବ୍ୟାପ୍ତି, ସେହି ତ ସେ ତରୁଣ ବାପୁ, କାହିଁ ତାର କ୍ଷୟ କି ପରାଜୟ ?"

ସ୍ୱଳ୍ପଦିନର ରହଣି ପରେ ତରୁଣ ବାପୁ ପରିବାର ସହିତ ଫେରି ଯାଉଛନ୍ତି କଲିକତାର ମହାନଗରୀକୁ ମାତ୍ର ତାଙ୍କର ମାନସ ପଟରେ ଶ୍ରୀ ମନ୍ଦିରର ମହନୀୟତା, ଶ୍ରୀଜଗନ୍ନାଥଙ୍କର ଅନିର୍ବଚନୀୟ ମହାପ୍ରାଣତା ଓ ମହାଶୂନ୍ୟତା ଏକ ଅପୂର୍ବ ଭାବ-ରୂପ ସୃଷ୍ଟି କରିଅଛି । ପୁରୀକୁ ସେ ଆସିଥିଲେ ନୂଆ ଅନୁଭୂତି, ନୂଆ ଜୀବନ ପାଇଁ । ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ

କଳିଯୁଗରେ ସେ ପାଇଲେ ନୂଆ ଜୀବନ । ସେଇ ଜୀବନ ସଂକୀର୍ଣ୍ଣ ନୁହେଁ; —ସେ ଏକ ମହାଜୀବନ । ସେଠି ଅପୂର୍ଣ୍ଣତା ନାହିଁ; ଅଛି ପୂର୍ଣ୍ଣତାର ଦ୍ୟୁତି, ଅଛି ମଧ୍ୟ ଶୂନ୍ୟତା ମଧ୍ୟରେ ମହାବ୍ୟକ୍ତିତ୍ୱର ଆଭାସ । ଔପନ୍ୟାସିକ ଗୋପୀନାଥ ମହାନ୍ତି ଏକ ଦାର୍ଶନିକ ଦୃଷ୍ଟିକୋଣ ନେଇ ଶ୍ରୀଜଗନ୍ନାଥଙ୍କର ବୈଶିଷ୍ଟ୍ୟକୁ ରୂପାୟନ କରିବା ସଙ୍ଗେ ସଙ୍ଗେ ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତଙ୍କ ମଧ୍ୟରେ ସେହି ମହାବ୍ୟକ୍ତିତ୍ୱର ସୃଷ୍ଟି ସମ୍ଭବ ପାଇଁ ପ୍ରେରଣା ପ୍ରଦାନ କରିଅଛନ୍ତି । ରେଳଗାଡ଼ିରୁ ନୀଳଚକ୍ରକୁ ଦେଖି ଯାତ୍ରୀମାନେ ଜୟଜଗନ୍ନାଥ ଧ୍ୱନି ଦେଇ ଯେପରି ସମସ୍ତେ ଏକ ଲୟରେ ଦୃଷ୍ଟି ରହନ୍ତି ସେଇଆଡ଼କୁ, ତାର ଏକ ଚମତ୍କାର ବର୍ଣ୍ଣନା ଯେପରି ଗୋପୀନାଥ ମହାନ୍ତି 'ଲୟବିଲୟ'ରେ କରିଅଛନ୍ତି ସେହିପରି ମଧ୍ୟ ଚନ୍ଦ୍ରଶେଖର ରଥ 'ଯନ୍ତ୍ରାରୂଢ଼' (୧୯୬୭) ଉପନ୍ୟାସରେ କରିଛନ୍ତି । ଗ୍ରାମର ସରଳ ଧର୍ମପ୍ରାଣ ଯାତ୍ରୀଗଣ ଯାଉଥାନ୍ତି ପୁରୀକୁ । ରେଳରେ କେତେ ଆଉର କେତେ ଯାତ୍ରୀ । କାହାର ସମ୍ବଳ କାହାର କିଛି ନାହିଁ । "ସବୁପରି ଏକମୁହାଁ । ପୁରୀଯାତ୍ରୀ । ଗୋଟିଏ ଭାବଡ଼ୋର ସମସ୍ତଙ୍କୁ ଯେମିତି ଟାଣିନେଉଛି । ଏଠି ଆଉ ନିଜ ପର କ'ଣ ଅଛି ? ଜୟ ଜଗନ୍ନାଥ ! ଡାକ ଗୁମୁରି ଉଠୁଛି, ତୁମ ଠାକୁରି ଉଠୁଛି । କି ଉଦ୍‌ବେଗ ସମସ୍ତଙ୍କର ! ଟିକିଏ ନଇଁ ରେଳଭିତରୁ ନୀଳଚକ୍ରକୁ ଥରେ ଦୃଷ୍ଟି ଦେବେ ! ହରି......ପତିତପାବନ ! ଏ ବାନା ଦେଖାଇଲ ହେ ପ୍ରଭୁ ! କୋଟିଏ ଜନ୍ମର ପାପ କ୍ଷୟ ଗଲା । ସମସ୍ତେ ଭକ୍ତି ଗଦ୍‌ଗଦ । ଆଖିରୁ ଲୁହ ପୋଛି ଚକାଉଛନ୍ତି । ଆତ୍ମା ଧୋଇ ହୋଇ ଯାଉଛି ।" ବଡ଼ଦାଣ୍ଡରେ ପହଞ୍ଚି ସେମାନେ ସେଇ ଧୂଳିକୁ ନେଇ ମୁଣ୍ଡରେ ମାରନ୍ତି । ସେଇ ଧୂଳି ଖାଲି ଧୂଳି ନୁହେଁ । ସେଇ ଧୂଳି ଜଗନ୍ନାଥଙ୍କ ପାଦର ଧୂଳିକଣା । ଏଥର ଜଗନ୍ନାଥଙ୍କୁ ଦର୍ଶନ କରି ସରଳଧର୍ମପ୍ରାଣ ଯାତ୍ରୀଟି କହେ—"ଆଃ ଆସିଗଲି ! ଦୂରୁ ଦେଖିଲି ଦିଶୁଅଛି ଚୂଳ, ଜଗମୋହନ ଭିତେ ଆନନ୍ଦମୂଳ । ନା ଆଉ ନୁହେଁ, ଏଇ ଆସିଗଲି ଅରୁଣ ସ୍ତମ୍ଭ । ହେଇ ସିଂହଦ୍ୱାର, ବାଇଶି ପାହାଚ, ନାଟ ମନ୍ଦିର, ଗରୁଡ଼ ସ୍ତମ୍ଭ । ଓହୋ ! ଓହୋ ! ଜଗନ୍ନାଥ ! ନିସ୍ତାରିଲ ପ୍ରଭୁ ! ହେ କଳିଆର ଭୁଜ !

ହେ ଚକାନୟନ !! ହେ ପତିତପାବନ ହରି !! ଏରୂପ ଦେଖି ଗାଉ ଯାଉ ହେ ପ୍ରଭୁ ; ନାଚ ସମସ୍ତେ, ନାଚି ନାଚି ତରଳି ଯାଅ, ବୋହି-ଯାଅ । ହରି ଜଗନ୍ନାଥ ! ଜୟ ଜଗନ୍ନାଥ ! ଜଗନ୍ନାଥ !" ଶ୍ରୀ ରଥ ସାଧାରଣ ଗ୍ରାମ୍ୟ ମଣିଷର ଜଗନ୍ନାଥଭକ୍ତି ଓ ଜଗନ୍ନାଥ ଭାବ-ଭାବନା ମଧ୍ୟରେ ଚିରନ୍ତନ କ୍ଲାସିକ୍ ମୂଲ୍ୟବୋଧକୁ ପ୍ରକାଶ କରିଅଛନ୍ତି । ସନାତନ ଦାସଙ୍କ ପରି ସରଳ ଧର୍ମପ୍ରାଣ ବ୍ୟକ୍ତି ଦୁଃଖୀ ହୋଇ ନିଜକୁ ଏକାନ୍ତ ଅସହାୟ ମନେକରନ୍ତି ଏବଂ ଭାରତର ନାନା ତୀର୍ଥ ଭ୍ରମଣପୂର୍ବକ ମନକୁ ଯେତେ ଅନାସକ୍ତ କରି, ଅବଶେଷରେ ସେ ବୃନ୍ଦାବନରୁ, ଶ୍ରୀଜଗନ୍ନାଥଙ୍କ କଥା ମନେପକାଇ ପୁରୀ ଚାଲି ଆସିଛନ୍ତି । ଶ୍ରୀମନ୍ଦିରର ଗରୁଡ଼ ସ୍ତମ୍ଭକୁ ଜାବୁଡ଼ି ଧରି ସେଇଠି ସେ ଏକାକାର ହୋଇଗଲେ । ତାଙ୍କର ମହାବ୍ୟକ୍ତିତ୍ୱ ସେଦିନ ମହାଶୂନ୍ୟତା ମଧ୍ୟରେ ମିଶିଗଲା । "ଆଖି ଫିଟିଗଲା, ଆଉ ଫିଟି ରହିଗଲା । ହାତଠି ହାତ, ଗୋଡ଼ଠି ଗୋଡ଼, ନିର୍ବିକାର ପଡ଼ିଗଲେ । ତାଙ୍କ ତଳେ ପଥର ଚକ ତରଳିଲା ନା କଡ଼ରେ ପଥର ବାଡ଼ି ତରଳିଲା କିଛି ହେଉ ନାହିଁ—ମାତ୍ର ସେ ନିଜେ ତରଳି ଗଲେ, ବୋହିଗଲେ ଶରୀର ଛାଡ଼ି କେଉଁ । ମୁହଁରେ, ଦେହରେ ତାଙ୍କର ମହାଶୂନ୍ୟର ଛାପ । ସତେ ଯେପରି ସାରହୀନ, ରସହୀନ ଦୁର୍ବଳ ଖୋଳପାଟିଏ, ପ୍ରାଣରସ ସବୁ ନିଗିଡ଼ି ଯାଇଛି । ଶୋଷିହୋଇ ଚାଲିଯାଇଛି କେଉଁ ଆଡ଼େ ।" ଏକ ଶାଶ୍ୱତ ଚେତନାର ଏହା ମନୋଜ୍ଞ ଅଭିବ୍ୟକ୍ତି ।

ସୁରେନ୍ଦ୍ର ମହାନ୍ତିଙ୍କର ଜଗନ୍ନାଥ-ଚେତନାରେ ଜାତୀୟ ସ୍ୱାଭିମାନ, ନିର୍ଯ୍ୟାତିତ ଓଡ଼ିଆ ଜାତିର ଆତ୍ମା ସହିତ ଶ୍ରୀଜଗନ୍ନାଥଙ୍କ ଆତ୍ମାର ସମନ୍ୱୟ ବର୍ଣ୍ଣିତ ହୋଇଥିଲା ବେଳେ ଗୋପୀନାଥ ମହାନ୍ତିଙ୍କ ଜଗନ୍ନାଥ-ଭାବ-ଭାବନାରେ ତତ୍ତ୍ୱଜ୍ଞାନୀ ମଣିଷର ଦାର୍ଶନିକ ବ୍ୟାଖ୍ୟା-ବିଶ୍ଳେଷଣ ମଧ୍ୟ ଦେଇ ମହାଜୀବନର ସଙ୍କେତ ରହିଛି । କିନ୍ତୁ ଚନ୍ଦ୍ରଶେଖର ରଥଙ୍କ ଜଗନ୍ନାଥ-ଚେତନା ମଧ୍ୟଦେଇ ଗ୍ରାମ୍ୟଜୀବନର ଏକ କ୍ଲାସିକ ଦୃଷ୍ଟିଭଙ୍ଗୀ ପ୍ରକଟିତ ହୋଇଅଛି । କାହ୍ନୁଚରଣଙ୍କର 'ଝଞ୍ଜା' (୧୯୪୯) ଶୋଷଣ-

ମୁକ୍ତ ନୂତନ ସମାଜ ଗଠନ ପାଇଁ ଏକ ଆହ୍ୱାନ ହେଲେହେଁ ପ୍ରସଙ୍ଗତଃ ଏଥିରେ ଜଗନ୍ନାଥଙ୍କ ବିଷୟରେ ବ୍ୟାଖ୍ୟା ରହିଅଛି—"ବଡ଼ ଦେଉଳରେ, ସତ୍ୟ ଶିବ ଓ ସୁନ୍ଦର, ଜୀବ ପରମ ଓ ପ୍ରକୃତି, ଦୟା କ୍ଷମା ଓ ଶାନ୍ତି, ବୁଦ୍ଧି ବିବେକ ଓ ପ୍ରଜ୍ଞାର ପ୍ରତୀକ ତ୍ରିମୂର୍ତ୍ତି ହସ୍ତପାଦ ବିହୀନ ହୋଇ ବସିଛନ୍ତି । ମଣିଷର ସେବା କରିବାକୁ, ଅସହାୟ, ଅକ୍ଷମ ଓ ନିର୍ଯ୍ୟାତିତର ସେବା କରିବାକୁ ବିଶ୍ୱ-ନୟନରେ ଇଙ୍ଗିତ ଦେଉଛନ୍ତି । ସେ ଇଙ୍ଗିତରେ ଜାତି ବର୍ଣ୍ଣ ଓ ସ୍ୱଷ୍ଟାର ସୂଚନା ନାହିଁ, କାରଣ ସଭିଙ୍କ ଆତ୍ମା ଗୋଟିଏ ।" ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା ମଧ୍ୟଦେଇ ସବୁ ମଣିଷଙ୍କୁ ସମାନ ବିଚାର କରିବାର ଏଥିରେ ଅଛି ପ୍ରେରଣା । ଗଣେଶ୍ୱର ମିଶ୍ରଙ୍କର ସାମୁଦ୍ରିକ ନୋଳିଆ ଜୀବନର କରୁଣ କାହାଣୀର ଏକ ରସମୟ ପ୍ରକାଶ ହେଲେହେଁ ଏଥିରେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଭାବାତ୍ମକ ବର୍ଣ୍ଣନା ଦେଖିବାକୁ ମିଳିଥାଏ । ନୋଳିଆମାନଙ୍କ ପୂଜିତ ଶ୍ରୀଜଗନ୍ନାଥଙ୍କ ଦେଉଳକୁ ଚାହିଁ ସେମାନଙ୍କ ଉପରେ ବିପଦ ନ ଆସିବାକୁ ନିବେଦନ କରିଅଛି । 'ଦେଭା' ଉପନ୍ୟାସରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବ୍ୟଞ୍ଜନା ଦେଖିବାକୁ ମିଳିଥାଏ । ଚରମ ଅସହାୟତା ମଧ୍ୟରେ ମହାଜନତାପାର୍ଟିର ନେତା ଭଗୀରଥି ମହାପାତ୍ର ଶ୍ରୀଜଗନ୍ନାଥଙ୍କୁ ମନେ ପକାଇଅଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳୀନ ଅନ୍ୟତମ ପ୍ରସିଦ୍ଧ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟଙ୍କର 'ଶକୁନ୍ତଳା' (୧୯୮୦) ସାଂସ୍କୃତିକ ବିପ୍ଳବର ପୃଷ୍ଠଭୂମି ଉପରେ ରଚିତ ଏକ ସାମାଜିକ-ରାଜନୈତିକ ଉପନ୍ୟାସ ହେଲେହେଁ ଶ୍ରୀଜଗନ୍ନାଥଙ୍କୁ ଏଥିରେ ଯେପରି ଭାବରେ ବିପ୍ଳବ ଓ ବିଶ୍ୱାସ ମଧ୍ୟକୁ ନେଇ ଏକ ଚମତ୍କାର କଳା-ରୂପ ପ୍ରଦାନ କରାଯାଇଛି ତାହା ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏ ଉପନ୍ୟାସର ଜଗନ୍ନାଥ ପୁରୀ ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥ ନୁହନ୍ତି । ସେ କଣୁଆ ଗ୍ରାମର ଶ୍ରୀଜଗନ୍ନାଥ । ଗ୍ରାମାଂଚଳର ସରଳ ସ୍ୱାଭାବିକ ପରିବେଶ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଲୋକର ବିଶ୍ୱାସ ଓ ଆସ୍ଥା, ଚରମପନ୍ଥୀ ନକ୍ସାଲ୍-ବାଦୀମାନଙ୍କର ଶ୍ରୀଜଗନ୍ନାଥଙ୍କୁ ବିପ୍ଳବର ମାଧ୍ୟମ ରୂପେ ଗ୍ରହଣ, କଣୁଆ

ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ସମେତ ତ୍ରିମୂର୍ତ୍ତିର ଅପହରଣ, କଣ୍ଢୁଆଗ୍ରାମବାସୀଙ୍କର ଅନୁଶୋଚନା; କଣ୍ଢୁଆର ପାର୍ବତ୍ୟ ଉପତ୍ୟକାରେ ନକ୍ସାଲ-ବାଦୀମାନଙ୍କର ବଳଭଦ୍ର ଓ ସୁଭଦ୍ରାଙ୍କୁ ଆରାଧନା ଓ ସେଠାରୁ ପୁଣି କଣ୍ଢୁଆ ଗ୍ରାମକୁ ବିଗ୍ରହମାନଙ୍କର ପ୍ରତ୍ୟାବର୍ତ୍ତନ, ଶ୍ରୀଜଗନ୍ନାଥଙ୍କର ଦର୍ପିତ ପହଣ୍ଡି ଯାତ୍ରା ଓ କଣ୍ଢୁଆ ଗ୍ରାମବାସୀଙ୍କର ଉଚ୍ଛଳ କୀର୍ତ୍ତନ—ଏହି ଉପନ୍ୟାସଟିକୁ ରସସ୍ନିଗ୍ଧ କରିଅଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ କଣ୍ଢୁଆ ଗ୍ରାମର ପାର୍ବତ୍ୟକ୍ଷେତ୍ର ରାଜବାଟୀକୁ ଅଧିକାର କରି ନକ୍ସାଲ୍‌ବାଦୀ ନେତା ସେଦିନ ଘୋଷଣା କରିଥିଲେ—"ଏଇ ଆମର ଭାରତବର୍ଷ । ଯାହାକୁ ଭୂତ ଖାଉଛନ୍ତି ବର୍ତ୍ତମାନ । ଦେଶ ସ୍ୱାଧୀନ ହେଲଣି କେତେ ବର୍ଷ ! କିନ୍ତୁ ଏ ଦେଶର ନାଗରିକ ତଥାପି ପରାଧୀନ । ଆମେ ତାକୁ ସ୍ୱାଧୀନ କରିବା । ଏଇ ଆରମ୍ଭ ହେଲା ଅଭିଯାନ । ପ୍ରସ୍ତୁତ ହେବ ସମସ୍ତେ ।" ସେ ପୁଣି ରାଜବାଟି ଉପରେ ପତାକା ଉଡ଼ାଇ ଘୋଷଣା କଲେ—"ନବଯୁଗର ସନ୍ତାନଗଣ ! ଏଇ ନୂଆ ପତାକାକୁ ଅଭିବାଦନ ଜଣାଅ । ଏଇ ଆମର ଜନ୍ମଭୂମିର ପତାକା । ଏଇ ଆମର ଆତ୍ମାର ପତାକା । ଏଇ ଆମ ବିବେକର ପତାକା । ଏଇ ମଧ୍ୟ ସନାତନ ଧର୍ମର ପତାକା । ସନାତନ ସ୍ୱାଧୀନ ମାନବର ପତାକା । ନୂଆ ଯୁଗର ପତାକା ।" ସେଇ ନକ୍ସାଲବାଦୀମାନେ କଣ୍ଢୁଆରେ ରକ୍ତାକ୍ତ ବିପ୍ଳବର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେହେଁ ଶ୍ରୀଜଗନ୍ନାଥ ସେଠାରେ ସେମାନଙ୍କର ପ୍ରତିବନ୍ଧକ ହୋଇ ଛିଡ଼ା ହେଲେ । ଜଗନ୍ନାଥ ଭକ୍ତିକ କଣ୍ଢୁଆର ସଂସ୍କୃତିକୁ ବଦଳାଇବାପାଇଁ ଯେତେ ସେମାନେ ଚେଷ୍ଟା କଲେ ମଧ୍ୟ ସବୁ ବ୍ୟର୍ଥ ହେଲା । ଶ୍ରେଣୀ ଶତ୍ରୁମାନଙ୍କୁ ନିପାତ କରି ସେମାନଙ୍କ କବଳରୁ ଜମିକୁ ମୁକ୍ତକରି ଶୋଷିତ ଲୋକଙ୍କୁ ଦେବାପାଇଁ ଯେତେବେଳେ ନକ୍ସାଲବାଦୀମାନେ ଆହ୍ୱାନ ଦେଇ ଜମିରୁ ଧାନ କାଟିବାକୁ ବାହାରି ଗଲେ ସେତିକିବେଳେ ଜମିଦାର ଚତୁର୍ଭୁଜ ବଳେଇଙ୍କର ସମର୍ଥିତ ଲୋକେ ସେମାନଙ୍କୁ ଗୋଡ଼ାଇ ଗଲେ । ଏହି ଅବସରରେ କଣ୍ଢୁଆର ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କୁ କିଏ ଆଣି ଜମି ଉପରେ ବସାଇ ଦେଇଥାଏ ।

ସନ୍ଧ୍ୟାବେଳକୁ ଦାମାଗଉଡ଼ ଗୋରୁପଲ ନେଇ ଫେରୁଥାଏ ସେଇ ବାଟେ । କାନ୍ଦୁଅ ଭିତରେ ମନ୍ଦିରର ଶ୍ରୀଜଗନ୍ନାଥଙ୍କୁ ଦେଖି ଦାମା ଭେଁ ଭେଁ ହୋଇ କାନ୍ଦି ଉଠେଲା । ତାର ପାଟିରୁ ଶବ୍ଦ ବାହାରିଲା—"ଠାକୁରେ ! ତମକୁ ଏ ଦଶା କିଏ ଦେଲା—।" ସେ ଏଥର ଶ୍ରୀ ଜଗନ୍ନାଥଙ୍କୁ ଉଠାଇ ବସାଇଲା । ଆପଣାର କାନ୍ଧ ଉପରକୁ ସେ ଥରକୁ ଥର ମୂର୍ତ୍ତି ଟେକୁଥାଏ ମାତ୍ର ସେ ମୂର୍ତ୍ତି ପଡ଼ି ଯାଉଥାଏ । ଅତି ଆପଣାର ଲୋକ ପରି ସେ କହୁଥାଏ—"ଉଠ୍ ଉଠ୍ ! ଚାଲ ମନ୍ଦିରକୁ ।" ସେ ପୁଣି କହି ଲାଗିଥାଏ—"ଆରେ ! କାମ ଶେଷ ହୋଇନି ବା ଏଯାଏ ତୋର । କଂସକୁ ପିନା ମାରିଲୁ । କଂସେଇକୁ ପାଳିଲୁ ! କିଏ ମାରିବ ସେ କଂସେଇଙ୍କି ଯନ୍ଦ ଶୋଇବୁ ଏ ଗମ୍ଭୀର ତଳରେ ଏକା ଏକା ମୁହଁ ମାଡ଼ି ଏମେତେ ! ଚାଲ୍ ଚାଲ୍ ! ମୋ ସାଥିରେ ଚାଲ୍ । ଗୋଡ଼ କାଢ଼ିଲୁ, କାଢ଼୍ ତା ଟିକିଏ ତୋ ଗୋଡ଼ । ଧର୍ ମୋ ହାତ—ଧରୁନୁ । ହଁ ସେମେତେ ସେମେତେ । ଧ ଧ—ଗୁଡ଼ନା—ଚାଲ୍ ଚାଲ—ଆରେ ବାଃ, ଚାଲ୍ ଚାଲ୍...ହଉ ମନ୍ଦିରକୁ ନଯିବୁତ ଚାଲ ଗାଁକୁ...କୋଠାଘର ଯାକେ ଆ...ସବୁ ଠିକ୍ ହୋଇଯିବ । ସବୁ ଠିକ୍ ହୋଇଯିବ-ଆଲୋ ଆ ମୋ ସୁନାଷ...ଚାଲ୍ ଲୋ ଚାଲ୍...।" ଦାମା ଗଉଡ଼ ଜଗନ୍ନାଥଙ୍କ ମୂର୍ତ୍ତିକୁ କାନ୍ଧରେ ଧରିକଣ୍ଠୁଆ ଗାଁ ଦାଣ୍ଡକୁ ଆସି ମୂର୍ତ୍ତି ସହିତ ପଡ଼ିଗଲା । ଲୋକେ ଜମା ହୋଇ ଶ୍ରୀଜଗନ୍ନାଥଙ୍କୁ କୋଠଘର ପିଣ୍ଡାକୁ ନେଇଗଲେ । ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଭିତରେ କଣ୍ଠୁଆ କମ୍ପି ଉଠୁଥାଏ । ଦାମାର ଚେତା ଫେରି ଆସୁଥାଏ ଏବଂ ତାର "ମୁହଁ ହସୁଥାଏ ପରିପୂର୍ଣ୍ଣ, ହସ ହସ ଆଜି ମଧୁର, ଭାରି ମଧୁର ।"

ସେଇ ଜଗନ୍ନାଥ କଣ୍ଠୁଆର ଆତ୍ମା—କଣ୍ଠୁଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ତାଙ୍କୁ ମନ୍ଦିର ମଧ୍ୟକୁ ନେଇ ଅନ୍ୟ ଦେବତା ହସ୍ତକୁ ଖୋଜିବାପାଇଁ ମାଧୁର୍ଯ୍ୟବାଦୀ ଜ୍ୟୋତିଷ କହୁଥିଲା ବେଳେ ବାସ୍ତବବାଦୀ କହୁଥାନ୍ତି—"ଏ ଯୁଗରେ ଭଗବାନ ଯେ ବୁଢ଼ା ବାପ ସେ । ବାପ ବୁଢ଼ା ହେଲେ ବସେ ଦାଣ୍ଡ ପିଣ୍ଡାରେ ପିଲାଏ ରହନ୍ତି ଘର ଭିତରେ ।

ଘର ଚଳାନ୍ତି ସେମାନେ । ବୁଢ଼ା ବାପ ପିଣ୍ଡାରେ ବସି କାମ ଦେଖୁଥାଏ ପିଲାଙ୍କର । ବେଳ ଅବେଳରେ ପଦେ ଅଧେ କଥା ଛଡ଼ା ଆଉ କାମ କ'ଣ ବୁଢ଼ାଙ୍କର ? ଏଥର ଜଗନ୍ନାଥେ ବୁଢ଼ା ହେଲେ । ସେ ଦାଣ୍ଡରେ ବସନ୍ତୁ । ଆମର ଯାହା ଇଚ୍ଛା ତାହା କାର୍ଯ୍ୟକାରୀ ହେଉ । ଇତିହାସ ଯୋଉ ବାଟରେ ଯିବାକୁ ଚାହୁଁଛି ଗୁଡ଼ିଦିଅ ତାକୁ ସେ ବାଟରେ । କେହି ଠିଆ ହୁଅ ନାହିଁ ବାଟ ଆଗୋଳି ଇତିହାସକୁ ।" ମାଧୁର୍ଯ୍ୟବାଦୀ ବ୍ରଜେନ୍ଦ୍ର ବୈଷ୍ଣବ କିନ୍ତୁ ପ୍ରତିବାଦ କରେ—'କୋଉ ଇତିହାସ ଦେଖାଉଚ ତୁମେ ଜଗନ୍ନାଥଙ୍କୁ ? ଇତିହାସରେ କେତେବାର ଭିଡ଼ ନ ଆଣିଚନ୍ତି ପଣ୍ଡିତମାନେ ମନ୍ଦିର ବାହାରକୁ ଜଗନ୍ନାଥଙ୍କୁ ? ଅନ୍ଧାରେ ଦଉଡ଼ି ବାନ୍ଧି କେତେବାର ନ ଘୋସାରିଚନ୍ତି ସେମାନେ ତାଙ୍କୁ ବଡ଼ ଦାଣ୍ଡରେ ? କିନ୍ତୁ କୋଉଠି ଦେଖି ଥିଲ ତମେ ତାଙ୍କୁ ଏଯାଏ ? ସେଇ ମନ୍ଦିର ଭିତରେ, ସିଂହାସନ ଉପରେ ନା ଆଉ କୋଉଠି ?'' ମାଧୁର୍ଯ୍ୟବାଦୀ ଇତିହାସକୁ ମାନି ନେଇ ନାହିଁ । ଇତିହାସର ଭୁଲକୁ ମଣିଷ ସଜାଡ଼େ ବୋଲି କହୁଛି । ଜଗନ୍ନାଥଙ୍କୁ ମନ୍ଦିରରୁ ଆଣି ଦାଣ୍ଡରେ ଫିଙ୍ଗି ଦେଲେ ମଧ୍ୟ ଜଗନ୍ନାଥଙ୍କ ପ୍ରତି ଥିବା ଯୁଗ ଯୁଗର ଭକ୍ତି ଓ ଆତ୍ମୀୟତା ଲୋପପାଇ ଯିବ ନାହିଁ ।

ନକ୍ସାଲବାଦୀମାନେ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତିକୁ କୁତ୍ସିତ ଓ କଦାକାର ମନେ କରନ୍ତି । ସେମାନେ ଚାହାନ୍ତି ନବମାନବ ହେବ ସଂସ୍କାର ମୁକ୍ତ । ପ୍ରାଚୀନ ଓ ମଧ୍ୟଯୁଗ ସହିତ ସେମାନଙ୍କର ସମ୍ପର୍କ ନାହିଁ । ଏହି ନବମାନବ ହେଉଛି ସ୍ୱୟଂସମ୍ପୂର୍ଣ୍ଣ ଏକ ଯୁଗଚେତନାର ସୃଷ୍ଟି । ସେ ଧର୍ମ ଚାହେଁ ନାହିଁ, ଈଶ୍ୱର ଚାହେଁ ନାହିଁ । ସେ ଚାହେଁ ଶ୍ରେଣୀ-ଶତ୍ରୁଙ୍କୁ ବିନାଶ କରି ନବମାନବବାଦର ପ୍ରତିଷ୍ଠା । ଏହି କାରଣରୁ ନକ୍ସାଲ ବିପ୍ଳବ ପ୍ରତି ଜନସାଧାରଣଙ୍କର ଆସ୍ଥା ସୃଷ୍ଟି ହେଲା ନାହିଁ । ଲୋକ ସଂସ୍କୃତି ଓ ଲୋକ ବିଶ୍ୱାସକୁ ସମ୍ମାନଦେଇ ବିପ୍ଳବର ପଥକୁ ସୁଗମ କଲେ ନବମାନବର ହେବ ପ୍ରତିଷ୍ଠା । ତେଣୁ ନକ୍ସଲ ନେତା ବାସୁ କହେ—"କଣ୍ଟୁଆର ନକ୍ସଲ ବିପ୍ଳବର ସଫଳତା ଆଜି ଆମ ଉପରେ

ନିର୍ଭର କରୁନାହିଁ ସାଥୀଗଣ ! ଏ ସଫଳତା ନିର୍ଭର କରୁଛି ବର୍ତ୍ତମାନ ଜଣକ ଉପରେ । ସେ ଜଣକ କଣୁଆର ଜଗନ୍ନାଥ ।" ସେହି ଜଗନ୍ନାଥଙ୍କୁ ସେମାନଙ୍କ ପକ୍ଷକୁ ଆଣି ପାରିଲେ ବିପ୍ଳବ ସଫଳ ହେବ । ଅପ୍‌ସରର ପ୍ରଚେଷ୍ଟାରେ ବଳଭଦ୍ର ଓ ସୁଭଦ୍ରାଙ୍କୁ କଣୁଆରୁ ଆଣିଛନ୍ତି ନକ୍‌ସାଲମାନେ । ଏଥର ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ମଧ୍ୟଦେଇ ମନ୍ଦିରକୁ ନିଆଗଲା । ନକ୍‌ସଲମାନେ ଜଗନ୍ନାଥଙ୍କୁ ଲାଲ୍ ସଲାମ ଜଣାଉଥାନ୍ତି । ସରଳପ୍ରାଣା ସ୍ତ୍ରୀଲୋକଙ୍କ ଆଖିରୁ ଲୁହ ଝରି ଆସୁଥାଏ । କେହି ବ୍ୟକ୍ତି ତାର ସ୍ତ୍ରୀକୁ କହୁଥାଏ—"ଶୁଣ, ଶୁଣଲୋ ! ଆମ ନୀଳଗିରି ବାଲାଆକୁ କି ଭକ୍ତିରେ ପ୍ରଣାମ କରୁଛନ୍ତି ନକ୍‌ସଲ କମ୍ୟୁନିଷ୍ଟମାନେ, ଶୁଣ ଶୁଣ !" ନକ୍‌ସଲମାନେ ଶ୍ରୀ ଜଗନ୍ନାଥଙ୍କୁ ଆଧ୍ୟାତ୍ମିକତା ଦୃଷ୍ଟିରୁ ଭକ୍ତି କରି ନାହାନ୍ତି । ସେମାନେ ରାଜନୀତି ମଧ୍ୟକୁ ଧର୍ମକୁ ଆଣି ତାର ମାଧ୍ୟମରେ ନବମାନବବାଦ ସୃଷ୍ଟି ପାଇଁ ଆହ୍ୱାନ ଦେଇଅଛନ୍ତି । ସେମାନେ ହୁଏତ ପୁଲିସର ନିର୍ମମ ଅତ୍ୟାଚାର ଓ ନିଷ୍ଠୁର ହତ୍ୟାର ଶିକାର ହୋଇ ଧ୍ୱଂସ ହୋଇଯାଇଛନ୍ତି; ତଥାପି ସେମାନଙ୍କର ନବମାନବବାଦର ଧ୍ୱଂସ ହୋଇ ନାହିଁ ।

ଔପନ୍ୟାସିକ ଶ୍ରୀ ଜଗନ୍ନାଥଙ୍କୁ ଯେପରି ଏହି ଉପନ୍ୟାସ ମଧ୍ୟକୁ ଆଣିଛନ୍ତି ତାହା ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ମନେହୁଏ କଣୁଆର ସାମାଜିକ-ସାଂସ୍କୃତିକ-ରାଜନୀତିକ ଓ ଆର୍ଥନୀତିକ ଚିନ୍ତା-ଚେତନା, ଭାବ-ଭାବନା, ଉତ୍ଥାନ-ପତନ, ସଂଘର୍ଷ-ମୂଲ୍ୟବୋଧ ସହିତ ଶ୍ରୀ ଜଗନ୍ନାଥ ଯେପରି ଓତଃପ୍ରୋତଃ ଭାବରେ ଜଡ଼ିତ । ଏହି କାରଣରୁ 'ଶକୁନ୍ତଳା' ଉପନ୍ୟାସ ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଉପନ୍ୟାସ ଜଗତରେ ବାସ୍ତବିକ ଏକ ଚମକ—ନବମାନବବାଦର ପ୍ରତିଷ୍ଠାପାଇଁ ଏକ ମାର୍ମିକ ଆବେଦନ । ଶ୍ରୀଜଗନ୍ନାଥଙ୍କୁ ନେଇ ଯେତେ ଗୁଡ଼ିଏ ଉପନ୍ୟାସ ଓଡ଼ିଆ ସାହିତ୍ୟରେ ରଚିତ ହୋଇଅଛି ସେଗୁଡ଼ିକ ମଧ୍ୟରେ 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ'ରେ ଇତିହାସର ପୃଷ୍ଠଭୂମି ଉପରେ ଅପରାଜେୟ

ଓଡ଼ିଆର ଆତ୍ମା ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରାଯାଇଥିଲା ବେଳେ 'ଶକୁନ୍ତଳା' ଉପନ୍ୟାସରେ ୧୯୫୧ରୁ ୧୯୭୨ ମସିହା ପର୍ଯ୍ୟନ୍ତ ପ୍ରାୟ ପାର୍ଦ୍ଧ କୋଡ଼ିଏ ବର୍ଷର ସାମାଜିକ-ସାଂସ୍କୃତିକ ଓ ରାଜନୀତିକ ଚେତନାର ପ୍ରତିଭୂ ଭାବରେ ଶ୍ରୀଜଗନ୍ନାଥଙ୍କୁ ରୂପାୟନ କରାଯାଇଅଛି । ଅତଏବ ଶ୍ରୀଜଗନ୍ନାଥ କେବଳ ଆଧ୍ୟାତ୍ମିକ ସାଧନାର ଲକ୍ଷ୍ୟ ନୁହନ୍ତି; ସେ ଓଡ଼ିଆ ଜାତୀୟତାର ସଙ୍କେତ, ମହାବ୍ୟକ୍ତିତ୍ୱର ପ୍ରତୀକ, ମାନବିକ ଭାବ-ଭାବନାର ଆଲେଖ୍ୟ ଓ ନବମାନବବାଦ ପ୍ରତିଷ୍ଠା ପାଇଁ ଆହ୍ୱାନ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରୁ ଏହି ଭାବର ପରିଚୟ ଦେଖିବାକୁ ମିଳଥାଏ ।

## ସାମାଜିକ ଜୀବନରେ ନୂତନ ସ୍ୱପ୍ନ ଓ ସମ୍ଭାବନା

ଓଡ଼ିଆ ଉପନ୍ୟାସ ସାମାଜିକ ଜୀବନର ବୃହତ୍ତର ପରିବଳୟର ବହୁମୁଖୀ ଭାବଧାରାକୁ ନେଇ ସମୃଦ୍ଧ ହୋଇଅଛି । ସର୍ବପ୍ରଥମେ ବ୍ୟାସକବି ଫକୀରମୋହନ ସେନାପତି ଅର୍ଥନୀତି ଭିତ୍ତିକ ସମାଜଜୀବନ ପ୍ରତି ଦୃଷ୍ଟିପାତ କରିଥିଲେ । ତାଙ୍କର ଉପନ୍ୟାସରେ ଅଛି ଭୂମିକେନ୍ଦ୍ରିକ ଅର୍ଥନୀତିକୁ ନେଇ ଶୋଷଣ ଓ ସଙ୍ଗଠନର ପ୍ରମତ୍ତଲୀଳା, ପରମ୍ପରା ପ୍ରତି ନୂତନ ବ୍ୟକ୍ତିମୁଖୀ ଆଦର୍ଶର ଆଘାତ ଓ ପରିଶେଷରେ ସଙ୍ଗଠନର ଅନୁତାପ ଓ ପ୍ରାୟଶ୍ଚିତ୍ତ । ଏହାର ଲକ୍ଷ୍ୟ—ମଣିଷର ନବଜନ୍ମପାଇଁ ଆଶାନ୍ୱିତ ଆହ୍ୱାନ । ସେଥିରେ ଅଛି ସାମାଜିକ ଜୀବନର ବାସ୍ତବରୂପ ମାତ୍ର ସେଇ ବାସ୍ତବତାରେ ଆଦର୍ଶର ହୋଇଛି ଆରୋପ । କର୍ମଫଳ ଓ ଭାଗ୍ୟର କ୍ରୂର ପରିହାସ ଏବଂ ନିଷ୍ଠୁର ଶାସ୍ତିକୁ ନେଇ ଆଦର୍ଶ ରୂପାୟିତ ହୋଇଅଛି । ୧୯୨୦ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ରଚିତ ଓଡ଼ିଆ ଉପନ୍ୟାସଗୁଡ଼ିକରେ ସମସାମୟିକ ସାମାଜିକ ଜୀବନର ଚିତ୍ର ରହିଛି, ବିଶେଷତଃ ଗ୍ରାମ୍ୟ ଜୀବନର ଭୂମିକେନ୍ଦ୍ରିକ ଅର୍ଥନୀତି ଭିତ୍ତିକ ଚିତ୍ର-ସଂଘର୍ଷ ରହିଛି; ତଥାପି ଏସବୁଥିରେ ଅଛି ଏକ ଆଦର୍ଶବୋଧ । ଏହି ଆଦର୍ଶବୋଧ ହେଉଛି ଜାତୀୟତାର ଆଦର୍ଶବୋଧ, ସଂସ୍କାରର ଆଦର୍ଶବୋଧ, ସେଇ ଜମିଦାର ଶୋଷିତ ଜୀବନଯନ୍ତ୍ରଣାର ଅବସାନ,

ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ନୂତନ ମଣିଷର ନବଜାଗରଣ, ଉଦ୍‌ବାସ୍ତୁ ସମ୍ବେଦନା ଓ ଏହି ସମସ୍ୟାର ସମାଧାନପାଇଁ ଆହ୍ୱାନ। ସ୍ୱାଧୀନତା ପରେ ଓଡ଼ିଶାର ସାମାଜିକ ଜୀବନ କ୍ରମେ ଜଟିଳ ହୋଇଯାଇଛି । ସ୍ୱାଧୀନତା ପୂର୍ବର ଏକମୁଖୀ ସାମାଜିକଜୀବନ ସ୍ୱାଧୀନତାପରେ ବହୁମୁଖୀ ଭାବଧାରାରେ ହୋଇଛି ବେଗଶୀଳ । ଏହି ଜୀବନରୁ କ୍ରମେ ପାରମ୍ପରିକ ଆଦର୍ଶ-ହ୍ରାସପାଇ ଏକ ନୂତନ କାଳିକ ଭାବ-ସତ୍ୟ ପ୍ରକାଶ ପାଉଛି । ପୁଣି ଏହି ଜୀବନରୁ ସ୍ୱାଧୀନତା ପୂର୍ବର ଭୂମିକେନ୍ଦ୍ରିକ ସାମନ୍ତବାଦୀ ପରମ୍ପରା ଲୋପପାଇ ତା'ସ୍ଥାନରେ ଉଚ୍ଚ ମଧ୍ୟ ବିତ୍ତ ଶିକ୍ଷିତ ସମାଜର ନୂତନ ସାମନ୍ତବାଦ ପ୍ରଭାବ ବିସ୍ତାର କରୁଅଛି । ଗ୍ରାମ୍ୟଜୀବନର ସ୍ୱତନ୍ତ୍ର ଓ ଗରିମାର ଭାଙ୍ଗି ପଡୁଛି । ସେହି ସ୍ଥାନରେ ନଗର ଜୀବନର ଶିଳ୍ପ-ସଂଘର୍ଷ ପ୍ରାଧାନ୍ୟ ଲାଭ କରୁଛି । ସ୍ୱାଧୀନତାପୂର୍ବର ଗାନ୍ଧୀବାଦୀ ଆଦର୍ଶ ସ୍ୱାଧୀନତା ପରେ ବିଭ୍ରମିତ ହୋଇ ପଡୁଛି ଓ ଏବେ ଏହି ଆଦର୍ଶ ଲୋପପାଇ ଯାଉଛି । ତଥାପି ଫକୀରମୋହନ ମଣିଷର ନବଜନ୍ମପାଇଁ ଯେଉଁ ଆହ୍ୱାନ ଦେଇଥିଲେ ତାହା ସ୍ୱାଧୀନତା ପୂର୍ବରୁ କାହ୍ନୁଚରଣ-ଗୋପୀନାଥଙ୍କ ଉପନ୍ୟାସ ମଧ୍ୟଦେଇ ଆତ୍ମପ୍ରକାଶକରି ସ୍ୱାଧୀନତା ପରେ ସେମାନଙ୍କ ଉପନ୍ୟାସରେ ତଥା ଅନ୍ୟମାନଙ୍କ ଉପନ୍ୟାସରେ ଏକ ନିର୍ଦ୍ଦିଷ୍ଟ ରୂପ ପରିଗ୍ରହଣ କରିଥିବା ଲକ୍ଷ୍ୟ କରାଯାଉଥାଏ । ଫକୀରମୋହନଙ୍କ ମଣିଷର ନବଜନ୍ମ ଥିଲା ଅନୁତାପ ଓ ପ୍ରାୟଶ୍ଚିତ୍ତ ମଧ୍ୟଦେଇ ଆଧ୍ୟାତ୍ମିକ ଅନୁଭବ ଭିତରେ ମାତ୍ର ସ୍ୱାଧୀନତାର ଠିକ୍ ପୂର୍ବମୁହୂର୍ତ୍ତରୁ ଓ ପରେ ଏଇ ନୂଆଜୀବନ ଓ ନୂଆ ସମାଜ ଆସିଛି ଏକ ସାମାଜିକ ପରିବର୍ତ୍ତନ ଓ ଶ୍ରେଣୀ-ସଂଘର୍ଷ ମଧ୍ୟରେ ।

କାହ୍ନୁଚରଣଙ୍କର 'ଶାସ୍ତି' (୧୯୪୬) ଏହି ନୂଆ ଜୀବନ ଓ ନୂଆ ସମାଜର ଆଦ୍ୟ ସଂକେତ । ଅବଶ୍ୟ ରାମପ୍ରସାଦ ସିଂହ ଏ ସମ୍ପର୍କରେ ତାଙ୍କର ଉପନ୍ୟାସ ମାନଙ୍କରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ । କିନ୍ତୁ କାହ୍ନୁଚରଣ ଏକ ଶୋଷଣମୁକ୍ତ ସାମ୍ୟ ସମାଜ ଗଠନ ପାଇଁ 'ଶାସ୍ତି'ରେ ଦେଲେ ଯୁଗାନ୍ତକାରୀ ଆହ୍ୱାନ । ଅବଶ୍ୟ

ଏପରି ଆହ୍ୱାନ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ଯଥାର୍ଥ କୁହେଁ ମାଟି ଏହି ଉପନ୍ୟାସ ରଚିତ ହେବା ସମୟର ପ୍ରାଣ ସ୍ପନ୍ଦନକୁ ଲେଖକ ମନ ଭିତରେ ରଖି ଏପରି ଆହ୍ୱାନ ଦେଇଅଛନ୍ତି । ପତିତ ଓ ଦଳିତ ଶ୍ରେଣୀର ପ୍ରତିନିଧି ସନେଇ ଆହ୍ୱାନ ଦେଇଛି ଏକ ନୂଆ ସମାଜ ଗଠନ କରିବା ଲାଗି । ସେ ଜାଣେ "ନୂଆ କିଛି କରିବାକୁ ଗଲେ ସବୁଆଡୁ ପ୍ରତିବାଦ ମାଡ଼ିଆସେ ।" ତଥାପି ସେ କହୁଛି—"ଏ ଘର ସଭିଙ୍କର । ଏଠି ଜାତିଭେଦ, ଧର୍ମଭେଦ, ବର୍ଣ୍ଣଭେଦ ରହିବ ନାହିଁ । ସମସ୍ତେ ଦେହରୁ ଝାଳ ନିଗାଡ଼ି ପରିଶ୍ରମ କରିବେ । ମା ଧରଣୀର ଗ୍ରଣ୍ଡ ତଳୁ ଖାଦ୍ୟ କାଢ଼ିବେ—ସମସ୍ତେ ଖାଇବେ । କେହି କାହାର ଧର୍ମ ଉପରେ ରୁଚିଉପରେ ବାଧା ଦେବେ ନାହିଁ । ସମସ୍ତେ ସମସ୍ତଙ୍କୁ ସମ୍ମାନ ଦେଖେଇବେ ଭଲ ପାଇବେ । ଦୁନିଆଁର ଲୋକେ ଯାହାକୁ ଘୃଣାକରି ଗୋଇଠା ମାରି ଦୂରକୁ ଠେଲି ଦେବେ; ସେ ଆସି ଏଇଠି ଆଶ୍ରା ନେବେ । ଏଇ କୁଡ଼ିଆ ତଳେ ନୂଆ ଦୁନିଆ ଗଢ଼ିବା ଆମେ ଉତ୍ତମ୍ । ନୂଆ ସମାଜ ଗଢ଼ିବା, ମଣିଷ ସମାଜ ।" ଏହି ସମାଜରେ ଧର୍ମ ରହିବ ନାହିଁ, ଜାତି ଭେଦ ରହିବ ନାହିଁ । "ଏ ଘର ମୂଲିଆର, ନ ଥିଲାର, ନିଜର ମନ ବୁଝିବାକୁ, ଆନନ୍ଦ ପାଇଁ ସିଏ ଯାହାର ଦେବତା ନେଇ ବସୁ । କେହି କାହାର ରୁଚିରେ ବାଧା ଦେବେ ନାହିଁ, କିନ୍ତୁ, ଶକ୍ତି ଅନୁଯାୟୀ ସଭିଏଁ କରିବେ କାମ । ଯାହା ମିଳିବ, ସମସ୍ତେ ବାଣ୍ଟି ଖାଇବେ ।" କାହ୍ନୁଚରଣ ଏହି ନୂଆ ଚିନ୍ତାଧାରା ପ୍ରଥମ ଥର ପାଇଁ ଓଡ଼ିଆ ଉପନ୍ୟାସରେ ପ୍ରଦାନ କଲେ ଏବଂ ଏଥିରେ ମାର୍କସୀୟ ସାମ୍ୟବାଦୀ ଚିନ୍ତାଧାରା ସହିତ ଗାନ୍ଧିବାଦୀ ସମାଜବାଦର ସମନ୍ୱୟ କଲେ ମାତ୍ର ସନେଇ ଏହି ନୂଆ ସମାଜ ପ୍ରତିଷ୍ଠା କରିପାରି ନାହିଁ । କାରଣ ପ୍ରାକ୍‌ସ୍ୱାଧୀନତା କାଳରେ ଦଳିତ ସମାଜର ଜଣେ ଚରିତ୍ର ସାମାଜିକ ପରିବର୍ତ୍ତନ ପାଇଁ ସମର୍ଥ ହୋଇପାରି ନାହିଁ । ତେଣୁ କାହ୍ନୁଚରଣ ସ୍ୱାଧୀନତା ପରବର୍ତ୍ତୀ କାଳରେ 'ଝଞ୍ଜା' (୧୯୫୯) ଉପନ୍ୟାସରେ ସେଇ ନୂଆ ସମାଜ ଓ ନୂଆ ଜୀବନର କଥା ପୁଣି କହିଲେ ଜମିଦାର ପରଶୁରାମ ଚରିତ୍ର ମାଧ୍ୟମରେ । ପରଶୁରାମ ତାଙ୍କର ଜମିଦାରୀକୁ ଟେକି ଦେଲେ ଗ୍ରାମର ଲୋକଙ୍କ ହାତରେ । ସେ ହେଲେ

ଅନ୍ୟମାନଙ୍କ ମଧ୍ୟରେ ଜଣେ । ସମସ୍ତଙ୍କ ଜମି ଏକାଠି ମିଶାଇ ଏକତ୍ର ଚାଷ କରିବାକୁ ସେ ଦେଲେ ପ୍ରେରଣା । ସେ ପୁଣି ଆହ୍ୱାନ ଦେଲେ—"ଆସନ୍ତୁ, ନୂଆ ଉଦ୍ୟମରେ ଲାଗିପଡ଼ିବା, ନୂଆ ଦୁନିଆ ଗଢ଼ିବା, ଯେଉଁ ଦୁନିଆରେ ସମସ୍ତେ ରହିବେ ସୁଖରେ, ଆନନ୍ଦରେ । ସମସ୍ତେ ହେବେ ବଡ଼ । ସମସ୍ତେ ସମସ୍ତଙ୍କର ମଙ୍ଗଳ କାମନା କରିବେ ।" ସେ ପୁଣି ଘୋଷଣା କଲେ—"ଆମେ ସମସ୍ତେ ଗୋଟିଏ ଜାତି, ମଣିଷ ଜାତି । ଜାତିର ନାଆଁ ଥାଉ; ଋଷିପୁଅଙ୍କର ଋଣଟି ନାମ ଦେଇଛନ୍ତି, ସେମିତି । ସବୁ ଜାତି ବଡ଼, ସବୁ ଧର୍ମ ବଡ଼, କେହି ସାନ ନୁହଁ । ଆମ ଭିତରେ ଭେଦଭାବ ରହିବା ନାହିଁ । ସମସ୍ତେ ଆମେ ଏକାଠି ହେବା, ବଡ଼ ହେବା, ସୁଖରେ ରହିବା, ଆନନ୍ଦରେ ରହିବା । ଆମକୁ ଠାକୁରେ ସାହା ହେଉନ୍ତୁ ।" ଏହି ସମାଜବାଦୀ ଆଦର୍ଶ 'ଝଞ୍ଜା' ଉପନ୍ୟାସରେ ରୂପାୟିତ । ଏଥିରେ ଗାନ୍ଧିବାଦୀ ଆଦର୍ଶ ପ୍ରତିଧ୍ୱନିତ । ଏହି ଆଦର୍ଶ ପୁଣି 'ବଜ୍ରବାହୁ' (୧୯୫୮) ରେ ବର୍ଣ୍ଣିତ । 'ଝଞ୍ଜା'ରେ ଜମିଦାରୀ ନ ଉଠୁଣୁ ଜମିଦାରୀକୁ ଦାନ କରିଦେଲେ ପରଶୁରାମ । 'ବଜ୍ରବାହୁ'ରେ ଜମିଦାରୀ ଉଠିଯାଇଛି । ସେଠି ମଧ୍ୟ ଆସିଛି 'ନୂଆଗାଁକର' । ସେଠି ନୂଆ ଯୁଗର ନୂଆ ସ୍ୱରେ ହିଁ ବଜ୍ରଗମ୍ଭୀର ବାଣୀରେ ଉଚ୍ଚାରଣ କରିଛି—

"ଭାଷାଭେଦ, ଧର୍ମଭେଦ, ବର୍ଣ୍ଣଭେଦ ସ୍ୱାହା,
ସ୍ପୃଶ୍ୟାସ୍ପୃଶ୍ୟ ଭେଦ, ଜାତିଭେଦ, ଶ୍ରେଣୀଭେଦ ସ୍ୱାହା,
ଅଶିକ୍ଷା, କୁଶିକ୍ଷା, କୁସଂସ୍କାର ସ୍ୱାହା,
ଆମୋଦ, ଆଳସ୍ୟ; ଆତ୍ମାଭିମାନ ସ୍ୱାହା,
ଭୟ, ସଙ୍କୋଚ, ସନ୍ଦେହ ସ୍ୱାହା,
ଦାରିଦ୍ର୍ୟ, ଅସମତା ସ୍ୱାହା,
ସ୍ନେହ, ମମତା, ଭ୍ରାତୃଭାବ ଆସନ୍ତୁ,
ସମଭାବ, ସହନଶୀଳତା ଆସନ୍ତୁ,
ଓଁ, ସର୍ବେ ସୁଖୀନୋ ଭବନ୍ତୁ—।"

ନୂଆ ଯୁଗର ଆବାହନ ସମସ୍ତଙ୍କୁ ଅନ୍ତର୍ଭୂକ୍ତ କରିଛି । ଜମିଦାର ଗଣେସିଂହଙ୍କର ପରିବର୍ତ୍ତନ ହୋଇଛି । ସୁବ୍ରତ ବ୍ରଜବାବୁ ଓ ସୁରଞ୍ଜ ଗଣେଶରାଜାଙ୍କର ସମାଜବାଦୀ କାର୍ଯ୍ୟକ୍ରମରେ ସମସ୍ତେ ଯୋଗ ଦେଇଛନ୍ତି । 'ଶାସ୍ତି' ଉପନ୍ୟାସରେ ଯେଉଁ ନୂତନ ସାମାଜିକ ସ୍ୱପ୍ନ ପ୍ରଦାନ କରିଥିଲେ କାହ୍ନୁଚରଣ ସେଇ ସ୍ୱପ୍ନକୁ ସେ 'ଝଞ୍ଜା' ଓ 'ବଜ୍ରବାହୁ'ରେ ରୂପାୟନ କରିଅଛନ୍ତି । ଏହି ସ୍ୱପ୍ନ ଆଦର୍ଶବାଦୀ—ଗାନ୍ଧିବାଦୀ ୟୁଟୋପିଆ । ସ୍ୱାଧୀନତା ପରବର୍ତ୍ତୀ କାଳରେ ସେ ଏପରି ନୂତନ ସମାଜବାଦୀ ସ୍ୱପ୍ନ ପ୍ରଦାନ କରିଥିଲେହେଁ ତାହା ବାସ୍ତବତାରୁ ଦୂରବର୍ତ୍ତୀ । ଔପନ୍ୟାସିକ ଗୋପୀନାଥ ମହାନ୍ତି 'ପରଜା' ଉପନ୍ୟାସରେ ଶ୍ରେଣୀ ଦ୍ୱନ୍ଦ୍ୱର ଛବି ଆଙ୍କିଥିଲେ । 'ଅମୃତର ସନ୍ତାନ' ରେ ଏକ ଶାଶ୍ୱତ ମାନବିକ ଭାବଧାରାକୁ ପ୍ରମୂର୍ତ୍ତି କରିଥିଲେ ମାତ୍ର 'ଅପହଞ୍ଚ' (୧୯୬୧) ବେଳକୁ ସେ ପୁଣି ସେଇ ନୂଆ ସମାଜ ଓ ନୂଆ ଜୀବନ କଥା ପ୍ରକାଶ କଲେ ଅଗ୍ରଜ କାହ୍ନୁଚରଣଙ୍କ ପରି । ଏଇ ନୂଆ ଜୀବନର କଥା ଥିଲା 'ଶିବଭାଇ' (୧୯୫୫)ରେ । 'ଅପହଞ୍ଚ' (୧୯୬୧)ରେ ନବାଗତଙ୍କଠାରେ ପରାସ୍ତ ହୋଇ କେ. ଟିମାପ୍ପା ହୋସ ଘୋଷଣା କରିଛି -"ଆସ ସମସ୍ତଙ୍କର ସବୁଜମି ଏକାଠି ମିଶେଇ ଦେବା, ଆମ୍ଭର ଜମି କାଢ଼ିବା, ସମସ୍ତେ କାମ କରିବା, ସମସ୍ତେ ବାଣ୍ଟିବା ଆଉ ଖାଇବା ।" ଏଇ ଆଦର୍ଶ ପୁଣି ପ୍ରତିଧ୍ୱନିତ ହୋଇଛି 'ମାଟିମଟାଳ' (୧୯୬୪) ଉପନ୍ୟାସରେ । ଏଥିରେ ମଧ୍ୟ ସେଇ ନୂଆ ଜୀବନ – ନୂଆ ସମାଜର ସ୍ୱପ୍ନ,—"ଯେତେ ଯେଉଁଠି ଯେ ଜନ୍ମ ନେଇଛନ୍ତି ସମସ୍ତିଙ୍କର ପାଣ୍ଡିକଥିବ ଆଧାର, ସମସ୍ତଙ୍କପାଇଁ ରହିବାକୁ ଘରଥିବ । ସମସ୍ତଙ୍କପାଇଁ ସମାନ ସୁଯୋଗ ଯେପରି ସେମାନେ ପାଠ ପଢ଼ିବେ, ମଣିଷହେବେ, ଶ୍ରମକୁ କାର୍ଯ୍ୟରେ ଲଗାଇବାକୁ ସୁବିଧା ପାଇବେ, ରୋଗହେଲେ ଚିକିତ୍ସା ପାଇବେ, ଅକାମୀ ହେଲେ ଖାଇବେ ଖୋଜାଲୋଡ଼ା, ସେବା ଆଦର, ସୁଖରେ ଆନନ୍ଦରେ ବଞ୍ଚିପାରିବେ, ଯେପରି କେହି ତାଙ୍କର ରକ୍ତ ଶୋଷି ପାରିବେନାହିଁ, କେହି ହେବନାହିଁ କାନ୍ଧ ଉପରେ ସବାର, କେହି ନାଲିଆଖି ଦେଖାଇବ ନାହିଁ, ନାକ ଟେକିବ ନାହିଁ, ପାତରଅନ୍ତର କରିବ ନାହିଁ, କେହି କହିବ ନାହିଁ

ପର୍ବ'ବୋଲି, ଧର୍ମଘଟ କରିବ ନାହିଁ । ସେନୂଡ ବିଶ୍ବାସ, ବିଆସେନା କୃଷ୍ଣାମଣି ଆଜ ଦମ୍ପତିଙ୍କ ଭାଇପଣରେ ଛନ୍ଦାଛନ୍ଦି ହୋଇ ଏକ ପୃଥିବୀ, ଏକ ଘର, ଜୀବନ ଯେଉଁଠି ସରଳ, ସୁନ୍ଦର, ଆଶା ଆନନ୍ଦରେ ଉଜ୍ଜ୍ୱଳ, ଜନନୀ ପ୍ରକାଶରେ ବୈଚିତ୍ର୍ୟମୟ ।'[5] ଗ୍ରାମ୍ୟ ଜୀବନରୁ ସକଳ ବୈଷମ୍ୟ, ବିରୋଧ, ସଂଘର୍ଷକୁ ବିଲୋପକରି ଏକ ନୂତନ ସହଯୋଗପୂର୍ଣ୍ଣ ଜୀବନ ସୃଷ୍ଟି ପାଇଁ ଏହି ଉପନ୍ୟାସରେ ଅଛି ଆନ୍ତରିକ ଆହ୍ୱାନ । ତେବେ ଏ ସମସ୍ତ ଉପନ୍ୟାସଗୁଡ଼ିକରେ ନୂଆଜୀବନ—ନୂଆ ସମାଜ ପାଇଁ ଯେଉଁ ଆହ୍ୱାନ ପ୍ରଦାନ କରାଯାଇଛି ତାହା ଗାନ୍ଧିବାଦୀ ଆଦର୍ଶର ପୃଷ୍ଠଭୂମିରେ ପରିକଳ୍ପିତ । ଏହି ଆଦର୍ଶ ଏକ ସ୍ୱପ୍ନ ମାତ୍ର ବାସ୍ତବ ନୁହେଁ ।

ସ୍ୱାଧୀନତାପରେ ଗାନ୍ଧିବାଦୀ ଆଦର୍ଶର ଭିତ୍ତିଭୂମିରେ ନୂଆ ସମାଜ ଗଠନ କରିବାକୁ ଉଦ୍ୟମ ହୋଇଥିଲେହେଁ ତାହା ଯେପରି କ୍ରମ-ବିଲୟ ହେବାକୁ ଲାଗିଲା । ଭାରତବର୍ଷରୁ ଗାନ୍ଧିବାଦ ୧୯୭୧ ମସିହା ବେଳକୁ ସମ୍ପୂର୍ଣ୍ଣ ଲୋପ ପାଇଗଲାବୋଲି ଡକ୍ଟର ମହତାବ 'ତୃତୀୟ ପର୍ବ' ଉପନ୍ୟାସରେ ଉଲ୍ଲେଖ କରିଅଛନ୍ତି । ତେଣୁ ଗାନ୍ଧିବାଦୀ ଆଦର୍ଶର ପରିପ୍ରେକ୍ଷୀରେ ନୂତନ ସମାଜ ପରିକଳ୍ପନା ବିଡ଼ମ୍ବିତ ହୋଇଯାଇଛି । 'ଅନ୍ଧଦିଗନ୍ତ' ଉପନ୍ୟାସରେ ଏହି ସତ୍ୟଟିକୁ ସୁରେନ୍ଦ୍ର ମହାନ୍ତି ଦେଖାଇଅଛନ୍ତି । ସ୍ୱରାଜ ସଂଗ୍ରାମବେଳେ ଯେଉଁ ନୂଆସମାଜ ଗଠନର ସ୍ୱପ୍ନ ଦେଖାଯାଇଥିଲା ସ୍ୱାଧୀନତା ପରେ ତାହା ଲୋପ ପାଇଗଲା ।

ସ୍ୱାଧୀନତାପରେ ଏକ ନୂତନ ସାମନ୍ତବାଦ ପ୍ରତିଷ୍ଠା ଲାଭ କଲା । ଅତୀତର ସାମନ୍ତବାଦୀ ବର୍ଗ ସ୍ୱାଧୀନତାପରେ ନୂତନ ଗଣତାନ୍ତ୍ରିକ ପୋଷାକରେ ନୂଆଭାବରେ ପ୍ରତିଷ୍ଠା ଅର୍ଜନ କଲେ । ପୁଞ୍ଜି ଶିଳ୍ପ ଓ ବ୍ୟବସାୟ, ଚାକିରି ଓ ରାଜନୀତି, ଶିକ୍ଷା ଓ ଆଭିଜାତ୍ୟକୁ ନେଇ ଆଜି ଏକ ନବ-ସାମନ୍ତବାଦ, ଅର୍ଦ୍ଧ-ସାମନ୍ତବାଦ ସୃଷ୍ଟି ହେଲା । ଏହି ନୂଆ ସାମନ୍ତବାଦରେ ସମାଜବାଦ ଓ ଗଣତନ୍ତ୍ରର ସ୍ଲୋଗାନ ଅଛି

ମାତ୍ର ସେଥିରେ ବୁର୍ଜୁଆ ବିଳାସ ପ୍ରାଧାନ୍ୟଲାଭ କରୁଛି । ତେଣୁ ସାମାଜିକ ଜୀବନରେ ଦେଖାଦେଇଛି ସଂଘର୍ଷ । ଏହି ସଂଘର୍ଷ ଶ୍ରେଣୀ ଶତ୍ରୁର ବିନାଶକରି ଏକ ଶୋଷଣମୁକ୍ତ ସାମ୍ୟ ସମାଜପ୍ରତିଷ୍ଠାପାଇଁ ସୃଷ୍ଟି ହେଉଛି । ଏହି ଚିନ୍ତାଧାରା ସ୍ୱାଧୀନତା ପରବର୍ତ୍ତୀ କାଳରେ କେତେକ ଉପନ୍ୟାସରେ ଦେଖିବାକୁ ମିଳିଥାଏ । 'ନରକିନ୍ନର' (୧୯୭୨) ଉପନ୍ୟାସରେ ଔପନ୍ୟାସିକ ଜର୍ଜ ଚରିତ୍ର ମାଧ୍ୟମରେ ସେହି ନବ-ସାମନ୍ତବାଦପ୍ରତି ଏକ ସାର୍ଥକ ଦୃଷ୍ଟିପାତ କରିଅଛନ୍ତି ଏବଂ କସ୍ମିକ୍ ରିଭଲ୍ୟୁସନାରୀ ପାର୍ଟି ମାଧ୍ୟମରେ ପୂର୍ଣ୍ଣ ବିପ୍ଳବର ସଂକେତ ଦେଇ ଯୁଦ୍ଧ ଓ ଶାନ୍ତିକୁ ସ୍ୱାଗତ କରି 'ସର୍ବତୋଭାବେ ସମାନ ଓ ନିର୍ବିସମ୍ୟହୀନ ମନୁଷ୍ୟ ସମାଜ' ଗଠନ କରିବାକୁ ପ୍ରେରଣା ଦେଇଛନ୍ତି । ଏହି ଯେଉଁ ନବମାନବର ସଂକେତ ଥିଲା ତାର ଏକ ପରିପୂର୍ଣ୍ଣ ରୂପ 'ଶକୁନ୍ତଳା' ( ୯୮୦) ଉପନ୍ୟାସରେ ଦେଖିବାକୁ ମିଳେ । ସ୍ୱାଧୀନତାପରେ ସାମନ୍ତବାଦ-ଅର୍ଦ୍ଧସାମନ୍ତବାଦ—ବୁର୍ଜୁଆବିଳାସବାଦ ମଧ୍ୟରେ ସାଧାରଣ ମଣିଷ ଯେତେବେଳେଅସହାୟ ସେଯେତେବେଳେ ଅଗଣିତ ଶିକ୍ଷିତ ଯୁବକ ଯୁବତୀ ବେକାର ସେତେବେଳେ ଏ ଦେଶରେ ମୁଣ୍ଡ ଟେକି ଉଠିଛି ନକ୍ସାଲ-ବାଦୀ ଆନ୍ଦୋଳନ । ବହୁ ଯୁବକ-ଯୁବତୀ ବଣଜଙ୍ଗଲରେ ଲୁଚିରହି ଗରିଲା ଯୁଦ୍ଧ କରିଛନ୍ତି ଓ ଶ୍ରେଣୀଶତ୍ରୁମାନଙ୍କୁ ବିନାଶ କରିଛନ୍ତି । ସେମାନେ ସ୍ୱେର ଉତ୍କାସ୍ୱର ନୁହନ୍ତି । ସେମାନେ ଘୋଷଣା କରିଛନ୍ତି—"ଆମେ ନବମାନବ ! ନବମାନବ ! ନର୍ଭସ୍ୱରେ ଆସିଥିଲୁ । ଯାଉଚୁ ନର୍ଭସ୍ୱରେ । କାହାରି ଧାରି ନାହୁଁ । କାହାରି ଖାଇ ନାହୁଁ । ଏ ସଂସାର ଟିକିଏ ବଦଳେଇ ଦେବୁ ଆମେ ।" ସେମାନେ ପୁଣି ଉଦାତ୍ତ କଣ୍ଠରେ କହିଛନ୍ତି—"ଆମେ ଉତ୍ସର୍ଗୀକୃତ । ନବମାନବର ଜନ୍ମ ଅଛି, ମୃତ୍ୟୁ ନାହିଁ । ସେ କେବଳ ଆତ୍ମବଳି ଦେଇପାରେ ।" ଅଥଚ ଏହି ନବମାନବବାଦର ଅଧିକାରୀମାନଙ୍କୁ ପୋଲିସ୍ କହେ କ୍ରିମିନାଲ । ସେମାନଙ୍କୁ ସେ ନର୍ମମ ଭାବରେ ହତ୍ୟାକରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏବଂ ଭାରତବର୍ଷରେ ୧୯୪୭ ଅଗଷ୍ଟ ୧୫ ତାରିଖଠାରୁ ୧୯୭୦ ମଧ୍ୟାମଧ୍ୟି ଏଇ ବର୍ଷ କେତୋଟି ମଧ୍ୟରେ ଯେଉଁ ନୂତନ ତାରୁଣ୍ୟର ସୃଷ୍ଟି

ହୋଇଥିଲା ତାକୁହିଁ କୁହାଗଲା ନବମାନବ । ଅଥଚ ସେମାନଙ୍କୁ ବିଚାର କରାଗଲା ଦେଶର ଶତ୍ରୁ ଭାବରେ । କାରଣ ସେମାନେ ସେଇ ନୂତନ ସାମନ୍ତବାଦୀ, ଅର୍ଦ୍ଧ ସାମନ୍ତବାଦୀ, ବୁର୍ଜ୍ଜୁଆ ବିଳାସୀ ଚରିତ୍ରମାନଙ୍କୁ ଶ୍ରେଣୀ ଶତ୍ରୁ ରୂପେ ବିଚାର କରି ସେମାନଙ୍କୁ ହତ୍ୟା କରିବାକୁ ଲାଗିଲେ । ସେମାନେ ଘୋଷଣା କଲେ 'ସନାତନ ସ୍ୱାଧୀନ ମାନବର ପତାକା'କୁ ସ୍ୱାଗତ କରିବାପାଇଁ । ଏହି ନବମାନବ ଏକ ସ୍ୱୟଂସମ୍ପୂର୍ଣ୍ଣ ଯୁଗ ଚେତନା । ଗାନ୍ଧିବାଦୀ ଆଦର୍ଶରେ ପରିକଳ୍ପିତ ନୂତନସମାଜ ଓ ନୂତନ ଜୀବନଧାରା ଯେପରି ବିଡ଼ମ୍ବିତ ହୋଇଗଲା ସେହିପରି ମାର୍କସୀୟ ଶ୍ରେଣୀ ଚେତନା, ଲେଲିନ୍ ଓ ମାଓଙ୍କ ସମାଜ ଦର୍ଶନ ଅବବୋଧରେ ଗଢ଼ି ଉଠିଥିବା ନବମାନବବାଦ ମଧ୍ୟ ଲୋପ ପାଇଗଲା । ନୂଆ ସମାଜ ବା ନବମାନବବାଦ ପ୍ରତିଷ୍ଠିତ ହୋଇ ପାରିଲା ନାହିଁ । ବରଂ ସେଇ ନୂତନ ସୃଷ୍ଟି ବର୍ଜ୍ଜୁଆ ସାମନ୍ତବାଦ ପ୍ରଭାବ ବିସ୍ତାର କଲା । ସେଇ ସାମନ୍ତବାଦର ବ୍ୟୂହ ମଧ୍ୟରେ ଆଜିର ସମାଜ ବ୍ୟବସ୍ଥା ଯେପରି ନିଷ୍ପେଷିତ । ଶାନ୍ତନୁ ଆଚାର୍ଯ୍ୟ ତାଙ୍କର 'ଶକୁନ୍ତଳା' ଉପନ୍ୟାସରେ ଏହି ସତ୍ୟକୁ ପ୍ରକାଶ କରିଅଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଶୋଷଣମୁକ୍ତ ସମାଜ ଗଠନ କରିବାପାଇଁ ଯେଉଁ ସ୍ୱପ୍ନ ଓ ଆଦର୍ଶ କାହ୍ନୁଚରଣ ବା ଗୋପୀନାଥ ପ୍ରଦାନ କରିଥିଲେ ତାହା କେବଳ ସେଇ ଆଦର୍ଶରେହିଁ ରହିଯାଇଛି । ଏହି ଚିନ୍ତାଧାରା ସୃଷ୍ଟି କରିବାରେ କାହ୍ନୁଚରଣ ଅଗ୍ରଜ । ଗୋପୀନାଥ ସେଇ ଆଦର୍ଶକୁ ତାଙ୍କର 'ମାଟିମଟାଳ' ପର୍ଯ୍ୟନ୍ତ ଲମ୍ବାଇ ଆଣିଛନ୍ତି । ଗ୍ରାମ-ସଂଗଠନ, ଗ୍ରାମ୍ୟ ଜୀବନର ପରିବର୍ତ୍ତନ, ଗାନ୍ଧିବାଦୀ ଆଦର୍ଶର ଭିତ୍ତିଭୂମିରେ ନୂତନଜୀବନବୋଧ ଏ ସବୁ ଉପନ୍ୟାସରେ ଥିଲେହିଁ ତାହା କେବଳ ଆଦର୍ଶର ଉଚ୍ଚାର । ଏଥିରେ ବାସ୍ତବତା ନାହିଁ, ଅଛି ରାତିର ଶେଷ ପ୍ରହରର ଗୋଟାଏ ଘୁଇ ଘୁଇଆ ସ୍ୱପ୍ନ । ସୁରେନ୍ଦ୍ର ମହାନ୍ତି ବାସ୍ତବତା ଦୃଷ୍ଟିକୋଣରୁ ସ୍ୱାଧୀନତା ପୂର୍ବର ନୂତନ ଜୀବନ ଓ ନୂତନ ସମାଜ ଚିନ୍ତାଧାରା କିପରି ସ୍ୱାଧୀନତାପରେ ବିଡ଼ମ୍ବିତ ହୋଇ ଯାଇଛି

ତାର ଚିତ୍ର ପ୍ରଦାନ କରିଅଛନ୍ତି । ଶାନ୍ତନୁ ଆଚାର୍ଯ୍ୟ ଉକ୍ତାନ୍ତ ଦୃଷ୍ଟିଭଙ୍ଗୀରେ ନୂଆ ସମାଜ ଓ ନବମାନବବାଦ ପ୍ରତିଷ୍ଠାପାଇଁ ଯେଉଁ ବିଶ୍ଳେଷଣ କରିଛନ୍ତି ତାହା ବାସ୍ତବ ହୋଇ ମଧ୍ୟ ସ୍ୱପ୍ନ ହୋଇ ରହିଯାଇଛି ।

## ଗ୍ରାମ୍ୟ ଓ ନଗର ଜୀବନର ଚିନ୍ତା-ସଂଘର୍ଷ

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଉପନ୍ୟାସ ମୁଖ୍ୟତଃ ଗ୍ରାମ୍ୟଜୀବନର ପ୍ରକୃତି ଓ ପରିବେଶର ଆଲେଖ୍ୟ ହୋଇଥିଲାବେଳେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ଗ୍ରାମ୍ୟଜୀବନ ସହିତ ନଗର ଜୀବନର ଚିନ୍ତା-ସଂଘର୍ଷ, ପଲ୍ଲୀ ଓ ନଗରର ମୂଲ୍ୟବୋଧ ଓ ଦ୍ୱନ୍ଦ୍ୱକୁ ରୂପାୟନ କରୁଅଛି । ସ୍ୱାଧୀନତା ପୂର୍ବକାଳରେ ଭୂମିକେନ୍ଦ୍ରିକ ଅର୍ଥନୀତି ଉପନ୍ୟାସର ଥିଲା ମୁଖ୍ୟ କଥା । ଏହାରି ଉପରେ ଶୋଷଣର ଇସ୍ତାହାର ଶୁଣାଇ ଶୋଷିତର ବିଳାପକୁ ଲେଖକମାନେ ପ୍ରକାଶ କରିଅଛନ୍ତି ଓ ସେଥିରେ ଏକ ଆଦର୍ଶବାଦକୁ ବାସ୍ତବତା ଉପରେ ପ୍ରତିଷ୍ଠା ଦେଇଅଛନ୍ତି । ଫକୀରମୋହନ ଯେଉଁ ପଲ୍ଲୀଜୀବନର ବାସ୍ତବ ଚିତ୍ର ପ୍ରଦାନ କରିଥିଲେ ତାହା ୧୯୨୦ ମସିହା ପରେ କ୍ରମ ଭବର୍ତ୍ତିତ ହୋଇଥିଲେହେଁ ସେଥିରେ କେବଳ ଫକୀରମୋହନଙ୍କ ଶୋଷଣର ଚିତ୍ର ନାହିଁ । ଅବଶ୍ୟ ବେଳେ ବେଳେ "ମାଟିର ମଣିଷପରି ଉପନ୍ୟାସରେ" ଆଦର୍ଶର ଏକ ସ୍ୱପ୍ନ ଆସି ଯାଉଛି । କିନ୍ତୁ ସେଇ ସ୍ୱପ୍ନ ବିସ୍ତୃତିର ନାହିଁ । ଭୂମିକେନ୍ଦ୍ରିକ ଅର୍ଥନୀତି ଉପରେ ଗଢି ଉଠିଥିବା ସାମନ୍ତବାଦୀ ଜମିଦାର ଶୋଷଣ, ସେମାନଙ୍କର ଉତ୍କଟ ଯୌନଲାଳସା, ସେଇ ଅର୍ଥନୀତିକୁ ଆଶ୍ରୟ କରି ଜୀବନ ନିର୍ବାହ କରୁଥିବା ସାଧାରଣ ମଣିଷର ନିର୍ଯ୍ୟାତନା ଓ ସେମାନଙ୍କର ନୈତିକତାର ପ୍ରେମର ମାନସିକ ଦ୍ୱନ୍ଦ୍ୱକୁ ସେକାଳର ଉପନ୍ୟାସମାନଙ୍କରେ ପ୍ରକାଶ କରାଯାଇଅଛି । ସ୍ୱାଧୀନତା ପରେ କିନ୍ତୁ ଏହି ଚିନ୍ତାଧାରା ବଦଳିଛି । ନଗର ଜୀବନର ଜଟିଳତା କ୍ରମେ ପଲ୍ଲୀଜୀବନକୁ ସ୍ପର୍ଶ କରିଛି । ପଲ୍ଲୀର ଶିକ୍ଷିତ ଅନ୍ନ ନ ପାଇ ଯାଉଛି ନଗରରେ । ତାର ସମ୍ପର୍କ ପଲ୍ଲୀ ଓ ନଗର ମଧ୍ୟରେ ଯେଉଁ ସୃଷ୍ଟି କରିଛି ଏକ ନୂତନ ସଂସ୍କୃତି । ତେଣୁ ପଲ୍ଲୀ ଓ ନଗରର

ଜୀବନର ଦ୍ୱନ୍ଦ୍ୱ-ସଂଘର୍ଷ ହୋଇଛି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ମୁଖ୍ୟ ଅନ୍ତଃସ୍ୱର ।

ସ୍ୱାଧୀନତାର ଠିକ୍ ପ୍ରାକ୍‌କାଳରୁ ନିତ୍ୟାନନ୍ଦ ମହାପାତ୍ର ପଲ୍ଲୀ ଜୀବନର ଦ୍ୱନ୍ଦ୍ୱ-ସଂଘର୍ଷକୁ ନେଇ ରଚନା କଲେ 'ହିଡ଼ମାଟି' (୧୯୪୭) । 'ଭଙ୍ଗାହାଡ଼' ଏହି ଉପନ୍ୟାସର ଦ୍ୱିତୀୟ ପର୍ଯ୍ୟାୟ । ଏହାପରେ ତାଙ୍କର 'ଘରଡିହ' (୧୯୫୦) ମଧ୍ୟ ସେହିପରି ପଲ୍ଲୀଜୀବନ ଭିତ୍ତିକ ଅନ୍ୟତମ ଉପନ୍ୟାସ । ଏଥିରେ ପରିବର୍ତ୍ତିତ ପଲ୍ଲୀ ଜୀବନର ସଂଘର୍ଷ ବର୍ଣ୍ଣିତ । 'ହିଡ଼ମାଟି' ଉପନ୍ୟାସରେ ଲେଖକ ସହରର ସାହାଯ୍ୟକୁ ହାର୍ଚ୍ଚେଇ ଅଣିଠା କରି ଗାଁର ମହତ୍ତ୍ୱକୁ ସ୍ୱୀକାରିଅଛନ୍ତି—"ଏଇ ଗାଁ-ଏଇ ଗାଁ—ଏଇ ଗାଁ—କେତେ ସୁନ୍ଦର—କେତେ ମିଠା ! ସତେ ଏଇ ଗାଁର ପ୍ରତ୍ୟୁଷ ବାଲିରେ ଯେମିତି କେତେ ଗୀତ ଲେଖା ଯାଇଛି । ତାକୁ ପଢ଼ିବ କିଏ ? କାହାର ଧୈର୍ଯ୍ୟ ଅଛି ?" ନିତ୍ୟାନନ୍ଦ ପଲ୍ଲୀ ଜୀବନର ମହତ୍ତ୍ୱକୁ ଯେପରି ରୂପାୟନ କରିଅଛନ୍ତି ସେହିପରି କାହ୍ନୁଚରଣ ମଧ୍ୟ ତାଙ୍କର ବିଭିନ୍ନ ଉପନ୍ୟାସରେ ପଲ୍ଲୀ ଜୀବନର ସ୍ୱରଧାରାକୁ ପ୍ରକାଶ କରିଅଛନ୍ତି । 'ଶାସ୍ତି' ଉପନ୍ୟାସରେ ପଲ୍ଲୀର ସ୍ୱାଭାବିକ ଜୀବନଯାତ୍ରା ଓ ଶୋଷକ ଶୋଷିତର ସମ୍ପର୍କ ଥିଲାବେଳେ 'ଝଞ୍ଜା', 'ବଜ୍ରବାହୁ' 'ଭୂଣ୍ଡି ବାଇଡ଼', 'କ୍ଷଣକ୍ଷଣକେ ଆନ', 'ତୁଟିଲେଘଣ୍ଟ' ଆଦି ଉପନ୍ୟାସରେ ପଲ୍ଲୀର ଦ୍ୱନ୍ଦ୍ୱ-ସଂଘର୍ଷକୁ ରୂପାୟନ କରାଯାଇ ସେଥିରେ ଆଦର୍ଶକୁ ଆରୋପ କରାଯାଇଛି । ସହରୀ ଜୀବନର ସକଳ ଜଟିଳତା, କୁଟିଳତା ଓ ବସ୍ତୁବାଦୀ ମନୋଭାବର ସକଳ ବେଗ ସର୍ବସ୍ୱତାରୁ ମୁକ୍ତି ଲାଭ କରି ପଲ୍ଲୀଭୂଇଁକୁ ଫେରିଯିବାକୁ 'ଝଞ୍ଜା' ଉପନ୍ୟାସରେ ଲେଖକ ଆଶା ପ୍ରକାଶ କରିଛନ୍ତି । ସେ ବୁଝିଛି ତାର ସ୍ୱାମୀର ହାତଧରି ସହରର ସକଳ କୃତ୍ରିମତାରୁ ମୁକ୍ତ ହୋଇ ଫେରିଯିବ ପଲ୍ଲୀର ସେଇ ମୁକ୍ତ ଆକାଶତଳକୁ । ହରିତଶ୍ୟାମଳ କେଦାର ଘେରା ଛୋଟ କୁଡ଼ିଆରେ ସେ ଜୀବନ କଟାଇବ । ଏଥର ସେ ଫେରିଯାଇଛି ଗାଁ ମାଟିକୁ । ଗାଁର ଝିଅବୋହୂଙ୍କ ସହିତ ସେ କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ସ୍ନାନ କଲା ବଡ଼ପୋଖରୀରେ ।

"ଦେହରୁ ଉଠିଲା ଉଷ୍ମ ମୂଳଆ ବାମ୍ପ । ମନେହେଲା, ଦେହର ସବୁ ଯାତନା, ମନର ସବୁ ମଇଳା ଗୋଟିଏ ବୁନ୍ଦରେ ଧୋଇ ପରିଷ୍କାର ହେଲା ।" ସେ ଏଥର ସହରୀ ଜୀବନର କୃତ୍ରିମତାରୁ, ଓ ପାପବୋଧରୁ ମୁକ୍ତହେଲା ଏବଂ ଜନ୍ମିଲା ସେହି ସହଜ ଜୀବନରେ ସବୁ ମିଳେ "ଏକାମିଳେ ନାହିଁ ଏଇ ଶରଧାରୁ ଟିକିଏ ।" 'ବଜ୍ରବାହୁ' ଉପନ୍ୟାସରେ ମଧ୍ୟ ଲେଖକ ସେଇ ଗ୍ରାମ୍ୟ ଜୀବନର ଚିତ୍ର ଆଙ୍କିଛନ୍ତି । ଗୋପୀନାଥ ମହାନ୍ତିଙ୍କର ପ୍ରସିଦ୍ଧ ଉପନ୍ୟାସ 'ମାଟିମଟାଳ' (୧୯୬୪) ଗ୍ରାମ୍ୟ ଜୀବନର ମହାକାବ୍ୟ । ଏଥିରେ ଫକୀରମୋହନୀୟ ଶୋଷଣ ଅଛି; ଅଛି ମଧ୍ୟ ଗ୍ରାମ-ସଂଗଠନର ମହନୀୟ ଚିତ୍ର । ପଲ୍ଲୀ ଜୀବନର ସଂସ୍କୃତି, ବିଶ୍ୱାସ ମୂଲ୍ୟବୋଧ ଏଥିରେ ବର୍ଣ୍ଣିତ ହୋଇଅଛି । ପଲ୍ଲୀ ପ୍ରକୃତି ମଧ୍ୟ ଜୀବନ୍ତ ହୋଇ ଉଠିଛି ଏଥିରେ । ତଥାପି ଏସବୁ ଉପନ୍ୟାସରେ ବାସ୍ତବତାର ଚିତ୍ର-ସଂଘର୍ଷ ଅପେକ୍ଷା ଆଦର୍ଶବାଦର ଇସ୍ତାହାର ମୁଖ୍ୟ ହୋଇଉଠିଛି । ତାଙ୍କର 'ହରଗହଣ୍ଡି' (୧୯୭୯) ସେଇ ଗ୍ରାମ୍ୟଜୀବନର ଭାବ-ସମ୍ପଦର ଅନ୍ୟ ଏକ ମହନୀୟ ଆତ୍ମଲିପି । ଗୋଟାଏ ପାରମ୍ପରିକ ଜମିଦାର ବଂଶ ସ୍ୱାଧୀନତା ପରେ ଭାଙ୍ଗି ପଡ଼ିଛି । ବଂଚିବାପାଇଁ ମାୟାଦେବୀ ନୂତନ ବ୍ୟବସାୟ ଆରମ୍ଭ କରିଛନ୍ତି । ଗାଁ ଛକଟିରେ ଦୋକାନଟିଏ କରି ପିଠା ଓ ଚା' ଜଳଖିଆର ବ୍ୟବସ୍ଥା କରିଛନ୍ତି । ଏକଥାକୁ ହୁଏତ ଅନ୍ୟମାନେ ପସନ୍ଦ କରିନାହାନ୍ତି ମାତ୍ର ଗାଁର ପରିବର୍ତ୍ତିତ ପରିସ୍ଥିତିରେ ଏହା ଥିଲା ଅନିବାର୍ଯ୍ୟ ପରିଣତି । ସେଇ ବଂଶର କନ୍ୟା ରମା ବିବାହପରେ ବିଧବା ହୋଇଛି । ନବଜାତ ପୁଅକୁ ନେଇ ରହିଛି ମା' ପାଖରେ ଏବଂ ପରେ ସେ ଗ୍ରାମସେବିକା ଚାକିରୀ କରିଛି । ସେଇ ଜୀବନର ଅନୁଭୂତିକୁ ଲେଖକ ଉକ୍ତ ଉପନ୍ୟାସରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ରମାର ମାନସିକ ସଂଘର୍ଷକୁ ଦେଖାଇଅଛନ୍ତି । ଓଲଙ୍ଗ ଆଶ୍ରମକୁ ରମା ବୁଲି ଯାଇ ଭାବୁଛି—"କାହା ପେଇଁ ଏ ସଂସାର ? ମଣିଷକୁ ଘେନ ତ ! ମୁଁ ଭାବୁଛି ସଂସାରରେ ଏମିତି ଜାଗା ଏମିତି ଗାଁ ଗଣ୍ଡା କି ଥିବ ଯେଉଁଠି ମୁଁ ମଣିଷଙ୍କ ଭଲଲାଗି ଖଟିପାରିଲେ ମୋ ଦେଇ କି କାହାର କଷ୍ଟହୋଇ ପାରିବ । କେଉଁଠି ସେ ଜାଗା ? ଯେଉଁଠି ଆଲୁଅ ପିଟିଛି ସେଠି ତହୁଁ

ଭଲ ଲାଗୁ କି ନ ଲାଗୁ, ମୋର ସେଠି ଦରକାର ତ ନାହିଁ । କେଉଁ ଦୂର ବଣ ପର୍ବତ, ଅରଣ୍ୟ, ଗାଁ ଗହଳି, ସେଇଠି ମୁଁ ରହିବି, କାମ କରିବି ।"
ଗ୍ରାମ୍ୟ ଜୀବନର ଶତ୍ରୁ-ସଂଘର୍ଷ ଏଥିରେ ଅଛି ଏବଂ ଅଛି ମଧ୍ୟ ସହରର ଜୀବନର ଜଟିଳତା । କାହ୍ନୁଚରଣ ଗ୍ରାମ୍ୟ ଜୀବନରେ ଯେଉଁ ନୂତନ ସମ୍ଭାବନାର ସ୍ୱପ୍ନ ଦେଖିଥିଲେ ସେଇ ସ୍ୱପ୍ନକୁ ଗୋପୀନାଥଙ୍କର 'ମାଟିମଟାଳ' ଓ 'ଦାଦିବୁଢ଼ା'ରେ ଅଛି । ତେବେ ଏସବୁ ଉପନ୍ୟାସରେ ବାସ୍ତବଘେଷା ଜୀବନର ବ୍ୟଞ୍ଜନା ଥିଲେହେଁ ସେଥିରେ ଅଛି ଆଦର୍ଶର ଆବେଗ । ରମାକାନ୍ତ ବେଦେବସଙ୍କର 'ଅନେକ ଇତ୍ୟାଦି ପରେ' (୧୯୭୪) ମଧ୍ୟ ସହର ଓ ନଗର ଜୀବନର ଶତ୍ରୁ ସଂଘର୍ଷ ମଧ୍ୟ ଦେଇ ଗ୍ରାମ-ଜୀବନର ପୁନର୍ଗଠନର ସଂକେତ ଦେଇଛି । କିନ୍ତୁ ଏଇ ପୁନର୍ଗଠନ ଆଦର୍ଶ ଭିତ୍ତିକ । ସାମାଜିକ ବିପ୍ଳବ ଓ ୧୯୬୨ ଚୀନ ଆକ୍ରମଣ ପରିପ୍ରେକ୍ଷୀରେ ଜାତୀୟତାର ସ୍ପନ୍ଦନ ଏଥିରେ ଥିଲେହେଁ ଅର୍ଥନୈତିକ ଶ୍ରେଣୀ-ସଂଘର୍ଷ ଭିତରେ ମାନବର ସମ୍ବେଦନା ଓ ନବଜୀବନର ସୂଚନା ଏଥିରୁ ଦେଖିବାକୁ ମିଳିଥାଏ ।

ସୁରେନ୍ଦ୍ର ମହାନ୍ତିଙ୍କର 'ଅନ୍ଧଦିଗନ୍ତ' ଏକ ରାଜନୈତିକ ଉପନ୍ୟାସ ହେଲେହେଁ ଏଥିରେ ସ୍ୱାଧୀନତା ପରବର୍ତ୍ତୀ ଗ୍ରାମ୍ୟଜୀବନର ବାସ୍ତବରୂପ ରହିଛି । ତାଙ୍କର 'କାଳାନ୍ତର' ଗ୍ରାମ୍ୟଜୀବନର ଏକ ମର୍ମଲିପି । ବାତ୍ୟା ବିକ୍ଷୁବ୍ଧ ରଜନୀରେ ଗ୍ରାମ୍ୟ ମଣିଷଙ୍କର ଆଧ୍ୟାତ୍ମିକ ଆକୂତି ଓ ଐକ୍ୟବୋଧ, ଗ୍ରାମ୍ୟ ଜୀବନରେ ସକଳ ବିରୋଧିତା ସତ୍ତ୍ୱେ ମୈତ୍ରୀଭାବନା ଏହି ଉପନ୍ୟାସଟିକୁ ପ୍ରାଣବନ୍ତ କରିଅଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ବହୁ ଔପନ୍ୟାସିକ ପଲ୍ଲୀ ଜୀବନର ପରିବର୍ତ୍ତିତ ଭାବଧାରାକୁ ନେଇ ଉପନ୍ୟାସମାନ ରଚନା କରିଅଛନ୍ତି । ବିଭୂତି ପଟ୍ଟନାୟକଙ୍କର 'ଏଇ ଗାଁ ଏଇ ମାଟି' 'ଓଦାମାଟିର ସ୍ୱର', 'ହସକାନ୍ଦର ଛନ୍ଦ' ପରି ଉପନ୍ୟାସରେ ଗ୍ରାମ୍ୟଜୀବନର ମର୍ମ ଉଦ୍‌ଘାଟିତ । 'ଚପଳଛନ୍ଦା' ପରି ଐତିହାସିକରେ ଉପନ୍ୟାସରେ ମଧ୍ୟ ଗ୍ରାମ୍ୟଜୀବନର ଛବି ରହିଛି । ଏଥିରେ ସ୍ୱାଧୀନତା ପୂର୍ବର ନିର୍ଯ୍ୟାତିତ ଗ୍ରାମ୍ୟ ମଣିଷ ସ୍ୱାଧୀନତା ପରେ ଅଜ୍ଞାତର

ଶୋଷକ ଚରିତ୍ରପ୍ରତି କିପରି ଆନୁଗତ୍ୟ ପ୍ରକାଶ କରିଛନ୍ତି ତାର ମନସ୍ତତ୍ୱ ରୂପ ଦେଖିବାକୁ ମିଳେ । ଯଦୁନାଥ ଦାସ ମହାପାତ୍ରଙ୍କର 'ଗ୍ରାମ୍ୟ ନଘରଙ୍ଗରେ' ସ୍ୱାଧୀନତା ପରବର୍ତ୍ତୀ ଗ୍ରାମ୍ୟଜୀବନର ଏକ କମନୀୟ ଆତ୍ମଲିପି । ଶାନ୍ତନୁ ଆଚାର୍ଯ୍ୟଙ୍କର 'ଶକୁନ୍ତଳା' ଗ୍ରାମ୍ୟ ସଂସ୍କୃତି, ବିଶ୍ୱାସ ଓ ସଂଘର୍ଷର ଚମତ୍କାର ଭାବରୂପ । ଏଥିରେ ସେ ଯେପରି ଭାବରେ କଣ୍ଟୁଆ ଗ୍ରାମର ଅବସ୍ଥିତି, ତା'ର ପ୍ରାକୃତିକ ପରିବେଶ, ଏଇ ଗ୍ରାମର ଅଧିବାସୀମାନଙ୍କର ଧର୍ମଧାରଣା, ଦରିଦ୍ର ଲୋକମାନଙ୍କର ଜୀବନଧାରଣ, ସମସ୍ୟା ଭୂମ୍ୟାଧିକାରୀ ଓ ମହାଜନଙ୍କର ପ୍ରଭାବ ଆଦିକୁ ବର୍ଣ୍ଣନା କରି ସେଥିରେ ଶ୍ରେଣୀ ଶତ୍ରୁମାନଙ୍କର ବିନାଶର ସୂଚନା ଦେଇ ଏକ ଶୋଷଣମୁକ୍ତ ସମାଜ ଗଠନ ପାଇଁ ନକ୍ସାଲବାଦୀଙ୍କର ବିପ୍ଳବର ସଙ୍କେତ ଦେଇଅଛନ୍ତି ତାହା ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏତଦ୍‌ବ୍ୟତୀତ ସାତକଡ଼ି ହୋତା, ପ୍ରତିଭା ବସୁ, ସମେଶ୍ୱର ତ୍ରିପାଠୀ, କନକଲତା ମହାନ୍ତି, ଗାୟତ୍ରୀ ବସୁମଲ୍ଲିକ ପ୍ରମୁଖ ଲେଖକ-ଲେଖିକାମାନେ ମଧ୍ୟ ଗ୍ରାମ୍ୟଜୀବନର ବହୁମୁଖୀ ଭାବଧାରାକୁ ରୂପାୟନ କରିଅଛନ୍ତି । କବି କୁଞ୍ଜବିହାରୀ ଦାଶଙ୍କର 'ଶ୍ମଶାନ ତୁଳସୀ' (୧୯୮୦) ଗ୍ରାମ୍ୟଜୀବନର ଏକ ସ୍ୱାଭାବିକ ରୂପ-ଚିତ୍ର । ଏହି ଉପନ୍ୟାସର ଭୂମିକାରେ ଲେଖକ ଲେଖିଛନ୍ତି—"ଶ୍ମଶାଣି ତୁଳସୀ ଗ୍ରାମୀଣ ପ୍ରତିଭାର ଏକ ପ୍ରତୀକ, ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ଓଡ଼ିଆ ପଲ୍ଲୀ ଜୀବନ ଉପରେ କେନ୍ଦ୍ରିତ ।" ଏଥିରେ ମଣିଷକୁ ବିଶ୍ୱାସ କରିବାପାଇଁ ଓ ମଣିଷକୁ ତାର ଶକ୍ତିରେ ଆସ୍ଥା ସ୍ଥାପନ କରିବାପାଇଁ ଅଛି ଆହ୍ୱାନ । ଲେଖକ କହନ୍ତି—"ପାତାଳରୁ ଆକାଶକୁ ମଣିଷକୁ ଉଠାଏ କିଏ ? ଭାଗ୍ୟ ? ନା, ଆପଣାର ଜନ୍ମକର୍ମ ? କେହି କାହାର କିଛି କରେ ନାହିଁ, ମଣିଷ ନିଜେ ନିଜର କୁମ୍ଭାର, ଭାସ୍କର ବା ବିଶ୍ୱକର୍ମା । ସେ ନିଜେ ନିଜର ଗାଡ଼ି ।" ସେ ପୁଣି ଏହି ଉପନ୍ୟାସରେ ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି ଜଣେ ସାଧାରଣ ଚରିତ୍ର ମୁଖରେ—

"ଏ ମହାତ୍ମା ନୂଆ ଧର୍ମ ଥାପିବେ—
ମଣିଷ ଧର୍ମ ।

ମଣିଷ ଆଗେ ନିଜକୁ ବିଶ୍ୱାସ କରିବ
ତାପରେ ଈଶ୍ୱରଙ୍କୁ ।
ମଣିଷର ଅସାଧ୍ୟ କିଛି ନାହିଁ
ସବୁ ଦୁର୍ଗମ ସେ ଗମିବ
ସବୁ ଅସାଧ୍ୟ ସାଧିବ ।
ତେବେ ଈଶ୍ୱରଙ୍କ ପୁତ୍ର ବୋଲି କହିବାର
ଅଧିକାର ଜନ୍ମିବ ।”

ଲୋକ ପ୍ରବଚନ, ଢଗଢମାଳି, ଗାଉଁଲି ଭାଷା ମାଧ୍ୟମରେ ଲେଖକ ଏହି ଉପନ୍ୟାସରେ ଯେଉଁ ପ୍ରାରମ୍ଭିକ ଉଦ୍ୟମ କରିଛନ୍ତି ତାହା ବେଶ୍ ହୃଦ୍ୟ । ଦାଶରଥି ନନ୍ଦଙ୍କର ‘ଏଇପଥ’ (୧୯୭୨), ଗାୟତ୍ରୀ ବସୁମଲ୍ଲିକଙ୍କର ‘ଜାତକଶ୍ରୀ’ (୧୯୭୯),‘କନକଲତା ମହାନ୍ତିଙ୍କର ‘ଅନୁସନ୍ଧା’ (୧୯୭୭), ପ୍ରତିଭା ରାୟଙ୍କର ‘ପୁଣ୍ୟତୋୟା’, (୧୯୭୯), ‘ଅପରିଚିତା’, ପଦ୍ମଚରଣ ମହାପାତ୍ରଙ୍କର ‘ଦଗ୍ଧଦିଗନ୍ତ’ (୧୯୭୯) ଆଦି ଉପନ୍ୟାସଗୁଡ଼ିକରେ ଗ୍ରାମ୍ୟଜୀବନର ଚିତ୍ରକୁ ପ୍ରକାଶ କରାଯାଇଅଛି । ଔପନ୍ୟାସିକା ବସନ୍ତ କୁମାରୀ ପଟ୍ଟନାୟକଙ୍କର ‘ଅମଡ଼ାବାଟ’ (୧୯୫୧) ଓ ‘ଚୋରାବାଲି’ (୧୯୭୨) ଦୁଇଟି ପାରିବାରିକ ଉପନ୍ୟାସ । ସହରୀ ଜୀବନର ପରିବେଶ ଭିତରେ ଏହି ଦୁଇଟି ଉପନ୍ୟାସ ଗଢ଼ି ଉଠିଥିଲେହେଁ ଏଥିରେ ଗ୍ରାମ୍ୟ ଜୀବନର ନରନାରୀଙ୍କର ଚିତ୍ର ରହିଛି । ତେବେ ‘ଅମଡ଼ାବାଟ’ର ସିଦ୍ଧି ‘ଚୋରାବାଲି’ରେ ନାହିଁ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହିପରି ବହୁ ଲେଖକ ପଲ୍ଲୀଜୀବନର ଚିତ୍ର-ସନ୍ଦର୍ଭକୁ ନେଇ ଉପନ୍ୟାସମାନ ରଚନା କରିଅଛନ୍ତି । ତେବେ ଏସବୁଥିରେ ପଲ୍ଲୀଜୀବନର ପ୍ରାଣଛନ୍ଦ, ଅରିବର୍ତ୍ତେ ଏକ ରୋମାଣ୍ଟିକ ଭାବ-ଫଲ୍‌ଗୁ ବିଶେଷ ଭାବରେ ପ୍ରବାହିତ ହୋଇଥିବା ଦେଖାଯାଏ ।

ପଲ୍ଲୀ ଜୀବନର ନାନା ସଂଘର୍ଷ ଓ ଭାବଧାରାକୁ ନେଇ ଯେଉଁସବୁ ଉପନ୍ୟାସମାନ ରଚିତ ହେଉଅଛି ସେହିପରି ନଗର ଜୀବନର ଚିତ୍ର-

ସଙ୍ଘର୍ଷକୁ ନେଇ ନଅ ଉପନ୍ୟାସମାନ ରଚନା କରାଯାଇଛି । ପ୍ରାୟ ପ୍ରତ୍ୟେକ ନଗର ଭିତ୍ତିକ ଉପନ୍ୟାସରେ ଜଟିଳ ଜୀବନର ସ୍ୱରୂପ ଉତ୍କୀର୍ଣ୍ଣ । ଏଥିରେ ବସ୍ତୁବାଦୀମନୁଷ୍ୟର ଭୋଗ ସର୍ବସ୍ୱ ଦୃଷ୍ଟିକୋଣ ଓ ଯୌନ ଅବକ୍ଷୟତା ପ୍ରାଧାନ୍ୟ ଲାଭ କରିଅଛି । ଏହି ଜୀବନରେ ଶାନ୍ତି ନାହିଁ, ମୈତ୍ରୀ ଓ ପ୍ରୀତି ନାହିଁ, ଅଛି ଭୋଗ ଓ ବିଳାସ । ଏଠି ପ୍ରାଚୁର୍ଯ୍ୟ ଅଛି ମାତ୍ର ତା' ଭିତରେ ଅଛି ନିଃସଙ୍ଗତାବୋଧ । କାହ୍ନୁଚରଣଙ୍କର ଉପନ୍ୟାସଗୁଡ଼ିକ ପଲ୍ଲୀ-ଜୀବନ ଭିତ୍ତିକ ହୋଇଥିଲେହେଁ 'ଝଞ୍ଜା' ଭଳି ଉପନ୍ୟାସରେ ନଗର ଜୀବନର ଭୋଗ ଓ ଯୌନ ବିଳାସର ପରିଚୟ ମିଳିଥାଏ । ଗୋପୀନାଥ ମହାନ୍ତିଙ୍କର 'ଦାନାପାଣି' (୧୯୫୫) ସହର ଜୀବନର ଏକ ମାର୍ମିକ ଆଲେଖ୍ୟ । ଗୋଟିଏ ପ୍ରମତ୍ତ ଯୌନ ସମ୍ଭୋଗ ଏହି ଉପନ୍ୟାସକୁ ମୋହାଚ୍ଛନ୍ନ କରିଦେଇଛି । ସହରୀ ଜୀବନରେ ଦାନାପାଣି ଖୋଜି ଆପଣାର ସମୃଦ୍ଧି ଖୋଜୁଥିବା ବଳିଦତ୍ତ ଯେତେବେଳେ ଉପଲବ୍ଧି କରିଛି ତାର ସମୃଦ୍ଧି ଗୋଟାଏ ଫାଙ୍କା ଆଓ୍ୱାଜ, ଜୀବନରେ ତାର ଶାନ୍ତି ନାହିଁ, ସେତେବେଳେ "ତଳ ଓଠକୁ ଦାନ୍ତରେ କାମୁଡ଼ି ବସି ରହିଲା, ସାମ୍ନାରେ ସ୍ଥୂଳଦୃଶ୍ୟ ଦେଖିପାରୁ ନାହିଁ, ଅଥଚ ଦେଖୁଛି, ଅନ୍ଧ ଆଖିରେ ଦେଖୁଛି ବିଭୀଷିକା । ଆପଣା ମନର ଭୂତ, ସେମାନେ ଏଠି ଘୁରିପାଖେ ଚରି ବୁଲୁଛନ୍ତି । ଥେଇ ଥେଇ ନାଚ ଟାହିଟାପରା କରୁଛନ୍ତି, ହାଡ଼ରେ ନିଆଁ ଲଗାଉଛନ୍ତି । ଓଃ ! କି ଯନ୍ତ୍ରଣା ! କାହିଁର ବଡ଼ପଣ ? କାହିଁର ସାଫଲ୍ୟ ? କାହାପାଇଁ ? କଣ ସେ ପାଇଛି ? ମୁଣ୍ଡରେ ଦୁଇହାତ ଚାପିଧରି ଅନ୍ଧାରକୁ ଅନେଇଛି । ଏଇତାର ପଥ, ତାର ଅନ୍ତ ନାହିଁ । ଏଇ ତାର ଜୀବନର ଅଚ୍ଛିଣ୍ଡା କାହାଣୀ, ତାର ଦାନାପାଣିର ମୂଳ ତଳରେ ସାଫଲ୍ୟ ଖୋଜି ଖୋଜି ବନଗତ ନଷ୍ଟ ଯାଇଛି, ଆପଣାର ଦେହରେ ଲାଗିଛି ନିଆଁ ।" ଏହି ହେଉଛି ସହରୀ ଜୀବନର ଅସହାୟ ନଶିଷ୍ଟ । କେବଳ ଏତିକି ନୁହେଁ ଗୋପୀନାଥ ତାଙ୍କର 'ଅନଳନଳ' ଓ 'ଆକାଶ ସୁନ୍ଦରୀ' ପରି ଉପନ୍ୟାସରେ ସେଇ ସହରୀ ମଧ୍ୟବିତ୍ତ ମଣିଷର ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ଦେଖାଇଅଛନ୍ତି ।

ସୁରେନ୍ଦ୍ର ମହାନ୍ତିଙ୍କର 'ହଂସଗୀତି' (୧୯୭୭) ଆଧୁନିକ ଯୌନଅବକ୍ଷୟଗ୍ରସ୍ତ ସହରି ଜୀବନର ଏକ ଚମତ୍କାର ଅଭିବ୍ୟକ୍ତି । ଏହି ଉପନ୍ୟାସରେ ସେ କହୁଛନ୍ତି—"ଆଜିର ପ୍ରଚଳିତ ଅର୍ଥନୀତିର ଏକମାତ୍ର ସ୍ୱରୂପ ତ ଦଲାଲି ଆଉ କଳାବଜାର ! ଏଇ ମହାନଗରୀର ଭିତ୍ତି ପ୍ରତିଷ୍ଠିତ କଳା ଟଙ୍କା ଆଉ ଦଲାଲି କମିସନ୍ ଉପରେ ।" ଏଇ ସହରରେ ଯୁବକ ଯୁବତୀ ଏଲ୍. ଏସ୍. ଡି, ହାସିସ୍, ଗଞ୍ଜା, ମେଣ୍ଡ୍ରେକସ୍ ପ୍ରଭୃତି ଡ୍ରଗସ୍ ଖାଇ ଜୀବନକୁ ଭୁଲନ୍ତି । ଏକ ଯୌନଅବକ୍ଷୟଗ୍ରସ୍ତ ଜୀବନଯାପନ କରନ୍ତି । ତଥାପି ସେମାନେ ଖୋଜନ୍ତି ଜୀବନକୁ । ସେଇ ଅନ୍ୱେଷଣହିଁ ଜୀବନ । ସେମାନେ ଅନୁଭବ କରନ୍ତି ଘରେ ସେମାନଙ୍କ ପ୍ରତି ପିତା-ମାତାଙ୍କର ସ୍ନେହ ନାହିଁ । ପିତାମାତା ଆପଣା ଆପଣାର ଦେହ ସମ୍ଭୋଗ ନେଇ ବ୍ୟସ୍ତ । ତେଣୁ ସେମାନେ ଜୀବନକୁ ତୁଚ୍ଛ ମନେ କରନ୍ତି । ଅସହାୟ ଭାବରେ ସେମାନଙ୍କର ହୁଏ ମୃତ୍ୟୁ । ଏକ ନଗ୍ନ-ଯୌନ ସଂଭୋଗର ବୀଭତ୍ସ ରୂପ ଏହି ଉପନ୍ୟାସରେ ବର୍ଣ୍ଣିତ । ତେଣୁ ଲେଖକ କହନ୍ତି—"ଏଇ ଦିଲ୍ଲୀ—ଯେଉଁଠି କୌଣସି ମୂଲ୍ୟବୋଧ ନାହିଁ । ଯେଉଁଠି ଜୀବନ ଭଙ୍ଗୀରେ ଏକ ଅଶ୍ଳୀଳ ବର୍ଣସାଙ୍କର୍ଯ୍ୟ—ପାଶ୍ଚାତ୍ୟ ନୁହେଁ, ଭାରତୀୟ ନୁହେଁ—ସେଥିପାଇଁ ପରିବେଶ ପୃଷ୍ଠଭୂମି ନାହିଁ, ସେଥିପାଇଁ ମାର୍ଜିତ ସଂସ୍କୃତିବୋଧ ନାହିଁ ।" ଆଧୁନିକ ସହରି ଜୀବନର ଏଇ ବୀଭତ୍ସ ସ୍ୱରୂପକୁ ଲେଖକ ଏଥିରେ ରୂପାୟନ କରି-ଅଛନ୍ତି । କୃଷ୍ଣପ୍ରସାଦ ମିଶ୍ରଙ୍କର 'ସିଂହକଟୀ', 'ନେପଥ୍ୟ', ଚନ୍ଦ୍ରଶେଖର ରଥଙ୍କର 'ଅସୂର୍ଯ୍ୟ ଉପନିବେଶ', ମହାପାତ୍ର ନୀଳମଣି ସାହୁଙ୍କର 'ତାମସୀରାଧା', 'ଧର ଓ ଧାର', ଶାନ୍ତନୁ ଆଚାର୍ଯ୍ୟଙ୍କର 'ନରକନ୍ଧର', ରାଜକିଶୋର ପଟ୍ଟନାୟକଙ୍କର 'ଚଲାବାଟ', 'ସଞ୍ଜୀବନୀ', ବିଭୂତି ପଟ୍ଟନାୟକଙ୍କର 'ନାୟିକାର ନାମ ଶ୍ରାବଣୀ', ଜ୍ଞାନେନ୍ଦ୍ର ବର୍ମାଙ୍କର 'ଏଲୋଚାର ଗୁମ୍ଫା ଖାସି' ଆଦି ଉପନ୍ୟାସଗୁଡ଼ିକରେ ସ୍ୱାଧୀନତା ପରବର୍ତ୍ତୀ ସହରି ଜୀବନର ନାନା ଛବିରୂପ ଦେଖିବାକୁ ମିଳିଥାଏ । ବିଶେଷତଃ ସହରି ଜୀବନର ଶିକ୍ଷିତ ମଧ୍ୟବିତ୍ତ ମଣିଷର ଚିତ୍ତବୃତ୍ତିର

ସଂଘର୍ଷ, ସେଇ ସମାଜର ନରନାରୀଙ୍କର ଯୌନଜୀବନ, ବ୍ୟଥା ଓ ବ୍ୟର୍ଥତା ଆଦି ବିଭିନ୍ନ ବିଷୟ ଏହି ସମସ୍ତ ଉପନ୍ୟାସସମୂହରେ ବର୍ଣ୍ଣିତ । ଷଷ୍ଠଦଶକ ଓ ସପ୍ତମଦଶକ ମଧ୍ୟଭାଗ ପର୍ଯ୍ୟନ୍ତ ପଲ୍ଲୀ ଜୀବନପ୍ରତି ଏକ ଅହେତୁକ ଆକର୍ଷଣ ଓଡ଼ିଆ ଉପନ୍ୟାସମାନଙ୍କରେ ସୃଷ୍ଟି ହୋଇଥିଲାବେଳେ ଓ ତୁଳନାତ୍ମକ ଭାବରେ ନଗରଜୀବନର ଜଟିଳତାକୁ ଦେଖାଇ ସେଥିରୁ ମୁକ୍ତିପାଇଁ ଏକ ଆଦର୍ଶବାଦୀ ଆହ୍ୱାନ ଥିଲାବେଳେ ସପ୍ତମ ଦଶକର ମଧ୍ୟଭାଗରୁ ନଗରଜୀବନର ଜଟିଳତା ଓ ଅସହାୟତାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇ ସେଥିରେ ଆଧୁନିକ ନିଃସଙ୍ଗ ନଷ୍ଟମୂଲ୍ୟ ଅସହାୟ ମଣିଷର ଆତ୍ମଅନ୍ୱେଷାର ସ୍ୱରକୁ ମୂର୍ତ୍ତ କରାଯାଇଅଛି ।

## ଓଡ଼ିଆ ଉପନ୍ୟାସରେ ମନସ୍ତାତ୍ତ୍ୱିକତା ଓ ଚେତନା ପ୍ରବାହ :

ସ୍ୱାଧୀନତା ପୂର୍ବରୁ ମନସ୍ତାତ୍ତ୍ୱିକ ଉପନ୍ୟାସ ରଚିତ ହୋଇ ଥିଲେହେଁ ସ୍ୱାଧୀନତା ପରେ ଏହି ଧାରା ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ପ୍ରାଧାନ୍ୟ ଲାଭ କରିଅଛି । ବିଶ୍ୱ ସାହିତ୍ୟରେ ୧୯୧୩-୧୯୧୫ ମସିହା ମଧ୍ୟରେ ମନସ୍ତାତ୍ତ୍ୱିକ ଉପନ୍ୟାସ ସୃଷ୍ଟି ହୋଇଅଛି । ଫ୍ରାନ୍ସରେ ମାର୍ସାଲ ପ୍ରାଉଷ୍ଟ ନାମକ ଜନୈକ ତରୁଣ ଆତ୍ମମଗ୍ନ ଓ ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ପ୍ରଥମେ "ସ୍ମୃତି-ଅଙ୍କନେ"(Remembrance of things past) ମନସ୍ତାତ୍ତ୍ୱିକ ଉପନ୍ୟାସ ରଚନା କରିଥିଲେ । ଯେଉଁବେଳେ ଏହି ଉପନ୍ୟାସ ଛପାଯାଉଥିଲା ସେହି ସମୟରେ ଡରୋଥି ମିଲର ରିଚାର୍ଡ଼ସନ ନାମକ ଜନୈକା ଇଂରେଜ ମହିଳା "ତୀର୍ଥଯାତ୍ରୀ"(Piligrimage) ନାମକ ଅନ୍ୟ ଏକ ମନସ୍ତାତ୍ତ୍ୱିକ ଉପନ୍ୟାସ ରଚନା କରିଥିଲେ । ୧୯୧୬ ମସିହାରେ ଜେମସ୍ ଜଏସ୍ ନାମକ ଜନୈକ ଆଇରିଶ୍ ଲେଖକ "A Portrait of the Artist as a young man" ରଚନା କଲେ । ଏହି ତିନିଜଣ ଔପନ୍ୟାସିକ ଫ୍ରଏଡ଼ର ପ୍ରତି ଆକୃଷ୍ଟ ହେଲେ ମଧ୍ୟ ବର୍ଗସଁଙ୍କର ଚିନ୍ତାଧାରାକୁ ମନୋଜଗତ ମଧ୍ୟକୁ ଉପନ୍ୟାସକୁ ଟାଣି ନେଇ ଦେଲେ । ପ୍ରଥମେ ଏମାନଙ୍କ ଉପରେ ବର୍ଗସାଁଙ୍କର ପ୍ରଭାବ

ଅନୁଭୂତ ହୋଇଥିଲା ବେଳେ ପରେ ପରେ ସିଗମଣ୍ଡ ଫ୍ରଏଡ୍‌ଙ୍କ ମନୋବୈଜ୍ଞାନିକ ଚିନ୍ତାଧାରାର ପ୍ରଭାବ ପଡ଼ିଛି । ମନସ୍ତାତ୍ତ୍ୱିକ ଉପନ୍ୟାସ ସମ୍ପର୍କରେ ଲିଓନ ଏଡ୍ଡେଲ୍ ମତ ଦେଇଛନ୍ତି—"In the psychological novel the author is nowhere in sight. Suddenly we are seated at the window. Somewhere, above, behind, below, out beyond the window the author is busy being a stage manager and an actor, arranging what shall see. He tries to give as the illusion constantly that we are experiencing what is happening there; and in the process he asks us to look at all sorts of extraneous things, strange things, as if we were in one of our own dreams in which impossible and implausible events occurd : magical transformations, return of episodes and people out of forgotton pasts, masses of geography and history that are part of the common heritage of man, a veritable mental cinema of flashing images often confused and incoherent, often sharply focused, so that, as before, we forget ourselves and have crossed over the window sill and are ourselves out there amid the confusion, living all that the writer has arranged for us." ଏହି ପରିପ୍ରେକ୍ଷୀରେ ମନସ୍ତାତ୍ତ୍ୱିକ ଉପନ୍ୟାସ ଗୁଡ଼ିକୁ ଚିହ୍ନିତ କରାଯାଇପାରେ । ଏଧରଣର ଉପନ୍ୟାସରେ ପରମ୍ପରାଧର୍ମୀ ଉପନ୍ୟାସର ବିଷୟବସ୍ତୁ, ଘଟଣାର କ୍ରମବର୍ଣ୍ଣନା ଓ ବର୍ଣ୍ଣନାଧର୍ମୀ ଭାଷା-ବିନ୍ୟାସ ନଥାଏ । ମନୋଜଗତର ଭାବସ୍ପନ୍ଦନକୁ ଦେଖାଇବା ପାଇଁ ଔପନ୍ୟାସିକଙ୍କୁ ସ୍ୱତନ୍ତ୍ର ଶୈଳୀ ଗ୍ରହଣ କରିବାକୁ ହୋଇଥାଏ । ମନୋଜଗତର ଅବୋଧ ସଂଳାପକୁ ବହିର୍ଜଗତର ଭାଷା ସାହାଯ୍ୟରେ ପ୍ରକାଶ କରାଯାଇ ନପାରେ । ଏଠାରେ ଶବ୍ଦ-ସମ୍ଭାରକୁ stock-in-trade ଭାବରେ ଗ୍ରହଣ କଲେ ମନୋଜଗତର ରହସ୍ୟକୁ

ଫୁଟିବା,ଦୁଷ୍କର ହେବ । ତେଣୁ ଚେତନା ପ୍ରବାହକୁ ପ୍ରକାଶ କରିବାପାଇଁ କାବ୍ୟିକ ଭାଷାର ପ୍ରୟୋଗ ସଙ୍ଗେ ସଙ୍ଗେ ପ୍ରତୀକଧର୍ମୀ ତଥା କଳ୍ପଧର୍ମୀ ବ୍ୟବହାର ଦ୍ୱାରା ମନୋଜଗତର ପ୍ରତିଛବି ସୃଷ୍ଟି କରିବାକୁ ହୋଇଥାଏ । ଲିଓନେଲ ଏଡ଼େଲ ତେଣୁ କହନ୍ତି— "The writer attempting to create the illusion of a mind flowing with thought and image and impression turns so the symbolist poet, he calls upon all the devices of prosody exploiting the resources of the language in the belief that it is the writer's task to make the word fit the thought, to match the language of the mind, and if necessary to invent a language that will render it." ଅତଏବ ମନସ୍ତାତ୍ତ୍ୱିକ ଓ ଚେତନା ପ୍ରବାହ ଭିତ୍ତିକ ଉପନ୍ୟାସର କଥା-ବସ୍ତୁ ଆଦର୍ଶବାଦୀ ବା ଯଥାର୍ଥବାଦୀ ଉପନ୍ୟାସର କଥାବସ୍ତୁ ପରି ଘଟଣାଗତ ନୁହେଁ । ଏହାର ଭାଷା ଓ ଶୈଳୀ ମଧ୍ୟ ସ୍ୱତନ୍ତ୍ର ଓ ମନନଧର୍ମୀ । ପ୍ରାକ୍‌ସ୍ୱାଧୀନତାକାଳୀନ ଓଡ଼ିଆ ଉପନ୍ୟାସ ଗୁଡ଼ିକ ମୁଖ୍ୟତଃ ଆଦର୍ଶବାଦୀ ଏବଂ ସ୍ୱାଧୀନତା ପରେ ମଧ୍ୟ ଏହି ଆଦର୍ଶବାଦର ଧାରା ଓଡ଼ିଆ ଉପନ୍ୟାସକୁ ଚନ୍ଦ୍ରାଚ୍ଛନ୍ନ କରି ରଖିଥିବା ଦେଖାଯାଏ । ଯଦିଓ ଯଥାର୍ଥବାଦ କେତେକ ଉପନ୍ୟାସରେ ରହିଛି ; ମାତ୍ର ସେ ସବୁର ସ୍ୱର ଆଦର୍ଶବାଦର ସ୍ୱର । ତଥାପି ସ୍ୱାଧୀନତା ପରେ କେତେକ ଔପନ୍ୟାସିକ ଉତ୍ତମ ମନୋବୈଜ୍ଞାନିକ ସଂଘର୍ଷର ତରଙ୍ଗ ସୃଷ୍ଟି କରିଥିବା ଦେଖାଯାଏ । ଅବୋଧ ଅବଧିକାମସ୍ପୃହ ମନୋଗ୍ରନ୍ଥିର ଉନ୍ମୋଚନ, ମନୁଷ୍ୟର ନାନା ଦୁର୍ବଳ ପ୍ରବୃତ୍ତିର ବିଶ୍ଳେଷଣ, ଯୌନତତ୍ତ୍ୱ ଓ ସ୍ୱପ୍ନ ସିଦ୍ଧାନ୍ତକୁ ଅବଲମ୍ବନ କରି ଆଧୁନିକ ଯୁଗରେ ଉପନ୍ୟାସ ରଚିତ ହେଉଥିବା ଲକ୍ଷ୍ୟ କରାଯାଏ ।

ଫ୍ରଏଡୀୟ ମନୋବୈଜ୍ଞାନିକ ବିଶ୍ଳେଷଣ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି । ଗୋପୀନାଥ ମହାନ୍ତିଙ୍କର

‘ସନ୍ଧ୍ୟାରଶ୍ମି’, ‘ଲସ୍ତ ଭଲସ୍ତ’, ‘ଅନଳନଳ’, ‘ଆକାଶସୁନ୍ଦରୀ’ ’କାହ୍ନୁଚରଣଙ୍କର ‘କା’, ‘ତୁଣ୍ଡବାଇଦ’, ‘ଝଞ୍ଜା’, ‘କ୍ଷଣକ୍ଷଣକେ ଆନ’ ‘ମହାପାତ୍ର ନୀଳମଣି ସାହୁଙ୍କର ‘ତାମସୀ ରାଧା’, ‘ଧର୍ମ ଓ ଧାରା’, ଗୋବିନ୍ଦ ଦାସଙ୍କର ‘ଅମାବାସ୍ୟାର ଚନ୍ଦ୍ର’, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର ‘ଶତାବ୍ଦୀର ନଚିକେତା’, ‘ନରକିନ୍ନର’, ‘ଯାହାର ପ୍ରଥମ ପାଦ’ ବିଭୂତି ପଟ୍ଟନାୟକଙ୍କର ‘ଏଇ ମନ ବୃନ୍ଦାବନ’, ‘ବଧୂ ନିରୁପମା’, ‘ଚପଳ ଛନ୍ଦା’, ରାଜକିଶୋର ପଟ୍ଟନାୟକଙ୍କର ‘ଚଲାବାଟ’, ‘ସଞ୍ଜବତୀ’, ଜ୍ଞାନୀନ୍ଦ୍ର ବର୍ମାଙ୍କର ‘ଅପରାହ୍ନରେ ଆକାଶ’, ‘ଏକୋଇରର ଛାୟା ସାଥି’ ‘ଅରଣ୍ୟର କୁଜ୍‌ଝଟିକା’, ଦଶରଥି ସାମଲଙ୍କର ‘ଯୋଗାଯୋଗ’, କୃଷ୍ଣପ୍ରସାଦ ମିଶ୍ରଙ୍କର ‘ମୃଗତୃଷ୍ଣା’, ‘ହିଡ଼କଟି’, ଆଦି ଉପନ୍ୟାସଗୁଡ଼ିକ ମନୋବୈଜ୍ଞାନିକ ବିଶ୍ଳେଷଣକୁ ଭିତ୍ତି କରି ଗଢ଼ିଉଠିଛି । ‘କା’ ଉପନ୍ୟାସରେ ବନ୍ଧ୍ୟାନାରୀର ଆକୁଳ ହାହାକାର ପ୍ରକଟିତ ହୋଇଥିଲାବେଳେ ‘ସଞ୍ଜବତୀ’ ଉପନ୍ୟାସରେ ଯୌନବିକାରଗ୍ରସ୍ତ ପ୍ରୌଢ଼ ଅଫିସରଙ୍କର ଯୌନ ବୁଭୁକ୍ଷା, ‘ଏଇ ମନ ବୃନ୍ଦାବନ’ରେ ନୂତନ ବୟଃପ୍ରାପ୍ତ ତରୁଣର ଦୁର୍ବାର ଯୌନପିପାସା, ‘ତାମସୀରାଧା’ରେ ସକଳ ସାମାଜିକତା ଓ ନୈତିକତାର ଅନ୍ତରାଳରେ ଥିବା ଏକ ସୁନ୍ଦରୀ ତରୁଣୀ ବିଧବାର ସୀମାହୀନ ଦ୍ୱନ୍ଦ୍ୱ, ‘ଅମାବାସ୍ୟା ଚନ୍ଦ୍ର’ରେ ମୋହାଚ୍ଛନ୍ନ ଯୁବକର ଗୋଟିଏ ନାରୀପ୍ରତି ବିପୁଳ ସମ୍ବେଦନା, ‘ଯୋଗାଯୋଗ’ରେ ଦୁଇଟି ଅବଦବାନ୍ଧିତ ଯୌବନ ଅତିକ୍ରାନ୍ତନାରୀ ଓ ପୁରୁଷର ମାନସିକ ପ୍ରତିକ୍ରିୟା, ‘ଶତାବ୍ଦୀର ନଚିକେତା’ରେ ତିନିଜଣ ଯୁବକ ଯୁବତୀଙ୍କର ଅନିଶ୍ଚିତ, ଦୋଦୁଲ୍ୟମାନ ଚିତ୍ତବୃତ୍ତି, ‘ଦାନାପାଣି’ରେ ସ୍ୱାମୀଙ୍କୁ ସମାଜରେ ପ୍ରତିଷ୍ଠା ଦେବାପାଇଁ ନାରୀର ଜଳାଞ୍ଜଳି ଓ ଚକ୍କନର ପୁରୁଷର ଅସହାୟତା, ‘କେତେ ଯେ ଅକୁହା କଥା’ରେ ଯୌବନ ବିକାରଗ୍ରସ୍ତ ନାରୀର ଅସହାୟତାବୋଧ, ‘ସନ୍ଧ୍ୟାରଶ୍ମି’ରେ ନାରୀ ଜୀବନର ତିକ୍ତ କରୁଣ ମର୍ମଦାହୀ ଅନୁଭୂତି, ‘ଲସ୍ତ ଭଲସ୍ତ’ରେ ନାରୀ ଓ ପୁରୁଷର ସହଜାତ ପ୍ରବୃତ୍ତିର ଚିନ୍ତାସଂଘର୍ଷ, ‘ନରକିନ୍ନର’ରେ ସ୍ୱପ୍ନାନୁଭୂତି, ‘ନେପଥ୍ୟ’ରେ ଅବଚେତନ ଓ ଅଚେତନ ମନର ବିଶ୍ଳେଷଣ ‘ଅନ୍ଧାବାଟ’;

ଟ୍ରେସବାଲ୍'ରେ ସୂକ୍ଷ୍ମ ମନୋଗ୍ରନ୍ଥିର ଉନ୍ମୋଚନ ଦେଖିବାକୁ ମିଳିଥାଏ । ଗୋପୀନାଥ ମହାନ୍ତି ନାଗମନର ଦ୍ୱନ୍ଦ୍ୱ ଓ ବହୁ ତରୁଣ ପ୍ରେମିକଙ୍କ ସାନ୍ନିଧ୍ୟଜନିତ ହାହାକାରମୟ ଅବସ୍ଥାକୁ ରୂପ ଦେବାକୁ ଯାଇ 'ସହର-ସ୍ମୃତି'ରେ ସ୍ତ୍ରୀ ଜାତିର ଯୌନ ଈର୍ଷାର ଗୁପ୍ତଧାରାର ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ରୂପାୟନ କରିବା ସଙ୍ଗେ ସଙ୍ଗେ ବହୁ ପୁରୁଷର ସାନ୍ନିଧ୍ୟ ଲାଭକରି ନାରୀତ୍ୱର ଅନ୍ତର୍ଦହନ ଅନୁଭବ କରୁଥିବା ସଖି ଚରିତ୍ରର ମନଗହନର ଭାବକୁ ବ୍ୟକ୍ତ କରିଛନ୍ତି —

"ସେ ସ୍ତ୍ରୀ ହୋଇ ନାହିଁ ।
ସେ ଘର କରି ନାହିଁ ।
ସେ ସନ୍ତାନକୁ ଗର୍ଭରେ ଧରିନାହିଁ ।
କ୍ଷୀର ଖୋଇ ନାହିଁ ।
ଛାତି ନାହିଁ କାହାର ଅଧିକାରର ମୋହର,
ମିସେସ୍ ଅମୁକା, ମିସେସ୍ ଧମୁକା ।

କାହାରି ନାହିଁତାର ଅଧିକାର । କେହିତାର ଛଳ ସହିବନାହିଁ,
କେହି ତାର ଅଳି ଶୁଣିବେ ନାହିଁ, ଖାଲି ଦେଲାରେ ନେଲା,
ନେଲାରେ ଦେଲା, ବେପାର ସେତିକି ।
ହସ ଖୁସି ବସ୍ତ୍ର କେବଳ କାଉ ଲୁଚେଇଛି, କାଉ ଉଡ଼ି ଯାଇଛନ୍ତି,
କାନ୍ଦ ଲିଭିଛନ୍ତି ।

× × × ×

ଆମ୍ଭ ଦୃଷ୍ଟିରେ ଭେକ ପିନ୍ଧି କେବଳ ଅନ୍ଧ ସନ୍ଦେହର
ଛିନ୍ନ ମେଘ—ଜୀବନ କଣ ତାକୁ ଫାଙ୍କି ଦେଇନାହିଁ ?
ପଛେ ପଛେ ସହରର ସ୍ମୃତି; କେବଳ ସ୍ମୃତି । ସେ ଘରଣୀ
ହୋଇ ନାହିଁ, ସେ ମା' ହୋଇନାହିଁ; ସେ କ୍ଷୀର ଦେଇନାହିଁ ।"

ଔପନ୍ୟାସିକ ଏହି ଉପନ୍ୟାସରେ ନାରୀ ମନର ସଂଘାତ ଓ ତାର ଅବଚେତନର ବିଳାପକୁ ରୂପାୟନ କରିଅଛନ୍ତି । ସେ ମଧ୍ୟ ଏହି ଯୌନ-ଜିଜ୍ଞାସା ଜନିତ ମନସ୍ତାତ୍ତ୍ୱିକ ଚିତ୍ରକୁ 'ଦାନାପାଣି' ଓ 'ଅନଳ ନଳ'ରେ ପ୍ରକାଶ କରିଅଛନ୍ତି । ବଳଦତ୍ତର ସ୍ତ୍ରୀ ସରୋଜିନୀ ଯେତେବେଳେ ବଡ଼ ହାକିମଙ୍କ ସମ୍ପର୍କରେ ଆସି ଆଧୁନିକା ହୋଇଛି ସେତେବେଳେ ସେ ତାର ନାରୀତ୍ୱକୁ ଉପଭୋଗ କରିବାକୁ ଚାହିଁଛି । ସେ ଆଉ ଆପଣାର ସ୍ୱାମୀକୁ ପସନ୍ଦ ନାହିଁ । ଏକ ପରକୀୟା ଯୌନ ଜିଜ୍ଞାସାର ମନସ୍ତତ୍ତ୍ୱ ଚିତ୍ର ଏଥିରୁ ଦେଖିବାକୁ ମିଳେ ଏବଂ ଅପରପକ୍ଷରେ ଯେତେବେଳେ ବଳଦତ୍ତ ଉପଲବ୍‌ଧି କରିଛି ତାର ସ୍ତ୍ରୀ ଆଉ ତାର ହୋଇ ରହି ନାହିଁ ସେତେବେଳେ ସେ ଗଭୀର ମାନସିକ ଯନ୍ତ୍ରଣା ଓ ଅସହାୟତା ଅନୁଭବ କରିଛି । ସେ ମଧ୍ୟ ତାଙ୍କର 'ମାଟିମଟାଳ' ଓ 'ଦିଗଦିହୁଡ଼ି' ପରି କ୍ଲାସିକ ଗଦ୍ୟ-ମହାକାବ୍ୟରେ ନାରୀ ମନର ଦ୍ୱନ୍ଦ୍ୱକୁ ପ୍ରକାଶ କରିଅଛନ୍ତି । ତେବେ ତାଙ୍କର ଏସବୁ ଉପନ୍ୟାସରେ ମନସ୍ତତ୍ତ୍ୱ ଅଛି ମାତ୍ର ଚେତନା ପ୍ରବାହ ନାହିଁ ବା ଅବଚେତନର ଅବ୍ୟକ୍ତ ଭାବନାର ଉଦ୍‌ଘାଟନ ନାହିଁ । 'ପରଜା' ଉପନ୍ୟାସରେ ସେ ଯୌନ ଜିଜ୍ଞାସାର ଶୋଷଣକୁ ଦେଖାଇ ଅଛନ୍ତି । ସେଥିରେ ମଧ୍ୟ ମନସ୍ତାତ୍ତ୍ୱିକ ଚିତ୍ର ଅଛି । ତେବେ ଗୋପୀନାଥ ଯୌନଚେତନା ଭିତ୍ତିକ ଯେଉଁ ମନସ୍ତାତ୍ତ୍ୱିକ ଚିତ୍ର ପ୍ରଦାନ କରିଛନ୍ତି ତାହା ଜୀବନର ରହସ୍ୟ ଉନ୍ମୋଚନପାଇଁ ସାହାଯ୍ୟ କରିଥାଏ । ତାଙ୍କର 'ଆକାଶ ସୁନ୍ଦରୀ' କିନ୍ତୁ ଅବଚେତନ ମନର ଚେତନାପ୍ରବାହର ଏକ ନୂତନ ପରୀକ୍ଷା । ବିଚ୍ଛିନ୍ନ ବ୍ୟକ୍ତିସତ୍ତାର ଏହା ଏକ ମନସ୍ତତ୍ତ୍ୱ ବିଶ୍ଳେଷଣ ।

ଗୋପୀନାଥଙ୍କ 'ଲୟବିଳୟ' ଚେତନା ପ୍ରବାହଭିତ୍ତିକ ଉପନ୍ୟାସ (Stream of Consciousness novel) । ଏଥିରେ କୌଣସି ନିର୍ଦ୍ଦିଷ୍ଟ କାହାଣୀ ନାହିଁ; ଅଛି ବହୁ ବିକ୍ଷିପ୍ତ ଚିନ୍ତାର ପ୍ରବାହ । କଲିକତା ମହାନଗରୀର ସ୍ୱଳ୍ପବେତନଭୋଗୀ କର୍ମଚାରୀ ତରୁଣ ବାବୁ ମାତ୍ର ତିନଦିନ ଛୁଟି ନେଇ ପତ୍ନୀ କାନ୍ତିମୟୀ ଓ କନ୍ୟା ଲଳନା ସହିତ ଆସିଥିଲେ ପୁରୀକୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନପାଇଁ । ପୁରୀ ବେଳା ଭୂମିରେ ସେମାନେ

ଆସିଛନ୍ତି ଆଉ ଦୁଇଜଣ ଚରିତ୍ର ସମ୍ପର୍କରେ—ଜଣେ ଅଶୀତି ସାମନ୍ତସିଂହାର ଓ ଆଉ ଜଣେ ଜୀବନବୀମା ଏଜେଣ୍ଟ ବିମାନ ବାବୁ । ଏଇ ପାଞ୍ଚଟି ଚରିତ୍ର ମୁଖ୍ୟ ଏବଂ ଅନ୍ୟାନ୍ୟ ଯେଉଁସବୁ ଚରିତ୍ର ଅଛନ୍ତି ସେସବୁ ଗୌଣ । ଏଥିରେ ସମୁଦ୍ର ଯେପରି ହୋଇ ଉଠିଛି ଏକ ମୁଖ୍ୟ ପ୍ରାଣସତ୍ତା—ଅନ୍ୟ ଅର୍ଥରେ ସବୁ ଚରିତ୍ରର କେନ୍ଦ୍ରବିନ୍ଦୁ ରୂପେ ଏକ ମହାନ ଚରିତ୍ର । ସମୁଦ୍ର ଓ ଶ୍ରୀ ଜଗନ୍ନାଥ ଭିତରେ ଅତୀନ୍ଦ୍ରିୟ ଭାବସତ୍ତାର ତନ୍ମୟତା ଆସିଛି ତରୁଣ ସ୍ୱପ୍ନଙ୍କର । ସେଠି ମିଳିଯାଇଛି ଏକ ବିନ୍ଦୁରେ ଅତୀତ-ବର୍ତ୍ତମାନ ଓ ଭବିଷ୍ୟତ । ତରୁଣ ସ୍ୱପ୍ନଙ୍କର ବର୍ତ୍ତମାନ ସ୍ମୃତି ଭିତରକୁ ଆସି ଯାଉଛି ସୁଦୂର ଅତୀତ ଏବଂ ଏହା ଲମ୍ବି ଯାଉଛି ଅନାଗତ ଭବିଷ୍ୟତକୁ । ପୁଣି ସବୁ ମିଳି ଯାଉଛି ବର୍ତ୍ତମାନରେ । ଏହା ଅନୁଭବ ହୋଇଛି କାନ୍ତମଣି, ଛଳନା ଓ ବିମାନ ବାବୁଙ୍କର । ଛଳନାର "ଜୀବନ ଭିତରେ ସତେକି ତିନିକାଳର ଅଲଗା ଖୋପ ନାହିଁ, ସବୁ ଏକାଠି ।" ତାର ମନ ଭିତରୁ ପୁଣି ସବୁ କାଳର ଭେଦ ଲୋପ ପାଇ ଯାଉଛି ସମୁଦ୍ରର ବିଶାଳ ବ୍ୟାପ୍ତି ଦର୍ଶନ କରି—"ସେଇ ମନ ଭିତରେ ଭାବ ରାଜ୍ୟରେ ସେଥିଲା, ଯେଉଁଥିରେ ସମୟ ନାହିଁ, ବର୍ତ୍ତମାନ କି ଅତୀତର ଭେଦ ନାହିଁ ।" ସେହି ମହାସମୁଦ୍ର ଭିତରେ ପୁଣି ତରୁଣସ୍ୱପ୍ନ ଉପଲବ୍ଧି କରିଛି ସ୍ଥାନ, ପାତ୍ର, ଭାଷା, ଜାତି, କାଳ ସବୁଭେଦ ମିଶିଯାଇ ଏକାକାର ହୋଇ ଯାଉଛି । ସମୁଦ୍ରରୁ ଶ୍ରୀ ଜଗନ୍ନାଥ, ଶ୍ରୀ ଜଗନ୍ନାଥରୁ ସମୁଦ୍ର—ଏହାରି ଭିତରେ ଚେତନାର ଘଟିଛି ଉତ୍ତରଣ । ସମୁଦ୍ରକୁ ଦେଖି ତରୁଣସ୍ୱପ୍ନ ଅତୀତର ସ୍ମୃତି ସ୍ମରଣ କରିଛନ୍ତି । ବର୍ତ୍ତମାନର ପୃଷ୍ଠଭୂମିରେ ଅତୀତର ସକଳ ପରଦା ଗୋଟି ଗୋଟି କରି ଖୋଲି ଯାଉଛି । ସେଇଠି ସେ ମହାସମୁଦ୍ରର ମହାଶୂନ୍ୟତା ଓ ମହାବିସ୍ମୃତି ଭିତରେ ନିଜକୁ ହଜାଇ ଦେଇ ଭାବେ—"ସ୍ତ୍ରୀ ନାହିଁ, ଝିଅ ନାହିଁ, ବୃତ୍ତି ନାହିଁ, ପରିଚୟ ନାହିଁ, ଖାଲି ବିନ୍ଦୁ ଆଉ ସିନ୍ଧୁ, ମହାଶୂନ୍ୟ, ମହାବିସ୍ମୃତି, ମହାକାଳ ଭିତରେ କେବଳ ନିମିଷ ସ୍ପନ୍ଦନର ଅନୁଭୂତି ।" ଏଇ ଅତୀନ୍ଦ୍ରିୟ ଭାବାନୁଭୂତି ପୁଣି ଅବତରଣ କରି ଆସିଅଛି ସ୍ୱର୍ଗଦ୍ୱାରର ଚିତାକୁ ଦେଖି ସକରୁଣ ମୃତ୍ୟୁ ଚେତନା ଭିତରକୁ । ପୁଣି ଆପଣାର ସ୍ତ୍ରୀ ସହିତ

ଆଲାପ କରୁଥିବା ଅଚହ୍ନା ଯୁବକକୁ ଦେଖି ତାର ଚେତନା ଫେରି ଯାଉଛି ଯୌବନ ଅବସ୍ଥାର ଲୋଭନୀୟ ଅନୁଭୂତି ମଧ୍ୟକୁ-ସେଠି ନର୍ମଳା ଓ ପ୍ରତିମାର ରୂପ କ୍ଷଣକ ପାଇଁ ଚହଟି ଉଠିଛି-ଅବଚେତନର ଯୌନାବେଗ ଚହଲି ଯାଉଛି । ଠିକ୍ ଏଇପରି ମଧ୍ୟ କାନ୍ତିମୟୀଙ୍କର ସୃଷ୍ଟି ହୋଇଛି ଅତୀତର ସ୍ମୃତି ସ୍ମରଣ ଜନିତ ମାନସିକ ଗ୍ଲାନି । ଅପର ପକ୍ଷରେ ଛଳନାର ନାରୀତ୍ୱ ଉତ୍କଣ୍ଠିତ ହୋଇ ଉଠିଛି ଅଈଁଠୁର ସାନ୍ନିଧ୍ୟ ପାଇଁ ମାତ୍ର ସେଠି ସେ ଉପଲବ୍ଧି କରୁଛି ନୈରାଶ୍ୟ । ତାର ନାରୀତ୍ୱ ହାହାକାର କରି ଉଠିଛି । "ସେ ଖାଲି ଅନୁଭବ କଲା ଏକପ୍ରକାର ନିଷ୍ଫଳତା, ଗୋଟାଏ ନୈରାଶ୍ୟ । ଯେପରିକି ବାଦବୁଦଆ ହୋଇ ସେମାନେ ଗୋଡ଼ଆଗୋଡ଼ି ହେଉଥିଲେ, ସେ ମହାଉଲ୍ଲାସରେ ମହା ଉତ୍ତେଜନାରେ ଆଗେ ଆଗେ ଦୌଡ଼ି ଦୌଡ଼ି ଆସୁଥିଲା କାଳେ ପଛରୁ ଆସିକ ତାକୁ ଧରି ପକାଇବ ବୋଲି, ତା'ପରେ ହଠାତ୍ ପଛକୁ ଅନାଇଁ ସେ ଦେଖିଛି କେହି ତାକୁ ଗୋଡ଼ାଉ ନାହିଁ, ପଛରେ କେହି ନାହିଁ, ନିଛାଟିଆ ବେଳାଭୂମିରେ ସେ ଖାଲି ଏକୁଟିଆ । ବସିଛି ଜଣେ ହିଁ, ହେଇ ତାର କଡରେ ବସିଛି ; ସେ ଜୀଅନ୍ତା ମଣିଷ ନୁହେଁ, ଗୋଟିଏ ପଥର ମୂର୍ତ୍ତି । ମନ ତା'ର ପ୍ରାଣପଣେ ଅନକରି ଯାଉଛି, ଆବେଗ ଆଉ ନିରାଶାର କୋହରେ, ପଥରମୂର୍ତ୍ତି ମଣିଷ ହିଁ, ପଥରମୂର୍ତ୍ତି ମଣିଷ ହିଁ, ମନ ବୁଝୁଁଛି ପଥର ମୂର୍ତ୍ତି ମଣିଷ ହେବ ନାହିଁ ; ସେ ଖାଲି ସୁନ୍ଦର ସ୍ଥାପତ୍ୟ ।" ଶମାନବାବୁ ମଧ୍ୟ ସେଇ ଅତୀତର କରୁଣ ସ୍ମୃତି ସ୍ମରଣ କରିଛନ୍ତି । ଅତୀତର ନେପଥ୍ୟରେ ଥିବା ଏଇ ମଣିଷମାନଙ୍କର ଅଶ୍ରୁଳ ବ୍ୟକ୍ତିସତ୍ତା ବର୍ତ୍ତମାନ ପୃଷ୍ଠଭୂମିରେ ଜାଗ୍ରତ ହୋଇ ଉଠିଛି । ତରୁଣବସୁ, କାନ୍ତିମୟୀ ଓ ଛଳନାର ମନ ଭିତରକୁ ଅତୀତ ଆସିଛି, ଆସିଛି କଲିକତା ମହାନଗରୀର ସ୍ମୃତି ଏବଂ ବର୍ତ୍ତମାନର ପୁରୀ ସମୁଦ୍ର ଓ ଶ୍ରୀ ଜଗନ୍ନାଥ ଭିତରେ ତାହା ସମାହିତ ହୋଇଛି । ତଥାପି ଏଇ ଦ୍ୱନ୍ଦ୍ୱ ସେମାନଙ୍କ ମନ ଭିତରେ ସୃଷ୍ଟି ହୋଇଛି ବାରମ୍ବାର । ପ୍ରତ୍ୟେକଟି ଚରିତ୍ରର ଅବଚେତନର ଅବାରିତ ପ୍ରବାହ ଓ ଅତୀତର ସ୍ମୃତି ମନ୍ଥନ ଜନିତ କାରୁଣ୍ୟବୋଧ ଏହି ଉପନ୍ୟାସଟିକୁ ପ୍ରାଣବନ୍ତ କରିଅଛି ।

ତେବେ ଏଥିରେ ଅବଚେତନର ଚେତନା ପ୍ରବାହ ଥିଲେହେଁ, ମନ ଗହନର ସଙ୍ଗୁପ୍ତ ଯୌନ ଜିଜ୍ଞାସାର ସ୍ୱରୂପ ଉନ୍ମୋଚିତ ହୋଇଥିଲେ ହେଁ ମନେହୁଏ ଏହା ଲେଖକଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ତତ୍ତ୍ୱନିଷ୍ଠ ମନର ଅଭିବ୍ୟକ୍ତି ହୋଇ ପଡ଼ିଛି ।

କାହ୍ନୁଚରଣ ତାଙ୍କର ସମସ୍ତ ଉପନ୍ୟାସରେ ନାରୀ ମନର ଦ୍ୱନ୍ଦ୍ୱକୁ ଫ୍ରଏଡ଼ୀୟ ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ରୂପାୟନ କରି-ଅଛନ୍ତି । 'ଢ଼େଙ୍କା ଢେଙ୍କୀ' ଉପନ୍ୟାସରେ ଚେତନା ପ୍ରବାହଧାରକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—"ଦେହର ସୀମା ଅଛି । ମନର ସୀମା ନାହିଁ । କାଳ ଓ ବ୍ୟବଧାନ ମନର କେଉଁ କୋଣରେ ହଜି ଯାଆନ୍ତି, ଲୁଚି ଛପି ଯାଆନ୍ତି । ଅନ୍ଧାର ରାତିରେ ନିଉଁ ଅଲୁଅ ଜୁଳିଗଲା ପରି ମନର ଅଲୁଅ ଜୁଳି ଯାଏ । ଅତୀତକୁ ଆଲୋକିତ କରେ । ବର୍ତ୍ତମାନ ଚଞ୍ଚଳ, ଦୈର୍ଘ୍ୟ ପ୍ରସ୍ଥ ହୀନ ହୋଇଯାଏ । ମନର ଅଲୁଅ ହେଉଛି ପ୍ରାଚୀରକୁ ଭେଦ କରିବାକୁ ସାହସ କରେ, ପାରେ ବା ନ ପାରେ ; ହେବରେ ବା ଫେରେ ।" କାହ୍ନୁଚରଣ ନାରୀମନର ଅବ୍ୟକ୍ତ ଭାବକୁ ତାଙ୍କର ଉପନ୍ୟାସମାନଙ୍କରେ ରୂପ ଦେଇଅଛନ୍ତି । 'ଶାସ୍ତି'ରେ ଧୋବା ମନର ଅକୁହା ବ୍ୟଥା, 'ଝଞ୍ଜା'ରେ ଷଣ୍ଢପ୍ରଭୁର ନ ସ୍ୱଭାବର ହାହାକାର ଓ ପାର୍ବତୀର ମାନସିକ ସଂଘର୍ଷ, 'ତୁଣ୍ଡବାଇଦ'ରେ ତୁଳସୀର ମାନସିକ ସଂଘର୍ଷ, 'ବଜ୍ରବାହୁ'ରେ ଅଦ୍ଭୁତର ମାନସିକ ଦ୍ୱନ୍ଦ୍ୱ, 'ପରକୀୟା'ରେ ସରସୀର ମନଗହନର ଲୁଚକାଳି ଖେଳ, 'ଅଦେଖା ହାତ'ରେ ଗୀତା ଜୀବନରେ ପୁରୁଷର ଶୋଷଣଯାତ୍ରା 'କା' ଉପନ୍ୟାସରେ ଲଳିତାର ହରକୁଣୀ ନନ୍ଦିକା ପ୍ରତି ଯୌନ-ଈର୍ଷା । ଏହି ନାନା କଥାକୁ ସେ ସୁନ୍ଦର ଭାବରେ ପ୍ରକାଶ କରିଅଛନ୍ତି । ତେବେ ଏ ସବୁଥିରେ ଅଛି ଦେହପାଇଁ ମନର ଦ୍ୱନ୍ଦ୍ୱ । ଏକ ପକ୍ଷରେ ଦେହର ଦୁର୍ବାର ଭୋଗ କାମନା ଏବଂ ଅନ୍ୟ ପକ୍ଷରେ ମନ ଗହନର ଶୁଭ୍ର ସଂଘର୍ଷ,—ତାଙ୍କର ଉପନ୍ୟାସଗୁଡ଼ିକୁ ଋଦ୍ଧିସମୃଦ୍ଧ କରିଅଛି । କାହ୍ନୁଚରଣଙ୍କ ନାରୀ ସମାଜ ପ୍ରାୟତଃ ପରକୀୟା । ତେଣୁ ସେମାନଙ୍କର

ମଣିଷ ଚୈତନ୍ୟର ଦ୍ୱନ୍ଦ୍ୱ—ସଂଘର୍ଷ ଓ ବିସ୍ଫୋରଣକୁ ଲେଖକ ରୂପାୟିତ କରିଛନ୍ତି । ଅବଚେତନମନର ଦୁର୍ବାର ଆକର୍ଷଣ ଏବଂ ଚେତନ ମନର ସଂସ୍କାର—ଏହାରି ମଧ୍ୟରେ ଦ୍ୱନ୍ଦ୍ୱକୁ ଦେଖାଇଛନ୍ତି କାହ୍ନୁଚରଣ । ସେ ଏକ ମନକଣା କାହାଣୀ ପରିକଳ୍ପନା କରି ସେଥିରେ ଚରିତ୍ରକୁ ସଂଯୋଜନା କରନ୍ତି । ସେ କହନ୍ତି—"ଆଗ କାହାଣୀର କଳ୍ପନା, ତାପରେ କାହାଣୀକୁ ରୂପାୟିତ କରିବାର ଚରିତ୍ରଗୁଡ଼ିକ ନାୟକ ଓ ନାୟିକାମାନେ । × × × ପାଠକପାଠିକାମାନେ ଗୃହାନ୍ତୁ ମନକଣା କାହାଣୀ ।" ଯେହେତୁ କାହ୍ନୁଚରଣ କାହାଣୀ ଉପରେ ଗୁରୁତ୍ୱ ଦେଇଛନ୍ତି ସେହିହେତୁ ତାଙ୍କର ଉପନ୍ୟାସଗୁଡ଼ିକରେ ମନସ୍ତତ୍ତ୍ୱ ଥିଲେହେଁ ତାହା କାହାଣୀକୁ ପରିପୁଷ୍ଟ କରିବାପାଇଁ ଉଦ୍ଦିଷ୍ଟ ।

ରାଜକିଶୋର ପଟ୍ଟନାୟକଙ୍କର 'ଚଲାବାଟ', 'ହଞ୍ଜିବଣି', 'ସିନ୍ଦୂରଗାର' ପରି ଉପନ୍ୟାସଗୁଡ଼ିକ ଆଧୁନିକ ସହରୀ ସଭ୍ୟତା ସଞ୍ଜାତ ଅଭିଜାତ ନରନାରୀଙ୍କର ପ୍ରେମ ଓ ତଜ୍ଜନିତ ସମସ୍ୟାକୁ ନେଇ ରଚିତ । 'ଚଲାବାଟ' (୧୯୫୭) ଉପନ୍ୟାସରେ ଅମରେନ୍ଦ୍ର ଓ ସୀତାର ପ୍ରେମର ଗୁଞ୍ଜରଣ, ସୀତାର ଜୀବନରେ ପ୍ରୌଢ଼ ବିପତ୍ନୀକ ଅଧ୍ୟାପକ ପ୍ରସାଦର ଆବିର୍ଭାବ, ଅମରେନ୍ଦ୍ରର ସମ୍ପର୍କରେ ସୁମନ୍ତର ଆଗମନ—ଉପନ୍ୟାସଟିର କଥାବସ୍ତୁକୁ ବେଶ୍ ଭାବପୂର୍ଣ୍ଣ କରିଅଛି । ସେଇ ଯୌନ ଜିଜ୍ଞାସା ଓ ତଜ୍ଜନିତ ମଣିଷର ଅସହାୟତା ଓ ମାନସିକ ସଂଘର୍ଷହିଁ ଏହି ଉପନ୍ୟାସର ଭାବସତ୍ତା । "କାଗାଳଅମନ ବଡ଼ ଅବୁଝା, ତାର ଯୁକ୍ତି ବଡ଼ ବିକୃତ ।"—ଏଇ ସତ୍ୟକୁ ଲେଖକ ପ୍ରକାଶ କରିଛନ୍ତି ବିଭିନ୍ନ ଚରିତ୍ର ମାଧ୍ୟମରେ । ଅମରେନ୍ଦ୍ର ଜୀବନରେ ସୀତା ଓ ସୁମନ୍ତର ଆବିର୍ଭାବ ଘଟିଥିଲେହେଁ ସେ ଦୀର୍ଘଶ୍ୱାସ ପକାଇ ଭାବେ—"ପ୍ରକୃତରେ ତାର ମନର ମଣିଷ, ମାନସୀ ପ୍ରତିମା କିଏ ?—ସୀତା ନା ସୁମନ୍ତି ?—ନା ଏମାନଙ୍କ ମଧ୍ୟରୁ କେହି ନୁହନ୍ତି ?" ଏଇ ମାନସିକ ଦ୍ୱନ୍ଦ୍ୱକୁ ଲେଖକ ରୂପାୟନ କରିଅଛନ୍ତି ଚମତ୍କାର ଭାବରେ । ରାଜକିଶୋର ପଟ୍ଟନାୟକଙ୍କ ପରି ନିତ୍ୟାନନ୍ଦ ମହାପାତ୍ର ମଧ୍ୟ ଆଧୁନିକ ଯୌନ ବିକାର

ଛନ୍ତି ନରନାରୀଙ୍କର ମାନସିକ ଭାବାବେଗକୁ ନେଇ ରଚନା କରିଛନ୍ତି 'ଜୀଅନ୍ତା ମଣିଷ' (୧୯୭୬) ଓ 'ଗୀରନ୍ତି ପଥ ଖସଡ଼ା' ପରି ମନସ୍ତାତ୍ତ୍ୱିକ ଉପନ୍ୟାସ । 'ଗୀରନ୍ତି ପଥ ଖସଡ଼ା'ରେ ସୁମିତା ପରି ଦେହଭୋଗିନୀ ନାରୀର ଜୀବନରେ ଚାଲିଛି କେତେ ପୁରୁଷ ପ୍ରେମିକଙ୍କର ଶୋଭାଯାତ୍ରା । ଏଥିରେ ପ୍ରେମ ନାହିଁ; ଅଛି ଦେହର ଲାଳସା । ତେଣୁ ଲେଖକ କହନ୍ତି— "ଏ ଯୁଗର ଯୁବକ ଯୁବତୀଙ୍କର ଭଲପାଇବା ଆଉ ଆତ୍ମା ଶୁଦ୍ଧ ନାହିଁ ...ଗୋଟିଏ ଦେହ ଭଲପାଇବା ବାଟରୁ ହଟିଗଲେ ଆଉ ଗୋଟିଏ ବା ଅନେକ ସେ ବାଟରେ ହାବୁଡ଼ନ୍ତି ।" 'ଜୀଅନ୍ତା ମଣିଷ' ଉପନ୍ୟାସରେ ଦେହ ଆଉ ମନର ଦ୍ୱନ୍ଦ୍ୱକୁ ସଫଳ ଭାବରେ ପ୍ରକାଶ କରିଛନ୍ତି ଲେଖକ ଏଥିରେ ସେ ଉଲ୍ଲେଖ କରିଛନ୍ତି—"ଭଲ ପାଇବାଟା କେବେହେଁ ପାପ ନୁହେଁ । ମଣିଷର ଦେହ ଅଛି, ମନ ଅଛି, ପ୍ରାଣ ଅଛି । ମଣିଷ ତାକୁ ଛୁଇଁ—ତାର ଖାତିରରେ ଯାହାକରିପିବ ସେଟା ଅନ୍ୟାୟ ହେବ— ଆଉ ମଣିଷ ଯେଉଁଟା ମିଛ—ଯେଉଁଟା ଅସମ୍ଭବ ତା'ର ଧାରଣା କରି ଖାଲି ଧର୍ମ ନ୍ୟାୟ ବୋଲି ଚିତ୍କାର କରୁଥିବ—ସେଇଟା ନାଁ ନ୍ୟାୟ ?" ଜୀଅନ୍ତା ମଣିଷର ମନ ଗହନର ଅବ୍ୟକ୍ତ କଥାକୁ ଲେଖକ ରୂପାୟନ କରିଛନ୍ତି । ଅବଚେତନର ଉଦଗ୍ର ଯୌନାକାଂକ୍ଷାକୁ ଆଦର୍ଶର ବାନ୍ଧ ଦେଇ ଅବଦମନ କରିହୁଏ ନାହିଁ । ଲେଖକ ତେଣୁ କହନ୍ତି—"ଆଉ ମନ ! ମନ ଉପରେ କାହାର ହାତଅଛି ? ମନ କାହାରନାହିଁ ? ଛାତିରେ ହାତରଖି କହ—କିଏ ମନକୁ ଆପଣା ଅକ୍ତିଆରରେ ଧରି ରଖି ପାରିଛି ? ମନଟା ମଣିଷର ଏତେ ଆପଣାର ଯେ ତାକୁ ଜୋର ଜବରଦସ୍ତି କରି ହୁଏନାହିଁ । ମନର ଅନୁଯୋଗ, ମନର ଅଳି, ମନର ବାଧବାଧକତାକୁ ଏଡ଼ି ପାରିବ କିଏ ? ମନ ଯେତେବେଳେ ଦୁଷ୍ଟପିଲାଙ୍କ ଭଳିଅମାନିଆ ହୁଏ, ସେତେବେଳେ ତାକୁ ସମ୍ଭାଳିବ, କାର କ୍ଷମତା ? ହଁ ମାନୁଛି, ମନକୁ ବାନ୍ଧି ରଖିବାର ବାହାଦୁରି ଅଛି । କିନ୍ତୁ ଅତି ଆପଣାର ଅଲିଅଳ ଏଇ ମନକୁ ଏମିତି ଯନ୍ତ୍ରଣା ଦେଇ ନିଜକୁ କେତେ ଯନ୍ତ୍ରଣା ଭୋଗ କରିବାକୁ ହୁଏ ସେତକ ବୁଝିବାକୁ କିଏ କାହାର ବାକି

ଅଛି ?" ମଣିଷ ମନର ସେଇ ଆଦିମ ଆକାଂକ୍ଷା ଭିତର ଦେଇ ଦେହ, ମନ ଓ ପ୍ରାଣର ସଂଘର୍ଷକୁ ଲେଖକ ଉକ୍ତ ଉପନ୍ୟାସରେ ରୂପାୟନ କରିଅଛନ୍ତି ।

ସୁରେନ୍ଦ୍ର ମହାନ୍ତି ମଧ୍ୟ ତାଙ୍କର ଉପନ୍ୟାସମାନଙ୍କରେ ନାରୀମନର ଦ୍ୱନ୍ଦ୍ୱକୁ ଦେଖାଇଅଛନ୍ତି । 'କଲେଜବସ୍ତି' (୧୯୫୭) ଉପନ୍ୟାସ ୧୯୭୧ରେ 'ପ୍ରଜାପତି' ନାମଧାରଣ କରି ପୁନଃ ପ୍ରକାଶିତ ହୋଇଅଛି । ପତ୍ରଶୈଳୀରେ ଏହି ଉପନ୍ୟାସ ରଚିତ । ମଞ୍ଜୁଶ୍ରୀ ଓ କରବୀର ପତ୍ର ବିନିମୟ ମଧ୍ୟ ଦେଇ ଉପନ୍ୟାସର କଥାବସ୍ତୁ ଆଗେଇ ଚାଲିଛି । ଏଥିରେ କରବୀର ଉକ୍ତି ମଧ୍ୟଦେଇ ପ୍ରକାଶିତ ହୋଇଛି— "ଭଲପାଇବା ଯୌନକ୍ଷୁଧା ଉପରେ କେବଳ ଗୋଟାଏ ରଙ୍ଗୀନ ପାଲିସ୍ ମାତ୍ର ।" ତଥାପି ଏହି ଉପନ୍ୟାସରେ ଲେଖକ କହିଛନ୍ତି—"ବିବାହ ନାରୀକୁ ପୂର୍ଣ୍ଣ କରେ ଯୌବନ ମଦର ସୌନ୍ଦର୍ଯ୍ୟରେ ଏକ ଅପୂର୍ବ ସ୍ନିଗ୍ଧତା ଆଣେ ।" ଯୌନତା ଓ ବିବାହ ମଧ୍ୟରେ ଦ୍ୱନ୍ଦ୍ୱକୁ ଏହି କ୍ଷୁଦ୍ର ଉପନ୍ୟାସରେ ଦେଖାଇ ଦିଆଯାଇଥିଲା ବେଳେ 'ବଧୂ ଓ ପ୍ରିୟା' ଉପନ୍ୟାସରେ ଆବେଗ ଓ ବାସ୍ତବତା, ହୃଦୟର ଅନାପେକ୍ଷିକ ସ୍ପନ୍ଦନ ସହିତ ସମାଜର ପ୍ରତିଷ୍ଠିତ ମୂଲ୍ୟବୋଧର ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ପ୍ରକାଶ କରାଯାଇଅଛି । ଏହିପରି ନାରୀମନର ଦ୍ୱନ୍ଦ୍ୱ ଓ ସଂଘର୍ଷ 'ଅନ୍ଧଦିଗନ୍ତ' ଓ 'ନୀଳଶୈଳ' ପରି ଉପନ୍ୟାସରେ ମଧ୍ୟ ଅଛି । 'ହଂସଗୀତି' ଉପନ୍ୟାସରେ ଅଛି ଆଧୁନିକ ଯୌନ ଅବସାଦଗ୍ରସ୍ତ ସହରୀ ମଣିଷର ତୀବ୍ର ମାନସିକ ସଂଘର୍ଷ ଓ ଅସହାୟତା ।

ମହାପାତ୍ର ନୀଳମଣି ସାହୁଙ୍କର 'ତାମସୀରାଧା' ଓ 'ଧସ୍ର ଓ ଧାରା'ରେ ମଧ୍ୟ ଆଧୁନିକ ଅଭିଜାତ ମଣିଷର ଅଛି ମାନସିକ ଦ୍ୱନ୍ଦ୍ୱ ଓ ସଂଘର୍ଷ । ଆଦର୍ଶର ପରିବୃତ୍ତ ଭିତରେ ବାସ୍ତବ ମଣିଷର ଯୌନାକାଂକ୍ଷା ଜନିତ ଚରିତ୍ରସଂଘର୍ଷହିଁ ତାଙ୍କର ଉପନ୍ୟାସକୁ କରିଛି ରସବନ୍ତ । ଚନ୍ଦ୍ରଶେଖର ରଥଙ୍କର 'ଯନ୍ତ୍ରାରୂଢ଼'ରେ ପତ୍ନୀବିୟୋଗ ବିଧୁର ସନାତନ ଦାସଙ୍କର ମାନସିକ ସଂଘର୍ଷ ଓ ଏକାକୀତ୍ୱବୋଧ ବାସ୍ତବିକ ସେହି

ଉପନ୍ୟାସକୁ ଏକ କ୍ଲାସିକ ମୂଲ୍ୟ ପ୍ରଦାନ କରିଅଛି । ତାଙ୍କର 'ଅସୂର୍ଯ୍ୟ ଉପନିବେଶ' ଆଧୁନିକ ସହରୀ ସଭ୍ୟତାର ବିକୃତ ଯୌନଜୀବନର ଏକ ମାର୍ମିକ ଆଲେଖ୍ୟ । 'ଯନ୍ତ୍ରାରୂଢ଼'ରେ ସନାତନ ଦାସଙ୍କର ଚିତ୍ତବୃତ୍ତିର ସଂଘର୍ଷ 'ଅସୂର୍ଯ୍ୟ ଉପନିବେଶ'ରେ ଜୟନ୍ତମାନଙ୍କ ଚିତ୍ତବୃତ୍ତିର ସଂଘର୍ଷରେ ଭିନ୍ନ ପରିବେଶ ମଧ୍ୟ ଦେଇ ରୂପାନ୍ତରିତ ହୋଇଅଛି । ଏଥିରେ ଜୟନ୍ତ ପରିଡ଼ା ପରି ନାରୀମାଂସଲୋଲୁପ ଅଫିସରର ଉତ୍କଟ ଯୌନାଭିଳାଷ, ସୁଜାତା-ପରି ଆଧୁନିକା ଶିକ୍ଷିତା ନାରୀର ସ୍ୱାମୀ, ସନ୍ତାନ ଓ ପରିବାରକୁ ଛାଡ଼ି ଅନ୍ୟ ପୁରୁଷମାନଙ୍କ ସହିତ ନିର୍ବିକାର ଯୌନସମ୍ଭୋଗ ଓ ଜୀବନକୁ ଉପଭୋଗ କରିବାର କାମନା, ହରମ୍ବର ମଙ୍ଗରାଜଙ୍କ ଔରସଜାତ ଜୟନ୍ତ ପରିଡ଼ାର ପରମ୍ପରାହୀନତା ଓ ତାଙ୍କର ପୁତ୍ରବଧୂ ସହିତ ଜୟନ୍ତର ସମ୍ଭୋଗରେ ମାନସିକ ପ୍ରତିକ୍ରିୟା, ସେହି ପ୍ରତିକ୍ରିୟାରେ ଆପଣାର ନାତୁଣୀ ଛଦର ଗଳା ଚିପି ଦେବା ଓ ନିଜେ ତାହାର ଯନ୍ତ୍ରଣା ଅନୁଭବ କରି ମୃତ୍ୟୁବରଣ କରିବା, ସ୍ତ୍ରୀର ଅବାଧ ଯୌନ ସମ୍ଭୋଗ ଫଳରେ ହରମ୍ବର ମଙ୍ଗରାଜଙ୍କର ତାହାର ମାନସିକ ଅସହାୟତା—ଏହି ଉପନ୍ୟାସଟିକୁ ବାସ୍ତବିକ ଏକ କାଳଜୟୀ ମୂଲ୍ୟ ପ୍ରଦାନ କରିଅଛି । ଆଧୁନିକ ସହରୀ ସଭ୍ୟତା ସଞ୍ଜାତ ବସ୍ତୁବାଦୀ ମଣିଷର ଉଗ୍ର ଯୌନାଭିଳାଷ, ପରଂପରା ଓ ପ୍ରତିଷ୍ଠିତ ମୂଲ୍ୟବୋଧ ପ୍ରତି ବୀତସ୍ପୃହତା, ପରମ୍ପରାହୀନ ବ୍ୟକ୍ତିର ପ୍ରତିଷ୍ଠା ପାଇଁ ଦୁର୍ବାର କାମନା, ଆଦି ନାନା ମାନସିକ ଭାବାବେଗକୁ ଔପନ୍ୟାସିକ ଚେତନା ପ୍ରବାହ ଭଙ୍ଗିରେ ପ୍ରକାଶ କରିଅଛନ୍ତି । ଅବଚେତନର ଭାବଧାରା ଏକ ଅବିଚ୍ଛିନ୍ନ ସ୍ରୋତସ୍ୱିନୀ ରୂପେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରବାହିତ ହୋଇଅଛି ।

ଶାନ୍ତନୁ ଆଚାର୍ଯ୍ୟ ସର୍ରିଅଲିଜମ୍‌ର ଭିତ୍ତିଭୂମି ଉପରେ ରଚନା କରିଛନ୍ତି 'ଶତାବ୍ଦୀର ନଚିକେତା' ଓ 'ନରକିନ୍ନର' ପରି ଉପନ୍ୟାସ । ନରକିନ୍ନର' ଉପନ୍ୟାସରେ ମଣିଷ ମନର ଅତଳ ରହସ୍ୟ ଉନ୍ମୋଚିତ । ଏହି ଉପନ୍ୟାସରେ ସେ ଲେଖିଛନ୍ତି—''ନର ଆଉ କିନ୍ନର (ନରକ) ଦୁହେଁ ପାଖାପାଖି କିନ୍ତୁ ଜଣେ ମଣିଷ ଆଉ ଜଣେ ତାର ସଂକେତ ମାତ୍ର । ଏ ଦୁହିଁଙ୍କ ମଧ୍ୟରେ କିଏ ବଡ଼ ଆଉ କିଏ ଶ୍ରେଷ୍ଠ କେଜାଣି କିନ୍ତୁ ଶ୍ରେଷ୍ଠ

ବସ୍ତୁର ବିଶ୍ୱର କାହିଁକି ? ଚେତନଶୀଳ ମନ ସବୁ ସମାନ ଆସନରେ ଥୁଏ । କାରଣ ଚେତନ ମନ ଏକ ସରଳରେଖାରେ ଯିବାପାଇଁ ପସନ୍ଦ ନକରି ବରଂ ଏକ ବୃତ୍ତାକାରରେ ଘୂରିବାକୁ ପସନ୍ଦ କରେ । ତା'ପାଇଁ ସବୁ ସମାନ । କାରଣ ଚେତନଶୀଳ ମନର ଧର୍ମ ହେଲା ଯେ ସେ ବିଶ୍ୱର ପ୍ରତି ଅଣୁ ପରମାଣୁ ଭିତରକୁ ଚେର ମଡ଼ାଇ ରସ ସଂଗ୍ରହ କରି ବଞ୍ଚିବ ଓ ସୃଷ୍ଟି ଦରକାର ପଡ଼ିଲେ ପ୍ରତ୍ୟେକ ଚେରକୁ ପ୍ରତି ଅଣୁ ପରମାଣୁରୁ ଓଟାରି ଆଣି ରୂପ ହୋଇ ବସିବ ।" ଚେତନମନ ସହିତ ଅବଚେତନ ମନର ଦ୍ୱନ୍ଦ୍ୱ ଓ ସଂଘର୍ଷ ଏଥିରେ ଅଛି ।- ଏହି ଦ୍ୱନ୍ଦ୍ୱ ତୀବ୍ର ଓ ଶାଣିତ । ନର୍ଦ୍ଦମାରେ ଜନ୍ମ ନେଇଥିବା ଓ ମାତୃତ୍ୱର ପରିଚୟରୁ ବଞ୍ଚିତ ହୋଇଥିବା ଜର୍ଜ ବାରବୁଲା ହୋଇ ସମସ୍ତ କାଟିଛି ଓ ଖୋଜିଛି ଜୀବନ । ଗୋଦଣ୍ଟି ବୁଢ଼ୀର ବଗ ଗୁଲୁଗୁଲା ଦୋକାନଠାରୁ ଆରମ୍ଭ କରି ରିକ୍ସାବାଲା କେମ୍ପା ବୀର, କାନଫାଟି କୁଲି ଗଜଆ, ନଗାର ମିଆଁ, କାମାଖ୍ୟା, ପାଗଳ ଚରଣ ସାଓ ଓ କବିରାଜଙ୍କ ପର୍ଯ୍ୟନ୍ତ ସେ ଖୋଜିଛି ତାର ଜୀବନକୁ । ଏଇ ଅନ୍ୱେଷଣ ମଧ୍ୟଦେଇ ସେ ହୋଇଛି—"କସ୍ମିକ୍ ସୋସାଇଟି ଅଫ୍ ସୋସିଆଲିଷ୍ଟିକ ରିଭଲ୍ୟୁସନାରୀ" ଦଳର ସଭ୍ୟ । ଏହି ଦଳର 'ଲକ୍ଷ୍ୟପୂର୍ଣ୍ଣ ବିପ୍ଳବ' । ଜର୍ଜ ଏହି ଦଳରେ ଯୋଗ ଦେଇ ବୁଝିଛି ତାର ବାପା ହେଉଛି 'ବୁର୍ଜୁଆ ରାକ୍ଷସ' ଓ ମା' ହେଉଛି 'ସର୍ବହରା ରାକ୍ଷସୁଣୀ' । ଏହି ଚିନ୍ତାଧାରା ପୂର୍ଣ୍ଣ ବିପ୍ଳବରେ ରୂପାୟିତ ହେବା ପୂର୍ବରୁ ଜର୍ଜର ମୃତ୍ୟୁ ଘଟିଛି ପୋଲିସ୍ ଗୁଳିରେ । ତାର ମୃତଦେହ ଉପରେ ନିର୍ବୋଧ ମାଙ୍କଡ଼ଟାଏ ନାଚିଛି ଏ ପଟରୁ ସେପଟକୁ ସେପଟରୁ ଏପଟକୁ । ଏହି ମାଙ୍କଡ଼ ହେଉଛି ଯେପରି ସେହି ଆଦମ ଜୀବନର ପ୍ରତୀକ । ସେ ଯେପରି ଜର୍ଜକୁ ପ୍ରଶ୍ନ କରୁଥିଲା ଯେଉଁ ଜୀବନ ସେ ଖୋଜୁଥିଲା ସେ କଣ ପାଇଲା ? ଏହି ଉପନ୍ୟାସରେ ସର୍‌ରିଆଲିଜମ୍‌ର ପୃଷ୍ଠଭୂମି ଉପରେ ଲେଖକ ଜର୍ଜର ଅବଚେତନର ପୁଞ୍ଜୀଭୂତ ଭାବନାକୁ ପ୍ରକାଶ କରିଅଛନ୍ତି । ମନେହୁଏ ଜର୍ଜ ଯେପରି ଲେଖକଙ୍କର ଅବଚେତନର ସୃଷ୍ଟି ।

ଜର୍ଜର ଗୋଟିଏ ହାତରେ ଥିଲା ସରଳତା ଓ ସବୋଚସ୍ତରେ ସମାନ ଆଗାମୀ ଯୁଗର ମାନବ ଶିଶୁର ପ୍ରତୀକ । ସେଇ ହାତ ମୁଠାଁ ଥିଲା ସତ୍ୟ, ନ୍ୟାୟ ଓ ଅହିଂସା । ଅନ୍ୟ ହାତ ମୁଠା ହୋଇ ଉଠି ଯାଉଥିଲା ସ୍ୱର୍ଗକୁ । ଏକପକ୍ଷରେ ପୂର୍ଣ୍ଣ ବିପ୍ଳବ ମଧ୍ୟ ଦେଇ ସରଳତା, ସତ୍ୟ, ନ୍ୟାୟ, ଅହିଂସା ଓ ସମାନତା ଏବଂ ଅନ୍ୟ ପକ୍ଷରେ ଆଧିଭୌତିକ ଆକାଂକ୍ଷା— ଏହି ଦ୍ୱନ୍ଦ୍ୱ ଭିତରେ ଜର୍ଜର ଜୀବନ ଅନ୍ୱେଷଣ ଥିଲା ଦୁର୍ବାର । 'ଦକ୍ଷିଣାବର୍ତ୍ତ' ଉପନ୍ୟାସ ବେଳକୁ ଏହି ଅନ୍ୱେଷଣ ହେଲା ଆହୁରି ତୀବ୍ର । ଯୁଦ୍ଧବିମୁଖ ସୈନିକଟି ଫେରି ଆସିଛି ନୃଶଂସ ହତ୍ୟା ରୂପକ ତୀବ୍ର ଯନ୍ତ୍ରଣାବୋଧରୁ ଏବଂ ଖୋଜୁଛି ନୂଆ ଜୀବନ—ନୂଆ ଶାନ୍ତି । ମଇଳା ବସ୍ତ୍ର ନେଇ ସେ ସଫା କରୁଛି ଝର୍ଣ୍ଣିକାର ସ୍ରୋତରେ । ତଥାପି ତାର ମନର ମଇଳା ସଫା ହୋଇନାହିଁ । ସେ ତେଣୁ ଚାଲିଛି ଦକ୍ଷିଣକୁ—ଆହୁରି ଦକ୍ଷିଣକୁ; ଏକ ଆଧ୍ୟାତ୍ମିକ ଆନନ୍ଦ ପରିପୂର୍ଣ୍ଣ ଜୀବନ ଅନ୍ୱେଷଣରେ । ଜର୍ଜର ସେଇଁ ହାତଟି ମୁଠା ହୋଇ ସ୍ୱର୍ଗକୁ ଉଠିଥିଲା ସେଇ ସଙ୍କେତ ବୋଧହୁଏ ଏଥିରେ ନୂଆ ରୂପେ ଆତ୍ମପ୍ରକାଶ କରିଛି । ଅବଚେତନର ଦ୍ୱନ୍ଦ୍ୱ ଓ ସଂଘର୍ଷ ଭିତରେ ଶାନ୍ତନୁ ଆଶ୍ଚର୍ଯ୍ୟ ଜୀବନର ନୂତନ ଅନ୍ୱେଷାକୁ ପ୍ରାଧାନ୍ୟ ଦେଇଅଛନ୍ତି ।

କୃଷ୍ଣପ୍ରସାଦ ମିଶ୍ରଙ୍କର ଉପନ୍ୟାସରେ ଆଦର୍ଶବାଦ ସହିତ ବାସ୍ତବବାଦର ଅଛି ତୀବ୍ର ସଂଘର୍ଷ ଏବଂ ଏହି ସଂଘର୍ଷର ପରିଣତିରେ ବାସ୍ତବବାଦର ହୋଇଛି ବିଜୟ । ତାଙ୍କର ଉପନ୍ୟାସ ଗୁଡ଼ିକର ମର୍ମବାଣୀ ହେଲା—''ଖାଦ୍ୟ ଓ ନାରୀ-ଦୁଇଟିଯାକ ଦୁଇରକମର କ୍ଷୁଧା —ଗୋଟିଏ ଶାରୀରିକ ଅପରଟି ମାନସିକ, ଦୁଇଟି ଉପରେ ସଂସାର ତିଷ୍ଠିଛି ।'' ଏହି ଚିନ୍ତାଧାରା ଉପରେ 'ମୃଗତୃଷ୍ଣା', 'ସିଂହକଟୀ' ଓ 'ନେପଥ୍ୟ' ଉପନ୍ୟାସତ୍ରୟୀ ଗଢ଼ି ଉଠିଛି । 'ନେପଥ୍ୟ' ଉପନ୍ୟାସର ମୁଖବନ୍ଧରେ ସେ ଲେଖିଛନ୍ତି—''ଫ୍ରଏଡ଼ଙ୍କର ମନଃ ସମୀକ୍ଷଣ ଚେତନ, ଅବଚେତନ ଓ ଅଚେତନ ମନର ବିଶ୍ଳେଷଣ ଅସମ୍ପୂର୍ଣ୍ଣ । ଏହି ତିନିମନର ଅନ୍ତରାଳରେ ଯୋଗସୂତ୍ର ରୂପେ ଆତ୍ମାର ଅବସ୍ଥିତି । ପୁଣି

ଅଚେତନର ସୃଷ୍ଟି ମାତୃଗର୍ଭ ଠାରୁ ନୁହେଁ; ବହୁ ଜନ୍ମ ସଂସ୍କାରପୁଷ୍ଟ ଅଚେତନ ମନର ଆମୁଷ ର ଅକଳମାପ୍ତ । ଅଶାତ ଜନ୍ମର ଅଶୁଭ ସଂସ୍କାର ପ୍ରବଳ ଥିଲେ ବ୍ୟକ୍ତିର ସକଳ ଚେତନାସତ୍ତ୍ୱେ ଦ୍ୱନ୍ଦ୍ୱରେ ପଡ଼େ, କୌଣସି କାରଣ ନଥାଇ କୁତ୍ସିତ କଳ୍ପନା ବିକ୍ଷିପ୍ତ ଚିନ୍ତାଯୋଗୁଁ ମନ ତାର ଧୀରେଧୀରେ ମଳିନ ତାମସିକ ଓ କଳଙ୍କିତ ହୋଇଉଠେ । ନେପଥ୍ୟେ ସମାଜର ଜଣେ ଯୁବକର ପ୍ରେମ,ସନ୍ଦେହ, ଈର୍ଷା, ନ୍ୟୂନ ମନୋଭାବ, ସନ୍ତାପ, ଦୁଃଖାନୁଭୂତିର ଔପନ୍ୟାସିକ ବର୍ଣ୍ଣନା—ଅବଚେତନର ବିଶ୍ଳେଷଣ ।'' 'ସିଂହକଣ୍ଠୀ'ରେ କଥକତା ଧର୍ମିତା ଥିଲେ ମଧ୍ୟ ଏଥିରେ ଲେଖକ ସୁକେଶୀ ଓ ଶିବନାଥର ପ୍ରେମ ଓ ସଂଘର୍ଷକୁ ରୂପାୟନ କରିବା ସଙ୍ଗେ ସଙ୍ଗେ ପରିଣତିରେ ଶିବନାଥର ଚରମ ବ୍ୟର୍ଥତା ଓ ବିପର୍ଯ୍ୟୟକୁ ଦେଖାଇଅଛନ୍ତି । 'ପ୍ରେମ ଓ ସନ୍ନ୍ୟାସର ଚିନ୍ତା-ସଂଘର୍ଷ ମଧ୍ୟରେ ଦେବୀ-ପାଦର ଜୀବନ ମଧ୍ୟ ବିପର୍ଯ୍ୟସ୍ତ । 'ମୃଗତୃଷ୍ଣା'ରେ ବନୀତା ଓ ସୁଶାନ୍ତର ଜୀବନର ବିକଳ ବିଧିତ ବାଣୀ ମର୍ମରିତ ହେବା ସଙ୍ଗେ ସଙ୍ଗେ ଆଧୁନିକା ରମଣୀ ବିନୀତାର ନାରୀତ୍ୱ କପରି ମୋହନ ସିଂ ସଂସ୍ପର୍ଶରେ ଆସି ହାହାକାର କରି ଉଠିଛି ତାର ଏକ ମନୋଜ୍ଞ ଚିତ୍ର ବର୍ଣ୍ଣିତ । 'ନେପଥ୍ୟେ' ଉପନ୍ୟାସରେ ଅଛି ନାୟକ ଶିତିକଣ୍ଠ ଓ ନାୟିକା ରେବା ଦେବୀଙ୍କର ପ୍ରେମ ଓ ସନ୍ଦେହର ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ଆଧୁନିକ ଅଭିଜାତ ନରନାରୀଙ୍କର ପ୍ରେମ, ଦେହଜକାମନା, ସନ୍ଦେହ, ସଂଘର୍ଷ ଓ ବିରୋଧର ପରିଣତିକୁ ଲେଖକ ତାଙ୍କର ଉପନ୍ୟାସ ଗୁଡ଼ିକରେ ଦେଖାଇଅଛନ୍ତି । ମଣିଷ ମନଗହନର ଅବ୍ୟକ୍ତ ଭାବ-ଭାବନାକୁ ସେ ରୂପ ଦେଇଛନ୍ତି ଏବଂ ସେହି ଅବଚେତନର ରହସ୍ୟ ଉନ୍ମୋଚନ ମଧ୍ୟ ଦେଇ ଜୀବନର ସତ୍ୟକୁ ଉଦ୍‌ଘାଟନ କରିଅଛନ୍ତି ।

ବିଭୂତି ପଟ୍ଟନାୟକଙ୍କର 'ଏଇମନ ବୃନ୍ଦାବନ','ଚପଳଛନ୍ଦା', 'ନାୟିକାର ନାମ ଶ୍ରାବଣୀ', 'କେଶବତୀ କନ୍ୟା', 'ଏଇଗାଁ ଏଇମାଟି', ପ୍ରଭୃତି ଉପନ୍ୟାସରେ ଫ୍ରଏଡ଼ୀୟ ମନସ୍ତତ୍ତ୍ୱର ବ୍ୟାଖ୍ୟା ବିଶ୍ଳେଷଣ ମଧ୍ୟ ଦେଇ ଚରିତ୍ରଗୁଡ଼ିକର କ୍ରମବିକାଶ ଘଟିଅଛି । ନାରୀ ମନର ସ୍ୱାଭାବିକ

କିମ୍ବା ପ୍ରତିକିମ୍ବା, ଦ୍ୱନ୍ଦ୍ୱ ସଂଘର୍ଷ, ଦେହକାମନା ଓ ଦେହୋତ୍ତର ଭାବ ଭାବନାର ସଂଘାତ-ପ୍ରତିରୋଧ ତାଙ୍କ ଉପନ୍ୟାସରୁ ଦେଖିବାକୁ ମିଳିଥାଏ । ନରସିଂହ ସାହୁଙ୍କର 'ଝଡ଼ର କବଳି' ଆଦର୍ଶବାଦର ଭିତ୍ତିଭୂମି ଉପରେ ରଚିତ ହୋଇଥିଲେ ମଧ୍ୟ ଏଥିରେ ନାରୀ ଓ ପୁରୁଷର ଅବଚେତନର ଦ୍ୱନ୍ଦ୍ୱ ଓ ସଂଘର୍ଷ ବର୍ଣ୍ଣିତ । ବ୍ରଜମୋହନ ମହାନ୍ତିଙ୍କର 'ଚାନ୍ଦୁଏ ନଆଁ', 'ରକ୍ଷକ ମୁଁ କୃଷ୍ଣ', 'କାହାଣୀ ଭିନଭିନର' ଆଦି ଉପନ୍ୟାସରେ ମଧ୍ୟ ଅଛି ନାରୀ ଓ ପୁରୁଷ ମନର ଆଦିମ କାମନାର ଚିନ୍ତା-ସଂଘର୍ଷ । ଦେବରାଜ ଲେଙ୍କାଙ୍କର 'ଅନ୍ଧମୁହାଣି', 'ଖେଳ', 'ଜୋକର' ଆଦି ଉପନ୍ୟାସରେ ଯୌନଚେତନାର ଶାଣିତ ରୂପ ଦେଖିବାକୁ ମିଳିଥାଏ । ଏସବୁ ଉପନ୍ୟାସରେ ଉଦଗ୍ର ଯୌନ ଜୀବନ ମଧ୍ୟ ଦେଇ ନରନାରୀଙ୍କର ମନୋଗହନର ଭାବ ବିଦ୍ୟମାନ । ଜ୍ଞାନୀନ୍ଦ୍ର ବର୍ମାଙ୍କର 'ଅରଣ୍ୟର ଲଜ୍‌ଝଟିକା' 'ଏଟଲାସର ଛୁସ୍ୱାସ୍ଥି' ସେଇ ଯୌନ-ଜୀବନ ସଂପର୍କିତ ମନସ୍ତାତ୍ତ୍ୱିକ ଉପନ୍ୟାସ । ଦଶରଥ ସାମଲଙ୍କର 'ଯୋଗାଯୋଗ' ଶିକ୍ଷୟିତ୍ରୀ ସୂଥିକା ଦେବୀ ଓ ସହକାରୀ କର୍ମଚାରୀ ଚକ୍ରପାଣି ବାବୁଙ୍କର ପ୍ରେମର ଏକ କମନୀୟ ଅଭିବ୍ୟକ୍ତି । ସେମାନଙ୍କ ପ୍ରେମ ସମ୍ପର୍କରେ ଲେଖକ ଲେଖିଛନ୍ତି—"ଚକ୍ରପାଣି ବାବୁଙ୍କ ସହିତ ଦେହଜ ପ୍ରେମ ସମ୍ପର୍କ ନଥିଲେ ମଧ୍ୟ ତାଙ୍କ ପ୍ରେମ ତା'ଠାରୁ ଅଧିକତର ବ୍ୟାପକ । ସେ ପ୍ରେମ ଦେହାତୀତ । ସେ ପ୍ରେମ ନିଃସୀମ । ସେ ପ୍ରେମର ସୀମା ନାହିଁ । ରୂପରେଖ ନାହିଁ । ପାଶବ ଓ ଜାନ୍ତବ କ୍ଷୁଧାର ପରିଧି ଭିତରେ ସେ ପ୍ରେମ ସୀମାବଦ୍ଧ ହୋଇ ରହିନାହିଁ । କାମନା ଓ ବାସନାର ସର୍ବ୍ୱ ପରିଣତିଠାରୁ ସେ ପ୍ରେମ ବହୁ ଊର୍ଦ୍ଧ୍ୱରେ ରହିଛି । ସେ ପ୍ରେମ ଚିରନ୍ତନ । ସେ ପ୍ରେମ ଅବିନଶ୍ୱର, ଅକ୍ଷୟ, ଅମଳିନ । ସେ ପ୍ରେମ ସତ୍ୟ, ଶିବ ଓ ସୁନ୍ଦର ।" ପ୍ରେମର ଏକ ସଂଯତ ରୂପ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଲେଖକ ନାୟକ ଓ ନାୟିକାଙ୍କର ମାନସିକ ସଂଘର୍ଷକୁ ସେ ସୁନ୍ଦର ଭାବରେ ରୂପାୟନ କରିଅଛନ୍ତି ।

ଗୋବିନ୍ଦ ଦାସଙ୍କର 'ଅମାବାସ୍ୟାର ଚନ୍ଦ୍ର' (୧୯୬୪) ପାପପୁଣ୍ୟର ତତ୍‌କାଳୀନ ମୂଲ୍ୟବୋଧରେ ପ୍ରତିଷ୍ଠିତ ନୁହେଁ; ପ୍ରତିଷ୍ଠିତ ମୂଲ୍ୟବୋଧର

ମୂଲ୍ୟବୋଧରେ । କାଜଲ୍ ଏହି ଉପନ୍ୟାସର ନାୟକ । ତାର ଚରିତ୍ରରେ ଅତଳସ୍ପର୍ଶୀ କଳଙ୍କ ଅଛି; ଅଛି ମଧ୍ୟ ଏକ ବଳିଷ୍ଠ ଆତ୍ମ ମର୍ଯ୍ୟାଦା । ତାର ଜୀବନର ଘନଅନ୍ଧକାର ମଧ୍ୟରେ ଅଛି ପ୍ରଦୀପର କୋମଳ ଆଭା । ତାର ଜୀବନରେ କିଛି ବିଡ଼ମ୍ବନା ନାହିଁ, ପ୍ରତାରଣା ନାହିଁ, ହିପୋକ୍ରିସି ନାହିଁ । ସେ ସତ୍ୟ, ମୃତ୍ୟୁପରି ସେ ତରଂଗୀ । ପାପର ଘୂର୍ଣ୍ଣ ଆବର୍ତ୍ତ ଭିତରେ ପଡି ମଧ୍ୟ ସେ ଶୁଦ୍ଧ ଓ ପବିତ୍ର । କାଜଲ ଓ ମନୀଷାର ଚରିତ୍ରଗଠନର ତୀବ୍ର ସଂଘର୍ଷ ଏହି ଉପନ୍ୟାସର ପ୍ରାଣସତ୍ତା । ଏକ କାବ୍ୟିକ ଭାବପ୍ରବାହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପନ୍ୟାସଟିକୁ ରସସ୍ନିଗ୍ଧ କରିଅଛି । ପ୍ରସନ୍ନକୁମାର ମିଶ୍ରଙ୍କର 'ଅସୁର' (୧୯୭୮) ଆଧୁନିକ ଅଭିଜାତ ମସ୍ତିଷ୍କର ଏକ ମନୋଜ୍ଞ ସୃଷ୍ଟି । ଅନୁପମ ଡାକ୍ତର । ରୂପ ତାର କଦାକାର । ତଥାପି ତାକୁ ଭଲ ପାଉଥିଲା ଜୋନାକୀ । ଅଥଚ ଜୋନାକୀ ବିବାହ କରିଗଲା ଅନ୍ୟକୁ । ଅନୁପମର ସୃଷ୍ଟି ହୋଇଛି ତୀବ୍ର ମାନସିକ ଯନ୍ତ୍ରଣା । ସୁମିତା ତାକୁ ଆପଣାର କରିବାକୁ ଚେଷ୍ଟା କରି ମଧ୍ୟ ବ୍ୟର୍ଥ ହୋଇଛି । ସେ ଆତ୍ମହତ୍ୟା କରିଛି । ଏଥର ଅନୁପମ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଚାକିରି କଲା । ଇତ୍ୟବସରରେ ସେ ହରାଇଲା ତାର ପିତାମାତାଙ୍କୁ । ଜୋନାକୀର ସ୍ମୃତି ତାର ବାରମ୍ବାର ମନେପଡ଼େ । ସେ ପୁଣି ଆସେ ଲେଡି ଡାକ୍ତର ବିଜୟାଙ୍କର ସମ୍ପର୍କରେ । ଏକ ତୀବ୍ର ମାନସିକ ସଂଘର୍ଷ ଭିତରେ ସେ ହତ୍ୟା କରେ ବିଜୟା ଦେବୀଙ୍କୁ । ତା ପରେ ସେ ଖୁଲ ଆସେ ଗାଡ଼ି ଛୁଟାଇ ଏବଂ ଟ୍ରେନରେ ଗଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୁଏ । ଜୋନାକୀର ସ୍ୱାମୀ ମଧ୍ୟ ସେହି ଦୁର୍ଘଟଣାରେ ପଡ଼େ । ସେଇ ଅବସରରେ ସେ ଅନୁପମର ଡାଇରି ପଢ଼େ ଓ ସେଥିରୁ ଜୋନାକୀ ସହିତ ଅନୁପମର ସମ୍ପର୍କ ଜାଣେ । ଏଥର ତାର ଦେଖାଯାଏ ମାନସିକ ସଂଘର୍ଷ । ଜୋନାକୀକୁ ସେ କହେ ଅନୁପମ କଥା ଓ ସ୍ତ୍ରୀ ପ୍ରତି ତାର ସୃଷ୍ଟି ହୁଏ ସନ୍ଦେହ । ଅତୀତର ଗୋଟାଏ ମୃତ ସ୍ମୃତି ପୁଣି ଜାଗ୍ରତ ହୁଏ ଜୋନାକୀର । ସେ ଧାଇଁଯାଏ ଅନୁପମର ଗ୍ରାମକୁ ଏବଂ ସେଇ ଗ୍ରାମର ପୋଖରୀରେ ସେ ଆତ୍ମହତ୍ୟା କରେ । ଅନୁପମ ମଧ୍ୟ ସେଇଠି ସଲିଳ ସମାଧି ଲାଭ କରେ । ଲେଖକ

ଏହି ଉପନ୍ୟାସରେ ବହୁ ଭୌଗୋଳିକ ପ୍ରସଙ୍ଗର ଅବତାରଣା 'କଥା ବସ୍ତୁକୁ ଗୌରବାନ୍ୱିତ କରୁଅଛନ୍ତି । ଆର୍ଯ୍ୟ ଓ ଅନାର୍ଯ୍ୟ ଚିନ୍ତା-ସଂଘର୍ଷ ପ୍ରଥ ହେଲେ ଦେହ ଓ ମନର ଚିନ୍ତା ସଂଘର୍ଷ ଉପନ୍ୟାସଟିକୁ ପ୍ରାଣବନ୍ତ କରିଅଛି । ସେହି ଆଦିମ ଯୌନ କାମନା ଓ ଚେତନାଶ୍ରିତ ଅବଚେତନର ସଂଘର୍ଷକୁ ନାଟ୍ୟିକ ସ୍ୱରପ୍ରବାହରେ ରୂପାୟନ କରିଅଛନ୍ତି ।

ନବକିଶୋର ରାଜଙ୍କର 'ଧୂ.ଭବିଷ୍ୟତି' ନାମ ଉପନ୍ୟାସର ଅଜବ ପ୍ରେମର ଏକ ମନସ୍ତାତ୍ତ୍ୱିକ ଚିତ୍ର । ମର୍ଦ୍ଦା ଛାଡ଼ି ଭାସ୍କର ଗନ୍ଧମୃତଙ୍କର ଶେଷ ସଂଶାର ସଂଘ ଆଧୁନିକ ଜୀବନ ଯନ୍ତ୍ରଣାର ଏକ ମନସ୍ତାତ୍ତ୍ୱିକ ଥିଉରାପି । ଜୀବ୍ୟକ ଭାବପ୍ରବାହ ମଧ୍ୟରେ ଯନ୍ତ୍ରୀକୁ ମଣିଷର ଆତ୍ମସମୀକ୍ଷା ଦେଇ ଏକ ନୂତନ ମାନଦଣ୍ଡ ଭାବସ୍ପନ୍ଦନ ଏଥିରେ ସୃଷ୍ଟି ହୋଇଅଛି । ଏହାପରେ ସ୍ୱାଧୀନତା ପରବର୍ତ୍ତୀ କାଳରେ ବହୁ ଲେଖକ ଆଧୁନିକ ସହରଠାରୁ ସଭ୍ୟତାର ଅଭିଜାତ ନଗରବାସୀଙ୍କର ମନଗହନର ଜଟିଳ ଭାବଧାରାକୁ ନେଇ ଉପନ୍ୟାସମାନ ରଚନା କରୁଅଛନ୍ତି । ସେସବୁଥିରେ ମୁଖ୍ୟତଃ ଦେହ ଓ ମନର ଦ୍ୱନ୍ଦ୍ୱ ବର୍ଣ୍ଣିତ । ଯୌନଆକାଂକ୍ଷା ଜନିତ ଚିନ୍ତା-ସଂଘର୍ଷ ଓ ତାର କରୁଣ ପରିଣତିକୁ ଲେଖକମାନେ ଦେଖାଇଅଛନ୍ତି । ମନେ ହେଉଛି ସତେ ଯେପରିକି ଆଧୁନିକ ଔପନ୍ୟାସିକ ପାଖରେ ଆଜ ଗୋଟିଏ ବିଷୟ ଧର୍ମାଭୂତ ହୋଇ ଉଠୁଛି । ସେହି ବିଷୟ ହେଉଛି ଅଭିଜାତ ନଗରବାସୀଙ୍କର ମନଗହନର ଆଦିମ ଆକାଂକ୍ଷାର ଦ୍ୱନ୍ଦ୍ୱ । ସେହି ଦ୍ୱନ୍ଦ୍ୱ ମଣିଷକୁ କରୁଛି ଅସହାୟ । ତାର ଜୀବନକୁ କରୁଛି ବେଦନା ବିଧୂର । ଗୋଟାଏ ଭ୍ରାନ୍ତ ବିଦେଶାଗତ ଆଭିଜାତ୍ୟ ପଛରେ ଗୋଡ଼ାଇ ଏହି ମଣିଷ ପାରମ୍ପରିକ ନୀତିବୋଧ ଓ ଆଦର୍ଶକୁ କୁଠାରାଘାତ କରୁଛି ମାତ୍ର ପରିଶେଷରେ ସେ ହେଉଛି ଏକାକୀ ଓ ସମ୍ପୂର୍ଣ୍ଣ ନିଃସଙ୍ଗ । ଏହି ଭାବସତ୍ତାକୁ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସମାନଙ୍କରେ ପ୍ରକାଶ କରାଯାଇଅଛି ନୂତନ ଶୈଳୀରେ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଯଦିଓ 'କା' 'ଅମୃତର ସନ୍ତାନ', 'ମାଟିମଟାଳ' ଓ 'ମଳଟଣିକ' ପରି ଉପନ୍ୟାସ

ଗୁଣ୍ଡିକ ଖଣ୍ଡଖଣ୍ଡଙ୍କର ସ୍ତରରେ ସ୍ୱୀକୃତିଲାଭ କରିଛି, କିନ୍ତୁ ଏ ଧରଣର ଉପନ୍ୟାସ ପରିବର୍ତ୍ତେ ଚେତନା ପ୍ରବାହଧର୍ମୀ ବା ମନନଧର୍ମୀ ଉପନ୍ୟାସ ଅଧିକ ପରିମାଣରେ ରଚିତ ହୋଇଥିବା ଦେଖାଯାଏ । ଆଧୁନିକ ଯୁଗରେ ଅତି ଆଦର୍ଶ ଭିତ୍ତିକ ଘଟଣାଧର୍ମୀ ଉପନ୍ୟାସ ରଚନା କରିବାକୁ ଲେଖକ ପସନ୍ଦ କରୁନାହାନ୍ତି । ପ୍ରାକ୍ସ୍ୱାଧୀନତା କାଳରେ ଉପନ୍ୟାସର ପାଠକ ଲେଖକଙ୍କୁ ବାଧ୍ୟ କରୁଥିଲା—"Beguile me, offer me comedy and tears, tell me about droll people and lovers and a story that will keep me rooted to the spot and my eyes glued to the page." ମାତ୍ର ବର୍ତ୍ତମାନର ମନନଧର୍ମୀ ଉପନ୍ୟାସରେ ଔପନ୍ୟାସିକ ପାଠକଙ୍କୁ କହେ—"Here is the artistic record of a mind, at the very moment that is thinking. Try to penetrate within it You will know only as much as this mind reveal It is you not I, who will piece togteher any 'story' there may be of course. I have arranged this illusion for you. But it is you who must experience it." ଏହି ଦୃଷ୍ଟିରୁ ଆଧୁନିକ ଯୁଗର ଚେତନା ପ୍ରବାହଧର୍ମୀ ଉପନ୍ୟାସକୁ ପଢିବାକୁ ହେବ ଏବଂ ଲେଖକର ଚିନ୍ତାଧାରାକୁ ବୁଝିବାକୁ ହେବ । ଏ ଧରଣର ଉପନ୍ୟାସରେ 'ଗଣର ସ୍ୱର' ନାହିଁ; ଅଛି ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀର 'ଜଣ'ର ସ୍ୱର । ତେଣୁ ଏ ପ୍ରକାରର ଉପନ୍ୟାସ ସୀମିତ ସଂଖ୍ୟା ମଧ୍ୟରେ ଆବଦ୍ଧ । ଓଡ଼ିଆ ଉପନ୍ୟାସରେ ଏହିପରି ଧାରାର ପ୍ରୟୋଗ ହେଉଥିଲେହେଁ ଏଥିରେ ଔପନ୍ୟାସିକଙ୍କର ସୃଷ୍ଟି ମାନସର ସ୍ୱତଃସ୍ଫୂର୍ତ୍ତିତା ଓ ଅନ୍ତର୍ଦୃଷ୍ଟି ପରିବର୍ତ୍ତେ ବୌଦ୍ଧିକ ଛଳନାର ଆଧିକ୍ୟ ଦେଖିବାକୁ ମିଳିଥାଏ । ଏପରି ଉପନ୍ୟାସରେ କୌଣସି କାହାଣୀ ନଥାଏ; ଥାଏ ଅନେକ କାହାଣୀର ମିଳିତ ଅବସ୍ଥା । ତେଣୁ କାହାଣୀର ଆରମ୍ଭ, ବିକାଶ, ଶୀର୍ଷ, ଅବରୋହ ଓ ପରିସମାପ୍ତି ଏଥିରେ ନ ରହି କାହାଣୀମାନଙ୍କର ମିଳିତ ଅବସ୍ଥାର ଭାବାତ୍ମକ ପ୍ରବାହ ସୃଷ୍ଟି ଅବିବେଚନର ରାସ୍ତା ଉନ୍ମୋଚନରେ ସାହାଯ୍ୟ କରେ ।

## ସ୍ୱାଧୀନତା ପରବର୍ତ୍ତୀ ବୈଜ୍ଞାନିକ, ଡିଟେକ୍‌ଟିଭ ଓ ଅନୁବାଦ ଉପନ୍ୟାସ :

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ବୈଜ୍ଞାନିକ ଉପନ୍ୟାସ ରଚନା କରିବାର ପ୍ରବୃତ୍ତି ଦେଖିବାକୁ ମିଳିଲା । ଓଡ଼ିଶାରେ ବିଜ୍ଞାନ ଶିକ୍ଷାର ପ୍ରସାର ଓ ବିଜ୍ଞାନ ପ୍ରଚାର ସମିତିର କାର୍ଯ୍ୟକଳାପ ଦ୍ୱାରା ସାହିତ୍ୟ ମାଧ୍ୟମରେ ବିଜ୍ଞାନପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ଉଦ୍ୟମ କରାଗଲା । ଡକ୍‌ଟର ଗୋକୁଳାନନ୍ଦ ମହାପାତ୍ରଙ୍କର ଏ ଦିଗରେ ଯଥେଷ୍ଟ ଅବଦାନ ରହିଅଛି । ତାଙ୍କର 'ପୃଥିବୀ ବାହାରେ ମଣିଷ'; 'ଚନ୍ଦ୍ରର ମୃତ୍ୟୁ'; 'କୃତ୍ରିମ ଉପଗ୍ରହ' ଓ 'ସ୍ପୁଟନିକ', ପ୍ରଭୃତି ଉପନ୍ୟାସମାନଙ୍କରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ରହିଛି । ଏହି ସମସ୍ତ ଉପନ୍ୟାସରେ ବିଜ୍ଞାନର ଭାବ ଥିଲେହେଁ ଏଗୁଡ଼ିକ ରୋମାଣ୍ଟିକ-ଧର୍ମୀ ମନେ ହୋଇଥାଏ । ବୈଜ୍ଞାନିକ ଉପନ୍ୟାସ ସହିତ ବହୁ ଡିଟେକଟିଭ ଉପନ୍ୟାସ ଏହି ସମୟରେ ରଚିତ ହୋଇଅଛି । ଚନ୍ଦ୍ରମଣି ଦାସଙ୍କର ଭୂମିକା ଏ ଦିଗରେ ଉଲ୍ଲେଖଯୋଗ୍ୟ । ସ୍ୱାଧୀନତା ପରେ ଇଂରାଜୀ, ବଙ୍ଗଳା, ହିନ୍ଦୀ ପ୍ରଭୃତି ବିଭିନ୍ନ ଭାଷାରୁ ପ୍ରତିନିଧିତ୍ୱଶ୍ରେଣୀୟ ବହୁ ଉପନ୍ୟାସକୁ ଓଡ଼ିଆରେ ଅନୁବାଦ କରାଯାଇଅଛି । ପ୍ରଫୁଲ୍ଲଚନ୍ଦ୍ର ଦାସ ପର୍ଲବକ୍‌ଙ୍କର 'ଗୁଡ଼ ଆର୍ଥ' ଓ ସେଲମାଲାଗାର ଲଫ୍‌ଙ୍କ 'ଦାଉ ସାଲ ବି ମାଇଁ ଉଇଟ୍‌ନେସ୍' ପୁସ୍ତକ ଦୁଇଟିକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ସେହି ମଧ୍ୟ 'ସୁଭଦ୍ରାନନ୍ଦନ' ଛଦ୍ମ ନାମରେ ଆନ୍ଦ୍ରେ ଜିଦଙ୍କର 'ଷ୍ଟ୍ରେଟ୍ ଇଜ୍ ଦି ଗେଟ୍'କୁ 'ପ୍ରିୟତମ' ନାମରେ, ହେର୍‌ମେନ୍‌ହେସ୍‌ଙ୍କ 'ସିଦ୍ଧାର୍ଥ'କୁ ସେହି ନାମରେ, ଅର୍ନେଷ୍ଟ ହେମିଂୱେଙ୍କର 'ଓଲ୍‌ଡ୍ ମ୍ୟାନ ଆଣ୍ଡ ଦ ସି'କୁ 'ଅପରାଜିତା' ନାମରେ ଅନୁବାଦ କରିଅଛନ୍ତି । ନୀଳା ନଗେନ୍ଦ୍ର ନାରାୟଣ ରାୟ ଆଲବର୍ଟ କାମ୍ୟୁଙ୍କର 'ଆଉଟ ସାଇଡର ଆଣ୍ଡ ଫଲ୍'କୁ 'ବିଦେଶୀ ପତନ' ନାମରେ, ବାଟ୍ରାଣ୍ଡ ରସେଲଙ୍କର 'ଦ ସାଟାନ ଅଫ୍ ଦ ସବରବ'କୁ 'ଉପନଗରୀର ସଇତାନ' ନାମରେ ଅନୁବାଦ କରିଅଛନ୍ତି । ଚିତ୍ତରଞ୍ଜନ ଦାସ ବୋରିଶ ପାଷ୍ଟାରନାକଙ୍କର 'ଡ଼କ୍ଟର ଜିଭାଗୋ'ର

ଓଡ଼ିଆ ଅନୁବାଦ କରିଛନ୍ତି । ଏହାବ୍ୟତୀତ ସେ ଫାନଗୁଆ ମେରିଆଙ୍କ ଉପନ୍ୟାସକୁ 'ସତ୍ନାକ୍ଷଣ' ନାମରେ, ଓମିଲ ସିଲନ୍‌ରାଙ୍କ ଉପନ୍ୟାସ 'ମେଡ୍ ସିଲଆ'କୁ 'ଦାସୀ ସିଲଆ' ନାମରେ ଅନୁବାଦ କରି ନିଜ ପ୍ରତିଭାର ପରିଚୟ ପ୍ରଦାନ କରିଅଛନ୍ତି । ଲକ୍ଷ୍ମୀନାରାୟଣ ମହାନ୍ତିଙ୍କର ବହୁ ଅନୁବାଦମୂଳକ ଉପନ୍ୟାସ ଅଛି । ଗ୍ରାସିଆ ଡେଲେଦାଙ୍କ 'ମଦର'କୁ ସେ 'ମା ଓ ପୁଅ' ନାମରେ; ରେନେମାରଙ୍କ ଲେଖାକୁ 'ବାଟୋଆଲ' ନାମରେ, ମୁଲକରାଜ ଆନନ୍ଦଙ୍କର 'ଅନ୍‌ଟଚେବୁଲ୍'କୁ 'ଅଛୁଆ' ନାମରେ ଅନୁବାଦ କରିଅଛନ୍ତି । ଗୋଲକବିହାରୀ ଧଳ ହିନ୍ଦୀ ଔପନ୍ୟାସିକ ପ୍ରେମଚନ୍ଦ୍‌ଙ୍କର 'ଗୋଦାନ', 'ଗବନ' ଓ 'ପ୍ରେମାଶ୍ରମ'ର ଓଡ଼ିଆ ଅନୁବାଦ କରିଅଛନ୍ତି । ରବୀନ୍ଦ୍ରନାଥ ସିଂହ ଚେକଭଙ୍କର 'ଡଲ୍ ଷ୍ଟୋରି'କୁ 'ବିରସ କାହାଣୀ', ଗର୍କିଙ୍କର 'ଲିଟସର ପୋଟ୍ରେଟ'କୁ 'ଆଲେଖ୍ୟ', ଲେରମଣ୍ଟଭ୍‌ଙ୍କର 'ଏ ହିରୋ ଅଫ୍ ଆଓ୍ୱାର ଟାଇମ୍'କୁ 'ନାୟକ ଆମ ସମୟର' ଭାବରେ ଅନୁବାଦ କରିଅଛନ୍ତି । ଅନନ୍ତ ପଟ୍ଟନାୟକ ମାକ୍‌ସିମ୍ ଗର୍କିଙ୍କର 'ମଦର' ଉପନ୍ୟାସକୁ 'ମା' ନାମରେ ଅନୁବାଦ କରିଅଛନ୍ତି । ଏହାବ୍ୟତୀତ ବହୁ ବଙ୍ଗଳା ଉପନ୍ୟାସ ମଧ୍ୟ ଓଡ଼ିଆରେ ଅନୂଦିତ ହୋଇଅଛି । ସ୍ୱାଧୀନତା ପରେ ବିଭିନ୍ନ ଭାଷାରୁ ପ୍ରତିନିଧିମୂଳକ ଉପନ୍ୟାସଗୁଡ଼ିକ ଓଡ଼ିଆରେ ଅନୂଦିତ ହୋଇ ଚିନ୍ତା ସମନ୍ୱୟ ପାଇଁ ସାହାଯ୍ୟ କରିଅଛି ।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଚରିତ ଉପନ୍ୟାସ

ଚରିତୋପନ୍ୟାସ ଓଡ଼ିଆ ସାହିତ୍ୟରେ ନୂତନ ନୁହେଁ । ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ଏ ଦିଗରେ ଅନେକ ଲେଖକ ଲେଖନୀ ଚାଳନା କରିଅଛନ୍ତି । ତେବେ ସେ ସବୁ ଚରିତୋପନ୍ୟାସ ଭାବରେ ସାର୍ଥକତା ଅର୍ଜନ କରିନାହିଁ । ଚରିତୋପନ୍ୟାସ ଚରିତର ଇତିବୃତ୍ତ ନୁହେଁ, ଜୀବନଚରିତର ନିଷ୍ପ୍ରାଣ ତଥ୍ୟ ପରିବେଷଣ ନୁହେଁ । ଏଥିରେ ରହିଥାଏ ଜୀବନର ଗଭୀର ସ୍ପନ୍ଦନ, ଗଭୀର ଅନ୍ତର୍ଦୃଷ୍ଟି । ଇତିହାସର ସୀମା ଭିତରେ ଏହାର ସୃଷ୍ଟି ମାତ୍ର ଐତିହାସିକ ତଥ୍ୟ ଓ ସତ୍ୟ

ଉପରେ ଆଧାରିତ ଏହା ଏକ କାଳଜୟୀ କଳାତ୍ମକ ସୃଷ୍ଟି । ତେଣୁ ଏଥିରୁ ଇତିହାସର ଉପାଦାନ ମିଳେ, ମିଳେ ମଧ୍ୟ ଉପନ୍ୟାସର ରସ ମାଧୁର୍ଯ୍ୟ ଓ ସ୍ୱାଭାବିକତା । ଏହି କାରଣରୁ ମୁକୁନ୍ଦ ଦାସଙ୍କର 'କଳାପାହାଡ଼', ରାମଚନ୍ଦ୍ର ମହାପାତ୍ରଙ୍କର 'ବୋଡ଼ଗଡ଼ବର୍ଗୀ' ପ୍ରଭୃତି କେତୋଟି ଐତିହାସିକ ଉପନ୍ୟାସ ଥିଲେ ହେଁ ଏ ସବୁକୁ ଯଥାର୍ଥରେ ଜୀବନୋପନ୍ୟାସ କୁହାଯାଇ ପାରିବ ନାହିଁ । ସ୍ୱାଧୀନତା ପରେ ମଧ୍ୟ ଏଥିରେ ବିଶେଷ ଉଦ୍ୟମ ହୋଇ ନାହିଁ । ପ୍ରସିଦ୍ଧ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କର 'ଶତାବ୍ଦୀର ସୂର୍ଯ୍ୟ' (୧୯୭୬) ଓ 'କୁଳବୃଦ୍ଧ' (୧୯୭୮) ସ୍ୱାଧୀନତା ପରବର୍ତ୍ତୀ କାଳରେ ଦୁଇଟି ଜୀବନୋପନ୍ୟାସ । ଶ୍ରୀ ମହାନ୍ତି 'ଶତାବ୍ଦୀର ସୂର୍ଯ୍ୟ' ଭୂମିକାରେ କହିଛନ୍ତି—"ଓଡ଼ିଆରେ ଜୀବନୋପନ୍ୟାସର ଏହା ହିଁ ପ୍ରଥମ ଉଦ୍ୟମ ନୁହେଁ । କିନ୍ତୁ ଏହା ସୁଚିନ୍ତିତ ଦୃଷ୍ଟିଭଙ୍ଗୀରେ, ବହୁ ତଥ୍ୟ ଓ ଘଟଣାର ସମାବେଶ, ସୂକ୍ଷ୍ମ ଚରିତ୍ର ଚିତ୍ରଣରେ, ଏହାକୁ ଜୀବନୋପନ୍ୟାସ, ପଥିକୃତ ଉଦ୍ୟମର ଅନନ୍ୟତା ନିଶ୍ଚିତ ଭାବରେ ଦାବୀ କରେ । କିନ୍ତୁ ଓଡ଼ିଆରେ ଆଧୁନିକ, ଅନ୍ୟ ଭାରତୀୟ ସାହିତ୍ୟରେ ମଧ୍ୟ ଜୀବନଚରିତ ନାମରେ ଯାହା ପ୍ରାପ୍ତ ହୋଇଥାଏ, ସେଗୁଡ଼ିକ ଚରିତାମୃତ (hagiography) ଠାରୁ ସ୍ୱତନ୍ତ୍ର ନୁହେଁ । ଜୀବନୀର ଉଜ୍ଜ୍ୱଳ ଓ ଅନ୍ଧକାରମୟ ଦିଗ ସେଥିରେ ଅତି ନଗଣ୍ୟ ଭାବରେ ଅନୁଭୂତ ହୋଇଥାଏ । ବର୍ଣ୍ଣିତ ଚରିତ୍ରମାନଙ୍କୁ ସେଥିରେ ଦେବତ୍ୱର ସୋପାନରେ ଅତିପ୍ରାକୃତିକ ଏପରି ଆରୋପ କରାଯାଇଥାଏ ଯେ, ତାହା ଅର୍ଥରେ ମାନବୀୟ ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱ ରହିଥାଏ । ମାହାତ୍ମ୍ୟର କୁହୁଡ଼ି ମଣ୍ଡଳ ଭାବରେ ସେମାନଙ୍କୁ ନମସ୍ୟ ପ୍ରତିମୂର୍ତ୍ତି କରି, ସେଥିରେ ମାନବୀୟ ରୂପକୁ ନଷ୍ଟ କରେ ।"*

ଏହି ପରିପ୍ରେକ୍ଷୀରେ ସୁରେନ୍ଦ୍ର ମହାନ୍ତିଙ୍କର 'ଶତାବ୍ଦୀର ସୂର୍ଯ୍ୟ' ଓ 'କୁଳବୃଦ୍ଧ' ଦୁଇଟି ଜୀବନୋପନ୍ୟାସକୁ ବିଚାର କରାଯାଇଥାଏ । ଏହି ଦୁଇଟିରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଜୀବନ-ଚରିତକୁ ଇତିହାସର ପରିସୀମା ମଧ୍ୟରେ ଔପନ୍ୟାସିକ ଶୈଳୀରେ ପ୍ରକାଶ କରାଯାଇଅଛି ।

ଏଥିରେ ମଧୁସୂଦନ ଜୀବନଚରିତର ମର୍ମର ମୂର୍ତ୍ତି ବିଶେଷ ନୁହନ୍ତି; ଜଣେ ରକ୍ତ ମାଂସ ଦେହଧାରୀ ମଣିଷ । ଇତିହାସର ନିର୍ଜୀବ ଚରିତ୍ର ନୁହନ୍ତି; ବରଂ ଜୀବନ୍ତ ସାମାଜିକ ବ୍ୟକ୍ତି ବିଶେଷ । ତାଙ୍କ ଜୀବନୀକୁ ନେଇ ଲେଖକ ଯେଉଁସବୁ ଘଟଣାର ସମାବେଶ କରିଅଛନ୍ତି ସେ ସବୁର ନେପଥ୍ୟରେ ତାଙ୍କର ମାନବିକ ଜୀବନସ୍ପନ୍ଦନ ବିଦ୍ୟମାନ । ୧୮୦୩ ଖ୍ରୀ. ଅ.ରେ ଓଡ଼ିଶା ଇଷ୍ଟଇଣ୍ଡିଆ କମ୍ପାନୀଦ୍ୱାରା ଅଧିକୃତ ହେବାଠାରୁ ୧୯୦୩ ଖ୍ରୀ. ଅ. ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଓ ଉତ୍କଳୀୟ ଜାତୀୟତାର ନବ ଜାଗରଣ ଏବଂ ସେଥିରେ ମଧୁସୂଦନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା 'ପର୍ଯ୍ୟନ୍ତ ଶତାବ୍ଦୀର ସୂର୍ଯ୍ୟ' ଗ୍ରନ୍ଥର କଥାବସ୍ତୁ । ଏଥିରେ ଲେଖକ ସତ୍ୟଭାମାପୁରର 'ଭିଟାମାଟି, ମଧୁସୂଦନଙ୍କ ବଂଶପରମ୍ପରା, ବାଲ୍ୟଜୀବନ, ପିତାମହଙ୍କ ସଂସ୍କାର ଓ ତାଙ୍କ ଜୀବନରେ ପ୍ରଭାବ, ଜନନୀ ପାର୍ବତୀ ଦେବୀଙ୍କର ପ୍ରଭାବ, ମଧୁସୂଦନଙ୍କର ଶିକ୍ଷା ଓ ସାଧନା, କଲିକତାରେ ଅଧ୍ୟୟନ, ଖ୍ରୀଷ୍ଟଧର୍ମ ଗ୍ରହଣ, ସୌଦାମିନୀ ସହିତ ବିବାହ, ପିତା ରଘୁନାଥଙ୍କ ପ୍ରତିକ୍ରିୟା, ଗୌରୀଶଙ୍କରଙ୍କ ସହିତ ମଧୁସୂଦନଙ୍କର ସମ୍ପର୍କ ପ୍ରତିଷ୍ଠା, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଆଗମନ, ପତ୍ନୀ ବିୟୋଗପରେ ଓଡ଼ିଶା ଆଗମନ ଓ ଓଡ଼ିଶାରେ ବିଭିନ୍ନ ଲୋକହିତକର କାର୍ଯ୍ୟ ସମ୍ପାଦନ, ଖୋର୍ଦ୍ଧାର ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କୁ ପୁରୀ ଜଗନ୍ନାଥ ମନ୍ଦିର ମୋକଦ୍ଦମାରେ ସାହାଯ୍ୟ, ଜାତୀୟ କଂଗ୍ରେସରେ ଯୋଗଦାନ, ଓଡ଼ିଶାରେ ଶିଳ୍ପବାଣିଜ୍ୟ ପାଇଁ ମଧୁସୂଦନଙ୍କ ଭୂମିକା ପ୍ରସ୍ତୁତି, ୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଆଦି ନାନା ଘଟଣାକୁ ଔପନ୍ୟାସିକ ଶୈଳୀରେ ପ୍ରକାଶ କରି ଅଛନ୍ତି । ମଧୁସୂଦନଙ୍କ ଖଣ୍ଡିତ ବ୍ୟକ୍ତିତ୍ୱର ଦୁଇ ବିପରୀତମୁଖୀ ପ୍ରବୃତ୍ତିର ସଂଘର୍ଷ, ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ଉତ୍କଳ ସହିତ ମିଶାଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ଉଦ୍ୟମ, ମଧୁସୂଦନଙ୍କ ଉପରେ ବେନାମୀ ଆକ୍ରମଣ, ସ୍ୱତନ୍ତ୍ର ବିହାର ଓଡ଼ିଶା ପ୍ରଦେଶ ଗଠନ, ଗୋପବନ୍ଧୁ ଓ ମଧୁସୂଦନଙ୍କ ମଧ୍ୟରେ ଆଦର୍ଶଗତ ଦ୍ୱନ୍ଦ୍ୱ, ଉତ୍କଳ ସମ୍ମିଳନୀର ଅବସାନ, ବିହାର ଓଡ଼ିଶାର ମନ୍ତ୍ରୀରୂପେ କାର୍ଯ୍ୟ ଓ କଠୋର ସମାଲୋଚନାର ସମ୍ମୁଖୀନ

ଜୀବନବ୍ୟାପୀ ସଂଗ୍ରାମ, ପରିଣତ ବୟସରେ ଦେବାଳିଆ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ତିରୋଧାନ 'କୁଳବୃଦ୍ଧ'ରେ ବର୍ଣ୍ଣିତ । ତେବେ 'ଶତାବ୍ଦୀର ସୂର୍ଯ୍ୟ'ର ଔପନ୍ୟାସିକ ଚମତ୍କାରିତା 'କୁଳବୃଦ୍ଧ'ରେ ଅନେକ ସମୟରେ ବ୍ୟାହତ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । ମଧୁସୂଦନଙ୍କ ଜୀବନୀ ଓଡ଼ିଆ ଜାତିର ମହାକାବ୍ୟ । ଏହି ଜୀବନୀ ବିଗତ ଶତାବ୍ଦୀର ଅନ୍ଧକାରମୟ ଉଦର ଭିତରୁ ପ୍ରଚଣ୍ଡ ସୂର୍ଯ୍ୟର ଦୀପ୍ତି ନେଇ ଆବିର୍ଭୂତ ହୋଇଥିଲା । ଏହି ସୂର୍ଯ୍ୟ ଅସ୍ତଗାମୀ ହେବାପୂର୍ବରୁ ଏଜାତିର ଧମନୀରେ ଜାତୀୟତାର ପ୍ରାଣସଞ୍ଚାର କରାଇ ଦେଇ ଜୀବନ-ସଂଗ୍ରାମର-ଶରଶଯ୍ୟାରେ କୁଳବୃଦ୍ଧ ପରି ଶୟନ କରି ଏଜାତିକୁ ନବଜାଗରଣ ପଥରେ ଆଗେଇ ନିବାକୁ ପ୍ରେରଣା ଦେଇଯାଇଥିଲେ । ତେଣୁ ସେ "ଓଡ଼ିଆ ଜାତିର ଜନକ, ରେନେସାଁର ପ୍ରବର୍ତ୍ତକ ଓ ଭାରତୀୟ ଜାଗରଣର ଅନ୍ୟତମ ପୁରୋଧା ।" କ୍ଷମତା ଓ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ଜାତୀୟ ଜୀବନର ସର୍ବାଙ୍ଗୀନ କଲ୍ୟାଣରେ ତାଙ୍କର ପ୍ରାଣ ଥିଲା ଉତ୍ସର୍ଗୀକୃତ । ଲେଖକ ଯେପରି ଭାବରେ ଭାରତୀୟ ଜାଗରଣର ଏଇ ଆଦ୍ୟସୂତ୍ର—ଜାତୀୟ ଗୌରବଙ୍କର ତିତିକ୍ଷା-ପୂତ ଭାବଲୋକକୁ ଇତିହାସର ପୃଷ୍ଠଭୂମିରେ ଉପନ୍ୟାସର ଶୈଳୀରେ ରୂପାୟନ କରିଅଛନ୍ତି ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ । ଅନେକାଂଶ ଇତିହାସର ଶୁଷ୍କତା ଥିଲେହେଁ ସାର୍ଥକ ଚରିତୋପନ୍ୟାସ ଭାବରେ ଏ ଦୁଇଟିର ସାର୍ଥକତା ଅନସ୍ୱୀକାର୍ଯ୍ୟ ।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ପ୍ରବୃତ୍ତି :

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ପ୍ରବୃତ୍ତି ବହୁମୁଖୀ । କେତେବେଳେ ଏହା ଆଦିବାସୀ ଜୀବନଧାରାକୁ ନେଇ ମୁକ୍ତ ବନାନୀରେ ମୁକ୍ତ ଜୀବନବୋଧର ବର୍ଣ୍ଣନା କରିଛି ତ କେତେବେଳେ ନଗର ଜୀବନର ଜଟିଳତା, ପଲ୍ଲୀ ଓ ନଗର ଜୀବନର ସଂଘର୍ଷକୁ ରୂପ ଦେଇଅଛି । କେତେବେଳେ ଇତିହାସର ଭୂମି ସ୍ପର୍ଶ କରି ଅତୀତର ଆଲୋକରେ ବର୍ତ୍ତମାନକୁ ବିଶ୍ଳେଷଣ କରିବାର ଭାବ ଏଥିରେ ରହିଛି ତ କେତେବେଳେ ରାଜନୈତିକ ସଂଘର୍ଷ ଓ ସଂଘାତର ଭାବ ପ୍ରକଟିତ

ହୋଇଛି । ସମାଜର ଭାବସ୍ପନ୍ଦନ ଆଧୁନିକ ଉପନ୍ୟାସରେ ବର୍ଣ୍ଣିତ ହୋଇଥିଲେହେଁ ଉଚ୍ଚ ମଧ୍ୟବିତ୍ତ ଶିକ୍ଷିତ ସମାଜର ଅନ୍ତର୍ଦ୍ୱନ୍ଦ୍ୱ ଓ ଅହଂବାଦୀତାର ଭାବ ବିଶେଷ ଭାବରେ ପ୍ରକଟିତ । ଆଧୁନିକ ନରନାରୀଙ୍କର ଅବଚେତନମନର ଅବୋଧ ବିଶ୍ଳେଷିକାକୁ ଉପନ୍ୟାସରେ ପ୍ରାଧାନ୍ୟ ପ୍ରଦାନ କରାଯାଉଅଛି । ଆଜିର ଉପନ୍ୟାସ ଆଞ୍ଚଳିକ ସୀମାବଦ୍ଧତାକୁ ଅତିକ୍ରମ କରି ଆନ୍ତର୍ଜାତିକ ଭାବ-ଭାବନାରେ ଉଦ୍‌ବୁଦ୍ଧ ହୋଇ ଉଠୁଛି । ଅତୀତର ଘଟଣାଧର୍ମୀ ଆଦର୍ଶବାଦୀ ଉପନ୍ୟାସ ପରିବର୍ତ୍ତେ ବର୍ତ୍ତମାନର ଭାବବାଦୀ ମନନଧର୍ମୀ ଉପନ୍ୟାସ ପ୍ରାଧାନ୍ୟ ଲାଭ କରୁଛି । ଉପନ୍ୟାସ ଗୁଡ଼ିକରେ ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ରଗୁଡ଼ିକ ଅଧିକ ସଫଳ ଓ ସଜୀବ । ଆଧୁନିକ ଆନ୍ତର୍ଜାତିକ ମଣିଷର ବିଚ୍ଛିନ୍ନ ବ୍ୟକ୍ତିତ୍ୱ, ଅବଚେତନର ସଂଘର୍ଷମୟ ସ୍ୱରୂପ, ଯୌନ ଅବକ୍ଷୟତା, ଦୁର୍ବଳ, ବ୍ୟକ୍ତିସତ୍ତାର କ୍ଷମତାଦୃପ୍ତ ଆକୃତି ପ୍ରଭୃତି ନାନାବିଧ ଘଟଣାକୁ ଉପନ୍ୟାସରେ ବର୍ଣ୍ଣନା କରାଯିବା ସଙ୍ଗେ ସଙ୍ଗେ ମଣିଷର ମନୋଜଗତରେ ଦେଖାଦେଉଥିବା ଆଧ୍ୟାତ୍ମିକ ସଙ୍କଟ ଓ ସଂଘର୍ଷକୁ ମଧ୍ୟ ରୂପାୟିତ କରାଯାଉଅଛି । ସୁରେନ୍ଦ୍ର ମହାନ୍ତିଙ୍କର 'କାଳାନ୍ତର' ଓ ଶାନ୍ତନୁକୁମାର ଆଚାର୍ଯ୍ୟଙ୍କର 'ଦକ୍ଷିଣାବର୍ତ୍ତ' ଉପନ୍ୟାସରେ ଆଧ୍ୟାତ୍ମିକ ଚିନ୍ତା ଚେତନାର ଭାବସ୍ପନ୍ଦନ ମର୍ମିତ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ସକଳ ସଫଳତା ସତ୍ତ୍ୱେ ମନେହୁଏ, ସତେ ଯେପରି ଏହା ସାଧାରଣ ଜନଜୀବନରୁ ଦୂରେଇ ଯାଇ 'ଜଣ' ଜୀବନରେ ସୀମାବଦ୍ଧ ହେଉଛି । ଏଥିରେ ମନୋଜଗତର ସ୍ପର୍ଶ ଥିଲେହେଁ ଜନଜୀବନର ବ୍ୟାପ୍ତି ନାହିଁ । ଉପନ୍ୟାସ କ୍ରମେ ଯେପରି ଏକ ସ୍ଥିର ବିନ୍ଦୁରେ ଉପନୀତ ହୋଇ ଯାଉଛି । ଏହାର ଆଉ ପ୍ରଗତି ହେଉନାହିଁ । ଯାହା ଦେଖାଯାଉଛି; କେବଳ ଟେକ୍‌ନିକ୍‌ରେ ଯାନ୍ତ୍ରିକ କୌଶଳ ଅବଲମ୍ବନ କରାଯାଇ ସାମୟିକ ବୌଦ୍ଧିକ ଉତ୍ତେଜନା ସୃଷ୍ଟି କରାଯାଉଛି । ଏ ଧରଣର ଉପନ୍ୟାସ ଯେତେ ବୌଦ୍ଧିକ ହେଲେହେଁ ଏହା କାଳିକ ସତ୍ୟତା ପ୍ରକାଶ କରି ଚିରନ୍ତନତ୍ୱ ହରାଇଥାଏ ।

ଚେତନାପ୍ରବାହ ନାମରେ ଯେଉଁ କୌଶଳ ଓଡ଼ିଆ ଉପନ୍ୟାସରେ ପ୍ରୟୋଗ କରାଯାଉଛି ତାହା ଶିଳ୍ପୀର ସଚେତନ ମନର ଅଭିବ୍ୟକ୍ତି । ଅତଏବ ଓଡ଼ିଆ ଉପନ୍ୟାସରେ ନାନା ପରୀକ୍ଷା ନିରୀକ୍ଷା ହେଉଥିଲେହେଁ ତଥାପି ଏହା ଆଦର୍ଶବାଦୀ ସ୍ତରରୁ ମୁକ୍ତିଲାଭ କରିନାହିଁ; ଏହା କହିଲେ ସତ୍ୟର ଅପଳାପ ହେବ ନାହିଁ । ପୁନଶ୍ଚ ଓଡ଼ିଆ ଉପନ୍ୟାସ କ୍ରମଶଃ ବାସ୍ତବବାଦ—ଆଦର୍ଶବାଦ—ପ୍ରକୃତିବାଦ—ମନୋବୈଜ୍ଞାନିକ ଅଭିବ୍ୟକ୍ତି ଦେଇ ରୋମାଣ୍ଟିକ—ମିଷ୍ଟିସିଜମ୍‌ରେ ଆତ୍ମଲୀନ ହୋଇଥିବା ଲକ୍ଷ୍ୟ କରାଯାଏ । ଏକ ପକ୍ଷରେ ମନଲୁଆଁ କାହାଣୀ ଓ ସେହି କାହାଣୀର ଜଟିଳ ଘନଘଟାର ଅବତାରଣା କରାଯାଇ ଯେପରି ଉପନ୍ୟାସକୁ ରହସ୍ୟସିକ୍ତ କରାଯାଉଅଛି ଅନ୍ୟ ପକ୍ଷରେ କାହାଣୀ ବିହୀନତା ମଧ୍ୟରେ ଅବଚେତନର ବହୁ ସଂଗୁପ୍ତ କାହାଣୀର ତଲ୍ଲୀନ ଭାବସତ୍ତାକୁ କାବ୍ୟିକ ଭାବପ୍ରବାହ ଶୈଳୀରେ ଓ ନୂତନ ଭାଷା ବିନ୍ୟାସରେ ପ୍ରକାଶ କରାଯାଇ କାହାଣୀଧର୍ମୀ ଉପନ୍ୟାସର ଗତି ପ୍ରବାହରେ କମ୍ପନ ସୃଷ୍ଟି କରାଯାଉଅଛି । ଏହି କମ୍ପନ ଓଡ଼ିଆ ଉପନ୍ୟାସରେ ସୃଷ୍ଟି କରୁଛି ନୂତନ ଚମକ ଏବଂ ଏହି ଚମକ ଟେକନିକର ହଟଚମଟରେ ସୀମାବଦ୍ଧ ନ ହୋଇ ଭାବ ଜଗତରେ ଚମକ ସୃଷ୍ଟି କଲେ ତାହାହେବ ଉପନ୍ୟାସର ମଙ୍ଗଳପ୍ରଦ ଓ ନୂତନ ସମ୍ଭାବନାରେ ପରିପୂର୍ଣ୍ଣ ।

[ ସ୍ୱାଧୀନୋତ୍ତର ଓଡ଼ିଆ ସାହିତ୍ୟରେ ପ୍ରଥମେ ପ୍ରକାଶିତ ଓ ପରେ ପରିବର୍ଦ୍ଧିତ ଏବଂ ପରିମାର୍ଜିତ । ]

# ଶୁଦ୍ଧିପତ୍ର

| ପୃଷ୍ଠା | ଧାଡ଼ି | ଅଛି | ହେବ |
|---|---|---|---|
| ୧ | ୭ | ପଦ୍ୟ | ପଦ୍ୟର |
| ୧ | ୧୧ | ଶତାଢୀ | ଶତାବ୍ଦୀ |
| ୧ | ୧୩ | ନମୂନା | ନମୁନା |
| ୨ | ୨୧ | ନମୂନା | ନମୁନା |
| ୪ | ୨ | ଦ୍ୱିଭାଷିକ | ଦ୍ୱୈଭାଷିକ |
| ୭ | ୫ | କବାଲ | କବଲ |
| ୧୨ | ୭ | ଦୁବାର | ଦୁବାର |
| ୧୩ | ୧୯ | ସପ୍ତଦଶ | ସପ୍ତଦଶ |
| ୧୩ | ୧୯ | ଶତାଢୀ | ଶତାବ୍ଦୀ |
| ୧୮ | ୬ | ଭୁଲାଭଣା | ଭୂଲାଭଣା |
| ୧୮ | ୧୦ | ଭୁଲାଭଣା | ଭୂଲାଭଣା |
| ୨୭ | ୧୩ | ସ୍ପଶ | ସ୍ପର୍ଶ |
| ୩୦ | ୧୪ | ଛନ୍ଦଗୁଣସର୍ବସ୍ୱ | ଛନ୍ଦଗୁଣସର୍ବସ୍ୱ |
| ୩୦ | ୨୨ | ସୃଜନଧର୍ମା | ସୃଜନଧର୍ମୀ |
| ୩୩ | ୫ | ଗୁରୁତ୍ୱପୂର୍ଣ୍ଣ | ଗୁରୁତ୍ୱପୂର୍ଣ୍ଣ |
| ୩୪ | ୧୫ | ପଚ୍ଛନ୍ନ | ପ୍ରଚ୍ଛନ୍ନ |
| ୩୪ | ୧୫ | ଅହ୍ୱାନ | ଆହ୍ୱାନ |
| ୩୭ | ୨ | ନାସିକଦ୍ୱୟ | ନାସିକାଦ୍ୱୟ |
| ୪୦ | ୮ | ଭାଷାତାତ୍ତ୍ୱକ | ଭାଷାତାତ୍ତ୍ୱିକ |

| | | | |
|---|---|---|---|
| ୪୧ | — | ବ୍ୟବହାରକ | ବ୍ୟାବହାରିକ |
| ୪୨ | ୧୭ | ଓଡ଼ଆ | ଓଡ଼ିଆ |
| ୪୨ | ୨୦ | ଅନୂବାଦ | ଅନୁବାଦ |
| ୪୪ | ୧୫ | ଉଦ୍ଧର୍ାର | ଉଦ୍ଧାର |
| ୪୫ | ୨୪ | " ,, | ରତ୍ନବନାକ୍ଷି |
| ୪୭ | ୯ | ବଭନ୍ନ | ବିଭିନ୍ନ |
| ୪୯ | ୨୨ | ତାରକ | ତାରକା |
| ୫୨ | ୯ | ଗୁରୁତ୍ବପୂର୍ଣ୍ଣ | ଗୁରୁତ୍ୱପୂର୍ଣ୍ଣ |
| ୫୨ | ୧୮ | ଭୂମିକା | ଭୂମିକା |
| ୫୫ | ୯୫ | ଗୌରୀଶଙ୍କରରଗଢ | ଗୌରୀଶଙ୍କରଗଢ |
| ୫୯ | ୯ | ଗେପାଳ | ଗୋପାଳ |
| ୬୪ | ୨ | ବଭୁବୋଧ | ବଭ୍ରୁବୋଧ |
| ୬୩ | ୨୦ | ଶିଶୁସୁଖ | ବଶୁସୁଖ |
| ୬୫ | ୬ | କଥ | କଥା |
| ୬୫ | ୯ | ହାସ | ଦାସ |
| ୬୫ | ୧୧ | ବଂଗଳା | ବଙ୍ଗଳା |
| ୬୫ | ୧୭ | ସକୃତ | ସସ୍କୃତ |
| ୬୫ | ୨୧ | ଅନ୍ତର୍ଦ୍ଧର | ଅନ୍ତର୍ଦ୍ଧ୍ବର |
| ୬୫ | ୨୭ | ଦାଶନକ | ଦାର୍ଶନକ |
| ୬୭ | ୨୩ | ରଣୀ | ଋଣୀ |
| ୭୭ | ୩ | ମହାପାସପର | ମହାପାସଙ୍କପରି |
| ୭୭ | ୧୫ | ଗଦ୍ୟଶୈଳା | ଗଦ୍ୟଶୈଳୀ |
| ୮୦ | ୨୦ | ଅସପୂର୍ଣ୍ଣ | ଅସଂପୂର୍ଣ୍ଣ |
| ୮୧ | ୧୨ | ସମସମସ୍ଥିକ | ସମସାମୟିକ |
| ୮୪ | ୧୪ | ଲେକେଭିସ୍ଥ | ଲେକଭିସ୍ଥ |
| ୮୫ | ୬ | ସମାଜକ | ସାମାଜିକ |
| ୮୫ | ୨ | ଆତ୍ମପୌଢୀ | ଆତ୍ମପ୍ରୌଢ଼ୀ |

| | | | |
|---|---|---|---|
| ୮୭ | ୧୮ | ସ୍ଥୁତଶିଳ୍ପୀ | ସ୍ଥୁତଶିଳ୍ପ |
| ୯୬ | ୨୦ | ଡ଼ାକ୍ତର | ଡକ୍ଟର |
| ୯୬ | ୨୨ | କାଳଦୀ | କାଳନ୍ଦୀ |
| ୯୭ | ୧୭ | କାଡଦେବାର | କାଢ଼ିଦେବାର |
| ୯୮ | ୫ | ସତ୍ତ୍ୱ | ସାତ୍ତ୍ୱ |
| ୧୦୫ | ୭ | ସମାଲୋଚନାଧାରେ | ସମାଲୋଚନାଧାରରେ |
| ୧୦୯ | ୧୫ | ଭତରେ | ଭିତ୍ତିରେ |
| ୧୫୧ | ୨୭ | ନନ୍ଦକଶୋର | ନନ୍ଦକିଶୋର |
| ୧୫୪ | ୨୪ | ଲଭର | ଲଭକର |
| ୧୫୯ | ୩ | ସ୍ୱାସ୍ଥ | ସ୍ୱସ୍ତି |
| ୧୫୯ | ୧୧ | ଶତାଢ | ଶତାବ୍ଦୀ |
| ୧୬୦ | ୧୬ | ଆଢ | ଆଦ୍ୟ |
| ୧୬୧ | ୧୦ | କଠେର | କଠୋର |
| ୧୬୬ | ୫ | ସ୍ୱଧୀନତାର | ସ୍ୱାଧୀନତାର |
| ୧୬୯ | ୧୧ | ସାପୀକା | ସାପିକା |
| ୧୭୨ | ୪ | ବାସ୍ତୁକ | ବାସ୍ତବିକ |
| ୧୭୪ | ୧ | ଅବଦ୍ଧ | ଆବଦ୍ଧ |
| ୧୭୪ | ୪ | ଓ୍ | ଓ |
| ୧୭୮ | ୧୦ | ଲକଭାଷା | ଲୋକଭାଷା |
| ୧୮୧ | ୪ | ଶତାଢୀ | ଶତାବ୍ଦୀ |
| ୧୮୨ | ୧୫ | ୧୮୩ | ୧୮୩. |
| ୧୮୩ | ୭ | ସଂପକରେ | ସମ୍ପର୍କରେ |
| ୧୮୩ | ୮ | ଗ୍ରିଂଣ୍ଡିଂ | ଗ୍ରିଣ୍ଡିଂ |
| ୧୮୪ | ୧୭ | ଖ୍ରଷ୍ଟାବ୍ଦ | ଖ୍ରୀଷ୍ଟାବ୍ଦ |
| ୧୮୫ | ୧ | ବଷକାଳ | ବର୍ଷକାଳ |
| ୧୯୦ | ୧ | ସଫସଲ | ମଫସଲ |
| ୧୯୨ | ୧୮ | ତୋଷାମଦ | ତୋଷାମୋଦ |

| | | | |
|---|---|---|---|
| ୧୯୨ | ୨୩ | କରିବାଣ | କରିବାରୁ |
| ୧୯୪ | ୧୫ | ବ୍ରହ୍ମାଧର୍ମ | ବ୍ରାହ୍ମଧର୍ମ |
| ୧୯୯ | ୨୪ | ଆକ୍ରମଣ | ଆକ୍ରମଣ |
| ୨୦୦ | ୨୪ | ଅପଣାଙ୍କୁ | ଆପଣାଙ୍କୁ |
| ୨୦୮ | ୩ | ବୋଧହଏ | ବୋଧହୁଏ |
| ୨୧୨ | ୮ | ନାନକ | ନାମକ |
| ୨୧୨ | ୧୫ | ଗାର୍ହସ | ଗାର୍ହସ୍ଥ୍ୟ |
| ୨୧୩ | ୧୫ | ଅବଦଭ | ଅବାଦତ |
| ୨୧୫ | ୧୪ | ପ୍ରଣାଳ | ପ୍ରଣାଳୀ |
| ୨୧୭ | ୧୫ | ମୋଲୋଚନା | ସମାଲୋଚନା |
| ୨୧୭ | ୧୨ | ଅକ୍ରମଣ | ଆକ୍ରମଣ |
| ୨୧୯ | ୧୫ | ଏହାମାନ୍ଙ୍କ | ମାନଏହା |
| ୨୨୨ | ୨୩ | ଦେଶଙ୍କୁ | ଦେଶରୁ |
| ୨୨୪ | ୨୪ | ଭୂମିଖଣ୍ଡ | ଭୂମିଖଣ୍ଡ |
| ୨୨୯ | ୧୩ | ଅଧିକର | ଅଧିକାର |
| ୨୨୯ | ୧୪ | କରିବର | କରିବାର |
| ୨୨୯ | ୧୭ | ବଙ୍ଗଳରେ | ବଙ୍ଗଳାରେ |
| ୨୨୯ | ୨୩ | ପ୍ରତିଦ୍ୱନ୍ଦ୍ୱୀ | ପ୍ରତିଦ୍ୱନ୍ଦ୍ୱୀ |
| ୨୫୭ | ୨୩ | ଆତ୍ମୀୟ | ଆତ୍ମୀୟ |
| ୨୩୮ | ୮ | ଅଜ୍ଞା | ଆଜ୍ଞା |
| ୨୪୦ | ୨ | ବ୍ୟଙ୍କୋକ୍ତି | ବ୍ୟଙ୍ଗୋକ୍ତି |
| ୨୫୯ | ୧୯ | ଅର୍ବାଚନ | ଅର୍ବାଚୀନ |
| ୨୬୧ | ୭ | ପ୍ରତିପାଦକନ କରିବା | ପ୍ରତିପାଦନ କରିବା |
| ୨୬୪ | ୯ | ଗୌଡ଼ୀୟ | ଗୌଡ଼ୀୟ |
| ୨୬୮ | ୨୨ | ପାରମାର୍ଥିକ | ପାରମାର୍ଥିକ |
| ୨୮୩ | ୩୪ | ଏବ | ଏଇ |

| | | | |
|---|---|---|---|
| ୨୯୫ | ୧୨ | ଶୁଧଖୋର | ସୁଧଖୋର |
| ୩୦୩ | ୨୨ | ବଦଳ | ବଳଦ |
| ୩୦୬ | ୨ | ବଢ଼ନଆଁ | ରଢନଆଁ |
| ୩୦୭ | ୭ | | ଉଦ୍ଧବନାହିଁ |
| ୩୦୮ | ୧୭ | ଉଦସ୍ତ | ଉଦୀପ୍ତ |
| ୩୧୦ | ୮ | ନଥା | ଭଥା |
| ୩୧୦ | ୧୦ | ଘକଡ | ଘଇଡ |
| ୩୩୩ | ୩ | ସୁଦୂର | ସୁଦୁର |
| ୩୪୧ | ୧୩ | ଦୁର | ଦୂର |
| ୩୪୬ | ୨ | କ୍ଷମତଭିଲାଷୀ | କ୍ଷମତାଭିଲାଷୀ |
| ୩୪୭ | ୧୩ | ସ୍ୱଜନତ | ସ୍ୱଜନାତ |
| ୩୭୨ | ୨ | ବ୍ରଜବାବୁ | ବଜ୍ରବାହୁ |
| ୩୭୨ | ୩ | ରଣସ୍ୱଜାଙ୍କର | ରଣରଙ୍କାଙ୍କର |
| ୩୭୫ | ୧୨ | ସୃଷ୍ଟି | ସୃଷ୍ଟ |
| ୩୮୬ | ୨ | ପ୍ରଣୀକଧର୍ମୀ ଚଳକଳ୍ପ ଧର୍ମୀ ବ୍ୟବହାର | ପ୍ରଣୀକଧର୍ମୀ ଓ ଚଳକଳ୍ପ ଧର୍ମୀ ସ୍ୱଭାବ ବ୍ୟବହାର |